ନୈଷଧ

ଗୋପୀନାଥ ସିଂହ ଦେବ

Digitized by srujanika@gmail.com

ଶ୍ରୀହର୍ଷକୃତ-

ନୈଷଧ କାବ୍ୟ ।

ପୂର୍ବ ଉତ୍ତର ସମଗ୍ର

ଶ୍ରୀ ଗୋପୀନାଥ ସିଂହଦେବ

ଅନୁବାଦକ ଓ ପ୍ରକାଶକ ।

ପ୍ରଥମ ସଂସ୍କରଣ ।

ସର୍ବସ୍ୱତ୍ୱ ସୁରକ୍ଷିତ

ଶ୍ରୀ ରାଧାମୋହନଦେବୋ ଜୟତି ।

କଟକ, ଅରୁଣୋଦୟ ପ୍ରେସରେ

ପ୍ରିଣ୍ଟର ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ ।

ସନ ୧୯୩୬ ମସିହା।

ମୂଲ୍ୟ ଟ ୧୪ ଦେଢ଼ଟଙ୍କା ମାତ୍ର ।

କେବଳ ଗ୍ରାହକମାନଙ୍କ ନିମନ୍ତେ ଟ ୧ ।

Digitized by srujanika@gmail.com

ଚିକିଟି ଅଧୀଶ୍ୱର ଶ୍ରୀ ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ

U. S. Press, Cuttack.

Digitized by srujanika@gmail.com

ଉତ୍ସର୍ଗ ।

ଉତ୍କଳ-ସାହିତ୍ୟ-କୁଞ୍ଜ-ବିହାର-ରସିକ, କମଳାଭରଣଙ୍କର ସୁଯୋଗ୍ୟ ନନ୍ଦନ ଚିଲ୍କା-ଅଧୀଶ୍ୱର ପରମାର୍ଚ୍ଚନୀୟ ମାତୁଳ ଶ୍ରୀ ଶ୍ରୀ ଶ୍ରୀ ରାଧାମୋହନ ରାଜେନ୍ଦ୍ରଦେବ ମହୋଦୟଙ୍କ

ଶ୍ରୀପଦ ପଙ୍କଜେଷୁ—

(ସପ୍ରଣାମ ନିବେଦନ ମିଦଂ)

ଶ୍ରୀମନ୍ ମହାରାଜ,

ଆପଣଙ୍କର ପ୍ରାଚୀନ ସାହିତ୍ୟ ତଥା ପ୍ରାଚୀନ କୀର୍ତ୍ତି ପ୍ରତି
ପ୍ରଗାଢ଼ ଅକୃତ୍ରିମ ସ୍ନେହ । ଆପଣ ଅତୁଳ ବିଭବର
ଅଧିକାରୀ ହୋଇ ଓ ନାନା ଜଞ୍ଜାଳରେ ବ୍ୟସ୍ତ
ଥାଇ ସୁଦ୍ଧା ବାଣୀ-ସେବା-ବ୍ରତରେ ବ୍ରତୀ ।
ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ
ଏ ଚିତ୍ତ—ଆପଣଙ୍କ
ଇତିହାସରେ
ଏ ଅନ୍ତର ଦୀପ୍ତ;
ଆପଣଙ୍କ ଅଗ୍ନି ଟଙ୍କାରମୟୀ
ଭାଷାରେ ଝଙ୍କୃତ ଏ ହୃଦ୍-ଯନ୍ତ୍ର;
ଆପଣଙ୍କ ଦୀପକରାଗିଣୀରେ ଜ୍ୱଳିତ
ଏ ଲେଖନୀ । ସେହି ଲେଖନୀ ପ୍ରସୂତ
ଏ ନୈଷଧ କାବ୍ୟ-ପୁଷ୍ପ ଆପଣଙ୍କ ଗଳାହାରର
ଉପଯୁକ୍ତ ମନେ କରି ଆପଣଙ୍କ ଉଦାର ବକ୍ଷରେ
ଲମ୍ବାଇ ଦେବାକୁ ମୁଁ ସାହସୀ । ଆଶାକରେଁ ଆପଣ-
ଙ୍କର ଅନାବିଳ-ବାତ୍ସଲ୍ୟ-ସ୍ନେହ-ସମ୍ବର୍ଦ୍ଧିତ ଅଧମର ଏ
ଭକ୍ତି-ଶ୍ରଦ୍ଧାସ୍ନାତ ପୁଷ୍ପଟି ସାଦରେ ଗୃହୀତ ହେବ । ଇତି ।

ତା ୨୫ । ୫ । ୧୯୩୬
କ ଟ କ

ଆପଣଙ୍କ
ସ୍ନେହର
ଗୋପୀନାଥ ସିଂହ ଦେବ

Digitized by srujanika@gmail.com

ପରମାରାଧ୍ୟ ପୂଜ୍ୟପାଦ ପିତୃଦେବ

ଶ୍ରୀ ଶ୍ରୀ ଶ୍ରୀ ହରିହର ସିଂହ ଦେବ ମହୋଦୟଙ୍କ

ପାଦପଙ୍କଜେଷୁ

ଆଜ୍ଞା,

ଶ୍ରୀଗୁରୁକଲ୍ୟାଣରୁ ଆଜ୍ଞ ଏ 'ନୈଷଧ' କାବ୍ୟଟି ମୁଦ୍ରାଙ୍କିତ ହୋଇଗଲା, ଏହାର ସାନୁଗ୍ରହ ଦୃଷ୍ଟିପାତ କରିବାଇଁ ନିବେଦନ କରୁଥାଉ। ଇତି।

ଚରଣାଶ୍ରିତ ଅଧମ ପୁତ୍ର

ଗୋପୀନାଥ।

Digitized by srujanika@gmail.com

ନିବେଦନ ।

ପ୍ରିୟ ପାଠକପାଠିକା ବୃନ୍ଦ !

ନୈଷଧ ଅତି ଦୁରୂହ ସଂସ୍କୃତ କାବ୍ୟ । ଏହାର ପଦବିନ୍ୟାସଚାତୁରୀ ବର୍ଣ୍ଣନ-ଛଟା ଭାବପ୍ରକାଶର ଅଭିନବ ରୀତି ଅତି ଉଚ୍ଚ ଅଙ୍ଗର । ଏ କାବ୍ୟର ଗୁଣ-ବ୍ୟାଖ୍ୟାନରେ ମାଦୃଶ ହୀନପ୍ରଭ ବ୍ୟକ୍ତିର ପ୍ରୟାସ ସର୍ବଥା ହାସ୍ୟାସ୍ପଦ ଭାବି ମୁଁ ମୋର ପରମାର୍ଚ୍ଚନୀୟ ଗୁରୁଦେବ ରେଭେନ୍ସାକଲେଜର ସଂସ୍କୃତ ଅଧ୍ୟାପକ ରାୟ ସାହେବ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ଅନୁରୋଧ କରିଥିଲି । ସେ ମହାଶୟ ଅସୀମଶ୍ରମସ୍ୱୀକାର-ପୂର୍ବକ ଅନୁବାଦିତ କାବ୍ୟଟି ଆମୂଳଚୂଳ ପାଠକରି ଏହାର ଗୁଣାଗୁଣ ସମ୍ବନ୍ଧରେ ତାଙ୍କର ମନ୍ତବ୍ୟ ଲିପିବଦ୍ଧ କରିଦେବା ଦ୍ୱାରା ମୋର ହୃଦୟ-ରାଜ୍ୟର ଭକ୍ତି-ସିଂହାସନ ଅଳଂକୃତ କରିଅଛନ୍ତି । ଏପରି ବୈଚିତ୍ର୍ୟପୂର୍ଣ୍ଣ କାବ୍ୟର ଅମ୍ଭ ଉତ୍କଳଭାଷାରେ ଏକାନ୍ତ ବିରଳତା ଜାଣି ମୁଁ ନୈଷଧ-ଅନୁବାଦ-ସ୍ୱରୂପ ବିଷମ ହଠକାରିତା ସ୍ୱୀକାର କରିଅଛି । ମୁଁ ନୈଷଧକୁ ରୂପାନ୍ତରିତ କରିଅଛି ସତ୍ୟ ମାତ୍ର ଏହାର ସ୍ୱତ୍ୱକୁ ସମ୍ପୂର୍ଣ୍ଣ-ରୂପେ ରକ୍ଷା କରିବାକୁ ଯତ୍ନ କରିଅଛି । ଏ ବିଷୟରେ ମୁଁ ପାଶ୍ କରିଅଛି ବା ଫେଲ୍ ମାରିଅଛି ତାହା ଆପଣମାନେ ନିର୍ଣ୍ଣୟ କରିବେ । ଏଥିରେ ଥରେ ମାତ୍ର ସାଭିନିବେଶ ଦୃଷ୍ଟିପାତରେ ଆପଣମାନଙ୍କର ସ୍ନେହାନୁବନ୍ଧୀ ଅନୁବାଦକ ଗୋପୀନାଥ ସିଂହଦେବର ଶ୍ରମ ସଫଳ କରନ୍ତୁ ଏତିକ ମାତ୍ର ସନିର୍ବନ୍ଧ ଅନୁରୋଧ । ଇତି ।

ତା ୨୫ । ୫ । ୩୭

Digitized by srujanika@gmail.com

ମନ୍ତବ୍ୟ

ଶ୍ରୀମାନ୍ ସାମନ୍ତ ଗୋପୀନାଥ ସିଂହ ଦେବ କଲେଜର ଛାତ୍ରାବସ୍ଥାରେ ତାଙ୍କର ଓଡ଼ିଆ ଓ ସଂସ୍କୃତ ସାହିତ୍ୟରେ ଅନୁରାଗ ଓ ନିଷ୍ଠାର ମୁଁ ପରିଚୟ ପାଇଥିଲି । ପଠନାବସ୍ଥା ଶେଷରେ ସେ ଭାରତୀ ଦେବୀଙ୍କର ଉପାସନାରେ ନିଜକୁ ନିୟୋଜିତ କରିଅଛନ୍ତି । ଏହା ଅତି ସୁଖର ବିଷୟ । ଉତ୍କଳ ଭାଷାରେ ତାଙ୍କ ଦ୍ୱାରା ନୈଷଧୀୟ ଷଷ୍ଠ କାବ୍ୟର ପଦ୍ୟାନୁବାଦମାନ ତାଙ୍କର ସାହିତ୍ୟ ବିନୋଦିତାର ପୂର୍ଣ୍ଣ ପ୍ରମାଣ । ତାଙ୍କ କୃତ ନାନାବିଧ କବିତା ପାଠକରି ମୁଁ ପ୍ରୀତ ହୋଇଅଛି । ତାଙ୍କଠାରେ କବିତ୍ୱ ଅଛି । ସେ କବିତାରେ ଚାତୁରୀ ବିଦ୍ୟମାନ । ବର୍ତ୍ତମାନ ତାଙ୍କର ନୈଷଧ କାବ୍ୟର ପଦ୍ୟାନୁବାଦ ପ୍ରକାଶିତ ହେଲା । ସଂସ୍କୃତ ନୈଷଧ କାବ୍ୟରେ ଶବ୍ଦାଳଙ୍କାର ତଥା ଅର୍ଥାଳଙ୍କାରମାନଙ୍କରେ ଯେ କଳାଜନିତ ଚାତୁର୍ଯ୍ୟ ଓ ବୈଚିତ୍ର୍ୟ ବିଳସିତ ତାହା ଅନନ୍ୟସାଧାରଣ । ନୈଷଧକାର ଶ୍ରୀହର୍ଷ ବହୁଶାସ୍ତ୍ରବିତ୍, ଅପୂର୍ବ-ମେଧା-ସଂପନ୍ନ ପଣ୍ଡିତ ଥିଲେ । ଦର୍ଶନଶାସ୍ତ୍ରରେ ତାଙ୍କର ଅଦ୍ଭୁତ ପାଣ୍ଡିତ୍ୟ ଥିଲା । ଖଣ୍ଡନ ଖଣ୍ଡଖାଦ୍ୟ ଓ ନୈଷଧ କାବ୍ୟର ସପ୍ତଦଶ ସର୍ଗ ତାହାର ଜ୍ୱଳନ୍ତ ନିଦର୍ଶନ ।

କାବ୍ୟରେ ବିଭିନ୍ନ ବୃତ୍ତ ଅବଲମ୍ବନ କାବ୍ୟପାଠରେ ସରସତା ପ୍ରଦାନ କରେ । ଏକ ବୃତ୍ତରେ ସମୁଦାୟ ଗ୍ରନ୍ଥ ଅନୁବାଦ କରିବା ସହଜ କଥା । କିନ୍ତୁ ତାହା ଏକଶ୍ରୁତିଦୋଷରେ ଦୁଷ୍ଟ । ପୁନଶ୍ଚ ପରମ୍ପରାଭଙ୍ଗଦୋଷ ଓ ଉତ୍କଳ କାବ୍ୟର ସହଜ-ଭାବ-ବିନାଶଜନିତ ଅପରାଧ ଜନ୍ମେ । ଉନ୍ନତି ଦିଗରେ ପରିବର୍ତ୍ତନ ଅନିବାର୍ଯ୍ୟ ତଥା ବାଞ୍ଛନୀୟ, କିନ୍ତୁ ସ୍ଥଳେ ସ୍ଥଳେ ଆଧୁନିକତାର ବୃଥା-ବ୍ୟାମୋହ ଜୀବନର ଅସାରତାର ପରିଚୟ ପ୍ରଦାନ କରେ ।

ମୋ ମତରେ ନୈଷଧର ଏହି ପଦ୍ୟାନୁବାଦରେ ଭାବ ଓ ଅବସ୍ଥା ଭେଦରେ ଭିନ୍ନ ଭିନ୍ନ ବୃତ୍ତ ଅବଲମ୍ବିତ ହୋଇ ଉତ୍କଳ କାବ୍ୟର ସହଜ-ପ୍ରାଣର ସରସତା-ସମ୍ପୂର୍ଣ୍ଣ-ଭାବରେ ସଂରକ୍ଷିତ ହୋଇଅଛି । ଗୋଟିଏ ନୂତନ କାବ୍ୟର ରଚନା ସରସ-ପଦ୍ୟାନୁବାଦ-କାର୍ଯ୍ୟଠାରୁ ଅପେକ୍ଷାକୃତ ସହଜ । କାରଣ ଅନ୍ୟର ଭାବରାଜିକୁ ଦୃଷ୍ଟିଦେଇ ତତ୍କୃତିର ବିଶେଷତ୍ୱ ସ୍ୱଭାଷାରେ ସମ୍ପୂର୍ଣ୍ଣରୂପେ ରକ୍ଷା କରିବା ବଡ଼ କଠିନ କଥା । କର୍ମୀ ଓ ସାଧକ ଏହା ଜାଣେ । କବି ଗୋପୀନାଥ ତାଙ୍କର ଏହି କୃତିରେ ନିଜର ଭାଷାଜ୍ଞାନ, ଶବ୍ଦ-ଯୋଜନାର ପାଟବ, ଚାତୁରୀ ଓ କଳାଜ୍ଞାନର ଯଥେଷ୍ଟ ପରିଚୟ ପ୍ରଦର୍ଶନ କରିଅଛନ୍ତି । ଏହି କାର୍ଯ୍ୟ ସଂବିଧାନରେ ତାଙ୍କର ପାଣ୍ଡିତ୍ୟର ଯେ ପରିଚୟ ମିଳେ ତାହା କହିବା ନିଷ୍ପ୍ରୟୋଜନ ।

ମୁଁ ସର୍ବାନ୍ତଃକରଣରେ ଏହି କୃତିର ପ୍ରକାଶ ପ୍ରଚୁର ନିମିତ୍ତ ସମର୍ଥନ କରୁଅଛି ।

ଶ୍ରୀ ଅର୍ତ୍ତବଲ୍ଲଭ ମହାନ୍ତି

Digitized by srujanika@gmail.com

ସୂଚିପତ୍ର

ଛାନ୍ଦ	ବିଷୟ	ରାଗ	ପୃଷ୍ଠା
୧ମ—	ନଳବର୍ଣ୍ଣନ, ଦମୟନ୍ତୀ ଗୁଣଶ୍ରବଣ ହଂସଧୃତ ଓ ମୁକ୍ତ	ରସକୁଲ୍ୟା	୧
୨ୟ—	ହଂସଦୌତ୍ୟ ଦମୟନ୍ତୀ ଓ କୁଣ୍ଡିନ ବର୍ଣ୍ଣନା	କୁମ୍ଭକାମୋଦୀ	୧୫
୩ୟ—	ହଂସ ଦମୟନ୍ତୀ କଥୋପକଥନ	କଲ୍ୟାଣ	୨୫
୪ର୍ଥ—	ଦମୟନ୍ତୀ ବିରହ ବର୍ଣ୍ଣନ	କାମୋଦୀ	୩୮
୫ମ—	ଦେବଙ୍କର ନଳଙ୍କୁ ଦୂତ କରଣ	ଆଷାଢ଼ଶୁକ୍ଳ	୫୧
୬ଷ୍ଠ—	ଦୂତୀ ଦମୟନ୍ତୀ କଥୋପକଥନ	କନଡ଼ା	୬୨
୭ମ—	ଆପାଦମସ୍ତକ ଦମୟନ୍ତୀ ବର୍ଣ୍ଣନା	କଲ୍ୟାଣ ଆହାରୀ	୭୫
୮ମ—	ଦମୟନ୍ତୀ ପାଶରେ ନଳଙ୍କ ଦେବଦୌତ୍ୟ	ଅଙ୍କୁର କୋଇଲି ବାଣୀ	୮୬
୯ମ—	ଦମୟନ୍ତୀ ପାର୍ଶ୍ୱରେ ନଳଙ୍କ ଆତ୍ମପ୍ରକାଶ	ପଞ୍ଚମବରାଡ଼ି	୯୫
୧୦ମ—	ସ୍ୱୟମ୍ବର ବର୍ଣ୍ଣନ ଓ ନଳରୂପୀ ଦେବବର୍ଣ୍ଣନ	ଦେଶାଖ	୧୧୩
୧୧ଶ—	ଦମୟନ୍ତୀଙ୍କ ନିକଟରେ ରାଜଗଣ ବର୍ଣ୍ଣନ	ଲଳିତକାମୋଦୀ	୧୨୬
୧୨ଶ—	ଦମୟନ୍ତୀଙ୍କୁ ସରସ୍ୱତୀଙ୍କର ରାଜଗଣର ପରିଚୟପ୍ରଦାନ	ଖଣ୍ଡକାମୋଦୀ	୧୪୦
୧୩ଶ—	ଦମୟନ୍ତୀଙ୍କୁ ସରସ୍ୱତୀଙ୍କର ଇନ୍ଦ୍ରାଦିଙ୍କ ଶ୍ଳିଷ୍ଟପରିଚୟ ପ୍ରଦାନ	ମାଳଶ୍ରୀ	୧୫୨
୧୪ଶ—	ଦମୟନ୍ତୀଙ୍କର ନଳ ବରଣ	ଶଙ୍କରାଭରଣ	୧୬୨
୧୫ଶ—	ନଳ ଦମୟନ୍ତୀ ବିବାହ ବର୍ଣ୍ଣନ	ରାଜବିଜେ	୧୬୯
୧୬ଶ—	ନଳଙ୍କୁ ଭୀମଙ୍କ କନ୍ୟା ପ୍ରଦାନ ଓ ନୃପତିମାନଙ୍କ ପ୍ରସ୍ଥାନ	ବଙ୍ଗଳାଶ୍ରୀ	୧୭୮
୧୭ଶ—	ପଥରେ ଦେବ ଓ କଳ୍ୟାଦିଙ୍କ ସମ୍ଭାଷା	ପାହାଡ଼ିଆକେଦାର	୧୯୧
୧୮ଶ—	ନଳ ଦମୟନ୍ତୀ ବିହାର ବର୍ଣ୍ଣନ	କାମୋଦୀ, ଝମ୍ପତାଳ	୨୦୬
୧୯ଶ—	ପ୍ରଭାତ ବର୍ଣ୍ଣନ	କଲ୍ୟାଣ	୨୧୭
୨୦ଶ—	ନଳ ଦମୟନ୍ତୀଙ୍କ ଜଳକେଳି ବର୍ଣ୍ଣନ	ପଠହମଞ୍ଜରୀ	୨୨୩
୨୧ଶ—	ନଳଙ୍କର ଦୈନନ୍ଦିନ କୀର୍ତ୍ତି ବର୍ଣ୍ଣନ	ବରାଡ଼ି	୨୩୨
୨୨ଶ—	ସନ୍ଧ୍ୟା ତାରା ଚନ୍ଦ୍ର ଓ ଦମୟନ୍ତୀ ସୌନ୍ଦର୍ଯ୍ୟ ବର୍ଣ୍ଣନ	କନଡ଼ା ବିପୁଟା	୨୪୪

Digitized by srujanika@gmail.com

ଶ୍ରୀ ରାଧାମୋହନାଭ୍ୟାଂ ନମୋନମଃ ।

ନୈଷଧ କାବ୍ୟ ।

ପ୍ରଥମ ଛାନ୍ଦ ।

[ରାଗ—ଈସକଲ୍ୟାଣ ।]

ସମର-ପୁର-ନର-ସୁରପତି-। ଶିର ବିନ୍ଦୁରେ ସିନ୍ଦୁରିତ ଅତି ।
ଯା ପଦଯୁଗ ମହିଷ-ମର୍ଦ୍ଦନ । ଛବିକି ଅଦ୍ୟାପି ପକାଏ ମନ ।
କରୁଣାବରୁଣାଳୟା;
ସେ ମଇନାକ ଦୁର୍ଗା-ପଦ-ପଙ୍କଜ ବିତରୁ ଏ ଦୀନେ ଛାୟା । ୧ ।

ହରିବରେ ହର ହେଲେହେଁ ବର । ଆଜ୍ଞା କଲେ ପରେ ଯେଉ ଯତ୍ନର । ତହିଁ ବଳ ବିଶେଷ କିସ ବା ଅଛି । ତାକୁ ସେବି କେବା କି ନ ପାଇଛି । ମିଳିବାରୁ ସେ ଶରଣ । ଛାନ୍ଦ ବନ୍ଧରେ ନୈଷଧ ବାନ୍ଧିବାକୁ କଲି ଲେଖନୀ ଧାରଣ । ୨ । କଷ୍ଟିତ ମାନ ସିନା ମୋ ସାମର୍ଥ୍ୟ । ଅତି ବିସ୍ତୃତ ଏ ନଳ ଚରିତ । ଶ୍ରୀହର୍ଷଭଙ୍ଗିତ ଭଙ୍ଗିଭରିତ । ଅଖଣ୍ଡରୁଚିରରସ ସରିତ । ହୋଇ ପାରିବ କି ପାର । ବୁଧଜନଙ୍କର ସୁଧା ଉପଦେଶ ଆଶୀଷ ଭେଳାକୁ ଧରି । ୩। ଏମନ୍ତ କାବ୍ୟ ତ ଆଉ ହୋଇବ । ପ୍ରସବୁ ଏତେ ହର୍ଷ ହୃଦେ ଭାବ । ଭାବ-କବିଙ୍କି ଜାଣିଥିବାପାଇଁ । ନୈଷଧ ନାମ କି ଏହାର ଥୋଇ । ସେତ ହୋଇନାହିଁ ମିଛ । ରଘୁକୁମାର ତ କୁମାର ଭାରବି ଯେ ତା ତହୁଁ ଏହା ଉଚ୍ଚ । ୪ । ଯା ସରସ କଥା ସ୍ମରଣେ ବୁଧେ । ସୁଧାସମ୍ପଦ ନ ଗଣନ୍ତି ହୃଦେ । କୀର୍ତ୍ତିସିତ-ଛବି ଯା ରାଜସିଦ୍ଧି । ବକଣେ ଯେ ସର୍ବ ତେଜଙ୍କ ନିଧି । ସେ ଅଙ୍ଗବନ୍ତ ଅନଙ୍ଗ;-ବତ ନଳକୀର୍ତ୍ତି ବର୍ଣ୍ଣୁଛି ଶ୍ରୀହର୍ଷ ପଦେ ଦେଇ ଉତ୍ତମାଙ୍ଗ । ୫ । ସେ ନଳନୃପ ମହା ଗୁଣବନ୍ତ । ତାଙ୍କ କଥା ଶୁଣିଲେ ଅମୃତ ମୃତ । ପ୍ରଚଣ୍ଡପ୍ରତାପଜ୍ଜ୍ୱଳନ୍ତକୀର୍ତ୍ତି—। ମଣ୍ଡଳେ ପ୍ରକାଣ୍ଡ ପାଣ୍ଡୁର ଛତ୍ର । ବିରଚି କନକ ଦଣ୍ଡେ । ମଣ୍ଡି ଟେକାଇ ଦେଇଥିଲେ ରଖାଇ ଏ ଭୂମଣ୍ଡଳର ମୁଣ୍ଡେ । ୬ । କଳି ବାଧାକୁ ଦଳେ ଅଳପକେ । ଯାର ଯଶ ଗାଥା ଏ ନରଲୋକେ । ରସ ପ୍ରବାହେ ପ୍ରକ୍ଷାଳ ପବନ । କରଇ ତାଙ୍କ ମୁଁ କରୁଛି ଗୀତ । ତେଣୁ ବହୁ ଖ୍ୟାତ ବନ୍ଧ । ତା ନିଜ ସେବକ ଏ ମୋ ଗାନ କାବ୍ୟ ଧୂତ ନ କରିବ କେହି । ୭ । ଶାସ୍ତ୍ର ଅଧ୍ୟୟନ

Digitized by srujanika@gmail.com

ତଦର୍ଥ ଜ୍ଞାନ । ତଦନୁସାରେ କାର୍ଯ୍ୟ ସମାଧାନ । ଲୋକଙ୍କ ସମାଜେ ପୁଣି ତା ପ୍ରଚାର । ଏମନ୍ତେ କର ବିସ୍ତାର ଚତୁର । ଚତୁରଦଶ ବିଦ୍ୟାରେ । ଷଟ୍ପଞ୍ଚାଶ ବିଦ୍ୟାବନ୍ତ ନୋହିଲେ କେହି ସେ ନୃପ ବେଲ୍ଲରେ । ୮ । ସର୍ବଦା ନୃପର ନର୍ତ୍ତକୀଘର । ରସନାରେ ଥାଏ ବିଦ୍ୟା ବିସ୍ତାର । ଅଙ୍ଗେ ଯଥା ବେଦ ବିସ୍ତୃତ ଅତି । ଶିକ୍ଷା ଅଭ୍ୟାସ ବଶେ ସେହି ମତି । ସେ ବିଦ୍ୟା ହୋଇ ବିସ୍ତୃତ । ଅଷ୍ଟାଦଶ ଦ୍ୱୀପ ଜମ୍ବୁ ମନାସିକ ଦ୍ୱିନବବିଭାଗେ ଖ୍ୟାତ । ୯ । ଦଶଦିଗୀଶଙ୍କ ଅଂଶୀ ମସ୍ତିଶ । କେବଳ ନୁହଇ ମିଥ୍ୟା ଏ ସନ୍ଦେଶ । କାମନବଗଣକ ଦ୍ୱିତୀୟେତର । ଭୂତଗ୍ରସ୍ତ ନୈଷଧ ପର ଜ୍ଞାନ ଯାର । ନୃପର ସଦା ବିରାଜେ । ନୈଷଧସ୍ତ୍ରୁଧାସ୍ଥି ମହେଶସ୍ତୁଷମା ତେଣୁ ସେ ମସ୍ତିଶେ ସାଜେ । ୧୦ । ଏକେତ ସତ୍ୟଯୁଗ ତହିଁ ନଳ । ସର୍ବସ୍ୱେ ବିରାଜୁ ଅବନୀପାଳ । ବଳସିଲା ଧର୍ମ ଚତୁର୍ ପାଦେ । ପାପ ନ ଥିଲା କେ ଲୋକ ତା ହାଦେ । ପଦାଙ୍ଗୁଷ୍ଠ ମାତ୍ରେ ମସ୍ତି ! ଛୁଇଁ ଅତି କୃଶ ପାପ ସବୁ ତପୀପ୍ରାୟ ଯାଇଥିଲା ହୋଇ । ୧୧ । ଯାହା କାଳରେ ନୃପତି ଗହଣେ । ଗମନ୍ତ ଚତୁରଙ୍ଗ ବଳଗଣେ । ତାଙ୍କ ପାଦ ଘାତେ ଉତ୍ଥିତ ମସ୍ତି—। ରଜ କ୍ଷୀରସିନ୍ଧୁ ପଙ୍କିଳ ହୋଇ । ଯାଉ ତାହାର ନନ୍ଦନ । ଇନ୍ଦୁ-ଅଙ୍ଗେ ଯାହା ଅସିତ ଦିଶଇ ଏ ଏକା ସେ ପଙ୍କଚିହ୍ନ । ୧୨ । ବିଷମ ସମରେ ଅରାତି ତତି । ପ୍ରକାଶି ପ୍ରଚଣ୍ଡ-ପାବକ-ଜ୍ୟୋତି । ଯୁଝିଲା ବେଳେ ଯା କାର୍ମୁକ ଘନ । ନିର୍ଘୋଷ ଶରଧାର ପାତେ ପୁଣ । ସେ ତେଜ ଲଭଇ ଲୟ । ଅରାତଙ୍କ ପାଇଁ ଏକା ରହିଥାଏ ଅଯଶ-ଅଙ୍ଗାର-ଚୟ । ୧୩ । ସେ ରପୁନୃପତିଶାର୍ଦ୍ଦୂଳ ନଳ । ସରପୁରେ କରୁଁ ଅନଳ ମେଳ । ତାର ତେଜେ ନିଜ ପ୍ରତାପାନଳ । ଦ୍ୱିଗୁଣେ ଜ୍ୱଳ ଅବନୀ ମଣ୍ଡଳ । ଅଲୋକାଇ ଦେଉଥାଏ । ସେ ବହ୍ନିଶିଖା ରିପୁଜାୟୀ ସ୍ୱଜାର ଅରତି ପ୍ରତିମ ହୁଏ । ୧୪ । ସେ ମସ୍ତିପତି ପ୍ରତାପଅନଳେ । ଇତି-ଭୀତିଙ୍କ ଇତି ହୋଇଲା ହେଲେ । କେବଳ ଅତି ବୃଷ୍ଟି ଗଲା ରହି । ରିପୁନାରୀ-ନେତ୍ର-ଶରଣ ପାଇ । ତହିଁ ସେ ହୋଇଲା ଅସ୍ତ୍ର । ଯେଣୁ ଜାଣଇ ଅବଳାକୁଳେ ନଳବଳ ନୁହଇ ଉଦସ୍ତ୍ର । ୧୫ । ସମରେ ସେନାନୀ ରଣ ଗୃଢ଼ୁସ୍ତ । ମହା-କୃପାଣ ବେମା ଭୁଲେ ମିଳ । ସୁଧାକର-କର ସମ ଶୁକଳ । ନଳଗୁଣଗଣେ ପଟବ୍ୟ ଦୁକୂଳ । ବୁଣି କରୁ ପ୍ରତରଣ । ଦିଗ ଅଙ୍ଗନାଙ୍କ ଶ୍ରୀଅଙ୍ଗସଙ୍ଗମ ଲଭି ସେ ପଟଶେ ଶୋଭନ । ୧୬ । ସ୍ୱଜପଣେ ଗୁରୁ ବସୁର ଦର୍ଶୀ । ତେଜସ୍ୱଣେ ମିହିର ଅମିହିର-ଧ୍ୱଂସୀ । ଦେଖି ଏମନ୍ତ ସେ ନୃପତି ନୀତି । ଭୀତି ଭଜି ରପୁ ଭୂପତିପନ୍ତି । ସହିତେ ବରୁଦ୍ଧଧର୍ମେ । ଭେଦକତା ବର୍ଜି ନିବର୍ତ୍ତି ରହିଲେ ଧାମ୍ପି ନିଜ ନିଜ ଶର୍ମେ । ୧୭ । ସେ ନଳ ନୃପ ତେଜ ଯଶଆଦି । ଦିବ ଶଣୀ ଉଭି କ ହେବ ଆଉ । ନିଜ କଲା କଥା ନାଶିବ କେହି । ଏମନ୍ତ ସମସ୍ୟେ ସମସ୍ୟେ ବହି । ଚରୋ ଉପ୍ତଜନ୍ତେ ଚନ୍ଦ୍ରା । ପରିବେଶ ଛଳେ ମଣ୍ଡଳ ବୁଲାଇ ନବାଲେ

Digitized by srujanika@gmail.com

ଯାଙ୍କ ଈର୍ଷା ବୃଥା । ୧୮ । ଦାରିଦ୍ର୍ୟ ଯେ ପ୍ରାର୍ଥୀ ଲଲାଟ ପଟେ । ଦେଇଅଛି ବିଧି-
ଲିପି ନିସଟେ । ସେ ପିତାମହର ଲେଖାକୁ କେହି । ଲିଭାନ୍ତେ ନଳ ଧର୍ମଶୀଳ
ହୋଇ । ତେଣୁ ଦେଇ ବିତ୍ତବିଭୁ । ଦାରିଦ୍ର୍ୟ ବିଷୟେ ଦରିଦ୍ର ତାହାଙ୍କୁ ଧଅନ୍ତି କରି
ଭିକ୍ଷୁକ । ୧୯ । ଦାନକାଳେ ଜଳ ଢାଳି ଦେବାରେ । ସିନ୍ଧୁତ ଶୁଷ୍କ ନୋହିଛି
ବେଳରେ । ଦାନେତ ସର ନାହିଁ ମେରୁଗିରି । ଏ-ଜନ ଅଯଶ ସେ ଦଣ୍ଡ୍ୟାଶି ।
ପରେ ବୋଲଦେବେ କେହି । ଦ୍ୱିପାଳ-ବାଳ-ଶାମଳା-ଛଳେ ତେଣୁ ମସ୍ତକେ
ଅଛନ୍ତି କହି । ୨୦ । ସର୍ବଦା କବି ବୁଧଙ୍କ ସହିତ । ସୁଖେ ସମୟ ଯାପନ୍ତି ଭୂପତି ।
ସକଳ କାର୍ଯ୍ୟେ ସେ ଅତି କୁଶଳ । ହେରୁ ବିକଶେ ଶିଶି ବେଳୁଁ ବେଳ । ଉଦୟୁ
ଦିନକୁ ଦିନ । ଲଭନ୍ତି ସେ ନରପତି ଯଥା ପ୍ରାତେ ନଭେ ଦେବ ବିବସ୍ୱାନ । ୨୧ ।
ଶୋଭିରେ ପଲ୍ଲବ ପଙ୍କେଜ ଦଳ । ଯା ପଦ ଯାଇଛି ତା' ପରେ ବଳ । ସକଳ
ମଣ୍ଡଳପତି-ଶିରପରେ । ରହିଅଛି ପୁଣି ଯେ ନିଃଶଙ୍କରେ । ଊର୍ଦ୍ଧ୍ୱ ରେଖାଟିଏ ତହିଁ ।
ସର୍ବଜ୍ଞ ବିହି ଯା ଶୈଶବୁଁ ଲିହିଛି ଏତିକ ଆଶ୍ଚର୍ଯ୍ୟ ହୋଇ ? । ୨୨ । ଶୈଶବ
ଶେଷ ଯୌବନ ପ୍ରବେଶ । ଏ ସମୟକୁ ସେ ନଳ ନରେଶ । ସମସ୍ତ ମଣ୍ଡ କରି
କଣ୍ଠସ୍ଥ । କଲେଣି ମଣ୍ଡଳପତି ପଦ ସାର୍ଥ । ସେ କାଳେ ତାଙ୍କ ଶ୍ରୀଅଙ୍ଗେ । ବସନ୍ତ
କାନନେ ବିଳସିଲା ପ୍ରାପ୍ତ ଯୌବନ ବିଳସେ ରଙ୍ଗେ । ୨୩ । କମଳ ଦଳହେଲା
ପଦତଳେ । ହାରି କରତଳେ ପଲ୍ଲବ ଥରେ । ଉତ୍ତମାଙ୍ଗେ ଯାଇ ବଦନ ଅଛି । ତା'
ତୁଲେ ପାର୍ଥିବ ପଦାର୍ଥ ଛି ଛି । ଯାରି ଦାସପଣ ପାଇଁ । ଶରଦ-ପାର୍ବଣ ଶର୍ବରୀ
ଈଶ୍ୱର ନିମିଷେ ଶକ୍ୟ ନୁହଇ । ୨୪ । ଅଙ୍ଗେ ସ୍ୱଜେ ନବ ଲୋମ ପଙ୍କତି ।
ସେ ଛଳେ କି ବିହି ଗୁଣ ଗଣନ୍ତି । କଳି ଗୋଟି ଗୋଟି ଗାର ପକାଇ ।
ଲୋମ କୂପ କଥା ପ୍ରତୀତ ନୋହି । ପରୀକ୍ଷି ପରୀକ୍ଷି ଅଙ୍ଗ । ଛନ୍ଦ
ଦୋଷନାହିଁ ବୋଲି ଏକା ବିହି ଲିହି ଦେଇଅଛି ଦାଗ । ୨୫ । ଅର୍ଗଳ
ପରିଏ ସୁଦୀର୍ଘ ସ୍ଥୂଳ । ସେ ନଳ ନୃପତି ଭୁଜ ଯୁଗଳ । ତା ମଧ୍ୟେ ଦୁର୍ଭେଦ୍ୟ
ବିଶାଳ ଉର । କପାଟ-ପୁଟ ପରିଏ ସୁନ୍ଦର । ସେ ଭୁଜାର୍ଗଳ-କବଳେ । ପଡି
ଅରିଏ ଉରକପାଟ ଭେଦ ନ ପାରନ୍ତି ତଳେ । ୨୬ । ଯା ବିଳାସ ହାସ
ଲେଶକୁ ଶଶୀ । ସମନୋହି ଶେଷେ ପାଣ୍ଡୁର ଦିଶି । ପୂର୍ଣ୍ଣ ଯହିଁ ଥିବା ଇଷଣେ
କ୍ଷଣେ । ହାରି ପଳାଇ ପଦ୍ମବୁଡେ ବନେ । ସେ ନଳ ବଦନ ତୁଲେ । ଦର୍ପଣେ
ଇନ୍ଦୁ ଅରବିନ୍ଦୁଁ ବଳି ନାହିଁ କେ ସମାନ ହେବ ଭଲେ । ୨୭ । ନେନ୍ହେତ ଶତ-
ପତ୍ର ବିପର୍ଯ୍ୟସ୍ତ । ଆସ୍ୟ ହସଇ ଶଶିକ ନିରତ । ଗଛିବାକୁ ଅଭି ସେ ମୁଖ ତୁଲେ ।
କିଛି ଏ ଧରାରେ ଦ୍ରବ୍ୟ ନ ମିଳେ । ବର୍ଣ୍ଣିବାକୁ ଶୋଭା ତାରି, କବି ଯିବ କାହିଁ
ଛାଡି ସେ ଲକ୍ଷ୍ମୀରୂପ ଦର୍ପଦୃତ ସୋଦର । ୨୮ । ପଙ୍କେ ଆଉ ତେଜ ଓହିଲେ

Digitized by srujanika@gmail.com

ଯେହ୍ନ । ନୃପ କେଶ ତୁଲ ହୋଇବା ପାଇଁ । ତାର ଦେଖ ଏ ବିପରୀତ ସ୍ଥିତ । ଜାଣ ବିଗ୍ରହ ବହ୍ନି ଜ୍ୱିତ ମତ । ଚମସ୍କ ବନ୍ଧୁ ବନ୍ଧୁ । ନୃପେ ଦୋଷ ମାଗେ ଏ ଖାଳ ସ୍ୱପନ ବିନା ନୁହେ ବୋଲି କଛ । ୨୯ । ଏକେତ ନୃପ କନ୍ଦର୍ପ ହ୍ୱନ୍ଦର । ସେ ପୁଣି ପଡ଼ନ୍ତି ଯା ନୟନର । ସେ ନାରୀ ଚିତ୍ର ହୋଇଯାଏ କି କି । ନ ଚଳେ ପାଦ ନିମିଷେ ନ ଥାକ । ନଳରୂପେ ନିଜ ଲୋଚେ । ସେ ନୃପୁ ନିର୍ଲୋକ ବାଳିକ୍ କନ୍ଦର୍ପ ବିଭ୍ରମ ନଯାଏ କେବେ । ୩୦ । ପୁର ନାରୀଏ ପୂର୍ବ ନିର୍ନିମେଷ । ହେବାରତ [illegible]ହିଁ ନାହିଁ ପ୍ରକାଶ । ଏକା ଏ ନଳରୂପେ ନିଷ୍ପଳକ । ନେଦେଶ ଗୃହିଁ ରହି ଥିବାରୁ ଠିକ । ଅଭ୍ୟାସ ବାହୁଲ୍ୟ ବଶେ । ଅଦ୍ୟାପି ସେ ସୁର ନାରୀଙ୍କ ନୟନେ ନିମେଷ ନ ରସେ ଲେଶେ । ୩୧ । ନାଗବାଳୀଏ ଭୂଳନ୍ତ୍ରପାତାଳେ । ଧିକ ଏ ଅମ୍ଭ ନୟନ ଯୁଗଳେ । ନ ଦେଖିଲୁ ଯାହା ନଳ ମୂରତି । ଶୁଣିଲୁ ବେଳେ ଏକା ନୃପକୀର୍ତ୍ତି । ନଳେ ସେ ନୟନ ତୁଲେ । ପରଶଂସୁଥାନ୍ତି ନିରତ ସେ ଯେଣୁ ଜାତ ଚକ୍ଷୁଶ୍ରବା କୁଳେ । ୩୨ । ନିଶି ଦିବସରେ ଅନୁବରତେ, ନଳ ଚିନ୍ତା ପୋଷି ଥିବାରୁ ଚିତ୍ତେ । ନେହ ସ୍ୱପ୍ନ-ଲେହେଁ ନଳ ଆକାର । ନୁହେ ଲେଶେ ତାଙ୍କ ନୟନୁ ଦୂର । ଏହିମତ ନରପୁଂସ । ନାରୀଙ୍କ ନିମେଷନିପାତନିର୍ମିତ ବିଘ୍ନ ନୁହେ ଷଡକାସ । ୩୩ । କେ ଯୋଷା ନିଶାରେ ଶୟନକାଳେ । ନଳ ମୂରତି ନ ବିଲୋକେ ଢାଳେ । ଅନେ ତାଙ୍କୁ ନଳ ନାମ କାହାର । ବଦନୁ ହୋଇ ନ ଯାଏ ବାହାର । ସ୍ୱପତିସଙ୍ଗତକାଳେ । କେ ବାଳୀ କାନ୍ତେ ନଳ ଜ୍ଞାନ ନକର ନମାତେ ବା ମାରା ଗ୍ରେଳେ । ୩୪ । ନଳ ବିଲୋ-କନେ କେ ବରବାଳୀ- । କରେ ମୁକୁର ନ କରଇ କେଳି । ଭାବେ ସେ ତହିଁ ନିଜ ଛବି ଗୃହିଁ । ନଳରୂପକୁ ମୁଁ କି ଯୋଗ୍ୟ ନୋହି । ଏକା ଦମୟନ୍ତୀ ସ୍ଥିତ । କାହିଁ କର ମୁକୁରେ ଦୀର୍ଘଶ୍ୱାସ ବାଜ ମଳ ଯାଇନାହିଁ ପତ । ୩୫ । ମଦନେ ଲୋକ-ଧୂଷ୍ଟିକ ଗରୁଡ଼ । ବହି ଯଥା ବାଣ ସଜନ ଦୃଢ଼— । ଗଡ଼େ ପ୍ରବେଶାଇ ଥିଲା ତେସନେ । ଲୋକଭୂଷ୍ଟିକ ବହୁସ ମଦନେ । ବିଦର୍ଭ-ଦେଶ-ପୁରିର । ନଳାବିରୁଦ୍ଧସୁହୃଦ୍ଧନ୍ଦୁଦଦୁର୍ଗେ ପ୍ରବେଶାଇଲା ସତ୍ୱର । ୩୬ । ନିଜ ରୂପ ସମ୍ପଦ ଅନୁରୂପେ । ଲୋକ ମୁଖେ ଶୁଣି ସେ ନଳନୃପେ । ବିଶେଷେ ବିଗ୍ରହ ସେ ଭ୍ରମ ପୁରୀ । ମାନସଭବଚନ୍ଦ୍ରମୋତ୍ତତଥ । ତୂଳାଇ ମାନସ ଭବ- । ଦେବ ବଳେ କବଳିତ ହୋଇ ନଳ ପାରୁଶେ ପେଷିଲା ଜବ ।। ବିଦର୍ଭେଶ ପାଶେ ଗୃହଣ ଗଣ । କରନ୍ତି ନୃପଙ୍କ ଗୁଣ ଗାୟନ । ସେ କାଳ ଅନୁସର ଦମୟନ୍ତୀ । ସେବାପାଇଁ ମିଳ ପିତାଙ୍କ କତି । ଶୁଣୁଥାଇ ତେର ଶ୍ରୁତି । ଏକା ନଳ ନାମ ପଡ଼ିଲେ ପୁଲକୁ ଥାଏ ତନୁ ଲୋମପନ୍ତି । ୩୮ । କଥା ପ୍ରସଙ୍ଗେ ସଖି ଜନ ମୁଖେ । ଚଳେ ଉଚର ନଳନାମ ରେଖେ । ପ୍ରସଙ୍ଗାଧୀନ ଅନ ବିଷୟରେ । ନ ଦେଇ ମାନସ ଅତିଶୟରେ । ଉଛୁକ ଭାବ ପ୍ରକାଶି । ଏକା ସେହି ଶବ୍ଦ ଶ୍ରବଣ ବିଷୟେ

Digitized by srujanika@gmail.com

ଶ୍ରୁତିକ ଥାଏ ନିବେଶି । ୩୯ । ବେଳେ ବେଳେ ଭଣେ ସଖୀକି ବାଳା । ନିଷ୍ଫଳକ ମୃତ ଅନଙ୍ଗ ପରି । ତା କଥା ଶୁଣି ମୋ ଚମକେ ଚିତ୍ତ । କହ ସେ ଭଳି ଆନ ଜନ କାନ୍ତି । ଏମନ୍ତେ ଭାବ ଲୁଚାଇ । ଯକ୍ଷି ବଦନୁଁ ଅନବଦ୍ୟନୈଷଧନାଥକଥା ଶୁଣୁ-ଥାଇ । ୪୦ । ଦୂତ ଦ୍ୱିଜ ଅବା ବନ୍ଦୀ ଚାରଣ । ନୈଷଧୁଁ ହୁଏ ଯାର ଆଗମନ । ତାକୁ ତାଙ୍କ ରାଜ୍ୟ ରାଜା ବାରତା । ସମାଦରେ ପୁଚ୍ଛି ବର-ବନିତା । ନଳ ଗୁଣଗଣ ଶୁଣି । ବିମଟେ ଟେଳଟେଶ ବନ୍ଦେ ତାଙ୍କୁ ପାଇବ କେହି ଲଭି ବୋଲି ଗୁଣି ।୪୧। ଉକାଇ କେବେ ଅବା ଚନ୍ଦକରେ । ଆଦେଶେ ଏ ମୋ ବସନ୍ତ-ଭିତ୍ତିରେ । ତ୍ରିଲୋକ-ସାର ନରନାରୀ ରୂପ । ଲେଖଦେଖି; ଲେଖୁଁ ସେ ନଳଭୂପ । ଭୁଲେ ତା ନିଜର ଚନ୍ଦ । ସେ ଛବି ଯୁବେ ନିବେଢ଼େ ଲାଗିଥାଏ ତାର ନିଷ୍ଫଳକ ନେତ୍ର । ୪୨ । ମତରେ ନଳ ନୃପତିଙ୍କି ବର । ବରିଥିଲା ତ ସେ ଯୁବତୀବର । ଏମନ୍ତ ବତିନାହିଁ ଏକରାତ୍ର । ଯହିଁ ସ୍ୱପନେ ନଳେ ସେ ସୁଦତୀ । ନ ପାଇଅଛି ଦର୍ଶନ । ଅଦୃଷ୍ଟ-ବଳେ ଅଦୃଷ୍ଟ ଅଶ୍ରୁତ ଦ୍ରବ୍ୟ ଦେଖେ ସ୍ୱପ୍ନେ ଜନ ॥ ନିଦ୍ରାରେ ନିମିଳଥାଏତ ନେତ୍ର । ହୃଦ ବାହ୍ୟେନ୍ଦ୍ରିୟ-ନିସ୍ପୃହ ରହିତ । ହୋଇଥାଏ ଯତ ବାଳୀ ସେ କାଳେ । ଦେଖୁଥାଇ ନଳରୂପ ନିରୋଳେ । ଲୁଚ୍ଛଇ ସ୍ୱଚ୍ଛନ୍ଦ-ନେହେ । ଏକଢ଼େ ଚତୁରୀ ସେ ନାରୀପୁରନ୍ଦରୀ ଏଥୁ ବୁଧେ ବାର ଚନ୍ଦ୍ରେ । ୪୪ । ତ୍ରିପୁର-ବିଜୟୀ ବୀର ମନ୍ମଥ । ମନ୍ଥିପକାନ୍ତେ ଦମୟନ୍ତୀ ଚିତ୍ତ । ତା'ବାର ଶଶିର ବାଧା ବାସର । ଗ୍ରୀଷ୍ମବଳ ଦଳ ନିଶା-ଶରୀର । ସନ୍ତର ଦେଇ ଫୁଲାଇ । ଯେମାକୁ ଅମାପ ସନ୍ତାପ ବିନ୍ଧିଲେ ଦୁର୍ବଳେ କେ ନ ଦଳଇ । ୪୫ । ଭୀମଭୂପତିପୁତ୍ରୀକାନ୍ତକାନ୍ତି ।—ଶୁକ୍ତି ସନ୍ତତତ କି ତ ଗୁନ୍ଥି । ପକାଇଛି ତାର ସୁଗୁଣଗଣ । ସେ ହାର ମୋହୁଛି ମୁନିଙ୍କ ମନ । ତାହା କେ ନ ଦେଖିଅଛି । ସେ କଥା ବା କାହା ମୁଖୁଁ ନ ବାହାର ନଳ ଶ୍ରୁତି ନ ଚୁମ୍ବୁଛି । ୪୬ । ସ୍ମର ତ ଥାକ ଥିଲା ଏ ବେଳକୁ । ବୋଇଲା ଏ ପରି ମୋ ସୌନ୍ଦର୍ଯ୍ୟକୁ । ଚୁଡ଼ାଇଛି ଦେବ ଏହାକୁ ଦେଖି । ଏତେ ବଚାର ଅମୋଘ ଶକ୍ତିକ । ପ୍ରକାଶି ସେତ ରୂପାସ୍ତ୍ର । ଦମୟନ୍ତୀରୂପେ ନଳଭୂପେ କୋପେ ସାଧିଲା ବାଦ ଭୂରିତ ॥ ଦମୟନ୍ତୀରୂପଚାପ-ଯଷ୍ଟିକ । ଧରିତ ଥିଲେ ନଳ ଧାଡ଼ି ଯାକ । ତା' ଗୁଣ ତାଙ୍କ ଶ୍ରବଣ ସରିକ । ପାଇଥିଲା ତ ତା ମଦନ ଦେଖି । ନିଜ କାର୍ମୁକର ଗୁଣ । ଶ୍ରୁତି ଯେ ଟାଣି ନୃପ ଧୈର୍ଯ୍ୟ ଲୋପେ ପ୍ରକାଶିଲା ନିଜ ଟାଣ । ୪୮ । ଧୀରମଣ୍ଡଳମଣି ନଳ-ରାଜ ।—ବିଜୟେ ଯେତେବେଳେ ମନସିଜ । ପୁଷ୍ପ ଚାପ ଗୁଣେ ମାର୍ଗଣ ସନ୍ଧି । କଲା ବନ୍ଧ ପକାଇବାକୁ ବୁଦ୍ଧି । ତେତେବେଳେ ତ୍ରିଭୁବନ । ବିଜୟାର୍ଜିତ ନିଜ ଯଶ ସଂଶୟ ସାଗରେ କଲା ମଗନ । ୪୯ । ନଳ ଦମୟନ୍ତୀ ବନିତା ବର । ଘଟାଇ ଦେବାରେ ଏକା ବିହର । ଇଚ୍ଛାର ନିରଙ୍କୁଶତା ବିକାଶେ । ନୋହିଲେ କେହି ପୁଷ୍ପଶର ପ୍ରାସେ । ବଜ୍ରହୃଦ ଧୈର୍ଯ୍ୟବର୍ମ । ନଳଭୂପାଳର ଅଳପକେ ଗଲା ଦଳି ହୋଇ ଭୁଲା ସମ ।୫୦।

Digitized by srujanika@gmail.com

ଏଥୁ ବଳ ଭସ ଅଶ୍ଚର୍ଯ୍ୟ ଅଛି । ଲୋକ ପିତାମହ ଯେଉଁ ବିରଞ୍ଚି । ସେ କୁସୁମଶର ପ୍ରତାପ ତେଜେ । ଅତି ଭୀତରେ ଅଣ୍ଡିଛି ସରୋଜେ । ଦେଲେ କାମ ଅତି ବଳୀ । ସ୍ୱତନୁ-ଛାୟା-ମାନ୍ଦ ବୋଲି ଏକା ସେ ନଳେ ନୋହିଥିଲା ଦଳି । ୫୧ । ଯୁବାକାଳର ନବ ଉପହାର । ବର୍ତ୍ତୁଳ ଉରଜ-କୁମ୍ଭ ଯୁଗଳ । ଲଭିଥିବାରୁ ସିନା ଦମୟନ୍ତୀ । ଲଙ୍ଘା-ନଙ୍ଗଦୁର୍ଗଦୁର୍ଗମ ଅତି । ଅବହେଳେ ହୋଇ ପାରି । ନଳ ଭୂପାଳ-ହୃଦୟ-ସ୍ଥଳ ବଳେ ଥିଲେ ଅଧିକାର କରି । ୫୨ । ମନମଥ ମନ୍ତ୍ରି ପକାଇ ଚନ୍ଦ୍ରେ । ଯେ ମହାପ୍ରାସ ଦେଲା ମଶ୍ଚିଭୂତେ । ବାହ୍ୟ ଆକାରରୁ ସେ ପ୍ରାସ-ଲେଶ । ଲୋକ ଲୋଚନେ ନୋହୁଥିଲା ଦୃଶ୍ୟ । ଏକା ଶଶାଙ୍କକୋମଳା । ନିଶା ଶଯ୍ୟା ବେନି ବୁଝୁଥିଲେ ନୃପ ବିଷମବିରହଜ୍ୱାଳା । ୫୩ । ବିଷମ-ବିଷମେଶୁ-ମହାପ୍ରାଣ । ଲଭିଲେହେଁ ନିତି ନଳ ନରେଶ । ତଥାପି ବିଦର୍ଭ ପତି-କତରେ । ପୁତ୍ରୀ-ପ୍ରାର୍ଥନାରେ ମତି ନ ଦେଲେ । ଦୁଃଖ ସଙ୍କଟେ ଜୀବିତ । ତେଜିପାରେ ମାନୀ ବରଜ ନ ପାରେ ଏକା ଅଯାଚିତ ବ୍ରତ ॥ ବିରହତାପଜାତ ସର୍ଦ୍ଦିଶ୍ୱାସ । ଲୁଗ୍ନନ୍ତ୍ର ପ୍ରକାଶି ବୃଥା ବିରସ । କେ ଯେବେ ପୁଛଇ କେ ଦେବ ତବ । ଅଙ୍ଗ ବହିଛି କର୍ପୂର ପାଣ୍ଡୁ ଭାବ । ସେ ତାକୁ ଭାଷନ୍ତ୍ର ହସି । ଚନ୍ଦନେ ଅନବଧାନେ ବା କର୍ପୂର ବେଣି ଯାଇଥିବ ମିଶି । ୫୫ । ବିଲୋକ ଭ୍ରମେ ଦମୟନ୍ତୀ-ରୂପ । ଯେଉଁ ଭାବନ୍ତିକ ଭାଷନ୍ତ୍ର ଭୂପ । ସଭା ସଭ୍ୟଙ୍କୁ ତା ନୁହେ ଗୋଚର । ବିପଞ୍ଚ ପଞ୍ଚମମୂର୍ଚ୍ଛନାସ୍ୱର । ଯେଣୁ କଣ୍ଠେ ଥାଏ ପୂରି । ତେଣୁ ମଶ୍ଚିପତି-ଅଳିକ-ଭାଷିତ ନୁହେ ତାହାଙ୍କରେ ବାରି । ୫୬ । ସମ୍ବରଅଇରବିଜୟୀଚିହ୍ନ । ଅଙ୍ଗେ ନ ପାରନ୍ତେ କରି ଗୋପନ । ଧୀରବରଶିରସୁକୁଟସାର । ସେ ନଳ ଅବଜୀବନିତାବର । ସଖା ବୟସ୍ୟଙ୍କ ମେଳେ । ଥିଲେ ସଜାଗେ ବେଳେ ବେଳେ ଅବାଗେ ଧରାପଡି ଯାଉଥିଲେ ॥ ଦାକ୍ଷିଣ୍ୟ କରୁଣା ବିବେକ ଆଦି । ଥିଲେ ଯେହିଁ ନୃପ-ହୃଦେ ନିରବଧି । ନୋହିଲେ କେହି ତହିଁ ଅଗସରି । ଦେବାକୁ ମନ୍ମଥ ଗୃହପଲ୍ୟ ବାରି । ଜନମି ଗଲେଣି ପ୍ରେମ । ଏତ ଲୋକବିଧି ବିଧିନିଷେଧକୁ ନିରୋଧି ପକାଏ କାମ । ୫୮ । ମନ୍ମଥର ମନ ମଥନ ଚିହ୍ନ । ନୋହନ୍ତ ନିବାରି କଲେ ଯେହିଁ ଯତନ । ସଭିରେ ଶୋଭା ଏ ନୋହିବ ବୋଲି । ନୃପଗୋଳଗଭାମୁକୁଟକଲି । ନଳ ଅଗମ ଭ୍ରମଣ—। ଛଳେ ନିର୍ଜଳ ସ୍ଥାନେ କାଳ ଯାପନେ ବଳାଇଲେ ତହିଁ ମନ ।୫୯। ବୁଢେ ମନ୍ମଥର ମନ ମନ୍ଦକ । ସେ ବପ ହକାରି ସେବକ ଲୋକ । ଆଦେଶିଲେ ଆଣ ଯାନ ବହନ । ମନ ପୁରୋପ କଣ୍ଠ ଉପବନ—। ଦର୍ଶନେ ଉତ୍ସୁକ ଅତି । ଏଣୁ ନର୍ମ୍ମ-ସଖା ବୟସ୍ୟମାନଙ୍କୁ ଘେନି ତହିଁ ଯିବୁ ଧାତି । ୬୦ । ନୃପତି ଆଜ୍ଞାରେ ସେବକ ଲୋକ । ଅଣାଇଲେ ଏକ ସିତ ଘୋଟକ । ଉଚ୍ଚେ ଚଢିଲେ ତାର ସମକକ୍ଷ । ନାହିଁ ନ ଥିଲା ନୋହିବ ଏ ମକ୍ଷ । ଯା ସଦା ଚଞ୍ଚଳ ପକ୍ଷ । ମନ୍ଦୁରାଉଦରମହି କନ୍ଦୁଥାଏ ବହୁ ଖୁରକ୍ଷତ ଚିହ୍ନ । ୬୧ । ତା'

Digitized by srujanika@gmail.com

ଗଳାଦେଶେ ଶୋଭେ ସୋମାବନ୍ତୀ । ହୋଇଅଛି ଯେ ଫଣିନାଥ-ମିତ । ଚନ୍ଦ୍ରୁଁ ସିତ
କେଶରକେଶରଶ୍ରେଣି । ଲମ୍ବି ସରଳେ ଯାଉଥାଏ ଦଶି । କୁମୁଦବନ୍ଧୁକୌମୁଦୀ ।
ମୋଦ ଅଧରକ ଏ ଅଙ୍କ-ଅଙ୍ଗର ହେଲା ଶୁକ୍ଳିମା ସମ୍ବାଦ । ୭୨ । ଅଜସ୍ର ଭ୍ରମିତଙ୍କ
କଣ୍ଠନଳୁ । ଚରଣେ ରେଣୁ ଲାଗି ହଟେଶ ଶୁଭ୍ରୁ । ତା ଶୁଦ୍ଧେଁ ଚନ୍ଦ୍ରକୁ ଅସେ ଏମନ୍ତ ।
ଲଘୁ ଲୋକଙ୍କ ମାଚ ଚନ୍ଦ୍ର ବ୍ରାତ । ଚଞ୍ଚଳ ଶିକ୍ଷିବା ପାଇଁ । ଗୁରୁକର ମାନ ସେ
ଶୃଙ୍ଗାରୂର ପଦ ଧରିଛନ୍ତି ରହି । ୭୩ । ତା ନାସା ନାଚଇ ଏତେ କାହିଁକି । ସ୍ୱବେଙ୍ଗ-
ଦର୍ପ ସେ ଭଣି ବାସ୍ପେକ । ପୁଣି କପାଇଁ ରହେ ଭିନ୍ନ ହୋଇ । ମାନସେ ନଷ୍ଟେ ଯେଣୁ
ଗୁଣିଥାଇ । ଅଙ୍କୁଲ ଆଶଙ୍କ ଏତ । ଭୂପତି ବିଧାତା ପରସ୍ପେ ବୁଝନ୍ତି ଏଥି ବୃଥା
ମୋ ଭ୍ରମିତ । ୭୪ । ମହାରଥ ଚକ୍ରବର୍ତ୍ତୀ ଭ୍ରୂଭଙ୍ଗେ । ଅଜର ସାହାଯ୍ୟ ବିନା
କନ୍ଦର୍ପେ । ବନ୍ଧ ଯିବାର ବଳଜାତଯଶ । ବଶେ ସେ ଦଶଇ ଶୁକ୍ଳ ବିଶେଷ ॥
ଦଶନ ଦୀପ୍ତି ଛଟାରେ । ରବିଙ୍କ ଅଙ୍ଗକୁ ଦୁର୍ବଳ ଏବୋଲି ହସି ଉଡ଼ାଏ ଅଷ୍ଟାରେ ।
ପୂରିତ ପଣ୍ଡାତେ ସିତକେଶର । ପୁଞ୍ଜଭ୍ରମର ଦଶେ ମନୋହର । ସେ ପୁଣି ସଦା
ହେଉଥାଏ ବିମ୍ବ । ତା ଶୁଦ୍ଧେଁ ମନ ଯାଉ ଥାଏ ପାସ୍ପ । ଅପେ ଅପେ ମନେ । ମନେ
ବାଜପମାଜସଜତ ଏ ଭ୍ରମର ନ ଥାନ୍ତା କେହି ଗହଣେ । ୭୫ । ଅଗୁ ଗମନ
ବେଗେ ଏ ତୁରଗ । ଗରୁଡ଼-ଗର୍ବ କରିଥିଲା ଭଙ୍ଗ । ଏକା ଆଶୀବିଷଅଶନେ ତାର ।
ଟେକ ରହି ଯାଇଥିଲା ମାତର । ଶୃଗୁ ଅମୃତ ପ୍ରଗ୍ରହ । ମୁଖେ ଧରି ଏବେ ଏ ତାକୁ
ବୋଲଇ ଦେଖ ମୋ ଅଗରେ ରହ । ୭୬ । ସିନ୍ଧୁସମ୍ଭୂତ ଅସିତେତର ।—କର
ସହୋଦର ଉଚ୍ଚୈଃଶ୍ରବାର । ଶିଖି-ହାରକ ସେ ତୁରଙ୍ଗେ ଯାଇ । ସମସ୍ତଧରଣୀଭୂତ
ବିଜୟୀ । ଅନଳଲୋଚନ ନଳ । ବଜେ କର ନିଜ ଷିଣ୍ଡ୍ରପଦକୁ ସାର୍ଥକ କଲେ
ହେବଳ । ୭୮ । ସୁର କରେ ଅରବିନ୍ଦ ଶୋଭଇ । ନୃପ ପାଣିରେ ପଦ୍ମ ଚିହ୍ନ ଶୋହ ।
ବେନିଏ ବିଜେ କରନ୍ତି ବାଜିରେ । ଏକ ବିଜନନ୍ତି ଅପଣା କରେ । ଅଟେକ ଗହଣ
ସାଥି । ନିଜ ଦିବ୍ୟରୂପ ଭୂଲୋକ ଅଲୋକ ଦେଲେ ସୁଷମା ସମ୍ବାଦ । ୭୯ । ମହା
ବେଗବନ୍ତ ତୁରଙ୍ଗେ ରଙ୍ଗେ । ଅଶ୍ୱେନ୍ଦ୍ର ମଣ୍ଡଳ ଗମନ୍ତେ ବେଗେ । ଏକେତ ଅଙ୍ଗ
ନିନ୍ଦେ କୋଟି କାମ । ସେ ପୁଣି ସାଥୀ ବେଶେ ନିରୁପମ । ପ୍ରମୋଦେ ନଗର ନରେ ।
ସେ ଛବି ଲୋଭେ ନିଷ୍ପଳକେ ରହିଲେ ଶୁଦ୍ଧେଁ ପୁତ୍ତଳ ପ୍ରକାରେ । ୮୦ । ସଦ
ଗତିକ ଯେ ଶିଖାଏ ଗତି । ସେ ବାଜିବରେ ଅଶ୍ୱେନ୍ଦ୍ର ଭୂପତି । କାନ୍ତି ତେଜରେ ନିଶ
ଶଚୀପତି । ଦୁନ୍ଦୁଭି ଦ୍ରିମିଦ୍ରେ କରଇ ସ୍ତୁତି । ପୁରଁ ବାହାରିବା ବେଳେ । ପୁରବାସୀ
ନରଙ୍କର ଦୃଷ୍ଟି ବୃଷ୍ଟି ହେଉଥିଲା ତାଙ୍କ ପରେ । ୮୧ । ବିଜୟ କରନ୍ତେ ନୃପତି
ରଙ୍ଗେ । ଗନ୍ଧର୍ବ ସାଦିଏ ସମ୍ମୁଖ ଭାଗେ । ନବ ପଲ୍ଲବ ଶଲ୍ୟ କରେ ଧରି । କ୍ରୁଦ୍ଧ ମ-
ସମର-ସରମ୍ଭ କରି । ହେଉଥାନ୍ତି ଡାକାଡ଼କ । ମାର ମାର ବୋଲି କେ କାକୁ

Digitized by srujanika@gmail.com

ବୋଲଇ କେ ବୋଲେ ଅତଳ ଦେଖି । ୭୨ । କେତେ ବା ଏ କ୍ଷିତି ଆମ୍ଭ ଗତକ । ଶୁଖି ସାଗର ମରୁ ହୁଅନ୍ତା କ । ନଳ ବେଗ-ଗର୍ବେ ଅର୍ବେ ଏମନ୍ତେ । ବଗୃହ ଉତା-ଇଲେ ଖୁର-କ୍ଷତେ । ଧରଣୀରୁ ଏତେ ରେଣୁ । ଯେ ପ୍ରାତ ମାନବେ ସରତପତର କଣ୍ଟତେ ପୋତବେ ତନୁ । ୭୩ । ହରର ଏକମାତ୍ର ପଦ ନଭେ । ବକ୍ରମି ଥିଲା ତ ଜାଣନ୍ତ ସର୍ବେ । ଅମ୍ଭେ ହର ହୋଇ ଗୃହ ପଦ୍ମରେ । ତାହାକୁ ବକ୍ରମିବା କ ବଗୃରେ । ଏତର୍କ ହୁଅନ୍ତେ ହୃଦେ । ଜାଜେ ବାଜଏ କ ମୁଖ ପୋତ ସେଧୁଥିଲେ ଅତ୍ତିତ ପଦେ । ୭୪ । ନରପତ ଗହଣ ସାଦା ଜନେ । ସରବେଶି ବନେ ବହାର ସ୍ଥାନେ । ଭ୍ରମଲେ ରୌଦ୍ଧତେ ମଣ୍ଡଳାକାରେ । ତହିଁ ଏ ଭ୍ରାନ୍ତ ଉଭବ ଚତ୍ତ୍ୱରେ । ଜନ ବଚନକୁ ମାନ । ବହାର ପ୍ରଦେଶ ପ୍ରଦକ୍ଷିଣ କରୁଥିଲେ କ ସେ ସାଦା ଶ୍ରେଣୀ ॥ ନୃପଙ୍କ ଦ୍ୱିତେ ହଣ ଛନ୍ତ୍ର ଢେ଼ଇଁ । ଯଶକୁ ତ ସିନ୍ଧୁ ଗୋଷ୍ପଦ ହୋଇ । ଅଭ ଅମ୍ଭେ ଯିବା କେଣେ କାହିଁକ । ଏମନ୍ତ ବଗୃର ଅଣି ମତକ । ବାଜଏ ସରେଲେ ଗତ । ବରଜ ମଣ୍ଡଳ ଗତରେ ସେ ସ୍ଥଳୀ ଚଳପାଶ୍ୱେ କ ଭ୍ରମନ୍ତ । ୭୬ । ନଳ ଅତଏବ ତଳ ସ୍ଥଳରେ । ନଳ ମହୀପାଳ ସ୍ୱକରଣରେ । ମଣ୍ଡଳେ ବାଜକ ଭ୍ରମାଇବାର । ଦେଖି ପକାଇ ଥିବାରୁ ସମୀର । ଏବଯାଏ ଘୋଷେ ତାହା । ତା ବାର ନ ପାରୁ ମିଛେ ବୋଲୁଥାନ୍ତ ଜନେ ବାତ୍ୟାବର୍ତ୍ତ ଏହା । ୭୭ । ତଦନ୍ତେ ଚତ୍ତ୍ୱ ଶାନ୍ତ ପାଇଁ ନଳ । ପ୍ରବେଶିଲେ କ୍ରୀଡ଼ା କାନନ ସ୍ଥଳ । ପ୍ରବାଳରାଗପିଙ୍ଗଳ ସେ ବନ । ଘନ ଛାୟାରେ ଅତନ୍ତ ଶୋଭନ । ଘନଛାୟାସମପ୍ରଭ । ପ୍ରବାଳବନ୍ତ ସାଗରେ ଶୟନାର୍ଥେ ପ୍ରବେଶିଲେ କ ମାଧବ । ୭୮ । ପୁରବାସୀ-ନରଣ୍ଡଷଣ୍ଡ-ଗଣେ । ଗମୁଁ ଥିଲେ ନୃପ ଅନୁସରଣେ । ପ୍ରବେଶନ୍ତେ ବନେ ଅବନୀଧବ । ବନ୍ଧୁକୁ ବନ ଯାଏ ଛାଡ଼ଯିବ । ସ୍ମର କ ଏ ପ୍ରବଚନ । ଦୃଷ୍ଟିଏ କଷ୍ଟି ହୋଇ ଫେର ଅଇଲେ ବନେ ନବେଶି ସ୍ୱଜନ ।୭୯ ପୁଷ୍ପଫଳେ ଅତଶୟ ମଞ୍ଜୁଳ । ସେ ଉପବନରେ କାନନପାଳ । ଅବନୀପାଳ ପୁର-ତରେ ରହ । ଅଙ୍ଗୁଳି ବଢ଼ାଇ ଦେଇ ଦେଖାଇ । କାନନ କମନୀୟତା । ସ୍ୱଜନ ମନୁ କ୍ଷଣକ ପାଇଁ ଦୂର ଦେଲା କର ଅନନ୍ତା । ୮୦ । ପକ୍ଷୀ ପକ୍ଷବାତେ କଣ୍ଟତଳ । ପଲ୍ଲବପାଣିରେ ସ୍ଥାବର-କୁଳ । ଫଳ ଫୁଲ ବହ ମହୀପତକ । ଗ୍ରହଲେ ପାଦ୍ୟେଷ୍ଟ ବାର ହତକ । ସ୍ୱଭବେ ବନୀକା ସେତ । ଅତଥିସତ୍କାରବେଭାର ତାଙ୍କର ଅଟଇ କୌଳକ ବ୍ରତ । ୮୧ । ଏ କାଳେ କୁତୂହଳେ ଭୂପାଳର । ଲକ୍ଷଣ ହୋଇଲା କେତକେ ମେଳ । ବକଚ ହେମପତ୍ରେ ଅଳକୁଳ । ସଞ୍ଚର ହଣନ୍ତ ଅତ ମଞ୍ଜୁଳ । ହରବର୍ଚ୍ଚନଜନତ । ହଗନ୍ତରଳ ଦୁର୍ଯଶଭାର ଶିରପରେ ବହୁଲାର ମତ ।୮୨। ଗାଲ-ଲଗା ଭାଲଶର କାମର । ଭେଦଲେ ଥରେ ତୁ ବରହ ଜର । ଏଣ୍ଟାରଲେ ଅସ୍ତ୍ର ଜୀବ ସହତ । କଣ୍ଟକେ ଅତ କଷ୍ଟ ସ୍ୱଭବେତ । ଏଣୁ ଦର୍ପକମର୍ଦ୍ଦନ । ବଂଜିଛନ୍ତ ତୋତେ

Digitized by srujanika@gmail.com

ବଗ୍ଧବନ୍ତ ଚଟେ ଏମନ୍ତ ନଳ ସ୍ୱଜନ । ୮୩ । ଅଗ୍ର ଅଟଇ ତୋର ପୁରୀ ପ୍ରକାର ।
ତହିଁରେ କାମ କାମୀଯୁଗଳର । ଅପଯଶପଙ୍କ ଯତନେ ସିଇଁ । ଲୋକ ସମାଜେ
ବସ୍ତାର ଦାଅଇ । କଣ୍ଟକିତ ପନେ ତୁହ୍ନ । କାମୀ-ହୃଦ-କାଷ୍ଠ-କର୍ତ୍ତନକୁ କରପନ୍ଦ
ପ୍ରାପ୍ତ ଯାଉ ହୋଇ । ୮୪ । ପ୍ରସୂନଧନୁନସ୍ୟନ୍ଦ ମରନ୍ଦ । ଲାଗି ହେବାରୁ କରତଳ
ଆର୍ଦ୍ର । ତୋରଜେ କାମ ଧୂଳମାଟିକର । କର୍କଶମୁଷ୍ଟିରେ କାର୍ମୁକ ଧର । ଲାଖ
କରୁଛି ମୋ ତନୁ । ଯେଣୁ ଯେ ଜାଣେ ନାହିଁ ମୋ ଆନଗତ ବଦର୍ଭ ନନ୍ଦନା ବନୁ ॥
ଦୋହଦଧୂପେତ ଦାଡିମଦ୍ରୁମେ । ଫଳ ଓହଳଛନ୍ତି ଫଳସ୍ତୋମେ । ତା ଗୃହେଁ
ନୃପଙ୍କ ଚଟଉ ସମ୍ଭବେ । ଦମଯ୍ନ୍ତୀସ୍ତନତୁଙ୍ଗତାଲାଭେ । ଘଟପଟଳ ନିଷ୍ପନ୍ନ ।
ଅଧୋମୁଖେ ରହୁ ଧୂମ ପିଇ ଦେଇଛନ୍ତି ତପସ୍ୟାରେ ଲଯ୍ନ । ୮୫ ।
କାହିଁ ନବ-କଣ୍ଟକିତ ଲତାରେ । ପାଚ ଦାଡିମ ଫାଟି ଶୋଭା ଧରେ । ସେ ଛଟେ
ଅଶନ-ଅଶାରେ କୀର । ଦେଇଛି ଖଣ୍ଡି ରକ୍ତଚଞ୍ଚୁ ତାର । ତା' ଗୃହେଁ ଭାଳନ୍ତି ନୃପ ।
ଏ କାମିନୀ-ମର୍ମେ ନିର୍ମମ ମଦନ ବନ୍ଧିଛି କିଂଶୁକସ୍ୱେପ । ୮୬ । ପଳାଶ ଦେଖି
ଭାଳନ୍ତି ଭୂପାଳ । ପଳ-ଅଶନୁ ଏ ନାମ ଏହାର । କାମର ସଖା ଏ ଅର୍ଦ୍ଧେନ୍ଦୁ ଶର ।
ବିରହୀ-ରକ୍ତେ ହୋଇଛି ଜର୍ଜ୍ଜର । ଦେଇଛି କାଟି କା ଅନ୍ତ । ଅଦ୍ୟାପି ମୂଳରେ
ମାଂସ ତା ଲାଗିଛି ଦୂରୁ ଦିଶେ ବୃନ୍ତବତ । ୮୭ । ଗନ୍ଧବହେ ହୋଇ ମନ୍ଦେ ଚୁମ୍ବିତ ।
ତନ୍ମରନ୍ଦେ ହୋଇଛି ଲୁଚିତ । କଳଦଶନାବଳୀକ କଞ୍ଚିତ । ବିକାଶି ହସୁଛି
କମ୍ପି ଇଷତ । ଏମନ୍ତ ଲତାର ସ୍ଥିତ । ଦରମିଶ୍ରିତଆଦରଭରେ ନୃପ ନେତ୍ର କଲ
ତହିଁ ସ୍ଥିତ । ୮୯ । ପାନ୍ଥପତଙ୍ଗମହଂଯାରେ ରସି । ଥିବାରୁ ଅନଳପ ପାପରାଶି ।
ଭୁଷି ହୋଇଛି ଅଳିମାଳ-ଛଳେ । ଚମ୍ପା-କଳି ନୃପ ମାନସେ ବଳେ । ଆନ ଭାବନା
ଦଳାଇ । ମନସିଜ ପୂଜା ପାଇଁକି ପ୍ରଦୀପକଳ୍ପନା ଦେଲା ଖେଳାଇ । ୯୦ । ପୁଣି
ପୁଷ୍ପେ ବିରହୀହୃଷ୍ଟିଘାତୀ । ପରାଏ ଗୃହେଁ ନୃପ ବଗ୍ଧବନ୍ତ । ବିଭୂତିଭୂଷଣ ହରେ
ବଇର । ହୋଇ କୁସୁମଶର ସମ୍ଭବର । ପେଷିଥିଲାତ ପୁରୁବେ । ସେ ଶମ୍ବର-ଭସ୍ମ
ଶରଫଳେ ଲାଗିଥିବା ଦେଖାଗଲା ଏବେ । ୯୧ । କରୁଣାସମ୍ଭାବକ ଯେ ବନରେ ।
ପିକ ବିରହୀପୁରଦୁର୍ଦ୍ଦଶାରେ । କୁହୁ କୁହୁ ସ୍ୱରେ ବର୍ଣ୍ଣିଯିବାରୁ । ଶ୍ରୋତା ମଧୁବ୍ରତ
ହୁଁ ହୁଁ ହୁଁ କରୁ । କୁସୁମ କର କମ୍ପାଇ । ଅନାସ୍ଥା ପ୍ରକାଶେ ସ୍ଥଳ-କମଳିନୀ ଦେଖି
ଦୁଃଖୀ ନରସାଇ । ୯୨ । କାହିଁ ବିଲୋକନ୍ତେ ରସାଳ-ଦ୍ରୁମ । ବହେ ନୃପଚିତ୍ତ
ଭୀତ ବିଷମ । ବିଗ୍ଧବଇ ମୋତେ ଏ ତରଜେ କି । ବେଢେ ଶୃଙ୍ଗ ମୁକୁଳଅଙ୍ଗୁଳିକି ।
ବ୍ୟାଜ ଏ ଭୃଙ୍ଗଝଙ୍କାର । ବେଢଅଭ୍ରଧବକାଶର ଏ ପୂର୍ବପରୁଷକର୍କଶ ସ୍ୱର । ୯୩ ।
ଛନ୍ଦ ମନେ କାହିଁ ନୃପ ଦେଖନ୍ତି । କୋକିଳ-କୁଳ ବସି ଝରୁଛନ୍ତି । ଦ୍ୱିଜ-ଜାତ
ଯୋଗେ ହୁଅଇ ଭ୍ରାନ୍ତି । ଭାବନ୍ତି ବେଷାରକ୍ତ ନେତ୍ରେ ଅତି । ବିଯୋଗୀ ଦମତି-

୨ ନୈଷଧ

Digitized by srujanika@gmail.com

ପ୍ରତି । ଷୀଣୁ ଷୀଣ ହୁଅ ମୂର୍ଚ୍ଛା ତାପ ପାଅ ବୋଲି ଶାପ କି ଦିଅନ୍ତି ? ।୧୪। ଚମ୍ପକ
କଳିକାରି ଚୂଳେ ଅଳି—। ମଣ୍ଡଳ ଭ୍ରମନ୍ତି ରଚି ମଣ୍ଡଳୀ । ତା' ଗୃହିଁ ଗ୍ରିବନ୍ତି ନଳ
ରାଜନ । ବିରହ-ବିବର୍ଦ୍ଧ-ନିଧନଚିହ୍ନ । ସ୍ମୃତିର ଧୂମକେତନ । ଉଇଅଛି ଶୂନ୍ୟେ
ହେଉ ଏତେ ମନେ ଥିଇ ଯାଏ ଅପଘନ ।୧୫। ନାଗକେଶରେ ଭୃଙ୍ଗ ହେଉ ସଙ୍ଗ ।
ମଣ୍ଡଳେ ଫେରଇ ପରାଗବର୍ଗ । ନୃପ ଚିନ୍ତି ଶିଳୀମୁଖଗଣରେ । ଦେଉଛି ଶାଣ
କୁସୁମଶାଣରେ । ନିଷ୍ଠୁର କେଳିପତି । ଫେଡ ପଡୁଅଛି ଘର୍ଷଣଜନିତପ୍ରତପ୍ତ-
ସ୍ଫୁଲିଙ୍ଗ ତତି । ୧୬। ଗୁଣ-ସ୍ପୃହାକୁ ଶିଳୀମୁଖ ବ୍ରାତ । ନୃପ-ଅଙ୍ଗବାସେ ହୋଇ
ଲୋଭିତ । କୁସୁମୁଁ ବାହାରି ଝଙ୍କାର କରି । ଆସି ନୃପତି-ପାଶେ ଯାନ୍ତି ଫେରି ।
କୁସୁମରୂପ ତା' ଗୃହିଁ । ମୋ-ପରି ସାରବ ଲକ୍ଷ୍ୟଭ୍ରଷ୍ଟ ହେଲ ବୋଲି ଲାଜେ
ମଉଳଇ । ୧୭ । ଅନିଳଲୋଳ-ପଲ୍ଲବ-କଣ୍ଟକ । ବାଜ ବିଷତ ହେଉ ଅଙ୍ଗ ଯାକ ।
ଚନ୍ଦନ-ଗୃରୁ ସୌରଭ ପ୍ରସରି । ଦିଶ ବିଦିଶ ଯାଉଅଛି ପୂରି । ଏମନ୍ତ ଶ୍ରୀଫଳ ଫଳ।
ବାର-ସ୍ତ୍ରୀକୁଚକୁ ଚିତ୍ତରେ ପକାଇ କଲା ନୃପକୁ ଆକୁଳ । ୧୮ । ପୁଣି ଦେଖନ୍ତି
ପାଟଳି ଲତାରେ । ସ୍ତବକ ପୂରିଛି ପୁଷ୍ପ ସମ୍ଭାରେ । ଯୁବକ ଯୁବତୀ-ଚିତ୍ତ-ଭେଦନ ।
ବିଷମ୍ଭ ସେ ପୁଷ୍ପ ଅତି ନିପୁଣ । ଖାର କୁସୁମଗୃପରି । ଇଷ୍ଟୁ ବିଗୃରି ନିଷଧ-ଅଧିପ
ହୁଅନ୍ତି ଭୟେ କାତର । ୧୯ । କାହିଁ ଅଗସ୍ତି ଦ୍ରୁମେ ନବ କଳି । ଶୁକ୍ଳି ମାରେ ନିଶା
ଇଶଙ୍କୁ ବଳି । ଓହଳ ରହିଛି ତା ବିଲୋକନେ । ବିଗୃରୁ ଥାନ୍ତି ମହୀପତି ମନେ ।
କୃଷ୍ଣପକ୍ଷେ କ୍ଷୟ ଛଳେ । ଗିଳିତଶଶାଙ୍କକଳାକୁ ଏ ଧୂମସ୍ୱର୍ଭାନୁ ବମେ କି ବଳେ ॥
ମୃଦୁଳା-ବ୍ରତତୀ-ତନୁ-ଲତାର । ଅଙ୍ଗୁ ନିହାର-ପ୍ରଚ୍ଛଦଅମ୍ବର । ଅବଳମ୍ବେ ଦୂର କରି
ପକାଇ । ତା' କୁସୁମେ ରସି ଲୀଳା କରଇ । ମରୁତର ଏ ସାତକ । ଗୃହିଁ ନେତ୍ର
ମୁଦ ରହନ୍ତି ଭୂପତି ମନରେ ରଙ୍ଗି ଭୀତକ । ୧୦୧ । ଯା' କୋଳେ ଜନମି ହୋଇ
ବିଶାଳ । ନିଜକୁଳେ ହୋଇଛନ୍ତି ସଫଳ । ସେ ମହୀ-ମାତାକୁ କୃତଜ୍ଞ ପଣେ । ଫଳ-
ନତଶିରେ ପାଦପ ଏଣେ । ନମିବାର ନୃପ ଗୃହିଁ । ଅଭିବନ୍ଦଲେ ଆନନ୍ଦେ ଦ୍ରୁମ
ବୃନ୍ଦେ ଯେଣୁ ସେ ସୁଗୁଣଗ୍ରାହୀ । ୧୦୨ । କେତକୀରଜରାଜିପିଶଙ୍ଗିତ । ଉପ-
ବନାନିଳେ ଅତିକ୍ରମିତ । ପୁଷ୍ପ ମକରନ୍ଦେ ପୀୟୁଷୋପମ । ଦିବା-ଆଲୋକେ ମହା
ମନୋରମ । ହେଲେହେଁ ସେ ବନସ୍ଥଳ । ତାପୀ-ନୃପ-ହୃଦ-କୁମୁଦେ କୌମୁଦ
ମୁଦ ନ ବିହିଲା ଛଳ । ୧୦୩ । ମଦନ କଲେହେଁ ଅତି କଦନ । ନ ଗଲା ନୃପତି
ମୁଖୁଁ ଲାବଣ୍ୟ । ତଥାପି ଦିଶେ ସେ ଶଶାଙ୍କ ସରି । ତା' ଗୃହିଁ ସେସେ ନେତ୍ର ଭକ୍ତି
କରି । ସେ ମଦନ-ସଖା-ହୁତ । କୁହୁ କୁହୁ ବୋଲି ଅମାକୁ ଡାକେ କି ଚିନ୍ତି ଏ ଚନ୍ଦ୍ର
ନିପାତ । ୧୦୪ । ପ୍ରବାସୀ ପଥିକେ ଗମନ୍ତେ ପଥେ । ମନ ତାଙ୍କ ମଜ୍ଜି ହୁଏ ମନ୍ମଥେ ।
ନାଗୁଁ ଗୁଣ ବାର ମୂଳେ ବିଶ୍ରାମ । କରନ୍ତେ ତାଙ୍କ ଦୁଃଖ ବାର ଦ୍ରୁମ । ନବପଲ୍ଲବ

Digitized by srujanika@gmail.com

ପ୍ରସାର । ଅଶୋକ ନାମକୁ କରଇ ବ ସାର୍ଥ ସ୍ମରଣର ପଥେଁ ଠର । ୧୦୫ । କ୍ରୀଡ଼ାସର
ଘାରେ ତରଙ୍ଗ ବୃନ୍ଦ । ବାଜ ଜନମାନ୍ତ-ମୃଦଙ୍ଗ-ନାଦ । ପରଭୃତେ' ଗୀତ ଗାବନ୍ତ
ଉଚ୍ଚେ । ପୁଚ୍ଛଟେକି ଶିଖୀ-ନର୍ତ୍ତକୀ ନାଚେ । ବନେ ନଧ ନୃପେ ଦେଖି । ପ୍ରକୃତ
ସଙ୍ଗୀତେ ସେବଇ ସୁଭାଗ୍ୟବନ୍ତ ନୃପହେ କାହିଁ ସୁଖୀ । ନୃପଙ୍କ ସୁଗୁଣଗଣ ଘୋଷାଇ ।
ଶ୍ଳୋକେ ଶୁକେ ଦେଇଥାନ୍ତି ମେଳାଇ । ସେମାନେ ବନେ ବୃକ୍ଷଡ଼ାଳେ ବସି । ଭଗ୍ନୁ-
ଥିଲେ ନୃପସୁଯଶରାଶି । ସୁସ୍ୱରଶାରିକା ସ୍ୱରେ । ଦ୍ୱିଗୁଣିତ ହୋଇ ସେ ଗୀତ ଭରତ
ହୋଇଥିଲା ନରବରେ । ୧୦୭ । ନାନା ସୁବାସେ ବାସିତ କାନନ । ମଧ୍ୟେ ଶୁକ-
ପିକ ଶାରି ଗାୟନ । ଶୁଣିଲେହେଁ ବାଦ୍ୟ ଆନନ୍ଦ ବନା । ହୃଦେ ତୋଷ ଲେଶ ନ
ରହିଲା ଚିନ୍ତା । ସେ ନଳ-ମହୀପତିର । ଉଚ୍ଛୁଳେ ଦୁଃଖ ଜାବତେ ଯହିଁ ତହିଁ କାହିଁ
ବା ସ୍ଥାନ ସୁଖର । ୧୦୮ । ସକଳ ଋତୁତ ସେ ବନେ ପୂଳ । ତହିଁ ବହିରନ୍ତ ଅବନୀ-
ପାଳ । ତା' ଗୃହିଁ ଏମନ୍ତ ଅଟେ ମଣ୍ଡଳ । ମିତ ମଧୁରୁଲେ ବଡପଡତଳ । ଭଜ
କେଳୁ ଧର କଟେ । ଦ୍ରୁମ-ଆଳବାଳ-ଜଳେ କୁତୁହଳେ ଛାଡ଼ବାକୁ ମନ କରେ ।୧୦୯।
ଏକାଳେ ବଲ୍ଲରୀବାଳୀ-ନୃତ୍ୟର—। ଗୁରୁ କୁସୁମଗୁରୁଗନ୍ଧଗୌର । ସମୀର
ମକରନ୍ଦଗନ୍ଧ ବାହୁ—। ପ୍ରବାହେ ସଧୀରେ ସ୍ନାହାନ କର । ଧୀର ଧୀର ହୋଇ
ଆସି । ଦଣ୍ଡଧର ସେବା ସବଧିରେ ଲଭି କରବାରେ ଗଲା ରସି । ୧୧୦ । ତହୁଁ
ନୃପନେନ୍ଦ୍ର ଏକ ତଡ଼ାଗେ । ବନେ ଭ୍ରମୁ ଭ୍ରମୁ ପଡ଼ିଲା ବଗେ । ପୁଣି ମନ୍ଥନ ଭୟେ
ସରସ୍ୱାନ । ପୂର୍ବସଞ୍ଚିତ ବର୍ଦ୍ଧିତ ରତନ—। ତକ ଯତନେ ଘେନାଇଁ । ସେ ତଡ଼ା-
ଗର ଗଭୀର-ଗର୍ଭେ ଲୁଚିଥିଲା ପରା ପ୍ରତେ ହୋଇ । ୧୧୧ । ହେଲେହେଁ ନୀରେ
ଯତନେ ବଳ୍ମାନ । ଶେଷପୁଚ୍ଛକଚ୍ଛ-ସ୍ୱଚ୍ଛବରନ । ଅଇଗ୍-ବତର ରଦଶୀଖର ।
ମୃଣାଳ-ଛଳରେ ବାହାର ଉପର । ଫିଟି ବାହାର ହୋଇ ଦିଶେ । ତଳଭୂମି ଭେଦ
ଥିବାରୁ ଅପରଅଗଣ୍ୟା ନ ରଖେ ଲେଶେ । ୧୧୨ । ବନ୍ଧା ହୋଇଛନ୍ତି ବାଞ୍ଛାଏ
ଘାଟେ । ପଡ଼ିଛି ତାଙ୍କ ବମ୍ଭ ସରଜାରେ । ନୀର ସହିତରେ ନାଚ ସେ ଛାଇ ।
ଯାଉଛି ସହସ୍ର ସହସ୍ର ହୋଇ । ଏଣୁ ଉଚ୍ଚୈଃଶ୍ରବା କୁଳ । ଘାଟକଶାଘାତେ ତହିଁ
ତରଛିଲା ପରାଏ ଦିଶେ ମଞ୍ଜୁଳ । ୧୧୩ । ଘଟେ ବକଚ ଶ୍ୱେତ-ସରସିଜ ।
ରସିଛନ୍ତି ତହିଁ ଅଳି-ସମାଜ । ମଧ୍ୟ ଦିଶୁଅଛି ତାର ଅସିତ । ତା' ଗୃହିଁ ନ ବସ୍ତୁ
ଛବ କେ ଚନ୍ଦ୍ର । ଏ ସାଗରେ ଶଶିରାଶି । ଆପଣା-କଳଙ୍କ କୋଳରେ ଅଦର
ଛଳେ ଉଠିଛନ୍ତି ଭାସି । ୧୧୪ । ତହିଁ ସରୋରୁହଜାଳ ରୁଳୁ ହରତ । କମଳାଳୟ ସେ
ଉଭୟ ମତ । ରଥାଙ୍ଗେ ପୁଣି ଅତି ମନୋହର । ଅଛି ମୃଣାଳଶେଷନାଗ ତଳ ।
ଏଣୁ ଏଥି ସିନ୍ଧୁ ଲୁଚ । ନାହିଁ ବୋଲି ଯେହୁ କହେ କି କହିବା ତାହାକୁ ନ ଦିଶେ
ପାଷ୍ଟ । ୧୧୫ । ତରଙ୍ଗତରଙ୍ଗିଣୀମାନେ ଏଥି । ଆସି ମିଶୁଛନ୍ତି ଦିବସ ରାତି ।

Digitized by srujanika@gmail.com

ଅଳପବିକସିତକୋକନଦ—। କନକାବ୍ଜର୍ପ୍ରବାଳସମ୍ପଦ । ବନେ ଅବର ଅଛନ୍ତି । କର ବଗୃର ସୁଧୀରେ ଧୀରେ ବାରେ ଏମନ୍ତ ଯେ ସେ କ ମତ । ୧୧୬ । ସିତା-ସିତ ମହାପଙ୍କଜବ୍ରାତ । ବିକଣ-ବାର ଏ ନୃହଇ ଯତ । ଗର୍ଭେତ କାଳ-କୂଟ କଳାନିଧି । ବେନିଙ୍କି ଯତନେ ଅଛି ସମ୍ପାଦ୍ଧ । ତାଙ୍କ ଶୁକ୍ଳ ନୀଳ କାନ୍ତି । ନୀରଆବରଣ କାର୍ଣ୍ଣ ବା ରେଖିବ ତେଣୁ ଫିଟି ଦିଶୁଛନ୍ତି । ୧୧୭ । ଶୈବାଳ ବିକ୍ଷିପ୍ତ ତରଙ୍ଗବେଗେ । ତରଙ୍ଗ ତରଙ୍ଗ ହେଉଛି ରଙ୍ଗେ । ଏହା ଯେ ବୋଲେ ସେ ନଜାଣେ ନିଶ୍ଚେ । ସାଗରେ ବାଡ଼ବାଗ୍ନି ଥିବା ସ୍ୱଚ୍ଛେ । ଏ ସିନା ସେ ବହ୍ନି-ଧୂମ । କୁଣ୍ଡଳିତ ହୋଇ ଊର୍ଦ୍ଧ୍ୱକୁ ପ୍ରସର ଦିଶୁଅଛି ମନୋରମ । ୧୧୮ । ସୂନ୍ଦଦର୍ଶନେ କଣ୍ଟକାଇ ଅଙ୍ଗ । ମହା ଆମୋଦକୁ ପ୍ରକାଶି ବେଗ । ଶମ୍ବରକୁ କର ଶିଖି ମନ୍ଦର । ଏ କେ ନାଚୁଅଛି ନୀର ଉପର । ଗେଲେ ଗେଲେ ଧୀରେ ଧୀରେ । ଯାକୁ ପଦ୍ମସନା କହିବେ ଅପୂର୍ବ ଦେଖି ନଥିଲାକୁ ନରେ । ୧୧୯ । ନୀର-ତରୁଙ୍କ ପ୍ରତିବିମ୍ବ ଜଳେ । ପଡ଼ ନାଚୁଅଛି ତରଙ୍ଗ ତୁଲେ । ବୋଇଲେ କେ କପିଁ କରିବ ସତ । ଶୁଣିଲା ଉତ୍ତରୁ ଏତେ ଚରିତ । ନିଶ୍ଚେ ସେ ତର୍କିବ ମନ । ଗର୍ଭ-ଗୁପତ ମୈନାକ ପର୍ବତର ଏକା ଏ ପକ୍ଷକମ୍ପନ । ୧୨୦ । ଏମନ୍ତେ ସାଗର ଗୃଭୁସି ଶ୍ରେସି- । କାଶ କ୍ରୀଡ଼ାସରେ ସେ ଦଣ୍ଡଧାରୀ । ଦେଖିଲେ ହିରଣ୍ମୟ ହଂସ ଏକ । ହଂସୀ କଳ-ସ୍ୱନେ ହୋଇ ଉତ୍ସୁକ । ତା' ପାଶେ ଯାଉଛି ଧୀରେ । ଅଭୁତପୂର୍ବ ଏ ବିଚିତ୍ର ବିହଗେ ବିଲୋକି ବିସ୍ମିତ ହେଲେ । ୧୨୧ । ଚଞ୍ଚୁ ଚରଣ-ଯୁଗଳ-ଛଳର । କାମ ବିଜୟିତ-ପ୍ରେମ-ଦ୍ରୁମର । ପଲ୍ଲବ-ଯୁଗ-ଯୁତ-ନବାଙ୍କୁର— । ପରାଏ ରକ୍ତ-ଲାଳସୀ ପ୍ରିୟ୍ୟୁର- । ପାଇକ ହୋଇଛି ଯେହ୍ନ । ବେଶି ବର୍ଣ୍ଣିବାକୁ ବଚି ତାର ରୂପ ଆଉ ଭାଷା ନ ଦିଶଇ । ୧୨୨ । ନାହିଁ-ନଥିବା ରୂପବନ୍ତ ଖଗେ । ମର୍ତ୍ତ୍ୟ-ମହେନ୍ଦ୍ର ବିଲୋକନ୍ତେ ବେଗେ । ହୁହୁଁ ଦମୟନ୍ତୀ-ବିରହ-ଜାତ । ସନ୍ତାପ କ୍ଷଣେ ହେଉ ଅନ୍ତରିତ । ସେ ସ୍ଥାନ ବସିଲା ମାତ୍ର । ବନେ ପ୍ରବଳ-କୁତୂହଳ ଚପଳେ ନିଜ ଅଧିକାର ଲୋଡ଼ା । ୧୨୩ । ଅବଶ୍ୟମ୍ଭାବୀ ବିଷୟ-ନିକରେ । ବିଧାତା-ବିଧିକ କେ ରୋଧି ପାରେ । ହେଉଥିବ ତାର ଯେମନ୍ତ ଗତ । ଏ ବିସ୍ମନିବାସୀ ପକ୍ଷିଣୀ-ତତ । ବାତ୍ୟା-ବେଗେ ତୃଣବତ । ନିରୁପାୟ ହୋଇ ତାର ତୁଲେ ଧାଇଁଥିବେ ଏ କଥା ନିଶ୍ଚିତ । ୧୨୪ । ଏକାଳରେ ସେ ସରୋବର-ତୀରେ ।—ରତଶ୍ରମଜାତ-ଅବସାଦରେ । ଅତି ଅଳସରେ ମସ୍ଳ-ବର । ଶୟନ-ସୁଖ ସମ୍ଭୋଗେ ତତ୍ପର- । ହୋଇ ଏକପଦେ ରହି । ନିଦ୍ରାଗଲା ଗ୍ରୀବା ବୁଲାଇ ମସ୍ତକ ପକ୍ଷ-ସନ୍ଧିରେ ଲୁଚାଇ । ୧୨୫ । ନିଷଧାଧିପବଦନତେଜରେ । କାଞ୍ଚନ-ଅମ୍ବୁଜ ନିଜ ଓଜରେ । ହସଇ ଲାଜରେ ମୃଣାଳ-ଚୂଳେ । ଲୋକ ରହିଅଛି ଜିବା ସଲିଳେ । ସଲିଳମଣ୍ଡଳେଶର । ବିଦ୍ରୁମଦଣ୍ଡମଣ୍ଡିତଶୁଭ୍ରହେମଗୃମର ସେ

Digitized by srujanika@gmail.com

ହଂସବର । ୧୨୬ । ଉତ୍ତର ବାଳବରୁ ମହାରାଜ । ମସ୍ତାତଳେ ଦେଉ ପଦସରୋଜ । ତହିଁ ତ ଉପାନହ ରହିଅଛି । ନା' ଚାହିଁ ଚଉକୁ ଏତେ ଅସୁଛି । ବନେତ ପଦ୍ମ ପ୍ରବାଳ । ଛନ୍ତି ତାଙ୍କ ଭୁଲେ ଯୁଝିବାକୁ ଏକ ଲାଇଛ ବର୍ମମଞ୍ଜୁଳ । ୧୨୭ । ଖେଳ ଧରିବା-ଆଶାରେ ରାଜନ । ତନୁ ସଙ୍କୁଚାଇ ଦେଇ ବାମନ- । ଅବତାରର ସର୍ବଶୋଭା ହରି । ଧୀରେ ନିଶବଦେ ପଦକୁ ଚାଳି । ପାଶେ ହୋଇ ପରବେଶ । ଦୀର୍ଘବାହୁ ବଶେ ଇଷତ ଦୂରରୁ ସ୍ୱକରେ ଧରିଲେ ହଂସ । ୧୨୮ । କଳେବରର କର ଲାଗିବା ମାତ୍ରେ । ହେଲେକ ଧରା ବୋଲି ଚକିତ ଚିତ୍ତେ । ଉଡ଼ିଯିବା ପାଇଁ ଯତନ କରି । ଶେଷେ ବନ୍ଧନୁଁ ନପାରି ଉଦ୍ଧରି । ନିରାଶେ ନରେଶ କର । ମୋର ନିରୋଧକ ଏ ଯେନା ବିଗ୍ରହ ଦଂଶିବାର କଲା ସାର । ୧୨୯ । ନରେଶ କରେ ହଂସବର ଦେଖି । ବିହଙ୍ଗ-ବର୍ଗେ ହୋଇ ଅତି ଦୁଃଖୀ । ଉଡ଼ି ପଳାନ୍ତେ ତାଙ୍କ ପକ୍ଷବାତ— । ଘାତେ ସରଜାର ଅନୁକମ୍ପିତ । ହୋଇଣ କରପଙ୍କଜ । ହଲାଇ ବାରେ କି ହେ ନରଶେଖର ଏ ହଂସା ଘାତ ବରଜ । ୧୩୦ । ମହା ମନୋରମ ହେମମରାଳେ । ବଞ୍ଚିତ ହେବାର ଚାହିଁ ପଲ୍ୱଲେ । ଏଥି ଆଉ ରହି କି କାର୍ଯ୍ୟ ଅଛି । ଏମନ୍ତ ବିଚାରି ଶିରୀ ମୂର୍ଚ୍ଛି । ବଜେ କାଳୁ ସରୋବରେ । ପାଦପଦ୍ମର ନୂପୁର ବାଜେ କୂଳେ କଳହଂସ-ସ୍ୱନ-ଛଳେ । ୧୩୧ । ମର୍ଯ୍ୟାଦା ଲଙ୍ଘି ଯାହାର ବିକ୍ରମ । ବିନା କାରଣରେ ନିର୍ଦ୍ଦୋଷ ଜୀବ । ହଂସଇ ରହିବାକୁ ତାର ପାଶ । କାହାର ଅବା ବଳଇ ମାନସ । ଏମନ୍ତେ ସ୍ୱନ-ବ୍ୟାଜରେ । ନିନ୍ଦି ଅବନୀ ବରଜ ନଭେ ଗଲେ ବିହଗେ ମହାରାଜରେ । ୧୩୨ । ଏଣେ ପକ୍ଷୀକି ଧରି ମସ୍ତାପତି । ଚାହିଁ ତାହାର ହେମମୟ କାନ୍ତି । ପ୍ରଶଂସନ୍ତି ପକ୍ଷୀକୁଳେ ଏହାର । ସଦୃଶ ନାହିଁ ନୋହିବ ସୁନ୍ଦର । ଏକାଳେ ତାହାଙ୍କୁ ଚାହିଁ । ମାନସ-ନିବାସୀ ସେ ହଂସ ଭାଷଇ କରି ପଞ୍ଜରରେ ରହି । ୧୩୩ । ବୋଲେ ହଂସ ହେ ବସୁନ୍ଧରାପତି । ବିଲୋକ ମୋର ହେମ-ପକ୍ଷତତି । ଲୋଭେ ତୁମ୍ଭ ଚିତ୍ତ ହେଲା ଚଞ୍ଚଳ । ଧିକଧିକ ତାକୁ ସହସ୍ରବାର । ଏ ମୋ ପକ୍ଷ-କନକରେ । କେତେ ବା କମଳୋଦୟ ସମ୍ଭବ ତବ କୋଷ ରତ୍ନାକରେ । ୧୩୪ । ମୋ ବିନାଶେ ଜୀବହତ୍ୟା କେବଳ । ନୋହିବଂ ଏକା ବିଶ୍ୱର ଭୂପାଳ । ବିଶ୍ୱାସୁଁ ଯିନା ତୁମ୍ଭ ଦରଶନେ । ନ ଯାଇ ଶୋଇ ଥିଲି ମୁଁ ଏ ସ୍ଥାନେ । କଲେ ବିଶ୍ୱାସ ବଇରି । ତାକୁ ସେ ନାଶେ ନୁହେ କପେ ନିନ୍ଦିତ ବୁଧେ ବୁଝ ବାରେ ବାରି । ୧୩୫ । ଯମରେ-ଉଦ୍‌ଭଟଭଙ୍ଗ ପଙ୍କଜ । ପଦେ ପଦେ ବିଶ୍ୱେ ପୂରି ଅଛନ୍ତି । ଏ ହଁସା ରସ ନ ମେଣ୍ଟେ କି ତହିଁ । ହେ ଶାରକେଶରୀ ନିଷଧସାଇଁ । ତୁମ୍ଭ ବିକ୍ରମକୁ ଧିକ । ନିସଙ୍ଗ୍ରସ୍ତ କୁପା-ପାବ ପତ୍ରିବିରେ ନାହିଁ ଯା ଦୟା ଲେଶେକ । ୧୩୬ । ଜଳଜାତ-ଫଳ-ମୂଳ-ନିବହ । ଖୋଜ ଲୋଡ଼

Digitized by srujanika@gmail.com

ମୁହିଁ ପାଳଇ ଦେହ । ମୁନ-ବୃତ୍ତିରେ ତ ବନ୍ଧେ ଜୀବନ । ନ ବନ୍ଧେ ହଂସା କାହିଁ କଦାଚନ । ଦଣ୍ଡଧାରୀ-ପଣ ମୋରେ । ପ୍ରକାଶ ଯାହା ତବ ପଢ଼ୀ ପୃଥ୍ୱୀ ନ ଛମକ୍ଷେ କ ଲଜ୍ଜାରେ ।୧୩୭। ଯୁକ୍ତି ଯୁକ୍ତ ଅତ-ପଟୁତ ଚିର । ଛିଡି ନରେଶଙ୍କୁ ସେ ହଂସବର । ଦେଇ ବୁଡ଼ାଇ ଲଜ୍ଜା ବସ୍ତୁ ମୂରେ । ତହୁଁ ତାଙ୍କ ଚତ୍ତ୍ୱ ଦୟାସାଗରେ । ନଜ କରୁଣ-କାହାଣୀ—। ତରଙ୍ଗିଣୀକ ତରଙ୍ଗାଇ ଅଣାଇଁ ଦେଲା ମିଶାଇ ପେଷଣି ॥ ବେଲେ ହେ ବଧ୍ଧ ଭୂତ ସଙ୍କାତା । ତୋତେ ଅଜଣା ଅଛି କେଉଁ କଥା । ବୃଦ୍ଧା-ଜନନୀର ମୁଁ ଏକପୁତ୍ର । ନବ-ପ୍ରସୂତ ମୋ ସତୀ କଳତ୍ର । ଏ ଦୁହିଙ୍କ ଗତ ମୁହିଁ । ମୋତେ ଯା ମରଣ ଦେଉଛୁ ଜାଣିଲି ତୋ ହୃଦେ କରୁଣା ନାହିଁ ।୧୩୯। ଏ ମୋର ବନ୍ଧନ ବପତ୍ତି ଦେଖି । ସଙ୍ଗ ସଖାଏ ହୋଇ ଅତ ଦୁଃଖୀ । ଫସାର ନାଦ ଲୋତକ ତେଜବେ । ପୁଣି କାଳବଶେ ପାଶୋର ଦେବେ । ଏକା ଗୋ ଜନନୀ ତୋର । ପାଇଁ ନରନ୍ତର ଦୁସ୍ତର ହୋଇବ ସୁତ-ଶୋକ-ପାରବାର ।୧୪୦। ମୋ ପାଇଁ ମୃଣାଳ-ଭ୍ରମେ ମନ୍ଥର । ପଡ଼ ଅଛନ୍ତି ଅଉ କେତେ ଦୂର । ବାନ୍ଧବ ତୁ ପୁଚ୍ଛିଁ ଏମନ୍ତ ବୋଲି । ଶୁଣି ତେଜବେ ଖଗେ ନେତ୍ରବାର । ତା' ତ ତୁ ଦେଖିବୁ ନେହେ । ତେତେବେଳେ ତୋର ଚତ୍ତ୍ୱ କ ହୋଇବ ଜୀବତ ଥିବ କ ଗାହେ ।୧୪୧। ସେ ମୃଦୁଶୀତଳ ପ୍ରିୟା ଶରୀର । ନର୍ମାଣିଛ ପରା ବହ୍ନ ତୋ'କର । ସେ ବାଳା ତହୁଁ ବଯୋଗୀ ହେବାର । ଏ କପାଳ-ଫଳ ନଷ୍ଠୁର୍ଶର । କେହ୍ନ ଲିହନ୍ତୁ ମୋ ଭାଲେ । ଏ ବକ୍ଷ ଫସାରେ କେହ୍ନ ନଦାରୁଣ ନ ଥିବେ ତୋହର ତୁଲେ ।୧୪୨। ମୋ ସହଚର-ହଂସଙ୍କ ବଦନୁ । ଏ ମର୍ମଘାତ ବାର୍ତ୍ତାକୁ ସୁତନୁ । ଶୁଣି କ କ ହୋଇ ଯାଉ ନ ଥିବୁ । ସରଳା ଅଙ୍କୁ ତୋର ସୁଖ ସବୁ । ଗୃହେଁ ଥିଲେ ଦଶଦଶେ । ଶୂନ୍ୟ ବନା ଅନ ନୟନେ ତୋ ଧନ ତହିଁ ନ ଦିଶିବ ଲେଶେ ।୧୪୩। ଲଭିଲୁ ଯେଉଁ ଦାରୁଣ ଜଷଣ । ସଖା ମୁଖୁଁ ଶୁଣି ରେ ଜୀବଧନ । ଲଭିବୁ ଯେବେ ତୁ ଦଶମ ଦଶା । ଯିବ ମୋର ସବୁ ଅଶା ଭରସା । ବଞ୍ଚିବେ କ ଶିଶୁ ସୁତେ । ମଲିଣିତ ମୁହିଁ ପୁଣିହିଁ ରେ ସହ୍ନ ଏ ବହ୍ନ ମାରିବ ମୋତେ ।୧୪୪। ସେ ମୋ ଚରକାଳ କାମନା ଫଳ ଫଟି ନ ଥିଲା ତ ନେହ ତାଙ୍କର । ଅତ ବାକୁଚ ସେ କ୍ଷୁଧା ବକଳେ । ଯାଉଥିବେ ଗଡ଼ କୁଲାୟ କୋଳେ । ତୋ ଭରହେ ପ୍ରିୟ-ସଖା । ଦରଦ୍ର-ରତନ ସେ ମୋର ନନ୍ଦନ ନମିଷେ ବଞ୍ଚିବେ ନାହିଁ ।୧୪୫। ଅହା ରେ ସ୍ନେହ କର ଚୁଁ ଚୁଁ କାର । କାହାକୁ ଡାକବ ଅଉ ଏଥର । କା ପାଶେ ଅବା କମ୍ପାଇବ ମଥା । ନ ଥିବ ତୁମ୍ଭେ ଥିବ ତୁମ୍ଭ କଥା । ଏତେ ବୋଲିଁ ଗଲା ମୋହ । ପୁଣି କ୍ଷଣକେ ଚେତଲା ଅଙ୍ଗେ ବାଜିଁ ନୃପ-ଲୋତକ-ପ୍ରବାହ ।୧୪୬। ସେ ପ୍ରାଣବନ୍ଧୁ-ନଳ-ମରାଳ । ଅବଲୋକ ମରାଳର ବକଳ । ସହ୍ନ ନ ପାର ବୋଇଲେ ହେ ହଂସ । ଯେଉଁ ଦଶକୁ ବଳୁଛ

Digitized by srujanika@gmail.com

ମାନସ । ସେ ଧବଳ ସାନନ୍ଦେ ଚଳ । ରୂପ ଦରଶନେ ଯିବା ଧରିଥିଲି ଇଚ୍ଛା ତ ପୂରିଛି ମୋର ।୧୪୭। ରଙ୍କଗତିରେ ସଙ୍ଗ-ବିହଙ୍ଗମେ । ଅସ୍ତୁଁ ତ ଉଡ ବୁଲୁଥିଲେ ବ୍ୟୋମେ । ହଂସ ମୁକ୍ତିକି ତାଙ୍କ ବିକ୍ଷଗତି । ବହିଲ୍ୟ ଏବେ ନିଗ୍ରଜନା-ଶିତ । ତାଙ୍କ ନେତ୍ରୁ ଶୋକଜଳ । ପରିବର୍ତ୍ତେ ଆନନ୍ଦାଶ୍ରୁ ବୁହାଇଲି ନୃପେ ମୁକ୍ତ ଏ ନଗ୍ରଳ ।୧୪୮। କବିରାଜ-ରାଜ-ମଥା-ମୁକୁଟ— । ମାଣିକ୍ୟ ଶ୍ରୀଧର ଧୀର ପ୍ରକଟ । ମାମଣ୍ଡି-ଦେବୀ-କୋଳେ ଜାତେନ୍ଦ୍ରିୟ । ଶ୍ରୀହର୍ଷ ନାମେ ତାହାଙ୍କ ତନୟ । ବ୍ରହ୍ମଜ୍ଞ-ପଣ୍ଡୁ ଏ କାବ୍ୟ । ହରିଚନ୍ଦ୍ର ଗୋପୀନାଥ ବଦନ୍ତି ଦୋଷ ନ ଦେଖିବ ଭବ୍ୟ । ୧୪୯ ।

—✽—

ଦ୍ୱିତୀୟ ଛାନ୍ଦ ।

[ରାଗ—କାମୋଦୀ ।]

ଶୁଣ ହେ ସୁଧୀରେ ସଧୀରେ ବିଧିରେ ରସ ଏ ଉତ୍ତରୁ । ଜଗତ-ପତି ପୁରୁଷୋତ୍ତମ ନଳ-ଭୂପତି-ଭୁଜରୁ ॥ ଲଭି ମୁକତି ସେ ହଂସ ଦ୍ୱିଜ ଅତି ହୋଇଲା ହରଷିତ । ସେ କାଳ-ସମ୍ଭବ ତୋଷ ତା ନୋହିବ ବଚନେ ବ୍ୟକତ । ୧ । ଫୁଲଇ-ଦେଇ ତନୁ-ରୁହ-ତତିକି ଅଙ୍ଗ ପୁଲକାଇ । ଝାଡ ହୋଇ ପଡୁଥାଇ ବାରମ୍ବାର ଗେଲାଇ ଗେଲାଇ ॥ ହେବାରୁ ଧବଳ ଧବଳପତି-ଶୀକରେ ଅଳସ ପକ୍ଷକୁ । ସାଉଟି-ପକାଉ-ଥାଏ ତରତରେ ଦକ୍ଷିଣ ଚଞ୍ଚୁକୁ । ୨ । ମୁକତି ଲଭିବା ମାତ୍ରକେ ଭୂପତି-ଭୁଜରୁ ଝଟତି । ଉଡ଼ୁଥିଲି ଅନ୍ତରୀକ୍ଷେ ପକ୍ଷୀ କୁଳାୟେ କଲା ଯାଇ ସ୍ଥିତି ॥ ବସି ତହିଁ ପକ୍ଷ-ସନ୍ଧି-ମଧ୍ୟ-ଦେଇ ଏକପଦ ଗୃହ୍ଣ । ଶିର-କଣ୍ଡୁତି-ପିଣ୍ଡ ଦଣ୍ଡି ଖଣ୍ଡିଲା ନଖର ପ୍ରହାର । ୩ । ପକ୍ଷ-ବୃକ୍ଷ-ଦୁର୍ଗ-ଆଶ୍ରୟ-ବଶରୁ ଦୁଃସହ ବିଶେଷ । ଦେହ-ଦଂଶନ ବିଷୟେ ନିରୁପମ କଟୁ କୀଟ-ବଂଶ ॥ କଣ୍ଡୁତି-ପଣ୍ଡିତ-ପଟୁ-ଚଞ୍ଚୁପୁଟ-କୋଟିକୁଟ-ନରେ । କାଟି-ପକାଇ ତୁଟାଇ-ଦେଲା ଅଙ୍ଗ-କଣ୍ଡୁତି ଧାତିରେ । ୪ । ବସ୍ତୁଁ ବସାରେ ଯାଇ ସେ ହଂସ ତାର ଦର୍ଶନ ଲାଳସେ । ସତ୍ତ୍ୱୁଁ ସତ୍ୱର ଆସିଲେ ତା ପାଶରେ ଆନ ପକ୍ଷୀ-ବଂଶେ ॥ କର-ଗ୍ରହଣ-ବଶୁଁ ଜାତ ବିକୃତି ଅଙ୍ଗେ ତା ବିଲୋକି । ଶଙ୍କି ପଳାଇଲେ ଉଡ ସେ ଆକାଶେ ହୋଇ ଢକା ଢକି । ୫ । ପୁଣ ବସାରୁ ନିରେଖ କରେ ଉଡ଼ି-ଅଇଲା ସେ ହଂସ । ଅରକ୍ତବର୍ଣ୍ଣରୁ ଏ କୋକନଦ ବୋଲି ଭ୍ରମେକ ମାନସ ॥ ଶୈବଳାଙ୍କିତା ପଦ୍ମର ସ୍ୱଭାବ-ସିଦ୍ଧିତ ଅଟଇ । କରପଦ୍ମେ ଭ୍ରାନ୍ତ-ଭ୍ରମର-ବୃନ୍ଦାକ୍ଷେ ସେ ଶୋଭା କି ନାହିଁ । ୬ । କରେ ଆସି ସେ ହଂସ ବସୁଁ

Digitized by srujanika@gmail.com

ନବେଶ ହୋଇ କୁତୁହଳୀ । ବଗୃବନ୍ତ କାହିଁ କେବେହେଁ ଦେଖାତ ନ ଥିଲା ଏ ଭଳି ॥ ଧରିଥିଲ କଣ୍ଟକାଳ ବୋଲି କରେ ଗର୍ଭ ଏ ଭରସି । ନୋହିଲେ କି ମୀହୁଁ ଉଡ଼ ଆସି ମୋର କରେ ଥାନ୍ତା ବସି । ୭ । ଏମନ୍ତେ ନୃପତି-ମତିକି କୁତୁକ-ସରିତ ପତିର । ଅମୃତମୟ ଉର୍ମିରେ ନମଜ୍ଜାଇ ସେ ମରାଳ-ବର ॥ ତରିବା ପାଇଁକି ଶ୍ରବଣ ଦୁହିଙ୍କି କଳଶ କରାଇ । କରଇ ବଚନ-ରଚନ ରାଜନ ବଦନକୁ ଚାହିଁ ।୮। ଅହେ କାମ-ଅଭିରାମ ନୃପ ଧର୍ମ-ମର୍ମ ସୁବିଜ୍ଞରେ । ବିଚକ୍ଷଣ ନୃପେ ନିନ୍ଦ ନାହାନ୍ତି ମୃଗୟା ବେଭାରେ ॥ କରି କରଗତ ମୋତେ ଯା ମୁକତ କଲ ମହୀପାଳ । ଏ ଦୟା-ଉଦୟ ହେଲା କର ତୁମ୍ଭ ଧର୍ମ ସମୁଜ୍ଜ୍ୱଳ । ୯ । ନିତ ନିବାସ-ବୃକ୍ଷକୁ ନାନା ବାଗେ ପୀଡ଼ନ୍ତି ଛନ୍ଦରେ । ଜାତି-ପ୍ରୀତି ତେଜ ଦୁର୍ବଳଙ୍କୁ ମୀନେ ଗରାସନ୍ତି ବେଗେ ॥ ମୃଦୁ ନିଷାଦ ତୃଣକୁ ମୃଗଚୟ ଅଦୋଷେ ଭକ୍ଷନ୍ତି । ଏଣୁ ମୃଗୟାରେ ଜୀବ ହିଂସି ଦୋଷୀ ନୁହନ୍ତି ଭୂପତି । ୧୦ । କହୁଛି ବହୁତ ଅପ୍ରିୟ ଗିରତ ତହୁଁ ତବ ଚିତ୍ତେ । ସଞ୍ଜାତ ବ୍ୟଥାକୁ ବିନାଶି ବାଞ୍ଛୁଛି ଏବେ ବାକ୍ୟାମୃତେ ॥ ପ୍ରଖର-ତାପରେ ପାଦପ ନିକରେ ସନ୍ତାପିତ କରି । ଶେଷେ ତାଙ୍କ ତାପ ହରିଥାନ୍ତି ଅପ ଦେଇ ଯଥା ହରି । ୧୧ । ଅପେ ଉପସ୍ଥିତ ଅଯାଚିତ ହିତ ପଦାର୍ଥ ତ୍ୟକତ । କରିବା ହେ ନୃପ-ଶେଖର ତୁମ୍ଭର ନୁହଇ ଉଚିତ ॥ ଅପରିଚିତ ନୁହଇ ତୁମ୍ଭ ମୁଁ ତ ଦେଖୁଛତ ଶୁଚି । ମୋ ଦାନ ପ୍ରତି ଗ୍ରହିବାକୁ ତୁମ୍ଭଙ୍କୁ ସଞ୍ଚିଛି ବିରଞ୍ଚି ।୧୨। ସ୍ଥିର ନଭ ଚର-କୁଳେ ଜାତ ମୋର ତୁମ୍ଭେ ଧରାପତି । ଉପକାରକୁ ତୁମ୍ଭର ନାହିଁ ମୋର ଜାଣୁଛି ଶକତି ॥ ତଥାପି ତବ କରୁଣା-କଣା ଲଭି ଉତ୍କ୍ଷିପିତ ଚିତ୍ତ । ମୋ ନୁହଇ ଦୂର ତବ ଉପକାର ନ କରି କୁତ୍ସିତ । ୧୩ । ଉପକାରିର ଉପକାର ତୁରିତ ନିଜ-ଅନୁରୂପେ । କରିବା ବିହିତ ଏ ବିଧି ଖ୍ୟାପିତ ଲୋକସ୍ଥିତି ବ୍ୟାପେ ॥ ସେ ଉପ-କୃତିର ଲଘୁ ବା ଗୁରୁତା ଉପକୃତ ଜନ । ନ ଘେନଇ ଚିତ୍ତେ ଯେଣୁ ଉପକୃତେ ନ ଥାଇ ତା ମନ ।୧୪। ପକ୍ଷୀ ହିନା ମୁଁ ଯୁକ୍ତ-ସହ ହୋଇବ କେହ୍ନ ମୋର ଗିର । ତଥାପି ଏଥିରେ ଯୁକ୍ତ ନୋହିବ କି ଶ୍ରବଣ ତୁମ୍ଭର ॥ ପକ୍ଷୀ-ବାଣୀ ବୋଲି ଯେବେ ଅନାଦର ହେବ ବା ମୋ ଗିରେ । ଘୋଷାଉ ଥାନ୍ତି ପୋଷି କାହିଁ ଯତନେ ତେବେ କୀରେ ନରେ । ୧୫ । ଅରିର-ନିକର-ଗିରେ ନାମ ଯାର ହୋଇଛି ସାର୍ଥକ । ଲଭିନ୍ତି ଜନ୍ମ ସେ ଭୀମ-ନାମଧାରୀ ବିଦର୍ଭ ନାୟକ ॥ ପତି ପଣେ ବସୁମତୀ ଲଭିଥାନ୍ତି ବାସବ-ପାଳିତା । ଅମରାବତୀକି ମତିକି ନ ଆଣି ହାସ-ରସେ ରତା ।୧୬। ଅତି-ପ୍ରୀତ-ତଥ୍ୟ-ବାଞ୍ଛା-ଯତିବର-ଦମନ-ପ୍ରସାଦେ । ସେ ବିଦର୍ଭ-ପତି ଭୀମ ଲଭିଛନ୍ତି ତନୟା-ସମ୍ପଦେ ॥ ଭୂତ ଭବିଷ୍ୟ ବର୍ତ୍ତମାନ ଏ ତିନି କାଳେ ତା’ ସମାନ । ନାଗ-ନର-ସୁର-ପୁରରେ ଦୁର୍ଲଭ ବନିତା-ରତନ । ୧୭ । ଭୁବନ ଜୟର ଅସୀମ-ସୁଷମାବତୀ ବାମାକୁଳ । ତା’ ଶୋଭା ସମ୍ପଦ ତିଳ ତୁଲେ ତୁଳ ହୋଇ

Digitized by srujanika@gmail.com

ହେଲେ ନଳ ॥ କାମିନୀଙ୍କ କମନୀୟତା ଦମନ କରିବାରୁ ତାର । ନାମ ଦମୟନ୍ତୀ
ହେଲାକ ନୃପତି ମତିରେ ବିଚାରି । ୮ । ଗୁଣସାଗର ଯେ ଭୀମ ନରବର ଏ ତାଙ୍କ
ତନୟା । ଏଣୁ ନିଶ୍ଚୟ ରତ୍ନାକର ହୃଦୟ ଯେ କମଳାଳୟା ॥ ବୋଲିବ ବା ଦେଖି
ନାହିଁତ ମୁଁ ତାଙ୍କୁ କଳିବି କେମନ୍ତେ । ଦୂରେ ଥିଲେହେଁ ହରଶିରଶଶିଙ୍କ କେ ନ
ଜାଣେ ହାଦେ । ୯ । ଧୀର-ମଣ୍ଡଳମନ୍ତ୍ରନଶ୍ୱର ଯେ ତ ତା' ଚିକୁର-ଶୋଭା !
ବର୍ଣ୍ଣି ପାରିବାକୁ ବିହଗଭଣିତେ କାହିଁ ଶକ୍ତି ଅବା ॥ ପଶୁ ଯାହାକୁ ପଚ୍ଛେ ପୁଚ୍ଛେ
ରଖିଛି ଯେ ଚମରଭାର । ଏ କେଶ-ତୁଲେ ତୁଳିବ ଅବା ସେହି ନାହିଁ ଛାର
ଯାର । ୧୦ । ବାମ-ଲୋଚନାର ବିଶାଳ-ଲୋଚନ-ଚତୁରିକ ଚାହିଁ । ଏଣଲକ୍ଷଣ
ଭୟେ କ୍ଷଣେ ମୁଦ୍ରିତ କ୍ଷଣେ ବିକଶଇ ॥ ଯୁରକଣ୍ଡ୍ର ସୂନ ଛଳରେ ହରିଣ ବିହ ବିହ
ଭୋଳି । କରୁଥାଏ ଅଭ୍ୟାସନା ତାକୁ ସିନା ଦେଇ ଦନ୍ତ ଖାଲି । ୧୧ । ପୈତ୍ର-ମାତ୍ର
କୁଳ ନୟନ-ଯୁଗଳ ରମଣୀ-ସୁଗୁଣ । ଏ ଅଦ୍ଭ ସକଳ ସେ ଭୀମ-ଭୂପାଳ-ପ୍ରକ୍ରିର
ଶୋଭନ ॥ ଶ୍ରୁତିଗାମୀତାରେ ଏତନ କଥାରେ କେ କା'କୁ ନ ହାରେ । ଏଣୁ
ଦମୟନ୍ତୀ ନିରୁପମା ଅତି ରମଣୀସଂସାରେ । ୧୨ । ନେତ୍ର-ଚତୁରିକ ହାରି ସରସିଜ
ଦଣ୍ଡିଛ ମଳିନ । ତିର୍ଯ୍ୟକ-ଜାତି ତ ହରିଣ ତା ନେତ୍ର ତହିଁକି ତୁଳନ ? । ଏକା
ରହିଅଛି ଖଞ୍ଜନ ତା ଗର୍ବ-ଗଞ୍ଜନ ପାଇଁକି । ବାଳା କୁତୁହଳେ ଲୋଚନ-ଯୁଗଳେ
କଜ୍ଜଳ ଲଗାଇକି ? । ୧୩ । ଅଧର-ବିମ୍ବ ନାମ ଯାହା ବହିଲା ସେ ନବୀନା-ଓଷ୍ଠ । ତହିଁ
ଦୋଷଥିଲା ପରି ତ ନୋହିବ କା' ଚିତ୍ତେ ପ୍ରକଟ ॥ ମୋହିବ ତର୍କ ଅଧର ବୋଲି
ସିନା ବଦନ-ଛଦନ । ବୋଲନ୍ତେ ବିମ୍ବେ ଅଧର-ବିମ୍ବ ନାମ ଖ୍ୟାତ ତା ଭୁବନ । ୧୪ ।
ଦିଶେ ଯା ଶଶାଙ୍କ-ଅଙ୍କରେ କଳଙ୍କ ସେ କି ସତେ ଶଶ । ସେ ବାଳୀ-ମୁଖ-ନିର୍ମାଣ
ପାଇଁ ଭଲ ବିଧାତା ବିଶେଷ ॥ ନେବାରୁ ଖୋଳ ମଧ୍ୟରୁ ସାରତତ୍ତ୍ୱ ଖାତେ ଅଛି
ହୋଇ । ସେ ଖାତ-ଗରଭ-ତାମସକୁ ଶଶ ସିନା ଲୋକେ କହି । ୧୫ । ଅବା ସେ
ନାରୀ-ପୁରନ୍ଦରୀ-ବଦନ-ନିରଞ୍ଜନ ପାଇଁ । ଶଶଧର-ଛଳେ-ସୁଧା ବିଲେପିତ ସର୍ବ ଧରି
ବହି ॥ କଳଙ୍କ-ଛଳେ ଗୋମୟ ତହିଁ ଚଳେ ରଖି ସଯତନେ । ଉଦୟ ଅସ୍ତ
ବ୍ୟାଜରେ ଭ୍ରମାଉଛି ସଧୀରେ ଗଗନେ । ୧୬ । ସୁନ୍ଦରପଣ-ପରୀକ୍ଷା ବିଷୟରେ
ସଚେତନ-ସମାଜ । ସେ ମୁଖକୁ ଯୋଖି ନୋହି ହାରି ବହିଛନ୍ତି ବହିଲାଜ ॥ ଛତ୍ର
ମସ୍ତକ ଉତ୍ତୋଳନ ଅଦ୍ୟାପି ତେଜ ସେ ନାହାନ୍ତି । ବିଚାରି ହେ ନରବର ନୂତେ ହିଏ
ପଦ୍ମଜନ୍ମ-ଘାତ । ୧୭ । ରତି-ପଞ୍ଚବାଣ-ବେନିଙ୍କ କମାଣ ତା ଭ୍ରୂଲତା ଦୁଇ । ବିଶ୍ୱ-
ବିଜୟୀ ବିଚାରି ମାନସରେ ନିର୍ଣ୍ଣେ ଛନ୍ତି ଉଭି ॥ ତୁଲେ ତିଳଫୁଲେ ତାଙ୍କେ ନ ପାରିବେ
ତା' ଉଚ୍ଚ ନାସିକା । ସେ ପୁଚ୍ଛାନଳର ଚୁଳି-ବିଘାତକୁ ତୁମ୍ଭେ ଭଲ ଏକା । ୧୮ ।
ଜଳଦୁର୍ଗଶ୍ରୀ-ମୃଣାଳ-ଚତୁରୀ-ବଳାଛି ଯା ଭୁଜ । କବଳୀକା ଯା ଛିତିଲ ମିଙ୍କବନ୍ଧୁ

Digitized by srujanika@gmail.com

ସରୋଜ-ସମାଜ ॥ ହେ ସାର-ଶେର-ମୁକୁଟ-ବରସ୍ଥାର ଏକା ଭୂମ୍-ଭୂଲେ । ଶୋଭିବ ସେ ହେମଗାତ୍ରୀ ଭ୍ରମପୂର୍ବୀ ସଙ୍ଗତ ଲଭିଲେ । ୨୯ । ଚତୁରାନନ ହେମରେଖା ବିରଚି ସେ ବର-ତନୁକୁ । ବେନଭାଗ କରିଦେଲେହେଁ ସେ ଦ୍ୟାସ୍ଥ ନ ଅଣି ମନକୁ ॥ ଶଇଶବ ଯଉବନ ବେଳକାଳ ବିବାଦ ଭିଅଇ । ଏକ କି ଅରକୁ ବୋଲଇ ଭୁ ପଳା ଅଧିକାସି ମୁହିଁ । ୩୦ । ବରାଙ୍ଗୀ ଅଙ୍ଗରୁ ବହେ ଯେ ଅଗାଧ ଲାବଣ୍ୟ-ପ୍ରବାହ । ସେ ତରଙ୍ଗିଣୀରେ ମକର-କେତନ ଯଉବନ ଦ୍ୱୟ ॥—କର ସଲିଲ ସନ୍ତରଣ ବିଳାସ ସହାସ୍ଥ ପରିଏ । ସଞ୍ଚ ଉଚ୍ଚ ଘଞ୍ଚ କୁଚ-କୁମ୍ଭ ବେନି ତାର ଶୋଭାପାଏ । ୩୧ । କଳ-ସେ ତ ଜନକ ହେତୁ-ଦଣ୍ଡଜାତ-ଚନ୍ଦ୍ରଭ୍ରମି-ଗୁଣ- । ଥିବାର ପଡିଲା ଏତେକାଳେ ଅସି ଜନଙ୍କ ନୟନ ॥ ଏ ବିତର୍କ ଏକା ଅପୂର୍ବ ମାନସେ ବିଳୋକ ବାଳର । କୁଚ-କଳସୁଁ ଚନ୍ଦ୍ରାକାରେ ସୁଷମା-ଝର ଝରିବାର । ୩୨ । ଚକୁର-ଗୃରୁତା ତାର ବିଲୋକନେ ନୀଳକଣ୍ଠ ପକ୍ଷୀ । ପୂଜିତ ମୋ ତୁଚ୍ଛହେଲା ବୋଲି ଷଟ୍‌ମୁଖ ଅଶ୍ରିଛକ ॥ କୁମ୍ଭୀ-କୁମ୍ଭ-ଦଳା ସେ କୁଚ-କୁମ୍ଭର ଅରମ୍ଭ ଅନାଇଁ । ଭୟେ ଐରାବତ ପୁଲୋମଜାକାନ୍ତ-ଅଣ୍ଡା ନ ତେଜଇ । ୩୩ । କରେ ଧରି ବିଧି ନିର୍ମାଣିଲା ବେଳେ ସେ ବରାଙ୍ଗୀ ଅଙ୍ଗ । ଚତୁରଙ୍ଗୁଳ ଉଦରେ ଚପି ହୋଇ ରହେ ତାନଦାଗ ॥ ତହିଁ ତ୍ରିବଳୀ ତା ଉଦରେ ବିଳସେ ଅଙ୍ଗୁଷ୍ଠର ଚିହ୍ନ । ପୃଷ୍ଠପଟେ ବିଧି ନିତମ୍ବ ଉପରେ ଦିଶଇ ଶୋଭନ । ୩୪ । ଅବା କେ କୁତୁକୀ ପକାଇ ମୁଷ୍ଟିକି ମପିଛି ଉଦର । ହେମକାଞ୍ଚି ଅଙ୍ଗୁଳିସ୍ଥିକନବହେ ଅତହିଁ ରୁଚିର ॥ ଅଙ୍ଗୁଳି ଚତୁର ସେ ମୁଷ୍ଟିର ଲାଗି ରହିଛି ଉଦରେ । ତାକୁ ବଳି ବୋଲି ବୋଲୁଛନ୍ତି କିଛି ନ ଜାଣିବା ନରେ । ୩୫ । ନିର୍ମାଣି ଅଗ୍ରୁ ଏକଚକ୍ର ଶତାଙ୍ଗ ସବିତାର ଧାତା । ପଛକୁ ମତ୍ସ୍ୟ-କେତନର ତେସନ ଜାତ କରି ଚିନ୍ତା ॥ ପୃଥୁକ ବର୍ତ୍ତୁଳ ନିତମ୍ବ ବାଳାର ଗଢ଼ିଛି ଯତନେ । ହୋଇଲେ ଏତେ ଗୁରୁତ୍ୱ କାହିଁ ତହିଁ ରକ୍ଷିହେବ ଅନେ । ୩୬ । ବିଶାଳ ଉରୁ-ଯୁଗଳତ ବାଳାର ମର୍ତ୍ତ୍ୟରମ୍ଭା-ଦମ୍ଭ । ଦଳିଛି ଅଛି ବଳି ଏକା ସ୍ୱର୍ଗର ରମ୍ଭା-ଶୋଭାରମ୍ଭ ॥ ନଳ-କୁବର-ଫଳଫଳ-ଯୁଗଳ-କୁଚେ ସେ ରୁଚିର । ଏତ ସ୍ୱଭାବ-ସୁନ୍ଦର ଏଥୁ ନୃପ ଉଚ୍ଚ ନୀଚ ବାର । ୩୭ । ନିରବଧି-ରବି ସେବା-ସୁକୃତରୁ କମଳ-ଯୁଗଳେ । ଲଭିଛନ୍ତି ଦିବ୍ୟଗତି ସେ ପ୍ରମଦା ପଦ୍ମର-ହେବାରେ ॥ ବିଧି-ବାହନ ହଂସ କି ସ୍ୱ ପ୍ରେୟସୀ ଭୁଲେ ତାଙ୍କ ପାଶେ । ଅସି ମଞ୍ଜୁଳେ କୂଜଇ କଣିନେଇ ଶ୍ରୋତାଙ୍କ ମାନସେ । ୩୮ । ପଦ୍ମ-ସର ଝରତେ ନିତ ରସି ନିଶାରେ କମଳ । ନିର୍ବନ୍ଧେ ସମାଧି ବାନ୍ଧ ସାଧିଅଛି ତପସ୍ୟା ଦୁସ୍ତର ॥ ଅନଜଳମେ ସେ ଯେବେ ଦମୟନ୍ତୀ-ଶ୍ରୀପଦ ନୁହନ୍ତି । ତେବେ କିସ ଲାଭ-ଅଶାପାଇଁ ଖୀବ ଫସାରେ ତପନ୍ତି । ୩୯ । ସଲିଳଚର ବିହଙ୍ଗମ-କୁଳରେ ଜାତ ଯେଣୁ ମୁହିଁ । ସର-ସନ୍ଧାନରେ ବହୁ ଦେଶାନ୍ତରେ ନିରତ ଭ୍ରମଇଁ ॥ ଦିନେ ଦେଖିଲି ସୁନ୍ଦରୀ-ପୁର-

Digitized by srujanika@gmail.com

ନଶ୍ୱ ସେ ଦମୟନ୍ତୀ କି । ଥିବା ନ ଥିବା ଉଦର ତାର ଜଣା ନ ଗଲା ମତିକି ।୪୦। ଅମରପୁର-ମାର୍ଗ କୃତ ଅର୍ଗଳ ନାହିଁ ମୋର କାହିଁ । ସେ ପୁରେ ମଧ ଦେଖିଛି ଦମୟନ୍ତୀ ସମ କେହି ନାହିଁ ॥ ତେଣୁ ବଗୃହିଥିଲି ଏତେ ଚିତ୍ତେ ତା ଅନୁରୂପେ ବର । ନ ଘଟିଛି କାହିଁ ଥିଲେ ଥିବ ଅବା ବିଧାତା-ଚତୁର । ୪୧ । ବରପାଇଁ ତାର ଯୁବକ-ଫସାର ମନେ ମନେ ଲୋଡ଼ି । ଏ ନୁହେ ଏ ନୁହେ ବୋଲି ଏକେ ଏକେ ଦେଲି ସବୁ ଛାଡ଼ି ॥ ତବ ରୂପ ଏବେ ଦରଶନେ ଭାବେ ତାର ବରପଣେ । ନୋହିବଟି ଯେବେ ତୁମ୍ଭ ନ ମିଳିବେ ତ୍ରିଭୁବନେ ଜଣେ । ୪୨ । ସ୍ତୁତି ସ୍ମିତା ସେ ବିଦର୍ଭ-ରାଜସୁତା ବଳୁଦନ ତଳେ । ଅବଲୋକନେ ଥିଲି କରି ସାର୍ଥକ ମୋର ବେନଡୋଳେ ॥ ପାଶୋର ପକାଇଥିଲି ତା ଗୃରୁଷି ସମ୍ମୁ-ପ୍ରଭାବେ । ତୁମ୍ଭ ଅସୀମ ମନୋରମ ରୂପ ତା ସ୍ମରାଇଲା ଏବେ । ୪୩ । ଧରାଶିର-ଚମ୍ପା-ଝସ-ଦମୟନ୍ତୀ-ଚିତ୍ତେ ଚିତ୍ତଭବ । ଭାବ ଉପୁଜାଇବାରେ ତୁମ୍ଭ ରୂପ ସମର୍ଥ ହୋଇବ ॥ କନକବରନା ନବ-ନଗିନାର ପୃଥୁ ପୀନସ୍ତନ ।-ଅସନ ଲଭିସିନା ଶୋଭା ଦିଶଇ ମଣିମାଳ-ଯେନ । ୪୪ । ସେ ବରବରନା ନାଗରହି ବିନା ତୁମ୍ଭରୂପ ବ୍ୟର୍ଥ । ବଶୁର ମନ ବନ୍ଧ୍ୟଦ୍ରୁମେ ସୁମନ ହୋଇ କେଉଁ ସାର୍ଥ ॥ ସମଦେ ଅତୁଳ ଏ ମଞ୍ଜୁ-ମଣ୍ଡଳ କୋକିଳ କୂଜନ ।—ମୁଖର ଏ ବନ ତା'ବିନା ରାଜନ ନୁହଇ ଶୋଭନ । ୪୫ । ସୁରଜନକର ଚନ୍ଦ୍ରନ୍ତ ନିରନ୍ତର ଯାହାର ଲାଭାକୁ । ନରବର ସିନା ତୁମ୍ଭେ କି ସହଜେ ଲଭିବ ତାହାକୁ ॥ ଘନ-ପଟଳରେ ପିହିତ ହୋଇଲେ ପିୟୂଷଦୀଧିତି । କୁମୁଦଗଣେ କୌମୁଦୀ କି ଘଟଇ ବଗୃର ଭୂପତି । ୪୬ । ମୁଁ ଯିବ ଏବେ ସେ ଯେମାପାଶେ ଜବେ ତହିଁ ତୁମ୍ଭ ଗୁଣାଗଣ ବଖାଣି ତା ହୃଦୟ ମଣିକି କଣିବ ବନ୍ଧନ ॥ ଏମନ୍ତ ପ୍ରକାରେ ମନ୍ତ୍ରାଇ ଥିବି ମୁଁ ତୁମ୍ଭରେ ତା ମନ । ପ୍ରାର୍ଥୀ ହେଲେହେଁ ବାସବ ସେ ଯେମନ୍ତେ ନୋହିବ ପ୍ରସନ୍ନ।୪୭। କାର୍ଯ୍ୟବିନା ଅପର୍ଯ୍ୟ ଅନବାଗେ ନ କହନ୍ତି ନିଜଗୁଣ । ଏଣୁ ବଚନ-ରଚନ-ଛଟାକୁ ମୋ ଧିକ ପୁଣ ପୁଣ ॥ ଜାଣିଲେ ହେଲେ ଏକଥା ତୁମ୍ଭ ଚିତ୍ତ ବାରିବା ନିମନ୍ତେ । ଅନ ଉପାୟ ନ ଥିବାରୁ ହେ ବୀର କଲପିଲି ଏତେ । ୪୮ । ସେ ଦ୍ୱିଜରାଜର ଗିର-ସୁଧାଧାର-ଅତି ତୃପ୍ତିଭରେ । କରନ୍ତେ ଅକଣ୍ଠ ପାନ ସେ ରାଜନ ବଦନୁଁ ମୋଦରେ ॥ ଉଦ୍ଗାର-ଛଳେ ଈଷତ ସ୍ମିତରେଖା ଝଲକି ଦିଶିଲା । ଅମ ପ-ସନ୍ତାପ-ଜାତ-ପିତ୍ତତେଜ ଭଳିକି ଲସିଲା । ୪୯ । କର-କୋକନଦେ ପ୍ରମୋଦେ ନିଷଧ-ଅଧିପ ମଣ୍ଡଳେ । ଶାମଳ ଶାମଳ କହନ୍ତି କୋମଳ-ବଚନ ସଜ୍ଜିଳେ ॥ ସତ୍ୟ-ସୁଖକର-ଗିର ସମ୍ଭବ ଅକର ଯେ କଣ୍ଠ । ତହୁଁ ଜାତ ବାଣୀ ପକ୍ଷୀ-ଟୋଏ ପୁଣି ହେବ କି ନିଅଣ୍ଟ । ୫୦ । ଭଷନ୍ତି ନୃପତି 'ଏ ତୁମ୍ଭ ଅକୃତ ତୁଳନା-ବହିତ । ସୌଜନ୍ୟ ପୂର୍ଣ୍ଣ ବଚନକୁ ଭୂମିର ସମାନ ନାହିଁତ ॥ ଯହିଁ ରୂପ ତହିଁ ଥାଏ

Digitized by srujanika@gmail.com

ଶୁଣ ଏହି ସାମୁଦ୍ରିକ-ବାଣୀ । ତୁମ୍ଭ ଦରଶନେ ପ୍ରତିପନ୍ନ ହେଲା ଅହେ ପକ୍ଷୀମଣି । ୫୧ । ସୁବର୍ଣ୍ଣମୟ-ଶରୀର-ଦରଶନେ ତୃପ୍ତ ମୋ ନୟନ । ସୁବର୍ଣ୍ଣମୟ ବଚନ ତର୍ହୁଁ ବଳ ଦେଲା ତୋଷି କର୍ଣ୍ଣ ॥ ନିରବଲମ୍ବନ ଗଗନେ ଯେମନ୍ତ କର ପକ୍ଷ-ପାତ । ନିରବଲମ୍ବନ ଜନେ ସାଧୁପଣେ କରୁଛ ତେମନ୍ତ । ୫୨ । ବିଷମ ସନ୍ତାପେ ସନ୍ତାପିତ ଅତି ହେଉଅଛି ନିତି । ମୋପାଇଁ ତୁଷାର-ଶୀତଳ-ମରୁତ ତୁମ୍ଭ ଉପସ୍ଥିତ ॥ ଧନିକ-ଜନ ପାଇଁକି ସିନା ଧନଲାଭ ନିଧିବତ । ନିଧି-ପ୍ରାପତି-ବତ ଶୁଣି ବଚ୍ନରେ ଭେଟି ଗୁଣବନ୍ତ । ୫୩ । ତ୍ରିଭୁବନ-ଜନ-ମନ-ଉଚ୍ଚାଟନ-ନିମିତ୍ତ ମୃଗାକ୍ଷି । ଉଷଧି-ବତ ବୋଲି ମୁଁ ଅଭି ଅତ ଶୁଣିଛି ହେ ପକ୍ଷୀ ॥ ଏବେ ତବଗିର ଶ୍ରୁତି-ପୁଟେ ମୋର କରନ୍ତେ ବସତି । ଦେଖିଲା ପ୍ରାୟେ ନେଣେ ସେ ମୃଗାକ୍ଷୀକି ହେଉଛି ପ୍ରତୀତି । ୫୪ । ଅଜ୍ଞାତ କେଉଁ ବସ୍ତୁ ବା ଜ୍ଞାନଙ୍କି ଏ ବିଶ୍ୱ-ସଂସାରେ । ସେ ଯେବେ କାହାର ହୁଅନ୍ତି ସୁହୃଦ ଦଇବଯୋଗରେ ॥ ତେବେ ତା ନୟନ ଯୁଗଳ କେବଳ ମୁଖଶୋଭାପାଇଁ । ନେଣ ନିକଟବର୍ତ୍ତୀ ସୂକ୍ଷ୍ମ-ଦ୍ରବ୍ୟତ ଦେଖି ନ ପାରଇ । ୫୫ । ରମ୍ୟତାର ଶେଷ-ସୀମା ନିରୁପମା ସେ ରାମା ଚରିତ । ଭୃଙ୍ଗାଉଁ ମୋ ଶ୍ରୁତି-ବଦନକୁ ଶୁଦ୍ଧ ମଧୁ-ଆସବତ ॥ ସ୍ମରାନଳକୁ ମୋ ହୃଦେ ଜାଳିବାକୁ ତା ବୃତ୍ତାନ୍ତ ମନ୍ତ୍ର । ଲୋକେ କହନ୍ତି ମୋ ଶୁଣି ଧୈର୍ଯ୍ୟ ହଜେ ଧିକ ଏ ଜୀବତ । ୫୬ । ତାର ବିରହ-ବିଜନିତ-ଦୁର୍ବହ-ଘୋର-ସ୍ମରାନଳ- । କବଳକୁ କଳେବର ମୋ ହୋଇଛି ଶୁଷ୍କ ତରୁବର ॥ କାଳ-କନ୍ଦର-ଦ୍ୱାରରୁ ଆସେ ବହି ମୃଦୁଳ ଅନିଳ । ତାକୁ ମଣଇଁ ମଳୟ-ବ୍ୟାଳ ବିଷ ଫୁତ୍କାର ପ୍ରକାର । ୫୭ । ମାସକୁ ମାସ ଏ ଶଶାଙ୍କ ଚିରବିରହିଣୀପରାଣେ ଯାଇ । ତା ସୁତାଶ୍ମବତ-ତେଜରୁ ନିସୃତ ଜଳ ଅଣିଥାଇ ॥ ସେ କନ୍ଦର୍ପକର ପ୍ରସାର ନଭର ଅଙ୍କରେ ବିହର । ଧୃତକ ମୋର ନିପାତ ଦେଲ ପ୍ରାପ୍ତ ଥାଏ ମୁଁ ବଗୁର । ୫୮ । କୁସୁମ ସ୍ମରର ବେପଥନ୍ତ ଯେବେ ନୁହଇ ଅଶନ୍ତ । ନିଶ୍ଚୟ ତେବେ ସେ ବିଷଲତାଜାତସୁମନସଶ୍ରେଣୀ ॥ ତେମନ୍ତ ନୋହିଲେ ଏମନ୍ତ ସନ୍ତାପ ପାରନ୍ତା କି ଦେଇ । କ୍ଷଣକୁ କ୍ଷଣ ହଜାଇ ଦେଇ ଜ୍ଞାନ ମୋହ ଉପୁଜାଇ । ୫୯ । ଏ ଅପାର ମାର-ଶର-ତାପ-ଘୋର-ସାଗରେ ପଡ଼ିଛି । ନାହିଁ ମୋ ଆଶା ଭରସା ଅଭୁ କଛି ନିମଜ୍ଜି ଯାଉଛି । ଦଇବେତ ଆସି ମୋ ପାଶେ ପ୍ରବେଶ ହୋଇଛ ମରାଳ । ତରଣୀ ହୋଇ ତରୁଣୀ-ମଣିଦେଇ ମୋତେ ରକ୍ଷା କର । ୬୦ । ସ୍ୱଭାବ-ବଶେ ଇନ୍ଦ୍ରିୟଗଣ ଦ୍ରବ୍ୟ ଗ୍ରହିଲାର ପର । ହୁଅନ୍ତି ସାଧୁ ସଜ୍ଜନ-ମାନେ ସଦା ପର-ଉପକାରୀ ॥ ମୋର ଉପକାର କର ଖଗବର ବୋଲି ଯା ବୋଲୁଛି । ତୁମ୍ଭଙ୍କୁ ଏ ପିଷ୍ଟ-ପେଷଣ ବିଧାନେ ନୁହେ ଆନ କଛି । ୬୧ । ଗମନ କର ସାନନ୍ଦେ ପକ୍ଷୀବର ହେଉ ଶୁଭ ପଥେ । ତୁମ୍ଭର ଅମୃତ ହେଉ

Digitized by srujanika@gmail.com

ପୁନର୍ବାର ସମ୍ମୁଖୁ ତୁଟିବେ ॥ ଦୁଃଖ ଯେଣୁ ମୋର ହୋଇବ ସତ୍ୱର କାର୍ଯ୍ୟ ସମାଧାନେ । ସମୟେ ସମୟେ ପକାଉଥିବଟି ହଂସ ମୋତେ ମନେ । ୭୨ । ସତ୍ୟ ପ୍ରସ୍ଫୁଟିର-ଭୂଷଣେ ଅମର-ଗୁରୁ-ସମସର । ସେ ନଳ-ଭୂପାଳ ଏମନ୍ତେ ମରାଳ-ବରେ ବଦାନ୍ୟବର ॥ ପକ୍ଷୀର ନବବଚନେ ମନେ ଅତି ବିସ୍ମୟକୁ ବହି । ପ୍ରବେଶ ବନମାଳା-ଗୃହେ ସେ ସ୍ୱନ କର୍ଣ୍ଣେ ବାଜୁଥାଇ । ୭୩ । ଏଥୁଅନ୍ତେ ରସ ଶୁଣ ସୁହୃଦ ସେ ହଂସ ସତ୍ୱରେ । ଦମୟନ୍ତୀ-ଦରଶନେ ସେ ଦିବସ-ସଫଳ-ଆଶାରେ ॥ ଗ୍ରାମ ମଣ୍ଡିତ ପାଳିତ କୁଣ୍ଡିନପୁରେ ପ୍ରବେଶଇ । ଧବଳାଗାର-ଶିର-ଝିଙ୍କ-ପତାଏ ଯେ ଶୋଭା ଦିଶଇ । ୭୪ । ପଥିକ ଲୋକର ଆଶା-ବଲ୍ଲରୀକି ସିଦ୍ଧି-ସୁମନସେ । ହସାଇ ବାରେ କୁଶଳ ଅତି ଜଳପୂରିତ କଳଶେ ॥ କଲ୍ୟ ଦରଶନ ପଥର ପଥିକ ସେ ମରାଳବର । କରନ୍ତେ ଗମନ ଅନନ୍ତ-ଅଙ୍କରେ ଆପଣା-ପଥର । ୭୫ । ଉପବନ ଶୋଭା ଦରଶନେ ଲୋଭି ହୋଇ ସେ ଆକାଶେ । ଗମନ୍ତେ ଈଷତ ଧୀରେ ଲୀଳାଗତି ବରଜି ରଭସେ ॥ ଧରଣୀ-ନାରୀ ଝୁମ୍ପାଲଗା-ଚଉଁରି-ମୁଣ୍ଡି-ପରକାର । ଦେଖଇ ରସାଳ-ପାଦପ ଦୋଳନ୍ତ ତହିଁ ଫଳମାଳ । ୭୬ । କାହିଁ ବା ପଥରେ ତା ନେତ୍ର-ପଥରେ ପଡ଼ଇ ପର୍ବତ । ନଭସ୍ପୃଶ-ଶିର-ଧର-ଦନ୍ତୀ-ବଳ ଶାବକେ ସେବିତ ॥ ଗୁଳ୍ମଲତା-ମଣ୍ଡା-ବୃନ୍ଦାବରେ ସ୍ଥାଇ ନିବିଡ଼ ହୋଇଛି । ପନ୍ଥ ଗନ୍ତାଳେ ଶ୍ୱାପଦ-ସର୍ପାଦିଙ୍କ ଚିହ୍ନ ନ ଦିଶୁଛି । ୭୭ । ଦରଶକ-ଲୋକ-ହୃଦକୁ କୌତୁକ-ସାଗରେ ବୁଡ଼ାଇ । ବେଳେ ବେଳେ ପକ୍ଷ ଗୁଟି ଅନ୍ତରୀକ୍ଷ-ବକ୍ଷେ ସେ ଉଡ଼ଇ ॥ କେବେ ଅବା ଅତି ଉର୍ଦ୍ଧ୍ୱେ କରି ଗତି ନେତ୍ରକୁ ନ ଦିଶେ । କେବେ ବା ବିସ୍ତାର ସ୍ଥିର-ପକ୍ଷ ଧୀରେ ସଞ୍ଚରେ ରଭସେ । ୭୮ । ଅତି ବେଗଗତି-ବଶେ ତନୁ-କାନ୍ତି ଦ୍ୱିଗୁଣ ଝଳକେ । କିସ ଆକାଶେ ସଞ୍ଚରେ ବୋଲି ବ୍ୟୋମେ ଗୃହିଁ ଥାନ୍ତି ଲୋକେ । ନୀଳ-ଅନ୍ତରୀକ୍ଷ-ନିକଷରେ ପକ୍ଷ-ହେମ କଷିବାର । ଭ୍ରାନ୍ତି ତାଙ୍କ ଚିତ୍ତେ ଜନ୍ମାଇଁ ତୁରିତେ ଗମଇ ମରାଳ । ୭୯ । ଅତି-ବେଗ-ବଶେ ପବନ-ପରଶେ ନା ପକ୍ଷ ଶବ୍ଦାରେ । ତଳ-ପକ୍ଷୀଗଣ ସେ ନିସ୍ୱନେ ଶ୍ୟେନ-ନିପାତ-ଶଙ୍କାରେ ॥ ସଙ୍କୋଚି ଶରୀର ଖସନ୍ତି ସତ୍ୱର ତଳରୁ ତଳକୁ । ଚର୍ଯ୍ୟେକେ ଏକ ନୟନେ ବହି ଦିକ ଅନାଇଁ ଊର୍ଦ୍ଧ୍ୱକୁ । ୮୦ । ଅତି ଊର୍ଦ୍ଧ୍ୱପଥେ ଗମୁଁ ନ ଦିଶନ୍ତି ମଣ୍ଡରେ ତା ସ୍ଥାଇ । ଗୃହିଁ ନୟନେ ଗଗନେ ଦେଖି ଜନେ ଗଲା ବୋଲି କାହିଁ ॥ ତେତିକରେ ସେ ଲୋକଙ୍କ ଦୃଷ୍ଟିପଥ ଅତିକ୍ରମି ଥାଏ । ଦିଶ ଆକାଶ ଦର୍ଶକ-ଦୃଷ୍ଟ ଭ୍ରମି ଏକା ଶ୍ରମି ହୁଏ । ୮୧ । ଉଚ୍ଚ ସଞ୍ଚ-ଦ୍ରୁମମାନେ ମନୋରମ ଅରଣ୍ୟ ବନ୍ଧିତ । ପଡ଼ିଲେହେଁ ଦୃଷ୍ଟେ କାହିଁ ବିଶ୍ରାମ ସେ ନ କଲା ବଞ୍ଚିତ ॥ ନିଜ ଜାତିର ପତନ୍ତ୍ରୀବ୍ରାତ-ରୁତେ ତିଳେ ନ ସମ୍ଭାଷି । ଗଲା ଅତି ବେଗବଶେ ବ୍ୟୋମମାର୍ଗ ଲଙ୍ଘିତରେ ଉଲ୍ଲାସି । ୮୨ ।

Digitized by srujanika@gmail.com

ଶେଷକୁ ସେ ପକ୍ଷୀ-ଚକ୍ଷୁ ଗଲା ଲାଗି କୁଣ୍ଡିନ-ନଗରେ । ପାଳିତ ଯେ ମହାକୀର୍ତ୍ତି-ଭୀମସେନ-ଶଙ୍କର-ଯୁଗରେ ॥ ଅଟେ ସେ ସଂସାରସାର-ସୌନ୍ଦର୍ଯ୍ୟର ମଞ୍ଜୁଳ-ମଞ୍ଜୁଷା । ହସେ ସ୍ୱଚ୍ଛେ ଯାର ସୌଧକୁଳେ ତୁଳ ନୁହଇ କୈଳାସ ।୭୩। ଦନ୍ତ୍ର ପନ୍ତ୍ର ବିରାଜନ୍ତି ସେ ନଗରେ ସ୍ଫଟିକ-ମନ୍ଦିର । କଳାନିଧି-ଫାଳ ପରି ନିଷ୍କଳଙ୍କ-ଭିତ୍ତିରେ ସୁନ୍ଦର ॥ ତା' ଗୃହଁ ଦର୍ଶକର ନେତ୍ର ଅଟକ ହୋଇ ଭ୍ରମଇ ସେ । ପଡ ପ୍ରତି ବା ସୁଦତିର ସ୍ମିତହାସ ସତେ କି ସେ ।୭୪। ନୀଳମଣି-ବିନିର୍ମିତ ନିରନ୍ତର-ନିଳୟ ବିଲୋକି । କାଳ-ନିପତିତ ଦଶା ନ ଭୋଗଇ କାର ଅକ୍ଷି-ପକ୍ଷୀ ॥ ଭାନୁ-ଉଦୟରେ ଭୂପତି-ଅଗ୍ରଦ୍ୱାରେ ନିର୍ଭୟେ ତାମସ । ରହନ୍ତି କି ସୁଖେ ପୁଷ୍ଟିରେ ନିଶଙ୍କି ହେଲେହେଁ ଦିବସ ।୭୫। ଶୁଭ୍ର ସାପ୍ରମଣିଗଣେ ଗୃହଶ୍ରେଣୀ ହୋଇଛି ନିର୍ମିତ । ଅଶପାଶର ଆକାଶ-ସଙ୍ଗେ ମହୀ ସେ ତେଜେ ଶୋଭିତ ॥ ସିତ ଦିତେତର-ପକ୍ଷଭେଦ ଛଳ ମାନେ ତହିଁ ନାହିଁ । ସଦା ତଥି ନିଶୀଥିନରେ ଅତଥି ପୂର୍ଣ୍ଣିମା ହୁଅଇ ।୭୬। ସୁନ୍ଦରୀଜନ ସ୍ନାନାନ୍ତୁ ତନୁଚ୍ୟୁତ କୁସୁମ-ରଙ୍ଗରେ । ରଞ୍ଜିତ ବାପୀନିର ନୁହେ ପ୍ରସନ୍ନ ରଜନୀ-ଯାକରେ ॥ ଜୀବନଧନର ମନ ଅନଜନେ ଜାଣି ଗୃହୁ-ବାଣୀ । ନ ଶୁଣି କିଣି ପୁହାଏ ଯଥା ନୋହି ପ୍ରସନ୍ନ ମାନିନୀ ।୭୭। ନିଶିଥିନୀରେ ଥରେ ମାତ୍ର ଶାରଦ ହେଲାବେଳେ ସର୍ବ । ପ୍ରାଚୀର-ରୂପ-କଷାବାସେ ହରେ ସେ ଯୋଗୀଜନ-ଗର୍ବ ॥ ବାହ୍ୟ ବିଷୟୁ ଇନ୍ଦ୍ରିୟ ରୋଧି ମଧ୍ୟେ ତେଜ ସେ ଦେଖଇ । ମଧ୍ୟବର୍ତ୍ତି ସପ୍ତ-ନିକେତ-ପନ୍ତିରେ ଏ ତା ସମ ଶୋଭଇ ।୭୮। ସରସିରେ ସ୍ଥଳଯୁଗତ ପୁରପୁର ଦିଶଏ ସେ ପୁରୀ । ନିର-ପରିଖା ଅଙ୍କରେ ରହି ବହେ ଅମାପ ବୃତ୍ତୁଷ୍ଟି ॥ ଅମର-ପୁର-ପ୍ରତିବିମ୍ବ-ନିପାତ ହସ୍ତିରୁ ବଳକା । ଜଳଭିନ୍ନ ହଂସେ ମଞ୍ଜୁଳ ତା ଉପଟରେ ପତିଶା ।୭୯। ସେ ପୁରୀ-ଅଟ୍ଟାଳି-ଅଳି-ଚୂଳେ ଚଳେ ରୁଚିର କେତନ । ବାତେ ଆନ୍ଦୋଳିତ ହେବାରୁ ସେ ତହୁଁ ଲଭିଣ ତାଡ଼ନ ॥ ଗମନ୍ତି ଆପଣା ସ୍ଥାଏଁ ଦେବ-ବିବସ୍ୱତ-ତୁରଙ୍ଗମ । ଅନୁରୁ-ଅରୁଣେ ଗୃହଳନରୁ କ୍ଷଣେ ବିତରେ ବିଶ୍ରାମ ।୮୦। କ୍ଷିତି ଗର୍ଭୁଁ ତଳ-ସଦ୍ମେ ବିନିର୍ମିତ ଗୃହେ ତହିଁ ଛନ୍ତି । ତଳେ ମଣି ମଧ୍ୟେ ଧନ ଊର୍ଦ୍ଧ୍ୱପୁରେ ନାରୀଏ ଶୋଭନ୍ତି ॥ ଏମନ୍ତେ ନାଗ-ନର-ସୁର-ପୁରର ସକଳ-ସମ୍ପଦ । ଉଦରେ-ବନ୍ଧି ଯେ ରାଜପୁରୀ ରଚେ ବ୍ରହ୍ମାଣ୍ଡେ ବିବାଦ ।୮୧। ସୁଧା-ଧବଳିତ ଉତ୍ତୁଙ୍ଗ-ଶିଖର ସଉଧ-ନିକର । ଶୋଭନ୍ତି ସେ ପୁରେ ଶଶଧର ଶିରେ ବହିଲା ପ୍ରକାର ॥ ଜଳଦ-ମାଳେ ଶିଖରୁଁ ତାଙ୍କ ତଳେ କଳ୍ପବେଳେ ଗତ । ଲଭନ୍ତି ସଉଧେ ଶଶାଙ୍କ-ଶେଖର-ନୀଳକଣ୍ଠଭୂତ ।୮୨। ବିବିଧ ପ୍ରକାରେ ପୁତ୍ତଳି-ନିକର ଭିତ୍ତିରେ ରାଜନ୍ତି । ମୁଖ-ଶଶାଙ୍କ ଶୋଭଇ ଏକା ତହିଁ ଶଶାଙ୍କେ ନାହାନ୍ତି ॥ ମନ୍ଦିରଦରୀ-ଦ୍ୱାର-ଗୃହୀ ହୁଇଏ ଅଛନ୍ତି ଅସଂଖ୍ୟ । ଶଣକ-ବଂଶ ଥାଉ କାହୁଁ ରହିବେ ଏତ ତାଙ୍କ ଭକ୍ଷ ।୮୩।

Digitized by srujanika@gmail.com

ପାତାଳ ତୁଲେ ଅମର-ପୁର ଭଲେ ନୁହଇ ସମାନ । ଏ ତ ଅନର୍ଗଳ-ଗଳିତ-ତଥ୍ୟ-ବାର୍ତ୍ତା-ନାରଦ-ବଚନ ॥ ସେ ପାତାଳ ଏବେ ଅତୁଳ ହେବାରୁ ଏ ପୁର ସହିତ । ଅଧୋଦେଶରେ ରହି ଅଧୋଭୁବନ ନାମେ ହେଲା ଖ୍ୟାତ । ୮୪ । ପ୍ରତି-ହଟ୍ଟ-ପଥେ ଘରଟ୍ଟ-ଘର୍ଷର ସୁବାସ ସହିତେ । ପଥିକ-ଲୋକ-ହୃଦକୁ ଆକର୍ଷେ ସାଦରେ ନିରତେ ॥ ଘନ ନିର୍ଘୋଷିତ ସର୍ବଦା ସ୍ୱପୁରେ ପାନ୍ଥେ ପେଷୁଥାଇ । ଘରଟ୍ଟବାଦେ ସୁରଭିଙ୍ଗ ନାରଦ ଘର୍ଘର ଘୋଷଇ । ୮୫ । ରତ୍ନ-ନିର୍ମିତ କପାଟ-ପୁଟ ପୁଷ୍ପ-ଦ୍ୱାରରେ ଝଟକେ । ତା' ଗୃହିଁ ଦର୍ଶକ ଚିତ୍ତକୁ ଏ ଭାବ ଆସଇ ପଲକେ ॥ ମାନବତୀ ସୁର-ବନିତ ଯୁବତୀ କୋଳୁଁ ନିଶ୍ୱାସେ । ବସୁଁ କପାଟ-ବକ୍ଷା ହେମ-ପ୍ରାକାର ଟେରୁ କ ଅଲଗେ । ୮୬ । ଅସଂଖ୍ୟ ସବତା-କାନ୍ତ-ମଣି-ବ୍ରାତେ ନିଘଟେ ନିର୍ମିତ । ପୁରର ସୁବର୍ଣ୍ଣ-ପ୍ରାକାର ଦିଶଇ ଅତି ଦୀପ୍ତିମନ୍ତ ॥ ଉଦୟୁଁ ଅସ୍ତ ପର୍ଯ୍ୟନ୍ତ ତରଣିର ବହ୍ନିଶିଖା ଛଳେ । ସେ ପୁର-ପ୍ରାକାର ହୁଏସେ ନିରନ୍ତର ବାଣାସୁର-ପୁରେ । ୮୭ । ବିପଣି ଶ୍ରେଣୀ ଅଛନ୍ତି ତହିଁ ଶୋଭି ସମୁଦ୍ର ସମାନ । ବେଳା-ବାଲୁକା-କୂଳକୁ ତୁଳ ଏବା କର୍ପୂରର ଚୂର୍ଣ୍ଣ ॥ ଅସଂଖ୍ୟ-କମ୍ବୁ-କପର୍ଦ୍ଦୀ-ମଣିଗଣେ ନିରତ ପୂରିତ । ଦ୍ରବ୍ୟ-ଗଣେନେ ନିର୍ମିତ-କରକର୍କଟେକେ ବିରାଜିତ । ୮୮ । ଗୃହ-ନିବନ୍ଧ-କୁଟ୍ଟିମେ ଶଶି-କାନ୍ତ-ବନ୍ଧେ ବିରଚିତ । ଶଶାଙ୍କ-କର-ପରଶେ ହୁଅନ୍ତି ସେ ନୀରେ ସମ୍ପୂରିତ ॥ ଉଚ୍ଛଳିତ-ଜଳେ ସେ କାଳେ ଅମର-ସରିତ ଉଚ୍ଛଳେ । ପତିବ୍ରତା-ପଣୁଁ ପତିର ଉଲ୍ଲାସେ ଉଲ୍ଲସେ ସେ ଭେଳେ । ୮୯ । ଗନ୍ଧ-ଦ୍ରବ୍ୟ-ବିପଣିରେ ପ୍ରତିଦିନ ସାୟଂକାଳେ ତହିଁ । କୁଙ୍କୁମ-ବିକ୍ରୟୀ-ବଣିକା-ନିବହ ଏମନ୍ତ ଶୋଭଇ ॥ ଦିବସଈଶ ଅସ୍ତ ଦଶା ଭଜନ୍ତେ ଅବଶିଷ୍ଟ କର । ନିରାଶ୍ରୟ ହୋଇ ଅଛନ୍ତି କି ରହି ଆଶ୍ରୟେ ଏହାର । ୯୦ । ବିକ୍ରୟ ହେତୁ ବାଡ଼ିଛନ୍ତି ବଣିକେ ଆପଣ-ଗଣରେ । ବିଶ୍ୱ-ସଂସାରର ପଦାର୍ଥ-ନିକର ଅତି ଯତନରେ ॥ ହରି-ଉଦରେ ମାର୍କଣ୍ଡେୟ-ସଂସାର ଦେଖିଲା ପରିଜ୍ଞେ । ତହିଁ ଦରଶକେ କାଛି ସନ୍ଧ୍ୟାଲୋକେ ଛପାତ ନ ଥାଏ । ୯୧ କରଇ ବିକ୍ରୟ କାହିଁ କେ ବଣିକ କ୍ରେତାକୁ କସ୍ତୁରୀ । ବର୍ଣ୍ଣ-ସମାନରୁ ଗନ୍ଧଲୁବ୍ଧ ମଧୁପେ ବାରି ନ ପାରି ॥ ଗୋଳେ ଗୁଞ୍ଜନ ନ ଶୁଭୁ ମୃଗମଦ ତୁଲେ ତୁଳେ ଅଳି । ଲୋଭ-ବନ୍ଧନେ ସେ ତହିଁ ମଧ୍ୟ ଉଡ଼ି ନ ଯାଉଛି ଚଳି । ୯୨ । ବିବସ୍ୱତ-କାନ୍ତ-ମଣିରେ ନିର୍ମିତ ସରଣୀ ସେ ପୁରର । ବାସରଯୋଗ ବୈଶ୍ୱାନର-ତପତି ବିହେ ବିକରାଳେ ॥ ତେଣୁ ନିଶୀଥରେ ପତିତ ତୁଷାରେ ଶୀତଳ-ଗୁଣରେ । ନ ପାରଇ କରି ଜଡ଼ ପଥଗାମି-ନରଙ୍କ ପଦ୍ମରେ । ୯୩ । ନିଶୀଥନାଥ-ରତନେ କାହିଁ ପଥେ ବନ୍ଧା ହୋଇଛନ୍ତି । ନିଷଧଈଶ-ଶୀଳତା-ସମ ଅତି ଶୀତଳ ଅଟନ୍ତି ॥ ଶଶାଙ୍କ-କର ପରଶେ ନୀରସ୍ରାବେ ହେଉଥାନ୍ତି ସିକ୍ତ କଳକାଳ ଭଳି ଅତପ-ସନ୍ତାପେ ନୁହନ୍ତି

Digitized by srujanika@gmail.com

ସେ ଚନ୍ଦ୍ର । ୯୪ । ଫଣୀଭୂଷିତ-ଭାଷ୍ୟ-ଫକ୍କିକାପରି ସେ ପୁରୀ ଦୁର୍ଗ୍ରହ । ହେବାରୁ ଅପର ନ ଶତ୍ରୁ ବଳିର ଏମନ୍ତ ଉପାୟ ॥ ପରିଖ ଯାଇଛନ୍ତି ତାକୁ ବନ୍ଧନୀ ମଧ୍ୟେ ରଖିଦେଇ । ପୁର-ଚତୁର-ପାରୁଣର ପରିଖା ସେ ଏବେ ବୋଲାଇ । ୯୫ । ମୁଖ ଚକ୍ଷୁପାଣି-ପାଦଛଳେ ଯେଉଁ କୁଶେଶୟ-ଚୟେ । ଅପର ଅଗାଧ ଗର୍ଭାଇ ଚମ୍ପକ କଳିକା କରତୟେ ॥ ଭୀମ-ଭୂପାଳ-ବାଳକା ଦମୟନ୍ତୀ ମଦନ-ପୂଜାର । କୁସୁମ-ସ୍ରଜ ସମ ଯହିଁ ସାଜଇ ନ ବର୍ଣ୍ଣିନ ତାର । ୯୬ । ଘନ-ଜଘନ-ପୀନସ୍ତନ-ଭରରେ ଶ୍ରାନ୍ତା ହେତୁରେ । ନ ପାରି ବିହରି ଅପ୍‌ସରାଏ ନିବଶଯ୍ୟ ଅକାଶରେ । ଧରା ଅଶ୍ରୟ କରି ରହିଅଛନ୍ତି ଏମନ୍ତ ମତରେ ଅଣିବ ସେ ଯେ ଦେଖିଥିବ ଭୂପତି-ପୁରୀ-ବଧୂସୀଙ୍କି । ୯୭ । ଅତି ତନ୍ମୟୀ ସେ ପୁରୀ ସାଜଇ ସକଳ ବର୍ଣ୍ଣରେ । ବ୍ରହ୍ମ-ଋଷି-ସ୍ପୃଷ୍ଟ ରକ୍ତ-ପୀତ-ଶ୍ୱେତ-ହରି-ଭେଦରେ ॥ ଅନବରତ ତ ବିବିଧ-ନୟନ-ନିବହେ ମୁଖର । ଏଣୁ ସ୍ୱରଭେଦେ ନାନାର୍ଥ-ସମ୍ପଦ କରଇ ପ୍ରଚୁର । ୯୮ । ମାଣିକ୍ୟମୟ ନିଳୟଚୟ ତହିଁ ଦିବସେ ଭାସ୍ୱତ- । ସମାଗମ ଲଭି ସେ ପ୍ରଚଣ୍ଡ-ତାପେ ହୋଇ ସନ୍ତାପିତ ॥ ନିଜର ଲୋହିତ-ଆଭାରେ ରଞ୍ଜିତ-କେତୁ-ଜିହ୍ୱାଗ୍ରେ । ନିଶାରେ ଲିହନ୍ତି ଶଶାଙ୍କକୁ ଏତ ସୁଧାକର ବୋଲି । ୯୯ । ଦିବସେ ଦିବସ-ଈଶ-କରପାତେ ତୃଷାର୍ତ୍ତ ବିଶେଷ । ସେ ପୁର-ନରବରଙ୍କ ପଦ୍ମରାଗ-ନିର୍ମିତ ନିବାସ ॥ ହେବାରୁ ନ ରଜନୀରେ ସୁଧାକରେ ବିଲୋକି ଉପରେ । ସ୍ୱ ଅଗ୍ର-ଜିହ୍ୱାରେ ଲିହେ ପାଣ ହେତୁ ନ ବଢ଼ାଇ କରେ । ୧୦୦ କଳାନିଧି-କୋଳ-କଳଙ୍କ ନିଶାରେ ସେ ନଗରପୁର- । ଶିଖ-ପୀତ-କେତୁ ସଙ୍ଗ ଲଭି ବଳାହିଭୂତ ଶେଖର ॥ ପୃଷ୍ଠରେ ଶୟନକାରୀ ପୀତାମ୍ବର-ଶ୍ରୀହରି-ଶୃଭୁରୀ । ଶୈବାଏ-ନିଶୀଥେ ନିସ୍ତନ୍ଦ୍ରରେ ଧରା ନ ପଡ଼ିବ ବୋଲି । ୧୦୧ । ସଦା ବେଦପାଠ-ମୁଖର ଚତୁର ବଦନେ ବିଧାତା । ନିଷେଧୁଁ ଗାଧି-ତନୟର ଅପରସ୍ୱର୍ଗ-ରଚନକଥା ॥ ସେ ଅର୍ଦ୍ଧ-ନିର୍ମିତ-ଅମର-ସଦନ-କେତୁ- ତତି-ଛଳେ । ସେ ପୁର-ପ୍ରାସାଦ-ଚୂଳେ ଚଢ଼ିଥାଏ ନପଡ଼ ଭୂତଳେ । ୧୦୨ । ବିମଳ-ନୀଳମଣି-ମେଳେ ନିର୍ମିତ-ଭୂପାଳ ନିଳୟ ।-ସ୍ଫୁରିତ-ପ୍ରଭାରେ ଅଳଭଳ ନୀଳ ଦିଶି କେତୁଚୟ ॥ ଦିବସେ ଦିବସ-ଈଶ-ଅଙ୍କଦେଶେ ଲୋଟି ନାନାଭଳି । ଖେଳ-ବିହୋଳା ବାଳିକା-କାଳିନ୍ଦୀର ବହନ୍ତି ଶ୍ୱଭୁଷା । ୧୦୩ । ତହିଁ କାମିନୀଏ ନିବିଦ-ବମାନେ ପତି-କେଳିପୁରେ । କେନ୍ଦ୍ର ସ୍ୱଚନ୍ଦ୍ରଶାଳାପୁର- ଚୂଡ଼ୁଁ ଲେଖକେ ତୋଟରେ ॥ ନପଡ଼ୁଁ ନିମେଷ ପ୍ରାଣେଶ-ଅବାସ ପ୍ରବେଶ ସୁଅନ୍ତି । ଦର୍ଶକଙ୍କ ଶତ୍ରୁ ଜନ୍ମାଇ ନିରତେ ଅପସରା-ଭ୍ରାନ୍ତି । ୧୦୪ । ଦମୟନ୍ତୀ-କେଳି-ଶୈଳ-ମରକତ-ଅଂଶୁମାଳ ଚଳ । ବ୍ରହ୍ମାଣ୍ଡ-ଉର୍ଦ୍ଧ୍ୱ-ଫାଳ ବାଧା-ଭଙ୍ଗରେ ଲୁଥାଇ ମଉଳ ॥ ଉତ୍ସନେ-ଶାଦ୍ୱଳ-ସୁରଗାଭୀ-ବ୍ରାତ-ବଦନେ ପ୍ରବେଶି । ଗୋଗ୍ରାସ-ପ୍ରଦାନ-ବ୍ରତ-ସୁକୃତରେ ପୁରେ ଆନ୍ତି ଭୂଷି । ୧୦୫ ।, ସେ ରାଜ-ଦୁହିତା

Digitized by srujanika@gmail.com

କେଳିବନେ ମିଳି ମରାଳ ଚପଳେ । ଦେଖଇ ତରୁଙ୍କ ଆଳବାଳ ବନ୍ଧା ଶଶିକାନ୍ତ ଶିଳେ । ଅମ୍ବୁ-କର ବାଜି ସ୍ୱେଦେହ-ନିସୃତ-ନୀରେ ସେ ପୂରିତ । ଅନ ଜନଙ୍କର ସେଚନ-ଶ୍ରମଦାନ ତହିଁରେ ବୃଥାର୍ଥ । ୧୦୬ । ଏକାଳେ ସେ ହେମ-ହଂସ ନିରୁପମ-ସୁନ୍ଦରୀ-ସଜନୀ--। ଜନେ ପରଭୃତା ଭୀମଭୂପ-ସୁତା ବିଲୋକିବା ଲକ୍ଷଣୀ ॥ ମଣିଲା ମନେ ଏ ଉପବନ-ନଭେ ବିଚରଇ ଖେଳା । ତାରକା ତତି ସଙ୍ଗତି ଲଭି ଶୋଭା ନବ ଶଶିକଳା । ୧୦୭ । ଏତେ ବିଚାରି ମଣ୍ଡଳ ଗତିକରି ଆକାଶେ ଭ୍ରମେ ସେ । ଅବତରିବାର ସ୍ଥାନ ଉପବନେ ହେଜଣ ମାନସେ ॥ ମଣ୍ଡଳେ ଭ୍ରମୁଁ ମରାଳ ନଭେ ତାର ତନୁ-ସ୍ୱର୍ଣ୍ଣପ୍ରଭା । ଦମୟନ୍ତୀ-ମୁଖ-ଶଶୀ-ପରିବେଶପରି ଦିଶେ ଶୋଭା । ୧୦୮ । ସେ ବନିକାରେ ଅବନୀପତି-ସୁତା ସହଚରୀ ମେଳେ । ଖେଳଇ ସେ ଶୋଭା କହିଁ ଲୋଭି ହଂସ ମାନସରେ ଭୁଲେ ॥ ନନ୍ଦନ କାନନେ ଏମନ୍ତ ଆନନ୍ଦେ ପୁଲୋମଦୁହିତା । ସମ୍ଭୋଗ ପାଉ ନ ଥିବ ହେଲେହେଁ ଅପ୍ସରୀ ସେବିତା । ୧୦୯ । ଶ୍ରୀହର୍ଷ-ଶଶି-ଭଣିତି-ଅଂଶୁରାଶି ପ୍ରସରି ଇଚ୍ଛିତେ । ଉଚ୍ଛୁଳାଇଛି ଗୋପୀନାଥ-ଆନନ୍ଦ-ସରିତ-ଦମ୍ଭିତେ ॥ ଯାଚିବା-ଭାଜନ ନୁହେ ସେ ବିବୁଧେ ସେବିଲେ ସେବିବ । ସୁଧା-ସ୍ୱାଦ-ଚଖା ମୁଖକୁ ଏ ସିନ୍ଧୁ-ନୀରକି ରୋଚିବ । ୧୧୦ ।

ତୃତୀୟ ଛାନ୍ଦ ।

ରାଗ—କଲ୍ୟାଣ ।

ଅବତରଣର ସ୍ଥାନ ମାନସରେ ସ୍ଥିରକରି ସେ ହଂସବର ।
ପକ୍ଷ ସଂକୋଚଇ ରଭସେ ଖସଇ ବିରଜି ଗଗନମଣ୍ଡଳ ।
ନିବେଶ ଦେଶ, ଲକ୍ଷି ପକ୍ଷ ବିସ୍ତାରି ।
କମ୍ପାଇ ବାରିଦ୍ୱୟ ଦମୟନ୍ତୀର ପାଶେ ପରଶେ ବସୁନ୍ଧରୀ । ୧ ।

ପିଣ୍ଡହେଉ ପକ୍ଷ-ପୁଟେ କ୍ଷିତି-ବକ୍ଷ-ଦେଶ ଆକସ୍ମିକ ଶବଦ । ସମ୍ଭବ ଭୁବ-ବଲ୍ଲଭ-ତନୟାର ମତି କରିଦେଲା ସ୍ତବଧ । ସୁଜନେ । ଆଗେ ଯେଣୁ ଥିଲା ସେ ରସି । ଏ ଅତିରିକ୍ତ ଶବଦେ ତା ଚିତ୍ତ ଚମକି ତେଣୁ ଗଲା ଲସି । ୨ । ସଙ୍ଗ-ସଜନୀଜନଙ୍କ ନେହ-ତତି ରତି ନିଜ ନିଜ ଦ୍ରବ୍ୟରୁ । ବିରଜି ମିଳିଗଲା ସେ ବାଜିରାଜ-ହେମଗରୁତ-ଦର୍ଶନରୁ । ସୁଜନେ । ହଂସର ନିରୁପାଖ୍ୟ ରୂପ । ବ୍ରହ୍ମବିତ ହୋଇ ସଖୀଙ୍କ ଆକ୍ଷିକି ଦେଲା ଭୁଲଇ ଯୋଗୀ-କଳପ । ୩ । ନିକଟଗୃହେ ମରାଳେ ଗ୍ରହିବାକୁ

Digitized by srujanika@gmail.com

ଶଯ୍ୟେ ସେ କରୀନ୍ଦ୍ରଗାମିନୀ । ସ୍ଥିରତା ଅଦରୁ ଶରୀରେ ସତ୍ତ୍ୱରେ ଅଦରେ ବରବ୍ରତ ଠାଣି । ସ୍ୱଜନେ । ସେତ ସମାଧି-ସ୍ଥିର ହୋଇ । ସଦା ପାର୍ଶ୍ୱଗୃହ ହଂସ ପରିଗ୍ରହାଶଯ୍ୟେ ପ୍ରସହୂ କରୁଥାଇ । ୪ । ଅକାଳ ଇଙ୍ଗିତୁଁ ଦମୟନ୍ତୀ ମଣ୍ଡ ବାଉ ପାରିଲେହେଁ ନିର୍ମିଲେ । ତଥାପି ସେ ହଂସବର ବନ୍ଧାଗ୍ରହ-ଦେଶେ ନ ଉପୁଛିଲେ ଚପଳେ । କେବଳ । ଦ୍ରୁତ-ପ୍ଲୁତ-ଗତି ଅଚଳ । ଦେଉଥାଏ ଏକା ନିଜାଙ୍ଗେ ବରାଙ୍ଗୀ-କର-ପତନ ବୃଥାକରି । ୫ । ହଂସ-କଉତୁକେ ସେ ଘମାଇଶ୍ୱର-ସୁନାଶ୍ରମ ବୃଥା ହେବାର । ଦେଖି ସଖିଏ ଅକ୍ଷିରେ ପରସ୍ପର ହୋଇ ମାଇଲେ କରତାଳ । ହସିଲେ । ଭଲ ଜବା ସେ ମାନସରେ । ତୁଳା-କୋମଳା ଯେ ବାଳା ସେ ରସେ ଏ କପାଁ ଅତୁଳ ସାହସରେ । ୬ । ମାରୁ କରେ କର ଅରମ୍ଭି ଚହଲ ଗୃହ ଦେଉଅଛ ମରାଳେ । ମୋ ସହିତ ଅସି ସହିଏ କେହି ଗୋ ସାଧୁଛ ବାଦ ମୋର ତୁଲେ । ଏମନ୍ତେ । ବାଣୀରତନ ଉଠି ଚଳେ । କୋକିଳ-କଳଭୂଷିତକୁ ଇଷିତେ ସ୍ୱର-ସମ୍ପଦେ ଦେଲା ଦଳ । ୭ । ସଖିଙ୍କର ହାସ ଦରଶନେ ରୋଷ ଇଷତ ବସ୍ତୁଁ ମାନସରେ । ଦ୍ୱିଗୁଣ ଉତ୍ସାହେ ହଂସ ପଛେ ପଛେ ଚଳେ ବାଳା ଛାୟା ପ୍ରକାରେ । ପରଶି । ନ ପାରି ଅବେ ହେଲେ କରେ । ପଛେ ନ ପକାଉଥାଏ ପକ୍ଷୀ ପଛେ ଚଳିବାର ଲୁଳ ଲୁଳିରେ । ୮ । ତା ଦେଖି ସଖୀ ଭାଷନ୍ତି ହସି ଛଳେ "ହଂସ ଅଭିମୁଖେ ଗମନ । ଅନୁଚିତ" ଶୁଣି ତରୁଣୀମଣି ସେ ବରଚେ ଏମନ୍ତ ବଚନ । "ସଙ୍ଗିନୀ । ଅଶକୁନ କପାଁ ବିଗୁରି । ଶୁଭ-ଶକୁନ ତ ହଂସ ଏ ନିଶ୍ଚୟ୍ୟ କରିବ ପ୍ରିୟ୍ୟକାର୍ଯ୍ୟ ମୋର" । ୯ । ଏତେ ସଖୀଙ୍କି କହି ମନ୍ଥାମନ୍ତ୍ରନା ହଂସଗାମିନୀ ସେ ନବୀନା । ଅନୁସରୁ ହଂସେ ତା ଗମନ ଅନୁକରି ହଂସ ହୋଇ ଉନ୍ମନା । ସଚେତ । ଉପହାସ କରି ବାଳୀଙ୍କ । ଧରି ନ ଦେଇ ତ୍ୱରି ହୋଇ ଚଳଇ ନ ତେଜ ପୁଲିତ ଗୃହ୍ଲକ । ୧୦ । ପ୍ରତି-ପଦେ କରେ ଧରି ପକାଇବ ବୋଲି ବିଗୁରୁ ଥାଇ ଜେମା । ତା ବିଗୁରକୁ ଚୂରିଦେଇ ମରାଳ ବିରଚ ଗତ ମନୋରମା । ସୁଧୀରେ । ଖେଳା ଝ୍ଲେଲେ ଚଳି ବାଳୀଙ୍କ । ନେଲା ଓହ୍ଲାରି ସଙ୍ଗନୀ-ଛଡ଼ାକରି କ୍ରମେ ଦ୍ରୁତତି-ଗହଳକ । ୧୧ । ରୋଷାବେଗେ ଅଗ୍ରୁଁ ଗହଣ-ସଙ୍ଗକେ ବାରିଥିଲା ଅନୁଗମନେ । ଏତେବେଳକୁ ଛାୟାବିନା ନିଜର ସଙ୍ଗେ ନଥିଲା କେହି ଜଣେ । ସର୍ବାଙ୍ଗ । ଶ୍ରମଜ-ଘର୍ମେ ଥିଲା ପୂରି । ସେ ସୁଯୋଗ ଗୃହି ନରଭିରିଷାରେ ଭାଷେ ମରାଳ କୀର-ପରି । ୧୨ । "ଅଉ କେତେ ଦୂର ଯାଏ ପଛେ ମୋର ଗୋଡ଼ାଇବୁ ଦୋ ସୁକୁମାରୀ । ବୃଥା ପରଶ୍ରମ କି କେ କରୁ ଝରିଲଣି ଅଙ୍ଗୁ ତୋ ଶ୍ରମବାରି । କୃଶାଙ୍ଗି । ଦେଖି ଏ ଘନବନାଳିକ । ନିମିଷେ ହେଲେ ତୋ ମାନସରେ ବାସ ଭୀତି-ଲେଶ ନାହିଁ କରିକ । ୧୩ । ବୃଥାରେ ବେ ନିରୁପମା ଅପଥେ ତୋ ପଦପକାଇବା ବିଲୋକ । ଅନିଳ-ଲୋଳ-ପଲ୍ଲବ-ପାଣି ଗୃହି ବନ

Digitized by srujanika@gmail.com

ଲତାଏ ହୋଇ ଦୁଃଖୀ । ନଷେଧୂ । ଛନ୍ତି ଗୃହିଁ ସହ ପରାଏ । ଉଡ଼ୁଁ ଉଡ଼ୁଁ ଯାହା କପୋତ-ହୁଙ୍କାର ଶୁଭିଲ ତାଙ୍କର ଗିରଏ । ୧୪ । ନ ବିଗୃରୁ କେହ ଗୃରୁଣୀଳା ତୁହ ତୁ ଏକା ବିସ୍ମୃଷ୍ଟିଗ୍ରସ୍ତ । ଅକାଶ-ରଷା ବେଳ-ଦେଶେ ମାନସ-ସୁଖେ ଥାଏ ମୁଁ ତ ବିଚରି । କେମନ୍ତେ । ମୋତେ ଧର ତୁ କର୍ମ ମତ । ରହ ସୂରସଖା-ଯୌବନ-ଅଧୀନେ ନ ଯାଏ ଯା ତୋ ଶିଶୁଗଳ । ୧୫ । ଶତପତ୍ର-ଭବ-ପତ୍ର-ହଂସବଂଶ-ପତଳି ଅଟୁଁ ଅମ୍ଭେମାନେ । ଆମ୍ଭ ଗୃହବାଣୀ ସୁମନସଭିନ୍ନ ନରସେ ଅନଜନ କରେଁ । ସୁନ୍ଦରି । ସ୍ୱର୍ଗଙ୍ଗା,-ସ୍ୱର୍ଣ୍ଣ-ସରୋଜନୀ-। ମୃଣାଳାଶନଁ ଏ କାନ୍ତି ଅମ୍ଭ; କାର୍ଯ୍ୟେ ଥାଏ ତା ହେତୁଗୁଣ ପୁଣି । ୧୬ । ବିଧାତା-ଅଦେଶେ ନିଷଧ-ଅଧିପ-ବିଳାସ-ସର ସେବିବାକୁ । ଅନେକ କଳହଂସ ଅସିଅଛନ୍ତି ଅକାଶୁଁ ଏ ରସାତଳକୁ । ସୁନ୍ଦରି । ସେ ହଂସବଂଶୁ ଏକ ମୁହିଁ । ଭୂଲୋକ-ବିଲୋକନେ ହୋଇ ଉତ୍ସୁକ ଭ୍ରମଇଁ କଉତୁକେ ମହୀ । ୧୭ । ଏକ-ସମୟେ ସାରସଭବ ବିଶ୍ୱଭ୍ରମଣେ ବଳାଇଁ ମାନସ । ଲଭନ୍ତେ ରଥ-କର୍ଷଣେ ସ୍କନ୍ଧେ ମହାତ୍ରାସ ଅମ୍ଭ ପୂର୍ବପୁରୁଷ । ମୁଁ ଏକା । ବିଶ୍ୱେ ରଥ ଥିଲି ଭ୍ରମାଇଁ । ତେଣୁ ଅବିଶ୍ରାମ-ସଂସାର-ଭ୍ରମଣେ ଲେଶେ ଶ୍ରମ ମୋର ନୁହଇ । ୧୮ । ସ୍ୱର୍ଗୀୟ ଖଗକୁ ପାର୍ଥିବ ପାଶାଦ୍ଧ ଯତ୍ନେ କି ନିସ୍ଫଳ ହୋଇବ । ଏକା ଅମର-ନଗର-ଭୋଗ-ଭାଗ୍ୟ ଭାଲପଟ୍ଟେ ଯା ଲେଖାଥିବ । ସୁନ୍ଦରି । ତାହାର ଭାଗ୍ୟବଳେ ଏକା । ହୋଇପାରୁଁ ଅମ୍ଭେ ବନ୍ଧା କୋଟିକେ ତ ଗୋଟିଏ ତହୁଁ ନୁହେ ଦେଖା । ୧୯ । ଯାଗପୂର୍ତ୍ତାଦ୍ଧ କୀର୍ତ୍ତିରେ ଅମର୍ତ୍ତ୍ୟଙ୍କୁ ନଳ-ନରେଶ ତୋଷିଛନ୍ତି । ତେଣୁ ସେମାନେ ସାଗ୍ରହେ ସ୍ୱର୍ଗଭୋଗ ତାଙ୍କୁ ଏ ମର୍ତ୍ତ୍ୟେ ଦେଇଛନ୍ତି । ସୁଦତି । ଦୋହଦବଶେ ପଶ୍ଚ ଦ୍ରୁମ । ଅକାଳେ କୋରକ-ନିକର ବହନ୍ତି ସେବାରେ ନୁହେ କେ ପ୍ରସନ୍ନ । ୨୦ । ମେରୁଶୃଙ୍ଗୁ ଅବତରି ଶୀଘ୍ରେ ସ୍ୱର୍ଗ-ଗଙ୍ଗାନୀରେ ପକ୍ଷ ପ୍ରକ୍ଷାଳି । ତହିଁ ତାଙ୍କୁ ବାହୁଥାଉଁ ଅମ୍ଭେ ଅରମ୍ଭିଲ୍ୟ-ବେଳେ ସେ ସ୍ମରକେଳି । ସୁନ୍ଦରି । ସାଧୁଗଣନେ ସେ ପ୍ରଥମ । ଅରି-ନଗର-ନିକର ଜଣେ ଯାର ବୀର୍ଯ୍ୟର ଅବଲୀଳା-କ୍ଷମ । ୨୧ । ଅଧ୍ୱରରେ ଅଯ୍ୟ-ଧାରା ତୁଳେ ସ୍ୱଜ୍ୟ ବିବୁଧ ନିବହେ ବିତରି । ଅଧିକୁଁ ଅଧିକ ବଢ଼ାଇ ଅଛନ୍ତି ଶ୍ରୋତ୍ରିୟ ବିପ୍ରଙ୍କର ଶିରି । ସୁନ୍ଦରି । ସେ ଦଣ୍ଡଧାରୀ ଅଦଣ୍ଡତେ । କରନ୍ତି ଭେଦ ପ୍ରଥମର ଶେଷକୁ ଅନ୍ତମକୁ ସମ୍ପୂର୍ଣ୍ଣ ମତେ । ୨୨ । ଦାରିଦ୍ର୍ୟ-ବିଦାର-ଦ୍ରବିଣ-ଦାନରେ ପ୍ରାର୍ଥିଙ୍କି ମେଘ ସର୍ବଦା ସେ । ନିରତ ପ୍ରଦାନ ହେତୁରୁ ବିରକ୍ତି ଚିତ୍ତେ ନ ଥାଏ ତାଙ୍କ ଲେଶେ । ସୁନ୍ଦରି । ଲୋକନାଥ ପଦ ତାଙ୍କର । ହୋଇଛି ଏକା ସାର୍ଥକ ପ୍ରାର୍ଥି ନୋହ ଅଛି କେ ତାଙ୍କୁ ଏ ସଂସାର । ୨୩ । ଆମ୍ଭ ମୁଖୁଁ ନଳ-ନୃପ-ଅଜଳପ-ଶୋଭା-ସମ୍ଭାର କଥା ଶୁଣି । ଅନୁରକ୍ତ ହୋଇ ତାଙ୍କ ତହିଁ ମହୀ-ପାର ପୁର-ରମ୍ଭା ତରୁଣୀ । ଶେଷକୁ । ତାଙ୍କୁ ନ ପାଇ 'ତାଙ୍କ ନାମ-। ଅଂଶ ଥିବାରୁ କଲ୍ପ ଯାଇ ପ୍ରକାଶ ନଳକୁବେର

Digitized by srujanika@gmail.com

ପାଶେ ପ୍ରେମ । ୨୪ । କେଳି କାଳେ ତାଙ୍କ କଳକଣ୍ଠ ଗୀତ ଶୁଣିଥାଉ ତ **ଅମ୍ଭେ**-ମାନେ । ଏଥିଁ ଅମରପୁରେ ଗଲେ ସମ୍ପ୍ରତି ଗନ୍ଧର୍ବ-ସଙ୍ଗୀତ ଶ୍ରବଣେ । ସୁନ୍ଦରି । ମନକୁ ନପାଉଁ ସେ ଗୀତ । ହାହା ବୋଲି ହସୁଁ ଅମ୍ଭେ ସେ ଗନ୍ଧର୍ବେ ହେଲେ ହାହା ନାମେ ବିଖ୍ୟାତ । ୨୫ । ସେ ଭୂଦାର-ନଳ-ଉଦାର-ଚରିତ-ଶ୍ରବଣେ ସଦାରି ବାସବ-। ସହସ୍ରନୟନେ ଅଯତନ ଦଦନେ ବହନ୍ତେ ଅଶ୍ରୁଜଳ ଲବ । ପୁଲୋମ-। ସୁତାଭାଗ୍ୟବଶୁଁ ସେ ପଥେ । ଥିବେ ଦେଲେହେଁ ନ ପଡ଼ଇ ରୋମାଞ୍ଚଥିବାରୁ ତାରି ସର୍ବ ଗାତ୍ରେ । ୨୬ । ଶୁଣୁ ଶୁଣୁ ଭୂତପତି ସେ ଭୂଭୃତ-ଚନ୍ଦ୍ର-ଶ୍ରେଷ୍ଠ-ଗୁରୁ-ଚରିତ । ଅର୍ଦ୍ଧାଙ୍ଗ-ସଙ୍ଗିନୀ ଗିରୀନ୍ଦ୍ର-ନନ୍ଦନୀ ଶିବ ଆଉ ରହି ନୁହେ ତ । ଶ୍ରବଣ-। କଣ୍ଠୁ ସ୍ତୁନ ଛଳେ ଅଙ୍ଗୁଳି । ଗୃହ ଶ୍ରୁତିପୁଟେ ରୋଧୁଥାନ୍ତି ଆଉ ସେ କଥା ନ ଶୁଣିବି ବୋଲି ॥

ଧର୍ମ ବିଧିରେ ନିରବଧି ନିବନ୍ଧ ବିଧାତା ମୌନତାଛଳରେ । ସ୍ୱଭାବ-କୁଟିଳା ବାଣୀକି ବନ୍ଧନୀ କରିଥାଇ କଉଶଳରେ । ଜାଣିବ । କାହୁଁ ବା ବେଦଜଡ଼ ସେତ । ବନ୍ଧନୀ ତାରି ଯାଇ ନଳ-ଗଳାରେ ହେବାରେ ଅଲିଙ୍ଗନେ ମନ୍ତ୍ର । ୨୮ । ଶିଶୁତ ନିରତେ ଆଲିଙ୍ଗିଛି ତାଙ୍କୁ ସେ ହେଲା କେହି ମହାସତୀ । ଏମନ୍ତ ମତିକି **ଆଣିରୁ** ଅବା ରୁ ତେଣୁ ଶୁଣ ସେ ଶିଶୁପତି । ସକଳ-। ଲୋକ-ଦେହରେ ପଶିଥାଏ । ଏଣୁ ଆଜନ୍ମନାଲିଙ୍ଗନ ଦୂଷଣ ପରିହରି ପତି ଅଙ୍ଗେ ସହେ । ୨୯ । ନଳବଦନ-ସୁଷମା-ସଙ୍ଗେ ସମ-କରିବ ବୋଲି ପୂର୍ଣ୍ଣ ଶଶୀ । ନିର୍ମାଣିଛି ବିଧାତାରି ଯେଉଁକର ଥିଲା ତାହାକୁ ଘଷି ଘଷି । ସୁନ୍ଦରି । ସେ ମୁଖେ ଗୃହ୍ନି ଯେଉଁ ପାଣି । ଅଧେ ନିର୍ମାଣି ନୋହିଲା ବୋଲି ଦେଲା ଶିବ ଶିରେ ଫିଙ୍ଗି ସେ କ୍ଷୀଣୀ । ୩୦ । ନଳ-ମୁଖ-ପାଖେ ପରୀକ୍ଷାରେ ଦେଖେ ସମାନ ନ ହେବାର ଶୁଣି । **ଅମ୍ବର** ବଦନୁଁ ମଧ୍ୟାକ୍ଷେ ନକ୍ଷତ୍ର-ଛଳେ ଉପାଡ଼ି ଗୁଣି ଗୁଣି । ନ ପାରି । କଛି ଅଗ୍ନି କରି ଶେଷକୁ । କେବେ ସିନ୍ଧୁରେ ଝାସେ ବା ମେଘେ ପଶେ କେବେ ଅଗ୍ରେ ସୂରି ପାଶକୁ । ୩୧ । ଅମ୍ଭେ ତ ତାଙ୍କ ବାହନ ପରିଜନ ଅଭିଜ୍ଞ ନଳ ମୁଖର । ବର୍ଣ୍ଣନ ଅଦେଶୁଁ ଅମ୍ଭଙ୍କୁ ବର୍ଣ୍ଣନେ ଯାଉ ହୋଇ ଅମ୍ଭେ ମୁଖର । ତା ଶୁଣି । ଯାଏ ନାଭିପଦ୍ମ ସଙ୍କୋଚ । ଲୁଚୁଁ ତହୁଁ ଧାତା ବସନ୍ତି ଶ୍ରୀହରି ଶୀଘ୍ର ସହିତେ ଲାଜ ମୁଣ୍ଡ । ୩୨ । ଚତୁର୍ଦ୍ଦଶ ଅଷ୍ଟାଦଶ ବେନବିଦ୍ୟା ଅଛନ୍ତି ଏ ନୃପ ବଦନେ । ତାଙ୍କ **ଗଣା** ବ୍ୟାଜେ **ବିହି** ଥୋଇଛନ୍ତି ତହିଁରେ ଦ୍ୱାତ୍ରିଂଶ ଦଶନେ । **ସେ** ନୃପେ । ବେନ ଶ୍ରୀ ବେନ କ୍ଷମା ଦେଖି । ଅଗ ଯୁଗ ଯୋଗୁ ମାରି ବଜ୍ରଧର ଶେଷେ ହିଜ୍ଜାର୍ଥ ଶେଷ ଦୁଃଖୀ । ୩୩ । ସେ ରାଜ-ପାଳିତ ବାଜି-ସମାଜକୁ ଗୃହ୍ନି ଉପୁଜେ ତର୍କ ଚିତ୍ତ । ପକ୍ଷ-ବିହୀନ ପକ୍ଷୀରାଜ ଅବା ସେ କବା ମୂର୍ତ୍ତିମନ୍ତ ମରୁତ । ଅଥବା । ଅତିକାୟ ମନ ସେମାନେ । କେଉଁ ଦିଗକୁ ଶେଷ କରି ନାହାନ୍ତି ସେ ଅତିତୁରିତଗମନେ ॥

ଅରାତି-ଶୋଣିତ-ସରିତେ ସମରି ଭୂମି ଭୂଷି ହେଉ **ନିରତ** । ସେ ମହାରଥ ନରନାଥ-

Digitized by srujanika@gmail.com

ପ୍ରଚଣ୍ଡ-କୋଦଣ୍ଡମଣ୍ଡଳୁ ନିର୍ଗତ । ମାର୍ଗଣ । ଫଣୀଗଣଙ୍କର ଅଶନ । ପାଇଁକି ବିଶେଷ ଥାଏ ରହି ଅରି ନୃପଙ୍କ ଜୀବିତ ପବନ । ୩୬ । ତାଙ୍କ ଭୁଜଦଣ୍ଡ ସମର-କଣ୍ଡୂତି ଥାଏ ଅଦିର ଅବିରତ । ସେ ଭୁଜେ ଅର୍ଜିତ ଯଶ କି ଯାଁ ହେବ ନିଜ-ହେତୁ-ଗୁଣେ ରହିତ । ସୁନ୍ଦରି । ତେଣୁ ସେ ନୁହଇ ସମ୍ଭାଳ । ଦଶ-ଦିଗନ-ସମୁଦ୍ରଙ୍କର ତୀର ଡିଅଇ ଭସାଇ ଉଚ୍ଛୁଳ । ୩୭ । ଯେବେ ଭୁବନ ନିସ୍ମୃର ସର୍ବଜନ ଅମ୍ବର-ବିଭୂତି ଲଭିବେ । ଏକମନ ହୋଇ ସେ ନୃପ ସୁଗୁଣ-ଗଣ-ଗଣନରେ ବସିବେ । ସୁନ୍ଦରି । ଯେବେ ବା ପରାର୍ଦ୍ଧଙ୍କୁ ବଳି । ସଂଖ୍ୟାଧିକ ରହି ତେବେ ଅବା ଯାଇ ସେ ସର୍ବ ଗୁଣ ହେବ କଳି ॥

ବିହଙ୍ଗମେ ତ ନଭଗୃହୀ ନିଷେଧ ନାହିଁ ତାହାଙ୍କୁ କେଉଁ ସ୍ଥାନ । ତେଣୁ ଅମ୍ଭେମାନେ ଅନାୟାସେ ପ୍ରବେଶି ଥାଉ ରାଜ-ଭବନ । ସୁନ୍ଦରି । ସେ ପୁରୀ-ପରମାଣୁ-ଦଶୀ । ମାନଙ୍କୁ ରମ୍ୟ-ଗମନର ବିଶେଷ-ବିଧି ଶିଖାଉଁ ଯତ୍ନ କରି । ୩୮ । ଉର୍ବଶୀ ଆଦି ଅପ୍ସରାଙ୍କ ସୌଭାଗ୍ୟ ସୁରତ-କ୍ରୀଡ଼ା-କଥାମାନ । ସରସ ପଣେ ଯା ତୁଲେ ସୁଧା ଧାରା ହାରଇ ନ ହୋଇ ସମାନ । ଯେ ପୁଣି । ସୁକବି କାବ୍ୟେ ପ୍ରଶଂସିତ । କରି ସେ କଥା ଅବିମ୍ବ ରସ ଅମ୍ଭୋଧିରେ ମଜ୍ଜାଉ ତାଙ୍କ ଚିତ୍ତ । ୩୯ । ମଦନ-ରାଜନ-ନବାନୁଶାସନ-ଧନେ କେ ନ ରାଜନ ତହିଁ । ଅସୀମ-ବିଶ୍ୱାସ-ବଶେ ଅମ୍ଭ ପାଶେ ଗଚ୍ଛିତ କରି ନ ରଖଇ । ଅମ୍ଭେ ତ । ପକ୍ଷୀ ନ କରୁଁ ଲାଜ କାହିଁରେ । ଏ କାରଣ ବିଶୁଁ କେ କେବେ ହେଲେହେଁ ଲାଜ ନ କରେ ଅମ୍ଭଠାରେ । ୪୦ । ହେଲେହେଁ ଅତି ଅସଙ୍ଗି ଯାହାକୁ ମୁଁ ସଜେଗି ରୁନ୍ଧିବି ହୃଦରେ । ସେ ବାରତା ଅନନନ ପାଶେ ଯିବା କଥା ନ ଥାଇ ଅନ୍ୟଥାରେ । ଧାତାର । ଅନେକ-ବଦନେ ଭାଷିତ । ଯୋଗଶାସ୍ତ୍ର ଶୁଣି ଶୁଣି କଣ୍ଠି ବେନି ଯେଣୁ ମୋ ନିରତ ପୂରିତ । ୪୧ । ନଳଭୂପାଳ ଅଶ୍ରଦ୍ଧେୟ ସ୍ୱର୍ଗ-ସୁଖ ଭୁଞ୍ଜିବେ ଇତର ଯୋଷିତ । ବରବେହା ତୁ ଏକାକୀ ହୋଇ ରହିଥିବୁ ଏହା ଦହେ ମୋ ଚିତ୍ତ । ସୁନ୍ଦରି । ହେଉଛି ଏ କଥା ଯେମନ୍ତ । ଚନ୍ଦ୍ର-କରେ ହେଲା ବେଳେ କୁମୁଦିନୀ ସୁଖୀ ଦୁଃଖୀ ପଦ୍ମ ଯେମନ୍ତ ॥ ୪୨ ॥ ଅମ୍ଭ ବଚତ ଯେତେ ଗୃହୁଁ ବଚନ ସେ ଖାଲି ତୋଷୁଛି ତୋ ଶ୍ରୁତି । ତା ଭାବ ବୁଝି ନ ପାରିବୁ ନୋହିଲେ ନଳ-ତୁଲେ ମେଳ ସୁଦତି । ରସାଳ । ନୁହେ କି ଚୂତ ସବୁ ଦିନେ । ହୋଇଲେ ବସନ୍ତ ସିନା ମଧୁବ୍ରତ-ବ୍ରାତେ ଶୋଭେ ସେ ଯେନ ମନେ । ୪୩ । ଆଉ କାର ନୋହି ଏକା ତାର ତୁହି ହେବୁ ବୋଲି କେବା କହିବ । ବିଧାତା ହୃଦରେ ପଶି ମଦାଳସି କେ ତା ଚିତ୍ତ କଥା ବୁଝିବ । ବିବାହ, ନାହିଁ ତ ଆଜଯାଏ କରି । ତ୍ରିପୁର-ସାର-ସୁନ୍ଦରୀ-ବାରଣିର-ଶିଶୀତ ତୁହି ଅଣୁଦରୀ । ୪୪ । ନିଶା ସହିତେ ଶଶାଙ୍କଙ୍କ ସଂଯୋଗିଛି ଗିରୀଶେ ଗିରିଜା ସହିତ । ଶ୍ରୀ ତୁଲେ ହରିକି ଛନ୍ଦି ଦେଇଛି ଏଣୁ ବିଧାତାର ଇ ହିତ । ହେଉଛି । ବାର କେବଳ ମାତ୍ର ବାର ।

Digitized by srujanika@gmail.com

ଯୋଗ୍ୟେ ଯୋଗ୍ୟ ଘଟାଇ ବାରେ ତାହାର ପ୍ରବୃତ୍ତି ସ୍ୱତଃସିଦ୍ଧ ବୋଲି ।୪୫। ଉଚ୍ଛଳିତ-ନାରୀ-ସ୍ୱଗଣ-ସାଗର-ପ୍ରବାହକା ପ୍ରାପ୍ତ ତୁ ଧୀର । ନଳ ଭିନ୍ନ ଅନ-ଜନେ ତୋ ମିଳନ ହେଲେ ବୃଡ଼ବ କନଷ୍ଟ ଧର । ଗୁଣୁରୀ । ପାଇଁ କୋମଳ ମଲ୍ଲିମାଳ । କରକଣ ଲୁଣ ଘାସେ ବଳା ଉକ୍ତୁ ଖୋଜୁଥାଇଁ କେଉଁ ପାଗଳ । ୪୬ । ଧନେ ଯାନେ ନଯୋଜିତ ହୋଇ ମୁହିଁ ବନ୍ଧନକରିବାକାଳରେ । ଚତୁରାନନଙ୍କୁ ପୃଚ୍ଛିଲି ଏସନ ରସିବ କେ ନଳ କୋଳରେ । ସେକାଳେ । ଚନ୍ଦ୍ରଙ୍କ ହର୍ଷରସ୍ଥଳତେ । ତାଙ୍କ ଗିରେ ନେତାର ନାମ କର୍ଣ୍ଣେ ମୋ'ର ବାଜଲା ପ୍ରାପ୍ତ ହେଲା ପ୍ରତେ । ୪୭ । ଆନେ ମିଳନ ହେଲେ ତୁ ତହିଁ ଜନ୍ମହେବ ଯେତ୍ନିଁ ଅପକାରତ । ବହୁର ଦେହକ-ଯାକ-ଦକ୍ଷଣ ତେତେକେ ସିବ ହୋଇ ପୋତ । ସୁନ୍ଦର । ଜନାପବାଦ ନଦିନଧି । ତରିବାକୁ ତସ୍-ସୂଜନେ ତାହାକୁ ସାଧିଲେ ନ ଦଣିବ ବୃଦ୍ଧି । ୪୮ । ଏ ଅପ୍ରାସଙ୍ଗିକ ପ୍ରସଙ୍ଗର ବରଅଙ୍ଗି ଏତେତେକେ ହେଉ ଇତି । କେତେ ବିଷୟଯୁକ୍ତ ଏତେ ଶ୍ରମ ତୋତେ ଦେଲି ବୋଲି ମୁଁ ଖିନ୍ନମତ । ହେଉଛୁ । ଦୋଷତ ଯାଚଲିଣି କର । ଏବେ କହ କେଉଁ ବାଞ୍ଛା ତୋ ସମ୍ପାଦ୍ୟ ଯେ ଅପସ୍ଥୁଁ ହେବ ପାର" । ୪୯ । ବସୁମତୀପତି-ସନ୍ତ୍ରିତ-ମତକ ଜଳବାପାଇଁ ସେ ପତତ୍ରୀ । ଏମନ୍ତ ବଚନ-ଶୁଶ୍ରୂଷା ରଚନ କର ଭଜଲା ମୃଦନ୍ତୁତ । ସ୍ୱଜନେ । ଗମ୍ଭୀର ସରସୀ ମାନସ । ଏ ବେଳକି ବାର ନ ପାରଲା ଯାଏ ଏଥି ନ ରସନ୍ତୁ ବହୁଶ ।୫୦। ଏକାଳେ କଳଙ୍କୀ-କଳାନିଧି ଶୋଭା-ସମ୍ଭାର-ଦମ୍ଭଦଳା ମୁଖେ । ଅବନୀ-ବନିତା-ଜୀବେଶର ସୁତା ସୁକୁମାରୀ ରଖି ଖିଣିକେ । କଣ୍ଟିତ । ମାନ ଶବ୍ଦେ କରି ବଗୁର । ନୃପାଳକ୍ତ ଗୃହି ମଞ୍ଜୁଳ କୋମଳ ଗିରେ ଦେଲା ପ୍ରତ ଉତ୍ତର । ୫୧ । "ବାଳକ-ସୁଲଭ ଚପଳତାକୁ ମୋ ସହସ୍ରବାର ହେଉ ଧିକ । ଏହା ଯୋଗୁଁ ଘେନା ହୋଇ ମୁଁ ଜଳ୍ପନା ଆଗ୍ରହେ ଅଧିକୁଁ ଅଧିକ । ସମୀର- । ଗୃଳତ ତରଙ୍ଗ ସଗ୍ର ଏ । ତଟସ୍ଥ ତୁମ୍ଭଙ୍କୁ ଦେଇ ଉଦ୍ବେଗକୁ ଅଇଲି ଧାଇଁ ଏତେଯାଏ । ୫୨ । ସାଧୁ ସଜ୍ଜନଙ୍କ ଆଦର୍ଶ ହୋଇଛ ଆପଣା ସ୍ୱଚ୍ଛତା ପଣରେ । ନୋହିଲେ କେହି ଏ ଅପରାଧିନୀର ଦୋଷକୁ ନ ଘେନ ମନରେ । କରୁଛ । ପ୍ରଶଂସା ଯା ତା ପୂରତରେ । ଏଣୁ ଏ ମୋର ଅପରାଧ ତୁମ୍ଭର ସ୍ୱଚ୍ଛ ଆତ୍ମାରେ ପ୍ରତଫଳେ । ୫୩ । ଏକେତ ନାରୀ ମୁହିଁ ତହିଁ କୁମାରୀ ମୋର ଅସାଧୁ ଆଚରଣ । କ୍ଷମ ନଭ-ଚରବର ହେ ମଙ୍ଗଳ କ୍ଷମେତ ସାଧୁଙ୍କ ଭୂଷଣ । ଦେବାଂଶ । ବର୍ଣ୍ଣିତ ଅଟ ପୂଜନୀୟ । କେକୀପଚ୍ଛଧାରୀ-ଶ୍ରୀବତ୍ସ ଚିହ୍ନିତ-ଶ୍ରୀହରି-ମତ୍ସ୍ୟମୂର୍ତ୍ତି ପ୍ରାପ୍ତ । ୫୪ । ଅଧିକ ଆଉ କି ମୋର ଭ୍ରମତକ ସାଧିବ ହେ ଚିର-ମଙ୍ଗଳ । ଯେ ତୁମ୍ଭ ଲୋକନ ଜନ୍ୟ ମୋ ଲୋଚନ ଆନନ୍ଦ ହୋଇବ ପ୍ରବଳ । ଚନ୍ଦ୍ରମା । ଆପଣା-କିରଣ ପୀୟୂଷେ । ଲୋକ-ଲୋଚନକୁ ତୋଷିଲା ଉତ୍ତାରୁ ଆଉ ବେଶି କିସ ହେବ ସେ । ୫୫ । ମାନସ ଯାହାକୁ ନମିଷେ

Digitized by srujanika@gmail.com

ନ ଦେଲେ ସେ ମନୋରଥ କେହି ମୋର । କଣ୍ଠସରଣୀ କି ଧରସ ଅସିବ, କରିବ ତା କାହିଁ ପ୍ରଚୁର । ଅବଳା । ନାମ ବହି କେଉଁ ଯୁବତୀ । ଦ୍ୱିଜ-ରାଜଙ୍କର ଗ୍ରହଣ ବାଞ୍ଛନ୍ତି ଚଢ଼ି ଲଜ୍ଜାଲତା ନପାତି” ।୫୬। ସ୍ୱାଦରେ ଦ୍ରାକ୍ଷାକୁ ଲକ୍ଷ୍ୟ ବକ୍ଷ-ମାଣବାକ୍ୟ ଶୁଣି ବରବେହାର । ରସାଳ-ଶାଖାମୁଖୁଁ ଖସା ଦୋଷରେ ବସନ୍ତଦୂତର ମରାଳ । ନକଲା । ତଳେ ମାତ୍ର ଅଛି ଆଦର । ବୀଣା-କ୍ୱଣିତକୁ ଘୃଣାରେ ଚନ୍ଦ୍ରଲା ଅଯୋଗ୍ୟ ବୋଲି ଗଣନାର । ୫୭। ମନ୍ଦାକ୍ଷବଶୁଁ ମନ୍ଦାକ୍ଷର ସଂକ୍ଷେପ ଗରେ ସେ ବରବରନାର । ଲକ୍ଷି ନପାର ବିଶଦାର୍ଥ ସଂଶୟ ରଖି ଚତୁର ପକ୍ଷୀବର । ମାନସ । ଦରଷିବା ପାଇଁ ଯେମାର । ନିଜବଦନ ସରସିଜେ ସଂଯୋଗ କଲା ଏମନ୍ତ ପୁଣି ଗର । ୫୮ । ଭାଷଇ ମରାଳ; "ଅଗୋ ମହୀପାଳ-ଦୁଲ୍ଲାଳି କରେ କଳାକର । ଧାରଣ ଅଛି ଯା ବଚନ ରଚନ କଲୁ ଶ୍ରୁତିପୁଟେ ତାହାର । ସଦର୍ଥ । ଗ୍ରହଣେ ଅଯୋଗ୍ୟ କି ମୁହିଁ । ବେଦ ବଚନ ଶ୍ରବଣରେ ଯେସନ ଶୂଦ୍ରଜନ ଯୋଗ୍ୟ ନୁହଇ । ୫୯ । ଯାହା ମୋ ବଚନ ପଥେ ନିରନ୍ତର ରହିଛି ସେ ତୋ ମନୋରଥ । ଏତେ ଲୁଚଉଛୁ କି ପାଇଁ ଯୁଣୀଳା ଲଭିବୁ କେଉଁ ପୁରୁଷାର୍ଥ । ଭାବବୁ । ଅବା ମୁଁ ଜାଣିଲି ତା କେହି । ଯେବେ ଯେ ମନେ ଅଗମ୍ୟ ସେ ବ୍ରହ୍ମକୁ ଜନ ଧ୍ୟାନରେ ଥାଏ ପାଇ । ୬୦ । ରେ ଅସ୍ତନାସ୍ତିସଂଶୟସମାଚ୍ଛନ୍ନଉଦର ଘୋର ଗହ୍ୱରଗଳେ । ଲୋକେଶ-ଲୋକନିବାସୀ ଲୋକଯାକ ଭୂତ-ଭାବଣେ ମୋର ଭୁଲେ । ନୁହନ୍ତି । ସମ ଏ କଥା ମନେ ଯେନ । ପକ୍ଷୀ ହେଲେ କିସ ହେବ ସ୍ୱଭାବତ ବିଧାତାର କର-ସୃଜନ । ୬୧ । ବ୍ରହ୍ମା ବଦନେ ତ ସଦା ଶ୍ରୁତିଥାଏ ଅମ୍ଭେ ଥାଉଁ ସଦା ସେ ଲୋକେ । ଅମ୍ଭର ବଦନ-ନିବାସନୀ ବାଣୀ ପ୍ରତିବାସିନୀ-ଶ୍ରୁତଦକେ । କେବେହେଁ । ଭ୍ରମେ ହେଲେ ସେ ଅପଥରେ । ନ ଗମଇ ସାଧୁ-ସଙ୍ଗଗୁଁ ଏମନ୍ତ ପୁଣ ତା ଗୁଣ ମାନସରେ । ୬୨ । ଯାଗର-ଅଙ୍କ ପର୍ଯ୍ୟଙ୍କ ପରି ଯାବ ସେ ଲଙ୍କାପୁରୀକ ସୁନ୍ଦରୀ । ମନାସ୍ଥ ଯେବେ ମାନସେ ତେବେ ତ କ୍ତ ବଚୁର କରଧରାଧର । ତାବନେ । ଅନେ ଯେବେ ଥ ଏ ତୋ ମନ । ତାକୁ ମଧ୍ୟ ତୋର ଶଙ୍କର-କୋରକ-ହୃଦରଦରା-ଶାସ୍ତ୍ରୀ ଯେନ” । ୬୩ । ଏମନ୍ତ ବିଚକ୍ଷଣବାଣୀ ପତ୍ରରଥ-ମୁଖୁଁ ଶୁଣି ନୃପଦୁଲଣୀ- । ମାନସ ଅଧିକରଣେ ଆରମ୍ଭିଲେ ବାଦ ଲାଜ ଦୋଷ ସେକ୍ଷଣେ । ବୋଇଲା । "ଅନେ ନାହିଁ ମୋ ଅଭିଳାଷ” । ମନ ନ ଲଙ୍କାମଣି ମୋର ବାଞ୍ଛଇ କିସ ବା କହିବ ବିଶେଷ” ।୬୪। ଅବଳାଙ୍କର ଶୀଳତା ତ ଶଇଳ-ତୁଳକୁ ନୁହଇ ଅଳପ । ପୁଣି ତାଙ୍କ ଲଜ୍ଜା-ନଦୀରେ ମଦନ-ନାଗ ମଜ୍ଜି ଥିବା ସ୍ୱରୂପ । ଏ ବେଳ । କଥାକୁ ବଚୁର ମାନସେ । ଅସ୍ପଷ୍ଟ-ବାଦିନୀ ସେ ବରବେହାକୁ ପୁଣି ସେ ହଂସବର ଭାଷେ । ୬୫ । ‘‘ଯେ ବିଚକ୍ଷଣ ଶ୍ଳେଷ ଭାଷିଲୁ ନାରାଣ ‘ଦ୍ୱିଜରାଜ କର ଗ୍ରହଣ । ମନ ନ ଲଙ୍କା ମଣି ମୋର ବାଞ୍ଛଇ’ ଅଛି ଏଥିରୁ ତୋର ମନ । ପାରିଲି । ନାହିଁକି ବାର ଶଶୀମୁଖୀ ।

Digitized by srujanika@gmail.com

ଶ୍ଳେଷ ବଚନେ ଗୁରୁସି ତୋର ଥିଲେ ନୁହେ ତ ସୁଧୀରେ ମୁଁ ଦୁଃଖୀ । ୬୬ । ଯୁବ-
ତୀଙ୍କ ମତ ଅତହିଁ ଚପଳ ତାଙ୍କୁ ଲକ୍ଷ ରଖି କୁସୁମ- । ବିଶିଖ ବିଶିଖ ହନ୍ତ ନ ହୁଅଇ
ଯେଣୁ ସର୍ବଦା ସାର୍ଥ-କାମ । ମୋହନ । ତେଣୁ ତୋ ଚିତ୍ତ-ବିପର୍ଯ୍ୟସ୍ତ- । ଆଶଙ୍କା
ହେବାରୁ ଥିଲି ହିନା ନ ବୁଝିଲି ପ୍ରାସ୍ତୁ ତୋ ଅଭିପ୍ରାୟ । ୬୭ । ନସ୍ତାକ ମହେନ୍ଦ୍ର-ବତ
ସେ ନରେନ୍ଦ୍ର ମୁଁ ହେବ ତାଙ୍କ ପାଶେ ଦୂତ । ତୁ ଯାହା କହିଲୁ ଆରେ ବସିଗେହା
ତାହା ତ ଅର୍ଥ-ଯୁକ୍ତେ ଯୁତ । ସଂଶୟ-। ଯୁତ ଏ ବିଷୟ କେମନ୍ତେ । କହିବ ଇତର
ବତ ଯାଇ ମୁହିଁ ତାଙ୍କ-ପସି ନୃପ ପୁରନ୍ତ । ୬୮ । ନୋହୁତ ଏବେ ତୁ ସ୍ୱାଧୀନା
ଅଧୀନେ ରହିଛୁ ଜନକର ବାଳା । ତାଙ୍କ ଆଦେଶେ ଅବା ନିଜ ମାନସେ ଆନେ
ଲମ୍ବାଉ ଯେବେ ମାଳା । ତୋପାଇଁ । ନୃପେ ପ୍ରାର୍ଥୀ ହୋଇ ଥିବେତ । ପଡଲେ ଏ ସ୍ୱନ୍ତ
ଶ୍ରୁତି-ପୁଟେ ମୋରେ କିବା ନୋହିବ ତାଙ୍କ ଚିତ୍ତ ।୬୯। ଅଶଙ୍କା-ବଶରୁ ନିର୍ମଳେ ନ
କହି ଶ୍ଳେଷ କହିଲୁ ଯାହା ଧନି । ତେମନ୍ତ ସଂନ୍ଦେହ-କାର୍ଯ୍ୟେ ବ୍ୟବସାୟ କରିବ କା
ବଳେ ମୁଁ ପୁଣି । କହୁଛି । ତେଣୁରେ କନକ-ବରନି । ଏହା ତେଜି କହି ଆନ
ଇଚ୍ଛା ଥିଲେ ତାହା ସାଧିବି ଏହିକ୍ଷଣି" ।୭୦। ଏମନ୍ତେ ସେ ହଂସ-ସମ୍ଭାଷ ଶ୍ରବଣେ କରୁ
ପ୍ରବେଶ କୃଶୋଦରୀ । ଅତି ଅନିଚ୍ଛାରେ ମସ୍ତକ କମ୍ପିତ କମ୍ପାଇ ସ୍ଥିର ନୋହିପାରି ।
ମନ୍ଦାକ୍ଷେ । ଦରି ଆଦର ବେନି ତେଜି । ମରାଳକୁ ଚାହିଁ ମୃଦୁଳ ବଚନ ବିରଚନେ
କଲା ମରଜି । ୭୧ । "ମୋତେ ଆନେ ଦେବା କଳ୍ପନା ଯଦି ବା ବେଦବତ ମନେ
ଘେନୁଛ । ତେବେ ସେ ବେଦର ପ୍ରଥମ ଅକ୍ଷର ଓଁକାରେ କାଁରେ କଲ୍ପିଅଛ । ମରାଳ ।
ମୋ ମତରେ ବିଭିବରର । ନିଶାପତି ଭିନ୍ନ ଆନକୁ ବରଣ ହେଉ ତାର ଆଦ୍ୟ
ଓଁକାର । ୭୨ । ସବିତା-ବନା ଆନରେ ସରୋଜନୀ ପ୍ରକାଶେ ଅନୁରାଗ ବୋଲି ।
କ୍ୱାତ କାହି ନିମିଷେ ହେଲେ ଲୋକେ ତୁମ୍ଭ ବଦନୁ ନ ଶୁଣିଲି । ମରାଳ । ଏକା-
ବରଣ ଆନେ ମୋର । ଆଶଙ୍କା କରି-ପକାଉଛ ଇଭସେ ସାହସ ଧନ୍ୟ ହେ
ତୁମ୍ଭର । ୭୩ । ଅନଳ ଜନେ ଯା ମୋହର ମିଳନ ଆଶଙ୍କା କରୁଛ ମରାଳ । ନଳ
ବିନା ଆନ ଜନେ ହେଲେ ମେଳ କରିବ କୋଳ ମୁଁ ଅନଳ । ଏବାର । ସତ୍ୟ ଏ
କଥା ମୋର ଘେନ । ନ କରିବ ନୃପ-ସ୍ଥାନରେ ଅସତ୍ୟବାଦୀ ତୁମ୍ଭଙ୍କୁ କଦାଚନ ।୭୪
ନଳ ବିନା ଆନଜନେ ମୋ ବରଣ ଆଶଙ୍କା କର ଯେ ବୁଦ୍ଧିରେ । କିସ ପ୍ରୟୋଜନେ
ମୁଁ ଏହା କରିବ ସେ ନ କହେ କି ତା ତୁମ୍ଭରେ । ମରାଳ । ବ୍ୟଭିଚାର-ଶଙ୍କା
ଯହିଁରେ । ନାହିଁ ସେ ଗିର ଯେବେ ବେଦ ନୁହଇ ଆଉ ବେଦ କାହିଁ ମହୀରେ ।୭୫।
ନଳେ ମ ଦେଇ ଯେବେ ଆନେ ଜନକ କରନ୍ତି ମୋରେ ସମ୍ପ୍ରଦାନ । ତେବେ ସେ
ଦହନେ ଦାନ କି ନ ଦେବେ ମୋ ଜୀବସ୍ଥାନ ଅପଘନ । ହଂସ ହେ । ଯେ ସିନା
ଦେଇଛନ୍ତି ଦେହ । ଦେହେ ତାଙ୍କ ଅଧିକାର, ମନ ମୋର, ତାହାର ନଳ ନୃପେ

Digitized by srujanika@gmail.com

ସ୍ନେହ ।୭୬। ନଳ-ମହୀପାଳ-ଚରଣ-ତଳର ସେବକା-ପଣେ ସେବିବାର-। ଠାରୁ କି ଅଧିକ ସୁଖ ମୋର ଅଛି ସମ୍ଭାବିବ ଅହେ ମରାଳ । ବିଗ୍ରହ । ଶର୍ମା ନୁହେ କି ସୁଧା-କର । ଏହା ବୋଲି କେହି ତେଜି ଧନସାଇଁ ତାକୁ ଆଦରଇ କମଳ । ୭୭ । ମନ ତ ମୋର ତାଙ୍କ ବିନା ଆନର ଅଭିଳାଷୀ ନୁହେ କଦାଚନ । ଚନ୍ଦ୍ରାବତନ ତାଙ୍କ ତୁଳେ ବିଗ୍ରହରେ ମୋର ପାଷାଣୁଁ ନୁହେ ଭିନ୍ନ । ହଂସ ହେ । ଲୋକ ବନ୍ଧୁର ସାକ୍-ନିଧି । ପଦ୍ମମୁଖ ସେ ଅଟନ୍ତି ସର୍ବଦା ମୋ ଏଥି ନାହିଁଟି ଆନ ବୁଦ୍ଧି । ୭୮ । ଶୁଣିଛି ସେ କ୍ଷିତପତି-ଯଶକାନ୍ତି ଏକାଚକ୍ରେ ତାଙ୍କୁ ଧାଇଁଛି । ଭ୍ରାନ୍ତରେ ହରିତ-ତଟରେ ମୂର୍ତ୍ତିକ ନତ ତାଙ୍କ ଲକ୍ଷ କରୁଛି । ହଂସ ହେ । ଲଭିବ ବା ତାଙ୍କୁ ମରିବ । ଏ ବେନି କଥାତ ତୁମ୍ଭ ହସ୍ତେ ଅଛି କେତେ ବା ବୁଝାଇ କହିବ । ୭୯ । ଆଶ୍ରିତଜନ-ପାଳନ-ଜନ୍ୟ-ପୁଣ୍ୟ-ତୁଲେ ମୋତେ ପ୍ରାଣ-ପ୍ରଦାନ ।—ସୁକୃତ ତୁମ୍ଭର ଦିଶୁ ସମୁଜ୍ଜ୍ୱଳ ମରାଳ ଘେନ ମୋ ବଚନ । ନ ରଖ । ଏ ବୃଥା-ଆଶଙ୍କାକୁ ଚର୍ଚ୍ଚ । ମଙ୍ଗଳକାର୍ଯ୍ୟ ଆରମ୍ଭେ ବୁଝ ଆର୍ଯ୍ୟ ଅଶୁଭ ଶଙ୍କା ଅନୁଚିତ ।୮୦। ଅହେ ସୁଧୀର ହଂସ କର ବିନାଶ ମୋର ପ୍ରାର୍ଥନା ବିଷ ଲଭି । ବିଧିସିଦ୍ଧ ବିଷୟରେ ବାଦସାଧି କିବା ପୁରୁଷାର୍ଥ ହୋଇବ । ପ୍ରାର୍ଥନା-। ପୂରଣ-ଜାତ-ଯଶ-ପ୍ରାପ୍ତି । ଯହିଁ ଦୁଷ୍ଟଙ୍କ ମଧ୍ୟ ଓଷ୍ଠ ନ ଫିଟେ ତେଜି ତା କହି କିସ ଖ୍ୟାତି । ୮୧ । ମୋ ଜୀବନ ମୋତେ ପ୍ରଦାନେ ଏମନ୍ତେ କାର୍ପଣ୍ୟ କରୁଛ ମରାଳ । ଆନପାଇଁ ନିଜ-ଜୀବନ-ଦାତାଙ୍କ ଠାରୁ କି ଲଜ୍ଜା ବରିଜିଲ । ଏସନ । ଅନ୍ୟାୟ୍ୟ ଯେବେ ଆଚରିବ । କୀର୍ତ୍ତିଧାରା-ଧୌତ-ବିଶ୍ୱ ଧର୍ମିତ କରୁ ତୁମ୍ଭର ଖସି ଯିବ । ୮୨ । ଦେଲେ ମୋତେ ଜୀବ ଦେଇ ସୁହିଁ ଜୀବ ସୁଝିବ ତୁମ୍ଭ ଉପକାର । ଜୀବୁଁ ଅଧିକ ଯା ତା ଦେଲେ ଅଛି ତ ନ ଥିବ ପଥ ସୁଝିବାର । ହଂସ ହେ । ତେସନ ଦାନ ଦେଇ ମୋତେ । ନଙ୍କାଥ ଶୋଧପଥ ବୋଧି ଅସୀମ-ଦାରିଦ୍ର୍ୟ-ସମୁଦ୍ର ଉଦରେ ।୮୩। କରିଅଛୁ ମୋ ଜୀବନ-ପଣ୍ୟଦ୍ରବ୍ୟ ନାହିଁ ନ କର ଖଗବର । ନୋହୁ ପଛେ ଏଥି ଉପକାର ତୁମ୍ଭ ହୋଇବ ତ ପୁଣ୍ୟ ଅତୁଳ । ପାଇବ । ଜୀବେଶ-ଦାତାକୁ କି ଦେଇ । ତଥାପି ଯଶ ତୁମ୍ଭର ଘୋଷୁଥିବ ଜୀବନ ଥିବାଯାଏ ରହି ।୮୪। କିଞ୍ଚିତ-ମାତ୍ର ଉପକାରେ ଅଧୀନ-ହେବାର କୃତଜ୍ଞ-ଜନଙ୍କୁ । ଧନମଦେ ଭୋଳ ଧନୀଏ ମରାଳ ନ ଅଣନ୍ତି ସିନା ମନକୁ । ଦେଖାନ୍ତି । କାର୍ଯ୍ୟମୁଖେ ଯେ କିଜକ୍ଷଣ । ତେମନ୍ତ ସାଧୁଏ ଏମନ୍ତ କୃତଜ୍ଞ-ଜନେ କିଣନ୍ତି ଦେଇ ପ୍ରାଣ ।୮୫। ଅଷ୍ଟଦିଗପାଳ ଅଂଶ ତ ଭୂପାଳ ତହିଁ ମୋ ଏକନିଷ୍ଠା ଯୋଗେ । ସେମାନେ ଭାଗ୍ୟକୁ ପ୍ରସନ୍ନ ହୋଇଲେ ନୋହିଲେ କାହିଁ ମଣାଇବେ । ହଂସ ହେ । ତୁମ୍ଭଭଳି ସ୍ୱର୍ଗ-ନିବାସୀ । ଦିଅନ୍ତା ଭରସା ଦେଖାଇ ଦେଇ ପ୍ରିୟ-ପ୍ରାପ୍ତିରେ ମୋତେ ଅପେ ଅସି । ୮୬ । କାରଣ ବିଧାନେ ଅପ୍ରତ୍ୟକ୍ଷିତ ବି-ଷଣର ମୂଳ ହୋଇଛ । ମୋ ଭାଗ୍ୟ ଏବେ ନଳଦ ହେବାର କାଆଳୁ

Digitized by srujanika@gmail.com

କି ତୁମ୍ଭ ହେବ ମିଛ । ମରାଳ । ଅବଳା ମୁହିଁତ ଯୁଗତେ । ହେଉ ଏ ପ୍ରତପ୍ତ ହୃଦେ ତୁମ୍ଭ ଦାନ ଚନ୍ଦନ-ଲେପନ ତୁରତେ । ୮୭ । ନ କର ହେଳା ମରାଳ ଅଜ୍ଞ ଗୃହିଁ ଗୃହିଁ ବେଳ ବଳ ଯାଉଛି । ବିଳମ୍ବ-ସହ-ବିଷୟ ଅବସ୍ଥାରେ ବିଗୃହିବାର ସିନା ଗନ୍ଧି ! ପ୍ରତିଭ୍ର । ଗୁରୁ-ଉପଦେଶେ ଅପେକ୍ଷା । ନ ରଖିଲ୍ ତୁଲ ରୋଗାତୁର କାଳ-ବିଳମ୍ବେ କରଇ ଉପେକ୍ଷା । ୮୮ । ହଂସ ହେ ଯାଉଛ ଅଛ ହୋଇ ଦୂତ ମୋର ନିଷଧ-ଈଶ ପାଶେ । ଅନ୍ତଃପୁରେ ଯେବେ ଭେଟିବ ରହିବ ନାହିଁଟି ମୋ ସନ୍ଦେଶ ଲେଶେ । ପ୍ରେୟସୀ-। ଜନରେ ଦାକ୍ଷିଣ୍ୟ ବଶରୁ । ପିଟିବ ନାହିଁଟି ନୈଷଧ-ଇତର ବଚନ ନୃପ-ବଦନରୁ । ୮୯ । ଯେବେ ଅବା ଅନ୍ତଃପୁର-ଭୋଗେ ତୃପ୍ତ ପୃଥ୍ୱୀ ପତି ହୋଇଥିବେ । ତେବେ ଜଣାଇ ନ ଦେବଟି ଶ୍ରୁତିରେ ତାଙ୍କର ମୋର କଥା ଲବେ । ମରାଳ । ଶୋଷିକି ସିନା ତୋଷେ ନୀର । ସ୍ୱାଦୁ ସୁଶୀତଳ ସୁଗନ୍ଧ ହେଲେହେଁ ସେ ଜଳେ କିସ ଅଶୋଷିତର । ୯୦ । ହୋଇଥାନ୍ତି କ୍ଷୁବ୍ଧ ଯେବେ ବା ନିଷଧ-ଅଧିପ ତେବେହେଁ ମରାଳ । ତାଙ୍କ ଶ୍ରୀ ଶ୍ରୁତିରେ ଏ ମୋ ନିବେଦନ ସନ୍ଦେଶ ନ ଭାଷିବ ଛଳ । ଜାଣତ । ପିତ୍ତୋଦ୍ଭବ-ନର-ଜିହ୍ୱାରେ । ଥିଲେହେଁ ସାକର ତାକୁ ସେ ମଧୁର ନ ଲାଗଇ ତିକ୍ତ ବାହାରେ । ୯୧ । କାର୍ଯ୍ୟାନ୍ତରେ ଚିତ୍ତ ତାଙ୍କର ନିରତ ଥିବାର ଯେବେ ବିଚାରିବ । ତେତେବେଳେ ହେ ସୁଧୀର କଥା ମୋର କେବେ ଲବେ ନ ଉଚ୍ଚାରିବ । ଯେଣୁ ସେ । ଅନ୍ୟ-ମନସ୍କତା ବଶରେ । ଶୁଣି ନ ଶୁଣିଲ୍ ପରାସ୍ତ ହୋଇଲେ ଗଣା ହେବ ତା ଅବଜ୍ଞାରେ । ୯୨ । ଏଣୁ ଜଣାଉଛି ହେ ଗୁଣିକ-ବର ଠିକଣା କର ସୁସମୟ । ସେ ମହୀପତି-ଶ୍ରୁତିରେ ଜଣାମଣା କରିବ ମୋ ଉଦନ୍ତଚୟ । କହିବ । କିବା ମୁଁ ତୁମ୍ଭର ବଚନରେ । ମୁହିଁ ଅସିଦ୍ଧ ବିଳମ୍ବ-ସିଦ୍ଧକାର୍ଯ୍ୟ-ଯୁଗେ କେ ଅଧିକ ବେଭାରେ ॥ ନାଗଜନ ହୋଇ ଏମନ୍ତ ବଚନ-ରଚନ ଅଦ୍ଭୁତ ଅତି । ଏ ଭାବ ସିନା ତୁମ୍ଭ ଅମୃ ମତିକି ଅପିବା ଯୋଗାଏ ୯୩ତ । ହେଲେବହିଁ । କାମ ତା ନିର୍ଦ୍ଦୋଷିତା ସାକ୍ଷୀ । ସେ ସିନା ତାକୁ ମତାଇ ତା ବଦନେ ଏମାନ ବଳେ ଦେଲା ନଯାଣି । ୯୪ । ହର-ସୁରତ ପରସ୍ପର ବଇର-ଭାବ ପୂର୍ବୁ ଛନ୍ତି ଆଦର । ତେଣୁ ଉନ୍ମତ୍ତ-ଦର୍ଶନେ ସେ ବେନି ଦେନନ୍ତି ବଳେ ବୈର ସ୍ମର । କୁସୁମେ । ହର ସ୍ମର ଶର-ଛଳରେ । ବିରହ-ବ୍ୟାଧି-ପୀଡିତ ଜନେ ହର-ସେବା-ଯୋଗେ ମାର ବେଶରେ । ୯୫ । ଏମନ୍ତ ସେ କ୍ଷିତି-ପତି—ପୁଣ୍ୟ-ମତି ନିଷଧ-ଧରଣୀ-ପତିରେ । ଅତି ଅଣକତ ଭାରତୀ ତତିରୁ ବାର ନ ଉଚ୍ଚାର ଧାତିରେ । ମୂକତା ।—ପାଶରୁ ମୁକତି ବହନ । ବହିଲା ତା ଚଞ୍ଚୁ-ପୁଟକୁ ତହିଁରେ ବିକଶାଇ ଦେଇ ହସନ । ୯୬ । ପୁଣି ବୋଲେ ହଂସ, "ଆରେ ନାରୀଈଶ ନଳେ ଅଶକ୍ତ ତୁ ତ ଅତି । ତୋତେ ଭାବ ଭାବ ସେ ଭୁବ-ବକ୍ଷରେ ନ ଅଣ୍ଟଇ ତ ହବା ସତି । ମଦନ । ଅଙ୍ଗୁଁ ତ ତୁମ୍ଭ ବେନିଜନେ । ଯୋଜି ସାହିଲାଣି ଏଣିକି ମୁ

Digitized by srujanika@gmail.com

ପୁଣି ହେବ ଦୂତ କେଉଁକାରଣେ । ୯୭ । ତୋ-ଚିନ୍ତାନିରତ ସେ ଧରଣୀଭୂତ-ବହିରନ୍ଦ୍ରସ୍ଥେ ଉପବାସୀ । ହୋଇ ତପ ଯାହା ସାଧୁଥିଲେ ତାହା ସଫଳ ହେଲା ଏବେ ଅପି । ତୋବିରୁ । ଅମୃତବତ ତାଙ୍କୁ ତୁନ୍ଦ୍ର । ତେଣୁ ତାହାଙ୍କର ଦେବତ୍ୱ ଏ ମର-ଶରୀରେ ଯିବ ଲାଭ ହୋଇ । ୯୮ । ଆରେ ସୁନ୍ଦର କନ୍ଦର୍ପ ବିଗ୍ରହଲ୍ଲ ଆମ୍ଭେ ଦୁହେଁ ତ ଏକସର । ଈଶାନ ନୟନ-ଅନଳେ ଦହନ ହୋଇ ହେଲି ମୁଁ ହତଶିରୀ । ଅନଳ । କଥା ଦୂରେ ଥାଉ ଏ ନଳ- । ପାଶେ ନ ଉରସେ ତାପ ତ ତେଣୁ କ-ତାପି ତାଙ୍କୁ କ . ର ବିକଳ । ୯୯ । ଭକ୍ତି-ବିଭୂଷା ତୋର ଚନ୍ଦ୍ର ସେ ରସାଇଣ ନିର୍ନିମେଷ ନୟନେ । ବିଲୋକନ କରୁ ନିରନ୍ତର ନିରତେ ଝରେ ତାଙ୍କ ଦୃଷ୍ଟି-ଅୟନେ । ତହିଁରେ । ଯାଏ ବିକସି ରଙ୍ଗବର୍ଣ୍ଣ । ସେ କାର୍ଯ୍ୟକୁ ଅଶ୍ରୁସମ୍ପାତ ଦ୍ୱିତୀୟ ତୋ ଚିନ୍ତା ପ୍ରଥମ କାରଣ ॥ ପଲକପତନ ପାଶୋର ସଜନ ମୋଦରେ ଦେଖନ୍ତେ ତୋ ଛବି । ନିରୋଧ ନ ମାନି ଜନମାଇଁ ବାଧା ଲୋତକ ପଡୁଥାଇ ସ୍ରବି । ନୟନ ।—ପ୍ରୀତି ପଲକବିସ୍ଥାନତା । ଦୁହେଁ ବିବାଦ କରନ୍ତି ଅଶ୍ରୁ ଯାଇଁ କହ ଏ ମୋ ଯୋଗୁ ଜନତା । ୧୦୧ । ବିହ-ରିଲେହେଁ ବାହାରେ ତୁ ମଧରେ ଅଛୁ ସେ ନୃପତି-ହୃଦର । କେଉଁ ପ୍ରକାରେ ନୋହୁଛୁ ମଣ୍ଡି ଟୋଭ କହ ତାଙ୍କ ପ୍ରାଣ-ପ୍ରକାର । ନିରତ । ଧାଏ ଯା ତୋତେ ତାଙ୍କ ଚିତ୍ତ । ହେବାରେ ସେ ଚିତ୍ତ ତୋ ଅଧୃତ୍ତ ଏଥି ଅଛିକ ବିଚନ କିଣ୍ଟିତ । ୧୦୨ । ତୋ ପାଇଁ ତାଙ୍କ ଯା ଅନଳ୍ପ କଳ୍ପନା ସୁଦୀର୍ଘ-ସୋପାନ-ଶ୍ରେଣୀ ଯେ । ତହିଁ ଅବିରତ ସୁଶ୍ରୋଣି ତୁ ଆରୋହଣ କରୁଛୁ ଅନଳସେ । ରମ୍ଭୋରୁ । ଶୁଣୁଁ ତୋ ବହିବା ନିଶ୍ୱାସ । ତୋତେ ଭବ ଭବ ତୋ ସାରୂପ୍ୟଲଭିଥିବା ନୃପେ ତାହା ପ୍ରକାଶ ॥ ଅତି ଗୋପନେ ମନେ ମନେ ସଜନ ତୋତେ ଯାହା ଯାହା ଭାଷନ୍ତି । ପକାଏ ବ୍ୟକ୍ତ କରି ବିକ୍ତ ତାଙ୍କର ଅତରକଟେ ତା ସୁଦତି । ବଦନ । ତାଙ୍କର ଶତ୍ରୁ ଅଛି ହୋଇ । ନୃପତି-ଅରତି-ରଟାଶ-ମଇଳ-ସଙ୍ଗାତ ସାଥି ଯେଣୁ ସେହି । ୧୦୪ । ପର୍ଯ୍ୟଙ୍କ ଅଙ୍କ ନିଶାରେ ପଡୁଛନ୍ତେ ଧୀରେ ଆଦରେ କୋଳ କରି । ନୟନ ଚୁମ୍ବି ନୃପ-ମନ ବିହ୍ୱଳ ହରୁଥିଲା ଯେ ନିଦ୍ରା-ନାରୀ । ରୋଷରେ । ତୋ ଚିନ୍ତା-ନିରତ ନୃପତି । କତିକି ଗତି କରିବାକୁ ଏବେ ସେ ମତରେ ପାଇଡଛି ଭୀତି । ୧୦୫ । ମାର ମାର ଶର ଜ୍ୱର ପଞ୍ଚଶର ଶୋଷିଲାଣି ତାଙ୍କ ଶରୀର । ନାହିଁ ନାହିଁ ଥାଉ ରହିଛିହିଁ କୃଶତା ବିନା ତେଜ ଶୀର ମାତର । ସୁନ୍ଦରି । ବୃଥା ଶ୍ରମ କରେ ଅନଙ୍ଗ । ଅନଙ୍ଗ ହେଲେହେଁ ତେଜବେ କେବେହେଁ ନୃପ କ ତାରେ ବାଦରଙ୍ଗ । ୧୦୬ । ଅପଥେ ପଦ ପକାଇ ତୋ ପ୍ରାପତି ହେଲେହେଁ ତହିଁ ନ ଡରନ୍ତି । ତୋ ପଦ୍ମର-ପତ୍ର-କର ପଣକୁ ସେ ଅମର-ପଦ ବିଗ୍ରହନ୍ତି । ଭାବୁଛି । ଶର ମାର ମାର ମଦନ । ତନୁ-କର୍ତ୍ତନ ତୁଲେ କଷ-ଦେଲାଣି ସ୍ୱଭାବୁଁ କ କଷ୍ଟ ଛେଦନ । ୧୦୭ । ଘୋର-ବିରହ-ଜ୍ୱର-ଉପଗ୍ରହକୁ

Digitized by srujanika@gmail.com

ସିଦ୍ଧହସ୍ତ ବୈଦ୍ୟ ନିବହ । ପରଖି ପରଖି ନୃପଅଙ୍ଗ କଲେବେଳକୁ ନିଦାନ ଉଦ୍‌ଦ୍ୟ । ସୁନ୍ଦରି । ଗଲେ ହୋଇ ସଦ୍ୟ ନିର୍ବେଦ । ସେ ଶୀଳବନ୍ତ-ଭୂପାଳ-ଲକ୍ଷ୍ମ ତ କେ କଲ ତାଙ୍କ ଅଙ୍ଗେ ଅଣ୍ଡଦ ।୧୦୮। ଭ୍ରମେ ତୋ ସେଷାବକ୍ତ୍ର ମୁଖ ବିଲୋକ କେବେ ଥରନ୍ତ୍ର କେବେ ଅବା । ତୋ ସଙ୍ଗଲାଭ-କଳ୍ପନାକୁ ଦ୍ରୁତ ମଣି ହସନ୍ତ୍ର ଗୋସ୍ୱ କଦା । ଗମନ୍ତ୍ର । ଅନୁସରଲ ପ୍ରାୟ ତୋତେ । କେବେ କେବେ ପ୍ରତିଉତ୍ତର ଦିଅନ୍ତ୍ର ଶୁଣିଲ-ବତ ତୋ ଭ୍ରଷିତେ ।୧୦୯। ତୋ ବିରହ-ଜାତ-ଅଶ୍ରୁ-ଅନାରତ-ସ୍ରୋତରେ ଅତନ୍ତ୍ରି ପ୍ରଖର । ଦଣ୍ଡଧରର ଭଗିନୀ-ତରଙ୍ଗିଣୀ ତରଙ୍ଗି ଯାଏ ତାଙ୍କ ଭ୍ରବ । ସେ ପୁଣି । ମୂର୍ଚ୍ଛା-ଦ୍ୱୀପ-ମୋହ ପଙ୍କରେ । ଭାବେଣୀ; ତହିଁ ସେ ଉଦ୍ଭଟ-ଭୂଭୃତ-ମାତଙ୍ଗ ନିକ୍ଷନ୍ତ୍ର ଅବଳେ ।୧୧୦। ସବ୍ୟ ଅପସବ୍ୟ ଶର ସନ୍ଧୁ ପଞ୍ଚଶର ନରବର-ଶରୀରେ । ପଞ୍ଚ ଦ୍ୱିଗୁଣୁ ଜବ-ଯାଏ ବାଜଣ ଗୋଟିକେ ଗୋଟିଏ ଦଶାରେ । ବିମ୍ୱୋଷ୍ଠି । ସୃଷ୍ଟି କଲେଣି ଅବଶିଷ୍ଟ । ଶରଟି ଅକାଶପୁଷ୍ପ ହୋଇ ଯାଇ ନଷ୍ଟ କରୁ ତୋ ମନ କଷ୍ଟ ।୧୧୧। ରତିପତି-ହାସେ ଯାର ଅଶେଷ ଲେଖେ ହାସ ବିଶ୍ରାମ ନ କରଇ । ସେ ନରେଶ-ଦୂତପଣେ ତୋର ଚରିତ୍ର ବାରିବାକୁରେ ଗୃହମୁହିଁ । ଏତାକୁ । ଅସିଥିଲ ସଙ୍ଗ ବୁଝିଲ । ଗୁଣାନୁରାଗିଣୀ ତୋ-ପର କାମିନୀ କାହିଁତ ଅଉ ନ ଦେଖିଲ ।୧୧୨। କ ପରଶଂସିବସି ଅବା ତାକୁ ଯାହାର ସ୍ୱଗୁଣ-ଗଣରେ । ନଳ ପରିଏ ଧୈର୍ଯ୍ୟଶୀଳ ଭୂପାଳ ଚଞ୍ଚଳିତ ଅନୁକ୍ଷଣରେ । ସମୁଦ୍ରେ । ଉଛୁଳାଇ ଦେବାରୁ ବଳ । କହମୁଧି ଅଉ କବା ପରଶଂସା ଲଭିବ ଭ୍ରବ ବିରବଳ ।୧୧୩। ଶଶି ତୁଲେ ନିଶା-ପ୍ରାଏ ରସାଳସା ନରେଶେ ମିଶି ଶୋଭି ପାଅ । ସେ ତୋ ତୁଲେ ମିଶି ନିଶା ସଙ୍ଗେ ଶଶି-ସମ ହିଶନ୍ତୁ ରମଣୀୟ । ସୁନ୍ଦରି । ନିଶା-ଶଶିଙ୍କ ପୁଣ ପୁଣ । ଯୋଜ ସିଦ୍ଧହସ୍ତ ହୋଇ ବିହ ତୁମ୍ଭ ଦୁହିଙ୍କି କରିବ ମିଳନ ।୧୧୪। ନିଷଧ-ଅଧି-ପର ଶିଳ୍ପ କଳ୍ପନାସୀମାକୁ ତ ବଳି ଯାଇଛୁ । ତାର ବୈଦଗ୍ଧ-ବିକାଶନେ ଭୁବନ ହୃଦରେ ସ୍ଥାନ ନାହିଁ କିଛି । ବରାଙ୍ଗି । ତୋ ଉଚ୍ଚ କୁଚ-ଯୁଗ ଯେବେ । ପତ୍ରିବ କରେ ତାଙ୍କ ସେ ଶିଳ୍ପ ପତ୍ର-ରଚନେ ବିକଶିବ ତେବେ ।୧୧୫। ଏକ ଶଶଧର କେମନ୍ତେ ବା ତୋର ନେତ୍ର-ଇନ୍ଦୀବର-ଯୁଗଳେ । ଦାନ କରିବ ସନ୍ତୋଷ ନାସ୍ଥ-ଛିଣ ତେଣୁ ଏମନ୍ତ ଚିତ୍ତ ଭାଳେ । ଭୂପାଳ । ନଳ-ବଦନ-କଳାକର । ସେ ଶଶି ତୁଲେ ମିଶି କରୁ ସାଧନ ତୋଷ ତୋ ନୟନ ଯୁଗର ।୧୧୬। ସେ ମହୀପାଳର ଅନଳପ-ତପ-ଫଳ-ବୀଜରୁ ଅଙ୍କୁରିତ । ରେ ରଙ୍କୁ-ଈକ୍ଷଣି ଯେ ସୁକୃତ-ଲତା ସେ ତୋ ନଟାଙ୍କୁରେ ଶୋଭିତ । ତାହାର । ନବୀନ ପତ୍ର-ଯୁଗଧର । ଭ୍ରୂ ଯୁଗ ତୋର ରାଜଇ ଅଧର ଧର ରହିଛି ତେମନ୍ତ ଶିରୀ ।୧୧୭। ପାଣି-ପଲ୍ଲବ-ଯୁଗଳେ ପଲ୍ଲବିତ ଧୃତ କୋରକେ ସୁରୁଚିର । ମନ ସହିତ ତନୁ-କମନୀୟତା-ସୁମନସେ ମନୋହର ।

Digitized by srujanika@gmail.com

ଫଳଛି । ବାଳା ପୟୋଧର-ଶ୍ରୀଫଳ-। ଯୁଗଳ ବୋଲୁଛି ଶୋଭାରେ ସମାନ ନାହିଁ ମୋ କେ ମଗ୍ନମଣ୍ଡଳ । ୧୧୮ । ପ୍ରୀତି-ସମ୍ପତ୍ତି-ବଣିଜାର କେଳିତପତ୍ର ଧରି ବସି ବସିଛି । ତଜିଲବାପାଇଁ କୁସୁମ-ନାଗର-ନାଟ୍ୟ କରି ତାର ରସିଛି । ରହିଛି । ତହୁଁ ରଶ୍ମି ଗଣେ ଓହ୍ଲାଇ । ଶଶାଙ୍କ-କଂଯା-ପରୁଡ ଭୁମ୍ବି ବେନି ପ୍ରେମ-ହେମ ସେ ତହିଁ ତୁଳ । ୧୧୯ । ମଦନ ଉତ୍ସବେ ସାତ୍ତ୍ୱିକ-ବିକାର-ହେତୁ ଜାତ ସ୍ୱେଦ-ମଧୁଟିଥି । ସ୍ୱିନ୍ନ ନରନାଥ-କରପଦ୍ମେ ଯୁତ ତୋ କୁଚ-ପଦ୍ମ-ଛଦବ୍ରାତେ । ହୋଇଣ । ତହୁଁ ପୁଣି ତୋ ପୟୋଧରେ । ଫେରିଅସି ବିମ୍ବାଧରୀ ବେ ଗୃତୁସି ପରକାଶନ୍ତି ନିରନ୍ତରେ ୧୨୦ । ବିବିଧ ବନ୍ଧରେ ନିଧୁବନ-ମଲ୍ଲଯୁଦ୍ଧ କେଳିବନେ ସମ୍ବାଦ । ଅବଲୋକନ କରି ସେ ଭାବମାନ ଲଭନ୍ତି ମରୁତେ ପ୍ରମୋଦ । କରନ୍ତି । ପୁଷ୍ପବୃଷ୍ଟି ସେ ଅବଛିନ୍ନେ । ସେ ସୁମନସ-ପତନ ପ୍ରତିଗ୍ରହ ସାନନ୍ଦେ ଭୁମ୍ବି-ବେଣିଜନେ । ୧୨୧ । ସମ୍ମିଳନେ ବେଣିଜନେ ଅନ୍ୟୋନ୍ୟର ସୁଷମା-ସୀମା ବଢ଼ାଇବ । ନାନା ବିଳାସ ସମ୍ଭୋଗକୁ ମାନସ-ଯୁଗ ତ ପଥ କଢ଼ାଇବ । ସୁନ୍ଦରି । ବେନି-ମନ ଅଣୁ-ଯୁଗଳ । ମିଶି ଦ୍ୱିଣିବ ଅନଙ୍ଗେ ଅଙ୍ଗବନ୍ତ ପୁଣ କଲା ପ୍ରାଏ ମଞ୍ଜୁଳ । ୧୨୨ । କୁସୁମଗୃହ ଦ୍ୱାର ସେ ନୃପେ କୋପେ ତୋତେ ଧନୁ କଲା ମଦନ । ସ୍ୱଭାବେ ତ ଭୁ ଶୁଦ୍ଧବଂଶ ସମ୍ଭୂତା ସୁଗୁଣେ ହୋଇଛୁ ଶୋଭନ । ସୁନ୍ଦରି । ତା ମୁଠାବନ୍ଧା ଡ଼ୋରି-ଫୁଲ । ଶୋଭାକୁ ପୁଷ୍ପେ ଲୋଳ ତୋ ଗଳା-ଭୂଷା ରଙ୍ଗ-ପଞ୍ଚସୂତ୍ରେ ବାରିଲି । ୧୨୩ । ଗୃହପତି ଭୁ ବାଳ ତୋ ମାଳ ମୁକୁତା-ଅବଳି-ବାତୁଳ ନିଷ୍ଠୁର । ସେମାବଳି ଗୁଣଭଳି ଝଲକଇ ନାଭି-ଦନ୍ତାରେ ରମଣୀୟ । ସୁନ୍ଦରୀ । ପାଇଲାକୁ ସିନା ଏ ସଜ । ସେ ରାଜହଂସକୁ ଲକ୍ଷ କରିବାକୁ ସାହସ କଲା ମନସିଜ । ୧୨୪ । ସେ ନୃପେ ଦ୍ୱାର ମନସ୍ତାପେ ଯେ କାମ ତୋ ଚକ୍ଷୁରେ ଶରନିକରେ । ଲଜ୍ଜାପଟେ କାମୁକି ବିରୂପାକ୍ଷ-ଲୋଚନ-ଭର୍ଜନ-ପାବକରେ । ପକାଇ ।-ଥିଲା ଅଙ୍ଗ ଏବେ ସେ ପୁଣି । ତୋ କୁଚ-ଗିରି-ପକ୍ଷପଣ୍ଡିଶାଳାରେ ତପେ ଜୟକୁ ହୋଇ ମୁନି” । ୧୨୫। ଏମନ୍ତେ ନରେଶ-ସୁତା ଭୁଲେ ହଂସ ସମ୍ଭାଷ ହେଉ ଅଳି-ପାଳି । ଲୋଡ଼ ଅସନ୍ତେ କାହିଁପାଇଁ ବାଳକ ଏଡ଼େ ବିଳମ୍ବ ହେଲା ବୋଲି । ତା ବାର । ହଂସ ‘ହେଉ ତୋ ସର୍ବଶୁଭ’ । କହି ମେଲାଣି ହୋଇ ନଳ-ନୃମଣି-ପୁରେ ନଭରେ ଗଲା ଯଦ । ୧୨୬ । ଅଭିଷ୍ଟସୁଗନ୍ଧସଙ୍ଗତ ପତଙ୍ଗ-ପୁଙ୍ଗବ-ଗର୍ବ-ହୈୟଙ୍ଗବ । ସଙ୍ଗେ ମିଶନ୍ତି ଅନଙ୍ଗର କୁସୁମ-ମାର୍ଗଣୁଁ ମଧୁଧାରା ସ୍ରବ । ସେ ରସ । ଅସ୍ୱାଦ ଅସ୍ୱାଦ ନୃପଜା । ନୋହିଲା ତୃପ୍ତ ବଢ଼ିଲା ତାପ ମାଳ ମୂର୍ଚ୍ଛା ଅସଇ ଦେଲା ମଜ୍ଜା । ୧୨୭। ହତ ପ୍ରିୟକାର୍ଯ୍ୟ ସେ ଗଗନଗୃହ ଯାଅନ୍ତେ ଗମି ଅନ୍ତରୀକ୍ଷେ । ତା ପଛେ ଗୋଡ଼ାଉଥିଲା ଦମୟନ୍ତୀ-ନେତ୍ର ଧୂଟେଳ ଚେକ ପକ୍ଷେ । ଲୋତକ । କ୍ଷୁଅନ୍ତେ ପରପନ୍ତି ଏଥି । ଛନ ଛନ ହୋଇ ମନ ଗୋଡ଼ାଇଲା ଧନ୍ୟ

Digitized by srujanika@gmail.com

ତାହାର ବନ୍ଧୁପ୍ରୀତ । ୧୨୮ । ପକ୍ଷକମାନେ ଅନ୍ୱେଷିଲେ ସେବେ ସମସ୍ତ ବୃତ୍ତାନ୍ତ ଜଣାଇଁ । ନୈଷଧ-ଈଶ୍ୱରେ ସେ ମରାଳ ଖରେ ଅନ୍ତରୀକ୍ଷ-ମାର୍ଗେ ଗମଇଁ । ସଖୀଏ । "ପଥ ଭୁଲିଲୁକ କାନ୍ତାରେ । ନ ଜାଣ ଅସ ଯିବା" ବୋଲି ପ୍ରବୋଧି ନେଲେ ବାଳୀକି ଅନ୍ତଃପୁରେ । ୧୨୯ । ସେଉଁସବୁ-ପାଣେ ପୂରୁବେ ନରେଶେ ବଳେକ ଥିଲା ତାର ଗାରେ । କାମର କୁଳତଶରଫଳବ୍ରାତବତ ଶୋଭି ପୁଷ୍ପ-ଗୁଚ୍ଛରେ । ଅଶୋକ । ଥିଲା ପଦତଳୁ ତା ତଳେ । ଦେଖିଲା ସନ୍ତପ୍ତଚନ୍ଦ୍ର ସେ ମରାଳ ଅଙ୍ଗତାପରେ ପଶ ଲୁଚେ ।୧୩୦। ଦମୟନ୍ତୀ ପରବଶ ତୁ କସ ମୁଁ କହବ ବୋଲି ନୃପ ଏତେ । ମରାଳ ମିତ୍ରୁଁ ପୁଚ୍ଛୁ ସେ ଏ ବିଷୟ ସବ ନିବେଦିଲା ଭୂପତେ । ସୁକୃତ—। ବନ୍ଧୁଙ୍କ ଅଭୀଷ୍ଟ-ପୂର୍ତ୍ତିକ । ମାନସେ ସମ୍ଭବବାରେ ଅଭିଳାଷ ବିଳମ୍ବ ସେତକ ତେତକ ।୧୩୧। ଶୁଣିଲେହେଁ ହଂସ-ଆସ୍ୟରୁ ନରେଶ-ସୁତାର ସମ୍ବାଦ ସମସ୍ତ । କହ କ କ ବୋଲି ବୋଇଲା ସେ ବାଳୀ ବୋଲି ପଶ୍ଚବନ୍ତ ଭୂଭୃତ । ଆନନ୍ଦେ । ଅଧୀର ହେଲା ଯେଣୁ ମତ । ହଂସେ ନ ଶୁଣି ଏହା ଏହା ମୋ ସହ ବୋଇଲା ବୋଲି ବୋଲୁଥାନ୍ତି ।୧୩୨। ଭାରତୀ-ଭଣ୍ଡାର-ସାର-ଗ୍ରାସପର ଯାର ଭାରତୀର ପ୍ରତିଭା । ସୁରତ-ରସବର୍ଷୀ ସେ ଶ୍ରୀହର୍ଷର ହର୍ଷେ ଅଟଇ ପଦସେବା । ସୁଜନେ । ହେଉ ବା ସରସ ନିରସ । ତୁମ୍ଭ ପ୍ରସାଦେ ଏ ଗ୍ରନ୍ଥ ଅନୁବାଦେ ଗୋପୀନାଥ କରେ ପ୍ରୟାସ । ୧୩୩ ।

ଚତୁର୍ଥ ଛାନ୍ଦ ।

ରାଗ—କାଙ୍ଗମୋଦୀ ।

ଏଥୁଅନନ୍ତ ପ୍ରମଦ ଏଥିନବେଶ ଶ୍ରୁତ ଶ୍ରୁତ-ଅନ୍ତକେ ଉପଗତ ।—ନଳ ନରେଶ-ଯଶ-ସୁରଭି-ସୁମନସ-ଗୁରୁ-ଗୃପରେ ଗତଇଶ । ସୁମନରୁ । ସେ ନୃପେ ଗ୍ରୋପକର ସଙ୍ଗ । ଭୈମୀ ବଜନ୍ତେ ବୁଦ୍ଧିପାଙ୍କ । ଶ୍ରୁତିପଥୋପଗତ ତାଙ୍କ ସୁଗୁଣ-ବ୍ରାତ-ଗୁଣରୁ କର କାର୍ଯ୍ୟ ସାଧି । ସାଧୁଜନେ । ୧ । କୁସୁମଶର ପରତାପ-ଜନତ-ଜ୍ୱର ଜର୍ଜ୍ଜରଗାତ୍ରୀ ସୁକୁମାରୀ । କଚ୍ଛହି ନ ବଗୃହ ପ୍ରିୟଚରିତ-ବାରଧିରେ ଅଧୀରେ କରୁଁ କେଳ । ସାଧୁଜନେ । ପ୍ରବଳ ହୋଇ ବେଢ଼ୁଁ ବେଳେ । ଶେଷେ ବିଷମ ହେଲା-ଜ୍ୱର । ତା ଅନ୍ତରୁ ସେ ତାପ କଷ୍ଟନ ନୋହିଲେପ ହୋଇଲା ସ୍ଥାୟୀ ଶରକାଳ । ସାଧୁଜନେ । ୨ । ପୂରୁବେତ କେବେହେଁ ଅଧୀରତା ଲଭେହେଁ ଧୀରାର ଯବ ନ ପଡ଼ଇ । ଏଣିକି ଦ୍ୱିଗୁଣିତ ହୋଇ ତା ପ୍ରକାଶିତ ତାର ଯା ନିରତ ହୁଅଇ । ଯେନ

Digitized by srujanika@gmail.com

ଜନେ । ଦୟିତ-ଦୂତ ସେ ମରାଳ । ଶିଖାଇଲା କି ଏ ଗୃଷ୍ଟଲ୍ୟ । ଯେଣୁ କାର୍ଯ୍ୟ କାରଣ ପଛେ ସଦା ଗମନ କରଇ ତେଣୁ ଏ ବଗ୍ଭର । ସାଧୁଜନେ । ୩ । ଇଷତ ହାସ ପରକାଟଣ ସେ ନାରୀଗଣର ବଦନ କାର୍ପଣ୍ୟ ବହିଲା । ଅପାଙ୍ଗ-ଅଙ୍ଗନରେ ଖେଳନେ ଖଞ୍ଜନରେ ନେତ୍ର-ଖଞ୍ଜନ ଗଞ୍ଜି ହେଲା । ସ୍ମର ନୃପ । ବେଣୀଏ ଛଳେ ମାନ ତାର । ଅନ୍ତରୁ ନୁହନ୍ତ ଅନ୍ତର । ବାଳାବଶ ମହେନ୍ଦ୍ର ସେ ଛଳେ ସ୍ୱର୍ଗବୈଦ୍ୟ ଯୁଗେ କି ପେଷିଛନ୍ତ ବାରୁ । ସାଧୁଜନେ । ୪ । କମଳମନୋରମ ବଦନ ତାର କାମ-କଦନେ ଶୁଖେ ଦିନୁଁ ଦିନ । ପ୍ରଭାକର-ପ୍ରଭାବେ ଅନୁଦିନ ବଢିବେ ଯେ ଭାବେ ଶଶି ହୁଏ ହୀନ । ସାଧୁଜନେ । ତାରୁଣ୍ୟ ତରଣି-କିରଣ-। ଦୃଢ଼ ତା ସ୍ତନ କୁମ୍ଭ ଘେନ । ତାକୁ ଯଥାସ୍ଥଳରେ ଅନଳ ସଙ୍ଗତରେ ତାପେ କୁମ୍ଭକାର-ମଦନ । ସାଧୁ-ଜନେ । ୫ । ତାପେ ତପ୍ତ କାମର ଊରୁଯୁଗେ ତାହାର ହୋଇବ ଅବା ରମ୍ଭା ତୁଳ । ରହି ମରୁଭୂମିରେ ଉଷର-ତପତରେ ଯେବେ ସେ ଯାଇଥିବ ଲୁଳ । କର ଯୁଗ । ତାର ସେ ତାପେ ସନ୍ତାପିତ । ହୋଇ ବହେ ଶୋଭା ଏମନ୍ତ । ତପ-ନୀପୀତ-ପରେ ତପ୍ତ ତପନ-କରେ ସରୋଜ ସାଜଇ ଯେମନ୍ତ । ସାଧୁଜନେ । ୬ । ମନସିଜ ସନ୍ତାପେ ବିଶୁଷ୍କ ହୋଇ ଅପେ ଅପଣେ ସେ ନବୀନା-ଉର । ଯାହା ନ ଯାଏ ଉଡ଼ି ତା ପୀନ ସ୍ତନ-ଯୋଡ଼କର ଥିବାରୁ ତହିଁ ଭାର । ଧାନ୍ୟ ଅଂଶୁ । ପଯ୍ୟରେ ପଶିଲେ କେମନ୍ତ । ବ୍ୟଥା ନ ଦିଏ ଘେନ ଚିତ୍ତ । ଯା ହୃଦରେ ଭ୍ରୂଭଙ୍ଗ ପଶିଅଛି ନିସ୍ୱିତ ତା ତ୍ରାସ ଏଥୁଁ ବିସ୍ମିତ । ସାଧୁ ଜନେ । ୭ । ଅନ୍ତରବର୍ତ୍ତୀ-ପ୍ରିୟ-ଲୋକନେ ଅତଶୟ ବସିଥିବାରୁ ନେତ୍ର ଯୁଗ । ଯେ ନବୀନାର ଅନ ବାହ୍ୟ ପଦାର୍ଥମାନ ଦର୍ଶନେ ନ ଥାଇ ସରାଗ । ଅଶ୍ରୁ-ଝର-। ସିକ୍ତ ଉରେ ବିରହ-ନତ । ବଦନ ତା ପ୍ରତିବମ୍ବିତ । ହେବାର ହୃଦ-ଗତ-କାନ୍ତ-ଚୁମ୍ବନେ ଚିତ୍ତ ଥିବାର ହୁଅଇ ପ୍ରତୀତ । ସାଧୁଜନେ । ୮ । ହୃଦୟେ ସ୍ମରାନଳ-ପ୍ରଜ୍ୱାଳନେ ଅନିଳ ନିଃଶ୍ୱାସଣରୁ ନିଃସରଣି । ଅସିବା ବେଳେ ଫେର ନାସାରେ ଏକା ଅଳଜନେ ପଡ଼ଇ ଜଣା ବସି—। ଥିବାରୁ ସେ । ବିରହ ସମ୍ଭୂତ ପାଣ୍ଡୁତା । ନବାନୁରାଗ କାଳୀ ଚନ୍ଦ୍ରା । ସ୍ୱବର୍ଣ୍ଣ ହରତାଳେ ହରତେ ଲେଖି ନଳେ ନିରେଖୁଥାଇ ସେ ବନିତା । ସାଧୁଜନେ । ୯ । ସ୍ମର ହୃଦେ ଏ ଦଶା ଦେଲା ବୋଲିକି ନାଶାମରୁତ ବାର ବାର କହି । ବକ୍ଷବାସ କମ୍ପାଏ ଅଶ୍ରୁଯୁ ଥିୟୁ ନୋହେ ଯହିଁ ଅଶ୍ରିତ ଲୋପ ତହିଁ । ବୁଝେ ବୁଧେ । କର-ଯଷ୍ଟିର-ମୁଖ-ନେତ୍ର- । ନାମେ ସୁଗାନ୍ଧୀ ଶତପତ୍ର । ଯା ବହିଥିଲା ଶାନ୍ତ ପାଇଁ ସେ ଦିନପତି-ତପତ କଲେ କି ବମିତ । ପୂର୍ବ ପୀତ । ୧୦ । ସେ ଭୁଭୁତଭୁବରେ ବାଷ୍ପସମୂହୁଁ ଖରେ ବାରନ୍ତ ଅଳ ଜନେ ଏତେ । ଏଥିରେ ଥିବା ନଳ ନୁହଇ ମାନ ତଳ ସତ୍ୟଇତର କଦାଚତେ । ନଳପାଇଁ । ଯେ ହୃଦ-ଅଛି ମଦନ ।' ତାକୁ ଯା କରେ ଏ କଦନ । ସେ ତ୍ରାସରେ ମୂର୍ଚ୍ଛିତ ଅପେ ହୋଇ

Digitized by srujanika@gmail.com

ବସ୍ତୁତ ଫଳଲା ତା ଅମାର ଘନ । ସାଧୁଜନେ ।୧୧। ତେଡ଼େ ବିରହ ତାପେ ଫାଟି ନ ଯାଇ ଅବଯ ରହିଲା ଯା ସୁଭ୍ରୁ-ଉର । ଏଥୁଁ ପାଷାଣପଣ ତାର ପ୍ରମାଣ ଅଣ ମନକୁ ଏହା ସାଧୁଗଣ । ସୁଧାକରେ । ଖରାଂଶୁଭ୍ରମ ତାର ଯାହା । ପ୍ରକୃତ ହୋଇଲେହେଁ ତାହା । ତା କରଣେ ଯା ଏହ ନିରତ ଜଳୁଥାଇ ଆଶ୍ଚର୍ଯ୍ୟ ନୁହଇ କି ଏହା । ସାଧୁଜନେ ।୧୨। କାମ ତାପେ କାତର ହୋଇ ହୃଦସ୍ଥପର ପଙ୍କଜ ରଖି ପଦ୍ମମୁଖୀ । ପଦ୍ମଭବା ସମଦ୍ୟେ ଶୋଭିଲୁ ପୂର୍ବବସ୍ତୁ ଉପମା ନ ଆଏତ ରଖି । ସାଧୁ-ଜନେ । ସମ କୁଅଳ୍ପା ଅବା ରତି । ହସିଇଲେହେଁ ସେ ତ ପତି । ପତି-ପଙ୍କଜଗୃପେ ଅଲଙ୍ଗେ ଛଟାତଲେ ବଳାଇ ନ ଥିଲା ତ ମତି । ସାଧୁଜନେ ।୧୩। ନିଜ ଅନ୍ତର ବର୍ତ୍ତି ବିରହର ସୁଦେତ ଅନଳଭାବ ନ ସମଜ । ସେ ଜଳନ୍ତା ଅନଳେ ସ୍ୱପ୍ରାଣ-ହୁଣ-କୁଳେ କଲା ତେଜବାକୁ ମନଜ । ଶାନ୍ତ ପାଇଁ । କୋମଳ ନାରୀ-ହୃଦ ଅତି । ଏ କଥା ତାରେ କି ନ ବର୍ତ୍ତି । ତା ପ୍ରମାଣ ମଦନ କଲାତ ପୁଷ୍ପବାଣ-ପ୍ରାସେ ସେ ହୃଦ ଦଳ ଅତି । ସାଧୁଜନେ ।୧୪। ପୁରୁତ କୃଶୋଦରୀ ନ ବାହାରେ କପର ତାକୁ ତାପିବ ବୋଲି ପାଞ୍ଚି । ସଙ୍ଗିନିଏ ଜାଣିଲେ ନିଷେଧିବେତ ଭଲେ ଏମନ୍ତ ଭାବ ଲୁଚି ଲୁଚି । କଉମୁଦୀ । ଜଳାକବାଟି-ଜଳା-ବାଟେ । ଗଳ ମିଳ ପୁର-ପ୍ରକୋଷ୍ଠେ । କପଟେ ହୋଇ ବିଷ ସେ ଶୋଭା-ନିଧି କୁଞ୍ଜ-କଣ୍ଟକ ଘାରିଲା ଲିସଟେ । ସାଧୁଜନେ ॥ ନୟନ ନୀରଜାତ-ପ୍ଲୁତ ହୃଦେ ଯୋହିତ-ରତନର ବିରହ-ତାପେ । ବନତ ବଦନର ପ୍ରତିବିମ୍ବ ରୁଚିର ପାତୁ ଏତର୍କ ଜାତ ଅଟଯ । ସାଧୁଜନେ । କାମର ପଞ୍ଚପୁଷ୍ପଶର । ପଦ୍ମବଧୂଲି ନୀଳୋତ୍ପଳ । ମୁଖ ଓଷ୍ଠ ଯୁଗଳ ନୟନ ବେନି ଛଳ ବହି ରହିଛି ଭେଦି-ଉର । ସାଧୁଜନେ ।୧୬। ବିରହରେ ପାଣ୍ଡୁର ଯେ ସୁଗାକ୍ଷୀ-କପୋଳ-ଯୁଗେ ଶଶି ପ୍ରତିବିମ୍ବିତ । ହୋଇ ସ୍ୱଭ୍ରତା ଗୁଣେ ନରଖଇ ବଦନେ ନିଜର ପାର୍ଥକ୍ୟ କିଞ୍ଚିତ । ସାଧୁଜନେ । କୋଳର ଶଶ କଥା ଚନ୍ଦ୍ର । ତାକୁ ତୁରତେ ଯେ ସୁନେତ୍ରୀ । ମୁଖ ଗଣ୍ଡରେ ନେଇ ଯତନେ ଦେଉ ଥୋଇ ହେଲା ଦୁହିଙ୍କ ଦ୍ରବ୍ୟ ମୈତ୍ରୀ ସାଧୁଜନେ ॥ ବିରହତାପଯୋଗେ ଚନ୍ଦନ-ଲେପ ଅଙ୍ଗେ ଶୁଖିଣ ଯାଏ ହୋଇ ଧୂଳି । ସେ ଧୂଳିଧୂସରିତ ଅଙ୍ଗନାର ଅଙ୍ଗତ ଦିଶେ ବିଭୂତିବୋଲା ଭଳି । ସାଧୁଜନେ । ବିଷ-ନିର୍ମିତ ଆଭରଣ । ଗଣ-ବିଷଧର ସମାନ । ସେ ତ୍ରିପୁର-ସୁନ୍ଦରୀ ଏଣୁ ତ୍ରିପୁର-ଅରି ପରିଏ କରେ କାମେ ଛନ୍ଦ । ସାଧୁଜନେ ।୧୮। ଅତି ତପତ ଉରେ ଚନ୍ଦନ ଲେପୁ ଖରେ ସେ ଲେପ-ଚନ୍ଦନେ ଗ୍ଲୋକ । ପ୍ରକଟ ଝଟତରେ ମତରେ ଏ ଭ୍ରାନ୍ତିରେ ଦିଅଇ ଉପୁଜାଇ ଠିକ । ସାଧୁଜନେ । ସେ ହୃଦେ ରହିଛତ ସୁର । ତାରିପତିତ ମିତ୍ର ତାର । ତେଣୁ ମିତ୍ର-ସଙ୍ଗୋଳା ଅଣେ କି ଘେନ ତାରେ ଅସିଛି ଶଶି ସୋଦର । ସାଧୁଜନେ ।୧୯। ହୃଦେ ତ ସ୍ମରାନଳ ଜଳୁଥାଇ ପ୍ରବଳ ତା ତେଜ ଶ୍ୱାସ-ପଥେ ଅସେ । ତାପ-ଶାନ୍ତିକି

Digitized by srujanika@gmail.com

ବଲ୍ଲିବାଳୀ ସରସ-ସରସଜ ସେଜମନ୍ତ୍ରେ କରଦେଲେ । ସାଧୁଜନେ । ସେ ତପ୍ତ-ନିଶ୍ୱାସ-ମରୁତେ । ଅର୍ଦ୍ଧ-ପଥରୁ ଶତପତ୍ରେ । ମର୍ମର ହୋଇ ଶୁଖି ଯାଥନ୍ତି ନୋହି ପୁଣି ପୁଷ୍ପଖୀ ଚେଜଇ ଭୁରତେ ସାଧୁଜନେ । ୧୦ । ତାପ ଶାନ୍ତି ବଶ୍ୱର ସ୍ତନ ଯୁଗଳେ ବାବରୁହ-ଯୁଗଳୁ ମେଳ କର । ରଖନ୍ତେ କୁଶୋଦରୀତନୁତାପେ ଝାଉଁଳ ମିଳନ୍ତେ ତହିଁ ଦଳପାଳ । ତାହାଙ୍କୁହିଁ । ଏ ତର୍କ ଉପୁଜଇ ମନେ । ନଳନେ କି ବାଳରତନେ । ବୋଧନ୍ତି ଗୋ ସୁଦନ୍ତ ଏମନ୍ତେ ନେତାର ପତ୍ର ଗ୍ରହିବେ କୁଚେ କି ଶୋଚନେ ? । ଗୃହୁଣୀଳେ । ୧୧ । ତ୍ରିମ୍ବ ବସ୍ତ୍ରନେ ଆନ ଏ ମୋର ହୃଦେସ୍ଥାନ ଲଭନ୍ତି ନାହିଁ ବୋଲି ଛଟଳ । ନିବେଦ୍ଧ କବା ବାଳୀତିଳକ ସୁକୁମାରୀ ଏ ଘୋର ମଦନ-ଅନଳେ । ସାଧୁଜନେ । ପରୀକ୍ଷା ପତିପ୍ରତିଜ୍ଞାକ । ଦେଉଛି ଅପେ ଏ ମତକ । ବିଶୁଦ୍ଧେଣୁଁ ତାର ବର୍ଣ୍ଣି ଦହଣ ପାଣ୍ଡୁର ପୂର୍ବେ ଯେ କ୍ଷଣଇଁ କେତକୀ । ସାଧୁଜନେ । ୧୨ । ଅଙ୍ଗ-ତାପ ପ୍ରଶମ ପାଇଁ ପାରସ ବାମନେତ୍ରୀ ଅଙ୍ଗେ ପଙ୍କେମାବ୍ରଜ । ଥିଲେ ଯା ରଖି ଦେଇ ଝାଉଁଳ ମୁଷ୍ଟି ହୋଇ ଗଲା ସେ ଲଭି ତନୁତେଜ । ସାଧୁଜନେ । ସଖି ସ୍ନେହୀ ସେ କମଳଜା । ମୁଷ୍ଟିରେ ତନୁତାପ ଘେନ । ଯାଏ କି ଅବା ତାପେ ମୃଷ୍ଟି ହରଣ ଅପେ ମାର ତଡବା ଇଚ୍ଛେ ପୁଣି । ସାଧୁଜନେ । ୧୩ । କୁସୁମଶର-ଶର-ଅଶୀବିଷ-ନିକର-ମୁନ-ଦଶନ-ଘାତ-କ୍ଷତେ । ଘୋର ବିରହ-ଗର ଚଳନ୍ତେ ଅଙ୍ଗେ ତାର ଘାରଲ୍ଗି ଶମାକୁ ଭୁରତେ । ସାଧୁଜନେ । ହବସେ ତପନ-ତେଜରେ । ନିଷ୍ଠୁର ପୀୟୁଷକରରେ । ଭୁଲ ହେଲା ନାରୀଶ କେଉଁ ଦର୍ଶକ-ହୃଣ ତା ଦେଖି ରଖିପାରେ ଜୀବେ । ସାଧୁଜନେ । ୧୪ । ମନମଥ-ବେଦନା-ନାଶ ପାଇଁ ନବୀନା-ହୃଦେ ଅଦ୍ର୍-ମୃଣାଳ-ମାଳ । ରଖୁ ଅଙ୍ଗ-ତପତ ନ ସହୁ ସେ ହୃଦୟ ମହଳ ଯାନ୍ତି ହୋଇ ଲୋଳ । ସାଧୁଜନେ । ପାଶରେ ନିବେଶିତ କର-। ଯୁଗେ ବଲୋକି କି ମୃଣାଳ । ନିଜ ଊନତା ହେଜି ଅପଣେ ଲାଜ ଭଜି ମଳିନ ହେଲେ ତତକାଳ । ସାଧୁଜନେ । ୧୫ । ତାପ ଶାନ୍ତି ବଶ୍ୱର ଶଇବାଳକୁ ଅଳ ବାଳୀବକ୍ଷରେ ରଖିଥାନ୍ତି । ସେ କମ୍ପେ ଘନ ଘନ ଶୁଣି ପିକନିସ୍ୱନ ହେଣୁ ଚମକୁଥାଏ ସ୍ଥିତ । ନବୀନାର । ତା ଗୃହିଁ ହୁଏ ଏ ବଗ୍ୱର । ଉଦରେ ତ ଛପିଅଛି ମାର । ତାର କେତନ ମୀନ ତଳେ ଚଞ୍ଚୁ କମ୍ପନ ବହେ କି ଶୈବାଳ ଏସନ । ସାଧୁଜନେ । ୧୬ । ଅବନୀପତି ନଳ ସେ ବରବନିତାର ବଦନେ ଶଶି-କାନ୍ତି ବୋଲି । ବଗ୍ୱରବାର ଚତ୍ତେ ନୁହଇ କଦାଚତେ ଅନୁଚିତ ବଲୋକ କରି । ଯେଣୁ ମୁଖ । ଉପାୟମାନ ନିଶାକରେ । ଧମୃଧର ରହି ନ ପାରେ । ତେଜଇ ନିର-ନ୍ତର ଅଶ୍ରୁ-ପତନ ଛଳକର ଲୋଚନଁ ଛରପୂରେ । ସାଧୁଜନେ । ୧୭ । କିପୁର କଣ୍ଠକର ନିକରପଞ୍ଚଶର ଯେମନ୍ତ ଅଟେ ସଞ୍ଚାର । ତେମନ୍ତ ପୁରନ୍ଧ୍ରୀ ବଜନ୍ତୀ-କମନୀୟ ଅସ୍ତ ଏ ରୂପସୀ ସୁରର । ସାଧୁଜନେ । ତେଣୁ କି ସ୍ୱଶର ଭୁଲକୁ । ବାମାକୁ ସମ କଲ୍ପ-

Digitized by srujanika@gmail.com

ବାକୁ । ତାର ପଞ୍ଚତ୍ୱପ୍ରାପ୍ତି ପାଇଁକ ରତିପତି ଅଗରେ ନାନା ଯତନକୁ । ସାଧୁଜନେ । ୮ । ଶଶୀକୃତାଶଶର ସନ୍ଧନ୍ତେ ଫୁଲଶର ତା ଗୃହିଁ ବିରହିଣୀ ବାଳୀ । ବିଗୁର ପେଷେ ନେତ୍ରଜାତନୀରସ୍ପୃଷ୍ଟତବ୍ୟାଜରେ ବାରୁଣବାଟୁଳ । ସାଧୁଜନେ । ନବମୁଦ୍ଧିବ ମେଘ-ଶର- । ବିନାଶକୁ ସେ ବାଳାବର । ଉଷ୍ଣପାର୍ଶ୍ୱ-ଶ୍ୱସନ-ଛଳେ କରେ ଗ୍ରହଣ ମରୁତ-ମାର୍ଗଣ ସତ୍ୱର । ସାଧୁଜନେ । ୨୯ । ରତି-ପତି-ପ୍ରହିତ ମନ୍ଦ-ମଳୟ-ବାତ-ଅସ୍ତ୍ରଭିତକ ପ୍ରତିକାର । ପାଇକ ଚନ୍ଦ୍ର ଚଢ଼େ ସେ ସୁଦତୀ ଭୁରତେ ସ୍ୱଦେହା-ଭରଣ-ମୃଣାଳ । ମାଳମାନ । ଗ୍ରହଣ କରୁଥାଇ କରେ । ଏତ ଉରଗ ସ୍ୱରୂପରେ । ସର୍ପେତ ପବନାଶି ତାଙ୍କ ପାଶେ ଭରସି ବାତ ନ ରହିବା ବିଗୁରେ । ସାଧୁଜନେ । ୩୦ । ସେ ବର-ବନିତାର ହୃଦୟସ୍ଥ ଫୁଲଶର ଜୀବନ ବିରହ ଏ ଦୁଇ । କଣ୍ଟକବତୀ ବେନି କୁଚ-ମୁଦ୍ଗରଯୋଗେ ପ୍ରହାର ଦେଲକ ମୁସଇ । ଅବା ଶର । ନିରତ ମାରୁ ସରୁ ଫୁଲ । ଶେଷେ କର ସମ୍ଭଳ ଫଳ । ତାକୁ ମାରୁ ତା ଉପରେ ଅଛି ସ୍ତନ ବ୍ୟାଜରେ ତାଳ ବା ଶ୍ରୀଫଳ ଯୁଗଳ । ସାଧୁଜନେ । ୩୧ । ମାରଜ୍ୱର-ବିକାର-ବଶୁଁ ସେ ନାୟିକାର ସନ୍ତାପ ବଢ଼ଇ ଅମାପ । ନିରତ ଅବାନ୍ତର କଥା-କରେ ଉଚ୍ଚାର ନେତ୍ରରୁ ଝରୁଥାଇ ଆପ । ସାଧୁଜନେ । ରଜନୀଟେ ତାପ-ଦାୟୀ । ବୋଲି ତାହାକୁ ନିନ୍ଦୁଥାଇ । ସେ ଶଶିର ଅସିତ ଚିହ୍ନକାର ସନ୍ତତ କୀର୍ତ୍ତି ନିରତ ରଟୁଥାଇ । ସାଧୁଜନେ । ୩୨ । କେବେ ସଖୀଙ୍କି ଗୁହିଁ ଭଣଇ ଗୁନ୍ଦ-ମୁଖୀ ଜ୍ୟୋତିଷେ ନରଙ୍କ ବରଷ । ଅମରଙ୍କୁ ନିମିଷେ ଅମରଙ୍କ ; ବରଷେ ହେଲେ ଧାତାକୁ ସେ ନିମିଷ । ସହଚରି । ଅଛିତ ଗଣନ ଏମନ୍ତ । ସଂଯୋଗକ ଯେ ଲେଶ ମାତ୍ର । ବିୟୋଗୀ ପାଇଁକ ତା ବରଷେ ହେବା କଥା ନୋହିଛି ତହିଁ କିପାଁ ଖାତରେ । ସହଚରି । ୩୩ । ଉଚ୍ଚ ଦେଖି କ ସଖି ଧରଣୀ-ଭୂତ-ପତି ହିମବନ୍ତର ପୁତ୍ରୀ ହେଲା । ଏ ପାପୀ କାମଦକା ତାହାକୁ ସିନା ଏକା ଜନ୍ମଲୋଭେ ପ୍ରବର୍ତ୍ତାଇଲା । ସହଚରି । ଶିବ-ଲଲାଟପଟ ଚନ୍ଦ୍ର । ଲୋଚନ ନୁହେ କଦାଚନ । ଯାହା ନିହିଛି ବହ୍ନି ଜ୍ୱଳୁଛି ତାହା ତହିଁ ସଖୀର ବିରହ-ଦହନ । ସହଚରି । ୩୪ । ଦହନ-ଦାହ-ଜାତ ବ୍ୟଥା ନୋହେ ଏମନ୍ତ ବିରହ-ବାଧା ଯଥା ବାଧେ । ପ୍ରିୟତମ-ମରଣେ ନୋହିଲେ ନାରୀ-ଜନେ କପାଁ ପଶନ୍ତେ ବହ୍ନିମଧ୍ୟେ । ସହଚରି । ଏ କଳାନିଧି ଯେ କଳାରେ । କୁମୁଦେ ତୋଷେ ତା ବାହାରେ । ପ୍ରସରଇ ଯହିଁରେ ବିରହି-ଜନ ମାରେ ତା ଲାଗି-ଥାଇ ତା ଶରୀରେ । ସହଚରି । ୩୫ । ମୋର ବଚନ ବୋଲି ପୁଛି ଶଶିକି ଅଳି ଏ ଦାହ-ଗୁଣ ଶିକ୍ଷାପାଇଁ । ଶୁଳ-ଧବଳ ଗଳା ପକାଇବାରେ କଲା କୁଶଳ ଗରଳକୁ କେହି । କଲା ଗୁରୁ । ଅଥବା ବାଡ଼ବ-ଅନଳ । ଯେ ଥାଏ ତା-ପିତା ଉଦର । ତାର ତହିଁ କ ଏହା ଶିଖି ହୋଇ ଉତ୍ସାହା ବିରହିନାଶେ ଅଗ୍ରୁଁ ସାର । ହୋଇଅଛି ।୩୬।

Digitized by srujanika@gmail.com

ବିୟୋଗିନୀ-ଅଙ୍ଗନା-ନାଶ-ଘାତକୁଁ ସେନା ହେଲା ଭ୍ରମରଶ୍ରେଣୀ ଏହାର । ତେଣୁ ଭ୍ରମି ଭ୍ରମିଣ ଲଭେ ଅପେ ପତନ ଅସିତ-ନିଶା-ଶିଳାପର । ତା ଝଙ୍କାର । ସହ୍ୟ ନପାର ସେ ବଜ୍ରାଘାତ । ଛଟିକ ହୋଇ ଚୂର୍ଣ୍ଣୀଭୂତ । ନଭସ୍ଥଳ ବ୍ୟାପଇ ତାକୁ ତାରକା କହି ଥାନ୍ତି ସକଳେ ନିସ୍ପୃତ । ସହଚରି । ୩୭ । ମୁଁ କହୁଅଛି ବୋଲି ବୋଲି ଶଶିଙ୍କ ଅଳ କପାଁ ସେ କରେ ଏ ଅନୀତ । ଲକ୍ଷ୍ମୀ ଅନ୍ଧ ଯାହାର ଜଠରୁ ଅବତାର ଏ ପରି ସେ ସିନ୍ଧୁ-ସନ୍ତତ । ତେବେ କୁଳେ । ଜନମି କରେ କେହି ଏହା । ନଯେନ୍ତୁ ପଛେ ମନେ ତାହା । ମହାଦେବର ଶର ପରେ ବନ୍ଧିରବାର ଲୋକଙ୍କୁ ସାଜେ ନିକ ଏହା । ସହଚରି । ୩୮ । ସିନ୍ଧୁମନ୍ଥନ-କାଳେ ସାଗରେ ସୁରସ୍ୱରେ ମନ୍ଦର ଆଣି ପକାଇଲେ । ସେ ଗୁରୁଭାର ପାତ ଘାତେ ତନୁ ଚୂର୍ଣ୍ଣିତ ନୋହି ରହିଲା କେହି ଭଲେ । ଏ ଶଶିର । ଅଗସ୍ତି ପରି ସିନ୍ଧୁଜଳେ । ଚନ୍ଦ୍ରକେ ପାନ କରିଥିଲେ । ଏ ତାଙ୍କ ଗର୍ଭେ ପଶି ଜଠରାନଳେ ଧ୍ୱଂସି ନୋହିଲା କେଉଁ ପୁଣ୍ୟବଳେ । ସହଚରି । ୩୯ । ଜୀବତ କାଳରେ ତ ମୋହରେ ଏହାଠାରୁ କଷ୍ଟତ ନୋହିଲା ପ୍ରସଙ୍ଗ । ବିନାଶେ ତ ଅବଶ୍ୟ ହୋଇବ ଏ ମୋ ବଶ ଏଣୁକି ପାଞ୍ଚୁ ମୋ ମରଣ । ଦୋଷାକର । ନାହିଁକି ଶୁଣି ମୂଢ଼ମତ । ବିବୁଧ-ସ୍ମର-ମୁଖୁଁ ଶ୍ରୁତ । ନଳ-ନୃପ ବଦନ-ଇନ୍ଦୁ-ବିଷ୍ଣୁନେ ଅନ ଦମୟନ୍ତୀର ନାହିଁ ଚିତ୍ତ । ଦୋଷାକର । ୪୦ । ଏ ନିଜ-ନବ-ଯଶ- ଗ୍ଣି କରି ପ୍ରକାଶ ଯସାରେ ହିମ୍ବ୍ରମ ବଜାଇ । ସଲ୍ଲଲ-ନିଧି-କୂଳ କରିବୁ ସମୁଜ୍ଜ୍ୱଳ ସ୍ୱକୀର୍ତ୍ତି-କେତନ ଉଡ଼ାଇ । ଦୋଷାକର । ବଧୂ-ନିଧନ-ସମ୍ଭବ । ପୌରୁଷ ଗ୍ଣି କରିଲୁ । ମୋତେ ଏତେ କଦନ ଦେବାର ଲୁବ୍ଧପଣ ବିରଜ ଅଙ୍କୁ ନିଶାଧବ । ଦୋଷାକର । ୪୧ । ନ ଥିଲାକୁ ନଭରେ ପୂର ସିନା ନିଶାରେ ତାହାର ରୂପ ତୁହି ବହି । ମୀନ-ସ୍ୱଭାବ-ବଶେ ଦୟା ନବହି ଲେଶେ ପକାଉ ଅଛୁ ମୋତେ ଦହି । ଦୋଷାକର । ଉଦୟେ କରିବୁ ତୁ କସ । ଯେବେ ଉଇଁବ ଉଦୟେଶ । ସେ କାଳେ ତେଜେ ତା'ର ଦୁର୍ଦ୍ଦଶା ଦେଖି ତୋର ମୁଖୁଁ ମୋ ପ୍ରସରିବ ହାସ । ଦୋଷାକର । ୪୨ । ଭୂତ-ପତିର ଶିରେ ବହି ଜଗ୍ଧ ନଟରେ ଅମୃତ ହୋଇ କେହି ତୁହି । ପୁଣି ଅନ ଜନର ମସ୍ତକ-କମ୍ପକର ଗୁଣ ସ୍ୱଭାବେ ଆଉ ବହି । ଦୋଷାକର । ଏ ତୋ ପିଶାଚ-ପଣେ ଧନ୍ୟ । ନୋହିଲେ କି ଅବଳା-ଜନ । ମାଦୃଶ ଅନାଥିନୀ ହୃଦ-ଦଳନେ ପୁଣି ପ୍ରକାଶୁଥାନ୍ତୁ ସାରଞ୍ଜଣ । ଦୋଷାକର । ୪୩ । ଅମୃତଭବଣ ପୂରି-ତମାଳ-ଦଳାଙ୍କୁର-ସକଳ ଏକ-ମୂଳେ କରି । ଶଶି-କୋଳ-କୁରଙ୍ଗ-ବଦନେ ଉଥ ବେଗ ଭକ୍ଷି ସେ କୁକ୍ଷି ଯାଉ ପୂରି । ସହଚରି । ପୂର୍ଣ୍ଣ-ଭୋଜନ-ବଶୁଁ ତା'ର । ଶରୀର ହେଉ ପୃଥୁତର । ତା ତନୁରେ ଏ ଶୀତ-ଭାନୁ ହେଉ ଅବୃତ ଲଭେଁ ମୁଁ ଶାନ୍ତି କ୍ଷଣକାଳ । ସହଚରି । ୪୪ । ଅସମୟେ ବିବେକ ପ୍ରସରଇ ଏ ଠିକ ପାଶକୁ

Digitized by srujanika@gmail.com

ଅପି ଅମାଗଲ୍ପ । ତେତେବେଳେ ତାହାକୁ ଅକଷ୍ଟ ରଖିବାକୁ କାହାର ବଗୃବ ନୋହିଲ୍ପ । ସନ୍ଦରବ । ଏବେ ସେ ଅପିବଷ୍ଟ ଯେବେ । ଶୁଣିଥାଅ ସକଳେ ତୁମ୍ଭେ । ରଖିବା ତାକୁ ବାଛ ତେବେ ଏ କଳା-ନଧ୍ୱ-ମୁଖ-ଦେଖା ନୋହିବ କେବେ । ସନ୍ଦରବ । ୪୫ । ସାଗର-ଶୋଷା ବୃଷି ପାଶେ କ ପାଠ ଘୋଷି ନଧାରେ ମୋ ଶିଶୁ ଚକୋର । ସେ ବଦ୍ୟା ହେଲେ ତାର ତା ପାନକୁ ଶିକର ପ୍ରାପ୍ତ ହୁଅନ୍ତା ଶଶିକର । ସନ୍ଦରବ । ନୋହିଲେ ଅଣି ମୋ ମୁକୁର । ପ୍ରାଙ୍ଗଣେ ରଖି ମୁଦ୍ଗର । ଧର ଗୋ କରେ କଷି ପଶିଲେ ତହିଁ ଶଶି ପ୍ରହାର କର ତାକୁ ଚୂର । ସନ୍ଦରବ । ୪୬ । ତେତେ ବଡ଼ ବାଡ଼ବଅନଳେ ଦେଲ୍ପ ଠାବ ଉଦରେ ଏ ସବତ-ପତି । କେନ୍ଦୂବତ ଇନ୍ଦୁକୁ ନୋହିକ ରଖିବାକୁ କ୍ଷମ ପକାଏ କର ବାନ୍ତି । ସନ୍ଦରବ । ସାଗର-ସମ୍ଭବ ଗରଳେ । ଗିଳଲେ ଶୂଳୀ କୁତୁହଳେ । ଏ ପିୟୂଷ-କରଣେ କସ ବଗୃବ ମନେ ଫସାରେ ନ ଗିଳ ରଖିଲେ । ସନ୍ଦରବ । ୪୭ । ସେ ସିନ୍ଧୁ-ସମୁଦ୍ଭବ ଅସିତ ବିଷ ଶିବ ଏକମାତ୍ରକେ କଲେ ପାନ । ଲୋକଲୋଚନେ ତାର ନୁହଇତ ଗୋଚର କାହିଁ କେବେହେଁ ଚନ୍ଦ୍ରବର୍ଣ୍ଣ । ସନ୍ଦରବ । ସୈନ୍ଧବ ସିତ-ବିଷ ଶଶି । ସକଳ ଦେବେ ଯାନ୍ତି ଗ୍ରାସି । ଅଦ୍ୟାବଧି ଶେଷ ହେଲେହେଁ ନୋହି ନାଶ ପୁଣି ଏ ଅସଇ ବଳଶି । ସନ୍ଦରବ । ୪୮ । ସୁଧାନଧ୍ୱ ସିନାଏ ସୁଧାତ ଦେବତାଏ ଶୋଷିଥିବାରୁ ସୁଧା ନାହିଁ । ବରହ-ନାଶ-ଜାତ-ପାତକ ଅଙ୍କବତ ଅଙ୍କେ ମାତ୍ର ତା ଅଛି ରହି । ସନ୍ଦରବ । ଏମନ୍ତ ଶଶିକି କେମନ୍ତେ । ଦୈବଜ୍ଞ ସୁବୁଦ୍ଧି ପଣ୍ଡିତେ । ଅପାପ ଗ୍ରହ ବୋଲି ବଖାଣୁ ଥାନ୍ତି ଖାଲି ଏହା ବଗୃବୁ ଥାଇ ଚତ୍ତେ । ସନ୍ଦରବ । ୪୯ । ବନ୍ଧୁଳ ମାନ ଲଭି କର ବରହିଭବ-ବ୍ୟାଧ୍ୱ-ପୀଡ଼ିତ ଜନ୍ତୁ ସହି । କୃଷ୍ଣପକ୍ଷ ଫସାରେ ବରାଜ ଗ୍ରଶଂସାରେ ବନ୍ଧୁଳ ନାମ ଅଛି ବହି । ଯେଉଁ ତଥି । ବରହ-ଜନଙ୍କ ବଦନେ । ଅମାପ ମାନ ଧନ୍ୟୁଦନେ । ଅରଜୁଛି ତାହାର ଅମା ବୋଲାଇବାର ବୃଥା ନୁହଇ ଘେନ ମନେ । ସନ୍ଦରବ । ୫୦ । ନଜ-ଅର-ଖାହିର-କରର ଖଣ୍ଡ-ଅର-ଭ୍ରମରେ ସ୍ୱର୍ଭାନୁ ଶଶିକି । ବଳକରମ୍ଭ ସର ଗରଭ-ଗତ କର ପୁଣି ପଛକୁ ବଗୃର କି ? । ଇନ୍ଦୁବୋଲି । ଉଦ୍‌ଗାର ପକାଏ ରଭସେ । କବା ନ ଉଦ୍‌ଗାର-ଲେହେଁ ସେ । ଦେବା ମାତ୍ରକେ ଗଳ ତା ଛନ୍ନ ଗଳୁ ଗଳ ପଳାଏ ନ ମର ଅକାଶେ । ସନ୍ଦରବ । ୫୧ । ଅତ ସାରଲ୍ୟ ପଣେ ଏ ପୁରବଦଗଣେ ବୋଲନ୍ତି ଶ୍ରୀମଧୁସୂଦନ । ଚକ୍ରେ ସ୍ୱର୍ଭାନୁର ଶିର ଛେଦିଲେ ଭ୍ରମେ ହେଲେ ନ ବୋଲନ୍ତିତ କଦାଚନ । ସନ୍ଦରବ । ବରହ-ମୂର୍ଦ୍ଧ୍ୱ-ଭେଦ-କାରୀ । ନଷ୍ଟସ୍ୱ ଏ ଶ୍ରୀପତି ବୋଲି । ନ ଛିଡ଼ିଥିଲେ ସ୍ୱନ୍ଧ ତାର ଜଠରେ ଅଭ ଥାନ୍ତାକି ଶଶାଙ୍କ ନ ମରି ? । ସନ୍ଦରବ । ୫୨ । ମୃଗରୂପ ମଖର ଶର ଦର୍ପକପର ହର ଛେଦିବା-ମାତ୍ରକରେ । କୁସୁମ-କୋଦଣ୍ଡର ସୌନ୍ଦର୍ଯ୍ୟ-ସଖା ସୁର-ବୈଦ୍ୟ

Digitized by srujanika@gmail.com

ଯୁଗଳ ତତପରେ । ସେ ମୃଗର । ଶିର ଶରୀର ଯୋଡ଼ଥିଲେ । ଏବେ କି କେହି ନାହିଁ ଭଲେ । ଯେ ଶଶାଙ୍କ-ରିପୁର ଶଙ୍କରେ ଛିନ୍ନଶିର ପାରନ୍ତା ଯୋଡ଼ ଅବହେଳେ । ସହଚରି । ୫୩ । ସମରେ ନଳଶର-ଛିନ୍ନ-ଶିର ରିପୁର କବନ୍ଧ ଉର୍ଦ୍ଧ୍ୱେ ନଚିପିଛେ । ତା ଗଳାରେ ଉତ୍ପଳ-ବନ୍ଧୁ-ବଇରି-ଶିର ମିଳି ନ ଯାଏ କେହି ସ୍ୱଚ୍ଛ । ସହଚରି । ସଦ୍ୟ-ଶୋଣିତ-ଲେପ-ବୋଲେ । ଦୁହେଁତ ମିଳନ୍ତେ ଚପଳେ । ଉଦର ହେଲେ ତାର ତହିଁ ଏ ଶଶଧର ହୁଅନ୍ତା ଜାଣି ତତକାଳେ । ସହଚରି । ୫୪ । ଜଗ ନିଶା-ଚରୀକ ପଣ୍ଟିର ଭଳି ଦେଖି ମଗଧେଶ୍ୱର ଜାଗ୍ରଥିଲେ । ଜନ୍ମୁତ ବେନି ଫାଳ ହୋଇଥିଲା ଶରୀର ସେ ଯେନା ଯୋଡ଼ଲା ନିବନ୍ଧେ । ସହଚରି । ଅଛୁତ କବନ୍ଧ କେତୁର । ତହିଁ ଏ ବିଧୂ ନୂଦଶିର । ନ ପାରେ କସେ ଯୋଡ଼ ଏଥିକି ବୁଦ୍ଧି ଲୋଡ଼ ଖାକୁ ତ ତାକୁ ନୁହେ ଦୂର । ସହଚରି । ୫୫ । ଏ ମୋର ଗିର ବୋଲି ସନ୍ତୁକୁ କହ ଅଳି ଶଶିକି ଦ୍ୱିଜରାଜ ଭଳି । ଗିଳି ପୁଣି ବମନ କରଇ କି ବହନ ନ ଜାଣେ କିଏ ସ୍ଥାନ ବୋଲି । ସଦାକାଳେ । ଲୋକେ ଦ୍ୱିଜରାଜ ବୋଲୁଇ । ବାରୁଣୀ ସହିତ ରସଇ ।

ତେଣୁ ଲଭେ ପତନ ପୁଣ ହବେ ଗମନ ତାର ଉଚିତ କେହି ହୋଇ । ସହ-ଚରି । ୫୬ । ଦ୍ୱିଜେ ଗରୁଡ଼ ଗିଳି ଗଳା ଉଠନ୍ତେ ଜଳ ଯଥା ଉଦ୍‌ଗାର ଦେଇ ଥିଲ । ଗଳ-ପ୍ରଦାହ ଲଭି ଗିଳିବାବେଳେ ଦବ ସହୁ ଅଜକ ବାନ୍ତିକଲା । ଏ ଶଶିକି । ଦ୍ୱିଜରାଜ ବୋଲି ବଗୁର । ନ ଜାଣେ ସେତ ତଥ୍ୟକର । ଦାହକ ଏ ସ୍ୱଭାବେ ଦ୍ୱିଜ ହେଲେ କି ଲବେ ନ ଥାନ୍ତା ମୋରେ ଦୟାକର । ସହଚରି ।୫୭। ବିରହିଣୀଙ୍କ ଜୀବ ଚର୍ବଣେ ତାଗ୍ରଧବ ଶମନର ବିଚ କି ଯନ୍ତ୍ର । ବୋଲୁଏ ଦ୍ୱିଜରାଜ-ଷୋଡ଼ଶ-କଳାବ୍ୟାଜ-ଦଶନ-ଦାମେ ଯେଣୁ ସିପ୍ର । ସ୍ମର ମୁଖ । ଏ ସଦା, ହରନେତ୍ରା-ନଳେ । ଦହନ ହେଉ ସେ ଚପଳେ । ଓଷ୍ଠାର ନେଇ ବହୁ ଏହାକୁ ପାପ ପାଇଁ ଦେଇଛି ଲୁଛି ଗୃହିଁ କୋଳେ । ସହଚରି । ୫୮ । ଶଶିକି ନାନାମତେ ନିନ୍ଦାକରି ଏମନ୍ତେ ନିଷ୍ଫଳ ବୋଲି ବାଳୀ ଭଳି । ନିନ୍ଦା କରଇ ମାରେ ଯେ ନିଜ ହୃଦୟରେ ରହି ନିରତ ଦଏ ଜାଳି । ବୋଲେ ବାଳୀ । ଏ କି ତୋ ବିବେକରେ ମାର । ଅନଳ ପ୍ରାଏ ତୋ ବେଭାର । ମୋ ହୃଦେ ରହି ମୋତେ ଦହୁଛୁ ଯା ମୋ ଅନ୍ତେ କାହିଁ ରହିବୁ ତୁ ପାମର । ମନସିଜ । ୫୯ । ଯା'ରେ ତୁ ଦେଖାଦେଉ ଶୁନ୍ଧ ତା ଚେତଣେଥାଉ ଅନ୍ଧ ସେ ହୁଏ ଏକାବେଳେ । ନିଜ-ବେନି-ନୟନ ତୁଲେ ତା ଶାସ୍ତ୍ର-ଜ୍ଞାନ-ନେତ୍ରର ଅୟନ ନ ଚଳେ । ମନସିଜ । ଏଣୁ ନୟନ-ହିତସୁର । ନାଶ-ଅଶଙ୍କା କର ଦୂର । ସଂସାର ଶୁଭ ଚନ୍ଦ୍ର ତୋତେ ଅଦେହ-ଭୂତି ଦେଖିଲା ମାତ୍ରେ ଦେଲେ ହର । ମନସିଜ ।।୬୦ ତୁ ରତି-ସହଚର ବୋଲନ୍ତି ତ ସକଳ ରହିଛୁ ତୁ ତ ଦେହେ ମୋର । ତୋ ତୁଲେ ରତି ନାହିଁ ଥିଲେ ନ ଥାନ୍ତା

Digitized by srujanika@gmail.com

କେହି ମୋ ଦେହେ ସହିତ ସେ ତୋର । ମନସିଜ । କେମନ୍ତେ ଅବା ତୋ ସଙ୍ଗତେ । ରହି ସେ ପାରିବ ଯୁଗତେ । ଦାହିତ ନାହିଁ ଦେହ ହେଲାବେଳେ ଅଦେହ ତୁ ହର-ନେତ୍ର-ବହ୍ନି-ହୋତ୍ରେ । ମନସିଜ । ୭୧ । ରତି-ବିରହ-ଦୁଃଖେ ସୁଖି ତ ନାହିଁ ରେଖେ ମାନସେ ତୋର ଫୁଲ-ଶର । ତାର ବିରହାନଳେ ଅସ୍ମପରଜ୍ଞାନରେ ଅହ୍ନତ ହୋଇଛୁ ପାମର । ସେ ତପତ୍ତା ସଙ୍ଗତ ବଶୁଁ ତନୁ ତୋର । ନିରତ ତାପିତ ପାମର । ତେଣୁ ତୁ ହୃଦେ ମୋର ନିବାସ କରୁଁ ଘୋର-ତାପେ ଜଳୁଛି ମୋ ଶରୀର । ନିରନ୍ତର । ୭୨ । ଅତି-ପ୍ରଥିତା-ପତିବ୍ରତା ତ ତେ ରତି ସେତ ନ ମଲା ତୋର ତୁଲେ । ତା ପରି ଗୁଣବତୀ ତୋ ପରି ପାପ-ମତି-ପତି-ମେଳେ କି ଆନ୍ତା ଛଳେ । ମନସିଜ । ନାଶୁଛୁ ଅସଂଖ୍ୟ ବିରହୀ । ସେ ପାପେ ତନୁ ତୋର ଦହି । ହୋଇଗଲାରେ ଖଳ ଅଦୋଷୀ ସେ ଯୋଷାର ଦହନ ହୁଅନ୍ତା କିପାଇଁ । ମନସିଜ ॥ ଜତେନ୍ଦ୍ରିୟ ସୁଗତ ତୋତେ କରି ପରାସ୍ତ ତୋ କୀର୍ତ୍ତି-କାନ୍ତ ନାଶିଛନ୍ତି । ଅବଶିଷ୍ଟ ନଶ୍ୱର ହେବାରୁ ତୁ ବଇରି ଗିରିଶ ଜାଳି ଦେଇଛନ୍ତି । ମନସିଜ । ପୁଷ୍ପେ ମହେଶେ ହିଂସି ତୋର । ଦୁର୍ଦ୍ଦଶା ଦେଖି ନିରନ୍ତର । ବାରେ କି ନୀତଶାସ୍ତ୍ର 'ନୁହି ବିବାଦେ ରତ କୌତୁକେ ଖେଳେ ମାରଫୁଲ' । ବୋଲିଜନେ । ୭୪ । ଆନ ଦେବଙ୍କ ପରି ତୁ ତ ରେ ସମ୍ଭବର ଅମୃତ ପିଇ ମୃତ ନୋହୁ । ତଥାପି ହରନେତ୍ର-ବହ୍ନିହୋତ୍ରେ କେମନ୍ତ ଜଳିଣ ଗଲୁ ଗୃହୁଁ ଗୃହୁଁ । କହିରୁକି । ଏବେ ଅମୃତପାନ କାଳେ । ନ ଥିଲୁ ବୋଲି ଦେବ ମେଳେ । ଯେଣୁ ସେ ସୁଧା ରତି-ବଦନାମୃତ ପ୍ରତି ନୁହଇ ସ୍ୱାଦେ ସମ ତୁଳେ । ଖଳବୁଦ୍ଧି । ୭୫ । ଭୁବନ-ତ୍ରୟେ ଯେତେ ଜନଛନ୍ତି ସମସ୍ତେ ତୋ ତାପେ ଦାହି ହେଉଥାନ୍ତି । ସେ ପାପ ଯୋଗେ ହର-ନେତ୍ର-ଅନଳେ ଖଳ ଜଳି ଲଭିଛୁ ପ୍ରେତ-ଗତି । ମନସିଜ । ମାଦୃଶ ବିରହିଣୀ-ଜନେ । ଲାଗିଥାଉ ତୁ ଅନୁକ୍ଷଣେ । ନ ରହୁ ଅଧୁ ହୋଇ ଠାବତ ନାହିଁ କାହିଁ ତୋହର ଏ ତିନି ଭୁବନେ । ମନସିଜ । ୭୬ । ନ ଘେନୁ କିପାଁ ପ୍ରାଣ କରୁ କେହି କଦନ ମୋତେ ଏମନ୍ତେ ଅବିରତ । ଦେଖି ମୋ ଦୁଃଖ ଘୋର ନୁହେ କି ଦୃପ ତୋର କରିବୁ କୃପାରେ କ୍ଷାନ୍ତ । ମନସିଜ । ଜୀବ ତ ନାହିଁ ତୋ ଶରୀରେ । ଜୀବନ ଯିବା ସମୟରେ । ପଡ଼ିଛି ଯେଉଁ ମୁଷ୍ଟି ସେ କାହିଁ ପିଣ୍ଡବନ୍ଧି ଖଟିବ ଦୃପ କି ପ୍ରକାରେ । କରୁ ତୋର । ୭୭ । ଅନ୍ୟ ଦେବ ସେବିଲେ ଅପମରଣ ତୁଲେ ଅନ୍ଧତା ବଧିରତା ଯାଏ । ଭଲା ଦେବତା ତୁହି ତୋତେ ଯେ ସେବୁଥାଇ ତା ଲାଭ କହି ସାରି ନୁହେ । ମନସିଜ । ପ୍ରଥମେ ସମ୍ଭବେ ଅନ୍ଧତା । ମଧ୍ୟମେ ବପୁ ବଧିରତା । ଅନ୍ତିମ ସମୟକୁ ଆସେ ଶାନ୍ତ ହେବାକୁ ପାଶେ ତା ମରଣ ଦେବତା । ମନସିଜ । ୭୮ । ଅତି ନୃଶଂସ ବୋଲି ବିଧାତା ତୋତେ ବାର ଫୁଲେ ତୋ ଶରାସନ ଶର । ଦେଇଛି ଅଗ୍ରୁଁ କରି ତହିଁ ହେଲେହେଁ ସାର ଦେଉ

Digitized by srujanika@gmail.com

ମହିତ ସକଳର । ମନସିଜ । ଯେବେ ତୋ ଶର ଲୌହମୟ । କାର୍ମୁକ ଦୃଢ଼ ଅତିଶୟ । ଥାଆନ୍ତା ହୋଇ ତେବେ ଏ ସଂସାର କି ଏବଯାଏ ରହନ୍ତା ନୋହି କ୍ଷୟ । ମନସିଜ । ୬୯ । ତୋର ବଇରୀ ହର ଯେମନ୍ତ ପେଷେ ଶର ତ୍ରିପୁର ତଳେ ହେଲେ ଦହି । ତେମନ୍ତ ପୁର ନସ୍ଥ କରିବୁ ତୁହି କ୍ଷୟ ଏମନ୍ତ ଅଶଙ୍କାରେ ବହି । ମନସିଜ । ପୁଷ୍ପେ ତୋ ଶର ଶରାସନ । ବିରଚି ନୋହି ଥୟ ମନ । ସେ ପୁଷ୍ପେ ମଧୁ ଦେଇ ଅଛି ନୋହିବ ଦହି ବୋଲି ବିରହୀ-ଜନ-ପ୍ରାଣ । ମନସିଜ । ୭୦ । ସୁକୃତ ଜନ-ମନ ନ ପଡ଼ଇ ନୟନ-ପଥେ ସେ ନିରେଖି ଗୁହିଁଲେ । ନୁହେ ତ କେବେ ଥୟ ଏଣୁ କି ପିତାମହ ତାକୁ ତୋ ଲକ୍ଷ ସମ୍ପାଦିଲେ । ମନସିଜ । ସେ ମଧ ଯାଏ ଦଳ ହୋଇ । ତୋ ଶର-ମୂଳ ଗର୍ଭେଁ ତହିଁ । ହେଲେହେଁ ଅଶନ ସେ ଏ ଫୁଲଶର-ପ୍ରାସେ ରହନ୍ତା କେହି ଚିର ନୋହି । ମନସିଜ । ୭୧ । ଶର ତୋର ସୁମନେ ବିରଚିଲେହେଁ ମନେ ଶାନ୍ତି ନ ଭଜି ବହି ତୋତେ । ଦେଲା ପଞ୍ଚମାହକ ତହିଁ ହେଲେ ତୁ ଦକ ଜନ୍ମାଉଁ ଏ ବିଶ୍ୱଜଗତେ । ମନସିଜ । ଏ ଯେଉଁ ପଞ୍ଚ-ସ୍ୱର-ତରୁ । ଦେବଙ୍କ କ୍ଷେତେ ବା ବିତରୁ- । ନାହାନ୍ତି ପୁଷ୍ପ ? ତୋତେ ସ୍ଥାନ ବିସ୍ମର ଛଡ଼େ ଦିଅନ୍ତି କି ବେଶି ପଞ୍ଚରୁ । ଧିକ ତୋତେ । ୭୨ । ଦିବ୍ୟ ସୁମନ-ଶରାସନ ବିଧାତା ପରି ବିତର ଥିଲେ ଅପେ ତୋତେ । ତାହାର ଦୁର୍ଗୁଣ-ପଣ ଦେଖି ସହର ନେଲା କି ତା ତୋ କରୁ ସତେ । ମନସିଜ । ତହିଁ ବା ଲାଭ ହେଲା କିସ । ଏକସ୍ଥାନେ ବେନି ପ୍ରକାଶ । ପାଇଲା ଏତେ ମାତ୍ର ଯାହା ନଳ-ଭ୍ରୂତ-ବଦନେ ଭ୍ରୂଲତା ବିଳାସ । ମନସିଜ । ୭୩ । ନନ୍ଦନ-ବନଗୃହ ଷଡ଼ ଋତୁଏ ମିଳି ହେଡ଼-ସୁମନ ତୋତେ ଦେଲେ । ତହିଁ ଏକରେ ଗୃହ ଅନ ପଞ୍ଚରେ ହେପ ପଞ୍ଚ-ଭୂଅଇ ତୁହି ଭୁଲେ । ମନସିଜ । ଅନଙ୍ଗ ହେଲୁ ଯାହା ତୁହି । ତାହା ଜଗତ ହିତପାଇଁ । ଦୃଢ଼େ ଶ୍ରୁତି-ମୂଳକୁ କର୍ଷିତ ତୋ ଶରକୁ ନୋହିଲେ ସହନ୍ତା କି କେହି । ଏ ଜଗତେ । ୭୪ । ଶର ମାରୁ ଶଙ୍କରେ ତାଙ୍କ ନେତ୍ର ଅନଳେ ସେ ଶରସଙ୍ଗେ ଗଲୁ ଜଳି । ତଥାପି ଗଲୁ ରହି ତୁହି ଅନଙ୍ଗ ହୋଇ ତୋ ଶର ହେଲା ତୋହ ଭଳି । ମନସିଜ । ଏ ଯେ ପଞ୍ଚମ ପିକ-ସ୍ୱର । ନିଷ୍ଟୟ ସେ ତୋ ପଞ୍ଚଶର । ଅନଙ୍ଗ-ଦଶା ତୋର ବିଲୋକି ସେ ଶରୀର ଲୁଗ୍ଣଇ ହେଲେ ଅଂଗାରର । ମନସିଜ । ୭୫ । ତୋତେ ନୟନାନଳେ ଜାଳି ଦେବାର କାଳେ ଶୂଳ-ଧରଙ୍କ ଶ୍ରମ କେଯତେ । ସେ ଏ ଅଦ୍ରିଗିରୀର କପାଳକୁ ବିଫଳ ଗଲା ହୋଇ କିଞ୍ଚିତ ମାତ୍ରେ । ମନସିଜ । ଜଳନିଧିବାର ସଙ୍ଗେ ସଙ୍ଗେ । ଦେବଙ୍କ ଶୁଭ ପାଇଁ ସ୍ୱର୍ଗେ । ତେଜେ ଦହି ଯାହାର ହେଲୁ ତନୁ ତାହାର ଅଶ୍ରୁ ହୋଇଲୁ ଜାତ ବେଗେ । ମନସିଜ ।୭୬। ସୁଧାକର ଉଦିତ ହେଲେ ବିରହୀ ବ୍ରାତ ରହନ୍ତି ପରାଙ୍ମୁଖ ହୋଇ । ଦକ୍ଷିଣ-ଦିଶାଗତ

Digitized by srujanika@gmail.com

ମନ୍ଦ ମଳୟ-ବାତ ଦକ୍ଷିଣ ତାହାକୁ ନୁହଇ । ମନସିଜ । ଏକା ଯେବେ ତୁ ତେତେ-ବେଳେ । ଲକ୍ଷି ତାହାଙ୍କ ହୃଦ-ସ୍ଥଳେ । ଶର-ସନ୍ଧାନେ ଗୁଣ-କରଷଣୁଁ ସୁମନ-ଗୁପ ଅମଷ୍ଟ ଭୁଜବଳେ । ମନସିଜ । ୭୭ । ଅନ୍ଧ ତୁ ମଦ-ମୋହେ ଯମ ବରେହ୍ନ ଚନ୍ଦ୍ରେ ତେଣୁ ତୋତେ କ ଏକା ନାଶି । ଅନ୍ଧକାର ସୂର୍ଯ୍ୟର ମୁଖ୍ୟବିଜୟକାଶୀ ନାମ ବହିଲେ କାଶିବାସୀ । ମନସିଜ । ତୋ ସମ ପର-ଅପକାରେ । କୁଶଳ ନାହିଁ ତନୁପୁରେ । ଜାଳନ୍ତୁ ନିଜ ଦେହ ଅଲଗି ତହିଁ ଦାହ କରିବା ପାଇଁ ସକଳରେ । ମନସିଜ । ୭୮ । ଭୁବନ-ଜନ୍ମ-ଶାନ୍ତି ବିଗ୍ରହ ପଶୁପତି ତୃତୀୟ-ନେତ୍ର-ବୀତହୋତ୍ରେ । ଯାହାଙ୍କ ତୋତେ ଧୃତ କଲେ ଏଥି ଉଚିତ-ଇତର ନାହିଁଟି କଷ୍ଟତେ । ମନସିଜ । ଥିଲା ତୋ ସଖା ମଧୁ ଏକା । ପଡ଼ିଲା ନାହିଁ ସେ ତ ଦେଖା । ତା ଭ୍ରମେ ମଧୁନାମ ଦୈତ୍ୟ ପୁରୁଷୋତ୍ତମ ନାଶିଲେ କି ହେଲା ଅଧିକା । ମନସିଜ । ୭୯ । ନଳ-ଅଧର-ମୃତେ ଅଶାନ୍ତୀ ଅବିରତେ ସେ ବରବର୍ଣ୍ଣିନୀ-ବଦନ । ଏହିମତ କେତେକ ବଚନ କହି ଠିକ ବିହ୍ୱଳ ହୋଇଲା ବହନ । ସାଧୁଜନେ । ତା ଗୃହୁଁ ବିବେକ ଏମନ୍ତ । ପ୍ରସରଇ କି ଭିତକାନ୍ତ । ଶୁଣି ପରୁଷଗିର ବେଷେ ଶୋଷଣ-ଶର ପେଷନ୍ତେ ହୋଇଲା ଏମନ୍ତ । ସାଧୁଜନେ । ୮୦ । ସ୍ମର-ଶର-ପତନେ ମରମ ଅବଚ୍ଛିନ୍ନେ କ୍ଷତ ବିକ୍ଷତ ହେଲା ଯେଣୁ । ଅଜ୍ଞ ବନ୍ଧୁ-ବଚନ ରଚନେ ଗୋପ୍ୟରଚନ-ଗୋପ୍ୟ ନୋହିଲା କ୍ଷମ ତେଣୁ । ସାଧୁଜନେ । ପ୍ରିୟ-ସଜନୀ-ଜନମାନେ । ପ୍ରବୋଧ କରନ୍ତି ବଚନେ । ବଳାଉଥିଲା ଥରେ ଥରେ ତାଙ୍କର ଗିରେ ମନ ଏକା ଉତ୍ତର-ଦାନେ । ନିରୁପମା । ୮୧ । କହୁଁ ଅଳିଏ, "ସଖି କପା ତୁ ଏତେ ଦୁଃଖୀ ସ୍ୱଭାବ ସୁଲଭ ଧୈର୍ଯ୍ୟରେ । ଏ ନିଦାରୁଣ-ଫୁଲବାଣ-ବଦନୁଁ ତୋର ପ୍ରାଣକୁ ରକ୍ଷାକର ବାରେ । ସୁକୁମାରୀ ।" ତା ଶୁଣି ଭଣେ ବହି କୋହ । "ଯାର ରକ୍ଷଣ ମୋତେ କହ । ସେତ ମୋର ବଇର ସଙ୍ଗୀ ହୋଇ କର । କହ ଏ ଉପଦେଶ ଦିଅ । ସହଚରି" । ୮୨ । "ଅମୃଗିରତ କେବେ ନ ଅବହେଳ୍ତ ଲଭେ ତୋ ହତ କହୁଁ ଯେନ ଏବେ । ଉନ୍ମାଦିନୀ ନହୁଅ ଜୀବ ନତେଜ ଦିଅ" ଏମନ୍ତେ ସଖି ଗିରେ ଯବେ । ଗୁରୁଶୀଳା । ଭଣଇ "ଅଗୋ ସହଚରି । ଯେବେ ତୁମ୍ଭେ ମୋ ହିତକାରୀ । ଜାଣୁ ଜାଣୁ ଯେ ମୋର ରିପୁ ରକ୍ଷଣେ ତାର ବଳାଅ ମୋତେ ଏତେକର ? କେହ୍ମସତେ" । ୮୩ । "ଏହି ପରି ଅମୃତ-କିରଣ ତାରକାନ୍ତ ଏହାର କରେ ଗୋ ଉଦ୍ଯୋତ । ହେଉ ଅତୁର କେହି ଏକ ତୋ ଯୋଗ୍ୟହୋଇ ସୁଧୀର-ସାର ପର ତୁ ତ । ରସାଳସା" । ଏମନ୍ତ ସଖିବାଣୀ ଶୁଣି । ସେ ଭ୍ରୁକୁଶୋଭୀ ଭଣେ ବାଣୀ । "ଏ ଅମୃତ-କରର ମୃତ ହୋଇଲେ କର ମୋତେ ତାପନ୍ତା କେବା ପୁଣି । ସହଚରି" । ୮୪ । "ଅହେତୁ ଖ୍ୟାତ ତେଜ ଧର ହୃଦୟେ ଧୈର୍ଯ୍ୟ ରେ ସଖି ଏ ଶୀତ-ମୟୂଖ" । ଏମନ୍ତ ବୋଲୁ ଅଳୀ କଣ୍ଠିତ ବର-

Digitized by srujanika@gmail.com

ବାଳୀ ଚଳ ଭାଷଇ ମୋହ ମୁଖ । ସହଚରି । "କହୁଛନ୍ତି ଶୀତାଂଶୁ ବୋଲି । ତୁଷାଗ୍ନି ସମ କରେ ଜାଳ । ଦେଉଛି ଏତ ମୋତେ; ଅନୁଭବେ କେମନ୍ତେ ତୁମ୍ଭ ବଚନେ ଯିବ ଭୁଲି । ସହଚରି" । ୮୫ । "ଆମ୍ଭ ଶର ଶପଥ ପକାଇ ପ୍ରାଣମତ କହୁଛୁଁ ଅମୃତ ବଚନ । ତୁ ଅଛୁ ଶଶିକରେ ଏ ମଥ୍ୟା ନୁହେ ଭଲେ" ଏମନ୍ତ କରଣ ଶ୍ରବଣ । ସଖୀମୁଖୁଁ । ଭାଷଇ ନୃପତି ଦୁଲାଳୀ । "ତା ଗୁଣ ଜାଣିଲିଣି ବୋଲି । ଅଙ୍ଗେ ଲାଗି ବାହାରେ ଦହୁଛି ନିରନ୍ତରେ ଭିତର ଦେଉଅଛି ଜାଳ । ସହଚରି" । ୮୬ । "ବିଧୁ ବିରହି-ବଧ୍ୟ ଯାମୁଖେ ସଦାସ୍ତୁତ କରଇ ସେହି ବନପ୍ରିୟ । ସ୍ୱରୁଛି ଏବେ ସଖି ତା ବାଣୀ ଶୁଣି ଦୁଃଖୀ ନୁହ ତୁ ସେ ପର ତୋ ପ୍ରିୟ । ମନୋରମା" । ଏମନ୍ତ ସଖି ମୁଖୁଁ ଶୁଣି । ଭାଷଇ ନୃପତି-ନନ୍ଦିନୀ । "ଅର୍ଥ ବୈଚିତ୍ର୍ୟ ମୋର କି ପ୍ରୟୋଜନ ତାର ବାଣୀ ଦେଉଛି ମୋତେ ହାଣି । ସହଚରି" ।୮୭। "ତୋର ପ୍ରିୟ ବସିଭ ହୃଦୟରୁ ତ ଲବମାତ୍ରକ ଅନ୍ତର ନୁହନ୍ତି । ତେବେ କାହିଁକି ସହି ଏମନ୍ତ ହେଉ ଦହି ତୁ ପର ଧୀର-ଶିର ମୋତି । ମନୋରମା" । ଏମନ୍ତ ଶୁଣି ସେ ଭାଷଇ । "ଅନ୍ତରେ ଯିବା ଛନ୍ତି ସେହି । ନଦେଖେଁ ତ ବାହାରେ ତେଣୁ ହୃଦ କୋହରେ ମୋହର ନିରତ ଜଳଇ । ସହଚରି" ।୮୮। "ଅଙ୍ଗ ତାତରେ ତୋର ସ୍ଫଟିକ-ମୁକୁତା ହାର ଯାଉଛି ଫାଟି ଗୋଟି ଗୋଟି । ଅନଳ-କୃତ ହୋଇ ବହୁଛୁ ପ୍ରିୟସହ ଯାଉଛି ଆମ୍ଭ ନେତ୍ର ଫୁଟି । ହେମଗାତ୍ରୀ" । ଅନଳକୃତ କଥା ଶୁଣି । ସଖୀଙ୍କମୁଖୁଁ ବାଳାମଣି । ବୋଲଇ "ତାଙ୍କୁ ବହି ଯେବେ ନେବ ଛଡ଼ାଇ ବଞ୍ଚିବ ଆଉ କେହି ପୁଣି । ସହଚରି" । ୮୯ । ବାଧାତ ଅତିଶୟ ବଳଥିଲା ହୃଦୟ-ଦେଶରେ ମଦନ-ଅନଳ । ଜଳୁଥିଲା ପ୍ରବଳେ ଜୀବିତ ଆଶା ତଳେ ପଡ଼ିଲାଭେ ଥିଲା କେବଳ । ସାଧୁଜନେ । ତାଙ୍କୁ ନ ଲଭିବାର ଚିନ୍ତା । ଅଲକ ହେଲେହେଁ ସର୍ବଥା । ତାହା କଥା-ପ୍ରସଙ୍ଗେ ଚରେ ପଡ଼ନ୍ତେ ବେଗେ ବରାଙ୍ଗୀ ହୋଇଲା ମୂର୍ଚ୍ଛିତା । ସାଧୁଜନେ । ୯୦ । ଦେଖି ମୋହ ସହିବ ସଙ୍ଗିଣୀଏ କାତର ହୋଇ ସେବାରେ ତତ୍ପରେ । ଲାଗିଲେ, କେହି ଯାଇଁ ମୁଖେ ସଲିଳ ଦେଇ କେ ବିଞ୍ଚୁଥାଏ ଧୀରେ ଧୀରେ । ହୃଦୟକୁ । କେ ଅବା ସରସିଜ-ଦଳେ । ଥାବରେ ଉରଜ-ଯୁଗଳେ । ଆଣି ତୁଷାର ବରବାଳୀର ଶ୍ରୀଅଙ୍ଗର କେଅବା ଲେପଇ ସଧୀରେ । ସାଧୁଜନେ । ୯୧ । ଶୀତଳ ଜଳ ସୁକୋମଳ କମଳ ନାଳ ଏ ଅଦ୍ଧ ଉପଗୁର ଯେନ । ତୁଳା-କୋମଳାଙ୍ଗୀର ଶୁଶ୍ରୂଷା ନିରନ୍ତର କରନ୍ତେ ସହଚରୀ ଶ୍ରେଣୀ । ସାଧୁଜନେ । ସେ ମସୃଣତ-ପୁରୀ-ଗାତ୍ରେ । ଚେତା ସଞ୍ଚରିଲା ତୁରିତେ । ତା ଶୁଣି କେ ବୋଲଇ "ଦେଖ ଗୋ "କଳା"ଯାଇ ଶ୍ୱାସ ବହଇ ନାସା-ପ୍ରାନ୍ତେ । ଧୀରେ ଧୀରେ" । ୯୨ । କେ ବୋଲେ "ଅଗୋ 'ଚଳା' ଏଣେ ଇକ୍ଷଣ ଚଳା ଇକ୍ଷଣ-ପକ୍ଷ୍ମଚଳିଲାଣି" । କେ ବୋଲେ "ଗୋ 'ମେନକା' ଓଷ୍ଠ କମ୍ପୁଛି

Digitized by srujanika@gmail.com

ଏକା ପରଖ ଧୀରେ ଦେଇ ପାଣି" । କେ ବୋଲଇ । "କଳ୍ପଲତା ତୁ ଏଣେ ଶୁଣ । ଭ କ କହୁଛୁ ଜୀବଧନ" । କେ ବୋଲେ "'ଗୁରୁମତି' ଅବର ଲୋ ଝଟତ ଚେଳ-ଅଞ୍ଚଳ ଗୁଳ ସ୍ତନ । ସଯତନେ" । ୧୩ । "ଦୃଅ କେଶ କୁଣ୍ଡାଇ 'କେଶିନି' କେ ଭୂଷଇ କେ ଭୂଷେ "ଆଲୋ ତରଙ୍ଗିଣି । ସହର ଚଣ୍ଡ୍ରବାସ୍ପ ଲୋତକ-ଧାର୍‌ହୁଇ ପୋଛ ସୂକ୍ଷ୍ମ ବାସ ଘେନ" । ଏହିମତି । ବିପୁଳ କଳକଳ ଧ୍ୱନି । ଶ୍ରବଣେ ପଡ଼ନ୍ତେ ସେକ୍ଷଣି । ଅନ୍ତଃପୁରକୁ ଦର ବିଦର୍ଭ-ପୁରନ୍ଦର ବହି ବିଜୟ କଲେ ପୁଣି । ସାଧୁଜନେ । ୧୪ । ଯାହାଙ୍କ ବୁଦ୍ଧିବଳେ ଦୋଷ ନ ପଶେ ଛଳେ କନ୍ୟାନ୍ତଃପୁରେ କଦାଚନେ । ସେ ମନ୍ତ୍ରୀ ବୈଦ୍ୟ ବେନି ବିଜୟ ବେଳ ଜାଣି ନୃପେ କରନ୍ତି ନିବେଦନ । ଏକବାକ୍ୟେ । "ଅବଧାନ ହେଉ ଶ୍ରବଣେ । ସ୍ୱଶ୍ରୁତ ଚରକ-ବଚନେ । ବୁଝିଅଛୁଁ ନିଶ୍ଚିତ ନୋହିବ କଦାଚିତ ହିତ ନଳଦ ବିନା ଅନେ । ମହାରାଜ" । ୧୫ । ବେନିଜନ-ବଚନ ହୋଇଲେହେଁ ସମାନ ଅର୍ଥେ ପାର୍ଥକ୍ୟ ରହିଥିଲା । ସୁତା-ଅଣଙ୍କା ଚନ୍ତ୍ର ଅତି ବିକଳମତି ଭୂଭୁଜେ ତା ବୁଝି ନୋହିଲା । ଅନ୍ତଃପୁରେ । ପ୍ରବେଶୁଁ ଭୂପ ଦମୟନ୍ତୀ । ପିତା-ପଦ୍ମେ କଲେ ନତି । ଜାଣି ନୃପ-ବିଜୟ ବିରହ-ଚିହ୍ନ-ଚୟ ଲୁଚାଇ ଦେଇଥିଲେ ଧାତି । ସଖୀଜନେ । ୧୬ । ବିରହ-ଚିହ୍ନ ଚିତ ନ ଦେଖିଲେହେଁ ପୃଥ୍ୱୀ-ଶାଶରେ ନୃପତି କଳ୍ପିତ । ତା ତନୁ ଲୋକନରେ ଏତ ବିରହ ଜ୍ୱରେ ଜୀର୍ଣ୍ଣା ବୋଲି ଭାବିଲେ ଚିତ୍ତ । ସାଧୁଜନେ । ବିଚକ୍ଷଣର ରୀତ ଏହି । ନ କହିଲେହେଁ ମଧ କେହି । ଆକାର-ଇଙ୍ଗିତରୁ ତାଙ୍କ ନେତ୍ର-ପଥରୁ କିଛୁ ନ ପାରେ ଲୁଚି ରହି । ସାଧୁଜନେ । ୧୭ । ଅବନତ-ବଦନେ ଜନକ-ସନ୍ନିଧାନେ ଉଭାତ ହୋଇଥିଲା ସୁତା । ମସ୍ତକ ଛୁଇଁ ତାର ମୃଦୁ ମଧୁର ଗିର ଭଣିଲେ ଧୀରେ ଧୀରେ ପିତା । "ଥସୁବ୍ରତ । ଅଳପଦିନେ ଅଗୋ ମାତ । ସୁଗୁଣବନ୍ତ ମନୋମତ । ବରକୁ ସ୍ୱୟମ୍ବରେ ବରିବୁ କଷ୍ଟରେ ଦୁଃଖିତ ନକର ତୁ ଚିତ୍ତ । ଅସୁବ୍ରତ" । ୧୮ । ଅଳଙ୍କି ତଦନ୍ତରେ ଭାଷନ୍ତି ନୃପ ଧୀରେ "ଦେଖ ଏ ଶୀତ ହେଲା ଗତ । ଏହାପରେ ବସନ୍ତ ହେଉଛି ଉପଗତ ଏଥି କୁସୁମ ଶରବତ । ଏହିମତି । କନ୍ୟାଙ୍କ ପାଇଁ ସବୁଦିନେ । ରହିଥିବଟି ସାବଧାନେ । ସେବା ଶୁଶ୍ରୂଷା ଉପଚାରର ଅଙ୍ଗ ଲୋପ ନ କରିବଟି କେବେ କ୍ଷଣେ । ବାଳିକାଏ । ୧୯ । ଅଲ୍ପଦିନ ମଧ୍ୟରେ ସ୍ୱକଲ୍ପ ଅନୁସାରେ ଅନଳ୍ପ-ସୁନ୍ଦର-ବରେ । ଗଳାରେ ମାଳା ଦୋଳାଇବାରେ ହେବ ଲୋଳା ସ୍ୱୟମ୍ବରେ ସଖି ତୁମ୍ଭର । ବାଳିକାଏ । ଏଥକୁ ଉପାୟ ବିଚାର । ଅତିଶୀଘ୍ର ତ କାଯ୍ୟ ତାର । ଯେମନ୍ତ ସୁଭୋଜନ ପାନେ ରସିବ ମନ ତେମନ୍ତ ଉପଚାର କର । ବାଳିକାଏ । ୧୦୦ । ନ ପୁଛିଲେହେଁ ଲଜ୍ଜା କଥା କହନ୍ତି ରଜା ଗାତ୍ର ପାଣ୍ଡୁତା ଅଙ୍ଗ-ଦାହ । ତାର ବିରହ ଜ୍ୱର-ବିକାର ଏ ସକଳ ବୋଲି ବୁଝାଇ ସ୍ନେହମୟ ।

Digitized by srujanika@gmail.com

ଅଶୀର୍ବାଦ । ଛଳେ ସେ ବେଗଭୃଙ୍ଗରର । ଅଣ୍ଟାସ-ଗେର ଘରଶୂର । କରବା ଅଳ-ବୃନ୍ଦ ଜାଣି ଲଙ୍କା-ଅନନ୍ଦ-ସିନ୍ଧୁରେ ମଜ୍ଜିଲେ ତତ୍କାଳ । ସାଧୁଜନେ । ୧୦୧ । ସୁକବ-ଶିର-ସାର ସାର-କୁମର ଧୀର-ବର ଶ୍ରୀହର୍ଷ ବରଚତ । ଦମୟନ୍ତୀ-ବରଦ-ବର୍ଣ୍ଣନ ଧୀର-ରସ୍ମ-ହୃଦ-କୁମୁଦ-ତାରକାନ୍ତ । ସାଧୁଜନେ । ଅଧମ ସ୍ୱନ ଗୋପୀନାଥ । ଅନୁସରନ୍ତି ପଦମାନ । ଦୋଷଥିଲେ ବଦୁଷେ ନ ଦେଜନବ ମାନସେ ସେବକ ସେ ଭୁମ୍ବ ନ୍ୟୁତ । ସାଧୁଜନେ । ୧୦୨ ।

—୬୬୬—

ପଞ୍ଚମ ଛାନ୍ଦ ।

ରାଗ—ଅଷାଢଶୁକ୍ଳ ।

ଶୁଣ ସୁମତ ଭୀମ ମହୀପତ । ସନ୍ତତ-ସ୍ୱନ୍ଦମୁରେ ଦେଇ ମତ । ଅମନ୍ଦିବା ପାଇଁ ଭୂପମଣ୍ଡଳେ । ପେଷିଲେ ଗୃହେ ଦଶ ଦଦଶବେ । ନାରଦ ସେକାଳେ । ଇନ୍ଦ୍ର-ଦର୍ଶନେ ସ୍ୱର୍ଗେ ଯାଉଥିଲେ । ୧ । ପର୍ବତ-ତପୋବନ୍ତ ଥିଲେ ତୁଲେ । ସପକ୍ଷ ତାଙ୍କ ସେ ତ ସଦାକାଳେ । ତେଣୁ ତାଙ୍କ ନଭଗମନ ସିଦ୍ଧ । ଏ ନାରଦ ଗୁରୁଗୁଣେ ପ୍ରସିଦ୍ଧ । ହୋଇ ହିଭୁବନେ । କେମନ୍ତ ଗମନ କଲେ ଗଗନେ । ୨ । ବିମାନ ବନା ବ୍ୟୋମେ ବେନ ଯତ । ଊର୍ଦ୍ଧ୍ୱୁଁ ଊର୍ଦ୍ଧ୍ୱ ଦେଶେ କରନ୍ତ ଗତ । କାର୍ଯ୍ୟ ସାଧନେ-ସିନା ଅନଜନ । ଲୋକେ ଭନ୍ନ ଭନ୍ନ ଉପାୟମାନ । ଏକା ତପୋବଳେ । ତପିଙ୍କ କେଉଁ କାମନା ନ ପୂରେ । ୩ । ପୁରନ୍ଦର-ପୁରକୁ ପଡ଼ୀନ୍ତର । ପଥେ ଦେଖନ୍ତ ସେ ବିମାନ-ବାର । ସେ ଯାନପଢ଼ଏ ଭଗତ-ଭରେ । ପ୍ରଣତ କର ଅତ ନତ ଗିରେ । ଲୋକ୍ତୁ ସେବା କର । ଏଥୁଁ ତାହାଙ୍କୁ ଯାନ୍ତ ସେ ଚଳ । ୪ । ଲାଗି ଖର କର ରୁଷି-ଶଗ୍ରରେ । ସନ୍ତାପ ସମ୍ଭବ-ବାର ଙ୍କୋରେ । କରଣ ସଙ୍କୋଚ ଦବସପତ । ପରଗ୍ରହଲେ ଅତ ଶାନ୍ତ-ମୂର୍ତ୍ତି । ଦିଶିଲେ ତେମନ୍ତ । ସ୍ୱକରେ ପ୍ରାତେ ଯଥା ନଶାକାନ୍ତ । ୫ । କର-ବଇଭବ ଦ୍ୱିଜସ୍ୱଜର । ଦବସେ ପ୍ରସାର ପ୍ରଖର କର । ସାର-ଦେବାର-ପାଦପେ ଦନପତ । ଭଜଲେ କଏ ତେଜସ୍ୱୀନ ମୂର୍ତ୍ତି । ଦ୍ୱିଜସ୍ୱଜ ତେଜେ । ନଜ କଳ୍ପକର୍ମ କେବା ନ ଭୁଞ୍ଜେ । ୬ । ତକ୍ତକୁଶରେ ବଷ୍ଟର ବତର । ଦ୍ୱାରେ ଅର୍ଘ୍ୟ ପାଦ୍ୟପାଇଁ ବାର । ପଦ୍ମମଧୁକୁ ମଧୁପର୍କ କର । ସୁରସରତ ଗଗନ-ବତ୍ରାସ୍ୱ । ରୁଷିଙ୍କି ସାଦରେ । କଲ୍ପ ଅତଥିସତ୍କାର ମୋଦରେ । ୭ । ଅଗାଧ ଭବ-ସିନ୍ଧୁ ହୋଇପାର । ବ୍ରହ୍ମେ ଯେମନ୍ତ ଲଭେ ଯୋଗଗୃହ । ତେମନ୍ତ

Digitized by srujanika@gmail.com

ଅସୀମ ବ୍ୟୋମ-ସରଣୀ । ପାରହୋଇ ସେ ଯତିବର ବେନି । ହୋଇଲେ ପ୍ରବେଶ । ନାକ-ନାୟକ-ନିକେତନ ପାଶ । ୮ । ଯଥା ବିଧିରୁ ଅଧିକ ସମ୍ଭାରେ । ସେବିଲେ ବାସବ ଋଷି ପଦ୍ମରେ । ସାଧୁ ଅତିଥିଙ୍କ ଉଚିତରୁ ବେଶି । ପୂଜନେ ହୁଏ ପାପରାଶି ଧ୍ୱଂସି । ଏତ ନିତ୍ୟ କାର୍ଯ୍ୟ । ପୁଣ୍ୟପାଇଁ ଏହା କେ କରେ ହେଳ । ୯ । ନାମ-ସମତା ଥିଲେ କି ହୋଇବ । ପର୍ବତେ ବିଲୋକି ବାସବ ଯେବ । ବରଜି ନିଜ-ଗୋତ୍ରଭିଦ-ପଣ । ବିବିଧ ପ୍ରକାରେ କଲେ ପୂଜନ । ସେ ଯେଣୁ ବ୍ରାହ୍ମଣ । ଏତ ବିବୁଧ-ବୃନ୍ଦରେ ପ୍ରଧାନ । ୧୦ । ଅକ୍ଲିଷ୍ଟିତ-ଅନଳପ-ଦ୍ରବ୍ୟରେ । ବିତରୁ ବାସବ ପୂଜା-ସମ୍ଭାରେ । ତା ଗୃହିଁ ଯତି ଏମନ୍ତ ଚିନ୍ତନ୍ତି । ନିରତ ଏ ଶଚୀପତି-ସଙ୍ଗତି । ଲଭି ସିନା ସ୍ୱର—। ଦ୍ରୁମେ ପୂରିନ୍ତି ବାଞ୍ଛା ନିରନ୍ତର । ୧୧ । ନାରଦେ ଗୃହିଁ ସୁନା-ଶିର ଆନ ।-ଜନ-କଥନେ ନ ନିବେଶ ମନ । ମୁନୀଶ ସଙ୍ଗେ କଥା ଆରମ୍ଭିଲେ । ବେନି ସୁହୃଦ ଏକତ୍ରିତ ହେଲେ । ଏମନ୍ତ ହୁଅଇ । ନିଜ ପରକଥା କେତେ ପଡ଼ଇ । ୧୨ । ଏମନ୍ତେ କଥା ପ୍ରସଙ୍ଗ-ରଙ୍ଗରେ । 'କପା ନରବରେ ଅମରପୁରେ । ଅଇ ନ ଅସନ୍ତି' ଏହା କାରଣ । ବାରିବାକୁ କରି ବାସବ ମନ । ପୁଛନ୍ତି 'କାହିଁକି । ନୃପେ ନ ଅସନ୍ତି ସ୍ୱର୍ଗ ମଝାକି । ୧୩ । ଏବେ କିବା ଅଉ ପୂର୍ବ-ପରିସ୍ଥେ । ମର୍ତ୍ତ୍ୟମଣ୍ଡଳେ ନୃପ-ବଂଶ-ଚୟେ । ବୀର-କସରେ ନୃହନ୍ତି ଜନମ । ଭୁଜ-ବୀର୍ଯ୍ୟବଳେ ଯେ ଅଭିରାମ । ହୋଇ ଶତ୍ରୁ-ହତ—। ହେତି-ନିପାତେ ଯିବକି ଚୁମ୍ବନ୍ତି । ୧୪ । ମର୍ତ୍ତ୍ୟରେ ସମରେ ବୀରେ ଗୌରବ—। ଯୋଗେ ଉର୍ଦ୍ଧ୍ୱଗତି-ବୋଧ ପାର୍ଥିବ—। ଶରୀର ବରଜି ଅରତି-ହେତ—। ନିପାତ-ଛଳେ ଅସନ୍ତି ଝଟିତ । ଏଥି ମୋ ପ୍ରଦତ୍ତ । ଅତିଥି-ସତ୍କାରେ ହୁଅନ୍ତି ତୃପ୍ତ । ୧୫ । ଏବେ ସେ ବୀରେ ଅତିଥି ବେଶରେ । ନ ଆସନ୍ତି ତ ଅଉ ଏ ମୋ ପୁରେ । ଶାପ-ଗ୍ରସ୍ତବତ ତେଜିଲେ ମୋତେ । ତେଣୁ ନ ରୁଚେ ଏ ଶିରୀ କହିବତେ । ମୋତେ ଋଷିବର । ଯେଣୁ ଏ ଅଟେ ଏକାଭୋଗେ ମୋର । ୧୬ । ପୂର୍ବ-ପୁଣ୍ୟବିଭବ-ବ୍ୟୟ-ଲବ୍ଧ । ସମ୍ପଦେ ଭାବଇ ମୁହିଁ ବିପଦ । ପାର ହୋଇବା ପାଇଁ ଏ ବିପଦ । ସତ୍ପାତ୍ର-ପାଣି-ପଦ୍ମେ ସେ ସମ୍ପଦ । ନିବେଦିବା ଏକା । ଶାନ୍ତି-ବିଧାନ ଅଛି ଶାସ୍ତ୍ରେ ଲେଖା । ୧୭ । ଭୋ ମୁନିବର ବେଦ-ବାକ୍ୟବତ । ପ୍ରବଳ ତବ ସୁବଚନ-ଯାତ । ଅଘମର୍ଷଣ ମନ୍ତ୍ରପରି ହେଉ । ଏ ବିଷୟେ ମୋର ସଂଶୟ ଅଉ । ନରହୁ କଣ୍ଟକ । ପାପପରି ଏ ପଳାଉ ତୁରିତ" ।୧୮। ଏମନ୍ତ ଭଣି ବାସବ ସାଦରେ । ମୁନି-ବଚନ-ଶ୍ରବଣ ଆଶାରେ । ଉତ୍ସୁକରେ ଦଶଶତ ନୟନେ । ମୁନି-ମୁଖପଦ୍ମେ ଅଳି-ସମାନେ । ନିଶ୍ଚଳ କରାଇ । ହେଲେ ମଜ୍ଜନ ବିନୟୁ ବଢ଼ାଇ । ୧୯ । ଅମର-ପତିଙ୍କର ଏ ବଚନ । ଦେଖି ନାରଦ ଯତି ତୋଷ ଅତି । ହେଲେ ଅଶ୍ଚର୍ଯ୍ୟ; ଏତେ ବଡ଼ ପଦେ । ଲଭି ଯା ଦମ୍ଭନାହିଁ

Digitized by srujanika@gmail.com

ଲେଶେ ହୃଦେ । ଏମନ୍ତ ବିଗ୍ରହ । ହର୍ଷେ ଭିଷନ୍ତି ହୃଦେ ମୋଦ ଧରି । ୨୦ ।
"ଶତାଶ୍ୱମେଧ ଯାଗ ସାଧିବାର । ଅଜ୍ଞାତ ନୁହଇତ ଶ୍ରମ ତୁମ୍ଭର । ତା ଫଳେ ଲଭିଛ
ଏତେକ ବିଭବ । ଏଥି ତୁମ୍ଭର ଅନାଦର ଭାବ । ନୁହଇ ସୁନ୍ଦର । ସେଣୁ ଦୁର୍ଲଭ
ଲଭଇ ଆଦର । ୨୧ । ବଚନେ ବଖାଣି ନୁହେ ଯେ ଶୀଘ୍ର । ହୋଇ ତାହାର ଏକ
ଅଧିକାର । ବିନୟ ବିରଞ୍ଚି ନାହିଁଟି ଯାହା । ବିନା ନିଜର ଅନୁଭବେ ଏହା । ସତ
ପରଜିବେ । କରିପାରିବ କେବା ଏ ସଂସାରେ । ୨୨ । ଅତଏବ ଶିଷ୍ଟଙ୍କ ସମର୍ପି-
ବାର । ହତ, ଅହତ ନଳେ ଭୁଞ୍ଜିବାର । ଏ ବିଗ୍ରହ ଦେଖି ତୁମ୍ଭ ଭାବଇ । ବାହ୍ୟେ
ଯେ ସହସ୍ର ନେତ୍ର ଶୋଭଇ । ତେମନ୍ତ ଅନ୍ତରେ । ଶୋଭେ ଦୃଷ୍ଟି-ଗୋଷ୍ଠି
ଅନାବୃତରେ । ୨୩ । ଏ ତୁମ୍ଭ ସ୍ୱଭାବ-ସୁନ୍ଦର ଭାବ । ଚିତ୍ତକୁ ଆମ୍ଭ ଦ୍ରବାଇଲା
ଯବ । ନିରବଧି ଏ ଅମର-ଭୁବନ । କରୁଥାଅ ମନ-ସୁଖେ ଶାସନ । ଜୟ ଶିରୀଲଭି ।
ସାଧୁ ସାଧୁ ଅହେ ଦେବଙ୍କ ଦେବ । ୨୪ । ଫଖ୍ୟେ ବିକ୍ଷତ-ତନୁରୁ ଶୋଣିତ— ।
ସ୍ରାବ ସଙ୍ଗେ ପାପ ହେଉ ଯନ୍ତତ । ଅତହିଁ ଲଘୁ ହେଲେହେଁ ଭୂପାଳେ । ଯେ ହେତୁ
ନ ଆସନ୍ତି ସ୍ୱର୍ଗ ଆଳେ । ସେ ଯୁବକ-ମନ— । ଉନ୍ମାଦ କଥା କରୁଛି କଥନ । ୨୫ ।
ବସୁମତିରେ ଅମୂଲ୍ୟ-ରତନ— । ବିଭୂଷାବତ ବିଦର୍ଭ-ରାଜନ । ଭୀମଙ୍କ ଦମୟନ୍ତୀ
ନାମ ସୁତା । କି କହିବ ଅଉ ତା ଛବି କଥା । ଏତିକରେ ବୁଝ । ମନୋଜର
ସେ ଅମୋଘ ନାରାଜ । ୨୬ । ଯଉବନ ଯୋଗେ ଏବେ ସେ ବାଳୀ । ପ୍ରତି-
କ୍ଷଣେ ପୂର୍ବ ଶୋଭାକୁ ବଳି । ଯାଉଛି ସେ ପୁଣି ଅମୂଳଚୂଳ— । ସୁକୃତ-ଭୂଷିତ
କେଉଁ ଯୁବାର । ପ୍ରେମେ ବଶହୋଇ । ନାମକୁ ତାର ନିରତ ଜପଇ । ୨୮ । କମ୍ପୁ-
ଛତ ଓଷ୍ଠ ଯୁଗ ତୁମ୍ଭର । କେ ସେ କହିଁ ନକହ ମୋ ଛାମୁର । ଏମନ୍ତେ ବୋଲି କି
ପଗ୍ଭର ଇଚ୍ଛ । ଏ ଇଚ୍ଛା ଥିଲେ କହୁଛି ମୁଁ ସ୍ୱଚ୍ଛ । ସେ ବାଞ୍ଛା ବିରଳ । କି କାର୍ଯ୍ୟ
ବୃଥା ଶ୍ରମେ ଦେବରାଜ । ୨୮ । ମୁଁ ସେନା ଯୋଗୀ ପରମାଣୁ ଯାଏ । ଯାଇପାରେ
ମୋ ବୁଦ୍ଧି ନିଃସଂଶୟେ । ପରମାଣୁବତ ଅଚେତ ମନ । ତହିଁ ଲକ୍ଷ୍ମୀଦରୀ ମଧ୍ୟେ
ଗୋପନ । କରିଛି ସତତ । ସେ ନରସିଂହକୁ ପରି ଯୋହିତ । ୨୯ । ବିରହ-ଲକ୍ଷଣ-
ଲକ୍ଷିତ ଗାତ୍ରେ । ଲକ୍ଷ ହେଲଣି କାମ-କଙ୍କପତ୍ରେ । ବୋଲି ସେ ନିବେଦ
ପିତା-ପୁରତ । ତାଙ୍କୁ ତୁରିତ କଲଣି ସଙ୍ଗତ । ବିଧାତା ସଙ୍ଗରେ । ନିଜ-ସ୍ୱୟମ୍ବର-
ସମ୍ଭ୍ରମରେ । ୩୦ । ସ୍ୱୟମ୍ବରେ ନରବର ନିକରେ । ହକାରିବାକୁ ପୁଷ୍ପ-ଶାୟକରେ ।
ବିହି ଯେଣୁ ଆଜ୍ଞା ଅଛଇ ଦେଇ । ତେଣୁ ତା ବିଶ ହୋଇ ନରସାଇଁ- । ନିବହ ସମରେ ।
ଗିରି-ପରସ୍ପ ମନ୍ତ୍ରଜ୍ଞ ଚତୁରେ । ୩୧ । ଯେଉଁ ଯେଉଁ ଗୁଣେ ଭୂଷଣେ ବଶ । ହୁଅଇ
ସେ ବାଳାଶର ମାନସ । ସେହି ସେହି ଗୁଣ-ଭୂଷଣ-ଗଣେ । ବିଶେଷ ବିଶେଷ ବିଧି-
ବିଧାନେ । ନୃପେ ମାତିଛନ୍ତି । ତାଙ୍କୁ ପରମ ପୁରୁଷାର୍ଥ ଚିନ୍ତି । ୩୨ । ଶଇଶବ

Digitized by srujanika@gmail.com

ଶେଷକୁ ତା ଭଜନ୍ତେ । ଯଉବନ-ବନ୍ତ ନୃପତି-ବ୍ରାତେ । ବାତପ୍ରମୀଭ୍ରମ ମଦନ ବନ୍ଧ ।
କୁସୁମ କାର୍ମୁକକୁ ଅମଣ୍ଡଇ । ସୁମନ-ମାର୍ଗଣ । ଖଞ୍ଜି ମୃଗୟୁରେ ବଳାଇ ମନ ।୩୩।
ଏଣୁ ନୃପେ ମହୀବାସ ବଇଜ । ତୁମ୍ଭ ଅତିଥ୍ୟ-ଗ୍ରହଣେ ମଇଜ । କରୁଣାହାନ୍ତ ଶୁଣ
ପୁରନ୍ଦର । ତାଙ୍କ ବଗୃହକୁ ଏ ସ୍ୱର-ପୁର । ବଦର୍ଭ ନଗର ।—ଭୁଲକୁ ଏବେ ଚଳ
ପରକାର ।୩୪। ନୃପେ ବଶ ହେଉ ସେ ବାଳକାର । ହେଲ ସମର-ଦୁର୍ଭିକ୍ଷ
ମର୍ତ୍ତ୍ୟର । କଳ ନ ଦେଖି ହୋଇଲା ବକଳ । ମନ ମୋ ତେଣୁ ଅଟେ ଅଖଣ୍ଡଳ ।
ଏ ପୁରେ ଅଇଲି । ଏଥିବା ଅଶା ମୋ ପୂରବ ବୋଲି ।୩୫। ତୁମ୍ଭେତ ସକଳ
ଶଙ୍କୁଙ୍କ ଶଲ । ହୋଇବ କେବା ତୁମ୍ଭ ପ୍ରତିକୂଳ । ଜାଣିଲେହେଁ ମୁହିଁ ଏକଥା
ଭଲେ । ତଥାପି ପଚ୍ଛରଇ ଯା ତୁମ୍ଭରେ । ଯୁଦ୍ଧ-ସମାଗ୍ଭର । ଅଗ୍ରହ ନାଶିଛି ବବେକ
ମୋର" ।୩୬। ଏମନ୍ତ ଭାଷନ୍ତେ ନାରଦ ମୁନି । ତେଜିଲା ମୌନତା ଇନ୍ଦ୍ରାସ୍ୟ
ଶୁଣି । ସାଧୁ ମହାତ୍ମାଙ୍କ ସତ ଏମନ୍ତ । କଥୋପକଥନ ତାଙ୍କ ସନ୍ତତ । ଅନର୍ବ-
ଚମାତ୍ମ ।—ଗୃରୁତାକୁ କରେ କ୍ରମେ ଅଣ୍ଡସ୍ତ ।୩୭। ବୋଲନ୍ତ ଇନ୍ଦ୍ର "ଶରଣ-
ରକ୍ଷକ । ଭ୍ରାତା ମୋ ଉପେନ୍ଦ୍ର ପୁଣ୍ଡ୍ରୀକାକ୍ଷ । ଥାଉ ମୋ ଯୁଦ୍ଧଚିନ୍ତା ଚିନ୍ତ କସ ।
ତାଙ୍କ ବଜୟ-ଶୀଳ ଭୁଜପାଶ —। ଅଶ୍ରାରେ ନିର୍ଭୟେ । ସ୍ୱପର-ଶଙ୍କା ମୋ କାରେ ନ
ଥାଏ ।୩୮। ସେତ ବଶ୍ୱମ୍ଭର ବଶ୍ୱମ୍ଭୂରତ । ଜୈମିନି—ଅଂଶ ସହଜେ ବହନ୍ତି ।
ତେଣୁ ଦେବତାଙ୍କ ବଗ୍ରହ-କଥା । ଶୁଣିବାମାନେ ଲଗେ ତାଙ୍କୁ ଚିନ୍ତା । ତାଙ୍କ ଯୋଗେ
ମୋର । ହୋଇଛି ମଧ ବଜ୍ରେ ହତାଦର" ।୩୯। ବିନୟ-ସାଗର ସେ ପୁରନ୍ଦର ।
ଏମନ୍ତ ଭାରତୀ-ମୁକୁତାହାର । ଉପହାର ଦେଉ ମୁନି ନିରବେ । ପୁରତେ ଚଳଇ
ଦୀର୍ଘ ନିଶ୍ୱାସେ । ତା ପଛେ ଏକାକୀ । ପରକାଶିଲେ ଦୀନ ଭାରତୀକି ।୪୦।
"ଶୁଣ ଦେବ ମର୍ତ୍ତ୍ୟେ ଥିବା କାଳରେ । ଭଳେ ଯୁଝୁଥିବେ ବା ନାଗପୁରେ । ସ୍ୱର୍ଗେ
ଅପେବାକ୍ଷଣି ହୁଏ ମନେ । ନାଗ ନରେ ବା ମାତିଥିବେ ରଣେ । ଏମନ୍ତ ଭ୍ରମଇଁ ।
ହୋଇ ସମର ଦର୍ଶନେ ଅଶାପ୍ତି ।୪୧। ଦେଖାତ ହୋଇଲା ତୁମ୍ଭ ଅମ୍ଭର । ଏବେ
ମର୍ତ୍ତ୍ୟେ ଯିବ ବଦାୟ କର । ତହିଁ ସେ ଜ୍ଞାନ-ସୁତା-ସ୍ୱୟମ୍ବରେ । ଅପେତଥିବେ ବନ୍ଧୁ-
ନରବରେ । ବବାହ ବେଳକୁ । ନ କରବେ କ ଯେ କଳି ଗୋଳକୁ" ।୪୨।
ଏତେ କହି ଇନ୍ଦ୍ରେ ବଳାଇ ଯେଥି । ମର୍ତ୍ତ୍ୟ-ଗମନେ କରୁ ମୁନିବୁଦ୍ଧି । ଅତି ଆଦର
ଭରେ ପୁରୁହୂତ । ଅନୁଗମିଲେ ଦ୍ୱିଜପଦମାତ୍ର । ସାଧୁଙ୍କ ବେଭାର । ସେତ ସଦନ
ସଦା ଆଦରର ।୪୩। ନାର-ଦ-ସ୍ୱନେ ପର୍ବତ ଧ୍ୱନିତ ।—ବତ ନାରଦ-ସ୍ୱନକୁ
ପର୍ବତ । ଅନୁକରଲେ ମାତ୍ର ନ ଦେଖାଇ । ସ୍ୱପକ୍ଷ ଯେଣୁଥିଲେ ଶଚୀସାଇଁ । ସେତ
ଶୈଳ-ପକ୍ଷ ।—ଛେଦ ତାହାଙ୍କୁ କି ଦେଖାନ୍ତେ ପକ୍ଷ ।୪୪। ଏଣେ ମଦନ ସଦା-
ଇନ୍ଦ୍ରକରେ ।-ବଜ୍ର ବହ୍ନ-ଜାତ-ସନ୍ତାପରେ । ବଳୋକ ତା ଶାନ୍ତି ପାଇଁ ଔଷଧ ।

Digitized by srujanika@gmail.com

ବ୍ୟବସ୍ଥା କଲା ବଦର୍ଭ-ନରେନ୍ଦ୍ର ।-ସୁତାର ଶୀତଳ—।-କୋମଳ-କରଗ୍ରହଙ୍କୁ କେବଳ ॥
ଅମର-ବୈଦ୍ୟ ଅଶ୍ୱିନୀ-କୁମାର । ସୌନ୍ଦର୍ଯ୍ୟେ କାମ ତାକୁ ପଶ୍ଚାନ୍ତର । ତାଙ୍କ ବୈଦ୍ୟ
ବଦ୍ୟା ଗୁରୁତା ତୁଲେ । ସଙ୍ଗନି ଥିଲା କି କାମ ଶରୀରେ । ନୋହିଲେ କେଁ ଅନ୍ଧ ।
ସେ କାହିଁ ଜାଣନ୍ତା ଏହେ ଔଷଧ ।୪୬। ମାନୁଷୀ ପାଶେ ସୁରେ ଯିବେ । ଏ କଥା
ଜାଣି ଦୁଃଖେ ଶଚୀ କହେ । ମାନଗଲା ବୋଲି ମୁଖ ତଳକୁ । ଯୋଡଲେ ଯା ତାହା
ଅଖଣ୍ଡଳଙ୍କୁ । ଦେଖିବାର ହେଲା । ଯେଣୁଁ ସ୍ୱର୍ଗୁଁ ମର୍ତ୍ତ୍ୟେ ଯାନ ଚଳିଲା । ୪୭ ।
ଓଃହା ଇଯାନ୍ତେ ଇନ୍ଦ ସୁରପୁରୁ । ଦୁଃଖେ ନିକଲା ରମ୍ଭା ରମ୍ଭୋରୁ । ତାର ସେ
ମଳିନ ବର୍ଣ୍ଣି ସେ କାଳେ । କଲା ପ୍ରକାଶ ବଶେଷ-ଭଙ୍ଗିରେ । ଗଲା ବୋଲି ଜବ ।
ଇନ୍ଦ୍ରେ ଥିଲା ତା ଯା ଉଜ୍ଜ୍ୱଳଭାବ । ୪୮ । "ଅଜ ଅପ୍ସରାଏ ବଞ୍ଚିକ ଲାଭ । ମରଣ
ଏଣିକ ନାଙ୍କୁ ଦୁର୍ଲ୍ଲଭ" । ଏକଥା ଘୃତାଚୀ ନ କହି ମୁଖେ । ଏକା ନାୟିକା-ପୁଞ୍ଜୁଁ
ମହାଦୁଃଖେ । ତେଜେ ଦୀର୍ଘଶ୍ୱାସ । ତହୁଁ ନୁହଇ କି ଏହା ପ୍ରକାଶ । ୪୯ । ସୁର-
ବର ନରପୁରେ ଗମନ୍ତ । ଶୁଣିବାମାତ୍ରେ ମନୁ ହେଉମତ । କମ୍ପିତ-କର-ପଙ୍କଜୁଁ
କେଶର ।-ପରାଏ ଭ୍ରମର ପକାଇ ଦେଲ । ତିଲୋତ୍ତମା କହେ । 'ପତନ ଏଣିକି
ଆମ୍ଭଙ୍କୁ ଶୋହେ' । ୫୦ । ଚିତ୍ତସନ୍ତାପ ମେନକା ଅପ୍ସରା । ଲୁଚାଇବାକୁ ନାନା
ଭଙ୍ଗି କଲା । ସେ ହାସ-ବଯାଢ ନ ର ହୃଦୟୁ ।—ପୁଟ ପାକକୁ ପଙ୍କ ଲେପ ପ୍ରାୟୁ ।
ହୋଇଲା ନୋହିଲା । ଶାନ୍ତ ଗୁଣକ ଦ୍ୱିଗୁଣ ଦହିଲା । ୫୧ । ସୁଗୁଣେ ଯାର ବଶ୍ୟ
ବଶୀଭୂତ । ସେ ଉର୍ବଶୀ ଶୁଣି ଇନ୍ଦ୍ର-ଚରିତ । ସ୍ତମ୍ଭୀଭୂତ ହୋଇ ଯାହା ରହିଲା ।
ସୁର-ଈଶ୍ୱରେ ତା ପ୍ରଣୟ ଲୀଳା ।—ଶେଷ ସୀମାସ୍ତମ୍ଭ ।—ବତ ଦିଶିଲା ତା ଦେହ
ଆରମ୍ଭ । ୫୨ । ତହୁଁ କେ ଅପସରା ସୁରବରେ । ଶୁଣାଇଁ ଏମନ୍ତ ଭାବେ ସଖୀରେ ।
"ସଖିରେ ସେ ପରା କଶ୍ୟପ-ସୁତା । ଏ ତ କଶ୍ୟପ-ପୁତ୍ର ଏଣୁ ଚିନ୍ତା । ହେଉଛି
ମୋହର । ସଙ୍ଗମ ହେବ କେହି ଦୁହିଙ୍କର" । ୫୩ । କେ ପୁଣି ଶୁଣାଇ
କହେ "ଲୋ ସହି । ସୁରେଶ-ଗହଣେ ନ ଯାଉ କେହି । ତାଙ୍କୁ ତୁହି ଆଉ ବଡ଼ ହେଲୁ
କି । ସେ ତ ଯାଉଛନ୍ତି ନାଶି ତହୁଁକି । ତୋ ନେତ୍ର କପାଇଁ । ନାସି ଦରଶନେ ଘୃଣା
ବହଇ" । ୫୪ । ଦେଖି ମର୍ତ୍ତ୍ୟପୁରେ ଇନ୍ଦ୍ର-ଗମନ । ଅନଳ ଜଳ-ଈଶ୍ୱର ଶମନ ।
ଏ ତିନ ଦିଗ-ପତିଏ ସାଦରେ । ଅମର ଈଶ୍ୱର-ଗହଣେ ଗଲେ । ପଥପ୍ରଦର୍ଶକ ।
ଥିଲେ କି ଦୁର୍ଲ୍ଲଭ ହେବେ ପଥିକ । ୫୫ । ଏ ସର୍ବ ଦେବେ ଏକ ଏକ ଦୂତ ।
ଚିତ୍ତ-ଚାତୁର୍ଯ୍ୟରେ ନିପୁଣ ଅତି । ଭୈମୀପାଶେ ପେଷିଥିଲେ ଗୁପତେ । ପୁଣି
ପ୍ରକାଶ୍ୟେ ତା ପିତା ନିମନ୍ତେ । ନାନା ଉପହାରେ । ଥିଲେ ପଠାଇ ସନ୍ତୋଷ
ଛଳରେ । ୫୬ । ଅତି ଆଶ୍ଚର୍ଯ୍ୟ କଥା ହେଲା ଏହା । ସୁରପୁର ତେଜି ଅମରେ
ଯାହା । ମର୍ତ୍ତ୍ୟଭୁବନକୁ କରନ୍ତି ଗତି । ଏଣୁ ଚିତ୍ତେ ଜାତ ଏମନ୍ତ ଭ୍ରାନ୍ତି । ସ୍ୱର୍ଗ

Digitized by srujanika@gmail.com

ବୋଲି ନାହିଁ । ଯହିଁ ମନଯାଏ ସେ ଏକା ଦେହ । ୫୭ । ଛିଡନ୍ତି ଅତି ଭୁରତେ ଭମାନେ । ଅଶୂତ ଥିଲେ ତେଥେ ଦେବଗଣେ । ଏକାଳେ ପୃଷ୍ଟେ ଦୂରେ ଛେ ଶୁଣି । ଏ କସ ଶୁଭେ ବୋଲି ମନେ ଗୁଣି । ମୁଖ ଟେକ ଗ୍ରୀବ । ବକ୍ରକର ପୃଷ୍ଟେ ଗୃହିଁାନ୍ତେ ଜବ । ୫୮ । ଏ କିବା ନରନ୍ଦ-ମନ୍ଦ୍ର-ଗର୍ଜ୍ଜନ । ଅବା ନରନାଥ-ଗମ୍ଭୀର-ସ୍ୱନ । ନୋହୁ ଉଦୟ ଏତେ ତାଙ୍କ ଚତ୍ତେ । ନିର୍ଘୋଷ ସଙ୍ଗେ ସଙ୍ଗେ ଦୃଷ୍ଟିପଥେ । ହୋଇଲା ପଣ୍ଡତ । ଅତି ନିକଟେ ଏକ ଦିବ୍ୟ ରଥ । ୫୯ । ସୂତେ କୌତୁକେ ବିଶ୍ରାମ ଦତର । ବରକରେ ହସ୍ତ-ପ୍ରଗ୍ରହ ଧର । ଅଶ୍ୱ-ମାନସ-ବଗୃତେ ଚତୁର । ବାହ ଅସୁଚ୍ଛନ୍ତି ସେ ରଥେ ନଳ । ତାଙ୍କୁ ଦେଖି ଦେବେ । ଭାବିଲେ ସାର୍ଥ ହେଲା ନେଞ ଏବେ । ୬୦ । ଦେଖି ସେ ଭୂପଙ୍କ ନବତାରୁଣ୍ୟ । ସଲିଳନିଧି-ଅଧିପ ବରୁଣ । ଗଲେ ଦ୍ରବ ମହାବସ୍ମୟ-ରସେ । ଏଣୁ ତୋୟାତ୍ମା ବୋଲି ଶ୍ରୁତିରେ ସେ । ସର୍ବଦା କୀର୍ତ୍ତିତ । କି ଅନୁଚିତ ଏଥି ଯେବେ ଚତ୍ତ । ୬୧ । ସୂର୍ଯ୍ୟବଂଶେ ଶ୍ରେଷ୍ଠ ସୂର୍ଯ୍ୟକୁମର । ଶମନ ଦେଖି ସେ ରୂପ ଭାସ୍ୱର । ମତରେ ଅତି ମ୍ଳାନତା ଭଜିଲେ । ମ୍ଳାନ ହେବାରୁ କି ତାଙ୍କୁ ସଂସାରେ । କାଳ-ଦେବ ବୋଲି । ବୋଲନ୍ତି ସକଳେ ଭବ ବଗୃର । ୬୨ । ରୂପାଡିଶୟ ସେ ନୃପର ଚାହିଁ । ଦହନ ଯେ ତାପ ଅଛନ୍ତି ବହି । ତହିଁକି ତାଙ୍କ ଅନଳତା ହେତୁ । ନୋହିଲେହେଁ ସେ ଅ-ନଳ ଯେହେତୁ । ଏଣୁ ଏ ସନ୍ତାପ । ବହିବାର ତାହାଙ୍କର ସ୍ୱରୂପ । ୬୩ । କାମ-କମନୀୟ-ନୃପତି-ଗାତେ । ଗୃହି ପୁରୁହୁତ ସହସ୍ର ନେତ୍ରେ । ନିଜଙ୍କୁ ନୃପ ତୁଲେ ତୁଳିବାକୁ । ପୁଣି ପକାନ୍ତେ ସ୍ୱଦେହେ ଚକ୍ଷୁକୁ । ଭାବନ୍ତି କୌଶିକ । ନାମୁଁ କି ମୁଁ ଗଲି ହୋଇ କୌଶିକ । ୬୪ । ଅବସମ୍ବାଧ ସକଳ-ସୁଷମା—। ସୀମା-ସ୍ୱରୂପ ମୂର୍ତ୍ତି ମନୋରମା । ନରେଶଙ୍କ ଗୃହିଁ ଦିଗଧିପଏ । ଦେଲେ ବଡର ହୃଦୟେ ବିସ୍ମୟେ । ତେଣୁ ତେତେବେଳେ । ହୃଦେ ତାଙ୍କ ବଳ ନ ଥିଲା ତଳେ । ୬୫ । ପୂର୍ବେ ଯଥାନଳ-ରୂପ-ବର୍ଣ୍ଣନ । ଶୁଣିଥିଲେ ତଥା ନୟନ ମନ—। ମୋହନ ସର୍ବ-ସୌନ୍ଦର୍ଯ୍ୟ-ଆଶ୍ରୟ । କର ଦାରଶନ ସେ ନୃପକାୟ । ନଳ ବୋଲି ଏହି । ଦେବେ ଛପତେ ହେଲେ ଲୁହା ଲୁହି । ୬୬ । ବଧୂ-ବରଣ-ଉଚିତ-ଭୂଷଣେ—। ଗଣେଶ ଶୋହୁଥିଲେ ନରବଣେ । ପୁଣି ସେ ଧନ୍ୟ ବିଦର୍ଭ ପ୍ରତି । ରହୁବରର ମନୋଜବ ଗତି । ମଣି ଏ ସମସ୍ତ । ଦେଲେ ଜଣାଇଁଦେବେ ନୃପଚିତ୍ତ । ୬୭ । ଜଗତ-ପ୍ରାଣିତ ନଳ ଭୂପାଳ । ତାଙ୍କୁ ଭେଟି ଯମ ବରୁଣାନଳ । ଅନନ୍ତ ହେଲ ପ୍ରତପ୍ତ ହେଲେ । କି କରିବା ଏବେ ବୋଲି ଭାବିଲେ । ମନେ ମନେ ଏକା । ଥିଲା ଯେଣୁ ଆନ-ଜାଣିବା ଦକା । ୬୮ । କଦେଶ କଟମ୍ୟୁ ଚତ୍ତେ ଭାବନ୍ତି । ବରୁ ବା ନ ବରୁ ନଳେ ସୁଦତୀ । କେବେ ନୋହିବ ସିଦ୍ଧି ଅମ୍ଭର ତ । ନଳେ ବରିଲେ କଥା ସହିଲାତ । ନ ବରିଲେ ହେଲେ । କେହି ରହିବା ସେ ଅଗୁଣଙ୍କାବେ । ୬୯ । ଅମ୍ଭ ତହୁଁ ଏ ନଳର

Digitized by srujanika@gmail.com

ଅଧିକ୍ୟ । ନ ଜାଣିଥିଲେ ସଜା ମାଣବକ—। ମୃଗାକ୍ଷୀ ତାଙ୍କୁ ତେଜ ଅମ୍ଭ ଗଲେ । ଢଅନ୍ତା ଦୋଳାଇ ବରଣମାଳେ । ସେ ତ ସୁରଭୁଷ । ନଳ-ପ୍ରାଧାନ୍ୟ କ ଯିବ ପାସୋର ।୭୨। ଦମୟନ୍ତୀ ଯେବେ ଏ ସ୍ୱୟମ୍ବରେ । ଦେବ ବରଣ-ମାଳ ନଳଗଳେ । କରିବା କେହ୍ନ ସଦନେ ଗମନ । ଲଜେ ତ ମଉଳ ଯିବ ବଦନ । ଗଲେହେଁ ସଦନେ । ଗୁହିଁବା କେହ୍ନ ବନତା-ବଦନେ । ୭୩ । ଏମନ୍ତ ଚନ୍ତ ହିଦଶ-ହିତସ୍ତ । କର ନ ପାରନ୍ତ କଛ ନଶ୍ଚୟ । ଏକା ସୁରପୁର-ପତଙ୍କି ତେଜ । କର୍ତ୍ତବ୍ୟ-ବମୂଢ଼ ସେ ଦେବରାଜ । ପରସ୍ପର ମୁଖ । ହୋଇଲେ ଅନାଅନ ଲଭ ଦୁଃଖ । ଅନୁଗ-ଅମର-ହିତସ୍ୱଙ୍କର । କର୍ତ୍ତବ୍ୟବମୂଢ଼ତା ପୁରନ୍ଦର । ବଚଳିକ ସେ ନୃପଙ୍କ ପ୍ରତାରଣା । ପାଇଁ କ କଲେ ବଚନ ରଚନା । କପଟ-କରଣେ । ନାହିଁ ତ କେହ୍ନ ସମ ତାଙ୍କୁ ଜଣେ ॥ ଭାଷନ୍ତ ବାସବ, "ସେ ବୀରସେନ । ଅମ୍ଭ ଅସନ ଅର୍ଦ୍ଧେ ଯାର ସ୍ଥାନ । ତାଙ୍କ ଅଙ୍କୁର ତୁମ୍ଭ ତହିଁ ଦେଖି । ତୁମ୍ଭଙ୍କୁ ତାଙ୍କ ସୁତ ଭାବ ସୁଖୀ । ହୋଇଲୁ ଅପାର । ତୁମ୍ଭେ ଟିକି ନଳ ସବତ ଭଲ ? । ୭୪ । ପୁଛିବା ବୃଥା ଗମନ-କାରଣ । ପୃଥ୍ୱୀ ପ୍ରତ ଅମ୍ଭ ଆଗମନ । ହେବାରୁ ଶୁଭଯୋଗେ ବେଗେ ଫଳ । ଫଳାଇବାକୁ ଯେ ଯାହା କେବଳ । ତୁମ୍ଭଙ୍କୁ ଅମୃତେ । ଦେଲା ଭେଟାଇ ଏ ଅର୍ଦ୍ଧ ପଥରେ ॥ ଦେଖ ହେ ନଳ ଏ ଜ୍ୱାଳା-ଜଟିଳ । ବଶ୍ୱ-ବଶ୍ରୁତ ସେ ଦେବ ଅନଳ । ଏ ଦଣ୍ଡଧର ଜୀବେଶ ଶମନ। ଏ ସେ ସଲିଳାଧିପତି ବରୁଣ । ଅମର-ପୁରର । ପତି ବୋଲି ମୋତେ ଚତ୍ରେ ବର୍ଣ୍ଣ ।୭୫ । ଯାଚକ-ଭାବେ ଅମ୍ଭେ ଦେବଗଣ । ତୁମ୍ଭ ପାଶକୁ ଅସିଛୁଁ ସ୍ତଜନ । ଅମ୍ଭ କଥାର ଏତେ ମାତ୍ର ମର୍ମ । କ୍ଷଣେ ମାତ୍ର ରହ ସରଣୀ-ଶ୍ରମ । ହର ତୁମ୍ଭ ପାଶ୍ର । ଜଣାଇବୁଁ ଯା ଅମ୍ଭ ଅଭିଳାଷ" । ୭୬ । ଫିଟାଇ ନ କହ ତୁମ୍ଭକେ ଭାଷି । ଏତେ ଶୁଣି ହେଲେ ଶଚୀ-ବିଳାସୀ । ତାହାଙ୍କୁ ଏ ବାକ୍ୟ-ବଦଗ୍ଧ ପଣ । ନୁହଇ କଷ୍ଟ ବଚଣ ସେନ । ଶୈଶବ କାଳରୁ । ଲଭିଥିଲେ ସେ ଗୁରୁପଦ ଗୁରୁ । ୭୮ । ଅର୍ଥୀ ନାମେ ନୃପ-ଅଙ୍ଗ ପୁଲକ । ହର୍ଷେ ବଶଇ କଦମ୍ବ ଫୁଲକ ? ଦେବଙ୍କୁ ପ୍ରଣାମ ଅର୍ଚ୍ଚିବା କାଳେ । ଅଙ୍ଗ-ସୁମନେ ସୁରଙ୍କ ପଦ୍ମରେ । ଉପହାର ଛଳେ । ସେ ନଳ ମହୀପାଳ ନବେଦଲେ । ୭୯ । ଜାତ ହେଲା ଚତ୍ରେ ଅତି ସଂଶୟ । ଏତ ହରତ-ଅଧିପତି-ଚୟ । ଏହାଙ୍କୁ ଦୁଷ୍ପ୍ରାପ୍ୟ ଅଛି ବା କସ । ସେ ପୁଣି ରହିଅଛି ମୋର ପାଶ । ତାହାଙ୍କୁ ମୁଁ ଦେବ । ଏମନ୍ତେ ନୃପତି କୃଅନ୍ତ ଭାବ । ୮୦ । ସାମାନ୍ୟ ହେଉ ପଚଛ ଅର୍ଥୀ-ଜନ । ସେ ଯେବେ କରେ ମୋରେ ନବେଦନ । ଜୀବନ ଅବଧ ସମସ୍ତ ପଦାର୍ଥେ । ନୁହେ କୁଣ୍ଠିତ ତାକୁ ଦେବାକୁ ତ । ଏ ତ ସୁରରାଜ । ଏହାଙ୍କୁ କ ଦେଇ ତୋଷିବ ଅଜ । ୮୧ । ଷୋଡ଼ଶ-କଳାରୁ କଳାକୁ ଯାର । ଗୌରବେ ଉଣା ନୁହେ ସମ-ତୁଲ । ସେ ବଦର୍ଭେଶ-ସୁତା ଦମୟନ୍ତୀ । ମୋ ଧନ ଜୀବନୁଁ ଅଧିକ ଅତି । ଏହା-

Digitized by srujanika@gmail.com

ହୃଦେ ସେହି । ଅଛି ସେ ଏବେତ ମୋର ନୁହଇ ।୮୨। ଏହାଙ୍କ ବାଞ୍ଛା ମୁଁ ପାରିଲେ ପାଞ୍ଚି । ମାଗିବା ପୂର୍ବୁ ଦେଇଥାନ୍ତି ଯାଚି । ଯାଚକ-ଜନର ତର୍କି ପ୍ରାର୍ଥିତ । ଯେ ଦାତା ତାର ପ୍ରାର୍ଥନା ବ୍ୟକତ । କଳ୍ପଯାଏ କାଳ । ସହଇ ଧିକ ତାକୁ ଶତ-ବାର ।୮୩। ଗୃହୁଁକାଲୁ ଭିକ୍ଷୁଥିବ ଯାଚକ । ମାଗେ ଲଜ୍ଜିତ ହେବ ଅତିରେକ । ତାକୁ ଏ କଦର୍ଥନାରେ ପକାଇ । ଯେ ଦାତା ବିଳମ୍ବେ ଦାନ ଦିଅଇ । ଦାନ-ଜନ୍ୟ ପୁଣ୍ୟ । କରି ନ ପାରେ ତା ପାପେ ଖଣ୍ଡନ ।୮୪। ଦାତାଏ ଦାନ ସଙ୍ଗତରେ ବାରି । ଯାହା ଦେଇଥାନ୍ତି ଉତ୍ସର୍ଗ କରି । ଦେବା ନ ଦେବା-ଶଙ୍କା ଜାତଭୀତି—। ସମ୍ଭୃତ ମୂର୍ଚ୍ଛା-ଅପମୃତ୍ୟୁ-ପ୍ରଭ । ଯାଚକ-ଜନର । ହୁଏ ଚକ୍ଷୁରା ସେ ସନ୍ଦେହ ଧାର ।୮୫। ଯାଚକ-ଲୋକଙ୍କୁ କେବଳ ଧନ । ନ ବିତରୁଥିବ ତୃଣ ସମାନ । ଜୀବନ ମଧ୍ୟ ତା ସହିତ ଦେବ । ପ୍ରକାରାନ୍ତରେ ରଖି ଏତେ ଭାବ । ଦାନକାଳେ କୁଣ୍ଠ । ଜୀବନ ଦାନ ଭୂଷନ୍ତି ବିବୁଧ ।୮୬। ପଙ୍କଜ ସିନା ପଙ୍କୁ ଜାତ ହୁଏ । ତା କୋଳେ କମଳା ଶୋଭି ନ ପାଏ । ତେଣୁ ବିବେକୀ ଲୋକ ଯାଚକର । ବିମଳ-ପାଣି-କମଳେ କେବଳ । କମଳାଳୟାଙ୍କୁ । ପାଞ୍ଚୁଥାନ୍ତି ନିତ ନିବେଶିବାକୁ ।୮୭। ଯାଚକ-ଜନ-ପ୍ରାର୍ଥନା-ପୂରଣ । କରିବାକୁ ଯାର ନୋହିଛି ଜନ୍ମ । ତା ପରିଏ ଲୋକ ସଂସାରେ ରହି । ମସ୍ତକ ଭରେ ଦବି ଦେଉଥାଇ । ସିନ୍ଧୁ ଗିରି ତରୁ । ତା ତୁଲେ ଧରାକୁ ନୁହନ୍ତି ଗରୁ ।୮୮। ଜୀବେ ଥିବାଯାଏ କୃପଣ ଜନ । କା'ରେ ନ ଦେଇ ପଛେ କିଛି ଧନ । ଆଶ୍ଚର୍ଯ୍ୟ ନ ଲାଗଇ ମୋତେ ତାହା । ଜୀବନ ଯିବା ସମୟରେ ଯାହା । ତା ନ ବିତ-ରଇ । ଏ ମୋତେ ଏକା ଆଶ୍ଚର୍ଯ୍ୟ ଲାଗଇ ।୮୯। ଜଗତେ ଯେତେ ଦାତା ଜନ ଛନ୍ତି । ତାଙ୍କୁ ବରଜି ଏ ହରିତ-ପତି । ମୋରେ ପ୍ରାର୍ଥୀ ହୋଇ ଯେ ଯଶ ଦାନ । କରିଛନ୍ତି ତାହା ପରିଶୋଧନ । କରିବି କେମନ୍ତ । ଦାନେ ଅଛି କି ମୋ ବିଭ ତେମନ୍ତ ।୯୦। ନିଧନ-କାଳେ କଷ୍ଟାର୍ଜ୍ଜିତ ଧନ । ସଙ୍ଗେ ତ ନେଇ ନ ପାରିବ ଜନ । ଏଜନ୍ତୁ ଚନ୍ତି ସିନା ଦୟାବହି । ତାଙ୍କୁ ତା ପରଲୋକେ ଦେବାପାଇଁ । ଯାଚକ ମାଗଇ । ଏଣୁ ସେ ଦାତାର କି ବନ୍ଧୁ ନୋହି ? ।୯୧। ଦାତା ତ ସାଧୁ ଗ୍ରହିତା ଖାତକ । ଏ ଲୋକ ଗ୍ରହି ମାଣ ଧନ ଏକ । ପରଲୋକେ କୋଟି ଗୁଣେ ସୁଝଇ । ଭାଗ୍ୟକୁ ଏମନ୍ତ ଯାଚକେ ପାଇ । ଥାନ୍ତି ସାଧୁ ଅରି— । ପୁରେ ଚଳାଇବାକୁ କାରବାର ।୯୨। କଲେହେଁ ଏମନ୍ତ କଳ୍ପିତ ଚିନ୍ତା । ନରପତିଙ୍କ ମୁଖୁଁ ପ୍ରସନ୍ନତା । ଭଲେହେଁ ଭଲେ ନ ଦୃଶ୍ୟବା ଦେଖି । ହୋଇଲେ ବାସବାଦି ପୁରେ ସୁଖୀ । ସୁଭବ୍ୟ ଯାଚକ । ଦେଖଇ ଦାତାର ପ୍ରସନ୍ନ ମୁଖ ।୯୩। ଭାଷନ୍ତି ଭୂପତି "ଜନ୍ୟ ଜନକ । ମଧ୍ୟରେ ତ ନାହିଁ ଲେଶେ ପାର୍ଥକ୍ୟ । ଜନ ଦେହ ତ ଅନ୍ନେ ବିନିର୍ମିତ । ଅମୃତାନ୍ଧା ନାମେ ଦେବେ ତ ଖ୍ୟାତ । ତବ ଦରଶନେ । ଲଭିଲେ ସୁଧା-ତୃପ୍ତି ମୋ ନୟନେ ।୯୪। କେତେ

Digitized by srujanika@gmail.com

ମାତର ବା ମୋ କ୍ଷୀଣତପ । ତାକୁ ଗୃହିଁ ତା ଫଳ ଅନୁରୂପ । ତହିଁକି ଭବା-ଦୁଷ୍ଟ
ଦେବଙ୍କର । ଦର୍ଶନ-ଲାଭ ସମ୍ଭବନ୍ତା ମୋର ? । ମୋ ପୂର୍ବ ପୁରୁଷ—। ତପସ୍ୟା ଫଳ
ଏ ହେଲା ପ୍ରକାଶ । ୯୫ । ମହୀ ସର୍ବଂସହା ଧାମକୁ ବହି । ନିରନ୍ତର ଥାଏ ମହା-
ତାପ ସହି । ସଦା ବର୍ଦ୍ଧିତ ମୋ ପୁଣ୍ୟ ପ୍ରଭାବେ । ଉର୍ବୀ ହେଇଲା ନିଶ୍ଚେଁ ଦେଖା
ଏବେ । ନୋହିଲେ କି ସ୍ବରେ । ପୂଜନ୍ତେ ତାଙ୍କୁ ପାଦ-ପଙ୍କଜରେ ? । ୯୬ । ଜୀବ
ବା ତା ତହୁଁ ଅଧିକ କିଛି । ଏମନ୍ତ ମୋ ଦ୍ରବ୍ୟେ ଯେବେ ବଳିଛି । ଇଚ୍ଛା ତେବେ
ତହିଁ ଏ କ୍ଷୁଦ୍ର ନର । ପୂଜିବ ତବ ପଙ୍କଜ-ପଦ୍ମର । ସ୍ୱେ ପଦାର୍ଥ କିସ । ଘେନେ ଦୟା ବହି
କର ପ୍ରକାଶ” । ୯୭ । ବୀରସେନ-ସୁତଙ୍କ ନିସଂଶୟ । ଶୁଣି ଏମନ୍ତ ବଚନ ବିନୟ ।
ବିବିଧ-କୃଷ୍ଟ-କପଟ-ରଚନ । ବିଷୟେ ଯେ ନିଜଗୁରୁ ସମାନ । ସେ ବାସବ ନଳେ ।
ଭଣନ୍ତି ଏ କଟୁ-କୁଟିଳ ଗିରେ ।୯୮। “ହେ ମହୀ-ହିମକର ମହୀପତି । ଭୀମ-ଭୂପତି-
ସୁତା-ଦମୟନ୍ତୀ- । ପ୍ରେମ-କାମନାରେ ଅମ୍ଭେ ଅମରେ । ଆସିଛୁଁ ଏଥି; ଅମ୍ଭର
ଦୌତ୍ୟରେ । ପରଗ୍ରହ କର । ମାର-ସନ୍ତାପକୁ ଅମ୍ଭର ସାର । ୯୯ । ଏ ମହୀମଣ୍ଡଳେ
କେତେ ଭୂଭୃତ । ନାହାନ୍ତି; ସେ ସର୍ବେ କୃପଣଯୁତ । ତୁମ୍ଭ ତୁଲକୁ, ତୁମ୍ଭେ ତାଙ୍କ
ତୁଲେ । ସିନ୍ଧୁ ଏ କଥା ଜାଣୁ ଅମ୍ଭେ ଭଲେ । ଗ୍ରହ କି ଅକାଶେ । ନାହାନ୍ତି ? ଥିଲେ
କି ସୂର୍ଯ୍ୟେ ସମ ସେ ? । ୧୦୦ । ବିଶ୍ବେ ନ ପଡ଼େ କାହିଁ ଅମ୍ଭ ନେତ୍ର । ଅଛି ବା
ଅମ୍ଭଙ୍କୁ କିସ ଅଜ୍ଞାତ । ଏମନ୍ତ ଗୋପନୀୟ ବିଷୟରେ । ତୁମ୍ଭ ଭଳି କାର୍ଯ୍ୟ-କୁଶଳ
ନରେ । ନିର୍ଭର ନ କର । ନ ଲଭୁଁ ଶାନ୍ତି ଅମ୍ଭେ ଦଣ୍ଡଧାରୀ’ ।୧୦୧। ସରଳ-ସପକ୍ଷ-
ନଳ-ଶାବକ- । ବିକ୍ଷେପ ପାଇଁ କି ଶରୀ ନାୟକ । ଏମନ୍ତ ବଞ୍ଚତା-ସିକ୍ତ ଆଦର ।
ଲଭିଲେ ଯବେ ଶରସନ-ଶିଷ । ଶୁଦ୍ଧବଂଶେ ଜାତ । ଅଟନ୍ତି ପୁଣ ଗୁଣବନ୍ତ ସେତ ।୧୦୨।
କପଟ-ପଟୁ-ସୁରନାଥ-ବାଣୀ । କର ଶ୍ରବଣ ନଳ ନୃପମଣି । ବାର ତହୁଁରୁ ତାଙ୍କ କୃଷ୍ଟ-
ସିତି । ଭଣିଲେ ଯଥୋପଯୁକ୍ତ ଭାରତୀ । ଯେଣୁ କହେ ନୀତି । କୁଟିଳେ ସରଳତା ନୁହେ
ଯୁକ୍ତି ॥ ଭଣନ୍ତି ନଳ “ମୋ ପୂର୍ବ ଅର୍ଜିତ- । ଦୁଷ୍କୃତ-ଯାତ ହୋଇ ପୁଞ୍ଜିଭୂତ । ହେ ଦେବ
ତୁମ୍ଭ ଅସୀମ ମହିମା ।-ସୀମା ଲଙ୍ଘନେ କରୁଛି ଗରିମା । ପାପର ତ ସିତ । ଅସତ ପଥେ
କରେ ସଦା ଗତି ।୧୦୩। ହେଲେହେଁ ଅନ୍ତର୍ଯ୍ୟାମୀ ତୁମ୍ଭେ ଦେବ । ଏ କାର୍ଯ୍ୟେ ମୂକତା
ମୋ ନ ଶୋଭିବ । ତୁମ୍ଭ ବାଞ୍ଛା-ପରପନ୍ଥୀ ଭାରତୀ । ଭଣି ହୁଏ ପଛେ ଲଜ୍ଜିତ ଅତି ।
ନ ପାଳିବ କେବେ । ପରବଚନ ଅଖଣ୍ଡିତ-ଭାବେ । ୧୦୪ । ଯା ମନ-ଦର୍ପଣେ ବିଶ୍ବ
ଜଗତ । ହୁଅଇ ନିରବଚ୍ଛିନ୍ନେ ବିମ୍ବିତ । ତାଙ୍କୁ କି ଅଗୋଚରେ ମୋର ଚିତ୍ତ । ସେ
ଯେବେ ଯେ ଯହିଁକି ଅସମର୍ଥ । ତହିଁରେ ତାହାକୁ । ଯୋଜିବେ ତେବେ କି କହିବ
କା’କୁ ? । ୧୦୫ । ଯା’ର ଚରଣେ ଯାଉଅଛି ମୁହିଁ । ତା ପାଶକୁ ଦୂତ ହୋଇବି
କେହି ? । ହେ ଦେବ ତୁମ୍ଭେତ ଅମରବର । ମୁଁ ସର୍ବଂ-ସହାବାସୀ ନର ସ୍ତବ ।

Digitized by srujanika@gmail.com

ଛଳିବାକୁ ମୋତେ । ବଳଇ ଚିତ୍ତ କେହ୍ନ ତବ ସତେ ? । ୧୦୭ । କ୍ଷଣ କ୍ଷଣକେ ବିରହେ ଯାହାର । ଭ୍ରମ ଭ୍ରମାଇ ଦିଏ ତନୁ ମୋର । ଦଣ୍ଡକୁ ଦଣ୍ଡ ଯାଏ ମୋହ ହୋଇ । ଏମନ୍ତ ମୁଁ ସେ ବାଳୀ ପାଶେ କେହ୍ନ । ଯିବ ହୋଇ ଦୂତ । କରିବ କାହ୍ନିଁ ଏ ରହସ୍ୟ ଗୁପ୍ତ ? । ୧୦୮ । କଳ୍ପନାମୟୀ ମୂରତି ଯାହାର । ହୃଦେ ବହି ମୁଁ ବଞ୍ଚଇ ତାହାର । ପାଶେ ଦୂତ-ପଣେ ପ୍ରବେଶ ହୋଇ । ବିକାରି ପାରିବ କେହ୍ନ ଲୁଗ୍ଭଇ । ବାସନା ଦୁର୍ଜ୍ଜୟ । କରି ନ ଦିଏତ ବୁଧେ ସେ ଥୟ । ୧୦୯ । ଗଲାବେଳେ ପୁରେ ଦ୍ୱାସ୍ଥ ଦେଖିବେ । ସେ କି ସହଜେ ମୋତେ ଛାଡିଦେବେ । ପଶିବି ବା ପୁରେ ତାଙ୍କୁ ନପାଡି । ଅବଳା କୋମଳା ସେ ଦମୟନ୍ତୀ । ଏ ନରଘାତିରେ । କରିବ ବିଶ୍ୱାସ କିସ ଯୁକ୍ତିରେ ? । ୧୧୦ । ଦଧିଚୀ-ଆଦି ଯେତେ ଦାତା ଛନ୍ତି । ଜାବେ ସେ ଯଶ-ସୀମା କରିଛନ୍ତି । ଜୀବୁଁ ଶତଗୁଣେ ଅଧିକ ଯେହ୍ନ । ତା ବଦନମଧ୍ୟେ ମୁଁ ଲଭିବ କେହ୍ନ ? । ସେ ଯଶକୁ; ଦେବେ । ଏଥିକି ବୁଦ୍ଧି ମୋ ନ ପାଏ ଲବେ ।୧୧୧। ଦମୟନ୍ତୀ-ଲାଭ-ପାଇଁ କି ମୋତେ । କରି ଭେଦ୍ରି ଦେବ ପ୍ରାର୍ଥନା ଯେମନ୍ତେ । ତୁମ୍ଭ ଶ୍ରୀ ପଦ୍ମରେ ତା ଲାଭ ପାଇଁ । ତେମନ୍ତ ପ୍ରାର୍ଥୀ ନୋହୁଛି କି ମୁହିଁ । ତା ଶିକ୍ଷିକୁ ମୋରେ । ଗୁରୁ ଯୋଗ୍ୟ ତୁମ୍ଭେ ଶିଖାଇବାରେ । ୧୨। ତା ଲାଭ ପାଇ କରେ ନତ ନତ । ତୁମ୍ଭ ପଦ୍ମରେ; ଯେ କଥା ନ ଚିନ୍ତି । ଏ କଥା ଉତ୍ଥାପନ କରି ଲବେ । ଲଜ୍ଜିତ ନୋହିଲ ଦେବେଦେବ ଯେବେ । ତେବେ ତୁମ୍ଭ ଗିର । ନ ପାଳି ଲଜ୍ଜା କିପାଁ ହେବ ମୋର । ୧୧୩ । ମୋତେ ଚାହେଁ ନୃପ-ସୁତା ବରିଛି । ବୋଲି ଏ କଥା ପୂର୍ବେଁ ମୁଁ ଶୁଣିଛି । ମୁଁ ପୁଣି ଦୂତ-ପଣେ ତା ପାଶରେ । ଯିବ ସେ କେହ୍ନ ବରିବ ମୋତେ । ଲଜ୍ଜିତ ହୋଇବ । ଅନେ ନଶୀନା କେବେ ନ ବରିବ । ୧୧୪ । ଏଣୁ ନୁହି ଦୁଃଖୀ ହୁଅ ପ୍ରସନ୍ନ । ଏ ଦୌତ୍ୟ ମୋତେ ନୁହଇ ଶୋଭନ । ଅନ୍ୟାନ୍ୟ-ଭାବେ ମୋତେ କରି ଦୂତ । ଉଦ୍ଦେଶ୍ୟ ସିଦ୍ଧ ତୁମ୍ଭ ନୋହିବତ । ଶେଷକୁ କେବଳ । ହୋଇବ ଦେବେ ଉପହାସ ସ୍ଥଳ” । ନଳ ନୃପଙ୍କ ଏମନ୍ତ ଭାରତୀ । କରି ଶ୍ରବଣ ଦେବ ବଳାରାତି । ବହୁ ପ୍ରଭାବରେ କଣ୍ଠିତ ସ୍ମିତ । କରି ଉଦିତ ଅନଙ୍ଗ-ଦୈବତ—। ବଦନେ ଅନାଇଁ । ଭାଷନ୍ତି ମଧୁରେ ମନ ରସାଇ । ୧୧୫ । “ହେ ନରବର ଶଶାଙ୍କ-ବଂଶରେ । ଜନମି ତୁମ୍ଭେ ଯାଚକ ବାକ୍ୟରେ । କରି ସ୍ୱୀକାର ପରେ ଅପହାର । କରୁଛ ଯାହା ଏ ନକି ତୁମ୍ଭର । ହେଲା ଉପଯୁକ୍ତ । ନୋହିଲା କେହ୍ନ ରସନା ଲଜ୍ଜିତ ? । ୧୧୬ । ସୁଧୀର-ବରଙ୍କ ଅଗ୍ରଣୀ ହୋଇ । ଭବସଂସାର ମିଥ୍ୟା କ୍ଷଣସ୍ଥାୟୀ । ବୋଲି କି ଚିତ୍ତେ ନୋହୁଛି ବିଚାର । ଧର୍ମ୍ମ ଯଶ ତେଜି ବାଞ୍ଛୁଛ କାର । ଦେଖି ଏ ଘଟକ । ଅସୁଛି ବିସ୍ମୟ ଅମ୍ଭ ମତକ ॥ ଏ ବିଶ୍ୱବିଶ୍ରୁତ-ଶଶାଙ୍କ-ବଂଶେ । ନ ପୁରାଇଛି କେ ଯାଚକ-ଆଶେ । ଏକା ଏ ବଂଶର ଆଦ୍ୟ ପୁରୁଷ । କଳଙ୍କୀ ହୋଇଛି ରଜନୀ-ଈଶ । ତୁମ୍ଭେ ତାହାଭଳି । ହେବାକୁ ଚିତ୍ତେ

Digitized by srujanika@gmail.com

କି ବସିଛ ଭୁଲି ? । ୧୧୯ । ଯାଚକଜନେ ଯେଉଁ ଅପଦୃଷ୍ଟି । ଅବା ତା ଦର୍ଶନେ
ମୌନତା ସୃଷ୍ଟି । କିବା ଅସନ୍ତୁଷ୍ଟ-ହେବା ତା ଗିରେ । ଏ ସବୁ-କଳଙ୍କ ନୃପ
ତୁମ୍ଭରେ । ଶଶଚିହ୍ନ ମାତ୍ର । ବସିଲେ ସିନା ଶଶଧର-ଗାତ୍ର । ୧୨୦ । ଧାତ ସମ୍ପ୍ରେ
'ନ' ପଢ଼ା ନ ହୋଇ । ଥିବ ଥିଲେ ଅବା ପାଶୋର ହୋଇ—। ଯାଇଥିବ ତୁମ୍ଭ
ଏମନ୍ତ ବୋଲି । ଯାଚକ ଜନେ ହେଉଥାନ୍ତି ଭୁଲି । ତାଙ୍କ ଚିତ୍ତ ଦୋଳା- । ଖେଳେ
'ନ' କାର ହୋଇଥାଏ ଲୋଳା" । ୧୨୧ । ଭଣନ୍ତି ଅନଳ "ହେ ବୀରୈନଳ । କଳ୍ପ-
ପାଦପ-ପତି ପୁନାଶିର । କେବେ କି ତୁମ୍ଭ ବିନା ଅନ ନରେ । ପ୍ରାର୍ଥୀ ହୋଇଛନ୍ତି
ଚନ୍ଦ୍ର ଚିତ୍ତରେ । ଶଶାଙ୍କ-ବିମଳ । ଏ ଲବ୍ଧ ଯଶ ନ ତେଜ ଭୂପାଳ । ୧୨୨ ।
ଯା'ର ଇଚ୍ଛାମତେ ସବୁ ଘଟଇ । ସେ ଇଚ୍ଛାର କେହି ବାଧକ ନୋହି । ସେ ଦେବେ
ଏବେ ସେ ଇଚ୍ଛା-ସ୍ଥଳରେ । ଅଭିଷିକ୍ତ କରୁଛନ୍ତି ତୁମ୍ଭରେ । ତାଙ୍କ ସେ ଇଚ୍ଛାର ।
ଅପ୍ରତିଦ୍ୱନ୍ଦ୍ୱପଣ ତୁମ୍ଭେ ସାର" । ୧୨୩ । ତହୁଁ ସବିତା-ସୁତ ଦଣ୍ଡଧର । ଭ୍ରୁଟେ
ଭଣନ୍ତି ଏମନ୍ତ ଗିର । "ଶଶିବଂଶେ ବୀର-ସେନ-କୁମର । ତୁମ୍ଭେ ପରିହେ ନଳ ନର-
ବର । ତମ-ଅଭିଭୂତ । ହୋଇବାର ତୁମ୍ଭେ ନୋହେ ଉଚିତ । ୧୨୪ । ପର୍ବତ
ହେଲେହେଁ ରୋହଣ ଗିରି । ତହୁଁ ତ ଯାଚକ ନ ଯାଏ ଫେରି । ଗାଭୀ କାମଧେନୁ
ପଶୁ ମାତ୍ରକ । ତା'ରେ ତ ଯାଚକ ନୁହେ ବିମୁଖ । ପ୍ରାର୍ଥକ ନିରାଶ । ହେବ ତୁମ୍ଭ-
ଠାରେ, କିର ଏ କିସ ? । ୧୨୫ । କେ ଧୀର କରେ ଯାଚକେ ବିଳମ୍ବ । ଜୀବ
ବଞ୍ଚିବ କେତେ କେ କହିବ ? । ନିମେଷ ଛଳେ ଘୂର୍ଣ୍ଣିନ-ପୂରିତ । ନୟନ-ଯୁଗଳ
ପ୍ରତି-ନିୟତ । ସୂଚଇ ମରଣ । ଠାରଇ ସ୍ଥିର ନୁହେ ଏ ଜୀବନ । ୧୨୬ । ଦେଖ
ଗୃତକ-ପ୍ରାର୍ଥନା-ମାତ୍ରକେ । ଦିଅଇ ଢାଳି ନୀରଦ ଉଦକେ । ଜଳ ଢାଳନ୍ତେ ବା
ବିଳମ୍ବ କେତେ । ତେତେକେ ଗୃତକ ଦୁଃଖୀ ହୁଅନ୍ତେ । ସେ ପାପେ ମେଘର ।
କଳା ପଡଯାଏ ସବୁ ଶରୀର" । ୧୨୭ । ତଦନ୍ତରେ ଭୁଜ ଟେକି ବରୁଣ । ନୃପେ
ଭଣନ୍ତି ଏମନ୍ତ ବଚନ । "ଅହେ ନିଷଧପତି ବୀରତି ପରି । ଅଟଇ ତୁମ୍ଭ ପ୍ରିୟତମା
ଦାସୀ । ଦାନ-ନିରଧାର । ତା ଗଳାର ପରି ମୁକୁତାହାର । ୧୨୮ । ଯାର ଚର୍ମବର୍ମ
ବଜ୍ର ଯା ଅସ୍ଥି । ସେ କର୍ଣ୍ଣ ଦଧିଚ ଏବେ କି ଛନ୍ତି । ତୁମ୍ଭେତ ବିଚକ୍ଷଣ-ଗଣ-ମଣି ।
ଏ କଥା ବୁଝ ଚିତ୍ତେ ପରମାଣି । କଦାପି ନ କର । ଧର୍ମକୁ ଅବଜ୍ଞା ହେ ନରବର ॥
ବଳୀ ବିନ୍ଧ୍ୟ ଏ ଦୁହେଁ ସତ୍ୟ-ପାଶି । ପାରି ନାହାନ୍ତି ଅଜ ଯାଏ ନାଶି । ମହତ
ଲୋକଙ୍କ ଏମନ୍ତ ରୀତି । ନିଜ ପ୍ରତିଜ୍ଞା ନିଜେ ନ ନାଶନ୍ତି । ତୁମ୍ଭେ ବା କିପରି ।
ସ୍ୱସତ୍ୟ-ବିନାଶ ଅଛ ବିଚାରି । ୧୩୦ । ଦିଗନ୍ତେ ଗଲେହେଁ ଯେ ନତେଜଇ । ଶିତ-
ଦଧିତ-ବତ ଶୁଭ୍ର-ଦେହୀ । ଅତି ପ୍ରିୟବତୀ ଏମନ୍ତ କୀର୍ତ୍ତି । ଭଙ୍ଗି-ସଙ୍ଗମ-କୁରଙ୍ଗମ
ନେତ୍ରୀ ।-ପାଇଁକି କେ ଧୀର । ଦେବ ବିରଞ୍ଚି କହ ନରବର । ୧୩୧ । ବାଞ୍ଛା ସିଦ୍ଧି

Digitized by srujanika@gmail.com

ପାଇଁ ଯାହାକୁ ଜାଣବେ । ଯେବନ୍ତ ଅବରତ ଭକ୍ତିଭାବବେ । ସେ ସୁରେ ଏବେ ପ୍ରାର୍ଥୀ ତୁମ୍ଭଠାରେ । ତାଙ୍କ ବାସନା ପୂରାଇବା ଛଳେ । ସକଳ-ହରତ । ଯାନ୍ତୁ ହୋଇ ତୁମ୍ଭ ଯଶ ପୂରତ । ୧୩୨ । ତୁମ୍ଭରେ ଅମରେ ଯାଚକ ଦେଖି । ବାଞ୍ଛ-ଯଶ-ଶ୍ରୀ ତେଜନ୍ତୁ ସୁରଶାଖୀ । କେବଳ ସୁମନ-ସମ୍ଭାରେ ତାର । ଯାଉ ଅନ୍ତସାକ୍ଷ ହୋଇ ପାଣ୍ଡୁର । ଫଳ ଅଶା ଅଉ । ଏଣିକ ତହିଁରେ କା'ର ନଥାଉ । ୧୩୩ । କାର୍ଯ୍ୟ ସିଦ୍ଧି ପାଇଁ ଭରତାର୍ଜୁନ । ବୈଣ୍ୟ ନାମ ଯଥା ହୁଏ କୀର୍ତ୍ତନ । ତୁମ୍ଭ ନାମ ହୁଏ କୀର୍ତ୍ତିତ ତଥା । ଗଲେ କାର୍ଯ୍ୟ-ସିଦ୍ଧି-ନୋହିବା-କଥା । ଯେବେ ତୁମ୍ଭେ ଭାବ । ଗମନେ ଶୁଭଚରଣେ କ ଲଭ । ୧୩୪ । ଆମ୍ଭପାଇଁ ଯେଉଁ ଧର୍ମାର୍ଥ ପ୍ରତ ।-ଶ୍ରୁତ କରଛ ନଜେ ନରପତ । ତହିଁ ପୁଲକଛ ହୃଦ ଅମ୍ଭର । ସେ ପ୍ରତ ଶ୍ରୁତକ ଶ୍ରୁତ ସଙ୍ଗର । ଅବତଥ-ପଣେ । ସମକର କର ସାର୍ଥତା ନାମେ । ୧୩୫। ବର୍ଣ୍ଣେ ହରତ ପୀତ ଶ୍ୱେତ ରକ୍ତ । ନାନା-ବର୍ଣ୍ଣ ଛନ୍ତ ବସ୍ତୁ ପଦାର୍ଥ । ଅବସମ୍ବାଦ ଅଦ୍ୱିତୀୟ ଶ୍ୱେତ--। ବର୍ଣ୍ଣ-ବଭବେ ତୁମ୍ଭ କୀର୍ତ୍ତି ବ୍ରାତ । ସେ ସର୍ବ ଦ୍ରବ୍ୟରେ । ଧଉଳ ଶୁକ୍ଳ କର ଦେଉ ଖରେ । ୧୩୬। ପିତା ସଦୃଶ ଯେବେ ହୁଏ ପୁତ୍ର । ସହସ୍ର-ପାଦ-ଛାୟା-କାନ୍ତ-ସୁତ । ଶନ ପଙ୍ଗୁ ହୋଇ ରହିଲେ କେହ । ଏ ଭ୍ରାନ୍ତ ଅମ୍ଭ ଛଉଁ ଏବେ ଯାଇ । ସହସ୍ର ପାଦରେ । ରବ ଯା ପଙ୍ଗୁ ତୁମ୍ଭ ଲଙ୍ଘନରେ" । ୧୩୭ । ଦେବଙ୍କ ଏମନ୍ତ ସ୍ତୁତ-ଗର୍ଭିତ- । ବଚନ ଶୁଣି ନଳ ନରନାଥ । ଭୀମ-ଭୂପତ-ଦୁହିତାରେ ଚଉ । ହେଲେହେଁ ଅଶକ୍ତ ତା ପାଶେ ଦୌତ୍ୟ । ଅଙ୍ଗୀକାର କଲେ । ଇଚ୍ଛା ବରୁଦ୍ଧେ ସୁରଗିରେ ବଳେ । ୧୩୮ । ଦୌତ୍ୟ ଅଙ୍ଗୀକାର କରନ୍ତେ ନଳ । ହେଲେ ସନ୍ତୋଷ ଅତ ଆଖଣ୍ଡଳ । ଭାଷନ୍ତ "ଅହେ ଭୂପତ-ପ୍ରଧାନ । ଯେବେ ବା ଯହିଁରେ ଚଳନ୍ତ ମନ । ହେବ ଅନ୍ତର୍ଦ୍ଧାନ । ତୋତେ ଯାଚ ଦେଲୁଁ ଏ ବର ଯେନ" । ୧୩୯ । ବଜୟ୍ନ-ପ୍ରଶସ୍ତି-କାବ୍ୟ-ରଚକ । ଶ୍ରୀର-ନୟନାନନ୍ଦ-ବବର୍ଦ୍ଧକ । ହର୍ଷଙ୍କୁ ଅନୁସର ପଦେ ପଦେ । ଦୀନ ଗୋପୀନାଥ ଛନ୍ଦ-ପ୍ରବନ୍ଧେ । ଯାଉଅଛ ଗାଇ । ବଧିରେ ସୁଧୀରେ ଗଣା ନୁହଇ । ୧୪୦ ।

ଷଷ୍ଠ ଛାନ୍ଦ ।

ରାଗ—କନଡ଼ା ।

ଶୁଣ ସୁପଣ୍ଡିତ ଅସ୍ତ-କୃତାନ୍ତ ନୈଷଧ-ପ୍ରଧାନ ସେ ନଳ ।
କର ପୁରୁହୂତ-ଦୌତ୍ୟ ସ୍ୱୀକାର ।
ଭୀମ ନରେଶ-ଦେଶକୁ କଲେ ଲକ୍ଷ୍ୟ ନଜ-ଶତାଙ୍ଗ-ଶତର ।
ଚପଳେ ।

Digitized by srujanika@gmail.com

ଦୌତ୍ୟେ ଦୃଢ଼-ନିଶ୍ଚୟ ଯେଣୁ ହେଲେ ।
ତେଣୁ ଭୈମୀ-ବିରହେ ନ ଗଣିଲେ ।
ଅମ୍ଭୋଧି-ପାନ କି କୁମ୍ଭ-ସମ୍ଭବର ରହିଲା ବାଡ଼ବାନଳେ ।
(ଏ) ତେମନ୍ତ । ୧ ।

ନଳ-ପ୍ରଣାଳେ ସେ କମଳ-ମୁଖୀର ସନ୍ଦେଶ-ପୀୟୂଷ-ଅଶାସ୍ତୀ । ନୃପ-ପ୍ରତ୍ୟାବର୍ତ୍ତନ-ପଥ ଗ୍ରହି । ନିର୍ନିମେଷେ ରହି ଥିଲେ କି ବିଦର୍ଭେ ସେ-ଦେଶ-ଭୂଷଣ ହୋଇ । ସୁଧୀରେ । ଏଣେ କୁଣ୍ଡିନ ନାମେ ସ୍ୱର୍ଗଁ ଭିନ୍ନ । ଭୂ-ସ୍ୱର୍ଗ ସେ ଭୀମ-ନୃପ-ପତ୍ତନ । ହୋଇଲା ପ୍ରାପତ କ୍ଷଣେ ନଳ-ରଥେ ମନୋରଥେ ସିଦ୍ଧି ସମ । ସୁଧୀରେ । ୨ । ଦମୟନ୍ତୀ-ପଦ-ପତନ-ପବିତ୍ର ଏ ପୁର-ପଥ ଏତେ ଭାଳି । ଗଲା ପୁଲକ ନୃପ-ରୋମ-ପାଳି । ବସିଲା ପୁରେ ନେତ୍ର ଶ୍ୱାସେ ନାହିଁକା ଦେବ-କୁଟ-କଥା ସ୍ମରି । ସୁଧୀରେ । ବାମ ପ୍ରମୋଦ-ଅଶ୍ରୁ-ଲବେ ପୂର୍ଣ୍ଣି । ରୋମାଞ୍ଚିତ ପକ୍ଷ୍ମରେ ସୁଶୋଭନ । ଇତର ନର୍ତ୍ତନ-ନିରତ ନୟନ ସେ ନୃପର କଲେ ପାନ । କୁଣ୍ଡିନେ । ୩ । ସାରଥି-ସନାଥ ରଥୁଁ ନରନାଥ ପୁରପଥେ ଦେଖିଁ ପଦ୍ମର । ଚିତ୍ତେ ଏମନ୍ତ ହୁଅଇ ବିସ୍ମୟ । ଦିବସ-ନାଥ-କର-ଯୂଥ ଗଲେ କି ନିଶାନାଥ-ମଣ୍ଡଳର । ସୁଧୀରେ । ପୁରବାସିଙ୍କି ନୃପତି ଅଦୃଶ୍ୟ ।-ହେବା କଥାତ ବିଚିତ୍ର ବିଶେଷ । ତହିଁ ଏ ଅତି ଚିତ୍ର ଯେଣୁ ତାହାଙ୍କ ମୂରତି ହିତୈକଦୃଶ୍ୟ । ସୁଧୀରେ ।୪। ପଦେ ପଦେ ମୁଗ୍ଧ-ଭବନ ବିଦଗ୍ଧଜନେ ଭୂଷି ହୋଇ ସେ ପୁରୀ । ହୋଇଛନ୍ତି ବିସ୍ମୟ-କଳ୍ପ-ବଲ୍ଲୀ । ତହିଁ ଭ୍ରମି ଶ୍ରମୀ ନଳନେତ୍ର ହେଲା ଅତିଥି ନୃପତି-ପୁର । ସୁଧୀରେ । ଅସ୍ତ୍ରରକ୍ଷକେ ଦେଖି ତହିଁ ହେଲା । ନଳ-ମାନଙ୍କେ ଲଗାଇଲା ଲୀଳା । ଗୁପ୍ତ-ଦୂତ-ଯୋଗେ ଲକ୍ଷ୍ମ-ଶୋକ ଭୈମୀ-ଦର୍ଶ-ନାଶେ ତୋଷ-ଖେଳା । ସୁଧୀରେ । ୫ । ରକ୍ଷୀ-ଅକ୍ଷିରେ ନ ପଡ଼ି ସହ-ସ୍ରାକ୍ଷ-କାର୍ଯ୍ୟେ ପ୍ରତିକକ୍ଷେ ନିପୁଣ । ଅନ୍ତଃପୁରେ ପଶି ଭୀମ-ନରେଶ ।— ସୁତା-ଦରଶନ-ଅଶେ ନିବେଶନ୍ତି ଦିଶବିଦିଶରେ ଦୃଶ । ନିଃଶଙ୍କେ । କେ ଯାଏ ରେ ବୋଲି ଅନେ ଉଚ୍ଚରେ । ଯେବେ ଡାକେ କେ ରକ୍ଷକ ପଛରେ । ଗ୍ରୀବା ବକ୍ରକର ହୋଇଲେହେଁ ପାର ସେ ଦ୍ୱାର ଗୃହାନ୍ତ ଖରେ । ବିସ୍ମୟେ । ୬ । ଭ୍ରମୁଁ ଅନ୍ତପୁରେ ବିବୃତ ଉରୁରେ କେଉଁ ରମ୍ଭୋରୁର ବିଲୋକି । ଦେଖିଁ ମୁଦ ମଞ୍ଜିଶ ବେନି ଅକ୍ଷି । ଏକାଳେ ଅନ ନବୀନା ଅସ ବାଙ୍କୁ ଅଙ୍ଗେ ପଡ଼ନ୍ତି ଚମକି । ଆଶ୍ଚର୍ଯ୍ୟେ । ପୂର୍ବେ ଅବା ଏ ବର୍ଣ୍ଣେ ସେ ଭୈମିଙ୍କି । ଭାବି ତନେ ନୃପତି ଥିବେ ଦେଖି । ନୋହିଲେ କେହି ମଦନ-ମାୟାବତୀ ସେ ଦିଶେ ତହିଁ ଯହିଁକି । ନୃପାଖି ।୭। ଭ୍ରମେ ଶତ ଶତ ଭୈମୀ ନୃପନେତ୍ର-ପଥେ ପଡ଼ୁଁ ଅପ୍‌ସରୋପମା । ନାସ୍ତି ନୋହିଲେ ତାଙ୍କ ମନୋରମା । ନିଜ ଭ୍ରାନ୍ତି ଭାଳି ଅନେ ଭୈମୀ ବୋଲି ନ କଲେ ବିସ୍ମୟ

Digitized by srujanika@gmail.com

ସୀମା । ସେ ଯୋଗେ । ଦୌରୁଁ ଭୈମୀ-ଅଜ୍ଞାତ ଥିଲା ଯାଇ । କାମ ତଥାପି ତାଙ୍କ ହୃଦେ ରହି । ଭ୍ରମେ ଦମୟନ୍ତୀ ଦେଖାଇ କ୍ଷଣକେ ଭ୍ରାନ୍ତ ବିନାଶି ହାସଇ ତାହାଙ୍କୁ । ୮ । ଭ୍ରମେ ଭୈମୀ ଚିନ୍ତ ଅନେ-ଦ୍ୱାରପତ୍ତି ଉଦନ୍ତ କଣ୍ଠିତ କହ୍ନୁଁ ସେ । ଶୂନ୍ୟେଁ କେମନ୍ତେ ବଚନ ବିକଶେ । ଏମନ୍ତ ଭାବ ଭୀରୁଏ ଉତ୍ପ୍ରେ କରୁଁ ଚିନ୍ତାର ସେ ଭ୍ରାନ୍ତ ନାଶେ । ନୃପର । ଅଙ୍ଗ-ସଙ୍ଗ-ଲୋଭ-ଅଶେ ଅନ୍ଧଳ । ହରୁଁ କେ ଅବଳା-ତନୁ-ଦୁକୂଳ । ତା ଗୃହିଁ ବିଲକ୍ଷେ ଅକ୍ଷତ-ପକ୍ଷାନ୍ତ-କ୍ଷେପଣ-ଅପେୟ ଭୂପାଳ । ମୋହନ୍ତ । ୯ । ବାଳୀ-ଗୁଣାବଳୀ-ଗୁଣ ବାଗୁରେ ମନୋଭବର ସେ ନବରେ । ନଳ-ନୟନ-ଯୁଗ-କୃଷ୍ଣସାରେ । ପଡ଼ିଲେ ହେଲେ ବନ୍ଧନେ ଯାହା ରୁନ୍ଧ ନୋହିଲେ ଶ୍ଚ ଭାଗ୍ୟବଳେ । ସୁଧୀରେ । କେଶ-ସାମଳବା କେଉଁ ବାଳୀର । ଏକ-ଦ୍ୱାରେ ବିଲୋକ ବାହୁମୂଳ । ଅନେ ଅନ-ଲିପ୍ତ କୁଚ ଅନ୍ୟେ ଅନ୍ୟ-ନାଭି ଦେଖି ନେଇ ନଳ । ମୁଦନ୍ତ । ୧୦ । ରହୁ ମୁଦ୍ଧନେଇ ଅଭିମୁଖାଗତ-ଯୋଷିତ-ଯୁଗ-ସ୍ତନାନ୍ତରେ । ଦଳ ହୋଇ ନୋହି ଧରି ସତ୍ତ୍ୱରେ । ପଳାନ୍ତ ନନ୍ଦ ସ୍ୱଦେହେ, ପୁଂସ-ସଙ୍ଗୁ ପୁଲକ ବାମା-ଶରୀରେ । ବିଲୋକ । ଏହିମତ ନୟନ ନିମିଳନ- । ଉନ୍ମିଳନେ ବ୍ୟସ୍ତ ହୋଇ ସଜନ । କାମୀପ୍ରାୟ ଗୃହିଁ କଟାକ୍ଷେ ବାଳାକୁ ଲଭନ୍ତ ଲାଜ ଅପଣ । ସୁଧୀରେ । ୧୧ । ସ୍ୱଶରୀର-ସ୍ପର୍ଶ-ବଶୁଁ ଭେ ବାଳୀଶ ଶରୀର ରୋମାଞ୍ଚିବା ଗୃହିଁ । ତାରେ କଟାକ୍ଷ କରୁ ନରସାଇଁ । ତା ଗୃହିଁ ଏ ନାରୀ ନୃପ-ମନୋହାରୀ ବୋଲି ଭ୍ରମେ ରତ-ସାଇଁ । ରନ୍ଧର । ସୁମନସ-ଶର ନୃପ-ଶରୀରେ । ତାଙ୍କ ଧୈର୍ଯ୍ୟ ନ ଛିନ୍ତ ତହିଁ ଛଳେ । ନୋହିଲେ ତଥାପି ବ୍ୟର୍ଥ ଯେ ଲାଗିଲେ ଯେଣୁ ସେ ଧୈର୍ଯ୍ୟ-ପୂଜାରେ । ନୃପର । ୧୨ । ଏମନ୍ତ କଲେ ବା ଏ ମତ୍ତ-କାଶିନୀ-ସଙ୍ଘର୍ଷ ନୋହିବ ବିଗ୍ରହ । ଏକପଦୀ ପଥକୁ ପରିହର । ଚତୁଷ୍ପଥର ମଧ୍ୟାମଣି ହେଲେ ସେ ସାଧୁ-ଶ୍ରେଷ୍ଠ ଦଣ୍ଡଧାରୀ । ସୁଧୀରେ । ଯେନୁ ଥିଲା କୁଙ୍କୁମ କେ ସୁମୂର୍ଦ୍ଧେ । କୁଚେ ନଖକ୍ଷତ ତାର ବିରହୀ-। ବିଦ୍ରୋହୀ ଗୁଣୁ ଅର୍ଦ୍ଧେନ୍ଦୁପଣୁ ନୃପନେଇ ଗଳା-ହସ୍ତ ଦେଇ । ତଡିଲା ।୧୩। ଚକିତେ କେଉଁ ବନିତାର ବଦନେ ନେଇ ପଡ଼ନ୍ତେ ନୃପତିର । ତହିଁ ଚନ୍ଦ୍ର-ଭ୍ରମ ହେଉ ସମ୍ଭବ । ବିରହୀ ଏ କେହି ସହିବେ ତାହାକୁ ତେଣୁ ମୁଦନ୍ତ ଚପଳ ନୟନେ । ଏଣୁ ଏ ତର୍କ ଜାତହିଏ ମନେ । ବାଳୀବଦନ-ଚନ୍ଦ୍ର-ଦର୍ଶନେ । ନଳ ନେଇ ମୁଦ୍ଧ ହୋଇ କ ଉଦ୍ଧତ କଲା ନିଜ ପଦ୍ମଗୁଣେ । ସୁଧୀରେ ।୧୪। ଚତୁଷ୍ପଥେ ସ୍ଥିତ ସେ ମଣି-ମହିତ ଭୂଭୃତେ ଚତୁର-ଦର୍ଶକୁ । ଗତାଗତ କରୁଥିବା ରମ୍ଭୋରୁ । ଅଳଘେ ଥାନ୍ତେ ଧର ହାର ରହିଲେ ଏକା ଏକ ଅଭାବରୁ । ସୁଧୀରେ । ଦେବବରେ ଅଦୃଶ୍ୟତ ନୃପତି । ଶୂନ୍ୟେ ଅଙ୍ଗଘାତ ପାଇ ଯୁବତୀ । ଉତ୍ପ୍ରେ ଏ କ କ ବୋଲି ଘୂର୍ଣ୍ଣୁ ସମ୍ଭ୍ରମେ ସରଣୀ ପାଇ ପଳାନ୍ତ । ନୃପତି । ୧୫ । ଏମନ୍ତ ଅକଥ ତେମନ୍ତ-

Digitized by srujanika@gmail.com

ସୁଭଗ୍ୟବନ୍ତୁଁ ପଳାଉନ୍ତି ହୋଇପାର । ପଥେ ବାଜ କେଉଁ ବାଳୀ ସଙ୍ଗର । ନିଜ
ଅଳଙ୍କାର-ଖଚିତ-ଦନ୍ତୁର-ଶରୀରକେ ବସନ ତା'ର । ଲାଗଇ । ତା ନିମାନ୍ତ ବେଗେ
ଗମୁଁ ଭୂପାଳ । କ୍ରମେ ଅକରିତି ହୋଇ ଦୁର୍ବଳ । ବିମୃତ୍ଵିଷ୍ଟୀ ଧାମ୍ମିସ ଯାଉ ହୋଇ
ଦେଖି ହୃଅନ୍ତ ବିକଳ । ସୁଧୀରେ । ୧୬ । କନ୍ଦୁକ-କ୍ରୀଡ଼ନ-କେଳା ବାଳାଙ୍କର କା
କନ୍ଦୁକ ନୃପେ ବାଜଇ । କାର ନଖରେ ଶରୀର ଚିରଇ । କା କୁଚୁଁ କୁଙ୍କୁମ ଲାଗି
ଗଲେ ନଳ ଫଲ୍ଗୁକ-କଳପ ହୋଇ । ସୁଧୀରେ । ଗମୁଁ ବିମ୍ବ କେ ବାଳୀଦ୍ୱାରମଣି-।
ମଧେ ପଡ଼ୁଁ ସେ 'ଏକେ' ବୋଲି ଗୁଣି । ହେଉ କ୍ଷଣକେ ନ ଦେଖି ପୁଣି ଚନ୍ତେ
ଏ ମୋ ହୃଦେ ପଶିଲଣି । ଚୋପନେଁ । ୧୭ । ସେ ନରନାଥର ଅତିହିଁ ସୁନ୍ଦର
ପତିତ-ପ୍ରତିବିମ୍ବେ ଦେଖି । ଯାଏ ଯୁବତୀ-ହୃଦୁଁ ଧୈର୍ଯ୍ୟ ଶୁଖି । ତହିଁ ତେଣୁ ପ୍ରତି
ଯୁବତୀଙ୍କି ରତି ଚିନ୍ତ କାମ ହୋଇ ସୁଖୀ । ଥିଲେଙ୍ଗେ । ରତି-ଇତର ବୋଲି ତାକୁ
ମାର । ସ୍ମରିବାକୁ କାହିଁବା ଅବସର । ରତି ଭୁଲେ ତ ଭୁଲେଲେ ସେ ବାଳୀକି ନୋହିବେ
ରତି ମାତର । ନିଉନ । ୧୮ । ଛାୟାରୁ ନିରୁପମ ରୂପେ ବିଗ୍ରହ ଖାତ ହୋଇଣ
ମନମଥେ । ନୃପ ନ ପଡଲେହେଁ ଦୃଷ୍ଟିପଥେ । ତାଙ୍କଠାରେ ଅତି ଭ୍ରାନ୍ତିକି ମତିରେ
ନ ରଖିଲେ ବାଳୀବ୍ରାତେ । ସୁଧୀରେ । ଏକ ବଡ଼ କଥା ହେଲା ବିଗ୍ରହ । ମାତ୍ର-
ଅଦେଶେ ଯେ ଜୀବ ନିକର । ତେଜପାରେ ତାକୁ ଅଦୃଶ୍ୟ ଦ୍ରବ୍ୟର ଛାୟା ବା କେତେ
ମାତର । ଭିତ୍ରକୁ । ୧୯ । ଯାର ଅନୁପମ-ଛାୟା ଦରଶନେ ଚମ୍ପୁରୁ ନେହିଙ୍କ
ଚାଞ୍ଚରେ । କମ୍ପ ସମ୍ଭାଦିଥିଲା ନିକେତରେ । ତାଙ୍କ ଅଙ୍ଗ-ସଙ୍ଗୁ ସେ କମ୍ପ ବ୍ୟାପିଲା
ବଢ଼ି ବାଳୀ ସର୍ବାଙ୍ଗରେ । ସୁଧୀରେ । ବିବର୍ଦ୍ଧିତ ସେ କମ୍ପ-ନିପାତର । ହେଲା ହେତୁ
ନୃପତିଙ୍କ ସଞ୍ଚର-। ଗମନ-ଜନିତ-ପଦ୍ମୁର-ବିଘାତ-ସମ୍ଭୂତ ଗମ୍ଭୀର ସ୍ୱର । ସୁଧୀର ॥
ଅଦୃଷ୍ଟ-ନୃପତି-ଅଙ୍ଗ-ସଙ୍ଗ ପ୍ରାପ୍ତି-ବଶୁଁ ଯୁବତୀ ଅଙ୍ଗଦେଶ । ପୁଲକିବା ଚିହ୍ନ ନୁହେ
ଧିଷଣ । ତାଙ୍କ ଛାୟା ନିରୀକ୍ଷଣେ ବା ପ୍ରସାରିବାରେ ନେହିକ ପୌରୁଷ । ବାଳୀଙ୍କ ।
ପାଶେ ଥାଉ ସେ ସିନା ହେଲେ ଏତେ । ଦୂରେ ଯାଉ ସେ ଯା ରୋମାଞ୍ଚ ଗାତେ ।
ବହିଲେ ବାଳୀଏ ଉପଳ-ନର୍ତ୍ତନ କାମ କରିଇଲା ସତେ । (କ) ସୁଧୀରେ । ୨୧ ।
ଯହିଁ ନଳାଙ୍ଗ ସଙ୍ଗ ଲଭି ଯେ ବାଳୀ ଅତୁଳ ସୁଖ ଥିଲା ପାଇ । ପୂର୍ବ-ସୁଖ ବା ଯିବ
ଲାଭ ହୋଇ । ବିଗ୍ରହ ଏମନ୍ତ ତହିଁ ସେ ଯୋଷିତ ତୁରିତ ଗତି କରଇ । ସୁଧୀରେ ।
ଲଭି ସେ ସ୍ଥୂଳ ଧବ-ପୃଷ୍ଠେ ରଜେ । ଚିହ୍ନେ ନୃପତି-ପଦ୍ମୁର ପଙ୍କଜେ । ଦେଖି କହେ
ଧୀର ମୋତେ ଦୟା କର ମଲିଣି ମୁଁ ମନସିଜେ । ପୁରୁଷ । ୨୨ । ଭ୍ରମୁଁ ଭ୍ରମୁଁ
ପୁରେ ସରଣୀ-ଶ୍ରମରେ ବିରହେ ବ୍ୟସ୍ତ ସେ ଭୂପତି । ହୋଇ ଶ୍ରାନ୍ତ ବିଶ୍ରାମେ କର
ମତି । ଅଭ୍ରଭେଦୀ ସୌଧ-ମହୀଧର-ଉପତ୍ୟକା-ଦେଶେ କଲେ ସ୍ଥିତି । ସୁଧୀରେ ।
ବସି ତହିଁ ମରିଚେ ପଦ୍ମଦଳେ । ଚିହ୍ନିତ ଭୈମିଙ୍କ ଚିନ୍ତ କ୍ରମେଲେ । ଲେଖି ତା ଚିହ୍ନ

Digitized by srujanika@gmail.com

ଭୂତଳେ ଗଳେ ତାର ନିଜ ହାର ଲମ୍ବାଇଲେ । ସୁଧୀରେ । ୨୩ । ଚନ୍ଦ୍ର-କଳିତ ସେ ନଗୀନା ବକାଶେ ଏମନ୍ତ ରୁଚିର ଗବାକ୍ଷ । ସେ କି ସତେ ଯୌବନ ପୁର ଦ୍ୱାର । ବାଲ୍ୟ-ଚାପଲ୍ୟ ଲେଶ ମାତ୍ର ତା ଅଙ୍ଗେ ପାରୁନାହିଁ ଠାବ କରି । ସୁଧୀରେ । ପ୍ରତି-ହାସ-ପଣରେ ଲୋମ ଶ୍ରେଣୀ । ବ୍ୟାଜରେ ବେନି ବାହୁ ଅଛି ପୁଣି । ସେ ଛବି-ଶୋଭା ଲୋକନେ ଲୋଭି ନୃପ ନେତ୍ର ବୁଲେ ପୁଣି ପୁଣି । ସେ ଚନ୍ଦ୍ରେ ।୨୪। କାହିଁ କୁମାରେ କର୍ପୂର-ରଜ ପୁରେ ପଥେ ନାନାରଙ୍ଗେ କ୍ରୀଡ଼ନ୍ତି । କରୁଁ ସେ ପଥେ ନରପତି ଗତି । ସେ ରଜେ ପଦ୍ମର-ଚିହ୍ନେ ତାଙ୍କ ସଜେ ଚକ୍ରବର୍ତ୍ତୀ-ଚିହ୍ନତତି । ସୁଧୀରେ । ପୁର-ପୁରୁଷା-ନାରୀଏ ନିରେଖି । ଦେଖି କହୁଅନ୍ତି ବୋଲ୍ଲବୋଲ "ସଖି । ଏଥି ଏ ଚିହ୍ନମାନ କାହିଁ ଅଇଲା ଲାଗେ ବିସ୍ମୟ ମତିକି । ସଙ୍ଗାତ" । ୨୫ । ପରସ୍ପରର-ନବୀନ-ଯଉ-ବନ-ସମ୍ଭୂତ-ଗୁରୁତା-ଲୋକନେ । ବେଳବାମା ନିର୍ନିମେଷ ନୟନେ । ଅନାଅନି ହୋଇ ରହୁଥିବା ସମୟରେ ଭିନ୍ନ ଭିନ୍ନ ସ୍ଥାନେ । ସୁଧୀରେ । ତାଙ୍କ ମଧ୍ୟେ ନୃପତି କରୁ ଗତି । କେ କାହାକୁ ସେ ଦେଖି ନ ପାରନ୍ତି । ନ ଥାଉ କାରଣ କେହି ଅଦର୍ଶନ ହେଲା ସେ ମୋତେ ଭାବନ୍ତି । ପ୍ରତ୍ୟେକ । ୨୬ । କେବେ ବା କାର ପୁରତେ ନରପତି କରୁ ଅଦୃଶ୍ୟ ଭାବେ ଗତି । ତାଙ୍କ ଅଙ୍ଗର ଅଳଙ୍କାର-ତତି । ନୁହଇ ଦୃଶ୍ୟ ଏକା ତାଙ୍କ ରତନେ ପଡ଼େ ତାର ପ୍ରତିମୂର୍ତ୍ତି । ସୁଧୀରେ । ତାହା ଚାହିଁ ସେ ମୋର ପ୍ରତିମୂର୍ତ୍ତି । କେହି ଶୂନ୍ୟେ ପଡ଼ଇ ଏହା ଚିନ୍ତି । ଗଗନେ ଅନେକ ଅନାଇଁ ଅନାଇଁ ହୁଅଇ ବିସ୍ମୟ ଅତି । ସୁଧୀରେ । ୨୭ । କେ ଇନ୍ଦୁ-ବଦନା ନବୀନା-ଯୁଗଳ କନ୍ଦୁକ-ଖେଳେ ବିହାରି ଲୋଳ । ପରଷ୍ଟରେ ତା ଫିଙ୍ଗିବା ବେଳର । ମଧ୍ୟେ ନଳ ଯାନ୍ତେ ବାଜ ଅଙ୍ଗରେ ରଞ୍ଜି ହୋଇ ପଡ଼େ ତଳ । କନ୍ଦୁକ । ତାହା ଚାହିଁ ଭାଳନ୍ତି ବାଳୀ ଦୁଇ । ଯା'ରେ ମାଇଲୁଁ ଏ ତାରେ ନ ଯାଇ । ମଧ୍ୟେ ରଞ୍ଜି ହୋଇ ପଡ଼ିଲା କେମନ୍ତେ ଏତ ଆଶ୍ଚର୍ଯ୍ୟ ଲାଗଇ । ଏମନ୍ତେ । ୨୮ । ଭୀମ-ମହୀପତି-ବନିତା-ନିବନ୍ଧ ଅତିହିଁ ପବିତ୍ରତା-ପଣେ । ନ ଚାହାନ୍ତି ସେ ପତି ବିନା ଆନେ । ଅମରବରରେ ଅଦୃଶ୍ୟ ନଳ ନରବର ଗମନ୍ତେ ପ୍ରାଙ୍ଗଣେ । ସୁଧୀରେ । ସେ ତ ନାନା ମଣିରେ ବିନିର୍ମିତ । ତହିଁ ତାଙ୍କ ରୂପ ହେଉ ବିମ୍ବିତ । ସେ ବିମ୍ବ ରୂପ ଚାହୁଁ ବାର ନେତ୍ର ଲଜ୍ଜକୁ ମଣିଲେ ସାର୍ଥ । ରାଣୀଏ । ୨୯ । ପୁଣି ପରସ୍ପର ମଧ୍ୟରେ ଏମନ୍ତ ବୋଲ୍ଲବୋଲ ସେ ହେଉଥାନ୍ତି । ଅଗୋ ସଜନି ଅମ୍ଭେ ଯେଉଁ ମତି । ବହୁଁ ଦେଖ ପ୍ରତି କାମ ବୁଝଚନ୍ତି ଏ ବିମ୍ବିତ ସେହିମତ । ଧରାର । କ୍ଷିତି ନିଷ୍ପ୍ରଭ ତା ପତି ପାଇଁକି । ବହିଛି ଏ କାମ ରତିଯାଇଁକି । ବିନେତ୍ର-ନେତ୍ର-ବହିହୋତ୍ର-ତେଜରେ ଯାଇଛି ଜଳି ହୋଇକି । ସଙ୍ଗାତ । ୩୦ । ପ୍ରତିବିମ୍ବ ମାନେ ବସୁମତି ଗାତ୍ରେ ପଡ଼ନ୍ତେ ତାଙ୍କ ଛାୟା ଏକା । ଦେଖି ବିସ୍ମୟେ ମହିଷୀଏ ଥକା । ହେଲେ ନ ଥିଲେହେଁ ପଡ଼ ନୃପ-ପ୍ରକୃତି-ରୂପେ ନେତ୍ର-ତାରକା । ତାଙ୍କର । ଛାଇ ହରଦ୍ରା-

Digitized by srujanika@gmail.com

ବର୍ଣ୍ଣି ବିମର୍ଦ୍ଦନ ।—ନଳ କାନ୍ତ କରିଥିଲେ ଲୋକନ । କି ନ ହୋଇଥାନ୍ତା ସେ କାଳେ
ତାଙ୍କର ଦୁର୍ଦ୍ଦଶା ମାନସେ ଚିନ୍ତନ । ସୁଧୀରେ । ୩୧ । ଅଦୃଶ୍ୟ ହୋଇ ପରପୁରେ
ପ୍ରବେଶି ମଣି-କୁଟ୍ଟିମେ ପ୍ରତିଛାୟା--। ଛଳେ ବିବିଧ ଅନଳପ କାୟ । ବିଯୋଗୀ ସେ
ମହୀପାଳ ନଳ ହୋଇଗଲେ ଯୋଗୀଜନ ପ୍ରାୟ । ସୁଧୀରେ । ଶୁଣନ୍ତ ସେ ଭାଷେ ତହିଁ
କେ ବାଳୀ । "ପୁଂସ ସ୍ପର୍ଶିଲା ପରିଚୟ ମଣିଲି" । କେ ବୋଲେ "ତା ଛାୟା ଦେଖିଲି-
ବତ" କେ ଭାଷେ "ତା ବଚନ ଭଳି । ବାରିଲି" । ୩୨ । ଏଥିକାଳେ ନମି ମାତାଙ୍କୁ
ଦମୟନ୍ତୀ ନିଜ ନିକେତେ କରୁ ଗତି । ପଥେ ଭେଟିଲେ ନିଷଧ-ନୃପତି । ଅଦୃଶ୍ୟ
ବଶୁଁ ସେ ଭୂପତି-ସୁତାର ନୋହିଲେ ନୟନବର୍ତ୍ତୀ । ସୁଧୀରେ । ଏଣେ ଭ୍ରାନ୍ତି-ବଶେ
ପ୍ରତି-ଯୋଷିତେ । ଦମୟନ୍ତୀ ଭାବନ୍ତି ନୃପ ଚିତ୍ତେ । ଦମୟନ୍ତୀ ଦେଖି ଏ ମୋ ଭ୍ରମ
ଅବା ଭାବ ଚେତିଲେ ତୁରିତେ । ତାହାକୁ । ୩୩ । ନିରତ ଚିନ୍ତା ବଶୁଁ ନଳ-ପରିଷ୍ଟ
ଛବି ଦର୍ଶିଯାଉ ବାଳାକୁ । ମାତା ପ୍ରଦତ୍ତ କୁସୁମ-ମାଳାକୁ । ନିଜ ଗଳୁଁ କାଢ଼ି ପକାଇ
ଦେଲା ସେ ଅସତ୍ୟ-ନଳ-ଗଳାକୁ । ସୁଧୀରେ । ପାଶେ ଥିଲେତ ରହି ନଳ ତହିଁ ।
ବାଳା କରୁ ସେ ମାଳ ହେଲେ ଯାଇ । ସତ୍ୟରେ କରି ଭୂପାଳ-ନଳଗଳା-ଆଲିଙ୍ଗନ
ଗଲା ରହି । ସୁଧୀରେ । ୩୪ । ନୃହଇ ପ୍ରକୃତ ଏ ମୋ ଭ୍ରାନ୍ତି ଜାତ ଦମୟନ୍ତୀ ବୋଲି
ଯାହାରେ । ଥିଲି ବରିଛି ସେ ଏବେ ସ୍ନେହରେ । ମୋରେ ପ୍ରକୃତ ମାଳ ଦେଲା
ଏମନ୍ତ ଚିନ୍ତି ନୃପତି ଚିତ୍ତରେ । ବିସ୍ମିତ । ମାଳା ଦେଲି ତ ମୁଁ ନିକେ ପକାଇ । ଗଲା
ତା କେମନ୍ତେ କେହି ଲଭିଲି । ଏତେ ବିଚାର ମତରେ ଦମୟନ୍ତୀ ରହିଲେ ଅଧୈର୍ଯ୍ୟ
ହୋଇ । ସୁଧୀରେ । ୩୫ । ଏକସ୍ଥାନେ ଥାଇ ଦମୟନ୍ତୀ ମହୀପତି ଭ୍ରାନ୍ତିରେ ହୋଇ
ଘାର । କେହି କାହାକୁ ନ ପାରନ୍ତି ବାରି । ଏକ ଅନ୍ୟକୁ ବିଚାରୁଥାଇ ଚିତ୍ତେ ଭିନ୍ନ-
ସ୍ଥାନେ ଥିଲାପରି । ସୁଧୀରେ । ତେଣୁ ଉଭୟେ ଉଭୟ-ରୂପକୁ । ଭ୍ରାନ୍ତି ଭାବ କଲେ
ଆଲିଙ୍ଗନକୁ । ସେ ଉପଗୂହନ ଗଲା ସତ୍ୟ ହୋଇ ପରସ୍ପରର ଭାଗ୍ୟକୁ । ସୁଧୀରେ ॥
ନଳ-ମହୀପାଳ-ଶ୍ରୀଅଙ୍ଗ-ସଙ୍ଗମ ଲଭିଲେହେଁ ଭୀମସନ୍ତତି । ନେତ୍ରେ ନ ଦେଖିବା
ହେତୁ ସେ ମୂର୍ତ୍ତି । ଭାବଇ ସ୍ୱପ୍ନ ଚିନ୍ତା ଭ୍ରମ ଏ ମୋ ସେ କପାଁ ଅସନ୍ତି
ଏଥି । ସୁଧୀରେ । ନବ ସଙ୍ଗମ-ଜନ୍ୟ-ଜଡ଼ଭାବ । ଯେଣୁ ଅଙ୍ଗେ କରିଥିଲା
ପ୍ରଭାବ । ଦେଖିଲେହେଁ ତେଣୁ ନଳ ସେ ବାଳିକି ଧରି ନ ପାରିଲେ ଜବ । ସୁଧୀରେ ॥
ହେଲା ମୁଗ୍ଧମନ ପୂର୍ବ ଆଲିଙ୍ଗନ ବଶୁଁ ପରସ୍ପରେ ପ୍ରକୃତ । ଜାଣି ପୁଣିହେଁ ଆଲିଙ୍ଗନେ
ଚିତ୍ତ । କଳାଇ ଉଭୟେ ଉଭୟର ହେଲେ ଗାଢ଼ ଆଲିଙ୍ଗନେ ମତ୍ତ । ସୁଧୀରେ ।
ଏକ ଅଦୃଶ୍ୟ ନିରବ ଅପର । ଏଣୁ ଏ ଭ୍ରାନ୍ତି ବୋଲି ଉଭୟର । ଜନମିଲା ଜ୍ଞାନ
ସତ୍ୟ-ଆଲିଙ୍ଗନ ମଧ ହେଲା ମିଥ୍ୟାତୁଲ । ତାହାକୁ । ୩୮ । ପୂର୍ବେ ଚିତ୍ରେ ଅବା
ଲୋକମୁଖେ କବା ଯେମନ୍ତ ଦେଖି ଶୁଣିଥିଲେ । ଏବେ ତଥା ପରସ୍ପରେ ଦେଖିଲେ ।

Digitized by srujanika@gmail.com

ବେନିଏ ବେନି ଜନଙ୍କର ଶ୍ରୀଅଙ୍ଗ-ଶୋଭା-ଲୋଭରେ ଲାଗିଲେ । ସୁଧୀରେ । ଯେଣୁ ଭ୍ରମବୋଲି ଏକ ଥିବକେ । ଥିଲେ ଚିତ୍ତେ ଚିନ୍ତି ତେଣୁ ନିଦକେ । କେଳି-ବିଳାସରେ କେ କାହାର ଅବହେଳା ନକଲେ ପଲକେ । ସୁଧୀରେ । ୩୯ । ପର-ସ୍ପରର ପରଶରୁ ସଞ୍ଜାତ-ରସ-ତରଙ୍ଗ-ତରଙ୍ଗିତ । ହୋଇ ଦେଲା ବୁଡ଼ାଇ ବେନି-ଚିତ୍ତ । କ୍ଷଣେ ପ୍ରେମ ତହିଁ ବିପ୍ରଲମ୍ଭ ହୋଇ ଦ୍ୱିଗୁଣେ ହେଲା ଦୀପିତ । ସୁଧୀରେ । ସ୍ନେହପୂରିତ ପ୍ରଦୀପ ଯେମନ୍ତ । ଜଳ ବଳିତା ସ୍ତିମିତେ କମ୍ପିତ । ଅତି ଦୀପ୍ତିକ କ୍ଷଣକେ ବିକାଶଇ ଏ ପ୍ରେମ ହେଲା ତେମନ୍ତ । ସୁଧୀରେ । ୪୦ । କ୍ଷଣକେ ଏ ସର୍ବ ମିଥ୍ୟାବୋଲି ଭାବି କ୍ଷଣକେ ସର୍ବ ସତ୍ୟ ଚିନ୍ତି । କ୍ଷଣେ ଧୀର ଅଧୀର କ୍ଷଣେ ଅତି । ହୋଇ ନିଜବସତିରେ ପରବେଶ ଦମୟନ୍ତୀ ଗୁରୁଗାମୀ । ସୁଧୀରେ । ନବ-ପ୍ରେମାସବ-ପାନେ ଉନ୍ମତ୍ତ । ହୋଇ ନିଷଧ-ଈଶ ଅବିରତ । ତହିଁ ଭ୍ରମନ୍ତି ଭ୍ରମରେ ଦମୟନ୍ତୀ-ମୂର୍ତ୍ତି କରି ନେତ୍ରଗତ । ସୁଧୀରେ । ୪୧ । ସେ ବିଶାଳ ମଣ୍ଡପାଳ-ପୁରେ ନଳ ନବବର ଭ୍ରମି ପଦ୍ମରେ । ପରିଶ୍ରମ ଲଭି ଅତିଶୟରେ । ନୃପତି-ପୁତ୍ରୀ-ନିବାସେ ରମ୍ୟ ଅତି-ତୁଙ୍ଗ ପ୍ରାସାଦ ପାଶରେ । ପ୍ରବେଶ । ତହିଁ ପ୍ରତୋଳି-ମଣି-ବେଦିକାରେ । ଦେଖିଲେ ସେ ଭୈମୀ-ସଖୀ-ସଭାରେ । ସରସ-ବିଳାସେ ତୋଷ ସେ ନବର ଜଣେ ମାର-ଅନ୍ତଃପୁରେ । ସୁଧୀରେ । ୪୨ । କଳ-ଆଳାପ-କଳ୍ପ-କାଳେ କେ ବାଳୀ ଶୁଣି ତା ନଳମଣ୍ଡପାଳ । ଚିତ୍ତେ ତାକୁ ପ୍ରଶଂସନ୍ତି ଅପାର । ବୋଲନ୍ତି ଧନ୍ୟଏ ରମଣୀ ରତନ ସମାନ କେବା ଏହାର । ମଣ୍ଡରେ । ପୁଣି ଲୁବନ୍ତି ପିକ ବେଣୁବୀଣା । ଏ ଜିତସ୍ୱେତ ସ୍ୱରେ ତାକୁ ଉଣା । ଏଣୁ ଗଳେ ରେଖା ଜମ୍ବୁ-ଛଳେ ଜମ୍ବୁଚକ୍ରକୁ ହୋଇ ପୁରୁଣା । ବହନ୍ତି । ୪୩ । ଚିହ୍ନ ଦେଖାଇ ପ୍ରବୋଧୁଥାନ୍ତି ସହି ରେ ଗୃହମୁହିଁ ଏ ସେ ନଳ । ଦେଖ ଖେଦ ତୁ ବରଜ ଚପଳ । ଏ ବାଣୀ ଶୁଣି ଶୁଣି କେଉଁ ରମଣୀ-କର-ଧରି ସାରି ଖରା ଭାଷଇ । 'ସହି ଦେଖ ଦେଖ ଏ ସେହିନଳ । ଦୁଃଖ ନ ରଖ ମାନସେ ତୁ ଚଳ' । ତା ଶୁଣି ଧରିପଡ଼ିଲି କି ବିଗ୍ରହ ନୃପ ହସନ୍ତି ଚଞ୍ଚଳ । ସୁଧୀରେ । ୪୪ । ଦମୟନ୍ତୀ-ଚିତ୍ତ-ବିନୋଦନପାଇଁ କେଉଁ ଚତୁରୀନାରୀ ତହିଁ । ବେଶେ ସେ ଦମୟନ୍ତୀବତ ହୋଇ । ନାନା କଉଶଳେ-ନଳ ରୂପ-ଅନୁକାରୀ ସଖୀ ପାଶେ ଯାଇ । ସୁଧୀରେ । କର ଅର୍ଦ୍ଧେନ୍ଦୁ ଲକ୍ଷାଙ୍କିତ । ମାଳାକାରନୈପୁଣ୍ୟ ଅତିଅନ୍ତି । ସୁଷମ ମଧୂକମାଳାକୁ କୃତ୍ରିମ-ନଳଗଳେ କରେ-ଦନ୍ତି । ସୁଧୀରେ । ୪୫ । କେ ଚନ୍ଦ୍ରମୁଖୀ ସଖୀର ଚନ୍ଦ୍ରମୁଖେ ଗୃହସୁନ୍ଦର ଅଭ୍ରବିନ୍ଦୁ ଦେଉଁ ତହିଁରେ ନିଜମୁଖ-ଇନ୍ଦୁ । ପ୍ରତିବିମ୍ବିତ ହୁଏ ପୁଣି ସ୍ୱମୁଖେ ଉତ୍କଳପଣେ ତା ବିନ୍ଦୁ । ସୁଧୀରେ । ଏହା ଅନନରେ ପ୍ରତିଫଳଇ । ତାହା ଅତିହିଁ ଆଶ୍ଚର୍ଯ୍ୟ ହୁଅଇ । ଅବନିତଳେ ଅବଳାମେନେ କଳାନିଧି-ମାଳା ଯା ଶୋଭଇ । ସୁଧୀରେ । ୪୬ ।

Digitized by srujanika@gmail.com

ବର୍ଣ୍ଣିବଭବେ ପ୍ରତପ୍ରକାରିସ୍ଥରେ ଅର୍ଦ୍ଧ-ଦାନକାଶ କେତକୀ—। ଦଳ-ଉଦରେ ନଖ-ଲେଖନୀକ । ଗୃହ ତହିଁ ବଦର୍ଭେଶ-ଦର୍ଭହାସୀ-ସୁତା ନୈଷଧପତିଙ୍କ । ଲେଖଇ । ପ୍ରେମ-ପତ୍ରିକା ଅତିହିଁ ଯତନେ । ନଳ ତା ଦେଖୁଥାନ୍ତି ଏକମନେ । ଲେଖିବା ମାତ୍ରେ ଅକ୍ଷରେ କ୍ଲିଷ୍ଟ ହେଉଁ ନଥାଏ ବାଧା ପଠନେ । ସୁଧୀରେ । ୪୭ । ସ୍ମରଣ ଲେଖନେ ବରଣଗୃହୁସ୍ୱବତୀ କେ ସଖୀଜନ ତହିଁ । ରାଜପୁତ୍ରୀ-ପ୍ରତିମୂର୍ତ୍ତି ଲେଖଇ । ଅବକାଳରେ କଣ୍ଠୋପୂଳ କରର ଲୀଳାକମଳ ଚଳଇ । ତରୁଣୀ । ଏକା ତା କରପଦ୍ମ ନେତ୍ରୋ-ତ୍ପଳେ । ଚକ୍ଷିବାରେ ଯେତେହେଁ ଯତ୍ନକଲେ । ଠାଣି ଉଚ୍ଛଳଇ ନ ପାରଇ ରହିଯାନ୍ତି ସେ ଯୁଗଳ ଷ୍ଥଳେ । ସୁଧୀରେ । ୪୮ । କଳାନିପ୍ରିୟ-ଋଷିଙ୍କ ପ୍ରିୟଶିଷ୍ୟ ଚନ୍ଦ୍ରବଧୂ ଅପସର । ବହି ବୀଣା ଆସନ୍ତି ହୋଇ ତୋଷ । ନୃପପୁତ୍ରୀ-ତାପ ନାଶେ ତାଳବାକୁ ସଙ୍ଗୀତ ସୁସ୍ୱର ଧାର । ସୁଧୀରେ । ଦମୟନ୍ତୀ-ସ୍ୱର ସଙ୍ଗେ ମିଶାଇ । କେବଳ ସେ ବୀଣାଥାନ୍ତି ବଜାଇ । ବୋଲିବେ କିପାଁ ସେ ସୁସ୍ୱର-ପିୟୂଷେ ଏ ବେନିଙ୍କି ସେ ବଳଇ । ସୁଧୀରେ । ୪୯ । ତହିଁ କା'ର ପୟୋଧରେ ଅର୍ଦ୍ଧଶଶି-ସମ ନଖରକ୍ଷତ ଚିହ୍ନ । ପରିହାସେ କେ ତାହାକୁ ଭାଷଇ । ଏ ତୋ ପୟୋଧର-କୁମ୍ଭେ ହରହାସେ କାମ କି ନାବେ ଖେଳଇ । ଚତୁରୀ । କବା ସମୁଦ୍ରବାରୁ ହର ଶୈବ) ଭୟ । ପୟୋଧରର ଭାବ ଅପରସ୍ତୁ । ଲୁଚ୍ଛଇ ବକ୍ଷିକୁ ଚାରୁ ଚେଲାଞ୍ଚଳେ ଗୋପନରେ ଅନ୍ତଃସ୍ଥ । ସଙ୍ଗାତ । ୫୦ । ନୃପ ଦେଖୁଛନ୍ତି ତହିଁ କେ ଯୁବତୀ ସ୍ତନେ ମୂର୍ତ୍ତୀରେ ସ୍ତନ ଦେଇ । ଗୋଟି ଗୋଟି କରି ପୁଷ୍ପେ ଗୁନ୍ଥଇ । ତା ଚିହ୍ନ ନଯାଣ ଭାବନ୍ତି ଏ ସେ ସୁମନେ ଦଣ୍ଡ ଦିଅଇ । ସୁଧୀରେ । ହୋଇ ସ୍ତବକ ଶର ଏ ସୁମନ । ତା'ର ସହିତ ଦିଅନ୍ତି କଦନ । ତେଣୁକ ପ୍ରତିହିଂସାରେ କରୁଅଛି ତାଙ୍କ ହୃଦୟଭେଦନ । ଯୁବତୀ । ୫୧ । ସେ ମୃଦନ-ସରେ ବରଚିତ ହାରେ ଚିହ୍ନ ଭୟେ ଯେମା ଭାଷଇ । "ସହ କରୁତୁ ଏ ସାହସ କେହି । ବିବେଚନାକୁ କି ଚନାଏଁ ତୋହର ମରମ-ମଧ୍ୟରେ ନାହିଁ । ସଜନ । କାମ ଗୋଟି ଗୋଟି ଯାହା ସାଉଣ୍ଟି । ଦେଖୁଛୁତ ମୋ ପିଣ୍ଡିଏ କାଟି । ତୁ ପୁଣି ଏଣୁ ଗୁଣ ତହିଁ ଖଣ୍ଡ୍ ଛୁ ଅଜ କସ ବୋଲିବଟି । ତୋତେ ମୁଁ" ।୫୨। ପୟୋଧର-ଚକ୍ର-ପଦ୍ମ-ପାଳି ମଧ୍ୟଦେଶରେ କେଉଁ ସ୍ତମଧାର । ଲେଖି କେ ସଖୀ ଚକ୍ର ମକରର । ତୋଳଇ ବାହନ ହୋଇଲା ଏ ଯେନ ତୋ ଏକାବଳୀଗଙ୍ଗାର । ସଙ୍ଗାତ । ଭାବେ ଅପର ଏ ପଦ୍ମ-ରଚିତ । ପୃଥୁ ପୟୋଧରେ ଚିହ୍ନ ଉଷତ । ହୋଇ ହୃଦେ ଥିବା କାମ-କେତୁ-ଦଣ୍ଡ-ସଙ୍ଗ ମନାସି ଆଗତ । ସଙ୍ଗାତ । ୫୩ । ଚତୁରୀ-ଚତୁର ତହିଁ ପଶାସାର ଖେଳେ କାହିଁବା ମାତିଛନ୍ତି । ପଟ୍ଟ ପକାଇ ଝଟିତ ଡାକନ୍ତି । ମାର ଏ ଶାରଙ୍କ କିଛି ନ ବଗିର ଯାଉ ସେ ଘରେ ବୋଲନ୍ତି । ଚତୁରୀ । ତାହା ଶୁଣି ପଞ୍ଜରହ୍ଲିତ ଶାରୀ । ଅତି ବକଲେ ପକାଏ ବୋବାଳ । ଦେଖି ତା 'ଏତ ଚମତ୍କାର' ବିଗ୍ରହ ହସନ୍ତି ସେ ଦଣ୍ଡଧାରୀ ।

Digitized by srujanika@gmail.com

ସୁଧୀରେ ।୫୪। ବିଦର୍ଭ-ଭୂପତି-ସନ୍ତତି-କରରେ କାର୍ତ୍ତସ୍ୱରରେ ବିନିର୍ମିତ । ହଂସାକୃତି ନାଗବଲ୍ଲୀଗର୍ଭିତ । ଏକପାବେ ନେବ ନିପତିତ ହେଉ ନୃପ ବିଗ୍ରହ ଚଉ । ସୁଧୀରେ । ହେମମରାଳ ଏ ବୋଲେ ମୋହର । କଲା କେଡ଼େ ମହତ ଉପକାର । ଦୂତପଣେ ଆସେ ପାଣେ ବସି ରସାଉଛି ଏ ପ୍ରିୟାକୁ ମୋର । କେମନ୍ତେ । ୫୫ । ପୁଣି ବଳେଇ ସେ ସଖୀସମାଜକୁ ପ୍ରତ୍ୟେକେ ଦମୟନ୍ତୀ ବୋଲି । ଚଣ୍ଡେ ଚଳୁଚଳୁ ସେ ଦଣ୍ଡଧାରୀ । ଏକର ଅପରୂପ-ରୂପ-ଲାବଣ୍ୟ ନେଲା ମାନସକୁ ହରି । ନୃପଙ୍କ । ନ ପୁଚ୍ଛିଲେହେଁ ସେ ରୂପ ଅଣେ । ନିଜ ଅନନ୍ୟ-ସାଧାରଣ-ଗୁଣେ । ଥିଲା ସେ ଯାହାର ତାକୁ ନରବର-ନନ୍ଦନା ବୋଲି ସ୍ୱଜନେ । ଚଣ୍ଡାଏଁ । ୫୬ । ସେ ପୁର ପ୍ରାଙ୍ଗଣ ବିବିଧ-ରତନ ମଣିଗଣେ ତ ବିନିର୍ମିତ । ନୃପ ହୁଅନ୍ତେ ତହିଁ ଉପଗତ । ତଳେ ନିର୍ମଳେ ଅତୁଳ ତାଙ୍କ ରୂପ ହୋଇଲା ପ୍ରତିବିମ୍ବିତ । ସୁଧୀରେ । ଦମୟନ୍ତୀ-ଚିତ୍ତ-ବିନୋଦ ପାଇଁ । ବନ୍ଧୁ ନଳରୂପତ ପ୍ରିୟସହ । ଲିହଥିଲେ ତହିଁ ସେ ମଧ୍ୟେ ଏ ସ୍ଥିର ଗଲା ରହି ଜଣାନୋହି । ସୁଧୀରେ । ୫୭। ବନ୍ଧି-ପ୍ରେରିତ ସଲ୍ଲେଖ ଦୂତୀ ଭାଷି ନାନା ଶୃଙ୍ଗାର-ଭାରତୀ । ନିଜ ପ୍ରଭୁଙ୍କ ପ୍ରତି ଦମୟନ୍ତୀ ।—ମତି ଆକର୍ଷିଲେ ସେ ତାଙ୍କୁ ବାରନ୍ତେ ଭାଷି ଉଚିତ ଭାରତୀ । ସୁଧୀରେ । ତାହା ଶୁଣିଣ ହୋଇ ଦେବଦୂତ । ଯା'ର ପ୍ରାପ୍ତ୍ୟାଶା କରଥିଲେ ତ୍ୟକ୍ତ । ସେ ଆଶା ଆସେ ଏବେ ନଳ ମହାଶ-ମାନସେ କଲା ନିକେତ । ସୁଧୀରେ । ୫୮ । ଏମନ୍ତ ସମୟେ ସେ ସଭା-ମଧ୍ୟରେ ବାସବର ଦୂତୀ ରଭସେ । ଭାଷା ପ୍ରକାଶେ ଦମୟନ୍ତୀ ପାଶେ । ଶୁଣି ପକ୍ଷରେ ସଙ୍କିଏ ଦୂତଙ୍କ ପ୍ରଶଂସୁଥାନ୍ତି ହରଷେ । ସୁଧୀରେ । ଏଣେ ଦୂତୀ-ଶୁଶ୍ରୂଷା ଶୁଣି ନଳ । ଭୟ ଉଦ୍‌ବେଗରେ ହୋଇ ବ୍ୟାକୁଳ । ଚିର-ପୋଷିତ ଆଶାର ଜମନାଶ କରୁଥାନ୍ତି ବେଢ଼ୁଁ ବେଳ । ସୁଧୀରେ ।୫୯। ଭାଷେ ବାସବ ଦୂତୀ "ଗୋ ରାଜପୁତ୍ରି କର ଅନୁଗ୍ରହ କଳ୍ପିତ । ଜଣାଣକୁ ମୋ ଦତ୍ତ କର ଚିତ୍ତ । ସୁରେଶ-ଆଦେଶ ଘେନି ମୁଁ ହୋଇଛି ତୋ ଛାମୁକୁ ଉପଗତ । ସୁଣୀଲେ । ସ୍ୱରଅକ୍ଷର ନବେ ପାଠହୋଇ । ନ ପାରିବ ବିଶ୍ୱର ଶଚୀସାଈଁ । ମୋତେ ଦେଖିଲେ ତୁ ଏମନ୍ତ ଏମନ୍ତ କହିବୁ ଯେମାକୁ ଯାଇ । ଆଦେଶି । ୬୦ । କର ଆଲିଙ୍ଗନ ସଲ୍ଲେ ସୁରେଶ କୁଶଳ ତୋର ପୁଚ୍ଛିଛନ୍ତି । ଶୁଣି ତୋ କଥା ତାଙ୍କ ରୋମପନ୍ତି । ଯେତେ ଉଲ୍ଲସଇ ତେତେକ ତୋପାଇଁ ମୋହରେ କହିଅଛନ୍ତି । ସୁଗାତ୍ରି । ତୋର ପ୍ରାର୍ଥନେ ତାଙ୍କ ଯେଉଁ କଣ୍ଠ । ଭ୍ରମ-ସମୀପେ ହେଲା ଲଜ୍ଜାକୁଣ୍ଠ । ସ୍ୱପ୍ନରେ ତାଙ୍କ ସେ ଗଳେ ତୁ ଦଣ୍ଡ ମାଳେ ବାନ୍ଧିକରି ଅଣ୍ଟ । ସୁନେତ୍ରି । ୬୧ । ଶୁଣିଛୁତ ଚନ୍ଦ୍ରବଦନି ସେ ଇନ୍ଦ୍ର ଅନୁଜ ଉପେନ୍ଦ୍ର ନିମିତ୍ତ । ମନ୍ଥି କ୍ଷୀରଧି ବୃନ୍ଦାରକ ବ୍ରାତ । ଇନ୍ଦିରାକୁ ଉପୁଜାଇଥିଲେ ଏଣୁ ନ ନାଶ ତୁ ଇନ୍ଦ୍ର-ଚିତ୍ତ । ସୁନ୍ଦରି । ଯେବେ କରିବୁ ଇନ୍ଦ୍ରେ ପ୍ରତ୍ୟାଖ୍ୟାନ । ତାଙ୍କ ପାଇଁକି ଇକ୍ଷୁ-ସରସ୍ୱାନ । ମନ୍ଥି

Digitized by srujanika@gmail.com

ଅପର-ଇନ୍ଦ୍ର-ଉତ୍ଥାପନେ ଦେବେ ବଳାଇବେ ମନ । ସୁଦତ୍ତ ।୭୨। ଲୋକ ନିତ୍ୟପୁର ମଧ୍ୟେ ସ୍ୱର୍ଗ ସାର ସେ ସ୍ୱର୍ଗେ ପୁଣି ସୁରେ ସାର । ବାସବ ତ ବୋଲାନ୍ତି ସୁରେଶ୍ୱର । ଏଣୁ ତ୍ରିଭୁବନେ ଇନ୍ଦ୍ରୁଁ ବଡ଼ଜଣେ ନାହିଁ କେ ବଡ଼େ ବଡ଼ୁର । ଚତୁର । ଯେବେ ଅନୁରାଗ ବଶେ ଯେ ସ୍ୱର ।-ଦତ୍ତ ପଦ୍ମରେ ତୋହର କଙ୍କର । ବଳେ ହେଉଛନ୍ତି ଏଥୁ ବଳ କ୍ଷତ ଅଉ କ ରୂପର ତୋର । ସୁନ୍ଦର ।୭୩। ସାଧି ଶତଅଶ୍ୱମେଧ ଯେଉଁ ପଦ ଲଭିଛନ୍ତି ସେ ସେହି ପଦେ । ପଦେ ତୋର ଅର୍ପୁଛନ୍ତି ପ୍ରମୋଦେ । ବନ୍ଧୁବଧ-ଗୃହ୍ନୁ ଗର୍ଭିତ-ଭାରତୀ-ସହିତରେ ନିର୍ବିବାଦେ । ସୁନ୍ଦର । ନୋହୁ ନିଷ୍ଫଳ ତାଙ୍କ ସେ ପ୍ରାର୍ଥନ । କର ସାର୍ଥ ସେ ଇନ୍ଦ୍ରତ୍ୱେ ବହନ । ସ୍ୱୀକାର ସୂଚାଇ ଭ୍ରୂଲତା ନଚାଇବାରେ ଚତୁର-ରତନ । ନବନା ।୭୪। ନନ୍ଦନ-ମନ୍ଦାକାନ୍ତ ବେଣୁ-ବନରେ ବିହରୁଥିବୁ ନାରାୟଣ । ଯେବେ ଜାଣିବେଣ ତୋର ଅମରେଶ । ତାଙ୍କ ସୋଦର ଦାମୋଦର ଦେବର ବୋଲାଇବେ ତୋ ବାଳୀଶ । ସୁନ୍ଦର । ଯେଉଁ ରମା ମା ସର୍ବଜୀବଙ୍କର । ଯାଆ ସ୍ୱରୂପେ ସେହି ସହି ତୋର । ହେବେ ଏଥୁବଳି ଅଉ କସ ଶ୍ରେୟ ଅଛି ବସ୍ତୁର ଚତୁର । ଚତୁର । '୭୫ । 'ଏ ତ୍ରିଭୁବନ-ପ୍ରଭୁପଣ ଦେନ ମୋ ଗଳେ ମାଳ ମାଳ ଦେଇଁ' । ଏମନ୍ତ କି କାହାକୁ ଶଚୀସାଇଁ । କହିଛନ୍ତି କେବେ ? ତହିଁକି ତୁ ଏବେ ଭଜନ ହେଲୁ ସୁମୁହିଁ । କଶୋର । ଏହି ସ୍ୱଜ୍ୟକୁ ପର ବଳୀଠାରେ । ମାଗି ଉପେନ୍ଦ୍ର ଅପେ ଉଣା ହେଲେ । ତେଣୁ ଅଜ ଯାଏ ତାଙ୍କାଙ୍କୁ ବାମନ ବୋଲୁ ଅଛନ୍ତି ସକଳେ । ସୁନ୍ଦର ।୭୬। ଯେଉଁ ସୁରଙ୍କ ପଦ୍ମରେ ନିରନ୍ତରେ ଏବେ ତୁ କରୁଛୁ ପ୍ରଣତ । ତହିଁ ତୁଣୀ ସେ ହୋଇଲେଣି ଅତ । ଇନ୍ଦ୍ରେ ବର ତାଙ୍କୁ କର ତୁଣୁଁ ପାର ଲଭ ଅମାପ-କୀରତ । କଶୋର । ପ୍ରତ ଦବସରେ ସନ୍ଧ୍ୟା-ବନ୍ଦୁରେ । ସୁରେ-ଶ୍ୱର-ମହଷୀ ତୋ ପଦ୍ମରେ । ବନ୍ଧ ବୃନ୍ଦାରକେ ତୋ ଦାନ ଶୁଣିଲୁ ପୁରୁ ତୋ ଯଶ-ଚନ୍ଦ୍ରରେ । ନିଦବ " । ୭୭ । ଯେଷେ ଏମନ୍ତ ସୁରପତ-ପ୍ରଦତ୍ତ ପାରଜାତକମାଳା ଦୂତୀ । ସମର୍ପିବା ପାଇଁ ଅଦରେ ଅତ । ମତ କରନ୍ତେ ପାଦରେ କରେ ତାହା ଗ୍ରହିଲ ନୃପତ ପୁତ୍ରୀ । ସୁଧୀରେ । ସେହି ସ୍ୱର୍ଗର ସୁମନସ-ବାସେ । ସର୍ବ ଅଶା ଗଲା ପୂର ନିମିଷେ । ଏକା ନଳଅଶା ଭରସା-ବନାଶୁ ନ ରସିଲା ତହିଁ ଲେଶେ । ସୁଧୀରେ । ୭୮ । ଗୂଢ଼ସାରଗର୍ଭିତ ଏ ନତ ଭାରତୀ "ଦୂତର ଶୁଣି କେ ଯୋଷିତ । ଦମୟନ୍ତୀଙ୍କ ଭାଷେ, ରେ ଭୁତ୍ତୁତ ।—ଅସ୍ୱଜା ନ ମଜା ମଜ୍ଜା ଏ ବଷୟେ ଅନଚନ୍ତ୍ରନେ କଷ୍ଟିତ । ସୁଧୀରା । କେ ଭଷଇ 'ବାସବେ ବର-ବାରେ । ଉଚତ ତୋ ବଗୁରେ ମୁଁ ମନରେ' । କେ କହେ ଓଁକାର ହେଉ-ତୋ ସ୍ୱୀକାର-ଗିର ଏ ଶୁଭ କର୍ମରେ । ସୁଶୀଳା ।୭୯। ବସ୍ତ୍ରୁସୀ ବଚନ ଏମନ୍ତ ଶ୍ରବଣ କରଣ ନରେନ୍ଦ୍ରନନ୍ଦନୀ । ବୋଲେ 'ସୁଖଗେ କେବେ ତୁମ୍ଭବାଣୀ । ଅନାଦରେ ଦୂର ଦେଇଛ

Digitized by srujanika@gmail.com

କି କରି ବିଗ୍ଭର ତ ମନେ ଗୁଣି । ସଖିଏ । ଏ ବିଷୟେ ତଥାପି ମୋର କିଛି । ପ୍ରକାଶିବାକୁ ଅବଶିଷ୍ଟ ଅଛି’ । ଶୁଣି ଏ ଭାରତୀ ଦୂତ-ମତି ତୃପ୍ତି-ସୀମା ଟପାଇଲା ଅଛି । ପୁଚ୍ଛିଲେ । ୭୦ । ଏ ସର୍ବ ବିଲୋକ ହୋଇ ମହାଦୁଃଖୀ ବିଗ୍ଭରୁଥାନ୍ତି ଧୀର ନଳ । ‘ଏ ମୋ କପାଳକୁ ସର୍ବ ବିଫଳ । ହେଲା ନୋହିଲା ପ୍ରିୟାଲାଭ ଅଥବା ଦୌତ୍ୟ କରିବାର ଫଳ । କିଛିହିଁ’ । ଦମୟନ୍ତୀ-ବଦନଶଶଧର । ତହିଁ ବିଗ୍ଭଜି-ଥିବାର ରୁଚିର । ନୋହି ବିଦାର ନୃପତି ହୃଦପଦ୍ମ ଗଲା ସଙ୍କୋଚ କେବଳ ଏ ଦୁଃଖେ । ୭୧ । ଏକାଳେ କିଞ୍ଚିତ ସ୍ମିତ ବିକଶାଇ ଓଷ୍ଠଯୁଗଳ ଷାଳ ବାଳୀ । ବାର ନୟନ ଗ୍ଭଳି ଅଳି-ପାଳି । ସେ ସ୍ୱର୍ଗ-ସୁମନ-ମାଳି ଯେନ ଆଖିଣ୍ଡିଲେ ଲୁଅଇଁ ମଉଳି । ନୃପଜା । ଗିରି-ଗ୍ଭରୁଧୈର୍ଯ୍ୟ ଗିରି ଅଙ୍ଗୀକାର । ଗୁରୁ ଗାମ୍ଭୀର୍ଯ୍ୟ ନ ଟପାଇ ଗାର । ବୃଦ୍ଧ ଅନ୍ତକ-ଦୂତର ଗ୍ଭହିଁ ମୁଖ କଲା ବଚନ ପ୍ରଗ୍ଭର । ଏମନ୍ତ । ୭୨ ।

“ଆହେ ଦୂତ ଶ୍ରୁତି ଯେଉଁ ଦେବପତି-କୀର୍ତ୍ତି-କୀର୍ତ୍ତନେ ନୁହେ କ୍ଷମ । ତା ବର୍ଣ୍ଣନେ କରୁଛ କିପାଁ ଶ୍ରମ । ସେ ତ ଅନ୍ତର୍ଯ୍ୟାମୀ ତାଙ୍କୁ କି ଗୁପତ ହୋଇବ ମୋ ମନସ୍କାମ । ଚପଳେ । ତେବେ ତାଙ୍କ ସ୍ଥାନକୁ ମୋ ଉତ୍ତର । ପଠାଇବା ନୁହେ କି ବୃଥା ? ବାର । ଯେ ଯାହା ନ ଜାଣେ ତାକୁ ସିନା ତାହା ଜଣାଇଁଥାଏ ଉତ୍ତର । ଚତୁର । ୭୩ । ସେ ଅନରଣ୍ୟ ଆଦେଶେ ବାଳିଶ କେ ବା ‘ନ’ କାରକୁ ବସାଇ । ରସନାରେ ହୋଇବ ମହା ଦ୍ରୋହୀ । ପରଗ୍ରନ୍ଥ ଅଛି ମଉଳରେ ମାଳ ଭଳି ସେ ଆଜ୍ଞାକୁ ମୁହିଁ । ଚତୁର । ତାଙ୍କ ବିଗ୍ଭରେ ମୁଁହିଁ ତ ବାଳିଶ । ଏଣୁ ନ ଯେନମେଷ୍ଟି ମୋର ଦୋଷ । ଜଣାଇଁବାର ଯା ଅଛି ଜଣାଉଛି ମୋ ମନୋଗତ ବିଶେଷ । ଚତୁର । ୭୪ । ଯେଉଁ ପୂର୍ବତପ-ଫଳେ ଏହିରୂପ କଲି ବାସବ-କୃପା ଲାଭ । ଏଥୁଁ ବଳି ଅଧିକ ବଇଭବ ।—ପ୍ରାପ୍ତି-ଆଶା ହୃଦେ ହମାଦ ମୁଁ ଟେକି ନ ପାରେ ସେ ତପେ ଲୋଭ । ଚତୁର । ଏତ ଦ୍ୱିଭୁବସିଦ୍ଧ ଜୀବଙ୍କର । ଯା’ର ଫଳ ଯେମନ୍ତ ତୃପ୍ତି କର । ତା ଲାଭ ପାଇଁକି କରନ୍ତି ତେତିକି ସାଧନ କଠୋରତର ଚତୁର । ୭୫ । ମୋ ଚିତ୍ତ ତୋଷଣେ ଧର୍ମ ସମ୍ପୃନେ ଇନ୍ଦ୍ରେ ମୁଁ ସେବିବି ନିୟତ । ଏକା ସେ ଇନ୍ଦ୍ର ନୋହି ସୁରନାଥ । ହୋଇବେ କେବଳ ଏ ଭୂମଣ୍ଡଳର ମାନ ନରଙ୍କର ନାଥ । ଚତୁର । ଇନ୍ଦ୍ର—ଅଂଶାବତାର ତ ନୃପତି । ଏଣେ ନ ହୋଇବେକି ସେ ଭୂପତି । ନର-ଅମର-ଶରୀର-ଭେଦମାନେ ହେବ କିସ ତାଙ୍କ କ୍ଷତି । ଚତୁର ।୭୬ ସତୀ ପତିବ୍ରତ-ତରୁ-ବିନପାତ ପାଇଁକି ଶତକୋଟି-ବତ । ପୁରୁହୂତ-କୀର୍ତ୍ତି-ତତି ଗୁମ୍ଫିତ । ଯେଉଁ ଭାରତୀ ପ୍ରକାର କଲ ଦୂତ ଶୁଣିଲି ତାହା ସମସ୍ତ । ଚତୁର । ଆଉ ଏବେ ତ ନାହିଁ ମୋ ସାମର୍ଥ୍ୟ । ପୂର୍ବ ନଳେ ସମର୍ପିଅଛି ଚିତ୍ତ । ଅମର-ପକ୍ଷପାତ କେବେ ସମ୍ଭବ ନ ଥିଲା ମୋର କିଞ୍ଚିତ । ଚତୁର । ୭୭ । ଭାବନ୍ତି ନଳେ

Digitized by srujanika@gmail.com

ବିରହି ଅମରେ ବରଜି ଏଣୁ ଶଚୀପତି-। ଉପଦୀରକ-କୃପା ଏ ମୋ ପ୍ରତି । କରି ନ ପାରିବି ଜୀତମାନ ଲଭି ଖେଦ ମୋ ଚିତ୍ତରେ ଦୃଢ଼ । ତ୍ରିଷ୍ଟୁପ୍ । କରି ବିଚାର ସଂସାରସୁଖକୁ । ଦୂରେ ତେଜି ଯେ ମୁମୁକ୍ଷୁ ମୋକ୍ଷକୁ । ଅକାଙ୍କ୍ଷା-ରଖେ ଏ ସଂସାରି-ଜ-ସୁଖ ଲୋଭିଇପାରେ କି ତାକୁ ? ଚତୁର । ୭୮ । ଆଶ୍ରମ ଚତୁର-ମଧ୍ୟେ ଗାର୍ହସ୍ଥ୍ୟର ପ୍ରାଧାନ୍ୟ ଯେମନ୍ତେ ପ୍ରଖ୍ୟାତ । ବର୍ଷ ସମୂହେ ଭାରତ ତେମନ୍ତ । ବୋଲନ୍ତି ବିବୁଧେ ସେ ଭାରତବର୍ଷେ ହୋଇଅଛି ମୁହିଁ ଜାତ । ଚତୁର । ଏଥି ବହିବି ଗାର୍ହସ୍ଥ୍ୟ ଆଶ୍ରମେ । ପତିମତି ତୋଷିବି ଶୁଦ୍ଧପ୍ରେମେ । ବିମଳ ଶାଶ୍ୱତଧର୍ମର ସହିତ ଅର୍ଜିବି ଦ୍ରବ୍ୟ ଶର୍ମେ । ଚତୁର । ୭୯ । ସ୍ୱର୍ଗେ ଥିଲେ ଏକମାତ୍ର ସିନା ସୁଖ ଭୋଗୁଥିବି ଅନୁବରତ । ଧର୍ମାର୍ଜନେ ଉପାୟ ନ ଥିବତ । ଏଥି ଧର୍ମଶର୍ମ ବେନି ଯଥାକାମ ସାଧି ପାରିବି ନିଶ୍ଚିତ । ଚତୁର । ଯାଗେ ଏଥି ପାରିବି ତୋଷି ଦେବେ । ଏଣୁ ଏହାକୁ ତେଜି ସ୍ୱର୍ଗେ ଲଭେ । ଯିବାକୁ ନୁହେ ମୋ ଚିତ୍ତ; ଦୁଇ ତେଜି ଏକ ଭଜଇ କେ କେବେ । ଚତୁର । ୮୦ । ସ୍ୱର୍ଗୁଁ ଯେବେ କେହି ପ୍ରସ୍ଥାନ କରଇ ମର୍ତ୍ତ୍ୟେ ତ ସେ ନିଶ୍ଚେ ଆସିବ । ମର୍ତ୍ତ୍ୟୁଁ ଯେବେ କେ ଧାର୍ମିକ ଗମିବ । ସ୍ୱର୍ଗ ବିନା ଦୃଢ଼ ଭ୍ରଷ୍ଟ ଚିତ୍ତେ ଚନ୍ଦ୍ର ତାର ଆଉ କାହିଁ ପାବ । ଚତୁର । ମର୍ତ୍ତ୍ୟାମର୍ତ୍ତ୍ୟ ଏ ବେନିପୁର-ସ୍ଥିତି- । ପରିଣତି କି ବିଚାରିଲେ ମତି । ଅଦ୍ୟ ଭୁଲକୁ ପ୍ରାନ୍ତ ଦିଶେ ଶର୍କରା ସଙ୍ଗେ କଙ୍କର ମତି । ଚତୁର । ୮୧ । ଥିବ ଯା ସୁକୃତ ହେଲେ ଅସ୍ତଗତ ତାକୁ ସ୍ୱର୍ଗ ହୁଏ ପ୍ରାପତ । ଜୀଇ କେ ସ୍ୱର୍ଗେ ଯାଉଛି କହିତ । ଏଥୁ ସ୍ୱର୍ଗପ୍ରାପ୍ତି ହିତ ବା ଅହିତ କାହିଁ ବିଚାର ଭୁଞ୍ଜିତ । ଚତୁର । ଏଣୁଁ ଆପାତ-ସୁଖପ୍ରଦାୟକ, । ସ୍ୱର୍ଗ-କାମନା କରେ କେଉଁ ଲୋକ । କରିବେ ଅବା ପ୍ରତ୍ୟାଶା ସେମାନେ ତା ଯାହାଙ୍କ ନାହିଁ ବିବେକ । ଚତୁର" । ୮୨ । ଏମନ୍ତେ ଦୂତୀକି ଉତ୍ତର-ପ୍ରଦାନ ଅର୍ଦ୍ଧେ ରୋଧି ସମୀରଣ । ସହସ୍ରାକ୍ଷ-ପକ୍ଷରେ ସାବଧାନ । ବିବକ୍ଷା ବାତକମ୍ପିତ-ଓଷ୍ଠ-ଦଳ-ଶୋଭି ସଖୀ-ପଦ୍ମାନନ । ବିଲୋକି । ବୁଝି ଅକାର୍ଯ୍ୟୁଁ ତାହାଙ୍କ ଇଙ୍ଗିତ । ମୁଖ-ସୁଧାକରୁଁ ଗିର ଅମୃତ । ବିତରି ବୋଧୁଁ ଦୂତୀମୁଖପଙ୍କଜ ଗଲେ ହୋଇ ସଙ୍କୁଚିତ । ଚପଳେ ।୮୩। ଭାଷେ ରାଜପୁତ୍ରୀ, "ଶୁଣ ସଖୀ ତତ ଅନାଦିକାଳୁଁ ଜୀବଗଣ । ମାନି ଈଶ୍ୱର-ଅଦୃଷ୍ଟ-ଶାସନ । ନ ଦେଖି ଅପେକ୍ଷା ଅଛେ ଯାଉଛନ୍ତି ସାଧି ନିଜ କର୍ମମାନ । ସଂସାରେ । ଭୁମ୍ଭଙ୍କୁ ତ ନୂଆ ନୁହେ ଏକଥା । ତେବେ ପୁଚ୍ଛିବ ମୋତେ କିପାଁ ବୃଥା । ଅବଳା ମୁଁ ତ ଇନ୍ଦ୍ରିୟସାଧନକୁ ଭୁମ୍ଭ ହେବି କି ଶକତା । ସଙ୍ଗିନୀ ।୮୪। ଜାଣୁଛ ତ ଏ ଜଗତେ ସର୍ବ ଜୀବଜନ୍ତୁ ନିଯୁକ୍ତ-ବଶ ସହି । ତାହା ବିନା କେ ଶକ୍ୟ ନୁହଇ କାହିଁ । ଏଣୁ ବିବୁଧ ହେଲେହେଁ ଲୋକ ନିନ୍ଦ୍ୟ ଅବସ୍ଥା-ବିଶେଷେ ନୋହି । କଦାପି । ପୁଣି ଅଚେତନ ଅଟେ ନିଦ୍ଧୃତ । ଶୁଣିବି କି କେବେ ସେ କାର ଯୁକ୍ତି । ତେଣୁ ଏ ସ୍ଥଳେ ବାଣୀ-ବ୍ୟକ୍ତି ଲଭଇ ବକ୍ତା

Digitized by srujanika@gmail.com

ଏକା ମୁଖ-ଶାନ୍ତ । ସଙ୍ଗୀତ । ୮୫ । କୋମଳପଲ୍ଲବ-ଭୋଜନାଭିଳାଷୀ ମୃଗ ଉଷ୍ଟ୍ରଙ୍କୁ ଛାଡ଼ାକରେ । ତୀକ୍ଷ୍ଣକଣ୍ଟକେ ଯା ଉଦର ପୂରେ । ସେ ଦାସେରକ ପୁଣି ଯତ୍ନ ବସ୍ତୁର ହରଣକୁ ଛି ଛି କରେ । ସଙ୍ଗୀତ । ହେଉ କଣ୍ଟକ ବା ପତ୍ର କୋମଳ । ତହିଁ ହୁଦେତ ତୃପ୍ତି ସୁଫଳ । ଲଭନ୍ତି ଏଥି ମଧ୍ୟସ୍ଥ ଏକେ ଏକେ ଥାନେ ନାହାଁ ଅସାର । ସଙ୍ଗୀତ ।୮୬। ଅତି ରୁଚିର ହୋଇଲେହେଁ ଇନ୍ଦ୍ରର ସୁଗୁଣଗଣ ମୋ ବାଞ୍ଛିତ-। ନଜରେ କରି ନ ପାରେ ଅଧିକୃତ । ଏଣୁ ସେ ନରକୁ ବରିଜ ଅମର-ବରଣେ ନବଳେ ଚିତ୍ତ । ମୋହର । କରି ବସ୍ତୁର ଧର୍ମ ଅର୍ଥ କାମ । ମୁକ୍ତି ସହିତକୁ ନକେ ଏ ସମ । ତଥାପି ଏହିସ୍ତେ ବରିଜ ରହିଛି କହ କେ ଏ ଧର୍ମଧାମ । ସଙ୍ଗୀତ ।୮୭। ବୈଣ୍ଡୀର୍ଷରପୁଠାରୁ କାଷ୍ଠୟାଏ ସବେଁ ନିଜ ନିଜ ଇହିତ । ଲଭିକରି ହୁଅନ୍ତି କୃତକୃତ୍ୟ । କାମସିଦ୍ଧିରେ ସମସ୍ତଙ୍କ ସନ୍ତୋଷ ଯେନ ସମପରିମିତ । ସଙ୍ଗୀତ । ଯାହା ତୁମ୍ଭଙ୍କୁ ରୁଚୁଛି ସଙ୍ଗାତ । ତହି ମାନୁତ ନାହିଁ ମୋର ଚିତ୍ତ । ଭିନ୍ନରୁଚି ଲୋକ ତେଣୁ ସହିଁ ଏକ ତୁଷ୍ଟ ତା ଅନେ ଅହିତ । ସଜନ । ୮୮ । ବନ୍ଧୁର ପଥ-ସମ୍ମୁଖରେ ବିପଦ କୂପ ଥିବାର ଜାଣି-ଥିଲେ । ତା'ର ବନ୍ଧୁ ସେଥିବ ତାକୁ ଭଲେ । କିନ୍ତୁ ଏମନ୍ତ ବିଷୟେ ସୁବୁଦ୍ଧିର ଭାଷଣ ନ ଶୋଭେ ଭଲେ । ସଙ୍ଗୀତ । କା'ର ଅନନ୍ଦ କାହିଁରେ ହୋଇବ । ତା'ର ହେତୁ ଅନ କାହିଁ କହିବ । ସେ ସୁଖକାରଣ ତା'ଙ୍କୁ ସେନା ମନ ତା'ର ବୁଝାଇ ପାଉବ । ସଙ୍ଗୀ" ।୮୯। ଏମନ୍ତେ ପାଣ୍ଡିତ୍ୟବଳେ ପ୍ରତିପକ୍ଷଉକ୍ତିକ ମୁକ୍ତି ନ କରାଇ । ଯକ୍ଷ-ମୁଖ-ବନ୍ଧଶାଳେ ରଖାଇ । ସ୍ୱର୍ପତି-ଦୂତକ ଗୃହିଁ ପୁଣ ମହାମହେନ୍ଦ୍ର-ସୂତା ଭାଷଇ । ସୁଧୀରେ । ଜେମାଗିର-ଗୃତୁରରେ ଅମର ।-ଦୂତକାର ବିସ୍ମୟେ ଥରେ ଶିର । ଏବାଣୀ-ଶୁଣା ଶ୍ରବଣ ତା ମଣିଲ୍ଲ ଊଣା ବୋଲି ଗୁରୁଗିର । ସୁଧୀରେ । ୯୦ । ଭାଷେ ଜେମା, "ଜଳପତି-ଦୂତୀ ଅତଜବେ ଚଢ଼ି ଚିତ୍ତ ବାହନେ ।' ସ୍ୱାହା-ପତିଙ୍କ ଦୂତୀ ପବମାନେ । ସରିତପତି-ଅଧିପ-ଦୂତୀ ଭାଗୀରଥୀ ଅଶେଷ ବହନେ । ଚତୁର । ଅସଥିଲେ ଏ ସବେଁ ମୋର ପାଶେ । ପୂର୍ବ ନରେ ବରିବାରୁ ମାନସେ । ଯଥାର୍ଥ କଥା ବୁଝାଇ ଠିକେ ଏକେ ପେଷନ୍ତି ସ୍ୱବାସେ । ଦୂତିକା ।୯୧। ଇନ୍ଦ୍ରେ ପ୍ରସନ୍ନ କରାଇବାକୁ ମନ ମୋର ଯେବେ ଦୂତୀ ଭରସି । ପରକାଶ କରିବ ବାକ୍ୟରାଶି । ତେବେ ଯା ପାଇଁ ଏତେ କହ ତା' ପଦେ ହେବ ମୋ ଶପଥେ ଦୋଷୀ । ଏଣିକ । ଇନ୍ଦ୍ର-ସୁଗୁଣ କହ ଯାହା ମୋର । ସଶାପଣକୁ ହଂସଛି ଅପାର । ସେ ପାପ-ପ୍ରକ୍ଷାଳନକୁ ପାତିବ୍ରତ୍ୟ-ଧର୍ମ ସାହା ହେବ ମୋର । ଦୂତୀକା" । ୯୨ । ଏମନ୍ତ ଶପଥ ପ୍ରଦାନେ ବିରତ କରନ୍ତେ ଭାଷଣୁ ଦୂତୀକ । ତୁରିତ ସେ ବହ ଯତ-ଭୂତକ । ନୃପତି ପୁତ୍ରୀ-କଟରୁ ବସତିକ ସ୍ମରଣି କଲ୍ଲ ଗତିକ । ସୁଧୀରେ । ଏହା ଗୃହିଁ ନଳହୃଦେ ଜୀବନ । ପୁଣି ପାଲଟି କଲ୍ଲ ନିକେତନ । ମତ୍ତତା-ନାଶେ ପ୍ରମତ୍ତ-ହୃଦଦେଶେ ଯଥା ପ୍ରବେଶେ ଚେତନ ।

Digitized by srujanika@gmail.com

ସୁଧୀରେ । ୧୩ । ପୁରନ୍ଦରାଦ୍ଧ-ଦ୍ୱାରତପତିଙ୍କର କୃପା-ପ୍ରଭାବେ ଅନ୍ତର୍ହିତ । ହୋଇ ନୃପ ଶ୍ରବଣ-ପୁଟେ ଦୂତ । ଭୂପତି-ପୁତ୍ରୀ-ଅନୁରାଗ-ଭାରତୀ-ଜାତ-ଭାବମଧୁ ପ୍ରାପ୍ତ । ହୋଇଲେ । ଗଲେ ନିମଜ୍ଜି ପ୍ରମୋଦାନନ୍ଦରେ । ପାରିବ କେ ବର୍ଣ୍ଣି ସେ ଆନନ୍ଦରେ । ବାଞ୍ଛିତଲାଭେ ଏମନ୍ତ କୃତକୃତ୍ୟ ହୁଅନ୍ତି ସଂସାରେ ନରେ । ସୁଧୀରେ । ୧୪ । କବିରାଜ-ରାଜ-ମୁକୁଟ-ହୀରକ ହୀରତ ଭୁବନବିଖ୍ୟାତ । ତାଙ୍କ ପାଦସମ୍ପଦ ହର୍ଷଯୁକ୍ତ । ଯାହାର ରଚନାରୀତି କରେ ଚୂନା ଭାରତୀର ଭାବବ୍ରାତ । ସୁଧୀରେ । ତାର ପଦେ କରି ଅନୁସରଣ । ଗୀତ ରଚଇ ଗୋପୀନାଥ ହୀନ । କୋକିଳ-କଳସ୍ୱନକୁ ଅନୁକରି ବାଳେ କୂଜନ୍ତି ଯେସନ । ସୁଧୀରେ । ୧୫ ।

ସପ୍ତମ ଛାନ୍ଦ ।

ରାଗ—କଲ୍ୟାଣଆହାରି ।

ଶୁଣ ଧୀରବ୍ରାତ ପ୍ରେୟସୀ-ସାକ୍ଷାତ-ଆଳାପ-ଆଲିଙ୍ଗନ ଆଦି ।
ଲାଭ-ବିଷୟେ ମାନସେ ନୈଷଧେଶ ଯେତେ ଆଶା ଥିଲେ ସମ୍ପାଦି ।
କ୍ରମେ କ୍ରମେ ତ । ସେ ବଢ଼ୁଥିଲା ତଳେ ତଳେ ।
ଏବେ ପ୍ରିୟା-ଦରଶନେ ସେ ଆଶାକୁ ପୂର୍ଣ୍ଣପ୍ରାୟ ନୃପ ମଣିଲେ । ୧ ।
ପ୍ରଥମେ ପ୍ରେୟସୀ-ପ୍ରତି-ଅବୟବେ ଗଲା ରସି ନୃପନୟନ ।
ସେ ଦର୍ଶନ-ଜନ୍ୟ-ସୁଖସରସ୍ୱାନ-ମଧ୍ୟେ ନିମଜ୍ଜିଲା ବହନ ।
ତହୁଁ ଆନନ୍ଦ ।—ସମ୍ଭବ ଲୋତକ-ସ୍ରୋତରେ ।
ଗଲା ଭାସି ବଳେ ଈଷତ ବଗୃର ନୈଷଧପତି-ବାରତରେ । ୨ ।

ପ୍ରଥମେ ସେ ନିରୁପମାର ବେମାଗ୍ର ଦରଶନ କରି ଭୂପତି । ଲଭି ଥିଲେତ ଅନନ୍ୟ-ସାଧାରଣ ବ୍ରହ୍ମାନନ୍ଦ-ଭବ-ଦ୍ୟୁପତି । ପରେ ସମଗ୍ର ।—ଅଙ୍ଗେ ନୟନ ଯାଉ ପଡ଼ି । ଅବିସମ୍ବାଦି ଅଦ୍ୱିତୀୟ ମଦନାନନ୍ଦେ ମାନସ ଗଲା ବୁଡ଼ି । ୩ । ପ୍ରେୟସୀ-ପୀୟୂଷ ଦୀଧିତି-ବଦନ-ପ୍ରଭା-ପରବଶେ ଭୂପତିର । ସ୍ନେହ-ସାଗର ଉଚ୍ଛୁଳି ଦୌତ୍ୟବିଧି-ବେଳା ବଳିବାକୁ ଚଞ୍ଚଳ । ହେଉଁ, ତା ଦେଖି । ଉଚ୍ଚ-କୁଚଯୁଗେ ବାଳର । ଅଣ୍ଟିଲେ ନୃପ ନୟନେ ବିଗ୍ରହକୁ ଏଥିକି ଆସିବ କି ଜଳ । ୪ । ପ୍ରିୟାମୁଖ-ସୁଧାକରେ ପଡି କିବା ନୃପନୟନେ ଗଲେ ବୁଡ଼ି । ଅବା କୁଚଯୁଗ ମଧ୍ୟେ ଲାଗି କିବା ତାହା ନ ପାରୁଥିଲେ ଛାଡି । ପଡି ଯିବାର । ଭୟେ ଅଥବା ଧୀରେ ଧୀରେ । ଅକଟେ କୁଶ-କଣ୍ଟକ ଯାକ ଯାକ

Digitized by srujanika@gmail.com

ଓଷ୍ଠାଉଥିଲେ ସେ ସମୟରେ । ୫ । ନୃପନନ୍ଦନ ଅବଳାଅବୟବ-ଅୟୁତେ ଥିଲେ ପାଞ୍ଚ ହୋଇ । ଭ୍ରମି ଭ୍ରମି ଦଳାମୃଗମଦବୋଲା କଳା କୁଚଯୁଗଳ ପାଇ । କଳାବର୍ଣ୍ଣରୁ । କଳ ନ ପାର କ ପଦବ । ପାଉଥିଲେ ଶୋଭା ତା ନଉପାଶରେ କରୁ ଭ୍ରମଣ ଦବ ଦବ । ୬ । ଚକ୍ଷୁ-ପ୍ରତମ ବର୍ତ୍ତୁଳ ମନୋରମ ସେ ନିତମ୍ବିନୀର ନିତମ୍ବେ । ରଙ୍ଗେ ବନ୍ଧରୁ ବନ୍ଧରୁ ଉର୍ବିଧବ-ନୟନବେନ୍ଦ ଅବଲମ୍ବେ । ହେଉ ପତତ । ତେଜବ୍ୟାଜେ କର ଚଢ଼ାଇ । ପକାଇ ଧର ଉରୁରମ୍ଭାତରୁକୁ ହୋଇଲେ ଅସ୍ତ ଯାଇ ତହିଁ । ୭ । ଅହେ ରେ ବରାଙ୍ଗି ! ବସନ ଏକାନେକ ନେଇ ନୁହଇ କିକ ମୁହିଁ ? । କର କୃପା ବକ୍ଷ-ଜାତମ୍ ହରୁ ତୋ ମୋରେ ଅବର ଗୃହମୁହିଁ । ଗୃହୁଁ ଭାରତ । ଏମନ୍ତ ଭାଷି କି ଭୂଭୃତ ।-ନେଇ ଯଜଚନ୍ଦ୍ର-ମୋହନୀ-ନବୀନା-ପଦ୍ମରେ କଲେ ପ୍ରଣିପାତ । ୮ । ତଦନ୍ତରେ ଧରାବର-ପୁରନ୍ଦର ନୈଷଧେଶ୍ୱର ସେ ସ୍ଥଳରେ । ସଙ୍ଗିନୀଯଙ୍ଗ ହେମାଙ୍ଗୀ ବରାଙ୍ଗିଙ୍କ ବଚର ଉତ୍ତାର-ଛଳେ । ନିଜ ନୟନେ । ଆନନ୍ଦ-ବାଷ୍ପରେ ଚଣ୍ଡ । ନିମଜ୍ଜାଇ ଅନ୍ତଃସ୍ୱରେ ଜଳପୁଥାନ୍ତ ମନେ ମନେ ଏମନ୍ତ । ୯ । ମାର ଅବା ମୋର-ବାଞ୍ଛା ଯେବେ ସୁରଜଂଷ୍ଟ-ପଦ ପାଇଥାଆନ୍ତା । ତେବେ ଏ ଅଣ୍ଟର୍ଯ୍ୟ ଅନବଦ୍ୟମାୟ ରୂପ ବା ସମ୍ଭବ ହୁଅନ୍ତା । ଅବା ଏ ଛବ । କଳ୍ପବେଳକୁ କଳପଣା । ଅମଳ ହେଲେହେଁ ମାର ମରଥାନ୍ତା ମୁଁ ନର ମୋର କ ଚିହ୍ନଣା । ୧୦ । ପୁଣି ବଚ୍ଛବନ୍ତ ଭୂଭୃତସ୍ୱତାନ ଏ ଯୋଷିତବର ନୟତ । ତୁଙ୍ଗ-ନିବଦ୍ଧ-ପୟୋଧର-ପ୍ରସାଦେ ଲାବଣ୍ୟ ରସେ ପ୍ରପୂରତ । ହୋଇଅଛି ଏ । ଏ ଯୋଗୁଁ ସୁର-ତରଙ୍ଗିଣୀ । ବୋଇଲେ ଏହାକୁ କି ହାନି ? ସ୍ୱର୍ଗେ କି ନାହାନ୍ତି ପରବତେ ପୁଣି ! । ୧୧ । ଅଙ୍ଗନା-ଅଙ୍ଗ ନିର୍ମାଣ-ଅନ-ନବଦ୍ୟା କାହିଁ କାମ ଶିଖିଛି । ପ୍ରତ୍ୟେକ ଅଙ୍ଗ-ପ୍ରତ୍ୟଙ୍ଗରେ ଏହାର ତେଣୁ ଉଚ୍ଛୁଳ ପଡୁଅଛି । ଶୋଭା-ସମ୍ପଦ । ସୀମାକୁ ନ ମାନି କାହ୍ନିତ । ଧନ୍ୟ ମୋତେ ଯା' ଏ ଅଦ୍ଭୁତ-ଦେହାର ଦର୍ଶନେ ନ ହେଲି ବଞ୍ଚିତ । ୧୨ । ଏ ମୂର୍ତ୍ତିରଚନେ ବରୁଛି ମନେ ଚତୁରାନନ ଭଲ କଲା । କମ୍ରସରତର କମ୍ବାଳ-ଜାଳରୁ କୋମଳ ସାର ଘେନ-ଗଲା । ତହିଁ ଗଢ଼ିଲା । ଅଷ୍ଟ ନୟନକୁ ନିବେଶି । କାମଳେ କୋମଳ ମିଳି ଅଙ୍ଗେ-ଅଙ୍ଗ-ମେଳଚଣ୍ଡୁ ଅନ୍ତ ନ ଦିଶି । ୧୩ । ଏ ବରାଙ୍ଗୀ ଅଙ୍ଗ ପ୍ରତ୍ୟଙ୍ଗକୁ ସଙ୍ଗ-ଭଳ ବହୁଦ୍ରବ୍ୟ ଅଛନ୍ତି । କେତେ ଗୁଣରେ ସେ ସମ ହୋଇଲେହେଁ କେତେକ ଗୁଣେ ହାରିଥାନ୍ତି । ଏଣୁ ଏ ଦ୍ରବ୍ୟ । ଯସ୍ୱଏ ଏ ଅଙ୍ଗ ଏହାର । ବୋଲୁଁ ବୃଥା ବେ ଦ୍ରବ୍ୟେ ନିନ୍ଦ ହୁଅନ୍ତି ହୁଏ ଅପମାନ ଅଙ୍ଗର । ୧୪ । ରମ୍ଭା ଉର୍ବଶୀ ମେନକା ଆଦି ଶୋଭା-ସମ୍ଭାର-ସୀମା ବାମା ଗଢ଼ି । ହସ୍ତ ଅଭ୍ୟସ୍ତ କରୁ ଧାତା ଏ ମୂରତି ରଚନେ ଯାଇଥିଲା ଜଡ଼ି । ତହିଁ ଏଣିକ । ରଚନ ଯେତେ ବରବାଳୀ । ତାଙ୍କ ଜନତା ଯୋଗୁଁ ଏହା ପ୍ରଶଂସା ସଂସାରେ ପ୍ରସରିବା ଭଳି । ୧୫ । ଉପମା-ଯୋଗ୍ୟ ପଦାର୍ଥେ ହାରୁ-

Digitized by srujanika@gmail.com

ଲେହେଁ ଏହା ଅଙ୍ଗକୁ ନାନାଭାବେ । ପଦ୍ମଜନ୍ମ-ଜାତ ବିମର୍ଷ ଭାବିତ ନ ଥିବେ ତାଙ୍କ-
ତହିଁ ଲବେ । ଯେଣୁ ସେ ଅଙ୍ଗ। ଭୁଲେ ଏହାକୁ ସମ କରି । ଅବିବେକ କିବ ଦେଇ-
ଥାଏ ବନ୍ଧୁ ଗୌରବ ନିଜେ ଯାଚି କରି । ୧୬ । ଏହାକୁ ଦେଖିଲେ ମୋହ ନୋହି
କେହି ରହି ନ ପାରନ୍ତି ଏମନ୍ତେ । ବିଗ୍ରହ କି ଦୋଷେ ଏ ଯୋଷାବରକୁ ଛାଡି
ପଳାଇଲେ ହିଟନ୍ତେ ? । ଅନ ଯୋଷିତେ । ଗୁଣ ଥାଏ ମିଶି ଦୋଷରେ । ଦୋଷ ତ
ଯାଇଛି ଗୁଣ ମାତ୍ର ବାଛି ହୋଇ ଅଛି ଏହା ପାଶରେ । ୧୭ । ପଙ୍କଜ-କୋଷକୁ
ଘୃଣାରେ ବରଜ ଯାହା ବାଳାଅଙ୍ଗ ଦେଇଛି । ତହିଁକି ତା' କର୍କଶପଣ କାରଣ ନିର-
ନିବାସ ନୁହେ କିଛି । ଧୂଳି-ଧୂସର- । ଯୋଗୁଁ ଏକା ସ୍ୱର୍ଣ୍ଣିରମ୍ଭେକେ । ଛି ଛି ଯା'
କରେ ଅଙ୍ଗ ତା' କିଛି ନୁହେ ଅବୃତ ହେବାର କଣ୍ଟକ । ୧୮ । ଲଭିବାକୁ ଏ
ବାଳିକା ବଳାଗତ ବଳାଇଛନ୍ତି ତ ମାନସ । ଅନ ସେନସିବା ଭୟରେ ମଧ୍ୟବା
ତେଣୁ ନିଜକର-କ୍ୱଳଣ । ପେଷି ଅଛନ୍ତି । ସେ ବଜ୍ର ଅଳଙ୍କାରେ ଶୋହେ । ରତ୍ନ-
ଭୂଷିତ-ଭୂଷାର ପ୍ରଭାପୂର ତାଙ୍କର ଶରାସନ କିଏ ?। ୧୯ । ପକ୍ଷରେ ଅସଂଖ୍ୟ-ନକ୍ଷତ୍ର-
ନାୟକ ବହିଛି ଯେ ବରଷାପୁଞ୍ଜ । ଏ ବାଳର କେଶକଳାପ-ତୁଲକୁ ଅଟେ ତ ସେ
କଳାପ ତୁଚ୍ଛ । ତେଣୁ ଏ କେଶ । ଏକ ଶଶାଙ୍କର ସମାନ । ବଦନ ଉପରେ ସଦନ-
କରିବା ନୁହେ ଅଶୋଭା କଦାଚନ । ୨୦ । ହାର ସମରେ ମୁଖଶଶି ସଙ୍ଗତେ ପୂରତେ
ଅବା ପାରୁଶରେ । ରହି ନ ପାରି ଭଙ୍ଗ ବହି ତାମସ କେଶପାଶ-ଛଳେ ପଛରେ ।
ବନ୍ଧ' ହୋଇଣ । ରହିଛି ଅବା ଏତ ବାଳ । ଚପଳପଣୁଁ କୃଷ୍ଣବର୍ଣ୍ଣିଁ ଯଶୋଦା-ହିହାସି
ବାନ୍ଧିଛି ତତ୍କାଳ । ୨୧ । ଏ ବାଳିର ବାଳ-କଳାପ କଳାପୀ-କଳାପ ବେନି ବାଦ-
କରି । ଉଚଳିଚ ନିଷ୍ପତ୍ତିକୁ ଚତୁରସ୍ୟ ପାଶେ ଯାଇ କରୁ ଗୁହାରି । ଦେଲା ଉତ୍ତର ।
ବର୍ହେ ସେ ଅର୍ଦ୍ଧଚନ୍ଦ୍ର ଦେଇ । ଏହାକୁ ପୃଚ୍ଛି ସୁମନେ ସୁମନସେ ସେ ଏବେ ଏଥି ଅଛି
ରହି । ୨୨ । କେଶ-ନୈଶ-ଅକାଶର ଅଙ୍କଦେଶେ ଲଲାଟ-ପଟ ଅର୍ଦ୍ଧଶଶୀ ।
ବିକଶାଇ ଯୋଷା ରତନ ଯାଉଛି ଅଷ୍ଟମୀନିଶୀ ସମ ଦିଶି । ପାଇ ଏହାକୁ । ସହାସ୍ୟ
କୁସୁମଶାୟକ । ଲୋକନୟ-ଜୟ-ସିଦ୍ଧିକି ନିଶ୍ଚୟ ମଣିବ ନିଶ୍ଚିତ ମାନବକ । ୨୩ ।
କାମଦହନ-ସମୟରେ କୁସୁମ-କାର୍ମୁକ-କେଶର-ନିକର । କୃଷ୍ଣବର୍ଣ୍ଣ-କର-ପରଶରେ
କୃଷ୍ଣପ୍ରାପ୍ତି ଲଭିଥିଲା ମାତର । ତାକୁ ମହେଶ । ଗୃହିଁ ଷୋଧେ କରୁ ଦ୍ୱିଖଣ୍ଡ ।
ତହିଁ ବିରଞ୍ଚି ନିଶ୍ଚୟ ରଚିଛି ଏ ରମ୍ଭୋରୁର ଭ୍ରୂଦଣ୍ଡ । ୨୪ । ଏକେ ପୁଷ୍ପ ପୁଣି
ଦ୍ୱିଖଣ୍ଡ ଦହନ ହୋଇ ଏ କାମର କାର୍ମୁକ । ହରବରେ ତହି ଏ ଜନ୍ମେ ମଣ୍ଡିଛି
ଏ ବାଳୀ-ଲଲାଟ-ଫଳକ । ଗତୁଁ ବହୁତ । ଗୁଣେ ହୋଇଛି ସାରବନ୍ତ । ଯା'ର
କଣ୍ଠିତ କୁଣ୍ଠିତ ହେବା ଗୃହିଁ ଚମକିଯାଏ ଲୋକଚକ୍ଷୁ । ୨୫ । ବାମଦେବ-କୋପେ
ଦଗ୍ଧ କାମରୂପ ବାଳୀମୁଖଚନ୍ଦ୍ର ବର୍ଜିତ । କଳଙ୍କରେଖା ଏ ଦୁହେଁ ସଖାହୋଇ

Digitized by srujanika@gmail.com

ପନର୍ଜନ୍ମେ ହେଲେ ବ୍ୟାକୁଳ । ଭ୍ରୂଭାବରେ । ଅବଳା-ଲଜ୍ଜା-ପଟରେ । ବାଳ-ଭାବ-
ବଶେ ଚାପଲ୍ୟ ମାନନ୍ତି ଅତି ଚମତ୍କାର ବେଶରେ । ୨୬ । ଶରଦିନ୍ଦୁରେ ଜଗତ-
ଜୟୀକୁ ନୟନ କରି କଷ୍ଟରରେ । ଏ ଅଳକା ବାଣଯୁଗେ ପ୍ରୟୋଜନ କିସ ବୋଲି
ଚନ୍ଦ୍ର ଚକ୍ରରେ । ରଞ୍ଜନାସ୍ତକ । ପଦ୍ମୋତ୍ପଳ ବେଣୀ ମାର୍ଗଣେ । ଏ ନବନବୀନା-ନୟନେ
ଯତନେ ଥୋଇଲାପ୍ରାୟ ମଦନେ ମଣେ । ୨୭ । ଯେଉଁ ଚାପଯଷ୍ଟି-ମଧ୍ୟେ କାମ-
ମୁଷ୍ଟି ପଡଥାଇ ଅବିରତରେ । ସେ ଏବେ ଏ ମୂର୍ତ୍ତି ବହୁ ଶୋଭିଲାଣି ଭ୍ରୂଲତା-ସୃଷ୍ଟି-
ସୀମନ୍ତରେ । ପୂର୍ବ ସ୍ୱଭାବ । ଅତଏବ ହେଲେହେଁ ନ ତେଜଇ । କଟାକ୍ଷ-ବିଶିଖବୃଷ୍ଟି
ସୃଷ୍ଟି କରୁଅଛି ଏ ମୋର ମୋହପାଇଁ । ୨୮ । ଈଷତ-ଚଞ୍ଚଳ ଅତ୍ୟନ୍ତ ଉଜ୍ଜ୍ୱଳ
କଳାକରବତ ଧବଳ । ନୟନ-ଯୁଗଳ କୋଳେ ଲଗାଇଛି ଇନ୍ଦ୍ର-ନୀଳଗୁଳିଯୁଗଳ ।
ଖେଳ କରନ୍ତେ । ପକ୍ଷ ତାଙ୍କୁ ପୁଣି ଜଗିଛି । ଦେବାକୁ ଉପମା ତାହାକୁ ତା ବିନା
ଆନ ତ ସମ ନ ଦିଶୁଛି । ୨୯ । ନୟନ ଶୋଭାକୁ ହାରି କର୍ଣ୍ଣପାଶେ ଉତ୍ପଳ
ହୋଇଛି ବନ୍ଧନ । ଏମନ୍ତ-ନୟନ କଥା ଥାଉ ପଛେ ଏ ଉତ୍ପଳବନ୍ତ ବଦନ । ଯେବେ
କୁରଙ୍ଗୀ । ଲଭନ୍ତା ପୂର୍ବଭାଗ୍ୟବଳେ । ତେବେ କି ବରଜ ନଦେଇ ରଖନ୍ତା
ତା ନିଜନୟନ ଯୁଗଳେ । ୩୦ । ମୋଗ୍ଧ୍ୟର ଧ୍ୱଜକୁ ଉତ୍ତାର ଉତ୍ତାର ମଞ୍ଜିକୁ ଧ୍ୟେନ
କଞ୍ଜାସନ । ଏ ନବଲଲନା-ନୟନ-ଯୁଗଳ ଯତ୍ନେ କରଛି ନିରମାଣ । ନୀଳୋ-
ତ୍ପଳର । ବାହାବଦଳ ଦେଇ ଫେଇ । ଗାଢ଼ ନୀଳଅଂଶେ ଗୁଳିକା-ଯୁଗଳ କରି
ଏଥିରେ ଅଛି ଥୋଇ । ୩୧ । ଏ ନେତ୍ରଯୁଗ-ବିରଚନେ ବିରଞ୍ଚି ନିଷ୍ଟୟ ବହୁଶ୍ରମ
କଲା । ଉତ୍ପଳ-ଚକୋର-କୁରଙ୍ଗ-ନୟନେ ପରୁଷୁଁ ନିମେଷ ଖଞ୍ଜିଲା । ତାଙ୍କର
ନିପାତ-। ବସ୍ତୁଁ ପେଷଣୁଁ ତହୁଁ ସ୍ରୁତ- । ସାରଭାଗେ ନିଜଗୃତୁଷି ମିଶାଇ କଲା ଏ
ନେତ୍ରକୁ ନିର୍ମିତ । ୩୨ । ଶୋଭାରେ ନିଜ-ନୟନର ଊନତା ଜାଣି ହରିଣୀ ଏ
ରମଣୀ—। ନେତ୍ରର ଶୁଶ୍ରୂଷା ଥିଲା ଋଣକରି ତେଣୁ ଅଥୟ ଭୟେ ପୁଣି । ସଦାହୁଏ
ଏ । ଏହା ତହୁଁ ଏ ନାଶିବର । ମୂଳ କଳାନ୍ତର କରଛି ଆଦାୟ ବଳେ ବା ହୁଏ ଏ
ବିଗ୍ରହ । ୩୩ । ସ୍ୱଭାବ-ଚପଳ ଖେଳନବିଲୋଳ ଅବଳା-ନୟନଯୁଗଳ । ନୋହି
ମିଳିତ ପରସ୍ପରେ ବିଚ୍ୟୁତ ହୋଇଥାନ୍ତେ କି ଏତେକାଳ । ଏକା ଏଭଳ । ଭିନ୍ନ
ଚଟେ ଅଛି ତାଙ୍କର । କଲାବେଳେ ଗତ ପୂର୍ବଭୀର-ଶ୍ରୁତି-କୂପେ ପତନ ଲଭିବାର ।୩୪।
ପୁଣ୍ୟପ୍ରଭାବେ ଉତ୍ତମ-ପଦଲାଭେ କମଳନୀ ଲୋଭ ବଳାଇ । କେଦାରକୁ ଅନୁସରଣ
ଶିଶିର ଆଗମେ ଥିଲା ତନୁ ଦାହ । ସେହି ସୁକୃତ- । ପ୍ରଭାବେ ତା ଫୁଲ୍ଲ ପ୍ରସୂନ ।
ଏ ନୃପସୁତା-ନେତ୍ର ହେଲା ରହିଲା କଳକା ଚକୋରନନ୍ଦନ । ୩୫ । ଜଗତଜୟୁ-
ଜୟୀକୁ ଶରଜୟ ସଂଚିତ ମନୋଭବର । ବାକି ବେଣଶର ଅଛି ନାଶା-ତିଳ-ଫୁଲ-
ଶରଧାନୀ-ମଧ୍ୟରେ । ତେଣୁ ବାଳୀର । ନିଶ୍ୱାସ-ପବନ ସୁମନ-। ବାସେ ବାସିତ ହୋଇ

Digitized by srujanika@gmail.com

ଥିବି ତୋଷଇ ପାରୁଣେ ଥିବା ଜନମନ । ୩୬ । ଅସ୍ୟ-ପୀୟୂଷକରର ସଙ୍ଗେ ସଙ୍ଗେ ଏ ବନ୍ଧୁକବନ୍ଧୁ ଅଧର । ଲଭି ପ୍ରକାଶ ପରକାଶି ନିଜର ଲୋହିତ-ବରନ ରୁଚିର । ଚନ୍ଦ୍ରାତଙ୍କ । ନିଜକୁ ଦରଶକ ଲୋକେ । ଶଇଶବ ଯଉବନ ଏ ବେନିର ମୁଁ ସନ୍ଧ୍ୟାକାଳ ବୋଲି ଚିନ୍ତିଲେ । ୩୭ । ମୁଖଇନ୍ଦୁ ତଳ ଏ ଓଷ୍ଠଯୁଗଳ ସୁଧାସିକ୍ତ-ଧସ୍ମ-ସମ୍ଭୂତ । ବେନି-ବିମ୍ବବତ ଦିଶଇ ନିଯୁକ୍ତ ଦ୍ରୁମଗହଳେ ଶୋଭେ ଯେତ । ଏତ ସର୍ବଦା । ବିଦ୍ରୁମସ୍ଥଳେ ବିରାଜଇ । ଏଣୁ ଓଷ୍ଠତୁଲେ ବିମ୍ବକୁ ତୁଳିଲେ ଓଷ୍ଠର ଅପ-ମାନ ହୋଇ । ୩୮ । ଅତିରକ୍ତ-ବର୍ଣ୍ଣ ହେଉଛି ପ୍ରତୀତ ଏ ଓଷ୍ଠ ଏକା ବିମ୍ବହେବ । ଫଳକୁ ବିମ୍ବ ଏ ଓଷ୍ଠକୁ ଅଧର ବୋଇଲେ ଅବା କଯଲାଭ । ଓଷ୍ଠ-ତୁଲକୁ । ଏ ବିମ୍ବ ତ ସଦାଅଧର । ତାକୁ ଏହାର ଏହାକୁ ନାମେ ତାର ତାକନ୍ତ ନ-ଜାଣିବା ନର । ୩୯ । କପାଇଁ ଅଧର-ଓଷ୍ଠର ମଧ୍ୟର ବେନିପାଶ ଅଳ୍ପ ଫୁଲିଛି । ସ୍ୱପନରେ ତ ମୁଁ ଏ ନବନବୀନା-ଶ୍ରୀଅଙ୍ଗ-ସଙ୍ଗମ ଲଭିଛି । ତେତେବେଳେ ବା । ଭ୍ରୋଳହୋଇ କାମ ମଦରେ । ଭିଅଇ ନାହିଁତ ନିର୍ଦ୍ଦୟଦଶନ-ଘାତେ ଏ ମହା ଅପ୍ରାଧରେ ? ।୪୦। ବିଦ୍ୟୁତ ବିଦର୍ଭେଶ-ସୁତା-ବଦନେ ନିବତ କରୁଛି ନର୍ତ୍ତନ । ତା ସଖ୍ୟା ପ୍ରଘାତ କରିବାକୁ ଚନ୍ଦ୍ର-ବଳାଇ ଚତୁର-ବଦନ । ଗାର ରଦନ-। ଛଳେ ପକାଇ ଦେଇଛି କି ? । ନ ଥିବାରୁ ଅନ କାର୍ଯ୍ୟ ସେନା ତା'ର ହୋଇଲା ଏଥି କଉତୁକା । ୪୧ । କ୍ଷଣଦାର ଶେଷ-କ୍ଷଣେ ସ୍ୱପ୍ନାବେଶେ ଥିଲି ଏ ପଙ୍କଜମୁଖୀର । ଅଧରସୁଧା ତ ଚୁମ୍ବିଥିଲି ଲାଗୁଥିଲା ଅମୃତରୁ ମଧୁର । ଏତେବେଳକୁ । ସେହି ଅଧରୁ କେହି ପୁଣ । ହର ପଡ଼ୁଛି ଲାବଣ୍ୟରସ ଏତେ ବାର ନ ପାରୁଛି କାରଣ । ୪୨ । ଏ ମନ୍ଦହାସରୁ ସହସ୍ର-ଅଂଶରୁ ଅଂଶେ କୃପାକର ବିତରେ—। ଥିଲେ ବିମ୍ବାଧର ତାକୁ ଶଣଧାଣ୍ଟି ବନ୍ଦନ୍ତା ନିରମାଲ୍ୟ ସର । ସେହି ଟିକାକ । ଝୋପା ଝୋପା କରି ନିଜର । କୌମୁଦିମାନଙ୍କ ମସ୍ତକେ ଲଗାଇ ଦିଅନ୍ତା ଟିକା ଦରକାର । ୪୩ । ମୁଖତ ସୁଧାମୟୂଖକୁ ବଳଇଛି ଏଣୁ ତା କାନ୍ତିକ ଏହାର । ଜ୍ୟୋତି ଅତିଘନ ସ୍ରବୁଛି ସେ ପୁଣ ଏକର ପଛକୁ ଅପର । ବିମ୍ବକ୍ରମରେ । ସେହି ବିନ୍ଦୁବୃନ୍ଦ ଅଧରେ । ପଡ଼ି ଅଧିଷ୍ଠିତ୍ୱ-ଭାବେ ରହି କେହି ଦଶନନାମକୁ ବହିଲେ ।୪୪। ବିଚ୍ଛେଦ-ତାପ-ଜାତ-ମୂର୍ଚ୍ଛା-ଶର୍ବରୀ ଅସଂଖ୍ୟକୁ ଏବେ ମୋ ପାହି । ପ୍ରାତସନ୍ଧ୍ୟାବତ ଏ ବରଯୋଷିତ-ଦର୍ଶନ ଗଲା ଲାଭ ହୋଇ । ଇନ୍ଦୁ ଦର୍ଶ୍ୟ ତ । ବିଗ ହୋଇଅଛି ପ୍ରକାଶ । ରଦ-ବ୍ୟାଜ-ଦ୍ୱିଜସମାଜ ତ ଲାଗିଅଛନ୍ତି ସେବାରେ ବିଶେଷ ।୪୫। ଦ୍ୱିଜ-ସମାଜର ମଧ୍ୟେ ସମ୍ମୁଖର ଏ ଚତୁର ଦ୍ୱିଜ ପ୍ରଧାନ । ବିଗାଢ ବରଜ ସାତ୍ତ୍ୱିକ ସରଜ ଥିବାରୁ ଦ୍ୱିଜରାଜ ନାମ । ସାଜେ ଏହାକୁ । ଏଣୁ ବିଚାରଇ ଏ କଥା । ଅଶ୍ୱେତକ ତେଜ ସୁକୃତ ଅରଜ ବୋଲାଇ ଛନ୍ତି ଏ ମୁକୁତା । ୪୬ । କମଳ-କୋଷରୁ କୋମଳ ଲଳିତ-କଳେବର ଏ ଅବଳାର ।

Digitized by srujanika@gmail.com

ହରିଣ ମାର୍ଦ୍ଦବ-ବଚନ-ପାଣ୍ଡବ କରି କରଗତ ନିଜର । ପରେ ଏହାର । ବଦନେ ବଚନ-ରଚନ । କରନ୍ତି ନୋହିଲେ ନାହିଁ କାହିଁପାଇଁ କୋମଳେ ଏହାକୁ ସମାନ । ପିକେ ତରୁଫଳେ ତୋଷନ୍ତି ଉଦର ଏହା ମର୍ମ ଏବେ ହେଜିଲି । ସେତ ସହଜେ ଦ୍ୱିଜ ବାଳାମୁଖଗତ ଦ୍ୱିଜରାଜ ନିଶ୍ଚେ ବୁଝିଲି । ଏହା ମୁଖରୁ । ପ୍ରସରିବା ଗିର କାମର । ଉପନିଷଦ ତ ଅଟେ ତା ଶିକ୍ଷିବା ପାଇଁ ଏ ବ୍ରତ ଏହାଙ୍କର ।୪୮। ପଦ୍ମଅଙ୍କେ ସଦ୍ମ କରିବାରୁ ପଦ୍ମାଳୟା ସପତ୍ନୀ ବୋଲାଇଲା । ଏ କଥା ଚିନ୍ତି ଚିତ୍ତରେ ସରସ୍ୱତୀ ଅତି ଅଭିମାନ ବହିଲା । ସରସିଜରୁ । ଗୁରୁତାରେ ଅତି ଅଧିକ । ଏ ରମ୍ଭୋରୁର ଆସ୍ୟରେ ବାସ କରି ପରକାଶୁଛି ନିଜ ଟେକ । ୪୯ । କଣ୍ଠଦେଶେ ବାଣୀ ବୀଣାଗୁଣ ଛାଣି ବସି ବଜାଉଅଛି ରଙ୍ଗେ । ସେ ମଧୁନିକ୍ୱଣ ବାହାର ବଦନ-ପଥେ ଚୋରୁଛି ଶ୍ରୋତାବର୍ଗେ । ସେହି ସ୍ୱନକୁ । ବାଳା ଭାଷେ ବୋଲି ବୋଲନ୍ତି । କଣ୍ଠ-ମଧ୍ୟ-କଥା ଦିଶିବ କି କେବେ ? ଯେଣୁ ମରମ ନ ଜାଣନ୍ତି ।୫୦। ଚତୁର୍ଭୁଜ ଅଷ୍ଟନେତ୍ର ପଞ୍ଚମନ ସମ୍ପୂର୍ଣ୍ଣେ ଲଗାଇ ବିରଞ୍ଚି । ବସି ବସି ଅନଳସୀ ହୋଇ ମଦାଳସୀ-ବଦନ ଅଛି ରଚି । ସାର ନିର୍ମାଣ । ଭୁଜେ ଟେକି ଧରି ଗୃହାନ୍ତେ । ଅଙ୍ଗୁଷ୍ଠ-ଛିପ-ଗୃଧ ବସି ଲସିଲା ଚିବୁକ ମଧ୍ୟ କି କଂଚତେ ।୫୧। ସଂହିକାସୁତ-ଭୀତିରେ ବ୍ୟତିବ୍ୟସ୍ତ ହୋଇଣ ଅତି ତାରାପତି । ଏ ଯୁବତୀ-ମୁଖେ ସ୍ଥିତି କରଛି କି ସଙ୍ଗେ ଘେନାଇ କଳାତତି । ତାରାଯୋଷିତ । ଥୋକେ ଦନ୍ତ ହୋଇ ଦିଶନ୍ତି । ବିମ୍ବୌଷ୍ଠ ବୋଲି ବୋଲୁଥାଇଁ ଯାକୁ ସେ ନବୋଦିତ-ଦ୍ୟୁତିପନ୍ତି । ୫୨ । ମୁଖର ଭ୍ରୁଯୁଗ ଏକତୃତୀୟ ଅଂଶ ଯ ଲଲାଟ ବୋଲାଏ । ସେ କଳଙ୍କୀ-ଅର୍ଦ୍ଧଶଶିର ସମ୍ପଦ କଂଚତ ମାଏକେ ଭୁଞ୍ଜାଏ । ରକାତଥିବ । ବଦନ ଯେହୁ ପୂର୍ଣ୍ଣଶଶୀ । ତାକୁ ଖର୍ବ କରି ଗର୍ବ ପ୍ରକାଶିବା ଏ ମୁଖପକ୍ଷେ କିସ ବେଶି । ୫୩ । ସରୋଜଯୋନି ସରସିଜସମାଜେ ସମ୍ଭ୍ରାନ୍ତ କଲା ଏହା ମୁଖେ । ସେବା ପାଇଁ ନେତ୍ର-ସେବକ-ଯୁଗଳ ରଖାଇ ଦେଇଅଛି ପାଖେ । ମଣ୍ଡଳେଶର । ସେବକ ଯିନା ନରପତି । ଏ ସେବକେ ଚେଣ୍ଡୁ ପଙ୍କଜପନ୍ତିରେ ଟେକାଇଛନ୍ତି ରାଜଛତ୍ର । ୫୪ । ସୂର୍ଯ୍ୟଭୟେ ଦିନେ ଉହୁଙ୍କ କମଳେ ଶଶିଭୟେ ରାତ୍ରେ କମଳ । ଉତ୍ପଳେ ପଳାଇ ଶୀର ଥିଲା ନୋହି ନ ସରେ ଦିନ ଭାଙ୍ଗୁ ଭାଙ୍ଗୁ । ଏଣୁ ଏ ବାଳୀ- । ମୁଖ ପାଇ ସୁଖେ ସନ୍ତ । ରହିଛି ତେଣୁ ଯିନା ଏ ଦିଶୁଅଛି ସନ୍ତ ଅତିଅନ୍ତ କାନ୍ତି । ୫୫ । ଏହା ମୁଖ-ଶୋଭାପାଇଁ ହୋଇ ଲୋଭ କମଳ ତା' ତାତ ସଲିଳେ । କଳାକର ମନ୍ତ୍ର-ମୁକୁରେ ଜିତ କୋଲଇ ଅଣିଦଅ ମୋରେ । ତାତ-ମଇନେ । ସୁତ-ମିତ୍ର-କଥା ରଖନ୍ତେ । ଲଗାଇଥାନ୍ତି ସେ ମଗା-ଅଳଙ୍କାରବତ ଏ ଶୋଭା କଦାଚିତେ । ୫୬ । କଲାବେଳେ ଏ ଅବଳା ଜଳକେଳି କମଳିନୀ ଏ ମୁଖ ଭୂହିଁ । ପତି-ସବିତା ଅଛନ୍ତି ମୁଖପଦ୍ମ ଟେକି ଅନ-ତୋଳା ଖେଳାଇ । ହୋଇ

Digitized by srujanika@gmail.com

ଫେଲାଇ । ସରସିଜ-କର ପ୍ରସାର । ବୋଲୁ ନ ଥିବକ 'ଜୀବଧବ ନ ଦେବ କି
ଏ ଶୋଭା ମୋତେ' ବୋଲି । ୫୭ । ସୌନ୍ଦର୍ଯ୍ୟ-ଗର୍ବିତ ପର୍ବଶର୍ବରୀଶ ଏ ବାଳୀ-
ରତନ-ବଦନ-। ତୁଲେ ସ୍ପର୍ଦ୍ଧା କରୁ କ୍ରୋଧ ଜନ୍ମିବାରୁ ହୋଇ କୁଙ୍କୁମ-ସଙ୍ଗାରୁଣ ।
ବାମା-ବଦନ । ଶଶିଙ୍କ ବାନ୍ଧିଅଛି ପାଶେ । ବୋଲୁଥାନ୍ତି ସିନା ତାକୁ ପରିବେଶ ଦୂରୁ
ନୋହିବାରୁ ବାର ସେ । ୫୮ । ଘୁଣାକ୍ଷର-ମାର୍ଗେ ପଡ଼ିଗଲା ବାଟେ ଏ ମୁଖ ବିଧାତା-
ରଚନେ । ଗୃହ୍ନି ଏହାକୁ ଏଡ଼ା ତୁଲେ ଚନ୍ଦ୍ରକୁ ବିସ୍ମୟ ବିରଚିବା ମନେ । ଧାତା
ନିରତ । ପ୍ରତିମାସ ଶ୍ରମ କରଇ । ରଚି ଦେଖି ନ ହୋଇଲା ବୋଲି ଭାଙ୍ଗି ଅମାରେ
ପୁଣି ଆରମ୍ଭଇ । ୫୯ । ଜଗତ ଜୟର ଯୁବକ-ମଣ୍ଡଳେ ଦଣ୍ଡ ବହିବାକୁ ମଦନ ।
କପୋଳ-ପତ୍ର ମକରେ କେତୁବନ୍ତ ହୋଇ ଧରି ଭ୍ରୁ-କମାଣ । ଦର୍ପେ ବହୁଛି ।
ରତି ସହିତରେ ଏ ମୁଖେ । ଅନୁଚର ମଧୁ ଅନୁସର ଅଛି ଅଧରେ ତା'ର ପାଖେ
ପାଖେ । ୬୦ । କାମଦମ୍ପତି-ପୂଜାକୁ ଅଷ୍ଟଶ୍ରୁତି ଏ ଶ୍ରବଣ-ପୂପଯୁଗଳ । ବାଳୀ-ବଦନ
ଆଳୀରେ ଥୋଇଅଛି ବିଶ୍ୱଅଛି କେହି ମଞ୍ଜୁଳ । ନଇବେଦ୍ୟର । ତୁଲ୍ୟକୁ ଫୁଲଜଳ
ଲୋଡ଼ା । ନୟନ-ସରୋଜ ସଙ୍ଗେ ବିରହିଜ ଅଶ୍ରୁକ ହୋଇନାହିଁ ବଡ଼ା । ୬୧ । ନାନା-
ବିଧ-ଶାସ୍ତ୍ରସମୂହ-ନିର୍ଗତ ଅତିବକ୍ର ରସ ପ୍ରବାହ । ପ୍ରବେଶିବାପାଇଁ ଶ୍ରବଣ-ଗର୍ତ୍ତକୁ ଏ
ଭର୍ତ୍ତମୋହିନୀ ନିଶ୍ଚୟ । କାଟି ଦେଇଛି । ଦ୍ୱନ୍ଦ୍ୱ-ଯୁଗ-ଛଳେ ପ୍ରଣାଳୀ । ନ ଅଟଇ କାହିଁ
ଛଟକ ନ ଜନକେ ଯଥା ସ୍ଥାନକୁ ଯିବ ବୋଲି । ୬୨ । ଅଠର ବିଦ୍ୟାକୁ ଶ୍ରବଣ-ଯୁଗଳ-
ଛଳରେ ସମର୍ପିତ କରି । ଏ ବିଶ୍ୱବେଧାର ସମ୍ପାଦ ଦେଇଛି ଅତି ଯତନେ କୂଶଧାଶି ।
କାହିଁ ରଖିଛି । କେତେ ବୋଲି ବଣା-ହୋଇବା- । ଭୟରେ ନ ଅଙ୍କ ଯୁଗ ତାଙ୍କ
ଅଙ୍କଯୁଗେ ଦେଇ ଅଛି ଲିହି ବା । ୬୩ । ଏକମାତ୍ର ପାଶ ବହି ଜଳାଧୀଶ ପାଶୀ ବୋଲାଏ
ଜଗତରେ । ବିଜୟୀ ତାହାର ବିଗ୍ରହ ମକର-କେତନ ନିଷ୍ଣେ ଯତନରେ । କଲା
ଭିଥଣ । ଏ ଯୁବତୀ-ଶ୍ରୁତି-ପାଶକୁ । ଏକ ସିନା ତା'ର ବେନି ତ ଏହାର ସେ
କାହିଁ ଲଭିବ ଯଶକୁ । ୬୪ । ଚତୁର୍ଭୁଜ-ହରି-ସୁତ ସମ୍ଭବର ଚତୁର୍ଭୁଜ ହେବା ଉଚିତ ।
ତା'ର ବେନି ଧନୁ ରମ୍ଭୋରୁର ଭ୍ରୁଯୁଗଳ ହୋଇଛି ବିଦିତ । ବଂଶ ନିର୍ମିତ । ସିଞ୍ଜିନୀ
ବେନି ସେ ରୂପଙ୍କ । ରେକା ହୋଇ ପାଶେ ରଖା ହୋଇଅଛି ତାକୁ ବୋଲନ୍ତି
ଶ୍ରୁତି ଲୋକ । ୬୫ । ମେରୁଦଣ୍ଡ ଅଗ୍ରେ ଗ୍ରୀବା ବିରାଜଛି ଗ୍ରୈବେୟବର୍ଗେ ହୋଇ
ପାପ୍ତ । ସର୍ବ-ଅବୟବମାନଙ୍କ ଯୁଡିମାମୂଳ ସକଳ ଏକତ୍ରିତ । ହେଲା ପରସ୍ପେ । ଦିଶଇ
ଅତି ମନୋହର । ଉତ୍ତମ-ଅଙ୍ଗର ସର୍ବାଙ୍ଗକୁ କରି ଦେଉଛି ସୁନ୍ଦରୁଁ ସୁନ୍ଦର । ୬୬ ।
କବିତ୍ୱ-ପ୍ରିୟବାଦନ-ସତ୍ୟଭାଷା-ଗାୟନ ଏ ଗୁରୁ ସମାର । ଗଳାରେ ତ ସଦା କରି
ରହିଛନ୍ତି ନିଳୟ ଏଣୁ ବେଦବର । ତର୍କି ସମନ୍ୱେ । ତାଙ୍କ ବିବାଦ ଥାଇଁ ଜୟ ।
ଶାର ପକାଇ ତିନୁର ଭଙ୍ଗକର ବାଣ୍ଟିଛି ତାହାଙ୍କୁ ନିଶ୍ଚୟ । ୬୭ । ଯୁଦ୍ଧେ ଏକପକ୍ଷ

Digitized by srujanika@gmail.com

ବିଜୟୀ ଲଭିବ ସ୍ୱତଃସିଦ୍ଧ ଏହୁ କଥାଚ । ବାଳୀ-ବାହୁ-ଲତା ମୃଣାଳ ଜିଣିଲା ଏଥି ବା କିସ ଅଦଭୁତ । ଏକା ଏ କଥା । ଆଶ୍ଚର୍ଯ୍ୟ ଲାଗୁଛି ମନକୁ । ଭଗ୍ନ ହୋଇ ଯା ସେ ଲଜ୍ଜିତ ନ ହୋଇ ପ୍ରକାଶୁଛି ନିତ୍ୟଅନକୁ । ୬୮ । ଶୁଭ୍ରସଂଶୀ-ନାଭିଶୋଭା-ଭ୍ରମିଙ୍କର ଭୁଜ ଯା ସର୍ବୋଜଦଣ୍ଡର । ସବ ଗର୍ବକୁ ପକାଇଅଛି ଗଞ୍ଜି ସେ ଅପମାନରୁ ଉଦ୍ଧାର । ହେବା ନିମନ୍ତେ । ପଥ ନ ପାଇ ସେ ନିସ୍ପୃହ । ହୋଇ ମୂର୍ତ୍ତିମନ୍ତ ନିବଦ୍ଧ ଜମ୍ବାଳ-ଅଙ୍କାରି ମଧ୍ୟେ ହେଲା ଗୁପ୍ତ । ୬୯ । କର ଅଙ୍ଗୁଳି ବାଳର ଦେଖି ଚଦ୍ରେ ଜନ୍ମଇଁ ଏମନ୍ତ ବଶୃବ । ଲୋହିତ ତାମରସ-ତୂଣେ ରହିଛି କଏ ପଞ୍ଚଶର ସ୍ମରର । ସବେଁ ସୁପର୍ବ । ରଞ୍ଜିତ ନଖେ ଫଳବନ୍ତ । ମୂଳଦେଶେ ହୋଇଅଛନ୍ତି ମୁଦ୍ରିକା-ବ୍ୟାଜେ କାର୍ତ୍ତସ୍ୱରେ ପୁଙ୍ଖେତ । ୭୦ । ଏ ବାଳାମଣିର ଶ୍ରୀକର-ତଳକୁ ତୁଳ ହେଲେ ମୁହିଁ ହୋଇବ । ଏ ଅଯଥା ଗର୍ବ କରନ୍ତେ ପଲ୍ଲବ ଶଳ୍ୟ ବାଳକୁ ଅବା ଲଭି । ଅଦ୍ଭ-ହୁଅଇ । ବିଦ୍ରୁମ ତ ଓଷ୍ଠ ତୁଲକୁ । ଅତି ଚପଳତା-ପଣୁଁ ବା ସୁଧୀରେ ପ୍ରବାଳ ନାମ ଦେଲେ ତାକୁ । ୭୧ । କରତଳେ ପଦ୍ମରେଖା ଲେଖି ପଦ୍ମଯୋନି ଏ ଯୁବତୀ କତନେ । ନିଶ୍ଚୟ ଠାର ଦେଉଛି ଅରେ ଗୋର ଏ ତୋର ଶ୍ରୀକର-ରଚନେ । କେତେ ଲାଗିଛି । କର କର ପଦ୍ମ ନିର୍ମାଣ । ଶେଷକୁ ହସ୍ତ ଅଭ୍ୟ ହେଉ ସିନା ମୁଁ କଲି ଏ ପକ୍ଷିକ ରଚନ । ୭୨ । ଏ ପ୍ରମଦାବର ନିଶ୍ଚୟ ନର୍ମଦା ଭଗ୍ୟାକୁ ମୋର ପ୍ରସରଛି । କର-ଯୁଗଳ-ଛଳେ ବେନି-ମୃଣାଳ ଉଭୟ ପାରୁଶେ ଶୋହୁଛି । ହେବ ବଶ୍ୟ । ଶୈଶବ-ନିର କାମ-ତାପେ । ଉଚକୁଚ-ଦ୍ୱୀପ-ଦ୍ୱିତୟ ମଧ୍ୟରେ ବସନ୍ତ ବଶୁଛନ୍ତି ଅପେ ।୭୩। ସ୍ୱଭାବେ ଉଚ୍ଛିଖ ସୁସଜ୍ଜ ସୁରେଖ ଏ ପୟୋଧରେ ତାଳ ଫଳ । ତୁଳ ହେବ କାହୁଁ ଝିଡ ପରା ପଡ଼ଥାଏ ସେ ସ୍ୱସ୍ଥାନୁଁ ଭୂତଳ । ବୃନ୍ତେ ଥିଲେହେଁ । ଅନଯୋଗୁଁ ସିନା ସେ ଉଚ । ସ୍ୱତଃସିଦ୍ଧ ଯାର ତୁଙ୍ଗତା ତାହାର ସଙ୍ଗରୁ ଏହା କି କଳ୍ପ ।୭୪। ଏ କୁଚଗୁରୁସି କଳ୍ପିତ ଅଦର ଥାଇ ବୋଲି ସିନା ଘଟର । ନାମ ପଡ଼ୁଥାଇ ନ୍ୟାୟାଦି ଶାସ୍ତ୍ରରେ ଦୃଷ୍ଟାନ୍ତଛଳେ ବାରମ୍ବାର । ଚକ୍ରୀ କେତେବା । ପାଞ୍ଚ ନିର୍ମାଣ ନ କରଇ । ଏକା କୁମ୍ଭ ଯୋଗେ କୁମ୍ଭକାର ନାମ ସଂସାର ତାହାର ଘୋଷଇ । ୭୫ । ବିଶଦ-ଉଦକ-ବିନ୍ଦୁ-ବୃନ୍ଦ-ନିନ୍ଦ ମୁକ୍ତାଫଳ-ମାଳ-ଯାଳକ । ଏ ପୟୋଧର-ମଧ୍ୟେ ଶୋଭି ହେଉଛି-ଫେନ-ବିଭ୍ରମ-ଉତ୍ପାଦକ । ସ୍ତନ ଶିଖରେ । ଶୋଭେ ମାଣିକ୍ୟମାଳ ପୁଣି । ଉରସ୍ଥଳେ ରହି ନଭର ଅବକ୍ର-କିରଣ ପକାଉଛି ତୁଣି । ୭୬ । ନିଃସଙ୍କୋଚେ ପଙ୍କେରୁହ-ପଙ୍କତିଙ୍କ ସଙ୍କୋଚ ଯେ କର ପାରଇ । ଯେ ସୁଧାମୟୂଖ ମୁଖଛଳେ ଶିଖ-ଦେଶେ ବାଳାର ଅଛି ଉଇଁ । ତାକୁ ଦେଖିକି । ନପାରନ୍ତି ସ୍ତନ ଚକୋରେ । ନୁହଇତ ଉଳ ମାନଙ୍କ ଅନ୍ତର ଲଙ୍ଘିତ ସେ ବେନି ମଧ୍ୟରେ । ୭୭ । ଏ କୁଚ-କୁମ୍ଭେ କୁମ୍ଭୀ-କୁମ୍ଭ-ଶୋଭାକୁ କରଅଛନ୍ତି ଗର୍ଭପାତ । ନୋହୁଛି ଏହାଙ୍କ ଶୋଭାଲବ ଗ୍ରହିବାକୁ ତା'ର

Digitized by srujanika@gmail.com

କୁମ୍ଭ ସମର୍ଥ । ସେତ ଭୟରେ । ସଦା ସ୍ୱ-ମୁକୁତା ଲୁଗୃଏ । ମୁକ୍ତା ଏହାଙ୍କ ଦର୍ଶକ-ଲୋକଙ୍କ ନେତ୍ରୁ ଅନ୍ତର କେବେ ନୁହେ । ୭୮ । ଶତକୋଟି ଯା'ର କରେ ପର-କଷ୍ଟ ଥାଇ ସଦା ସେ ଯେଉଁ କୁଚ- । ପ୍ରାପ୍ତକ ଅଶାୟୀ ତା ତୁଳକୁ କାହିଁ ଶ୍ରୀଫଳ ହେବ ସମକକ୍ଷ । ନିଜ ମଦଷ୍ଟୁା-ପଣେ ଯେବେ ତୁଳ ହୋଇବ । ସମ ହେବା ଥାଉ ତା ସୁଷମା-ଲବ ଲଭ ଏହା ଭାଗ୍ୟ ନୋହିବ । ୭୯ । ଗୋଳାଚନ୍ଦନ-ବୋଳା-ସ୍ତନ-ମଣ୍ଡଳେ ବାଳାବରର ବହୁହାର । ଝରଣ ସ୍ଫୁରଣ ହୋଇ ଯାଉ ଯାଉ ଦିଶୁଅଛି କେଡ଼େ ରୁଚିର । ଅତି ପିଚ୍ଛିଳ । ଏ କୁଚ ଗିରିରେ ଯୁବାଙ୍କ । ଚିତ୍ତ ପଡ଼ ଖସଡ଼ିବା ଚିହ୍ନବତ ଯାଏ ଜଣା ସେ ଧାର ଠିକ । ୮୦ । ଶରୀର ମଧ୍ୟରେ ରହି ଏ ଉଦର ସର୍ବ-ଅବୟବ-ନୃପରେ । ସଙ୍କୋଚ କୃଶ ହୋଇ ଯାହା ନୋହୁଛି ବଳ ଏ ତ ଲାଗେ ଚିତ୍ତରେ । ବଡ଼ ଅଦ୍ଭୁତ । ବାଳା-କଳେବର-ବିଳାସୀ । ଯୌବନର ଏକା ଏ ଆଶ୍ଚର୍ଯ୍ୟ କାର୍ଯ୍ୟ ବୋଲି ଚିତ୍ତେ ଯାଏ ଅଭାସି । ୮୧ । କାନ୍ତି କେତେକ ସୁଷମା ଏ କଟିରୁ ଜମା ନ କରିଥିଲେ ବିଧି । ପୟୋଧର-ଭାର ଏ ନିରୁପମାର କରନ୍ତା ଦରଚନ କେହି । ବସ୍ତୁ-ଦର୍ଶୀ ସେ । ଏ ଭ୍ରମ ହୁଅନ୍ତା କ ତାର । ତେଣୁ ଅଗରୁ ଅଲଗ ରଖିଥିଲା କୁଚ-ପାଇଁ ଶୋଭା କଟିର । ୮୨ । ଏ ସୌଭାଗ୍ୟବତୀ ଯୁବତୀ-ରତନ ପାର୍ବତୀବତ କେବେ ହେଲେ । ପତି ସଙ୍ଗତରେ ଅର୍ଦ୍ଧାଙ୍ଗେ ମିଶିବ ଏମନ୍ତ ଚିନ୍ତିକ ଚିତ୍ତରେ । ଧାତା ବଳାଇ । ଅଙ୍ଗ କରିଛି ବେନି ଭାଗ । ବସାଇ ଦେଇଅଛି ରୋମ-ଅବଳି ଛଳରେ କଳାସୂତା-ଦାଗ । ୮୩ । ରୋମାବଳୀ ବନ୍ଧୁ ଉରୋଜ କଳଶ ଗଭୀର ନାଭିକୂପ ଅଛି । ଏକା ବସନ ଏ ସର୍ବ ମୋ ନୟନ-ପଥରୁ ଅବୋର ରଖିଛି । ଯେବେ ଏ ବାସ । ଏଥି ଅନ୍ତରାୟ ନୁହନ୍ତା । ଏ ମୋ ଅଶାୟୀ ପିପାସୁ ନୟନର ତୃଷା କି ନିମିଷେ ରହନ୍ତା । ୮୪ । ଉନ୍ମୁକ୍ତ-ସ୍ତମ୍ଭ-ଗର୍ତ୍ତବତ ନାଭି ଶୋଭଇ ଏ ଭ୍ରୁରୁ-ଶୋଭିର । ରୋମା-ବଳି ଛନ୍ଦ-ପତିତ-ଶୃଙ୍ଖଳ-ଗୁରୁତା କରୁଅଛି ଦୂର । କୁଚ ଯୁଗଳ । ମୃତ୍ତିକା-ସ୍ତୁପ ଶୟନର । ଏଣୁ ବାମା ଅଙ୍ଗେ ଥିବା ପ୍ରତେ ହୁଏ ଢନ୍ଦିତ କାମକରୀବର ।୮୫। ହୃଦର-ମଧ୍ୟରେ ସେମାଳ-ସିଞ୍ଜିନୀ ଭ୍ରୂରୁଧନୁ ଭାଲପଟ୍ଟରେ । କୁସୁମ-ଶର ଶିରେ ଏ ବାଳୀଶର ରହିଛି ଅନ ଅନ ସ୍ଥାନେ । ବୀର ମଦନ । ଏ ସକଳ ଠୁଳ ନ କର । ଅତି ଅଦଭୁତ ଏ କଥା ତଥାପି ଲଭିଛି ଜଗଜ୍ଜୟ ଶିରୀ । ୮୬ । ଖୋଷା ହୋଇଥିବା ଖୋଷାରେ ଯୋଷାର ମଲ୍ଲିଫୁଲ ଖୋଷା ହୋଇଛି । ସେ ସୁମନସର ପ୍ରତିବିମ୍ବ ଝଳ ପୃଷ୍ଠପଟ୍ଟେ ପ୍ରତି-ଫଳିଛି । ଅହା ଦିଶୁଛି । ଏ ଛବି କେମନ୍ତ ସୁନ୍ଦର । ରଜତାକ୍ଷରେ କି ଲେଖାହୋଇଅଛି କାମକୀର୍ତ୍ତି ହେମପଟ୍ଟର । ୮୭ । ଏତେ ବର୍ତ୍ତୁଳତା ସମ୍ଭବ ପାରେ କି ନିତମ୍ବବିମ୍ବରେ କାହାର । ଏ ନିତମ୍ବ ନୁହେ ରଥାଙ୍ଗ ନିଷ୍ଟୟେ ଜୀବନ୍ତ କୁସୁମଶରର । ଦେଖ ପିତାଙ୍କ । ସୁଦର୍ଶନେ ବିଶ୍ୱ-ବିଜୟେ । ଦୁର୍ଲଭ-ଦର୍ଶନ ଏ ଚକ୍ର

Digitized by srujanika@gmail.com

ବହୁଛି ପୁଣ କି ସର୍ବଜନପ୍ରାଣପ୍ରେ । ୮୮ । କୁମ୍ଭକାର-ବୃତ୍ତି କଲା କି ଯୁଗାଣୀ ନିର୍ମାଣିବାକୁ ସ୍ତନଘଟ । ନିତମ୍ବ-ଚକ୍ରେ ରୋମାଳି-ଦଣ୍ଡ ଅଛି ଶୁଣତ ହୋଇଛି ପ୍ରକଟ । ଅଛି କେବଳ । ଅଗ୍ରିବ ଜଳମାନ ଅଛି । ନବୀନ-ଲାବଣ୍ୟ-ରସପ୍ରବାହେକ ଯେ ଛିଦ୍ର ପୂରଣ ନୋହୁଛି । ୮୯ । ଇତର ପକ୍ଷେ ତ ଏତେ ନ ଥରନ୍ତି ଏ ଚଳ-ଦଳ କମ୍ପ । ଏତେ । ଭୂରିତେ କମ୍ପଇ ନିଶ୍ଚେଁ ଭୟପାଇ ଥିବ ନାରତଶସ୍ତ୍ର ଛତ୍ରେ । କବା ଏହାକୁ । ବାଳାର କେଉଁ ଅବୟବ । ଜୟ କରିବାକୁ ଖୋଜୁଛି ଏହାର ତେଣୁ ଏମନ୍ତ ନିସ୍ତବ୍ଧ । ୯୦ । ଅପ୍ସରା-ଲୋକନ-ଲାଳସ ଲୋକ ନ ଯାଇ ପାରିବ ଯେବେ ସ୍ୱର୍ଗେ । ପୁଣ୍ୟବଳ ଥିଲେ ଏ ମର୍ତ୍ତ୍ୟ ମଣ୍ଡଳେ ଦେଖିବ ସେ ଅପ୍ସରବର୍ଗେ । ଏକା ଏ ବାଳା-ଙ୍କ ଅଙ୍ଗ ଦେଶରେ ସମସ୍ତ । ନାଶା-ତିଳୋତ୍ତମା ଉରୁରମ୍ଭା ଭ୍ରୂ-ଚନ୍ଦ୍ରଲେଖାଦି ବାମାବ୍ରାତ । ୯୧ । ବାମାର ଉରୁ କେ ନିଜର ତରୁ କେ ବାର ନ ପାରଇ କଦଳୀ । ଭୁଲିଲା ବେଳେତ ନ ହାରି କେ କାଳେ ବେନି ଦିଶନ୍ତି ଏକା ଭଳି । ତେଣୁ କଦଳୀ । ଉରୁଭ୍ରମେ ନିଜତରୁରେ । ଅତପନ୍ଦପନ-ଛନ୍ଦ ହେଉଛି କି ରସି ଯୋଷା-ସେବା-ନିର୍ଭାରେ । ୯୨ । କି କଲ କାହାକୁ କା ଭୁଲେ ଭୁଲିଲି ଏ ନିଜ ସମ ସେ ଉରୁକୁ । ମସ୍ତକ ନୁଆଁଇ ନିତ ତପଦାହ ତେଜ ନିଜ ଅସାରତାକୁ । ଯେବେ କଦଳୀ । ନ ଭଜିବ ଅତି ଜଡ଼ତା । ତେବେ ବା ହୋଇବ ଏ ନିରୁପମାର ଉରୁଶୋଭାକୁ ଉପମିତା । ୯୩ । ଶୋଭା-ଅରମ୍ଭରେ ଏ ଭ୍ରୂଶୋଭର ଉରୁ-ସଙ୍ଗକୁ ନୋହି ସହି । ତେଣୁ ବାରମ୍ବାର ଶୁଣ୍ଡକୁ ନିଜର ଦିଅଇ ଦଣ୍ଡ ମୋଡ଼ି କରି । ପଶୁ ହୋଇଲେ । କି ହେବ ସେ ସର୍ବ ଜାଣଇଁ । ବାତ୍ସ୍ୟ-ଗୋଚରେ ଜ୍ଞାନବନ୍ତ ଜନ୍ତୁ ବୋଲିତ ଶାସ୍ତ୍ର ବଖାଣଇଁ । ୯୪ । ମୁନିଏ ଏ ବସ୍ତୁ ମୋହନୀ ଧନର ଲୋଭ ତେଜପାର ନାହାନ୍ତି । ଉତ୍ତୁଙ୍ଗ କୁଚଗିରିକ ଅଗ୍ରାକର ଭୂଗୁ ସର୍ବଦା ରହୁଛନ୍ତି । ପୁଣି ବଦନ । ନାନାରଦାଚ୍ଛାଦ ଏହାର । ମହାଗ୍ର-ରତର ବ୍ରତନିକ୍ତ ତ ଯୋଗ୍ୟ ବ୍ୟାସ ଭ୍ରୂଯୁଗଳ । ୯୫ । ବୃକ୍ଷାସେହ—ନିମ୍ନ ସୂକ୍ଷ୍ମତା ଶିଖିଛି ବପଶତରେ କି ଜଘନ । ନୋହିଲେ କେହି ମୂଳରୁ ସ୍ଥୂଳ ହୋଇ ପ୍ରାନ୍ତକୁ ଦିଶନ୍ତା ବଶୀଣ୍ଡି । ବାସ ତାହାକୁ । ଚନ୍ଦ୍ରଗତରେ ଗୁରୁପାଶେ । କରି ବେଷ୍ଟନ କି ଲତାବେଷ୍ଟିତକ ବନ୍ଧକୁ କ୍ରମଶ ଅଭ୍ୟାସେ । ୯୬ । ନବ-ବ୍ରହ୍ମାଣୀ ସଙ୍ଗେ ଇନ୍ଦ୍ର-ଉପେନ୍ଦ୍ର-କନ୍ଦର୍ପ-ବଶିଷ୍ଠ-କାମିନୀ । ହୁଅନ୍ତି ଯୋଡ଼ିତେ ଏ ତେର ରମଣୀ ସୌଭାଗ୍ୟ-ବତୀ ପଣେ ଗଣି । ତାଙ୍କ ତୁଳକୁ । ଚତୁର୍ଦ୍ଦଶ ସଂଖ୍ୟା ପୂରଣେ । ଚତୁର୍ଦ୍ଦଶ-ଲୋକ-ମୋହିନୀ ଏ ଏଣୁକି ଗୁଲ୍‌ଫ ନ ଦିଶଇ ଚରଣେ । ୯୭ । ସୁନ୍ଦର-ପଣକୁ ନେହା ଚରଣର ନାହିଁ କାହିଁତ ପଷ୍ଠାନ୍ତର । ଦ୍ରୁମର ନବକିଶଳୟେ ଏ ଶୋଭା ଥିବାରୁ କଷ୍ଟତମାତର । ନାମ ପଲ୍ଲବ । ହୋଇବାର ତା'ର ସମ୍ଭବ । ଏ ପଦ ଲଭିବ ଅପଭ୍ରଂଶ ହେବ ଯେଣୁ

Digitized by srujanika@gmail.com

ତା ଭୂଷଣ ବିଳମ୍ବ । ୯୮ । ପୁରନ୍ଦରପୁର ସୁନ୍ଦରୀବୃନ୍ଦଶିରେ ରୂପଗର୍ବେ ଏ ବରାଙ୍ଗନା । ପଙ୍କାଜ ପଦାରବିନ୍ଦକୁ ସିନ୍ଦୂରବିନ୍ଦୁ-ସନ୍ଦୋହ ଲାଗି ସିନା । କଲା ଏହାର । ପଦ-ତଳକୁ ଏଡ଼େ ରଙ୍ଗ । ବର୍ଣ୍ଣେ ହାର ମାରେ ବୁଡ଼ାଇ ଲୁଚନ୍ତି ପ୍ରବାଳ ଏଣୁ ଜଲ୍ଭମାଙ୍ଗ । ୯୯ । କେଉଁଗୁଣେ ନୋହୁ ସମାନ ଏ ମଞ୍ଜି-ଶୋଭକ ଶୀର ସେଷବଣେ । ହୋଇ ଅବକ୍ର "ତା' ପଦ ମୋତେ ଦତ୍ତ କର" ବୋଲି ବିଧାତାପାଶେ । ଅଳ କରନ୍ତେ । ଛଳ ସେ ଏ ବାଳୀ-ରତନ-। ପଦେ ତାକୁ ସ୍ଥାନ ଦେଉ ସେ ଏଥିରେ ଥାଇ ଘନେ ନିତ୍ୟେ ଶୋଭନ । ୧୦୦ । ଶୁଦ୍ଧପାର୍ଶ୍ୱ-ଶାଳୀ ଏ ନବୀନବାଳୀ-ପଦ୍ମର-ଯକସରସିଜ । ଅଭିଗମନ-ମାନ୍ଦକେ ଅର କଣ୍ଟକରର ଭାଙ୍ଗୁଅଛି ଓଜ । ଜଣା ନୋହୁଛି । କେଉଁ ନୂପୁର ନତଶିରେ । ବତରିବାକୁ ନିଜ ସେବା ସୌଭାଗ୍ୟ ବିଶ୍ବରନ୍ତି ଏ ମାନସରେ ।୧୦୧ କଣ୍ଡୁନିସ୍ବନ ବାହୁ-କର-ଚରଣ ଓଷ୍ଠ ଅଧ ଏ ନବୀନାର । ସ୍ୱସମ-ସଦ୍ଦ୍ରବ୍ୟ କାର ବିଜସ୍ବ ଅଦ୍ୱିତୀୟତାର ନିଜର । ଗର୍ବ ବହନ୍ତେ । ତା ଗୁହିଁ କୋପେ ଅଷ୍ଟଅକ୍ଷି । ତାଙ୍କ ତୁଲେ ସମ କର ଏକ ଏକ ପ୍ରତ୍ୟଙ୍ଗ ପୁଣି ଦେଲା ଯୋଖି ।୧୦୨। ଶିଶିର-ସମ୍ପାତ-ବଶେ ଶତପତ୍ର-ଗୋତ୍ର ନିର୍ବଂଶ ହେବା ଗୁହିଁ । ସରୋଜ-ସମାଜ-ନୂତନ-ସର୍ଜନ ପୁଣି ମାନସେ ଧାତ୍ରୀ ବିହି । ବରବେହାର । ବରମୁଖ କରଚରଣ । ଏ ପଞ୍ଚସ୍ଥାନୁ ଅଭିକ୍ଷା ଭିକ୍ଷା କରେ ମାଧୁକରୀ-ବୃତ୍ତି ବହିଣ । ୧୦୩ । କେଳତପତ୍ରର ହେତପାତେ ଅନ୍ତ-ବ୍ୟସ୍ତ ହୋଇ ଯେତେ ସଜନ । ଶରଣପାଇଁ ଏ ରମଣୀ-ରତନ-ପଦେ କରିବେ ଆଗମନ । ତେତେହେଗର । ସଂଖ୍ୟା-କରଣପାଇଁ ବିହି । ଅଙ୍ଗୁଳିଛଳେ ପଦ୍ମରେ କ ଏହାର ଗାର ଦେଇଅଛି ପକାଇ । ୧୦୪ । ଏ ବରବେହାର ପଦ୍ମର-ନଖର ହେବାକୁ ଶଶାଙ୍କ ଅଶାସ୍ତୀ । ହେବାରୁ ତାହାର ସୁବୁଦ୍ଧି ବିଳୋକ ଶୁଭଦଶକୁ ତାକୁ କହି । ଦେଇ ଥୋଇଛି । ତହୁଁ ଯହିଁକି ଇଚ୍ଛା ତା'ର । ବଧିବରେ ବଧୂ ଅପୂର୍ବ ସଙ୍ଗମ ଲଭିଲା ପଦପଙ୍କଜର । ୧୦୫ । ଯଶ-ଚରଣାଙ୍ଗୁଷ୍ଠ-ନଖ-ମୁଖର ଛଳେ ଏ ବାଳୀଶ ଚତୁର । ଶଶିଙ୍କ ସମ୍ମୁଖେ ଅନୁଭବ କରଇ ଏଣୁ ଚତୁଃଷଷ୍ଠୀ କଳାର । ଅଧୀ-ଇଶ୍ବରୀ । ହେବା ବୃଥା ନୁହେ ଏହାର । ଏକ ଶଶାଙ୍କର ଷୋଡ଼ଶ କଳା ତ ପ୍ରଖ୍ୟାତ ହୋଇଛି ସଂସାର । ୧୦୬ । ଏକେ ବିରଞ୍ଚି ରଚନ୍ତି ଏ ବାମାକୁ କର ସୁନ୍ଦରୀ-ପୁର-ନ୍ଦରୀ । ଦ୍ୱିତୀୟେ ଯୌବନ ଅପୂର୍ବ-ଭୂଷଣ-ଗଣେ ଦେଇଛି ବେଶ କର । ତୃତୀୟେ ରତୀଶ । ବିବିଧ ଚାତୁରୀ ଶିଖାଇ । ଦେଇଛି ଯତନେ ନବ-ଭାବତୀର ଅଧର-ପାରୁଣେ ରଖାଇ । ୧୦୭ । ଏମନ୍ତେ ସେ ଏଣୀନୟନାର ନଖ-ମୁଖ-ନାସିକାଦି ଭୂଷିତ । କାଲି ମାନସରେ ବିସ୍ମୟ-ସାଗରେ ସନ୍ତର ଦର୍ଶନ-ଜନିତ ।-ଅତି ଆନନ୍ଦେ । ଉଦ୍‌ବେଳ ହେବାରୁ ହୃଦୟ । ଆଳୀ ପରବୃତା ବାଳୀଶକୁ ନିଜଦର୍ଶନ-ଦାନ କଲେ ଅସ୍ତ ।୧୦୮ ଗୌଡ଼-ନୃପତି-ପ୍ରଶସ୍ତି ରଚିବାରେ ଯା ଯଶ ବ୍ୟାପିଛି ଜଗତ । ସ୍ୱାରମଣ୍ଡଦେବୀ-ପ୍ରମୋଦ-

Digitized by srujanika@gmail.com

ସମୁଦ୍ର-ବର୍ଦ୍ଧନକୁ ଯେ ତାରକାନ୍ତ । ସେହୁ ଶ୍ରୀଦର୍ପ-ପଦକୁ ଧ୍ୟାନ୍ତି ନିରନ୍ତରେ । ସ୍ଥାନ ଗୋପୀନାଥ ବିରଚିଲା ଗୀତ ଗୋପୀନାଥ ଚନ୍ଦ୍ର ଅନ୍ତରେ । ୧୦୧ ।

ଅଷ୍ଟମ ଛାନ୍ଦ ।

ରାଗ—ଅକ୍ରୂର ନନ୍ଦାଇଲ୍ ବାଣୀ ।

ଶୁଣ ଧୀରେ ଦେଇ ଚିତ୍ତ ଶୋଭାଲୋଚକ ପୁଲକପୂରିତ
ଅଦ୍ଭୁତେ ଦ୍ରବ୍ୟ ସୁନ୍ଦର,
ପୁରୁଷେ ଦେଖି ତହିଁ ପୁରତର,
ଭୀମଜା, ତୁଲେ ସର୍ବସୁବଶା ।
ସେ ଶୋଭା ନୟନେ ପାନ କରନ୍ତି । ୧ ।

କାହାରେ ଦୃଶ୍ୟ ନୋହିବାର । ବରଦେଇଥିବାର ଅମର । ସେ ବା କେତେ-କାଳ ପାଇଁ । ପାରନ୍ତି ନଳଙ୍କୁ ଅବର ରହି । ପଲ୍ଲବ । ଜାଲେ ହେଲେହେ ବୃତ । ନୁହଇ କ ଇନ୍ଦୁ ଅପେ ବିବୃତ । ୨ । ଭୀମସୁତା-ଦରଶନେ ନରବର ପ୍ରାନ୍ତକୁ ନୟନେ । ନଗୃହଁ ଚଣ୍ଡାଳ ସ୍ମର । ବିନ୍ଧିଲା ଅକର୍ଣ୍ଣ ଓଷ୍ଠାର ଶର । ସେ ଶର । ବାଳୀ କୋମଳ ଅଙ୍ଗେ । ଗଲା ଗଳି ପୁଙ୍ଖ-ପର୍ଯ୍ୟନ୍ତ ରଙ୍ଗେ । ୩ । ତା ପଞ୍ଚଶରତ ସିଦ୍ଧ । ନୁହଇତ ସେ ଅଚ୍ଛିଦ୍ର- ଭେଦ । ତଥାପି ଅବଧି କରି । ଉଭୟଙ୍କୁ ଲକ୍ଷି ସମ୍ବରଅରି । ବିନ୍ଧନ୍ତେ । ଏକାବେଳକେ ବାଣ । ସେ ବ୍ୟର୍ଥ ନୋହି ରଖିଲା ତା ତ୍ରାଣ । ୪ । ପୁଂସେ ଦୃଷ୍ଟିମାତ୍ରେ ବାଳା । ନଳ ବିଗ୍ରହ ହୋଇଲା ଭୋଳା । ପୁଣି ଏଥି ସେ କେମନ୍ତେ । ଅସିବେ ଭାବ ରହିଲା ସ୍ତବ୍ଧତେ । ଦର୍ଶନ- । ମାତ୍ରେ ନଳ ଚଞ୍ଚଳ । ହେଲେହେଁ ହେଲେ ଦୌତ୍ୟ ଭାବ ସ୍ଥିର । ୫ । କେଉଁ ବାଳା ଗୃହିଁ ନଳେ । ଗଲା କ୍ଷମକ୍ଷି ଲଜ୍ଜା-ସଲିଳେ । କେ ତାଙ୍କ ତେଜେ ନକ୍ଷିଲା । କେ ବା ତାଙ୍କୁ କାମ ବୋଲି ହେଜିଲା । ବିଲୋକି । ତାଙ୍କୁ କେ ବାଳାବର । ହେଲା ଅନାସ୍ଥାରେ ବଶ କାମର । ୬ । ଚନ୍ଦ୍ର ଏମନ୍ତ କେ କସ । ପ୍ରତିପତ୍ତିକା ନ ଥିଲା ଲେଶ । 'କେ ତୁମ୍ଭେ କାହୁଁ ଅସିଛ' । ଏ କଥା ପଚାରି ଦେବାକୁ ସ୍ୱଚ୍ଛ । ଅସନ୍ତି । ଏକା ଦର୍ଶନ ମାତ୍ରେ । ଉଠିବାକୁ ନ ଅଇଲା ଚିତ୍ତେ । ୭ । ଚତୁରକ୍ଷ ହେବାକ୍ଷଣି । ନୃପନନ୍ଦନା ଶ୍ରେଣୀଇକ୍ଷଣୀ । ଅନନ୍ଦ ଗଲା ଉଛୁଳି । ହେଲେ ପ୍ରବେଶ ଧାରାଧର-କେଳି । ଯେମନ୍ତ । ଜଳେ କଲ୍ଲୋଳେ ନଦୀ । ତଥା ତା ଅନନ୍ଦ ଲଭିଲା ବୃଦ୍ଧି । ୮ । ଯେ ନୃପାଙ୍ଗ ଅଦ୍ୟେ ଭଜି । ଥିଲା ବାଳା-

Digitized by srujanika@gmail.com

ନେତ୍ର ତା ବରଜ । ଅପର-ଅଙ୍ଗ-ନଚୟେ । ଯାଇ ନ ପାରୁଥାନ୍ତି କେବେହେଁ ।
ନମେଷ । ଏକା କୌଶଳ କଲା । ଅଟେ ପଡ ବୁଦ୍ଧି ଯୋଗାଉଥିଲା । ୮ । ଯହିଁପଢ଼େ
ଯେ ଅଙ୍ଗରେ । ନେତ୍ର ପୂର୍ଣ୍ଣେ ତା ଗ୍ରହ ନ ପାରେ । ଦୃଷ୍ଟ-ଦୃଷ୍ଟାଙ୍ଗ-ସଞ୍ଜାତ । ସୁଖ
ଯୋଗୁଁ ଚିତ୍ତ ଥିଲା ଉନ୍ମତ୍ତ । ଅନ୍ୟାଙ୍ଗେ । ତହୁଁ ଯାଇ ତହିଁରେ । ମଜ୍ଜି ପୂର୍ବାଙ୍ଗକୁ
ନସ୍ମରେ ଥରେ । ୧୦ । ନୃପଏକାଙ୍ଗୁ ଅନ୍ୟାଙ୍ଗେ । କରୁ ଭ୍ରମଣାନୟନରଙ୍ଗେ । ଗଡ଼;
ସ୍ୱଭାବ-ଚଞ୍ଚଳ-। ଗୁଣେ ସେ ନେତ୍ର ଅଙ୍ଗସନ୍ଧିସ୍ଥଳ । ଲଭିଣ । ଉଭୟ-ଲାଭବଶେ ।
ଗତାଗତ ହେଉଥାଏ ବିଶେଷେ । ୧୧ । ପୂର୍ବେ ଯା ହୋଇଲା ଦୃଶ୍ୟ । ରହିଥିଲା ଯା
ହୋଇ ଅଦୃଶ୍ୟ । ଏ ଉଭୟ-ନୃପ-ଅଙ୍ଗେ । ଦମୟନ୍ତୀନେତ୍ର ବିଳସି ରଙ୍ଗେ । ଉଭୟେ ।
ସମସୁଖ ଲଭିଲା । ଦୃଶ୍ୟ ଅଦୃଶ୍ୟେ ପ୍ରଭେଦ ନୋହିଲା ।୧୨। ନୃପଜାନେତ୍ର-ଖଞ୍ଜନ ।
ନଳନବବରସୂକ୍ଷ୍ମଘନ-। କେଶପାଶେ ଯାଉ ପଡ଼ି । ନ ଯାଇ ପାରିଲା ତହିଁରୁ ଉଡ଼ି ।
ବରଜ । ନୃତ୍ୟ ନିଶ୍ଚଳ ହୋଇ । ଗଲା ତହିଁରେ ଅକା ହୋଇ ରହି । ୧୩ । ବାମା-
ନେତ୍ର-ପଦ୍ମଯୁଗ । ନଳମୁଖ-ପାଣି-ପାଦେ ଯୋଗ । ହୋଇ ସୁଖେ ଗଲା ରହି । ଏ
ସରୋଜଙ୍କୁ ସେ ପଦ୍ମ ଭ ନୋହି । ଭେଟିଲେ । ବନ୍ଧୁଜାତ୍ର ସ୍ୱଜନ । ତାକୁ ତେଜିବାକୁ
ବଳେ କା ମନ ।୧୪। ଚରୁରକ୍ଷ ନୃଅଙ୍ଗେ ଚକଟେ । କି କି ସୁଖ ଗଲ ଜନ୍ମିଚରେ ।
ଫସାଦେ ରହି ଫଯାସୀ-। ସୁଖ ଲଭୁଥିଲା ନୃପକୁମାରୀ । ମୁକତ-। ସୁଖ ବୈରଗୀ
ନୋହି । ଯା ଲଭିଲା ଜେମା ଅଶ୍ଚର୍ଯ୍ୟ ଏହି । ୧୫ । ଦୂତେ ନଳଶୋଭା କଳି । ବାଳା
କାଳେ ପାପୀ ହେବ ଭଳି । ସେ ଦୋଷୁଁ ତା'ର ତାରଣ । ପାଇଁକି ବହି ଉପାୟ
ସାହ୍ୱଣ । ବାସବ ।—ହୁହୁଁ କପଟ-ନୃପ ।— ରୂପ-ବହିବା ବୁଦ୍ଧି କଲା ଲୋପ ।୧୬।
ଏମନ୍ତ କେ ମହା ଯତି । ପାପଚନ୍ତା ନ ଛୁଁଏ ଯା ମତି । ଭକ୍ତଅଧୀନ ଈଶ୍ୱର । ସେ
ତାକୁ ନିରତ ଚିନ୍ତେ ଚତୁର । ସେ ତା'ର । ପାପପଥେ ଗମନ । ନ ହେବାଭଳି
କରୁଥାନ୍ତି ମନ ।୧୭। ଭ୍ରାନ୍ତନଳ ଦେଖି ବାଳା । ହୋଇ ମଦନେ ଯେମନ୍ତ ଭୋଳା ।
ଲାଜେ ମଉନ ନୁହଇ । ସତ୍ୟ-ନୃପଚିତ୍ତ ପୁରତେ ପାଇ । ତେମନ୍ତ । ନ ହୋଇଲା
ମଉନୀ । ମୁଗ୍ଧ ସତ୍ୟ ମିଥ୍ୟା ପାରେ କି ଜାଣି । ୧୮ । ଭାବ ଲୁଗ୍ଧ ରମଣୀ । ଶ୍ଳଥ
ଗଦ୍‌ଗଦ ସ୍ୱର ସେକ୍ଷଣି । ଅବସ୍ଥା ଦେଲା ଚହ୍ଲାଇ । ସଖିଙ୍କ ସାଧ୍ୱସବିକ୍ଳବ ଗୁହିଁ । ସେ
ବାଳା । ମୁଖ-ତାରକାନ୍ତ । ଲୁଥାଇଁ ଭୁଲୁତେ ଭାଷେ ଏମନ୍ତ । ୧୯ । "ହେ ମହା-
ଶସ୍ତ୍ର ବଧିଙ୍କ । ଲୋକ ଅତଥି ଦେଖିଲେ ବେଗ । ନମି ଶିରୋରୁହ-କରେ । ପାଦ୍ୟ
ସମ୍ଭାବବ ତାର ପାଦରେ । ମଧୁର ।—ଗିର ରସଧାରକୁ । ମଧୁପର୍କ କର ତୋଷିବ
ତାକୁ । ୨୦ । ନିଜେ ବୃଣବତ ହୋଇ । ନିଜ ଅସନ ତାହାଙ୍କୁ ଦେଇ । ଅନନ୍ଦ
ବାଷ୍ପକୁ ଜଳ । କଳ୍ପିବ ଧୋଇଦେବାକୁ ପଦ୍ମର । ମଧୁର । ମୃଦୁ ବନସ୍ୟ ଗିରେ । ପୁଚ୍ଛିବ
ତାଙ୍କ ସ୍ୱାଗତ କୁଶଳେ । ୨୧ । ଅତଥି ପଦ-କ୍ଷାଳନେ । ଯେବେ ଘଟେ ଜଳଅନ-

Digitized by srujanika@gmail.com

ସ୍ମୃତେ । ବଳମ୍ବ ତେବେ ମୁଜନ । ତାକୁ ଅପରାଧ ବୋଲି ଗ୍ରହଣ । ଫଗ୍ରହେ । ଭୃଷ୍ଟ
ପାଇଁ ଅଞ୍ଜଳ । ବାନ୍ଧ ନିଜଦୋଷ ମାଗଇ ବଳ । ୨୨ । ତୁମ୍ଭ ଦର୍ଶନେ ଆସନ ।
ତେଜ ପଦେ କରୁଛ ଅର୍ପଣ । ନୋହିଲେ ଏ ତୁମ୍ଭ ଯୋଗ୍ୟ । ଅନେ ଯିବାକୁ
ହେଲେହେଁ ସର୍ବଗ । ମୁହିଁ ତ୍ରୈ । ଏଥି ଉପବେଶନ । କଲେ କି ହୋଇବ କଣ୍ଠଦୂଷଣ ॥
କୋମଳତାରେ ଶିରୀଷ । କୁସୁମ-ଋଷା କରି ଯେ ନାଶ । ସେ ସୁକୋମଳ ଚରଣ ।
ବ୍ୟଥାଇଲେ କାହିଁ କେତେ ଭ୍ରମିଣ । କେବେହେଁ । ଦୟା ନୋହୁଛି ତଳେ । ତାକୁ
ତୁମ୍ଭେ ଉପରୁଁ ବଳେ । ୨୪ । ମଧୁସ୍ନାନ ବନ ଭଳ । କର କେଉଁସ୍ଥାନ ଅସ
ଚଳ । ଭୁମ୍ଭଙ୍କୁ ଚନ୍ଦ୍ରାଉଦେବା ।—ଯୋଗେ କେଉଁ ନାମ ପବନ ଅବା । ତାହାଙ୍କ ।
ଏ ମୋ ଶ୍ରୁତିବିବରେ । ପ୍ରବେଶି ସଦନ ରଚି ନ ପାରେ । ୨୫ । ସଦା ରକ୍ଷୀ-
ପରିବୃତ । ରାଜପୁର ଏ ଅଟେ ନିଭୃତ । ଏଥି ଯାହା ପ୍ରବେଶିଲ । ପାରିବାର କି ପଦେ
ନ ଚଳିଲ । କାରଣ । କସ ଏହେ ସାହସେ । ତାହାତ ବାର ମୁଁ ନ ପାରେ ଲେଶେ ॥
ଏ ମୋ ନେତ୍ର-ଭାଗ୍ୟଫଳେ । କଲ ବିଜୟ ତୁମ୍ଭେ ଏ ସ୍ଥଳେ । ନ ଦେଖିଲେ କେହି
ରକ୍ଷୀ । ଦେଖିଥିଲେ ଆଉ ଥାନ୍ତେକି ରକ୍ଷି । ଯୋଗତ । ଅଛି ମୋ ନୟନକୁ । ଏ କାମ-
କମ୍ରରୂପ ପିଇବାକୁ । ୨୭ । ଅଭୁତ-ପୂର୍ବ ଅକୃତ । ରକ୍ଷୀଦୃଷ୍ଟି-ନିରୋଧ ଶକତ ।
କାଞ୍ଚନେ ଖଚିତ କରି । ପକାଇଥିବା ଏ କାନ୍ତି-ଶୃଙ୍ଖଳ । ବିଲୋକି । ହେଉଅଛି
ଚିତ୍ତ ବିକଳ । ହେବ କି ତୁମ୍ଭେ ସୁରପୁର ଲୋକ । ୨୮ । ବୋଲିଥାନ୍ତି ବା କନ୍ଦର୍ପ ।
ଅନଙ୍ଗ ତ ନାହିଁ ତାର ରୂପ । ଅଶ୍ୱିନୀକୁମାର ଦୁଇ । ଏତେ ବା ବିଚୁରୁଅଛ କପାଇଁ ।
ରୂପ । ତୁମ୍ଭ ତାଙ୍କୁ ବଳଇ । ଏଥୁ ବଳ ଆଉ ପାର୍ଥକ୍ୟ କାହିଁ । ୨୯ । ଏ ତୁମ୍ଭ ପୀୟୂଷ-
କାନ୍ତି ।—ଦୃଷ୍ଟି-ମାତ୍ରେ ନୁହେ କେ ଭୂପତି । କେଉଁ ବଂଶ ତୁମ୍ଭ ଯୋଗେ । ସ୍ପର୍ଦ୍ଧିଷ୍ଠୁ
ହୋଇଛି ସାଗର ସଙ୍ଗେ । ବର୍ଦ୍ଧିଷ୍ଣୁ ।—ଗୁଣ ଅଛଇ କହ । ତା ଜାଣିବାକୁ ମୋ ଚିତ୍ତ
ବଳଇ" । ୩୦ । ରକ୍ଷୀରେ ନୋହି ଲକ୍ଷିତ । ପୁରେ ନଳ ହେଉ ଉପଗତ । ତେଣୁ ତାଙ୍କୁ
ଦେବ ଚିନ୍ତି । ଆତଥ୍ୟ-ରଚୁଛନ୍ତି ଦମୟନ୍ତୀ । ସୁଷମା । ତାଙ୍କ ବର୍ଣ୍ଣି ବସନ୍ତେ ।
ସ୍ୱ-ପ୍ରିୟ-ଶୋଭାବର୍ଣ୍ଣନ ସେ ସତ୍ୟେ । ୩୧ । ଭୀମଜା ଭାଷଇ ପୁଣ । "ଯେ ବସ୍ତୁର
ଯେ ଅଦ୍ଭୁତ ଗୁଣ । ତା ନ କହି ହେଲେ ତୁନି । ସେ ଅପ୍ରାପ୍ୟ ଚିତ୍ତ ଦଏ ହାଣି ।
କହିଲେ । ଅଳ୍ପେ, ଖଳତା ହୁଏ । ତେଣୁ ମୋ ବଚନପଣେ ଏଥି ଶୋହେ । ୩୨ ।
ତର୍ଣ୍ଣୀ- ତର୍ଣ୍ଣାଧି-ଜାତ ।-ବେଦ-କୁଣ୍ଡେ ପଣ୍ଡ ରତିକାନ୍ତ । ପକାଇ ଥିବାରୁ ଝାସି ।
ଭାଗ୍ୟ ତା ଏ ଜନ୍ମେ ଅଧ୍ୟୁ ପ୍ରକାଶି । ଏ ତୁମ୍ଭ । କଳେବର ପାଇଛି । ନୋହିଲେ କି
କାହିଁ ଏ ରୂପ ଅଛି । ୩୩ । ଶୋଭରେ କୈଳାସ-ଜିତ । ଯେ ସେ ପୁରବରା ତୁମ୍ଭ
କାନ୍ତ । ଦେଖି ମହନେ ଲଜରେ । ଶୋଭାହରଣୁଁ ଅଶ୍ୱିନୀକୁମାରେ । ନୟନୁଁ ।
ନୀର ଗଡ଼ାଉଥିବେ । କାମ ରୂପଗର୍ବ ନ ଥିବ ଲବେ । ୩୪ । ଏ ତୁମ୍ଭ କାନ୍ତି-କୀର୍ତ୍ତିର ।

Digitized by srujanika@gmail.com

ଅଂଶୁସମ ଏ ଶୁଭ୍ରମରାଳ । ମାଳ ମାଳ ହୋଇ ଉଡ଼ । ସରସୀ ସରତେ ଆନ୍ତି ଯା
ପଡ଼ । ଅଂଶୁତ । ଲଘୁସ୍ଵଭାବରୁଁ ବୁଡ଼ । ନ ଯାଇ ଭାସୁଥାନ୍ତି ଯାଡ଼ ଯାଡ଼ । ୩୫ । ତୁମ୍ଭ
ପଦ-ଅଙ୍ଗୁଷ୍ଠର । ଶିରୀ ଲଭି ପାରନାହିଁ ସ୍ମର । ସେ କାହୁଁ ତାହା ଲଭିବ । ତାଙ୍କୁ
ଦଗ୍ଧ ଦେଇଛନ୍ତି ଯେ ଶିବ । ତାଙ୍କର ଶିର-ଅର୍ଦ୍ଧେନ୍ଦୁ ଏବେ । ନଖର ହୋଇ ଏ
ଅଙ୍ଗୁଷ୍ଠେ ଶୋଭେ ।୩୬। ନବଜଳଦ ପ୍ରତିମାସେ । ଲଭି ପୂର୍ଣ୍ଣତନୁ ତପପ୍ରାସେ । କ୍ଷୀଣୁଁ
କ୍ଷୀଣତର କରି । ଅମାବାସ୍ୟରେ ତନୁତ୍ୟାଗ କରି । ତପସ୍ୟା ।—ବଳେ ତୁମ୍ଭ ବଦନ ।
ସଙ୍ଗେ କି ସାଯୁଜ୍ୟ ଲଭିଲା ଜନ୍ଧ । ୩୭ । ଚିବି ନାନାବର୍ଣ୍ଣେ ନେବ । ବିଧି ଭଲ
କରିଛି ନିର୍ମିତ । ଏହା ତୁଲେ କୃଷ୍ଣଧାରି ।—ନେଇ ନୋହୁ ତୁଲ ତା ତଳେ ଖାଲି ।
ରଞ୍ଜକ । ତାକୁ ତୁ ସ୍ଥାନ ବୋଲି । ଅର୍ଦ୍ଧଚନ୍ଦ୍ରଦାନେ ଦେଇଛି ପେଲି । ୩୮ । କାମ
ସିନା ମୋହବଶେ । ମୂର୍ଖଧରୂପେ ତୁମ୍ଭଙ୍କୁ ସେ ଲେଶେ । ଏ ଭ୍ରୂନିର୍ମାଣପାଇଁ । ଗୃପ
ଯା ଧାତାଙ୍କୁ ଦେଲା ସେ ଦେଇ । ତେଣୁ ଏ । ଭ୍ରୂଭଙ୍ଗି ଦେଖନ୍ତେ । ହାତେ ନ
ଥିବାରୁ ଅସ୍ତ୍ର ତା ହାତେ ୩୯। ମୁଖମୃଗାଙ୍କ ନିର୍ମାଣି । ବିଧି ମନେ ପୁଣି କ କ ଗୁଣି ।
ମୃଗେ ତହିଁ ରଖିଅଛି । ତା ନୟନ ତୁମ୍ଭ ନେଇ ହୋଇଛି । ପଛକୁ । ପୁଚ୍ଛଭାଗ
ରହିଛି । ଗ୍ରୀମରି ସେ ଏ କେଶ ନୁହେ କଛି । ୪୦ । ହରେ ଅନଙ୍ଗୀକରଣ ।—
ବରେଣ କ ମ ନୁହଇ ଦର୍ଶନ । ଆଉ ସେ ପୂର୍ବ-ପ୍ରବାଦ । ଲେଶେ ନ ଲଭି ଏରୂପ-
ସମ୍ପଦ । ଅନଙ୍ଗ । ହୋଇ ରହିଲା ସେହୁ । ଅଙ୍ଗୁଁ ଏ କମ୍ବଦନ୍ତୀ ବ୍ୟାପିଯାଉ । ୪୧ ।
ସାର-ସୁଷମା ବିଶ୍ଵର । ଦେଲା ଯେଣୁ ତୁମ୍ଭ ଅଙ୍ଗେ ତୁଳ । ବାକି ଶୋଭା ଲଭିବାକୁ ।
ଅଶ୍ରିଲା ଶଶାଙ୍କ ଉଞ୍ଛବୃତ୍ତିକୁ । ହେଲେହେଁ । କ୍ଷୁଦ୍ର ସ୍ଵଧର୍ମବଳେ । ଦ୍ଵିଜରାଜ ରହେ
ଶଙ୍କର ଚୂଳେ । ୪୨ । କ୍ରୋଧେ କାମ ଭସ୍ମୀଭୂତ । ହେଉ ଶୋଭା-ଦରିଦ୍ର-ଜଗତ ।—
ଦୁରବସ୍ଥା ଦେଖି ହରି । କୃପାହିପଣେ ତାଙ୍କର ପ୍ରତିକାର-। ବଶ୍ଵରି । ଚିରକାଳ
ଚିନ୍ତାରେ । ଏରୂପ ରଚି ଜଗତେ ତୋଷିଲେ । ୪୩ । ଯେବେ ତୁମ୍ଭେ ନର ହେବ ।
ମର୍ତ୍ତ୍ୟ କେହି କୃତାର୍ଥ ନୋହିବ । ହୋଇଥିବ ଯେବେ ଦେବ । ଦେବତୁଲେ ମର୍ତ୍ତ୍ୟ କାହିଁ
ହୋଇବ । ଜନମି ।- ଥିବ ଯେବେ ପାତାଳେ । ତଳେ ଥାଇ ସେ ନୁହେ କାଁ
ଉପରେ ? ।୪୪। ସାଗର-ଶୋଷା ମୁନିର । କଥା ଶୁଣି ବିସ୍ମୟ ଚିତ୍ତର । ଥଉ ବସା
ନ କରଇ । ତୁମ୍ଭ ଗାମ୍ଭୀର୍ଯ୍ୟେ ସିନ୍ଧୁ ଲଘୁ ନୋହି । ଥିବଇ । ତେଣୁ ଋଷି ଚିତ୍ତରେ ।
ପିଇ ଦେଲେ ସିନା ତାହାକୁ ସୁଖେ । ୪୫ । ସଂସାର-ସିନ୍ଧୁ-ମଧ୍ୟର । ତୁମ୍ଭ ପ୍ରତିବିମ୍ବ
ଏକା ନଳ । ବିଧାତା-ସୃଷ୍ଟିରେ କେହି । କାହା ସମ ହୋଇ ଗୋଟିଏ ନାହିଁ ।
ଦ୍ରବ୍ୟର । ପ୍ରତିବିମ୍ବ କେବଳ । ସର୍ବାଂଶେ ତା ତୁଲେ ହୁଅଇ ତୁଳ ।୪୬। ଏ ମର୍ତ୍ତ୍ୟରେ
କେଉଁ ଜନ । ଏତେ ସୁକୃତ କଲା ଅର୍ଜନ । ଯା ଯାଶେ ଗମନ ପାଇଁ । ତୁମ୍ଭପରି
ଲୋକ ହୋଇ ଉତ୍ସାହୀ । ପଦ୍ମର ।—ଚନ୍ଦ୍ରେ ମହାଉତ୍ପଳ ।-ଜାଳେ ଧବଳ ରବେ

Digitized by srujanika@gmail.com

ରୁଚିର । ୪୭ । ସନ୍ଦେହ ଦୋଳାରେ ଦୋଳ । କି କହଇ ମୁଁ ନ ପାରେ ଜଳ ।
କେଉଁ ଭାଗ୍ୟବନ୍ତ-ବାସେ । କରୁଛ ଗମନ ଅତିଥି-ବେଶେ । ତହିଁ ବା । ମୋର କି
ପ୍ରୟୋଜନ ? । ବୃଥା ଆଶା ସଦା ଦୁଃଖ କାରଣ । ୪୮ । ଏ ତବ ରୂପ-ସମ୍ଭାର ।
ଦେଖି ସାର୍ଥକ ନେତ୍ର ମୋହର । ଶ୍ରୀମୁଖୁଁ ପଦେ ବଚନ । ଶୁଣିବାକୁ ଯେବେ ମୋ
ବେନିକର୍ଣ୍ଣ । ଭାଜନ । ହୋଇ ପାରନ୍ତେ ଲବେ । ଅମୃତକୁ ମୃତ ଭାବନ୍ତେ ତେବେ ” ।।
ନବୀନା-ଓଷ୍ଠ ବନ୍ଧୂକ । ସେ ତ ଅବ୍ୟାଜ-କାମକାର୍ମୁକ । ତା କୁସୁମ-ମଧୁରସେ ।
ସୁରଞ୍ଜିତ ବାଣୀବାଣ ବିଶେଷେ । ତହିଁରୁ । ଫିଟି ଶ୍ରବଣ-ପୁଟ । ଭେଦ ନୃପହୃଦ କଲା
ଉଚ୍ଚାଟ । ୫୦ । ପ୍ରିୟାମୁଖୁଁ ପ୍ରିୟବାଣୀ । ଶୁଣି ସୁଧାରସେ ନୃପମଣି । ମଜ୍ଜିଲେ ମଜ୍ଜା-
ସହିକା । ଅବ୍ରମୁଖୁଁ ଶୁଣିଲେହେଁ ସୁଡକା । ମାନସ । ସେ ତ ନାଅଛି ମୋହ । ପ୍ରିୟାମୁଖୁଁ
ହେଲେ କଥା କି ଆଉ । ୫୧ । ସୂର୍ଯ୍ୟପ୍ରାତେ ଅର୍ଦ୍ଧ୍ୟଧାଇ । ଯଥା ଉଦୟାଚଳେ
ଶୋଭଇ । ତଥା ଭୂପତିସ୍ୱତାର । ଅତିଥି-ସେବନ ଯେଣୁ ମନର । ନୃପତି । ଅତି
ହରଷ-ମନେ । ବିଜେ କଲେ ଏକ ସଖି-ଆସନେ ।୫୨। ଦେଖି ତେମାକୁ ନବେନେ ।
ଧୈର୍ଯ୍ୟ କାମ ଏ ବେନି ଏକାଳେ । ଦେଲେ ଅବମ୍ଭ ବିଗ୍ରହ । ହାର ପଳାଇଲା ଧୈର୍ଯ୍ୟ
ଅଦେହ । ମଧ୍ୟରୁ । ଗୃପ ଭଙ୍ଗ ପଡିଛି । ସେ ସିନା ନଳଭୂରୁ ବୋଲାଉଛି । ୫୩ ।
ଦମୟନ୍ତୀ-ଖଣାଞ୍ଜଣା । ବାଣୀ ଶୁଣିଲେହେଁ ନୋହୁ ବଣା । ଧୈର୍ଯ୍ୟ କାମ ନାଶି ଖାର ।
ତେମାକୁ ଉଷନ୍ତ ମଧୁର ଗିର । ବିବେକ ।-ଧାରେ ଶତଧଉତ । ସାଧୁଶବ୍ଦେ କି କରିବ
ମନ୍ମଥ । ୫୪ । “ଶୁଣ ଗୋ ଭୂପତିପୁତ୍ରି । ଦେବେ ପେଷିଲେ ମୋତେ ତୋ କତି ।
ଦୂତପଣେ ମୁଁ ଅଧିଛି । ଅତି ଆଦରେ ହୃଦରେ ବହିଛି । ପସ୍ୱଣ ।—ପର ସେ
ଅମରଙ୍କ । ତୋତେ ଦେଇଥିବା ଉଦନ୍ତତକ ।୫୫। ହେଉ ସପର୍ଯ୍ୟା ଏତିକ । ଆସନ୍ନୁ
ଉଠିବା ଉଚିତ କି ? ନ ବସୁଁ ଆସନେ କେହୁ । ଦୂତପଣ ମୋ ଗଲେ ସିଦ୍ଧହୋଇ ।
ଅତିଥି ।-ପରିଚର୍ଯ୍ୟା ତୋହର । ଅଧିକୁଁ ଅଧିକେ ହେବ ସୁନ୍ଦର ।୫୬। ଅଗୋ ଦଶା-
ଲାକ୍ଷବର । ଅଙ୍ଗିକ ତ ସବୁଶୁଭ ତୋର । ଚିତ୍ତ ତ ଅଛି ପ୍ରସନ୍ନ । ବୃଥା-ବାକ୍ୟ-
ବ୍ୟୟେ କି ପ୍ରୟୋଜନ । କିଣ୍ଟତ । ଦତ୍ତକର ଏଣିକ । ଅବଧାନ ବାଳେ ମୋର
ବାଣୀକି ।୫୭। ଶଇଶବକାନ୍ତୁଁ ତୋର । ସ୍ୱଗୁଣଗଣ ଅମରପୁର- । ବର ବୈଶ୍ୱାନର
ଜୀର ।—ନଧ୍ୱ-ଅଧିପ ଅଦିତ୍ୟକୁମର । ଏ ଗୁର ।-ଙ୍କର ଚିତ୍ତକୁ ବନ୍ଧ । ଦେଇଅଛି
କରି ସୁଦୃଢେ ବାନ୍ଧ । ୫୮ । ଶୈଶବ ଯୌବନ ଦୁଇ । ସନ୍ଧି-କାଳେ ଥିବା ତୋର
ଗୁହିଁ । ତୋତେ ସୁମର ସୁମର । ହେଲେଣି ଅମରେ ଚରହେ ଧୀର । ସ୍ୱଷମା । ଅଙ୍ଗୁ
ଚିତ୍ତରୁ ଧୈର୍ଯ୍ୟ । ନେଲାଣି ହରି ତାଙ୍କ ମନସିଜ ।୫୯। ଏବେ ସେ ଦେବଙ୍କ ଆଶା ।
ସଦା କଲାଣି ତୋ ତହିଁ ବସା । ହେଲେହେଁ ଅତି ରୁଚିର । ପ୍ରାଚୀ-ପ୍ରତୀଚ୍ୟାଦି ଦଶ
ଚତୁର । ପାରନ୍ତି । ନାହିଁ ପୂରୁବପର । ନଳନଳ-ପତି-ମତିକ ହର । ୬୦ । ଏତେ

Digitized by srujanika@gmail.com

ନବପଲ୍ଲବନ । ସଙ୍ଗେ ସଙ୍ଗେ କ୍ରମେ କ୍ରମେ ଘେନ । ବାସବ-ଉତ୍କଣ୍ଠା ବଢ଼ି । ଗଲାଣି
କୋଟି ପରିଯନ୍ତ ଚଢ଼ି । ଟିସ ଉତ ।-କଣ୍ଠା-ବତ ଅଶ୍ରିନ୍ଧ । କାମଗୃପ-କୋଟି ବୃମ୍ଭିଲ
ଗୁଣ । ୬୧ । ପୂର୍ବେ ଉଦୁଁ ଅଂଶୁମାଳ । ତାଙ୍କ ଅକାରୁଁ ଏ ଶଶୀ କଳ । ତାକୁ ଇନ୍ଦୁ-
ଅପରାଧେ । ସହସ୍ରନୟନ ଅରକ୍ତ କ୍ରୋଧେ । କରଣ । ଦମ୍ଭଦ୍ୱେଷୀ ବାସବ । ଗୃହାନ୍ତ
ଏଥୁଁ ତାଙ୍କ ଚିତ୍ତ ଭ୍ରବ । ୬୨ । ମାନ ନେଇ-ହିତସ୍ତରେ । ହର ଯାହା ଦେଲେ କର
ସ୍ପରେ । ସେ କଷ୍ଟ ଅଜ ପର୍ଯ୍ୟନ୍ତ । ପାଉନାହଁ ମୁଷ୍ଟି କେଳନ୍ତ-କାନ୍ତ । ସହସ୍ର ।—
ନେଇ ବାସବ ଯେବେ । ସେବେ କାମେ କି ଆଜ ରଞ୍ଜିବେ ? ।୬୩। ଭ୍ରମୁଁ ନନ୍ଦନ-
କାନନେ । ବାଜୁଁ ପିକ-କୁହୁତାନ କାନେ । ଅନନ୍ଦ ନୁହନ୍ତୁ ଲେଶ । ଚୂଡ଼ାମଣି-
ଶିଶୁ-ଶଶିର ହାସ ।-ବଶରୁ । ଶବପୂଜା ବାସବ । ମାନସେ ନ ପକାନ୍ତ ଅଜ ଲବ ।୬୪।
ହେଲେହେଁ ରାକା-ରଜନୀ । ଶୁଣି ବନପ୍ରିୟ-କୁହୁବାଣୀ । ଭାବନ୍ତି ତାହାକୁ କୁହୁ ।
ଯେଣୁ ମାରଶରଯରଗେ ଅଜ । ନ ହସେ । କଣ୍ଠ ପଦ୍ମ ବନ୍ଦନେ । ଧମତାମସ ହସେ
ସର୍ବସ୍ଥଳେ । ୬୫ । କୁସୁମଶରେ ମଦନ । ପୀଡ଼ିବାର ଚଟୋଇଲେ ମନ । ବଜ୍ରମାର
ବଜ୍ରଧାରୀ । ନ ଥାନ୍ତେ କି ତା'ର ସମ୍ପତ୍ତି ସାର । ଶଙ୍କର ।-ସେଷୁଁ ହେଲା ତା ଶର୍ମ ।
ଅନଙ୍ଗତା ହେଲା ଏବେ ତା ବର୍ମ । ୬୬ । ତୋ ବିରହେ ବରବାଳ । ହେଲା ସୁର-
ପତିଧୃତ ଧୂଳ । ଶୀତଳ ଶେଯଲ୍କୁ ତାଙ୍କ । କଳପପାଦପ-ପତ୍ରଯାକ । ଲାଗନ୍ତେ ।
କଳ୍ପବୃକ୍ଷେ ଦାରିଦ୍ର୍ୟ ।-ନାଶି ହୋଇ ହେଲେ ପଙ୍କେ ଦରିଦ୍ର । ୬୭ । ହୁରିକାର୍ମୁକ
ଟଙ୍କାର ।-ଭବ ସ୍ୱରେ ଶ୍ରୁତ ବାସବର । ଗଲାଣି ହୋଇ ବଧିର । କାମ-ମୋହନାଶୀ ଗିର
ଗୁରୁର । ନପଶେ । ଆଜ ଲେଶେ ତହିଁରେ । ବିନା ସେବନେ କି ଔଷଧରେ ? ॥ ତାଙ୍କ
କାମତାପଶାନ୍ତି । ପାଇଁ ସମୃଣାଳ ପଦ୍ମନତ । ମଧୁକାଳଯାକ ବୁହା । ହେଉଛି କେତେ
କେ କହିବ ତାହା ! ଏଣିକି । ମଧୁକାଳେ ବରଜ । ଶିଶିରେ ଯିବେ ପଦ୍ମେ ହୋଇ
ରାଜ ॥ ରେ ବାଳ ତୋ ଲାଭପାଇଁ । ଇନ୍ଦ୍ର-ଉତ୍କଣ୍ଠା ନ ହୁଇ କହି । ସହସ୍ରନୟନ ବନ୍ଦି ।
ସେ ତୋ ଏକନେଇ କଣାଇ ଗୃହିଁ ।—ଦେବାର ।—ବେଳ ଖୋଜନ୍ତି ଭାବ । ଏଣୁ
ସେ ଉତ୍କଣ୍ଠାସମ କେ ଭାବ । ୭୦ । ଶିବଣ-ଅଷ୍ଟମ-ମୂର୍ତ୍ତି । ବୋଲି ଜଗତେ ଯାହାର
ଖ୍ୟାତି । ଯା ତେଜେ ସର୍ବ ଜଳଇ । ଅଗ୍ନି-ହୋବିଏ ଥାନ୍ତି ଯାକୁ ଧାଇଁ । ସେ ବହ୍ନି ।
ଏବେ କାମ-ଭୟରେ । ଦାସ୍ୟ ଇଚ୍ଛୁଛନ୍ତି ତୋର ପଯ୍ୟରେ । ୭୧ । ତୋତେ ବଳ
ପାଇ କାମ । ତାପ୍ତଅଛି ଅନଳେ ବିଷମ । ଶିଖାଇଲାଣି ଏମନ୍ତ । ତାପ ସହିବାର ସୁଖ
କେମନ୍ତ । ଏବେ ସେ । ନିଜ ଦଶା ସୁମରି । ଅନେ ଆଜ ନ ପକାଇବେ ଘାରି ।୭୨।
ପୂର୍ବେ ବହ୍ନି ହରନେହେ । ରହି ଦହୁଥିଲେ କାମଗାହେ । ଏବେ କାମ ତୋର
ନେହେ । ରହି ଦହୁଛଏ ଅନଳଗାହେ । ପୁରୁବ-। ଋଣ ସୁଧ ସହିତେ । ହେଉଛି
ଶୋଧି ନ ରଖି କ୍ଷଣହିତେ ।୭୩। ତୋର ବିରହବଶରେ । ଶଶଧରେ ଛନ୍ଦିବା ସେଷରେ ।

Digitized by srujanika@gmail.com

ନାମ ସାମ୍ୟତା ଯୋଗରେ । ଯେ ସୋମ ଅହୃତ ହୁଏ ହୋମରେ । ଅନଳ । ତାଙ୍କୁ ପକାନ୍ତୁ ଦହି । ତେଜସ୍ୱୀ ଶତ୍ରୁ ନାମ କି ସହଇ ? । ୭୪ । ବିଷମ-କୁସୁମ ଶର-। ଘାତେ ନରତେ ହୋଇ ଜର୍ଜର । ବୈଶ୍ୱାନର ତୋହପାଇଁ । ପୂର୍ବେ ତାଙ୍କ ଭସ୍ମ ଯାଇଛି ହୋଇ । ପୂଜକ । ଯେବେ ପୂଜେ ସୁମନେ । ତା ଦେଖି ଭ୍ରାନ୍ତ ଜନ୍ମେ ତାଙ୍କ ମନେ । ୭୫ । ଏବେ ଦହନଙ୍କ ବକ୍ଷ । ହେଲା କାମଇନ୍ଧନ ପ୍ରତ୍ୟକ୍ଷ । ତହିଁ ଶୈବାଳ ସଂଯୁକ୍ତ । କମଳଦଳ ଶୀତଳ ନିମିତ୍ତ । ରଖନ୍ତି ସେ । କାମ-ଅନଳ-ଜାତ । ସଧୂମ ଶିଖାବତ ଦିଶେ ସତ । ୭୬ । ଚନ୍ଦନଚର୍ଚ୍ଚିତା ଦିଶ ।—ଯୋଷିତର ଯେ ଅଛନ୍ତି ଇଶ । ଯା ତାତ କମଳବନ୍ଧୁ । ଯେ ଶମନ ସ୍ମର ତୋ ମୁଖଇନ୍ଦୁ । କଲେଣି । ଧୀରତାକୁ ଅହୃତ । ସ୍ମର-ପ୍ରତାପ-ଜ୍ୱଳନେ ଯୁବତ । ୭୭ । କାମାନଳେ ଦହ୍ୟମାନ । ତାଙ୍କ ଅଙ୍ଗେ ମଳୟ ପବନ । ସଧୀରେ ପଙ୍କବକର । ଗୃଳଇ ସ୍ୱକଷ୍ଟେ ନ କର ଗାର । ଯେ ଯା'ର । ଅଶା ଭରସା କରେ । ସେ ତାକୁ ହାଦେ ବରଜ ନ ପାରେ । ୭୮ । ମାର-କାନ୍ତିରେ ଶୁକଳ । ପ୍ରଚଣ୍ଡ-ତାପେ ତାପିତ ତାର । ଜ୍ୱର-ଜର୍ଜରତ ଅଙ୍ଗ । ହେଲାଣି ତୋ ବିରହେ ବହୁ ଖଙ୍ଗ । 'ଯମକ' । ଅଛ ଅନଙ୍ଗ ହୋ ନା । ମଣ୍ଡ ତାଙ୍କ ଅଙ୍କ ବରଅଙ୍ଗନା । ୭୯ । ସନ୍ଧ୍ୟାରେ କୁଙ୍କୁମ ବୋଳା ।— ଅଙ୍ଗୀ ଯେ ପ୍ରଚୀଚ-ଦିଶ ବାଳା ।—ମେଳେ ଯାପୁଥାନ୍ତି କାଳ । ସେ ବରୁଣ ଏବେ ତୋ ଅଶେ ଭେଳ । ସେକାଳେ । ପୁରୁ ବାହାରଛନ୍ତି । ଯେକାଳେ ପାନ୍ଥେ ଗଲେ ନ ଫେରନ୍ତି । ୮୦ । ବଡ଼ବାବଦନ-ଜାତ । କ୍ଷୁବ୍ଧ ପ୍ରଜ୍ୱଳିତ ଶିଖୋବନ୍ତ । ଅନଳେ କୋଳରେ ବହି । ତଥା ନବନିଧି ନୁହଇ ଦହି । ଚଟୋଇ । ରତିପତି-ତାପିତ-। ସ୍ୱପତି-ଦୁର୍ଗତି ଯା ସେ ଦୁଃଖିତ । ୮୧ । ହେବାପାଇଁ ତାପ ଶାନ୍ତ । ସଜ-ମୃଣାଳ-ମାଳିକା-ତତି । ଅଙ୍ଗେ ହୋଇଥାନ୍ତି ଲଗି । ସେ ଦୁର୍ବିନୀତାଏ ଭିଥଇ ଭଙ୍ଗି । ତୋ ବାହୁ ।—ବନ୍ଧ ଚଟୋଇ ଦେଇ । ଅଧିକେ ତାହାକୁ ପକାନ୍ତୁ ଦହି । ୮୨ । ପ୍ରତପ୍ତ ବକ୍ଷେ ତାଙ୍କର । ଖଣ୍ଡ ଖଣ୍ଡ ସ୍ୱଜଇ ମୃଣାଳ । ତା ଦେଖି ଚତ୍ତେ ଏମନ୍ତ । ଅସଇ ଶାୟକ କେଳକି-କାନ୍ତ । ପେଷନ୍ତେ । ଭେଦ ଗଲେ ସେ ଚଉ । ଦିଶୁଛି ତାଙ୍କ ଫିବା ରନ୍ଧ୍ର ମାଝ । ୮୩ । ତୋତେ ଅମୋଘ-ଶାୟକ । ଲଭି ପ୍ରପଞ୍ଚ ରତି ନାୟକ । ମଦାନ୍ଧ-ପଣେ ଉଦ୍ଦଣ୍ଡ । ହୋଇ ନ ମାନି କରେ ଲଣ୍ଡଭଣ୍ଡ । ଏିଲୋକ ।—ପୁଜିତ ଏ ଚତୁର । ବରବୃନ୍ଦାରକଙ୍କୁ ନିରନ୍ତର । ୮୪ । କାଲି ତୋର ସ୍ୱୟମ୍ବର ।—ହେବା ଗିରଛଣା ସୁଧାଧାର । ପର ଶେ ଅମରଗୃହ । ଶ୍ରବଣ-ବଦନରେ ପାନ କର । ଉତୁର । ଅସି-ଛନ୍ତି ସ୍ୱର୍ଗରୁ । ନ ଭାଙ୍ଗ ତୁ ତାଙ୍କ ଅଶା ରମ୍ଭୋରୁ । ୮୫ । ସପତ୍ନୀ-ଭବ-ସମ୍ଭୂତ । ପ୍ରତପତ ଘାଦେଶ୍ୱାସ-ବ୍ରାତ । ସ୍ୱପତ୍ନୀଙ୍କ ସମ୍ଭୂବାଇ । ଶମ୍ଭୁ-ପରଶରେ ଜର୍ଜର ହୋଇ । ଓହ୍ଲାଇ ।—ଛନ୍ତି ଏ କ୍ଷିତି-ବକ୍ଷେ । ଚତୁର ହରିତ-ପତି ପ୍ରତ୍ୟକ୍ଷେ । ୮୬ । ତୋତେ

Digitized by srujanika@gmail.com

ଚୁମ୍ବିବାରୁ ଚନ୍ଦ୍ର । ହେଲା ତାଙ୍କ ଅତି ରସବନ୍ତ । ନ ବାଧିଲା କ୍ଷୁଧା ତୃଷା । ପାଥେୟ ଅମୃତେ ନ ରକ୍ଷି ଅଶା । ଉଦ୍‌ବେଗେ । ବେଗେ ଅଇଲେ ଚଳି । ଅକ୍ଳେଶେ ଏତେ ପଥ ନବବାଳୀ । ୮୬ । ତୋପାଇଁ ରେ ଗ୍ରାମାବର । ହର-ପରଶର-ବୈଶ୍ୱାନର ।— ଉଦରେ ସ୍ୱଦାସବ୍ରାତେ । ଦେଇ ଏ ସୁପର୍ବବରେ ତୁରତେ । ପୟୂର ।— ସ୍ୱର୍ଗ କ୍ଷିତକ ଅତ । ଅନୁଗ୍ରହ ଏବେ ଦେଖାଇଛନ୍ତି । ୮୮ । ଧବଳିବ ଚମ୍ପାଂସ ।— ପବ୍ୟେ ସେ ଦଣ୍ଡୁଥାନ୍ତି ତୋସ । ଭେଟିଲେ ମୋତେ ପଥରେ । ବୋଇଲେ ଜେମାପାଶେ ଦୂତ ଥରେ । ହୋଇବ । ଢେନ ଅମୃ ଉଦନ୍ତ । ହେଲ ତାଙ୍କ ଜଙ୍ଗମ-ପର୍ବତ । ୮୯ । ଦେଇ ଜବଡ଼ ଅଶ୍ଲେଷ । ଏ ଦ୍ୱି-ଦ୍ୱିଗୁଣ-ଦଶ-ଅଧୀଶ । ଜଣାଇଛନ୍ତି ଏତେକ । ଦାରୁଣ-ମାର-ଶବର-ଶାୟକ ।— ନର୍ଦ୍ଧାତ ।— ବଧାତେ ସେ ଅଥୟ । ତୁ ତାଙ୍କ ବିଶଲ୍ୟକରଣୀ ହୁଅ । ୯୦ । ତୋର ଅପରୂପ-କାନ୍ତି ।— ଦରଶନ ପାଇ ଲେଖି ଅତ । ହୋଇଛି ତାଙ୍କ ନୟନ । କହ କଶୋର ଅଜ କେତେଦନ । ସେମାନେ । ନଜ ନଜ ନେତ୍ରଙ୍କୁ । ଉଣ୍ଡୁଥିବେ ଦେଇ ଅଶା-ପଥକୁ ।୯୧। ଦେବେ ଅଦତ୍ୟ ସ୍ୱଭାବେ । ତୋର ଭୁଜ-ପରବେଶ ଏବେ । ହେଉ ତାହାଙ୍କ ଭୂଷଣ । ନ ଭଣ 'ନାହିଁ' ତୁ ହୁଅ ପ୍ରସନ୍ନ । ଅନଙ୍ଗ ।— ଜ୍ୱାଳାଲହରୀ-ଶୀତ ।— ଅଙ୍ଗେ ତାଙ୍କ ତାପ ହର ତୁରତ । ୯୨ । କର କୃପା କୃଶୋଦରୀ । ଅନଙ୍ଗ ଅଦୃଶ୍ୟଶରେ ଘାର । ନ ପଞ୍ଜାଅ ତାଙ୍କୁ ଅନ୍ତ୍ର । ଜୀବ ଯିବାରୁ ଲଭ କାମଦାଡ଼ । ତୋ ପ୍ରେମ ।— ରସସିକ୍ତ କଟାକ୍ଷ ।— ବଶିଖ-କ୍ଷତ ସେ ମଣନ୍ତି ସୁଖ । ୯୩ । ତୋତେ ଲଭିବାକୁ ଗୋର । ଶତ ଶତ ମରୁଛନ୍ତି ଝୁରି । ହେଲେ ସେ ଦେବଙ୍କ ପ୍ରାଣ । ଅଛଇ ସଦା ତୋ ଚରଣାଧୀନ । ଏ ମିଥ୍ୟା । ଯେବେ ଭାବୁ ମୃଗାକ୍ଷି । ମନୋଭୂମନ୍ମଥ ତହିଁକ ସାକ୍ଷୀ । ୯୪ । ତାଙ୍କ ହୃଦୟ-ଅନ୍ତର ।— ଗତେ ଅଛୁତ ତୁ ନିରନ୍ତର । କର ଅନୁଗ୍ରହ ଲବ । କମଳା ଯେମନ୍ତ କମଳନାଭ ।— କୋଳରେ । କେଳି କରେ ନିରତ । ତୁ ତାଙ୍କର ଅଙ୍କେ ହୁଅ ତେମନ୍ତ । ୯୫। ଦୟ୍ଯୁ ଥିଲେ ରେ ବାଳୀଶ । ଲେଶେ ଅସ ପୁରପୁର ଭୂଷ । ଯେବେ ବା ସ୍ୱଜନ୍ମଭୂମି । ବୋଲି ମର୍ତ୍ତ୍ୟେ ଅଛି ମମତା ଜନ୍ମି । ତେବେ ତୁ । କର ସ୍ୱୀକାର ଏତେ । ଅସି କରନ୍ତୁ ସେ ସ୍ୱର୍ଗ ଏମର୍ତ୍ତ୍ୟେ । ୯୬ । ନିତ ପୂଜୁ ଯାହା ପଦ୍ମେ । ତହିଁ ତାଙ୍କ ତୋଷ ନୁହେ ଛଦ୍ମେ । ତୋ ପ୍ରସାଦ ଲଭପାଇଁ । ଥିବା କାଳରେ ଯେ ଶିର ନୁଅଇଁ । ତା'ପରେ । ତୋ ପୟର-ସାରସ । ଶୋଭିଲେ ଲଭିବେ ସେ ମହାତୋଷ । ୯୭। ପୂଜାରେ ତୁ ଯେଉଁ ଧର୍ମ । ଦେଉ ତହିଁ ତାଙ୍କ ଲସ ଶର୍ମ । ତପତ-କନକ-କାନ୍ତି ।-ଜୟୀ ଏ ତୋ ଅଙ୍ଗ-ପ୍ରତ୍ୟଙ୍ଗତତି । ଲଭିବା ।-ପାଇଁ କର ତାଙ୍କର । କୋରକ କରୁଅଛି ନିରନ୍ତର । ୯୮ । କାମଶରାସନ ଟଣେ । ଜାତ ଭ୍ରୂଭୁ ତୋର ମଣନ୍ତି ସେ । ପଠାଇ ଅଛନ୍ତି କହ । ରେ ସୁଭ୍ରୁ ବଣିକ

Digitized by srujanika@gmail.com

ପରସ୍ପୃ ହୋଇ । କନକ । ନତ ଦନ୍ତୁଅଛନ୍ତି । ଯେଣୁ ସେ ବିବାସୀ ତୋ କାନ୍ତ ପ୍ରତି । ୯୯ । ତୋର ବିରହ ବିଜନ୍ୟ । ତାଙ୍କ ତାପ ସୁଧାରସେ ସ୍ନାନ । କଲେହେଁ ନ ଯାଏ କଛି । ଅପସରାଙ୍କୁ କେବା ପଚାରୁଛି । କୁସୁମ ।-ଶର ସମ୍ଭବମଧୁ । ତୋ ମୃଦୁ-ଭାଷା ତା ବିନାଶେ ସାଧୁ । ୧୦୦ । ଯାହା କହୁ ପଦେ ପଦେ । ଖଣ୍ଡ ମଣନ୍ତି ସେ ତାକୁ ହୃଦେ । କହୁ କହୁ ରହିବାର । ଶିତଳ ଭାବନ୍ତି ସେ ତୋ ଶର୍କର । ରସଗ ।-ଗିତି-ଉକ୍ତି-ଶୀତଳ । ଇଷ୍ଟବୋଲି ଅଣୁଛନ୍ତି ମତକ । ୧୦୧ । କି ଅବା ତୋଷିବେ ଦେଇ । ଓଷ୍ଠ ସୁଧାତ ତୋ ମୁଖେ ଥାଇ । ସେ ମୁଖତ ଏବେ ବଳେ । ସୁଧାଙ୍କରଙ୍କୁ ଜିତିଲଣି ହେଲେ । ଯାଗର ।-ଭାଗ ମୃଗଧରର । ଅଗହୋଇ ସେ କରିବ ନଜର ।୧୦୨ ଦେବାକୁ ଅମର ବର । ଲାଗେ ଜିହ୍ୱା ନଚଳେ ତାଙ୍କର । ଯେ ତୋର ପଦ୍ମଚରଣେ । ଶରଣ ଇଚ୍ଛୁଛନ୍ତି ପ୍ରତିକ୍ଷଣେ । କାମଙ୍କ ।-ଦର୍ପୁଁ ପ୍ରାଣରକ୍ଷଣେ । ସେ କି ଶକ୍ୟ ତୋତେ ବର-ପ୍ରଦାନେ । ୧୦୩ । ଚଣ୍ଡାଳ ମଦନ କାଣ୍ଡେ । ବନ୍ଧ ତନୁ କଲା ଖଣ୍ଡେ ଖଣ୍ଡେ । ପ୍ରାଣ-ରକ୍ଷଣେ ତାଙ୍କର । ସୁଧା ସୁଧା ହୋଇଲଣି ବଧୂର । ସୁଧାଧ୍ୱ ।-କ୍ଷୀର ଅଧର-ମୃତ । ଦେଇ ବାରେ ରଖ ତାଙ୍କ ଜୀବତ । ୧୦୪ । ଗୃହସେପ-କେତୁ ତୁଲେ । ହେଲ ରତୀଶ ଧ୍ୱଂସି ଶଙ୍କରେ । ତୋ କୃପାରୁ ସ୍ମରମଳ ।-ନନ୍ଦନ ହୋଇ ମନୋଜ ନୟନ ।-ମୀନେ ତୋ । କେତୁବନ୍ତି ଭୃରୁରେ । ଧନ୍ୱୀ ଶଲ୍ୟଶାଳୀ ହେଉ ହାସରେ । ୧୦୫ । ସ୍ୱପ୍ନେ ଦେଖି ତୋତେ ନେଇ । ଶ୍ରୁତି ହୃଦକ ନାଶା ହ୍ରିଜା ଚଉ । ତାଙ୍କ ତୋ ସୁଷମା-ଗାନ । ମୃଦୁତା ଶ୍ୱାସ ଓଷ୍ଠାଧର ପାନ ।-ଚରନେ । ମଙ୍କିଅଛି ବିଶେଷ । ଦେବେନ୍ଦ୍ରସ୍ତ-ମୃଗେ ହେଲୁ ତୁ ପାଶ । ୧୦୬ । ଚତୁର ସୁର-ଉଦନ୍ତ । କର ଯତନେ ବସନାଗତ । ଚିତବନ୍ତି ପଞ୍ଚଶର । ତୋ ପାଶେ ଅସିଛି ଦୌତ୍ୟରେ ଗୋର । ନ କର । କାହିଁ ଏ ଗୃହ ସ୍ପୃହୁ । ଯାହାକୁ ଇଚ୍ଛା ତୋ ବର ବରେଣ୍ୟାରୁ ।୧୦୭। ସୁରେଣ୍ଟରେ ବର ବାଳି । ଅବା ଶମନେ ରତ ତୁ ହେଲ । କିବା ବହ୍ନି କାମ-ଦାଉ । ତୋ ଅନୁଗ୍ରହରୁ ଏତେକେ ଯାଉ । ଅଥବା । ତରଙ୍ଗିଣୀ-ଦୟିତ ।—ପତି-ଗଳେ ମାଳ ହେଉ ଲମ୍ବିତ ।୧୦୮। ହର୍ଷ କବିକୁଳଚନ୍ଦ୍ର । ହୀରମଣ୍ଡେବୀ ନନ୍ଦାନନ୍ଦ । କବିଙ୍କ ଅଦୃଷ୍ଟ ଗୀତ । ସରଜ ଏ ରସ ଭଅଇଛନ୍ତି । ଅଧମ । ଗୋପୀନାଥ ଗରଜ । ମରେ ନ ପାଉ ସେ ରସ ଅରଜ । ୧୦୯ ।

Digitized by srujanika@gmail.com

ନବମ ଛାନ୍ଦ ।

ରାଗ—ପଞ୍ଚମବରାଡ଼ି ।

ଏଥୁ ଅନ୍ତେ ଦିବ୍ୟରସ ଶୁଣ ସୁଧୀରେ ବଦୁଷ ଅମର୍ତ୍ତ୍ୟ-ଉଦନ୍ତ ଶ୍ରବଣରେ ।
ନଥିଲେ ହେଲେହେଁ ଭଙ୍ଗି ଇଙ୍ଗିତ ଠାବେ କୃଶାଙ୍ଗୀ ଅଙ୍ଗୀକାର କର ବରତରେ ।
ଭୂପ ସୁତା ।
ଏକା ଦୂତ-ବର-ଗିରେ ରସି ।-
ଥିବାରୁ ସିନା କେବଳ ସୁର-ଉଦନ୍ତ ସକଳ ଶୁଶ୍ରୂଷିଲା ଅନାଦରେ ବସି ।
ସାଧୁ ଜନେ । ୧ ।

ସ୍ୱଭୁଷ-ରଚିତ ସ୍ୱର-ଅସୁରର-ଗିର ଗୋଷ୍ଠ ବସ୍ତବସ୍ତ-ଯବମୁଖୁଁ ଶୁଣି । ଅଦର ନ ହେଉ ତହିଁ ଅଦରଲା ସ୍ୱନମୁହଁ ଶୁଣି ପୁଣି ନ ଶୁଣିବା ଠାଣି । ସାଧୁଜନେ । ଗ୍ରାମ-ନରପାଳ-କୋଳକଳା ।-ନଥି ସେ ମନୁଷ୍ୟାଧିପ ଇଳା-ତଳ କଳାଧିପ ଦୂତ ନଳେ ଏମନ୍ତ ଭାଷିଲା । ସାଧୁଜନେ । ୨ । " ଭୋ ଦୂତ ଏତ ବଚନ କୁଳ ନାମ ତୁମ୍ଭ ମୁଁ ତ ପଗ୍ଭରଲି ନ କହିଲ ତାହା । କହିଲ ଏମନ୍ତ କଥା ଯା ଶୁଣି ବଥାଏ ମଥା ଯହିଁ ମୋ ନ ଥାଇ ଲେଶେ ସ୍ପୃହା । ଦୂତବର । ମୋ ଉତ୍ତର ନର୍ମଳେ ନ ଦେଇ । ଅନ ପ୍ରସଙ୍ଗ ପ୍ରକାଶ ନୁହଇ କି ଲଜ ଲେଶ ରହ ଯା ମୋ ଅଧମର୍ଣ୍ଣ ହୋଇ । ଦୂତ-ବର । ୩ । ମୋ ପଗ୍ଭରବା କଥାର ଉତ୍ତର ଦାନେ ତୁମ୍ଭର ଏକ ଅଦଭୁତ ଖଣ୍ଡ ଦିଶେ । ସ୍ଥଳେ ସ୍ଥଳେ ଯଥାଯଥ ହୁତ୍ତର ମିଳଇ ଅର୍ଥ ସ୍ଥଳେ ସ୍ଥଳେ ଲେଶେ ନ ଅଭ୍ରସେ । ଦୂତବର । ଏ ତୁମ୍ଭ ଉତ୍ତର-ଦାନ-ଭଙ୍ଗୀ । ଦିଏ କାହିଁ ବା ପ୍ରକଟ ଛାହିଁ ବା ନଦଟ କୂଟ ସରସ୍ୱତୀ ନଦୀ ଅଙ୍ଗ ଭଙ୍ଗୀ । ଦୂତବର ।। ଶ୍ରବଣ-ପୁଟ-ପୀୟୂଷ ଏ ତବ ମଧୁର-ଭାଷ କଲେହେଁ ଶ୍ରବଣ ଯେତେଯେତେ । ତୁମ୍ଭ ନାମାକ୍ଷରପନ୍ତ ମୋ ତକ ଶ୍ରୁତି-ସମ୍ପତ୍ତି-କରଣେ ବଳଇ ବାଞ୍ଛା ଚତ୍ତେ । ଦୂତବର । ସଧୀରେ ବଗ୍ଭର କର ହୃଦେ । ଜଳଭବ-ଶୋଷ ନାଶେ ତହିଁ ସରସ ବଶେଷେ ଦୁଗ୍ଧମଧୁ ସମର୍ଥ କି ହାଦେ । ଦୂତବର । ୪ । ତମକାଶୀ ଭବାଦୃଶ ନାସ୍ତିକରହ ଈଦୃଶ ଭାଷ କେଉଁ କୁଳ-କୋଳ ଭୂଷ । ବହୁ ତୁମ୍ଭଙ୍କୁ କେ ବଂଶ ଅଧିକୁଁ ଅଧିକ ଯଶ ପରକାଶ କରନ୍ତି ଏ ବଂଶ । ଦୂତବର । ସେ ବଂଶକୁ ବଂଶ-ସାଧାରଣ- । ଭୁଲେ ଗଣିବାରୁ ଅର୍ଜି ହେବାର ପାତକ ବର୍ଜି ଦେବ କର ତାକୁ ସନମାନ । ଦୂତବର "। ୬ । ଏମନ୍ତ ମତ୍ତକାଶିନୀ-ଶ୍ରେଣୀ-ଶିରଭୂଷାମଣି ଭାଷି ହେଉ ତୁନ ହେମାମଣି । ଜ୍ଞଷଧପ୍ରଧାନ ନରବର-କୁଳ-କଳାକର ନଳ ମଧୁରେ ଭାଷନ୍ତି ବାଣୀ । ସାଧୁଜନେ । ଗିଷ୍ପଷମ ଶେଷେ ହୃଷାତୁର- । ସ୍ୱତକତନ୍ତ ଚଞ୍ଚାର କର ମୂକ

Digitized by srujanika@gmail.com

ହେଉ ନାର ବରଷିଲ୍ଲ କି ଯଲ୍ଲକଧର । ସାଧୁଜନେ । ୭ । "ଅଟଗୋ ବାଳେ ! ଏ ମୋ ନାମ ବଂଶ ଅତି ପ୍ରୟୋଜନ ନୁହେ ବୋଲି ବିଗ୍ରହ ରଚନା । ରସଜ୍ଞା ତୋର ଛାମୁରେ ଏ ବେଳ ନିବେଦବାରେ ଅଦରଛ ନିବେଦ ନସ୍ଥାନ । ରାଜକେମା । ବହୁ ଅର୍ଥବନ୍ତ ଅଲ୍ପଗିର । ସିନା ପ୍ରଶଂସିତ ଅତି ନିରର୍ଥକ ସୁବିସ୍ତୃତ ଦୋଷ ଦୁଇ ତ ଗିରର ଗର । ରାଜକେମା ।୮। ପୂରୁବେ ମୋ ଗୁରୁଜନେ କେ ଜାଣେ କି ଚିନ୍ତ ମନେ କି କି ବର୍ଣ୍ଣି କରଛନ୍ତି ନାମ । ପ୍ରୟୋଜନ ଥିବାର ତ ତହିଁ ନ ବାରଇ ଚିତ୍ତ ଏଥିରେ ଅଗ୍ରହ ବୃଥା ଶ୍ରମ । ରାଜକେମା । ତୁମ୍ଭ ଅମ୍ଭ ବେନିଙ୍କ ସମକ୍ଷ- । ବ୍ୟବହାର ପାଇ ଚିତ୍ତେ ବିଗ୍ରହ କର ସୂଚନ୍ତେ "ତୁମ୍ଭ ଅମ୍ଭ" ପଦ ଅତି ଦକ୍ଷ । ରାଜକେମା । ୯ । ଯେବେ ସ୍ବଭାବେ ମୋ କୁଳ ନୋହୁଥିବ ସୁନିର୍ମଳ ତେବେ ତା ବା କହିବ କାହିଁକି ? । ହୋଇଥିଲେ ଉଚ୍ଚ ତାହା ଦୂତ ମୁଁ ହୋଇଛି ଯାହା ମୋ ମୁଖେ ଶୋଭେ ତା ପ୍ରକାଶ କି ? । ଏତେ ଭଳି । ନ କହେ ମୁଁ, ତୋ ଅଗ୍ରହ ଏଥି । ନ ଶୋଭଇ,ବଣପତି— ପ୍ରତି-ଉତ୍ତରକୁ ମତି କଳାଇବ ଯୁକତି ସୁଦତି । ରାଜକେମା । ୧୦ । ତଥାପି ଯଦି ତୋ ମତି ନୋହୁଛି ଏଥି ଦୁପତି ଫଟକେପେ ଦେଉଛି ତେବେ କହୁ । ହିମାଂଶୁ-ବଂଶ-କଶର ବୋଲି ମୁଁ ବିଗ୍ରହ କର ନାମ କହିବା ତ ନ ଯୋଗାଇ । ସାଧୁଜନେ । ଯେଣୁ ନିଜନାମ ନ ଧରନ୍ତି । ଏ ବୁଧଜନ-ସ୍ଥିତିରୁ ଯେ ଯେତେବ କେତେ ରମ୍ୟୋରୁ ତାକୁ ଅନ୍ୟାଗ୍ରସ୍ତ ବୋଲିଥାନ୍ତି । ହଂସଜନେ" । ୧୧ । ମିତଭାଷୀ ଅହିତାପକାରକ ନର ଅଧିପ ବଚନ ପରସ୍ପେ ଏତେ ଭାଷ । ନାରବନ୍ତେ ପଦେ ପଦେ ବଦନେ ସ୍ବଗସମ୍ପଦେ ପ୍ରକାଶି ନୃପଜା ଗରୁହଂସୀ । ଭାଷେ; "ଶଶ ।—ବଂଶ ବୋଲୁଁ ଗଲ୍ଲ କି ସନ୍ଦେହ । ପଦେ ଅଧେ କହ ରହ ନିର୍ମଳେ କଛି ନ କହ ଏ ବଞ୍ଚନା ଶତ କପା ବହ । ଦୂତବର । ୧୨ । ଜାଣିଛନ୍ତି କୁଳବାଳୀ-ଆଚରଣ କେଉଁ ଭଳି ମୁହିଁତ ଗୋଟିଏ ସେ ମଧ୍ୟରୁ । ତୁମ୍ଭେ ତ ପରପୁରୁଷ ତୁମ୍ଭ ସହିତ ସମ୍ଭାଷ ମୋର ଚିନ୍ତ ହୋଇବକି ଗୁରୁ । ଦୂତବର । ମୁଁ ବା କପା କହିବ ଉତ୍ତର । ତୃଷିତ ମୋର ଶ୍ରବଣ-ମୁଖେ ଯେବେ ତୁମ୍ଭ ନାମ-ପୀୟୁଷ-ନିଷେକ ଅବେଖ୍ୟର । ଦୂତବର । ୧୩ । ବାଳର ଏ ଭଳି ଶ୍ରୁତି-ସୁଧା-ଅଲଙ୍ଘ୍ୟ-ଭାରତୀ-ଉତ୍ତରେ ଅଶକ୍ଷ ନୃପବର । ହୋଇ ଇଷତ ସ୍ମିତକୁ ପରକାଶି ବଚନକୁ ଭାଷନ୍ତି; "ବାମାକ୍ଷି ଅବେଖ୍ୟର । ନ କର ଭ୍ରୁ । ନ ବିଗ୍ରହ ଚିତ୍ତେ ମୋତେ ପର । ପରେ କି ଏ ମଣିମୁଖ-ଚନ୍ଦ୍ରବରୁଁ ଅଧିକ ରସଧାର-ପ୍ରଦାନ ସୁନ୍ଦର । ଶୁଚିସ୍ମିତା । ୧୪ । ଏତେ ପରିଶ୍ରମେ ଯାହା କଲଟି ମୁଁ ହେମଦେହା ଏହା କି ମୋ ନୋହିବ ସଫଳ ? । ହରିତପତ୍ର-ମଧ୍ୟରୁ ଏକଗଲେ କି ରମ୍ଭୋରୁ ନ ଲମ୍ବିବ ତୋ ବରଣମାଳ ? । କୃଶୋଦର । ଏ ଭଳି ରସପୀୟୂଷ-ସ୍ନାତ । ରସଧାର-ବରଷାରେ ସେ ଚକୋର ଦର୍ଶିଣରେ ସେବିବା ତୋ ଚକୋର ଉଚିତ । ତନୁମଧ୍ୟା । ୧୫ । ମୋ

Digitized by srujanika@gmail.com

କରେ କ ରେ କଶୋର ବହଚର୍ଚ୍ଚିତ ଗୃରୁଷ-ରଚ୍ଚିତ ଏମନ୍ତ ବାଣୀତେ । ଅମରପୁର-ନାଗର-ବରଙ୍କ ମୁକୁଟଶ୍ୱାର ପାଶେ ପେଷଣେ ନ ଦେବୁ ମତ । ଗଜଗମା । ମଦନ-ଦହନେ ସେ ତାପିତ । ଏ ତୋ ସରସଭ୍ରବଣ ତାଙ୍କ ତାପ-ନାଶ-ପ୍ରଦ ଦାବ-ଦାହେ ହେବ ବୃଷ୍ଟିପାତ । ଗଜଗମା । ୧୬ । ଉତ୍ତରପାଇଁକ ଏ ତୋ ପାଶେ ଯେ ବର-ଯୋଷିତ ବଳମ୍ବ ଯା ହୁଏ ଦଣ୍ଡେ ଦଣ୍ଡେ । ଏ ମୋ ବଳମ୍ବକୁ ଗୃହ୍ଣି ରତିପତି ତରଜଇ ତାଙ୍କୁ ଶର ପୂରଇ କୋଦଣ୍ଡେ । ନତଦେହା । ସ୍ୱଭାବେତ ମଦନ ମନ୍ମଥ । ହେଲେହେଁ ଦେବେ ଅମର ତାଙ୍କ ଛିଦ୍ର କ ଗୋଚର ନୁହଇ ତାକୁ ତୁ ଯେନ ଚତୁ । ନତଦେହା । ୧୭ । ମୋହର ପ୍ରତ୍ୟାବର୍ତ୍ତନ-ସରଣିରେ ଫକ୍କନ ସହସ୍ରନୟନ ସ୍ୱନଷ୍ଟଲେ । ଥିବେ ଥୋଇ ସେ ଯୀବନ୍ତ ଚନ୍ତ୍ର ବଗ୍ରରଇ ଚତୁ ନର୍ମିତ ସେ ନଷ୍ଟସ୍ୱ ଭବୁରେ । ଚଳାପାଙ୍ଗେ । ସତ୍ୱର-କାର୍ଯ୍ୟରେ ମନ୍ଥରତା ।—ହେତୁ ମୋତେ ଧିକ ଧିକ ପ୍ରଣିଧିଗୁଣରୁ ଏକ ନାହିଁଟି ମୋହରେ ଯାହା ଲତା । ଚଳାପାଙ୍ଗେ” । ୧୮ । ଏମନ୍ତ ଭଷି ନଷଧ-ଈଶ ହୁଅନ୍ତେ ସ୍ତବଧ ଶୁଣି ସର୍ବ ଗୁଣବନ୍ତ-ମଣି । ବଦର୍ଭଦୁଲଣୀ ସୁରସ୍ତ୍ରଣୀ-ମଣିମାନଙ୍କର ନତନପୁଣତା ଚତ୍ତେ ଗୁଣି । ସ୍ୱଗତରେ । ଭାଷେ “ସୁରେ କେନ୍ଦ୍ର ନାଶପ୍ରଦ । ମଷ୍ଟାନ୍ଦନ ମାନବେ ପେଷିଛନ୍ତି ଦୂତଭାବେ ସୁରଶାସ୍ତ୍ର ପଢ଼ିକ ନାହାନ୍ତି ? । ସ୍ୱଗତରେ । ୧୯ । ‘ଡ’ ‘ର’ ‘ନ’ ପ୍ରଭେଦାଭାବେ ଜଳପତ ୍ ସ୍ୱଭାବେ ସେ କପାଁ ଏହାକୁ ନ ପେଷିବେ । ଯମ ତ ପରେତପତି ତାଙ୍କୁ ଗୃହ୍ଣି ତାଙ୍କ ମତ ଏଥି ତାଙ୍କ ଦେ‌ଓ ନାହିଁ ଲବେ । ମରୁତ୍ୱାନ । ନାମ ଇନ୍ଦ୍ର-ବବେକ ଜଣାଏଁ । ବୋଲନ୍ତି ଯା’କୁ ଅନଳ ଉର୍ଦ୍ଧ୍ୱଗ ତେଜ କେବଳ ପଶାରୁଁ ସେ ଭଲ ନକ ହୁଏ । ସର୍ବଭକ୍ଷ” । ୨୦ । ତହୁଁ ଏମନ୍ତ ଚତୁରେ ବଗ୍ରହକର ସ୍ମିତରେ ନବେଧି ପ୍ରଣିଧି-ମୁଖଗୃହ୍ଣି । ସତୀଯୁବତୀକୁଳର ଅନର୍ବଚନୀୟ-ଅଳଙ୍କାର ଗଜଗମା ହେମଦେହୀ । ସାଧୁଜନେ । ପୁଣକଲ୍ପ ବଦନେ ତେମନ୍ତ । ଯେ ଗୃରୁଷଙ୍କ ମୁଖର ଦେଖିଲେ ଚତେ ଲୋକର ତର୍କ ଜନ୍ମେ ହେବାର ଉଦନ୍ତ । ସାଧୁଜନେ । ୨୧ । ଭାଷେ ଜେମା, “ଅହେ ଦୂତ ଯା କହିଲ ତାହା ମୁଁ ତ ପରହାସ ଭାବିଲେ ପ୍ରଗଲ୍ଭ- । ପଣ ପ୍ରକାଶ ହୋଇବ ନା’ ନା’ କହୁଥିଲେ ତୁମ୍ଭଭଳି ଲୋକେ ଗର୍ହା କ ନୋହିବ । ଅନୁଭବରେ । ରହିଲେତ ଅବଜ୍ଞା ନଶ୍ଚୟ । ଏଣୁ ତୁମ୍ଭର ଉତ୍ତର ପ୍ରଦାନକୁ ଚତୁ ମୋର ଅନାସ୍ଥରେ କରୁଅଛି ଥୟ । ଦୂତବର । ୨୨ । ମୁଁ ତ ନରକୁଳେ ଜାତ ଏହା କା ନୁହେ ବଦତ ସ୍ୱଭାବେତ ସେ ଅମରବର । କୃପାରେ ହେଲେ କପର ଏପର ଗିର ଉଚ୍ଚାର ଦେଲେ ହେଲା ଏହା କ ସୁନ୍ଦର । ଦୂତବର । ଅଥବା ସ୍ୱଭାବେ ଭକ୍ତି-ନତ ।-ଜନେ ପ୍ରଭୁଲୋକମାନେ ଅନନ୍ଦ କ କ ବଚନେ ନଜର ନ କରଥାନ୍ତି ବ୍ୟକ୍ତ । ଦୂତବର । ୨୩ । ଅମରାଙ୍ଗନା-ସଙ୍ଗମ-ବଶେ ଯା’ ଅଙ୍ଗ ଅସମ ସୁଷମା

Digitized by srujanika@gmail.com

ନିବିଡ ପ୍ରକାଶଇ । ସେ ଶଚୀପତି-କରରେ ଜାତ ଯାହାର ଖିତରେ ସେ ନରକାନ୍ତ
କ ଶୋଭା ପାଇ । ଦୂତବର । ମରାଳ-ମାଳିକା-ବଳସ୍ଥିତ । ସରୋବରର କି ଲଭେ
ବଳାକା-ବଳୟେ କେବେ ସୁଷମା ବଢ଼ଇ ଯେନ ଚନ୍ଦ୍ର । ଦୂତବର ।୨୪। କହତ ତୁମ୍ଭେ
ବିଗ୍ରହ ଅମର-ପୁରନାଗରୀ-ପାଶେ ନିକ ନାହିଁ ଗଣା ହୁଏ । ଯହିଁ ନ ଥାନ୍ତି ଅମରୀ
ତହିଁ ସିନା ଧରଣୀସ-ନାରୀ-ଶୋଭା ଜନମନ ମୋହେ । ଦୂତବର । ଦରିଦ୍ର ରମଣୀ
ଥିବା ଦେଶେ । ନଥିବା ଯୋଗରୁ ସୁନା ଚନାଏ ମାତ୍ରକ ସିନା ପିତ୍ତଳ ଭୂଷଣ ଶୋଭା
ଧରେ । ଦୂତବର । ୨୫ । ଯା ଇଚ୍ଛା କହନ୍ତୁ ଦେବେ ତହିଁକି ମୋ ଶ୍ରୁତି ଲଭେ
ନାହିଁ କାହିଁ କୁରଙ୍ଗ-ଯୁବତୀ । ପ୍ରମତ୍ତ ଯୂଥ-ନାଥରେ ଅଙ୍ଗ-ସଙ୍ଗ ଇଚ୍ଛା କରେ
ବରିବାକୁ ବିଗ୍ରହ ତ ମତି" । ଏତେ ଭଣି । ପୋତି ମୁଖ ଦେଇଁ ସଖୀ କଣ୍ଠେ । ସେ
ଭଣେ "ଏ ଲାଜେ ମୋର ହୃଦୟେ ପଶି ଯେ ଗିର ବୁଡ଼ାଏ ତା ଶୁଣ ସାବଧାନେ ।
ଦୂତବର । ୨୬ । ଚିରକାଳୁଁ ନୈଷଧ-ଅଧିପ-ପଦେ ଏ ହୃଦ ବିକ ଦେଇଥିବାରୁ
ଏଣିକି । ଏମନ୍ତ ସୁରବରଣ-କଥାକୁ ଚିତ୍ତରେ ସ୍ଥାନ ଦେଇ ମନ ପଡ଼ଇ ଚମକି ।
ଦୂତବର । ମୃଣାଳ-ତନ୍ତୁରୁ ସୁକୋମଳ । ଅଟଇ ସତୀବୃତ୍ତି ତ ହୋଇଲେ ତୁଟି କଣ୍ଟିତ
ଭୁଞ୍ଜିବାକୁ ନ ସହଇ କାଳ । ଦୂତବର । ୨୭ । ସର୍ବ ଜୀବଙ୍କ ଅନ୍ତର କଥା ହେବାରୁ
ଗୋଚର ଦେବେ ପର ବୋଲାନ୍ତି ବିବୁଧ । ସ୍ୱପନେ ହେଲେ ନିମେଷ-ମାତ୍ରକ-ପାଇଁ
ମାନସ କରେ କି ମୋ ଅନଙ୍ଗେ ସଧ । ଦୂତବର । ଦୂତ ପେଷି କିସ ପ୍ରୟୋଜନ ।
ମୋ ଅନ୍ତରଗତ-ଭାବ-ଜ୍ଞାନେ ଯେବେ ଚିତ୍ତଥିବ ପୁଚ୍ଛନ୍ତୁ ସେ ନିଜ ନିଜମନ ।
ଦୂତବର । ୨୮ । ମୁଁ ତ ପରର ଯୋଷିତ ମୋ ସଙ୍ଗତି-ଲୋଭେ ଚିତ୍ତ କେମନ୍ତ ତାଙ୍କର
ଅଛି ବଳ । ଅସ୍ୱପ୍ନ ନାମ ବହନ୍ତି ଏବେ କି ସେ ଶୋଇଛନ୍ତି ମୋ ବୃତ୍ତାନ୍ତ ନ ଜାଣିବା
ଭଳ । ଦୂତବର । ଦୁର୍ମାର୍ଗ-ସାଗର-କର୍ଣ୍ଣଧାର । ହୋଇ ନିଜେ ମୋତେ କେହୁ
ପରର ରମଣୀ ଏହି ବୋଲି ଜାଣି ଛୁଇବେ ଶରୀର । ଦୂତବର । ୨୯ । ମନୁଷ୍ୟ-
ଯୋନିରେ ଜାତ ହୋଇଛି ମୁଁ ସ୍ୱଭାବେତ ମୋରେ ଯା ଅମରବରଙ୍କର । ଚିତ୍ତ
ପ୍ରଦାନ ଭଣିଲି ତା ଏକା ସେମାନଙ୍କର ଅନୁଗ୍ରହ ଅନୁରାଗେ କେବଳ । ଦୂତବର ।
ଏତେ ଯେବେ ଦୟା ତାଙ୍କ ଚିତ୍ତେ । ମାଗୁଛି ଧର ପଦ୍ମର-ଶତପତର ତାଙ୍କର ନଳେ
ଭିକ୍ଷା ଦିଅନ୍ତୁ ସେ ମୋତେ । ଦୂତବର । ୩୦ । ଶୁଣ କହୁଅଛି ପୁଣି ସତ୍ୟ ସତ୍ୟ ଏ
ମୋ ବାଣୀ ଯେବେ ବା ମୋ ପାଣି-ପ୍ରତିଗ୍ରହ । ନ କରିବେ ନରପତି-ମଣ୍ଡଳ-ମଣ୍ଡନ-
ମୋତି ମହୀପତି ନଳ ଅନୁଗ୍ରହ । ଦୂତବର । ନିଶ୍ଚୟ ହୁତାଶେ ଝାସ ଦେବି । ଅବା
ଉଦ୍‌ବନ୍ଧନେ କିବା ବାରିମଜ୍ଜନେ ଅଥବା ଅନପଥେ ଅସୁଷ ସାଇବ । ଦୂତବର ।୩୧।
ଆପଦ କାଳରେ ଯେବେ ସତମାର୍ଗ ଧରି ଲଭେ ନ ଥାଇଟି ବଞ୍ଚିବା-ଉପାୟ । ସେ-
ସମୟରେ ସଜ୍ଜନ-ନିନ୍ଦିତ ପଥେ ଗମନ କରିବା ନୁହଇ ନିନ୍ଦନୀୟ । ଦୂତବର ।

Digitized by srujanika@gmail.com

ବରଷାକାଳରେ ରାଜପଥ । ହେଲେ ପଙ୍କିଳ ବିଶ୍ବର ନବତ ପଣ୍ଡିତନର ନ ଗମଇଁ
ଅଶ୍ରିକ ଅପଥ । ଦୂତବର । ୩୨ । ସେ ଚତୁର ସୁରବର ଗୀର୍ବ-ଗୁରୁତ୍ବ-ବିସ୍ତାର-
କରଣେ ତ ବିଶ୍ବରେ ଅସମ । ମୁଁ ନାରୀମାତର ଛାର ତାଙ୍କୁ ବିହିତ-ଉତ୍ତର-ପ୍ରଦାନେ
ହୋଇବ କେମନ୍ତ କ୍ଷମ । ଦୂତବର । ଧର ଏଣୁ ମୋ ଭାଷାର ଭାବ । କହିବ ତାଙ୍କୁ
ବୁଝାଇ କଥା ପ୍ରସଙ୍ଗ ଦେଖାଇ ପକ୍ଷେଥିବ ବିପକ୍ଷ ନୋହିବ । ଦୂତବର । ୩୩ ।
ବାଳକ କୌତୁକ-ଛଳେ କୁହୁକୁହୁ କରିବାରେ ମଧୁଭାଷୀ କୋକିଳ ଯେମନ୍ତ ।
କୋପେ କରକଣେ ଜଛେ ଭାବେ ପ୍ରତ୍ୟାଖ୍ୟାତ ସ୍ବଚ୍ଛେ ହୋଇ ବାଳାବରେ ସେ
ଲୁଲୁତ । ସାଧୁଜନେ । ହେଲେ ସେ ସ୍ବଭାବେ ସୁଧା-ଭାଷୀ । ପରୁଷାକ୍ଷରେ ରୁଚିର
ଚିତ୍ତ-ସନ୍ତାପେ ଚତୁର ଭାରତୀ-ତତ୍ତ୍ବଜ୍ଞ ପରକାଶି । ୩୪ । ଭାଷନ୍ତ ମନୁଜନାଥ
୯ଏତ ଅତି ଅଦ୍ଭୁତ ଅମର ହୋଇ ସେ ନାରୀପାଶେ । ଅଛନ୍ତ ପେଷି ମାନସ ଭୁ
ତାହାଙ୍କୁ ରେ ବାଳୀଶ ନରଶ କରୁଛୁ କି ସାହସେ । ରାମାବର । ନିଧି ଅଛୁ ନିଛି ନ
ପାଣିକୁ । ସେ ତାକୁ କପାଟ କଳ ଯା ଯା ବୋଲି ଦେବା ପାଳଠାରୁ ଏତ ବଳେ
ମୋ ମତକୁ । ରାମାବର । ୩୫ । ଅଖିଳ-ଅମର-ପତି ତୋଠାରେ ବଳାନ୍ତେ ମତି
ସକଳ-ବାଳୀଙ୍କି ଅବହେଳ । ତୋରେ ମହତ ଆଦର ଉପୁଜିଥିଲା ମୋହର ଭୁ ତା
ଏବେ ନିଜେ ଦେଇ ହାଳ । ଚନ୍ଦ୍ରମୁଖି । ଏ ତୋ ମହାଭାଗ୍ୟ ପରକାଶି । ଆସିବା-
ବେଳେ କଣୋର କସ ମାନସେ ବିଗ୍ରହ ଦେଉଛନ୍ତି ସୁରେଶ-ଅଂଶ ନାଶି । ଚନ୍ଦ୍ର-
ମୁଖି ।୩୬। ହୋଇ ଧରାଗୃହ ନାରୀ ଅମରବରଙ୍କୁ ବରିବାର ନ କରିବାର ବାସନା ।
ଏ ନବୀନ କଥା ଏତେ କାଳକେ ମୋ ଶ୍ରୁତିପଥେ ପଡିଲା ତୋ ବଦନୁଁ ନବୀନା ।
ନତଦେହା । ହିତକାମୀ ଗୁରୁ ତୋ ଛନ୍ତି ତ । ଏ ଦୁର୍ଗ୍ରହ-ଦୋଷ ତୋର ଦେଖି
କେହି ପ୍ରତିକାର ନ କେହୁଛନ୍ତି ହୁଏ ମୁଁ ସ୍ମିତ । ନତଦେହା । ୩୭ । ଅମରଙ୍କ
ପରସାଦେ ଲେକ ନରଜନ୍ମ ହାଦେ ବରଜ ଅରକେ ଦେବପଦ । ତଦନ୍ତେ ତାହାଙ୍କୁ
କେହି ନର ବୋଲନ୍ତ କି ମହାମନ୍ଦନା ଭୁ ବାରେ ବାର ହୃଦ । ବରବାଳା । ପାରଦ-
ପରଶେ ଯେବେ ଲୋହ । ଲଭଇ କନକ-କାନ୍ତି ଲୋହ ବୋଲି ତହିଁ ଭ୍ରାନ୍ତ କର-
ନ୍ତିକି କେହି କାହିଁ କହ । ବରବାଳା । ୩୮ । ସୁରେଶ୍ବର ଅଖଣ୍ଡଳେ ତୋ ମନ ନ
ବଳେ ତଳେ ବୃଥା ଧୀର ବୋଲି ଗର୍ବ ବହୁ । କ୍ଷିତିମଣ୍ଡଳେ କେ କାହିଁ ନଳ ଲାକ୍ଷି
ଅଛି ରହି ତାଙ୍କୁ ବାଞ୍ଛୁ ଲଜ୍ଜାକି ନ ପାଉ । ଶୁଚିସ୍ମିତେ । ଏ ତୋ ରୀତି ଦେଖି ମୁଁ
ଭାବଇ । ଇକ୍ଷୁକୁ ଉପେକ୍ଷି ପିଚୁମର୍ଦ୍ଦାସ୍ବଦ ଭକ୍ଷଣେଚ୍ଛୁ କଲ୍ୟୁଁ ମୂର୍ଖଙ୍କ ହେଲୁ ତୁହି ।
ଶୁଚିସ୍ମିତେ । ୩୯ । ସର୍ବ-ସୁପର୍ବ ବର୍ଗର ନିର୍ବିବାଦୀ ଅଧୀଶ୍ବର ସୁନାସୀରେ ବରିଜ
ବାଳୀଶ । କି ବିବେକ-ପଣେ ନର-ମାତରେ ପ୍ରଧାନତର ବୋଲି ବିଶ୍ବରୁଛୁ
ହୃଦ-ଦେଶ । ବରାରୋହା । ଅଥବା କହିବା ବୃଥା ମୋର । ପ୍ରଶସ୍ତ ବଦନ-ପଥ

Digitized by srujanika@gmail.com

ବିରହ ନିଶ୍ୱାସ ବାତ ଅନ୍ୱେଷେ କ୍ଷୁଦ୍ର ରନ୍ଧ୍ରକୁ ନାଶାର । ବିସବେଦା । ୪୦ । ଅନି-ଜନ୍ମେ ଯେଉଁ ସୁର-ପୁର-ଲାଭଆଶା ଧୀର-ପ୍ରଧାନେ ପୋଷି ଅନ୍ତରଗତେ । ଘୋର ତପ-ହୁତବାହେ ସମିଧ କରନ୍ତି ଦେହେ ସେ ଅମରପୁର ଏବେ ତୋତେ । ଗୃହୁଣୀଲେ । ବହ୍ନିଲେ ବଳାଇ ଅସ ଆସ । ବୋଲୁଅଛୁ କେଉଁବଳେ ବାଳୀଶ ତୁ ଅବହେଳେ ଦେଉଅଛୁ ମୋହ ତା'କୁ ଅର୍ଘ୍ୟ । ଗୃହୁଣୀଲେ । ୪୧ । ଅକାଶସ୍ଥ ଦ୍ରବ୍ୟଙ୍କର ଅପ୍ରତିଦ୍ୱନ୍ଦୀ ଈଶ୍ୱର ଇନ୍ଦ୍ର ଏହା ନୁହେ କା' ଗୋଚର । ଉଦ୍ବନ୍ଧେ ଯେବେ ଜୀବନ ବିରହରୁ ଭେ ନବୀନ-ବୟସି ତୁ ହେବୁ ତାହାଙ୍କର । ନିରୁପମା । ନ୍ୟାୟୁରେ ଯେ ଯହିଁ ଅଧିକାରୀ । ସେ ତାହା ଯେବେ ଘେନଇ କେବା ପରିପନ୍ଥି ତହିଁ ପାରେ ହୋଇ ଘେନ ତୁ ଚତୁଷ୍ଟ । ନିରୁପମା । ୪୨ । ବହ୍ନିକାନ୍ତୁ ପୋଷି ଅଣ ଅନଳ ଏବେ ତୋ ପାଣି ଦୂତକର ପେଷୁଛନ୍ତି ମୋତେ । ଗଲେ ତାଙ୍କର ବରଣ ମାଳା ଦେବାରୁ ମରଣ ମଣୁଛୁ ମଙ୍ଗଳ ଗୁଣଗତେ । ବିମ୍ବୋଷ୍ଠି । ଏବେ ନାହିଁ-କର ପଛେ ଯେବେ । ଜୀବ ବିରହିବା ପାଇଁ ହେବୁ ତାଙ୍କ ଅଙ୍କଶାୟୀ ସେ କି ତୋତେ ତେବେ ନ ଲଭିବେ । ବିମ୍ବୋଷ୍ଠି । ୪୩ । କହୁଛୁତ ମାଣବକ-ମୃଗାକ୍ଷି ଅବା ଉଦକ ନିମଜ୍ଜନେ ହାରିବୁ ଜୀବିତ । ତେବେ ତୁ ବରୁଣର ଚିତ୍ତ ହୋଇଲୁ କି କରଗତ ତାହାଙ୍କର ଜନ୍ତୁ ତୋ ସହିତ । ଅନୁପମା । ହୃଦରେ ସେ ଥିଲେ ତୋତେ ବହି । ଏବେ ଜଳେ ଦେଇ ଝାସ ମଣ୍ଡିରୁ ନାଗସ୍ୱଇଶ ସେ ଜଳେଶ-ଉରପରେ ଶୋହି । ଅନୁପମା । ୪୪ । ଉଦ୍‌ବନ୍ଧନ ହୁତାଶନ-ଘନରସ ନିମଜ୍ଜନ ଦୂଷଣ ବିଗ୍ରହ ଆନପଥେ । ଯେବେ ତେଜିବୁ ଜୀବନ ଘେନ ବାଳାବର ମନ ପଡ଼ିବୁ ତୁ ପ୍ରେତ-ପତି ହାତେ । ସୁଲକ୍ଷଣା । ଏବେ ନାହିଁକରୁ ତେତେବେଳେ । ଅନ୍ତସ୍ଥ-ଭାବେ ଅଧଣେ ଗମିବୁ ତାଙ୍କ ସଦନେ ସେ ଘେନିବେ ତୋତେ ସୁଖେ ଭେଳେ । ସୁଲକ୍ଷଣା । ୪୫ । ଅବା ଏମନ୍ତ ଭାବଇ ଚତୁର୍ଥ ତୁ ଗୃହମୁହିଁ ମନକଥା ନ କହି ନିର୍ମଳ । ପ୍ରକାଶନ୍ତରେ ସେ ସୁର-ପ୍ରବର-ମାନଙ୍କୁ ବର ବରିବାର କରୁଛୁ ବିଗ୍ଭର । ସୁପ-ଣ୍ଡିତେ । ଚତୁସ୍ରମାନଙ୍କ ସ୍ୱତ ଏହା । ସାଧାରଣ ଅର୍ଥ ତେଜି ବିପରୀତ ଭାବ ଭଜି ଥାଏ ପ୍ରସରେ ସେ ମୁର୍ଖ ଯାହା । ସୁପଣ୍ଡିତେ । ୪୬ । ଅଗୋ ବସୁମତୀ-ପତି-ସୁତା ଏ ତୋ ରସବତୀ-ଭାରତୀ-ସ୍ରୋତ-ଭ୍ରମିରେ କେତେ । ଆଉ ଭ୍ରମୁଥିବ ମୁହିଁ ବିଳମ୍ବିତ ନ ସହଇ ପରକାଶ କରୁଣା କଣ୍ଠିତେ । ବନଜାକ୍ଷି । ହେଉ ଲଜ୍ଜା ବର୍ଜିତା ଈଷତ । ଅମରବରୁଁ କେ ତୋର ବରଣମାଳାକୁ ବର ବୋଲାଇ ବହିବ କହ ସତ । ବନଜାକ୍ଷି । ୪୭ । ଅଭ୍ରମୁ-ବିଳାସ-କୁମ୍ଭ-ଛଳେ ପୀନସ୍ତନ-କୁମ୍ଭ ବହଇ ଯେ ପ୍ରାଚୀ ଦିଗଙ୍ଗନା । ତା'ର ଅଧୀଶ୍ୱର ତୋର ବରଣହାରକୁ ଉର-ଦେଶରେ ବହିବେ କି ନବୀନା । ମତେ ମୋର । ଶଚି-ସହସ୍ରନେତ୍ର-ସହସ୍ର—। ପଛେ ହୋଇ

Digitized by srujanika@gmail.com

ବିଭୂଷିତ ତୋ ତନୁ-ଲକ୍ଷ୍ମୀ ଯୋଷିତ-ବର ବିସର୍ଜୁଥାନ୍ତି ଅଜସ୍ର । ମତେମୋର । ୪୮ ।
ଅନୁଗ୍ରହ ପରକାଶ ସେ ପୁରବଧୂ ଅଧୀଶ-ନନ୍ଦନ-ଅଙ୍କଶାୟୀ ହୁଅ । ତୋ ଅପଘନ-
ସଙ୍ଗମ-ସଞ୍ଜାତ ବିପୁଳ ପ୍ରେମ ପୁଲକାଇ ଦେଉ ତାଙ୍କ ଦେହ । ବିଚକ୍ଷଣା । ହେଉ
କଣ୍ଟକିତ ରୋମାବଳି । ପୁଲୋମ-ସମ୍ଭୂତ-ନେତ୍ର-ଚେତପଥ ପ୍ରତିହତ ହେଉ ସେ
କଣ୍ଟକଅଗ୍ର ଗଳି । ବିଚକ୍ଷଣା । ୪୯ । ଜାଣିଲି ନିଶ୍ଚୟ ବୀତ-ହୋତେ ଦେଉଅଛୁ ମତି
ଯେଣୁ ତୋ କ୍ଷତ୍ରିୟ-କୁଳେ ଜାତ । ସେତ ଅତି ତେଜୋବନ୍ତ ତାଙ୍କବିନା କି ତୋ
ଚିତ୍ତ ଅପରେ ହୁଅନ୍ତା ଅଶକତ । ମହାସତୀ । ତନୁତାପଙ୍କୋ ତୁ ନକର । ଦେଖିଛି
ବହୁତ ସତୀ ଗାତ୍ରକୁ ତାଙ୍କ ତପତ ହୁଏ ଅତି ଶଶିରୁଁ ଶୀତଳ । ମହାସତୀ । ୫୦ ।
ତୁ ତ ଧର୍ମ-ପରାୟଣା ତେଣୁ ଯାଉଅଛି ଜଣା ଧର୍ମସିଜେ ଥିଲୁପ୍ରାୟ ମତି ।
ମୋ ମତରୁ ମଧ୍ୟ ଏହା ପାଉଅଛି ରେ ସୁଦେହା ଲଭୁ ମଣି କାଞ୍ଚନ-ସଙ୍ଗତି । ନର-
ବଧୂ । ମୃତ୍ୟୁ-ଭୀତି ତେଜ ଅବିଚ୍ଛେଦେ । ଅଗସ୍ତ୍ୟ-ପାପିତ ଛିଟେ ତାଙ୍କ ତୁଲେ
କାମଭ୍ରେଗେ ଲତାବତ କାଟ କାଳ ମୁଦେ । ନରବଧୂ । ୫୧ । ଶିରୀଷ-କୋମଳଅଙ୍ଗୀ
ବରୁଣେ ଅଛୁ କି ମଙ୍ଗି କୋମଳତମ ସ୍ୱଭାବେ ସେତ । ଯୋଗ୍ୟେ ଯୋଗ୍ୟ ଲାଭ
ହେବ ଭାବ ସିନା ନିଶା ସବୁ ବିରହ ବରଲୁ କଳାନାଥ । କୃଶୋଦରୀ । ଶିରୀପତି
ଯା ଶୋକରେ ଦବ । ତେଜ ତହିଁ ବିହରନ୍ତ ସେ କ୍ଷୀରସାଗରେ ପତି ତୁଲେ
ମାତି ସୁଖେ ରତ ଭବ । କୃଶୋଦରୀ” । ୫୨ । ଏମନ୍ତ ସ୍ଫୁଟବଚନ ଦୂତ-
ବଦନୁ ଶ୍ରବଣ କରି ନୃପସୁତା ସୁକୁମାରୀ । ସେ ଗିରେ ଶବ୍ଦଧାବଣେ ଶୁଣୁଥିଲା ମନ-
ତୋଷେ କରଙ୍କେ କଣ୍ଠିକପୋଳ ଭରି । ସାଧୁଜନେ । ସୁରେ ତା’ର ଅଭି-
ଳାଷ-କଥା । ପଢ଼ନ୍ତେ ପ୍ରସଙ୍ଗ-ବଶେ ତହିଁ ନୋହୁ ଶ୍ରଦ୍ଧାଲେଶେ ଶୁଣି ନ
ଶୁଣିଲା ଲଭି ବ୍ୟଥା । ସାଧୁଜନେ । ୫୩ । ଦୂତର ଏମନ୍ତ ବାଣୀ ଶୁଣିବାରେ ବଣା-
ଏଣୀ-କ୍ଷଣୀ ବିଚକ୍ଷଣା ନୃପବାଳା । କିଛି ନକହି ମଉନ ହୋଇ ରହି ବହୁକ୍ଷଣ
ସୁଦୀର୍ଘ ନିଶ୍ୱାସ ପକାଇଲା । ସାଧୁଜନେ । ତହୁଁ ଦୂତବଦନେ ଅନାଇଁ । କ୍ଷଣକପରେ
ବଦନ-ସଦନୁ ମମତା-ଶୂନ୍ୟ ବଚନ-ବୃନ୍ଦକୁ ବିରଜଇ । ସାଧୁଜନେ । ୫୪ ।
ଭାଷେ ଚେମା “ଦୂତବର ବିଗୀତ-ଦୁର୍ବାଚ-ଘୋର-ସୂଚୀଚୟେ ଏ ମୋ କଳଙ୍କିତ ।
ଶ୍ରୁତିପୁଟେ ଯା ଭେଦିଲ ପଳାଇବାକୁ ଚଞ୍ଚଳ ଜୀବନ୍ତ ମୋ ସାହା ହେଲ ସତ ।
ଅନାଥିନୀ । ଅବଳା ମୁଁ ଉପାୟ-ରହିତ । ମୋ ଜୀବଅନ୍ତ ନିମିତ୍ତ ଅନ୍ତକ-ଦେବ
ପ୍ରେରିତ-ଦୂତଭୁ ହୋଇବ ତୁମ୍ଭ ସାର୍ଥ । ଦୂତବର । ୫୫ । ତୁମ୍ଭମୁହଁ ମୋ ଅଳକ-
ଅପଯଶ-କାଳ ଠିକ ଝର ଲେଖି ହୋଇଲା ଅକ୍ଷର । ସେ ଅକ୍ଷର-ବିନିର୍ମିତ ନିର୍ମମ
ଭାରତୀବ୍ରାତ କୋଟି-କଟୁ-କୀଟ-ସମତୁଲ । ପରବେଶି । କର୍ଣ୍ଣକୋଡ଼-ପ୍ରଦେଶକୁ
ମୋର । ଅତି କଠୋର ଦଂଶନ କରୁଛନ୍ତି ଅବିଚ୍ଛିନ୍ନ ଜନମାଇଁ ଯାତନା ପ୍ରଖର ।

Digitized by srujanika@gmail.com

ଦୂତବର" । ୫୬ । ନୃପଜା-ଇଙ୍ଗିତ ଜ୍ଞାତ ହୋଇ କେ ଅଳ ଏମନ୍ତ ଦୂତ-ମୁଖ ଅନାଇଁ ଭାଷଇ । "ଅତନ୍ଦ୍ରିତ-ଅଗାଧନ-ଜନିତ ବ୍ରତ ମହନ ଏବେ ଅବରନ୍ତେ ପ୍ରାଣସହ । ଦୂତବର । ଅପର ରସନା ମୁଁ ତା' ଏବେ । ମୋ ମୁଖରୁ ତା ବଚନ ଶ୍ରବଣ-କାରଣେ କର୍ଣ୍ଣ-ପଥ ଅତରଣ କର ଲବେ । ଦୂତବର । ୫୭ । ହେବ କାଲି ସ୍ୱୟମ୍ବର ମୋ ବରଣଦ୍ୱାରେ ନରବର ନଳ ହେବେ ପ୍ରବୃଜିତ । ହେବା ଅଗରୁ ସେ ସ୍ୱୟମ୍ବର ମୋ ଦଶରସ୍ଥ ସଙ୍ଗେ ପଳାଇବା ପାଇଁ ଚିତ୍ତ । ବସୁଥିବା । ଏ ବାଧର ଏକା ଅନ୍ତରାୟ । ନୋହିଲେ କପି ଏମନ୍ତ ଦେବ-ଦୂତାଦ୍ଧ ଅଗତ ହୋଇ ଉପ୍ରକାନ୍ତେ ବଦ୍ଧ କହ । ଦୂତବର । ୫୮ । ଏଣୁ ମୋତେ ଅନୁଗ୍ରହ ପ୍ରକାଶି ଅଜକ ରହ ଏ ମୋ ପୁରେ ଅହେ ଦୂତବର । ତୁମ୍ଭ ମୁଖକୁ ଅନାଇଁ ଅନାଇଁ ହେବ କଟାଇ ଯେତେକ୍ଷେ କେତେକ୍ଷେ ଏ ସାର୍ଦ୍ଧବାସର । କହୁଅଛି । କାରଣ ଏମନ୍ତ କରିବାର । ହିଁସେକ ଚିହି ନଖରେ ମୂର୍ତ୍ତିଏ ତୁମ୍ଭ ସମବେ କହୁଛି ଏ ଜୀବଧନ ତୋର । ଦୂତବର । ୫୯ । ଏ ତୁମ୍ଭ ନୟନ ଦୁଇ ବୃଥା ଜନ୍ମ ଛନ୍ତି ପାଇ ପାଶେ ରହି ଯା ତୁମ୍ଭ ବଦନ-ା-ଶୋଭାରୁ ଲବେ ଦର୍ଶନ କରି ନ ପାରନ୍ତି ପୁଣ କାଲି କଲେ ବଢେ ନଳଗଣ । ଦୂତବର । ତାଙ୍କ ମୁଖେ ତୁମ୍ଭର ବଦନ-ା ଶୋଭାକୁ ଦେଖି ଯେ ଦୁଇ ଜନମ ସାର୍ଥକ ହୋଇଗଲା ବୋଲି ପାଞ୍ଚୁଥିବେ ମନ । ଦୂତବର । ୬୦ । ଅଗ୍ନି ସାକ୍ଷୀକରି ମୋତେ ଗ୍ରହିଲା ବେଳେ ସେ ହସ୍ତେ ରହିତ ଥିବ ତୁମ୍ଭେ ସେଠାରେ । ଏକେ ମୋର ପୂର୍ବ-ପରିଚୟ ଦ୍ୱୟେ ସମଶିଖ-ଧାରିତାରୁ ତୁମ୍ଭେ ତାଙ୍କ ତୁଲ । ଦୂତବର । ଅବିନାଶୀ ମୈତ୍ରୀ ଅରଜିବ । ଅଜକ ଏଥି ନ ରହି ଏ ସଜଭାଗ୍ୟକୁ କେହି ଜାଣୁ ଜାଣୁ ଅପେ ବରଜିବ । ଦୂତବର । ୬୧ । କରି କରି କୋରକତ ଜଣାଇଁ ଅଛି ହେ ଦୂତ ବାସବାଦ୍ଧ-ଦିଗପାଳଙ୍କର । ଭାରତୀ ଆଉ ତୁମ୍ଭର ବଦନୁଁ ହୋଇ ବାହାର ନ ହବାରୁ ମୋ କର୍ଣ୍ଣକୁ ହର । ଅନୁଗ୍ରହ । କର ମାତ୍ର ଅଜକ ଏମନ୍ତ । ନ କହି କହିଲେ କୋହେ ନେଇ ମୋ ପୂରିବ ଲୋହେ ଅବଳାର ବଳ ତେତିକ ତ । ଦୂତବର । ୬୨ । ଧରିତ-ଅଧିପତିଙ୍କ ବରିବା କଥା ତେଣିକି ଥାଉ ଏ ତୁମ୍ଭର ବଦନରେ । ଥିଲେହେଁ ନଳବଦନ-ପ୍ରତିବିମ୍ବ ତହିଁ ମନ ନ ବଳାଏ ଦର୍ଶନ ମାତ୍ରରେ । ଦୂତବର । ସତୀବ୍ରତ-ବହ୍ନିରେ ଜୀବନ-ା-ହୁଣ କରିବ ସମିଧ; ସ୍ମର ? ସେ ଶଙ୍କର-କ୍ରୋଧ-ପାବକ-ଫାଶୁରୁ ନୁହେ ଭିନ୍ନ । ଦୂତବର । ୬୩ । ବୈଦିକ-ମତମର୍ଦ୍ଦକ ବୁଦ୍ଧ ମଧ୍ୟ ଯାହା ଏକ ମାତ୍ର ଧର୍ମ ସ୍ତୁତି କହିଛନ୍ତି । ସେ ପାତିବ୍ରତ୍ୟ କୁ ସମ ନୋହିବାରୁ କେହି ଧର୍ମ-ଚିନ୍ତାମଣି ବୋଲି ତା'ର ଖ୍ୟାତି । ଦୂତବର । ଈଶରୋଷାନଳଭସ୍ମ-ହୁବ-ା ପାଇଁ ଯେ ମହିଳା ଏହି ଧର୍ମରତ୍ନେ ବରଜଇ ଭସ୍ମ ,ସ୍ନାପେ ସେ ସ୍ୱର୍ଗଶ-ପର । ଦୂତବର" । ୬୪ । ପୀୟୁଷରସ-ଊରସ-ସନ୍ତତ-

Digitized by srujanika@gmail.com

ସଦୃଶ ଭାଷ ଯୋଷାବରର ସେ କାଳେ ପୁଣ । ହୋଇଲା ଅଦ୍ଭୁତବତ ଭୁଭୃତଚରିଜ-
ହୃତ-ଅଶନ ଜଳଜ୍ୱ ଅତି ଘନ । ସାଧୁଜନେ । ଅତି ଦାରୁଣପଣୁଁ ନିକର । ତା'ପରି
ଶମନ-ଦୂତ ବୋଲି ନ ବିଗ୍ରହ ଚିତ୍ତ ମଣିଲେ ନିଜକୁ ଦଣ୍ଡଧର । ସାଧୁଜନେ । ୬୬ ।
ମହୀପାଳଦୁଲାଳୀର ବିକଳ-କରୁଣ ଗିର କାଣ୍ଡିଲା କରିତ ପରି ଉର । ସେ ବ୍ୟଥାକ୍ରି
ଯଥା-ତଥ ସମ୍ଭାଳି ଅବନୀନାଥ ଦୂତପଥୁଁ ନୋହିଲେ ଅନ୍ତର । ସାଧୁଜନେ । ଦୁଃଖେ
ହାର୍ଦ୍ଦେ ଶ୍ୱସି ଗୋପନରେ । ଗୁରୁଗଉରବ-ସାରଦେବୀ-ବିଚାର ଗୃତ୍ରୁଷ-ପ୍ଲୁତ ଭାରତୀ
ଭାଷିଲେ ଧୀରେ । ସାଧୁଜନେ । ୬୭ । "ଜାଣୁ ତ ଅଳପଭାଷି କଳପନା କଲେ ବସି
କଳପପାଦପମୂଳେ କେହି । ତା ବାଞ୍ଛା ହୁଏ ପୂରଣ ସେ ପାଦପ ତ ପ୍ରାଙ୍ଗଣ-ମଧ୍ୟ
ବାସବର ଅଛି ରହି । ରାଜସୁତା । ସେ ଯେତେ ମୂଳରେ ବସି ତା'ର । ମନାସିବେ
ତୋ ପ୍ରାପତି ରୁ ତାଙ୍କ କୋଳ-ସମ୍ପତ୍ତି ନୋହି ବା ରହିବୁ କି ପ୍ରକାର । ରାଜସୁତା ॥
ସକଳେ ଅନଳେ ହୋମ କରି ହୋନ୍ତି ପୂର୍ଣ୍ଣକାମ ସେ ହୋମାହୁତିରୁ ନିଜଭାଗ ।
ଆପଣା-ମୂର୍ତ୍ତିରେ ଯେବେ ଦେଇ ସେ ଯାଗକରିବେ ନ ଲଭିବେ କି ସେ ତୋର ସଙ୍ଗ ।
ସୁରୁଣୀଳେ । ବୃଥା ନୁହେତ ବେଦୋକ୍ତ ବିଧି । ଉଦ୍ଧରିବାକୁ ଏଥିରୁ କହ ତ
ମୋତେ ରମ୍ଭୋରୁ ହୁଦେ ସମାଧିରୁ କିସ ବୁଦ୍ଧି । ସୁରୁଣୀଳେ । ୬୮ । ଅବାଚୀ-
ଦିଶ-ନିବାସବଶୁଁ ଅଗସ୍ତ୍ୟ ତାପସ ଶମନର ବଶ କି ନୁହନ୍ତି । ସେ ଯମ ଯେବେ
ରାଜସ୍ୱଚ୍ଛଳେ ବଳେ କରି ବଶ ତାପସଙ୍କୁ ତୋହର ପ୍ରାପତି । ବରକରି । ମାଗବେ
ଦେଲେତ ସରିଗଲା । ତପୋଧନଙ୍କ ବଚନ ମିଥ୍ୟା ନୁହେ କଦାଚନ କହ ଏଥି କି
ଉପାୟ ଭଲ । ଭ୍ରୁକୁଟୀଶୋଭି । ୬୯ । ଜଳାଧିପତି-ବରୁଣ-ପୁରେ ଯାଗ-ସମ୍ପାଦନ
ପାଇଁ କାମଧେନୁ କୋଟି କୋଟି । ଅଛନ୍ତି ଗୋଷ୍ଠିକେ କୋଟିକାମନା ଯେ ପୂରୁନ୍ତି
ଏ କଥାତ ଜାଣୁ ବିମ୍ବଓଷ୍ଠି । ନବବାଳି । ତହିଁରୁ ଗୋଟିକୁ ଯେବେ ତୋର । ପ୍ରାପତି
ପାଇଁ ବରୁଣ ପୂଜି କରିବେ ପ୍ରାର୍ଥନ ନୋହି ତାଙ୍କ ଧେନୁ ଭୁ କାହାର । ନବବାଳି ।୭୦
ସ୍ୱୟମ୍ବରେ ପତି-ପ୍ରତିକୂଳ-ଭାବ ଚିନ୍ତି ପତିବ୍ରତା ଶଚୀ ଯେବେ ନ ଆସିବେ । ସେ
ନ ଆସୁଁ ଅମଙ୍ଗଳ ଯାକ ହୋଇବ ପ୍ରବଳ କେ ଅବା ବାରିବ ତାହା ତେବେ । ବିଧୁ-
ମୁଖି । ଆମନ୍ତ୍ରିତ-ଭୂପତି-ସମାଜ । ହଂସୀ ହୃଦୟରେ ପୋଷି ପରସ୍ପରେ ରୋଷାରୋଷ
ହୋଇ ହେବେ କଳହକୁ ସଜ । ବିଧୁମୁଖି ।୭୧। ପ୍ରଖର ରୋଷେ ପୌରୁଷ ଗର୍ବ କରିବେ
ପ୍ରକାଶ ହତାହତ ବାରି ନ ପାରିବେ । ମୁଖେ ଯାହା କହୁଥିବେ ତା ବାହ ପାରୁ ନ
ଥିବେ ଛନ୍ଦୁ ଦଣ୍ଡ ଉପାଡି ଯୁଝିବେ । ଝଷନେତ୍ରି । ଅଛି କି ବଳ ତୋହର ମତି ।
ଦେଖିବାକୁ ନରପତିମାନଙ୍କ ମର୍ଯ୍ୟାଦା-ଧାଡି ଏ ନୃଶଂସ ଲଙ୍ଘୁସିତ ଅତି । ଝଷନେତ୍ରି ॥
ପୁରେଧା-ମୁଖ-ପ୍ରଜ୍ଜ୍ୱଳିତ-ଶ୍ରମକୁ ଇତର ଚିତ୍ତ ସାତିହୋଇ ସେ ସମସ୍ତେ ଯେବେ ।
ନ ଭଳି ଜଳିବେ କୋପେ ବିବାହ ବିଧି କାହୁଁ ପେ ହେବ ଅନଳ-ସାକ୍ଷୀ ଅଭାବେ ।

Digitized by srujanika@gmail.com

ବନଜାକ୍ଷି । ବର ବା କନ୍ୟା କୁଟୁମ୍ବ କା'ରେ । ଯେବେ ହରିବେ କୃତାନ୍ତ ତେବେ ଏ ସମ୍ବନ୍ଧି ମନ୍ତ୍ର ସ୍ୱୟମ୍ବର ହେବ ଶୂନ୍ୟ ଫଳେ । ବନଜାକ୍ଷି ।୭୩। ବରୁଣ ତ ଜଳେଶ୍ୱର ନଳେ କୋପେ ଯେବେ ଜଳ ନବେଧିବେ ତେବେ ତୋ ଜନକ । ତୋ ଲାଭ ପାଇଁ ପାତିତ ନଳର କବେ କେମନ୍ତ ତୋତେ ଦେବେ ବର୍ଣ୍ଣର ତୁଳିକା । ଠଣଶୋଭ । ହତ ଗୁଣ ମୋହ ତେଜ ଲୁଟ । ବିଦ୍ୟୁତ୍‌କାନ୍ତି ହେଲେ ଯୁର କବସ୍ତୁ ପଦାର୍ଥେ କା'ର ଥାଇ ନକ ଲାଭ ଅଶା ହେଜ । ଠଣଶୋଭ" । ୭୪ । ଅମର-ବର-ଦୂତର ଶ୍ରବଣ କରି ଏ ଗିର ଯୁକ୍ତ୍ୟଯୁକ୍ତ ବିଗ୍ରହ ଚତୁରେ । ବାଳାବରର ନଗ୍ରହ-ଦରିଦ୍ର ନୀର-ପ୍ରବାହ ନୟନୁଁ ବହିଲା ଝରିଝରେ । ସାଧୁଜନେ । ଅବନରେ ଦୁର୍ଦ୍ଦିନ ହୋଇଲା । ସେ ଦୁର୍ଦ୍ଦିନର ଉନତା ପୂର୍ତ୍ତି କରଣେ ବନିତା-ନେତ୍ର ଭାଦ୍ର ଶ୍ରାବଣ ହୋଇଲା । ସାଧୁଜନେ । ୭୫ । ବିକଶିତ-ନୀଳୋତ୍ପଳ-ଯୁଗଳ କୋଳୁଁ ଭ୍ରମର-ଯୁଗଳ କୋମଳ-କଳକାରେ । ଚଳିଲା ପ୍ରାୟେ ବାଳର ନେତ୍ରୁଁ କାଳିମିଶା ନୀର-ବିନ୍ଦୁ ବେନି ନୀରବେ ସଧୀରେ । ଝରିପଡ଼ । ଉରେ ଲାଗି ଏମନ୍ତ ଦିଶଇ । ନୃପସୁତା-ଉରସ୍ଥଳ-ଶୋଭ ସୁନୀଳ ତରଳ ସେ କି ଇନ୍ଦ୍ରନୀଳମଣି ଦୁଇ । ଝରିପଡ଼ । ୭୬ । ଅତିବେଗେ ନୀରଧାର ଯୁଗ ଝରୁ ନେତ୍ର ନୀଳ-ଉତ୍ପଳର ହୋଇଲା ସେ ନାଳ । ପୁଷ୍ପଶିଳୀମୁଖାଶୁଗପାତୁଁ ସେ ବାଳୀର ବେଗ କାରୁଣ୍ୟ-ସରସୀ ସମତୁଲ । ଅଶ୍ରେ ମଗ୍ନା । ଭ୍ରମ ଶୋକ ବିରକ୍ତି ଉଦ୍‌ବେଗ । ମତି-ଧୃତି-ଭ୍ରଂଶ-ବିଶେ ପତି-ପ୍ରାପ୍ତିରେ ମାନସେ ନିରାଶ ହୋଇ ବିଳପେ ବେଗ । ସାଧୁଜନେ ।୭୭। ବୋଲେ ବାଳୀ, "ରେ ମଦନ ପ୍ରଧର୍ଷ ପଞ୍ଚସୁମନ-ଶରାନଳେ ଜାଳ ମୋର ଦେହ । ଯେ ଭସ୍ମ-ନିକର ତୋର ଯଶ ଯୋଷିତ-ହତ୍ୟାର ହୋଇ ବ୍ୟାପୁ ଦିଗଦିଗନ୍ତର । ମନସିଜ । ରେ ବିଧି, ତୁ ପରେଛା ବିନାଶି । ଯେବେ ମୋ ନିଷ୍ଫଳ ଜୀବ; ପାପୁଁ ତୋ ପତନ ହେବ ତୋତେ କିସ ଲାଭ କହି ବେଗ । ହତବିଧି । ୭୮ । ରେ ହୃଦ ଯେବେ ତୁ ଲୌହମୟ୍ଯ ତେବେ ଏ ବିରହ-ବହ୍ନି-ତାପେ ନ ତରଳୁ କେହି । କୁସୁମ-ଶର-ସାୟକ ଭେଦୁଛି ତୋତେ ପ୍ରତ୍ୟକ୍ଷ ଏଣୁତ କୁଳିଶ ନୋହୁ ତୁହି । ତେବେ କିପାଁ । ବିଦାରି ନ ହୋଇ ରହୁ କହ । ଏ ତୋ ବିପରୀତ ଯତି-ଧାରଣେ ମୋତେ ଅତି ନିରବଧି ଲାଗୁଛି ସନ୍ଦେହ । ଦଗ୍ଧ ହୃଦ ।୭୯। ବିଳମ୍ବ କିପା କରୁଛୁ ରେ ଜୀବ କି ନ ଦେଖୁଛୁ ତୋ ସଦନ ହୃଦ ଯାଏ ଜଳି । ପଳାଅ ପଳାଅ ବେଗ ଏଥି ଥିଲେ ଶୁଭଯୋଗ ନାହିଁ ନିଶ୍ଚେ ଯିବୁ ହୋଇ ଧୂଳି । ମିଛେ କିପାଁ । ସୁଖ ଅଶା ପୋଷି ଅଛୁ ବସି । ଏ ତୋର ଅଳସଚରିତ ଦେଖି ମୁଁ ଆଶ୍ଚର୍ଯ୍ୟ ଅଛି ଏ ଗୁଣ ତ ନ ଥିଲୁ ପ୍ରକାଶି । ହତଜୀବ । ୮୦ । ପ୍ରତ୍ୟକ୍ଷ-ପ୍ରମାଣ ବ୍ୟତିରେକେ ତ ତୁମ୍ଭର ଲୁପ୍ତ ନୁହେ ଏହି କାରଣୁ ହେ ନେତ୍ରେ । ବୋଲଅ ତୁମ୍ଭେ ପ୍ରଶସ୍ତ ଏ ପାପିଷ୍ଠ ମନୋରଥ ବଢ଼ାଇଲା ତୁମ୍ଭଙ୍କୁ କେମନ୍ତେ । ଅଜଠାରୁ ପ୍ରିୟ-ଶ୍ରୀ-ଦର୍ଶନ-ଘାତି ପାପେ । ହେଲ ତୁମ୍ଭେ କଳଙ୍କିତ ବର୍ଷଶତ

Digitized by srujanika@gmail.com

ପର୍ଯ୍ୟନ୍ତ ହେଉଥାଅ ଯୋଇ ନିଜ ଅପେ । ଅଜଠାରୁ । ୮୧ । ରେ ଚନ୍ଦ୍ର ଏକ ଅଦ୍ଭୁତ ବାଞ୍ଛୁଛୁ ମୃତ୍ୟୁ ନିଶ୍ଚିତ ତଥାପି ସେ ତୋପାଶେ ନ ଆସେ । ଅଭିଳଷ ତୁ ଯାହାକୁ ସେ ଏମନ୍ତେ ମୋ ଭାଗ୍ୟକୁ ହୋଏ ନାଶ ନୋହେ ଲଭ ଲେଶେ । ଏଣୁ କହେଁ । ଦେହବିଚ୍ଛେଦ ତୁ ବାଞ୍ଛାକର । ତେମନ୍ତ ତୁ ଅବା କଲେ ତା ନୋହି ହୋଇବ ଭଲେ ପ୍ରିୟଙ୍କୁଲେ ମିଳନ ମୋହର । ଏଣୁକହେ । ୮୨ । ମୋହର ଅଗ୍ରତତ-ମଥା-ମୋଡ-ରତ୍ତପତ-କଣ୍ଠରେ ମୁଁ ନ ମାଗେ କଣ୍ଟକ । ତଥାପି ମୃଦୁତା-ବଶେ ଦକ୍ଷିଣ-ମରୁତପାଶେ ଅଛି ମୋର ଈଷତ ପ୍ରାର୍ଥିତ । ଅହେ ବାତ । ମୋ ମରଣ ଅନ୍ତେ ଭସ୍ମମୋର । ପତି-ଶ୍ଵାସ ଦିଗେ ନେବ ଏତେକ କୃପା କରିବ ଥାଏକ ଶଙ୍କୁତା ମୃତ୍ୟୁପର । ଅହେ ବାତ । ୮୩ । ଯୁବତୀ ଯାଉଛନ୍ତି ବହୁ ଲତାଏ ମାତ୍ର ମୋ ପାଇଁ ହେଉଅଛ ପରିବର୍ତ୍ତ । ଅଉ ବା ସହିବ କେତେ ମରଣତ ନାହିଁ ମୋତେ ସତେ କି ଅବା ତେଜିବେ କାନ୍ତ । ସେ ତ ମୋର । ଅନ୍ତରେ ନିରତ ଅବସ୍ଥିତ । ମନ ପାଶୋର ତାଙ୍କୁ ତ ନ ପାରିବ ପ୍ରାଣବାତ ପାରିବେ କି ମନେକରି ତ୍ୟକ୍ତ । ୮୪ । ମୋ ଉଗ୍ରତାପ ଶୀତଳ-କରଣେ ଶିଶିର ତୁଲ ହେ ସ୍ଵରେ ତୁମ୍ଭ କରୁଣାର୍ଣ୍ଣବ । କେ କି ଦେଇଅଛି ପିଇ ବିନ୍ଦୁଏ ମାତ୍ର ନଥୋଇ ତେଣୁ ତା ବା ମୋ ପକ୍ଷେ ଦୁର୍ଲ୍ଲଭ । ହୋଇଲୁକି । ଇଚ୍ଛାମୟ ବୋଲାଅ ହେ ପର । କଲେ କି କଣ୍ଟିତ ଚନ୍ଦ୍ର ମୋ ତନ୍ତୁଁ ଶତ ଗୁଣିତ ସ୍ପନ୍ଦିଶ ନୁହନ୍ତି କରଧର । ଦେବେ ତୁମ୍ଭ ।୮୫। ଏ ମୋ ନିରତ ନଦ୍ଧନ-ଧାରପତନ-ଦୁର୍ଦ୍ଦିନ ଅଦନେ ଭିଆଇବାରୁ ବଳେ । ଅସ୍ଵପ୍ନ ନାମକୁ ପୋଛି ଶଯ୍ୟାର ସୁଖ ମୂର୍ଚ୍ଛା-ଦାକୁ ମନ ନ ବଳଇ ତଳେ । ବୃନ୍ଦାରକେ । ହେଲ କି ଶପନେ ଅଶକତ । ତେଣୁ ମୋ ଦୁଃଖ ନଶୁଣ ତୁମ୍ଭର ସ୍ତବନମାନ ମୋର ଯାଉଅଛି ହୋଇ ବ୍ୟର୍ଥ । ବୃନ୍ଦାରକେ । ୮୬ । ନିଶି ଦିବସ ନିମିଷେ ମାତ୍ର ନଗ୍ଲତ ମାନସେ ଧ୍ୟାଉଥାଏ ତୁମ୍ଭଙ୍କୁ ନିରତ । ଏମୋ ଯାତନା କି ତବ ନେତ୍ରପ୍ରାନ୍ତ-ପଥେ ଲବ ମାତ୍ର ପତନେ ନୁହେ ଶକତ । ପ୍ରାଣନାଥ । ହୃଦେ ହୃଦେ କେତେ ନ ଲୋଡ଼ଛି । ନ ଦେଖେ ସେ ହିଁସେ କାହିଁ ଯେ ତୁମ୍ଭ ଉଦନ୍ତ କହି-ଆନ୍ତା ତାକୁ ବନ୍ଧୁକ ହରଛି । ପ୍ରାଣନାଥ । ୮୭ । ହେ ଦୟାକ୍ରବର ମୋର ଚନ୍ଦ୍ର ତ ତୁମ୍ଭ ପଦ୍ମର-ତଳେ ଅସ୍ତ ହୋଇଅଛି ରହି । ତୁମ୍ଭେ କି ନ ଜାଣ ଏହା ତଥାପି ବିନ୍ଦୁଏ ଦୟା କର୍ଣ୍ଣେ କିପାଁ ମୋର ନ ପଡ଼ଇ । ଜୀବେଶ୍ଵର । ଏଥି ବା ତୁମ୍ଭର କିସ ଦୋଷ । ଧିକ ଧିକ ସେ ବିଧିକ ଯେ ଅଚର ଅବଧିକ ମୋହେ ମଜ୍ଜାଏ ଜନମାନସ । ପ୍ରାଣେଶ୍ଵର ।୮୮। ତୁମ୍ଭ ସେବା-ପ୍ରାପ୍ତି-ପାଇଁ ଦମୟନ୍ତୀ ଅଛି ରହି କଥାମାତ୍ରେ ବରିଜ୍ଞ ଶରୀର । ଏ କଥାତ କେବେହେଲେ ବାଜିବ ଶ୍ରୁତିରେ ଥରେ ତେତେବେଳେ ନ କରିବ ପର । ପ୍ରାଣନାଥ । ଏବେ ଦୟା ନୋହିଲିତ ନାହିଁ । ମୋ ମରଣ ପରେ

Digitized by srujanika@gmail.com

ଅବେ ଅହୋ ମାନବକ ବୋଇଲେ ନୋହିବି କି କୃତକୃତ୍ୟ ମୁହିଁ । ପ୍ରାଣନାଥ । ୮୯ । ହେ ଯାଚକ-କଳ୍ପବୃକ୍ଷ ମାଗୁଛି ମାତ୍ର ଏତେକ ହୃଦ ମୋ ବିଦାର ହେବାପାଇଁ । ହେଲାଣି ସଜ ସେ ଯେବେ ବିଦୀର୍ଣ୍ଣ ହୋଇବ ତେବେ ଜୀବନ ମୋର ସେ ପଥ ପାଇ । ଜୀବେଶ୍ୱର । ଯିବ ଚାଲି ନ ରହିବ କ୍ଷଣେ । ତା ଭୁଲେ ଏ ହୃଦ ମୋର ନ ତେଜିବ ଜୀବେଶ୍ୱର ଏତେମାତ୍ର ଭିକ୍ଷା ଶ୍ରୀଚରଣେ । ଏ ଦାସୀର" । ୯୦ । ଏମନ୍ତ କାକୁ-ବଚନ କରି ପ୍ରିୟାର ଶ୍ରବଣ ସେ ପ୍ରିୟା-ବିରହ-ସମ୍ଭୂତ । ଯେଉଁ ମଦନ-ବିକାରେ ବିଚାରି ନିଜ ଦୌତ୍ୟରେ ବଳେ ରୋଧିଥିଲେ ନରନାଥ । ସାଧୁଜନେ । ଏବେ ସେ ପ୍ରିୟା-ପାଖୁଣେ ଆସି । ପରବଶୁଁ ନରବର ସେ ମାର-ବିକାର ଘୋର ତାଙ୍କର ବିବେକ ଦେଲା ଧ୍ୱଂସି । ସାଧୁଜନେ । ୯୧ । 'ବିବ ଅଧିପତିଙ୍କର ଦୂତ ମୁଁ' ଏକଥା ତିଳ ମାତ୍ର ମନେ ସ୍ଥାନ ନ ପାଇଲା । କଳପନା-ବିଜୃମ୍ଭିତ ପ୍ରିୟତମାର ଲଳିତ-ଲୀଳାବଳି ଚିତ୍ତେ ଚମକିଲା । ନରେଶଙ୍କ । ଦେଖି ଶୁଣି ଦଶା ପ୍ରେୟସିର । ସେ ଭ୍ରାନ୍ତିରେ ସଂଜ୍ଞାନ ହେଉ ପ୍ରଳାପ-ବଚନ ବିରଚନ କଲେ ତତପର । ସାଧୁଜନେ ।୯୨। ବୋଲନ୍ତି ବିକଳେ ନଳ ଭୂପାଳ ହୋଇ ବିହ୍ୱଳ "ରେ ମୋ ହୃଦ-ସର୍ବସ୍ୱ ପ୍ରେୟସି । କିପାଁ କରୁଛୁ ଖେଦନ ନୟନ ବିରଜୀବନ ଲାଗି ମ୍ଳାନ କିପାଁ ମୁଖ ବିଶି । ଜୀବଧନ । କୁଟିଳ ଚଞ୍ଚଳ ନେତ୍ର ତୋର । ତୋ ପୁରତେ ଅବନତ ନଳ ନାମଧାରୀ ଭୃତ୍ୟ ଗାଣ୍ଡେ ନପଟ୍ଟେ ବା ମାତ୍ରତିଳ । ଜୀବଧନ । ୯୩ । ନେତ୍ର ନୀରବିନ୍ଦୁ-ବ୍ରାତ ଝରି ନିଘଣ୍ଟେ ନିରତ ବିନ୍ଦୁଚ୍ୟୁତକ ନାମ ଭୂଷଣେ । ଗୃହ୍ଣୁଷି କରିଛି ଶ୍ରେୟସି ତେଣୁଟିରେ ବିମ୍ବାଧର ମସାରଜାଗ୍ରତି ମନେ ଘେନ । ସ୍ମିତ-ଶୋଭି । ଏତ ସାର ଫଗାରି ସପାରି । ହେଉଛି ତୋ ଯୋଗେ ବର-ବର୍ଣ୍ଣିନୀ ରମଣୀ-ବର-ପୁରନ୍ଦର କି କହିବ ଅରି । ସ୍ମିତଶୋଭି । ୯୪ । ବିନା ଅପରାଧେ ହୃଦେ ରହିବା ଭୂଷଣ-ବୃନ୍ଦେ ଦେଲୁ ଦଣ୍ଡ କରି ନିର୍ବାସିତ । ନେତ୍ର-ନୀରବିନ୍ଦୁ-ବୃନ୍ଦ-ମାଳାକୁ କେତେ ରେ କୁନ୍ଦ-ପସନ୍ଦ-ରଚନା ଉଚିତ । କରୁଛୁ ତ । କମଳା-ନିଳୟ-ଦର୍ପଦଳା । କରପଲ୍ଲବ-କୋଳରେ ମୁଖ-ଲୀଳାକମଳରେ ମିଳାଇବା ଭଲ କି ଶୋଭିଲା । ନିତମ୍ବିନି । ୯୫ । ଆରେ କନକ-ରଦନା ଏତେ ଦୟା ହେଉ କିନା ନୟନର ଅମଙ୍ଗଳକର । ଏ ତୋ ନେତ୍ର-ନୀରଧାରା-ବିଦୂଷିତ ସ୍ତନକହାର ହରୁ ଶ୍ରେୟସର କରମୋର । ଧୀରେ ଧୀରେ । ଅବା ତୋ ପଦ୍ମନ-ସରୋରୁହ-ରଜସଙ୍ଗେ ମୋର ଦୋଷ-ସମୂହରେ ନାଗଲଭ ଶିରେ ପୋଛି ନେବ ଅଙ୍ଗୀଦଅ । ଧୀରେ ଧୀରେ । ୯୬ । ଏ ତୋ ବିଶଦ-ପଦ୍ମର ନଖର-ଶିଶିର-କର-ସେବାକୁ ଯେବେ ବା କରୁ ମନ । ମୋ କଣ୍ଠ-ସ୍ଥିତ-ମଣି-ମୟୂଖ-କଳି ରୋହଣୀ ହୋଇ ତହିଁ ହେଉ ସାବଧାନ । ନିରୁପମା । କାରଣତ କେଣେ ନ ବିଞ୍ଚଇ । ସେବକ ଜନ ଯେ ତାଁରେ ସ୍ୱେଷ ବିନା କାରଣରେ

Digitized by srujanika@gmail.com

ଶୋଭଇ କି ଚନ୍ଦ୍ରେ ଚନ୍ଦ୍ର ତୁହି । ନିରୁପମା । ୯୭ । ଯେବେ ତୁ ମୋରେ କୃତ ମାନକରୁ ପ୍ରାଣମିତ ତେବେ ମୁଁ ବିନତ ଅତି ହୋଇ । କରବ ତୋର ସମ୍ମାନ ଯେବେ ଈଷତ ବଦନ ରନ୍ଧ୍ରରୁ ପୋଷ ତୁ ପ୍ରାଣସହି । ଶିରୀଷାଙ୍ଗୀ । କ୍ଷଣକୋପୀ ତୋ କୋପ ହରଣ । କରିବା କାରଣି ଅଣୁମଧ୍ୟା ତୋ ଚରଣରେଣୁ ସ୍ପର୍ଶିବ ମୋ ଶିର ନମି ଯେନ । ଶିରୀଷାଙ୍ଗି । ୯୮ । ସ୍ୱପ୍ରଭୁ-ପଣ ସ୍ମରି କର ବା ନ କର ଘୋର ଅନୁଗ୍ରହ ଏ ତୋ ଦାସଜନେ । ମୋର ପ୍ରଣାମ ସ୍ୱୀକାର-କରଣେ କି ଶ୍ରମ ତୋର ହେବ ବା ବିଗ୍ରହ କର ମନେ । ଗୃରୁକେଶି । ପ୍ରାର୍ଥୀ-କଳ୍ପଲତା ତୁ ବା କାହିଁ । ମୋ ପ୍ରାପ୍ତି ଯାଚକ-ଜନେ ଦର୍ଶନ-ମାତ୍ର-ପ୍ରଦାନେ କୃପଣତା କାହିଁ ବା ତୋ ସହି । ଗୃରୁକେଶି ।୯୯ ଶିରୀଷ-କୋମଳ-ଅପଘନେ ଏ ଦର୍ପକ-ଶରନିପାତ ତୁ ସହୁଛୁ କେମନ୍ତେ । ଏ କଥା ଚିନ୍ତେ ଚିନ୍ତାଇ ଚକିତ ମୁଁ ହେଉ ଥାଇ ଏବେ ବୁଦ୍ଧି ଫୁରଇ ଏମନ୍ତେ । ନତଗାତ୍ରି । ଶ୍ରୀଫଳ-ନୀପଳ ପରିଏ ସ୍ଥାଣ । ସ୍ତନ-ଯୁଗ ଅଗେ ଥାଉ ତହିଁ ବାଣ ଅଉ ଦାଉ ନ ସାଧି ଭଜଇ ବାଣ-ମୁନ । ନତଗାତ୍ରି । ୧୦୦ । ଏତିକି ମାଗୁଣି ଭ୍ରୂ-ର-ଭୂଷାରେ ଛମୁରେ ତୋର ସ୍ମିତ-ସଙ୍ଗୀ ହେଉ ଉତ୍କୃଷ୍ଟ ; ଲୀଳାବିଳାସ-ରସିକ ଭ୍ରୂଯୁଗଳରୁ ଏକ ବରରୁ ଭାବ-ବ୍ୟଞ୍ଜକ ନାଟ । ଜୀବଧନ । ହାବ-ଭାବାଦିକ ଯେଣି ସଙ୍ଗେ । ଅପାଙ୍ଗ-ପଥ-ପଥିକ ହୋଇ ତୋ ନୟନ ଏକ ଯାଉ ପଡ ମୋ ଉପରେ ରଙ୍ଗେ । ଜୀବଧନ ।୧୦୧ । ନୟନ-ନୀର-କପୂରପାତ ବରଷା ନିରସ ଯାଉ ହୋଇ ଏତେବେଳେ କିଶୋରି । ସ୍ମିତ-ସୁଧାକର-କର ପରକାଶୁ ନିରନ୍ତର ହେଉ ସାର୍ଥକ ମୋ ନେତ୍ର ହେରି । କୃଶୋଦରି । ଖଞ୍ଜନ ନୟନ-ଯୁଗ ହେଉ । ତାଙ୍କର ନର୍ତ୍ତନ ପାଇଁ ଅଜନ ତୋ ମହାଶୋଭ ବଦନ-କମଳ ହୋଇ ଯାଉ । କୃଶୋଦରି । ୧୦୨ । ମଦକଳମଦଶଖି ରେ ମୋର ପଶୁଣପକ୍ଷି ଅଣାୟୀ ମୋ ଏ ଶ୍ରବଣ ଯୁଗ ।-ଗହ୍ୱର ତୋର ଅମୃତ-ନିସ୍ୟନ୍ଦ-ବଚନବ୍ରାତ-ନିପାତେ ପବିତ୍ର ହେଉ ବେଗ । ଗଜଗତି । ପିପାସିତ ଏ ଦୃଗ ଦୁହିଙ୍କି । ତୋ ସ୍ମିତ-ଶୋଭା-ପାୟସ-ରସକୁ ରେ ରମଣୀଣ ଇଷିତେ ପରସିବୁ ନାହିଁ କି । ଗଜଗତି । ୧୦୩ । ଅସନ-ଅର୍ଦ୍ଧକୁ ମୋର ଭୂଷ ତୁ ରମଣୀବର; ନା, ନା, ହୁଅ ମୋ ଅଙ୍କ ମଣ୍ଡନ । ହରେ ସମ କୃଷ୍ଣ ହରେ; ଯାଏ କି କହି ଭ୍ରାନ୍ତିରେ ଏ ମୋ ଦୋଷ ମାନସେ ନ ଘେନ । ଘନକେଶି । ବେହରଣ କରିବାକୁ ତୁହି । ମୋର ଉରଫିହାସନ ବିନା ତ ଅନ ନୟନପଥେ ଯୋଗ୍ୟ କିଛି ନ ଦିଶଇ । ଘନକେଶି । ୧୦୪ । ରେ ପଞ୍ଚଶାୟକ-ଶର-ପ୍ରହାର-ଜାତ ବ୍ୟଥାର ପ୍ରାପହାସ୍ୱ ଦିବ୍ୟୌଷଧି ଲତା । ମୋର ଚିତ୍ତ ଅନ୍ତର୍ଗତେ ରହିତ ଅଛୁ ନିରତେ ହେବୁ ଯେବେ ଏବେ ଉପସ୍ଥିତା । ବସ୍ୱସେହା । ହୋଇ ତୋରେ ସମ୍ମୁଖିତ ମୁହିଁ । ଜଗତଜନ୍ତୁ-ବିଜୟଶୀଳ-ସ୍ମରଶରଜନ୍ତୁ-ପାତେ ଝାଡ ବହିବ ମୋ କାହିଁ । ବସ୍ୱ-

Digitized by srujanika@gmail.com

ଶ୍ରେହା । ୧୦୫ । ମେଣାଇ ଉରକୁ ଉର ଗାଢ଼େ ଆଲିଙ୍ଗନ କର ସୂକ୍ଷ୍ମ ପ୍ରବେଶେ ନଥାଉ ପଥ । ପ୍ରପଞ୍ଚ-ପଞ୍ଚମାର୍ଗଣ ବାଣଗଣ ରଣଭୂଣ ନ-ଭେଦପାର ହୁଅନ୍ତୁ ବ୍ୟର୍ଥ । ଜୀବେଶ୍ୱର । ତୋ କଠିନ-କୁଚର ସେବିକା ।-ପଣକୁ ଏ ମୋ କଠୋର ଉରତଟୀ ସ୍ୱମାବର ବିସ୍ତୃର ଶତ୍ରୁରେ ଯୋଗ୍ୟ ଏକା । ଜୀବେଶ୍ୱର ॥ ଯେଉଁ ଅଧରପରଣବର୍ଣ୍ଣ-ତୋ ବାଣୀ ପୀୟୂଷରସ-ସମ ମଧୁର ଲାଗଇ । ସେ ଅଧରପାନ ପାଇଁ ଆଶା ମୋ ବର୍ଦ୍ଧିତ ହୋଇ ବନ୍ଧୁତ ହବସୁ ଅଛି ରହି । ଅନୁପମା । ତୋ ପୀନ-କଠିନ-କୁଚ-ଗିରି ।-ଅଧିତ୍ୟକାରେ ମୋହର କରଜକ୍ଷତ-ନିକର ଲଭୁ ନବନକ୍ଷତ୍ରଶ୍ରେଣୀ-ଶୀର୍ଷ । ଅନୁପମା । ୧୦୭ । ସୋମାଙ୍କ-ସୂତ୍ରଧାରିଣୀ ରେ ତରୁଣୀବରମଣି ଅଙ୍ଗହାରେ ତୋ ନାୟକ ଶୋଭେ । ଶିକ୍ଷାମଣି ଦ୍ୱିଜବର ବିଦୂଷକ ତ ନିକର ଏଣୁ ସ୍ମରନାଟିକା ଭୁ ଭ୍ରଟବ । ଭୁବବତ । ଗତ ଲେ ତୋ ବିନା ମୋ ଜଗତ । ଅତୀତ-କଥା ଜୀବିତ-ମିତ ଭୁ ନ ଥେନ ତତ୍ତ୍ୱ ଇତର ନ.ଚନ୍ଦ୍ର ମୋତେ ମତ । ଭୁବବତ । ୧୦୮ । ଗିରେ ଅନୁକମ୍ପା କର ତୁମ୍ଭେ କୃପା ବିତର କ୍ଷରଶମ୍ଭୁ-ସେବାକୁ ନଯାନା । ଅଦେ ନ କର ଆଦେଶ ଏଦାସ-ମାନସ ତୋଷ ରହୁ ଯଶ ନୁହ ତୁ ବିମନା । ନାଗସ୍ୱଣ । ଏ ନଳର ତୁ ଜୀବଜୀବନ । ରଜନୀ-କରକରର ରଜନୀ ବିନା ଅପର-ଅଶ୍ରୟ ଥାଇ କ ଶତ୍ରେ ଭେନ । ନାଗସ୍ୱଣ” । ୧୦୯ । ଏତେ କହୁ ଅକସ୍ମାତେ ଚେତା ଉପୁଜନ୍ତେ ଶତ୍ରେ ଅସ୍ମାଙ୍କୁ ମୁନିଏ ତତ୍ତ୍ୱଜ୍ଞାନ ।-ବଶେ ଭାରନ୍ତି ଯେବେ ତର୍କିଲେ ସେ ନରସ୍ୱଏ ନିଜଗିରେ ଆତ୍ମପ୍ରକାଶନ । ସାଧୁଜନେ । ପରର ପୂର୍ବ ସ୍ୱପ୍ରକୃତ ବାର୍ତ୍ତ । ପ୍ରକୃତସ୍ଥେ ହେବା କାଳୀ ବଲେକ ସେ ଦଣ୍ଡଧାରୀ ଭୃଷନ୍ତ ଏତେ ଖେଦୋକ୍ତି କର । ସାଧୁଜନେ । ୧୧୦ । “ଅହା କ କଲି କ କଲି ନିଜେତ ଚେଷ୍ଟା ପଡ଼ିଲି ଏ କଥା ଜାଣିଲେ ପୁରୁହୂତ । କ ବିଗ୍ରହବେ ସେ ମୋତେ ମୁଁ ଯେବେ ତାଙ୍କ ପୁରତେ ପ୍ରବେଶି କରିବି ପ୍ରଣିପାତ । ଭକ୍ତିବଶେ । ପ୍ରଥମେ ନଇଁବ ମୋର ଶିର । ପଛେ ଲଜ୍ଜାରେ ତା ତୋଳି ନୋହିବ ଇଙ୍ଗିତାବଳି ବାରିବ ବା କାହୁଁ ତାହାଙ୍କର । ଅଧୋମୁଖେ । ୧୧୧ । ବୃଥାରେ ଯା ନାମ ମୋର କଲି ମୁଁ ନିଜେ ପ୍ରଗ୍ଭର ଯୋଟିଲା କ ପରମାଦ ମୋତେ । ସୁରରାଜର ବିଶ୍ୱାସ ସଙ୍ଗେ କଲି କାର୍ଯ୍ୟ ନାଶ ଏଥି ତ୍ରାଣ ନାହିଁ ମୋ କଷ୍ଟତେ । ବାତସୂତ ।-ଅଦ ଯବଶେ ଯେଉଁ ଦୂତପଥ । ସ୍ଥଳେ ସିଡ଼ୀକୃତ କରି ସେ ପଥ ଏବେ ମୋହର ରିପୁହାସେ ହେଲା ଯବନିତ । ବାତସୁତ । ୧୧୨ । ଥିବାରେ ଦୌତ୍ୟେ ନିଯୁକ୍ତ ଶତ୍ରୁରେ ହେଲେ ଅହତ ଶଙ୍କିତ ମୁଁ ନାହିଁ ଦେବଙ୍କର । ଲୋକେ କି ବୁଝିବେ ଏହା କହିବେ ଶତ୍ରୁକୁ ଯାହା ଯେମନ୍ତେ ଆସିବ ତାହାଙ୍କର । ଏ ସଂସାରେ । ଲୋକେ କାକୁ କସ ନ କହନ୍ତି । ଲୋକପାଳଙ୍କ ହରଙ୍କି ଜନାର୍ଦ୍ଦନ ବୋଲି ତାଙ୍କ ଶିବ ଧ୍ୱଂସକାରଙ୍କି ବୋଲନ୍ତି । ଏ ସଂସାରେ ।୧୧୩।

Digitized by srujanika@gmail.com

ଲଜ୍ଜାଭୟେ କମ୍ପି ହୃଦ ଯାଉଛି ଫାଟି ? ଏ ଶୁଦ୍ଧ ବୋଲକ ଅମରେ ନ ବାରିବେ ।
ତାଙ୍କୁ ତ ଏ ତ୍ରିଭୁବନ-ମଧ୍ୟରେ କିଛି ଗୋପନ ହୋଇ ରହି ନ ପାରଇ ଲବେ ।
ତେବେ ହେଲେ । ଏ କଥା ତ ବିଷମ ଅଟଇଁ । ଅପବାଦ ହେଲେ ତା'ର ପ୍ରତିକାର
ନାହିଁ; କା'ର ମୁଖେ କେ ପାରିଇ କରି ଦେଇ । ତେବେ ହେଲେ । ୧୧୪ । ଜ୍ଞାନ
ଯୋଗେ ସିନା ପରଶ୍ରମ ମୋହର ଅଦର ଥାନ୍ତା ସଫଳତା ଏ କଥାରେ । ସାଧିଲା
ବିଧାତା ବାଦ ନାଶିମୋ ଜ୍ଞାନ ସମ୍ପଦ ହୃଦ ମଣ୍ଡି ହୋଉଛି ବ୍ୟଥାରେ । ଯେଉଁ ଦ୍ରବ୍ୟା-
ବିନାଶେ ବୁଦ୍ଧି ବିଧି ପାଶଇ । ତା ପ୍ରତିକାର-ନିମିତ୍ତ ପଞ୍ଚମୁଖ ସ୍ୱୟଂନେକ ମହେଶ
ହେଲେହେଁ ହାରି ଯାଇ । ଅଳପକେ” ।୧୧୫। ନିଜ-ରଚିତ-ମହତ-ମୋହଉର୍ମିରେ
ଭୁଭୁତଉପୁଚ ଏମନ୍ତ ପଡ଼ୁ ଜଣା । ଦେବଦୌତ୍ୟର ବିନାଶ ବିଗ୍ରହ ଚିତ୍ତେ ନିବେଶ
ହେଉ ବୁଦ୍ଧି ଶଳ୍ପ ହୋଇ ବଣା । ସାଧୁଜନେ । ଦୁଃଖ ଜାରେ ମଣ୍ଡିତ ଭୂପାଳେ ।
ତୋଳିବାପାଇଁ ଚଞ୍ଚଳ ଦମ୍ୟନ୍ତୁ ହେମ ମରାଳ ଅସିଗଲା ମିଳି ତତକାଳେ ।
ସାଧୁଜନେ ।୧୧୬। ପକ୍ଷପୁଟେ ବାଜି ବାତ ଶବଦ ଶୁଭି ଭୂଭୃତ ଉର୍ଦ୍ଧ୍ୱ ଦେଶେ
ନିବେଶୁଁ ନୟନ । ଶୂନ୍ୟେ ପକ୍ଷୀ ହେଉ ଦୃଶ୍ୟ ଏତ ସେ କନକହଂସ-ବର ବୋଲି
ବୋଇଲେ ବଚନ । ଅଶ୍ଚର୍ଯ୍ୟରେ । ଏକାଳେ ମରାଳ ଅସି ତଳେ । ବୋଲେ “ହେ
ନିର୍ଦ୍ଦୟ ବାଳାମଣିକ ନକର ହେଳା କଲେ ଜୀବ ବରଜିବ ତାଳେ । ମହୀପାଳ ।୧୧୭
ଅମରଙ୍କର ଉଦ୍ଦେଶ୍ୟ-ସିଦ୍ଧି ପାଇଁକି ନରେଶ ଶ୍ରମ ବା ନ କରିଅଛ କିସ । କାର୍ଯ୍ୟନାଶ
ବଶୁଁ ପୁରପଯ୍ୟୁରେ ଦୋଷୀରେ ଗାରି ହେବ ବୋଲି ନ ଭ୍ରଳ ମାନସ । ନରବର ।
ସାଧୁଙ୍କ ଚିତ୍ତଶୁଦ୍ଧି କି ତାଙ୍କ । ଆତ୍ମା ପର ସାକ୍ଷୀ; ଛଳସାକ୍ଷୀ ପ୍ରାୟ ବ୍ୟବହାର ଏଥି
ତୁମ୍ଭର ଅଟେ କି ଠିକ । ନରବର” ।୧୧୮। ଏମନ୍ତ ଶାନ୍ତ-ବଚନ କରି ମରାଳ ରଚନ
ନୈଷଧପତି-ଭ୍ରମ-ସନ୍ତତି ।-ସ୍ମୃତିରେ ମେଲାଣି ହୋଇ ଗଲା ଗଗନେ ଉଡ଼ିଇ ନାଶି ତା'ର
ଅନ୍ତରିକ୍ଷ ଖ୍ୟାତି । ସାଧୁଜନେ । ଏଥୁ-ଅନନ୍ତରେ ନରପତି । ମନେ ମନେ ଦିଗ-
ପତିମାନଙ୍କ ପଦ୍ମରେ ନତି କରି ଯେମାନ୍ତ ଏତେ ଭାଷନ୍ତି । ସାଧୁଜନେ । ୧୧୯ ।
“ଶୁଣ ଗୋ ନୃପତି-ସୁତା ଅମରେ ତ ସ୍ୱର ଲତା-ମାଳ ତୋର ସମ୍ଭବ ନାହିଁ ।
ଆଉ ଏ କଠୋର ଖିତ ଅଦର ଦୌତ୍ୟ-ପଦ୍ଧତି ତୋତେ କେତେ ଦୁଃଖ ଦେବ
ମୁର୍ହି । ସ୍ମିତ ଶୋଭି । ଦୌତ୍ୟେ ନାହିଁ ତ ମୋ ଛଳ ଲେଶ । ଏହା ବିଶ୍ୱରି
ଅମରେ କରନ୍ତୁ ବା କୃପା ମୋରେ ଅଥବା ରୋଷନ୍ତୁ ଯେନି ଦୋଷ । ସ୍ମିତ-
ଶୋଭି । ୧୨୦ । ଉନ୍ମାଦ ଅବସ୍ଥା ଘୋର ହୋଇଛି ମଙ୍ଗଳକର ଏ ଯେବେ ନ
ଥାନ୍ତା ମୋର ହୋଇ । ଏ ଦୁର୍ବିସହ ବିରହ-ବେଦନା ନିଷ୍ଠୁର ଦେହ ଧ୍ୱଂସିଥାନ୍ତା
ଚିତ୍ତକୁ ମୋ ଦହି । ପ୍ରାଣସହି । ଏକ ଦୋଷ ଆନ ଦୋଷେ ନାଶେ । ଯଥା ଅଜ୍ଞା-
ନରେ କୃତ ମହତ-ପାପ ଇଷତ ବୋଲି ବିବେଚିତ ହୁଏ ଦଣେ । ପ୍ରାଣସହି ।୧୨୧।

Digitized by srujanika@gmail.com

ତୋ ବିରହ-ସ୍ମରାନଳ କରି କଦର୍ଥନା ଘୋର ଶେଷେ ମୋ କଲା ଏମନ୍ତ ହତ । ଯାହା ସେ ଉନ୍ମତ୍ତ ମୋତେ କରାଇ ମୋ ମୁଖ-ପଥେ ମୋର ପରିଚୟ କଲା ଦତ୍ତ । ତୋ ଗୁମୁରେ । ଏଣୁ ଏ ତୋ ସାଧିଲା ମଙ୍ଗଳ । ତା ଦୁଃଖ-ଦାରିଦ୍ର୍ୟ-ପଣେ ନିନ୍ଦା ନ ଯୋଗାଏ କ୍ଷଣେ ଧନ୍ୟଧନ୍ୟ ସେ ବିରହାନଳ । ଏ କାଳକୁ । ୧୬୨ । ଏ ଚତୁର-ହୃଦୟର ଈପ୍ସିତରେ ତୋର କିଙ୍କର ହେବାକୁ ଅତ୍ୟନ୍ତ ଆଶା କରି । ତୁ ପୁଣି ତାଙ୍କୁ ବରଜ ବଳାଇ ଅଛୁ ମରିଜ ମୋ ସେବା-ଗ୍ରହଣେ ସୁକୁମାରି । କରିଗତ । କରି କାର୍ଯ୍ୟ ବୁଝି ପୁଣି ଶତ୍ରେ । ଏମନ୍ତ କପାଇଁ କଲି ବୋଲି ହୋଇବାର ଯାଲି ନଥାନ୍ତି ତୋ ପଛକୁ କଷ୍ଟତେ । କରିଗତ । ୧୬୩ । ନାହିଁ ମୋ ଦେବଙ୍କ ଭୟ ନୁହେ ମୁଁ କାମେ ଅଥୟ ଏଣୁ ଏ ବେଳରୁ କାହା ଯୋଗେ । ନୁହେ ତୋ ଗୁମୁରେ ଯାହା କହିଲି ରେ କୃଶଦେହା କହିଲି ଏକା ଉଦାସବାଗେ । ରାଜସୁତା । ବୁଝିବାପାଇଁ ତୋ ସ୍ନେହରୁଣ । ଲୋଡ଼ା-ତୋ ହିତକୁ ଯେବେ ହେବ ଦେଇପାରେ ତେବେ ହସି ହସି ବରଜ ପରାଣ । ରାଜସୁତା" । ୧୬୪ । ପିକର ପଞ୍ଚମସ୍ୱର ଶେଷେ ଶିଶିରକାଳର ଧରାଧାମ ପ୍ରବେଶ ଯେମନ୍ତ । ବସନ୍ତଋତୁର ଶିରୀ— ମାଧୁରିକ ଥାଏ କରି ଉଲ୍ଲାସ ଶେଷରେ ଉପଗତ । ସାଧୁଜନେ । ସେହିମତ ନୈଷଧ-ପତି । ପ୍ରିୟ ସତ୍ୟ ଗିର ଶୁଣି ବିଦର୍ଭରାଜଦୁଲଣୀ-ଚିତ୍ତ ହେଲା ଉଲ୍ଲସିତ ଅତି । ସାଧୁଜନେ । ୧୬୫ । ପୂର୍ବେ ନଳେ ଦେବଦୂତ ଜାଣିଲେ ତହିଁ କି ଚିତ୍ତ ଯାଉଥିବା ସକାଶରୁ କରି । ସତୀତ୍ୱ-ପଣେ ତା ବୋଧି ନନ୍ଦା ଘୃଣାକୁ ସମ୍ଭାଳି ଥିଲା ତହିଁ ପ୍ରତି କୃଶୋଦରୀ । ସାଧୁଜନେ । ଏବେ ସେ ଦୂତକୁ ନଳ ବୋଲି । ବାରପାରନ୍ତେ ହରଣୀ-ନେତ୍ରାର ଚିତ୍ତୁଁ ସେ ବେନି ଗଲେ ତତ୍କାଳେ ଅପସରି । ସାଧୁଜନେ । ୧୬୬ । ତହୁଁ ପତିବ୍ରତା ସତୀ ବୈଦର୍ଭୀ ଦମୟନ୍ତୀ ରତୀଶକୁ ଉଦ୍ଦେଶି ଚିତ୍ତର । ବୋଇଲେ "ରେ ମନୋଭବ ପ୍ରାଣିଙ୍କ ମନ ଉଦ୍ଭବ-ସ୍ଥଳ ତୋ ଏଣୁ ସେ ପିତା ତୋର । ଫୁଲଶର । ମନମଥ ନାମ ସାର୍ଥକରି । ମନକୁ ପାପେ ପକାଇ ନାନା ଅପଥ ଦେଖାଇ ସପୂର୍ଣ୍ଣ ବିଶବଦ ଦେଉ ତୂରି । ଫୁଲଶର" । ୧୬୭ । ସେ ନବ-ବାଳର ଅବସ୍ଥୁବ ସୁମନସନିଭ ବୋଲି ବୋଲାହୋଇଥିଲା ପୂର୍ବେ । ଏ ମୋଦ-ଅଶ୍ରୁ ବରଷା-ରସ ପ୍ରସରନ୍ତେ ଯୋଷାବରତନୁ ରୋମାଞ୍ଚନ୍ତେ ଏବେ । ସାଧୁଜନେ । ଦେଖି ମନେ ଏମନ୍ତ ଆସଇ । କେଉଁ କୁସୁମ ବୋଲିତ ବିଶେଷଭାବେ ବର୍ଣ୍ଣିତ ନୋହିଥିଲା ନିଶ୍ଚେ ଗାପ ଏହି । ସାଧୁଜନେ । ୧୬୮ । ସମ୍ବୋଧି ନଳେ ବିଳାପ କଲି ମୁଁ ଯା ଅନଳପ ତାହା ଶୁଣି "ପଢ଼ିଲଣି ଚିନ୍ତା । ଲୁଗୃଇବାରେ କି ପ୍ରୟୋଜନ ବୋଲି କରି ଅସ୍ତୁ ଶେଷେ ପରିଚୟ ଦେଲେ ହିନା" । ବାଳୀଶର । ଏ ଭ୍ରାନ୍ତ ଲବକେ ହେଲା ଦୂର । କବନ୍ତେ ଶ୍ରବଣ ଝିତପତିଙ୍କ ଆତ୍ମବିସ୍ମୃତ ଉନ୍ମାଦଗତ ମୁଖୁଁ ତାଙ୍କର । ସେହି-

Digitized by srujanika@gmail.com

କାଳେ । ୧୨୯ । ପୂର୍ବେ ପ୍ରଗଲ୍‌ଭପଣେ ନରପତି-ସନ୍ନିଧାନେ ଲଜ୍ଜାକୁ ବରଜି କହିଥିବା ।—କଥାକୁ ହେଜି ମନ୍ଦାରେ ଏବେ ଅଲଙ୍ଘି ଲଜ୍ଜାରେ ନବହିଲା ଗିର ଠାର କବା । ସାଧୁଜନେ । ଉଦ୍‌ବେଳିତ-ଲଜ୍ଜା ଜଳଧିରେ । ଅଶା ବିଶ୍ରାମ ନ ପାଇ ନରେଶ-ଭୁଜକୁ ଧାଇଁ ଗଲା ନିମଜ୍ଜିତ ହୋଇ ଧୀରେ । ସାଧୁଜନେ । ୧୩୦ । ସଖିର ଶ୍ରୁତିରେ ଭୂନକର କହିବାକୁ ଗୁଣି ତହିଁ ମୁଖ ଯୋଖିଲେହେଁ ଯେମା । ବଚନେ ନ ଆସି ରସନା ହୃଦକୁ ହେଲା ଉନ୍ମନା ଯେଣୁ ହୋଇଥିଲା ଲାଜ ଜମା । ସେ ମଧ୍ୟରେ । ବାଳିର ଏ ଭଳି ଦେଖି ଆଳୀ । ନଳଙ୍କୁ ଗୁହିଁ ଭ୍ରଷଇ ଲାଜେ ଅମ୍ଭ ନେମାଦେଇ ମୁକ୍ତାକୁ କଲଣି ସଙ୍ଖାଳି । ମହାରାଜ । ୧୩୧ । ଅପଣେ ଲେଖି ଭୁମ୍ଭର-ମୂରତି ପଦ୍ମରେ ତା'ର ଅର୍ଘରୂପେ ନେତ୍ରନୀର ଢାଳି । ଯାହା ଯାହା ଅଛି କହି ଅମ୍ଭ ଏ ପରାଣ ସହି କହୁଛି ମୁଁ ସେ ବଚନାବଳି । ମହାରାଜ । ଏଥି ଘଣେ ଦଉକର ଚିତ୍ତ । ନୁହଇ ଏ ଅନକଥା ଉପନିଷଦ ସର୍ବଥା ଅଶ୍ଚର୍ଯ୍ୟ-ମଦନ-ଚରିତ । ନରନାଥ ।୧୩୨ ବୋଲଇ ନିଶ୍ଚୟ ହଂସ କରି ନାହିଁଟି ପ୍ରକାଶ ଭୁମ୍ଭର-ବିରହେ ମୋ ଜୀବନ । ଯିବାକୁ ସଜ ହେବାର ବୃତ୍ତାନ୍ତ ଅବନୀଶ୍ବର ପୁରତେ ଭୁମ୍ଭର କଦାଚନ । ନରବର । ଶଶିବଂଶ-ଭୂଷଣ ଭୁମ୍ଭେତ । ମୋ ସ୍ମର-ନାଶ-ଜୀବନ-ବିନାଶବିଶୁଁ ବିଜନ୍ୟ-ବୃଜନେ ବଳନ୍ତା କେହି ଚିତ୍ତ । ନରବର । ୧୩୩ । ମୁଖେଶାଗ୍ରିକ ହରଣ-ଧର ରହିଛି ହାରଣି ଅଙ୍ଗକାନ୍ତିରେ ତ ଜିତ ସୁର । ସେ ବେନିଏ ଏବେ କିସ ପାଇଁକି ମୋର ବିନାଶ ସାଧିବାକୁ ଏତେ ଆଗଭର । ମହାରାଜ । ମୁଁ ଭୁମ୍ଭ ବୋଲକ ତାଙ୍କ ସେବ । ତା ଯେବେ ଥିବ ମୋ ଜମ୍ଭ, ଦେବଙ୍କ ବାଞ୍ଛା ନିଶ୍ଚୟ ନୁହଇତ ବିଫଳ ପ୍ରୟାସ । ମହାରାଜ । ୧୩୪ । ଭୁମ୍ଭ ବଦନ ସମାନ ହେବାକୁ ବିଗୁର ମନ ଭଲା ବୁଦ୍ଧି କରୁଛି ଶଶାଙ୍କ । ନିଜତେଜେ ମୋତେ ଦହି ମୋ ଭସ୍ମ କୁଢ଼କୁ ନେଇ ବୋଳି ପର ଲୁଚାଇବ ଅଙ୍କ । ମହାରାଜ । ତେବେ କି ସେ ତା ସମାନ ହେବ । ବଧୂବଧ-ବିଜନିତ ପାତକ ଯୋଗୁଁ ଜଗତ ଅଧିକେ ତା କଳଙ୍କ ଘୋଷିବ । ମହାରାଜ । ୧୩୫ । କର ଏତେ ଅନୁଗ୍ରହ ଲୋହମୟ ଶରଚୟ କୁସୁମଶରକୁ ଦିଅ ବାରେ । ସେ ଶର ଲଭି ସେ ବୀରପଣେ କର ପରଶୁର ଧାତକାରେ ହରୁ ମୋ ଜୀବରେ । ମହାରାଜ । ତବରୂପ ଧ୍ୟାନି ଅବିରତ । ମୃତ୍ୟୁପରେ ନଳ ହୋଇ ଭୃଣମତେ ମଣ୍ଡିଦେଇ କାମେ ଜୟୀ ହୋଇବ ନିଶ୍ଚିତ । ମହାରାଜ । ୧୩୬ । 'ଶ୍ରୁତି ଅମର-ନିକର-ଗୁଣଗାୟକେ ମୁଖର, ଏହା କେବା ନ ଜାଣଇଁ ବିଶ୍ବେ । ଭୁମ୍ଭ ଚରଣେ ଅର୍ପଣ କରିଛି ଯେ ମନପ୍ରାଣ ତା'ର ତହିଁ କିସ ଯାଏ ଆସେ । ନରବର । ସ୍ନାତକମଣ୍ଡଳ ସ୍ନାନକର । ନ ସୁବନ୍ଧୁ କି ତପନେ ତହିଁ ବା କୁମୁଦ-ମନେ ଯାଏ କେତେ ପ୍ରମୋଦ ସଞ୍ଚର । ନରବର ।୧୩୭। ନିଶ୍ଚୟ ଅଜ ମରିବ ପିଣ୍ଡେ ପ୍ରାଣ ନ ରଖିବ ଏହା ନ କଲେହେଁ ଜୀବଧବ । ଭୁମ୍ଭ

Digitized by srujanika@gmail.com

ଚରଣେ ମୋ ମନ-ଅନୁରାଗ ପରିମାଣ କଦାଚନ ଗୋଚର ନୋହିବ । ପ୍ରାଣାଧିକ । ଚରଣେ ତୁମ୍ଭ ନ ପାଇ ସ୍ଥାନ । ଶୀଘ୍ର ତେଜୁଛି ଜୀବନ ଏହା ଶୁଣି 'ନାହିଁ ଅନ ତୁମ୍ଭ ବିନା ମୋ' ଭାବିବ ମନ । ପ୍ରାଣାଧିକ । ୧୩୮ । ଯେ କ୍ଷତ୍ରିବୃତ୍ତି ଆଚରେ ନାଗେନ୍ଦ୍ର-ନିର୍ବିଶେଷରେ ପ୍ରପୀଡ଼ିତ ଜୀବେ ସେ ତାରଇ । ତା ଜଙ୍ଘାସୁ ପୁରନ୍ଦର-କର-ନିକ୍ଷିପ୍ତ ଭିଦୁର ହେଲେହେଁ ସେ ତାକୁ ନ ଡରଇ । ମହାରାଜ । କ୍ଷତ୍ରିୟ-ମଣ୍ଡଳ-ମଥାମଣି । ନ ରକ୍ଷି ପାରିବ ଯେବେ ପୁଷ୍ପଶରୁଁ ମୋତେ ତେବେ ବ୍ରତେ କି ନୋହିବ ତବ ହାନି । ମହାରାଜ । ୧୩୯ । ମୁଁ ତ ତୁମ୍ଭ ସେବକିନୀ ମୋତେ ମାର ମାରେ ପୁଣି ଏହା ତୁମ୍ଭେ ସହୁଛ କେମନ୍ତ । ଦେବଗଉରବେ ଅବା ଦର୍ପକେ ଦଣ୍ଡ-ବିହିବା-କଥା ତବେ ନୋହୁଛି ସଙ୍ଗତ । ପ୍ରାଣକାନ୍ତ । ଏତ ଦେବ ନୁହେ, ଏ ଚଣ୍ଡାଳ । ତା ନୋହିଲେ ଏ କେମନ୍ତ ସ୍ଵ-କାର୍ଣ୍ଣକାର-ବସନ୍ତ-ତୁଲେ ନିରନ୍ତର କାଟେ କାଳ । ମହାରାଜ । ୧୪୦ । କହନ୍ତି ଜ୍ଞାନୀ ପଣ୍ଡିତେ କ୍ଷୁଦ୍ର କ୍ଷୁଦ୍ର ଉପୁବ୍ରାତେ ପ୍ରଥମେ ବିକ୍ରମ ବିନାଶିବ । ଅନଳ ପରାଯେ ତୃଣ-ନିବହ କରି ଦହନ ଶେଷେ ମହା-ପାଦପ ଧ୍ୱଂସିବ । ପ୍ରାଣନାଥ । ଏ ନୀତିକି ନଚିନ୍ତ ଚିତ୍ତରେ । ଯାର ଶର ଫୁଲ ହର-ନୟନେ ଯେ ଭସ୍ମସାର ସେ କି ଗଣା ନୁହଇ ନୀଚରେ । ପ୍ରାଣନାଥ । ୧୪୧ । ସ୍ୱୟମ୍ବରେ ନିଜେ ମୁଁ ତ ବରବରଣକୁ ଚିତ୍ତ ବଳାଇଛି ଏ କଥା ନିଶ୍ଚୟ । ଏଥି ମୋ-ପାଇଁକି ଯେବେ ମମତା ପ୍ରକାଶ ଲବେ ସେହିବେ କପାଇଁ ଦେବଚୟ । ମହାରାଜ । ସେବିଲେ ହେଲେହେଁ କିଛି ଗର । କହ ନ ପାରିବ ତବ ଯାଗଭାଗରେ ତ ଠାବ ନ ଥିବ ଜଦେର ତାଙ୍କ ତଳ । ମହାରାଜ । ୧୪୨ । ଅଥବା ଯେବେ ତାଙ୍କର ଚିତ୍ତ ଅଛି ସ୍ୱୟମ୍ବର-ସଜ୍ଜକୁ ଆସନ୍ତୁ ସେ ସକଳେ । କଣ୍ଠଇ ତାଙ୍କୁ ପ୍ରସନ୍ନ ନ ହୋଇବ ବରଣମାଳ ତୁମ୍ଭ ବିନା ଆନଗଳେ । ମହାରାଜ । ନୁହନ୍ତୁ ସେ ନଳ ମଦନ । ତେଣୁ ବିଶ୍ୱରୁଛି ଚିତ୍ତ ହୃଦୟେ ତାଙ୍କ କିଞ୍ଚିତ ନ ଥିବକି ଦୟା ପାଇଁ ସ୍ଥାନ । ମହାରାଜ । ୧୪୩ ଅହେ ମହାରାଜ ! ଏହମନ୍ତ ଅମ୍ଭ ପ୍ରାଣ ସହ ଚଞ୍ଚଳକେ ତୁମ୍ଭଙ୍କୁ ଗୁହିଁ । ବେଳେ ବେଳେ କାମବଶେ କି କି ବଚନ ପ୍ରକାଶେ ବେଳେ ବେଳେ ଯାଏ ତୁନି ହୋଇ । ଲାଜଭରେ । ତା ସେ ପରସଙ୍ଗରସରତେ । ସ୍ଥଳେ ସ୍ଥଳେ ନଉନ୍ନତା-ଦ୍ୱୀପଖଣ୍ଡର ଗୃରୁତା ଗୈରିକଲ୍ପିତ ହୁଏ ପ୍ରତେ । ମହାରାଜ । ୧୪୪ । ତୁମ୍ଭେ ବିଦିତ ହୋଇ ବୃଦ୍ଧାଙ୍ଗୁଷ୍ଠକୁ କଟାଇ ଦୃଶ୍ୟ ସ୍ପୃଶ୍ୟ ନୋହି କିଛି ସ୍ନର । ଚଣ୍ଡାଳଦ୍ଧ ଲଭିଛି କି ନୋହିଲେ ଅବା କାହିଁକି ବନବାସୀ-ମଧୁ-ସହିତର । ନିକ୍ଷହୋଇ । ଉତରେ ପଶି ତୁମ୍ଭ ଦାସିର । ବିଦାରେ ମରମଦେଶ ଏ ତବ ବିପୁଳ-ଯଶ-ସମୂହେ ଶୋଭନ୍ତୁ ଦିଗ-ନ୍ତର । ମହାରାଜ” । ୧୪୫ । ଏମନ୍ତେ ଅବନୀପତି-ସନ୍ତତି-ଭାରତୀ-ପ୍ରତିଉତ୍ତର ପ୍ରଦାନେ ହୋଇ ବଣା । ଏପାରେ ତଳକୁ ଶିର କଲେ ନଳ ନରବର; ଇନ୍ଦ୍ରାଦିଙ୍କ

Digitized by srujanika@gmail.com

ଭୁଲେ ନୋହି ଜଣା । ସ୍ୱୟମ୍ବରେ । ଆସିବାକୁ କଲେ ସନମତ । ତଦନ୍ତେ ଭରତ-
ପତି-ମାନଙ୍କ କଟକ ଗତ ଅନ୍ତକପୁରୁ ଉଚଲେ ଝଟତ । ସାଧୁଜନେ । ୧୪୬ ।
କାଲି ଲଭିବ ବଲ୍ଲଭ ଉପୁଜି ଚନ୍ଦ୍ରେ ଏ ଭାବ ମହୀଧବ-ସୁତାର ଏ କାଳେ । ହୋଇଲା
ମନ ଉଚ୍ଛଳ ପ୍ରେମାଶ୍ରୁଧାର ବଦନ ବହି ଶୋହିଲା ଚନ୍ଦ୍ରମଣ୍ଡଳେ । ବାଳୀଶର । ସ୍ୱେମା-
ଖିତ ଉଚ୍ଚାବଚ ମୁଖେ । ପ୍ରେମାଶ୍ରୁ-ଧାର ବେତସବଣ୍ଡ-ସରିତ-ସଦୃଶ ପ୍ରକାଶିଲା ଶୋଭି
ଅତରେକେ । ବାଳୀଶର । ୧୪୭ । ପୂର୍ବେ ଫୁଲଶର-ତ୍ରାସ ନରତ ଲଭି ବାଳୀଶ
ଚତୁର-ପ୍ରହର-ରତି ଦଶା । ମଧ୍ୟେ ନିମିଷେକ ପାଇଁ ସ୍ୱପ୍ନସୁଖ ନ ଲଭଇ ପ୍ରାତେ ଜେଣ
ନୋହିଥାଏ କଷା । ସାଧୁଜନେ । ଜେମା ଦୁଃଖେ ବହି କ କୃପାରେ । ସେ ଦନୁ
ରଜନୀଚନ୍ଦ୍ର-ଅସ୍ତ୍ର କରଦେଇ ଷଷ୍ଟ ଦେଲେ ରଶ୍ମି ଯାମନ୍ତିତସୂରେ । ସାଧୁଜନେ ।୧୪୮।
ଏଣେ ନଳ ମହୀପତି ଆଦର ତୁରିତ ଗତି ଖଗପତିଙ୍କ ସ୍ଥମୁରେ ମିଳ । ଯେତେଯେତେ
ପରକାରେ ଦୌତ୍ୟ-ସ୍ୱତ୍ତ କରିଥିଲେ ଯଥାଯଥ କହିଲେ ତା ଭିଳ । ସାଧୁଜନେ ।
ଶୁଣି ଦେବେ ନୋହିଲେ ହରଷ । ତାଙ୍କୁ ତ ପ୍ରତ୍ୟକ୍ଷ ସର୍ବ ନୃପ-କୃତ-ତୁଷ୍ଟି ଲବ
ନାହିଁ କ କ୍ଷମିବେ ତାଙ୍କ ଦୋଷ । ସାଧୁଜନେ । ୧୪୯ । ହୀରମଲ୍ଲଦେବୀ ସୁତ ଶ୍ରୀହର୍ଷ
ନାମେ ବିଖ୍ୟାତ ଅର୍ଣ୍ଣବବର୍ଣ୍ଣନ ଯା' ରଚିତ । ତା ପଦକୁ ହୃଦେ ଧ୍ୟାୟି ପଦ ଯାଉଅଛି
କହି ତା ତୁଲକୁ ଏ ବାଳ-ଭଣିତି । ସାଧୁଜନେ । ତୁମ୍ଭ ଦୟା ଭରସା ଥିବାରୁ ।
ଭଣା ବନ୍ଦେ ଗୋପୀନାଥ ବିରଚ ଯାଉଛି ଗୀତ ହୋଇଲେ ହେଉ ବା ନୋହୁ ଗୁରୁ ।
ସାଧୁଜନେ । ୧୫୦ ।

ଦଶମ ଛାନ୍ଦ ।

ରାଗ ବେଖି ।

ଏଥୁଅନ୍ତେ ଶୁଣ ଧୀରେ, ବଦର୍ଭେଶ-ସ୍ୱୟମ୍ବରେ,
ଭରତ-ଖଣ୍ଡରୁ ନରବରକୁମାରେ ।
ଆଇଲେ ଅଶେଷ ରଥ, ଶାସ୍ତ୍ରଶସ୍ତ୍ରେ ସୁପଣ୍ଡିତ,
ଅଭିଜାତ୍ୟପଣେ କେବା ତାଙ୍କ ସଙ୍ଗରେ ।
ଧନେ ଧନଦଙ୍କୁ ସମାନ,
ଅପଘନ ଶୋଭାରେ ହାରଇ ମଦନ । ୧ ।

ସେକାଳେ ଦମୟନ୍ତୀର ବୟସ ଶୁଣି ରତିର ପତି-ଶରେ କେହି ନୋହିଥିଲା ବଦାର । ଅଗଣିତ-ମହୀପାଳ-ମଣ୍ଡଳ ଚତୁଃସଙ୍କୁଳ ଅତିହିଁ ହୋଇଲା, ଗଲା ଅବନୀ ପୂରି । ଧରାରଜ କଣିକାମାତ୍ର । ନ ବହି କା' ପାଦ ନୋହିଥିଲା ଅପଥ । ୨ । ଯୋଗ୍ୟେ କନ୍ୟା-ଲାଭ

Digitized by srujanika@gmail.com

ପାଇଁ; ଅଯୋଗ୍ୟ ଯାରେ ବଳାଇ ଗ୍ରହିବାକୁ ଅଇଲେ ଆଗ୍ରହେ ସେଥିରେ । ଦୃଶ୍ୟ-
ଦର୍ଶନ-ଲାଳସେ ଅନ୍ୟେ ଅଇଲେ ରଭସେ ସେବକ ତ ଥିଲେ ସମସ୍ତଙ୍କ ସାଥିରେ ।
ଏମନ୍ତେ ଆସନ୍ତେ ସକଳେ । ବାଛି ଏକାକୀ ରହିଲେ କକୁଭକୁଳେ । ୩ । ସେ ଅବନ-
ବନତାର ଲଲାଟପଟ୍ଟସନ୍ଦୂର-ଶିରୀ ନୃପତି-କୁମାରୀ ଦମୟନ୍ତୀଙ୍କ । ଦେଖିବାକୁ ସର୍ବଦେଶ-
ବାସୀ ମନୁଷ୍ୟେ ମାନସ ବଳାଇ ଅବଲମ୍ବନ୍ତେ ଦ୍ୱାର-ଗଣ୍ଡିକ । ଗଲା ହୋଇ ବିଶଙ୍କ
ଭୂଣା । ଜନସଂଘର୍ଷନିଷ୍ପେଷ-ଜାତ ଯନ୍ତ୍ରଣା । ୪ । ସେନାବ୍ୟୂହେ ରାଜପଥ ହେଲା ସଙ୍କୁଳ
ଏମନ୍ତ ପକାଇଦେଲେ ନ ପଡ଼େ ଭୂତଳେ ତିଳ । ସେ ଗହଳ ଠେଲି ପେଲି ଯିବା-
ଥାଉ ତହିଁ ଗଳ ପଳାଇ ପାରିବାକୁ କା ନ ଅଣ୍ଟେ ବଳ । ଯେବେ କେ ଭୂପତି
ପ୍ରରତ । ପାରେ ଯାଇ ମଣେ କନ୍ୟା ପ୍ରାପ୍ତିବତ । ୫ । ପ୍ରରତେ କେ ଭୂଭୃତର
ଅଛନ୍ତି ନିଷେଧ ନର ପଛୁଁ ଅଗ୍ରଗାମୀ ନବେ ପକାନ୍ତେ ଯେଲି । ଯନ୍ତ୍ରସ୍ଥ-ସିଦ୍ଧାର୍ଥପଦ
ଲଭି ସେ ନୃପତି ହୃଦ-ପ୍ରଦେଶେ ପକାଏ ତକା ସରିଲି ବୋଲି । ଲଭିଲେହେଁ ପଦ
ତାଦୃଶ । ସିଦ୍ଧାର୍ଥ ହେଲି ବୋଲି ସେ ନ ଭାବେ ଲେଶ । ୬ । ନିତାନ୍ତ ନିଷେଧବଶେ
ଙ୍କମପଦ୍ଧତିକ ଲେଶେ ବଳ ଚଳିବାକୁ ବଳ ନୋହୁ ନୃପଙ୍କ । ବିଳମ୍ବକୁ ବିଲୋକନ
କରି କୁଣ୍ଡିନପତ୍ତନ-ପ୍ରାସାଦ-ଚୂଳ-ବିଳାସୀ କେତନ-ଯାକ । ପ୍ରାନ୍ତକୁ କମ୍ପାଇ ସାହସ ।
ଦେଇ କି ତାଙ୍କୁ ଠାରନ୍ତି 'ଆସ ହେ ଆସ' । ୭ । ଧରଣୀ-ଧରଣୀତଳ-ଅଧିପତିଙ୍କ
କମ୍ବଳବନ୍ତ ନାଗବଳ ମହୋଲ୍ଲାସେ ଆସନ୍ତି । ଅଗ୍ରେ ତାଙ୍କ ମହାଗର୍ବେ * କର୍କଅଟକ
ସମୂହେ ଅଗ୍ରଗାମୀ ବୋଲି ଅପେ ଚିହ୍ନାଉଛନ୍ତି । ଚରମପ୍ରଦେଶ ତାଙ୍କର । ଅଷ୍ଟତଟ-
କରମ୍ବିତ ଦିଶେ ରୁଚିର । ୮ । ଅଗତ ବସୁଧାଧୀଶ-ସେନାସମୂହ-ପଦଶବଶୁଁ ସମୁ-
ତ୍ଥିତ ଘନଧୂଳିପଟଳ । ବୋଳ ହୋଇ ଦିଶ ବାଳୀ ଝଳ ବଦନକୁ ମଳମନ୍ତ କରି-
ପକାଉ ସେ ହେଲେ ବିକଳ । ସେ ତ ଏବେ ପତି ତ୍ୟକତ । ତେଣୁ ଛାଙ୍କ ଏ
ଦଶାତ ନୁହେ ଅଯୁକ୍ତ । ୯ । ଗୃହ-ହରତବ ଗୃହ-ଅଧୀଶ କୁଳିଶଧାରୀ ସିନ୍ଧୁପତି
ସୀତହୋଇ ସଲିଳପତି । ଭୂପତିସୁତା-ସୁଗୁଣ-ନିବନ୍ଧେ ଲଭି ବନ୍ଧନ ତା ପାଣି-ଗ୍ରହଣ-
ଲୋଭେ ବଳାଇ ମତି । ନ ପାରିଲେ ରହି ନ ଯାଇ । ନ ଗଲେ ମାନିକ ବାଳ-
ହରିତପାଇଁ । ୧୦ । ସ୍ୱୟମ୍ବର-ଅନୁଷ୍ଠାନ-ଆରମ୍ଭେ ଭୀମରାଜନ-ପୁରୋହିତ ଅନିଷ୍ଟ-
ବିନାଶ ବଶୁରି । ବିଘ୍ନ ଉଚ୍ଚାରଣ କରିଥିଲେ ତ ତହିଁ କପରି ପାରନ୍ତେ ରାକ୍ଷସେ ଅବା
ପ୍ରବେଶ କରି । ନୈଋତ ରାକ୍ଷସ ସହିତେ । କେମନ୍ତେ ବା ସଭାକୁ ସେ କରନ୍ତେ ବିଜେ ॥
ନୃପଜା-କଟାକ୍ଷଛଟା-ଚପଳ-ଚୃରୁକ-ପେଟା ହରଣଟା ଗଲା ପଡ ହଟହଟାରେ । ଆଉ
ବିଦର୍ଭ-ମୁଖରେ ନ କଲା କେବେ ମୁଖରେ ଦୁଃଖେ ବାତ ବୋଲନ୍ତି ମୋ କର୍ମ

* କର୍କଅଟକ—କର୍କ—ଶୁକ୍ଳ ଅଶ୍ୱ, ଅଟକ—ଶୀଘ୍ରଗତିଶୀଳ ।
କର୍କଅଟକ=କର୍କୋଟକ—ସର୍ପ ବିଶେଷ ।

Digitized by srujanika@gmail.com

ଫଣୀ ରେ । ଜଗତ୍ପ୍ରାଣ ଯେହ୍ନୁ ଯୁଗତେ । ବାହନ ବିନା ସେ ତହିଁ କେହି ଆସନ୍ତି ।୧୩।
ଜାତି-ବରିଗୁଣ ଯା'ର ଯେମନ୍ତ ହେଉ ବିଶାଳ ତାକୁ ତିଳ-ପ୍ରମାଣେ ନ ଗଣେ ମଦନ ।
ସୌନ୍ଦର୍ଯ୍ୟ ଏକା ସେ ବଳି ତା ଜାଣି ସ୍ୱଚ୍ଛ-କୈଳାସ-ଶୈଳ-ଦରପଣେ ଗୃହିଁ ସ୍ୱ-
ଅପଘନ । ନାମ-ଯୋଗ୍ୟ ଶରୀର ହେଜ । କୁବେର ସେ ସ୍ୱୟମ୍ବର ଥିଲେ ବିରଜ ॥
ପାର୍ବତୀ ଲଭି ତ ମୋର ନାମ ଅଛି ନାରୀଶ୍ୱର ଏ ନାରୀ ଲଭିଲେ ନିଜ ସର୍ବସ୍ୱ ଯିବ ।
ଏହା ଭାବିଲେ କି ଶୂଳୀ ଅବା ଶଇଳ-ଦୁଲାଳୀ ବିଲୋକି ପତିଙ୍କ ସଭାଗମନ-ଭାବ ।
ବୁଝି ନ ଅଇଲେ ରହିଲେ । ଅର୍ଦ୍ଧାଙ୍ଗେ ହର କେମନ୍ତେ ଆସନ୍ତେ ଭଲେ । ୧୪ ।
ଶେଷ ନ ଆସିଲେ ହେଲେ ଥିଲେ ପେଷି ନାଗକୁଳେ ସେ କଥା ଯଥାସ୍ଥାନେ କି
ନୋହିଛି କୁହା । ଆସିବାଥାନ୍ତେ ସେ କେହି କେ ବା ନ ଜାଣଇଁ ମଣି ହୋଇଛି
ବୋଲି ମସ୍ତକେ ତାଙ୍କର କୁହା । ମଣି-ବହିପାରିବା-ଭଳି । କେ ଅଛି ଯେ ତାକୁ
ଦେଇ ଆସନ୍ତେ ଚଳି ।୧୫। ଊର୍ଦ୍ଧ୍ୱ-ଦିଗେଶ୍ୱର ବିହି ରହିଲେ ତହିଁ ନ ଯାଇ
ତାଙ୍କୁ କେଉଁ ଧର୍ମଶାସ୍ତ୍ର ଅଛି ଅଜଣା । ସେ ତ ଲୋକ ପିତାମହ କରନ୍ତି କେହି
ବିବାହ ତାହାକୁ ଯେ ତାଙ୍କ ନପ୍ତ୍ରୀସମାକେ ଗଣା । ନପ୍ତ୍ରୀପିତାମହ ବିବାହ । ଅଛି କି
ଶ୍ରୁତିରେ ? ଚଳେ ଲୋକେ କି କହ ? । ୧୬ । ଦୂତ ବଦନୁଁ ଭୂପତି-ତନୟାର ନାହିଁ
ମତି ଅମର-ତତିରୁ କା'ରେ ବରିକରଣେ । ବାରିଲେହେଁ ଏ ବୃତ୍ତାନ୍ତ ପୁରନ୍ଦରାଦି
ନିତାନ୍ତ ନିରାଶ ନୋହି ତହିଁକି ଗଲେ ସୁଜନେ । ନଳମାନ୍ଦ୍ୟ ତାଙ୍କ ବଦନ ।-ଜ୍ୟୋତି
ଗତି-ଯଛିତରେ ଲଭିଲା ସ୍ଥାନ । ୧୭ । କଲେ ବିଗ୍ରହ ସୁପର୍ବ ଜେମା ଜମା ନ ବରିବ
ଦେବେ ବା ବରିବ ଭ୍ରମେ ବିଗ୍ରହ ନଳ । କରିବା ତେବେ ଉପାସ୍ୟ ହେବା ସର୍ବେ
ନଳ ପ୍ରାପ୍ତ ଏମନ୍ତେ ବା ହେବ ଆମ୍ଭ ଆଶା ସଫଳ । ଏହିମତି ଆଶା-ଶେଷକୁ । ପୋଷି
ଦେବେ ବହି ଛଳ-ନଳବେଶକୁ ।୧୮। ଛଦ୍ମବେଶ ହେବାକାଳେ ବୃନ୍ଦାରକେ ପରସ୍ପରେ
କୁହା-କୁହି ଚୁହାଁଚୁହିଁ ହେଉଥାନ୍ତି ସେ । ହେଲକି ନୋହିଲା ବୋଲି, ତଥାପି ସେ
ନଳଭଳି ହେଲା ରୂପ ବେଲି କା'ମନକୁ ନ ଆସେ । ଏତ ସାତ ଏ ଫସାରବ ।
ନୁହଇ କୃତ୍ରିମ ସମ ସ୍ୱାଭାବିକର । ୧୯ । ବିଗ୍ରହ ବିଗ୍ରହ ପୂର୍ଣ୍ଣଚନ୍ଦ୍ରକୁ ବଦନ ତୃଣ
କଲେ ପୁଣି କିଟନ୍ତ୍ର ବିକଟକମଳେ । ମୁଖ କଲେ; ଦରପଣେ ଗୃହିଁ ସେ ଶୋଭାରୁ ପଣେ
ପୂରଣ ନୋହିଲା ଭଳି ହୃଦୟସ୍ଥଳେ । ବିରକ୍ତିରେ ଅବକ୍ତ ହୋଇ । ଫିଙ୍ଗିଲେ
ସୂର୍ଯ୍ୟେ ଶଶାଙ୍କେ ପଙ୍କଜେ ମଣି । ୨୦ । ନଳବଦନ-ସୁଷମ-ଲାଭପାଇଁକି ବିଷମ
ଯତ୍ନ କଲେହେଁ ନୁହନ୍ତି ସେ ଠାଣି ଲେଶ । ବିକଶାଇ, ବହିର୍ମୁଖେ ସୁଖ ନ ଲଭିଲେ
ରେଖେ ହେଲା ଅନଳାନଳତ୍ୱ ଏକା ପ୍ରକାଶ । ପୁନରୁକ୍ତି ଦୋଷ ତାଙ୍କର । ନୋହିଲା
ତହିଁ ପାର୍ଥକ୍ୟ-ବର୍ଣ୍ଣ ଅର୍ଥର । ୨୧ । ଶ୍ଳେଷେ କରି ବହୁଛିମ ହେଲେ ଭୂପତିପ୍ରତିମ
ହରନେତ୍ର-ହୁତାଶରେ ଦଗ୍ଧ ମାରର । ଅବା ଫିହିକାସୁତାର କଠୋରଦଂଷ୍ଟ୍ରେ ଶଶିର

Digitized by srujanika@gmail.com

ଶଶୀରୁ ନିଷ୍ୟନ୍ଦ-ଶୁଭ୍ରପୀୟୂଷଧାର । କିବା ପ୍ରିୟମ୍ବଦବଦନକ୍ଲିଷ୍ଟ ।—ପୁରୁରବାସାରେ
କଲେ ଅଙ୍ଗ-ଶ୍ରୀ ସୃଷ୍ଟି । ୨୨ । ନୃପ-ସାଧାରଣଠାରୁ ନଳ-ପ୍ରଭେଦ ରମ୍ଭୋରୁ ବାରୁ
ବୋଲି କି ବିଧାତା ପାଞ୍ଚିଲା ମନେ । ଏଣୁ ଏଥି ଏତେ ମହୀପତି କଲା ଏକଠାଇଁ
ତହିଁରେ ଭୂପତି ନୋହି ପୁଣି ସୁମନେ । ତାଙ୍କ ସୁଷମାକୁ ଈର୍ଷାଇ । ସୁରୁଁ ଶ୍ରେଷ୍ଠ ବୋଲି
ନୃପ ହେଲା ଦର୍ଶାଇ । ୨୩ । ବିବିଧବହୁବିଜିତ ଭୂପତିବ୍ରତ-ପ୍ରଣତ ଜମାଧେଶ୍ୱର—
ହରିତ-ପତି ସେକାଳେ । ମିଳିଲେହେଁ ସର୍ବ ନଳ-ବିନା ନ ଦିଶେ ମଞ୍ଜୁଳ ସଭା-
ପ୍ରାଙ୍ଗଣକୁ ପାରିଜାତ ଯିବାରେ । ଅନନ୍ତର ସୁରପାଦପେ । ସ୍ୱର୍ଗସମ ସଭା ଶୋଭା
ଦିଶେ ଅଳପେ । ୨୪ । ଅଶୀବିଷ-ଅଧୀଶ୍ୱର ବାସୁକି ସେ ସ୍ୱୟମ୍ବର-ସଭାସ୍ଥଳକୁ
ସତ୍ୱର ବିଜେ କରନ୍ତି । ଶଙ୍କର-ଶରୀର-ସ୍ଥିତ ଭସ୍ମ ଲାଗି ଶୁଭ୍ରଅଙ୍ଗ ଅଧିକ ପ୍ରକାଶେ
ନାଙ୍କ ବିଶଦକାନ୍ତି । ଅନୁଜୀବ ଫଣୀନ୍ଦ୍ର-ବୃନ୍ଦ । ବେଢ଼ି ବୋଲୁଥାନ୍ତି 'ଦେବ' 'ଜୀବ'
'ପ୍ରସୀଦ' । ୨୫ । ନାନା ଦ୍ୱୀପାନ୍ତରୁ ନିଶିଥିନୀ-ଗୃହେଶ୍ୱରଗଣ ନିମେଷକେ ତହିଁ ଆସି
ହେଲେ ପ୍ରବେଶ । ନ ଆସି ରହିବାପାଇଁ ଶକ୍ୟ ବା କା ଥିଲା ବୃଦ୍ଧ କେ ଯୁବା ବା
ଥିଲା ନୋହି ତୁଳା-ସଦୃଶ । ଉଡ଼ିଯିବା-ପାଇଁକି ତହିଁ । ସୁରଶର-ପକ୍ଷବାତ-ଘାତକୁ
ପାଇ । ୨୬ । ସେ କୁଣ୍ଡିନପୁରେଶ୍ୱର ଚମତ୍କାର ହର୍ମ୍ୟବାର ବସାକୁ ନରେଶଙ୍କର
ଯତ୍ନେ ସଞ୍ଚଲେ । ପ୍ରିୟବଚନ-ଭୋଜନ-ଦାନ ଆଦର-ସମ୍ମାନ-ନମ୍ରତା ପ୍ରକାଶି ସର୍ବଙ୍କୁ
ତୋଷିଲେ । ମହୀପାଳ-ମଣ୍ଡଳୁ ଜଣେ । ନ ଦେଖିଲା ନୃପ-ତୁଷ୍ଟି ଛଳ-ପ୍ରମାଣେ ।୨୭।
ଭୀମ ହୋଇ ଚକ୍ରବର୍ତ୍ତୀ କେମନ୍ତେ ଲଘୁ-ନୃପତି ପୂଜିଲେ ଏଥିକି ଏବେ କହିବା
ଠିକେ । ଚତୁଃସାଗର-ପରୀଖା-ପୁରେ ତ ପ୍ରିୟନାୟିକା କୀର୍ତ୍ତି ନୃପତିଙ୍କ ଥାଏ ତା
ନ ଜାଣେ କେ । ତା' ରକ୍ଷଣେ ଦାକ୍ଷିଣ୍ୟ ଦମ । ଔଦାର୍ଯ୍ୟ ଦୟା ଏ ଗୃହ କଞ୍ଚୁକୀ
ସମ । ୨୮ । ଅଭ୍ୟାଗତ-ନରପତି-ବୃନ୍ଦେ ସେବକେ ନୃପତି ସମେ ଚର୍ଚ୍ଚିଲେ ପାର୍ଥକ୍ୟ
ନ ଥିଲା କାହିଁ । ଚର୍ଚ୍ଚା-ପାର୍ଥକ୍ୟରୁ ସିନା କନ୍ୟା-ପ୍ରାପତି କଳନା କରିଥାନ୍ତେ ମହୀ-
ପାଳେ କା ଭାଗ୍ୟେ ହୋଇ । ଚର୍ଚ୍ଚିଲେହେଁ ସବିଶେଷ-ଭାବେ । କାହିଁ ଇତର-ବିଶେଷ
ନ ଥିଲା ଲବେ । ୨୯ । ବିଦର୍ଭେଶ-ରାଜଧାନୀ କୁଣ୍ଡିନେ ଏତେ ନୃମଣି ଚତୁରଙ୍ଗ
ସଙ୍ଗେ ସମ୍ଭାଇଲେ କେମନ୍ତେ । ଏ ଆଶଙ୍କା ଉପୁଜନ୍ତେ ପୁରାଣେତିହାସ ଶାସ୍ତ୍ରେ
ଶୁଣାଥିବା କଥା ଆପେ ଆଭାସେ ଚିତ୍ତେ । କୁକ୍ଷିପୋଷ ହର-ଉଦର । କହିଲା
କେମନ୍ତେ ସିନ୍ଧୁ ବିଶ୍ୱ-ସଂସାର । ୩୦ । ସ୍ୱୟମ୍ବରେଚ୍ଛୁକପାଇଁ ବିବିଧ ବର୍ଣ୍ଣେ ରଞ୍ଜାଇ
ଯେ ନଗରୀ-ଦ୍ୱାର-ଘର-ସରଣୀ-ଶ୍ରେଣୀ । ନାନା-ବିଚିତ୍ର-ଚିତ୍ରରେ ଚିତ୍ରିଥିଲେ
ଶିଳ୍ପିବାରେ ଏକା ଅବକାଶେ ନ ଥିଲା ତାଙ୍କ କରଣୀ । ସମାଗତ ଭୂପତି-ବ୍ରାତ ।—
ଭୂଷାମଣି-କିରଣେ ସେ ହେଲା ଚିତ୍ରିତ । ୩୧ । ଆଗତ-ଭୂଭୃତଙ୍କର ସେବାଶୀଙ୍କ
ଆଡମ୍ବର ଦେଖି ସ୍ତମ୍ଭିତ ଲୋଚନ ନ ଚଳେ ଟଳେ । ବିଳାସ-ବୈଦଗ୍ଧ୍ୟ ଅଳଙ୍କାର

Digitized by srujanika@gmail.com

ସୌନ୍ଦର୍ଯ୍ୟ ଏକର ଏକୁଁ ଅଧିକ ତା କବି-ବଚନ ବଳେ । ତାଙ୍କୁ ଶିଶୁ ବାଳୀଶ ବାଳୀ । ଦେଖି ଏ ନୃପ କେ ବୋଲି ଦୁଷ୍ମନ୍ତ ଭ୍ରମ । ୩୨ । ଗ୍ରୀଷ୍ମବର-ଗ୍ରୀଳନ୍ତୁଁ ସ୍ୱେଦ ନ କରେ ଗାତ୍ରେ ଅଷ୍ଟଦ ଶରେ ଗୃହ୍ନି ନେତ୍ର ପକ୍ଷ୍ମପାତେ ତେଜଇ । ସୁବିସ୍ତୃତ ଅତପତ୍ର ସ୍ୱେଯନ୍ତେ ସହସ୍ରପତ୍ର-ବନ୍ଧୁ-କର ଫୁଲମାଳ ମଉଳେ ନାହିଁ । ଏଣୁ ସ୍ୱୟମ୍ବର-ସଭାରେ । ନ ଥିଲା ପାର୍ଥକ୍ୟ ନର-ଅମରବରେ । ୩୩ । ନାନାବିଧ-ଭୂଷା-ଭୂଷୀ ବିବିଧସ୍ଥାନ-ନିବାସୀ ଜନେ ଅମ୍ବ ବହିଛନ୍ତି ସେ ପୁଷ୍ପ ପୂରି । କାହାରେ କାହାର ଗିରି ବୁଝିବା ସମ୍ଭବପର ନୋହିବ ବଗୃରି ସର୍ବେ ସଂସ୍କୃତ କରି । ଚଉଭାବ ପରି-କାଶନ୍ତି । ତେଣୁ ନିରମଧେ ଯୁବତୀ ବାରି ନୁହନ୍ତି । ୩୪ । ଭତ୍ତିଗାତ୍ରେ ଚର୍ଚ୍ଚିତ ଶ୍ରୀମଳୀ-ଚନ୍ଦନ-ଚନ୍ଦ୍ରାତପରେ ପକାଇ ନେତ୍ର ସ୍ଥଗିତ ହୋଇ । ଇତର ବୃତ୍ତାନ୍ତେ ଚିତ୍ତଯୋଗ ନ କରୁ କଣ୍ଠିତ ଧ୍ୱନି ଯିବାର ଭୁଲୁଟେ ଗୋଚର ନୋହି । ଯାଏ ପାହି ନିଶା ନିମିଷେ । ସ୍ୱପ୍ନେ ସେ ନବୀନାଙ୍ଗନା-ସଙ୍ଗମ-ବଶେ । ୩୫ । ଶ୍ରୀଅଙ୍ଗ ଅର୍ପିବା ସମ ଶତ୍ରେ ଜନ୍ମାଇଁ ବିଭ୍ରମ ନିଶାରେ ଭୂପତି-ଓଷ୍ଠ୍ରମାନେ ସେ ଜେମା । ନ ବନାଶି ସଟାପଣ ଅପଣା ବଦାନ୍ୟଗୁଣ କରି ଭ୍ରାନ୍ତ ବିତରଣ କରଇ ଜମା । ସ୍ୱଭାବେତ ସେ କଳ୍ପଲତା । ଅଲ୍ପକ ସଂକଳ୍ପ କି ନୃପଙ୍କ ନୁହନ୍ତା । ୩୬ । ପରିହିନ ବିବର୍ଣ୍ଣ-ଦୂତସମୂହ ନରେଶମାନଙ୍କ ପାଶରେ ଯାଇଁ ଦେଇ ଜଣାଇଁ । ଯା'ର ଚିତ୍ତକୁ ଯେପରି ଅସଇ ସେ ସେହିପରି ଅଙ୍ଗ ଶ୍ରୀ ଫିହାରିକରି ମନ ମନାଇଁ । ବିଜେକରି ସେ ଯା ସମ୍ଭର୍ବେ । ସ୍ୱୟମ୍ବର-ମଣ୍ଡପକୁ ଭୂଷିଲେ ସର୍ବେ । ୩୭ । ଏ ସମୟେ ନଇଷଧ-ଅଧିପ ନଳନରେନ୍ଦ୍ର କଲେ ବିଜେ ସଭାମଧ-ମଣ୍ଡପେ ଯାଇଁ । ଯାହାର ଅନଳଙ୍କୃତ,-ଗାତ୍ରରେ ସହସ୍ରନେତ୍ର-ଘାତ ମାତ୍ରକେ ବୃତ୍ରହା ନପାରି ନେଇ । ବିଭୂଷିତ ରୂପାସ୍ତ ରତି—। ପଡ଼ରେ ଇତର ବୁଦ୍ଧି ରଖନ୍ତି କତି । ୩୮ । ପ୍ରକାଶି ସ୍ୱଅଙ୍ଗ-ଶ୍ରୀ ନିଖିଳ-ନୃପତି-ବର୍ଗ-କଳାକର ନଳନରବର ବିଜୟୀ । କରି ସେହି ସ୍ୱୟମ୍ବର-ସଭାକୁ ନଭ-ଶୋଭାର ଅଧିକାରୀ ବୋଲି ଦେଲେ କରାଇ ଥୟୀ । ତନ୍ତୁ ନେତ୍ରପଥରେ ଅରେ । ହେଲେ ନ ପଡ଼ିଲେ ଷଣ୍ଡ-ନକ୍ଷତ୍ରକୁଳେ । ୩୯ । ବିଜୟୀ କଟନ୍ତେ ନଳ ଅନ-ଭୂପାଳ-ସକଳ ସେ ରୂପ ବିଲୋକି ହୋଇ ମହା ବିସ୍ମୟୀ । ଉତ୍କଣ୍ଠିତ ନେତ୍ର-ବ୍ରାତେ ପକାଇଲେ ତାଙ୍କ ଗାତ୍ରେ ପ୍ରଥମେ ପରେ ସଙ୍କୋଚ ଭ୍ରୂଲତା ଦ୍ୱୟୀ । ଇର୍ଷାକଳୁଷିତ ଦୃଷ୍ଟିକି । ନିକ୍ଷେପିଲେ ବଗୃରି ଏ ବକ୍ରମୁଷ୍ଟି କି ? । ୪୦ । ହିଁସୁକ-ନରେଶ-ପଙ୍କ୍ତି ନଳକୁ ଲକ୍ଷି ଦୁଷ୍ମନ୍ତ କୁହାକୁହି ନିନ୍ଦାଗର୍ଭ ସ୍ତୁତି-ଯାତରେ । କେ ବୋଲେ "ଏ ଦୋଷାକର କିପା ତେଜି ନଭସ୍ଥଳ ପଡ଼ିଲା ଅପି ଏ ସ୍ଥଳେ ଖସି କ୍ଷିତିରେ" । 'ମାର ଭାଇ ଏ' କେ ବୋଲଇ । 'ଅଶ୍ୱିନୀସୁତ-ସୋଦର' ବୋଲି କେ କହି । ୪୧ । ପୂର୍ବର ମନ୍ତ୍ରର ଉକ୍ତି ଶୁଣି ଭାବେ କେ ଭୂପତି ଅଭୟଟିହ ପାଇତ

Digitized by srujanika@gmail.com

ଶଶୀରୁ ନିଷ୍ୟନ୍ଦ-ଶୁଦ୍ଧପୀୟୂଷଧାର । କିବା ପ୍ରିୟାବିରହକ୍ଲିଷ୍ଟ ।—ପୁରୁରବାପାରେ କଲେ ଅଙ୍ଗ-ଶ୍ରୀ ସୃଷ୍ଟି । ୨୨ । ନୃପ-ସାଧାରଣଠାରୁ ନଳ-ପ୍ରଭେଦ ରମ୍ଭୋରୁ ବାରୁ ବୋଲି କି ବିଧାତା ପାଞ୍ଚିଲା ମନେ । ଏଣୁ ଏଥି ଏତେ ମହୀପତି କଲା ଏକଠାଇଁ ତହିଁରେ ଭୂପତି ନୋହି ପୁଣି ସୁମନେ । ତାଙ୍କ ସୁଷମାକୁ ଈର୍ଷାଇ । ସୁରୁଁ ଶ୍ରେଷ୍ଠ ବୋଲି ନୃପ ହେଲା ଦର୍ଶାଇ । ୨୩ । ବିବିଧବହୁରାଜିତ ଭୂପତିବ୍ରତ-ପ୍ରଣୀତ ଜମାଦିଗ୍ବର—ହରିତ-ପତି ସେକାଳେ । ମିଳିଲେହେଁ ସଭା ନଳ-ବିନା ନ ଦିଶେ ମଞ୍ଜୁଳ ସତ୍ୟ-ପ୍ରାଙ୍ଗଣକୁ ପାରିଜାତ ଯିବାରେ । ଅନଶ୍ବର ସୁରପାଦପେ । ସ୍ୱର୍ଗସମ ସଭା ଶୋଭି ଦିଶେ ଅଳପେ । ୨୪ । ଅଶୀବିଷ-ଅଧୀଶ୍ୱର ବାସୁକି ସେ ସ୍ୱୟମ୍ବର-ସଭାସ୍ଥଳକୁ ସହିର ବିଜେ କରନ୍ତି । ଶଙ୍କର-ଶରୀର-ରାଗ ଭସ୍ମ ଲାଗି ଶୁଭ୍ରଅଙ୍ଗ ଅଧିକ ପ୍ରକାଶେ ନାଙ୍କ ବିଶଦକାନ୍ତି । ଅନୁଜୀବ ଫଣୀନ୍ଦ୍ର-ବୃନ୍ଦ । ବେଢ଼ି ବୋଲୁଥାନ୍ତି 'ଦେବ' 'ଜୀବ' 'ପ୍ରସୀଦ' । ୨୫ । ନାନା ଦ୍ୱୀପାନ୍ତରୁ ନଣିସ୍ୱନୀ-ଗୃଷ୍ଣୀଷରସି ନମେଷକେ ତହିଁ ଅସି ହେଲେ ପ୍ରବେଶ । ନ ଅସି ରହିବାପାଇଁ ଶକ୍ୟ ବା କା ଥିଲା ରହି କେ ଯୁବା ବା ଥିଲା ନୋହି ଭୁଲା-ସଦୃଶ । ଉଡ଼ିଯିବା-ପାଇଁକି ତହିଁ । ସୁରଶର-ପକ୍ଷବାତ-ଘାତକୁ ପାଇ । ୨୬ । ସେ କୁଣ୍ଡିନପୁରେଶ୍ୱର ଚମତ୍କାର ହର୍ମ୍ୟବାର ବସାକୁ ନରେଶଙ୍କର ଯତ୍ନେ ସଞ୍ଚିଲେ । ପ୍ରିୟବଚନ-ରଚନ-ଦାନ ଆଦର-ସମ୍ମାନ-ନମ୍ରତା ପ୍ରକାଶି ସର୍ବଙ୍କୁ ତୋଷିଲେ । ମହୀପାଳ-ମଣ୍ଡଳୁ ଜଣେ । ନ ଦେଖିଲା ନୃପ-କୃତି ଟିଳ-ପ୍ରମାଣେ । ୨୭ । ଭୀମ ହୋଇ ଚକ୍ରବର୍ତ୍ତୀ କେମନ୍ତେ ଲଘୁ-ନୃପତି ପୂଜିଲେ ଏଥିକି ଏବେ କହିବା ଠିକେ । ଚତୁଃସାଗର-ପରୀଖା-ପୁରେ ତ ପ୍ରିୟମାପ୍ନିକା କୀର୍ତ୍ତି ନୃପତିଙ୍କ ଥାଏ ତା ନ ଜାଣେ କେ । ତା' ରକ୍ଷଣେ ଦାକ୍ଷିଣ୍ୟ ଦମ । ଔଦାର୍ଯ୍ୟ ଦୟା ଏ ଗୃହ କଞ୍ଚୁକୀ ସମ । ୨୮ । ଅଭ୍ୟାଗତ-ନରପତି-ବୃନ୍ଦେ ସେବକେ ନୃପତି ସମେ ଚର୍ଚ୍ଚିଲେ ପାର୍ଥକ୍ୟ ନ ଥିଲା କାହିଁ । ଚର୍ଚ୍ଚା-ପାର୍ଥକ୍ୟରୁ ସିନା କନ୍ୟା-ପ୍ରାପତି କଳନା କରୁଥାନ୍ତେ ମହୀପାଳେ କା ଭବିଷ୍ୟ ହୋଇ । ଚର୍ଚ୍ଚିଲେହେଁ ପରେଶ-ଭାବେ । କାହିଁ ଇତର-ବିଶେଷ ନ ଥିଲା ଲବେ । ୨୯ । ବିଦର୍ଭେଶ-ରାଜଧାନୀ କୁଣ୍ଡିନେ ଏତେ ନୃମଣି ଚତୁରଙ୍ଗ ସଙ୍ଗେ ସମ୍ଭାଇଲେ କେମନ୍ତେ । ଏ ଅଶଙ୍କା ଉପୁଜନ୍ତେ ପୁରାଣେତିହାସ ଶାସ୍ତ୍ରେ ଶୁଣାଥିବା କଥା ଅପେ ଅଭାସେ ଚିତ୍ତେ । ଲୁଟିପୋଷ ହର-ଉଦର । ବହିଲା କେମନ୍ତେ ସିନ୍ଧୁ ବିଶ୍ୱ-ସଂସାର । ୩୦ । ସ୍ୱୟମ୍ବରେଚ୍ଛୁବପାଇଁ ବିବିଧ ବର୍ଣ୍ଣେ ରଞ୍ଜାଇ ଯେ ନଗରୀ-ଦ୍ୱାର-ଘର-ସରଣୀ-ଶ୍ରେଣୀ । ନାନା-ବିଚିତ୍ର-ଚିତ୍ରରେ ଚିତ୍ରିଥିଲେ ଶିଳ୍ପିବାରେ ଏକା ଅବକାଶେ ନ ଥିଲା ତାଙ୍କ କରଣି । ସମାଗତ ଭୂପତି-ବ୍ରାତ ।—ଭୂଷାମଣି-କିରଣେ ସେ ହେଲା ଚିତ୍ରିତ । ୩୧ । ଅଗତ-ଭୂଭୃତଙ୍କର ସେବାଣୀଙ୍କ ଆଡମ୍ବର ଦେଖି ସ୍ତମ୍ଭିତ ଲୋଚନ ନ ଚଳେ ଟଳେ । ବିଳାସ-ବୈଦଗ୍ଧ୍ୟ ଅଳଙ୍କାର

Digitized by srujanika@gmail.com

ସୌନ୍ଦର୍ଯ୍ୟ ଏକର ଏକୁଁ ଅଧିକ ତା କବି-ବଚନ ବଳେ । ତାଙ୍କୁ ଶିଶୁ ବାଜୀଣ ବାଳୀ । ଦେଖି ଏ ନୃପ କେ ବୋଲି ସ୍ମୃଅନ୍ତି ଭଳି । ୩୨ । ଚାମର-ଚାଳନ୍ତୁ ସ୍ୱେଦ ନ କରେ ଗାତ୍ରେ ଅମ୍ବର ଚନ୍ଦ୍ରେ ଗୃହ୍ନି ନେତ୍ର ପକ୍ଷ୍ମପାତେ ତେଜଇ । ସୁବିସ୍ମୃତ ଅତଏବ ବେଧନ୍ତେ ସହସ୍ରପତ୍ର-ବନ୍ଧୂ-କର ଫୁଲମାଳ ମଉଳେ ନାହିଁ । ଏଣୁ ସ୍ୱୟମ୍ବର-ସଭାରେ । ନ ଥିଲା ପାର୍ଥକ୍ୟ ନର-ଅମରବରେ । ୩୩ । ନାନାବିଧ-ଭାଷା-ଭାଷୀ ବିବିଧସ୍ଥାନ-ନିବାସୀ ଜନେ ଅସି ରହିଛନ୍ତି ସେ ପୁରୀ ପୂରି । କାହାରେ କାହାର ଗିର ବୁଝିବା ସମ୍ଭବପର ନୋହିବ ବିଗୁରି ସର୍ବେ ଫସ୍ଫୁଟ କରି । ଚତୁଦ୍ଧିବ ପରି-କାଶନ୍ତି । ତେଣୁ ନରମଧ୍ୟେ ଯୂଟରି ବାର ନୁହନ୍ତି । ୩୪ । ଭକ୍ତିଗାଢରେ ଚନ୍ଦ୍ରିତ ଶ୍ୟାମଳା-ଚରଣ-ଚନ୍ଦ୍ରବ୍ରାତରେ ପକାଇ ନେତ୍ର ସ୍ତବ୍ଧ ହୋଇ । ଇତର ବୃତ୍ତାନ୍ତେ ଚକ୍ଷୁଯୋଗ ନ କରୁ କଳ୍ପିତ ଦିବା ଯିବାର ଭୁଭୁତେ ଗୋଚର ନୋହି । ଯାଏ ପାହି ନିଶା ନିମିଷେ । ସ୍ୱପ୍ନେ ସେ ନବାନାଙ୍ଗନା-ସଙ୍ଗମ-ବିଶେ । ୩୫ । ଶ୍ରୀଅଙ୍ଗ ଅର୍ପିବା ସମ ଚତ୍ତେ ଜନ୍ମାଇଁ ବିଭ୍ରମ ନିଶାରେ ଭୂପତି-ବସ୍ତ୍ରାମମନେ ସେ ଜେମା । ନ ଜାଣି ସର୍ବପଣ ଅପଣା ବଦାନ୍ୟଗୁଣ କରି ଭ୍ରାନ୍ତି ବିତରଣ କରଇ ଜମା । ସ୍ୱଭିବେତ ସେ କଳ୍ପଲତା । ଅଳ୍ପକ ଫକଳ୍ପ କି ନୃପଙ୍କ ନୁହନ୍ତା । ୩୬ । ପରିଧାନ ବିଦର୍ଭେଶ-ଦୂତସମୂହ ନରେଶମାନଙ୍କ ପାଶରେ ଯାଇଁ ଦେଉ ଜଣାଇଁ । ଯା'ର ଚକ୍ଷୁକୁ ଯେପରି ଅସଇ ସେ ସେହିପରି ଅଙ୍ଗ ଶ୍ରୀ ଫିହାରିକରି ମନ ମନାଇଁ । ବିଜେକରି ଯେ ଯା ସମ୍ଭବେ । ସ୍ୱୟମ୍ବର-ମଣ୍ଡପକୁ ଭୁଷିଲେ ସର୍ବେ । ୩୭ । ଏ ସମୟେ ନୈଷଧ-ଅଧିପ ନଳନରେନ୍ଦ୍ର କଲେ ବିଜେ ସଭାମଧ-ମଣ୍ଡପେ ଯାଇଁ । ଯାହାର ଅନଳଙ୍କୃତ,-ଗାତ୍ରରେ ସହସ୍ରନେତ୍ର-ଦାତ ମାତ୍ରକେ ବୃତ୍ରହା ନପାରି ନେଇ । ବିଭୂଷିତ ରୂପାସ୍ତ୍ର ଇତ— । ପତରେ ଇତର ବୁଦ୍ଧି ରଖନ୍ତି ନିତି । ୩୮ । ପ୍ରକାଶି ସ୍ୱଅଙ୍ଗ-ରାଗ ନିଖିଳ-ନୃପତି-ବର୍ଗ-କଳାକର ନଳନରବର ବିଜୟୀ । କରି ସେହି ସ୍ୱୟମ୍ବର-ସଭାକୁ ନଭ-ଶୋଭାର ଅଧିକାଶୀ ବୋଲି ଦେଲେ କରାଇ ଅଥି । ତହିଁ ନେତ୍ରପଥରେ ଥରେ । ହେଲେ ନ ପଡଲେ ଷଣ୍ଢ-ନକ୍ଷତ୍ରକୁଳେ । ୩୯ । ବିଜୟୀ କରନ୍ତେ ନଳ ଆନ-ଭୂପାଳ-ସକଳ ସେ ରୂପ ବିଲୋକି ହୋଇ ମହା ବିସ୍ମୟୀ । ଲୁଣ୍ଠିତ ନେତ୍ର-ବ୍ରାତେ ପକାଇଲେ ତାଙ୍କ ଗାତ୍ରେ ପ୍ରଥମେ ପରେ ସଙ୍କୋଚ ଭ୍ରୂଲତା ଦ୍ୱୟି । ଇର୍ଷାକଳୁଷିତ ଦୃଷ୍ଟିକି । ନିକ୍ଷେପିଲେ ବିଗୁରି ଏ ବଜ୍ରମୁଷ୍ଟି କି ? । ୪୦ । ହିଁସୁକ-ନରେଶ-ପଡ଼ି ନଳକୁ ଲକ୍ଷି ହୁଅନ୍ତି କୁହାକୁହି ନିନ୍ଦାଗର୍ଭ ସ୍ତୁତି-ସ୍ୱରରେ । କେ ବୋଲେ "ଏ ଦୋଷାକର କିପାଁ ତେଜି ନଭସ୍ଥଳ ପଡିଲା ଅସି ଏ ସ୍ଥଳେ ଖସି ଖିତିରେ" । 'ମାର ଭଇ ଏ' କେ ବୋଲଇ । 'ଅଶ୍ୱିନୀପୁତ୍ର-ସୋଦର' ବୋଲି କେ କହି । ୪୧ । ପୂର୍ବର ମତ୍ସର ଉକ୍ତି ଶୁଣି ଭାବେ କେ ଭୂପତି ଅତଏହି ସାଇତ

Digitized by srujanika@gmail.com

ମତରେ ହିଂସାକୁ । ଖିତ-ଶଣି ଏ ଲଣ୍ଡୟ ଅନଙ୍ଗ ମୂର୍ତ୍ତି ଦ୍ୱିତ୍ତ୍ୱୟ ଏକା ଏ ଅଶ୍ୱିନୀକୁମାରଙ୍କ ପରଙ୍କି । ବନ୍ଦ୍ୟ ନନ୍ଦୁ ନୃପେ ଏମନ୍ତ । ନୃପେନ୍ଦ୍ର-ନଳଙ୍କ ହେଲା ସେ ସୁତିବେତ ।୪୬। ପୁଣି ତହିଁ କେହି କେହି ଛଳେ ନଳରୂପ-ବହି ଥିବା ଦେବଙ୍କୁ ଚାହିଁ ନଳଙ୍କୁ ଲକ୍ଷି । ଭାଷନ୍ତି "ଏମନ୍ତ ଲୋକ ଏ ସଂସାରେ ଲକ୍ଷ ଲକ୍ଷ ଛନ୍ତି କେ ବା ନେହେ ତାଙ୍କୁ ନଥାଏ ଦେଖି ?" ନଳେ ହାରଲେହେଁ ନନ୍ଦୁକ । ଅନ୍ୟ ଜନ ଶଙ୍କ ବୋଲି ବଖାଣେ ଲେକ ।୪୩ କାହିଁ ଯା ନଥିଲେ କଛ ଦୁର୍ଗୁଣ ଦେବାକୁ ବାଛ ତାଙ୍କରେ ବୃଥାଦୋଷ ଆରୋପଇ ଯେ ଜନ । ସେ ଲଭଇ ଖଳପଦ, ଭୂଷିଲେହେଁ ସେ ସଂସଦ ଶ୍ରୀଅଙ୍ଗ-ଶୋଭାରେ ନଳ; ନ ଘେନ ମନ । ସେ କଥାକୁ ଅମରବରେ । ନରତା ଥିବାରୁ ନଳ-ନୃପେ ଦୂଷିଲେ । ୪୪ । ପାଶେ-ବସିଥିବା ଛଳ-ନଳସ୍ୱରୂପୀ ଚତୁର-ଅମରବରେ ନେହ-ନପାତ-ମାତରେ । ଯେରୂପେ ବସ୍ମିତ ହୋଇ ପୁଚ୍ଛନ୍ତି ନୈଷଧସାଇଁ ବଦନେ ତାଙ୍କୁ ଅନାଇଁ ମଧୁରଗିରେ । 'ଆପଣ କ ଏ ଗୁରୁଜଣ । ନାସତ୍ୟଯୁଗଳ ପୁରୁ-ରବା ମଦନ' । ୪୫ । ଶୁଣି ନରପତ-ଗିର ଭାଷନ୍ତି ସେ ସୁରବୀର "ଆମ୍ଭର କା'ର ଇଳାରୁ ନୁହେ ଉତ୍ପତ୍ତି । ରହନ୍ତୁଁ ତୁମ୍ଭ ଅନ୍ତିକ ଆମ୍ଭେ ସବେ ଅଦର୍ପକ ନା-ସତ୍ୟତା ନାହିଁକା'ର ବଗୁର ମତ । ତୁମ୍ଭର ଏମନ୍ତ ପୁଚ୍ଛାକୁ । କ ଗୁଣେ ହେଲୁ ଭାଜନ ଆମ୍ଭେ ଭୁଚ୍ଛାକୁ । ୪୬ । ସେ ସୁର-ଚତୁରୁଁ ପର ଶିସ-ବଦୂଷିତ-ସ୍ୱର ହେବ ଆମ୍ଭଙ୍କୁ ଶବ୍ଦରେ କର ବଗୁର । ଏ ସ୍ୱୟମ୍ବର-ସଭାରେ ପ୍ରତି-ନୃପତି-ପାଶରେ କ୍ଷମା ତ ମଣ୍ଡିବ ଯେମା କ୍ଷମ -ଭୂପର । ତେତେବେଳେ କପାଳ-ଗୁଣେ । ତାକୁ ବା ଲଭିବ ଆମ୍ଭ ମଧ୍ୟେ କେ ଜଣେ । ୪୭ । ଅହେ ନରବର ତବ ଏରୂପେ ଆମ୍ଭେ ସରବ ମୁଗ୍ଧଭାବ ଅଛୁ ଯା ରହନ୍ତୁଁ ଏ ସ୍ଥଳେ । ଆଶା ପଡ଼ଲେ ଆମ୍ଭର ହେଉଥିକ ଶତବାର ଧିକ ଧିକ ଏ ଆମ୍ଭ ବବୁଧ-ପଣର । ଫଳବ କ ଆମ୍ଭର ଆଶା ? । ହେବ କ ଯୋଷାରତନ ହୃଦୟଭୂଷା" । ୪୮ । ପୁରୁକୁଁ ଅଶଙ୍କା କଛ ଭୂପତି-ମତରେ ସଞ୍ଚ-ନୋହିଥିବାରୁ ଦେବଙ୍କ ଏମନ୍ତ ଅର୍ଥ—। ଦ୍ୱିଶାସ୍ତ୍ରିତ ଭାରତୀ ପଶି ଶ୍ରୁତିରେ ଉପୁଚ୍ଛି ନ ପାରଲା କର ତାଙ୍କ ତର୍କ କଳ୍ପିତ । ରାମା-ବହି-ଲାଭ ନମିତ୍ତ-। ଯତ୍ନେ ଯେଣୁ ସେ କାଳରେ ଥିଲେ ସେ ବ୍ୟସ୍ତ । ୪୯ । ଯେ ନଜ ପ୍ରାଧାନ୍ୟ ପାଇଁ ପରେ ଖର୍ବ । କଳ୍ପ-ଥାଇ ଜଣା ସେ ଖର୍ବିଷ୍ଠ ନଷ୍ଟେ ସେ ପରଠାରୁ । ଯେ ବା ନଜ-ନୀଚତାରେ ଏରୂପେ ପ୍ରକାଶ କରେ ତାରେ ସାଧୁ ଅବହେଳା ଭଳ କ କରୁ ? ଏଣୁ ସୁରବରଙ୍କ ଗିରେ । ଅବହେଳନ ନଳଙ୍କ ଶୋଭେ ବଧିରେ । ୫୦ । ସେ ସ୍ୱୟମ୍ବର-ସଭାର କ ବର୍ଣ୍ଣିବ ଆଡ଼ମ୍ବର ଯା ଦର୍ଶନପାଇଁ ପୀତାମ୍ବର ଅମ୍ବରେ । ବଜେକର ଥିଲେ ବଙ୍ଗେ ଶିରୀ ସରସ୍ୱତୀ ସଙ୍ଗେ ଏକେ ନନ୍ଦୁଥିଲେ ବଦ୍ୟୁତ୍‌ବନ୍ତ ମୁଦରେ । ବନ୍ଦୁଥିଲେ ଅପର ଦେଖା । ତାନମାନେ ବୋଲି ତାଙ୍କ ଖ୍ୟାତିପଦସ୍ଥ । ୫୧ । ନ ଦେଖିଲେହେଁ

Digitized by srujanika@gmail.com

ଶଙ୍କର ଶିଖରର ପରସ୍ପର କରିଥିଲେ ଯେ କେତକୀ-ଧ୍ୱଜାର ତହିଁ । ସେହି ଦେବ
ଦେବବର ସମ୍ମୁଖ ଏହି ସଭାର ନଦେଖି ସ୍ୱପୁରେ ରହି ପାରିଲେ ନାହିଁ । ଅସି
ବେଗେ ମିଳି ଗଗନେ । ନିବେଶିଲେ ଅଷ୍ଟଦିଗେ ଅଷ୍ଟ ନୟନେ । ୫୨ । କଲେ
ବହୁ ବୁଦ୍ଧି ଧନ-ଈଶ୍ୱର ନିଜତୁର୍ଣ୍ଣ-ଅମ୍ବାରୁ ମେରୁ-ଭ୍ରମଣେ ଏକ ରଖିଲେ ।
ଅପରେ ପର୍ବତେଶ୍ୱର-ସୁତା-ପତି-ବର୍ଦ୍ଧମୂଳ-ନେତ୍ର ହୋଇ ସ୍ୱୟମ୍ବର-ସଭା ଦେଖିଲେ ।
ଅନ ଦଶ ଅମ୍ବରେ ଦଶ । ଦଶ ଦେଖିଲେ ପୁରୁଷ ଲୋକେ ବିଶେଷ । ୫୩ । ଅବି-
ରତ ତ ତ୍ରିଦଶ-ନିବାସ-ହର୍ମ୍ମ୍ୟ-ସଦୃଶ ସୁମେରୁ ଶିଖର ଗୃହ ପାରୁଶେ ଶଶୀ ।
ଭ୍ରମୁଥାନ୍ତି; ସ୍ୱୟମ୍ବର ଦେଖିବାକୁ କାହିଁ ଡର ତାଙ୍କୁ, ସେ କଲେ ବିଗ୍ରହ ଏମନ୍ତ ବସି ।
ଗଲେ ହୋଇ ହରିନେତ୍ର ସେ । ସଭା ନ ଦେଖିବା କ୍ଷୋଭ ନୋହିଲା ଲେଶେ । ୫୪ ।
ସେ ସମୟେ ସ୍ୱୟମ୍ବର-ସଭାରେ ବରନୃପବର-ଶୋଭା ବିଲୋକନେ ଲୋଳ ଅପ୍‌ସରାକୁଳ ।
ନଭୁଁ ଭୁବେ ପରବେଶି ମନୁଷ୍ୟ-ସାଗରେ ମିଶି ଗଲେ ରସ ନ ପ୍ରକାଶି ବିଳମ୍ବତଳ ।
ତହିଁ ତାଙ୍କ ବଦନମାନ । ନ ଲୁଚି ଦିଶିଲେ ପଦ୍ମବନ ସମାନ । ୫୫ । କେବା ସେ
ସଭା-ଦର୍ଶନ-ଆଶାରେ ନୋହି ଉନ୍ମନ ସେ ସ୍ଥଳେ ସେକାଳେ ପଦ ଦେଇ ନ ଥିଲା ।
ଲକ୍ଷ୨ ଯକ୍ଷସିଦ୍ଧ ଶତ୨ ବୃନ୍ଦବୃନ୍ଦ କିନ୍ନର ନିବହ ତହିଁ ରଚିଲେ ଲୀଳା । ସହସ୍ର୨
ମହର୍ଷି । ହର୍ଷଭରେ ଥିଲେ ସ୍ୱୟମ୍ବରକୁ ଆସି । ୫୬ । ବହୁଶାଖା-ସମନ୍ୱିତ-ବେଦକଳ୍ପ-
ତରୁ-ବୃତ କଣ୍ଠ-ପଥରେ ଯାହାର ଅମରପୁରୁଁ । ଅମର-ଭାରତୀ ଲେଶେ କ୍ଲେଶ ନ
ଲଭି ଭୂଦେବେଶ ଅବତରି ଭୂଷି ଥିଲେ, ସେ କବି ଗୁରୁ । ବାଲ୍ମୀକି ଋଷି-ପ୍ରଧାନ ।
ସଭା-ପ୍ରଶଂସାରେ ହେଲେ ଶତବଦନ । ୫୭ । ଗୃହୀ କରୂପେ ଛିତିକ ଉତ୍ତୁର ବେଦା-
ନ୍ତିକ ସୁବ୍ରତଙ୍କ ଯତିକ ଯେ ଚନ୍ଦ୍ର ଚନ୍ଦ୍ରେ । ଅପାର୍ଥ ପ୍ରକାଶି ଦୂଷିଥିଲେ ଯା
ଜିହ୍ୱାରେ ରସି ବାକ୍ୟଦେବୀ ଥାଏ ବସି ଅନୁବରତେ । ସୁରପୁରୁ ସେ ବୃହସ୍ପତି । ପର-
ବେଶି ସ୍ୱୟମ୍ବରେ ପରଶଂସନ୍ତି । ୫୮ । ସଂସ୍କୃତ ଭାରତୀ ଯହିଁ ନିରତଶୟେ ଶୋଭଇ
ସେ ନିତବେ ବିଚିତ୍ର-ବଚନ-ରଚନେ । କବି ବୋଲି ଯା'ର ଖ୍ୟାତି ଯେ ନିଶାଚରଙ୍କୁ
ନୀତି-ପ୍ରଦାନେ ନିପୁଣ ଅତି ସକଳ ଦିନେ । ମିଳି ସେ ଅଗ୍ରଗଣ୍ୟ ଭାର୍ଗବ । ବର୍ଣ୍ଣିଲେ
ସଭା-ଶୋଭାକୁ କାବ୍ୟରେ ଯେବ । ୫୯ । ବୋଲନ୍ତି "ସତେକି ସ୍ୱାମୀ ମହୀପତି ପରିଶ୍ରମ
କରି ଏତେ ନୃପତିଙ୍କି ଛନ୍ଦି ଠୁଳାଇ । କି ଅବା ଦମୟନ୍ତୀର ଗୁଣାବଳୀ ଦିଗନ୍ତର-ବାସୀ
ସେମାନଙ୍କୁ ଆଣିଅଛି ମେଳାଇ । ତା ନୁହେ ଏ ବିଗ୍ରହ ବିହି । ସ୍ୱଶିଳ୍ପ-କୌଶଳ
ସବୁ ଦେଲା ଦେଖାଇ । ୬୦ । ପଞ୍ଚଶରକୁ ପଞ୍ଚତ୍ୱ ଦେଇଥିଲେ ପଞ୍ଚବକ୍ତ୍ର ଯେଣୁ
ଟିକେ ନ ଥିଲେ ଭୁଲେ ଥିଲା ସେ ଏକା । ଏବେ ସେ କ୍ଷତିପୂରଣ କରି ବହୁତ ଅପଣ-
ରୂପେ ନିର୍ମ୍ମାଣି ପ୍ରବୀଣ ବାରଙ୍କ ରେଖା । ସ୍ୱୟମ୍ବରେ ଦେଇଛି ଦେଖା । ତାନ୍ତ୍ରେ ଏବାନ୍ତ କେ
ଜଗତେ ଯାଉତ ଦେଖା । ୬୧ । ଏମନ୍ତ ମନକୁ ଆସେ ପୂର୍ଣ୍ଣଶଶୀ ପ୍ରତିମାସେ ରଚିଥିଲି

Digitized by srujanika@gmail.com

ସୃଷ୍ଟି ଠାରୁ ଯେତେକ ବର । ସେ ସକଳଙ୍କୁ ତୁଳାଇ କାହିଁ ଥୋଇଥିଲା ନେଇ କାର୍ଯ୍ୟ ପଡ଼ିଛନ୍ତି ଏବକୁ ତାଙ୍କୁ ଅଣାଇଁ । ଦରଶନ୍ତି ଏ ମୁଖମାନ । ନୋହିଲେ ହୁଅନ୍ତା କାହିଁ ଏତେ ଲାବଣ୍ୟ । ୬୨ । ଏ ନରପତି ପ୍ରତ୍ୟେକ ରତନ ତ ଏକ ଏ ଭୂପ । ମଣି-ମାଣିକ୍ୟ ଏତେ ବହନ୍ତି । ସ୍ୱ-ପ୍ରକାଶ ବ୍ରହ୍ମଜ୍ଞାନ ଜନ୍ମିଲେ ତା ପ୍ରକାଶନ-ପାଇଁ କି କି ଅନ୍ୟଜ୍ଞାନ ଲୋଡ଼ା ହୁଅନ୍ତି ? । ନିଜମୁଖ ନିଜେ ନ ଦିଶେ ! ନ ଚିହ୍ନନ୍ତି ତେଣୁ ଆପଣାକୁ ଆପେ ସେ ।୬୩। ଏ ସୁନ୍ଦର ବୃନ୍ଦ-ଦରଶନେ ଅଶ୍ୱିନୀକୁମାର ଅସି ପଶିବେ ଏ ନୃପ-ସାଗରେ ଯେବେ । ତାଙ୍କ ଏହାଙ୍କ ଶରୀର-ଶୋଭା ତାରତମ୍ୟ ଚଳ ନଥିବାରୁ ସେ ଯୁଗଳ-ଅମରେ କେବେ । ବର୍ବର ନୋହି ପାରିବେ । ବର୍ଷଶତ-ପରଯନ୍ତେ ଯେବେ ଲୋଡିବେ । ୬୪ । ଏତେ ବିଦଗଧ ଯୁବା ଆଉ ପୁଷ୍ପଧନ୍ୱା ଯେବେ ଦଗ୍ଧ ଗଲା ହୋଇ ହରରୋଷରେ । ତହିଁବା ଏମନ୍ତ କିସ ସଂସାରର ହେଲା ନାଶ ? ଅଗାର-ପରିପୂରିତ ଘନ-ରସରେ । ସାଗରର ବିନ୍ଦୁଏ ନୀର । ଶୁଖିଲେ କେ ଶୁଷ୍କଦୋଷ ବାଛଇ ତା'ର ? ” ।୬୫। ଏମନ୍ତେ ଅପୂର୍ବ-ଗୁରୁ-ମୁଖରୁ ସଭାର ଗୁରୁବର୍ଣ୍ଣନ ସରୁ ନ ସରୁ ଗନ୍ଧର୍ବବାର । ହୁଁକାର ଆରମ୍ଭ ଗାନ କାବ୍ୟ-ବଚନକୁ ଯୋଜ ହୋଇଲେ ସେ 'ହିଁ ହିଁ ହିଁ' ଭୂଷଣ ପ୍ରକାର । ବେଦପଢ଼ି ଓଁକାର ବୃଷ୍ଟି । ତାକୁ ସେ ତଥାସ୍ତୁ-ବଚ ଗଲା ଅନ୍ତରି । ୬୬ । ତହୁଁ ବିଦର୍ଭ-ନାୟକ ସମ୍ବୋଧନରେ ପ୍ରତ୍ୟେକ ରାଜର୍ଷିଙ୍କୁ ସାଦରେ ବିଜେ କରାଇ । ସୁମେରୁକନକ-ଶୃଙ୍ଗେ ବିଜେ କଳ୍ପତରୁ ରଙ୍ଗେ ବୃନ୍ଦାରକ-ବୃନ୍ଦ ସଭା ଶୋଭା ଦିଶଇ । ମର୍ତ୍ତ୍ୟାମର୍ତ୍ତ୍ୟ ପ୍ରଭେଦ ସିନା । ଦେବ ପଦେ ତ କେ କାରେ ନ୍ୟୂନ ହୁଇ ଊଣା । ୬୭ । ବନ୍ଦେକ ମହୀଶ-ବୃନ୍ଦେ ବିଷାଦ ଆଦର ହୃଦେ ଭାବନ୍ତି ବିଦର୍ଭେଶ୍ୱର ଏବେ କି ହେବ । ନାନା-ଦେଶାଧୀଶ ଏତ ଏହାଙ୍କ ଗୋଷ୍ଠ-ଚରିତ ଦେବ ବ୍ୟତୀତ ମାନବ କାହୁଁ ଜାଣିବ । ଜେମା-ପାଶେ ମୋର କେ ରହି । ପ୍ରତି ନୃପତି ବୃତ୍ତାନ୍ତ ଦେବ ବୁଝାଇ ।୬୮। ହୋଇ ବ୍ୟାକୁଳ ଏମନ୍ତ ଏକତାନ କରି ଚିତ୍ତ କୁଳ-ଦେବତା-ଶ୍ରୀକାନ୍ତ-ପଦ-କମଳେ । ଦେଲେ ଥୋଇ ଭକ୍ତଜନ-ଚିନ୍ତା-ଚିନାକୁ ଯା ଦାନ ଚିନ୍ତାମଣି-କଳ୍ପଦ୍ରୁମ-ମାଳକୁ ବଳେ । ଅରିଦରକର ସେ ହରି । କେ ଭକ୍ତ-ଚିନ୍ତା-ପର୍ବତ ନ ଆନ୍ତି ଚୂରି ।୬୯। ଚିନ୍ତିବା-ମାତ୍ରକେ ନିର୍ଭର ତା କମଳାବର ବାର ଠାର ଭାରତୀଙ୍କ ବୋଲନ୍ତି ହସି । 'ଏ ସ୍ୱୟମ୍ବରେ ଭୂପତି ଅସଂଖ୍ୟ ତ ପୂରିଛନ୍ତି ଏହାଙ୍କ କୁଳ-ଚରିତ-ତତ୍ତ୍ୱ ପ୍ରକାଶି । ପାରେ ତୋ ବାହାର ଆନ କେ । ପୂଜିତା ତୁ ତ ବାଗ୍ମୀପ୍ରବରମାନଙ୍କେ ।୭୦। ନାନାଦି ଦେଶ-ବିଦେଶ-ବଂଶୁ ଆଗତ ନରେଶ-ସମୂହର କୁଳ ଶୀଳ-ବଳ-ବୃତ୍ତାନ୍ତ । ନାହିଁ ତ ଲତାଏ ତୋତେ ଅଜଣା କାହିଁ କହିତେ ଏଣୁ କହୁଛି ରେ ଏଥି ପ୍ରାଣ ସଙ୍ଗାତ । ବଲ୍ଲୀପଦ ଗ୍ରହଣ କର । ନୀରବେ ରହିବାବେଳ ଏ ନୁହେ ତୋର । ୭୧ । ଜଗତଜମ୍ବୁ-ପଣ୍ଡିତ ମଣ୍ଡଳରେ ଏ ମଣ୍ଡିତ ନ ଥିଲା ନାହିଁ

Digitized by srujanika@gmail.com

ନୋହିବ ଏ ସଭା କାହିଁ । ଅବନୀ-ବନିତା-ବରମାନଙ୍କର କୁଳଶୀଳ-ବଳ-ବିଜ୍ଞାପନ-ଛଳ ଆଦର ସହି । ବରୁଥିଙ୍କୁ ଦିଅ ବତାଇ । ତଜ-ଭାରତୀ-ଶୁଶ୍ରୂଷି-ଚିତ୍ତେ କହି ॥” ଭାଷନ୍ତେ ଏମନ୍ତ କାନ୍ତ ସର୍ବ-ସୁପର୍ବାଣ-ନତ-ମସ୍ତକ-ବାଞ୍ଛ ହେଉବା ପରେଶୁଁ ଶେଷ । ରହିଥିଲା ଯା ତାଙ୍କର ପଦ୍ମର-ଶତପତର-ଅଙ୍କରେ ଶିରେ ତା ବହି ପ୍ରସାଦ-ଦୃଶ । ଅଙ୍ଗୀ ତୁଲେ ଅତି ଆଦରେ । ଗମିଲେ ଭାରତୀ ସ୍ୱୟମ୍ବରେ ମୋଦରେ । ୭୩ । ସଭା ମଧ୍ୟେ ସରସ୍ୱତୀ କଲେ ବିଜୟ ହେଉଛି ଗନ୍ଧର୍ବ-ବିଦ୍ୟା ଯାହାର କଣ୍ଠପ୍ରଦେଶ । ଉଦର-ଦେଶେ ବୁଚର-ବଳଜିତସ୍ୱ-ବ୍ୟାଜର କରଛନ୍ତି ବେଦଜସ୍ୱ ଅମ୍ନ-ପ୍ରକାଶ । ଅପାଙ୍ଗ-ବିକ୍ଷେପ-ନିକର । ପରସ୍ପର ହୋଇଛନ୍ତି ସାହିତ୍ୟ ଯା'ର । ୭୪ । ବଳଜସ୍ୱ-ବେଦ-ବେଦୀ ଉର୍ଦ୍ଧ୍ୱଙ୍କୁ ଅଥର୍ବ ଭେଦ ମେଚକକାନ୍ତି ପ୍ରକାଶି ଦଶେ ଶୋଭିତ । ନାନା-ବିଧ-ବ୍ୟଭିଚର-ବିଧିରେତ ନିରନ୍ତର ପୂରିତ ସେ ତେଣୁ ତା'ର ଜ୍ୟୋତି ଅସିତ । ହୃଦରର ରୋମ-ଅବଳି- । ଛଳେ ଅଣ୍ଡ ପରକାଶି ଅଛି ସେ ହେଳ । ୭୫ । ଚରିତ ଶିକ୍ଷା ସାକ୍ଷାତ ଅକଳ୍ପ ଯା କଳ୍ପବ୍ରାତ ନିରୁକ୍ତ-ରୂପ ଯାହାର ଅଟେ ନିରୁକ୍ତ । ସାର୍ବଗୁଣ-ଭିବାଣ୍ଡୀ ବିବିଧ-ଶବ୍ଦ-ବିଧାୟୀ ବ୍ୟାକରଣ ହୋଇଛି ଯା କାନ୍ତି-ପ୍ରତୀତ । ଅଙ୍କେ ଭୃତ ଉଦିତ ତାର-। ବୃନ୍ଦା ଜ୍ୟୋତିର୍ମୟ-ବିଦ୍ୟା କଣ୍ଠ ଯାହାର । ୭୬ । ବାଦୀ ପ୍ରତିବାଦିଙ୍କର ସ୍ୱପକ୍ଷବଗେ ଭାସୁର ପୂର୍ବୋତ୍ତର-ପକ୍ଷ-ଦୋଷ୍ଟେ ଓଷ୍ଠ ଅଧର । ଦୁଇ, ଧର୍ମକର୍ମାତ୍ମକ ମୀମାଂସା ପରିଚ୍ଛାଦକ ମାଂସଳ-ଭ୍ରୂଯୁଗଳ-ବନ୍ତ ଯାହାର । ଷୋଳ ଦ୍ରବ୍ୟେ ଲକ୍ଷଣୋଦ୍ଦେଶ୍ୟେ । ଦ୍ୱିଧା ଅନ୍ୱିକ୍ଷୀ ରଦଦ୍ୱିପାଳି-ଦୃଶେ । ୭୭ । ରଦନତର୍କ ନିଷ୍ଟିତ ନୋହିଲେ ବାଦେ କେମନ୍ତ ବିକଶୁଥାନ୍ତା ସାମର୍ଥ୍ୟ ତାଙ୍କର ଏତେ । ପଦ୍ମାଦାନେ ଗୁଣଶାଳୀ ପୂଗ କରିବାର ଧୂଳି ଶକତି କାହିଁ ହୁଅନ୍ତା ଅଉ ଏମନ୍ତେ । ବ୍ୟାସ ପରାଶରେ ଉଦ୍ଭୁତ । ମନ୍ୱାଦିରେ ଯା ପାଣି-ପଲ୍ଲବ ଶୋଭିତ । ୭୮ । ଯା ଅକଳ୍ପ ଛେଦବିରହିତ ଧର୍ମ ଶାସ୍ତ୍ରରେ ଶ୍ରୁତି-ମୂଳଶାଳୀ ହୋଇ କଣ୍ଠରେ ରହି । କା ମୋଦ ବୃଦ୍ଧି ନ କରେ ପ୍ରଣବ-ଦୁଇ ଦଳରେ ଭ୍ରୂରୁ ଯା ତା ବନ୍ଧୁଭାଲେ ତିଳକ ଶୋହି । ବାଙ୍କି ଅର୍ଦ୍ଧଚନ୍ଦ୍ରେ ବିକ୍ଷିକ୍ତା ।-ବଜାଇବା ଧନୁକୁ ବରିଷ୍ଠ କଳ୍ପିକ ? ।୭୯। ଲେଖା ଶେଷରେ ଠକାର ଦେଖାଯାଏ ଯା ତା ସାର ନେଇ ଯା କୁଣ୍ଡଳଯୁଗ ରଚ୍ଚ ହୋଇଛି । ସାଥି ହେମ-ଲେଖନୀର କର-ଅଙ୍ଗୁଳି-ନିକର ମସି-ନିର୍ଯ୍ୟାସେ ଚକୁର-ବାର ଶୋହିଛି । ଯେଉଁ କ-ିକାର ସାରାଂଶ । ନିର୍ମିତ ହୋଇଛି ଯା'ର ମଧୁରହାସ । ୮୦ । ମୁଖ ଯା ସୋମ-ସିଦ୍ଧାନ୍ତମୟ ଉଦର ସାକ୍ଷାତ ଶୂନ୍ୟାତ୍ମତା-ବାଦମୟ ଅଟଇ ଯେଉଁ । ବିଜ୍ଞାନ-ସାମସ୍ତ୍ୟମୟ ହୃଦୟ ଯାର ନିଷ୍ଠୟ ସାକାର-ତା ସିଦ୍ଧିମୟ ଯା ଅପଘନ । ସେ ଶ୍ରୀହର-ଚଉହାରଣୀ । ବାଣୀ ବିଜେ କଲେ ସଭାମଧ୍ୟେ ତତକ୍ଷଣି । ୮୧ । ଭୀମ ଭୂପତି ବଦନ ଗୃହି ବଚନ-ରଚନ କରନ୍ତି ଦେବୀ “ସ୍ୱଜନ ନୁହେ ଏକାଳେ । କିପାଇଁ ବିରସ ହୁଅ ଏତ ଆନନ୍ଦ ସମୟ ଯେତେ ନୃପ ଛନ୍ତି ଏଥି

Digitized by srujanika@gmail.com

ସଭାମଣ୍ଡଳେ । ସମସ୍ତଙ୍କ ଚରିତ୍ର ଗୋତ୍ର । ଯଥା-ଯଥ-ଭାବେ ମୁଁ କରିବି ବ୍ୟକତ ।୮୨। ମନ୍ଦାକିନୀ ଯାର ପଦ-ଅରବିନ୍ଦେ ମକରନ୍ଦ ପରିଏ ବିରାଜେ ସେ ମୁକୁନ୍ଦ-ଆଦେଶ । ଶିରେ ବହି ଆଜ୍ଞାକାରୀ ଆସିଛି ମୁଁ ଅବତରି ଏ ସ୍ୱୟମ୍ବରେ ତୁମ୍ଭର ହେ ଧରାଧୀଶ । ଅଛି ମୋତେ ଅନୁଜ୍ଞା ହୋଇ । ନୃପତି-ଗୋତ୍ର-ଚରିତ୍ର-ବର୍ଣ୍ଣିନପାଇଁ" ।୮୩। ଏମନ୍ତ ଭାଷି ଭାରତୀ ସେକାଳେ ପକ୍ଷୀ-ପ୍ରଭୃତି-ସ୍ୱନରୁ ଶକୁନ ବାରି ବିଦର୍ଭ-ପତି । ଏ ଯୁବତୀ ମୋର ହିତ ବିନା ଅହିତକୁ ଚିତ୍ତ-ମଧ୍ୟେ ନ କରିବ ଦତ୍ତ ସ୍ଥାନକୁ ଚିନ୍ତି । ସପର୍ଯ୍ୟା ପାଇଁକି ତାଙ୍କର । ଯଥା ଯୋଗ୍ୟ ଆଦେଶ ବହିଲେ ସତ୍ୱର । ୮୪ । ଏଥୁ ଅନ୍ତରେ ବିଦର୍ଭ-ଈଶ୍ୱର ମହା-ସମୃଦ୍ଧ-ପୂରିତ ସେ ସ୍ୱୟମ୍ବର-ସଭା ମଧ୍ୟକୁ । ବହିଲେ ଆଦେଶ ପରି-ଗୃହ ବାରେ ସୁକୁମାରୀ ନିଜ କୁମାରୀକ ବିଜେ କରାଇବାକୁ । ଶୁଣିବାରେ ନୃପେ-ଶ୍ୱର । ଶୁଣ ଯାର କଉତୁକ-ବିଦ୍ୟାର ସାର । ୮୫ । ଲଭି ନୃପତି-ଆଦେଶ କବେ ବିଜୟ ବାଳୀଶ ପୁରତେ ପରିଗୃହିକା ପଶ୍ଚାତେ ଆଳୀ । ପୁରସ୍ତ୍ରୀଙ୍କ ଦାସୀ-ଛଳ ଗୃହୀ ଲୋକ ହୃଦ ଦ୍ରବ ହୋଇଲା ସେକାଳେ ଆଶ୍ଚର୍ଯ୍ୟ-ସିନ୍ଧୁ ଭଳି । ଅଳି ରୂପେ ହେଲା ସେ ସ୍ଥିତ । ବାଳୀ-ରୂପେ ଗଙ୍ଗା ଲଙ୍ଘି କୂଳ ଭରିତ । ୮୬ । ବାସଖଚିତ ରତନସ୍ନିଗ୍ଧ-ତେଜେ ଅପଘନ ବିରାଜୁଥିଲା ସମ୍ମାନ ନ ରଖି ସ୍ନେହେ । ଅଳଙ୍କାର-ଅଙ୍କଗତ ହୀରକ-ବ୍ରାତ-ଛୁରିତ-ଜ୍ୟୋତିସ୍ରୋତ ବହୁଥିଲା ଜଳ-ପ୍ରବାହେ । ତହିଁ ହେମା-ଛବି-ପରାଗ । ଶୋଭୁଥିଲେ ଗହଣର ଅଳି-ନିଚୟ । ୮୭ । ନାନାବିଧ ସୁବାସିତ-ରସେ ତ ତନୁ-ଚର୍ଚ୍ଚିତ କରିଣ୍ଡି ପୁଣି ବାଳୀ ବହିଅଛି ଉପୂଳେ । ଗନ୍ଧାମୋଦେ ହୋଇ ଅନ୍ଧ କନ୍ଦର୍ପହୃତ ମିଳନ୍ତ କର୍ଣ୍ଣୀନ୍ଦ୍ରଙ୍କେ ମିଳିବିସ ଭିତେ ନରେନ୍ଦ୍ରେ । ସଂସାରର ସର୍ବ ସୁଷମା । ଜଣାଯାଏ ହେଲାପରି ଏକତ୍ର ଜମା । ୮୮ । ଭୂଷାଖଚିତ-ବିବିଧ-ରତନର ଜ୍ୟୋତିବୃନ୍ଦ ପେଲା-ପେଲି ହେଉଥାନ୍ତି ମଣ୍ଡପତଳେ । ଯେ କୁଟ୍ଟିମ-ରଣତାଣି-ଦର୍ଶନେ ରମଣୀମଣି କଣ୍ଠି-ଆଇଁ ଗୃହୁଁ ଥାଇ ଚହକତରେ । ନଗୃଏ ଯା ଭ୍ରୂକୁ ଲଳନା । ଗୃପଭ୍ରମେ କାମ କି ତା କରେ ଗୃଳନା ।୮୯। ବସନ୍ତ-ଲକ୍ଷ୍ମୀ-ସମାନ ଶୋଭେ ସେ ନାରୀ-ରତନ ସାମୋ-ଦକୁସୁମାଶୁଗ ଅଙ୍ଗ ବାସିତ । କଶୋରଶାଖା-ଉଣ୍ଡାଚ୍ଛଳ ବାଳକା ରମଣୀୟା ରମଣୀ-ମଣି ସଂସଦେ ହେଉ ଆଗତ । କଳ୍ପଦ୍ରୁମ-ସମ ନରେଶେ । ତା ପ୍ରାପତିପାଇଁ ପୂର୍ଣ୍ଣ ହେଲା ମାନସେ ।୯୦। ଭୂଷାଖଚିତ-ବିବିଧ-ବିଶୁଦ୍ଧ-ରତନ-ବ୍ରାତଛୁରିତ-ଅସିତପୀତ-ଶ୍ୱେତ-ଲୋହିତ ।-ତେଜେ ଗୃହୁ ଅପଘନ ବିଶେ ତହିଁ ଗୋରୋଚନ-ଚନ୍ଦନ-କୁଙ୍କୁମ-କସ୍ତୁରୀ-ବିଲେପିତ । ଏକବର୍ଣ୍ଣି ବେନି ପଦାର୍ଥ । ଯେଣୁବାଳୀ ପୁନରୁକ୍ତ କରିଛି ଖ୍ୟାତ । ୯୧ । ବିଭୂଷଣର ଭୂଷଣ ନାନାବିଧ ରତନଗଣ-ବିଜନ୍ୟ କିରଣମାନ ହୋଇ ସ୍ଫୁଲିତ । ପୁରନ୍ଦର-ଶରାସନ ପରି ଦିଶଇ ଶୋଭନ ସେ ତେଜୋବନ୍ତ କାର୍ମୁକ ବିର-ଯୋଷିତ । ସମର୍ପି ଅଛି କି ମାରକୁ ? । ପୁଷ୍ପରୂପେ ନ ପାରିବ ବୋଲି ନଳକୁ ।୯୨।

Digitized by srujanika@gmail.com

ସ୍ୱୟମ୍ବରକୁ ସୁଦୂର ଦେଶୁଁ ବହୁ ନରବର ଅସିଛନ୍ତି ଛମକରି ଏମନ୍ତ ଚିନ୍ତି । ଦାସୀ ପ୍ରକାଶିଲ ଛନ୍ଦ ବାଳାକୁ ଦେଲା ଦେଖାଇ ପୁଣି ତାକୁ ଅଯୋଗ୍ୟ ଏ ବଗ୍ଗୃହ ମତ । ଅଦେ୍ୟ ବାସେ ପଛେ ଇତନ-। ତେଜରେ ରଖାଇ ଦେଲା ତାଙ୍କ ନୟନ । ୯୩ । ବଳେ କରୁ ଶୋଭା-ସୃଷ୍ଟି-ପୁରନ୍ଦର ସେ ବମ୍ବୋଷ୍ଠୀ ଆକାଶୁଁ କୁସୁମ ବୃଷ୍ଟି ଉଦ୍ଧେ ହୋଇ । ଷଣକପାଇଁ ତା ରୂପେ ଦେଖାଇ ନ ଦେଲା ଭୂପେ ପୁଷ୍ପ ସଙ୍ଗେ ଅସି ଅଳି-କୁଳ ଗୋଡ଼ାଇ । ସେ ମଧ ବୁଦ୍ଧଲେ ନମିଷେ । ତାଙ୍କ ଉପ୍ରେ ମୋଡ଼ା ମୁଖ କା'ରେ ନ ଦଶେ । ୯୪ । ସନ୍ଧେଣ ଚଳବା ଅଳି-ବଦନେ ସେ ବରବାଳା ବେଳେ ବେଳେ ଗୃହେଁ ଢ଼ାଳ ଅପାଙ୍ଗ ରଙ୍ଗେ । ନେନ୍ଦ-ପିଚକାରୁ ତା'ର କର୍ପୂର-କସ୍ତୁରୀ-ନୀର ପିଚକ-ଯିବାର ଭ୍ରାନ୍ତି ଜନ୍ମାଇ ବେଗେ । ଭୂପାଳେ ଭ୍ରଳନ୍ତି ତା ଗୃହଁ । ଅଳି-ପାଳି-ମୁଖ ଅମ୍ଭେ ଯାନ୍ତୁ କ ହୋଇ । ୯୫ । ବିକାଶୁ ଈଷତହାସ ଅପସରେ ଇଦବାସ ଦଶନଅଂଶୁ ପ୍ରସରୁ-ଯାଏ ଚହଟି । ତା ଗୃହଁ ଅବନୀପତି-ମୁଖ-ତାମରସତତି ତାମସ-ନାଶ-ବଶରେ ଅସଇ ଫୁଟି । ଏଣୁ ବାଳୀଶର ସେ ସ୍ମିତ । କରେ କଉମୁଦିର ମୁଦକୁ ପରାସ୍ତ । ୯୬ । ରତନବସା ଭୂଷଣ ଅଙ୍ଗେ ଦଶଇ ଶୋଭନ ବାଳର ତା ଗୃହଁ ଚିତ୍ତେ ଜାତ ଏ ତର୍କ । ଦର୍ଶକନେନ୍ଦ ସେ ଅଙ୍ଗେ ଯେ ଯହିଁ ପଡ଼ିଲେ ବେଗେ ଲାଖି ଜଡ଼ଯାଇ ରହିଗଲେ କ ଠିକ । ହାର-ପଦକର ମର୍କତ ।—କରେ ଅନ୍ଧକାର ନାଭି ଦଶେ ଅତ୍ୟନ୍ତ । ୯୭ । ମନ୍ଦହାସ-ଶୋଭା ଗୃହଁ ବିସ୍ମୟେ ବଜନୀସାଇଁ-କଉମୁଦିର ମସ୍ତକ କମ୍ପଇ ଘନେ । ସେ ଗୃତୁଷୀ ଅନୁକରିବାକୁ କ ମରାଳମାଳି ଛଳରେ ଗୃମର ଭଳ ହୋଇ ଗହଣେ । ଯାଉଥିଲେ ଯୋଷାଭୂଷାର । ନାଚ ନାଚ ଅଛି ଲୋକ-ଲୋଚନ-ବାର । ୯୮ । ଉର୍ବଶୀ ଆଦ ଅପ୍ସରାଗଣେ ଚଉପାଶେ ମିଳ ନ ପାର୍ଥ ଶ୍ରୀଅଙ୍ଗବର୍ଣ୍ଣି ବର୍ଣ୍ଣି ତହିଁରେ । ବୋଲା ହୋଇଥିବା ଅଙ୍ଗ ସ୍ୱଗର ସୁଚକ ବେଗ ବସାଇ ଦଅନ୍ତେ ନଜ-ଜଙ୍ଘା-ମଧ୍ୟରେ । ହୃଦମଣ୍ଡା ଲଜ୍ଜା-ଧଣ୍ଡାକୁ । ପୁରସ୍କାର କରି ଦେଲା ବାଳୀଶ ତାଙ୍କୁ । ୯୯ । ଦଶନ ଜ୍ୟୋତିରେ ଯା'ର ନିସ୍ତେଜ ନକ୍ଷତ୍ରବାର ବଦନେ ଗୃହଁ କଦନ ଲଭେ ଯା ଶଶୀ । ଥାଉ ଅନ୍ୟ କଥା ତେଣେ ଯା ବାଳେ ବାଳ-ପ୍ରମାଣେ ଭୁଲ ନୋହି-ବାରୁ ଶୂନ୍ୟ ଅକାଶ ଦଶି । ତାକୁ ଗୃହଁ କେଉଁ ନୃପତି । ନେନ୍ଦେ ଅକଣ୍ଠ ପୀୟୁଷ ପିଇ ନାହାନ୍ତି । ୧୦୦ । ଅଳଙ୍କୃତାଙ୍ଗୁ ଯାହାର ଅନଳଙ୍କୃତ ଶରୀର ଅନର୍ଘଚନାସ୍ତୁ ଶୋଭା ବହେ ବହୁତ । ଅଶେଷ ବିମାନ ସ୍ୱୟମ୍ବରେ ସେ ନାଗରୀଚୟ-ଶିରଶ୍ଚୂଡ଼ାମଣି-କଳ ହେଉ ଅଗତ । ନରସ୍ୱଚ୍ଛବ୍ରଜ ଅପାଙ୍ଗେ । ପିଇଲେ ସେହି ସୁଷମା-ପୀୟୁଷ ରଙ୍ଗେ । ୧୦୧ । ଅପରୂପ ଗୃତୁରୀଙ୍କ ବାଳୀବରର ବିଲୋକ ମକ୍ଷିଯାଇ ନ ଥିଲା କେ ଅଦ୍ଭୁତ ରସେ । ନ ଥିଲା ସେ ସ୍ୱୟମ୍ବର-ସଭାରେ ଜଣେ ମାତର ଯେ ସେ ଅଙ୍ଗନା ଶ୍ରୀଅଙ୍ଗେ ନବେଶ ଦୃଶେ । ପୁଲକତ-ରୋମ ଅଙ୍କୁର ।—ଜାତୁଁ ନ ବହିଛି ଦନ୍ତୁରିତ ଶରୀର । ୧୦୨ ।

Digitized by srujanika@gmail.com

ସ୍ୱଜସ୍ତୃତା ରୂପ ଗୃହିଁ ବସ୍ତୁସ୍ୱେ ବହୁଳୂତ ନୋହୁ ନ ଥିଲ କେ ଜଣେ ବହିଁ ଯାହାର
କର । ଦକ୍ଷେତର-ତର୍ଜିନୀରେ ବୃଦ୍ଧ-ମଧ୍ୟମାଙ୍ଗୁଳିରେ ଜନ୍ମାଇଁ ଶବ୍ଦ ନ କରଥିଲ
ପ୍ରଭୁର । ଅଙ୍ଗନାଙ୍କି ଦେବାକୁ ଥକା । ସ୍ୱାଙ୍ଗେ ମାରୁଥିଲେ କ ସେ ପୂ ଟୁକ-ଟେକା ॥
ଖଞ୍ଜନ-ଗଞ୍ଜନ-ନୟନାକୁ ଗୃହିଁ ନରବସ୍ତ୍ର କା ଭୂରୁ ନୋହଛ ଟେକ ନ କମ୍ପେ ଶିର ।
ଅସ୍ତ୍ର ସେ ସଭ୍ର-ମଣ୍ଡଳେ ଅତ ଅନନ୍ଦ ବହ୍ନଲେ ନଉଛରଲ କାହାର ସର୍ମ୍ମଣ୍ଡି ଗିର ।
ବସିବାରୁ ଜଡ଼ତା ମାଡ଼ । ଜିହ୍ୱା ନ ପାରଲ କହି ହୋଇଲ ଜଡ଼ । ୧୦୪ । କେ
ବୋଲେ "ବମ୍ଭାଦ-ଅପଯଶ-ଲେଭେ ଅନଳପ ସୁକୃତ ସମ୍ପାଦ ନରେ ଅମର ପୁରେ ।
ଯିବାରେ ଶୂନ୍ୟ ଧରଣୀ ନୋହୁ ଏମନ୍ତ କ ଚନ୍ତ୍ର ଏ ଅପ୍ସରା-ଶିରଙ୍ଗ ଜାତ ମହୀରେ ।
ହୋଇ ମହୀଠାରୁ ଅଧିକ ।—ବୁଦ୍ଧି କ ସ୍ୱର୍ଗରେ ଦେଲ ବେଧି ଲୋକଙ୍କ" । ୧୦୫ ।
କେ ବୋଲେ "ଅନେକ-ଜନ-ବଦନୁଁ ରୂପ-ବର୍ଣ୍ଣନ ଶୁଣି ଏହାର ତାହାକୁ ଭାବ
ଅତ୍ୟୁକ୍ତି । ସତ୍ୟ-ମିଥ୍ୟା-ବଗୃହଣା-ପାଇଁକ ଏଥକୁ ସିନା ଅସିଥିଲୁଁ ଏବେ ଯାଇଁ
ତୁଟିଲ ଭ୍ରାନ୍ତି । ସେ ବର୍ଣ୍ଣନକୁ ତ ଏ ଛବ । ଅତ୍ୟନ୍ତ ଅତ୍ୟୁକ୍ତି ହୋଇ ଦେଉଛ ଦାବ ।
୧୦୬। ସାଗର-ସାମାନ୍ୟେଁ ଶିଶ ଜନମ ଲଭି ସୁନ୍ଦର ଶୋଭି ଗୃତୁସ ଦୁଇର ଏ ମହାନଧି ।
ଏହାର ସମ୍ଭବ ପାଇଁ କାହିଁ ନିଶ୍ଚେ ଥିବ ବହୁ ଦେଖା ନ ଯାଇ ଶୃଙ୍ଗାର-ମହାରସଧି ।
ଯା ଥାଏ ତା ଦଣେ କ ସର୍ବେ ? । କହ ପଡ଼ଛ ପବନ କା ନେତ୍ରେ କେବେ ? ॥
ବଦନ ବାଳବରର ନିଶ୍ଚୟ ପୀୟୂଷକର ଅକାଶ ଦେଶେ ଯେ ଦଣେ ଶଶାଙ୍କ ସେହି ।
ଏକା ଏ ଭୂରୁ ଯୁଗଳ କାର୍ମୁକ ମନମଥର ଏ ତ ଏଥି ତେଣୁ ପୁଷ୍ପରୂପ ସେ କହି ।
ଲକ୍ଷଣିକ ସେ ତ ନଭରେ । ଦେବ ପୁଷ୍ପ ଅବା ରୂପ ଗୌଣ ଭବରେ" । ୧୦୮ ।
କେ ବୋଲେ "ଶ୍ରୁତି ଯୁଗଳ ତଳେ ବଲ୍ଲୋଳ-କୁଣ୍ଡଳ-ଛଳେ କ ଅବଳାବର ଥୋଇଛ
ଲକ୍ଷ । ଧାନୁଷ୍କ କୁସୁମ-ଶର ସବ୍ୟେତରେ ଜବନ୍ତର ଅମଞ୍ଚ ବନ୍ଧୁଥିବାରୁ ପକ୍ଷବଶେଷ ।
ବାଜ ବାଜ ଯିବାରୁ ଗଳ । ମଝିରେ ଯାଇଛ ହୋଇ ଛଦ୍ର ଏ ଭଳ" ।୧୦୯। କେ
ବୋଲଇ "କର୍ଣ୍ଣପୁର କରଛତ ଇନ୍ଦ୍ରବର ଏ ଗୁନ-ସୁନ୍ଦରମୁଖ ଭାଳ ଙ୍କ ମନେ ।
ଅନ୍ୟୀପ୍ରଧାନ କେଳତ-ପତକ ଅପକାରତ ଶୁଣାଇବାକୁ ଅସାଧୁଜନ-ବଦନେ । ତା ଏ
ଶର ତେଜ କୁଣ୍ଡଳ । କର୍ଣ୍ଣେ ରହିବା ଦେଖି କି ବନ୍ଧବେ ଖଳ ? " । ୧୧୦ । କେ
ବୋଲେ, "କାମର ଶରାସନ ପୁଷ୍ପମୟ ପରା ରଜ ଷଟ୍‌ପଦ କାଟେ ଥିବ ତ ଦୂର ।
ନୁହଇତ ସେ ନବୀନ ଅତଅନ୍ତ ପୁରାତନ, ସେ ବାର ଥାଏ କିପାଇଁ ଏ ଧନୁ ଧର ।
ମୂଠାବନ୍ଧା ଭୂରୁ ରୂପେ କି ? । ଜେମାର ଜମା ନ ପଡ଼େ ତାହାର ଅଛି" । ୧୧୧ ।
କେ କାହାକୁ କହେ ତହିଁ "ଭଲ ଭଥଇଛ ବିଧି ଏ ନେତ୍ର ଯୁଗଳ କର ନାତ୍ୟ
ନୂତନ । ସାର ସଂଗ୍ରହ ଖଞ୍ଜନ ବର୍ଗରେ ଶୀତେ ନଳନେ କାହିଁ ଫିଙ୍ଗଦେଇ କର
ଅତି ଯତନ । ତହିଁ ପ୍ରତିବର୍ଣ୍ଣ ଏ ନେତ୍ର । ପୁଷ୍ଟ କରୁଅଛ ପରା ବୃଗୃରେ ଚତ୍ର" ॥

Digitized by srujanika@gmail.com

ପୁଣ କେ କହେ ଏମନ୍ତ, "ଶତପତ୍ର ଏ ଯୋଷିତବର-ନେତ୍ରେ କେ ଅଧିକ ଗୁଣ କେ
ହୋଇ । ଅଳିଯୁଗୁଁ ଏ ବୃତ୍ତାନ୍ତ ବୁଝି ଜନେ ହୋନ୍ତୁ ଜ୍ଞାତ ଏତେ ଭାଳ ବିଧାତା କି
ଦେଇଛି ଥୋଇ । ସେ ନୟନ-ଯୁଗଳ-କୋଳେ । କନୀନିକା-ଛଳକରି ବେନି
ଭ୍ରମରେ" । ୧୧୩ । କେ ଭଣେ "ଏମନ୍ତ ନୋହି ରତିମନମଥଦୁଇ କରିଛନ୍ତି
ଏ ପ୍ରମଦା-ହୃଦେ ସଦନ । ସେ ନିକେତନ-ଯୁଗର ଅଗ୍ରସ୍ଥାୟୀ କାର୍ତ୍ତସ୍ୱର-କଳଶ ବେନି
ଏ ଗୃହା କେତେ ଶୋଭନ । ପୟୋଧର ଭ୍ରମେ ବୋଲନ୍ତି । ପଦ୍ମ ଧରିବାରୁ ପରି ଶ୍ୟାମ
ତା କାନ୍ତି । ୧୧୪ । ଭୁଜଯୁଗେ ବନିତାର ହାର ତ ଅଛି ମୃଣାଳ ଦଣ୍ଡ କର-ଭାବେ
ଘେନିଛି ତ ସୁମନ । ଶିରୀଷର ସେ ସୁମନେ ବିହରଇ ଅନୁକ୍ଷଣେ ଏ ଭୁଜେ କି ନ
କରିଛି ସେ ନିକେତନ । ଲୁଗ୍ରକଥା ଏତ ନୁହଇ । କରି ବୋଲି ତାକୁ କେ ବା
ନ ଥାଏ କହି ? ।୧୧୫। ମୃଣାଳେ କଣ୍ଟକମାଳ ଥାଏ ତ ନିରନ୍ତରଳ ତା ଫୁଲେ ତହିଁ
ଗୋଟିଏ ନ ଥାଏ କେହି । ବିଗୃରେଁ ସେ ପଦ୍ମ ଛଦ୍ମ ଏ ବାଳା-ଭୁଜାଗ୍ରସଦ୍ମ ପଦ୍ମ
ଏକା ଅପଛଦ୍ମ, ଯେଣୁ ଏ ବହି ।—ଥାଏ ନଖ-ଶାଖ କଣ୍ଟକେ । କଣ୍ଟକତ ଭୃଙ୍ଗ ଜନ୍ମି-
ଥିବାର ଠିକେ" । ୧୧୬ । କେ ବୋଲେ "ଏ ମରପୁରେ ଏ ବରବାଳୀ ତୁଳରେ
ଅବଳା ଥିବା ତ ଜଣା ଆମ୍ଭଙ୍କୁ ନାହିଁ । ଥିଲେ ବା ଥିବ ଅମରଭୁବନେ ଅବା ପାତାଳ
ଦେଶେ କୋଟିକେ ଗୋଟିଏ ସମାନ ହୋଇ" । କେ ବୋଲଇ "ମିଳିଲେ ତହିଁ ।
ସେଠାରୁ ଏଠାକୁ କପାଁ ଆସନ୍ତେ ଯାଇଁ ?" । ୧୧୭ । କେ ବୋଲେ "ବିହି ଚତୁର
କର-ଚତୁରେ ଯୁହାର; ହୋଇ ନ ଥିବ ପରି ଏ ନିର୍ମିତ ତହିଁ । ଏ ଶିଳ୍ପେ କାହିଁ
ତାହାର ଗଳିବ କା ବୁଦ୍ଧି ? କର ବାଳ ବହିଥାଅନ୍ତା କି ଭଜନ ନ ଯାଇ । ଅନଙ୍ଗ—
ମଦନ-ବ୍ୟଗ୍ରତ । ହୋଇଥିବ କି ଏ ମୂର୍ତ୍ତି ଅନେ ନିର୍ମିତ ? । ୧୧୮ । ଉଜଥିବାରୁ
ତ ଶାନ୍ତ ଅବିରତ ଧାତାମତ ମରୁମସ୍ତାରୁହବତ ନିରସ ଅତ । କୁସୁମଧର କର-
କରକଣ ତ ମାନସ କର ଏମନ୍ତ ଯା'ର ସେ କାହୁଁ କରୁ ଏ ମୂର୍ତ୍ତି । ବିହି କି ଏଥିକି
ବିନ୍ଧାଣି ? । ଶୃଙ୍ଗାରଧାରୀ ପର ତ ରାଜଦୁଲଣା" । ୧୧୯ । କେ ବୋଲେ "ରତି
ବରଷ ଭର କଷିବାକୁ ଅକ୍ଷ ଧରିଥିଲି ତନୁଲତା ମଧ୍ୟକୁ କରେ । ଏଣେ କୁଚକୁମ୍ଭଯୁଗ
ତେଣେ ତ ନିତମ୍ବଭାଗ ଲଘୁ ଗୁରୁ କେ ନୋହନ୍ତି ବହିଲା ସମରେ । ତ୍ରିବଳି ଯା ମଧ୍ୟେ
ଦିଶଇ । କରାଙ୍ଗୁଳି-ଲାଗିଥିବା ଚିହ୍ନଟି ସେହି । ୧୨୦ । 'ନିଜଅଙ୍ଗୁ ସବସାର ଅକରଷି
ସୁଧାକର କଲା ଏ ଶିଶୁଷାଙ୍ଗୀଙ୍କ' ବୋଲି କେ ଭଣେ । ପୁଣ ବୋଲଇ 'ଏ ଦେହେ
କମଳ ବଦନ ନୁହେ ଏତ ଲୁଳିଯାଏ ତା'ର କର-ପରଶେ । ସାର ଯାହୁଁ ଦିଶି
ପୀଡନ । ହୋଇଛି ମୁଖ ଏହାର ନିଷ୍ଟପ୍ତ ସୋମ' ।୧୨୧। କହେ କେ ତହିଁ "ନିପୁତ
ନିରମାଣିଛି ବସନ୍ତ ଏ ନବ ଲାବଣ୍ୟ-ପ୍ରତିମାକୁ ଯତନେ । ସଜସୁମନ ସେ ବାଛି ବାଛି
ତନୁ ବିରଚିଛି ଖଞ୍ଜିଛି ବଚନ ପିକ-ପଞ୍ଚମ-ସ୍ୱନେ । ମଳୟମରୁତ ନିଶ୍ୱାସ ।—ବାତକୁ

Digitized by srujanika@gmail.com

ଭୂଥାଇଅଛି ହୋଇ ହରଷ” । ୧୨୨ । କେ ଭଣଇ “ଏ ବାଳୀକି ରଚିଛି ଯେ ତା ଭଳକ ଶିଳ୍ପୀପଣେ ଆଉଜଣେ ବିଶ୍ୱେ କି ଥିବ ? । ଏଣୁ ବିଗୁଲୁଛି ମନ ଏହାର ଶିଳ୍ପୀ ମଦନ, ବିହ୍ୱଳର କଦାଚନ ବାଞ୍ଛ ନ ଥିବ । କାମଦାସ-ଯୌବନ ତୁଲେ । ଶୋଭନିର୍ମାଣେ ସମାନ ବିହ୍ୱ କି ଭଲେ” ? । ୧୨୩ । “ଗୀଷ୍ପତି-ଓଷ୍ଠ-କଣ୍ଠରେ ଆତ୍ମବର୍ଣ୍ଣନ-ବିଧିରେ ଅମାପ ଏ ପ୍ରତିମାକୁ ରଚି କି ସ୍ମର । ତାକୁ ରଚନା-ଗୃଭୁଷି ଶିଖାଇତାକୁ ବିଗୁର ଅଛି ଅବା ନାରଦାଦ ଯେ ବା ଫସାର ।—ତ୍ୟାଗୀ ତାଙ୍କର ଅନୁତାପ-। ପାଇଁ ଏହା ବିରଚନ୍ତି” ଭାଷେ କେ ଭୂପ । ୧୨୪ । ପ୍ରତି ନରପତିଙ୍କର ନେତ୍ର ତ ବେନ୍ତ ମାତର ପଡ଼ି ଜଡ଼ିଲା ଜେମାର ଅଙ୍ଗ ବିଶେଷେ । ସର୍ବାଙ୍ଗ ବୃତ କେବଳ ଗଲା ହୋଇ ମରପର-ପୁରଅଧୀଶ୍ୱରଙ୍କର ନେତ୍ର-ସହସ୍ରେ । ସେ ଶୋଭା-ବର୍ଣ୍ଣନ କଳାରେ । ମଣ୍ଡଳେ ସେ ତହୁଁ ସ୍ୱମୁଖ-କଳା କରେ । ୧୨୫ । ଭାଷନ୍ତେ କୁଳଶଧାରୀ “ସ୍ମିତେ ଏ ଗୋରୀ ଚଉଦ୍ଦୀ; ନେତ୍ରେ ହରିଣୀ, ସ୍ୱରେ ବଲ୍ଲକୀବତ । ଅଙ୍ଗଶ୍ରୀରେ ହେମା, ତୁଲ ହେବ କେ ରମ୍ଭୀ ଏହାର;” ଶୁଣି ଏହା ଶଙ୍କାକରୁ ନଳ ନୃପତି । ତା ବାର ଇନ୍ଦ୍ର ସ୍ୱଗିବର । ନରେଶତ-ଅର୍ଥେ କଲେ ସନ୍ଦେହ ଦୂର । ୧୨୬ । ନିଜକାର୍ଯ୍ୟ ସିଦ୍ଧି ପାଇଁ ବହୁ ପୁଟକ୍ଷମଟାସାଇଁ ନଳ-ମହାପତିରୂପ ହୋଇଲେ ନଳ । ତଥାପି ନଳସ୍ୱଭାବ-ଭଳି ନିଜ ଚରିତ୍ର ନ ପାଲଟିଲା ରହିଲା ନୋହି ସରଳ । ନୋହିଲେ କି ନିଜ ବଚନେ । ଦୂଷନ୍ତେ ଏମନ୍ତ ମିଥ୍ୟା-ଅର୍ଥ-ରଚନେ । ୧୨୭ । କେ ଭାଷଇ “ବିଭୂଷିତା ଗମଇଁ ଏ ସ୍ୱଜସୁତା” କେ ବୋଇଲେ, “ଗଲା ବେଢ଼ିଙ୍କୁ ଉର୍ବୀ-ଉର୍ବଶୀ” । ଏହିମତ ଅଗଣିତ ଲୋକଙ୍କ ଆନନ୍ଦ-ଜାତ କୋଳାହଳ ଯାଇଁ ଶ୍ରୁତିପୁଟରେ ପଶି । ନଳଙ୍କୁ ଖେଦାଲେ ଆନର । ଜେମାରୂପ-ବର୍ଣ୍ଣନ ନୋହିଲା ଗୋଚର । ୧୨୮ । ସ୍ୱାରମଣ୍ଡ ଦେବୀସୁତ ଶ୍ରୀହର୍ଷ ନାମେ ବିଖ୍ୟାତ ତର୍କେ ଅତର୍କିତ ବିଦ୍ୟାବିଭବ ଯା’ର । ତା’ର ଅନଳ୍ପ-କଳ୍ପନା-କଳା-ବିଳାସ ଏ ସିନା ଯାଉଅଛି ହୋଇ ଚ୍ୟୁତା ଲେଖନ-ଗାର । ପଢ଼ ମୂର୍ଖ ଗୋପୀନାଥର । ଏଥକୁ ବୁଧେ ଯା ଇଚ୍ଛା ଦଣ୍ଡ ବିତର । ୧୨୯ ।

ଏକାଦଶ ଛାନ୍ଦ ।

ସ୍ୱର—କଳ୍ପଲତିକାମୋଦା ।

ଏଥୁଅନ୍ତେ ମନଦେଇ ଧୀରେ ଶୁଣ ପ୍ରସନ୍ନ-ବଦନ ନୃପତି ।
ଯୋଷାଭୂଷା-ଶୋଭା-ଦରଶନେ ଲୋଭ ନିଷ୍ପଳକନେତ୍ରେ ବସିଛନ୍ତି ।

Digitized by srujanika@gmail.com

ତହିଁ ଦେବଭଳ, । ଏକାଳେ ବର-ପ୍ରାପତ ଭଳ ।
ବିଜେକଲା ମଞ୍ଜୁମଣ୍ଡନା ସ୍ୱୟମ୍ବରଁ ସଭାକୁ ବିଦର୍ଭେଶଦୁହିତାଳୀ । ୧ ।

ସେ ନବଯୌବତ ମଳ-ଝରନ୍ତ-ଝଲଗାବେ ଅବା ତହିଁ ଥିବା । ଅଳଙ୍କାର-ଅଙ୍କ-ସ୍ଥାୟୀ ରତନଙ୍କ ତନୁରେ ନୃପଙ୍କ ତନୁ-ଅଗ୍ର । ପ୍ରତିବିମ୍ବ ଯାଚନ୍ତି । ପ୍ରଣିତ ହୁଅନ୍ତି ଚନ୍ଦ୍ରେ ଏତେ । ନମନ୍ତି ନୟନ-ମନେ ଏକା ସ୍ୱାଙ୍ଗେ ମଧଗଲେ ମଣ୍ଡି କ ତା ଗାହେ । ୨ । ମସ୍ମରପୁର-ମଧ୍ୟରେ ନଗର ରଚିଥାନ୍ତେ ଯେବେ ଗାଧିସୁତ । ତେବେ ଶୋଭା ତା'ର ଜ୍ଞାନ-ସ୍ୱୟମ୍ବର-ଦରଶନାଶାରେ ସମାଗତ । ଅନ୍ତରୀକ୍ଷେ ସ୍ଥିତ । ଅମର-କିନ୍ନର-ଯାନବ୍ରାତ । ଆନ୍ତା ଅନୁକର ପାର ଅପସର ନ ରହି ପଛକୁ କଦାଚିତ । ୩ । ଆମୋଦ ପ୍ରଦାନ ପାଇଁକି ରାଜନ୍ୟ-ମାନଙ୍କ ଧୂପ ସେ ସ୍ୱୟମ୍ବରେ । ହେଉ ବିଧୂପିତ ନୃପଙ୍କ ପୁରତ ଗୁଞ୍ଜିତ-ଭ୍ରମର-ବାତଭାରେ । ସଞ୍ଚରି ଆକାଶେ । ତହିଁ ସ୍ୱୟମ୍ବର-ଦର୍ଶନାଶେ । ଏକଜ ସୁମନମାନଙ୍କ ଅର୍ଚ୍ଚନ-ବିଧାନ-ସିଦ୍ଧି କି ପରକାଶେ । ୪ । ନରବରଙ୍କର ଶରୀରୁଁ କର୍ପୂର-ଚନ୍ଦନ-ସୁଗନ୍ଧ ଅଙ୍ଗେ ବହି । ବହୁଁ ଗନ୍ଧବାହ ମିଳିଦନବହ ମିଳିଲେ ତହିଁ ସେ ବାସପାଇଁ । ରେଖାବାନ୍ଧି ଉଡ଼ି । କାମ-ଶର ପ୍ରାୟେ ଧାଡ଼ି ଧାଡ଼ି । ପକ୍ଷେ ରୁନ୍ଧି ଗନ୍ଧବହକୁ ଆନନ୍ଦ ହୋଇ ଚଉପାଶୁଁ ଗଲେ ବେଢ଼ି । ୫ । ସଉଧନିକର ମୃଦଙ୍ଗ-ମଙ୍ଗଳ-ଧ୍ୱନି-ପ୍ରତିଧ୍ୱନି ବେଖେ ବେଖେ । ଉଚ୍ଚାରି କି ଛନ୍ଦେ-ରଖିବା-ସାମର୍ଥ୍ୟ ପ୍ରକାଶେ ଦେଖାଇ ତହିଁ ଲୋକେ । ଚୂଳବନ୍ଧା ଚେଳ । କରପଦ୍ମେ ଗୁଳ ଚଞ୍ଚଳ । ଲମ୍ବ ଦରଶାଇ କହୁଥିଲା 'କେହି ତାଣ୍ଡବେ ହେବକି ଅମ୍ଭ ତୁଲ' ? । ୬ । ଯା ପଦ୍ମରେ ଶିବ ନଥୋଇ ଚତୁର ଦଶପୁରେ ଜଣେ ନାହିଁ କେହି । ସେ ଗିରଙ୍ଗେଶ୍ୱରୀ ହର-ମନୋହାରୀ ଭାରତୀ ବିନୟେ ନତଦେହୀ । ମଞ୍ଜୁମଣ୍ଡନାର । ରହି ଦକ୍ଷିଣରେ ଧୀରତର । କରି ପରକାଶ ବୋଲନ୍ତି "ନରେଶ-ସୁତା ତୁ ଶୁଣ ଗୋ ବାଣୀ ମୋର । ୭ । ଦେଖ ଗୋ ଗଣନା-ଗଣ କରି ବଣା ଏ ଅମୃତାନ୍ଧସେ ବହଅଛନ୍ତି । କହିଲେତ ଗୋଷ୍ଠି ଗୋଷ୍ଠିକର କୋଟି-ବରଷ ହେବ ସ୍ୱାଙ୍କ ଖ୍ୟାତି । ଏଣୁ ଆଗୋ ବାଳ । ବର୍ଗୁର ଏଥୁଁ କେ ତୋର ଭଳ । ତା ଗଳେ ପୁଷ୍ପିତା ତୋର ବାହୁଲତା ପକାଉ ବରଣ ପୁଷ୍ପମାଳ । ୮ । ସ୍ୱଭାବେତ ପକ୍ଷପାତର ବିପକ୍ଷ ହୋଇଛି ଚକ୍ଷୁ ଅମରଙ୍କର । ଏବେ ତୋ ଶୋଭାଦର୍ଶନେ ହୋଇ ଲୋଭ ସେ ଭାବେ କରେ ଅତି ଆଦର । ସେହିମତ ଏବେ । ପୀୟୂଷପିଆ ବଦନେ ଦେବେ । ତୋ ଅଧର-ବାସ ଜିବାସି ପୀୟୂଷ ପଇଯାନ୍ତୁ ଭୋଳହୋଇ ଭାବେ । ୯ । ଧେନୁରୂପୀ ମହୀକି ଯେ ଥିଲା ଦୁହିଁ ସେ ମେରୁ ଏହାଙ୍କ ଗ୍ରାମଗିରି । ସର୍ବରତ୍ନ ଯହିଁ ଫଳଇ ସେ ମନ୍ଦାରବୃକ୍ଷ ଏହାର କରପତ୍ର । ମୁକୁତା ଫଳାଇ । ଫଳନାମ ତା ସାର୍ଥ କରଇ । ଦୁଗ୍ଧସିନ୍ଧୁ-ବୃନ୍ଦ-ମଣ୍ଡନ-ପସନ୍ଦ ଏ ଫଳଯାଳେ ସେ ଆଏ ବହି" । ୧୦ । ଅବ-

Digitized by srujanika@gmail.com

ହେଳନା-ଜନିତ ଦୋଷ ଜାତ ଭୟରେ ଯୋଷିତ-ବର ତହିଁ । ଶିରେ କରୁ କର-
ସରୋଜ ଯେ କୋରକତ ମୁଖଶଶୀ ପାଖେ ହୋଇ । ଗଜସୁତା ମତ । ବାଇପାର ବୃନ୍ଦା-
ରକ-ତତ । ବହୁ ଦସ୍ତୁଚନ୍ଦ୍ରେ ଭୂଷିଲେ ଇଙ୍ଗିତେ କରବୋଲ ଅନସ୍ଥାନେ ଗତ ।୧୧।
ଅର୍ଯ୍ୟମାଙ୍କ ପ୍ରତି ଜମା ଜେମାନଙ୍କ ନଥିବା ବୃତ୍ତାନ୍ତ ପ୍ରତ୍ୟକ୍ଷରେ । ନବଲୋ-
କଲେହେଁ ବାହକ-ନବହେ ନଥିଲ୍ଲା ଛପା ତାଙ୍କୁ ଅକ୍ଷରେ । ଯେଣୁ ପାଶେ ବସି—।
ଥିବା ବୃନ୍ଦାରକ-ମୁଖ-ଶଶୀ-। ଅଙ୍କେଥିବା ଶଶ-ସମାନ ବଶେଷ ବହୁଳ ସେକାଳେ
ମସିବ୍ରଣି । ୧୨ । ରକ୍ଷପାଶେ ଗଲେ ରକ୍ଷାନାହିଁ ଭଲେ ତନୁକାନ୍ତିରେ ତ ବଦ୍ୟା-
ଧରେ । ହେବାରୁ ଅଧର ଜେମାଙ୍କୁ 'ଅଧର' ପଦ ଶଙ୍କି ଛନ୍ତି ସ୍ୱନାମରେ । ବାଳୀଶର
ସ୍ୱର-। ଲେଶତ ନାହିଁ ଗନ୍ଧର୍ବଙ୍କର । ଏ ହସ୍ତମଣ୍ଡଳ-ପାଶେ ବାସ୍ତବ୍ୟ ନଗଲେ
ବସ୍ତୁର ଏପ୍ରକାର । ୧୩ । ଦୁଃଖୀ-ଦରିଦ୍ର-ନିକର ଏ ସଂସାର ପୂରଥାଇ ଥାଉ
ଯକ୍ଷମାନେ । ରେଖେ ବଭ୍ର କା'ରେ ଦେଖାଇ ନଥାନ୍ତି ଅପଣାଗୁଣ ବସ୍ତୁର ମନେ ।
ଲାଜେ ମୁଖ ଟେକି । ନ ପାରନ୍ତି ନ ଜାଣନ୍ତି ସେ କି । ଏ କଳ୍ପଲତା ନୃପସୁତା ବହଛ
ବୋଲ ଅମରତରୁ-ବୃତ୍ତିକ । ୧୪ । ମାଞ୍ଜିଷ୍ଠବାସେ ଉପହାସ ବଶେଷେ କରଇ
ପଦ୍ମସ୍ୱଧର ଯା'ର । ସେ ବାଳୀବରଙ୍କୁ ବାହକେ ସୁରଙ୍କୁ ବରଜ ଉରଗ-ପତଠାର ।
ଘେନଯାଉ ଚନ୍ଦ୍ରେ । ଉପୁଜେ ବତର୍କ ଏହମତେ । ତେଜ ଅନ ସବୁ ମାନସେ ନବ୍ରଳ-
ମାନେ ନେଲେ କବା ଘନବ୍ରାତେ ।୧୫। ଅଖିଳ-ବାଙ୍ମୟ-ବସ୍ତାର ଯାହାର ରୂପା-
ନ୍ତର ବୋଲି ଭଷ କହ । ମୁଖର-ମୁଖରେ ଯାହାର ସଭ୍ରରେ ମୂକତା ପିତାରୁ
ବଢ଼ୁଥାଇ । ସେହ ବାକଦେବୀ । ଉଦ୍ଧତାର୍ଦ୍ଧ-ଶଶଧର-ଛବ-। ବହବା ଲଲାଟ- ଶାଳବୀ
ବାଳୀକ ବୋଲନ୍ତି ଏମନ୍ତ ଚନ୍ତେ ଭବ । ୧୬ । "ଦେଖ ମଖପତ ସୁତା ଉରଗତ-
ପତ ଏ ବଶୁଦ୍ଧ ଶୁଭ୍ରଦେହ । ଯଜ୍ଞୋପବୀତ-ବତ ହୋଇ ଜିନେନ୍ଦ୍ର-ସେବାରେ ବଳାଇ
ଆନ୍ତି ସ୍ନେହ । ଏହୁ ଅନୁଧ୍ୱଜ । ଲଭ୍ୟୁଁ ଶିବ ଶିବା-ଆଲିଙ୍ଗନ । ସେ କୁଚ କୁଙ୍କୁମ
ଲାଗୁଁ ରକ୍ତାକ୍ଷୋମ-ବୃତବତ ଦଶି ଏ ଶୋଭନ । ୧୭ । ରେ ରମଣିମଣି ମନୋହର
ମଣି ମସ୍ତକେ ବହ ଏ ରମଣୀୟ । ହର-କରେ ବଳୟିତ, ହୋଇ
ବଳୟବତ ଶୋଭନ୍ତି ଅହସ୍ମ । ତାଙ୍କ ଜଟାଭର-। ବନ୍ଧନ ସିଞ୍ଜନି କାର୍ମୁକର । ଅବା
ଉଭୟନ୍ତ ପସ୍ନ ନିବତ ସେରୁଥାନ୍ତି ଏ ତ୍ରିପୁରହର ।୧୮। ଦ୍ୱିଜିହ୍ୱ ଏତ ଏକରେ
ଶୂଳଭୃତ-ମସ୍ତକ-ସୁଧାଂଶୁ-ରସଭୋଗୀ । ଏବେ ତୁ ତାଙ୍କର ହେଲେ ତୋ ଅଧରଅମୃତେ
ହୋଇବେ ସେ ସବରୀ । ଆନ ରଚନାରେ । ପରଷେ ଉଭୟ ସୁଧାଧରେ । ଇତରବଶେଷ
କରି ବା ପ୍ରକାଶ ପାରବେ ବାର ସେ ଏ ସଂସାରେ । ୧୯ । 'ସେ ତ ଆଶୀବିଷ ତାଙ୍କ
ଦନ୍ତଦଂଶ ବାଜ ବା ରହବ କେହ ମୂର୍ଚ୍ଛି'। ଏମନ୍ତ ବସ୍ତୁର ଚନ୍ତେ ତୁ ନ କର ବଞ୍ଚିତ
ମାତର ବୃନ୍ଦମୁହିଁ । ଅଧରେ ତ ତୋର । ସୁଧା ଅଛ ପୂର ନରନ୍ତର । ଏଥି ତାଙ୍କ

Digitized by srujanika@gmail.com

ଦନ୍ତି ବାଜୁଁ ସେ ଅମୃତ ନିନାଦ ଏ କେହି ହୋଇବ ଗର୍" । ୧୦ । ଫଣୀ-ଶଫଣ-ଚଳନ ଗୃହିଁ ରହି ଯୁବତୀବର-ମତିରେ ସ୍ଥିତ । ରୋମାଞ୍ଚ ଶ୍ରୀଅଙ୍ଗ ଗଲା କମ୍ପ ବେଗ ତା ଦେଖି ନାଗେଶ-ଭୃତ୍ୟପନ୍ତି । ସ୍ନେହ-ଚିହ୍ନ ଏତ । ବୋଲି ଆନନ୍ଦରେ କଲେ ନୃତ୍ୟ । ନାଗଙ୍କ ଏ ଗୀତ ସୁହିଁ ନାଗପତି ନିଷେଧନ୍ତି ଲାଜ ବହି ଚିତ୍ତ । ୧୧ । ପତି-ଦଶା ଦେଖି ହୋଇ ମହାଦୁଃଖୀ ନାଗେ ବରଜିଲେ ଦୀର୍ଘଶ୍ୱାସ । ତାଙ୍କ ସେ ଶ୍ୱାସ ବରଣମାଳ ଗଲେ ବହିବା ଅଶାଙ୍କୁ କଲା ନାଶ । ଯେଣୁ ସେ ଶ୍ୱାସନେ । ପ୍ରତି-କୂଳ ବାତ ବୋଲି ମନେ । ଭଳି ବାହକ-ପାଳ ଅଜ ନ ବଳି ପଦେ ଗଲେ ତାଙ୍କ ସନ୍ନିଧାନେ । ୧୨ । ଫଣୀପତି-ଫଣବ୍ରାତ ସଙ୍କୁଚିତ ଗଲା ହୋଇ ଲାଜେ ଅତି ଅନ୍ତ । ତନ୍ତୁଁ ଶିବିକା-ବାହକେ ବହି ନେଲେ ଯହିଁ ଛନ୍ତି ମହୀପତି-ଗୋଟ । ସେ ଶୋଭା ଏମନ୍ତ । ଦଶଇ ଜାଣିକ ସୂର୍ଯ୍ୟ ଅସ୍ତ । କୌମୁଦୀ-ପ୍ରସନ୍ନତାକୁ ଧ୍ୟୁଁ ନେଇ କନ୍ଦାର-କୋଳରେ କଲା ଦତ୍ତ । ୧୩ । ଭାଷନ୍ତି ଭାରତୀ "ଅଗୋ ମହୀପତି-ପୁତ୍ରି ତୁ ମତକ ଅଙ୍ଗୀକର" । ପୁଣି ଭୂପତିଙ୍କ ଗୃହିଁ ଭାରତୀକ ବଚନ୍ତି "ହେ ଧର-ପୁରନ୍ଦର । ନୃପ-ଦୁଲାଳୀକ । ଅଛତ ପୂରୁରୁଁ ସବେଁ ଦେଖି । ନେଇ ଏମନ୍ତ ପାନକଲେ କଣ୍ଠିତ-ଅଶା ଶତବର୍ଷେ ମୈଣିବକ ? । ୧୪ । ଲୋକେଶ-କେଶବ-ଶିବାଦି ପ୍ରଭାବ ଯା'ର ଶରବ ନପାରି ସହି । ଶାନ୍ତ-ରସକୁ ମାନସୁଁ ନିବାସିତ ଆନ୍ତିକର ଯା'ର ତାପ ପାଇ । ତ୍ରୈ-ଲୋକ୍ୟ ଲୋକେ । ସମ୍ଭାଳ ପାରନ୍ତି ନାହିଁ ବେଖେ । ସେ ଅସମଶର ହେ ନୃପେ ତୁମ୍ଭର ହେଉ ଶୁଭଙ୍କର ଅତିବେକେ" । ୧୫ । ପୁଣି ମହୀପତି-ସୁତାକୁ ବୋଲନ୍ତି 'ଶୃଙ୍ଗାର-ସର୍ବସ୍ୱ-ଅଣୁଯୁଗ୍ମା । ଉଦର ଗୋ ନେଇ ତୋର ବାରେ ମାଜ ଦକାଅ ଏ ନୃପତିଙ୍କ ଅଙ୍ଗ । ଅରେ କୁନ୍ଦଦନ୍ତି । ଶର-ବୃଷ୍ଟି କଲାବେଳେ ରତି-। ପତିର ହୁଙ୍କାର ମନେ ଏହାଙ୍କର ଯହାର ହୋଇଛି ଶାନ୍ତ ଶକ୍ତି । ୧୬ । ଅରେ ଅନଳସ-କମଳ-ବିଳାସ-ବିଜୟୀ-ନୟନା ଘେନ ଗିର । ପୁଷ୍କରନାମ ଦ୍ୱୀପର ଅଧୀଶ୍ୱର ଗଳାରେ ଦୋଳା ବରଣହାର । ତାଙ୍କତୁଲେ ତୁହି । ସ୍ୱାଦୂଦକ ପୂର୍ଣ୍ଣ ନଦୀସାଇଁ—। ବକ୍ଷରେ ବାର-ବିହାରଲୀଳା କର ରେ ଅକଳଙ୍କ-ଶଶାଙ୍କମୁହିଁ । ୧୭ । ସବନ ସଜାର ଏ ଦ୍ୱୀପ ପୁଷ୍କର ରାଜ୍ୟ ଅଟଇ ରେ ନାଭଶୋଭି । ଭୁବରେ ସୁମନ-ପ୍ରକରୁ ସମାନ ଯୋଗେ ବହେ ଭୂସ୍ୱର୍ଗ ପଦବୀ । ଏହି ସ୍ୱର୍ଗବତ-। ସମ୍ପଦେ ବଳାଅ ବାଳ । ଛତ୍ତି । ଏ ନରେନ୍ଦ୍ରପୁରେ ଶଚୀ-ପରକାରେ କର ବିହାର ତୁ ଅବିରତ । ୧୮ । ଏ ଦେଶେ ନ୍ୟଗ୍ରୋଧ-ପାଦପର ଅଧ-ଦେଶରେ ହିମ-ଶୀତଳ ଶିଳେ । ବିଜୟ୍ନ ସାଦିନ୍ଧ । ପତି ରେ ସୁଦକ୍ଷ-ବର କରନ୍ତି ସଦାକାଳେ । ଦେଖି ତୋର ଛବି । ତୋ ସଂମନାହିଁ କେ ଅନୁଭବ । ପ୍ରଶଂସି ଶିଳ୍ପନିପୁଣ ସ୍ୱକରେ ସେ ହିଅନ୍ତୁ ଶିଳ୍ପିସମାଜେ ଗର୍ବୀ । ୧୯ । ନହୁଁ ନିପତିତ ବୃଷ୍ଟି ଅତପକୁ ଅଧ-ନିପତେଁ ରୋଧିବାକୁ । ବହିଛି ନ୍ୟଗ୍ରୋଧ

Digitized by srujanika@gmail.com

ନାମକୁ ରେ ବୁଧ-ଜନକ-ବଦନା ଏହୁ ତରୁ । ପକ୍ୱଫଳ ପଟେ । ବର୍ଦ୍ଧୀ-ବର୍ଦ୍ଧରଶ୍ମ ଅତପଟେ । ଧିକ୍କାରେ, ସେ ତୋତ୍ ଅତଥି ଦୃଷ୍ଟିର ହେଲେ ନ ପାରବୁ ଗୃଳ ନେଟେ । ୩୦ । ଏ ରାଜହଂସର ନୋହୁବ ଧବଳ କର୍ପା ଅତ ପ୍ରିସ୍ଫୁରଗ କୀର୍ତ୍ତି । ସକଳ ଭୁବନେ ପଦ ପ୍ରକ୍ଷେପଣେ ନ ତୋଷି ରହୁବ କର୍ପା ମତ । ଅରେ ଗୃନ୍ଦମୁହିଂ । ଏକଥା ଏକା ଆଶ୍ଚର୍ଯ୍ୟ ହୋଇ । ଶୁକ୍ଳ ଏ ସକଳେ କର ନରେଷୀରେ ଆନବତ ଭଲ ନ କରଇ । ୩୧ । ହୋଇଲେହେଁ ଶୂର ସୁର-ମଣ୍ଡଳର ଅଗ୍ରବରଣ ସେ କ୍ଷିତପତ । ନାନାବ-କଳା-ବଦ୍ୟାରେ ବଶାରଦ ଶୃଙ୍ଗାର-ଭଙ୍ଗିରେ ପଟୁଅର୍ତ୍ତ । ତାଙ୍କୁ ଦମୟନ୍ତୀ । ଚତ୍ତକୁ ନନେଲା ମାଏ ରତ । 'ନଳଭଳ ସୁମଞ୍ଜୁଳ-ନାମ-ଶୀଳ ନୁହନ୍ତ ଏତ' କ ଚରେ ଚନ୍ତ ? । ୩୨ । ଭ୍ରୂଲତା ନଗୁଇ ଅଙ୍ଗ ଅଳସାଇ ଅନାଦର କରୁ ସେ ଭୁଭୃତେ । ଏ ଲକ୍ଷଣରୁ ଲାଭଆଶା ନାଶକ ତରକ ସେ ନରପତ ଚରେ । ହେଲେ ସନ୍ତପତ । ବାଳା-ବପ୍ରଲବ୍‍ଧତାପ ଜାତ-ଜାତ-ବେଦଧୂମ-ବଜା-ବତ ଶ୍ୟାମ ଗଲ ଦଶି ତାଙ୍କ ତନୁ ଦ୍ରୁତ । ୩୩ । ବାରପାର ନଜ ହୃଦୁ ମହାରାଜ-ସୁତା-ମତକ ବାହକମାନେ । ତହୁଁ ଘେନଗଲେ ହାନ୍ଦୋଳା ଚଞ୍ଚଳେ ଆନ ନୃପପତ ସନ୍ନିଧାନେ । ପ୍ରଭୁ ଅଦେଶରେ । ଅପେକ୍ଷା ନରଖି ଇଙ୍ଗିତରେ । ବୁଝି ତା ଚତ୍ତ ଯେ କାର୍ଯ୍ୟକାରେ ଆଜ ସେ, ପ୍ରଭୁ ଲୋଡବ କର୍ପା ଗିରେ ।୩୪। ଶଶଧର-ଶୋଭରେ ଅଶ୍ୱିନୀ-କୁମାରେ ହରାଇବା-ନରପତ-ପାଶେ । ମିଳ ସରସ୍ୱତୀ ବୋଲନ୍ତ 'ଗୋ ଷିତ-ପତ-ପୁନି ଲାଜ-ନତ ଅଟେ୍ୟ । ଟେକ ମାଏ ବାରେ । ଗୃହିଁ ଭୂରୁଶୋଭ ଏ ଭୁପାଳେ । କୁଳଶୀଳ-ବଳାଦରେ ମାଏ ତ ବାଛବାକୁ ନାହୁଁ ଯାଙ୍କଠାରେ । ୩୫ । ନ ବତର ଅବସର ମାଏ ଲବ ଅଳସକୁ ବନ୍ଧ ବୃନ୍ଦେ ଦେଖ । ନୃପତ ସ୍ତୁତଗୀତରେ ଅନ୍ତସକ୍ଷେ ନାହାନ୍ତ ରଖି କଷ୍ଟତଫାଙ୍କ । ତେଣୁ ଗିର ମୋର । ଅକାଶେ ରହୁବ କେଉଁଠାର । ଯା ବର୍ଣ୍ଣିବ କୀର୍ତ୍ତି ହେବ ପୁନରୁକ୍ତ ତା'ତ ଏ ଭଟଙ୍କ ଭାରତର । ୩୬ । ଏ ହବ୍ୟ ନୃପତ ଶାକ-ଦ୍ୱୀପପତ ଯାଙ୍କୁ କ ନବଳେ ତୋର ଚତ୍ତ । ପ୍ରଚଣ୍ଡ-ଦୋର୍ଦ୍ଦଣ୍ଡ-ପ୍ରତାପ-ଗୀତକ ମାଗଧଙ୍କ ମୁଖୁଁ ଶୁଣିଲୁତ । ବୁଧ-ସମାଜରେ । ଏ ସ୍ତୁତତ ପୂଜା ଅବ୍ୟାଜରେ । ଅବଜେ ଶୁଣି ଏହାଙ୍କୁ କ ସୁଶ୍ରୋଣୀ ନ ମଜ୍ଜେ ମଜ୍ଜା ତୋ ଏ ନୃବରେ । ୩୭ । ଶୁକଚ୍ଛଦ-ସମ-ଛବ ପଦସ୍ତୋମ-ଶୋଭୀ ଶାକତରୁ ଏ ନୃପତ-। ପୁରେ ଅଛ ରହୁ ତା ଦର୍ଶନପ ଇ ନେଏ ତୋ ଲଭବ ଅତତୃପ୍ତ । ଅବେ ବସନ୍ତେହା । ଢଣକୁ ହରତ ବୋଲ ଯାହା । ତା' ପଦବ୍ରାତ-ବୃତ ହୋଇ ହରତ ଦଶି ସେ ଅରଜଛନ୍ତ ତାହା । ୩୮ । ତା'ର ପଦ-ବ୍ରାତ-ପଚ୍ଚଗ ତୋ ଚତ୍ତ ଆନନ୍ଦେ କ ନ ଯିବହୋଇ । ସେଅ ନନ୍ଦ ଉପଭୋଗ କର ନୃପନନ୍ଦନ ! ବର ୯ ନହାଇଁ । ଅବେ ନାହ୍ୱବ । ଦେଖି ତହୁଁ ଶାକ ତରୁ-ବର । ପସ୍ୱଶର-କୃତ-ନାନାବ-ଚରତ-ବ୍ରାତେ ମିଥ୍ୟାବୁଦ୍ଧି ପରହର । ୩୯ । ସେ

Digitized by srujanika@gmail.com

ରାଜ୍ୟଧାରେ ଶୋଭେ କ୍ଷୀରସାଗର, ଶାରଦନ-ପ୍ରତିବିମ୍ବ ବହି । ତରଙ୍ଗ-ନଟଙ୍କୁ ନୃତ୍ୟ
ଅଭ୍ୟାସ କରୁଥାନ୍ତି ତହିଁ ଶବଦହୋଇ । ଅରେ ଚଳାପାଙ୍ଗ । ଯାଅ ଏ ଭୂପତି-ବରେ
ମଙ୍ଗି । ଯେ କ୍ଷୀର-ସାଗର-ତରଙ୍ଗ-ନିକର ହେଉ ତୋ ଅପାଙ୍ଗ-ଭଙ୍ଗି-ସଙ୍ଗୀ । ୪୦ ।
ବିରାଜନ୍ତି ତହିଁ ତଳ୍ପବ୍ର ଅହି-ଅଧୀଶ୍ୱର ଶିରପତିଙ୍କର । ଅଖଣ୍ଡ-ପ୍ରକାଣ୍ଡ-କୁଣ୍ଡଳ-
କଳାପ ଧରଣ ତାଙ୍କର କଳେବର । ଅରେ ବରବାଳ । କ୍ଷୀର-ସାଗରର ଉର୍ମି ଚଳ ।
ଅପି ମୁଖେ ପରିବେଶୁଁ ପିଇ କ୍ଷୀର କେବଳ ଜୀବ ଯେ ଥାନ୍ତି ଧର । ୪୧ । ଏ ଦ୍ୱୀପେ
ତୋ ଛବି ପ୍ରକଟିଲେ ଦେଖି କମଳା ବିସ୍ମିତା ରୂପେ ତୋର । ହୋଇ କରିଙ୍କୁ
ପଦ୍ମପଦେ ଗୃହ ବନାଶିବେ ନିଦ୍ରା ଶ୍ରୀହରିର । ଦରଶାଇବାକୁ । ଏ ତୋ ଅପ-
ରୂପ ଲାବଣ୍ୟକୁ । ଅଚ୍ୟୁତ ସୁଧୀ କେମନ୍ତେ ଚକ୍ଷୁ ବୋଧିଅଛୁ ଏ ସମ୍ପଦେ ତେଜିବାକୁ । ୪୨ ।
ଏଥି ଉଦୟ-ପର୍ବତ-ଶିଳବ୍ରାତ ଉଦ୍ଦୀପାରୁଣ-କିରଣ ପାଇ । ଅପ୍ରାକୃତ-ଗଇରିକରଙ୍ଗ
ବହି ହୋଇଥାନ୍ତି ଅତି ମନମୋହି । ଅରେ ଗଜଗତି । ଏଶିଳମାନେ ତୁ କଲେ ଗତି ।
ଶ୍ରମ-ଜାତ-ସ୍ୱେଦମିଶ୍ରିତ ତୋ ପଦ-ଲାକ୍ଷାରେ ହେବ ସେ ସୌହମତି । ୪୩ । ରେ
ରମ୍ଭୋରୁବର ଉଦୟାଦ୍ରିଶିର-ପ୍ରଦେଶେ ବିରାଜୁଥିବୁ ଯେବେ । କୁଙ୍କୁମରାଗ ରଞ୍ଜିତ ମୁଖେ
ତୋର ଅବଲୋକି ଲୋକେ ଭ୍ରମ ହେବେ । ଅରେ ଶଶିମୁଖି । ବୋଲିବେ ନ ଥିଲୁଁ
ଏହା ଦେଖି । କାହିଁ ଏ ଶଶୀ ଅସିଲା ପରକାଶି ଅଙ୍କକଳଙ୍କକୁ କାହିଁ ରଖି” । ୪୪ ।
ଏ ହବ୍ୟ ଭୂପାଳ ପୂରୁବେ ତୋହର ବିରହାନଳେ ତନୁକୁ ଦାହି । ଅଛନ୍ତି କରି
ପାନ୍ଥସ୍ଥ ଜନଜାମେ ଏହାଙ୍କୁ ଯେବେ ତୁ ଗୃହମୁହିଁ । ଅରପିବୁ କର । କୁମାର
କୁମାରୀଙ୍କରେ ତୋର । ହୋଇ ସେ ଅନ୍ୟସ୍ଥବନ୍ତି ନୋହି ଧନ୍ୟ ରହିବେ କ ସଂସାର
ମଧ୍ୟର” । ୪୫ । ସେ ଭୂପତିକର-ତରୁକୁ ସାଗରସୁତା ଆଶ୍ରିଲେହେଁ ନିରନ୍ତର ।
ବଦନ କମଳେ ଭାରତୀ ନିଷ୍ଠଳେ ବିରାଜିଥିଲେହେଁ ସଦା ପୁର । ତଥାପି ସୁଦତୀ । ନ
ବଳାଇଲା ସେ ନୃପେ ମତି । ବିଗୃର ‘ମଘବା ପ୍ରାର୍ଥୀପଣେ ଅବା ଏହାଙ୍କୁ ନତି ନ
କରିଛନ୍ତି’ । ୪୬ । ସୁଗୁଣଗଣେ ଭୁବନେ ଲବ୍ଧସିଦ୍ଧି ସୁମନ-ସମୂହେ ପରଧାନ ।—
କମଳାଳୟା-ନିକେତନ-ନନ୍ଦନଙ୍କୁ ସୁରଭିକ ଯଥା ପବମାନ । ନିଏ ଅନସ୍ଥାନେ । ତେମନ୍ତ
ଶିବିକାବାହୀମାନେ । ସେ ନୃପତି ପାଶୁଁ ବିଦର୍ଭସୁତାକୁ ନେଲେ ଅନନ୍ତ ସନ୍ନିଧାନେ ॥
ସେ ମହୀପତିର କତିରେ ଭାରତୀ ଯୁବତୀବରେ ଏମନ୍ତ ଭଣି । “ଅରେ କମ୍ବୁକୁମ୍ଭସ୍ତନ
ସାତକୁମ୍ଭବରନା କୁରୁବିନ୍ଦରଦନ । ଦେଖ ଏ ନୃପାଳ । ବାହୁବଳେ ଏହି ବନ୍ଧୁବାର ।
ଅଛନ୍ତି ଧୂର ଅରାତିତତି-ଶିରୀ-ତୁଟିଲ ଭାଗ୍ୟ ତାଙ୍କ ନାରୀଙ୍କର । ୪୮ । ଯେ କ୍ରୌଞ୍ଚ-
ନାମରେ ଖ୍ୟାତ ସଂସାରେ ସେହି ଦ୍ୱୀପର ଏ ଅଧିପତି । ଚଞ୍ଚଳ ଦୃଗଞ୍ଚଳ ଗୃହ ବାଳ
ତୁ କର ବିଲୋକନ ଏ ମୂରତି । ରାଜ୍ୟେ ଏହାଙ୍କର । ଦଧି-ସାଗରର ନୀର-ପୂର ।
ସରସି ପରହେ ଶୋଭା ପରକାଶି ଅକରଷେ ଚକ୍ଷୁ ଦର୍ଶକର । ୪୯ । ତୋ ପାଦ-

Digitized by srujanika@gmail.com

ପାତବଦନାଶାସ୍ତ୍ରୀ ଶୈଳ କ୍ରୌଞ୍ଚ ନାମେ ଅଛି ଏହି ଦ୍ୱୀପେ । ଶରଜନ୍ମା-ଶରବଘାତ-
ନିର୍ମିତ-ରନ୍ଧ୍ର-ବଦନେ ସେ ଅନଳପେ । ମଙ୍ଗଳଅବଳି- । କଳସ୍ୱନ-ଛଳେ ଗୁଣାବଳି ।
ଗାଉଥିବେ ବସି ଶୁଣୁଥିବୁ ରସି ଅବେ ଶୁଭ୍ରକେଶୀ ବରବାଳୀ । ୫୦ । ଏ ଦ୍ୱୀପେ
ଶଙ୍କର ବିନା ଅନସ୍ଥର-ସେବାରେ ନ ରସେ ନରବର । ଦର୍ଭମାନଙ୍କେ ସେହି ଅଗୋ
ବୈଦର୍ଭି ଯାକୁ ଲୋକ ଅଭ ନୂହେ ଜାତ । ଏହି ଭୂମଣ୍ଡଳେ । ତାଙ୍କୁ ତୁ ସେବରୁ
ଅବହେଳେ । ଯେବେ ଅନେ ତେଜ କରରୁ ମରଜ ମାଳେ ଦେବାଙ୍କୁ ଏହାଙ୍କ
ଘଟେ । ୫୧ । ଚୂଳେ ଚୁମ୍ବାଇ ମାର୍ତ୍ତଣ୍ଡ ମଣ୍ଡଳକୁ କରରୁ ନିର୍ମାଣ ହର୍ମ୍ୟରାଜି ।
ନବୋଦିତ-ରବି-କରେ ଉଦୟାଦ୍ରିବତ ସେ ସ୍ୱର୍ଣ୍ଣ ବିଅନ୍ତୁ ତେଜ । ଶିର ପ୍ରଦେଶରେ ।
ରାଜନ୍ତୁ କନକକୁମ୍ଭବାରେ । ତହିଁ ବାଳକ-କଳାକରମଣ୍ଡଳ ବଜେ କରାଇରୁ କୁତୂ-
ହଳେ । ୫୨ । ପତିତୁଲେ ସ୍ୱର ସଙ୍ଗେ ନୃତ୍ୟିବାରେ ଶ୍ରମ-ବାରି-ବିନ୍ଦୁମୁକ୍ତା-ପାଳି ।
ତୋ ଅଙ୍ଗେ ଦଧି-ମହୋଦଧି-ତରଙ୍ଗ-ଭଙ୍ଗ-ଶ୍ରମର-ଶ୍ଳଳନ-ଭଳି । ହୋଇ ରେଖ-
ପର । କଳାକବାଟୀ-ବାଟରେ ଗଳି । ଅତି ଅତରକତରେ ନେବ ହର ନ ପାରରୁ
ବାଉ ସୁକୁମାର । ୫୩ । ଏ ଅବନୀପତି-ସୁଯଶ-ଯନ୍ତ୍ରିତ ବେଦଅର୍ଥେ ହଂସସମ ହୋଇ ।
ଲଙ୍ଘି ସାଗରେ ହରତାନ୍ତରେ ଖରେ ସଞ୍ଚରିବାର ବଗ୍ରିର ବହି । କ୍ଷୁଦ୍ର ସରୋବରେ ।
ପକ୍ଷୀ-ରୂପରେ ଅଭ୍ୟାସ କରେ । ସନ୍ତରଣେ ପୁଣ ପଶୁରୂପେ ଯେନ ସାର୍ଦ୍ଧପଥ ଅତି
କ୍ରମଣରେ” ।୫୪। ଗଣନା-ବର୍ଣ୍ଣା-କଥବା-ଗୁଣଗଣେ ନିପୁଣ ହେଲେହେଁ ସେ ନୃପତି ।
ସେ ବିଦର୍ଭମହୀପତି-ସୁତା ତହିଁ ନ ବହିଲା ରତିମାନ ରତି । ଦୈବ ପ୍ରତିକୂଳ ।
ହେଲେ ତ ନ ଥାଏ କା’ର ବଳ । ପ୍ରସ୍ଥାଣ-ପରୁଷ ପୌରୁଷ ବିନାଶ ଲଭୁଥାଇ
ତହିଁ ବେଳୁଁ ବେଳ । ୫୫ । ଅଂସ ବିଭୂଷଣେ ଶିବକାକୁ ପୁଣ ବାହକେ ବରଜ ସେ
ଭୂପତି । ଯେନଗଲେ ଅନ ଅବନୀଜୀବନ-ଧନ ନରପତି-ବର କତି । ଶୋଭି ସେ-
କାଳର । ଦେଖି ଏ ତର୍କ ଜାତ ଚିତ୍ତର । ରତ୍ନାକରୁଁ ଅନୁଜ୍ଞାବା ଦେବେ ବିଧୁ ନେଇ
ଦେଲେ କ ଶଙ୍କର-ଶିର । ୫୬ । ବିଷ୍ଣୁ ବିନା ଅନେ ଅଯଥ କମଳାଭଳ ସେ ବିଦ-
ର୍ଭେଶ-ସନ୍ତତି । ଦୂଷଣ-ରହିତ ସୁଗୁଣ-ଶୋଭିତ ତେଜ ଏକ ଏକ କ୍ଷିତିପତି । ଯାଇ
ଅନ ଅନ । ପାଶରେ ତାହାଙ୍କୁ ତେଜେ ପୁଣ । ବିଶ୍ୱବନ୍ଦିତ-ଚରଣା ବାଣୀ ପାଶେ ବାଣୀ
କରୁଥାନ୍ତି ବିବରଣ ॥ ଅନ-ନରପତି-କତିରେ ଭାରତୀ ମିଳ ବୋଲନ୍ତି “ରେ ପଦ୍ମପାଣି ।
କୁଶନାମ-ବହିଥିବା-ଦ୍ୱୀପ-ମହୀପତି ଏ ଅନ୍ୟନ୍ତ୍ର ବାଳାମଣି । ନାମ ଜ୍ୟୋତିଷ୍ମାନ । ଏଥି
ମାଳ ଯେବେ ବଳେ ମନ । କ୍ଷୁଦ୍ରବନ-ପୂର୍ଣ୍ଣ ଦ୍ୱୃତଶରସ୍ଥାନ-ଗିରେ ବିହରରୁ ନେବୁ
ଧନ । ୫୭ । ମରୁତ-ତରଙ୍ଗ-ଚଞ୍ଚଳ-ଉତ୍ତୁଙ୍ଗ-କୁଶସ୍ତମ୍ଭ-ଅଗ୍ର-ଶସ୍ତ୍ରଘାତେ । ବାରିଦ-
ବୃନ୍ଦ ହୃଦୟ ବିଦାରିତ ହେଉ ସେ କ୍ଷତଜ-ଧାରପାତେ । ଅଭିଷିକ୍ତ ହୋଇ । ଅଛନ୍ତି
କୃଷ୍ଣ ସୁଷମା ବହି । ତହିଁ ତୋ ନେତ୍ର ପଡ଼ିଲେ ଅରେ ମାତ୍ର ନ ପାରରୁ ତାଙ୍କୁ ତହିଁ

Digitized by srujanika@gmail.com

ନେଇ । ୫୯ । ସେ ଦ୍ୱୀପ ମନ୍ଦର ପର୍ବତେ ସୁନ୍ଦର, ସାଗର-ମନ୍ଥନ-ସମ୍ବନ୍ଧରେ । ସମ୍ଭୂତ-
ଇନ୍ଦିରା-ପଦ-ଚିହ୍ନେ ପୂର୍ଣ୍ଣ ସୌନ୍ଦର୍ଯ୍ୟଶାଳୀ ତା ଶିଳାମାନେ । ସେ ପର୍ବତବର- ।
କନ୍ଦରେ ତୁ ପତି ସଙ୍ଗତର । ଅନନ୍ଦେ ନାନାବିଧ କେଳି ବିରଞ୍ଚ ନିମିଷ ସମ ବାସର
ହବ । ୬୦ । ସେ ସାଗରମନ୍ଥା-ମନ୍ଦର-ପର୍ବତ-ପାଷାଣେ ଅଗ୍ରାହ୍ୟ ଦେହ ଭିଡ଼ । —
ହୋଇ ସୋପାନ-ଶ୍ରେଣୀ-ସମ ବିଷମ ସୁଷମ ଚିହ୍ନ ଯାଇଛି ଜଡ । ଅରେ କାଉିଶ୍ୱର- ।
କେତକଗାନ୍ଧୀ ତୁ ତଥିପର । ଅବେକ୍ଷଣ କର ସେ ସରଣୀ ତୋର ଗୃହିଁ ରହିଅଛି
ନିରନ୍ତର । ୬୧ । ସର୍ବସ୍ଥାନ-ମନ୍ଥ-ଦଣ୍ଡ ସେ ପର୍ବତ ଅଙ୍ଗେ ଶେଷ ରଜ୍ଜୁ-ଘଷାଗାରେ ।
ନିର୍ମଳ ନିର୍ଝର-ନିରଧାର ଝର ଅସେ ବହି ତା ଗୃହିଁ ଚିହ୍ନରେ । ଭୁଲୁଥିବୁ ତୁହି ।
ଏ ଯାଏ ନାଗ କି ଅଛି ରହି । ଯଶୋଧରବର-ଅସନ ତଳର ଶିବକୁ ନିଜର ଗୋଚ୍ୟେ
ଥୋଇ । ୬୨ । ଅବଲୋକ ତୋତେ ପୂରୁବ-ବୃତ୍ତାନ୍ତେ ସ୍ମରୁଥାଉ ସେହି ଗିରିବର ।
କଳ୍ପଦ୍ରୁମ-ପର୍ଣ୍ଣ-କଥା ତା'ର ଚିତ୍ତ ପଡ଼ୁ ଗୃହିଁ କରପର୍ଣ୍ଣ ତୋର । ଅବଲୋକ ମୁଖେ ।
ଶଶାଙ୍କେ ସ୍ମରୁଥାଉ ସୁଖେ । କୁଚକୁମ୍ଭଯୁଗ ଗୃହିଁ ସୁରନାଗ-କୁମ୍ଭକଥା ସ୍ମରୁ
ଅନ୍ତରକେ" । ୬୩ । ବେଦେ ଯାର କୀର୍ତ୍ତି ନିରତ ବର୍ଣ୍ଣନ୍ତି ଯେ ବିନା କାରଣେ
ପରପାଇଁ । କରନ୍ତି ସତତ ଯତ୍ନ ସେ ପର୍ବତ-ନିବାସୀ ପର୍ବତସୁତାସାଇଁ । ରୂପ-
ବିଷୟରେ । ମୀମାଂସା-ପ୍ରାପ୍ତ୍ୟେ ସେ ନରବରେ । ନ କଲ ଯୁବତି-ରତ୍ନ ଅନୁମତି ମତିରେ
ଚିନ୍ତି କି କି ବିଶ୍ୱରେ ।୬୪। ତହୁଁ ଯାନବାସ୍ଥ-ଜନେ ଗଲେ ନେଇ ଶିବିକା ଅନ-
ନୃପତି-ପାଶେ । ଯଥା ପ୍ରାର୍ଥିଜନ ବିଭବ-ବିସ୍ଥାନଜନ-ପାଶୁଁ ଲେଉଟି ନିସ୍ୱଶେ ।
ବିଭବବନ୍ତ- । ଲୋକପାଶେ ହୋଇ ଉପଗତ । କରେ ପରକାଶ ପ୍ରାର୍ଥନା
ମାନସଦେଶରେ ସମ୍ପାଦ ଅତି ଆଶ । ୬୫ । ଉପବେଶନେ ଯାହାର ବିଶ୍ୱମ୍ଭରଆସନ
ହୁଏ ପବିତ୍ର ଅତି । ସେ ଭାରତୀ ଅନ-ନୃପ-ସନ୍ନିଧାନ ଲଭି ନାଭିଶୋଭି କି-
କହନ୍ତି । "ଅରେ ସୁକୁମାରି । ଅସ୍ପୃଶ୍ୟ-ନିର୍ଦ୍ଦୟ-ଶସ୍ତ୍ରଧାରି । ଏ ନୃପେ ନିବିଡ଼ ଗୁଣଗ୍ରାହ୍ୟ
ପଣ ଭୁଣା ତୁ ନକର କୃଶୋଦରି । ୬୬ । ସୁରାସାଗର-ବଳୟିତ ଶାଳ୍ମଳି-
ଦ୍ୱୀପ ଏ ଜଗତେ ଖ୍ୟାତ ଅଛି । ଗୁଣସାଗର ଏ ନୃପମହାବଳ ଅଟନ୍ତି
ତହିଁର ଅଧିପତି । ଅରେ ହେମଗାତ୍ରି । ଚନ୍ଦ୍ରବାକୁ ନିକ ଅଛି ଏଥି । ହେ ତିଳସୁମନ-
ନାସିକେ ତୋ ମନ ନବଳେ କି ଏ ନୃପତି-ପ୍ରତି । ୬୭ । ଏକସାଗର ଶୋଷଣେ
ଋଷିଙ୍କର ଅପର ପଣ ଲଭିଲେ ଖ୍ୟାତି । ଏକା ଏ ସୁରାସାଗର ଅକାତର
ହୋଇ ଦେଖୁଥିଲା ସେହି ସ୍ଥିତି । ଅରେ ବରବାଳା । ସଙ୍ଗତରେ ଘେନି ନିଜ
ଆଳୀ । ଏ ନୃପତି କୋଟିଳ ଲୋକ ସେ ସାଗରେ ସୁଖେ ରଚ ମଧୁପାନ-
କେଳି । ୬୮ । ବିବିଧ-ଔଷଧ-ଲତା-ବ୍ରାତେ ସାନ୍ଦ୍ର ଦ୍ରୋଣ-ଗିରିବର ସେ ଦ୍ୱୀପରେ ।
ହଯାମାଯାକ ଯାମେ ଜମା ନ ତେଜି ଅଲୋକଇ ଦୀପ-ପରକାରେ । ଶିରଦେଶ

Digitized by srujanika@gmail.com

ତା'ର । ନୀରଦେ ଦଶଇ କି ସୁନ୍ଦର । ସୌଭାଗ୍ୟଭାଗ ତୋ ବଢ଼ାଇବା ପାଇଁ ଦେବ ସେ ଔଷଧ-ଉପହାର । ୬୯ । ଅଟେ ଶତଦଳ-କୋଷ-କୋମଳାଙ୍ଗି ବିଶାଳ-ଶାଳ୍ମଳି-ତରୁ ତହିଁ । ବିସ୍ତରେ ତା ତୁଳାବଳି ମନ୍ଦବାତେ ଉଡ଼ି ମହୀପରେ ପଡ଼ିଥାଇ । ତେଣୁ ସେ ଦେଶର । ମୃତ୍ତିକା ଅଟଇ ସୁକୋମଳ । ଯୋଗ୍ୟ ସେ ଲୀଳାବିହାରବେଳେ ତୋର କୋମଳ-ପଦ୍ମର-ପରଶର" । ୭୦ । ଏ ଗୁଣବାର ବର୍ଣ୍ଣିବାବେଳେ ସରସ୍ୱତୀ ସେ ସାରକ-ବରଦନ୍ତୀ । ଜୃମ୍ଭା ବିକଶାଇ ବଦନେ ବଚନ କଲା ସଙ୍କୋଚନ ନେହି ଅତି । ଅନୁଭାବ ତା'ର । ବାଲ୍ୟପ୍ରାପ୍ତ ବାହକବାର । ସେ ମହୀପତି-ପାରୁଶରୁ ଫେଟି ନେଲେ ବନ୍ଧ ଶିବିକାକୁ ଧୀର । ୭୧ । ଅନ ନୃପପାଶେ ପ୍ରବେଶି ବାଣୀଶେ ଭାଷନ୍ତି ଭାରତୀ ଏ ବଚନ । "ନଗ୍ନିକା ଅନା ରେ ଏ ନୃପ ଭୁଜରେ ଦଶଦଣ୍ଡ-ଜମ୍ବୁଯଶ-ମାନ । ଚନ୍ଦ୍ର-ବିଲୋଚନ ।—ଛଳେ ହୋଇଛି ଉଦ୍ଦୀପ୍ୟମାନ । କାଶ୍ମିର ଲେପବ୍ୟାଜେ ଜନାନୁରାଗ ଉର-ପ୍ରଦେଶରେ କି ଶୋଭନ ।୭୨। ନାମ ମେଧାତିଥି ପ୍ଲକ୍ଷଦ୍ୱୀପପତି ଅଟନ୍ତି ଏ ଅଟେ କାମ୍ବଗତି । ଯାମଳାର୍ଜୁନାରି-ହୃଦୟକମଳେ କମଳାଳୟା-ପରାୟେ ରତି । ଏ ନୃପତି ଉର ।—ପ୍ରଦେଶରେ ତୁ ବିହାର କର । ବିବିଧ କେଳିବିଳାସେ ନବବାଳ ଭୂପ-ମତି ତୋଷ ନିରନ୍ତର । ୭୩ । ଧରଣୀ-ଆତପତ୍ରବତ ବିସ୍ତୃତ ପ୍ଲକ୍ଷବୃକ୍ଷ ଅଛି ସେ ଦ୍ୱୀପରେ । ତା ଶାଖାଲମ୍ବିତ-ଦୋଳମାନଙ୍କେ ଅଙ୍ଗ ଦୋହଲାଇ ଖେଳିଥାନ୍ତି ଗେଲେ । ସେ ପୁରର ଜନେ । ସେ ଶୋଭା ଦେଖିଲେ ତୁ ନୟନେ । ଖେଳିବାକୁ ବାଳମୃଗାକ୍ଷି କେବଳ ହୋଇବ ତୋ ମନ ଅବିଛିନ୍ନେ ।୭୪। ଚକିତ-ଚକୋର-ନେତ୍ରା ରେ ତୋହର ଅଧର-ସୁଧାକୁ କରି ପାନ । ସ୍ୱରାଜ୍ୟ-ପରୀକ୍ଷା ପରି ଗୃହପାଶେ ଘେରିଥିବା ଇକ୍ଷୁସର-ସ୍ଥାନ- । ନୀରସ୍ୱାଦକୁ ସେ । ମହୀବିହମକର ଅହର୍ନିଶେ । ମଣନ୍ତୁ କଷା ରସନା ନୋହନ୍ତୁ ରସା ଆଉ ତାଙ୍କର ସେ ଇକ୍ଷୁରସେ । ୭୫ । ସୁରେ ନ ବିଲୋକି ସୌରିଙ୍କ ପରାୟେ ନିଶାଇଶ-ଦରଶନ ବିନା । ଅନ୍ଧ କେ ପଶୁରେ ନ ସରଇ ନୀରେ ଏ ଦେଶ-ନିବାସିଙ୍କ ରସନା । ଅଟେ ଶଶିମୁଖି । ତୋ ମୁଖ-ଶଶାଙ୍କ ସଦା ଦେଖି । ଅମାରେ ଅନ୍ନଭୋଜନେ ବ୍ରତନାଶେ ନୁହନ୍ତୁ ସେ ଜନେ ଆଉ ଦୁଃଖୀ । ୭୬ । ସେ ଦେଶେ ବିପାଶା ସରିତ ନିରତ ବହୁଅଛି ଧୀରେ ଧୀରେ ଧୀରବର । ତା ଅଙ୍କ-ମଣ୍ଡନ ନବୀନପଙ୍କଜସଙ୍ଗ ନିରଜନ-ପରକାର । ହେଉ ତୋ ନେତ୍ରର । ଇତର-ଚିନ୍ତାକୁ ଦୂରକର । ଏ ନରବରଉରେ ହାର ଅରପି ବରି ନରବରେ ବର କର । ୭୭ । ଏ ନୃପତି-କୀରତିଚୟେ ଅତି ସିତୀକୃତ ହେଉ ସର୍ବନୀର । କ୍ଷୀର-ନୀର-ଭେଦ-ବିଗୃହ-କୋବିଦପଣ ଊଣା ହେଉ ହଂସଙ୍କର । ଅଟେ ବରବାଳ । କ୍ଷୀର ନୀରକୁ ତ ପସ୍ତ ବୋଲ । ସେ ଦୁହେଁ ଖାଲି ପସ୍ତ ହୋଇଅଛନ୍ତି ପ୍ରଭେଦ ପରସ୍ପରର ଭୁଲ । ୭୮ । ଏହାଙ୍କ କୀର୍ତ୍ତି କେ ବର୍ଣ୍ଣି କରୁ ଇତି ତହିଁ ଏ ସ୍ୱର୍ବୀ ନଳଙ୍କ ତୁଲେ । ଏ ବେନି ଭୂପତି ଅଦେଖି ଅଛନ୍ତି

Digitized by srujanika@gmail.com

ଆପଣା ଆପଣା କାନ୍ତିକୁଳେ । କରି ବଳାତ୍କାର । ପାରିବାରରୁ ଅପରକୁଳ । ଅତିକ୍ରମି ଆନ ପ୍ରଦେଶସମ୍ଭେ ଦର୍ଶାଇବାକୁ ସ୍ୱଭୁଜବଳ" । ୭୯ । ଶତଦଳକୋଷ-କୋମଳ-ଶୁଭାଙ୍ଗୀ ସେ ବିଦର୍ଭ-ମହୀପତି-ପୁତ୍ରୀ । ପୁରନ୍ଦରପୁର ସୁନ୍ଦର ଯୁବାବୃନ୍ଦ ସେ ଅପ୍ରତି-ଦ୍ୱନ୍ଦୀ-ଚକ୍ରବର୍ତ୍ତୀ । ପ୍ଲକ୍ଷଦ୍ୱୀପନାଥେ । ବୈରାଗ୍ୟ-କର୍କଶ-ଦୃଷ୍ଟିପାତେ । ବିତରିଲା ଯଥା ଝିପୂରବଇର-ନେତ୍ର-ନିପତନ ରତନାନ୍ତେ । ୮୦ । ସୋତ୍କଣ୍ଠ କୈରବବନର ସୁକୃତି-ପ୍ରବେଶ ଯେମନ୍ତ ଚନ୍ଦ୍ରଦ୍ୟୁତି ।—ଠାରୁ ନବୋଢ଼ା ଶଶିକଳା ଦ୍ରୁତ ପ୍ରତିପଦାଦରେ ଘେନଥାନ୍ତି । ସେହି ପରକାରେ । ବିମାନ-ବହନ-କାର୍ଯ୍ୟ ନରେ । ବିଶେ ଏକେଶ୍ୱର ସେ ନୃପୁଁ ଚଞ୍ଚଳ ନୃପଦୁଲାଳୀଙ୍କ ଘେନିଗଲେ । ୮୧ । ଏ ନୃପନିକଟରେ ଚିତ୍ତ ପ୍ରଦାନରେ ଅନାଦର ମୃଗାକ୍ଷିର ଦେଖି । କବକଳିତ-ବୀଣା-ଗୁଣଟଙ୍କାର-ସ୍ୱରପରେ ସ୍ୱସ୍ୱରକୁ ରଖି । ସେ ବଚନେଶ୍ୱରୀ । ମାନସେ ବିସ୍ମୟଭାବ ଧରି । ଦର୍ଭହାସୀ ସେ ବିଦର୍ଭେଶସୁତାକୁ ଭାଷନ୍ତି ପୁଣିହିଁ ଧୀରକରି । ୮୨ । ବୋଲନ୍ତି ବାଣୀ "ହେ ଦ୍ୱୀପ-ଶିରୋମଣି ହୋଇଛୁ ରେ ବଣା-ଏଣୀଦୃଶି । ସେ ଜମ୍ବୁର ଯୁବା-ନୃପ-ନିକୁରମ୍ବ ତୋ ଲାଭ ଆଶାରେ ଛନ୍ତି ଅଟି । ଦେଖ ଦିଶୁଛନ୍ତି । ହର କୋପେ କମ୍ପି କମ୍ପି ରତି- । ପତି-ଲୋକ ଅନ୍ତ୍ୟସ୍ଥ ନିପତିତ ହୋଇଲା ପରାଏ ଏହି କ୍ଷିତି । ୮୩ । ସେ ଜମ୍ବୁଦ୍ୱୀପ-ଶୋଭା ବା କି ବର୍ଣ୍ଣିବ ଅନ୍ତ୍ୟପେ ପରଜନ ପରି । ତାକୁ ଅଧୀଶ୍ୱର ବଗୁରି ତାହାର ରହିଛନ୍ତି ଚଉପାଶେ ଘେରି । ହେମ-ମହୀଧର । ହେମଦଣ୍ଡ-ଛତ୍ରବତ ଯା'ର । କଇଳାଶ-ବର୍ଣ୍ଣ-ଗୃରୁ-ଗୃମର ଯା ପାଶରୁ ନୁହଇ କେବେ ଦୂର । ୮୪ । ଏ ଦ୍ୱୀପେ ରାଜେ ଜମ୍ବୁନାମେ ପାଦପ ସ୍ଥୂଳଫଳେ ସଦା ବିରାଜଇ । ବିଶାଳଶୈଳ-ଉପମାନ ସେ ଫଳମାଳକୁ ତଳେ ଅଶୋଭା ନୋହି । ସେ ଫଳକୁ ଗ୍ରହିଁ । ସିଦ୍ଧ-ଯୋଷିତେ ବିସ୍ମିତ ହୋଇ । ପୁଚ୍ଛୁଥାନ୍ତି କାନ୍ତେ "କେମନ୍ତେ କେ ପଥେ ଦନ୍ତୀ ଏ ଦ୍ରୁମେ ଛନ୍ତି ଅରୋହି ?" । ୮୫ । ରେ କମ୍ବୁକଣ୍ଠି ସେ ଜମ୍ବୁ-ମହାରୁହ-ଫଳ-ରସରୁ ଜାତ ସରିତ । ବହି ଜମ୍ବୁନାମ ଅମୃତ-ଉପମଜଳେ ବହଇ ଯେ ପାପଘ୍ନାନ୍ତି । ମୃତ୍ତିକାଟି ଯା'ର । ଜଗତେ ବୋଲାଇ କାର୍ତ୍ତସ୍ୱର । ତୋ ତନୁତେଜେ ଗଞ୍ଜିହୋଇ ଅବ୍ୟାଜେ ରହିଛି ସରିତ-ଗରଭର । ୮୬ । ଅରି-ଅରନାସ୍ତ୍ର-ରକ୍ତ- ନେତ୍ର ବାରି-ପ୍ରବାହେ ଯେ ମହୀପତି-ଙ୍କର । ହେଉଥାନ୍ତି ପ୍ରକ୍ଷାଳିତ ଅବିରତ ଏ ସେ ଜମ୍ବୁଦ୍ୱୀପ ନୃପବାର । ମଧ୍ୟୁଁ ସେମାନଙ୍କ । ଦେବ ଚାହାଁଇଁ କେତେକ ଠିକ । କର ନିରୂପଣ ସୁମନେ ନବୀନବାଳି ରେ ଯେ ହେବ ତୋ ନାୟକ । ୮୭ । ଯା ଶୌର୍ଯ୍ୟ-ସୂର୍ଯ୍ୟପ୍ରତାପେ ମହାବୀର୍ଯ୍ୟ-ଅରାତି-ବନିତା କର୍ଣ୍ଣପୂର ।—ତମାଳଦଳ-କଳାପ ଅନ୍ଧକାର ପଳାଉ ଥାଏ ନ ସହି ତର । ଏ ସେ ଅବନ୍ତୀଶ । ଅଖିଳ-ସୁଗୁଣଙ୍କ ନିବାସ । ଏ ମହୀପତି ପ୍ରତି କି କ୍ଷିତିପତି-ପ୍ରିୟେ ରେ ବଳଇ ତୋ ମାନସ ? ୮୮ । ସିପ୍ରାନାମ କୂଳେ ତପୀ ବିପ୍ରବାରେ ଗାରବନେ ବହି ଏକ

Digitized by srujanika@gmail.com

ନଷ୍ଟ । ଯାଉଅଛି ବନ୍ଧୁ ଅରେ ଗୃହମୁହିଁ ସେ ଅବନ୍ତୀ-ଦେଶ-ମଧ୍ୟ ଭେଦ ।
ଉର୍ମ୍ମିକର ଗୃହ । ଆଲିଙ୍ଗେ ସେ ତୋତେ ଜଳକେଳି- । କାଳେ ବିକାଶ-ହାସରେ
ମନୋହର-ପଦ୍ମମୁଖେ ଗୃହିଁଥିବ ବାଳ । ୮୯ । ସୌଭାଗ୍ୟବତୀ-ଯୁବତୀ-
ମୌଳିମାଳା ଶଇଳଦୁହିତୀ ଭଗବତୀ । ଅବନ୍ତିଦେଶରେ ଉଜ୍ଜୟିନୀପୁରେ ନିରତ
ବିଜୟ କରନ୍ତି । ପତି-ଚନ୍ଦ୍ର-ଚୂଳେ । ଶରୀରାର୍ଦ୍ଧ ଯୋଗ କରିବାରେ । ହେଲୁ
ତାଙ୍କ ଶିଷ୍ୟା ତୁ କୁରଙ୍ଗନୟନା ମନାଇଁ ତାହାଙ୍କୁ ଅର୍ଚ୍ଚନାରେ ।୯୦। ଛନ୍ତି ତହିଁ ହର
ଯାʼର ଶିରପର-ସୁଧାକର-କରସୁଧା ପାଇ । କାମ ସାପେତ ହୋଇ ସେପୁରସ୍ଥାୟୀ-
ବାଳା-କଳେବରେ ଖେଳୁଥାଇ । ଅବଲୋକ ତାʼରେ । କି ଲାଭ ମଦନ-
ଦହନରେ । ହେଲା ବୋଲି ମହାକାଳ-ରୁଦ୍ର ଯାହା କହନ୍ତି ତା ଜଣା ନୁହେ
ମୋତେ । ୯୧ । ସେ ପୁରବାସୀ-ଗିରିଶ-ଶିରମଣି ଶିଶୁଭାବ ତ ନିବିଡ଼-ଜଇ ।
ତେଣୁ ପ୍ରତିପଦ-ଭିନ୍ନ-ଆନତିଥି-ସ୍ଥାନ ସେ ପଭନେ ନ ହୁଅଇ । ତେଣୁ ଶତ
ଦୋଷେ । ଦୋଷୀ ହୋଇଲେହେଁ ସେ ନରଶେ । କାମୁକୀ-ଯୋଷିତେ ନିଷ୍ଠୁର-
ଦ୍ଵେଷିତେ ନିବର୍ତ୍ତନ୍ତି ଅନଧ୍ୟାୟବଶେ” । ୯୨ । ନିଜସ୍ୱତ ଅତି-ଅନୁରକ୍ତ-ମତି
ହେଲେହେଁ ସେ କ୍ଷିତିପତି-ପରେ । ସେ ବିଦର୍ଭ-ମହୀମହେନ୍ଦ୍ର-ନନ୍ଦନୀ ନ ପକାଇଲା
ନୟନ ବାରେ । ଏଣୁ ବିଗ୍ରହଇ । ଅନୁରାଗ ଲବେ ଯହିଁ ନାହିଁ । ତେମନ୍ତ ନୈଷ-
ପତିଙ୍କୁ ବିଲୋକନ ନ କରିବା ଶତଗୁଣେ ଶୋହି । ୯୩ । ନୃପତି-ପୁଷ୍ପୀ-
ଆକାରେଙ୍ଗିତତତି ନ ଦେଖିଲେହେଁ ପ୍ରତ୍ୟକ୍ଷ ନେବେ । ତଥାପି ତା ଚିତ୍ତ ବସ୍ତୁର
କଳ୍ପିତ ଛପା ନ ଥିଲା ବାହ୍ୟକଗୋଚେ । ଯେଣୁ ପାଶସ୍ଥିତ- । ଭୂଭୃତ-ଭୂଷଣ-
ରହୁବ୍ରାତ । ଭୂପତିପୁଙ୍ଗବର ପ୍ରତିବିମ୍ବ ବହି ଦେଉଥିଲେ କହି ତାଙ୍କ ସତ । ୯୪ ।
ହାରଚୂଡ଼ା-ସମାଗମବଶେ ଅତି ଶୋଭିତା ଗାଙ୍ଗେୟ-ପୀତସ୍ତନା । ଅମର-ତରଙ୍ଗିଣୀଙ୍କ
ଭଗୀରଥ-ପରି ଏ ଗାଙ୍ଗେୟ-ପୀତସ୍ତନା । ହାରଚୂଡ଼ା-ସମା- । ଗମ ବଶେ ଅତି
ମନୋରମା । ନେମାକୁ ଅନ-ନୃପତି-ସନ୍ନିଧାନେ ନେଲେ ନିକର ବିଳମ୍ବ ଜମା ।୯୫।
ଇଷ୍ଟତଉଷ୍ଟର-ହଂସକେତୁଗୃପ-ଦର୍ପଦଳା-ଭ୍ରୂଶୋଭି-ବାଳ- । ମୁଖେ ଗୃହିଁ ଆନ
ନୃପପାଶେ ଯାଇ ବାଣୀ ବାକ୍ୟବିନ୍ୟାସ-ସ୍ତୁତୁସ୍ୱ । କରି ପରକାଶ । ବୋଲନ୍ତି “ଏଥି
ଳକେ ନ ରସ । କର ଇଙ୍ଗିତ ଲୋଡ଼ୁଛି ଯେବେ ଚିତ୍ତ ଏ ଗୌଡ଼ବିହୋଜା-
ସହବାସ । ୯୬ । ଏ ନୃପକୀର୍ତ୍ତିରେ ଭୁଣପରକାରେ ହେଲେଣି ପୀୟୂଷକର-କର ।
ସେ ଭୁଣ ଚନ୍ଦନ-ଅଣାରେ ହରିଣ ବସିଛି ଯାଇ ସେ ଇନ୍ଦୁକୋଳ । ଅରେ
ନାଗବର । ଶଶି ତ ପୀୟୂଷ-ମହାସର । ଭୁଣୀଭୂତ ତା କରଣକୁ ଚନ୍ଦନ ହରିଣେ ତ
ନୁହେ ଅବେଖର । ୯୭ । ବର୍ଣ୍ଣେ ଶ୍ୟାମ କରେ କମଳ-କୁସୁମ-ସୁଷମା ଏ ନୃପ ଛନ୍ତି
ବହି । ସୁମେରୁ-ଶିଖାରେ ଖାରଦ ପଙ୍କଜେ ବିରାଜୁଥାନ୍ତୁ ଏ ତୋତେ ପାଇ । ଅରେ

Digitized by srujanika@gmail.com

ସୁକୁମାର । ଚମ୍ପକ-ଚହଁସ ଶିରେ ଧର-। ଥିବା ମାରର ସୁଷମାସାର ଦୂର କରନ୍ତୁ
ଏ ତୋତେ ଲଭ ଗୋର ।୯୮। ସମରେ ଅରିବରକର ପୁରତରେ ପ୍ରବେଶିଲେ ଯା'ର
ଚନ୍ଦ୍ରହାସ । ହସି ପଶି କୁମ୍ଭଭଣ୍ଡାରେ ତାହାର ବିମୁକ୍ତ କରଇ ମୁକ୍ତାବଂଶ । ସେହି
ବହିଥାନ୍ତି । ଏ ନୃପ-ପ୍ରଚଣ୍ଡ ତେଜ ଅଟ-। ତାପେ ଅରିରାଜ-ଶରୀରଅଙ୍ଗୁ ଝରିଥିବା
ସ୍ୱେଦବାରି-ବିନ୍ଦୁ-ଦ୍ୟୁତି ।୯୯। ନାହିଁ ନ ଥିବା କୀର୍ତ୍ତିକି ଏ ମଘବା ମହିରେ
ଅର୍ଜିଅଛନ୍ତି ଗୋରି । ଜାନୁଦଘ୍ନୀକର-ମାନେ ହରିତର ପ୍ରାନ୍ତ ପର୍ଯ୍ୟନ୍ତ ଛନ୍ତି
ଅବରି । ସପ୍ତତନ୍ତୁ ଜାତ-। ଯଶବସନେ ଏ ନରନାଥ । ସପତ-ଦ୍ୱିଗୁଣ-ଭୁବନକୁ
ଗୁନ୍ଥି ବାନ୍ଧିଛନ୍ତି କରି କରଗତ” ।୧୦୦। ସେ ନୃପତି-ପ୍ରତି ମହୀପତି-ପୁତ୍ରୀ-ମତରେ
ରତିଏ ହେଲେ ପ୍ରୀତି । ନ ଥିବାରୁ ଚଡ଼େ ବାରବାହିବ୍ରାତେ ନେଲେ
ହାନୋଳାକୁ ଅନ-କତି । ଯେଣୁ ବିଜ୍ଞବ୍ୟକ୍ତି । ଇଙ୍ଗିତୁଁ ବାରଇ ଚିତ୍ତଗତ ।
ବାଣୀ-ଶ୍ରବଣକରଣ-ଅପେକ୍ଷାକୁ ମଣୁଥାଏ ସେ ସମସ୍ତ କ୍ଷତି ।୧୦୧। ଆନପାଶେ ବାଣୀ
ପୁଣି ବାଣୀ ଭଣି । “ରେ ସଜସରୋଜ-ସୁବଦନା । ଗୁଣାଗୁଣ-ବିଗୃହଣାରେ ନିପୁଣ-
ପଣେ ବା ତୋ ସଙ୍ଗେ କେ ସମନା ? । ଏହି ନରବରେ । ବିକଚ-ନଳିନ-ନୟନରେ ।
ଆଲିଙ୍ଗନ-ଭଙ୍ଗି କରରେ କୃଶାଙ୍ଗୀବର ଅଙ୍ଗୀକାର ଯୁମନରେ । ୧୦୨ । ପ୍ରତ୍ୟର୍ଥୀ-
ପାର୍ଥିବ-ପୟୋଧି-ମନ୍ଥନ-ମନ୍ଦର ଏ ପୃଥୁ ନରନାଥ । ଶ୍ମଶ୍ରୁ-ବିହୀନ ଏ ଯୁବକବଦନ-
ଚାଶରେ ମୃଗାଙ୍କ ତାରକାନ୍ତି । ନ ପାରଇ ବହି । ଭୁଞ୍ଜୁଛନ୍ତି ଏ ମଥୁରା ମହୀ । ତୋ
ବରଣମାଳ ଗଳାରେ ଦୋଳାଇବାକୁ ଭଲ ଏ କି ଯୋଗ୍ୟ ନୋହି ? ।୧୦୩। ପ୍ରବାଳ-
ଯୁଟଜିତାଧରି ଦେଖ ଗୋ ମଣିବନ୍ଧରେ ଏ ନରମଣି । ପୁରନ୍ଧ୍ରୀ-କୈରବମଣି ଦେଇଛନ୍ତି
ତେଜେ ଯେ ଜିତଇ ତାରାମଣି । ସେହି ମଣିପ୍ରାନ୍ତେ । ଦିଶେ ଜ୍ୟାଘାତ-ଚିହ୍ନ କେମନ୍ତେ ।
ଯେ ମଣିମସ୍ତକ-ଚିହ୍ନ ଧୂମକେତୁ-ବତ ତାଙ୍କ ରିପୁ-ନୃପ-ଗୋଷ୍ଠେ । ୧୦୪ । ଏ ଯେ
ଚଞ୍ଚଳୀବଳା ଚିହ୍ନ ଦିଶୁଛି ଭୁଜରେ ଯେ ଭୁଜ-ଅରଣୀରୁ । —ସମୁଦ୍ଭୂତ ବୀର୍ଯ୍ୟ-ଧୂମ-
କେତନର ଧୂମଧାର ତୁ ବିଗୃହ କର । ଅରେ ନାରୀବର । ଗର ଯେ ତ ରିପୁଗଣ-
ଙ୍କର । ତା ଯୋଗେ ଅରାତି-ଯୁବତୀ-ନେତ୍ରରୁ ନିତ ବହୁଥାଇ ନୀରଧାର ।୧୦୫।
ମଥୁରା-ନାଗରୀ-ଶରୀର-କସ୍ତୁରୀ-ଚନ୍ଦ ସ୍ନାନକାଳେ ଧୋଇ ନେଇ । ଦିଶି କଳା ଅତି
କାଳିନ୍ଦୀସରିତ-ହ୍ରଦକୁ ମଧ୍ୟଭାଗରେ ବହି । କାଳିନ୍ଦୀ ସରିତ । ନାଭି ଶୋଭି ରୋମଲତା
ବତ । ଝିଟିର ଶୋଭଇ ନୟନ ତୋ ତହିଁ ପଡ଼ିଲେ ହୋଇବ ସ୍ତମ୍ଭୀଭୂତ । ୧୦୬ ।
ସେ ମଥୁରାରେ ଗୋବର୍ଦ୍ଧନ ନଗରେ ଅସଂଖ୍ୟ ମୟୂର ନିବସନ୍ତି । ପ୍ରତାପେ ତାଙ୍କ ସେ
ବନେ ଚକ୍ଷୁଶ୍ରବା-ଭୀତିର ଯାଇଛି ହୋଇ ଇତି । ଅବେ ନବବାଳି । ବାସପୁଷ୍ପେ ଘନ
ବନ ଝଳି । ତୁ ତହିଁ ଏ ମହୀପତି-ସହିତରେ ନିଃଶଙ୍କେ କର ବିହାର କେଳି ।୧୦୭।
ଯାଁ ପାରେ ଏ ତୋର ବଦନ ନିର୍ମିତ ସେ ଶଶି-ବର୍ତ୍ତି ଏ କାଳିନ୍ଦୀ-। କଙ୍କଣତ ତୋ

Digitized by srujanika@gmail.com

ଶୀକରେ ଜରନ୍ତର ଅଛ୍ଛି ଏଣୁ ନଖ-କଳବ୍ରାତ ।—ଯୁତ ହେଲେହେଁ ସେ । ସେ ବନ ନବ-ପଲ୍ଲବବଂଶେ । ନୋହିବ ମିଶ୍ରିତ କହୁଛି ମୁଁ ଧନ୍ତ ହୋଇବ ବାର ଅପେ ନିମିଷେ ।୧୦୮। ସେ ଜବଦ୍ରବନେ ପଥିକ ପବନ ଖଞ୍ଜନଜନବତ ଭ୍ରମି ଧୀରେ । ରତାନ୍ତେ ତୋ କଣ୍ଟକିତ-ପୀନସ୍ତନ-ଶିଖରେ ଅସ୍ୱେଦ ଶ୍ରମଭରେ । ହୋଇ ଭୂଷାରୁର । କସ୍ତୁରୀ-ମିଶା ତୋ ଶ୍ରମଜାଳ । ଦେବ ପିଇ ଶୁଷ୍କାଶୁଷ୍କ ବସ୍ତୁରକୁ ଅଛିର ସହିଇ କାହିଁ ବେଳ ? । ୧୦୯ । ଧୀରଙ୍କ କର ଉପଯୋଗୀ ପୂଜାର କମଳେ କମଳ-ଭଳ ଢଳେ । ବସପ୍ରସୂନ-ଗର୍ଭର ପୀତବର୍ଣ୍ଣ ଅଭ୍ରାନ୍ତ ନ ଥାଇ ତହିଁ ଲେଶେ । ଅଟେ ଶୃଙ୍ଗ-ମୁର୍ଣ୍ଣ । ସେ ବର୍ଣ୍ଣିକୁ ଯୋଜନବାରେ ତହିଁ । ଏ ନୃପତି କରଦାଉ କାଞ୍ଚିସ୍ୱର-ନିକର ନିଯୁକ୍ତ ଥାଏ ହୋଇ ।୧୧୦। ଫସାରେଣିକ-ଖାର ଏ ମଧୁରେଶ୍ୱର ଅସ୍ୱତସମ୍ପତ୍ତି ଅକର୍ଷଣେ । ସମର ଫର୍ଦ୍ଧନ ଲଭିଣ ଲେଶ ସନ୍ତୋଷ ନୁହନ୍ତି ପଞ୍ଚମନେ । ଅବେ ବରବାଳ । ତୋ ସହିତ ଏ ଭୂପତି ମିଳ । ପତିତ-କାମ-ସୁମଶର-ସୁମନ-ମଧୁବେ ରଚନ୍ତୁ ପାନକେଳ” ।୧୧୧। ଭାଷୁଁ ଭାରତୀ ଏମନ୍ତ ସେ ଯୋଷିତବର ମଥୁରଭୂଭୃତୁଁ ନେଇ । ନେଇ ପଶ୍ଚାତେ କମିକ-ଉପବିଷ୍ଟ-ଭୂପତି-ତତିରେ କଲା ଘାତ । ତଛୁଁ ବାଗୀଶ୍ୱରୀ । ନିଜ କାର୍ଯ୍ୟ ଜେମା ଅଭିପ୍ରାୟ ।—ବାରମ୍ବାରବାର ସାମର୍ଥ୍ୟ ପ୍ରକୃତ କଲେ ଆପଣାର ଅତିଶୟ ।୧୧୨। ତଦନ୍ତେ ଅନ ନୃପତି କତିରେ ପ୍ରବେଶି ଭାରତୀ ଏତେ ଭଣି । “ରେ ଜିତ-ଫସ୍ତକୁରଙ୍ଗ-ପୋତନେତ୍ରା ରେ ଖଞ୍ଜନ ଗର୍ବଟଞ୍ଜା-ଦୃଶି । ଏ ସେ କାଶୀପତି । ପୁରତେ ତୋ ବଜେ କରଛନ୍ତି । ଅମାପ-ରୂପ-ସମ୍ପଦେ ଏହାଙ୍କର ହେଉ ତୋ ନେତ୍ର କୃତାର୍ଥ ଅତି ।୧୧୩। ଭବାର୍ଣ୍ଣବ ପାର ହେବାକୁ ଯେ ପୁରୀ ତରୀ-ରୂପେ ବିଧି ବିନିର୍ମିତ । ଦୁରିତ-ପୂରିତ-ଚିତ୍ତ ଜନବ୍ରାତ ଯହିଁ ଅସି ହୋଇ ଯାନ୍ତି ମୁକ୍ତ । ସେହି କାଶୀପୁରୀ।— ଅଧୀଶ୍ୱର ଏ ତୋ ହେମଗୌରୀ । ତତ୍ତ୍ୱେ କହିତ ସ୍ଥାନ ପ୍ରଦାନକୁ ତୋ ନୁହନ୍ତି ନିକ ଏ ଅଧିକାରୀ ? ।୧୧୪। ‘ବଧି ବରଚିତ ଫସାରେ ବଞ୍ଚିତ ଦୁଃଖିତ ହୋଇବ ଭବିଷ୍ୟତେ’ । ଏତେ ଭାଳି ଚିତ୍ତେ ଶଙ୍କର ସେବାନ୍ତେ ରୁଦ୍ର ନାମ ତାଙ୍କ ଏ ଜଗତେ । ନାମ ପାଇଁ ଶୋକ । କରିବା ତାଙ୍କର ନୁହେ ଠିକ । ଦସ୍ୟୁ ନ ଥିଲେ କି ରଚନ୍ତେ ଫସାର ସିନ୍ଧୁତରିତରୀ ପୁରୀ ଏକ ।୧୧୫। ମହୀପରେ ଥାଇ ମହୀର ନୁହଇ ସେ ଶଙ୍କରପୁରୀ ବାରଣସୀ । ତହିଁ ଥିବା ନର ନୁହନ୍ତି ତ ନର ନିଶ୍ଚୟ ସେ ସୁରପୁରବାସୀ । ମୃତ୍ୟୁ ପରେ ତହିଁ । ପ୍ରାଣୀଏ ମୁକତି ଯାନ୍ତି ପାଇ । ଅମରପୁରୁ ଅଧିକ ସୁଖକର ନେକ ଯେଣୁ ଅଜ କାହିଁ ନାହିଁ ।୧୧୬। ସେ ପାର୍ବତୀପତି-ପୁରେ ଏ ଫସାର-ସିନ୍ଧୁର ଯେ ପ୍ରାଣୀ ହୁଏ ମୃତ । ହରଂଶରୀରେ ସାଜୁଯ୍ୟ ମୁକ୍ତି ତା’ର ହୁଅଇ କସ୍ମଳକ-ବତ । ହେମଗୌର ଅରେ । ‘ଅର୍ଷ’ ଧାତୁ ଯଥା ଅଜୀତରେ । ‘ଭୂ’ ଧାତୁ ବତ ହୁଏ ତଥା ସେ ମୃତଜୀବ ବହିଇ ହର ଶରୀରେ ।୧୧୭। ସୁରତ-ପ୍ରସଙ୍ଗେ ରଚି

Digitized by srujanika@gmail.com

ନାନାରଙ୍ଗେ ସେ ପୁରର ନରନାରୀବାର । ମୃତ୍ୟୁପରେ ହର-ଗଉରୀ-ମେଳନ୍ତି ବନ୍ଦି ଶତଗୁଣେ ସୁଖକର । ବସନ୍ତ ହରଗୌରୀ ।—ସାଯୁଜ୍ୟକୁ ଆନ୍ତି ଲାଭ କର । ଏଣୁ ଆନ ଭୁବନରେ ନାହିଁ ସ୍ଥାନ ଅଛ ସେ ପୁରୀକ ସମସର । ୧୧୮ । ସୁରବର-ଅଧିଷ୍ଠିତ ସ୍ୱରପୁର ନୁହଇ ସମାନ ସେ ପୁରୀକ । ଏ ମୋ ବାକ୍ୟ ଯେବେ ସତ ନ ବିଶ୍ୱାସୁ ପୁଚ୍ଛ ତେବେ ତୋ ଅନୁଭୂତିଙ୍କ । ଅରେ ନାରୀବର । ସେ ତ ଅଜ୍ଞ ତୋର ପୁରତର । କର ପାରିବ ନାହିଁ ସତ୍ୟ-ଇତର ବୃତ୍ତାନ୍ତ କେବେହେଁ ପରତ୍ର । ୧୧୯ । ବହୁତ ବଚନେ ପ୍ରୟୋଜନ କିସ ତୁ ତ ଜ୍ଞାନବତୀ-ଚୂଡ଼ାମଣି । ବାରାଣସୀରେ ନିବାସ କର ସୁଖେ କର ବିସ୍ତାର ସୁକୃତ-ଶ୍ରେଣୀ । ଅରେ ପୃଥୁଶ୍ରୋଣି । ଏଥି ପରାଣିଙ୍କ ଶୂଳପାଣି । ମୃତ୍ୟୁକାଳେ ହର ଅଗତେ ନିବାର ନିର୍ବାଣକୁ ଆନ୍ତି ପର ଦାନ । ୧୨୦ । ମୂର୍ତ୍ତିମତୀ-ରତି-ବତ ରେ ସୁଦତି ହୋଇ ତୁ ବର ଏ ନରପତି । ମୂର୍ତ୍ତିମନ୍ତ-ମାରପରି ନରବର ହୁଅନ୍ତୁ ଲଭ ତୋର ପ୍ରାପତ । ମାର-ରତିବତ । ତୁମ୍ଭେ ଦୁହେଁ ହୋଇ ଏକହିତ । କ୍ରୋଧ ଘୁଞ୍ଚାଇ ପ୍ରସାଦ ଲଭପାଇଁ ହରପଦେ କରେ ପ୍ରଣିପାତ । ୧୨୧ । ଏ କାନ୍ତେ ଏ କାମପଣ୍ଡିତ ନୃପର ନଖଚନ୍ଦ୍ର ବହ କୁଚପରେ । ପ୍ରଣୟକୁପିତା-ପାର୍ବତୀ-ପଦ୍ମରେ ହର ପ୍ରଣିପାତ କରିବାରେ । ପଦ୍ମର-ଅଳକ୍ତ । ଲାଗି ଶିବ-ଶିର ତାରାକାନ୍ତ । ରଞ୍ଜିତ ହେଲା ବତ ତୋ କୁଚରେ ହେଉ ତାଙ୍କର ନଖଜ ରକ୍ତ । ୧୨୨ । ଏ ନରବର-କ୍ଷାତ୍ରବିଦ୍ୟାର ସ୍ଥୁଳ୍ମରେ-ଗୃଷ୍ଟୁରୀ କର ଗୈର । ସମରେ ତାଙ୍କ ପ୍ରଚଣ୍ଡକୋଦଣ୍ଡର ଉଭୟ ପ୍ରାନ୍ତରେ ଥାନ୍ତି ଝୁଲି । ଯୁଦ୍ଧେ ଶତ୍ରୁଗଳ ।-ଛେଦ-ଚତୁର କ୍ଷୁରପ୍ରଶର ।-ପ୍ରତାପ ତାଙ୍କ ବଢ଼ାଏ; କାମ-ତାପ ହରନ୍ତୁ ଏ ମହୀପତି ତୋର । ୧୨୩ । ତୋର ଦାରୁଣ-ବିରହେ ଏ ନୃପତି ହୃଦୟ ବିଦୀର୍ଣ୍ଣ ହୋଇ ନାହିଁ । ସମରେ-ଅରିର ଶରବାର ବାଜ ତହିଁ ଯାଏ ପୁନ ମୋଡ଼ ହୋଇ । ଏଣୁ ସେ ହୃଦୟ । କୁଳିଶୁଁ କଠୋର ଅନ୍ତଶସ୍ତ୍ର । ତହୁଁ ଜାତ ଏ ଭୁଜବୀର୍ଯ୍ୟ-ବର୍ଦ୍ଧିତ ଶତ୍ରୁ-ଲେଚକ ନ କରେ କ୍ଷୟ । ୧୨୪ । କାକ କୋକିଳ ବେନିଙ୍କି ସମତୁଲ ଭାବେ ଫଳ ପରଦାନ କର । ଲକ୍ଷ ଲକ୍ଷ ବୃକ୍ଷ ନାହାନ୍ତି କି ? ତାଙ୍କ ଗୁଣ କେବେ ଥାଏ କେ ସୁମର ? । ଏକା କଳ୍ପତରୁ । ଫଳେ ସୁଧାଭୁକେ ତୋଷି-ବାରୁ । ମେରୁ-ପର୍ବତ୍ୟେ ପରଶଂସା କଲେହେଁ ନୁହଇ ତା ପକ୍ଷେ ଲେଶେ ଗରୁ । ୧୨୫ । ବିପକ୍ଷଭୂପତି-ବ୍ରାତେ ଏ ଭୂଭୃତେ କର ବା ନ ଦେବେ କେଉଁପର । ଯେଣୁ ସେ ବିଷମ୍ୟେ ପ୍ରତିଭୂ-ପର୍ବତ୍ୟେ ରହିଥାଏ ଯାଙ୍କ ତରବାର । ଦୋଷ ବଶେ ଯେବେ । କେ ନୃପ କର ନ ଦିଏ ତେବେ । ପ୍ରତିଭୂ-ସ୍ୱ-ତରବାରକ ଏ ଭୂପ ଧରନ୍ତି ନ ବନ୍ଧ ଦାସ୍ୟ ଲବେ । ୧୨୬ । ଏ ନୃପ-ସମରଅଶ୍ୱେ ଶବନ୍ତର ନଭପ୍ରଦେଶେ କରନ୍ତି ଗତି । ଅତରକାତେ କ୍ଷୁରାଗ୍ରମାନେ ତାଙ୍କ ବାଜ ଯାଉଥାଏ କେବେ କ୍ଷିତି । ଅରେ ବିମ୍ବାଧର । ଦର୍ଶନୀୟ ଏକା ସେ ଗୃଷ୍ଟୁରୀ । ପୁରନ୍ଦରର ଉଚ୍ଚୈଃଶ୍ରବା-ପ୍ରଖର-ଗତି ଆଏ ତାଙ୍କ କତି

Digitized by srujanika@gmail.com

ହାର” । ୧୨୭ । ଏମନ୍ତ କୀର୍ତ୍ତି-ବର୍ଣ୍ଣନାକାଳେ ଅନ ମସ୍ତପଣ୍ଡିତଙ୍କ ପ୍ରବେଶନ୍ତେ । ତାଙ୍କ ସୌନ୍ଦର୍ଯ୍ୟ-ଦର୍ଶନଛଳେ ବାଳୀ ନବେଶିଲ୍ ତହିଁ ନେତ୍ରନେନେ । ବସ୍ତୁଙ୍କିର ମତ । ବାର ଅଭିମାନୀ କାଶୀପତ । ଗୁଣଙ୍କାରେ ଅନାଦୃତ ହୋଇ ମଉଳଲେ ଲଭ ଏକା ଅପକୀର୍ତ୍ତି । ୧୨୮ । ଅନବଚ୍ଛିନ୍ନ-ରୂପଶାଳୀ ଜ୍ଞାନାନନ୍ଦ-ସରସ୍ୱାନ କେଉଁଛନେ । ସେ ସୁପ୍ରାଣସ୍ତୁ ଅନନ୍ୟାଙ୍ଗୀ ଅବକାଶ-ଦୁହିତା ବର ମନେ ମନେ । ତହିଁ ରଖି ତତ୍ତ୍ୱ । ତା ପ୍ରତ ଅଛନ୍ତି ଅଶକ୍ତ । ଭାଗ୍ୟଗୁଣ-ତେଜୋବନ୍ତ ନୃସମରେ ତେଜ ଶୋଭେ ଉପନିଷତ୍ତ୍ୱବତ । ୧୨୯ । ଶୃଙ୍ଗାରସିନ୍ଧୁ-ସଞ୍ଜାତ-ସୁଧାକର ପର ଏ ଶ୍ରୀହର୍ଷଙ୍କରଚନ । ତହିଁକ ଧ୍ୱନ-ଗୋପୀନାଥ-ବଚନ ସିଂହକାନନ୍ଦନ-ସମ ସେନ । ଅହେ ସୁଧୀବୃନ୍ଦ । ଏ ଉଭୟ-ସମାଗମୁଁ ଜାତ । ଉଚ୍ଛିଷ୍ଟ-ଦୋଷ ତ ପୀୟୂଷେ ନ ଥାଏ; ଏଣିକ ଯେ ଅସେ ଲୁମ୍ଭ ତତ୍ତ୍ୱ । ୧୩୦ ।

ଦ୍ୱାଦଶ ଛାନ୍ଦ ।

ରାଗ—ଖଣ୍ଡ କାମୋଦୀ ।

ଶୁଣ ଶ୍ରୁତି ନବେଶି ସାଗରପାରବାସୀ ଉଦ୍ଭଟ ନୃପଗଣ ଯେ ।
ଚକ୍ଷୁଲକ୍ଷ୍ୟାବଶରେ ପ୍ରିୟାଧାଶରୁ ଧୀରେ ମେଲିଣି ଯେନୁ ପୁଣ ଯେ ।
ଅଗମନେ । ବିଳମ୍ବ ହେଉ, ଷୁଣ୍ଣ ଯେ ।
ହୋଇ ପ୍ରବେଶ କବା କୁଣ୍ଡିନମଣ୍ଡପସଭା-ଗର୍ଭ-ଭୂଷଣ ସମ ହେ । ସାଧୁଜନେ । ୧ ।

ଅବମ୍ଭ ସ୍ୱୟଂବର ହେଲା ନୃପ ନକର ମଣ୍ଡପେ ବସିଛନ୍ତି ଯେ । ଅବୁଁ-ଅଗତ-ଷିତିପତି ଯୁବତୀ-ମତି ତର୍କି ଶ୍ୱାସ ପକାନ୍ତି ଯେ । ନବାଗତେ । ନାହାନ୍ତି ଯେଣୁ ବାର ଯେ । ତେଣୁ ତତ୍ତ୍ୱେ ତାଙ୍କର ହେଉ ଆଶା ପ୍ରବଳ ସୁଖସିନ୍ଧୁ ଉଚ୍ଛୁଳ ହେ । ଧୀରେ ବାର । ୨ । ଚିପ-ଚିପା-ସଙ୍କେତ ବଶରେ ବିପଣ୍ଡିତ ଯାନବାହକମାନେ । ରଖି ମର୍ଯ୍ୟାଦା ପରକାଶିଲେ ନୃପଜାର ବ୍ୟଥା ଭ୍ରମଣ-ଶ୍ରମେ । ଶିବକାକୁ । ରଖିଲେ ଧୀର କର । ସ୍କନ୍ଧପାଲୁଣେ ପୂର ବହିଅଛନ୍ତି ଯେଉ ଅସଂଖ୍ୟ ଦଣ୍ଡଧାରୀ । ବିଜ୍ଞଜନେ । ୩ । ଯାନସଙ୍ଗବୃଣୀ କପଟନାରୀ ବାଣୀ-ଇଷ୍ଟସ୍ତ୍ରୀ ନରମଣି ।—ଶ୍ରେଣିକ ଗୃହିଁ ଏଣୀଷଣୀ ନୃପଦୁଲଣୀମଣିଙ୍କ ଧୀରେ ଭଣି । କେବା ବର୍ଣ୍ଣି । ପାରିବ ସେ ବାଣୀକୁ । ସୁଧାସିନ୍ଧୁ ଗାଧୁଅଣ୍ଡା ଅଙ୍ଗରେ-ଠିଅ-ପରସ୍ତୁ ତାର ଠାଣି । ସୁପଣ୍ଡିତେ । ୪ । ସ୍ୱଷନ୍ତି ବାଗୀଶ୍ୱରୀ "ରେ ଛନ୍ଦ-ସୁକୁମାର ଗୃହିଁ ଏ ତୋ ପୁରତେ । କାଉଁସ୍ୱର-କେତକ-ପର୍ଣ୍ଣବର୍ଣ୍ଣିକୁ

Digitized by srujanika@gmail.com

ଧ୍ୱଜ-କାରକ-କାନ୍ତମନ୍ତ । ଏ ନୃପତି । ନାମରେ ଋତୁପର୍ଣ୍ଣ । ହୃଦ୍‌ଗତ ହୋଇ ହେମା ପକାନ୍ତ ନାହିଁ ଜମା ମନେ ଅଯୋଧ୍ୟାଧାମ । ମଧ୍ୟ-ଶୋଭ । ୫ । ଏ ବଦନ ଚନ୍ଦ୍ରର କର ପାନ ଚକୋର ନ କରିଲେ ନ କରୁ । ଏ ନୟନ-ଚକୋର ଏ ତ ତୋର ନଜର ଏହାଙ୍କ କ ଦୋଷରୁ । ଶୁବୁହାସି । ଦେଉଛୁ ଭଙ୍ଗି ଅଶା ସେ ବେଳ ଏ ସୁସମା-ସିନ୍ଧୁଜାତ-ଚନ୍ଦ୍ରମାମୁଖୁଁ ଶୁଖନ୍ତୁ ରସ । ରସବତି । ୬ । ସରଯୂଜଳେ ଜଳକେଳି-ଲାଳସୀ ବାଳମୃଗାକ୍ଷି ହେବୁ ଯେବେ । ତା'ର ତରଙ୍ଗ ତୋର କଠିନ କୁଚପର ବାଜି ଭାଜିବ ଜବେ । ସଣବଦେ । ସେ ନୀରବିନ୍ଦୁ-ବୃନ୍ଦ । ତୋ ପୟୋଧର-ପର ପଡ଼ି ହାର-ପ୍ରକାର ପ୍ରକାଶିବ ପସନ୍ଦ । କୁନ୍ଦଦନ୍ତ । ୭ । ପୂର୍ବେ ଏ ମହୀପତି ବଂଶେ ନୃପସନ୍ତତି ସାଗର ଥିଲେ ଖୋଳି । ଭଗୀରଥ ଏ କୁଳେ ସେ ସିନ୍ଧୁ ପୂରାଇଲେ ଗଙ୍ଗାସଲିଳ ଢାଳି । ଭବିଷ୍ୟତେ । ଏ ବଂଶେ ପୁଣ ଏହା । ହେବ ବନ୍ଧା । ଏ ଏବେ ଏ ନୃପଯଶେ ଜବେ ହେଲାଣି ଲଙ୍ଘା ଶୁହାଁ । ସ୍ମରୁହାସେ । ୮ । ଏ ମହୀପତିଯଶ କ୍ଷୀରସିନ୍ଧୁ-ସଦୃଶ ବର୍ଣ୍ଣି ବସିଲେ କବି । ନ ପାଇ ସ୍ଥଳ କୂଳ ତାଙ୍କ ବଚନ-ଯାନ ଯାଏ ଅତଳେ ବୁଡ଼ି । ଗୁଣମଣି । ବସିଲେ ଗାରଷ୍ଟାଣି । ନ ରହୁ ଯିବ ସବୁ ଏ ମହୀପତିପଦପଙ୍କ୍ତି-କୀର୍ତ୍ତି-କଠିନୀ, । ଠିକମଧ୍ୟା । ୯ । ଭାସ୍କର-ବଂଶାଙ୍କୁର ଏ ମହୀପତିଙ୍କର କେ ପାରେ ବର୍ଣ୍ଣି କୀର୍ତ୍ତି । କ୍ରୂର-କର୍କଶରଣରସେ ଯା ଅପଘନ-ସ୍ୱେଦାଳ ପୁଲକନ୍ତ । ଯା'ର ନାମ । ବନ୍ଧଏ ଗାଉଁ ଶୁଣି । ରଣେ ଅରାତି-ଭୁଜ-ଭୁଜଙ୍ଗ ହତବୀର୍ଯ୍ୟ ଯାଏ ହୋଇ ଦେଖଣି । ଏଣୀକ୍ଷଣି । ୧୦ । ଏ ଧରାଧୀଶ-ଚରିତାପ ସୂର୍ଯ୍ୟ ଧାତାର ଜନକ ଦାର୍ଢ ଏତେ । ସେ ସୂର୍ଯ୍ୟ-ପ୍ରତିବିମ୍ବ ସରସ୍ୱାନେ ବାଡ଼ବ ନାମ ବହେ କ ପତେ । ରିପୁରାଜ- । କୀର୍ତ୍ତି-ତାରକା-ବ୍ରାତ । ବିନାଶି ଏ ଭାସ୍କର-ଅବିଚ୍ଛନ୍ନତା କା'ର ଗିରିର ନୁହେ ପ୍ରାପ୍ତ । ପ୍ରିୟଭାଷି । ୧୧ । ଏ ଭୂପ-ଭୁଜଯୁଗ-ଗଙ୍ଗା ଅରାତିବର୍ଗ-ଅକୀର୍ତ୍ତି-ଯମୁନାବେ । ଯାଉ ମିଶି ସମରେ ତହିଁ ପଶିବା ଶୂରେ ମିଶନ୍ତ ସୁମନାବେ । ସ୍ୱର୍ଗପୁରେ । ନନ୍ଦନ ଉପବନେ । ଅନନ୍ଦେ ରମ୍ଭାସଙ୍ଗେ ଅରମ୍ଭି ରତି ରଙ୍ଗେ ବଞ୍ଚନ୍ତି ଅନୁଦିନେ । ପାର୍ଦ୍ଦାପାଙ୍ଗି । ୧୨ । ଅଯୋଧ୍ୟା-ଅଧିପତି-ଋତୁପର୍ଣ୍ଣ-କୀରତି-ତତି ଭାରତୀ-ମୁଖୁଁ । ଅସ୍ୱାଦ ଶ୍ରୁତିଯୁଗେ ଅତିବସ୍ତୁମ୍ଭୁ ବେଗେ ବାଳୀବର ଶିରକୁ । କମ୍ପକରୁ । ଇଅତରେ ଡେରଛେ । ବସ୍ତୁ ବଂଶମଣ୍ଡନ ସେ ନୃପେ ହେମାମନ ନଥିବା ହଣେ ସ୍ୱଚ୍ଛେ । ଧୀରେ ଘେନ ।୧୩। ଇଙ୍ଗିତରୁ ଚତୁର ବାର ତହୁଁ ସେ ବାଗୀଶ୍ୱରୀ ଅନନ୍ତପେ ଦେଖାଇ । ପିକେ ମୂକ-ବିଭୂତି ବିତରିବାରେ ଅତି-ନିପୁଣ ସ୍ୱରେ ତହିଁ । ସୁଧାସିନ୍ଧୁ—। ସମ୍ଭବ ଇନ୍ଦୁମୁଖୀ । କ୍ଷିତୀଶ-ସୁତାପାଶେ ସେ ନୃପ-କୀର୍ତ୍ତିବଂଶେ ବର୍ଣ୍ଣିନ୍ତ ହୋଇ ସୁଖୀ । ବିଶାରଦେ । ୧୪ । ଧୀରେ ଭାଷନ୍ତ ବାଣୀ "ଦେବି ଗଣବର୍ଣ୍ଣଏଣୀ-ଇକ୍ଷଣି ଶୁହାଁ ଏଣେ । ଏହି ପାର୍ଶ୍ୱେ ନରେନ୍ଦ୍ର ଯା ମୁଖପାଖେ

Digitized by srujanika@gmail.com

ଚନ୍ଦ୍ର ବହୁଛ ଦାସପଣେ । ବାଣାଭଟ୍ଟେ । ନେହପାପ୍ତି କ ତୋର । ଏକ ଅପାଙ୍ଗେ ସ୍ଥିତ କର ତୁ ବାରେମାହ ପଡ଼ୁ ସେ ନୃପବର । ନିରୁପମା । ୧୫ । କହୁବ ବେଶି କ୍ଷସ ଅଣ୍ଡି ଏ ମହାବଂଶ କୀର୍ତ୍ତିନର୍ତ୍ତକୀ ଶୁଣ । କ୍ଷିତିତଳେ ନର୍ତ୍ତନ-ବରଚନରୁ ମନ କରଲାଣି କର୍ତ୍ତନ । କରୁଅଛ । ଏବେ ଅମ୍ବରକୋଳେ । ହୋଇ ନିରବ-ଲମ୍ବ ନୃତ୍ୟ-କଳା ଫରଭ ଅଭ୍ୟାସ କୁତୂହଳେ । ଗୁରୁଶୀଳା । ୧୬ । ଏ ମହାବାହୁ-ଭୟେ ଅସ୍ତି-ନୃପଚୟେ ପଳାନ୍ତି ବନୁଁ ବନେ । ତାଙ୍କ ଭୁବନମାନ ଏମେ ବସିନ-ପୂର୍ଣ୍ଣ ହୁଅର ଅଚଳନେ । ବହୁକାଳ- । ପରେ ପୁଣି ସେମାନେ । ଲେଉଟି ନିଜ-ଦେଶେ ଚଣ୍ଡି ସ୍ୱସ୍ୱ ଆବାସେ ବସନ୍ତି ଯେନ ମନ । ନତଗାତ୍ରି । ୧୭ । ଏହାଙ୍କୁ ବଳ ବୀର ନାହିଁ, କୀର୍ତ୍ତି ଯାଙ୍କର ଧବ-ଳଣନ ଲେଯ । ଅସପ୍ତ-ସିନ୍ଧୁକ୍ଷେତି-ବାସୀ ଜନେ ଗାବନ୍ତି ଯାଙ୍କ ଗୁପ-ପ୍ରତାପ । ଏକାବେଳେ । ପ୍ରଣତ-ରାଜ-ତତି- । ଶିରମୁକୁଟ-ମଣି-ତାରା ଏ ବୀରମଣି-ନଖଚନ୍ଦ୍ରେ ସେବନ୍ତି । ଦନ୍ତୀଗତି । ୧୮ । ହର-ଅକାର୍ତ୍ତି-କାଳ-ମଳନ-ଶଙ୍କୁ ପାଳ ତିନ୍ଧୁକ-ବନବତ । ତହିଁ ପ୍ରତାପାନଳ ଏହାଙ୍କ ଅବିରଳ ଜଳଇ, ତହୁଁ ଜାତ । ବିସ୍ଫୁଲିଙ୍ଗ । ବୋଲନ୍ତି ଏ ସଂସାରେ । ହର-ଭୂଷାସ୍ଥ ନେହ କୃପୀଟ-ଯୋନି ବୃତ୍ର-ବୈରି-ବଜ୍ର ବେଶ୍ମରେ । ଭୁରୁଶୋଭ ।୧୯। ଏ ନୃପତି-ସମର-ଦର୍ଶ-ନାଶେ ଅମର ତୁଲରେ ପୃଥ୍ୱୀଗଣ । ଅପଥାନ୍ତି; ରଣରେ ଅଗ୍ରଗାମୀ ଦୋଷେ ଉଗ୍ର-ବାରଣ ଚଣ । ଏହାଙ୍କର । ବିଲୋକ ଆଜ୍ଞବାରେ । ପର୍ବତପାରୁଁ ଧରା ଉଦ୍ଧରିବାକୁ ତୁଗ ହେଉଥାନ୍ତି ଚଉଦେ । ଚଉଦ୍ୱାର । ୨୦ । ଏକାଳେ କ୍ଷିତିପତି-ସୁତା-ଇଙ୍ଗିତ ତତ୍ତ୍ୱ-ବଗୁର-ବିଚକ୍ଷଣା । ଦାସୀଏ ଭାଷେ ଚଉ ବାର "ରେ ତତ୍ପ୍ରକାର୍ତ୍ତି ସ୍ୱର-ବରନା ଅନା । ପୌଧରୂଳେ-। ଚଞ୍ଚଳ ଚେଲାଞ୍ଚଳେ । ଏକା ଏ କାକ ପଦ ଦେବା କରଇ ପଥ ବିବିଧ କଜଣଚଳ । ସ୍ନିତଶୋଭ" । ୨୧ । ଏମନ୍ତେ ଅସଙ୍ଗତ ଦାସୀ-ଭାଷଣେ ସ୍ମିତ ସଭରେ ସର୍ବେ ହସି । ହାସ-ଶୁକ୍ଳିମା ବସେ ଧବଳିତ ବିଶେଷେ ଫସଦ ଗଲା ଦିଶି । କେମାଲୋଚେ । ନିବିଶ ପାଣ୍ଡ୍ୟ-ପତି—। ମୁଖ ଦିଶେ ମଳିନ ସେ ଶୁଭ୍ରରେ ଏ କୃଷ୍ଣ-ବର୍ଣ୍ଣ ବିକଶେ ଅତି । ଯେଜ ମତି । ୨୨ । ଜଗତ-ବନ୍ଦନୀୟା ସେ ଅନବରତୀୟା ଭାରତୀ ତଦନ୍ତରେ । ନୃପଜା-ସରଳତା-ଗୁଣରେ ବଶୀଭୂତା ହୋଇ ଅଙ୍ଗୁଳି ଧୀରେ । ଦେଖାଇଣ ମହେନ୍ଦ୍ର-ମହୀଧର-। ପାଶଦେଶ-ରାଜନେ ଗୃହିଁ ବାଳା-ବଦନେ ଭାଷନ୍ତି ସୁମଧୁର । ସାଧୁଜନେ । ୨୩ । "ଏ ସ୍ୱୟଂ ବରେ ସେବେ ତୋତେ ଲଭିବା ଲୋଭେ ବିଜେ ମହେନ୍ଦ୍ର-ପତି । ଏହାଙ୍କ ଗଳେ ବନମାଳ ଦିଅ ତୁ ବାଳ-ମୃଗାକ୍ଷି ହୋଇ ସୁଖୀ । କଳଙ୍ଗରେ । ତୋ କୁଚକୁମ୍ଭ ତୁଲେ । ସେ ଦେଶ କୁମ୍ଭୀ-କୁମ୍ଭ- କଳହକୁ ଅବମ୍ଭ କଲେ ହସିରୁ ଗେଲେ । ଲୀଳାବତି । ୨୪ । 'ବିଜେ ମହେନ୍ଦ୍ରବନ୍ଧୁ' ନାଗରୀକ ସମ୍ବନ୍ଧ ଏମନ୍ତ କହିଁ ତର । ବୃଥା ଅରଏ ବନେ

Digitized by srujanika@gmail.com

ପଳାନ୍ତି, ନିଜେ ନୃପେ ତାହା ଆନ୍ତି ଉଚାରି । ସେ ସମୟେ । ଶାଖୀରେ ଥିବା କୀରେ । ଶୁଣି ସେ କଥା ପ୍ରୀତେ ଉଚ୍ଚାରନ୍ତି ତୁରିତେ ପଳାନ୍ତି ତହୁଁ ତୂରି । ଅରାତିଏ । ୨୫ । ଏ ନୃପଭୟେ ଭୀତ ବିବସ୍ତ୍ର ଶତ୍ରୁଗୋଷ୍ଠ ବିପିନେ ସ୍ୱଯୁବତୀ । ଛାଡ଼ି ପଳାନ୍ତି ଯାଇ ବନଚର ଯୁବତୀ ଭେଟି ତାଙ୍କୁ ପୁଚ୍ଛନ୍ତି । 'ଅଗୋ ଶୁଣ । ଅଶ୍ଚର୍ଯ୍ୟ ତୁମ୍ଭଦେଶେ । କିସ ଅଛି' ଉତ୍ତରେ ଏ ଭାଷନ୍ତି "ସ୍ୱଦରେ ଶଶିକର ବିଶେଷେ । ସୁଶୀତଳ" । ୨୬ । ଉର୍ବୀ-ଜିତ୍ୱରୀ ! ଅରେ ଏ ନୃପୁଁ ବଳ କା'ରେ ସାର ନରହେ ହୃଦ । ଗୁଣଟଙ୍କାର ନାଦେ ଏହାଙ୍କ ଅରିବୃନ୍ଦେ ନିରତ ବଶମ୍ବଦ । ଶୁଭଗୁଣ । ବହୁତ ଅଛି ତୋର । ସେ ଗୁଣଗଣେ ଗଣିବଣା-ମାଣବ-ଏଣ-ଈକ୍ଷଣା ବନ୍ଧକର । ଏ ଭୂଭୃତେ । ୨୭ । ଏ ନୃପତି-ଅରାତି ଯେଣି ନାସି ସନ୍ତତି ଗିରିଗୁହାରେ ଥାନ୍ତି । ଯୋଷା ନିଶାରେ ସୁତେ ଯେଉଣି ବାହାରନ୍ତେ ବିଲୋକି ନିଶାପତି । ସନ୍ତତିଏ । ସ୍ୱକୀଡ଼ା-ହଂସ ଭ୍ରମ । ସ୍ୱେଦନ୍ତି କର ଅଳ ମାତା-ଲୋତକେ ହର-ବିମ୍ବରେ ଯାନ୍ତିଭ୍ରମ । ଅନୁପମା । ୨୮ । ଦିଗ୍ୱିଜୟେ ଏ ନୃପ କଲେ ଅବନ୍ତି-ଭୂପ-ସଭୋଗ୍ୟା ବସୁମତି । ସାଦ୍ଧି କ କର୍ମ ବହୁ ଏକା ପ୍ରକାଶୁଥାଇ ଏ ହେଜ ବୋଲପତି । ଅଭିମୁଖ ।-ସମରେ ରିପୁଭୂପେ । ପଡ଼ି ସୂର୍ଯ୍ୟମଣ୍ଡଳ ମଧ୍ୟଦେଇ ନିଜର ପଥ ଦେଖନ୍ତି ଅପେ । ଚଳାପାଙ୍ଗି । ୨୯ । ରଣେତ କେହି କେଣେ ନଥାଏ ରିପୁ ଜଣେ ପଳାନ୍ତି ସର୍ବେ ଡରେ । ଯେବେ କେ ଅତି-ଯୋଧୀ ଲେଉଟି ହୋଇ କ୍ରୋଧୀ ଭୂପତି-ସମ୍ମୁଖରେ । ବିମୁଖତା । ତା'ର ହୁଏ ତତ୍‌କ୍ଷଣେ । ଯେଣୁ ଭୂପତି-କାଟି ତା ଶିରକାଷ୍ଟ ଯାତି ଲୋଟାଏ ରଣାଙ୍ଗନେ । ରଙ୍ଗାଧର" ।୩୦। ମହେନ୍ଦ୍ର-ଦେଶ--ସ୍ୱଣ--ଅଗଣ୍ୟ--ଗୁଣ--ଗଣ ଶୁଣି ସୁଶ୍ରୋଣୀ-ବର । ହୋଇ ଅଶ୍ଚର୍ଯ୍ୟ ଅତି ମୁଖପଦ୍ମେ ଝଟତି ଖଞ୍ଜେ ଅଙ୍ଗୁଳି ନାଳ । ସେ ଚତୁରା । ଅଶଙ୍କେ ଭାଷେ ଏତେ । 'ନ କହ ହୁଅ ତୁନି ସବୁ ମୁଁ ବୁଝିଲିଣି ଶୁଣିବି ଆଉ କେତେ । ପ୍ରିୟସଖି' । ୩୧ । ନୃପକୁମାରୀ-ଠାରି ବାରି ବାଣୀ ଅଧରନୃପେ ଅପାଙ୍ଗ ଦେଲେ । ସେ ମହୀପତି-ଦେହ-ସୁଷମାରେ ଅଦେହ ଅଦେହ କି ହୋଇଲେ । ବିଚାରଦେ । ମହୀମଣ୍ଡଳେ କେହି । ତେଜୋବନ୍ତ-ପଣକୁ ତାଙ୍କ ତୁଲେ ପଣକୁ ଗଣା ହୋଇବେ ନାହିଁ । ବିଚାରଦେ । ୩୨ । ଭାଷନ୍ତି ବାଣୀ, "ଦୂତମୁଖେ ଏ ନରନାଥ ଯା ତୋତେ ଛନ୍ତି ମାଗି । ତା ତୁ କଲେ ତୋ ତହିଁ କ୍ଷତି କିସ ବା ହୋଇ ? ଏଥି ତୁ ଯାଅ ମଙ୍ଗି । ଚଳାପାଙ୍ଗି । ପ୍ରସନ୍ନଭାବ ବହି । ସୁରତେ ମାତି କାନ୍ତ-ନରେନ୍ଦ୍ର ତୋର କାନ୍ତ କର୍ଷିନ୍ତୁ ବହି ସ୍ନେହ । ସୁହାସିନି । ୩୩ । ଏ ନୃପ ଧରି ଶୃପ ବନ୍ଧିବା ବ୍ୟାଜେ ସ୍ୱେପ ଅରିଙ୍କି କହୁଥାନ୍ତି । 'ନମ୍ର ହୋଇବ ଯେବେ ପାଣେ ରଖିବ ତେବେ ଏ ଶୃପପର ନିତି । ରହିଷ୍ଟାଣ । ନ ଲଭିଁ ଶରବତ । ବହିଲେ ତା ପଶ୍ଚେ ନୋହିବ କାହିଁ ଅନ୍ୟେ ପଳାଇବ ଦିଗନ୍ତ । ସତ୍ୟସତ' ।୩୪। ସମରସମାଗତ-ବଇରିନାଗବ୍ରାତ—କସଙ୍ଗଂଖାମ୍ଭଣାଳ-

Digitized by srujanika@gmail.com

ମାଳ ଏ ଇଳାଧବ- । ଯଶମସ୍ଥଳ ଜବ ବହନ୍ତି ହୋଇ ନେଳ । ଲୀଳାବତି । ନୋହୁ
ତେତେବେଳେ ତୃପ୍ତ । ସେ ଅଗ୍ରତ-ଯୋଷିତ ନୟନ-ଖଞ୍ଜନଃସ୍ତ୍ରୁତ ଗାତରେ ହୁଅନ୍ତି ମଗ୍ନ ।
ତନୁତ୍ରୋଭ । ୩୫ । ସିନ୍ଦୁରସ୍ପର୍ଶାରୁଣ-କପୋଳ ଶ୍ୟାମଘନ-ସନ୍ନିଭ ଦନ୍ତାବଳ ।
ଅତକାସ୍ଥ-ବଶରେ ବ୍ୟାପି ନଭଦେଶରେ ରଣେ କରନ୍ତେ ଗୋଳ । ଏ ନୃପର ।
ଦେଖିକର ସେ ଛବ ; ସନ୍ଧ୍ୟାହେଲା ବଶୂର ବୁଝନ୍ତି ସର୍ବବୈରି-ଭୂଜ-ପ୍ରତାପରବ ।
ବିମ୍ବାଧର । ୩୬ । ଅଶ୍ରି ଏ ନୃପକର ଶୀର କଳ୍ପ ଯେ ଦୂର ଜଳର ଦେଶବାସ ।
ଏକ କେଶବଗ୍ଳତ ସେତ ନର୍ଜନ ଅତ ତହିଁ ଲୂତା ନିବାସ । ତାକୁ ଦେଖି । ବୋଲୁଥାନ୍ତି
କୌସ୍ତୁଭ । ଅରକ ପଦ୍ମକୋଳ ତହିଁତ ଲୂତାଜାଲସୂତା କେ ତହିଁ ଥିବ ? । ବସ୍-
ସ୍ୱେହା । ୩୭ । ଏ ନୃପ କାନ୍ତିସର ପବନ-ବୃହଭ୍ରର-ଗୁଣେ ସାଗରେ ଜଣେ । ନ
ଅବଗାହ ତହିଁ ଜିଲୋକେ କେହ ନାହିଁ କବ ମୂକ ବର୍ଣ୍ଣିନେ । ତା'ର କାନ୍ତି । ତା
ଗାରବନ୍ଦୁ ଇନ୍ଦୁ । ଜଳଦେବତାବତ କୈଳାସଗର୍ଭେ ଗୁପ୍ତ ଯା ତା କାନ୍ତି କେ ବନ୍ଦୁ ।
ବଧୂମୁଖି । ୩୮ । ଏ ନୃପକାନ୍ତି-ତୃପ୍ତ ଅତ୍ୟନ୍ତ କେହ ବ୍ୟକ୍ତ କରବ ନିଜଭାବ । ଶୁଣି
ନୋହବ ବୋଲି ନେତ୍ରେ ଆନନ୍ଦବାର ନ ବହେ; ଲୋମାଭାବ । ଯୋଗୁଁ ଅଙ୍ଗେ
ପୁଲକ ଅସମ୍ଭବ । ଧସ୍ର ପଡ଼ ଭାଙ୍ଗିବାଭୟେ ମସ୍ତକ ଅବା କାହ୍ନୁଁ ସେ କମ୍ପାଇବ ।
ବଧୂମୁଖି । ୩୯ । ତୋ କୁଚକୁମ୍ଭସ୍ପର୍ଦ୍ଧୀ ରଣେ ବିଚକ୍ଷଣ-ଯୋଧୀ ଅଇର-
କର-ତତ ।-ମୁକ୍ତେ ଏ ନୃପ କାନ୍ତ ଅମୂଳ ପୋତ ଦନ୍ତ ପ୍ରଚଣ୍ଡେ
ଦେଉଥାନ୍ତି । ଏଣୁ ଯେନ । ତେମନ୍ତ କରବାରେ । ତୋତେ ଅଛନ୍ତି ସେବ
ଭୁ ତାଙ୍କ ତହିଁ ଦ୍ରବ ନ ଯାଉ କ ବଗୁରେ । ଗୁରୁଶୀଳା" । ୪୦ । କାଞ୍ଚୀଶ-ଗୁଣ-
ଗଣ କର ଶ୍ରବଣ ଏଣନୟନା ଅଲ୍ପହସେ । ଓଷ୍ଠେ ତା ଗର୍ଜ୍ଜ ଛପି କଷ୍ଟେ ନୋହେ
ନିକ୍ଷେପ ନୃପହତାଂଶ ଶେଷେ । ବଗୃରକ । ଜେମା ହସିଲା ଏତେ । କହ ହୁଏ ଏହାଙ୍କ
କୀରତ ତ ତାହାଙ୍କ ଅବର୍ଣ୍ଣ୍ୟ ଜଗତେ । ନିରନ୍ତର । ୪୧ । ତଦନ୍ତେ ସ୍ୱୟମ୍ବର-
ସଭାର ଅଳଙ୍କାର କେ ବୀରଚୂଡ଼ାମଣି । ନରବର ଉପରେ ନେତ୍ରଗତ ଭଙ୍ଗେରେ
ଅଣନ୍ତୁ ପରମାଣି । ବାଗୀଶ୍ୱରୀ । ଗଣବର୍ଣ୍ଣା-ହରଣ- । ମାଣବକେ-ସଣୀକ ବୋଲନ୍ତି
"ଗୋ ଏଣିକ ଲକ୍ଷଣ ବକ୍ଷେପଣ ।" କର ବାରେ ।୪୨। ରେ ବଚକ୍ଷଣା ଦୂଃଖେ ଭୂପାଳେ
ପୋତ ମୁଖେ ମସ୍ତ ଅଛନ୍ତି ଗୁହିଁ । ଏଥି କା ପରେ ହେଲେ କରୁଣା ତୋର ତଳେ
ନୋହୁଛ କାହିଁପାଇଁ । ଗୃହିଁ ଏ ଯେ । ନେପାଳର ନୃପାଳ । ସଉନ୍ଦର୍ଯ୍ୟେ କନ୍ଦର୍ପ
ଯା ପାଶେ ତେଜେ ଦର୍ପ ତାଙ୍କୁ ତୋ ନେତ୍ର କୋଳ । କରୁ ବାରେ । ୪୩ । ରୁଚୁ
କାରବ ଶ୍ରୁତପାର-ଗାମିତା-ଅତବଷ୍ଟାସକାର ଗୁଣେ । ସୁପ୍ରସିଦ୍ଧ ଶାସ୍ତ୍ରକ ଏହାଙ୍କ
ଲକ୍ଷ ଲକ୍ଷ ଛାତ୍ର ତା ରସ୍ମୁ ଜାଣେ । ଏଣୀକ୍ଷିଣି । ଶବ କେତେ କପର୍ଦ୍ଦୀ । ଦେଖାଇ
ଭବ୍ୟସ୍ୱତ ଅବଶେଷେ ଅସ୍ୱତିପ୍ରାଣ କରଇ ଲୁଣ୍ଠି । ଠଣଶୋଭେ । ୪୪ । ସର୍ବଲୋକ-

Digitized by srujanika@gmail.com

ରଞ୍ଜକ-ବ୍ରତ ଏ ନରେଶଙ୍କ ନଷ୍ଟ ନୁହଇ କେବେ । ଅତିହିଁ ଅପରକ୍ତ ଶତ୍ରୁ ମଧ୍ୟ ରଞ୍ଜିତ ନୋହି ନ ରହେ ଲବେ । ଯୁଦ୍ଧ ପାଶେ । ଯେଣୁ ଏ ଶରଧାରେ । ଚର୍ମଦେହିଁ ସମରେ ଅତିରକ୍ତ ବେଭାରେ ଯାନ୍ତି ହୋଇ ସେ ଖରେ । କ୍ଷୀଣୋଦର । ୪୫ । ଏ ମହୀପତି-ତେଜ-ଅନଳେ ଯେବେ ସୂର୍ଯ୍ୟ ପଡ଼ବ ପୋଡ଼ିଯିବ । ହବ୍ୟବାହେ ପତଙ୍ଗ-ଦଶା ତା ହେବ ବେଗ ଚଣ୍ଡବର୍ତ୍ତି ନ ଥିବ । ବାଳାବର । ଏ ନୃପ-ଯଶରୂଲେ । ସମ ଦ୍ରବ୍ୟରଚନେ ବରିଷ୍ଠ ପାଣ୍ଡ ମନେ ରଚେ କ୍ଷୀର ସାଗରେ । କଣ୍ଠେ ସୃଷ୍ଟେ । ୪୬ । ପୌଲସ୍ତ୍ୟବାସ୍ତୁଦେଶ-ସୀମରେଖା-ସଦୃଶ ଦକ୍ଷିଣୋତ୍ତର ଗିରି । ପ୍ରାଚୀ-ପ୍ରତିଚୀ-ଦେଶଶୁଭ-ସ୍ତମ୍ଭସଦୃଶ ସନ୍ଧ୍ୟାପତକାଧାରୀ । ସ୍ୱକୁମାରି । ପୂର୍ବ-ପଶ୍ଚିମଗିରି । ଏ ଗୃହ ମହୀଧର-ମଧ୍ୟେ ଏ ମହୀଶର ମହିମା ଭ୍ରମେ ପୂରି । ନିରନ୍ତରେ । ୪୭ । ଯୁଦ୍ଧେ ବାଣ ବରଜ ଅଦ୍ଭୁଥିବା ଉରଜ ବଇରରାଜ ବ୍ରାତ । ଯୁଦ୍ଧେ ବାଣ ବରଜ ପବଣେ ଭସ୍ମ ଉଜ ଅଇରରାଜ ବ୍ରାତ । ବେନିପାନ୍ତି । ଏ ନୃପୁଁ ଏକ-ଦଶା । ଶରେ ପ୍ରଥମ ଶିର ସ୍ୱଭାବେ ଦ୍ୱିତୀୟର ଲଜରେ ଚୁମ୍ବେରସା । ସାରସାକ୍ଷି ।୪୮ ଦର୍ଶକେ ଏ ନୃପର ତୂଣୁଁ ଗ୍ରହଣ ଶର ଗୁଣରେ ଅରୋପଣ । ଶ୍ରୁତିସର କର୍ଷଣ ଗତି ଲକ୍ଷଭେଦନ ଅବନ-ପ୍ରବେଶନ । ମାର୍ଗଣର । ପାରନ୍ତି ନାହିଁ ବାରି । ଏକା ପତିତା-ସତି-ହୃଦୟ-ଛନ୍ଦ-ତତି ତା ସତ ଦଏଠାରୁ । ସ୍ୱକୁମାରି" । ୪୯ । ଭୂପତି-ସୁତା-ମତି ବାରି କେ ରସବନ୍ତ ଦାସୀ କହଇ ହସ । "କେତେ ମା ଏ ଭୂଧବ-ବିଭବ ଗାଉଥିବ ଅରକେ ଦଅ ଭାଷି । ଗୁଣଯାକ । ଏତେ ବଡ଼ ସଭାରେ । ନ ପାଇ ଟିକେ ସ୍ଥାନ ଗୁଞ୍ଜାଗୁଞ୍ଜି ହୋଇଣ ସଡ଼୍‌କ୍ରନ୍ତି ଦୁଃଖରେ । ଦିବାନିଶି" । ୫୦ । ନେପାଳ ନୃପାନ୍ତେ ଦାସୀ-ଭାଷଣେ ରାଗେ ବେଗେ-କହନ୍ତି ଜନ । "ଅଙ୍ଗ-ଗୋଷ୍ଠୀଏ ଦାସୀ କକସ ଗଲ୍ପ ଲସି ଏ ପୁଣି ତନ୍ତ୍ରିଁ ବନ । କ କ କହେ । ଏ ସଭ୍ୟ ଧନ୍ୟ ଧନ୍ୟ' । ଏହା ଶୁଣି ଅଧରେ ଅସଣ ତତପରେ କରନ୍ତି ସମାଧାନ । ନଜପକ୍ଷେ । ୫୧ । ତର୍ହିଁ ଅପର-ଧରଭୂତ-ପ୍ରତି ଶ୍ରୀକରାଙ୍ଗୁଳି-ସଙ୍କେତ କରି । ବିଲୋକ ଦମୟନ୍ତୀ-ବଦନକୁ ଭାଷନ୍ତି ଭାରତୀ ଧୀରକରୀ ସେ ନୃପତ ।-ଶ୍ରୀଅଙ୍ଗ-ଶୋଭିଠାଣି । ସୁରୂପସୀମା ପୁରୁ-ରବା ମଦନଠାରୁ ଯାଇଛ ଟିକେ ଜଣି । କୋଟିଗୁଣେ । ୫୨ । ଭାଷନ୍ତି ବାଗୀଶ୍ୱରୀ 'ରେ ସୁକୁମାରି ବାରି କ୍ରୀଡ଼ାକୁ ବ୍ୟାଜେ ହେଲେ । ତୋ ନେତ୍ର-ନୀଳୋତ୍ପଳ-ସଙ୍ଗ ସୁଗନ୍ଧଶୀଳ-ଅପାଙ୍ଗ-ନଭକୋଳେ । ଖେଳୁଥିବା । ସ୍ମିତ-କୌମୁଦୀ ତଳେ । ମାନ୍ଦକ ପଦ୍ମ ଭୃଙ୍ଗ ତୋ ପ୍ରତ୍ୟାଶାଯ୍ମୀ ବୋଲି ମାନନ୍ତି ମହୀପାଳେ । ବଳଶୋଭି । ୫୩ । ବୃଥା ଏ ନୃପୁଁ ଡରି ରଣୁ ପଳାଇ ଅରି ସ୍ୱପୁରେ ପ୍ରବେଶନ୍ତି । ଯେଣୁ ଜାଣନ୍ତି ନାହିଁ କୁପିଲେ ନରସାଇଁ ନାହିଁ ତାହାଙ୍କ ଗତ । ନିଜଗତେ । ଶୈଳଭୂ ଦୁର୍ଗା ହେଲେ । ଏ ମହୀଶ ସେଥୁଁ ସେ ତାଙ୍କ ଛାର ଭୂମିରେ ରକ୍ଷି ନ ପାରେ ତଳେ । ଲୀଳାବତି । ୫୪ । ନବ-

Digitized by srujanika@gmail.com

ନୀଳଦଣ୍ଡରେ ଉନ୍ନ ବୈଦୁର୍ଯ୍ୟବାରେ ଯା ଶୋଭା ପରକାଶ । ସେ ଦାନୀଗିରି-ଗଙ୍କ ଯାଚକ-ଚଉଁ ସଙ୍ଗ ଯା ଦାନେ ହେଲା ନାଶ । ଏ ସେ ନୃପ । ଧର ଏହାଙ୍କ କର । ବନ୍ଧୁର ନାମ ତା'ର ହର ଅଦୂରେ କର ତୋ କ୍ରୀଡ଼ା-ଧର୍ମ-ଧର । ଧୀମ୍ବର ।୫୫। ବନତ-ନରବର-ମୁଖ-ସାରସ-ପର-ସଞ୍ଚାର-ମଞ୍ଜନମା ।—ଅଳ୍ପାଳ । ଚମ୍ପରେ ଯା ପଦ୍ମର-ନଖରେ ଜାତ ଚନ୍ଦ୍ରଉପମା । ଯା'ର ଭୁଜା ଯୁଗ ଉରଗବତ । ଅରି-ନୃପ ଜୀବନ-ପବନା-ମୃତପାନଷ୍ଟୀତ ଏ ସେ ଭୂଭୃତ । ଭୁବୁଶୋଭ । ୫୬ । ଏ ନୃପକୀର୍ତ୍ତିପୂର କେଉଁଲୋକେ ବିସ୍ତାର ନ ଭଜେ କୃଶୋଦର ? । ସ୍ୱର୍ଗେ ଶିବଶିରର ଶଶିର ଅଧାହାର ପର ବହଇ ଶୀର । ପାତାଳରେ । ଶେଷାଶେଷଫଣାର । ଦେହ-ନବହବତ ମର୍ତ୍ତ୍ୟେ ତାପସଖ୍ୟାତ-କ୍ଷୀରଧି-ଦେହାନ୍ତର । ସମସର । ୫୭ । ଶତଧ୍ନି ଥିଲେ ଧର ଶତସଂଖ୍ୟା କି କର ପାରିବେ ଏହାଙ୍କର । ପରନ୍ତ ପଦ୍ମଲକ୍ଷ ପରଭେଦନ ଦକ୍ଷ ସହଜେ ପଦ୍ମକର । ଲକ୍ଷଭେଦେ । ନିପୁଣ ଏହନ୍ତି ଯେଣୁ । ଯୁଦ୍ଧେ ନ ହେଉ ବଳେ ଭଜନ୍ତି ରିପୁଗଣେ ପ୍ରମାଦଗଣି ତେଣୁ । ଅଣୁମଧ୍ୟା" । ୫୮ । କେମା-ଠାର-ଦର୍ଶୁର-ବଚକ୍ଷଣା ଦାସିର ଗିର ଏତେ ପ୍ରସରେ । "ଅଗୋ ମାତ ମୋ ଗିରେ ଅବଧାନକୁ ବାରେ ବତର ସ୍ଫୁଟଭରେ । ଥାଉ ଏବେ । ଏ ନୃପକୀର୍ତ୍ତି ବ୍ୟାଖ୍ୟା । ଅନ ନୃପନ୍ତମାନେ ସ୍ୱ ସ୍ୱ ଗୁଣ-କୀର୍ତ୍ତନେ କରନ୍ତୁ ତୋ ପ୍ରତୀକ୍ଷା । ଉଦ୍‌ବେଗରେ" । ୫୯ । ସେ ନୃପ-ପାରିଷଦେ କହନ୍ତି ମହାକୋପେ । "କେ ତୁ ଗୋ ଖଣ୍ଡାଗିନି । ଗୁଣ ବର୍ଣ୍ଣନେ ତ ସେ ନିଯୁକ୍ତା ଧରଣୀଶେ ତୂ କମ୍ପା କହୁ ବଳ । କି ସାହସେ" । ଏତେ କହି ସ୍ୱପତି-ବଦନେ ଗୃହ୍ଣେ ରୋଷ-କଷାୟ-କଟୂକ୍ତି ଦେଖି ଲଭନ୍ତି କ୍ଷାନ୍ତି । ସଭାସ୍ଥଳେ । ୬୦ । କୁଳଶୀଳେ ବାହୁଜ-ବର୍ଯ୍ୟନବହେ ଓଜବନ୍ତ କେ ମହୀପତି ।—ପ୍ରତି ଅଙ୍ଗ କଷିତ ଗୁଳ କୁଣ୍ଡଳ-ନାଥ-ସ୍ୱତାରେ ନେଇ ଢାଳ । ବାଗୀଶ୍ୱରୀ । ଅର୍ଥ-ଗୌରବେ ଗୁରୁ । ବଚନ ଭରଚନ କରନ୍ତି ଚପଳନ ହେଲେହେଁ ରସେ ଗୁରୁ । ସାଧୁଜନେ । ୬୧ । "ରେ ଚଣବଣା-ମାଣବକ-ମୃଗାଧି ପଣ କରନ୍ତୁ ଯେବେ ତୁହି । ସଭାମିଳିତ ଧର୍ମ-ମର୍ମମଣାହ୍ନ-ପର ନୃପ ଗୃହିଁବୁ ନାହିଁ । ତେବେ ବାରେ । ଯେନାକର ମୋ ଗିର । ଏ ମିଥିଳା-ମଘବା ଥରେ ତୋ ନେହେ ଅବା ପହୁଁ ତୁ ଗୃହେ ଚଳ । ରସଲତା । ୬୨ । 'ରେ ଓଷ୍ଠ କାହି କାହି ନ ବୋଲବାରୁ ତୁହି ଏ ଦଶା ସିନା ମୋର' । ଏତେ ଭଣି ଏ ଧର୍ମ-ମର୍ମ ବଣାନ୍ତ-ପର୍ବ-ସତଙ୍କ ଛନ୍ନ-ଶିର ।-ନକୁଳମ୍ବ । ସମରଭୂମେ ପଡ଼ି । ରୋଷେ ଓଷ୍ଠକୁ ଦଣ୍ଡ ଦେବାରେ ପରଚଣ୍ଡ ଦଶନେ ଥାନ୍ତି ଭଡ଼ । ଭୁବୁଶୋଭ । ୬୩ । ହୃଅନ୍ତ୍ୟେ ମହାରଣ ଗୁଣସହ ମାର୍ଗଣ ଯେନ ଦକ୍ଷିଣଭୁଜ । ଘୁଞ୍ଚଇ ଏକ ବାମ ହୋଇ ସମର-କ୍ଷମ ଅଟେ ବିସ୍ତାରେ ଓଜ । ତାହା ଗୃହିଁ । କାର୍ମୁକ-କର୍ମଗ୍ରାସୀ । ବାମକୁ ଛାଡ଼ି ଗୁଣ ଫଳକିଲ ପ୍ରାୟେଣ ନୃପର ଦକ୍ଷିଣଥାଇ । ଉଭଗତ । ୬୪ । ଏ ନରପତି-ଯଶ ପାବନ

Digitized by srujanika@gmail.com

ଶର୍ବରୀଶ-ପ୍ରତିଭୂପର ଦଣ୍ଡେ । ସର୍ବାଙ୍ଗ-ଧବଳିତ-କଇଳାସ-ପର୍ବତ-ଶୁଭ୍ରତା-ଗର୍ବ କଟେ । ଶଙ୍ଖପାଳ । ଯା ତେଜେ ଶୁଭ୍ରସତ । ଶରଦ-ନୀରଦର କ୍ଷୀରୋଦଉଦ୍ଧଙ୍କର ଏ ଅନୁବାଦ ବତ । ତନୁମଧ୍ୟା । ୬୫ । ଏ ମିଥିଳାଭୂପତି-ଅସିକ୍ଷତ-ଅରାତି-ଗଜ-ମସ୍ତକୁଁ ପାତ ।—ମୁକ୍ତାତତି ତୁରଗ-ଖୁରକ୍ଷୁଣ୍ଣ-ଭୂଭାଗ-ଗର୍ଭେ ହୋଇ ନିଖାତ । ଦରଶକେ । ମହିରେ ଶଲୁଥାନ୍ତି । ସତେ କି ଏ ନୃପତି ନିଜଭୁଜେ ସ୍ୱକୀର୍ତ୍ତି-ବୀଜକୁ ବୁଣୁଛନ୍ତି । କୁନ୍ଦଦନ୍ତି । ୬୭ । ଏ ନୃପ-ଦାନାପଣେ ନାହିଁ ଯାଚକ ଜଣେ ତେଣୁଟି ଫଳଭାରେ । ବନ? କଳ୍ପ-ତରୁ ରହିଇ କେହି ଗୁରୁଭାରେ ନୁଆଇଁ ଶିରେ । ପ୍ରାର୍ଥୀବର୍ଗେ ।-ତ୍ୟକତ ରହିରେ । ବହୁବୃଦ୍ଧିରେ ନତ ହୋଇ ହୋଇ ଅତି ଲୋକେ ନ ପାରେ ଚଳି । ଚଳାପାଙ୍ଗି" । ୬୮ । ଏ ନୃପତି ସ୍ତୁତିରେ ବାଧା କେଉଁ ପ୍ରକାରେ ବହିବୁଁ ବୋଲି ସଖି । ଠାବନ୍ତେ ସେ ଭୂଭୃତ-ସୁତା ଇଙ୍ଗିତ ଜ୍ଞାତ ହୋଇଣ ସ୍ମିତ-ମୁଖୀ । ଗାର୍ଯ୍ୟକରେ । କରୁ ବଦନଶଶି । ଦରଶକେ ସେ ନୃପେ ନେମାତ୍ର ଅଳପେ ନାହିଁ ବୋଲି ପ୍ରକାଶି । ସାଧୁଜନେ । ୬୮ । ତଦନ୍ତରେ ଭାରତୀ ନେଲେ ଅନ ନୃପତି-ବରେ ଠାବ ମଧୁରେ । ଭାଷନ୍ତି ସେ ବଚନ-ରଚନ ସବହ୍ନାନ-ସମ୍ଭବାମୃତଝରେ । ହରାଇଣ । ଭାରତୀମୁଖୁଁ ବନ୍ଧୁ । ବସୁନ୍ଧରା-ଈଶ୍ୱର-ସୁତା-ଶ୍ରୁତିକାସାର ଯୁଗ ଦେଲା ପୂରାଇ । ସାଧୁଜନେ । ୬୯ । "ଏହି ସେ-କାମରୂପ ଅଧୀଶ ଅଟେ ଅପଶଶ-ଶଶୀ-ବଦନା । କାହୁଁ ଏରୂପେ ବେଶି । ଏହାଙ୍କୁ ଯା ନ ହସି ଅନାଉଛୁ ନବୀନା । ତୋ ସମାନ । ରୂପେ ଗୁଣେ କେ ଅଛି । ବଶ୍ବରୁଛି ମୁଁ ତେଣୁ ଚତୁର୍ଥରେ ପରମାଣୁଦର ରୁ ତାକୁ ଗଛି । ସର୍ବଭାବେ । ୭୦ । ସମରେ ଏ ନୃପର ଅବିଶ୍ରାନ୍ତଧାର-ଶର-ସମ୍ବୃତ-କଳେବର । ଅରିବନିତା ପର-ପଚ୍ଛିଏ ଉଦବାର ହୁଅନ୍ତି ଅବପାର । ରୁରୁନେତ୍ରା । ନ ବସି ତରଣିରେ । ତରଣି ପୋତ ସୁରପୁରକୁ ନରନ୍ତର ଯାନ୍ତି ଚଳି ସଙ୍ଗରେ । ତାର ହାସି । ୭୧ । ଏ ମହୀପତି-ଭୁଜ-ବୀର୍ଯ୍ୟ-ବିଭବ-ତେଜ-ପ୍ରଚଣ୍ଡ-ମାର୍ତ୍ତଣ୍ଡେ । ଅରାତି-ନରପତି-ପୁରେ ପ୍ରକାଶେ ନିତି ଗ୍ରୀଷ୍ମମହତ୍ତ୍ୱ ଗ୍ରଚଣ୍ଡେ । ରିପୁନାରୀ-। ତାପସୀ-ନେତ୍ର-ନୀଳ-। ଉତ୍ପଳ ନଳଧାରେ ଜଳଛନ୍ଦ ବେଗରେ ବହଅନ୍ତି ସଦାକାଳ । ବାଳାବର ॥ ହଗଜଦ୍ୱେ ଏ ନୃପ ଯାଇ ଯୁଝେ, ଅମାପ ସମ୍ମୁଖ-ବାଜିବ୍ରଜ- । ଖୁର-ନିପାତ-ଜନ୍ୟ ରଜ-ରାଜି ଗଗନ ବ୍ୟାପେ ଛତଜଲିପ୍ତ । ରିପୁ-ଗାନ୍ଧ-। ବଂଶେ ଏ ନୃପଙ୍କର । ଭୁଜ-ପ୍ରତାପାନଳ-ଧୂମଶଙ୍କା କେବଳ ସେ ରଜ-ବ୍ରଜେ ଭ୍ରମ । ସମ୍ଭବଇ । ୭୩ । ଦେବେ କ୍ଷୀରବ୍ଧି ମନ୍ଥି ଦଧି କଲେନ୍ତେ ତଥି ଏ ନୃପ ଯଶକ୍ଷୀର । ପୂର୍ଣ୍ଣଲା ତହିଁ ତା'ର କୀର୍ତ୍ତି-କାବ୍ୟ ରୁଚିର-ସୁଧାସ୍ରୋତ ପ୍ରକାର । ଲୋକକଣ୍ଠି- । କୂପକୁ ପୂରାଇଲା । ଯେଣୁ ସେ ଘଟଯୁଗ କେ ବା ଏ ଯଶେ ଅଗ ଅଭ୍ୟାସେ ନଥିଲା । ନୀଳାବତି । ୭୪ । ରଣେ ପରଶମଣି-ନିଧନ-ବାର୍ତ୍ତାଶୁଣି ଯେ ରିପୁରମଣୀର । ନ ଫାଟି ଅଛି ଉର ନିଶ୍ଚୟ

Digitized by srujanika@gmail.com

ସେହି ଶିଳ ତହିଁ କର-ପ୍ରହାର । କଲାକାଳେ । ସେ ନାୟକ ନଗର- । ଝଙ୍କା-ରବାଟେ ଏହି ମସୃଣ-କାନ୍ତି ଲଭି ହୋଇ ସଜେ ରୁଚିର । ରୁରୁନେହା' । ୭୫ । ଏ ସମୟେ ନୃପତି-ସୁତାର ବାରମତ ବଡ଼ଯତ୍ନ-ଲାଗି ଦାସୀ । ଭାରତୀ ମୁଖ ଗ୍ରହିଁ ସବନୟେ ଭାଷଇ ଭାବ ପ୍ରକାଶି ହସି । "ଆଗୋ ମାୟେ । ହୁଅ ବଢ଼ସ୍ଥାଲାଗି । ବସ୍ତ୍ରକ୍ଷଣ-ଜାତ-ମୁଖଶ୍ରମ-ସମ୍ଭୂତ ଯାତନା ଯାଉ ଭାଙ୍ଗି । ଅବହେଳେ" । ୭୬ । ତହୁଁ ପ୍ରଥମେ କାମ-ଦେବର ଅନୁପମ ରୂପେ ଅପର-ନୃପେ । କରେ ଠାର ଭାରତୀ ସୁମଧୁରେ ଭାଷନ୍ତି ଦମୟନ୍ତୀ-ସମୀପେ । ଯା'ର ଛବ । କବରଚନ ଜଣେ । ନେଦେ ଶିଶ୍ୱହରଣ; ଅଷ୍ଟଯୈ୍ୟ ସଭାଜନ ଅନ୍ତୃପ୍ତ ବଲୋକନେ । ସାଧୁଜନେ । ୭୭ । "ରେ ସୌନ୍ଦର୍ଯ୍ୟ-ପୀୟୂଷ-ସରସୀ ନାରୀରତ୍ନ ଉତ୍କଳାଧୀଶ ଏହି । ତୋ ବଦନଦର୍ଶନ-କୌତୁକେ ଏ ରାଜନ ଦୃଷ୍ଟି ଉତ୍କଣ୍ଠ ହୋଇ । ଗୁଣଗଣେ । ସର୍ବ ଉତ୍କଳବାସୀ । ଏହାଙ୍କ ବଶୀଭୂତ; ତରଙ୍ଗାୟିତ ନେତ୍ର ଯାଉ ତୋ ତାଙ୍କୁ ସ୍ପର୍ଶି । ଶୁଭ୍ରକେଶି ।୭୮। ଅର୍ଥୀ-ପ୍ରାର୍ଥିତ ଦାନେ ଏ ନୃପ ଅନୁକ୍ଷଣେ ଜାଗରୁକ ଥିବାରୁ । ତେଣୁ ଯାଚକ-ତତି ମାନସେ ନ ପକାନ୍ତି ସୁରଭି କଳ୍ପତରୁ । ଅଳ୍ପହାସ । ଏଣୁ କଳ୍ପଦ୍ରୁମୂଳେ । ସୁରଭି ଢଏ କ୍ଷୀର ସେ ଏହା ବଦନର ପଲ୍ଲବ ଦେଇ ଥାରେ । ଦାନାପଣ । ୭୯ । ପସ୍ତୁର-ଜପତତ ଭୂପାଳେ ଏ ଭୂଭୃତ କରେ ତୋଳିବା କାଳେ । ତାଙ୍କ ଶିରମୁକୁଟ-ପଦ୍ମରାଗ-ପ୍ରକଟ-ଲୋହିତ-ଜ୍ୟୋତିଜାଳେ । ବାଳାବର । କର-ପଦ୍ମର ଗୁର । ଏ ନୃପଙ୍କର ନାଡ ଦେଖ କେମନ୍ତେ ଅତି ଲୌହିତ୍ୟ ଅଛି ଧର । ଧୀରବର । ୮୦ । ନବଡ଼ ବନେ ଦାବ ଦହନ କଲାଠାବ ସବତା କେଉଁ ଦନେ । ନୁହେ ସ୍ଥିର ଏ ନୃପଙ୍କର ଚଣ୍ଡପ୍ରତାପ ଯେଣୁ ତାହାଙ୍କୁ ହାସେ । ସୁମଧ୍ୟମା । ଏକା ବଡ଼ବାନଳେ । ଥିଙ୍କାର ମୁଁ ଦେଉଛି ଯେଣୁ ସେ ଅଛି ଲୁଚି ସ୍ୱୟମ୍ଭୁ-ଜଳଉକୋଳେ । ଲୋପାଙ୍ଗି ।୮୧। ଏ ନୃପ-ଜଗଦଳ ଯେବେ ହୋଇ ପ୍ରବଳ ଧାମନ୍ତି ରଣସ୍ଥଳେ । ତାଙ୍କ ଶତ୍ରୁ-ଶିବିର ହୁଏ କାଳ ତିମିର ଅବରତ ସେନାକୁଳେ । ଏ ଉତ୍ତରୁ । ନ ଜାଣିବେ ସେ କେହି । ତାଙ୍କ ବଧୂବଦନ-କମଳ ହୁଏ ମ୍ଳାନ ଦୁର୍ଦ୍ଦିନ ଥାଏ ହୋଇ । ସେମାନଙ୍କ । ୮୨ । ସର୍ବ-ସୁଗୁଣାଧାର ଅଟନ୍ତି ଏ ଭୂପାଳ ସମରେ ଯାଙ୍କ ଛବ । ଅତି ସୁପଟୁ ଅଟେ ଯେଉଁ ଅସ୍ତ୍ର ଅଣ୍ଟେ କସଇ ଅହଙ୍କାର । ନ ଲୁଅଇଁ । ସ୍କନ୍ଧ ନ ପ୍ରଣମଇଁ । ତା'ର ଏକା ସେ ସ୍କନ୍ଧ-ହୃଦସ୍ଥ-ଦେଶ ଭେଦ କରନ୍ତି ନର-ସାଇଁ । ସାରସାକ୍ଷି । ୮୩ । କୁମୁଦାଦ ଶୁକ୍ଳିମା-ଗୁଣେ ବଢ଼ ଗାରମା ପ୍ରକାଶୁଥାନ୍ତି ଲୋକେ । ଏ ନୃପ-ଭୁଜବୀର୍ଯ୍ୟ-ଜନିତ-ଐଶ୍ୱର୍ଯ୍ୟ-ଶୁଭ୍ରତା ତାଙ୍କ ଦେଖେ । ବଧୂଂ-ଷିଲ । ହସ୍ତେ କୁମୁଦ ଖଣ୍ଡେ । ହନିଦ୍ର, ନଷ୍କି ହାର ଲୂଚେ ଖୋଷାରେ ତୋର ଶଶି ପୀୟୂଷବର୍ତ୍ତେ । ଢନଛଳେ ।୮୪। ଏହାଙ୍କ ନେକସ୍ୱ ନନକ୍ଷମାନ କର ଦେହକୁ ସ୍ନାନ-

Digitized by srujanika@gmail.com

ଢାଳେ । ଜଳେ ଥାଏ; ଦିଗ୍ଗଜ-ଜନ୍ମଜାତ ଐଶ୍ୱର୍ଯ୍ୟ-ଯଶଛଳେ ଉର୍ମିରେ । ଷାଳନ୍ତିଏ । ଜଳପ୍ରତିବିମ୍ବନେ । ଦ୍ୱିଦନ୍ତ ଚତୁର୍ଦ୍ଦନ୍ତ ଯାଏ ହୋଇ ସାକ୍ଷାତ ଐରାବତ-ସମାନେ । ଦିଶୁଥାଇ” । ୮୫ । ଧର ମଧୁକମାଳା ସେ ପୀୟୂଷ-ପିତୁଳା ଜପୁତଥିଲା ନଳେ । ଏକାଗ୍ରଧ୍ୟାନବଶେ ନଳରୂପ ବିଶେଷ ଦିଶିଲା ତା’ର ଚୋଳେ । ସାଧୁଜନେ । ଏଣେ ଉତ୍କଳନାଥ-। କୀର୍ତ୍ତିସ୍ତୁତି-ଶ୍ରବଣ-ଅନ୍ତେ ତା ବିଶ୍ରବନ ପାଇ ମୁଦିଲା ନେତ୍ର- । ବତ ପ୍ରତେ । ୮୬ । ସନ୍ଧ୍ୟାଈଶ୍ୱରୀ ସରସ୍ୱତୀ ତହୁଁ ସତ୍ୱର ଗଭୀମଣ୍ଡନକାରୀ । ସୌନ୍ଦର୍ଯ୍ୟ ବୁଦ୍ଧଜ୍ୟୀ ନଚଧ ନବସାଇଁ—କୀର୍ତ୍ତିତଚ—ଗ୍ୟତ୍ନୁସୀ । ବର୍ଣ୍ଣିବାକୁ । ବଳାଇଣ ମାନସ । ପୂର୍ବପର ଅପୂର୍ବ-ଭାରତୀ-ସୀତ ସବ ପ୍ରକାଶନ୍ତୁ ରଭସ । ସାଧୁଜନେ । ୮୭ । “ତୋ ଅପାଙ୍ଗ-ଅଙ୍ଗନେ ପଟୁ ରଙ୍ଗ-ନର୍ତ୍ତିନେ ଯେଉଁ କଟାକ୍ଷ-ତତି । ତାକୁ ଚନ୍ଦ୍ର ମଗଧ-ଅଧିପତି ଉନ୍ନିଦ୍ର କାଟନ୍ତ ଦିବାରାତି । ସରୁମଧ୍ୟା । ରହୁ ତୋ ଦାତାପଣ । ସେ କଟାକ୍ଷରୁ କିଛି କର ବାରେ କହୁଛି ଏ ନୃପେ ବିତରଣ । ଅକାତରେ । ୮୮ । ଏ ନରଈଶ-ଯଶେ ନିରତ ଶଶିହଂସେ ହଂସନ୍ତୁ ଶତ୍ରୁମାନେ । ଦିଗ-ବିଦିଗ-ବ୍ୟାପି ଯଶ-ତେଜେ ଅଦ୍ୟାପି ତାମସ ଭସ୍ମମନେ । ନବବାଳା । କିଛି ଶଶାଙ୍କ-କୋଳେ । ରହିଛି ବାକଯାକ ଏ ଭୂପତି-ଶତ୍ରୁଙ୍କ ଅଛି ମୁଖମଣ୍ଡଳେ । ଗୃହୁଶୀଳା । ୮୯ । ଯାଚକଙ୍କ ଯାଚନ ଏ ନୃପ-ସନ୍ନିଧାନ ନୁହେ ନିଷ୍ଫଳ କେବେ । ତେଣୁ ଅଭ ଯାଚକେ କର୍ପା ସୁମେରୁ ଦାଖେ ପଥଶ୍ରମରେ ଯିବେ । ଏଣୁକର । ସେ ଗିରିବର-ଶିଖ । ବଢ଼ଇ ବେଳୁଁ ବେଳ ବନ୍ଧ୍ୟବୃଦ୍ଧି ମୁନିର ସେଥିବା ବୃଥା ଦେଖ । ଷୀଣକଟି । ୯୦ । ଏ ନୃପ ଭୁଜବୀର୍ଯ୍ୟ ଅର୍ଜିତ ଯଶପୁଞ୍ଜେ ମନ୍ଦାଦନ୍ତ୍ୟର ଦନ୍ତ । ନଗକ୍ଷେ, ତା ବର୍ଣ୍ଣିବେ ଅକ୍ଷର ମୋର ମନେ ନ ପ୍ରକଟେ ନିତାନ୍ତ । ଏବେଏତେ । କହୁଛି ହପୁଯଶେ । ଯେ ମେରୁ ରୌପ୍ୟଭୁତ ଏହାଙ୍କ ଭୁଜଜାତ-ବୀର୍ଯ୍ୟ-ବହ୍ନିତସ୍ମସେ । ସ୍ୱର୍ଣ୍ଣୀଭୁତ । ୯୧ । ଯେଉଁ ଦେଶକୁ ଏହି ନୃପତି ସୈନ୍ୟ ବାହି-ଥାନ୍ତି ସେ ହପୁକ୍ଷିତ । ଶିବର ଅଂଶବଶେ ରକ୍ତ-ବର୍ଣ୍ଣ-ଦୃଶ୍ୟେ ବହିଣ ସନ୍ଧ୍ୟାଭ୍ରାନ୍ତ । ସାନ୍ଧ୍ୟନୃତ୍ୟ । ଛିବର ନୋହିବାର । ଭବ ଦଗଦହନ-ଭସ୍ମେ ଅଙ୍ଗଲେପନ କରି ନାଚଇ ଖର । କମ୍ବିକର୍ମ୍ମ । ୯୨ ଚରଣୁ ମୁଖଚନ୍ଦ୍ର-ଯାଏ ଏ ମଗଧେନ୍ଦ୍ର-ନିର୍ମାଣେ ବିଧାତାର । ସକଳ ତେଜପାଦ ସର୍ବ-ପୃଥ୍ୱୀ-ଭାବ ନିର୍ମାଣେ ଯା ଅପର । ପାରସାଖି । ଶେଷ କେଶ-ନିର୍ମାଣେ ଅନ୍ୟ ନ ମିଳ-ବାରୁ ପଦାର୍ଥରେ ରମ୍ଭୋରୁ ବଳେ କି ତମୋଗଣେ । କେଶପଣେ ॥ ଏ ରାଜା ଦିଗଜଯ୍ୟ ଅବସ୍ଥେ ବାଜଚମୂ-ଚରଣୋଦ୍ଭୂତ ଧୂଳି ।—ପଟଳେ ଶତ୍ରୁକୁଳ-ନିର୍ଧୂମ-ବୀର୍ଯ୍ୟାନଳ ଲଭି ହୁଅଇ କାଳି । ସେ କାଳରେ । ଏ ନୃପ କୀର୍ତ୍ତି-ଶଶି । ରହୁରେ ବାଦ ଉଇଁ କରୁ ସେ ଧସଇ ହୁଏ; ତାହା ଜ୍ୟୋତିଷୀ । ଜାଣେ ଏକା । ୯୪ । ଭୁବନହସ୍ତୁ ନାରାୟଣ ଉଦରେ ଧରି, ଏହା କେ ନ ଜାଣଇଁ । ଏ ନୃପ-କୀର୍ତ୍ତି ଅତି ବିଶାଳ-ଭୁଙ୍ଗ-

Digitized by srujanika@gmail.com

ଦଳ୍ମୀ-ଦଳ୍ତ ଉପମା ବହି । ସେ ଉଦରେ । ରହି ନ ପାରିବାରୁ । ନାଭି ଭେଦି ଶୁକ୍ଳ-
ସରସିଜ-ମୃଣାଳ-ବ୍ୟାଜେ ବାହାରେ ଗ୍ରୀବୁ । ଚନ୍ଦ୍ରେ ଯେମନ । ୯୫ । ଅଙ୍ଗୁଳ-ଅଭି-
ଷଧ-ଲତାଙ୍କୁ ବଂଶବୈଦ୍ୟ-ବତ ଯେଉଁ ବଇସ । ଶିବେ ନ କରେ ତା'ର ଭସ୍ମ-କରଣେ
ଘୋର କୋଷ-ବନ୍ଦୁଁ ବାହାରି । ଏ ନୃପର । ଶାଣିତ କୃଷ୍ଣ ଅସି । ସିତେତର କୁଣ୍ଡଳୀ
ଭଳି କରି ମଣ୍ଡଳ ଖେଳେ ସମରେ ପଶି । ପୀନସ୍ତନା ।୯୬। ଯୁଦ୍ଧେ ଯେ ଅସ୍ତରେ
ସ୍ପୃଷ୍ଟ ହୋଇ ସ୍ୱାମିବିରେ ବନ୍ଧଇ କୃଷ୍ଣଲତା । ପୁଣି ନିଜ ସ୍ୱାମିରେ ଗର୍ଜେ କରକଣରେ
ଏମନ୍ତ ଧନୁଲତା । ଗୁଣଗ୍ରାସୀ ।—ପଣେ ଏ ନରମଣି । ତା'ର ଗୁଣ ଗ୍ରହଣ କରୁଁ
ଗୁଣିକଗଣ-ଶିର-ମୁକ୍ତମଣି । ରାମାମଣି । ୯୭ । ଏ ନୃପ ଶତ୍ରୁ ଶର ବେଦିଏ ପୂର-
ତର ଯାନ୍ତ୍ର ପଛେ ନ ଗୃହିଁ । କମ୍ପ ଏବା ସନ୍ଧାନ ନ ଥାଏ ଲବେ ତା'ର ବେଦିଏ
ମୁକ୍ତ ହୋଇ । ବେଦିଭୂବେ । ଅଶ୍ଚର୍ଯ୍ୟ ଏକା ଏତେ । ଶତ୍ରୁ ମିତ୍ରଙ୍କୁ ଭେଦି ଶର
ଶତ୍ରୁଙ୍କୁ ଛେଦି ଯାଏ ନ ଦଶେ ନେତ୍ରେ । ମୀନନେତ୍ରି । ୯୮ । ସୁଧାର୍ମିକ ନୃପତି ଧର୍ମେ
ଲୋକଙ୍କ ମତ ରଖିଛନ୍ତି ନିଶ୍ଚଳେ । ତାଙ୍କ ତୁରଗ ବ୍ରଜ ରୁନ୍ଧି ଖେଚରବ୍ରଜେ ଯବେ
ଜାତ ଅଚଳେ । ଖୁର ଶବ୍ଦେ । ଉର୍ବ୍ବାସିଙ୍କି ବଧିର । ସ୍ତବେ ମୂକ କୋବଦେ କରି ନ
ଛୁଇଁ ପଂଦ ଧସ୍ତ-ଧେନୁଙ୍କୁ ଖର । ଶୂନ୍ୟେ ଗମେ ।୯୯। ଯୁଦ୍ଧ ଦରଶୀ ନବେ ଥିଲେହେଁ
ବସୁଧାରେ ନ ଦେଖନ୍ତି ଯେ କିଛି । ସମର-ମଦମତ୍ତ-ତୁରଗ-ପଦୋତ୍ଥିତ ଧୂଳିରେ
ସଙ୍ଗ ଲୁଚି । ଥାଏ ଯେଣୁ । ଏ ନୃପ ଶରଚ୍ଛନ୍ନ ।—ଅରିକବନ୍ଧ ବୃନ୍ଦ-ନାଚବାର ପସନ୍ଦ
ଅନ୍ଧାରେ ହୁଏ ଲୀନ । ଲୀଳାବତୀ । ୧୦୦ । ବିକଶି-ନୀଳୋତ୍ପଳ-ଦଳ ସୌରଭ ମେଳ
ଜଳ ମସ୍ୱଳମାନେ । ସୁଶୋଭିତ କାସାର-ତୀରତ ଏ ନୃପର ପକ୍ଷୀ-ପକ୍ଷ-ଅଞ୍ଚଳେ ।
ତରଙ୍ଗିତ । ଅସଂଖ୍ୟ ଶାଖା ନବ ।—ପକ୍ଷବଭୂଷା ବୃକ୍ଷେ ଶାଖରୋଭେ ପ୍ରତ୍ୟକ୍ଷେ ପଥିକ
ଚିତ୍ତ ଯବ । ହରନ୍ତିଏ ॥ ସିନ୍ଧୁ ପ୍ରାୟ ଏ ସର ବିସ୍ତାର; ବୃକ୍ଷ-ନରବତ ସୁନ୍ଦର ଋଣେ ।
ବଯ୍ୟୋ-ବାହୁଲ୍ୟବଶେ ତରଙ୍ଗବଳ-ବଂଶେ ବାର୍ଦ୍ଧକ୍ୟ-ଶୁଭ୍ରହଂସେ । ସୁରୁଚିରୀ । ଜ୍ୟୋତ୍ସ୍ନା
ସମାନ ଜଳ । ସ୍ନାନକାଳେ ଧାର୍ମିକ ଲୋକ ନତମସ୍ତକ ହେବା କି ଚନ୍ଦ୍ର ଭଳି ।
ବାଳାବର ।୧୦୨। ଏ ମୁବା ନୃପ ସଙ୍ଗେ ସେ ସରୋବରରେ ରଙ୍ଗେ ବିହର ଚଳାପାଙ୍ଗି ।
ତୋ ନେତ୍ର ରମ୍ଭ ନୀଳୋତ୍ପଳ-ସାମ୍ୟ କେବଳ ଦେଉ ମୃଣାଳ ଭଙ୍ଗି । ତୋ ଶ୍ରୀଅଙ୍ଗ ।-
ଶୋଭି ଜଳଦେବୀଙ୍କ । ମଧ୍ୟରେ ଆଧିପତ୍ୟ କରୁ ତୋ ମୁଖ ଶତପତ୍ରଙ୍କ ନାଶୁ ଟେକ ।
ନିରୁପମା । ୧୦୩ । ଏ ନୃପକୀର୍ତ୍ତି-ବ୍ରାତ ତ୍ରିଲୋକ ବହ୍ଲାବିତ କରି କୃଷ୍ଣ-ପଦାର୍ଥ- ।
ଚୟ ଅତି ଭସାଇ କାହିଁ ଠାବ ନ ପାଇ ସେ ସଙ୍ଗ ଅତି ଭୀତ । ହୋଇକରି । ପ୍ରାଚୀନ-
ଜନ କିବେ । ଅଶିଛନ୍ତି; ଏ ନୃପ-ବାକ୍ୟେ ହେଲେ ଅଳପ ତାଙ୍କର ନାହିଁ ସ୍ତୁତି ।
ସ୍ଥାଣୁମୋହ" । ୧୦୪ । କେ ଇଙ୍ଗିତଜ୍ଞା ଦାସୀ ତହିଁ ଏମନ୍ତ ଭଣେ "ଯଦ୍ୟପି ଜନ-
ଗଣ । ଏ ନରବରଙ୍କର ଅକୀର୍ତ୍ତି ବର୍ଣ୍ଣିବାର ବିଷୟେ ନାହିଁ ମନ । ତଥାପି ମୁଁ । ବର୍ଣ୍ଣିବି-

Digitized by srujanika@gmail.com

କଣ୍ଠତଳେ । ଏ ସଭାଲୋଭାନବବରଙ୍କ କର୍ଣ୍ଣପୁର-ତମାଳଦଳା-କାରେ । ଏ ସଂସଦେ ।୧୦୫। ବନ୍ଧ୍ୟା-ମୂକ-କ୍ରମରେ ଅଶ୍ରି ଅଷ୍ଟମସ୍ୱରେ କୁର୍ନ୍ନି ଷୀଗ୍‌ବ୍ୟ ଶାରେ । ପଶ୍ଚିଶ୍ୱିକଳନ୍ଧଅନ୍ଧରେ ଦୃଶ୍ୟମାନ ଅନ୍ଧାର ପରକାରେ । ଅପକାନ୍ତି । ଏ ମଣ୍ଡପତ-ଙ୍କର । ନବତେ ଶୋଭୁଛନ୍ତି ଅଙ୍ଗୁଳି ଦେଇ ଶ୍ରୁତି ଶୁଣନ୍ତୁ ସଙ୍ଗନର । ଏ ସଭାରେ ॥” ଏମନ୍ତେ ଦାସୀବାକ୍ୟେ ସଭାରେ ସଙ୍ଗେକେ ବସ୍ତ୍ରେ ମଧ୍ୟେ ହସ । ଭଙ୍ଗ-ବଙ୍ଗେ ନରେଶ-ନନ୍ଦନୀ ଏ ସୁରସ-ସମ୍ଭୋଗେ ଅଳ୍ପ ରସ । ଏ ସୁଯୋଗେ । ମଗଧଭଣ୍ଡା ଅପେୟ । ହାସ ଅଛି କି ନାହିଁ ବୋଲି ଚନ୍ଦ୍ରମାମୁଖୀ ମାନ ଗୃହିଲି ଲେଶେ । ସାଧୁଜନେ । ୧୦୭ । ବାଳାବର-ନୟନ-କଣୀନକାଏ ଅନନର-ଦର୍ଶନ-ପାପେ । ପଙ୍କିଳ ହୋଇ ଦଳ କଙ୍କ୍ୟଳ ଭଳି କଳାବର୍ଣ୍ଣି ବହନ୍ତି ଅପେ । ସାଧୁଜନେ । ଏକା ଅପାଙ୍ଗ-ଦ୍ୱୟୀ । ନଳେ ହୋଇ ମଳିତା ଅପଣାର ସୁଚତା ରକ୍ତତା ପ୍ରକାଶଇ । ସାଧୁଜନେ ॥ ତନ୍ୱୀ ଅନଙ୍ଗ ନଳ-ଅଙ୍ଗ କର ସମ୍ଭଳ ସେ-କର ଚଣ୍ଡ-ଚାଣ୍ଡ ।-ଅକୁଷ୍ଟ-ଧନୁ ଧର ଶ୍ରୁତି-ପ୍ରାନ୍ତ-ସଞ୍ଚାର ତାଙ୍କ ନୟନ-ବାଣ । ଯହିଁ ସନ୍ଧି । ହୋଇଲା ଧନୁର୍ଦ୍ଧର । ଲୋକ-ଲକ୍ଷା ବାଳାକୁ ଲକ୍ଷ ରଖି ବକ୍ଷକୁ ଠୁକିଲା ବାରମ୍ବାର । ଗଦ୍ଗଦରେ । ୧୦୯ । ଚହ୍ଲାଲେ ବାଳୀ ଗାଢ ଶ୍ରେମାଙ୍କେ ପଦ୍ମ-ଚକ୍ର ଶୋଭେ ସେ ମୁଗ୍‌ଧା ହୋଇ । ସୁନ୍ଦରପଣେ ସଙ୍ଗ-ମୋହନୀ-ଗର୍ବ ଖର୍ବ କଲା ଚନ୍ଦ୍ରମାମୁଖୀ । କାଉଁସ୍ୱର ।— କେତକୀବତ ଢଣେ । ତା-ପର ହର-ବୈର ଭାବ ନଳେ ଅଦରବାର ଭାବ ପ୍ରକାଶେ । ୧୧୦ । ସେ ଜେମା ସତ୍ୟ-ନଳଠାରେ ମତ ନିଶ୍ଚଳ ହେଉ ସୁଖ ସାଗର ।— ତଳେ ନମନ୍ତି ଯାଇ ସେ ଦେଶ-ଭୂଷା ହୋଇ ରସାତଳ କନ୍ୟାର ।— ଭ୍ରାନ୍ତି ନିଜ ।— ଠାରେ ସେ ଲୋକ-ଙ୍କର । କରାଇ; ପୁରତର ବସିଥିବା ଚତୁର ନଳେ ଦୃଷ୍ଟି ସଞ୍ଚାର । ନ କରଇ ।୧୧୧। ନେହ-ସମ୍ପତ୍ତି ନୂତନାକୁ ନଜ ନେହକୁ ନଳ ବଧାଇ ଦେଇ । ଦେବଦୁର୍ଲଭ ତା'ର ପ୍ରାନ୍ତ-ଦୃଷ୍ଟି ନିଜର କରାତଥି କରାଇ । ତଦନ୍ତରେ । ପୀୟୁଷଧାରା-ସର ।— ବାଳ-କଟାକ୍ଷ-କାମଶାସ୍ତ୍ରକେ ଲଭି ଝୀମ ଅଜ ନ ପାର ବାଧ । ଅନଦୃଷ୍ଟେ । ୧୧୨ । ଶାର-ମାମଣ୍ଡିଦେବୀ କ୍ରମରେ କର ଲଭ ଯା'ଙ୍କୁ ଜଗତେ ଧନ୍ୟ । କବିରାଜ-ରାଜରେ ମୁକୁଟ-ଅଳଙ୍କାର-ସ୍ଥରେ ଯେ ଅଗ୍ରଗଣ୍ୟ । ସାଧୁଜନେ । ସେ ମାତୃଭକ୍ତ ହର୍ଷ ।— ପଦ ଧୂର ଚରଣେ ଗୋପୀନାଥ ଗୀତରେ ଭଣଇ ହୋଇ ହର୍ଷ । ସାଧୁଜନେ । ୧୧୩ ।

ତ୍ରୟୋଦଶ ଛାନ୍ଦ ।

ରାଗ—ମାଳଶ୍ରୀ ।

ଶୁଣ ନୃପ ଏଥୁଅନ୍ତେ ସୁଜନ,   ଭୃଙ୍ଗାଳିଙ୍କ ପରିମଳ ପବନ;
ଯଥା ନନ୍ଦନେ ତେଜି ବୃକ୍ଷାନ୍ତରେ   କଳ୍ପଦ୍ରୁ-ପାଶେ ପ୍ରବେଶାଏ ଖରେ
ତେମନ୍ତେ ବାହକେ ସେ ମହାସଭାରେ ବରଜି ଆନ-ରାଜନେ ।
ନେଲେ ଶିବିକା ପଞ୍ଚନଳ-ସନ୍ନିଧାନେ । ୧ ।

ଜଣ-ଦର୍ପଣେ ତ୍ରିଭୁବନ ବାର୍ତ୍ତା । ଯା'ର ସେ ସରସ୍ୱତୀ ବର୍ଣ୍ଣମାତା । ନଳନୃପଧାତ୍ରୀ ଇନ୍ଦ୍ରେ ପୁରତେ । ଦେଖି ବଖାଣନ୍ତି ବଚନ-ମତେ । ଯେ ଭାଷାରେ ଶଚୀପତି ଏହି ବୋଲି ପ୍ରକାଶ ନୋହି ନ ରହେ । ପୁଣି ବାସବ-କପଟ ଚିହ୍ନା ନ ଯାଏ ।୨। ଭାଷନ୍ତି ବାଣୀ, [୩]ଶୋ ବରବର୍ଣ୍ଣିନି । ଏହାଙ୍କ ଯଶ କେ ପାରେ ବଖାଣି । ଦ୍ୱିଷଦ୍ବଳ-ବିଜୟିର-ପୌରୁଷ ।-ସମ୍ଭୂତ ଖ୍ୟାତି ଏହାଙ୍କ ବିଶେଷ । ପୃତନା ଏହାଙ୍କ ନାଗାନନଦାନବାରି-ବାସରେ ପୂରିତ । ରଣେ ଅସ୍ତ ଅସୁ(ଶୂ)ରେ ହୋନ୍ତି ନିପାତ ।୩। ଶୁଭ୍ରାଂଶୁହାର-ଗଣେ ଇନ୍ଦ୍ରରୂପେ ।-ମଣ୍ଡିତ ପୟୋଧରେ ଅନଳପେ । ସବିତାକୁ ବିତାନିତ କରାଇ । ଚମର-ବାହିନୀ ସଙ୍ଗେ ଚଳଇ । ସର୍ବ ବା ସମରେ ଏହାଙ୍କ ବିଗ୍ରହ ବହୁଭୂଷା-ବିଭୂଷିତା । ସତେ ଅମରବାହିନୀ ଏ ସାରକଥା । ୪ । ଅରେ ପୁଙ୍ଖପ୍ରଚଉଟପ୍ତନ । ରଣେ ଏ ଭୂଭୃତେ ଅଛନ୍ତି ଜିଣି । ନାହିଁ ଅପାୟ କାହିଁ ଏହାଙ୍କର । ଅଘବନ୍ତ ଏ ଏମନ୍ତ ନ

---

[୩]ୟପଦ :—ଇନ୍ଦ୍ରପକ୍ଷ=ଦ୍ୱିଷଦ୍ ଶତ୍ରୁ; ବଳ=ଅସୁରବିଶେଷ; ବିଜୟିର=ଜୟଶୀଳ; ପୃତନା=ସେନା; ନାଗାନନ=ଗଣେଶ; ଦାନବାରି=ବିଷ୍ଣୁ; ଅସୁର=ରାକ୍ଷସ; ବାସେ=ଅବସ୍ଥାନ ।

ନଳପକ୍ଷେ :—ଦ୍ୱିଷଦ୍-ଶତ୍ରୁ; ବଳ-ସାମର୍ଥ୍ୟ; ବିଜୟିର-ଜୟୀ; ପୃତନା-ସେନା, ନାଗାନନ ଦାନବାରିବାସେ-ହସ୍ତୀମୁଖର ମଦଜଳସୁବାସରେ ।

୪ର୍ଥ ପଦ :—ଇନ୍ଦ୍ରପକ୍ଷେ :-ଶୁଭ୍ରାଂଶୁ-ଚନ୍ଦ୍ର, ହାରଗଣ-ହର (ଶିବ) ସମ୍ବନ୍ଧୀୟଗଣ, ପୟୋଧର-ମେଘ, ଅମରବାହିନୀ ସୁରସେନା ।

ନଳପକ୍ଷେ :—ଶୁଭ୍ରବର୍ଣ୍ଣହାର ସମୂହରେ ମଣ୍ଡିତ ପୟୋଧର (ସ୍ତନ) ଇନ୍ଦ୍ରଧନୁ-ଦ୍ୱାରା ଚହିତ ହେଲାପରି ଦିଶେ । ସ୍ତନର ଉନ୍ନତତା ଯୋଗେ ସୂର୍ଯ୍ୟ ଅଚ୍ଛାଦିତ ହୁଅନ୍ତି । ଏ ସତେ ଅମରବାହିନୀ-ଏ ସତେ ସୁରସେନା କି ? ।

୫ମ ପଦ :—ଇନ୍ଦ୍ରପକ୍ଷେ :-ଭୂଭୃତେ-ପର୍ବତେ, ଅପାୟ-କ୍ଷୟ, ଅଘବନ୍ତ-ପାପୀ, ବାସ୍ତନେହବନ୍ତୁ-ବନ୍ଧୁନେହଶାଙ୍କିତା, ମଘାରେ ଏ ମଘବା (ଇନ୍ଦ୍ର) ବସିଛନ୍ତି ।

ନଳପକ୍ଷେ :—ଭୂଭୃତେ--ରାଜାମାନଙ୍କୁ, ଅପାୟ-ପରାଜୟ, ଅଘବନ୍ତ-

Digitized by srujanika@gmail.com

ସ୍ୱର୍ଗ । ବାସ୍ତୁ-ନେତୃତ୍ୱ ଏହାଙ୍କ ଅଦଭୁତ ତା ପାରୁରୁ ଜାଣି ତୁହି । ଯେଣ ମାନସେ ମଧ୍ୟରେ ମଘବା ଏହି । ୫ । ବଳାଦ୍ଧ ସମୃଦ୍ଧ ରାଜ୍ୟ ସମ୍ଭୋଗେ । ପିଶୁନ ଲେଖା ନିବଦ୍ଧ ସର୍ବଗେ । ଅଛନ୍ତି ଏହାଙ୍କ କର ପଦ୍ମରେ । ରେ ନତମ୍ଭିନ ଯେଣ ଗିର ବାରେ । କର ବରଣ, ଏ ବରେ ହରି ତୁଲେ ଶଚୀ ପରାଯ୍ୟେ ବିହର । କର ବରିହ ବ୍ୟଥାକୁ ପଦପ୍ରହାର' । ୬ । ଭ୍ରମିତର ଏ ବଚନ ବଚନ । ନଳ ଅଖଣ୍ଡଳ ଦ୍ୱୟେ ସମାନ । ଲାଗୁଛି ଭାବଣ ବିଭ୍ରବ୍ୟ-କାନ୍ତ । ଦମୟନ୍ତୀ କରେ ମାନସେ ଭ୍ରାନ୍ତ । ବେଳଏ ସମାନ ଅଟନ୍ତି ପ୍ରଭେଦ ନାହିଁ କାଠାରେ କଳ୍ପିତ । ତେଣୁ ଭ୍ରାନ୍ତ ନ ନାଶେ ତା ଶ୍ରୁତି ବା ନେଇ । ୭ । ନଳ ଏ ଅବା ଅବା ଅଖଣ୍ଡଳ । ଏମନ୍ତ ସନ୍ଦେହ ଜାତ ହେଉର । ହେବାର ମସ୍ତପତ୍ତ-ସନ୍ତତର । ତ୍ରିଲୋକ ଭାରତୀ ସଦାଗତର । -ସଖୀକୁ ଦେଖାଇ ଅଖଣ୍ଡିତସ୍ତଧାମସୁଖ-ମୁଖୀଙ୍କ ଗୃହିଁ । ପୁଣି ପୂର୍ବପର ଗିର-ହାର ଭଞ୍ଜଇ । ୮ । "ଦେଖ ଗୋ ଏ ସଦା ପ୍ରତାପାଶ୍ରୟ । କି ନ ଅର୍ଜିଛନ୍ତି ଏ ଧନଞ୍ଜୟ । ଉଦ୍ଧତମନ୍ତ୍ର-ପଣରେ ସମାନ । ନାହିଁ ଏହାଙ୍କ କେ ତ୍ରିଭୁବନ । ଅତି ଶୁଚିମନ୍ତ୍ର ଏହାଙ୍କୁ ବଳ କା ନାହିଁଟି କ୍ଷତ୍ରବୁଝ । ବର ଏହାଙ୍କୁ; ଲଭ ଗୋ ହେମ ଅମାପ । ୯ । ଏ ମହାବାହୁଙ୍କ ହେତି ପ୍ରଭବ ।-ପ୍ରଭବେ କବଳୀକୃତ ପାର୍ଥିବ ।-ନିବହଙ୍କର ବିଭୂତି-ସନ୍ତତି । ତା

ପାପୀ, ବସ୍ତୁନେତୃତ୍ୱ-ବସ୍ତୁଲୋକର ନେତା (ନାୟକ) ପଣ କରିବାର, ମଧ୍ୟରେ ଏ ମଘବା (ଇନ୍ଦ୍ର) ପରି ।

୬ଷ୍ଠ ପଦ :—ଇନ୍ଦ୍ରପକ୍ଷେ :-ବଳାଦ୍ଧଦୈତ୍ୟଙ୍କର ସମୃଦ୍ଧରାଜ୍ୟ ସମ୍ଭୋଗଦ୍ୱାରା ପିଶୁନ (ଈର୍ଷାନ୍ୱିତ) ଲେଖା (ଦେବତା) ଏହାଙ୍କ କର ପଦ୍ମର ଧରି ଶରଣ ପଶନ୍ତି, ହରି (ଇନ୍ଦ୍ର) ସହିତ ଶଚୀ ପରି ବିହାର କର ।

ନଳପକ୍ଷ :—ବଳାଦ୍ଧପକ୍ଷୀଙ୍କ ଯୁକ୍ତ ସମୃଦ୍ଧ ରାଜ୍ୟ ସମ୍ଭୋଗପାଇଁ ପିଶୁନ (ଚିହ୍ନ) ଯେ ଲେଖା (ରେଖା) ତଦ୍ଦ୍ୱାରା ଏହାଙ୍କ ସର୍ବଗେ କରପଦ୍ମରେ (ସବିକ୍ରମ କରଚରଣରେ ଆଶ୍ରୟ ନେଇଛନ୍ତି, ହରି (ଇନ୍ଦ୍ର) ସହିତ ଶଚୀପରି ତୁ ବର ସହିତ ବିହାର କର ।

୯ମ ପଦ :—ଅଗ୍ନି ପକ୍ଷେ—ପ୍ରତାପାଶ୍ରୟ=ତେଜର ଆଧାର । ଧନଞ୍ଜୟ=ଅଗ୍ନି । ଉଦ୍ଧତମନ୍ତ୍ର=ଊର୍ଦ୍ଧ୍ୱଗତିଶୀଳ । ଶୁଚିମନ୍ତ୍ର=ଶିଖାଶାଳୀ । ଅଗ୍ନି—ସ୍ୱର୍ଣ୍ଣାଧି-ସ୍ୱାମୀ ଦେବତା ।

ନଳପକ୍ଷ :—ପ୍ରତାପାଶ୍ରୟ=ପ୍ରତାପଶାଳୀ । ଧନଞ୍ଜୟ=ଯେ ବହୁଧନ ଜୟ କରିଅଛି । ଉଦ୍ଧତମନ୍ତ୍ର=ଉଦ୍ୟୋଗୀ । ଶୁଚିମନ୍ତ୍ର=ଶୁଦ୍ଧାତ୍ମା ।

୧୦ମ ପଦ— ଅଗ୍ନି ପକ୍ଷ :—ହେତିପ୍ରଭବ-ପ୍ରଭବେ କବଳୀକୃତ ପାର୍ଥିବ ନିବହଙ୍କର ବିଭୂତିସନ୍ତତି=ତେଜସମୂହ ପ୍ରଭାବରେ ଦଗ୍ଧୀଭୂତ ପୃଥିବୀ-ସମ୍ବନ୍ଧୀୟ ଦ୍ରବ୍ୟ ମାନଙ୍କର ପାଂଶୁସମୂହ ।

Digitized by srujanika@gmail.com

ଭାଗ୍ୟ କେ ବର୍ଣ୍ଣିପାରେ ସୁଦନ୍ତ । ଦୃଷ୍ଟଏ ହରଷେ ଶଙ୍କରେ ସନ୍ତତେ ତାହା ହୋଇ-ଥାନ୍ତି ବୋଲ । ପୁଣି ଅଙ୍ଗରାଗ ତାକୁ କରନ୍ତି ଶୂଳୀ ।୧୦। ଅଗୋ ସୁଲକ୍ଷଣି ବାରେ ଭୁ ଦେଖ । ଏହନ୍ତି ବିବୁଧ-ମଣ୍ଡଳମୁଖ । ଯମୁଁ ମହେନ୍ଦ୍ରରୁ ମଧ୍ୟସ୍ଥ ଏହ । ସମଦର୍ଶୀପଣେ ସମ କେ ନାହିଁ । ବହନ୍ତି ଏ ଅବିରତରେ ନଖାଗ୍ର ସଦାରୁଣକର ଶିଖା । ହୁଅ ସୁଖୀ ସୁକୁମାର ଏହାଙ୍କୁ ବରି ।୧୧। ସମିତି ମଧ୍ୟରେ ଏ ବିଜୟୀ ଯେବେ । ରିପୁ ହୋଇ-ଥାନ୍ତି ତୃଣ ସ୍ୱଭାବେ । ଅଳ୍ପମେଧାରେ ଏ ନୁହନ୍ତି ବଶ । କାଷ୍ଠାବଳି ବଳେ କରନ୍ତି ବଶ । ଉଠିବେ ଯେବେ ଏ ପ୍ରଜ୍ୱଳି ନିଜର ତେଜସ୍ୱୀପଣ ପ୍ରକାଶି । ତେବେ ଏହାଙ୍କ କେ କି ହୁଅଇ ବିନାଶି" ।୧୨। ଭାରତୀଦେବୀଙ୍କ ଉକ୍ତି ଶୁଣୁ ସେ । ନଳ ଅନଳେ ହେଲେ ଏକାପରି । ଏମନ୍ତ ଶୁଣି ସେ ବରବର୍ଣ୍ଣିନୀ । କେ ନଳ ସୁର କେ ନ ପାରେ ଜାଣି । ଥରେ ବିସ୍ମରଇ ହୃଦୟେ ସୁଦତୀ ହୋଇବେ ଏ ପରା ନଳ । ପୁଣି ତର୍କଇ 'ନୁହନ୍ତି ଏତ ଅନଳ ?' ।୧୩। ଭୟ-ଆଶ୍ଚର୍ଯ୍ୟ-ସନ୍ଦେହ-ସନ୍ଦୋହ । କରେ ନୃପ-ସୁତା-ଚିତ୍ତ ଅଥୟ । ଜଗତଜନନୀ ଦେଖି ଏ ରୀତି । ରକ୍ଷୀ-ଭକ୍ତଙ୍କେ ବରଜ ଝଟିତେ । ଯା'ର କରେ ସବେ ସାରସ ବିକଶେ ତା'ର କୁମରେ ଦେଖାଇ । ମୃଦୁ ମଧୁରେ ଭାଷନ୍ତି, "ଶୁଣ ସୁମୁହିଁ" ।୧୪। "ଦେଖ ଗୋ ନିରୁପମା ତୋ

ନଳପକ୍ଷ:—ହେତି-ପ୍ରଭବ-ପ୍ରଭବେ କବଳୀକୃତ ପାର୍ଥିବ ନିବହଙ୍କର ବିଭୂତି ସନ୍ତତି=ଶସ୍ତ୍ର ସମ୍ଭୂତ ପ୍ରଭାବରେ ଅଧୀକୃତ ନୃପମାନଙ୍କର ସମ୍ପତ୍ତିସମୂହ । ଶିବ ସେବା ଓ ବୃତ୍ତିଙ୍କୁ ଦାନରେ ବ୍ୟସ୍ତ ହୁଏ ।

୧୧ଶ ପଦ:—ଅଗ୍ନି ପକ୍ଷ—ବିବୁଧମଣ୍ଡଳ ମୁଖ=ଅଗ୍ନି ଦେବତାମାନଙ୍କ ମୁଖ । ଯମ ଓ ଇନ୍ଦ୍ରଙ୍କ ଦିଗଦ୍ୱୟର ମଧ୍ୟ ଦିଗସ୍ଥାୟୀ । ସଦାରୁଣ-କର-ଶୀର=ଅତି କଠୋର ତେଜର ଶୋଭା ।

ନଳପକ୍ଷ:—ବିବୁଧମୁଖମଣ୍ଡଳ=ପଣ୍ଡିତମଣ୍ଡଳ ଶ୍ରେଷ୍ଠ । ମଧ୍ୟସ୍ଥପଣେ ଯମ ଓ ଇନ୍ଦ୍ରଙ୍କ ଠାରୁ ନିରପେକ୍ଷ । ସଦାରୁଣକରଶୀର=ସଦା ରକ୍ତବର୍ଣ୍ଣ କରତଳ ଶୋଭା ।

୧୨ଶ ପଦ:—ଅଗ୍ନିପକ୍ଷ:—ସମିତି ମଧ୍ୟରେ=କାଷ୍ଠ ମଧ୍ୟରେ । ତୃଣ ଗୁଡିକ-ସ୍ୱଭାବରେ ଶତ୍ରୁ ହୋଇଥାନ୍ତି । ଅଳ୍ପମେଧାରେ=ଅଜ୍ଞାନୀଜନରେ । କାଷ୍ଠା-ବଳି=କାଷ୍ଠସମୂହ । କେ=ଜଳରେ ।

ନଳପକ୍ଷ:—ସମିତି ମଧ୍ୟରେ=ଯୁଦ୍ଧରେ । ଶତ୍ରୁମାନେ ସ୍ୱଭାବରେ ତୃଣପରି ହୋଇ ଥାନ୍ତି । ଅଳ୍ପମେଧାରେ=ନିର୍ବୋଧରେ । କାଷ୍ଠାବଳି=ଦିଗ ସମୂହ । କେ=କେଉଁଲୋକେ ।

Digitized by srujanika@gmail.com

ପୁରତେ । ଏ ଦଣ୍ଡଧର ବିଖ୍ୟାତ ଜଗତେ । ରହିବାରୁ ଦଣ୍ଡ ଏହାଙ୍କ କରେ । ଜଗତ ନ ଯାଏ ମଜ୍ଜି ପାପରେ । ସୁରବୈଦ୍ୟ ମଦଗର୍ବ-ବିନାଶକ ଏହାଙ୍କର ରୁକ ପାଶେ । କେ ଅମର ରହିଇ ଜୀବାର ମାନସେ । ୧୫ । ମିତ୍ର-ପ୍ରିୟୋପଜନନ ନିମିତ୍ତ । ସଂଜ୍ଞା; ଏହାଙ୍କ ଛାୟା ନୁହେ ସତ । କେଉଁଠାରେ ଦେଖା; ବିଶ୍ୱ ସଂସାରେ । ଏ କାହା ସୁହୃଦ ନୁହନ୍ତି ବେଭାରେ । ଏ ଯମ-ନିୟମେ ନିଶ୍ଚଳ ହୋଇଣ ନିତ୍ୟେ ଥିବେ ତପ ସାଧି । କାହିଁ ନୋହିଲେ ଲଭନ୍ତେ ଏତେ ପ୍ରସିଦ୍ଧି । ୧୬ । ଅମ୍ବରମଣି ରମଣୀୟ-ମୂର୍ତ୍ତି । ଯା'ର ପ୍ରଭାବେ ସର୍ବରାଜ-ଦ୍ୟୁତି । ଲଭଇ ସ୍ତିମିତ ଦଶାକୁ ଯବ । ସେ ଦେବ ଏହାଙ୍କ ପିତା ରୁ ଭବ । କାହା ପ୍ରତି ଶକ୍ତି ଏହାଙ୍କ ନୁହଇ ସର୍ବଦା ଉତ୍କ୍ରାନ୍ତିଦାୟୀ ।

୧୫ଶ ପଦ:—ଦଣ୍ଡଧର-ରାଜା ଓ ଯମ । ସୁରବୈଦ୍ୟ ମଦଗର୍ବ ବିନାଶକ ଏହାଙ୍କର ରୁକପାଶେ=ଅଶ୍ୱିନୀକୁମାରଙ୍କର ସୌନ୍ଦର୍ଯ୍ୟ ଗର୍ବବିନାଶକ ଏହାଙ୍କ କାନ୍ତି ପାଶରେ; ଅଶ୍ୱିନୀକୁମାରଙ୍କର ବୈଦ୍ୟକ ବିଦ୍ୟା ଜନିତ-ଗର୍ବ ବିନାଶକ ଏହାଙ୍କ ପ୍ରେରିତ ରୋଗ ପାଶରେ । ଅମର-ଦେବତା, ନ ମରି ରହିବା ॥

୧୬ଶ ପଦ:—ଯମ-ମିତ୍ର (ସୂର୍ଯ୍ୟ) ପ୍ରିୟା ସଂଜ୍ଞା ଏହାଙ୍କ ଉପଜନନର (ଜନ୍ମର) ନିମିତ୍ତ (କାରଣ), ଛାୟା ଏହାଙ୍କ ଜନନର କାରଣ ବୋଲି କୌଣସି ଶାସ୍ତ୍ରରେ ଦେଖାଯାଏ ନାହିଁ । ବିଶ୍ୱ ସଂସାରେ ଏ କାହା ଅସୁହୃଦ (ପ୍ରାଣ-ହାରକ) ନୁହନ୍ତି ? ଏ ଯମ ନିୟମରେ ନିଶ୍ଚଳ ହୋଇ ତପ କରିବାରୁ ଏତେବଡ଼ ପଦ ପାଇଥିବେ ।

ନଳ:—ଏହାଙ୍କ ସଂଜ୍ଞା (ନାମ ଧରିଲେ) ମିତ୍ର ଓ ପ୍ରିୟୋଲ୍ଲାଭ ନିମିତ୍ତ (ହେତୁ) ଏହାଙ୍କ ଛାୟା ଶୋଭାର ଅଂଶ କେଉଁଠାରେ ଦେଖାଯାଏ ନାହିଁ, ଏ ଅତି ସୁନ୍ଦର, ଏ କାହା ସୁହୃଦ (ମିତ୍ର) ନୁହନ୍ତି; ସାଧୁତାରେ ସମସ୍ତଙ୍କ ମିତ୍ର । ଯମ ନିୟମ (ଇନ୍ଦ୍ରିୟ ନିଗ୍ରହ ଓ ନିୟମ ଧରି) ତପ କରି ଥିବାରୁ ଏପରି ପଦ ପାଇଛନ୍ତି ।

୧୭ଶ ପଦ:—ରମଣୀୟ ମୂର୍ତ୍ତି (ସୁନ୍ଦର) ଅମ୍ବରମଣି (ସୂର୍ଯ୍ୟ) ଯା ପ୍ରଭାବରେ ସର୍ବ-ଯମ-ରାଜଦ୍ୟୁତି (ସମସ୍ତ ଚନ୍ଦ୍ର, କିରଣ) ସ୍ତିମିତ ହୁଏ । ସେ ସୂର୍ଯ୍ୟ ଏହାଙ୍କ ପିତା । ଉତ୍କ୍ରାନ୍ତିଦାୟୀ-ପ୍ରାଣ ସଂହାରୀ । ଗଦା କ୍ଷେପଣ-ରୋଗ ପ୍ରେରଣରୁ । ପାପବଶରୁ କ୍ଲିଷ୍ଟଙ୍କୁ—କଳାବର୍ଣ୍ଣି ବହିଛନ୍ତି ।

ନଳ:—ହେ ଅମ୍ବ (ମାତ) ରମଣୀ ରମଣୀୟ ମୂର୍ତ୍ତି (କାମିନୀ ମୋହନ ରୂପ) ଯା ପ୍ରଭାବରେ ସର୍ବରାଜ ଶକ୍ତି ସ୍ତିମିତ । ସେ ଦେବ (ରାଜା ବୀରସେନ) ଏହାଙ୍କ ପିତା, ଉତ୍କ୍ରାନ୍ତିଦାୟୀ-ମୂଳୋଚ୍ଛେଦକା, ଗଦା ନିକ୍ଷେପ ପଟୁତାରୁ କ୍ଲିଷ୍ଟଙ୍କ ପରି ପ୍ରସିଦ୍ଧ ।

Digitized by srujanika@gmail.com

ପଟେ ଗଦା ଷେପୁଁ ଛନ୍ତି କୃଷ୍ଣଙ୍କୁ ବହି । ୧୭ । ପରେତସଙ୍କଟେ ଏହାଙ୍କ ଏକା ।
ପ୍ରବଳ ପ୍ରତାପ ଦିଶଇ ଦେଖ । ଜୀବାତେଶ ବୁଦ୍ଧି ଏ ମହାତ୍ମାରେ । କର କରଭୋରୁ
ଅଗ୍ରେ ସମରେ । ଅଧିକାଂଶ ଭୂତ ବଶ୍ୟ ଏହାଙ୍କର ଏହା ବା କେ ନ ଜାଣଇଁ ।
ଦେଖ ଦସ୍ର-ସହୋଦର ସାକ୍ଷାତ ଏହି ।୧୮। ବହୁତ-ନଳ-ଦରଶନ-ଯୋଗେ । ସନ୍ଦେହ
ନୃପଜା ହୃଦୟେ ଅଟେ । ଜନ୍ମିଥିଲା ତ ଏବେ ଏ ଭାରତୀ । ଶମନ-ନୈଷଧେ ସମାନ
ରୀତି । ବହୁବାର ଦେଖି ସେ ସନ୍ଦେହ ଏବେ ଦେଲା ମଣ୍ଡି ତାର ମନ । କଲା କେବଳ
ମାତ୍ର ସେ ପିଷ୍ଟ ପେଷଣ ।୧୯। ଏତେ କହିଲେହେଁ ସେ ଛନ୍ଦୁନଲେ । ନୃପଜା ସଂଶୟ
ନ ଛୁଟେ ତଳେ । ସଗର ଅବା ଦରଗତାହାର । ଥିବା ନ ଥିବାର ନୁହେ ଗୋଚର ।
ଦେଖି ଏ ସ୍ଥିତ ସରତପତପତ ପ୍ରତି ଭାରତୀ ଶ୍ରୀକର । ତାର ଜେମାକୁ ଭାଷନ୍ତି ମଧୁର
ଗିର ।୨୦। ଛନ୍ତି ପୁରତେ ଯେ ବରବର୍ଣ୍ଣିନୀ । ଏହାଙ୍କ ସେନା କେ ପାରିବ ବର୍ଣ୍ଣି । ଯାଦୋ-
ରଣ ଅତହିଁ ଭୟଙ୍କର । ବହୁବଦାରକ ଯା'ର ଶରୀର । ଭୂରିତରବାରନିଧିପୂତନାର
ପରବୋଧ ନ ଦିଶଇ । ବାର କେ ତାର ଜୀବନ୍ତ ପାରିବ କହି । ୨୧ । ଉଦ୍ଗତପଦ୍ମ-
କାନନେ ସୁଷମ । ବିବିଧରତ୍ନଯାତେ ମନୋରମ । ଦାନବାରି ଶୋଭିତ ସମକର ।

୧୮ଶ ପଦ:—ଯମ, ପରେତସଙ୍କଟେ-ପ୍ରେତ ସମୂହରେ । ଜୀବାତେଶ-ଯମ । ମୁକ୍ତ-ଛଡ଼ା ବାକି ଜୀବ ଏହାଙ୍କ ବଶ । ଏ ଦସ୍ରସହୋଦର (ଅଶ୍ୱିନୀକୁମାରଙ୍କ ଭାଇ) ।

ନଳ:—ପରେତସଙ୍କଟେ-ଆପଣାପକ୍ଷ ଲୋକଙ୍କ ପାଇଁ ଯୁଦ୍ଧରେ । ଜୀବାତେଶ-ପତି । ସାର୍ବଭୌମତ୍ୱ ଯୋଗୁଁ ଅଧିକାଂଶ ଲୋକ ଏହାଙ୍କ ଅଧୀନ । ସୌନ୍ଦର୍ଯ୍ୟରେ ଏ ଅଶ୍ୱିନୀକୁମାରଙ୍କ ସହୋଦର ପରି ।

୨୧ଶ ପଦ:—ବରୁଣପକ୍ଷ — ଯାଦୋରଣ — ଜଳ ଜନ୍ତୁମାନଙ୍କ ଯୁଦ୍ଧ, ବହୁ ବଦାରକ ଯାର ଶରୀର-ଯା ଦେହରେ ବହୁତ କୂପ ଅଛି । ଭୂରିତର ବାରିନିଧି-ଅତି ବିଶାଳ ସମୁଦ୍ର । ପୃତନା-ସେନା । ପରବୋଧ-ପରପାର ।

ନଳପକ୍ଷ:—ଯାଦୋରଣ-ଯା'ର ବାହୁଯୁଦ୍ଧ । ବହୁ ବିଦାରକ ଯାର ଶରୀର—ଯାର ଶରୀର ବହୁଲୋକଙ୍କୁ ବିଦାରଣ କରେ । ଭୂରିତରବାରିନିଧି—ବହୁତ ଖଡ୍ଗର ଆଧାରସ୍ଥଳ । ପରବୋଧ-ଶତ୍ରୁଦ୍ୱାରା ଅବରୋଧ ।

୨୨ଶ ପଦ:—ବରୁଣପକ୍ଷ—ଦାନବାରିଶୋଭିତ-ଅନନ୍ତଶାୟୀ ଶ୍ରୀହରିଙ୍କ ଦ୍ୱାରା ଶୋଭିତ । ସମକର-ମକର ସହିତ । ନାସୀରଦେଶ-ତୀରଭାଗ ।

ନଳପକ୍ଷ:—ଉଦ୍ଗତପଦ୍ମକାନନେ—ଫୁଟିଥିବା ଶୁକ୍ଳ ଛତ୍ରଦ୍ୱାରା ସୁନ୍ଦର ମୂଳରେ । ବିବିଧରତ୍ନଯାତେ ମନୋରମ-ଆଭରଣରେ ବହୁରତ୍ନ ଥିବାରୁ

Digitized by srujanika@gmail.com

କୁମ୍ଭୀରବରେ ଅତି ଭୟଙ୍କର । ଘନଧ୍ୱନରେ ନାସିରଦେଶ ଯା'ର ନିରତ ମୁଖର ଅଟେ । କେବା କହିବ ବିସ୍ତାର ତା'ର ବିଭୂତି ।୧୨। ଶତ ଶତ ଲକ୍ଷ ଲକ୍ଷ ସ୍ୟନ୍ଦନେ । ଅସଂଖ୍ୟ ଅଗଣିତ ପ୍ରବହଣେ । ଏ ବାହିନୀକ ପ୍ରତିକୂଳ-ପାତ ।—ବିଧାନ ବିଷୟ ଅତି କଷ୍ଟତ । ଅତିକରକଣା ଅସୀମାସିକତା ଏହା ତହିଁ ଅଛି ପୂରି । କାହିଁ କହିପାରିବ ମୁଁ ପ୍ରାଞ୍ଜଳ କରି । ୧୩ । ଏ ମହାଭାଗଙ୍କ ପଦପ୍ରଣୟୀ । ଶୋଣିତ ନିରନ୍ତର ଅଛି ହୋଇ । ସରସ୍ୱତୀ ବୋଲି ଯା ନାମ ଖ୍ୟାତ । ଏହାଙ୍କ ସେବାରେ ସେ ସଦା ରତ । କମଳାଶୟ-ମାନଙ୍କେ ଯାଙ୍କ-ସେବା-ବିଘ୍ନେ ନାହିଁଟି ଗତି । ବରି ଏ ଭୁବନାଧିନାଥଙ୍କୁ ସୁଦତି" । ୧୪ । ଏକାଧିକ ନଳଙ୍କୁ ଅବଲମ୍ବି । ବାଳା-ଶଙ୍କାଲତା ଥିଲି ପଲ୍ଲବି । ନଳସଲ୍ଲକ୍ଷଣରେ ଅଭେଦକା । ବାଣୀଙ୍କ ଏପରି ଚତୁରଷ୍ଟି ଏକା । ସେ ଶଙ୍କାଲତାକୁ ନ ଛିଣ୍ଡାଇ ପଛେ ଦେଲା ତାହାକୁ ବଢ଼ାଇ । ଏ କି ଅଳପ ବିଚିତ୍ର ହୋଇଲା ତହିଁ ।୧୫। ବହିଥିଲେହେଁ ଛଦ୍ମନଳ ବେଶ । ଅତି ଚତୁର ଚତୁର ନିଦେଶ । ବାଳୀକି ଛଳ ନ ପାରିବା ଦେଖି । ହୋଇଣ ବାଗୀଶ୍ୱରୀ ଚିତ୍ତେ ସୁଖୀ । ଭୂପାଳକୁଳ-କଳାକର ନଳଙ୍କୁ ଭୃଷଣ୍ଡ ଅଙ୍ଗୁଳିଠାରି । ଭୁଜେ ଶୋହୁଥିଲେ ଯା ଦରବେଣିପରି ।୧୬। "ଅତ୍ୟାଜି ଲବ୍ଧ-ବିଜୟ-ପ୍ରସବ । ମଘା-ମହେନ୍ଦ୍ର ଯା ରୁଚି-ବିଭବ । ଅନଳପ, ତା'ର ତହିଁ ତୋହର । ଅଜଣା ଭ୍ରବତ ନୋହେ ଗୋଚର । ପ୍ରତ୍ୟର୍ଥୀ-ଦାନବ-ଶତାହତ

ଯୁଦ୍ଧର । ଦାନବାର ଶୋଭିତ-ମଦଜଳ ଶୋଭିତ । ସମକର-ଦେହ ଅନୁପାତରେ ସମଦୀର୍ଘଶୁଣ୍ଡଶାଳୀ । କୁମ୍ଭୀ-ରବରେ—ହସ୍ତୀ ଗର୍ଜ୍ଜନରେ । ନାସୀର ଦେଶ—ସେନା ପ୍ରାନ୍ତଭାଗ ।

୧୩ଶ ପଦ :—ବରୁଣପକ୍ଷ :—ସ୍ୟନ୍ଦନ-ପ୍ରସ୍ରବଣ । ପ୍ରବହଣ-ନଦୀ । ପ୍ରତି କୂଳ-ପାତ-ପ୍ରତି ତୀରପାତ । ଅତିକରକଣା-ଅତିକଠିନା । ଅସୀମାସିକତା—ଅସୀମ ବାଲୁକା ।

ନଳପକ୍ଷ :—ସ୍ୟନ୍ଦନ-ରଥ । ପ୍ରବହଣ-କ୍ଷୁଦ୍ରରଥ । ପ୍ରତିକୂଳପାତ-ଶତ୍ରୁନିପାତ । ଅତିକରକଣ-ଅତି ନିଷ୍ଠୁର । ଅସୀମାସିକତା-ଅକଳିତ ଅସିଯୁଦ୍ଧ ପଟୁତା ।

୧୪ଶ ପଦ :—ବରୁଣପକ୍ଷ :—ଶୋଣ-ନଦ ବିଶେଷ । ସରସ୍ୱତୀ-ନଦୀ ବିଶେଷ । କମଳାଶୟ-ଜଳାଶୟ । ଭୁବନାଧିନାଥ-ଜଳାଧି ନାଥ ।

ନଳପକ୍ଷ :—ଶୋଣ-ରକ୍ତବର୍ଣ୍ଣ । ସରସ୍ୱତୀ-ବିଦ୍ୟାଦେବୀ । କମଳାଶୟ-ସମ୍ପତ୍ତି (ଲକ୍ଷ୍ମୀ) ଲାଭକାମୀ, ଭୁବନାଧିନାଥ-ଭୁବନଅଧିପତି ରାଜା ନଳ ।

୧୬ଶ ପଦ :—ଇନ୍ଦ୍ରପକ୍ଷ :—ଅତ୍ୟାଜି-ଅତିଶୟ ଯୁଦ୍ଧ ଯାହାର, ଇନ୍ଦ୍ର । ଲବ୍ଧ-ବିଜୟ ପ୍ରସବ-ଯେ ଅର୍ଜୁନଙ୍କୁ ପୁତ୍ରକରି ପାଇଛନ୍ତି ଇନ୍ଦ୍ର । ମଘା-ମହୋ-ତ୍ସବଯୁକ୍ତ । ମହେନ୍ଦ୍ର-ଇନ୍ଦ୍ର । ରୁଚି-ଶୋଭା । ତାର ତହିଁ ତୋର

Digitized by srujanika@gmail.com

ଚେଷ୍ଟାଯୋଗେ ଜୀମୂତବାହନ ।—ଭ୍ରମ ଏହାଙ୍କଠାରେ କା ନୁହଇ ଘେନ । ୧୭ ।
ପ୍ରାପ୍ତସୁରେଶାଧ୍ୱ-ରାଜ୍ୟାଭିଷେକ ।—ଯୋଗେ ଯା ବଳଣେ ନେକ ଅଧିକ । ନାମଧର
ସ୍ପଷ୍ଟ କହେ ବଚନ । ଏ ମହାତେଜାନଳ, ଅନମନ । ହେବାର ଏଥି ତୋ ଉଚିତ
ହୋଇଲା ସୁଚରେ କର ବରଣ । ବାଳା ହେଳାକରୁ କେତେ ଗିରେ ମୋହର ।୧୮।
ଚଣ୍ଡିମାରଣ-ବିଧି-ବ୍ୟସନୀ ଏ । ଜଗତେ ଧର୍ମରାଜଖ୍ୟାତି ଶୋହେ । ସ୍ୱଭବେ ଦାକ୍ଷିଣ୍ୟ
ସ୍ଥିତି ଯାଙ୍କର । ଏହୁ ମହାତେଜା ନଳ ବରଣ । ହେ ଗଜଗମନା ସହଜ ସ୍ନେହରେ

ଅଜଣାଭାବତ ନୁହେ ଗୋଚର-ସେ ଇନ୍ଦ୍ରଠାରେ ତୁ ନ ଜାଣିଲା ପରି ସତ କାହିଁକି କରୁଛୁ ମୁଁ ଜାଣି ପାରୁନାହିଁ । ପ୍ରତ୍ୟର୍ଥୀ (ଶତ୍ରୁ) ଦାନବଗଣର (ଅସଂଖ୍ୟ ଅସୁରଙ୍କର) ଅଦ୍ଭୁତ ଚେଷ୍ଟାଯୋଗେ (ଅଦ୍ଭୁତ କାର୍ଯ୍ୟ କରିବା ଯୋଗେ) ଜୀମୂତବାହନ-ଇନ୍ଦ୍ର ।

ନଳପକ୍ଷ :—ଅତ୍ୟାଜଲବ୍ଧ-ବିଜୟ-ପ୍ରଭବ-ଅତି ଯୁଦ୍ଧରେ ଯେ ବିଜୟପ୍ରସବ (କୀର୍ତ୍ତି) ଲଭିଅଛି, ନଳ । ନୃସୋମହେନ୍ଦ୍ର-ପୃଥ୍ୱୀରେ ଇନ୍ଦ୍ରପରି । ରୁଚି—ଶୋଭା । ତାର ତହିଁ ତୋର ଅଜଣା ଭାବ ନୋହେ ଗୋଚର—ହେ ନଳ-ଠାରେ ପୁଣି ତୋହର ଅଚାହା ସତ ? ତୁ କଣ ଚାହିଁ ପାରୁନାହୁଁ ? । ପ୍ରତ୍ୟର୍ଥୀ (ଯାଚକ) ମାନଙ୍କଠାରେ, ଦାନବଶତା (ଦାନକାରିତା) ବିଷୟରେ ଅଦ୍ଭୁତ ଚେଷ୍ଟା (କୃତଯତ୍ନ) ଯୋଗେ । ଜୀମୂତବାହନ—ଅତି ଦାତା ଗନ୍ଧର୍ବରାଜ ।

୧୮ ଶ ପଦ :—ଅଗ୍ନି ପକ୍ଷ-ପ୍ରାପ୍ତସୁରେଶାଧ୍ୱ-ରାଜ୍ୟାଭିଷେକ ଯୋଗେ-ଯେଉଁ ଅଧ୍ୱରକୁ (ଯାଗକୁ) ସୁରେଶ (ଇନ୍ଦ୍ରାଦି) ପ୍ରାପ୍ତ (ଆଗତ) ସେହି ଯାଗରେ ଆଜ୍ୟାଭିଷେକ ଯୋଗେ (ଘୃତ ନିଷେକ ଯୋଗେ) । ମହାତେଜାନଳ-ମହାତେଜା ଅନଳ (ସତ୍ତ୍ୱ) । ଅନ ମନ (ଅନ୍ୟମନସ୍କ) ।

ନଳପକ୍ଷ :—ପ୍ରାପ୍ତସୁରେଶାଧ୍ୱ-ରାଜ୍ୟାଭିଷେକ ଯୋଗେ-ପ୍ରାପ୍ତ ହୋଇଅଛି ଇନ୍ଦ୍ରର ଶାସନ ପନ୍ଥାକୁ ଯେ ରାଜ୍ୟ ତହିଁରେ ଅଭିଷେକ ଯୋଗେ । ମହା ତେଜା-ନଳ-ମହାବଳ ନଳରାଜା । ଅନମନ-ଅବନତ ।

୧୯ଶ ପଦ :—ଯମପକ୍ଷ—ଚଣ୍ଡି-ହେ କୋପନେ ! ମାରଣବିଧି-ବ୍ୟସନୀ-ଜୀବନାଶ ବିଳାସୀ । ଧର୍ମରାଜ-ଯମ । ଦାକ୍ଷିଣ୍ୟସ୍ଥିତି-ଦକ୍ଷିଣଦିଗେ ସ୍ଥାନ । ମହାତେଜା ନଳ-ମହାତେଜା ଅନଳ (ନଳାନ୍ତରକ୍ତ ଅନ୍ୟପୁରୁଷ) । ସହଜ ସ୍ନେହରେ ବରିବୁ କି ତୁ ଏହାକୁ ? ବାଧହୋଇ ସ୍ନେହରେ ବରିବୁ କି ? ନା, ବରଣ ନକର ।

Digitized by srujanika@gmail.com

ବରିବୁ ତୁ କି ଏହାଙ୍କୁ ? । ଗୁଡ ଜାଣୁମଣି ଯା ତୋ ଅଛେ ମନକୁ । ୨୯ । ତୋ ପାଣି ପୀଡ଼ନ ବଧି ବଷସ୍ୱେ । ଅନପାଶ ଏତ ଜଣା ଅଶ୍ୱସ୍ୱେ । ତାଙ୍କ ଶନ୍ତ୍ରୋକ୍ତ ରୁ କଳପ-ଲତା । ଦେଖୁକରେ ନବବର-ବନତା । ଭୁବନ ସକଳ ସ୍ଥାନେ ବଚର ଏ କେଉଁ-ଲୋକେ ନ ରଖନ୍ତି । ଯାଙ୍କଠାରେ ତୋ ବସ୍ୱଗ ହେଲା ଯୁକତ" ? ।୩୦। ଗୃରପଦରୁ ଅଦେୟ ଅଖଣ୍ଡଳ । ଦ୍ୱିତୀୟସ୍ୱେ ଅନଳ ତୃତୀୟସ୍ୱେ କାଳ । ଚତୁର୍ଥେ ଜଳାଧୀଶ ସହିତରେ । ନଳ ସମାନଭାବେ ଅଭ୍ରିଲେ । ଏ ଭାବ ବଗ୍ରୁର ଭବନାନବତା ଭ୍ରମେ ମଗ୍ନ ହେବାର ଦେଖି । ପୁଣ ଭାରତୀ ଭାଷନ୍ତି,"ଶୁଣ ସୁମୁଖି" ।୩୧। ଇନ୍ଦ୍ରାଗ୍ନି-ଯମପାଶୀ-ଅଂଶଶାଳୀ । ନଳେ ମନ ବଳାଇଛୁ ତୁ ବାଳ । ଏ ହସଦେ ତାଙ୍କୁ ବରିଲେ ତୃହି । ଶୁଭ ସନ୍ତୋଷ ହେବ ସିଦ୍ଧ ହୋଇ । ସମ୍ପୂର୍ଣ୍ଣ ବରଜ ଇଛୁ ଅଂଶେ ଭଜବାକୁ ଏ ଯେବେ ଉଚିତ । କି କହିବ ଅଜ ବେଶି ? ଜାଣୁ ସବୁତ । ୩୨ । ଧନ୍ୟ ଏ ଦେବ ନଇଷଧପତ । ନୁହଇ ଜଣା ଏ ତୋତେ ସୁଦତ । ନୁହେ ନଳ ଅତ ମହା-

---

ନଳପକ୍ଷ—ଚଣ୍ଡିମାରଣ-ବଧିବ୍ୟସନୀ-ଭୀଷଣ ଯୁଦ୍ଧକାର୍ଯ୍ୟ କୌତୁକୀ । ଧର୍ମଭଜ-ଧର୍ମରେ ଏକନିଷ୍ଠ । ଏହାଙ୍କ ସ୍ୱଭାବରେ ବ୍ୟବହାର ପ୍ରଣାଳୀରେ) ଦାକ୍ଷିଣ୍ୟ (ଉଦାରତା) ସ୍ଥିତ (ଅଛି) । ସହଜ ସ୍ନେହରେ-ସ୍ୱଭାବ ସିଦ୍ଧ-ଅକପଟ ସ୍ନେହରେ । ଜାଣୁମଣି-ଜାଣିବା ଲୋକମାନଙ୍କରେ ଶ୍ରେଷ୍ଠ । ବସ୍ୱଗ-ବରକ୍ତି ।

୩୦ଶ ପଦ—ବରୁଣପକ୍ଷ-ତୋ ପାଣିଗ୍ରହଣ କରିବାକୁ ଏ ବରୁଣ ନଜ ଶସ୍ତ୍ରପାଶ ପରିତ୍ୟାଗ କରିଅଛନ୍ତି । ଏହା ଅଶଯ୍ୟରେ (ଅନ୍ଦାଜରେ) ଜଣାଯାଏ । ଏ ଭୁବନ (ଜଳ) ସକଳ ସ୍ଥାନରେ ବଚର ଜଳମଗ୍ନ ବ୍ୟକ୍ତିଙ୍କ ରଖନ୍ତି ।

ନଳପକ୍ଷ—ଅନପାଶ-ନ-ଅପାଶ (ନବ୍ରଣ)-ଅଶାନ୍ୱିତ । ଭୁବନ-ପୃଥିବୀ । ବସ୍ୱଗ—ବଶେଷ ସ୍ୱଗ-ବଶେଷ ସ୍ନେହ ।

୩୨ଶ ପଦ—ଏ ନଳ ସ୍ୱଜା ହେତୁରୁ ଇନ୍ଦ୍ରାଗ୍ନି-ଯମ ବରୁଣାଦ ଦକ୍‌ପାଳଙ୍କର ଅଂଶ ଏହାଙ୍କଠାରେ ଅଛି । ଏ ସମ୍ଭରେ ନଳଙ୍କଠାରେ ଦକ୍‌ପାଳଙ୍କ ଅଂଶ ଅଛି ସତ୍ୟମାତ୍ର ଦକ୍‌ପାଳମାନେ ସ୍ୱଶରୀରେ ବର୍ତ୍ତମାନ । ସମ୍ପୂର୍ଣ୍ଣ ଦେବ-ତାଙ୍କୁ ବରଜ ତାଙ୍କ ଅଂଶ ନଳଙ୍କୁ ବରିବା ଉଚିତ କି ? ଦେବତାମାନେ ତୋ ଅଶାନ୍ୱୀ । ତାଙ୍କ ଅଂଶ ନଳଠାରେ ଥିବାରୁ ନଳ ବରଣରେ ସେମାନେ ସନ୍ତୋଷ ହେବେ । କନ୍ତୁ ସମ୍ପୂର୍ଣ୍ଣ ଦେବତାଙ୍କୁ ତେଜ ତାଙ୍କ ଅଂଶମାନ ନଳଙ୍କୁ ବରିଲେ ସେ କ'ଣ ଭାବବେ ? ।

୩୩ଶ ପଦ—ଧନ୍ୟ ! ଏ ଦେବ । ନଇଷଧ-ପତ ନୁହନ୍ତି । ହେ ସୁଦତ ! ତୋତେ ଏକଥା ଜଣା (ବୁଝା) ।

Digitized by srujanika@gmail.com

ନଳାଭ । ଚିତ୍ତ ସ୍ଥିରକର ନିଶ୍ଚେ ଭାବ । ବରିଜିବୁ ଯେବେ କନକଶୋଭିନୀ ଏ ବିବନ୍ଦୀ ଅନାଦରେ । ଅଛି କେ ଦେବ ତୋ ବର ଏ ଜଗତରେ । ୩୩ । ଇନ୍ଦ୍ରାଗ୍ନି ବରୁଣ ଯମ ସହିତ । ଏ ବଚନେ ନଳ ସମେ ବ୍ୟକତ । ଏମନ୍ତେ ଭାରତୀ-ଭକତ ଶୁଣି । ସେ ବଳ-ବରନା ତରୁଣୀ-ମଣି । ବାଡ଼ବ-ବାଡବୋଦ୍ଧତାପେ-ତାପିତ ମକରାଳୟ-ବାଡ଼ବ । ଶୋଭା ସମ୍ଭାରକୁ ଅନଙ୍ଗ ବହିଲା ଖର । ୩୪ । ସାଂଖ୍ୟ ନୈୟା-ୟିକ-ବୌଦ୍ଧ-ଅର୍ହତ- । ମତ ଶୁଣି ଯଥା ବ୍ରହ୍ମେପ୍ସୁ ସ୍ତବ୍ଧ । ବ୍ରହ୍ମ-ନିଷ୍ଠାତ୍ମକ ପଞ୍ଚ-ମତରେ । ସନ୍ଦେହ ବଶେ ଭ୍ରମେ ନିରନ୍ତରେ । ତେମନ୍ତ ସେ ବାଳୀ ଦେବ ଚତୁଷ୍ଟୟେ ଭ୍ରାନ୍ତହୋଇ ପଞ୍ଚନଳ । ଦେଖି କେ ସତ୍ୟଭାଳ ନୁଅଇ ବିକଳ । ୩୫ । କଳି ଯଦା କେତେକାଳ-ଅନ୍ତରେ । ଭବିଷ୍ୟତେ ସନ୍ତାପିବ ନଳରେ । ଦ୍ୱାପର (ସନ୍ଦେହ) ତର ସହି ନ ପାରିଲା । ଆଗହୁଁ ଦମୟନ୍ତୀଙ୍କି ଦହିଲା । ନଳ-ଦମୟନ୍ତୀ ବିବାହ କାହୁଁ ବା ପାରବେ ସେମାନେ ସହି । ତାଙ୍କ ପ୍ରକୃତିତ ସଦା କୁଟିଳ ହୋଇ । ୩୬ । ଦମୟନ୍ତୀଙ୍କ ପଞ୍ଚନଳ ଯୋଗେ । ଉତ୍କଣ୍ଠିତା କର ବିଭିନ୍ନବାଗେ । ପଞ୍ଚନଳରୁ ଦମୟନ୍ତୀ-ପାଇଁ । ପ୍ରତ୍ୟେକଙ୍କୁ ସମ୍ମୋହିତ କରାଇ । କଲା ଆରମ୍ଭ ଦର୍ପକ ଦର୍ପତହିଁ ସଫଳ ପଞ୍ଚଶାୟକ-। ନାମ ନିଜର ଏମନ୍ତ ଜାତ ବିତର୍କ । ୩୭ । ନଳରୂପ-ଧାରୀ ପଞ୍ଚଅମର- । ବରଙ୍କୁ ବରିଜ ବିଧୁବେଶ୍ୱର- । ସୁତା ସୁନ୍ଦରପଣେ ବଶହୋଇ । ନଳଙ୍କୁ ନିଶ୍ଚଳ ହୃଦୟ ଦେଇ । କାଠାରେ କାହାର ସ୍ନେହ ସମ୍ଭବଇ ତା'ର କାରଣ ବୁଝିଲେ । ପୂର୍ବଜନ୍ମ-କର୍ମ ଏକା ପ୍ରମାଣ ଭଲେ । ୩୮ । ବସ୍ତୁରେ ନୃପଜା କାହିଁ-ମରାଳ । ତାକୁ ପୁଚ୍ଛିଲେ ନୁଅନ୍ତା ମଙ୍ଗଳ । ପୂର୍ବପର ତାର ବଚନ ସ୍ମର । ପାରନ୍ତି ନାଥଙ୍କୁ ନିଶ୍ଚୟ କର । ଏମନ୍ତେ ସୁରମରାଳ-କଥା ଚିନ୍ତାକରେ କୁଟିଳ-କୁନ୍ତଳା । ସେହିକଥା ତା ମାନସେ କରଇ ଖେଳା । ୩୯ । ପ୍ରତ୍ୟେକ ନଳକୁ ଅତି ଆଗ୍ରହେ । ବାର ବାର କର ଅବଳା ଗୃହେଁ । ତଥାପି ଇତର-ବିଶେଷ କାହିଁ । କିଛି ତା ନିଶ୍ଚୟନ ପଡ଼ଇ ନାହିଁ । ନାନା ସଂଶୟ କ୍ଷଣକେ ଜନ୍ମେ ଚିତ୍ତେ କ୍ଷଣକେ ନୁଅଇ ହତ । ଭଳି ଭଳି ଚିତ୍ତ ହୋଇଗଲା ଉନ୍ମତ୍ତ । ୪୦ । ଭାବଇ 'ବେନିଗଣି ନୁଏ ଦେଖି । ବିଶେ ତେମନ୍ତ ସଙ୍କୋଚଲେ ଅକ୍ଷି । ମିଥ୍ୟାପ୍ରାନ୍ତ-ବିମ୍ବଭ୍ରମ-

---

ଦେବପକ୍ଷ:—ଏ ନଳନୁହେ । ଅତି ମହା (ଅତି ତେଜୀୟାନ୍) ନଳାଭ (ନଳପର ଆକାର ବିଶିଷ୍ଟ)

ନଳପକ୍ଷ-ଧନି-ଏ ଦେବ (ରାଜା) ନଇଷଧ-ପତି ଅଟନ୍ତି । ମୂର୍ଖ ଯୁବତି ! ଏ ତୋତେ ଜଣା ନୁହଇ ? ତୁ କି ଏହା ଜାଣିପାରୁ ନାହୁଁ ? । ନୁହେ ନଳ ଅତି ମହାନଳାଭ-ଏ ନଳେ ଯେବେ ତୁ ପ୍ରକୃତ ନଳବୋଲି ନ ବରୁ ତେବେ ଅତି ମହାନ୍ ଅଲାଭ (କ୍ଷତି) ହେବ ।

Digitized by srujanika@gmail.com

ଜମିଭ । ହେତୁ ପୁରୋବର୍ତ୍ତୀ ସ୍ୱଚ୍ଛ ପଦାର୍ଥ । ଅତଏବ ଏ ଏକାନଳେ ହୋଇଲା ପଞ୍ଚନଳ-ଭ୍ରାନ୍ତି ମୋର । ନ ମିଳଇ ତ କାରଣ କିଛି ଏହାର ।୪୧। ସେ ତ ବିଳାସୀ ପରହାସ-ପ୍ରିୟ । ପରକାଶି ଅବା ଅନେକ-କାୟ । ପରହାସ କରି ଛନ୍ତି ମୋରେ । ବିଜ୍ଞାନ ଯତନେ ଯଣୀ ସେ ବେଦ୍ଭରେ । ଭୂରଗ-ହୃଦୟ ବାରବାର ବିଦ୍ୟା ପରି ବା ଏ ଇନ୍ଦ୍ରଜାଲ ।-ବିଦ୍ୟା ହୋଇଥିବ ତାଙ୍କ ଅଭ୍ୟସ୍ତ ଭଲ ।୪୨। ଏ ଏକା ନଳ ହୋଇଥିବେ ଅବା । ଜଣ୍ଡସ୍ଥ ଆନଙ୍ଗ ପୁରୁରବା । ଫୁଲଶର ହୋଇବ ବା ଅପର । ଅନ ବେନଙ୍କ ଅଶ୍ୱିନୀକୁମାର । ଅସମ-ସୁଷମା-ଶେଷ-ସୀମା-ଯୋଗେ ସର୍ବେ ସମାନ ଦିଶନ୍ତି । ତେଣୁ ପ୍ରତ୍ୟେକେ ଜାତ କି ମୋ ନଳଭ୍ରାନ୍ତି । ୪୩ । ପୂରୁବେ ଯେବେ ବିରହ-ବେଦନା । ନୋହୁଥିଲା ସହ୍ୟ ସେ କାଳେ ସିନା । ଯେଣିକି ସ୍ୱହିଁଲେ ତେଣେ ଜୀବନ-ଧନ ନଳ ଦେଉଥିଲେ ଦର୍ଶନ । ପୁଣି କି ସେ ଦଶା ଆସି ମୋ ହୋଇଲା ଏ ମହାସଭ୍ରମଧରେ । ଦିଶେ ପଞ୍ଚନଳ ଏବେ କାହ୍ନୁଁ ନୋହିଲେ ।୪୪। ଅତି ଭ୍ରାନ୍ତ ଏଥି ଗଲି ମୁଁ ହୋଇ । ଅଳୀକ ଆଶଙ୍କା କରେ କପାଇଁ । ସୁନାସୀର ବୈଶ୍ୱାନର ଭାସ୍କର ।-କୁମର ବରୁଣ ସୁର ଚତୁର । କପଟେ ହୋଇଛନ୍ତି ନଳ ସେ କଥା ସଖି ବଚନେ ପ୍ରକାଶ । ତା'ର ଗିର ଟେ ସେ ପ୍ରତ୍ୟେକେ କରନ୍ତି ସ୍ପର୍ଶ । ୪୫ । ଏ ମୋ ମୋହକାରୀ ସୁର ଚତୁରେ । କଳିବ ନଳଙ୍କୁ କେଉଁ ପ୍ରକାରେ । ସୁରନରଙ୍କର ପାର୍ଥକ୍ୟ କିଛି । ମାତ୍ର ତ ମୋ ନୟନେ ନ ପଡ଼ୁଛି । ଭୂଇଁ ନ ଛୁଇଁବା ଆଦି ଚିହ୍ନମାନ ବୃନ୍ଦାରକମାନଙ୍କର । ହେଲାଣିକ ଲୋପ ପାପକର୍ମଙ୍କୁ ମୋର । ୪୬ । ଦିଗପାଳଙ୍କୁ ବା ନଳ ମାଗିବ । ତାଙ୍କ ପାଇଁ ତ ଥାଏ ତାଙ୍କୁ ସେବି । ସେ ସେବା ମୋର ହେଉଛି ବିଫଳ । ଅବା ହରପର-ଶୋଷଣ-ଶର ।-ଘାତେ ସୁରହୃଦ-କରୁଣାନଦୀ-ରସ ସର୍ବ ଅଛି ଶୁଖି । ଖାଲି ଖାଲ-ଅଛି, ମାଗିବ ବା କାହିଁକି ? । ୪୭ । ନଳ ଛଡ଼ିବ ଅଟେ ଦିଗପାଳେ । ଅଛବନ୍ଧ, ଗୁଣବନ୍ତ ସକଳେ । ଅନ୍ଧକୂପରୂପ ମୂରୁଖ-କର ।-ଗତ ହେବା ସାର ପୋଥି ପ୍ରକାର । ଭୁମ୍ବର ସେ ପର-ଉପକାରବ୍ରତ କପାଇଁ ବା ହେଲା ଲୋପ । ଏଥି ଫଳିଲା କି ମୋର କଇମ ପାପ । ୪୮ । ବିଧାତା ଯା ଭାଲପଟେ ଯେପରି । ଥାଏ ଲିହି ତାହା ଫଳେ ସେପରି । ଚାକୁ ତା ଅଯୋଗ୍ୟ ହୋଇଲେ ତହିଁ । ବିହଇ, ଯୋଗ୍ୟଙ୍କୁ ବିରଞ୍ଚ ଦେଇ । କି ଉପାୟ ଅବା ଏବେ କରିବ ମୁଁ ବୁଦ୍ଧି ତ ଦିଶଇ ନାହିଁ । ହମେ କମଳ ମରେ ଅତପେ ଫୁଟଇ । ୪୯ । ଏ ଗତି ଦେଖି ଭାବୁଛି କେବଳ । ଫଳୁଅଛି ମୋର ଅଭାଗ୍ୟ ଫଳ । କଳ୍ପଦ୍ରୁମକୁ ମାଗିଲେ ଏକାଳେ । କରି ସଙ୍କୋଚ ଦଳାଙ୍ଗୁଳିଯାଳେ । ଦେବ ଜନସ୍ତେ ମୁଷ୍ଟିବଦ୍ଧ କରି ଶାଖାକରକୁ ସେ ଅବଲମ୍ବେ । ଏହା ଥିଲା ଭୋଗିବାକୁ ଭାଗ୍ୟେ ମୋ ଏବେ । ୫୦ । ସଖୀ କହେ ଅବା ବରଣମାଳ । ବୀରସେନ-ସୁତ ନଳ ଗଳାର । କେବଳ ଦେବୁଛି ବୋଲନ୍ତି ମୁହିଁ । ତେଣେ କି ରହିବ ଦୋଷ ନ ହୋଇ ।

Digitized by srujanika@gmail.com

ତୃଣ-ତୁଚ୍ଛ ସ୍ୱାର୍ଥ ପାଇଁକ ଅମର-ବରଙ୍କ ଶେଷ-ବନ୍ଧିରେ ; ଦେବ ସଙ୍ଗୀକ ପକାଇ କେଉଁ ବସ୍ତୁରେ ।୬୧। ଏ ପଞ୍ଚ ମଧ୍ୟେ ଯେ ପ୍ରକୃତ ନଳ । ହୋଇଥିବ ସେ ଏ ବରଣ ମାଳ । କରୁ ଗ୍ରହଣ ମୋ ବରଣ ପାଇଁ । ଏମନ୍ତ ବୋଲି ବା ଦଅନ୍ତ କହି । ଅନାଇ ଥିବେ ଜଗତଜନ ତହିଁ ଲାଜ ବରଜ କେମନ୍ତେ । କହି ପାରିବ କି ଏତେ କଥା ଏମନ୍ତେ । ୬୨ । ଅନ ନଳଗୁଲେ ଭୁଲ ଦେଖିଲେ । ଶେଷ ନଳେ କମ୍ପ ମୋ ମନ ବଳେ । ଅନୁପ୍ରାସରେ ପ୍ରଥମ-ଚରମ-ଅକ୍ଷରେ ଯଥା ଶେଷ ମନୋରମ । ତେମନ୍ତ ଏ ପଞ୍ଚ ନଳ ମଧ୍ୟେ ଶେଷ ମନୁଷ୍ୟେ ରସେ ମୋ ମନ । ହୋଇବେ କି ଏ ନୈଷଧ ଦେଶ ରାଜନ । ୬୩ । ଏମନ୍ତେ ଚିତ୍ତେ ଯେତେ ଶଙ୍କା ଜାତ । ବସ୍ତୁର ବସ୍ତୁର ତାହା ଭୂଭୂତ ।-ସ୍ମିତା ବରଜଇ, କଛ ନିଶ୍ଚୟ । କରି ନ ପାରଇ ହୁଏ ଅଥୟ । ଘରତାପେ ମୁଖୁଁ ଅନନ୍ଦ ଶୁଖିଲା ଦଣିଗଲା ସେ ଏମନ୍ତ । କିଏ ଶଶାଙ୍କ ସବିତା-ଯନ୍ତାପେ ବ୍ୟସ୍ତ । ୬୪ । ଶ୍ରୀ ସାର ମାମଣ୍ଡ ଦେବୀ ନନ୍ଦନ । କବିରାଜ-ରାଜ-ଶିରରତନ । ଶ୍ରୀ ହର୍ଷଙ୍କର ସ୍ୱାଦୁ ସମ୍ପନନ । ପଦ ସନ୍ଦୋହକୁ ବସ୍ତୁର ଠିକ । ଅଧମ ଗୋପୀନାଥ କହେ ରଚନ ନ ଧର କୋବିଦେ ଦୋଷ । ଛାନ୍ଦ ତ୍ରୟୋଦଶ ଅପି ହୋଇଲା ଶେଷ । ୬୫ ।

ଚତୁର୍ଦ୍ଦଶ ଛାନ୍ଦ ।

ରାଗ ଶଙ୍କରାଭରଣ ।

ଏଥୁଅନ୍ତେ ନଳପ୍ରାପ୍ତି ପାଇଁ ଦମୟନ୍ତୀ କଲା ଅମର ଚତୁରେ ଆରାଧନା ସ୍ତୁତ ।
କାମଧେନୁ ଯଥା ସୁରେ ।
ତଥା ଦେବପୂଜା ବାଞ୍ଛା ପୂରାଏ ମର୍ତ୍ତ୍ୟରେ । ୧ ।

ପ୍ରଦକ୍ଷିଣ-ଥଳବାଳ ବିଲେପନ-ଧୂପ । ଅବରଣ-ଅମୃତେକେ କଳପପାଦପ- । ପରି ଅମରେ ମୋଦରେ । ଇଷ୍ଟ ମିଷ୍ଟ ଫଳ ଦେଇଥାନ୍ତି ଭକତରେ । ୨ । ନମୋ ନମ କହି ନାମ ଉଚ୍ଚାରି ଅମରର । ପ୍ରତ୍ୟେକେ ବନ୍ଦିଲା ବାଳା ଅତି ଭକତରେ । ଦେବେ ବଶ୍ୟାସୀ ହୋକର । ହୁଏ ଦେବ-ନମସ୍କାର ସର୍ବସିଦ୍ଧି-ମୂଳ । ୩ । ସର୍ବ-ବ୍ୟାପୀ ଦେବଗଣେ ଧ୍ୟାନବଳେ ଚିତ୍ତେ । ଦେଖିଲା ଯା ବାଳା ସେ ଦର୍ଶନ ବାଞ୍ଛା-ପ୍ରାପ୍ତେ । ହେଲା ପ୍ରତିଭୂ ପରାପ୍ତେ । ପ୍ରତ୍ୟକ୍ଷୀଭୂତ ଦେବତା ବର କି ନ ଦିଏ ? ।୪। ବପୁସ୍ୱରେ ସଜ୍ଜନେ ଦେଖୁଛନ୍ତି ବସି । ବୃନ୍ଦାରକେ ଅଭ୍ୟର୍ଚ୍ଚନା କଲା ଶୁଭ୍ରକେଶୀ । ହେଲେ ଏମନ୍ତେ ପୂଜିତ । ସୁମନାଏ ସୁମନେ କରନ୍ତୁ ବାଞ୍ଛା ସାର୍ଥ । ୫ । ବରଦ ସୁଖଦ

Digitized by srujanika@gmail.com

ମୃଦୁ ସୁଗନ୍ଧ ସୁନ୍ଦର । ଷଟ୍‌ପଦ-ସମନ୍ୱିତ ନବରସଭର । ଗୀତି-ସ୍ୱନ-ସ୍ତବକେ । ଭକ୍ତିଭରେ ଅର୍ପିଲା ବାଳା ବୃନ୍ଦାରକେ । ୬ । ସ୍ୱୟଂତୁଷ୍ଟ ଦେବଗଣ ଏ ଅଭ୍ୟର୍ଚ୍ଚନାରେ । ଦେଖି ଅବଳା ଅକୃତ ହରଷ ହୋଇଲେ । ଜଳ ଅସିବା ପାବକ । ରଖେ ବା ଅପେକ୍ଷା ମୁଖ-ମରୁତେ କେତେକ । ୭ । ଲଭି ରମା ଏମନ୍ତେ ଅମର-ପ୍ରସାଦନ । କଲ ସରସ୍ୱତୀ ଭକ୍ତି-ଚିତ୍ତକ ସ୍ଫୁରଣ । ହସ୍ତେ ନ ଧଅନ୍ତି ଦେବେ । ତାଙ୍କ ପ୍ରସାଦେ ସ୍ୱବୁଦ୍ଧି ପ୍ରସରଇ ସବେ । ୮ । ନଳେ ଲକ୍ଷ ପ୍ରତିସ୍ଥରେ ଦେଖି ସେଉଁମାନ । ଭାଷିଲେ ତା ପ୍ରତିସ୍ଥରେ ନୁହଇ ସମାନ । ବାଳା ଏ ତର୍କ ସେ କାଳେ । ନ ପାରଥିଲା ବର୍ଣ୍ଣିବ ବାରଲା ଏକାଳେ । ୯ । ଚତୁର-କଳୁଷ ପର ପଞ୍ଚ ପଞ୍ଚ ପଦ । ଅଶ୍ରିଛନ୍ତି ଇନ୍ଦ୍ରାଦି ଚତୁର ବିବୁଧ । ନଳେ ଯଥା ସ୍ୱରବଶ । ବଶ ତଥା ସର୍ବସ୍ୱଦେ ରୁହିଲା ବାଳୀଶ । ୧୦ । ଚାହିଁ ନଳଙ୍କୁ ପ୍ରମଦା ପ୍ରମୁଦିତ ଅତି । ହେଜିଲା ଭାରତୀ ଭାଷିବାର ଚନ୍ଦ-ସ୍ତୁତି । ଚନ୍ଦ୍ରାସାଗର-ସଂଶାରୀ ।—ମାନସର୍ମୀନେ ଏମନ୍ତ ଭାଷିଲା କଳେଶୋରୀ । ୧୧ । ନିଶ୍ଚୟ ଏ ବାଗୀଶ୍ୱରୀ, ନୋହିଲେ କି କେହି । ପାରନ୍ତା ଗିରେ ଏ ଚନ୍ଦ-ସ୍ତୁତି ବିକଶାଇ । ଶ୍ଳେଷଗିରେ ଦଇବତେ । ତୋଷି ବିଶେଷି କହିଲେ ନିଷଧେଶେ ମୋତେ । ୧୨ । ମୋତେ ଅନୁଗ୍ରହ ବିଶେଷିବା ପାଇଁ ନଳେ । ଗୃହ ଗୃହ ପଦେ ଦେଖି ଗିରହାର କଲେ । ଅଗମୁଗେ ସ୍ପଷ୍ଟ ନଳ । କି ମୋହେ ହୋଇଲା ମୋହ, ନୋହିଲା ଗୋଚର । ୧୩ । ଏ ଯେ ପଦେ କରୁଛନ୍ତି ଭିନ୍ନାର୍ଥ ପ୍ରକାଶ । ଏ ଏକା ଭାରତୀଦେବୀ-କବିତ୍ୱବିଳାସ । ହୋଇଲେହେଁ ଭିନ୍ନ ରୂପ । ନଳାକୃତି ବହିଛନ୍ତି ଏ ଦେବକଳାପ । ୧୪ । ଜ୍ଞମସୂଚିତ-ଇନ୍ଦ୍ରାଦି-ବର୍ଣ୍ଣନେ ଏ ମୋତେ । ଅନୁମୋଦିଲେ, ପେଷିଲେ ପ୍ରାଣେଶ-ପୁରତେ । କି ସୁନ୍ଦର ସୃଷ୍ଟି ଗିର । ହୋଇଲା କେଡ଼େ ପ୍ରମୋଦ ସେ ସମୟେ ମୋର । ୧୫ । ପରଦାର ବର୍ଣ୍ଣର ଧରନ୍ତି ସ୍ତବରେ । ନ ଛୁଇଁବାର ଦେଖିଲା ବାଳା ସେ କାଳରେ । ଏକା ଏକାଳେ ଦେଖିଲା । ନିଜପତି-ନଳପଦ ଛିତି ଛୁଇଁଥିଲା । ୧୬ । ଅମରେ ନିମେଷପାତ ନ ଦେଖି ନୃନାଥ ।—ନୃନାଥେ ଦେଖିଲା ବାଳା ସତେ ସେ ଯେମନ୍ତ । ବାରମ୍ବାର ପଡ଼ ପଡ଼ । ଠାର ଡାକୁଥିଲା ଅସ ଯାଅ ଏଥି ଜଡ଼ । ୧୭ । ସୁର-ଶରୀରେ ବସୁଧା-ରଜ ସୁଧା ନାହିଁ । ନରେଶ-ଶରୀରେ ତାହା ବାଳୀଶ ଦେଖଇ । ଛିତପତି-ଅପଘନେ । ଛିତିଅଙ୍ଗରାଗ ଲାଗିଛିକ ଅଲିଙ୍ଗନେ ।୧୮। ସ୍ୱଦେହ-ବିରହତାପ-ବିକାଶକ ଘର୍ମ । ରାଜେ ନଳ-ହେମଗାତ୍ରେ ସ୍ୱାସ୍କୁର ସମ । ବୃନ୍ଦାରକଙ୍କ ଶରୀରେ । ନ ଦେଖିଲା ରମାବର ସେ ସ୍ୱେଦସଲିଳେ । ୧୯ । ସୁରଗଳେ ଅମ୍ଳାନମାଳିକା ଦେଖେ ବାଳୀ । ନଳଗଳେ ମ୍ଳାନ ତାହା, ସେ କି ଭଳି ଭଳି । ଯାଇ ଅଛଇ ମଉଳି । ଏ ମୃଦ୍ୱୀଲାଭେ ଏ ମୋତେ ଘେନିବ କି ବୋଲି । ୨୦ । ନଳରୂପ ବହିଲେହେଁ ତାହାଙ୍କ ଶରୀର ।—ଛାୟା ଲବମାତ୍ର ନାହିଁ ଅମରଙ୍କଠାରେ । ଏତେ

Digitized by srujanika@gmail.com

ଦେଖାଇ କି ଥାଇ । ପଡଥିଲା ନଳଙ୍କର ଦେବେ ଯାହା ନାହିଁ । ୨୧ । ପୂର୍ବେଁ ଜାତ
ନଳଙ୍କାନ ଏ ଦେବସମୂହେ । ହୋଇଲା ବାଳାର ଦ୍ବୈତତର ଅତଃପରେ । ହେଜ ଏ
ଚକ୍ଷୁ ବ୍ୟକତ । ବୁଝିଲା ବାଳା ଏ ଦେବ ପ୍ରସାଦ ନିଶ୍ଚିତ । ୨୨ । ନଳେ ମାଳା
ଦେବାକୁ ବାଳାକୁ ସମ୍ଭବର । କଲା ଲୁବ୍ଧ, ଲଜ୍ଜା ଏକା ଦେଲା ତାକୁ ବାର । ଏ
ବେନଙ୍କ ଅନୁରୋଧ । ଏଡ ନ ପାରଣ ବାଳା ହୋଇଲା ସ୍ତବଧ । ୨୩ । ପ୍ରିୟତମ
ନଳ-ଗଳେ ଦେବାପାଇଁ ମାଳ । ଅନ୍ତଃସ୍ନେହେ ବସ୍ତୁଯନ୍ତ୍ର କଲା ବରବାଳୀ । ସ୍ତମ୍ଭଦପା-
ବେନ ବଶେ । ନ ଥିଲା କର୍ମ ତା କରେ ସେ ସମୟେ ଲେଶେ । ୨୪ । ଅବଲମ୍ବି
ଚନ୍ଦ୍ରବଂଶ-ଛନ୍ଦ ଭୂପନଳେ । ଥିଲା ଯେମା ମନ ତାକୁ କାମଲାଜ ଗେଲେ । ଖେଳାଉଣ
ଥିଲେ ଦୋଳ । ସେ ଚଉସ୍ଥିତ ଶୃଙ୍ଗାରେ ଗଲା ବୃଦ୍ଧିମିଳ । ୨୫ । ମାଳାଧାରୀ
ଜେମାକର ନଳପାଶେ ଯାଇ । ଅର୍ଦ୍ଧପଥୁଁ କି ବଗୁର ପୁଣି ବାହୁଡ଼ଇ । ଅତ ଚଞ୍ଚଳ
କଟାକ୍ଷ । ପ୍ରିୟମୁଖେ ଅଧେ ଯାଇ ଫେରଇ ପ୍ରତ୍ୟକ୍ଷ । ୨୬ । ଅଗ୍ରେଁ ବାଳାଚଉ
ଯାଉଥିଲା ନଳେ ମିଳ । ନ ପାରୁଥିଲା ନୟନ ଏକା ତହିଁ ତୁଳ । ନେନେ ମନ୍ଦାକ୍ଷ
ଥିବାର । ପ୍ରବାଦକୁ କଲା ବାଳା ସେକାଳେ ସଫଳ । ୨୭ । କଷ୍ଟେ ସୃଷ୍ଟେ ପ୍ରିୟମୁଖେ
ଅନାଇଁ କଷ୍ଟତ । ହେଲା ଲାଜେ ବ୍ୟସ୍ତବ୍ୟସ୍ତ ସେ ବର-ଯୋଷିତ । ବାଣୀବନ୍ଦନ-
ଶଶାଙ୍କେ । ଲାଜେ ଅଳପ କଣାଇଁ ଅନାଇଁଣ ଶଙ୍କେ । ୨୮ । ବାଳୀମନ କଳଲେହେଁ
ନ ଜାଣି ପର । ଭଷନ୍ତ ଭାରତୀ, "ଅଗୋ ଶୁଣ ସୁକୁମାର । ଏ ଯେ ଅତ ଲାଜ
ତୋର । ତୋ ହୃଦବାଞ୍ଛା-ବଞ୍ଚନେ ସାଧେ ବାଦ ମୋର" । ୨୯ । ଲାଜେ ବାଳା
'ନଳ' କହୁଁ 'ନ' ମାତ୍ର କେବଳ । ଶୁଭ ଦେବୀ ଶ୍ରବଣେ ନ ଶୁଭିଲା ଅପର ।
ଅଙ୍ଗୁଳିଙ୍କ ଅଗ୍ରଳରେ । ଛନ୍ଦ ଶିର ଲୁଅଁଇଲା ବାଳା ଲାଜଭରେ । ୩୦ । ଏତେ ଶୁଣି
ହସି ବାଣୀ ଧର ବାମାକର । ଇନ୍ଦ୍ରଥିବା ସ୍ଥାନେ କରୁଁ ପସୃର-ଫଗୁର । ତେତେ-
ବେଳେ 'ବାମା' ନାମେ । କଲା ସାର୍ଥ ଜେମା ପ୍ରତିକୂଳ-ଆଚରଣେ । ୩୧ । ସ୍ୱର୍ଗଲକ୍ଷ୍ମୀ
ଇନ୍ଦ୍ରପାଶେ ଚଳିବାର ବାଳୀ । ବଳୋକ ଇରଷାବଶେ ଯାଉଥିଲେ ଜଳି । ଇନ୍ଦ୍ରୁଁ
ଫେରନ୍ତେ ଅବଳା । ଲାଜେ ସୁରଲକ୍ଷ୍ମୀ ମୁଖ ଗଲା ପଡ କଳା । ୩୨ । ଭଷନ୍ତ ଭାରତୀ
"ରେ ନଶୀନା 'ନ' ମାତର । ଶୁଣିଛତ ଅଉ କହୁନାହୁଁ କ୍ଷପା ଗିର" । କାମଲାଜେ
ହୋଇ ଦଳ । ନେନେ ମାତ୍ର ଦେଲାଠାରୁ ନଳେ ନବବାଳୀ । ୩୩ । ଅପସର
କରେ କର ମାରଣ ଅମରେ । ନୃପଜାକୁ ଉପହାସ କରିବା କାଳରେ । ନେଇ
ବାଳୀଙ୍କ ଭାରତୀ । ସୁର-ନର-ମଧ୍ୟେ ପଥେ କଲେ ଦୁର୍ଗାମୂର୍ତ୍ତି । ୩୪ । ବାରଲେହେଁ
ବାଣୀ ବାଳା ନଳପାଶେ ଚଳେ । ଧୀରେ ଧୀରେ ତା ବଳୋକ ଭାରତୀ
ସନ୍ମୁଖେ । ସୁରସମୀପେ ନେବାକୁ । ଅର୍ଦ୍ଧପଥରୁ ଅଗ୍ରହେ ବଳାନ୍ତ ବାଳାକୁ । ୩୫ ।
ବାବୁଥିଲେହେଁ ଅଳଏ ହୁଁ ହୁଁ ରବ କରି । ମୁଖ-କମଳକୁ ଅବଗ୍ରିତ କରି ବାଳୀ ।

Digitized by srujanika@gmail.com

ଭୁଜବନ୍ଧ ସ୍ମରତର । ତେଜେ ବର-କରପାଣେ ନତବାକ୍ତା ପ୍ରକାର । ୩୬ । ଦେବେ ଅଭିମୁଖୀ ନ ହୋଇବାର ବାଳର । ଦେଖି ଭାରତୀ ଭାଷନ୍ତି ସ୍ମିତ-ପୂର୍ବ ଗୀର । "ଅରେ ଶଶିଜିତ ମୁଖି । ମୋଠାରେ ମଧ୍ୟ କି ଶଙ୍କା ଲେଶ ଅଛୁ ରଖି ? ।୩୭। ଦେବେ ନ ପ୍ରଣମି ତାଙ୍କ ନ ଘେନି ଆଦେଶ । ସ୍ମରଶରେ ପଡ଼ି ନଳେ ବରିବାକୁ ଆଶ । ବଳାଇଛୁ ତୁ ବାଳଶ । ଏହାକି ହେଲା ଉଚିତ ଚିତ୍ତେ ଚିନ୍ତ ଲେଶ" ।୩୮। ଏତେ ଶୁଣି ବାଳାମଣି ହୋଇଲା ହରଷ । ପାଣି ଧରି ବାଣୀ ତାକୁ ନେଲେ ଦେବପାଶ । ତହିଁ ପ୍ରଣମାଇଁ କହି । ଭାଷନ୍ତି "ଦେବେ ଏ ଭକ୍ତା ଦମୟନ୍ତୀ ତବ ॥ ହେ ଦେବେ ତୁମ୍ଭେ ଅନେକ ଏତ ମହାସତ୍ତ୍ୱ । ଆନ-ଅପମାନ୍ ଏକେ ନବରେ ସୁଦକ୍ଷ । ତୁମ୍ଭ ସର୍ବ ଅଂଶଶାଳୀ ।—ନଳେ ବରଣେ ସରାଗ ବହିଅଛି ବାଳୀ । ୪୦ । ପୂର୍ବେ ପଥେ ନଳ-ଗଳେ ଦେଇ ମାଳ ବାଳୀ । ଅଛି ବର ଆଲିଙ୍ଗନେ ସମ୍ଭୋଗ ତ ସରି । ଆଉ କେଉଁ ବିଷୟରେ । ବାଧା ଦେବାକୁ ଯତନ ଏତେ ହେ ଅମରେ ? ।୪୧। ବର୍ଣ୍ଣାଶ୍ରମ ଆଗ୍ରହ ପଥୁଁ ପ୍ରଜା ତୁଲେ । ଅସ୍ଖଳିତ ନଳେ ତୁଷ୍ଟ ହୋଇଛ ତ ସୁରେ । ତାଙ୍କୁ-ଅନୁଗ୍ରହିବାକୁ । ଏରୂପେ ହୋଇଅଛି ନା ଆଗମ ଏଥକୁ" । ୪୨ । ଦେବୀର ଏ ଗିର ଶୁଣି ହାସ୍ୟ ପ୍ରସ୍ଫୁଟିତ । ହେଲା ଅଧର ସୁରଙ୍କ; ନେତ୍ରାନ୍ତେ ଇଙ୍ଗିତ । କରି ଦେଲେ ଅନୁମତି । ତହୁଁ ନେଲେ ନଳପାଶେ ବାଳୀକି ଭାରତୀ ।୪୩। ଲଜ୍ଜା-ଜଡ଼ଗାମୀ ନୃପପୁତ୍ରିର ସେ-କାଳେ । ମଧୂକମାଳା-ଶୋଭିତ କରକୁ ସଳାଳେ । ବାଣୀ ନଳଗଳ-ପାଶ । ନେଲେ; ଯା ସ୍ଥଳକେ ଶକ୍ୟ ନୋହିଲା ବର୍ଣ୍ଣନ ।୪୪। ନିଜ-ଲକ୍ଷିତ ସ୍ୱୀକାର-ପକ୍ଷ-ସମସର । ଦୂର୍ବାଙ୍କୁର-ମିଶ୍ରିତ ମଧୂକ-ପୁଷ୍ପମାଳ । ବାଳା ନଳ-ଗଳେ ନେଇ । ହେଲା ଲମ୍ବାଇଣ ଲଜ୍ଜେ ନିମୀଳିତା ହୋଇ ।୪୫। ଶୃଙ୍ଗାର-ଶ୍ୟାମ ଶ୍ୟାମଳ-ଦୂର୍ବାରେ ମଣ୍ଡିଳ । କୁସୁମ-ଶର କାମର ପାଶ-ସମତୁଲ । ସେ ମାଳକୁ ମଣ୍ଡିପତି । ଲମ୍ବାଇଲେ ଗଳେ ଅତି ହର-ଷିତ ମତି ।୪୬। ଦୂର୍ବାର ପରଶେ ନୃପ ଗାତ୍ର ପୁଲକିଲା । ସେ ପୁଲକେ ସୁମନସ ମାଳା ଉଲ୍ଲସିଲା । ଦେଖି ଏହା ନବବାଳୀ ।—ମାନେ ମୁଖ ପୋଛି ମାଳେ ସ୍ୱହେଁ ନେତ୍ର ଢ଼ାଳି ।୪୭। ନଳ-ନିର୍ମଳ-ହୃଦୟେ ଦୂର୍ବାମିଶ୍ରମାଳା । ଲମ୍ବି ନିଜ ପ୍ରତିବିମ୍ବ ତହିଁ ଖେଳା-ଇଲା । ଦେଖି ଅଯଇ ମତିକି । କାମଶର ଅଧେ ଗଳ ଅଧେ ବଳିଛି କି ।୪୮। ପୁର-ନାରୀଏ 'ମଙ୍ଗଳ' ଗାଉଥିଲେ ତହିଁ । ଆନନ୍ଦ ଗଦ୍ଗଦେ ବର୍ଣ୍ଣ ଅଧେ ନୁହେ ଗାଇ । ଗୀତ ମଧ୍ୟେ ହୁଳହୁଳି । ଦେଉଥିଲେ ଜିହ୍ୱାଜାଡ୍ୟ ଛାଡ଼ିବ କି ବୋଲି ।୪୯। ବାଳ-ଭାବବଶେ ସର୍ବପ୍ରେମ ଅବଳାର । ବର-ଶ୍ରୀ-ହୋକନେ ହେଲେ ଉନ୍ମୁଖ ସତ୍ୱର । କଲେ ଗ୍ରୀବା ଉତ୍ତୋଳନ । ଅଜଣା ଲୋକେ ବୋଲନ୍ତି ତାକୁ ସେମାନ୍ତନ ।୫୦। ସେମାନ୍ତିଲା ରମ୍ୟାଧାର-ରମା-ସର୍ବ-ଅଙ୍ଗ । ହେଲା ଦନ୍ତୁରତ ଗାତ୍ର ସତେ କି; ଅନଙ୍ଗ ।—ଶର-ସାଧନ-ବେଦିକା । ଲକ୍ଷଦଣ୍ଡ-ଶୋଭୀ ବିଭୂଷିତା ସେ ବାଳିକା ।୫୧। ପୂର୍ବଭାବ ସକଳ

Digitized by srujanika@gmail.com

ବାଳାର ହେଲା ଲୋପ । ହେଲା କି ଏମନ୍ତ ବାଞ୍ଛାରୁ କାମଲୋପ । ଅବା କଳ ବାଣୀ-ଚନ୍ଦ୍ର ।—ଲାଭେ ତାଠାରୁ ତା ମାଗିଥିଲା ଷଣେ ମାନ ।୫୨। ମାଳାସ୍ପର୍ଶେ ନଳ କରେ ଯେଉଁ ଓଷ୍ଠଦୋଦକ । ଜାତ; ଭବିଷ୍ୟ ବିବାହୋତ୍ସବେ ହସ୍ତୋଦକ ।- ବଡ ନୃପ-କରେ ତାହା । କରାଇଲା ଅଗ୍ରୁଁ ତା ଚତୁର ରଚନାହା ।୫୩। ତୁଳାପରି ତ କୋମଳା ସେ ନବବନ୍ନତା । ମଦନ-ଶର-ଘାତେ କି ନ କମ୍ପି ରହନ୍ତା । ହେଲା ଅଶ୍ଚର୍ଯ୍ୟ ଏ ମାନ । ଗଲେ କମ୍ପ ଯାହା ନଳ ହୋଇଣ ଭୂଭୃତ ।୫୪। ନଳେ ହଂସା-ବଶେ ପୁରୋବର୍ତ୍ତୀ ରାଜଗଣ ।—ନୟନେ ସଲିଳ କରିଥିଲା ଅଧିଷ୍ଠାନ । ତହିଁ ମାଳା-ଛାୟାପାତ ।-ଯୋଗେ ଦିଶୁଥିଲେ ସେ ବଇତ ହେଲା ବଡ ।୫୫। ଅତିଶୟ ପ୍ରେମବଶେ ନଳ-ନୟନରେ । ସଖୀଳେ ସଲିଳ ଲୀଳା କରୁଥିଲା ଗେଲେ । ତହିଁ ପ୍ରତିବିମ୍ବ ମାଳ । ଦିଶିଲା ନୟନ ତାହା ପାନକଲା ଭଳି ।୫୬। ଭୈମୀ-କରସ୍ପର୍ଶ-ଜାତ-ପ୍ରମୋଦ-ପ୍ରଭାବ । ବଳେ ନଳେ ବିତରଣ କଲା ସ୍ତମ୍ଭ-ଭାବ । ଶମ୍ବରାରି ଶରବ୍ୟ ।-ସ୍ତମ୍ଭ ଦଶାକୁ ଆଶ୍ରିଲେ ତେଣୁ ଧରାଧବ ।୫୭। ତାରୁଣ୍ୟ ତେଜ ଜଗତ୍କୁ ଗ୍ରହିଲା ସଦୃଶ । ରାଜ୍ୟ ତେଜ ଭୂଷା-ପାଣେ କଲାପରି ଅଂଶ । ଦେବେ ତଥା ନଳଙ୍କର । ଦିବ୍ୟରୂପ ତେଜ ମୂର୍ତ୍ତି ଗ୍ରାହିଲେ ନିଜର ।୫୮। ମାୟା ନଳରୂପ ଇନ୍ଦ୍ର ବରଜିବାକାଳେ । ମୁଁ ଅଗ ମୁଁ ଅଗ ବୋଲି ନେତ୍ରେ କି ଦିଶିଲେ । ବାମା-ସାତ୍ତ୍ୱିକ-ସୌନ୍ଦର୍ଯ୍ୟ ।-ଲୋକନେ କି ହୋଇଥିଲେ ସେ ନେତ୍ରେ ଅଧୈର୍ଯ୍ୟ ।୫୯। ଅନୁକୂଳ-ଭୋଗ ବିବାହେତ ନାହିଁ ଦୋଷ । ତାହା ବାର ପ୍ରବରଙ୍କୁ ବିବାହ-ବିନାଶ ।-ପାଇଁ ଗୋତ୍ର ଶବ୍ଦ ଅଣି ।-ଥିଲେ ସେ ସ୍ମୃତି ଗ୍ରନ୍ଥ ଦିଶିଲା ଯେଷଣି ।୬୦। ସ୍ୱକାମ-ସମ୍ଭବ ତମ ବିନାଶିବା ପାଇଁ । ଜ୍ୱଳନ ଉଦ୍ଧୃତ-ଶିଖାବଳି ବିକ-ଶାଇ । ମୂରତିକି ଅପଣାର । ଜଳେ ପରିଗ୍ରହ ଦେଖୁଥିଲେ ସର୍ବଜନ ॥ ନଳେ ବରି ବରଜିଲା ଅନଳ ଯା ବାଳୀ । ପତି-ଅଙ୍ଗୀ-ପ୍ରାପ୍ତି ଗଲା ତା ଦେଖି ମଉଳି । ପୂର୍ବେ ଥିଲା ସିନା ଲୁଚି । ବିକଶି ଏବେ ସେ ଲାଜେ ରହିଲା ସଙ୍କୋଚ ।୬୨। ସେକାଳେ ନୃପଙ୍କ ଚିତ୍ତେ ସମ୍ଭବବା କୋପ ।-ବତ ମୂର୍ତ୍ତି ପ୍ରକାଶିଲେ ସଞ୍ଜୀବନୀ-ଭୂପ । ବର୍ଣ୍ଣ ଦିଶେ ଅତି ଶ୍ୟାମ । କରେ ଦଣ୍ଡ ନେଇ ଅତିଶୟ ଅତିକ୍ରମ ।୬୩। ସେକାଳେ କାମ୍ବୁସ୍ଥ ମହାଗୁଣ ଚନ୍ଦ୍ରଗୁପ୍ତ । ଯମ ତୁଲେ ହେଲେ ଲୋକ-ନେତ୍ର-ପାତ୍ରୀଭୂତ । ଏ ଦିଅନ୍ତ ପତ୍ରେ କାଳୀ । ସେ ଦିଶନ୍ତି କାଳୀପତ୍ରେ ପତ୍ର ଦେଲାଭଳି ॥ ଯୋଷିତୁଁ ଚନ୍ଦ୍ର-ପାଶକୁ ଫେଇଲା ପରାଙ୍ଗୁ । ପାଶଧର ସଲିଳେଶ ସେ ସ୍ଥଳେ ବିଜୟୁ । ତାଙ୍କ ତନୁ ଜଳମୟୁ । ନୋହେ ବର୍ଣ୍ଣ, କଳପିବ କଳେ ଅବା ଲୟ ।୬୪। ଯିବ ଅଣିବାକୁ କନ୍ୟା ସଦ୍ୱିଜୟୁ ହୋଇ । ଏ ଚିତ୍ତକି ଭ୍ରାନ୍ତ ଚିତ୍ତେ ଚନ୍ଦ୍ର ଜଳସାଇଁ । ଏକା ଅସିଥିଲେ ଚଳ । ଭାର୍ଯ୍ୟା-ପେଟ୍ର କନ୍ୟା ନେବା ଅନୁଚିତ ଭଳି ।୬୫। ମଧୁହନ୍ତା-ମୋଦଦାତ୍ରୀ-ମୂରତି ଭାରତୀ । ପ୍ରକାଶୁଁ ଚିତ୍ତେ ଚହ୍ଲିଲା ତାହାଙ୍କୁ ସୁଦତୀ । ତେଣୁ ତାହାଙ୍କ ବଚନ- । ଶୁଶ୍ରୂଷ୍ୟେ ବିହ୍ୱଲା

Digitized by srujanika@gmail.com

ବାଳା ବସ୍ତୁ-ବର୍ଜ୍ଜିତ । ୬୭ । ଦେଖୁଥିଲେ ସର୍ବନୃପେ ବସି ସେ ସଭାରେ । ପ୍ରକା-
ଶିଲେ ରୂପାନ୍ତର ସକଳ ଅମରେ । ଇନ୍ଦ୍ରଜାଲିକାଦ୍ଧଙ୍କର । ବୃତ୍ତି ବିନାଶନରୁ ବଇର
ହେଲେ ସ୍ଥିର । ୬୮ । ପରସ୍ପର ପ୍ରେମେ ନିମନ୍ତ୍ରିତ ଅତିଶୟ । ଜଳନୃପ-ଭୀମ-ଭୂପ-
ସୁତା-ପରିଣୟ । ଦେଖି ହୋଇ ଅତିତୋଷ । ହେମ-ଉର୍ବୀଧର-ସାର୍ବ-ଭୌମ
ଭାଷି ଭାଷ ।୬୯। "ବୈଦର୍ଭି ! ଦୁର୍ଲ୍ଲଭ ବରବର ତୋତେ ଦେଲି । ଅଜପଟେ ଦୌତ୍ୟ
ମୋର ସମ୍ପାଦିଛ ବୋଲି । ନଳ ! ତୁମ୍ଭଙ୍କୁ ଏ ବର । ଦେଉଛି ସନ୍ତୋଷେ ତୋଷେ
ପରିଗ୍ରହ କର । ୭୦ । ତୁମ୍ଭ-ଯାଗେ ସ୍ୱ-ରୂପରେ ଭକ୍ଷିବି ମୁଁ ହବି । ଅମ୍ଭ ସ୍ୱରୂପ
ନ ଦେଖି ମୀମାଂସକେ ଭାବି । ଆମ୍ଭ ମନ୍ତ୍ର ଅତିରିକ୍ତା ଦେବତା ଥିବାର କଥା
ନୁହେ ଯୁକ୍ତି-ଯୁକ୍ତ । ୭୧ । ଅନ୍ତିମ-ସମୟେ ତୁମ୍ଭେ ଭୁଞ୍ଜେଁ ଶିବା-ଶିବ । ସହିତରେ
ଏକାକାର-କାଶିତ ହୋଇବ । ଯେଣୁ ମୁକ୍ତିପଦେ ଜସ । ହେବ ଲଭି ପ୍ରାଣୀ ଚନ୍ଦ୍ରା
କରଇ ବିଶେଷ । ୭୨ । ବାଳୀ ତୁଲେ ନଳ କେଳି ଅବଶ୍ୟ କରିବ । ତେଣେ
ବାରଣସୀର ସ୍ଥାନତା ସମ୍ଭବିବ । ତେଣୁ ସେପୁର ଅନ୍ତ୍ୟକେ । ତୁମ୍ଭନାମେ ଖଣ୍ଡିତ ନଗର
ହେବ-ଠିକେ" । ୭୩ । ସୁର-ମୁଖ ଧୂମ-ଶୂନ୍ୟ ଅନଳ ଭାଷନ୍ତି । 'ମୋ ଶୁଦ୍ଧହୃଷ୍ଟି-
ସୁରଭି-କ୍ଷୀରଧାରା-ତତି- । ବଡ ସମ୍ପତ୍ତି ତୁମ୍ଭର । ଦିନୁଁ ଦିନ ଲଭୁ ବୃଦ୍ଧି ଅହେ
ନରେଶ୍ୱର । ୭୪ । ଦାହପାକ ବିଧାୟିକା ଯେ ତନୁ ମୋହର । ମୋ ବରେ ସେ
ଇଚ୍ଛାଧୀନ ହେଉ ତବ ନଳ । ଦହିଛି ସେ ମନୋଭବେ । ତା ପ୍ରଭୁ ହୋଇ ତାହାକୁ
ଯାଅ ବଳି ତୁମ୍ଭେ । ୭୫ । ତୁମ୍ଭ ରନ୍ଧା ଅନ୍ନମୀନ-ଆଦି ସବୁଦ୍ରବ୍ୟ । ଅମୃତୁଁ ବଳି
ଅଧିକ ସୁସ୍ୱାଦୁ ହୋଇବ । ସୂପକରଣ-ବିଷୟେ । ଶ୍ରଦ୍ଧା ତୁମ୍ଭ ଥିବାରୁ ଏ ବରଦେଲି
ସର୍ବେ' । ୭୬ । ତୋଷହୋଇ ଜୀବେଶ ଭାଷନ୍ତି ନରଈଶେ । 'ତୁମ୍ଭ ଅବଦାନେ ପ୍ରୀତ
ପୂର୍ବୁଁ ମୁଁ ବିଶେଷେ । ବରଦେବାକୁ ରସନା । ମୋର ତୁମ୍ଭଙ୍କୁ ସତତ ହୋଇଛି
ଉନ୍ମନା । ୭୭ । ଅହେ ଦରନ୍ତପ ନୃପ ସର୍ବଅସ୍ତ୍ର-ଯାତ । ଅଙ୍ଗ ସହିତ ତୁମ୍ଭଙ୍କୁ ହେଉ
ଉପଗତ । ଶାର-ବ୍ରତେ ପାଳିତର । ଏଥୁଁ ବଳି ଅନ୍ୟ ଲଭ୍ୟ ନାହିଁଟି ବିଶ୍ୱର । ୭୮ ।
ମହାକଷ୍ଟେ ପଡିଲେହେଁ ନୁହ ଧର୍ମ୍ମୁଁ ଚ୍ୟୁତ । ଏ ବର ମୋର ତୁମ୍ଭଙ୍କୁ ହେଉ ପରି-
ପତ । ଧର୍ମେ ଯା-ମତି ନିଶ୍ଚଳ । କର ବିଶ୍ୱର ତ୍ରିବର୍ଗ ହସ୍ତରେ ତାହାର" । ୭୯ ।
ଈଷତ ସ୍ମିତ ପ୍ରକାଶି ଭାଷନ୍ତି ବରୁଣ । "ଭୈମୀଙ୍କ ଦେଲି ଦେଉଛି ବରଦ୍ୱୟ ପୁଣ ।
ଯଉତୁକ ପରିକାରେ । କର ପରିଗ୍ରହ ନଳ ସନ୍ତୋଷ ଚିତ୍ତରେ । ୮୦ । ହେଉ
ମରୁପନ୍ଥେ ତୁମ୍ଭ ଇଚ୍ଛାମାତ୍ରେ ହେଲେ । କ୍ଷଣକ ମାତ୍ରକେ ଯିବ କଲ୍ଲୋଳ ସଲିଳେ ।
ଯେଣୁ ଲୋକ ଯାହାପାଇଁ । ଜଳତୁଲେ ଅନ ଭୂତେ ସମାନ ନ ହୋଇ । ୮୧ ।
ହୋଇଥାଉ ପଛେ ମରୁ ଶୁଚଭୂମି ବିଶେ । ହୋଇବ ପ୍ରସାର-ତାପ ସମୁଦ୍ର ବିଶେଷେ ।
ଇଚ୍ଛାମାତ୍ରେଣ ଏତେମନ । ହେବ ହେନ ପୂର୍ବବତ ଇଚ୍ଛାରେ ତୁମ୍ଭର । ୮୨ । କର-

Digitized by srujanika@gmail.com

ସ୍ୱର୍ଣମାନେ ତବ କୁସୁମ ପ୍ରଫୁଲ୍ଲ । ସୌରଭ-ଭର ହୋଇବ ଯେଣୁ ତାହାତୁଲ । ଧର୍ମ କର୍ମ ସାଧିବାରେ । ନ ଦେଖେ ଅପର ଦ୍ରବ୍ୟ ଭୁବନ ସମୁଦେଁ । ୮୩ । କଣ୍ଟକ ସୂଚିତ ପ୍ରକାଶି ଭାରତୀ ଭାଷନ୍ତି । 'ହେ ଭୂପତି ? ତୁମ୍ଭ ରସବତୀ-ପ୍ରସ୍ତୁବତୀ । ହୋଇଛନ୍ତି ମୁଁ ମୋ ପାଶେ । ତଦ୍‌ବର୍ଣାସ୍ଥ ନାହିଁ କଛି କି ନୃପସ୍ପଧାଂଶୁ ? ୮୪ । ବନା ପ୍ରାର୍ଥନେ ଯେ ଅର୍ଥ ଅପଣେ ମିଳଇ । ଅବଧିରଣା ତହିଁରେ ଧୀର ନ କରଇ । ତାକୁ ଯାତାଦାନ ଚିତ୍ତେ । ଭଜ ଶିବେ ଯେତନବା ଉଚିତ ମୋର ମତେ । ୮୫ । ଅର୍ଦ୍ଧାର୍ଦ୍ଧେ ବାମା ଅବାମା ହୋଇ ଏକରୂପ । ବୋଲାନ୍ତି ଯେ ଭଗବାନ ତ୍ରିଲୋକ-ଅଧିପ । ହରମସ୍ତ୍ର ଇନ୍ଦୁଧର । ନରାକାର ସେ ମୋ ମନ୍ତ୍ର ଜପ ସିଦ୍ଧକର । ୮୬ । ଯେ ସୁକୃତବନ୍ତ ଏ ମୋ ମନ୍ତ୍ର-ଚିନ୍ତାମଣି । ବହିବ ସଯତନେ ହୃଦୟେ ତା'ର ବାଣୀ । ସୁଧାରସରେ ପୂରବ । ବାକ୍ୟେ ବାଚସ୍ପତି-ବତ ପୂଜ୍ୟ ସେ ହୋଇବ । ୮୭ । ସ୍ୱର୍ଗର ମୃଗୀଦୃଶୀଙ୍କ ସମ୍ମୋହନ ପାଇଁ । ହୋଇବ କନ୍ଦର୍ପ ସେ ଅପର-ବନ୍ତସାଇଁ । ବେଶି ଭାଷି ବା କି ହେବ । ଯାହା ଭାବବ ସେ ତାହା ତତ୍କାଳେ ଲଭିବ । ୮୮ । ଗୁରୁ-ମସ୍ତଳେ ଅସ୍ନେହ ଅମୁ ଥିବା ମୋର । ମନ୍ତ୍ରମୂର୍ତ୍ତିକି ଯେ ପୂଜେ ଦେଇ ଗନ୍ଧମାଲ୍ୟ । ତା'ର ମହିମା ଅପାର । କହିଲେ ଅସର ହେବ ରଜନୀ ବାସର । ୮୯ । ଥାଉ ତା ନିଜ ପ୍ରଭାବ ପୂଜ ବର୍ଷମାନେ । ସେ ଯେବେ ଅପର-ଶିରେ ଥରେ ଦେବ ହସ୍ତ । ହେଉ ମୂର୍ଖ ପଣ୍ଡେ ସେହି । ଅକସ୍ମାତେ ହବ୍ୟପଦ-ବୃନ୍ଦ ଯିବ କହି । ୯୦ । ଗୁଣନଧି ଅନ୍ତ ରସସ୍ଥିତା ବଇଦର୍ଭୀ । ବେନିଏ ଛନ୍ଦ୍ୟ ମିଚେ ନାସ-ସିଦ୍ଧି-ଲବ୍ଧ । ଏକେ ଦେଲି ତୁମ୍ଭ କୋଳେ । ଅନେ ରଖାଇବ ତୁମ୍ଭ କୀର୍ତ୍ତି କବଗଳେ । ୯୧ । ଯେ ତବ-ଯଶ ଘୋଷିବ ମୁଁ ଥିବ ତା ଗଳେ । ତା ମୁଖୁ ସ୍ଫୁରିବ ପୁଣ୍ୟ ଶ୍ଳୋକ ଅନର୍ଗଳେ । ହେବ ତୁମ୍ଭେ ପୁଣ୍ୟଶ୍ଳୋକ । ହରପର କଳବେ କଳୁଷ ବନାଶକ” ।୯ । ଦେବୀ-ଦେବ ଭାଷନ୍ତି ଉଭୟେ, “ରେ ସୁଦନ୍ତ । ତୁ ପତି-ବହିତା-ଜଗତର ମଥାମୋତି । ତୋତେ କି ଅବା ଦୁର୍ଲଭ । ଭାଙ୍ଗିବ ଯେ ବ୍ରତ ତୋ ସେ ଭସ୍ମହୋଇ ଯିବ । ୯୩ । ହେଲୁ ତୁ ଅଣ୍ୱର୍ଯ୍ୟ ଦେଖି ଅମ୍ଭ ଛଦ୍ମବେଶ । ଦେଉଅଛୁ ବର ହେଉ ସେ ବଦ୍ୟା ତୋ ବଶ । ଯା'ର ବଳେ ଇଚ୍ଛାମତ । ଅକାର ପାରବୁ ତହି ତୁ ବର-ଯୋଷିତେ' । ୯୪ । ବର ବତର ଅମରେ ଚଳନ୍ତେ ଆକାଶେ । ପରଜନ ତୁଲେ ମହୀପତଙ୍କ ସମ୍ମୁଖେ । ଜାତ ମହା-କୋଳାହଳ । ସ୍ୱର୍ଗ-ଦୁନ୍ଦୁଭି-ବାଦ୍ୟେ ତା ହୋଇଲା ତୁମୂଳ । ୯୫ । ପୁଣ୍ୟଶ୍ଳୋକ ନଳଙ୍କ ତ ନାହିଁ କଛି ଦୋଷ । ବଦ୍ୱେଷୀ ଭୂପାଳେ ତାଙ୍କ ବାଛବେ ବା କସ । ଶୁଣି-ବାରୁ ଯମବର । ନ କଲେ ତହିଁ କେ ଅଭ ସମର ବଗ୍ରହ । ୯୬ । କଲେ କେବଳମାନଙ୍କ ବୈଦର୍ଭୀ-ଅଳାଭ- । ବଜନତ-ଦୁଃଖଜାତ ସାର୍ଦ୍ଧଶ୍ୱାସ ଜବ । ସ୍ୱଜସୁତା-ହୃଦୟରେ । ଉଦସ୍ଥ ଦସ୍ୟୁସରତ ଭୂପାଳେ ସନ୍ତ୍ୱରେ । ୯୭ । କାରୁଣ୍ୟ ନସୀଦେବଙ୍କ

Digitized by srujanika@gmail.com

ଲଭି ନୃପେ ବାଳା । ପିତା ଭୀମମହୀପତି ପାଶେ ଜଣାଇଲା । ତହୁଁ ତା ସଖୀ-ସମୂହେ । ଭୂପେ ବିତରିଲେ ଭୀମ ଭୂପତି ବିବାହେ । ୯୮ । ଲଭି ମନ୍ତ୍ର ଦମୟନ୍ତୀ-ଠାରୁ ସଖୀମାନେ । ବଶିଲେ ସକଳେ ଦମୟନ୍ତୀର ସମାନେ । ତାଙ୍କୁ ଲଭି ମହୀପାଳେ । ବାଳା ଅଲଭୁଁ ଜୀବନତ୍ୟାଗ ଉପେକ୍ଷିଲେ । ୯୯ । ମହେନ୍ଦ୍ର ସଙ୍ଗେ ନରେନ୍ଦ୍ର, ନଳ ଶ୍ରୀରେ ଭୂଳି । ହୋଇ ନିଜ-ନିଳୟକୁ ଗଲାବେଳେ ଚଳି । ଶଙ୍ଖ-କାଉଁବିତ ଅଙ୍କ-ମିଶ୍ର ମଧୁବାସ୍ପ ପୁଷ୍ପବୃଷ୍ଟି ସ୍ୱର୍ଗୁ ଝରେ ।୧୦୦। ନିଜ-ନିଜ-ଅଂଶଜାତ ନଳେ ତେଜି ସୁରେ । ସ୍ୱର୍ଗେ ଚଳି ଅଂଶଧ୍ୱଂସ-ଯନ୍ତ୍ରଣା ଲଭିଲେ । ଯାହିଁ ସ୍ୱପୁରେ ଭାରତୀ । ଲେଉଟି ଲେଉଟି ନୃପଜାକୁ ଗୃହୁଁ ଥାନ୍ତି ।୧୦୧। ସୁତାବିବାହ ସମୟେ ଭୀମ ମହୀପତି । ନିଷଧ ନଗରେ ଧୀର-ସତୀ ଦମୟନ୍ତୀ । କଲେ ମଙ୍ଗଳ ବିଧାନ । ନୃପଜନାନିଷ୍ଟଭୟ-ବାରଣ କାରଣ ।୧୦୨। ନିଜ ନିଜ ଶିବିରକୁ ନରେଶ-ନିଚୟ । ଯାହିଁ ବିପକ୍ଷପକ୍ଷର କଟୂକ୍ତି-ନିବହ । ନ ଶୁଣିବାପାଇଁ ହେଜ । ଥିଲେ ବିବିଧ ମଙ୍ଗଳ-ବିଧାନ ସରଜ । ୧୦୩ । କବିରାଜ ରାଜି-ଶିର-ହୀରକ ଶ୍ରୀହୀର-। ମାମଲ୍ଲଦେବୀ ବେନିଙ୍କ ସୁଖ-ସୁଧାକର । ହର୍ଷ ଶରଦ ଚନ୍ଦ୍ରିକା- । ବିତ ରଚିଛନ୍ତି ଏହା ଯୌବନେ ଅଧିକା । ୧୦୪ । ସେ ପଦାଙ୍କ ଅନୁସରି ଭକ୍ତ ଗୋପୀନାଥ । ଧୂଳି କରନ୍ତି ସଙ୍ଗାଳି ଯେନ ବୁଧ ଚିତ୍ତ । ବାଳକର ଧୂଳି ଖେଳେ । ଯେନ ଧୀରେ ସୁଧୀଚିତ୍ତ ଚଳେ କି ନ ଟଳେ । ୧୦୫ ।

ପଞ୍ଚଦଶ ଛାନ୍ଦ ।

ରାଗ—ଗୁଜ୍ଜରୀବଙ୍ଗ ।

ତଦନ୍ତେ ବରଣମାଳକୁ ଭରଣ ଗଲେ ନିଷଧ-ନୃପତି ।
ଶିବିର-ଗମନ-କାଳେ ବନ୍ଦିକୁଳେ ବନ୍ଦିବଦି କହନ୍ତି ।
ହେ ଧୀର ।
ବନ୍ଦିକୁଳେ ଯେ ଦମୟନ୍ତୀର ।
କାନ୍ତି-କାଉଁନେ ମୁଖର-ତର ।
ନୃପ-ପ୍ରଦାନ ତାଂରେ ଅପାର । ୧ ।

ଅତି-ଧନଦାନ-ବଶେ ବନ୍ଦିଜନ ଧନେ ଅନାଦର କଲେ । ଅଣିକଟ କର ନିଅନ୍ତୁ ହୋଇଲା ଯେ ଧନ ସମ୍ଭାଳିବାରେ । ହେ ସୁଜନ । ପଥେ ପଡିଥିବାର ଏମାନ । ବନ୍ଧୁଜନ ଯାଏ ପୁରଜନ । କରୁଥିଲେ ଗୋଟାଇ ଯତନ । ୨ । ଅପର ନୃପଙ୍କ

Digitized by srujanika@gmail.com

ସେବକେ ସ୍ୱାମୀଙ୍କ ଚିତ୍ତ ଜଗି କହୁଥିଲେ । "ତାଙ୍କୁ ବଳି କେବା ଅନ୍ୟାଳୁକ ଅଛି ସଭାରେ ଯୋଷା ଯା ଭୁଲେ" । କେ କହେ । "ଅତି ସୌନ୍ଦର୍ଯ୍ୟ ଶୁଭ ନୁହଇ" । ଏ ସମୟେ ନଳ-କୀର୍ତ୍ତି ଗାଇ । ଭାଟେ ଦେଲେ ସେ ସର୍ବ ଛପାଇ । ୩ । ଅଗ୍ରତଏ ବୃଥା ଦୂଷୁଥିଲେ ବଡ଼ ଆଏ ସାଧୁତା ସାଧୁର । ଥାଆନ୍ତା ଯେବେ ପ୍ରକୃତରେ ଦୂଷଣ କହନ୍ତ ସାଧୁଲୋକର । ହେ ଧୀରେ । ତା'ର ପ୍ରକୃତ ଦୋଷ ଗାନରେ । କପାଁ ନ ବସି ତା ଉପୁବାରେ । ମାତନ୍ତେ ମିଥ୍ୟା ଦୋଷାରୋପରେ । ୪ । ତେଣେ ଅନ୍ତଃପୁରେ ମହାରାଣୀ ହୋଇଥିଲେ ଅତ୍ୟନ୍ତ ଅତୁର । ଏକାଳେ ଭୀମ ନୃପ ତହୁଁ ବଳନ୍ତୁ ଧରି ଜେମାମଣି-କର । ହେ ଧୀରେ । ତୋଷେ ରାଣୀଙ୍କି କ୍ଷାନ୍ତ ଧୀରେ । "ଯେନ ଯାମାତା ବୋଲି ନଳରେ । ଉତକଣ୍ଠା ନ ଆଉ ଚିତ୍ତରେ । ୫ । ଯା ତନୁ-କାନ୍ତିରେ ଅତନୁ ଅତନୁ ସେ ତାରିବ ଅନୁକୂଳ । ସେ ନଳ ଯେବେ ଯାମାତା ଅମ୍ଭ ହେବେ ଏଥୁଁ ବଳି କି ସୁଫଳ । ଗୋ ଦେବି ! । ତ୍ରିଭୁବନ ନୃପମଧ୍ୟୁଁ ଭାବ । ଏହି ବର-ବରଣ-ପଦବୀ । ଏକା ଅମ୍ଭ ସୁତାରେ ସମ୍ଭବ । ୬ । ସ୍ତ୍ରୀଜନ-ଉଚିତ ଅଗ୍ରର ଯାବତ ପାଣି-ଗ୍ରହଣ-ବିଷୟେ । କରନ୍ତୁ ସମ୍ପନ୍ନ ଯେ ବିଧି ବିଧାନ ଅମ୍ଭର ପୁର-ଯୋଷାଏ । ଗୋ ପୁଣ । ଶ୍ରୁତି-ସ୍ମୃତି-ଦ୍ରୁକତ-ବିଧାନ- । ମାନ କରିବୁଁ ଅମ୍ଭେ ନିଷ୍ପନ୍ନ" । ଭାଷି ଏମନ୍ତ କଲେ ପ୍ରସ୍ଥାନ । ୭ । ପୁରୁଁ ବାହାର ସଭାରେ ବିଜେ ନୃପ ଜଣାନ୍ତ ଲଗ୍ନ ଜ୍ୟୋତିଷେ । ଶୁଭଗ୍ରହୋଦୟେ ଦୃଷ୍ଟ-ଗ୍ରହକ୍ଷୟେ ନାହିଁ ତହିଁ ଦୋଷ ଲେଶେ । ହେ ଭଜନେ । ସେହି ଲଗ୍ନେ ସୁତା ସମ୍ପ୍ରଦାନେ । ନର-ମଘବା ନଳ-ରାଜନେ । କଲେ ସ୍ଥିର ଭୀମ ଭୂପ ମନେ । ୮ । ଏଥୁଅନ୍ତେ ଦୂତମୁଖେ ଭୀମଭୂପ ଜଣାଇ ପଠାନ୍ତ ନଳେ । 'ନକର କରୁଣା-କଣା-ଦାନେ ଊଣା ଏ ମୋର ତନୟା-କୁଳେ । ହେ ସାର । ଚୀର-ଜାତ ମୋ ବାଞ୍ଛା-ଅଙ୍କୁର । ଲଭି ତୁମ୍ଭ ପଦଧୌତ ଜଳ । ହେଉ ନବପଲ୍ଲବେ ରୁଚିର' । ୯ । ଦୂତ-ବଦନ-ଗହ୍ୱରୁ ଭୀମଭୂପବାଣୀ-ପ୍ରତିଧ୍ୱନି ଏତେ । କରି ଶ୍ରବଣ ନିଷଧ-ଦେଶାଧୀଶ ଭାଷନ୍ତ ସନ୍ତୋଷ ଚିତ୍ତେ । "ମୁଁ ଯିବି । ରାଜୁ ଚରଣଯୁଗ ବନ୍ଦିବି' । କହି ଦୂତେ ଧନଦାନେ ଦେଖା- । ଲକ୍ଷ୍ମୀ-ଭଣ୍ଡାରିକି ଦେଲେ ଦାବି । ୧୦ । ଦୂତ ମୁଖୁଁ ସର୍ବ ସନ୍ଦେଶ ଶ୍ରବଣକରି ବିଦର୍ଭ-ରାଜନ । ନିଷଧ-ନୃପତି-ଆଗମନ ପ୍ରତି ରହିଲେ ପଥ ଚାହିଁଣ । ହେ ଧୀରେ । ଯଥା ନିଶା-ଶେଷ ସମୟରେ । ଶୁଣି ଚରଣାୟୁଧ-ରବରେ । କୋକ କରଇ ପ୍ରତୀକ୍ଷା ସୂର୍ଯ୍ୟେ । ୧୧ । ଅଲେପନ-ଦାନେ ଚତୁର୍ଥ କେ ନାରୀ ବିଦର୍ଭେଶ-ଅନ୍ତଃପୁରେ । ହୋଇ ପୁରସ୍କୃତ ଅହଂକାରେ ଚିତ୍ତ ପୁଲକ୍କ ହଟଇ କ୍ଷଣେ । ହେ କେବା । ପୁପ-ନିର୍ମାଣେ ଦକ୍ଷତା ଥିବା- । ଯୋଗୁଁ ହଉ ଅସନେ ବସିବା ।- ହେତୁ ଭାବେ ମୋ ସମାନ କେବା । ୧୨ । ସେ କୁଣ୍ଡିନ-ପୁର ପ୍ରତ୍ୟେକ ଅଗାର-ପୁରତ-ତୋରଣ-ତତି । ବିବିଧ-ମଣିରତ୍ନ-ମୁକ୍ତା-ନିଚୟେ ବିକାଶନ୍ତ ଦିବ୍ୟ

Digitized by srujanika@gmail.com

ଜ୍ୟୋତ । ହେ ଧୀରେ । ସାନୁପର ଦୂରଗାମିତାରେ । ସଙ୍ଗେ ସେ ଜ୍ୟୋତ ଚତୁ-
ର୍ଦ୍ଦିଗରେ । ପୁର ହସଇ କ ଜ୍ୟୋତ-ଛଳେ । ୧୩ । ବନ୍ଧାଣି ଏ ବାସ-ପୁଷ୍ପହାରେ
ପ୍ରତିପଥେ ଚନ୍ଦ୍ରାତପ କଲେ । ସେ ପୁଷ୍ପ ପୁଣି ଅକାଳକ କୁସୁମ,-ତହିଁ ଗାସ ଦେଇ-
ଥିଲେ । ହେ ଧୀରେ । ପଞ୍ଚ କୁସୁମ-ବିଶେଷତ୍ୱରେ । ମଧୁକର-ନିକର ଭ୍ରମରେ ।
ହେଲେ ପତିତ ସେ ବିତାନରେ । ୧୪ । ସେ ପୁରେ ନାନା-ରତନେ କଞ୍ଚୁକିତ
ପ୍ରତୀଏ ବିରାଜୁଛନ୍ତି । ବିବିଧ-ବିଚିତ୍ର ଚନ୍ଦ୍ରେ-ଗୃହାବଳି ବଳି ଝଳ ବିକାଶନ୍ତି ।
ହେ ଧୀର । ମଣିକାନ୍ତିମଣ୍ଡନକର ପୁର । ଦିଶେ ଅତିଶୟ ମନୋହର । ସେ କ ସ୍ୱରଗ
ମର୍ତ୍ତ୍ୟଲୋକର । ୧୫ । ଘନ ଘନ ଘନବାଦ୍ୟ ବାଜୁଅଛି ତତ ବାଜେ ସତତରେ ।
ଶୁଣିରସ୍ବର-ଶିଖୀ କେ ବର୍ଣ୍ଣିପାରେ ଅନଙ୍ଗ-ଧ୍ୱନି ଗମ୍ଭୀରେ । ହେ ଧୀରେ । ଶୁଭେ ସେ
ପୁରେ ଅନାରତରେ । ତର ସହବାକୁ ନାହିଁ ଛଳେ । ଝରେ ଅମୃତ ଶ୍ରୁତିପୁଟରେ ।୧୬
ବାଜଇ ମୁରଲୀ ବୀଣାକରେ ମିଳ ସେ ମିଳେ ସଙ୍ଗୀତ ସଙ୍ଗେ । ଝର୍ଝର ତା ତୁଲେ
ମିଳ ବାଜୁଅଛି କୃତୂହଳକୁ ସେଣ ସଙ୍ଗେ । ହେ ଧୀରେ । ଚକ୍କା ମିଳ ମର୍ଦ୍ଦଳ
ସଙ୍ଗରେ । ଅନୁଗମଇଁ ସେ ବାଦ୍ୟସ୍ୱରେ । କେହି ନ ବଳନ୍ତି କା'ରେ ଛଳେ । ୧୭ ।
ଏକେ ଜନରବ ନିମିଷ-ମାତ୍ରକେ ବ୍ୟାପଇ ସହସ୍ରକୋଣ । ସେ ପୁଣି ହୋଇଛି ବିବିଧ-
ବାଦ୍ୟ-ନାଦେ ତୁମୂଳ ବିଶେଷ । ହେ ଜନେ । ସିନ୍ଧୁ-ଧୀର-ଗମ୍ଭୀର-ଗର୍ଜ୍ଜନେ ।
ମିଶିଯାଇ ସେ ନିନାଦ ଥଣେ । ନ ସମ୍ଭାଇଲା ଦିଗ୍‌ଦନ୍ତୀ-କର୍ଣ୍ଣେ । ୧୮ । ବେଦିରେ
ବୁଟର ଚତୁଷ୍ପଥପର ରତନ ପୀଢ଼ା ପକାଇ । ଶ୍ୟାମମସୃଣପଟ୍ଟ-ସୁତାକୁ ବଜସ୍ୱ କସ-
ଇଲେ ତହିଁ ନେଇ । ସେ ବାଳ । ତୋଳ ହେମ-ପୂର୍ଣ୍ଣ-କୁମ୍ଭାବଳ । କୁଳବିହିତ
ଅଗ୍ରବ ପାଳ । ସ୍ନାନ ବଢ଼ାଇଲେ ଜଳ ଢ଼ାଳ ।୧୯। ଭୂପତିସୁତା-ସୁବର୍ଣ୍ଣ-ପୟୋଧର-
ଯୁଗଳେ ବିବାଦ କର । ହାରଥିବାରୁ ବାର ବୋହୁଛନ୍ତିକ ସାତକୁମ୍ଭ-କୁମ୍ଭାବଳ ।
ହେ ଧୀରେ । ତାଙ୍କ ମୁଖେ ତ ରୂ୍ୟତ-ମୁକୁଳେ । ବହିଅଛନ୍ତି ବାଳା-ବର୍ଣ୍ଣରେ । ତେଣୁ
ଏ ଶଙ୍କା ଜାତ ଚିତ୍ତରେ । ୨୦ । ସେ ନୃପକୁମାରୀ ସ୍ନାନବିଧି ସାର ପିନ୍ଧୁ ଶୀତାଂଶୁ
ଦୁକୁଳ । ଦିଶଇ ରୁଚର ବର୍ଷା-ଶରତର ସନ୍ଧି-ସମୟ ପ୍ରକାର । ହେ ଧୀରେ ।
ରୂପ କେ ବା ତା'ର ବର୍ଣ୍ଣିପାରେ । ନରୁଁ ନମ୍ରାନତର ବଧିରେ । ପ୍ରଫୁଲ୍ଲିତା ତ ବାଞ୍ଛା-
ସିଦ୍ଧିରେ ।୨୧। ସଲିଳ-ବରଷି-ଦଳିତ-କନ୍ଦୁଳ-କୁନ୍ତଳ-ଜାଳେ ମଞ୍ଜୁଳା । ଶୀତାଂଶୁ
ବସନ ଲଗିହୋଇ ତଥାବିଧ ଶୋଭିଲା ସେ ବାଳା । ହେ ଧୀରେ । ଯଥା ନିବିଡ଼-
ନୀରଦଜାଳେ । ବଳୟିତ ଶଶୀ-ଶୋଭି ଭଲେ । ଦିଶେ ଦିବ ସୁନ୍ଦର ବଧିରେ । ୨୨ ।
ସେ କରଜ୍ଞେରୁ ଚକୁର-ନିକର-ପ୍ରାନ୍ତରୁ ନିର୍ମ୍ମଳ-ଜଳ ।—ବିନ୍ଦୁ-ବୃନ୍ଦ ଝର ସୁନ୍ଦର
ଦିଶଇ ଚିତ୍ତେ ଜାତ ଏ ବିଗ୍ରହ । ହେ ଧୀରେ । ସେ ତ ଜଣିଛି କୃଷ୍ଣଗ୍ରମରେ ।
ତେଣୁ ସିତଶାର୍ଦ୍ଧି-ମୁକ୍ତାବାରେ । ରତ ନିରନ୍ତର ବର୍ଷିବାରେ । ୨୩ । ସ୍ନାନସଲିଳ

Digitized by srujanika@gmail.com

ଅଳି-ପାଳି କୋମଳ-ଦୁକୂଳେ ଅଙ୍ଗୁ ବାଳର । ଢଅନ୍ତି ପୋଛି ତା କଳେବର ରୁଚି ଢଶିଲା ରୁଚିରତର । ହେ ଧୀରେ । ଦେଖିଛ ଯେ ସେ କାଳେ ବାଳରେ । ଚଳନ୍ତି ସେ ତପ୍ତକାର୍ତ୍ତିସ୍ୱରେ । ନିର୍ମିତ ଏ ରସାଣିତ ପରେ । ୨୪ । ସୁଗନ୍ଧ ବିଲେପନଁ ବାସେ ଶ୍ରୀଅଙ୍ଗ ମାର୍ଜ୍ଜନେଁ ହେଲେ ଉଜ୍ଜ୍ୱଳ । ତା ଗୃହେଁ ଏମନ୍ତ ବିଗ୍ରହ ପ୍ରସରେ ଦର୍ଶକ-ଚିତ୍ତେ ଚଞ୍ଚଳ । ହେ ଧୀର । ଯେବେ ଦରଷ୍ଟୁନ୍ତି କେତକର । ସଉରଭ ନେବ କାର୍ତ୍ତିସ୍ୱର । ତେବେ ହେବ ବା ତୁଳ ଏହାର । ୨୫ । ସକଳ-କଳାରେ କୁଶଳା ଅଳିଏ ନିର୍ମଳ ବେଦିକାପରେ । ବାଳାମଣିଙ୍କ ବିଜୟ କରାଇଲେ ସମ୍ଭ୍ରମେ ହରଷଭରେ । ହେ ଧୀରେ । ଚିରଶିକ୍ଷିତ କଳା-କୌଶଳେ । ପ୍ରତିଅଙ୍ଗେ ପ୍ରତିକର୍ମ୍ମ କଲେ । ହସ୍ତଲାଘବୁଁ ଅତି ଚପଳେ । ୨୬ । ସ୍ୱଭାବେ ସୁଷମା-ସୀମା ସେ ନବୀନା ଅଳଙ୍କାରେ କିସ ତା'ର । ତଥାପି ଅଳିଏ ବିଭୂଷି ବାଳୀଙ୍କ ଦେଖନ୍ତି ରୁଚିରତର । ହେ ଧୀରେ । ବାଳୀଶୋଭି ନ ବଢ଼େ ଭୂଷାରେ । ଭୂଷେ ଅଙ୍ଗନା-ଅଙ୍ଗ ଭୂଷାରେ । କେବା ଏ କଥା ବୁଝେ ସେକାଳେ । ୨୭ । ବିଧୁମଣ୍ଡଳେ ବନ୍ଧୁକ ସରସିଜ ଯୁଗଳ କ୍ରମରେ ଦେଇ । ତା'ପରେ ଚମ୍ପକକଳିକା ସମର୍ପି ଯେବେ ବା ପୂଜନ ହୋଇ । ହେ ତେବେ । ବାଳୀ ମୁଖତୁଲ ହେବ ଇବେ । ସେ ତ ଅଧର ନେଣେ ସ୍ୱଭାବେ । ମନଃଶିଳ-ତିଳକରେ ଶୋଭେ ।୨୮। ମହୀ-ମହେନ୍ଦ୍ରଙ୍କର କାମସମ୍ଭବ ନିବିଡ଼-ତାମସୀ ପାଇଁ । ତାମସ-ବସନ-ନିର୍ମାଣକାରଣ ଅସିତ-ସୂତାର ଗୁଛ । ସେ କେଶ । ବାଳୀଶର କୋମଳ ବିଶେଷ । ଲଭି ସୁବାସଧୂପ-ପରଶ । ତାକୁ ବାନ୍ଧଲେ ଅଳି ରଭସ । ୨୯ । କେ ଅଳି ବାଳୀକେଶ ଭଳି ଧୂପଜ ଧୂମାବଳି ବାନ୍ଧି ଇଚ୍ଛେ । ତା ଭ୍ରାନ୍ତି ଦେଖି ପାଶର ସଖି ଅକ୍ଷିଠାର ହସୁଁ ; ଭ୍ରମେ ହେଛେ । ସେ ବାର । ଭ୍ରମ ନିଜର ଲଜରେ ଲୁଳି । ଦନ୍ତୀଦନ୍ତ-କଙ୍କତିକା ଗୃହି । ବାଛେ ବାଳୀ-କେଶକୁ ଧାମଳି । ୩୦ । କରୁଣାକୁନ୍ଦୁଳ ଖଞ୍ଜିଲେ ମଞ୍ଜୁଳ ବାଳୀ-କୁଟିଳ-କୁନ୍ତଳ । କଳି-କର୍ଷିତ-କଳନ୍ଦତନୟାର ତରଙ୍ଗ-ଭଙ୍ଗ-ଭଙ୍ଗୁର । ହେ ଧୀର । ଶରୀରକୁ ଶତ ଶତ ବାର । ହସ୍ତଆଏ ଲବି-କୁସୁମର । — ଛଳେ ଅବହେଳେ ନିରନ୍ତର ।୩୧। ଏଥୁଅନ୍ତେ ଅଳି ବାଳୀ-ଭାଲପଟ୍ଟେ ଭଳି ସୁନା ଚିତା ଦେଲେ । ଅଚିରପ୍ରଭା କି ପୁରୀର ବିଷ୍ଟଳେ କୁନ୍ତଳ-ଜଳଦକୋଳେ । ହେ ଧୀରେ । ମୁଖଶଶୀ-ସୁଧା ଗୃହ୍ଣିବାରେ । ନାଶ ନ ଭଜ କ୍ଷଣମାତରେ । ଚିରପ୍ରଭା ବିକାଶୁଛି ଭଲେ ।୩୨। ମନଃଶୀଳ ତିଳକ-ଦୀପାବଳୀର ସଞ୍ଜାତ ଧୂମହନ୍ତତି । ଦଳିତକଜ୍ଜ୍ୱଳ-କାଳିମା ଗିଳିବାଭଳି ଏଳି ଦିଶୁଛନ୍ତି । ହେ ଧୀରେ । ସେ ତ ଉର୍ଦ୍ଧ୍ୱେ ବିସର୍ପି ସଧୀରେ । ଭାଲପଟ୍ଟ-ସୀମା-ସମୀପରେ । ଖେଳି ଚୂର୍ଣ୍ଣିକୁନ୍ତଳ ହୋଇଲେ । ୩୩ । ସୁଗାନ୍ଧୀ-ନେତ୍ରପ୍ରାନ୍ତକୁ ସ୍ପର୍ଶି ସଜେ ଅଞ୍ଜନ-ଜନିତ ଗାର । ସେ ଗାର-ଶେଷଯାଏ ନେତ୍ରଞ୍ଚଳ ପ୍ରସରିଇବାର ମୂଳ । କି କହ । ସୂତା ମାରଛି ବିନ୍ଧୁସ-ଶିଳ୍ପ । ଭ୍ରାନ୍ତ ଜାତ ତାହା ଦେଖିକରି । କଲ୍ପ ଶିଳ୍ପ ସେ କେତେ

Digitized by srujanika@gmail.com

ସ୍ଫୁରୁଛି ।୩୪। ବରଷେ ହାର ନୟନ-ତାରଯୁଗ ନୀଳମଣି ଦୁଇଗୋଟି । ଥାଏ ଅନଙ୍ଗ-ଲୀଳାଭୂମ ଅପାଙ୍ଗେ ଅରକ୍ତ ଥିବ ଚହଟ । ହେ ଧୀରେ । ତା'ର ଛବିତ ଗତ ବର୍ଣ୍ଣରେ । କଳାଗାର ପଡ଼ିଛି ପଥରେ । ତାକୁ ଅଞ୍ଜନ ବୋଲନ୍ତି ନରେ । ୩୫ । ବାଳାନୟନ-କଳାଗାର ଯୁଗଳ ଦିଶେ ଏମନ୍ତ ମଞ୍ଜୁଳ । ଗୁଣ-ଘର୍ଷଣ-ଜାତ କଣେ ଶ୍ୟାମିତ କି ମାର-କରଯୁଗଳ । ହେ ଧୀର । ପରଶରେ ନୀଳୋତ୍ପଳ-ଶର ।—ଦଣ୍ଡ ବରଜ ବର୍ଣ୍ଣ ନଜର । କାଳକ୍ରମେ ପଡ଼ିଗଲା କାଳ । ୩୬ । ସେ ନେତ୍ରଭୁଲେ ତୁଳ ହୋଇ ପାଞ୍ଚିଲେ ଯେଣୁ କୃଷ୍ଣସାର-ନେତ୍ର । ସେ ଦୋଷୁଁ ତାଙ୍କୁ ଉପାଡ଼ ଦେବାପାଇଁ କର ବିଶ୍ବର ବିଧାତ । ହେ ଧୀର । ତା'ର ନେତ୍ରପ୍ରାନ୍ତରେ ନଖର । ଦେଖେ ଦେଉଁ ବସାଇ ସମ୍ଭବ । ଏବେ ସେ କ୍ଷତ ଦିଶେ ତହିଁର । ୩୭ । ସୁଷମା-ସୀମା ସମାର ଅରକ୍ତିମା ନୟନଯୁଗେ ନିତାନ୍ତ । ନିର୍ପୀଡ଼ିତ ହୋଇ ଉପାୟ ନ ପାଇ ଶେଷେ ଶ୍ରୁତିଯୁଗ ସତ । ହେ ଧୀରେ । ତାଙ୍କ ପ୍ରତିନିଧି-ବିଗ୍ରହରେ । ନୀଳୋତ୍ପଳ-କୁମୁଦଯୁଗଳେ । ବହୁଛନ୍ତି ନିଜ ନିଜ ଶିରେ । ୩୮ । ସୁଦୀର୍ଘ-ଶ୍ରୁତି-ଉପରେ ନୀଳୋତ୍ପଳମାଳା ଦେଖି ଏ ବିଶ୍ବର । ତହିଁ ପଡ଼ ଅବା ଗଲା ଜାଡ଼ି କେଉଁ କାମିର ନେତ୍ର ଯୁଗଳ । ହେ ଧୀରେ । ରତିପତିର ହେତି-ତାପରେ । ନେତ୍ର-କ୍ଷତ ତ ତା'ର ଦିଶିରେ । କ୍ଷତପୂର୍ଣ୍ଣ ତା' ସେହି ଶ୍ରୁତିରେ । ୩୯ । କେଉଁ ଆଳୀ ବାଳା-ଶ୍ରୁତିରେ ସେକାଳେ ଖଞ୍ଜିଲା ଯୁଗଳ ମଣି । ତା'ର କାରଣ ପଲ୍ଲବ-ସ୍ଥମ-ନସ-ଗୃପ ହେଲା ସେହିକ୍ଷଣି । ହେ ଧୀରେ । ତହିଁ ନୟନ-ନୀଳୋତ୍ପଳେ । ଶଙ୍କ-ଯୁଗଳ ପାଲଟି ଗଲେ । ଲଭି ତା କାମ ଛଳିଲା ନଳେ । ୪୦ । ଏ ଶଶାଙ୍କ ଦ୍ୱୟ ତୋ ମୁଖ-ଅମୀୟ-କରେ ହେଲାଣି ବିବାଦ । ଭ୍ରମଜ୍ଞାନ ଏତେ ବତାଇଁ ସେ କଥା ତଥ୍ୟାତଥ୍ୟ ନ ସମ୍ବାଦ । ହେ ଧୀରେ । ବାଳୀଶ ତ ସେ ସଦା ବିଧିରେ । ଶଶିଯୁଗଳ କୁଣ୍ଡଳ-ଛଳେ । ବାନ୍ଧି ରଖିଲା ଶ୍ରୁତି-ପାଶରେ । ୪୧ । କୁଣ୍ଡଳ ବେନି କର୍ଣ୍ଣରେ ଖଞ୍ଜି ପୁଣି କେ ବାଳୀ ଭାଷଇ ହସି । "ତୋ ମୁଖ-ସୁଧାକର ପାଶେ ଏ ବେନି ଗୁରୁ ଶୁକ୍ରବତ ଦିଶି । ଗୋ ସଖି । ଗଲା ଦୁରୁଧୁରୁ ଯୋଗ ହୋଇ । ହେବୁ ପତି-ସୁହାଗିନୀ ତୁହି । ଏଥୁଁ ବଳି କି ଶୁଭ ଅଛଇ" । ୪୨ । ଅଳତା-ବୋଳ ଦିଶିବାପାଇଁ ଝଳବାଳୀ ଅଧରେ କେ ଆଳୀ । ଛଣା-ଟଙ୍କଣ ମୃଦୁଳ ମହଣକୁ ଅଳ୍ପେ ଦେଇଥିଲେ ବୋଳି । ହେ ଧୀରେ । ମଧୁ ପୀୟୂଷ-ସମ ବିଧିରେ । ସେ ମଧୁରୁ ଅଧିକ ଅଧରେ । ଅଣ୍ଡିଲା କି ମହଣ ସୁ-ଧୀରେ । ୪୩ । ଶୈଶବ-ସମୟେ ସରସ-ହୃଦୟା ସେ ଦମ୍ପତିର ଗଳା । ସୁସ୍ୱର-ସମ୍ପଦ-ବଶେ ବକ୍ଷକାର ଖ୍ୟାତି ଲୋକେ ଲଭିଥିଲା । ହେ ଧୀରେ । ଏବେ ସପତ-ସର ହାରରେ । ସଜବାରୁ ସେ ଗଳା ବେଷ୍ଟରେ । ଲଭେ 'ପରିବାଦିନୀ' ନାମରେ । ୪୪ । ଶୁଭବିଧି ଯୋଗେ ବରଭୁଜ-ଯୁଗେ ସେ ଶଙ୍ଖାଳିଗି

Digitized by srujanika@gmail.com

ହୃଅନ୍ତେ । ତା ଦେଖି ଦରଶକଲୋକ-ଚିତ୍ତରେ ଜାତ ବିତର୍କ ଏମନ୍ତେ । ହେ
ଧୀରେ । ଏ କି ମୃଣାଳ-ବଳୟମାନେ । ମୃଦୁଲତା ଶିକ୍ଷା ବିଷୟରେ । ଅଛି ଅତ୍ୟନ୍ତ
ବାଳା-ଶୀକରେ ।୪୫। ଅଳଏ ବାଳର ପଦେ ଲକ୍ଷା-ରେଖା ଲେଖି ରେଖି ଦେଇ-
ଥିଲେ । ଯା ଅକ୍ଷ ଥିବ ସେ ଉଦ୍ୟଛବି ବୃଦ୍ଧି ବିଗ୍ରହୁଁ ଥିବ ଚିତ୍ତରେ । ହେ ଧୀରେ ।
ଲଭି ବିଚ୍ଛେଦ ନଖା-ଯୋଗରେ । ପ୍ରୀତେ ଲଭି ଦିବାକର-କରେ । ସିଜେ ସରୋଜ
କି ସଙ୍ଗରେ । ୪୬ । ଏଣିକି ଭୂଭୃତ-ସଙ୍ଗତ ନିଯୁତ ଲଭିବ ନାଗଖଣ୍ଡଣ । କେତେକ
ମୋ ନଷ୍ଟେ ନାଶ ହେବ ଭାବି ଏତେ ପୂର୍ବକୃତ ଦୋଷ । ହେ ଧୀରେ । କାମାନଳ
ବାଳୀଶ-ପଦ୍ମରେ । ପଶେ ଶରଣ ତା ଦେଖି ନରେ । ବୋଲନ୍ତି ଏ ରଞ୍ଜିତ
ଲକ୍ଷାରେ । ୪୭ । ଏକେତ ବାଳର ଶ୍ରୀଅଙ୍ଗ ଅତୁଳ-ଶୋଭାର ଆଧାର-ସ୍ଥଳ । ପୁଣି
ଯଥା-ବିକଶିତ ଅବୟବେ ଦିଶଇ ରୁଚିରତର । ହେ ଧୀରେ । ତହିଁ ଖଞ୍ଜା ହୋଇ
ଅଳଙ୍କାରେ । ଅଳପଣ୍ଡିକ ପରସ୍ପରରେ । ଏଥି ଅମୃତ୍ତିତ ନିଷ୍ଫଳ ରେ । ୪୮ । ଅଳ-
ଙ୍କାର ଲାଗି ହେଉ ସେ ବରାଙ୍ଗୀ କ୍ରମେ ଅଧିକୁଁ ଅଧିକ । ଦିଶିଲା ଶୋଭିତା ଶୋଭା-
ସମ୍ଭାରକୁ କରି ଶତ ଶତ ଧିକ । ହେ ଜନେ । ସଉନ୍ଦର୍ଯ୍ୟ-ସୋପାନ-ବିଧାନେ ।
ଯାଇ ଅତିକ୍ରମି ଅତି ଘନେ । ବୁଡ଼ାଇଲା ଶୋଭାସୀମା-ଙ୍କାନେ । ୪୯ । ମଣି-ସମାନ
ନିର୍ମଳ ଦରପଣ-ମଣ୍ଡଳେ ସେ ଶଶୀମୁଖୀ । ମୁଖ ଦେଖିଲା କି 'ବୋଲନ୍ତି କାହିଁକି
ଲୋକେ ମୋତେ ଚନ୍ଦ୍ରମୁଖୀ' । ହେ ଧୀରେ । ନିଜ ଅସ୍ୟ-ବିମ୍ବ-ସୁଧାକରେ । କଷ୍ଟ
ଥିଲା ନିଜ ବଦନରେ । ତାରତମ୍ୟ ବାରିବା ଆଶାରେ । ୫୦ । ବାଳୀମୁଖେ ହାର
ଶଶାଙ୍କ ବିଗ୍ରହ ପ୍ରକାଶେ ଯୁଗଳକାନ୍ତ । ତା ସାକ୍ଷୀ ନୟନ-ସଙ୍କୋଚିବା-ଛଳ ଏ
ସମୟେ ସନ୍ଦିଗ୍ଧସ୍ଥ । ହେ ଧୀରେ । ଦୁଇ ଦର୍ପଣ ଦୁଇ ପାଶରେ । ଦେଖାଇଲେ
ବାଳୀଶ-ଛମୁରେ । ମୁଖନୟେ ପୁଣି ଶଶି ହାରେ । ୫୧ । ଅଳି-ଯୁଗକର-ମୁକୁରେ
ବାଳୀର ମୁଖ-ପ୍ରତିବିମ୍ବ ଚୟ । ତା ଦେଖି ନନକୁ ଅସଇ ସଂଶୟ ସତେକି ପଦ୍ମ-
ନିଚୟ । ହେ ଧୀରେ । କରି ସମାଧି ନଶୀଥିନରେ । ଲଭି ନିର୍ବାଣ-ପଦ ଶଶିରେ ।
ତା'ର ଅସ୍ୟସାଲୋକ୍ୟ ଲଭିଲେ ।୫୨। ବିଭୂଷା-ବସା ଅସଂଖ୍ୟ-ମାଣିକ୍ୟର ମଣ୍ଡଳେ
ପଲାଶ-ମାଳ । ବିଗ୍ରହ ତହିଁ ମିଳିତ ହେଲେ ଅନଳପ-ଚିତ୍ରାମୁଖ-ଜାଳ । ହେ
ଧୀର । ସେ ବାଳା ତ ସର୍ବସ୍ୱ କାମର । ତା ରକ୍ଷଣ କି ବିଗ୍ରହ ସ୍ମର । ରଖାଇଛି
ଖଗସନ ଶର । ୫୩ । ଯମୁନାଦ୍ଧ-ନଦୀ-ମିଳନେ ପ୍ରସିଦ୍ଧି ଲଭେ ଯଥା ମନ୍ଦାକିନୀ ।
ସ୍ୱଭାବ-ସିଦ୍ଧ ସ୍ନେହ ଯଥା ବିକଶେ ସୁଗୁଣ-ସଂଯୋଗ ଘେନି । ହେ ଧୀରେ । ନିତ
ଯଥା ସୌଭାଗ୍ୟ-ବଶରେ । ଶୋଭେ ତଥା ବିଭୂଷଣ-ବାରେ । ବାଳୀ ବିଳସେ ଅତି
ଶୋଭାରେ । ୫୪ । ବିବାହ-ମହୋତ୍ସବପାଇଁ ବିଦର୍ଭପତି-ପୁରେ ସମାଗତ । ସାମନ୍ତ-
ନୃପତି-ଯୋଷିତେ ସ୍ୱପତି-ସାର୍ଦ୍ଧାୟୁ ବାଞ୍ଛି ବ୍ରତ । ସେ ଚିତ୍ତେ । ନଳରେଖୁଁ ତରିବା

Digitized by srujanika@gmail.com

ଇହୁତେ । ଶିର-ସିନ୍ଦୂର-ସୁବିନ୍ଦୁବ୍ରାତେ । ଜେମା-ପଦେ ଲକ୍ଷା ଦେଲେ ସତେ ।।୫୫। ତହୁଁ ଦମୟନ୍ତୀ ଦେବ-ଗୁରୁ- ପତିବ୍ରତାଙ୍କ ବନ୍ଦିଲେ ପଦ । ତାଙ୍କର ପ୍ରଦତ୍ତ ଅବ୍ୟର୍ଥ ଆଶୀଷ ଲଭି ବଢ଼ିଲା ପ୍ରମୋଦ । ହେ ଧୀରେ । ସୁର-ପ୍ରଦତ୍ତ ଅବ୍ୟର୍ଥ ବରେ । ଏହି କଲ୍ୟାଣ ଅବ୍ୟର୍ଥତାରେ । ସମ, ଉଣା ନୋହିଣ ଗୁଣରେ ।୫୬। ଏକାଳେ ପ୍ରସାଧନ-କର୍ମ-ନିପୁଣ ଅନୁଚର ଜନମାନେ । ବିବାହ-ମଙ୍ଗଳ-ବିଧି-ଅନୁକୂଳ ବେଶକୁ ବିଚାରି ମନେ । ହେ ଜନେ । ନିଜ-ପ୍ରଭୁ ନିଷଧ-ରାଜନେ । କଲେ ସୁବେଶ ଅତି ଯତନେ । ଯହିଁ ଲାଗିବ ନେତ୍ର ପତନେ ।୫୭। ବେଶ-ବିନ୍ୟାସ-କାରକେ ଭ୍ରିବଚନ୍ତ ବାନ୍ଧିଲେ ନୃପତି କେଶ । ତହିଁ ତ ପୂର୍ବେ ପୁଚ୍ଛ-ଶୋଭା ସମ୍ବାଦ ଥୋଇଥିଲେ ବର୍ହିବଂଶ । ହେ ଧୀରେ । ଏବେ ସେ କେଶ ବର୍ହି-ବର୍ହରେ । ଉପହାସରେ ବନ୍ଧା ଲଭିଲେ । ନ ଲଭେ କି କୃତଘ୍ନ ସ୍ୱଫଳେ ।୫୮। ମାର୍ଜିତ ପ୍ରଲମ୍ବକେଶ ନୃପାଳର ହିପୁର-ପରିବାଇର । କେଳିତପତିର ମାର୍ଜିତ ପ୍ରଲମ୍ବ ଶସ୍ପନ-ଗୁଣ ଭଳି । ହେ ବିଶେ । ପୁଷ୍ପକଳି ତା'ପରେ ବିକଶେ । ଦେଖି ମନକୁ ଏମନ୍ତ ଆସେ । ଶମ୍ବରାରିଶର ଫଳ କି ସେ ।୫୯। ଯାଚକରମ୍ଭ-କଳ୍ପବୃକ୍ଷ ପ୍ରତ୍ୟକ୍ଷ ଅଟନ୍ତି ନିଷଧପତି । ତାଙ୍କ ମସ୍ତକେ ମଣିମୟ-ମୁକୁଟ ବିକାଶେ ବିକଚ ଦ୍ୱିତି । ହେ ଧୀରେ । ଦେଖି ଏମନ୍ତ ଆସେ ମନରେ । ସେ ତ କଳ୍ପପାଦପ ବିଧିରେ । ମଞ୍ଜୁରିତ ମଣିମଞ୍ଜରୀରେ ।୬୦। ଭୂପାଳ-ଲଲାଟେ ମଣି-ହାରପଙ୍କ କଳାନିଧିର ପରିଧି-। ପରି ଦିଶେ ଶୋଭି ସେ ମୁଖର ବିଭାବସା-ନାଥୁ ବଳ ପଂକ୍ତି । ହେ ଧୀରେ । ତାକୁ ଏ କାହିଁ ଆବରି ପାରେ । ତେଣୁ ତା'ର ଅର୍ଦ୍ଧାଂଶ ଆବରେ । ବୃତ୍ତ ନବର୍ତ୍ତିଲା ବୃତ୍ତାର୍ଦ୍ଧରେ ।୬୧। ନୃପାଳ-ଭ୍ରୂମାଶି-ମାନସ-ସଂଗୃହି ଧୈର୍ଯ୍ୟ-ମସଲେ ଦର୍ପକ । ମାରିବା ବିଗ୍ରହ ଅଛି ଯହୁକରି ରଖି ବାଙ୍କୁଳ କାର୍ମୁକ । ହେ ଧୀରେ । ଦେଖି ତା ଲୋକ ଭ୍ରାନ୍ତ-ବୁଦ୍ଧିରେ । ବୋଲନ୍ତି ଏ ଟୋପି ଭ୍ରୂମଧ୍ୟରେ । ଲେଖା ହୋଇଛି ନୃପ-ମୁଖରେ ।୬୨। ନିନ୍ଦିତ-ନଳିନ-ମୁଖେ କେ ଚନ୍ଦନବିନ୍ଦୁ ଯତନେ ଲିହିଲା । ତା ଦେଖି ଦର୍ଶକ-ମାନସେ ଏତେକ ବିବେକ ପ୍ରସରି ଗଲା । ହେ ସାଧୁ । କାମୀ ସମ୍ପୂର୍ଣ୍ଣ-ଶଶାଙ୍କବିନ୍ଦୁ । ଉବେ ଫୁଲଶର-ଶର ଭେଦୁଁ । କୋଳେ କଲା କି ତାରକାବଧୂ ।୬୩। ହେବ ବା ଏମନ୍ତ ହୁତାଶନକୁ ତ ନ କରିଲେ ପ୍ରଦକ୍ଷିଣ । ନଳ ଭୀମପୁତ୍ରୀ ନ ପାଇ ପାରନ୍ତି' ତା ପୂର୍ବରୁ ସୁରଗଣ । ସେ ଚିନ୍ତି । ବିଦୁ-ଇନ୍ଦୁକୁ ପଠାଇଛନ୍ତି । ଭୂପଭାଲେ ବହ୍ନି-ଲିପପନ୍ତି । ପଠନେ 'ସେ ହେବେ କି ତା ପତି' ।୬୪। ଝଙ୍କ-କପୋଳ-ପାଳିରେ କର୍ଣ୍ଣଲୋଳ କୁଣ୍ଡଳେ ପ୍ରତିଫଳନ୍ତି । ସେ ଯୁଗଳେ ବିମ୍ବଯୁଗ ଯୋଗ ଲଭି ଚତୁରସଂଖ୍ୟା ବହନ୍ତି । ହେ ଜନ । ସେ ବଦନ-ମଦନ-ସ୍ୟନ୍ଦନ । ଚଳିବାକୁ କି ଚତୁବନନ । ଚକ୍ର ଚତୁର କଲା ଯୋଜନ ।୬୫। ଗୁଚ୍ଛବିଟପେ ବନ୍ଧିବାକୁ ନୃପାଳ ମସ୍ତକ ହୃଅନ୍ତେ ନତ ।

Digitized by srujanika@gmail.com

ଗଳବଲୋଳ ମୁକ୍ତାବଳି-ମାଳ ଚୁମ୍ବୁଥାଇ ମୁଖପ୍ରାନ୍ତ । ହେ ଚନ୍ଦ୍ର ! ସେ ବଦନ ପୂର୍ଣ୍ଣ-ତାରକାନ୍ତ । ତହିଁ ସ୍ରୁତ ସୁଧାବିନ୍ଦୁ ବ୍ରାତ-। ବର ମୁକ୍ତାମାଳ ପ୍ରତୀତ । ୬୬ । ଶିଶୁ ଯହିଁ ଜାତ ଯା ବାରଣେ ରଣେ ଅଶ୍ଵତବଳ ନିପାତ । ଯା-ଠାରୁ ସତତ କମଳାର୍ଥୀ ବ୍ରାତ ଯାଆନ୍ତି ହୋଇ କୃତାର୍ଥ । ହେ ଧୀରେ । ସେହି ସମୁଦ୍ର-ଭବ ବିଧିରେ । ନଳ-ଚନ୍ଦ୍ର ନୃପ-ପରିଧିରେ । ସମାଦରେ ରହିଲେ ସ୍ଵକରେ । ୬୭ । ଅନବରତ ଅର୍ଥୀସାର୍ଥ-ପ୍ରାର୍ଥନ-ପୂରଣେ ଯେ କଳ୍ପବୃକ୍ଷ । ବସୁନ୍ଧରା-ବରବର ସେ ଭୂପାଳ ଭୁଜ-ମୂଳରେ ପ୍ରତ୍ୟକ୍ଷ । ହେ ଧୀର । ବିରାଜଇ କଙ୍କଣ ଯୁଗଳ । ଅଟେ ଛଟେ ଏମନ୍ତ ବିଶୁର । ସେ କି ସେ ବୃକ୍ଷର ଆଳବାଳ । ୬୮ । ସେ ଭୁଜମଣ୍ଡକ ଭୂଷଣେ ଅନେକ ସ୍ଥାବଳ ମାଣିକ୍ୟ ଛନ୍ତି । ତାଙ୍କର ଅରୁଣ ଶୁଚଳ କରଣ ଦଶ-ଦିଗଣେ ବ୍ୟାପନ୍ତି । ହେ ସୈନ । ଦଶ-ଦିଗଶ-ଜୟ-ବିଜନ୍ୟ । ପରତାପ-କାନ୍ତିଙ୍କ ରାଜନ । କରେ କରୁଛନ୍ତି ବରଷଣ । ୬୯ । ସମସ୍ତ-ଶରୀରେ ରତନ-ନିକରେ ନିଘଞ୍ଚ ତ କଣ୍ଟକିତ । ସେ ମଣିମଣ୍ଡଳେ ସ୍ଵବିମ୍ବ ଯୁଦ୍ଧଳେ ହୁଅଇ ପ୍ରତିବିମ୍ବିତ । ହେ ଧୀରେ । ଏଣୁ ସେବକ-ଧର୍ମ ମୂଳରେ । ନାହିଁ ଆଦର ନୃପ-ପାଶରେ । କେଣି ପ୍ରୟୋଜନ ଭୃତ୍ୟ ତାରେ । ୭୦ । ନାନାବିଧ-ବିଭୂଷଣେ ବିଭୂଷିତ ନୈଷଧପତି-କାନ୍ତି । ଦେଖୁ ନ ଥିଲେ କେବଳ ଦରଶକେ ହୋଇ ଅତି ତୋଷ ମତି । ହେ ଜନେ । ଅଙ୍ଗ-ଲଗି ଅଳଙ୍କାରମାନେ । ଦେଖାଦେଖି ଆପଣା ଆପଣେ । ହେଉଥିଲେ ରତନନୟନେ । ୭୧ । କେଶସାର ରଣ-ଷତାର କ୍ଷିତୀଶ ଜୟଦ୍ରଥ ରଥେ ବଳେ । ଚଳାଇବାକୁ ସେ ସ୍ୟନ୍ଦନ ସାରଥି-ବର ବାର୍ଷ୍ଣେୟ ବିଶ୍ଵଜେ । ହେ ଧୀରେ । ରାଜେ ଭରଷ୍ଟ ସମ୍ରାଟ ଶିରେ । ସେ କି ପୃଥାତନୟ ସେ କାଳେ । କନ୍ୟା (ବଧୂତନୁଜ) ପାଇଁ ଯାତ୍ରା ଆରମ୍ଭିଲେ । ୭୨ । ସେ ଉଜ୍ଜ୍ୱଳରୂପ ନୃପର ଲୋକନେ ବିଦର୍ଭ-ନାମ ଅମର- । ପୁରର ବନିତାଏ ଅପସର ବାସୁ ଅପସରା-ତୁଲ । ହେ ଧୀରେ । ବେଶ ସମ୍ବାଦ ବନ୍ଧୁ ବିଧିରେ । ଥିଲେ ବିଭୂତି ସବିଧିରେ । ଅପେକ୍ଷାରେ ରହିଥିଲେ ଦ୍ଵାରେ । ୭୩ । ନୃପ-ଦରଶନେ ଉତ୍ସୁକ୍ତା କେ ବାଳୀ ହସ୍ତରେ ଅନାଇଥିଲା । ଏକାଳେ ଅଳକ ଅନୁକୂଳେ ବହି ତା ସ୍ତନାଂଶୁକ ହରିଲା । ହେ ଧୀରେ । ନୃପ-ବିଜୟ-ହେବା-ବିଧିରେ । ବାଳା ମଙ୍ଗଳାଚେଷ୍ଟ କି କରେ । ବାଢ଼ି ମଙ୍ଗଳକୁମ୍ଭ-ସମ୍ଭାରେ । ୭୪ । ତହିଁ କେ କାହାକୁ ସଖି ଦେଖ ବୋଲି ଭୂଲ୍ଲତେ ଦେଇ ଦେଖାଇ । ଖରେ କର ଟେକୁଁ ରତନଦନ୍ତୁର କଙ୍କଣେ ଲାଗି ଛିଡ଼ଇ । ସେ ହାର । ତହୁଁ ପଡ଼େ ମୁକୁତା-ପ୍ରକର । ସେ ତ ଲାଜାବର୍ଷଣ ପ୍ରକାର । ନରପତି ବିଜୟ ବେଳର । ୭୫ । ନଖ-ଅଦରଣ ମୁଖ-ତାମରସ ହୂ ତ ବକଚ-ପ୍ରସୂନ । ବାଣୀ ମଧୁ ପାଣି ପଲ୍ଲବ ଏ ଅବ ଶାଖ ଅନୁକୂଳମାନ । ହେ ଧୀର । ତହୁଁ ନୃପତି-ବିଜୟ

Digitized by srujanika@gmail.com

ବେଳ । ଥିଲେ ବାଢ଼ ପଥ ପାରୁଣର । ପୁଚବୁଷ ନାସ୍ତ ସେପ୍ତବର । ୭୭ ।
କେ ନାୟିକା ଏକା ହୋଇ ଉଭା ଦେଖାପାଇବାକୁ ନୃପଙ୍କର । ଏକାଗ୍ରେ
ଅନାଇଁଥିଲା ଗୃହମୁଖେଁ ଏକାଳେ କର ତାମ୍ବୁଳ ହେ । ଧୀର । ମୁଖେ ଦେଇଁ ଭ୍ରମ
ବଶେ କର- । ଲୀଳାପଦ୍ମ ପଶେ ମୁଖେ ତା'ର । ସେ ଫଳ ତା ମୁଖେ ଶହ୍ନ ତା-ର ॥
ଗହଳେ ପଶି କେ ବାଳୀ ଏକମନେ ନୃପବଳେ ଦେଖୁଥିଲା । ଏକାଳେ
ବଦନ ତା'ର ବଳେ ଅସି ଯାରପୁରୁଷ ଚୁମ୍ବିଲା । ହେ ଘେନ । କେହ୍ନ ନକଲେ
ତାହା ଲୋକନ । ଯେଣୁଥିଲେ ସର୍ବେ ଅନମନ । ହେଲା ସେ ବାଳା-ଦୃଷ୍ଟିବାରଣ ॥
ଅଲୋକସାମାନ୍ୟା ରୂପସୀ କେ ଧନ୍ୟା ପଲକପତନ-ସ୍ଥାନ ।-ନୟନେ ନରପତିବର-
ବିଜୟ କରୁଥିଲା ବିଲୋକନ । ହେ ଘେନ । ପଦାଙ୍ଗୁଷ୍ଠେ ମଣ୍ଡି-ପରଶନ- । ମାନେ
ବହୁଥିଲା ନାସ୍ଵନାମ । ନୋହଲେ ସେ ଅପ୍‌ସରା ନଦାନ । ୭୯ । ଭୁଷା ଖସିବାର
ଜଣାଇବା ପାଇଁ କେ କା'ର ଗାନ୍ଧ ଟିପଇ । ତହିଁରୁ ତା ସେ ନ ପାରିବାରୁ ବାର
କରର ଢଏ ଦୋହଲାଇ । ହେ ଧୀର । ନୃପ-ଦର୍ଶନ-ପ୍ରମୋଦପୂର । ଅଙ୍ଗେ ନ
ସମ୍ଭାଇବାରୁ ତା'ର । ସହ୍ନ ହଲାଏ କ ତା ଶସ୍ତର । ୮୦ । ଅନନ୍ୟମନେ ତ
ବନିତାଏ ନୃପବିଜୟ ବିଲୋକୁ ଥିଲେ । ଅବତଂସୀ-କୃତ ନୀଳୋତ୍ପଳ-ନେହ-ଜାଳେ
ତାଙ୍କ ଶ୍ରୁତିମାନେ । ହେ ଘେନ । କରୁଥିଲେ କ ଏକାଗ୍ର ମନ । ହୋଇ ସେକାଳ
ଶୋଭା ଦର୍ଶନ । ଘେନା ନ କର ଅନ ବଚନ । ୮୧ । ବିବିଧ ମଣିରତନେ ପହୁଁ
ଶିର ପରିଯନ୍ତ୍ରେ କଣ୍ଟକିତ । ଭୁଭୃତେ ଅନାଇଁ କେ ଯୋଷିତ-ବର ଭାଳଇ ଏମନ୍ତ
ଚିତ୍ତ । ହେ ଧୀରେ । ଏ ତ ବହୁପୁଣ୍ୟେ ଜଗତରେ । ସାର୍ବଭୌମ, ତେଣୁ ରହୁଛନ୍ତି ।
ସ୍ଵଜନ୍ତ ଅପକ୍ଷ୍ମ-ନେହବାରେ । ୮୨ । 'ନାସ୍ତତାପ୍ରାପ୍ତ ପ୍ରଦ୍ୟୁମ୍ନସ୍ତ ପୁରୁରବା ଯେ
ଉର୍ବଶୀପତି । ଏ ବର-ଶୋଭାର ଅଂଶ ତ ତାଙ୍କର ତନୁରେ ନ ଥିବ ରତି' । କେ
କହ । ହରକୋପେ ମାର ଭସ୍ମ ହୋଇ । ତାର ଶୂନ୍ୟ ସିଂହାସନ ପାଇଁ । ନିର୍ମାଣିଲା
କେ ଏହାକୁ କହ । ୮୩ । କେ କହେ "ଏହାଙ୍କ ପାଇଁ ସ୍ମରନାଥେ ଜେମା
ତେଜିବା ଉଚିତ । ଏ ବରେ ବରୁଁ ସୁମନା ହୋଇ କେବେ ଦୁର୍ମନା ହେବା କି ମତ ।
ଗୋ ହେଲା । ଅମ୍ଭେ ସହିବା ଏହାକ ଭଲ । ଜେମା ଅମୃତ ଗୁଣୀଚନ୍ଦ୍ରସ । ଠିକ ତା
ନେହେ ପଡ଼ିଛି ଧସ । ୮୪ । ଏ ବର-ଗଳେ ବରମାଳା ଦେଖି କ ଦେବଙ୍କ ଛାତି
ସହିଲା ? । ବଦାରଦେବାକୁ ଛୁରିକା କ ତାଙ୍କ କଟିତଟରେ ନ ଥିଲା । ଗୋ ସହ୍ନ
ଏଣୁଁ ବ୍ୟର୍ଥେ ଫେର ସ୍ଵର୍ଗପାଇଁ । ଶଚୀ-ବଦନେ ଗୃହିଁବେ କେହ୍ନ । ସେ ତ କ୍ଷୋଭେ
ଥିବ ବିଷ ହୋଇ । ୮୫ । ପ୍ରମୋଦୁଁ ଜାଣି ବଡ଼ ବୋଲି ଶତର ଯପହ୍ନୀ ନୋହିଲା
ଜେମା । ଉଚିତ ସେ କଳା ବଚକ୍ଷଣା-ପଣେ ପରିଶେ କେ ତା'ର ସୀମା । ଗୋ ସଙ୍ଖି ।
ଶଚୀଚରିତେ କେ କାବ୍ୟ ଲେଖି । ଏହା ଚରିତ ସ୍ତୁତିରେ ରଖି । ଏଥି କାବ୍ୟ କେ

Digitized by srujanika@gmail.com

ନ କରବେ କ ? । ୮୬ । ପୂର୍ବଜନ୍ମ-ଜମା ଜେମାର ସୁକୃତେ ଏ ମଦନ ମର୍ତ୍ତ୍ୟେ ଜାତ । ଦଶେ କ ସୁନ୍ଦର ଯାଂକୁ ପୁରନ୍ଦର ନ ପାଇ ସନ୍ତପ୍ତ ଚିତ୍ତ । ଗୋ ସହି । ସେହି ଭୀମବାଳା-ଜେମାଦେଇ । ଏକା ଏହା ସଙ୍ଗକୁ ଶୋଭଇ । ମିଶି ଦୁହେଁ ଯିବେ ଏକ ହୋଇ । ୮୭ । ଏ ବେନଙ୍କ ଯୋଗେ ସ୍ତ୍ରୀ-ପୁଂସ-ସଂଯୋଗ-ଅଭ୍ୟାସ ଧାତାର ସିଦ୍ଧ । ଦମ୍ପତି-ପ୍ରେମବିଧାନେ ରତିପତି ଯାହା କରୁଥାଇ ସଧ । ଗୋ ସହି । ତାଂର ସେ ଶ୍ରମ ସାର୍ଥକ ହୋଇ । ଏ ଦୁହିଙ୍କି ଦେବାକୁ ମିଳାଇ । କେହି ଅଯୋଗ୍ୟ କାହାର ନୋହି । ୮୮ । ଜ୍ୟେଷ୍ଠ-ପୂର୍ଣ୍ଣିମାରେ ସ୍ନାନ-ବେଦିକାରେ ଯେ ଦେଖିଥିବ କେଶବେ । ଅଘଘାତ ମାଘେ ତ୍ରିବେଣୀ-ସଙ୍ଗମେ ଯେବା ସ୍ନାନ କରିଥିବେ । ଗୋ ସଖି । ପୁଣ୍ୟେ ପାରିବେ ଏ ବରେ ଦେଖି । ଅନ ନାଶିଏ ଏ ବର-ଅକ୍ଷି- । ପକ୍ଷ୍ମ-ଗ୍ରମରେ ହୋଇବେ ସୁଖୀ । ୮୯ । ଭୂପତିସୁତାର ଅଖିତ ଚରିତ ତା ସଦ୍‌ଭାଗ୍ୟକୁ ସାକ୍ଷୀ । ଇନ୍ଦ୍ରତ୍ୟାଗୁଁ ସୁଖୀ-ଶଚୀ-ବରଦାନ ଯାଇଛି ମିଶି ତହିଁ କି । ଗୋ ସହି । ଏତ ମହାମହେନ୍ଦ୍ର ବୋଲାଇ । ଯାଙ୍କ ତୁଲକୁ ସେ ଭଲ ଶୋହି । କେ ଅଧିକ ଊଣା ନୁହେ କେହି । ୯୦ । ବାରଣଗମନା ବରଣପାଇଁକି ସଭାରେ ଦେବଙ୍କୁ ଡୋଡି । ବରିଲା ଏ ବର ଦେଲା ନୃପଙ୍କର ଅପଙ୍ଗପା-ଭ୍ରମ ନାଶି । ଗୋ ସହି । ଦେବେ ଥିଲେ ତ ପ୍ରସନ୍ନ ହୋଇ । ତେଣୁ ତାଙ୍କୁ ଲାଜ ଶେଷ ନୁଇ । କେଉଁ ବାଟେ ନ ପାରିଲେ ଛୁଇଁ" । ୯୧ । ଉଦୟ ପର୍ବତ ଅଣ୍ଟି ତାରକାନ୍ତ-ବତ ରକ୍ତ ହସ୍ତ ନଳ । ସୁଖଦାୟୀ ରଥେ ଅବେହି ଚଳନ୍ତେ ତାଙ୍କ ଅଙ୍ଗ-ଅଳଙ୍କାର । ହେ ଧୀରେ । ଦେଖି ପୁରନାରୀ ଏ ପ୍ରକାରେ । ହେଉଥିଲେ କଥା ପରସ୍ପରେ । ଅଛୁଥିଲା ଯାହା ଯା ମନରେ । ୯୨ । ହୀର-ମଣ୍ଡଦେବୀ-ସନ୍ତାନ ଶ୍ରୀହର୍ଷ ସରସ-ସାଗର-ସାର ।-ସୁଧାକୁ ସମ୍ପାଦ ରଖିଛନ୍ତି ଯାଙ୍କ ନାମ ନଇଷଧ ଯାଂର । ହେ ଧୀରେ । ଗୋପୀନାଥ ତାହା ଗୀତ କରେ । ଚିନ୍ତି ହରଷେ ହରିପଦରେ । ଯର୍ଷେ କାଳ ଯେ ପ୍ରଣମି ତାରେ । ୯୩ ।

ଷୋଡ଼ଶ ଛାନ୍ଦ ।

ରାଗ—ବଙ୍ଗଳାଶ୍ରୀ ।

ଶୁଣ ଜନେ ପୁରେ— ହତେ ପୁରସ୍କାର
ଉଭୟ ମତରେ କର ।
ସଖା ସଙ୍ଗେ ରଥ ଗ୍ରେହ ଚଳଲେ
ନଳ ବଦର୍ଦ୍ଧଣ ପୁରୀ । ୧

Digitized by srujanika@gmail.com

ସୁନ୍ଦରୀଏ ଇନ୍ଦୁପ୍ରଭ ସୁନିର୍ମଳ ଚାମର ଢାଳନ୍ତି ଧୀରେ । ସେ ଚାମର-ଗୁଣ ଅଙ୍ଗ-ଆଭରଣ-ରତ୍ନେ ପ୍ରତିଫଳି ଥିଲେ । ୨ । ତା ଦେଖି ଏମନ୍ତ ବିଚାରନ୍ତି ଚିତ୍ତେ ଆଦରେ ଦର୍ଶକବର । ସେ ନୃପେ କି ନିଜ-ସୁଗୁଣ-ସମାଜ ସେବୁଥିଲେ ନିରନ୍ତର ।୩। ଉତ୍କୃଷ୍ଟ-ବେଶ-ଭୂଷିତ ବରଯାଜି ଯାଉଥିଲେ ନୃପ-ଅଗ୍ରେ । ତେଣୁ ସେ ସୁନାସୀର ସୁନାଶିରତା ଗୁଡ଼ି ଏକା ଇନ୍ଦ୍ରଭଗେ । ୪ । ଏକେ ତମୀ ବିଭାବରୀ ତା ଶ୍ୟାମାଙ୍ଗ ସୈନ୍ୟପଦରଜେ ବଢ଼େ । ସାମନ୍ତ-ନୃପତି-ଶିର ରତ୍ନଜ୍ୟୋତି ତହିଁ ବିରାଜନ୍ତି ଗାଢ଼େ ।୫ ଦୀପ ଦିହୁଡ଼ି ତୁଳା ଅତି ଯେତେକ ସେ ବରଯାତ୍ରାରେ ଥିଲା । ଏ ରତନ-ଅଗ୍ନି ଲଭି ତାଙ୍କ ପ୍ରଭା ଶତଗୁଣେ ବଢ଼ିଗଲା । ୬ । ଶୁଭବେଳ ବଳିଯିବା ଭୟେ ଭୀମନୃପ ଯେ ଭୂପତି-ବାରେ । ଏକପରେ ଆନ ପେଷୁଥିଲେ ମିଶୁଥିଲେ ସେ ନଳସେନାରେ । ୭ । ଏହିମତି ବର-କନ୍ୟା-ସପକ୍ଷର ଉଭୟ ଜନତା ମିଳି । ହୋଇଗଲା ଦେଖ ନିଘଞ୍ଚ ବିଶେଷ ଧୂଳି ନ ଗଳିବା ଭଳି । ୮ । ସେ ବରଯାତ୍ରାର ଉପର ଅମ୍ବର ଦିଶଇ ବିନସ୍ତ-ବିତ । ବହୁବିଧ-ବର୍ଣ୍ଣ-ରଞ୍ଜିତ-ପତାକା-ବ୍ରତତି-ବ୍ରାତେ ପୂରିତ । ୯ । ସେ କେତେ ବସ୍ତ୍ର ବାରଣ-ବ୍ୟାଘ୍ର-ସିଂହ ମୂର୍ତ୍ତିମନ୍ତ ହୋଇଛନ୍ତି । ଚଳନ୍ତି ବାତ-କମ୍ପନେ ସ୍ଫୀତ ହୋଇ ସାଧୀ-ଧ୍ୱଜ--ବୃକ୍ଷପନ୍ତି । ୧୦ । ଏକାଳେ ବାରଣ-ଶ୍ରବଣ-ବ୍ୟଜନ-ଜନିତ-ବାତ-ଚାଳିତ ।-ତୋରଣମାଳ-ଭ୍ରୂଲତା ନଚାଇ ବିଦର୍ଭ-ଅବନୀଭୃତ ।।-ପୁର ପ୍ରତି-ହାର-ଭୂମି ନୃପଜାର ହୋଇ ଦୂତୀ ପରକାର । ଠାରି ଡ଼ାକିବାର ଚାତୁରି ନୃପର ହେଲା ନୟନ ଗୋଚର । ୧୨ । ଲମ୍ବିତ ପଲ୍ଲବେ ଚାରୁ ରମ୍ଭାତରୁ-ଯୁଗ ପ୍ରତିହାର-ମଣି । ନୀଳ ବସନା ସଖୀବତ କେମନ୍ତ ଅତି ରୁଚିର ଦିଶଇ । ୧୩ । ନଳ-ଆଗମ ବାର୍ତ୍ତା ତୂରୀ ବାଜିଲା ତା ଶୁଣି ବିଭୂର ହେଲା । ପ୍ରତିହାର-ମଣି-ସହ କି ନୃପଙ୍କୁ ସ୍ୱାଗତ ସମ୍ଭାଷୁ ଥିଲା । ୧୪ । ଦେବ ପଞ୍ଚ ଦେବ ମହାରାଜ ଯେଣୁ ଅଗ୍ରେ ଥିଲେ ଉପସ୍ଥିତ । ତେଣୁ ଦେବ ସୈନ୍ୟ ହଂସା ହ୍ରେଷମାନ ମନୁ କହୁଥିଲେ ଚ୍ୟକ୍ତ । ୧୫ । କେବଳ ଦେବଙ୍କ ସୁଖ-ସମ୍ଭାଷଣେ ହେଲା ମହା କୋଳାହଳ । ତା ତୁଲ୍ୟରୁ ସିନ୍ଧୁ-ଗର୍ଜ୍ଜନ ଶାଇଲ ଭୁଲେ ଉଠିଲା । ୧୬ । ବନ୍ଧୁଙ୍କୁ ବସାଇ ଅର୍ଦ୍ଧପଥ ଯାଇ ଦମ ଦମ-ଯନ୍ତ୍ରୀ ଭ୍ରାତ । ପଦ୍ମଶ୍ରୁ ମଣାନ୍ତି ନଳଙ୍କୁ ନୃପତି ଭୀମ ଦେଖି ତୋଷ ଚିତ୍ତ ।୧୭। ତହିଁ ନଳେ ଦେଖି ହୋଇ ମହାସୁଖୀ ଉଠି ଭୀମ ମହୀପତି । କର ପ୍ରସାରି ପାଶ୍ଲେଷ-ବାର-ପାଇଁ ଅତି ଆଦରେ ଗମନ୍ତି । ୧୮ । ସେକାଳେ-ଶୋଭି ଏମନ୍ତ ଦିଶେ ଅବା ସୁରନଦୀ-ନୀରପୂର । ଉଦ୍ଧିବାକୁ କି ସାଦରେ ସରସ୍ୱତୀ ପ୍ରହାରେ ତରଙ୍ଗ କର । ୧୯ । ବନ୍ଧୁ-ବାହିନୀ-ଈଶ୍ୱର ସେ ଭୂଭୃତଙ୍କେ ଅତି ମୋଦମନେ । ଲକ୍ଷ୍ମୀ କନ୍ୟାକୁ ଶିବ ପୁରୁଷୋତ୍ତମ ନଳେ ଦେଲେ ସୁବିଧାନେ । ୨୦ । ବିଦର୍ଭରାଜ ପ୍ରଦତ୍ତ ମଧୁପର୍କ ନଳ ଯା କରନ୍ତି ପାନ । ତା ଦେଖି ଭବିଷ୍ୟଦର୍ଶୀ ଦର୍ଶକମାନେ ବିଚାରନ୍ତି ମନ ।୨୧। ପରେ ନରପତି-

Digitized by srujanika@gmail.com

କୁମାରୀ-ଅଧର-ମଧୁ ପାନ କରିବାର ।-ପୁଣ୍ୟାହ ବାଚନ ପୂର୍ବରୁ କଲେକ ନଳ ମହୀପାଳ-ବର । ୨୨ । ପର-ବିଘାତ-ବିଧାନ-କଉତୁକୀ ସର୍ବଦା ତ ବରକର । ବଧୂ-ପାଣି ପଙ୍କଜର ଗୃହୁକାନ୍ତ-ସମ୍ପତ୍ତିର ତ ତସ୍କର ।୨୩। ସେ ବିଦର୍ଭପତି ନ୍ୟାସ୍ତ ପରାସ୍ପଣ ତାଙ୍କ ସତ୍ତ୍ୟେ ଖଣ୍ଡଗ୍ରୈବେ । ରହନ୍ତେ କେହି କର୍କଶ କୁଣେ ତେଣୁ ଏକଟେ ବନ୍ଧା ହୋଇଲେ । ୨୪ । ନଳକର-ପରେ ନୃପଜାରକର ରହିବାର ଦେଖି ଆଳୀ । ହସିଲେ ଜାମ୍ବୁପତିର ଭବିଷ୍ୟତ-ପୁଂସାମ୍ପିତ-ଭାବ ଭାଳ ।୨୫। ଯକ୍ଷସଖ୍ୟ ବଶୁଁ ଲବ୍ଧ ସର୍ବପ୍ରଦ ଚିନ୍ତାମଣି ହାର ହର । 'ଭୀମ' ନାମ ସାମ୍ୟ ସଖାଭାଳ ଭୀମେ ଦେଇଥିଲେ ପୁରସ୍କାର ॥ ସେ ହାର ତ ନରେ ଦୁର୍ଲ୍ଲଭ ସର୍ବଦା ବହନ୍ତି ତାକୁ ଅମରେ । ତାହାକୁ ବିଦର୍ଭପତି ଜାମାତାର ଦେଲେ ଲମ୍ବାଇ ଗଳାରେ । ୨୬ । ବରେ ବିତରିବାପାଇଁ ଫଗୁସ୍ଥିତ ବସ୍ତୁତ ମହାର୍ହଦ୍ରବ୍ୟ ।-ପ୍ରତିବିମ୍ବ ସେ ମାଳାରେ ପଡ଼ି ବହିଥିଲା ଏମନ୍ତ ସମ୍ଭବ । ୨୮ । ଯାଚକଯାଳେ ବିତରିବାପାଇଁ କି ଅବା ସେ ହାରବର । ଫସାର ଲୋଡ଼ ପାରଯାକ ଫଗ୍ରହ ରଖିଛି ନିଜ ଗର୍ଭର । ୨୯ । ଶମ୍ଭୁ-ସଭେଗେ ତର ନୋହୁଁ ସ୍ୱାମିର ନାମ ସାମ୍ୟ ବିଦର୍ଭେଶେ । ମହିଷବିନାଶୀ ଭାସ୍ୱର ଅସି କି ଦିବା ଦେଇଥିଲେ ତୋଷେ ।୩୦। ଇଷତ ସ୍ମିତ ସହିତରେ ସେ ଦେହ-ହାପଜୁ ଭୀମ ଭୂପତି । ଜାମାତା ନିଷଧ-ଈଶ୍ୱର ନଳର କରେ ଅର୍ପିଲେ ସଂପ୍ରୀତି ।୩୧। ମହିଷେ ନାଶିବା ପାଇଁ କି ପରଶରବଦାୟୀ ଯେଉଁ କୃପାଣ । ବାମେତର-କଟି-ଦେଶେ ଭବାନୀର ହୋଇଥିଲା ଲମ୍ବମାନ ।୩୨। ହରିବାମଅଙ୍ଗେ ସ୍ୱ ଦକ୍ଷିଣ ଭାଗେ ମିଶନ୍ତେ ସେ ମହାଦେବୀ । ଦକ୍ଷକଟି-ତଟ-ବିଳମ୍ବି କୃପାଣ ଅସଜ ହୋଇବା ଭାବି ।୩୩। ତାକୁ ବିଦର୍ଭ ଭୂପଙ୍କ ଦେଇଥିଲେ ସେ ଏବେ ତା କନ୍ୟାତୁଲେ । ନିଷଧ-ଅଧୀଶ-କରେ ସମର୍ପିଲେ ଅତି ଉଲ୍ଲାସେ ସତ୍ତ୍ୱରେ । ୩୪ । ହୃଦୟ-ଦର୍ପଣ-ଶୋଭି ସେ ବହିଇ ଶୋଭି ଲତା-ପଦ-ଛନ୍ଦେ । ଶାଣିତ ଖଡ୍ଗ ଉଜ୍ଜ୍ୱଳ ଧାରେ ଦଶେ ମଣ୍ଡିତବତ ପ୍ରପାତେ ।୩୫। ହତ-ଶତ୍ରୁ ରକ୍ତେ ରଞ୍ଜିତ ହୋଇଣ ବହିଥାଏ ସନ୍ଧ୍ୟାସ୍ରୋତ । ସ୍ୱଶୌର୍ଯ୍ୟ-ସୂର୍ଯ୍ୟ-ଉଦୟପାଇଁକି ସେ ଯଥାର୍ଥ ଉଦୟ-ନଗ । ୩୬ । କନ୍ୟା-ପ୍ରାର୍ଥନାପାଇଁକି ନିଜ ଜିହ୍ୱା ଯମ ପଠାଇଲା ପରେ । ଯା'ର ଅନନ୍ୟ-ସାଧାରଣ ଅଙ୍କୁଶ କରେ ପ୍ରକାଶ ଗ୍ରତୁସି ।୩୭। କର ଗ୍ରହ-ଯୋଗ୍ୟା ପରିବାରବନ୍ତ ସେ ଅସିପୁତ୍ରୀକି ନୃପ । ଜାମାତା-ନଳ-ଭୂପାଳ-କରେ ଦେଇ ଲଭିଲେ ତୋଷ ଅମାପ । ୩୮ । ସମର-ସ୍ଥଳ-ସ୍ଥଣ୍ଡିଳ-ଶାୟୀବ୍ରତେ ଅସିତବ୍ରାତେ ସେ ଛୁରୀ । କରଇ ଘର୍ଷିତ ଦକ୍ଷିଣା-ହ୍ରଦୂପ ତାଙ୍କ ନାସା-କୁଟପୋଳି- ।୩୯। ପଦ୍ମାବଳୀ ପୁଣି ନୟନ-କଜ୍ଜ୍ୱଳ ଲଭି ନିଜ ବେଦିପାଶେ । ବହିଲା-ପର ତା ଧାରର ମଧୁବ୍ରତବୋଳ ଶୋଭି ପରକାଶେ ।୪୦। କନ୍ୟା-କାମୁକ ପାବକ ସ୍ୱହୃଦତା ଦେଖାଇବାର ପାଇଁକି । ଦେଇଥିଲେ ଯେଉଁ ରଥ ଉପହାର ବିଦର୍ଭ-ନରସାଇଁକି ।୪୧। ଅଦ୍ରି-ସମୁଦ୍ରାନ୍ତ ଦୁର୍ଗମ

Digitized by srujanika@gmail.com

ପଥରେ ନୁହଇ ରୁଦ୍ଧ ଯା ଗତି । ସେ ରଥ ଜାମାତା କରେ ସମର୍ପିଲେ ଭୀମ-ନୃପ ମହାମତି । ୪୨ । ପୁଷ୍ପକବତ ସେ ମହାରଥ ଶୋଭି ନଳକୁବର-ସଂଯୋଗେ । ବର ସାରଥିର ଅଧିଷ୍ଠାନେ ଗୁରୁତର ହେଲେ ପୁରୋଭାଗେ । ୪୩ । ମନ୍ଥନକାଳେ ସାଗର ପୁରନ୍ଦରେ ଉଚ୍ଚୈଃଶ୍ରବାରେ ପ୍ରକାର । ବର-ତୁରଗକୁ ସ୍ୱପ୍ରଭୁ ବରୁଣେ ଥିଲେ ଉପହାର କରି ॥ ବନ୍ଧୁତାପାଇଁ ବରୁଣ ତାକୁ ଭେଟିଥିଲେ ଭୀମ ନୃପପାଶେ । ସେ ଏବେ ତାକୁ ନଳ କରେ ଯୌତୁକରୂପେ ସମର୍ପିଲେ ତୋଷେ । ୪୫ । ଦ୍ରୁତଗତିରେ ସେ ଦୂରେ ଦୂରକର ନ ପଡ଼େ କା ନୟନରେ । ଫେରନ୍ତେ ପୂର୍ବଧପଞ୍ଚ-ଧୂଳିଜାଳେ କେ ତାକୁ ଦେଖି ନ ପାରେ ।୪୬। ଭୀମେ ଇନ୍ଦ୍ରର ଆଦର ଦେଖି ବିଶ୍ୱକର୍ମା ଏକ-ମରକତ- । ବିନିର୍ମିତ ପିକଦାନୀଏ ସେ ନୃପେ କରିଥିଲେ ଉପହୃତ । ୪୭ । ତାକୁ ବିଦର୍ଭ-ନର-ଈଶ ଜାମାତା-କରେ କଲେ ସମର୍ପଣ । ଦର୍ଶକ-ଲୋକ-ଲୋଚନ-ତର୍ପକ ଯା'ର ଅରୁଣ କିରଣ ॥ ତାମ୍ବୂଳବିଳାସୀ-ନଳ-ମୁଖୋଦ୍ଗୀର୍ଣ୍ଣ ଲୋହିତ-ପୂଗ-ଖଣ୍ଡକଲେ । ପୂର୍ଣ୍ଣପର ହେଉଥିଲା, ଶୂନ୍ୟଗର୍ଭ ବୋଲି ସେ ପରେ ବାରିଲେ । ୪୯ । ଶିବ-ଭକତ ମୟଦୈତ୍ୟ ସ୍ୱପ୍ରଭୁ-ନାମ-ସମତା-ବଶରେ । ଭୀମେ ଯେ ବାସବ-ନୀଳମଣି ଥାଳୀ ଉପହାର ଦେଇ-ଥିଲେ । ୫୦ । ସେ ଥାଳିକି ଏବେ ଯଉତୁକ-ରୂପେ ବିଦର୍ଭ-ଅବନୀପତି । ସ୍ୱସୁତା-ଦୟିତ-କରେ ସମର୍ପିଲେ ଅତି ହରଷିତ ମତି । ୫୧ । ବହନ୍ତେ ମୟୂର ପୁଚ୍ଛେ ଏ ଥାଳିର ବର୍ଣ୍ଣ ସେ ବିଶେଷ ନମରେ । ହୋଇଥାନ୍ତେ କି ଶଙ୍କର ନୀଳକଣ୍ଠ ଏ ଥାଳିରେ ଭୁଞ୍ଜିଥିଲେ । ୫୨ । ଦେଲେ ଗଜବର ମଦବାରି ତା'ର ନିରନ୍ତର ବରଷୁଥାଏ । ମେଘ-ସମାନ-ବର୍ଣ୍ଣରୁ ହେଉଥାଏ ଅଭ୍ରମାତଙ୍ଗ ପରାୟେ । ୫୩ । ଦୁର୍ବାସ-ଦତ୍ତମାଳକୁ ଅନା-ଦରେ ଫିଙ୍ଗିବାରୁ ଇନ୍ଦ୍ରକରୀ । ସେ ଅପରାଧେ କି ଏ ମର୍ତ୍ତ୍ୟମଣ୍ଡଳେ ଜନ୍ମିଛି ସେ ଦେହ ଧରି ।୫୪। ଅଗପଛ-କର୍ଣ୍ଣାଞ୍ଚଳ-ଗୁଳନେ କି ଠାରୁଥାଏ ଚଳବଳ । ବଳ ଥିଲେ ଯୁଝ ନ ଥିଲେ ପଳାଅ ହେଗନ୍ତୁର ଅରପାର ।୫୫। କୁମ୍ଭ-କୁଚବତୀ ଶିରଶୀର ଖେଦ-ତତି ବିନାଶିବାପାଇଁ । ଶ୍ରବଣ-ବ୍ୟଜନ ଚାଳି କି ସେ ସ୍ତମ୍ଭେରମ ତାକୁ ସେବୁଥାଇ ।୫୬ ନିଜ-କ୍ଷୀରଡି-ବ୍ରତତି-ବୀଜାଙ୍କୁର-ବତ ତା ଦନ୍ତଯୁଗଳ । ଅସିତ-ଅକୀର୍ତ୍ତି-ଭଳି ଝଳ ହେଲେ ତାର ନୀଳ-ମଦଜଳ । ୫୭ । ଯଉତୁକେ ଦତ୍ତ ଗଜ-ବାଜି-ସାତକୁମ୍ଭ-ଆଦି ଦ୍ରବ୍ୟମାନ । ସଂଖ୍ୟା କରିବାକୁ ନୋହିଲେ କ୍ଷମ କେ ତହିଁ ଦର୍ଶକଜନ ।୫୮। ସେ ବିବାହେ ବାମ ହୋଇଥିଲେ ଯେଉଁ ହବ୍ୟବାହ ନେମାଗୁଣେ । ଦକ୍ଷିଣ ସେ ହେଉଁ ତାଙ୍କୁ ଅଗ୍ରେ ରଖି କଲେ ନଳ ପ୍ରଦକ୍ଷିଣେ ।୫୯। "ଶିଳାପରି ସ୍ଥିରହୁଅ" ମନ୍ତ୍ରଗିର କରି ଏତେକ ଆଶୀଷ । ନିଜ-କଲ୍ୟାଣର ଲଘୁତା ଚିନ୍ତି କି ନିଜେ ହୋଇ-ଗଲା ଶେଷ ।୬୦। ନରେ କରେ ଦେଲ ହଅନ୍ତେ ପଥରେ ପଥ୍ର ସେ ଅପସରଇ । ମର୍ଯ୍ୟା-ଦାରୁ ତଳେ ବାଳୀକ ତ ଝାଳ ନ ପାରିଲେ ପୁରସାଇଁ । ୬୧ । ଏକାଳେ ପୁରୋଧା

Digitized by srujanika@gmail.com

ଶ୍ରୀମ-ମଣ୍ଡପଟ-ଦୁଲାଳୀ-ଦୁକୂଳେ ନଳା-ବାସ ଗଣ୍ଠି ପକାଇଲେ ସେ ଜାଣନ୍ତି ଯେଣୁ ସର୍ବ ସମାଚାର । ୬୨ । ସର୍ବଜ୍ଞତା-ପଣେ ଜାଣି ତ ଥିଲେ ସେ ନଳନୃପ-ଭବିଷ୍ୟତ । ବସନ କାନ୍ଥ ପ୍ରିୟାକୁ ଏକା କରି ପଳାଇଯିବେ ବନସ୍ତ ।୬୩। ଧ୍ରୁବ-ଦରଶନ ପାଇଁକି ନୟନ ଊର୍ଦ୍ଧ୍ୱେ କରି ନିଷେଧେଣ । ଭାଷନ୍ତି "ସୁମୁଖି ଦେଖ ଗୋ ଏ ଧ୍ରୁବ ବିରାଜେ ଆକାଶ-ଦେଶ ॥ ଅତି ଊର୍ଦ୍ଧ୍ୱବାସ ବଶେ ହୁଏ ଦୃଶ୍ୟ ପରମାଣୁ ପରି ଏହି । ତଥାପି ଶାସ୍ତ୍ରରେ ମହିମା ଏହାର କହିଥିଲେ ନ ସରଇ । ୬୪ । ଏ ସତୀ ଅରୁନ୍ଧତୀ ଅଟେ ସୁଦତି ଦେଖ ଧନେ କେଡ଼େ କ୍ଷୀଣ । ସତୀପଣେ ଏ ତୋ ତୁଳ ନୋହିବାରୁ ହେଲା କି ଏଡ଼େ ନିଉନ । ୬୫ । ବିରହେ ମୋତେ ବରି ମୋପାଇଁ ବଳାରି-ଅଶା ଯା ଦେଲୁ ବିନାଶି । ସେ ତୋ ମହତ୍ତ୍ୱ ଦେଖି ଲାଜେ ଏ ଏବେ ଶୂନ୍ୟଶୂନ୍ୟେ ଯାଏ ମିଶି" ।୬୬। ଲାଜା-ବନ୍ଧାପନା-ବେଳେ ବାଳୀକର-ପଲ୍ଲବେ ସେ ସୁମମଣି । ଶୂନ୍ୟେ ଚଢ଼ି ତାହି; ଅଗ୍ନିରେ ପଡ଼ନ୍ତେ ଧନେ ଦେବଦନ୍ତ ଭଳି । ୬୭ । ହୋମ-ଧୂମାବଳି ବାଳୀଶରି ଝଳ-କପୋଳେ କସ୍ତୁରୀ-ଲେପ । ନେତ୍ରେ କଜ୍ଜଳ, କଣ୍ଠେ ତମାଳ-କଳିକା ଭଲେ ଅଳକ-କଳାପ । ୬୮ । ବର କନ୍ୟାଙ୍କର ସାତ୍ତ୍ୱିକ-ବିକାର ଜାତ-କର ଘର୍ମଜଳ । ଉତ୍ସର୍ଗ-ଜଳ ସହିତ ମିଶିଯାଇ ହେଲା ସୁପତ ତକ୍ଷଣ ।୬୯। ସେ ସତ୍ତ୍ୱ-ସମ୍ଭବ ନୟନା-ଶ୍ରୁଲବ ଭଲ ଉପାୟ ପାଇଲା ।- ହୋମଧୂମ-ବ୍ୟସ୍ତ-ନେତ୍ର-ବାରି ସିଁ ତ' ବୋଲି ପରି-ଚୟ ହେଲା ।୭୦। ଅପରିମିତ ଦାତାପଣ ଭୁଭୁତ-ଭାମଙ୍କ ଦେଖି ଦର୍ଶକ- । ଲୋକଙ୍କ କଳେବରକୁ ଅଣ୍ଡାକଲା ନିବିଡ଼ ଲୋମପୁଲକ ।୭୧। ସେ ଦମ୍ପତିଙ୍କର ସାତ୍ତ୍ୱିକ-ବିକାର-ଜନିତ-ପୁଲକ-ଜାଳ । ଲୋକ ଲୋଚନରୁ ଲୁଚିକି ଦର୍ଶକ-ପୁଲକରେ ଗଲା ମିଳି ।୭୨। ବେଦବିହିତ ବିଧାନମାନ ଅନୁଷ୍ଠିତ ହେଲେହେଁ ସେକାଳେ । ସାତ୍ତ୍ୱିକ-ସମ୍ଭବ ଦମ୍ପ-ତିଙ୍କ ସ୍ତମ୍ଭଭାବ ନ ଟଳଇ ଟଳେ । ୭୩ । ସମିଧ-ସ୍ଥାପିତ ଜ୍ୱଳେ ସ୍ୱିଷ୍ଟହୋତ୍ର ଜାୟା-ପତିଙ୍କ ପୁରତେ । ତଥାପି ତାଙ୍କ ଜଡ଼ତା ଅନ୍ତ କରି ନ ପାରେ ତାପ କିଞ୍ଚିତେ ।୭୪। ଶଚୀ-ସୁରପତି-ବିବାହ ସମୟେ ଗୁରୁ ପରି ପୁରୋହିତ । ନବଦମ୍ପତି-ବିବାହ-ବିଧି କଲେ ନ ରଖି ତ୍ରୁଟି କିଞ୍ଚିତ । ୭୫ । ସରଳା ବିବାହ ପୁରନାରୀଚୟ ନଳେ କଉତୁକ ବାଟେ । ବିଜେ କରାଇଲେ କୌତୁକ-ରଚନ-ପାଇଁକି ମହାହରଷେ ।୭୬। ସେ ଯୁବା ଦମ୍ପତି-ନବ-ପ୍ରେମରୀତି ବିଲୋକିବାପାଇଁ ଅଳୀ । ପୂର୍ବରୁଁ ସେ ପୁରେ ସହସ୍ର ଗବାକ୍ଷରେ ରଚିଥିଲେ ଛିଦ୍ରାବଳି ।୭୭। ସ୍ୱଭାବେତ ଜିଷ୍ଣୁ ନଳ ସେ ନିଳୟେ କରନ୍ତେ ଯାଇଁ ବିଜୟ । ଦିଶିଲା ସେ ପୁର ସହସ୍ର-ନେତ୍ରର ସଚ୍ଛିଦ୍ର ତନୁକି ପ୍ରାୟ ।୭୮। ଲଜ୍ଜା ପ୍ରବଳତାବଶେ ସେ ବନିତା ବରି ବେଣି ପୂର୍ବପରି । ଜଠରାଜନେ ନ ପାରୁଥିଲେ ତୋଷି ସନ୍ତୋଷ ଭୋଜନ କରି ।୭୯। କେ କା'ର କାର୍ଯ୍ୟକୁ ନିରେଖେ ନିରୁପେ ନ ପାରୁଥିଲେ ଅନାଇଁ । ନିରବ ଯାପିଲେ ସଙ୍ଗତ ନ ହୋଇ ସଙ୍ଗମ ସୁଖକୁ ଧାୟି ।୮୧।

Digitized by srujanika@gmail.com

ଏଣେ ଶ୍ରୀମସ୍ତକ କାନ୍ଧବା ନେହାନ୍ତ-ଇଙ୍ଗିତେ ଠାର ସ୍ୱଜନେ । ବରପକ୍ଷଙ୍କୁ ପରିହାସ
କରାଇ ଲଭନ୍ତ ହରଷ ମନେ ।୮୨। ସୁର-ପୁରଗୃହ-ନାଶ୍ୱ ପର ଗୋଷ୍ଟ ବାଳକୁଳେ
ପରଷାଇ । ଭୋଜନ ନିରତ ବରଯାତ୍ରୀ ଚତୁର ଦେଲେ ଉଲ୍ଲାସ କରାଇ ।୮୩। କାହାକୁ
କହନ୍ତ, "ଅହେ ବରଯାତ୍ରୀ ତୁମ୍ଭ ମନ ଅନୁସାର । ପରସନ୍ତୁ ଦ୍ରବ୍ୟ ବ୍ୟଞ୍ଜନ ଅଞ୍ଜନ-
ବ୍ୟଞ୍ଜିତନେତ୍ରା ସୁନାସା" ।୮୪। କହନ୍ତ କାହାରେ, "ଅତ୍ରୋ ଅସ ଅରେ ଏ ଅତି
ତୃଷା ଅତୁର । କାମ ପୃଷ୍ଠି କର ସର୍ବତୋ-ମୁଖରେ ରତ ତୋଷ ଏହାଙ୍କର" ।୮୫।
କେ ପ୍ରଗଲ୍ଭା ତହିଁ 'ବୋଲେ ବନ୍ଧୁ ଏହି ହେ ଯାଚି ତୁମ୍ଭ ସମ୍ମୁଖେ' । କରୁ
ସେ ସମ୍ମତ, ବୋଲେ ହସି ଅତି 'ତା ଗୁଦ କ ତୁମ୍ଭ ମୁଖେ' ।୮୬। କେ ପୁଂସ ବାଳୀ-
ଯୁଗଳେ ଗୃହି କହେ, "ତୁମ୍ଭେ ଏଣୀକ୍ଷଣୀ ବେନି । ଏ ମହା-ବିବାହ-ଉତ୍ସବେ
ହେଲଣି ଅସି ମୋହର ଭଗିନୀ" ।୮୭। 'ନେ' ଏ ଶବ୍ଦ ଶୁଣି ଏକ ବିଳାସିନୀ
ଭାଷେ, 'ଅଜ ତୁ ଛାଗଳ' । ଏତେ ବୋଲି ପୁଂସ ଗଳାରେ ପକାଇ ଦେଲା କାଢ଼ି
ନିଜ ମାଳ ।୮୮। ଅପର ଚତୁରୀ ଚାତୁରୀ ବିସ୍ତାରି ଧରି ସେ ମାଳକୁ କରେ । କରେ
ଆକର୍ଷଣ ବୋଲେ, "କି କାରଣ ନ ଅଛୁ ମୋର ପଛରେ" ।୮୯। ଗୃହମର ଗୃଳ କେ
ନବବାଳୀ ତହିଁ ସେବୁଥିଲା ନୃପନଳେ । ଏକାଳେ କନ୍ୟା-ପକ୍ଷର କେ ରସିକା ମିଳି
ତହିଁ କୁତୂହଳେ ।୯୦। ଦେଲା ଛାଡ଼ି ଏକ ସରଟ ଗୁପତେ ଗୃମରଧାରିଣୀ-ପାଦେ ।
ପଦେ ଅଗ୍ରେହ ସେ ଜଙ୍ଘାଯାଏ ତା'ର ଗଲା ଚଢ଼ି ନିର୍ବିବାଦେ ।୯୧। ଭୟେ ସେ
ଶୀରୁ ରମ୍ଭୋରୁ ବେଶ ବାସ ଫିଙ୍ଗିଦେଲା ଅସମ୍ଭାଳେ । ହୋଇଲା ଦିଗବାସିନୀ ସର୍ବ
ଲୋକ ଦେଖିଲେ ହସି ସଭାସ୍ଥଳେ ।୯୨। ଏକ ସରଳ ବରଯାତ୍ରୀ ବ୍ରାହ୍ମଣେ କେ ପ୍ରଗଲ୍ଭା
ପୁଣି ତହିଁ । ପୁଚ୍ଛକୁ ପୁରତେ ରଖି ମୃଗଚର୍ମ-ଆସନ ଦେଲା ପକାଇ ।୯୩। ବୋଲେ
'ବସ' ବସୁଁ ହସି ସେ ବୋଲଇ 'ହୋଇଛି ଭୁଲ ମୋହର' । ଉଠୁ ସେ ପୁଚ୍ଛକୁ
ପଛପଟେ ରଖି ଦେଲା ଆସନ ସତ୍ୱର ।୯୪। ତହିଁ ପୁଣି ବସୁଁ ହସି ବାଳା ଭାଷେ
"ଧନ୍ୟ ହେ ବିପ୍ର-ପୁଙ୍ଗବ । ତେମନ୍ତ ନୋହିଲେ ପଛେ ପୁଚ୍ଛ ଥିବା କାହିଁ ବା ସମ୍ଭବ
ହେବ" ।୯୫। କନ୍ୟା ପକ୍ଷର କେ ଚତୁର ପୁରୁଷ କେ ବରଯାତ୍ରୀ ନାସ୍ତିକ । ନାନା-
ବିଧ କଥା-ପ୍ରସଙ୍ଗ ପକାଇ ହରିନେଇ ତା ମତିକି ।୯୬। ଉକ୍ତ କରାଇ ସଙ୍ଗୀ-କରେ
ଅଣାଇଁ ଦର୍ପଣ ଏକ ଗୁପତେ । ଥୁଆଇ ତା ପଦଯୁଗ-ତଳେ ଖଳ ହସଇ ଗୃହିଁ
ଭୂରତେ ।୯୭। ବିଦର୍ଭସିଜ-ନିଯୋଜିତ ଚିତ୍ରକାରିଣୀ ବୁବୁଲୋଚନା- । ନାସ୍ତିକ
ବିଳାସ ବରପକ୍ଷ-ପୁଂସ-ଧୈର୍ଯ୍ୟ କରିଦେଲା ଚୂନା ।୯୮। ମଦନମଦେ ଅନ୍ଧ ହୋଇ
ସେମାନେ କରନ୍ତ କି କି ବେଭାର । ତା ଦେଖି ହାସ କରଇ ବେଗେ ବାସ ଅସ୍ୱେ
ହରଣକଙ୍କର ।୯୯। କେ ଯୁବା ଇଙ୍ଗିତେ ସ୍ମିତ ପରକାଶୁଁ ମୋହି ବଦନ-କମଳେ ।
କରଇ କେ ବାଳୀ ବ୍ୟକତ ଇଷତସ୍ମିତ ତକ୍କୁ ସମ୍ମତ ଛଳେ । ୧୦୦ । ସେ ଠାଣି ତାର

Digitized by srujanika@gmail.com

ଭେଦଇ ଯୁବକର ମରମକୁ ଅବହେଳେ । ନ ଦେଖି ଲକ୍ଷ-ଲଜ୍ଜବା-ବଦ୍ୟା କାମୁଁ
ଶିଖିଛି ଭ ବାଳୀ ଝଟକେ ।୧୦୧। କେ ବାଳୀ ହସ୍ତଦ୍ୱୟ ଟପୂକୁ ନବାର ଏକ କର୍ମେ
ଦେଉଁ କର । ଛନ୍ଦ ମନ ଯୋଗେ ସେ କାର୍ଯ୍ୟ ଘଟଣାର କରଇ କର୍ମ ଅପର ।୧୦୨।
ଏ ସତ ତା'ର ଫିଟାଇ ଦଏ ଦ୍ୱାର ହୃଦର କାମୁକ-ପାଶେ । ରସିକା-ଅଶଦ୍ଭ ବାର
ଅତଟସ୍ଥ ସୁଖୀ ହୁଏ ସେ ମାନସେ ।୧୦୩। କେ କାମୁକ ବସି ପଦ ଧୋଉଅଛି ଧଉତ
ପାଇଁକ ଜଳ । ଦେଉଅଛି ଢାଳ ଏକ ବରବାଳୀ ନୁଆଇଁ ମୁଖ-କମଳ ।୧୦୪।
ଚୁମ୍ବିବାପାଇଁ ତା ମୁଖକୁ ସେ ଅତି-ସାହସୀ କାମୁକ-ଜନ । ଧୋଉଥାଏ ଧୀରେ ଅନ-
ଜନ-ଦୃଷ୍ଟି-ବଞ୍ଚନେ ଜବେଶି ମନ ।୧୦୫। କେ ଯୁବାକୁ ଦେଖି ତହୁଁ କେ ମୃଗାକ୍ଷୀ
ରସିକା-ପଣ ଦେଖାଇ । କର-ମୃଣାଳ-ପରଧିରେ ସ୍ୱସଖି-କଳାକରକୁ ବାନ୍ଧଇ ।୧୦୬।
ସାତ୍ତ୍ୱିକବଶେ ଶିଥିଳ ହୋଇଲେହେଁ ବାହୁ ବନ୍ଧନ ବାଳାର । ସେ ଯୁବାପକ୍ଷେ ତା
ହେଉଥାଏ ତହୁଁ ଶତଗୁଣେ ଦୃଢ଼ତର ।୧୦୭। କାମଶରେ ଜର୍ଜ୍ଜରିତ କେ କାମିର
ହେଉଛି କମ୍ପି ପୁଲକ । ଜଳ ଢାଳଦେବା-ବାଳୀ-ସ୍ୱଚ୍ଛନଖେ ପଡ଼ୁଛି ତା ବିମ୍ବ ଟିକ ॥
ମାରଶରେ ମରଯିବା ଭୟେ ଭୀତ ହୋଇ କ ସେ କାମୀଜନ । ସ୍ୱମା-ରମଣୀସ୍ତ-
ପଦ୍ମରେ ପଶିଲା-ପରି ପଶୁଛି ଶରଣ ।୧୦୯। କେ ସୁନ୍ଦରୀ ମୁଖ ବଙ୍କ କରି ମନ୍ଦେ ହସି
ଲାଜେ ପୋତି ମଥା । ଗଦ ଗଦ ହୋଇ ଧୀରେ ଧୀରେ ପଦେ ପଦେ କହୁଥାଇ
କଥା ।୧୧୦। ତାର ଏ ସତକ ବଚନେକ ମତକ ଅଣଇଁ ରସିକ ଲୋକ । ନୋହୁ ଏ
ଟମା ହୋଇବାକୁ ବଳିଲାଣି ଅଉ ଏଥି କପ ଦକ ।୧୧୧। ପଞ୍ଚା-ପକାଉଥିବା କେଉଁ
ବାଳାର ମାଧୁରୀ ଦର୍ଶନ ପାଇ । କେ ପୁଂସ ଥିଏରେ ଗ୍ରୀଷ୍ମ ଛଳ କରି ମୁଖ ଟେକି
ଥାଏ ଗୁହିଁ ।୧୧୨। ପଖା-ପକାବେଳେ କୁଚ ବାହୁମୂଳେ ଯାଉଥାଏ ହୋଇ ଘଷି ।
ସେ ବାହୁଲତାର ପଲ୍ଲବ ପରନ୍ତେ ପଖା ଯାଉଥାଏ ଦଶି ।୧୧୩। ତା ଗୁଳନ ଜାତ-
ବାତେ ବ୍ୟତବ୍ୟସ୍ତ ହୋଇ ଝେ ରସିକବର । ଦଶଇ ପଞ୍ଜର-ନବଦ୍ଧ ତରସ୍ତ ବିହଙ୍ଗମ
ପରକାର ।୧୧୪। ସେ କାଳର ଅବର୍ଣ୍ଣନୀୟ କଟାକ୍ଷ-ଛଟା କାମୀ କାମିନୀର । ଅତିଚମ-
ତ୍କାର ଗୃଢ଼ୁସ ଇଙ୍ଗିତ-ଭାରତୀ-ସମ୍ଭାଷିବାର ।୧୧୫। ବେଳଙ୍କ ମନୋରଥକୁ ସାର୍ଥ
କରି ଦେଇଥିଲା ଅତିରେକେ । ଦୂତର ଆଦର ଦୂର ହୋଇଥିଲା ଲୋଡ଼େ ବା ତାକୁ
ତହୁଁ କେ ।୧୧୬। ପୁରତରେ ଉଭ କେଉଁ କାମକଳାନଧି-ମୁଖ-ପୂର୍ଣ୍ଣିଶଶୀ । କରସ୍ଥ
ନୀର-ଗଣ୍ଡୂଷେ କାମୁକର ଯାଅନ୍ତେ ଦଶି ସେ ହସି ।୧୧୭। ପିଇବା ଅବା ଅଚମନ
କରିବା ଉଭୟ ଭୁଲି ସେ ଜନ । ନୀରଗଣ୍ଡୂଷେ ବମ୍ବିତ ସେ ଛବକୁ ଚୁମ୍ବୁଥାଏ ଘନ-
ଘନ ।୧୧୮। ହରିତମଣି-ଭାଜନରେ ଭୋଜନ ପାଇଁ ରହିଥିବା ଅନ୍ନ । ହରିତ ତେଜେ
ଆଚ୍ଛନ୍ନ ହୋଇ ଦିଶୁଥାଇ ସେ ଶାକ ସମାନ ।୧୧୯। ତା ଗୁହିଁ ବରଯାକି କେ କୋପେ
କହୁ 'ନୋହୁଁ ପଶୁ ଅମ୍ଭେମାନେ' । ପ୍ରବୋଧନ୍ତି କନ୍ୟାପକ୍ଷୀୟେ "ଅନ୍ନ ସେ ହରିତ

Digitized by srujanika@gmail.com

ମଣି-କରଣେ” ।୧୬୦। ସ୍ଫଟିକ-କୁଟ୍ଟିମେ ଭଗ୍ନ କେ ଯୁବତୀ ତା ପଦ-ମଧୁର ମଣ୍ଡି । ଅନାଇଁ ଅଳ୍ପ ହସି କେ ଯୁବା ଅତି ବନସ୍ପ୍ରେ କଥା ହୁଅଇ ।୧୬୧। ଦ୍ରବ୍ୟ ଉଷ୍ଣ ସବୁ ଅଦଗ୍ଧ ସୁଗନ୍ଧୁ ଅଫଲଗ୍ନ ପରଷ୍ଟରେ । ସୁଗନ୍ଧ ସୁସ୍ୱାଦୁ ସୁଶୁଭ୍ର ଅନ୍ନକୁ ଲୋକେ ଭୁଞ୍ଜନ୍ତି ସାଦରେ ।୧୬୨। ବଜ୍ରୁସ-ବର୍ଣ୍ଣେ ଏ ଷତ ମୁକ୍ତାଳତ କୁଚକଳକା କାହାର । ସେ ବାଳକାକୁ କେ ଯୁବା ବକ୍ର ନେତ୍ରେ ଗୃହ୍ଣି ଥାଏ ବାରବାର ।୧୬୩। ତା ଗୃହ୍ଣି କେଉଁ ସୁରୁସ୍ତ୍ରୀ ଯୁବତୀ ନ ଜାଣିଲାପରି ହୋଇ । ଖସାଇ ଅପେ ସ୍ତନରୁ ବସନକୁ ଲାଜେ ପୁଣି ଚାକୁଥାଇ । ୧୬୪ । ସୁବାସ-ଗୋରସୁଁ ସମ୍ଭୃତ ଘିଅ କି ସୁଗନ୍ଧେ ସୁଅନ୍ତି ସ୍ଥାନ । ସେ ଘୃତେ ପରଷା-ପାୟସପଙ୍କରେ ଦ୍ୱୀପ କଲେ ନାସ୍ତିକଜନ । ୧୬୫ । ନ ପିଇଲେହେଁ ଅମୃତ ମର୍ତ୍ତ୍ୟବାସୀ ତା ତହୁଁ ଘୃତ ଅଧିକ । ସୁସ୍ୱାଦୁ ବୋଲି ବାରବାର ବର୍ଣ୍ଣର ନୁହେ ତାଙ୍କର ଅଠିକ । ୧୬୬ । ତାହାର ପ୍ରମାଣ ଯାଗାଦରେ ହଣେ ସେ ଅଗ୍ନି-ଦଗ୍ଧ ଘୃତେ । ଅଶନ-ଅଶାକୁ ପୋଷି ଅସିଥାନ୍ତି ସ୍ୱର୍ଗେ ବରଜ ଅମୃତେ । ୧୬୭ । କେ ଯୁବକ ଭଙ୍ଗେ “ଲାଜେ ଯା ଗୁପତେ ସଙ୍କେତ କଲି ବାଳୀକ । ସେ ତା ନ ବାରଲ୍; ବାଉ ଅବା ହେଲା କରଣ ଗଲା ଗୃହ୍ଲି କ” ? । ୧୬୮ । ତା’ର ଏ ଭାବନା ସେ ଗଜଗମନା ଯାଇ କଣ୍ଟିତ ହୃଦକୁ । ପୁଣିହଁ ଲେଜଟ ପକାଇଲା କାଟି ପେଷି କଟାକ୍ଷ-ଶରକୁ । ୧୬୯ । ସରସ ଖୋରଷେ ମରଚେ ବଶେଷେ କଟୁ ‘ଦହକଢ଼’ ତହୁଁ । ଖାଇ...ବେଳକୁ ଶୁଁ’କାର ଶବ୍ଦ ବା କା’ମୁଖୁଁ ବାହାର ନାହିଁ । ୧୭୦ । ଅକାଣ୍ଡେ କୁଣ୍ଡାଇ ନ ହୋଇଛି କେ ମୁଣ୍ଡତାଳୁକୁ ବକଳେ । ମସ୍ତକ କା’ର ବା ନ କମ୍ପିଛି ନେତ୍ର ନାଶା ନ ଝରୁଛି ଜଳେ ? । ୧୭୧ । ବଗ୍ରସ୍ଥ-ଦାହକା କଉମୁଦୀ ଯଥା ଅଦେୟ ମୃଦୁଳ ଶୀତଳ । ଅଦେୟ ଗୃହୁ କର ପ୍ରାନ୍ତେ କାଟୁଥାଇ ଯେମନ୍ତ ଗଳାକୁ ଖଳ । ୧୭୨ । ହୋଇ ଥିଲେହେଁ ମୃଦୁ ଶୁଭ୍ର ଶୀତଳ ସେ ଦହକଢ଼ ତେମନ୍ତ । ଭୋଜନବେଳେ ଭୋକ୍ତାରେ କରେ କଟୁତାରେ ଅଥସ୍ଥ ନିତାନ୍ତ । ୧୭୩ । ନବ-ମିଳତ କେ ଯୁବକ-ଯୁବତୀ ନିଜ-ଅଶ୍ରୁ-ଗୋପନ ।—ପାଇଁ ଯତ୍ନକର ଅକାଣ୍ଡେ ପ୍ରାନ୍ତକୁ ଚଳାଇଦେଇ ନୟନ । ୧୭୪ । ଅଜଣାରେ ଧଡ଼ବାର ଛଳକର ପରସ୍ପର-ବଦନରେ । ପକାଉଥାନ୍ତି ଦୃଷ୍ଟି କେ ବାରମ୍ବାର ଅତି ସତର୍କଭାବରେ ।୧୭୫। କୋମଳ-କୁରଙ୍ଗ-ମାଂସ-ବ୍ୟଞ୍ଜନକୁ ଭାବେ କେ ଭୁଞ୍ଜି ସନ୍ତୋଷେ । ଶଙ୍ଖୋଳ-ମୃଗ-ପଳ କବା ସିଦ୍ଧ ହୋଇଛି-ପୀୟୂଷରସେ । ୧୭୬ । ନୟନ-ସଙ୍କେତେ ଦୂତକାର୍ଯ୍ୟ ସାଧି କେଉଁ ଯୁବକ ଯୁବତୀ । ରମଣସମସ୍ତ-ସଙ୍କେତ ପାଇଁକି ନେତ୍ରମୁଦ ଚାହୁଁଥାନ୍ତି । ୧୭୭ । ଭାବ ତା ଏମନ୍ତ ନୟନ ମୁଦିଲେ ସକଳ ଜନ ନିଶାରେ । ପୂଜିବେ ଅନଙ୍ଗଦେବକୁ ସେ ଦୁହେଁ ନିଜଅଙ୍ଗ ଉପହାରେ । ୧୭୮ । ହବା କି ନିଶାରେ ସଙ୍ଗମ ହୋଇବ ବୋଲି ଶୀତ ଉଷ୍ଣ ଅନ୍ନ । ଛୁଇଁ କେ କାମୀ କାମନୀକି ସଙ୍କେତେ ପୁଛୁଥାଏ ଜନ

Digitized by srujanika@gmail.com

ଘନ ।୧୩୯। ତା ଦେଖି ଲଜ୍ଜାରେ ପାଟଳ-ଅଧରେ ଛୁଇଁ ଠାରଇ ସେ ବାଳୀ । ତେଜ ହବା ନଗ୍ନା ସନ୍ଧ୍ୟାକାଳେ ଅଗ୍ନା ଅମ୍ଭେ ପୂରାଇବା ବୋଲି ।୧୪୦ । ଅନ୍ୟେ ଅଗ ପଛ କରି କେ କାମୁକ 'ତୁ ଅଯିଚୁ କ ମୁଁ ଯିବି' । ବୋଲି ଇଙ୍ଗିତେ ପୁଚ୍ଛି ତା ବାର କେଉଁ ନାସ୍ତି ଯାଏ ଲାଜେ ଦବ । ୧୪୧ । ପଟୁ ସୁପକାରେ ପାକ ସବ୍ଧିରେ ବ୍ୟଞ୍ଜନ ବଢ଼ା ହୋଇଛି । ଅମିଷେ ନିରାମିଷ ନିରାମିଷରେ ଅମିଷ-ଭ୍ରାନ୍ତ ହେଉଛି ।୧୪୨। ବର-ଯାତ୍ରିକେ କଏ କପ ପଗୃର ପଗୃର ଭୁଞ୍ଜନ୍ତେ ବସି । କନ୍ୟାପକ୍ଷଲୋକେ ବଳାଇ ଭୁଞ୍ଜାନ୍ତି ତାଙ୍କ ଭ୍ରମ ଦେଖି ହସି ।୧୪୩ । କେ ଯୁବା ନଖେ କାଟି କାଟି ମାଂସକୁ ଅଧର ପରାସ୍ତେ କରି । ଦଂଶି ତା ରସ ଶୋଷି ପରଶଂସଇ ପରଶୁଣୀ-ଓଷ୍ଠେ ହେରି ।୧୪୪। କାଟି କାଟି ବାଛି ବନାଇଁ ବସ୍ତୁତ-ପଦାର୍ଥ କରି ମିଶ୍ରିତ । ନାନା ଖାଦ୍ୟଦ୍ରବ୍ୟ ଥିଲେ କରି ବଇଦର୍ଭ-ସୁପକାର-ବ୍ରାତ ।୧୪୫। ଅକାରେ ସେ ଖାଦ୍ୟ-ଦ୍ରବ୍ୟେ ଅକାଳକ-ପଦାର୍ଥ ପରି ଧଶନ୍ତି । ଚତ୍ତ୍ଵ ସନ୍ତୋଷେ ବସି ବରଯାତ୍ରିକେ କଣ୍ଠସରି ଭୁଞ୍ଜୁଥାନ୍ତି ।୧୪୬। ବାଡ଼ପାକେ ତୃପ୍ତ କେ ତହିଁ ଲମ୍ପଟ ଜଳ ଢ଼ାଳିବା ବାଳିର । ବଦନକୁ ଗୁହିଁ ଅଗ୍ରହେ ବୋଲଇ 'ନ ଯାଏ ତୃଷା ମୋହର' ।୧୪୭। ତା ଶୁଣି ସେ ନାସି କରେ ଗଡ଼ୁ ଧରିବାକୁ ବଳାନ୍ତେ ମାନସ । ବାଳିର ଅଜ୍ଞତା ବିଲୋକି ଅନେଏ ହେଉଥାନ୍ତି ହସ ହସ ।୧୪୮। ପାତ୍ରସ୍ଥିତ-ଘୃତେ ପ୍ରତିଫଳିଯାନ୍ତେ ମୂର୍ତ୍ତି ପୁରତ—ଯୋଷାର । ସେ ପ୍ରତିବିମ୍ବ-ନିବରେ କେଉଁ ବଟ ହଏ ପ୍ରବେଶାଇ କର ।୧୪୯ । ତା ଗୁହିଁ ବାଳିର ପୁଲକେ ଶରୀର, ପ୍ରତିବିମ୍ବ ତା ପରାସ୍ତେ । ପୁଲକ ଯାଉଁ ସେ ରସିକହୃଦୟ ଅନନ୍ଦେ ଉତ୍ଫୁଲ୍ଲ ହଏ ।୧୫୦ । ପାତ୍ରସ୍ଥ ଲେହ୍ୟ-ପଦାର୍ଥପରେ ଘୃତ ତହିଁ ପୁରତ-ବାଳିର । ପ୍ରତିବିମ୍ବ ପଡ଼ୁଁ କେ ବରରସିକ ଅଟଇ-ଭୋଜନ-ଛଳ ।୧୫୧ କରି ପରଶ ସେ ବିମ୍ବେ ବାରମ୍ବାର କରି ଅଙ୍ଗୁଳି-ଅଗ୍ରରେ । ଚୁମ୍ବୁଥାଇ ଘନ ଘନ ବଦେ ଗୁହିଁ ସେ ବାମାକୁ ସରାଗରେ ।୧୫୨ । ମୀନ-ମୃଗ-ଛାଗ-ବିହଙ୍ଗ-ମାଂସରେ ପକ୍ୱ ସେଚକ ବ୍ୟଞ୍ଜନ । ଭୁଞ୍ଜିବେ କେ କେତେ ତା ସଂଖ୍ୟାକରୁଣେ ନୋହିଲେ କେହିତ କ୍ଷମ ।୧୫୩ । ପୂରୁବେ ଇଙ୍ଗିତ-ବିନୟ-ନମ୍ରନ-ସଙ୍କେତେ ଯେ ବରବାଳୀ । ଭୁରୁ ନଗ୍ଗଇ ତରଳ ଯୁବକକୁ ରୋଷେ ଯାଇଥିଲା ଚଳି ।୧୫୪। ଭୋଜନ-ଛଳେ ସେ ଯୁବକ ବଦନେ ଭରନ୍ତେ ନେଇ ଅଙ୍ଗୁଳି । ତା ବାର ରୋଷ ତେଜି ଦେଇ କରେ ହସି ସ୍ୱୀକାର-ଇଙ୍ଗିତାବଳି ।୧୫୫। ବ୍ୟଜନେ ଶିଶିର-ସମାନ ଶୀତଳ ଚନ୍ଦନରେ ସୁବାସିତ । ବାରି ଭୁଙ୍ଗାରୁ ଢାଳନ୍ତି ବଇଦର୍ଭେ ବରଯାତ୍ରୀ-ପାନପାତ୍ରେ ।୧୫୬। ପାନକରି ସେ ନୀରକୁ ବରଯାତ୍ରେ ପ୍ରଶଂସନ୍ତି ବାରମ୍ବାର । କେ ବୋଲେ, 'ଅମୃତ' 'ଜୀବନ' ଜଳକୁ କହ୍ୟ ଯା ବହୁ ତା ସାର" ।୧୫୭। କେ ବୋଲଇ ତହିଁ "ଜଳକୁ ଯା ବହୁ କରଛି ସର୍ବତୋମୁଖ । ପାନକାରିଙ୍କ ଏକମୁଖ କଲାରୁ ଲୀବେଁ ତାକୁ

Digitized by srujanika@gmail.com

ଅବିବେକ” । ୫୮ । ଥିଲେହେଁ ଆଳୀରେ ଅନ୍ଧ କେ ରସିକଜନ ପଦ୍ମକଳିଭଳି । କର କରକୁ କୋରକ ବୋଲ୍ଥାଏ “ଧଅ ଅଜ କଞ୍ଜ” ବୋଲି । ୫୯ । ଦେଖି ତା ଗୃହଭୁଖି ‘ତୁ ଦେ’ ‘ତୁ ଦେ’ ବୋଲି ବେନି ସଖୀ କଲ କଳି । ପଳାଇଯାନ୍ତି ପାଶରୁ ତା’ର ଅଜ ଆଳକରେ ନ ପଡ଼େ ଧୂଳି । ୬୦ । କେ ରସିକ ଜଳଟାଙ୍କବାବାଳୀର କୁଚେ ଗୃହଁ ବଢେ ହସି । ପଚ୍ଚାରଇ, “ଏହା କେତେବଢ଼ ହୋଇଲାଣି କହ ଶୁଭ୍ରକେଶି” । ୬୧ । ନଉଗୃହ ଗିର ଭୃଙ୍ଗାରରେ କର ଯୁଗ ନିବେଶିବା— ଛଳେ । ଉତ୍ତର ତାହାକୁ ସେ ନବରସିକା ବିତରୁଥାଇ କ ଗେଲେ ।୬୨। ତୁଷାରଧାର ସମ ସ୍ନିଗ୍ଧ ଶୀତଳ ପେଏ କେ ଶାକର-ପଣା । ସୁଧା-ସର-ପଙ୍କ-ସମାନ ମାହିଷଦଧି-ପାନେ କେ ପ୍ରବୁଣା । ୬୩ । ସେ ଦଧିରେ କ୍ଷୁଦ୍ର କ୍ଷୁଦ୍ରଛିଦ୍ର ଥାଏ ତା ଦେଖି ହୁଏ ବିସ୍ମିତ । ଜିହ୍ୱା-ଲୌଲ୍ୟବଶେ ଧାତା କି ତହିଁରୁ ନେଇଛି ଟିକିଏ ସାର ।୬୪। କେ ବୋଲେ, ‘ଯା ମୋତେ ନ ରୁଚେ ତୁ ତାକୁ ଏତେ ଦେଉଛୁ କାହିଁକି । ଅରୁଚ ଯା ଯା’ର ହେଲେ ସେ ଶାକର ତା ମନ ରସେ ତହିଁକି’ ?। ୬୫ । ଏତେ ଶୁଣି ବାଳୀ ବିମ୍ବ ପ୍ରାଚୀ କର ଅଣି ପରଷିଲା ମାଂସ । ତାକୁ ଭୋଜନ କରି ସେ ବରଯାତ୍ରି ଲଭିଲା ବହୁତ ତୋଷ । ୬୬ । କେ ରସିକ ଏକାବେଳରେ ରସିକାଯୁଗଳେ ସଙ୍କେତ କରେ । ଉତ୍ତରଦାନକ ଉନ ଚନ୍ଦ୍ର ବରଜଇ ବଦଗ୍ଧପଣରେ ।୬୭ ନିଜେ ନ କହି ଉତ୍ତର-ଦେବା-ସଖୀ କଥାରେ ଥିଲି ଯେ ଚଳି । ସେ ବରରସିକାପଦ୍ମରେ ନିଜର ଚକ୍ଷୁ-ବକ୍ଷ ଦେଲା ଢାଳି । ୬୮ । ବୋଲଇ କେ ବାଳୀ, ‘ଲୋ ନବଛଇଳ ଗୋଟିଏ ଗୋଟିକ ପରେ । ପରସଯାଉଛୁ ଯାହା ତୁ ତାହାତ ନ ରୁଚେ ଏ ବର ନରେ । ୬୯ । ବିଲୋମେ ବରବ୍ୟଞ୍ଜନେ* କି ପରସିନାହିଁ ଏହାଙ୍କ ପାଶରେ । ତେଣୁ ବା ତୋ ଅଙ୍ଗପରସାରେ ରହୁନାହାନ୍ତି ଏ ସନ୍ତୋଷରେ” ।୭୦। ଗୋରସ-ପକ୍ୱ-ବଟକବୃନ୍ଦେ ଗୃହୁ ବ୍ୟଞ୍ଜନ ସେବାଳେ ତହିଁ । ଭୋକ୍ତାଙ୍କ ଭୋଜନକ୍ରିୟାଶେଷ-ଗୋଲ୍କୃତ-ଚକ୍ଷୁ ଗଲା ହୋଇ । ୭୧ । ଲେଖାଶେଷେ ଶୂନ୍ୟ ଦେଖା ଦେଇ ପରା ଜଣାଏଁ ଲେଖାର ଶେଷ । ଭୋଜନ ଶେଷକୁ ଏ ଗୋଲ୍ବଟକେ ସୂଚାଇବା କି ବିଶେଷ । ୭୨ । ପୁରଟ ଉଭା କେ ଉର୍ବୀ-ଉର୍ବଶୀର ପ୍ରତିବିମ୍ବ ପାନପାତ୍ର- । ଜଳେ ଯାନ୍ତେ ପଡ଼ି ତହିଁ ଯାଏ ଜଡ଼ି କେଉଁ କାମୁକର ନେତ୍ର ।୭୩। ନ ବୁଝି ବାଳାକୁ ତା ପ୍ରତିବିମ୍ବକୁ ସଲିଳପାନର ଛଳେ । ଚୁଁଚୁଁକାର କରି ବାରମ୍ବାର ଚୁମ୍ବୁଥାଇ ସେ କାମୁକ ଗେଲେ । ୭୪ । ହୋଇଥିଲେ ଘନ ପରିପୁଣୀଜନ ତାଙ୍କ କର— ଆଭରଣ ।—ରତନ-କିରଣଗଣ ବିଶୁଥିଲେ ଇନ୍ଦ୍ରଶରାସନସମ । ୭୫ । କରକା ପରାପ୍ରେ କରୁ ତାଙ୍କ ରସଗୋଲା ପଡ଼ୁଥିଲା ଗଳି । କର୍ପୂରେ ବାସିତ ବିଶୁଥିଲା ସେ ତ ଚନ୍ଦ୍ର ସୂର୍ଯ୍ୟ ଭଳି ଝଳି । ୭୬ । ‘ହେଲାଣି ଯଥେଷ୍ଟ କିଏଁ।

* ବିଲୋମେ ବରବ୍ୟଞ୍ଜନେ—ଲୋମଶୂନ୍ୟ ଶ୍ରେଷ୍ଠଅଙ୍ଗେ ।

Digitized by srujanika@gmail.com

ଭର ନଷ୍ଟ, ଅନ୍ନ ନ ଭଅ ମୋଠାରେଁ । ଏତେ କହୁଁ କେଉଁ ବରଯାତ୍ରୀ,
ତା'ର ପଟେ କନ୍ୟାପକ୍ଷ ନରେ । ୧୭୭ । ଦଅନ୍ତି ଗଢ଼ାଇ ଖଣ୍ଡା ଖଣ୍ଡା କରି
ଲଡ଼ୁ ମଣ୍ଡା ଖଜାମାନ । ପୂର୍ବ-ପରସା-ଦ୍ରବ୍ୟ-ସଂଖ୍ୟା-ପାଇଁକି ଦଶଇ ସେ ଖଡ଼
ସମ । ୧୭୮ । କେଉଁ ରସିକାର ସଙ୍କେତ-ଗୋପନ-କୌଶଳ-ପ୍ରହେଳିକାର ।
ଅର୍ଥବୋଧେ କଟର କେ କାମୀ ଅପଣା-ଇଙ୍ଗିତେ ଟିକା ଦୁଦର । ୧୭୯ ।
ପୁରନ-ଘୃତଲିପ୍ତ-ପାନେ ପଡ଼ନ୍ତେ ପ୍ରତିବିମ୍ବ କେ ବାଳର । କାମୁକ ସେ ପ୍ରତିବିମ୍ବ-
ବକ୍ଷେ ବକ୍ଷେ ନେଇଣ ଲଡ଼ୁ-ଯୁଗଳ ।୧୮୦। ନଖର ପ୍ରହାରେ ତାକୁ କ୍ଷତକରି ଅବଶେଷେ
କରତଳ ।—କୋଳରେ ପୂରାଇ ନିର୍ଦ୍ଦୟେ ମର୍ଦ୍ଦନ କରୁଥାଇ ବାରବାର । ୧୮୧ ।
କେ ଅନୁରାଗୀ କେଉଁ ସଉଭାଗୀର ମୁଖେ ବଳୋକ କଟାକ୍ଷ । ହାସ ମିଶାଇ ନିକ୍ଷେପୁଁ
ସେ ହୁଅଇ ଲାଜବଶେ ପରାଙ୍ମୁଖ ॥ ତା ଦେଖି ତା ଅଳ ବେଗେ ଯାଇ ଚଳ ଅଣି
ଖଣ୍ଡ-ପୁତ୍ତଳିକା । କାମୁକ-କରେ ତା ଅରପି ଅଦରେ ହସଇ ନକର ଦକା ।୧୮୩।
ଗୁରୁ-ଭୋଜନ-ବଶେ ବରଯାତ୍ରୀଏ ଅଜ୍ ନ ପାରନ୍ତି ଖାଇ । ବିବିଧ ଉପକରଣ ରାଶି-
ଭୂତ ହୋଇ ପତେ ପଡ଼ିଥାଇ । ୧୮୪ । ଦେଖି ମାନସକୁ ଆସଇ ଏମନ୍ତ ପରିବେଶନ-
କାରିଣୀ ।-ରୂପରସେ ତ ସେ ପୂରୁରୁଁ ସନ୍ତୁଷ୍ଟ ଅଜ କ ଭୁଞ୍ଜିବେ ପୁଣି । ୧୮୫ ।
ବିବିଧ ଇଙ୍ଗିତ କରି ଚତୁର ବ୍ୟକ୍ତ କଲେହେଁ କେଉଁ କାମୁକ । ଉଦାସୀନ ତହିଁ ରହି
କେ ସୁନ୍ଦରୀ ତାପଇ ତାକୁ ଅଧିକ ॥ ହରଣ ହୋଇ ସେ ଯୁବକ ଅପରିନାଶିକ କରୁ
ସଙ୍କେତ । ତା ଦେଖି ରୁଷ୍ଟ ହେଲେହେଁ ସେ ନାଗରୀ ତୋଷେ ସେ ରସିକ-ଚିତ୍ତ ॥
ଭୋକ୍ତାମାନଙ୍କର ପ୍ରବୃତ୍ତି ଅତି ହୋଇଥିଲା ସେହି ଭୋଜ । ରୁଚିରେ ତାକୁ ବଳବା
ପାଇଁ ଆନେ ନ ଥିଲେ କେହି ସହଜ ।୧୮୮। ହାସ-ଟୋରସ ମଣ୍ଡପବାସ ଅସ୍ୟ-
ପୀୟୂଷକେର ପିଷ୍ଟକ । ଲଡ଼ୁ-ପୟୋଧର ଅନ୍ଧ-ବରହାରେ ତା'ର ପ୍ରକାଶନ୍ତି ଟେକ ॥
ଯେତେ କଲେହେଁ ବନସ୍ତୁରେ ସଙ୍କେତ ଧରକାଣି କୋପ ତେତେ । କେଉଁ ନବୀନା
କେ କାମୁକକୁ ବାରୁଥାଇ ନିଷେଧ-ଇଙ୍ଗିତେ ॥ ହସ୍ତ-ପ୍ରକ୍ଷାଳନ-ଛଳରେ ବନ୍ଧନ କରୁ
ଅଞ୍ଚଳ ସେ ନର । ଚଳି ବାଳୀ ଜଳଧାରକୁ କମ୍ପାଇ ତିନ୍ତାଇଲା ତା ଶରୀର ।୧୯୧
ଭୋଜ୍ୟ-ଦ୍ରବ୍ୟାଶ୍ରିତ ଷଡ଼ରସେ ତୃପ୍ତ ହୋଇଥିଲେ ଜନେ ତଥା । ବାଳୀ-ହାବଭାବ-
ଶୃଙ୍ଗାର-ରସରେ ହୋଇଥିଲେ ତୋଷ ଯଥା । ୧୯୨ । ଭୋଜନ ଶେଷରେ ବର-
ଯାତ୍ରୀ ନଟର ଦେଇ ପୂଗ ବଦନରେ । ଦମ-ଦନ୍ତି ନାଗବଲ୍ଲୀ ଖିଲଖୋଲି ବସ୍ତ୍ର
ବକେକ ଦ୍ରବଲେ ।୧୯୩। ମଣିଲ୍ଚୂର୍ଣ୍ଣେ ସେ ବୃଷ୍ଟିକ ନିର୍ମିତ ତାକୁ ତେଜୁ ସତ୍ୟଭ୍ରମେ
ସମ୍ଭାଳ ନୋହି ହିଲେ କନ୍ୟାପକ୍ଷ-ସକଳଲୋକେ ଉଦ୍ଧାମେ । ୧୯୪ । ସୁନ୍ଦର
ସତ୍ୟ, କୃତ୍ରିମ ଅତିଅନ୍ତ୍ର ସୁନ୍ଦର ରତନରାଶି । ବେନାଦ୍ଭଗ ରଖି ବରଯାତ୍ରୀ ଭ୍ରମ
ନହେଣ ବୋଲନ୍ତି ହସି । ୧୯୫ । "ଇଚ୍ଛା ଅନୁସାରେ ଏଥୁଁ ଏକ ନିଅ" ବରଯାତ୍ରୀ କେ

Digitized by srujanika@gmail.com

ତା ଶୁଣି । ଅତି-ସୁନ୍ଦର କୃତ୍ରିମ ରତ୍ନକଣ୍ଠେ ଅବରଲେ ସେହିକ୍ଷଣି ।୧୯୬। ତା ଦେଖି
'ହୋଇଲା ହୋଇଲା' ବୋଲିଣ ହସି ବିଦର୍ଭ ସ୍ୱଜନ । ସତ୍ୟ କୃତ୍ରିମ ବେନି ରତ୍ନ-
ରାଶିକୁ କଲେ ତାହାଙ୍କୁ ପ୍ରଦାନ । ୧୯୭ । ନିଶା ଦିବସ ଇଷ୍ଟମିଷ୍ଟ ଭୋଜନେ
ବରଯାତ୍ରୀ ଲଭି ତୋଷ । ନିଶାରେ ଷୋଳ-ବୟସୀ-ବେଶ୍ୟା-ସେବା ଉପଭୁଞ୍ଜିନ୍ତି
ବିଶେଷ । ୧୯୮ । ଏମନ୍ତେ କେତେକ ଦିନ ବିଦର୍ଭେଶ-ପୁରେ ସୁଖେ କଟାଇଲେ ।
ଚିନ୍ତାକୁ ତାଙ୍କ ସେ ପୁର-ପରିଚର୍ଯ୍ୟା ଚିନ୍ତାମଣି ହେଲା ଭଲେ । ୧୯୯ । ବିବାହ-
ପରେ ପାଞ୍ଚ ସାତ ଦିବସ ଶ୍ୱଶୁରପୁରେ ଦମ୍ପତି । ଯାପିଣ ସ୍ୱଦେଶ ନିଷଧକୁ ଯିବାପାଇଁ
ବଳାଇଲେ ମତି । ୨୦୦ । ହେଲା ଯାନ ସଜ ତହିଁ ନଳରାଜ ମହିଷୀତୁଲେ ବିଜୟ ।
ଯାନ-ଚାଳନେ ତୁରଗବଲ୍ଗାଗ୍ରହେ ବର ସାରଥି ବାର୍ଷ୍ଣେୟ । ୨୦୧। ଅରୋହିବା କାଳେ
ମହିଷୀ ଅଙ୍ଗରେ ନ ଲାଗିବ କା'ର କର । ଏତ ସ୍ୱଭାବେ ବାଳକା ସ୍ୟନ୍ଦନ ତ ଉଚ୍ଚ
ଅତି ଉଚ୍ଚତର । ୨୦୨ । ଏତେ କହି କହି ମହିଷିଙ୍କି ଗ୍ରହି କରେ ଧୀରେ ନୃପନଳ ।
ଆରୋହାଇବା କାଳେ ଲୋକ-ଲଜ୍ଜାରେ ନ ଅନଙ୍ଗିଲେ କେବଳ ।୨୦୩। ସୁଗନ୍ଧ-
ତଇଲ-ବୋଳେ ତ ବାଳାର କଳେବର ସୁପିଚ୍ଛିଳ । ବଧିବ ବୋଲି ନ ପୀଡ଼େ ଦୃଢ଼େ
ତାକୁ ନୃପତି-ଭୁଜ-ଯୁଗଳ ।୨୦୪। ରଥେ ବାଛି ବାଳୀ ନୃପଙ୍କରୁ ଗଳି ପଡ଼ିବ ଭାଳିଲ
ଘୁର । ପୁଲକେ ବେନିଙ୍କ ଗାତ୍ରକୁ ସେକାଳେ କଲା ଜନ୍ତୁର କଠୋର । ୨୦୫ ।
ବିନୟ-ବ୍ୟବହାରେ ଯାର ଗୁଣକ ଲକ୍ଷଗୁଣ ପରି ଦିଶେ । ସେ ଜାମାତାକୁ ବିଦାୟ
ଦେଇ ବିଦର୍ଭେଶ ଦୁଃଖିତ ମାନସେ । ୨୦୬ । ଅଜନ୍ମ କୋଳପାଳିତ କୁମାରୀଙ୍କ
ବିରହିବାର ସନ୍ତାପ- । ତୁଲକୁ ଜାମାତା-ବିଦାୟ ସେ ନୃପେ ନୋହିଥିଲା ଅନଳପ ॥
ସରୋବରର ତରଙ୍ଗ ମରୁତକୁ ଅନୁଗାମି ତୀର ଯାଏ । ଶେଷକୁ ଯଥା ଚଞ୍ଚଳ-ଜଳଯୁକ୍ତ
ନତ ହୋଇ ଫେରିଥାଏ । ୨୦୮ । ତଥା ଭୀମ-ନୃପ ସ୍ୱସୀମା-ସମୀପ ଯାଏ ଅନୁକ୍ରମେ
ନଳେ । ଗ୍ରହି ନମସ୍କାରେ ତୋଡ଼ି ପ୍ରିୟତିରେ ବାହୁଡ଼ିଲେ ନିଜପୁରେ । ୨୦୯ ।
ବାହୁଡ଼ିବାର ସମୟେ ବିଦର୍ଭେଶ ବୋଲନ୍ତି "ଅଗୋ ଦୁହିତା । ନଳ ଅର୍ଜୁ ତୋ
ପିତା ଧର୍ମ ସମ୍ବନ୍ଧ ଖମା ମନସୁଖ ଭଳ । ୨୧୦ । ମୁଁ ଆଉ ଏଣିକ ତୋ କେହି
ନୁହେ ମାଁ କହୁଁ ନେତ୍ରୁ ବହେ ପୟ । ଅମ୍ବରେ ସମ୍ମତି ତାହାକୁ ଚଳାଇଲେ ସୁତାକୁ
କଲେ ବିଦାୟ । ୨୧୧ । ଜନକ-ବୃତ୍ତାନ୍ତ ଭାବିଣ ଚିତ୍ତ ମହିଷୀ ଦୁଃଖିତ ଅତି ।
ପ୍ରିୟ-ଉପଗୂଢ଼େ ବହୁକାଳ ପରେ ସେ ଦୁଃଖ ବାରନ୍ତି ଯତି ।୨୧୨। ମାତା-ବିଚ୍ଛେଦ-
ଜନିତ ଯା ବଡ଼ବାନଳ ଉଠିଲା ପ୍ରଜ୍ୱଳି । ପ୍ରିୟତମ-ପ୍ରେମ-ମହାସାଗରେ ତା ଅଂଶେ
ନ ଗଲା ମଉଳି । ୨୧୩ । ବିବିଧ-ରତ୍ନ-ବିଭୂଷିତ ଭୂଭୃତ ମୃଗନେତ୍ରୀ କଟାଗତ ।
ପାଦ-ଦେଶାଶ୍ରିତ-ଉପତ୍ୟକା-ପୋତେ ଯେମନ୍ତ ଶୋଭଇ ଅତି । ୨୧୪ । ତଥା ସେ
ଭୂଭୃତ ରତନ-ଭୂଷିତ ହୋଇ ଗଜବର-ଗତି । ଚରଣନମ୍ରନା ପଦାଶ୍ରିତ ଦମୟନ୍ତୀ

Digitized by srujanika@gmail.com

ଯୋଗେ ବସନ୍ତ । ୨୧୫ । ଭୀମଜାରେ ଏକା କେବଳ ଆଶକ୍ତ ରାଜଲକ୍ଷ୍ମୀ ଦେଖି ନଳେ । ତାଙ୍କ ହୃଦେ ନିଜ ଆସନକୁ ଉପେକ୍ଷିବ କହିବା ଛଳରେ ।୨୧୬। ସପତ୍ନୀ-ହିଂସା ବରଜି ଅବରତେ ଦମୟନ୍ତୀ-ଉଚ୍ଚ-ବାର । ନ କହୁଁ ଆଗହୁଁ ପଦେ ଅର୍ପୁଥାଇ ପୀରତି-ଉପଦାବଳ । ୨୧୭ । ତଦନ୍ତେ ନୃମଣି ନିଜ ରାଜଧାନୀ ପାଶେ ଆସି ପର-ବେଶ । ଇନ୍ଦ୍ର-ନୀଳମଣି-ମାଳେ ଯା ତୋରଣ-ଦେଶ ରୁଚିର ବିଚକ୍ଷଣ । ୨୧୮। ପତି-ବିରହେ ସେ ସତୀ-ନଗରୀର ଲୁଳିତ ଚୂର୍ଣ୍ଣକୁନ୍ତଳ ।- ପରି ସେ ଇନ୍ଦ୍ର-ନୀଳମଣିମାଳ-ଜାଳ ଦିଶେ ସୁମଞ୍ଜୁଳ ।୨୧୯। ଉନ୍ନତ-ସଦନ ଉଦ୍‌ଗ୍ରୀବ-ବଦନେ ସେ ପୁରନାୟିକା କିବା । ପତି-ଆଗମ-ପଥକୁ ନିରେଖିଲା ପ୍ରାପ୍ତ ଧିଶୁଥିଲା ଶୋଭା । ୨୨୦ । ଦେଖି ଉତ୍ଥିତ ପୁରଜନ ନରନାଥ ଅନ୍ୟ-ମନସ୍କ ହୁଅନ୍ତେ । ପତି-ମନ-ବିଗ୍ରହଣେ ଦମୟନ୍ତୀ ଅନାନ୍ତେ ଅପାଙ୍ଗ ପ୍ରାନ୍ତେ । ୨୨୧ । ନଳ-ନୟନରେ ଏ ଦୃଷ୍ଟି ତକ୍ଷାଳେ ଅର୍ଦ୍ଧପଥେ ହେଉ ମେଳ । ବେନିଏ ବେନିଙ୍କ ଦୃଷ୍ଟି ବାର ନିଜସ୍ଥାନେ ପଳାନ୍ତି ଚଞ୍ଚଳ । ୨୨୨। ପୁଷ୍ପ-ଶୋଭିନ୍ଦିତ ବସନ୍ତେ ଯେମନ୍ତ କୁତୂହଳେ ଉତ୍କଣ୍ଠିତ । କମେ୨ ମଧୁକର ନିକୁରମ୍ବ ଆସି ହୁଅନ୍ତି ମିଳିତ ।୨୨୩। ତେମନ୍ତ ସନ୍ଦର୍ଶ୍ୟ-ନୃପ ବିଲୋକନେ କୁତୂହଳେ ଉତ୍କଣ୍ଠିତ । ଅମାତ୍ୟ-ଆଦି ପ୍ରଧାନ-ନାଗରଙ୍କେ ପଥେ ଭେଟନ୍ତି ତ୍ୱରିତ । ୨୨୪ । ଶ୍ରବଣ-କୌତୁକେ ଆକୁଳ ଅମାତ୍ୟବର୍ଗେ ସେ ନିଷଧନାଥ । କଲେ ସଂକ୍ଷେପରେ ବ୍ୟକତ ପଥରେ ନିଜ-ବିବାହ-ବୃତ୍ତାନ୍ତ । ୨୨୫ । ତାଙ୍କଠାରୁ ଶୁଣି ନିଜ-ରାଜଧାନୀ-କଣ୍ଟ-ଭିନ୍ନ ସମାଗ୍ରହ । ଆନନ୍ଦେ ସ୍ୱପୁରେ ସମ୍ପର୍କେ ବିଜୟ କଲେ ନଳ ନରପାଳ । ୨୨୬ । ଅମୃତ ବତ ଜଳଜାତ-ମୃଣାଳ ଭଳି ଅତ୍ୟନ୍ତ କୋମଳ- । ରାଜ୍ଞୀ ପୁରକନ୍ୟା ନଗର-ପ୍ରତ୍ୟେକ-ପଥରେ ହୋଇଣ ମେଳ ।୨୨୭। ସ୍ୱ-ପାଣିଲତା-କଳିକା-ବନ୍ଦ-ପ୍ରାପ୍ତ ଲାଜା ନିକ୍ଷେପଣ କରି । ଅଭିନନ୍ଦନ କଲେ ନଳ ନୃପାଳେ ଜୟ ଜୟ ଜୟ ବୋଲି ॥ ରାଜାଦ୍ଧ ପାଣ ମନ୍ତ୍ରିଙ୍କ ପ୍ରଚପ୍ତ ଶିଖର-ଗୃହ-ଆବଳି ।-କୋଳେ ବାଳୀଏ ଭୀମଜା ସନ୍ଦର୍ଶ୍ୟ ଦର୍ଶନ-ଆଶାରେ ମିଳି । ୨୨୯ । ଜଳାକବାଟ ଯାଳରେ ରଖି କଳାନିଧି-କଳପ ବଦନ । ଦେଲେ ସାର୍ଥ କରି ସେକାଳେ ସେ ଗୃହଙ୍କର 'ଚନ୍ଦ୍ରଶାଳା, ନାମ ।୨୩୦। ସୁଷମା-ପିପାସା-ବଶରେ ବିଶୁଷ୍କ-ଦୋଷରେ ଦୂଷିତ ଅତି । ସେ ନଗର ନିବାସିନୀ ପ୍ରମଦାଙ୍କ ନେତ୍ର-ନୀଳୋତ୍ପଳ-ତତି । ୨୩୧। ନିଜ-ତେଜରୂପ-ମୃଣାଳମାଳାକୁ ଯାଳ-ମାର୍ଗେ ଗ୍ରହଳ ଦେଇ । ନଳ-ପୀଯୂଷକର-ମୁଖ ସୁଧାକୁ ଶୋଷିଲେ କି ତୋଷ ହୋଇ ॥ ପ୍ରାସାଦ-ଉପରଗୃହ ନାରୀଙ୍କର କର-ପଲ୍ଲବ-ବର୍ଷିତ- । ସୁଗନ୍ଧ-ଲାଜା-ପତନ-ଛଳେ ଦେବ-ପୁଷ୍ପ-ବୃଷ୍ଟିରେ ବର୍ଦ୍ଧିତ । ୨୩୩ । ହୋଇ ନିଷଧେଶ ବିଜୟ ହରଷେ ନବ-ନିର୍ମିତ ସଉଧେ । ନବ-ମହିଷୀପାଇଁକି ଯା ବିରଚି ଥିଲେ ଶ୍ରେଷ୍ଠ ଶିଳ୍ପୀବିଶେ ।୨୩୪ ନଳ-ଦମୟନ୍ତୀ-ଉପଯମ, ଏକରଥେ ଦମ୍ପତି ପ୍ରୟାଣ, । ନୟନ-ଲକ୍ଷାରେ ସଭକ୍ତେ

Digitized by srujanika@gmail.com

ଅନ୍ୟୋନ୍ୟେ କଟାକ୍ଷପାତେ ଦର୍ଶନ । ୨୩୬ । ଏ ଆଦି ସକଳ କଉତୁକେ ଇନ୍ଦ୍ରାଦି ଚତୁର-ଅମରେ । ଶୂନ୍ୟରେ ରହି ବିଲୋକି ସନ୍ତୋଷରେ ଚଳିଲେ ଅପଣା ପୁରେ ॥ ଶ୍ରୀରମଣୀଦେବୀ-ହୃଦୟ-ଚନ୍ଦନ ହର୍ଷ କବିରାଜ-ବର । ବିଦ୍ୟା-ବିନୋଦରେ ବିହିତ ଯା କୀର୍ତ୍ତି କାଶ୍ମୀର-ସୁଧୀ-ବୃନ୍ଦର । ୨୩୭ । ତା'ର ପଦକୁ ପଦକପ୍ରାପ୍ତ ବହି ହୃଦେ ଗୋପୀନାଥ ହିନ୍ଦ । ପ୍ରାକୃତ ଭାବେ ଏ ଗୀତ ବିରଚୁଛି ସୁଧୀରେ ବଧିର ନୁହ ।୨୩୮

ସପ୍ତଦଶ ଛାନ୍ଦ ।

ରାଗ—ଖାହାଡ଼ିଆ କେଦାର ।

ଏ ଅନ୍ତେ ରସ ଶୁଣ ସୁଧୀରେ   ବାସବଆଦି ସୁର-ଚତୁରେ
ବିଲୋକି ଧରାଗମ-ଶ୍ରମରେ
ଫଳ-ବିଧାନ ଯେ ।
ମହା-ଉଦଧି-କୂଳ-ଅଗତ—   ବିଶାଳ-ଖାଟ ଦୁଗ୍ଧବା ବତ
ଦେଖିଲେ ସ୍ୱପ୍ନରେ ପ୍ରତ୍ୟର୍ଥିତ
ହୃଦୟ ଶୂନ୍ୟ ଯେ ।
ଦମୟନ୍ତୀର ଭାବ ହୃଦୟେ ବହି ଯେ।
ଥିଲେହେଁ ବହୁଦିନୁଁ ; ବିମନା କେହି ।
ନୋହି ମଣୁପେ ସେ ନାଗରବର   ଦେଖିଲେ ଧରାଇ ଚତୁର ପୁର
ବିନୀତ-ଛନ୍ଦେ ବିଦ୍ୟା ପ୍ରକାର
ସ୍ଥୂଳୁ ସୂକ୍ଷ୍ମେଣ ଯେ । ୧ । (୧-୨)

ଝିଙ୍କିବନ୍ତ ବିମାନ-ଦ୍ୱାରେ କଲେ ବିଜୟ ଭାସୁର ସୁରେ ସ୍ଫଟିକାଦ୍ରିରେ ସବିତା-ବିମ୍ବ ବତ ଝଟିନ୍ତି ଯେ । ଦ୍ରୁତଗମନ-ଜନିତବାତ-ବେଗେ ଅକୁଣ୍ଠ ନୀରଦବ୍ରାତ ବିମାନ ପଛେ ସ୍ୱଚ୍ଛେ ସଞ୍ଚର ଅତି ଶୋଭନ୍ତି ଯେ । ରଥ ପଛକୁ ବାତ ବହିବା ଭାବେ । ତା ଠାରୁ ଦ୍ରୁତତର ଧାଉନ୍ତି ଦେବେ । ଯାହାଁ ଦୂରକୁ ଦିଶନ୍ତି ଛୋଟ ଅଣିମା ତାଙ୍କ ହୁଏ ପ୍ରକଟ ଅଷ୍ଟଐଶ୍ୱର୍ଯ୍ୟ ମଧ୍ୟରୁ ସ୍ପଷ୍ଟ-ଭାବରେ ଯେବେ ଯେ । ୨ । (୩-୫) ଗମନ୍ତି ଶୂନ୍ୟେ ଦେବଙ୍କ ଯାନ କେତୁ-ଶିଖରେ କାହିଁ ବିଗାଣ୍ଡି-ଘନ-ସଞ୍ଜାତ ବିଦ୍ୟୁତ ତହିଁ ପତାକା ହୋଇ ଯେ । କାହିଁ ବା ଯାଉ ଥିବାକୁ ଅବ ନୀରଦେ ପଡ଼ୁଥାନ୍ତି ପଥର ତାଙ୍କ ବକ୍ଷରେ ବାସବ-ଧନୁ ଦିବ୍ୟ ଶୋଭଇ ଯେ । ଜଳଧରେ ବା ଜଳ ନ ଥିବ କାହିଁ ।

Digitized by srujanika@gmail.com

ବାସବ-କର-ବଜ୍ର ବର୍ମିତ ତହିଁ । ବୁଅନ୍ତେ ନାରଦଙ୍କ ଅଶନ-ଗର୍ଜିତା ସାର୍ଥ ହେଲା ସେକ୍ଷଣି ସ୍ୱନକୁ ଚଣ୍ଡ-ସର୍ଗର-ଧ୍ୱନ ଅଛନ୍ତ ରହ ଯେ । ୩ । (୭-୮) ଦଣ୍ଡଧରଙ୍କ ଦଣ୍ଡ ଚଣ୍ଡାଂଶୁ- ମଣ୍ଡଳେ କେବେ ପରଶବଣ୍ଣ ମାବର୍ତ୍ତବଂଶ-ନୃପଙ୍କ କୁଳଛନ୍ଦ ସଂକାଶ । ନଳଗ୍ରାମଜା-ପ୍ରେମେ ବସ୍ଥିତ ଧବ ମସ୍ତକ କରୁ କମ୍ପିତ ତହୁଁ ପତତ କର୍ଣ୍ଣ-ଭୂଷିତ କ ପାଶୀ-ପାଶ ଯେ । ବାତସ୍କନ୍ଧେ ଅବେହ କର କମ୍ପାଇ । 'ଦମୟନ୍ତୀ ଲଭିଲା ନୈଷଧ-ସାର୍ଦ୍ଧ । ବୋଲି କ ବଛି କରେ ପ୍ରସ୍ତୁର ଦେଖଣାହାରୀ ଗଗନଚର-ନିକର ବସ୍ତୁବନ୍ତ ତଭର ବସ୍ତୁ ବହ ଯେ । ୪ । (୯-୧୧) ନଭପଥରେ ଦମୟନ୍ତୀର ସ୍ୱର-ଶ୍ରବଣ-ବରହାତୁର ଦେବ ଚତୁର ଶ୍ରୁତି-ଅଷ୍ଟର କଷ୍ଟନାଶନେ ଯେ । ବୈଦର୍ଭୀ-ସ୍ୱର-ଅନୁକରଣ-ନିପୁଣ-ସାଣୀଯନ୍ତ୍ରର ଗୁଣ ଝଙ୍କାର ବାଣୀ ଅନୁରଣନ ଆରମ୍ଭି ଘନେ ଯେ । ଏମନ୍ତେ ଯାଉ ଯାଉ ରଥେ ଅମରେ । ଅସି-ଲତା ଶୂନ୍ୟକୁ ବଳ ଶ୍ୟାମରେ । ଜନ-ନିବହ କଲେ ଲୋକନ ସେମାନେ ତାଙ୍କ ଅଭିନନ୍ଦନ ପାଇଁକି ଅଟୁଥିଲେ ବନ୍ଦନ ଅଭିସମରେ ଯେ । ୫ (୧୨-୧୩) । ଜନତା-ଅଗ୍ରେ ଅସେ ରଙ୍ଗଣ ଅକ୍ଷା-ବନସ୍ତୁ-ଶିକ୍ଷା-ସକାଶ ଶିକ୍ଷକ-ପଣେ କଳ ଯା ଶିରେ ବାନ୍ଧଛ ତାଜ ଯେ । ଗହଣ-ଲୋକ ଛନ୍ତ ତାହାଙ୍କ ଅଗମ୍ୟାସଙ୍ଗ ପାଇଁ ଯାହାଙ୍କ ପ୍ରାଣ ତୃଣରୁ ହୀନ ନ ଥାଇ ଭୟ ବା ଲାଜ ଯେ । ଅନନ୍ତ ସେ ସକଳେ ବେଶ୍ୟା-ସର୍ବସ୍ୱ । ବେଶ୍ୟା-ବିନା ନ ଥାଇ ତାଙ୍କ ନିଜସ୍ୱ । ବୁଦ୍ଧେ ଇଶ୍ୱରେ ବାଦ ଭିଆଇ ଯେ କାମ ଲୋକଜାତ ବୋଲାଇ ଅଙ୍ଗ ନ ବହ ବଞ୍ଚ ଶାସଇ କେ ତାକୁ କସ ? ଯେ । ୬ (୧୪-୧୫) । ହର-ବୈରତା ସୁର ଯେ ସୁର ଇଶ୍ୱର-ସୃଷ୍ଟିନାଶେ ତତ୍ପର ହୋଇ ନାସ୍ତିକ କରଣ ଶର ଅଗ ବାହାର ଯେ । ନାହିଁ ସୌନ୍ଦର୍ଯ୍ୟ ସମାନ ଯା'ର ସେ ମାର ପୁଣି ସୁର-ଚତୁର ସେବକ ନ ହୋଇଲା ନେହର ସେକାଳେ ବାର ଯେ । ନଳ ଭୂପଙ୍କୁ ଭୁଲ ନୁହେତ ସୁର । ସେ ଭୂପ ଦେଖିଥିଲେ ଯେଉଁ ଅମର । ତାଙ୍କ ନେହର ରୂଚ ପାଇଁକ ଗଣନ୍ତେ ସେ ତ ରତିସାଇଁକ ଯେ ଅବେରକ ତାଙ୍କ ସ୍ୱର୍ବୈଦ୍ୟ ନୋହିଲା ଦୂର ଯେ ।୭। (୧୬-୧୮) । ପଛରେ କୋଧ ଗର୍ଜି ଅସଇ କୋଶ ପର୍ଯ୍ୟନ୍ତ ଘୋଷ ଶୁଭଇ ଯେଣିକ ଇଚ୍ଛା ତେଣେ ପଙ୍ଗଇ ଯା କଛ ପାଇ ଯେ । କମ୍ପେ ନିରତ ଅଙ୍ଗ ତାହାର ଉଠି ଧଡ଼ଇ ଥରକୁ ଥର ଶରୀର ଅତ ଲୋହିତ ତା'ର ଉଗ୍ର ଦଶଇ ଯେ । ଅଛନ୍ତି ତା'ର ଅନୁଜ୍ଞାସୀ-ନିକର । ଦନ୍ତ-ଦଂଶେ କା ଓଷ୍ଠ ରକ୍ତ-ଜର୍ଜ୍ଜର । ରକ୍ତ-ନେତ୍ର କେ ପୁଣି ତହିଁ ସର୍ପକୁଟିଳ ଭୃକୁଟି ଅହଙ୍କାର ପରଶେ କା'ର ବହଇ ନିଶ୍ୱାସ ଖର ଯେ । ୮ । (୧୯-୨୦) । ନୁହେ ସେ କୋଧ ଇତର ପର ପଞ୍ଚଶାସ୍ତ୍ରକ ଯାହାକୁ ହାର ସେହ ଦୁର୍ବାସା-ଋଷି-ହୃଦୟ ଦୁର୍ଗ ଯାହାର ଯେ । ଯେମନ୍ତ ଦୁର୍ଗେ ବାସ ବରଚ ଇନ୍ଦ୍ରାଦ ସୁରେ କରଇ ଛ ଛ କ୍ଷଣକେ ବସ୍ତ୍ରଦହନ ଦାହ କରେ ପୁଚ୍ଛାର ଯେ । ରଞ୍ଜାଇଲେହେଁ

Digitized by srujanika@gmail.com

ନମ୍ରନାରକିଙ୍କି ଅତି । ବଇରାଗ ଜନ୍ମାଏ ଯେହୁ ସ୍ପୃହା । ଜନ୍ମଥିଲେହେଁ ପ୍ରଖର ହୋଇ ଅଲୋକ ଲେଶେ ନ ପାରେ ଦେଇ କେବଳ ମାତ୍ର ପ୍ରସବୁଥାଇ ତମସନ୍ତତି ଯେ ।୯। (୨୧-୨୨) । କ୍ରୋଧ ନ ଥିଲେ କୁସୁମ-ଶର-ବିଜୟ ଅସମ୍ଭବ ବ୍ୟାପାର ଏଣୁ ଯେ କ୍ଷୁଦେ କ୍ରୋଧ ସଞ୍ଚାର କଲେ ଶଙ୍କର ଯେ । ଶୁଣ ଏ ସ୍ୱତ ବିଶ୍ବରେ ଚଉ ଦେଖି ଅରିକ ପରିପୀଡିତ ସାଧୁର ତାକୁ ଯତ୍ନେ ଭୁରିତ ଏ ଗୀତ ଧାର ଯେ । ଏ ଗୀତ ଅବଲମ୍ବି କ୍ରୋଧ କି ସତେ । ଜଣେ ଲିଖିତେ ଶୈଳ-ସନ୍ତତି-ନାଟେ । ଯେ ମହେଶ୍ୱର ପଣ୍ଡିଙ୍କ ପଡି ସେ ଯା କବଳୁ ନ ପାରେ ବର୍ତ୍ତି ଆନ ବା କାର ଅଛି ଶକତି କ୍ରୋଧ-ପ୍ରବଟେ ଯେ ।୧୦। (୨୩) । ତା ପଛେ ଲୋଭ ଅସଇ ସ୍ଥୂଲ ଧନୀ ପାଶେ ସେ କର ପ୍ରସାରି-ଥାଏ ନିରତ ନତ ଉଚ୍ଚାର ଭୟାତୁର ଅତି ଯେ । ନର୍ମଲେ କଥା ନ ପାରେ କହି ଠାରି ମାଗଇ ବିକଳ ହୋଇ ତା ପରେ ତାଂର ଛନ୍ଦ ଗୋଡ଼ାଇ ସେବକତତି ଯେ । ସର୍ବେ ସ୍ୱୈର କୃପଣ ପ୍ରଭୁ ଭେଜନେ । ଭୃଙ୍ଗି ଟେକ ଗୃହେଁ ଥାନ୍ତି ଲୁବ୍ଧ ନୃପେ । ଦୁଃଖୀ କୁଟୁମ୍ବେ ଧନ ପାଇଁକି ପରପାଶେ ସେ ଥାଆନ୍ତି ବିଭ ଅବଗ୍ରହ ସେ ଗ୍ରହୀତା-କରେ ଦାତାର ଦାନେ ଯେ ।୧୧। (୨୪-୨୭) । ଏକ ପାତକ କରାଏ କୋପ କାମେ ଜନ୍ମଇ ଯୁଗଳ ପାପ ଲୋଭ-ହେତୁ ପଞ୍ଚମହାପାପ ଯେଣୁ ସମ୍ଭବେ ଯେ । କାମ କୋପଙ୍କୁ ଯେ ଲୋଭ ତେଣୁ ବିସ୍ମରୁଥାଏ "ଏମାନେ ଅଣୁ ଏ ଅବା କିସ କରିବେ" ତେଣୁ ନ ଗଣେ ଲବେ ଯେ । ଥିଲେହେଁ ରହି ପୂର୍ବ ଜୀବ-ସର୍ବାଙ୍ଗେ । ରସନାରେ ତାହାର ବିହାର ରଙ୍ଗେ । ଇତର କଥା ଥାଉ ତେଣିକି ଶିଖାଉଥାଏ ବ୍ରହ୍ମଗୃହୀଙ୍କ ଭିକ୍ଷାରେ ଶିକ୍ଷା-ଗୁରୁ-ଗିରିକି ବିବିଧବାଗେ ଯେ ।୧୨। (୨୭-୨୮) ଅସଇ ମୋହ ଲୋଭ ପଛକୁ ଅନ୍ଧ ସେ ହିତ ସତ୍ୟ ଗିରିକୁ ବନ୍ଧୁଙ୍କ ନ ଶୁଣଇ; ତୁଚ୍ଛକୁ ନିର୍ବନ୍ଧେ ଧରେ ଯେ । ତାଂର ସେବକେ କାଳ ମରଣ ନିଶ୍ଚେ ଜାଣିଲେ ଇଶେ ଶରଣ ନ ଯାଇ କ୍ଷାତ-ଜଞ୍ଜାଳେ ମାତି ଥାନ୍ତି ନିର୍ଭରେ ଯେ । ବାଙ୍କ କେବଳ ଯାର ଆତ୍ମ-ଦର୍ଶନ । ସେ ଭଳି ମନୁଷ୍ୟର ନିର୍ମଳ-ମନ । ଅନାୟାସରେ କଳୁଷ-କାଳି କରି ପାରଇ; ସେ ମୋହଁ ବଳି ଆଉ କେ ଶତ୍ରୁ ଅଛଇ ବଳ ବିଶ୍ବର ମନ ଯେ ।୧୩। (୨୯-୩୦) । ସନ୍ନ୍ୟାସୀ ବ୍ରହ୍ମଚାରୀ ବିପିନବାସୀଏ ଯଥା ଗୃହସ୍ଥ-ଜନ-ଆଶ୍ରୟେ ଥାନ୍ତି ତଥା ମଦନ ଲୋଭ-ଗବେଷଣ ଯେ । ସେ ମୋହ-ଆଶ୍ରା ପାଇ ଫସାରେ ପ୍ରବର୍ତ୍ତି ଥାନ୍ତି ଅତି ନିର୍ଭରେ କରନ୍ତି ବଶ ବିନା ବିଶ୍ବର ସକଳ ଜନ ଯେ । ଅତଏବ ଶତ୍ରୁ ସେ ମୋହ ଲୋକର । ଜାଗ୍ରତ-ଜନକୁ ସେ ନିଦ୍ରା ପ୍ରକାର । ଦରଶକର ସେହି ଅନ୍ଧତା ଜ୍ଞାନୀ ପଣ୍ଡିତଙ୍କର ଜଡ଼ତା ଘୋର ତିମିର ପରସ୍ପର ଅଟେ ସେ ଅଲୋକର ଯେ ।୧୪। (୩୨-୩୩) । ତହୁଁ କେତେକ ଚାହିଲେ ଦେବେ ଯାହାଙ୍କୁ ଦେଖିଥିଲେ ସେ ପୂର୍ବେ ଆନକୁ ଚାହିଁ ନୋହିଲୁ ଲବେ ଯେଣୁ ସେମାନେ ଯେ । କଜ୍ଜଳକଳା ପାପ-କଞ୍ଚୁକ ଥିଲେ ଅବର

Digitized by srujanika@gmail.com

ସର୍ବାଙ୍ଗଯାକ ଶିରୁଁ ପଦୂରଯାଏ ଲୋମେକ ନ ଥିଲା ଶୂନ୍ୟ ଯେ । ଉଦ୍ବେଳ-ଜଳନିଧି ପ୍ରାୟ ପ୍ରବଳ । ସେ ସୈନ୍ୟ-ସିନ୍ଧୁ ମାଡଆସୁଁ ଚଞ୍ଚଳ । ଶ୍ରୁତକର୍କଶ ପରୁଷ ଗିର ତହୁଁ ପ୍ରସରି ଅନ୍ୟଙ୍କର ଶ୍ରୁତିପୁଟକୁ କଲା ଜର୍ଜ୍ଜର ଅତିତର ଯେ ।୧୫। (୩୪-୩୫) । ସେ ସୈନ୍ୟ ବାଣୀ ଶୁଣେ ଏମନ୍ତ "ସଲିଳେ ଶିଳ ଭାସିଲା-ବତ ଯାଗଫଳତ ଏଥିରୁ ସତ୍ୟ ବେଦେ କେ କହୁ ଯେ । ଅହେ ପଣ୍ଡିତେ କି ଶ୍ରଦ୍ଧା ତହିଁ ଯେ କାମାଗ୍ନିର-ପଥ ରୁନ୍ଧଇ ସେ ଶ୍ରୁତି ଏକା ସେ ସେବୁଥାଇ ଅଧମ ଯେହୁ ଯେ । କ୍ଷଣସ୍ଥାୟୀ ପଦାର୍ଥ ସବୁ ଅସ୍ଥିର । ଏ ନ୍ୟାୟେ ସ୍ଥିର ନୁହେ ବୋଲି ଫସାର । କର ପ୍ରତ୍ୟୁର ବୁଦ୍ଧ ଗୌତମ କଲେ ଭଗନ ବେଦର ମର୍ମ ଭେଦେ କି ଜୀବ ବିନାଶ ପରେ ସ୍ୱକର୍ମଫଳ ଯେ ।୧୬। (୩୬-୩୭) । ଭସ୍ମ ପୁଣ୍ଡ୍ରକ ଜଟୀ ବିଦଣ୍ଡ ଅଗ୍ନିହୋତ୍ରାଦି ଯେ ତନ୍ତ୍ରକାଣ୍ଡ ପ୍ରଜ୍ଞା-ପୌରୁଷ-ବିହୀନ ଭଣ୍ଡଙ୍କ ସେ ଜୀବିକା ଯେ । ବୋଲିବ ଅବା 'ମୁଁ ଶୁଦ୍ଧଜାତି' କେ ଜାଣେ ମାତା ପିତାଙ୍କ ଚରିତ ? ତାଙ୍କ ଜନକ-ଜନନୀ-ସତ୍ୱ ଅଛି କି ଲେଖା ଯେ ? ଏମନ୍ତେ ଅଗଣିତ କୁଳ ନିର୍ଦ୍ଦୋଷ । ହେଲେ ଏକ ଜାତିରେ ନ ଥିବ ଦୋଷ । ଏହା କି କେବେ ହେବ ସମ୍ଭବ ଜାତିକି ଯେ ବା ଶୁଦ୍ଧ ବୋଲିବ ତାହାର କଦାଚିତ ନ ଥିବ ପ୍ରତିଶ୍ଳେ-ଲେଶ ଯେ ।୧୭। (୩୮-୩୯) । 'କାମିନୀ' ନାମ ପ୍ରସିଦ୍ଧ ଯା'ର ତା ଭୁଲେ ରସି ପାତକ କା'ର ନୁହେ ଅର୍ଜ୍ଜିତ ସଂସାରେ ବାର ଅହେ ସୁଧୀର ଯେ । କାମ-ସେବନେ ବ୍ରତ ବିନାଶ ଜାଣୁଥିଲେହେଁ ବ୍ରତୋପବାସ-ତୀର୍ଥ-ସ୍ନାନାଦି ପୁଣ୍ୟ ବିଶେଷ କରନ୍ତି ନର ଯେ । ସମେ ବାଧଇ ସ୍ମର ନାଶ ପୁରୁଷେ । ଜାଣୁଥିଲେହେଁ ତାହା ଇଚ୍ଛାବଶେ । ନାରୀଙ୍କି ସଦା ଆକର୍ଷି ରଖି ନରଙ୍କ ଦୋଷେ ମୁଦନ୍ତି ଅକ୍ଷି ଏମନ୍ତ ଲୋକେ କି ବୋଲିବା କି ? ବୁଝ ମାନସ ଯେ । ୧୮ । (୪୦-୪୧) । 'ନ ହରପର-ଯୋଷିତ, ବୋଲି ଯେ ଶାସ୍ତ୍ରମାର୍ଗେ ଅଛଇ ବୋଲି ଦେଲେ ତା ଚିର ଅହଲ୍ୟା ହର କୁଳଶ-ଧାସି ଯେ । ହେ ଦ୍ୱିଜେ-ଗୁରୁତଳ୍ପ ! ଗମନେ ପାପ-କଳ୍ପନା ନ ରଖି ମନେ ହରିଲେ ଦ୍ୱିଜ-ରାଜନ କେହେ ଗୁରୁଙ୍କ ନାରୀ ଯେ । ପାପ ତାପ ସୁକୃତୁଁ ସମ୍ପଦ ପାଇ । ମରଣ-ପରେ ବୋଲି ବେଦ ବୋଲଇ । ଦେଖୁ ତ ଆଗେ ପାପୀର ସୁଖ ଧାର୍ମିକ ଦୁଃଖୀ ବିଶେଷେ, ପ୍ରତ୍ୟକ୍ଷ ଆଗମ ବେନି ପ୍ରମାଣେ ଦେଖ କେ ସିଦ୍ଧ ହୋଇ ଯେ ।୧୯। (୪୨-୪୪) । ପୂର୍ବ ଜନ୍ମକୁ ମାନେ ବା କେହୁ କା'ର ବା ତହିଁ ଆସ୍ଥା ନଥାଇ ଏଣୁ ପାତକ ନ କଲେ ନାହିଁ କେ ବା ଲୋଡ଼ଇ ଯେ । ଏ ଯେତେ ଛନ୍ଦ ଯାଗ ଯଜନ ଅଛି ତହିଁତ ଜୀବହିଂସନ ଏଣୁ ଏ ସର୍ବ ତେଜ, ବ୍ରାହ୍ମଣ ବାଳଣ ହୋହି ଯେ । କାମାର୍ତ୍ତି-ନାଶକର ଗ୍ରହଣ କର । ବୋଲି ବେଦଜ୍ଞବନ୍ଦ୍ୟ ବ୍ୟାସଙ୍କ ଗିର । ସୁକୃତେ ରତି ସୁରତେ କ୍ଷାନ୍ତି କାହିଁ ଭୁଞ୍ଜିବ ? ଯା ସମାପତ୍ତି ବେଳକୁ ସୁଖ ସେ କର୍ମ କର୍ତ୍ତବ୍ୟ ତ ନହିବ ଯେ । ୨୦ । (୪୫-୪୬) । କହି ଅଛନ୍ତି ମନୁ ମହର୍ଷି "ବଳାକ୍ରୁତ ଯେ

Digitized by srujanika@gmail.com

ପାତକଗଣି ନୁହେ ସେ ପାପ” କର ହେ ଏଣୁ ବଳେ ପାତକ ଯେ । ନ ହୁଅ ଭ୍ରମୀ ତୁମ୍ଭେ ଯେ ପାପେ ଦେଖ ଅପଣା ଶାସ୍ତ୍ରକୁ ଅପେ ମ୍ୟ’ର ଯା’ ଇଚ୍ଛା ଭୁଞ୍ଜ ସ୍ୱଚ୍ଛନ୍ଦେ ନ ରଖ ଦାକ ଯେ । ଶ୍ରୁତି ସ୍ମୃତିର ଅର୍ଥ ସର୍ବ ପଣ୍ଡିତ । ଏକ କରଛନ୍ତି କି ? ବିଗ୍ରହ ଚକ୍ର । ଯୁକ୍ତିକି ବ୍ୟାଖ୍ୟା ରଖେ ଅପେକ୍ଷା ଦେଖାଏ ସୁଖପଥ ଯେ ବ୍ୟାଖ୍ୟା ତାକୁ ଉପେକ୍ଷା କଲେଟି ଭିକ୍ଷା ନୋହିବ ପ୍ରାପ୍ତ ଯେ । ୨୧ । (୪୮-୫୦) । ଯେଉଁ ଦେହକୁ ‘ମୁଁ’ ବୋଲି ଭାବ ଯେ ଦେହ ଯେବେ ଦହନ ହେବ ତଦନ୍ତେ ଅଭ ଚନ୍ଦ୍ରାକ ଥିବ ପାପ-ଭୋଗକୁ ଯେ । ବୋଲିବ ଯେବେ ‘ଅମୃତେ ତାହା ବର୍ତ୍ତିବ’ ସତ କେବଳୁ ଏହା ଏକ ଦୋଷରେ ଅପର ଆହା ଲଭୁ ଦଣ୍ଡକୁ ଯେ । ‘ମୃତେ ଜୀବ ସ୍ୱକୃତ ପାପ ମୃତାନ୍ତେ । ସେକାଳେ କର୍ମଫଳ ତା’ର ପ୍ରବର୍ତ୍ତେ । ଅନ ଭୋଜନେ ମୃତର ତୃପ୍ତି’ ଏ ସର୍ବ ପରା ଭାଷଇ ଶ୍ରୁତି ଏଥିଁ ବଳକ ବଞ୍ଚକ-ଉକ୍ତି ଅଛି ଜଗତେ ଯେ ? । ୨୨ । (୫୧-୫୨) । ପ୍ରାଣୀ ଯେ ଦେହେ ବୋଲାଇବ ମୁହିଁ ବେଦ ତାହାକୁ ମାନଇଁ ନାହିଁ ବୁଝାଏ ତା’କୁ ‘ଏ ନୋହୁ ତୁହ ତୁ ଆତ୍ମାସ୍ୱମ ଯେ’ । ଜଣା କଥାକୁ କର ଅଜଣା କରେ ଅଜଣା ବୁଝାଇ ବଣା ଏମନ୍ତ-ବେଦ-ବଚନ ଗଣାକରେ ଅଧମ ଯେ । ସ୍ୱସ୍ତ୍ୟୟନେ ସିଦ୍ଧି-ସମ୍ବନ୍ଧେ ସଂଶୟ ।- ହୋଇବା-ନୋହିବାରେ ନାହିଁଟି ଅନ୍ୟ । ସଫଳେ ବରଣିଯାଁ ବୋଲଇ ‘ମୋ ମନ୍ତ୍ରଶକ୍ତି ନିଷ୍ଫଳ ନୋହି’ ବିଫଳେ ବୋଲେ ‘କାର୍ଯ୍ୟେ ଅଛଇ ତ୍ରୁଟି ନିଶ୍ଚୟ’ ଯେ । ୨୩ । (୫୩-୫୪) । ଯେବେଟି ଅତ୍ମା ଏକ ଏମନ୍ତ ବେଦବିତଯ୍ୟେ ଅଛି ଉକତ ତେବେ ପ୍ରତ୍ୟେକ ମନୁଷ୍ୟର ତ ସକଳ ପାପ ଯେ । ଏତେ ପାତକ ଲଦା ଯା ଶିରେ ଏକ ପାପେ ତା କି ହୋଇ ପାରେ ? ନ ଜାଣି ନରେ ପାପ-ମାତ୍ରର ଲଭନ୍ତି ତାପ ଯେ । ଅହେ ପୂଜକେ ଫୁଲୁଁ ଫଳଇ ଫଳ । ପିତୁଳାପାଇଁ କପା ଯେ ଫୁଲ ତୋଳ । ଦେବାଠାରୁ ତା ଉପକାରର ବ୍ରହ୍ମଁ-ଅଭିନ୍ନ-ଅପଣା-ଶିରେ ଦେଲେ ତ ପୁଣ୍ୟ ବଢ଼ିବ ଖରେ କପା ନ ଭାଳ ଯେ । ୨୪ । (୫୫-୫୬) ବୈରାଗ୍ୟ-ଉପଦେଶକେ ! ଶୁଣ, ନାସ୍ତିକ ନିନ୍ଦା କପି ବଖାଣ ତୁମ୍ଭେ ତ ତାଙ୍କ ପର ପ୍ରମାଣ ଏଣୁ ନ ନିନ୍ଦ ଯେ । ଯେ କାମଅଗ୍ନି ବ୍ରହ୍ମାଦି-ସୁରେ ଅଲଙ୍ଘ୍ୟ ତାହା ବହ ହେ ଶିରେ ବେଦ ତ ଦେବାଦେଶ ତହିଁରେ କିସ ପସନ୍ଦ ଯେ ? । ବୋଲ ତ ମହାପ୍ରାଜ୍ଞେ ? ସ୍ଥଳ ସ୍ଥଳରେ । ବେଦକୁ ନିରର୍ଥକ ପ୍ରକ୍ଷ ବଳରେ । ଦୁଃଖଦାୟକ ଯେ ବେଦବିଧି ତାକୁ ଯତନେ ଥାଅ ଅସାଧ୍ୟ ସେ ସ୍ଥଳ-ଅର୍ଥ ତୁମ୍ଭର ବୁଦ୍ଧି ଯେବେ କୁଶଳେ ଯେ । ୨୫ । (୫୭।୫୮) ସମ୍ପୂନବନ୍ଧ-ମାତଙ୍ଗଦାନ-ବିଧି ବେଦରେ ଅଛି ଲିଖନ ତାହା ପ୍ରକ୍ଷିପ୍ତ ବୋଲି ବଖାଣ ନିଜ-ମୁଖରେ ଯେ । ପ୍ରକ୍ଷିପ୍ତ-ଦୋଷେ ଯେ ଶାସ୍ତ୍ର ଦୁଷ୍ଟ ତା’ ସ୍ତବପାଠେ ଷ୍ଟୁବ୍ଧ ଓଷ୍ଠ କେହି ମୀମାଂସା-ଶାସ୍ତ୍ର-ବରିଷ୍ଠ ପଣ୍ଡିତବରେ ଯେ ? । ପରଲୋକେ ସୁଖଦୁଃଖର ବୃତ୍ତାନ୍ତ । କେ ଜାଣେ’ ବୋଲି ପରା ବେଦରେ ଉକ୍ତ । ତେବେ କେମନ୍ତେ

Digitized by srujanika@gmail.com

ସେହି ବେଦର ପ୍ରମାଣବଳେ ଲୋକଜନକର ଯେ ପରଲୋକ ଥିବାରେ କର ନିଶ୍ଚୟ ମତ ଯେ । ୨୬ । (୭୦-୭୧) ଧର୍ମ ଅଧର୍ମ ଅର୍ଜି କ ବର୍ଜି ନୁହେ ନିଶ୍ଚୟ ବୁଝାଇ ଲର୍ଜି-ହୋଇଛ ମନୁ ସମ୍ମତି ଅର୍ଜିବାକୁ ସଂହିତା ଯେ । କହିବ ଅବା ବ୍ୟାସଙ୍କ କଥା-ସାରସଂଗ୍ରହ 'ମନୁସଂହିତା' କୈବର୍ତ୍ତୀସୁତ ବ୍ୟାସେ ଲୁକତା ଭ୍ରାତୃ-ବନିତା ଯେ । ମନୁ ତ ମତ୍ସ୍ୟଠାରୁ ଧରମ ଶୁଣି । ନାନା-ସଂହିତାଶାସ୍ତ୍ର ଅଛି ବଖାଣି । ମତ୍ସ୍ୟମୁଖରୁ ଧରମକଥା-ଶୁଣିବା ଶୁଣି କଥାଏ ମଥା ଯଥା ଶ୍ରୀଗୁରୁ ଶିଷ୍ୟତ ତଥା ସୁବୁଦ୍ଧିମଣି ଯେ । ୨୭ । (୭୨-୭୩) ପାଣ୍ଡବଙ୍କର ସଭାପଣ୍ଡିତ ଗୃହୁରେ ପଢ଼ୁ ବ୍ୟାସଋଷି ତ; ତାଙ୍କ ସଙ୍ଗତେ ନନ୍ଦା ବା ସୂତ ସମେ ଗାଅନ୍ତି ଯେ । ଶୁଣ କହିବା କଥା ବ୍ୟାସର ଭ୍ରାତୃ-ଯାଯ୍ୟାରେ କଲ ଶୃଙ୍ଗାର ଦାସୀ-ସୁରତେ କସ ମାତାର ଥିଲ ସମ୍ମତ ଯେ ? ଗ୍ରନ୍ଥ-ତ ରଚନ୍ତି ଦେବ ବ୍ରାହ୍ମଣେ । ସେ ଗ୍ରନ୍ଥ ପୁଣି ତାଙ୍କ ପୂଜା ବଖାଣେ । ସେ ଶାସ୍ତ୍ରମତେ ଗୋରୁକୁ ପୂଜ ତାଠାରୁ ଥାଏ ଉନ୍ନତା ଭଜ ପୂଜକ ନିଜେ ଏକଥା ହେଜ ଯେନ ସୁଜନେ ଯେ । ୨୮ । (୭୪-୭୬) ସୁନାସୀ-ସ୍ନାନ-ସ୍ୱରଗ-ପ୍ରାପ୍ତି ପାଇଁ ଯତେ ନିବୋଧ ମତ ଯାଗରେ ମାତ ଭଲ ତେଜନ୍ତି କାମବାସନା ଯେ । 'ତୃତୀୟା ଅପବର୍ଗେ' ଏଣିକି ବୋଲନ୍ତେ ନାସ୍ତିପୁରୁଷ ବେନି ବସିବେ ତାଙ୍କ ମତ ଏ ପୁଣି ପଢ଼ଇ ଜଣା ଯେ । ଊର୍ଦ୍ଧ୍ୱଗତ ପାଇଁକି ନର ସକଳ । ଅନନ୍ଦେ ନିମଜ୍ଜନ୍ତି ସଲିଳତଳ । ସମ୍ମୁଖ-ଯୁଦ୍ଧ ରଚିବା ପାଇଁ ମେଷ ଯେମନ୍ତ ପଛକୁ ଘୁଞ୍ଚି ମହା'ଅଟ୍ଟୋପେ ହୁଅଇ ଅଗ୍ର ତଥା ବେଭାର ଯେ । ୨୯ । (୭୭-୭୯) ଅସେ କି ଦେହ ଅଭ ପୋଡ଼ିଲେ କର ହେ ଶ୍ରମ ପ୍ରିୟାପ୍ରାପ୍ତିରେ ବୈସ୍ୱଗ୍ୟ ଶାନ୍ତି ନାହିଁଟି ତଳେ ବୁଝ ସୁଧୀରେ ଯେ । 'ଜଳେ ପାତକ ତର୍ଯ୍ୟକଗତ ପ୍ରାପଣ୍ଡ' ଏହା ଶୁଣି ଏ-ଭୀତ ସର୍ପ କି ସୁଖୀ ନୁହେ ସ୍ୱ-ମତ-ମତ ଦ୍ରବ୍ୟରେଂ ଯେ । 'ମଲେ ସମରେ ଯିବ ଅମରପୁରେ' । ଏକଥା ଯେବେ ସତ୍ୟ ବେଦଶାସ୍ତ୍ରରେ । ତେବେ ଦୈତାରି-ସଙ୍ଗେ ସମରେ ମରି ଅସୁରେ ଅମରପୁରେ ପୁଣି ରଚନ୍ତି ଦୈତ୍ୟାରି-ତୁଲେ ରଣ ନିଭଂରେ ଯେ । ୩୦ (୭୦-୭୨) ସଂସାରେ ଜୀବ ବ୍ରହ୍ମ ଏ ଦୁଇ ଅମରପୁରେ ବ୍ରହ୍ମା ଏକଇ ଜୀବଉଚ୍ଛେଦେ ବ୍ରହ୍ମ ରହଇ ମୁକତ ସେହି ଯେ । ଏମନ୍ତ କହିବାରେ ବୈଦିକେ ପ୍ରକାରନ୍ତରେ ଅମ୍ଭଘାତକେ ଥାନ୍ତି ପ୍ରଶ୍ରୟ ଦେଇ ଏ ଲୋକେ ପୂଜିତ ହୋଇ ଯେ । ଶୀଳହି ବିନା ମୁକ୍ତି ଜୀବର ନାହିଁ । ଏ ଶୁଦ୍ଧ ଉପଦେଶ ନ୍ୟାୟ କହଇ । ଗୌତମ ରଚନ୍ତି ଶାସ୍ତ୍ରକୁ ସେହି ଗୌତମ ଅମ୍ଭ ମତକୁ ଅବା ସେ ତଥା ଯଥା ତଉକ୍ତ ତୁମ୍ଭ ଅସଇ ଯେ । ୩୧ । (୭୩-୭୪) କାମିର ମୁକ୍ତି ନାହିଁ ବୋଇଲେ ରମା ଉମା କ ଅମୁକ୍ତା ହେଲେ ? ହେଲେହେଁ ମୁକ୍ତା ସେ ହର ହରେ ନ ରହନ୍ତି କ ଯେ । ଯେବେ ସର୍ବଜ୍ଞ କରୁଣାମୟ ଦିଦ୍ଧବାକ୍ ଦେବ ଛନ୍ତି ନିଶ୍ଚୟ ତେବେ

Digitized by srujanika@gmail.com

ଲୋକଙ୍କ ଯାଉ୍ଛା-ନିଚୟ୍ନ ନ ଫଳନ୍ତା କି ଯେ ? । ଅପଣା କର୍ମେ ଜୀବ ଭୁଞ୍ଜଇ ଦୁଃଖ । ନିମିତ୍ତରୂପେ ଈଶ ତା ସମ୍ପାଦକ । ଏଣୁ ଲୋକର ଅକାରଣରେ ଈଶ୍ୱର ଶତ୍ରୁ ହେଲେ; ଅପରେ କାରଣ ପାଇଁ ସିନା ଶତ୍ରୁରେ ଗଣିତ ଠିକ ଯେ ।୩୨। ୭୫-୭୭ ତର୍କ-ବିଦ୍ୟାର ନାହିଁତ ଅନ୍ତ ଏଣୁ ସକଳ-ଦର୍ଶନ-ମତ ଅଟେ ସମାନ ଏକ ଅପରେ ସଦା ଖଣ୍ଡିତ ଯେ । ଦର୍ଶନର ମୂଳ ସେ ନ୍ୟାୟ ଏଣୁ ଦର୍ଶନ ତ-ନିଚୟ ଅସ୍ଥି ବୋଲି ବା କେମନ୍ତେ କହ କି କି ପଣ୍ଡିତ ଯେ । ଧାତୁସୃଜନ-ବିଦ୍ୟା ନିର୍ଦ୍ଧନଜନ । ଯଥା ଶିଖାଏ ଅରଜବାକୁ ଧନ । ତଥା ପ୍ରଚଣ୍ଡ-କ୍ରୋଧୀ ତାପସେ ନିଶାନ୍ତ ଶାନ୍ତ ଲୋକେ ବିଶେଷେ ତାଙ୍କୁ ବଳ କେ ଧୂର୍ତ୍ତି ମାନସେ କର ଭୁବନ ଯେ ।୩୩। (୭୮-୭୯) ହେ ଦାତା କର୍ପା କରୁଛ ଦାନ ଦାନରେ ଲକ୍ଷ୍ମୀ ନୁହେ ପ୍ରସନ୍ନ ଦେଖ ସର୍ବସ୍ୱ କର ପ୍ରଦାନ ବଳୀ ନିବଦ୍ଧ ଯେ । ସର୍ବ ଯାଚକେ ଧନୀର ଧନଗ୍ରହଣେ ତା’ର ଦ୍ରୋହାଚରଣ-କାର୍ଯ୍ୟେ କୁଶଳ; ଅଛି କେ ଜନ ନ ହୋଇ ଲୁବ୍ଧ ଯେ ? ଚୌର୍ଯ୍ୟ ବିନା ଦାରିଦ୍ର୍ୟ ବଢ଼େ ବିଶେଷ । ଉଦର-ପ୍ରବଞ୍ଚନ ଏ ଉପବାସ । ଏଣୁ ହେ ଜନେ ଶାସ୍ତ୍ର ନ ଭ୍ରମ ସକଳ ସୁଖ ଯହୁଁ ଜନମ ସେ ସ୍ୱେଚ୍ଛାଗୃହେ ତେଜ ଅଧର୍ମ-ଅଶଙ୍କା-ଲେଶ ଯେ । ୩୪ । (୮୦-୮୨) ଏମନ୍ତ ଶ୍ରୁତକଣ୍ଠ ଭାରତୀ ଶୁଣି ସକ୍ରୋଧେ ଅମରପତି ବୋଲନ୍ତି "କେ ରେ ଧର୍ମେ କରତ ଏମନ୍ତ ଭାଷେ ଯେ । ବେଦନିନ୍ଦକ ତ୍ରିଭୁବନର ଥାଉଁ ଶାସକ ମୁଁ ବଜ୍ରଧର କେଉଁ ସାହସେ ଏମନ୍ତ ଗିର କେ ପରକାଶେ ଯେ । ବର୍ଣ୍ଣବିଶୁଦ୍ଧି ଜାତି-ଶୁଦ୍ଧି ଅଛିରେ । କରୁଛୁ ସନ୍ଦେହ ରୁ ନାସ୍ତିକ କେ ରେ । ଏ ସମ୍ବନ୍ଧରେ ତୋର ସଂଶୟ ପାପୀଙ୍କ ପରୀକ୍ଷାରେ ଅଜସ୍ର ବିଲୋକ କପାଁ ନ ପାଏ କ୍ଷୟ ? କୀଚ ଇତର ରେ । ୩୫ । (୮୩-୮୫) ବ୍ରାହ୍ମଣ ଆଦି ଉଚ୍ଚବର୍ଣ୍ଣର ଯୋଷିତେ ଯେହୁ କବେ ବିହାର ନ ହୁଏ କେବେ ବିଜୟ ତା’ର ଏ ତଥ୍ୟ ଶିର ଯେ । ଏଣୁ ସକଳବର୍ଣ୍ଣ-ବଂଶର ନାହିଁ କଳଙ୍କ ଭଲେ ମାତର ଏ କଥା ନ କରଛୁ ବିଗ୍ରହ ଚିତ୍ତରେ ତୋର ଯେ । ବେଦୋକ୍ତ-ଜଳାନଳ-ପରୀକ୍ଷା-ଦ୍ୱାରେ । ନାସ୍ତିକ୍ୟ-ବୁଦ୍ଧି ତୋର ନ ଯାଏ କିରେ ? । ପତି-ସଙ୍ଗତ ଥିଲେହେଁ ନାରୀ ନୁହେ ଗର୍ଭିଣୀ ଏଥୁଁ କି ବାର ନ ପାରୁ ପୂର୍ବାଦୃଷ୍ଟକୁ ? ଧାର ଦେହ ନିଅ୍ୟାରେ ଯେ ॥ (୮୬-୮୮) । କା’ କା’ରଠାରେ ଅଦେଖି ଭୂତ ସ୍ୱଗମ୍ପ୍ରଶ୍ନ ମାଗେ ନିଯୁତ ଏକଥା ସର୍ବ-ଦେଶବାସି ତ ଆଅନ୍ତି କହ ଯେ । ନାମ-ସାମ୍ୟରୁ ତେଜ ଏକରେ ନିଅନ୍ତି ଯମ-ଦୂତେ ଅପରେ ବାର ସ୍ୱଭ୍ରମ ତା’ଙ୍କୁ ମର୍ତ୍ତ୍ୟରେ ଆଣି ପଠାଇ ଯେ । ସେ ପୁଣି ନର-ଲୋକେ ଯମ ଭୁବନ- । କଥା ଯା କହେ ତାହା ବେଦେ ଲିଖନ । ଏଣୁ ବେଦର ସତ୍ୟତା ପରଲୋକ-ଅସ୍ତିତ୍ୱେ ସନ୍ଦେହ ତୋ’ର ନୁହେ ବିନାଶ କପାଇଁ ବୋଲ ରେ ଦୁରାଗ୍ରହ" ରେ ।୩୬। (୮୯-୯୦) । ଶୁଣି ବନ୍ଦି ସେ କଣ୍ଠୁ ଭାରତୀ କୋପେ ପ୍ରଜ୍ୱଳ

Digitized by srujanika@gmail.com

ଉଠିଣ ଅତ ବୋଲନ୍ତି, "କି କଷ୍ଟ ରେ ଦୁର୍ମ୍ମତି ନିରର୍ଗଳରେ ଯେ । ନ ଖାଇ ଦଣ୍ଡେ ହେଉ ମୂର୍ଚ୍ଛିତ ମହାପସ୍ତ୍ରିଜାବ୍ରତୀ-ଚରିତ ଶୁଣି କି ତୋର ନ ହୁଏ ଶଙ୍କା ବେଦପଥରେ ରେ । ଶ୍ୟେନ-କାରସୀ-ପୁତ୍ରେଷ୍ଟ୍ୟାଦି ଅଧ୍ୱର । ଫଳ ତାଙ୍କ ପ୍ରତ୍ୟକ୍ଷ ନେତ୍ର-ଗୋଚର । ଦେଖୁଣଥିଲେ ଏତେହେଁ ଧର୍ମ୍ମ ସନ୍ଦେହ ତୋ'ର ନ ତେଜେ ମର୍ମ୍ମ ନାହିଁ ତୋ-ଭଳି-ଭୁବନେ ଶର୍ମ୍ମ ଏ ତଥ୍ୟ ଗିର ଯେ" ।୩୮। (୯୧-୯୩) । ସେ କଣ୍ଠୁ ଗରେ ମର୍ମ୍ମ କରତ ହେଲା ପସ୍ତ୍ର ପରେତ-ପତି ଦଣ୍ଡ ଧୂର୍ତ୍ତିନେ ସ୍ଥୂଳିଙ୍ଗତତି ନଭେ ସରିଜ ଯେ । କହନ୍ତି ଗର୍ଜ୍ଜି, "ରହ ରେ ଦୁଷ୍ଟ ! ଦେଉଛୁ ରୁନ୍ଧି ତୋ କଣ୍ଠ ଓଷ୍ଠ ଦେବଙ୍କ ଅଗ୍ରେ ନିନ୍ଦୁ ପାପିଷ୍ଠ ଧର୍ମ୍ମେ କି ହେଜ ଯେ । ଅରେ ନାସ୍ତିକ ! ବେଦ-ଦେବ-ଦୂଷକ । ଉଭୟମତେ ଠକ ଯେ ପରଲୋକ । ସେ ପରଲୋକ-ବିଶ୍ୱାସ ତୋର ଅସାର ଯୁକ୍ତି ଶୁଣି କେ ଧୀର ଦେବ ବରଜ କର ବିଗ୍ଭର ରେ ଅବିବେକ ଯେ ।୩୯। (୯୪-୯୬) । ରେ ମୂଢ଼ ଦୁଷ୍ଟ-ବୁଦ୍ଧି ନାସ୍ତିକ ! ଯହିଁ ଚଳନ୍ତି ବହୁତ ଲୋକ ତା ପରିହରି ଚତୁର ଯେମନ୍ତ ଇହ-ସଂସାର ଯେ । ତେମନ୍ତ ଗତି ତୋ ପରଲୋକେ ନୋହି ନ ଯିବ ଜାଣ ତୁ ଠିକେ ନ ଭୁଞ୍ଜିଲ ବା କଲ୍ୟକର୍ମ୍ମ କେ ମନେ ବିଗ୍ଭର ଯେ । ସକଳେ ପର-କରେ ନିଜ କନ୍ୟାରେ । ଦଅନ୍ତି ପରଲୋକେ ସ୍ୱର୍ଗ-ଆଶାରେ । ଏଥି ସଂଶୟ ଥିଲେ କି କେହି ସ୍ୱକନ୍ୟା ପରେ ପାରନ୍ତେ ଦେଇ ଏଥୁଁ ସଂଶୟ ତୋର ନ ଯାଇ ଥିବ ତୋହରେ ଯେ ॥ (୯୭-୯୮) । ଏକ ବୈଦିକ-ମତ ବିଗ୍ଭର-ସିଦ୍ଧ ନୋହିଲେ, ଅରେ ବର୍ବର ! ନିନ୍ଦୁ ତୁ ଆନ ମତ ସକଳ ସେ ନିଦର୍ଶନେ ଯେ । ଯେବେ ବା କେଉଁ ବୈଦିକ-ମତ ଯୁକ୍ତି-ବାଦରେ ନୁହେ ପ୍ରକୃତ ତଥାପି ପାପ ହୁଏ କି ଜାତ ତା'ର ସେବନେ ? ରେ । ବେଦେ ଯାହା ବା ତ୍ୟକ୍ତ ଯାହା ବିହିତ । ତା ବହୁସ୍ଥଳେ ସର୍ବବାଦୀ-ସମ୍ମତ । ଏଣୁ ବେଦୋକ୍ତ-ଧର୍ମ୍ମ-ବର୍ଜ୍ଜନ ସେ ସର୍ବ ସ୍ଥଳେ ନୁହେ ଶୋଭନ ବିଗ୍ଭର ମନ ତା'ର ସେବନ ସର୍ବଥା ହିତ ଯେ" ।୪୧। (୯୯-୧୦୦) । କ୍ରୋଧେ ଅରୁଣବର୍ଣ୍ଣ ବରୁଣ ହୋଇ କହନ୍ତି ବାଣୀ ଦାରୁଣ "ଏ ମୋ ପ୍ରଚଣ୍ଡ ପାଶେ କି ସ୍ଥାନ ! ତୋ ଭୟ ନାହିଁ ଯେ ? । ଯେ ଶାଳଗ୍ରାମ-ଉପଳ-ବଳେ କୂର୍ମ୍ମାଦି-ଚିହ୍ନ ଥାଏ ସ୍ୱତଳେ ତା କି କେ ଲୋକ ନିର୍ମାଣି ପାରେ ? ବିଗ୍ଭର ନୁହ ଯେ । ଶାସ୍ତ୍ର-ପୁରାଣ-ଉକ୍ତ-ଲକ୍ଷଣ-ମତେ । ଶାଳଗ୍ରାମେ ସେ ଚିହ୍ନ ଥାଏ ଯୁକତେ । ଦେଖି ଏମନ୍ତ ନିଜ ନୟନେ ପରତେ କେହି ନୁହେ ତୋ ମନେ ନ ଥିବେ ନଷ୍ଟ ତିନି-ଭୁବନେ କେହି ତୋ ମତେ ଯେ ।୪୨। (୧୦୧-୧୦୬) । ସ୍ୱର୍ଗେ ଉର୍ବଶୀ ଇନ୍ଦ୍ର ପ୍ରଭୃତି ଯେ ସର୍ବେ ଛନ୍ତି ସେ ନାମ ଶ୍ରୁତି-ରିତତ୍ତ୍ୱେ ଅଛି ତେଣୁଟି ଶ୍ରୁତି ପ୍ରଳାପ ନୋହି ଯେ । ନାମଭ୍ରମରୁ ଯମକିଂକରେ ନେଇ ଯାଇଣ ଅପର ନରେ ପ୍ରଭୁ-ଆଦେଶେ ପୁଣି ମର୍ତ୍ତ୍ୟରେ ତାଙ୍କୁ ପଠାଇ ଯେ । ଯାହା ଯାହା ସେମାନେ ଶମନ-ପୁରେ । କହନ୍ତି ଦେଖି ଅଛିଥାନ୍ତି ସ୍ୱପୁରେ । ବେଦବର୍ଣ୍ଣିତ ଯମ-

Digitized by srujanika@gmail.com

ଭୁବନ-ସଙ୍ଗ ତ ସେମାନଙ୍କ ବର୍ଣ୍ଣନ ଘଟେ ସମାନ ଏଣୁଟି ମାନ ବେଦତଥ୍ୟରେ" ଯେ ।୪୩। (୧୦୩-୧୦୫) । ଦେବଙ୍କ ଏତେ କୋପବଚନ ଶୁଣି ନୀରବ ହୋଇ ସେ ସୈନ୍ୟ ସେ ମଧ୍ୟୁଁ ବାହାରି ଏକ ଜନ ମସ୍ତକେ କର ଯେ । ଯୋଡ଼ି ଜଣାଏଁ "ହେ ଦେବେ ମୁହିଁ କଳିଯୁଗଙ୍କ ବନ୍ଧ ଅଟଇ ତେଣୁ ତାଙ୍କର ସ୍ତୁତି ରଟଇ ଦୋଷ ନ ଧର ଯେ । ମୁଁ ପରାଧୀନ ଜନ ନାହିଁ ମୋ ଦୋଷ" । କହୁ କହୁ ଏତେ ସେ ସୁର-ଦର୍ଶୀଣ । ଦେଖିଲେ ଆଗେ ଆସଇ ରଳ ସଙ୍ଗତ ଅଛି ଦ୍ୱାପର ମିଳି ଅପ୍ରେହ ରହୁବରରେ କଳି ମହାହରଷ ଯେ ।୪୪। (୧୦୬-୧୦୮) । ମହାପାତକ-ଜାଲେ ମଣ୍ଡିତ ସେ କଳିଯୁଗ ନାରକୀବତ ଉର୍ଦ୍ଧ୍ୱ-ନୟନେ ମହା-ଶ୍ରୀମନ୍ତ ଦେବଙ୍କୁ ଗୃହିଁ ଯେ । ନଦ୍ୱବା-ତେଜେ ହୋଇ ଅକାନ୍ତ ହିଁଶଙ୍କୁବତ ଲଜ୍ଜାବନତ-ମସ୍ତକେ ରହି କଳି କହୁତ ପରେ ଭାଷଇ ଯେ । ତାହାଙ୍କୁ ଗୃହିଁ ଦେବେ ମୋଡ଼ି ବଦନ । ହେଲେ ସେ ଉପେକ୍ଷାକ୍ତ ମହା-ପିଶୁନ- । ପଣରେ କଳି ଦ୍ୱିଜେ ସ୍ୱପଠ-ସମ୍ଭାଷବତ ଅବମ୍ନେ ବାଚ; ନଜକ୍ତ ଯେଣୁ ଭାବଇ ହୀନ ସୁ-ନୀଚ ଜନ ଯେ ।୪୫। (୧୦୯-୧୧୧) । "ହେ ସୁରପତି ! ସବ ତ ଶୁଭ ? କ୍ଷେ ବନ୍ଧି ନାହିଁଟିକ ଅଶିବ ? ଯମ ହେ, ସମ ସର୍ବ କ ? ଶୁଭେ ଅଛ ? ବରୁଣ ଯେ ! । ଦୈମୀର ସ୍ୱୟମ୍ବର-ଉତ୍ସବେ ତାଁର ବରଣେ ଯାଉଛୁଁ ସର୍ବେ ସନ୍ଧରେ ଏ ସଂରଣୀରେ ଦେବେ ମନ ଉଛନ୍ତି" ଯେ । କଳିର ବୃଥା ଅହଙ୍କାର ଏମନ୍ତ । ଦେଖି ଦେବେ ପ୍ରକାଶି କଷ୍ଟିତ ସ୍ମିତ । ପରସ୍ପରଙ୍କୁ ଗୃହିଁଣ ଅତି ବଳମ୍ନେ ବନ୍ଧି ଅବଜ୍ଞା ମତି କଲେ ବଚନ ବଚନତତ୍ତ ଯଥା-ଉଚିତ ଯେ ।୪୬। (୧୧୨-୧୧୩) । "ହେ କଳି ! ଅଭ ଏହା ନ କହ, କରିବ ତୁମ୍ଭେ କାହିଁ ବିବାହ ? ଜନ୍ମୁ ତୁମ୍ଭଙ୍କୁ କରିଛି ବ୍ରହ୍ମଗୃହ ବିଧାତା ଯେ । ଯେ ବଧ୍ୟ-ଅକ୍ଷୀ ତୁମ୍ଭ ଦାୟରେ ନୁହଇ ଲଙ୍ଘ ତାହା ତୁମ୍ଭରେ ହୋଇବ କେହି ମେଣ୍ଟି ମନରେ କର ତ ଚିନ୍ତା ସେ । ଧାତାର ଦ୍ରୋହୀ ହେଲେ କ ଭଲ ଅବା ? । ତ୍ରୈଲୋକ୍ୟ-ଯୁବଗର୍ବ-ଧ୍ୱଂସୀ ସେ ସଭା । ଗଲ୍ପଣି ସର ଅସ୍ତୁଛୁଁ ଫେରି ଅମରେ ବରଗେ ଥିଲେହେଁ ମିଳି ନଳଭୂପାଳବରଣେ ବାଳୀ ହୋଇଲା ଲୋକ୍ଷ ଯେ । ୪୭ । (୧୧୫-୧୧୮) । ସ୍ୱରେ ପାମର ନରେ ବାନର ଉରଗେ ଖଗ ସେ ନାଗ-ବର କର ବସ୍ତୁର ଗୁଣ-ଉଜ୍ଜ୍ୱଳ ନଳେ ବରିଲା ଯେ" । ଏତେ କହନ୍ତେ ଦେବେ ସେ କଳି ପ୍ରଚଣ୍ଡ କୋପେ ଉଠିଲା ଜ୍ୱଳି ଯୁଗାନ୍ତସର୍ବ-ରୁଦ୍ରଙ୍କ ଭଳି ତେଜ ବହିଲା ଯେ । ବୋଇଲା ଦେବେ ଗୃହିଁ "ତୁମ୍ଭେ ସମସ୍ତେ । ବ୍ରହ୍ମା ଅବ ବହାର କର ଯୋଷିତେ । ତୁମ୍ଭର ମହା-ତୋଷ-ସାଧନ-ପାଇଁକ ଏକା କଳି-ଜୀବନ ଯାଉ ଅବେର ବ୍ରହ୍ମଚନ୍ଦନ ଅନୁବରତେ ଯେ । ୪୮ (୧୧୯-୧୨୧) । ଶୁଣିବାକୁ ଯା ଲାଗଇ ତର ସେ ସବ ତୁମ୍ଭେ ସକଳେ କର ବଖାଣ ଧର୍ମ ପର-ଅଗର ଏକ ବେଭାର ? ଯେ । ମର୍ତ୍ତ୍ୟ-ଶ୍ରୀ ସ୍ୱୟମ୍ବରେ ସେ ନଳ ଲଭିଲା ତୁମ୍ଭପାଇଁ କେବଳ ରହିଲା ଲଜ୍ଜା; ଲଭିବେ ତୁଳ

Digitized by srujanika@gmail.com

ନର ଅମର ଯେ । ଦୂରୁ ଅମ୍ଭଙ୍କୁ ଦେଖ ମୋହ୍ର ବଦନ । ହେମନ୍ତ-କରବା ତୁମ୍ଭଙ୍କୁ ଶୋଭନ । ସ୍ୱର୍ଗ ମର୍ତ୍ତ୍ୟକୁ ନାଗଲୋକରେ ଯାଇଥିଲ ଫେର ବୃଥାରେ ତେଣୁ ଗୃହିବ କାହିଁ ଲଜ୍ଜାରେ ଅମ୍ଭ ଅନନ ଯେ । ୪୯ (୧୨୨ ୧୨୪) । ଥିଲ ପରହେ ଅମରେ ଦୂର କେମନ୍ତେ ସେହ ପାମରୀ ନାରୀ ନରେ ବରିଲା ନ ଦେଲ ଜାଳ ନୟ୍ନାନଳେ ଯେ ? । କ ଗୁଣେ ବଂଶେ ସମ ଯା ନାହିଁ ତାଙ୍କୁ ବରଜ କେମନ୍ତେ ଯାଇ ବରିଲା ନରନଳେ ସେ ବାଇ ଏହା ମୁଁ ଭ୍ରଳେ ଯେ । ଦଗପତି-ପ୍ରାର୍ଥିତ-ବାଳୀକ ନଳ । ନେଲା ବୋଳ ବଦନେ କାଳ ତୁମ୍ଭର । ଅନଳ ପସ୍ୱ ଥିଲ ହେ ରହ କୁଣ୍ଠ ଆଦରନାହିଁ କ ହୋଇ ମିଥ୍ୟାରେ ସାକ୍ଷ ? ସହିଲ କେହ ଏ ଅତ୍ୟାଗ୍ଚର ? ଯେ । ୫୦(୧୨୫-୧୨୮) ମହାତେଜସ୍ୱୀ ଅମରଙ୍କର କ୍ଷମା କେବଳ କଳଙ୍କ ଘୋର ପାଇଁକ ହେଲା ଯଥା ଶହିର କ୍ଷମାର ଗ୍ରୁଇ ଯେ । ବରିଲା ବାଳୀ ଯାକୁ ସେ ନଳେ ବରଜ କପି ରଳ ମୋପରେ ସେ ଦୋଷୀଠାକୁ ଘେନବ ଛଳେ ବାଳୀକ ମୁହିଁ ଯେ । ଅସ ମୋ ସଙ୍ଗେ ସମେ ଗ୍ରହିବା ବାଳୀ । ଗ୍ରହିଥିଲେ ପାଣ୍ଡବେ ଯଥା ପାଞ୍ଚାଳୀ" । ଏମନ୍ତେ କଳ-ଖଳ-ଭାରତୀ ସହ ନ ପାର ଚେସ ସରସ୍ୱତୀ କଳେ ପ୍ରଗ୍ଭର କଟୁଭାରତୀ-ମାର୍ଗଣାବଳ ଯେ । ୫୧ (୧୨୯-୧୩୨) । ଭାଷନ୍ତ ବାଣୀ, "ବର-ଜୀବିତ ତୁଲେ ବଦର୍ପିତ-ସନ୍ତତ ନଳେ ପ୍ରଦାନିବାକୁ ଖିଚକ ଦେବଙ୍କ ଗତ ଯେ । ପଣ୍ଡିତ-ଜନଙ୍କର ପାଣ୍ଡିତ୍ୟ ବଗ୍ଭର କରବାକୁ-ସାମର୍ଥ୍ୟ ହେବ କ ସ୍ଥୂଳ-ବୁଦ୍ଧିର ? ତଥ୍ୟ ଘେନ ତୁ ମତ ଯେ" । ବାଗୀଶ୍ୱରୀ ଭାରତୀ-ପରଭବ୍ରବା- ପ୍ରଦାନେ ବକ୍ରମୁଖ କଳକାଳର । ନୋହିଲା ଯହିଁ ଲୀଳାରେ ଅବ-ହେଳ ବାଣୀକ ଅନାଇଁ ଦେବବର ଚତୁରେ ବହ ହରମ୍ଭ ଭାଷଇ ଗିର ଯେ । ୫୨ (୧୩୩-୧୩୪) । ବୋଲେ, "ଭୋ ଦେବେ ଦମୟନ୍ତୀରେ ନାହିଁ ମୋ ଅଭ କୋପ ମତରେ ଏକା ସେ ଦୋଷୀ ନଳେ କରୁଣା ମୋ ଲେଶେ ନାହିଁ ଯେ । ହେଳତ କର୍ମ; ଯେଉଁଠାରେ କେହ ନ ଥିଲୁଁ ଅମ୍ଭେ, ଗଲା ଯା ହୋଇ, କରବ ଏବେ ଯା ଶୁଣ ମୁହିଁ ହରତସାଇଁ ଯେ । ଏ ମୋ ପ୍ରତଜ୍ଞା ଛଳେ ଭୂମି ଭୈମୀକ । ହର କରବ ଜନ୍ମ ସେ ନୃପତିକ । ପ୍ରଚଣ୍ଡ-ତେଜା କଳମାର୍ତ୍ତଣ୍ଡ-ତୁଲେ କୈରବ-ନୈଷଧ-ଦଣ୍ଡଧର-ବବାଦ ଜନଙ୍କ ତୁଣ୍ଡ ମଣ୍ଡ ଏଣିକ" ଯେ । ୫୩ (୧୩୫-୧୩୮) । କଳ-କ୍ରୋଧକୁ ଜାଳବା ପାଇଁ ଦ୍ୱାପର 'ସାଧୁ ସାଧୁ' ଭାଷଇ ତା ଶୁଣି କର କର୍ଣ୍ଣରେ ଦେଇ ଇନ୍ଦ୍ର ଭାଷନ୍ତ ଯେ । 'ଧନ୍ୟ ବୁଦ୍ଧି ହେ କଳ ! ତୁମ୍ଭର ବାରଲ ଯାହା ଲକ୍ଷ୍ମୀ ଅମ୍ଭର, ଲକ୍ଷିତ ଅମ୍ଭେ ମହତ ଜନେ ଅଳପ ହେଇ ଯେ । ଯେଉଁ ଭକ୍ତିର ଶତଅଂଶରୁ ଅଂଶ । ପାରଇ ଚତୁର୍ବର୍ଗ ଦେଇ ବଶେଷେ । ହେମନ୍ତ ଭକ୍ତ ନଳ-ଜଗତପତିର ଅମୃତରେ ପ୍ରସୂତ ହେଲା ଅଳପଫଳର; ମତ ଏଣୁ ବରସ ଯେ । ୫୪ (୧୩୯-୧୪୧) । ନୈଷଧ-ସୁଧାକର ସେ ନଳ ଦକ୍ଷିତତୁଲେ ଯାହାର ତୁଳ ତା ସଙ୍ଗେ ତୁମ୍ଭ ବବାଦ ଭଲ

Digitized by srujanika@gmail.com

ନୁହଇ ହେଜ ଯେ । ସକଳ-ଧର୍ମ-ମର୍ମ-ପଣ୍ଡିତ କ୍ଷମାଅଧିପ ନଳେ କହିତ କଳି ଦ୍ୱାପର ପାଇଁ ରହି ତ ନାହିଁ ହେ ସ୍ଥାନ ଯେ । ମହା-ବିଦୁଷୀ ବିଦର୍ଭେଶ-କୁମାରୀ । ତା ଭୁଲେଇ ବୃଥା କଳି ନ କର କଳି । ବିଭ୍ରମଜ୍ଞାନେ ପ୍ରମାଣଜ୍ଞାନ କ୍ଷୀଣ ନୋହିଲା ପରସ୍ତୁ ହେଜ ତୁମ୍ଭ କୁଟିଳ ବୈଦର୍ଭୀ-ମନ ନ ଯିବ ଟଳି ଯେ । ୫୫ (୧୪୨-୧୪୪) । ଶ୍ରୀମ-ସଙ୍ଗୀତ-ନିଷଧେଶର ଯେ ଯେତେ ମତ ଧର୍ମେ ନିଷ୍ଠା ସତ୍ୟ ବିଷୟେ ନୁହଇ ଭୁଲ ତାହାଙ୍କୁ ଜେତା ଯେ । ହେ କଳି ଅହେ ଦ୍ୱାପର ଶୁଣ ତୁମ୍ଭେ ତାହାଙ୍କୁ ନୁହ ସ୍ୱଜନ ବୃଥାରେ ହିଂସା ନବହ ମନ ଏ ତଥ୍ୟ କଥା ଯେ । ନ କରୁଁ 'ଏହା ମୁହିଁ କରିବି' ବୋଲି । ବୋଲୁଁ ନିଜକୁ ନିଜେ ଦୁହୁଁଛ ଖାଲି । କାର୍ଯ୍ୟର ଦୃଷ୍ଟାଦୃଷ୍ଟ-କାରଣ ନୁହେତ କିଛି ତୁମ୍ଭ ଅଧୀନ ଏ କଥା କିପାଁ ନ ହେଜ ମନ କହୁଛ ପେଲି ଯେ । ୫୬ (୧୪୫-୧୪୬) । ମୋହେ ଅଟଇ ଦ୍ରୋହ ସେ ନୃପେ ନିଷ୍ଠତା-ଦୋଷୁଁ ସବୁ ତ ପାପେ ଜଳଇ ଅନବରତ ଅପେ ଲୋକ ଅଟରେ ଯେ । ହେ କଳି ! ନଳେ ତୁମ୍ଭର ଦ୍ୱେଷ ନୁହେ ଉଚିତ ଏଥିରୁ ଲେଶ ନୋହିବ ଶୁଭ ହେବ ବିଶେଷ ଅଶୁଭ ଖଟରେ ଯେ । ସ୍ୱସ୍ଥମତରେ ଯିବାର ଦୁର୍ବୁଦ୍ଧି ତେଜ । ତହିଁ ଯାଇ ସ୍ୱଜନେ ନ ପାଅ ଲଜ୍ଜା" । ଏମନ୍ତେ ଇନ୍ଦ୍ର-ବଚନେ ଅନ-ଦିଗୀଶ୍ୱରେ ଅନୁମୋଦନ କଲେହେଁ ଯୁଗ-ଯୁଗ-କଣ୍ଟକ ତା ନୋହିଲା ସଙ୍ଗ ଯେ । ୫୭ (୧୪୭-୧୫୦) । ତହୁଁ ସେ ଗୁରୁ ଅମରବରେ କଳିଙ୍କ ଗୃହିଁ ଉପହାସରେ ଯାହା ଭାଷିଲେ ତହିଁ ଯେ ତାଙ୍କୁ ଦେଲା ଉତ୍ତର ଯେ । ଭାଷନ୍ତି ଇନ୍ଦ୍ର, "ହେ କଳି ! ଶୁଣ ସତ୍ୱାପରେ ନଳବରଣ ଉଦ୍‌ବେଗେ କିପାଁ କର ଯାଚନ ବିମାନେ ଖର ଯେ" । ଭାଷଇ ଇନ୍ଦ୍ରମୁଖ ଅନାଇଁ କଳି । "ନଳନୃପେ ବରନ୍ତେ ସେ ବରବାଳୀ । ଉଦ୍‌ବେଗେ କିପାଁ କର ଯାଚନ ବିମାନେ ଅହେ ସୁରସ୍ୱଜନ ହେବ କି ଅଉ କଥା ଗୋପନ ? ଗଲାଣି ବଳ ଯେ" । ୫୮ (୧୫୧-୧୫୨) ଭାଷନ୍ତି ବହ୍ନି, "ଯାଁର ବରଣେ ଯାଉଛ ଯେ ତ ବରିଲା ଆନେ ତା ପରେ ତହିଁ ହେବେ ଜନେ ତୁମ୍ଭ ପ୍ରବେଶେ' ଯେ । ବୋଲଇ କଳି, 'ହେ ବୈଶ୍ୱାନର ! ଯା ପାଇଁ ଗଲ ସେ ପଖ ବର ବରିଲା ଆନେ ତୁମ୍ଭେ ଫେରିଲ ଅଗଜ ଯଶେ' ଯେ । ଯମ ବୋଲନ୍ତି 'ନଳେ ବରିଲା ବାଳୀ । କି ଲାଭ ବୃଥା କୋପେ ? ଅକ୍ଷମ କଳି' । କଳି ବୋଲଇ "ଶୁଣ ଶମନ ନୋହିଲଂପ୍ରାପ୍ତ ଯେଣୁ ଅକ୍ଷମ ବୃଥାକୁ କିପାଁ କହୁଛ ତମ ମୋ ପରେ ଚଳି" ? ଯେ । ୫୯ (୧୫୩-୧୫୪) । ଭାଷି ବରୁଣ, 'ସବୁ ବରଣ କୂଟ ଶୋଭାରେ ଜିଣି ମଦନ ମହାଯାନେ ଯା କର ଗମନ ନିର୍ଲଜ୍ଜ କଳି' ଯେ । କହଇ କଳି, 'ଅହେ ନିର୍ଲଜ୍ଜ ! କାନ୍ତିରେ ରଞ୍ଜି ଲୋକସମାଜ ଅସହେ ମହାଯାନ ଯା ଓଜ ପ୍ରକାଶି ଚଳି ଯେ । ଗଲ ସେ ସ୍ୱୟମ୍ବରେ ବନିତା ପାଇଁ । ତୁମ୍ଭେ ଦେଖନ୍ତେ ଆନ ଗଲା ତା ନେଇ । ଏଣୁ ତୁମ୍ଭର ସଜ୍ଜନପଣ ଗରୁଁ ବିକାଶେ ସହସ୍ରଗୁଣ ନାହିଁ ଯା ଲଜ୍ଜା ଏମନ୍ତ

Digitized by srujanika@gmail.com

ଭଣ ଆମ୍ଭଙ୍କୁ ଗୃହ୍ଣି ଯେ” । ୬୦ (୧୫୫) । କଳି-ଦ୍ୱାପର-ଶ୍ଲେଷ ଭୁପାଳେ ନ ଝଟୁଁ
ଦେବେ ସ୍ୱର୍ଗକୁ ଗଲେ ଦ୍ୱାପରେ ଯେନି ହୋଇ ମସ୍ତରେ ମୂର୍ଚ୍ଛିତ କଳି ଯେ । ମହା-
ନିଗ୍ରହେ ନଳପୀଡ଼ନ-ଉପାୟ ପାଞ୍ଚି କଲା ଗମନ ନଳକୀର୍ତ୍ତି-ପୂରିତ ସ୍ଥାନମାନଙ୍କେ
ଗଲା ଯେ- । ନପାରଇ,-ତା ଦେଖି ଅଟେସ ଏମନ୍ତ । ମନକୁ ନୃପ-ଶୁଭ୍ରକୀର୍ତ୍ତି-ପୂରିତ ।
ନିଷଧଦେଶ କଳଙ୍କ ଗୃହ୍ଣି କରେ ନିଷେଧ ପ୍ରବେଶ ପାଇଁ ତେଣୁ କ ଚଳି ସେ ନ
ପାରଇ ବଳି ତୁରିତେ ଯେ । ୬୧ (୧୫୭-୧୫୮) । ଚନ୍ଦ୍ରମଣ୍ଡଳ-ବତ ବିମଳ ନଳ-
ଶାସିତ ମସ୍ତମଣ୍ଡଳ-ଗ୍ରାସକୁ କଳି ସିଂହିକା-ବାଳବତ ପ୍ରବେଶ ଯେ । ସେ ଅହଂକାରୀ
କଳି କେତେକକାଳଶ୍ରମରେ ମସ୍ତାନାସ୍ତକ-ନଳ-ମଣ୍ଡଳେ ଦେଲା ପଦେକ କରି ସାହସ
ଯେ । ଏକାଳରେ ଛନଙ୍କ ବେଦାଧ୍ୟୟନ । ଶ୍ରବଣେ ବାଜଯାନ୍ତେ ହୋଇ ଉଚ୍ଛନ୍ନ ।
ମହା-ପାତକ-ନିବହେ କଲା ସେ କଳି ଶକ୍ତି ନୋହିଲା ଚଳାଇବାକୁ ପାଦ କେଣିକ
ଗଲା ତା ପୂର୍ବସ୍ଥାଣ ଯେ । ୬୨ (୧୫୯-୧୬୧) । ଶ୍ରୁତି-ପାଠକ-ବଦନଁ କ୍ରମ-
ଶ୍ରବଣେ ହେଲା ଗତିବିଭ୍ରମ ଗଲା ସଙ୍କୋଚ ଚରଣ କ୍ରମଣରେ ତାହାର ଯେ ।
ବୈଦିକ ମୁଖୁଁ ସଂହିତା-ପାଠ ଶୁଣା ନୋହିବା ଯାଏଁ କଣ୍ଠ ଥିଲା ତା ପଦ ପ୍ରକାଶି
ଅଶ୍ମ ଯେନ ସୁଧୀର ଯେ । ହୋମ-ଧୂମ-ଘୃତର ଗନ୍ଧେ ନୟନ । ନାଶା ଲସିଲା କି ?
ସେ ଭବେ ପିଶୁନ । ଅତିଥି-ପଦଜଳେ ପିଚ୍ଛିଳ ଗୃହସ୍ଥ-ପ୍ରାଙ୍ଗଣେ ପଡ଼ିବ ତା’ର ହେଲା
ସ୍ଖଳିତ ପ୍ରଣ୍ଡ-ପଦର ମହାକଷଣ ଯେ । ୬୩ (୧୬୨-୧୬୫)। ଯାଗ-ଅନଳ-ତେଜରେ
ପୁଟ-ପାକ-ଯାତନା ଲଭିଲା ନଷ୍ଟ ଜଳାଶୟୋର୍ମି-ବ୍ୟଜନ-ବାତ କରୈ ତା ଗାତ୍ର ଯେ ।
ପିତୃ-ତର୍ପଣ ପାଇଁକି ସନ୍ଧ୍ୟା-ବର୍ଣ୍ଣିର କୁଶତଳ-ନିବଦ୍ଧ ଯମ ପରସ୍ପ ତା ପକ୍ଷେ ଭୟଙ୍କର
ସବଂଶ ଯେ । ସ୍ନାତକଙ୍କ ତିଳକ କୃପାଣ ପରି । ତା’ର ମରମେ ପଶି ଢଅଇ ଘାରି ।
କେ ମିଥ୍ୟାବାଦୀ ଦେଖି ହରଷ ହୋଇ ପଛକୁ ହେଲା ବରଷ ନିଜସ୍ତ୍ରୀକି ସେ ମିଥ୍ୟା
ସମ୍ଭାଷ କରଇ ବାର ଯେ । ୬୪ (୧୬୬-୧୬୯) । ଯାଗ-ଯୂପରେ ପୂରିତ ପୁଣ୍ୟ
ମଣେ ସେ ଶଙ୍କୁ-ସଙ୍କୁଳ ସର ଧାର୍ମିକ-ପୂର୍ଣ୍ଣ ପୁରେ ବସ୍ତୁରେ ହଂସ୍ର-ସଙ୍କୁଳ ଯେ ।
ମାସୋପବାସୀ ପରଙ୍କଙ୍କର ଛାୟାଲଙ୍ଘନେ ନ ଚଳେ ତାର ଚରଣ କେବା ପୁଚ୍ଛେ
ତାଙ୍କର ପାଶେ ଯିବାର ଯେ । ଅବାହିତା ସାବଣୀ ଦ୍ୱିଜ ସମୀପେ । ବନ୍ଦ୍ୟେକ କଳି
ଭୟେ ପଳାଏ ଅପେ । ଗୃହରେ ଗୃହସ୍ଥ, ତପୀ ବନରେ • ଜଟଜେ ଯତି ଦେବ
ଦେଉଳେ କାହିଁ ସେ ଖଳେ ସ୍ଥାନ ନ ମିଳେ ଭ୍ରମେ ସନ୍ତାପେ ଯେ ।୬୫(୧୭୦-୧୭୩)
ମଖରେ ବଳ-ଗାଭୀକି ଦେଖି ମାନସେ ଭଳି ହୋଇଣ ସୁଖୀ ବରଚେ ଦ୍ରୁତଗତି
ତହିଁକି ନିବାସ ପାଇଁ ଯେ । ସୌମ୍ୟ ବୃଷରେ ରତା ସେ ଧେନୁ କଳିକି ଦେଖି
ବହିଲା ମନ୍ୟୁ ଖର ବର୍ତ୍ତରେ ତାକୁ ସେ ସ୍ଥାନୁଁ ଶୀଘ୍ର ତଡ଼ଇ ଯେ । ନିଜ ପ୍ରିୟ
‘ହିଂସା’କୁ ନ ଦେଖେ କାହିଁ । ଫ୍ମିକ ‘କଳି’ ମଧ୍ୟ ମୁଖେ ନ ଥାଇ । ବ୍ରତଙ୍କ

Digitized by srujanika@gmail.com

ମୌନେ ଶାପ-ଅଶଙ୍କା ପୂଜ୍ୟଙ୍କ ପୂଜା-ବାଉର ଦେଖା ହୋଇଲେ ଭାବେ 'କେ ମୋ ମସ୍ତକେ ପାଦ ମାରଇ' ଯେ । ୭୬ (୧୭୫-୧୭୬)। ବୃଷଙ୍କ ଧର ବୃଷ୍ଟିଏ ଜଳେ କୁଳ କରବା କଳ ଦେଖିଲେ ଭାବେ 'ମୁଦ୍ଗରେ ମାର ଏ ମୀରେ ଶପିବ ମୋତେ' ଯେ । ମେଖଳା-ଯଷ୍ଟିଧର ସନ୍ୟାସୀ ଦେଖି ସେ ଚିନ୍ତେ 'ଏ ରଜ୍ଜୁ ପାଶୀ ଦେଇ ମୋ ଗଳେ ବଳେ ଅକର୍ଷି ପିଟିବ ସତେ' ଯେ । ପୁରୋଡାଶ ଦେଖିଲେ ଭୟେ କମ୍ପଇ । ଶୁଚକୁ ସର୍ପ ଭାଳି ଅଶ୍ରୁ ମୁଞ୍ଚଇ । ସୁନାମ-ଯାଜ୍ଞୀ ବିପ୍ରଙ୍କ ମଦ୍ୟ-ପାନ-ଲୋକନେ ହୋଇ ଆନନ୍ଦ ପଞ୍ଚକୁ ହେତୁ ବାର ସେ ମନ୍ଦ ତାପ ଲଭଇ ଯେ । ୭୭ (୧୭୭-୧୮୦) । ବେଦାଧ୍ୟାୟୀଙ୍କ ବ୍ରହ୍ମ-ଅଞ୍ଜଳି ଦରଶନରେ ତା ହୃଦୁଁ ଚଳି-ଗଳି ତସ୍ୱେ ରକ୍ତ-ଅଞ୍ଜଳି ବିଗ୍ରହରେ ଚଢ଼େ ଯେ । ସ୍ନାତକ ଦେଖି ଘାତକ ଚିନ୍ତେ କୃତାନ୍ତ-ବତ ଡ଼ରଇ ଦାନ୍ତେ ବାଚଂଯମୀଙ୍କୁ ଭାଳଇ 'ଯମ ଅସେ କି ସତେ' ଯେ । ପାଷଣ୍ଡ ଖୋଜୁଁ ଖୋଜୁଁ ପାଏ ପଣ୍ଡିତ । ଅଶା-ବିନାଶେ ଖଳ ହୁଅଇ ବ୍ୟସ୍ତ । ସଲିଳାଧ୍ୱର ଅନଳାଭ ବତ ଏକଥା କଳକି ଭାବ ନୋହିଲା ସେ ନଗରେ ସଞ୍ଚାବ ତା'ର କିଞ୍ଚିତ ଯେ । ୭୮(୧୮୧-୧୮୩) ତହିଁ କେ ବ୍ରହ୍ମଘାତକ ଦେଖି ଲଭନ୍ତେ ସୁଖ ପରେ ତରକି ଏ ସର୍ବମେଧ-ଯାଜ୍ଞୀ ବୋଲକି ? ଜଳଇ କଳ ଯେ । ଯତିଙ୍କ'ଦଣ୍ଡ' ଗୃହୀଙ୍କ'ଯଷ୍ଟି'ଦେଖି ମନରେ ନଲଭେ ତୁଷ୍ଟି ଭାବଇ ନ ବିଅନ୍ତି ପିଟି ଏ ମୋତେ ଚଳି ଯେ । ସ୍ଥଣ୍ଡିଳଶାୟୀ ଦେଖି ଛାଡ଼ ମଣ୍ଡଳ । ପଳାଇବାକୁ ପାଞ୍ଚୁଥାଇ ଚଣ୍ଡାଳ । ପବିତ୍ର ଦେଖି ପବି-ହାସକୁ ଚିନ୍ତାତାହାର ଚମକେ ବୁକୁ ନ ପଡ଼େ ତହିଁ ତା ନୟନକୁ ଲେଶ ସୁଖର ଯେ ।୭୯(୧୮୪-୧୮୬) କ୍ଷପଣେ ଖୋଜ ଯାଜିତଙ୍କର ଅଘେ କ୍ରୀଡ଼ନ ଦେଖେ ପାମର ଜନକୁ ଖୋଜ ସନ୍ନ୍ୟାସୀଙ୍କର ଅଜନ ପାଏ । ମାଳ ଗଡ଼ାଇ ଜପିବା-ନର ଦେଖି ସ୍ୱଜୀବାକର୍ଷଣ ପରକାର ଲଭଇ ବିପଦଭୋଗ ସୁଖ ନ ଆଏ ଯେ । ସନ୍ଧ୍ୟାନ୍ଦେ ବିପ୍ରଙ୍କ ଅଘମର୍ଷଣେ । ଦେଖି ଭାବେ ସ୍ୱନୈନ-ଅପକର୍ଷଣ । ସଜଦମ୍ଭ-ଦୁଷ୍ଟ-ସନ୍ଧାନ-ପାଇଁ ସେ ଦେଶେ କର ଭ୍ରମଣ ଦେଖିଲା ନାହିଁ ଚଣ୍ଡିତ ଜନ ତା'ର ନୟନ ଯେ । ୮୦ । (୧୮୭-୧୯୦) ସାଧୁ-ବିଦ୍ୱେଷୀ କଳ ସ୍ୱାଧ୍ୟାୟ-ତପ-ଯାଗାଦ ସ୍ୱଶିବ ରସ୍ତୁଙ୍କର ଯେ ପୁରେ ସମ୍ପଦୋଦୟ ଦେଖି କାତର ଯେ । ସକଳ-ଦାସ-କାମୁକ କା'ଦେ ଦେଖି ହୁଅନ୍ତେ ତୋଷ ମନରେ ପଞ୍ଚକୁ ତାକୁ ଶୈବ ବିଗ୍ରହରେ ହେଲା ଜର୍ଜ୍ଜର ଯେ । ସୁଚତା-ତେଜେ ତଳେ ନ ପାରେ ବହି । ନ ଦେଲା ବେଦଶବ୍ଦ ଶୂନ୍ୟେ ରଖାଇ । ଅମା-ପୂର୍ଣ୍ଣିମାସୋମାଗ୍ନି ଷ୍ଟୋମଯାଗ-ଦର୍ଶନେ ଜ୍ୱଳେ ତା ମର୍ମ 'ନ ପାର ଲଭ କାହିଁରେ ଶର୍ମ ଘାର ହୁଅଇ ଯେ । ୮୧ (୧୯୧-୧୯୪) ଦେଖଇ ବନ୍ଧୁ ବାରଣ୍ଡ ଲୋକ ନ ପଢ଼େ ନେଦେ ବାରହଣେଙ୍କ ନ ଦିଶେ ଅଭିନିର୍ମୁକ୍ତ ଏକ ମୁକ୍ତ ବନ୍ଧିତ ଯେ । ପରସ୍ପରକୁ କର ପରଣ ଦ୍ୱିଜ-ଭୋଜନ ଦେଖି ହରଷ ହେଉ ତା ତୋଷ କାଳ ବିଶେଷ ନୋହିଲା ସ୍ଥିତ ଯେ । ଜାଣନ୍ତେ

Digitized by srujanika@gmail.com

ହୋମ-ଶେଷ ସୋମ ବ୍ରାହ୍ମଣେ । ଭୁଞ୍ଜୁ ଅଛନ୍ତି ବସି ସନ୍ତୋଷ ମନେ । ହୃଦସ୍ଥ ତାର ହୋଇଲା ଧୀର ତହିଁ ବସତି ପାଇ ନ ପାର ଅପର ସ୍ଥଳେ ଗଲା ସେ ଚଳ ମହା ଭ୍ରମନେ ଯେ ।୭୨। (୧୯୫-୧୯୬) । ଧୂଳି ଧୂସର ଦେଖି କାହାକୁ ହେଉ ସନ୍ତୋଷ ଅନ୍ତେ ତାହାକୁ ପାବନସ୍ନାତା ବାଛ ଦେହକୁ ବିଦାର ହୁଏ ଯେ । ଗୋବଧ ଦେଖି କାହିଁ ଧାମଇଁ ତାହା ହେଉଛି ଅତିଥି ପାଇଁ ଜାଣି ନିସ୍ଵଣେ ଫେର ଆସଇ ନ ରହେ ଥୟେ ଯେ । ନିତ୍ୟ ନୈମିତ୍ୟ-ତ୍ୟାଗୀ-ବିପ୍ର-ଦର୍ଶନେ । ଜାତ ତୋଷ ତା ଚିତ୍ତେ ନ ରହେ କ୍ଷଣେ । ସେ ତ୍ୟାଗ ତା'ର ଯାଗେ ସାକ୍ଷିତ ହେବାରୁ ଜାତ ହେଉ ବିଦ୍ଧତ ଶୁଖଇ ମୁଖ ପଳାଏ ବ୍ୟସ୍ତ ହୋଇ ତତ୍‌କ୍ଷଣେ ଯେ ।୭୩। (୧୯୬-୧୯୯) । ଅଗ୍ନିହୋତ୍ରୀଙ୍କ ଦେଖି ସନ୍ତୁଷ୍ଟ ହେଉ ସଂସ୍କାର-ଯାଗନିଷ୍ଠ ବାର ତାହାକୁ ଲଭଇ କଷ୍ଟ ଅତ୍ୟନ୍ତ କଳି ଯେ । ମହାଯାଗରେ ବ୍ରହ୍ମଗୃହୀର ବେଶ୍ୟା-ସଙ୍ଗମ ଦେଖି ପ୍ରଫୁଲ୍ଲ ହୁଅଇ ଭବେ ଏ ଯାଗ-ଜାଳ ଅସଭ୍ୟ ଖାଲି ଯେ । କାହିଁ ବା ଅଶ୍ୱମେଧେ ଅଶ୍ୱ-ମୋହନ । ଯଜ୍ଞ-ଭାର୍ଯ୍ୟା ଯୋଜିବେ କରେ ଯୋଜନ । ତା ଦେଖି ଲଭି ସନ୍ତୋଷ ମନେ ଭଜଇ ଶ୍ରୁତି ରଚକ-ମାନେ ନାହାନ୍ତି ରକ୍ଷି ନିର୍ଲ୍ଲଜ୍ଜ-ପଣେ ଜଣେ ସମାନ ଯେ । ୭୪ । (୨୦୦-୨୦୨) । ଏମନ୍ତେ ଭ୍ରମି ଭ୍ରମି ବହୁତ ଦେଖିଲା କଳି ଭୀମଜା-ଯୁତ ଦୁଷ୍ଟ-ନୟନେ ଅବଲୋକିତ ପ୍ରଭ୍ର-ମଣ୍ଡିତ ଯେ । ନଳ-ନୃପାଳେ ସବତା-ସର ପ୍ରଭ୍ର ଯା ସେବାକାରଣୀ ନାଶ ଦୁଷ୍ଟ-ନୟନ ଯା ରୂପ ବରିବାକୁ ଅଶକ୍ତ ଯେ । ସେ ରାଜଦମ୍ପତିର ସାନ୍ଦ୍ର ସୌହାର୍ଦ୍ଦ୍ୟ । ଶଲ୍ୟ ସମ ଭେଦିଲା କଳିର ହୃଦ । ତାଙ୍କର ହାସ୍ୟ ନର୍ମ୍ମଜନିତ କରତବତ ହେଲା କରତ ଘୃତକ ଶେଷ ଯୁଗର ଅତ ଭ୍ରବ କୋବଦ ଯେ । ୭୫ । (୨୦୩-୨୦୪) । ନିଜର ଦୋଷ-ଅମର୍ଷବଶେ ତାଙ୍କ ତେଜସ୍ୱୀପଣୁଁ ବିଶେଷେ ଦର୍ଶନେ ହେଲେ ତାଙ୍କ ପରଶେ ନୋହି ଶକତି ଯେ । ତହୁଁ ପକାଇ ସାର୍ଦ୍ଧ ନିଶ୍ୱାସ ପଳାଇ ଅସି ହୋଇ ନିସ୍ୱଶ ନୃପ-ଆରାମୋଦ୍ୟାନେ ପ୍ରବେଶ କଲା ତ୍ୱରିତ ଯେ । ଲକ୍ଷ-ରକ୍ଷକ ଜଗିଛନ୍ତି ସେ ବନେ । ତହିଁ ଯିବେ କପାଇଁ ବା ତପୀଜନେ । ନୋହିବ ସେ ତ ଦେଖା ରକ୍ଷକେ ତପୀ ତ ନାହିଁ ସେଥିବ ବା କେ ? ରହିଲା ମାଗି କଳି ନିଃଶଙ୍କେ ତହୁଁ ସେ ସ୍ଥାନେ ଯେ ।୭୬। (୨୦୫-୨୦୭) । ଦଳ-କୁସୁମ-ଫଳେ ଦୈବତ-ପୂଜାପାଇଁ ଯେ ଦ୍ରୁମେ ଭୂଷିତ ଥିଲେ ଲଗାଇ ତହିଁ ମନୁଷ୍ୟ-ମାନେ ନ ରହି ଯେ । ସକଳବିଧ ବୃକ୍ଷ ବନରେ ରହିବାପାଇଁ ଭାବି ମନରେ ନୃପ ବଣ୍ଟିତପାଦପେ ଥିଲେ ରଖାଇ ତହିଁ ଯେ । ସେ ବଣ୍ଟିତକ ଧର୍ମ୍ମ-କାର୍ଯ୍ୟେ ଅଯୁକ୍ତ । ତା'ର ଦର୍ଶନେ କଳି ସନ୍ତୁଷ୍ଟ ଚିତ୍ତ । ନୃପ-ସଉଧ ନିକଟେ ସେହି ବୃକ୍ଷ-ଶିଖରୁ ଅଶସ୍ତ ପାଇ ନୃପନ୍ତୁଷ୍ଟ କି ରହିଲା ତହିଁ ନିବେଶି ଚିତ୍ତ ଯେ ।୭୮। (୨୦୮-୨୧୦) । ଅଶ୍ୱତ୍ଥ-ଶୂନ୍ୟ କଳିକି ସ୍ଥାନ ଦେବାରୁ ତାର 'କଳିଦ୍ରୁ' ନାମ ହେଲା ସାର୍ଥକ ସେ କଳିଦ୍ରୁମ ହେଲା କଳିକି ଯେ । ନିଜ-ଯୁଗରେ ଧର୍ମ୍ମକୁ ପଦେ

Digitized by srujanika@gmail.com

ରଖି ଥିବାରୁ କଳଙ୍କ ପଦେ ମାତ୍ର ପାଇଲା ଅସ୍ପଦ ହୃଦେ ଭାବ ବିବେକୀ ଯେ । ବୃଷ-ବାସୀ ସେ ନାମ-ସାମ୍ୟରୁ ଜାଣ । ସାତ୍ତ୍ୱିକ ନଳ-ନରଚନ୍ଦ୍ର କୌଶିକ । ସ୍ୱଚ୍ଛବ-ଶତ୍ରୁ-ନୃପତି-ନଳ-ଦର୍ଶନେ ତେଣୁ କଳି ଚମ୍ପକ ହୁଅଇ କାହିଁ ନ ପାଏ ସ୍ଥଳ ନ ତେଜେ ଦକ ଯେ ।୭୯। (୨୧୧-୨୧୩) । ଏମନ୍ତେ ବହୁ ବଞ୍ଚିତଙ୍କରେ କଳି ନଳଙ୍କୁ ସାଧି ନ ପାରିବ ନୃପତି-ଛିଦ୍ର ପାଶ୍ୱ ଚଉଦରେ କାଳ କାଟଇ ଯେ । ଚନ୍ଦ୍ର-କଳଙ୍କା-ଲତା କୁଳ ଯଥା ସେ ବନେ ମହା-ମଞ୍ଜୁଳ ଚନ୍ଦ୍ରକଳଙ୍କ'ଳ ତା ଭଳି ତେମନ୍ତ ତହିଁ ଯେ । ଲୋକମୁଖେ ଫଂସାରେ ନିର୍ଦ୍ଦୋଷ ହୋଇ । ନାହାନ୍ତି କେହି ଏହା ମାନସେ ଧାରି । ଦ୍ୱାପର ନଳ ଛିଦ୍ରାନ୍ୱେଷଣେ ଭ୍ରମିଲା ଧଗ ନ ରହି କ୍ଷଣେ ତା ମନୋବାଞ୍ଛା ନୋହିଲା କେବଣ ପୂରଣ କାହିଁ ଯେ ।୮୦। (୨୧୪-୨୧୭) । ଦୋହଦପାଇଁ ସେ ବନେ ସାର ନିତ ପଡ଼ଇ ତହିଁ ପ୍ରଫୁଲ୍ଲ-ପାଦପେ ବହୁ ପୁଷ୍ପ-ପ୍ରକର ଥାନ୍ତି ନିରତ ଯେ । ଯେ ଶୁଭ୍ର-ସୁମନସ-ନିକର-ପୂରିତା-ଶମ ସୁଧା-ଅକର-ଶଶଧରର ଶୋଭା-ସମ୍ଭାର-ହର ନିଯୁତ ଯେ । ଅଛି ଶଶାଙ୍କେ ଅଙ୍କ ଏଥି ତା ନାହିଁ । ଏ ଭିନତା କଥା କ ମାନସେ ଧାରି । ସ୍ଥାନ-ପୂରଣ ପାଇଁକି କାଳ-ନିସ୍ୱଳକାନ୍ତି ସେ କଳିକାଳ କଲା ବପତ ଲୋଡ଼ ସେ ସ୍ଥଳ ଏତେ ଭାବଇ ଯେ ।୮୧। (୨୧୮) । ଏମନ୍ତେ ମହାବିସ୍ମୃତ-ନଳ-ନଗରେ ପ୍ରଜା-ସୁକୃତ-ଜାଳ-ଯୋଗରେ ବହୁବିଘ୍ନେ ଅକୁଳ ହୋଇ ସତତ ଯେ । ନୃପତି-ତ୍ରୁଟି ଅନୁସନ୍ଧାନ-କରଣେ ସଦା ନିବେଶି ମନ କାଟିଲା କଳି ବହୁ ହାୟନ ହେନ ପଣ୍ଡିତ ଯେ । ସେ ନୃପତି-ଦମ୍ପତି ସେବା ନିମିତ୍ତ । ପୁଷ୍ପଗୃହ-ସିଞ୍ଚିକା ଶୁଚି ପର୍ଯ୍ୟନ୍ତ । ଅକର୍ଷି ଦେବ କେଳିଚଯାଇଁ କଲେ ବିଜୟ ସେକାଳେ ତହିଁ ମହା-ମହତ ହୋଇଲା ମଣି ବିଶ୍ରୁତ ଚରି ଯେ ।୮୨। (୨୧୯) । ମାମଲ୍ଲଦେବୀ-ହୀର-କୁମର ଶ୍ରୀହର୍ଷ କବିପଣ ଯାହାର 'ଛନ୍ଦପ୍ରଶସ୍ତି' କାବ୍ୟେ ଭାସ୍ୱର-ଭାବେ ବିକଶି ଯେ । ସେ ମହାକବି-ରଚିତ ନଳ-ଚରିତ ଜନେ ମହାମଞ୍ଜୁଳ ହେନ ମାନସୁଁ ବଢ଼ିଳ ମଳ-କଳ୍ପତ-ରାଶି ଯେ । ସେ କବିରାଜ-ପଦ-ଅଗ୍ରସ୍ଥ ପାଇ । ଭାଷାରେ ଗୋପୀନାଥ ଯାଉଛି କହି । ଗୁଣ ଥିଲେଟି ହର୍ଷଙ୍କ ତାହା ତା ମୋର ଦୁଷ୍ଟି ଦୂଷଣ ଯାହା ସାହା ମୋ ଏକମାତ୍ର ଚୌବାହା କମଳାଶାର୍ଣ୍ଣ ଯେ ।୮୩। (୨୨୦) ।

Digitized by srujanika@gmail.com

ଅଷ୍ଟାଦଶ ଛାନ୍ଦ ।

ରାଗ—କାମୋଦୀ । ଝୁମ୍ପତାଳ ।

ଭୀମ ଭୂପ-ନନ୍ଦନୀ—　　ଦମୟନ୍ତୀର ପାଣି
ଗ୍ରହଣ ନଳ ମହୀପାଳ ।
କାମ ସାଗର ତରି—　　ବାର ପାଇଁକି ତହିଁ
ବହୁରି ତାରେ ହେଲେ ଭେଳ ।
ହେ ସାଧୁଜନେ !
ରସିଲେ ହେଲେ ଅହର୍ନିଶ ।
ନୋହିଲା ତାଙ୍କ ପାପ-ଲେଶ ।
କର୍ତ୍ତବ୍ୟ ବୋଧେ ବୁଧ　　ଯେବେ ବିଷୟ-ବନ୍ଧ
ଗ୍ରହେ ହୁଏ କି ତା କଲୁଷ ? ।
ସାଧୁଜନେ । ୧ । (୧-୨) ।

ସନ୍ତବେ କାର୍ଯ୍ୟଭାର ଦେଇ ପ୍ରିୟାସଙ୍ଗର ଅନଙ୍ଗେ କଲେ ଆରାଧନ । ନାନାରତ୍ନ-ରଚିତ ହେମଭୂମିଶୋଭିତ ସୌଧଭୂଧରେ ବିହରଣ । କଲେ ରଙ୍ଗେ । କାମଦ ଦେବଦତ୍ତ ମାଳ । ଅଛନ୍ତି ଯା’ର ନଳ-ଗଳ । ସେ ହାର-ପରସାଦେ ସୁରଗିରିକି ବାଦେ ମଣେ ଏ ସୌଧଶୈଳ ତଳ । ସାଧୁଜନେ । ୨ (୩-୪) । କାଳାଗୁରୁ-ଧୂପିତ ସେ ପୁର ପୁରଭିନ୍ତ ପତ୍ୟେକ-ଜାଳମାର୍ଗେ ତହିଁ । ଚନ୍ଦ୍ର-ଚନ୍ଦନ-ଲିପ୍ତ ତେଣୁ ଅସେ ମରୁତ ସେ ପଥେ ସୁଗନ୍ଧକୁ ବହି । ପୁରେଶ୍ୱରେ । କାହିଁ ସୁବାସ-ଦୀପ ଜଳେ । ଯାଶିଖା ତୁଳ କାମଶରେ । ପୂର-ନୃପତି-କର-ପ୍ରତାପାଙ୍କୁର-ପରକାର ସେ ତହିଁଇ ତମିରେ । ପୁରେଶ୍ୱରେ । ୩ (୫-୬) । ତହିଁ ମଣିକୁଟ୍ଟିମ ମୃଗମଦ-କୁଙ୍କୁମ-ଲେପିତ କର୍ପୂର—ବାସିତ । ନାରେ ଧଉତ ଶୈଳ-ସମ୍ଭବ-ପୁଷ୍ପମାଳ-ମଣ୍ଡିତ ହରେ ନେତ୍ର ଚିତ୍ତ । ତହିଁ କାହିଁ । ନୃପତି-ଅଙ୍ଗ-ସଙ୍ଗ ଲଭି । ପୁଷ୍ପତଳପ ଅଛି ଶୋଭି । ଆମୋଦେ ମୃଦୁବର୍ତ୍ତେ ଗରୁ ରଚେ ଦ୍ୱିଗୁଣେ ବହି ସେସ୍ଥଳ-ଶୀର-ଛବି । ତହିଁ କାହିଁ । ୪ (୭-୮) । କାହିଁ ପୁରନିକଟ ଉଦ୍ୟାନରେ ପ୍ରସ୍ଫୁଟ-କଳିକା-କୋଟି-ଗନ୍ଧ ବହି । କରି ସାର୍ଥକ ଗନ୍ଧବହ ନାମକୁ ମନ୍ଦସମୀର ବଳ୍ଲୀକି ସେବଇ । ସାଧୁଜନେ । ସର୍ବର୍ତ୍ତୁ-ବନସ୍ପତି—ବ୍ରାତ ।—ପୂରିତ ସେ ଉଦ୍ୟାନେ ବାତ । ଶୁକକଣ୍ଠିତ-ଚୂତ-ମଧୁଗନ୍ଧେ ତୁଷ୍ଟ କରେ ସେ ପୁରବାସୀବ୍ରାତ । ସାଧୁଜନେ । ୫ (୯-୧୦) । କେଉଁ ଅଂଶ ସେ ପୁରେ ବିନିର୍ମିତ ସ୍ୱର୍ଣ୍ଣରେ କେ ଭାଗ ରତନେ ମଞ୍ଜୁଳ । ଚନ୍ଦ୍ରଶାଳିକା କାହିଁ, ତମସାଲୋକ ହୁଇ କାହିଁ ରଚନ୍ତି ଇନ୍ଦ୍ରଜାଲ । ପ୍ରତିମୂର୍ତ୍ତି । ଉର୍ବଶୀ ନାରଦାଦିଙ୍କର । ଦେଖି ଦର୍ଶକ ସେ ପୁରର । ବରଶିଳ୍ପିକ ବାତଗ୍ରସ୍ତ ଅନବରତ-କମ୍ପିତ-ଶିର ବେଦବର । ବୋଲୁଥାନ୍ତି । ୬ (୧୧-୧୨) । ଭିତ୍ତି-ମଧ-ନିକେତ-ଗୁରୁଙ୍କ ନୃତ୍ୟଗୀତ ଅତି ଆଶ୍ଚର୍ଯ୍ୟ ଲାଗୁଥାଏ ।

Digitized by srujanika@gmail.com

କଳଗଳିତ-ପୁତ୍ତଳିକାଙ୍କ ହସ୍ତ-ପଦ-ଗଳିତ ବସ୍ତୁ ଜଣାଏ । ତାମସୀରେ । ଭିତ୍ତି—
ନିହିତ-ରତ୍ନ କରେ । କରନ୍ତି ଦୂର ଅନ୍ଧକାରେ । ନୀର-ଯନ୍ତ୍ର-ଛୁରିତ ନୀରଧାର ନିପାତ
କରେ ଉତ୍ତାପ ଆତପରେ । ନିରନ୍ତର । ୭ (୧୩-୧୪) । ପୁର-ନାଗଦନ୍ତିକା
ପରେ ବସି ଶାରିକା କାମ-କାରିକା ପଢ଼ୁଥାନ୍ତି । ରାଜାରାଣୀ-ସୁରତ-ବ୍ୟାପାରେ
କୃତାକୃତ-ବିଷୟମାନ ଆଲୋଚନ୍ତି । ସାଧୁଜନେ । ମତ୍ତ-କଳବିଙ୍କ-ସୁରତ ।—ରତ
ବହୁତବାର ରତ । ବାପୀଭୂଷଣୀଭୂତ ମରାଳଙ୍କ ଭୂଭୃତ ଦେଖୁଥାନ୍ତି ପ୍ରିୟା ସହିତ ।
କାହିଁ ଅବା । ୮ (୧୫-୧୬) । ବୀଣା-ବେଣୁ-କୋକିଳ-ଅଳି ନର୍ତ୍ତକଙ୍କର କେୟୂର-
ନୂପୁର-ନିଃସ୍ୱନ । ନୃପଦମ୍ପତି-ରତିକାଳୀନ-ରବ-ଭ୍ରାନ୍ତ ଯତନେ କରନ୍ତି ଗୋପନ ।
ସେ ପୁରର । ଦ୍ୱାର ଉପରେ କୃଷ୍ଣସାର- । ବିଷାଣବତ ବିଭୁଙ୍ଗୁର । ଶୃଙ୍ଗାର-ନଦୀସମ
ମଧୁର ମନୋରମ ସଦା ଶୁଭେ କଳହଂସ-ସ୍ୱର । ୯ (୧୭-୧୮) । ଯାତାକୁ ସ୍ୱସ୍ତତାରେ
ମତାଇବା-କଥାରେ କାମ ସାହସ ଥିଲା ବଢ଼ି । ସେ କଥା ପୂର୍ବାପରକ୍ରମରେ ସେ
ଭିତ୍ତିର ଗାତ୍ରେ ଲିଖିତ ଧାଡ଼ ଧାଡ଼ । କାହିଁ ଅବା । ପରଯୋଷିତେ ପୁରନ୍ଦରେ ।
ରସାଇ କାମ ସଂସାରରେ । ବିଶ୍ୱଜୟୀ ହେବାର ସକଳ ସମାଗ୍ରୀର ଚିହ୍ନିତ ଭାସ୍ୱର
ଭିତ୍ତିରେ । କାହିଁ ଅବା । ୧୦ (୧୯-୨୦) । କାର୍ତ୍ତିକ-ପୌର୍ଣ୍ଣମାସୀ-ସମ ସେ
ସୌଧ ଧବଳ ଧ୍ୱଜରେଖା-ପୁଞ୍ଜର ସୁଷମା- । ଜଣା ଯଶକୁ ତା'ର ଶୁଭ୍ରକପୋତବୋର-
ଛଳେ ଉଡ଼ାଏ ବ୍ୟୋମସୀମା । ଶଶାଙ୍କର । ଗୁରୁ-ପ୍ରମଦାଭିଗମନ । କଥା ଯା
ଭାରତବଚନ । ସେ ନାଟକ ସେ ପୁରେ ଅଭିନୟ-ଯୋଗରେ ପୂର୍ଣ୍ଣାଙ୍ଗେ ହୁଏ
ପ୍ରଚ୍ଛାଦନ । ସାଧୁଜନେ । ୧୧ (୨୧-୨୨) । ବୃନ୍ଦାବିପିନ-ଦାରୁବନେ ଯେଉଁଣ
ଭୀରୁ ହରି ହର ଯା ରସିଥିଲେ । ଯହିଁ ସେ ଶୁକ କବି ସେ ଘଟଣାର ଛବି ଅଙ୍କିତ
ବିଟଙ୍କଙ୍କ ଭାଲେ । ସେ ପୁରରେ । ବଚର ବୋଲେ ଏକଜୀବ । "ଜ୍ଞାନ ନାଶ
ବଳିଲେ ସ୍ମର" । ପରାଶର ଧବଳେ ଯମୁନା-ତୀରଦେଶେ କୈବର୍ତ୍ତସୁତା ହରି-
ବାର । କଥା ଲେଖେ । ୧୨ (୨୩-୨୪) । ତପସାଗର-ତୀର-ପରପାରୁଣେ
ବରଭୂଷଏ ଅପସରସ୍ତନ ।—ଘଟ ଅଶ୍ରୁ କର ଅଛନ୍ତି ନୋହି ପାର ଏ ଚନ୍ଦ
କାହିଁ ବା ଚନ୍ଦଣ । ସେ ପୁରରେ । ରାଜା ରାଣୀଙ୍କି ସ୍ନେହରତ । ବିଲୋକ ହୋଇ
ମୁଗ୍ଧ ଅତି । ରୂପେ ଜତୁଁ ତାହାଙ୍କୁ ସେ ଜଣିବାକୁ ଯାନ୍ତି ବଢ଼ାଇଲେ କ
ଶୋଭା ଅତି ? । ସ୍ୱଦେହରେ । ୧୩ (୨୫-୨୬) । ମହାକବି-କଳ୍ପନା ହୁଏ
ଯହିଁରେ ବଣା ଯେ ସତ ବେଶ୍ୟାଙ୍କୁ ଅଜଣା । ସେ କାମକଳାମାନ ପ୍ରିୟାରୁଲେ
ସଜନ ରଚନ୍ତି ହୋଇ ହୃଷ୍ଟମନା । ସେ ପୁରରେ । ସହଜେ ନଳ ଯୁବା-ପତି । ସତୀ
ଭଶୋଭା ଦମୟନ୍ତୀ । ଏଣୁ ପତିସଙ୍ଗତକାଳେ କଣ୍ଟିତ ଭୀତ ଲଭୁ ନ ଥିବଳ ସ୍ୱଦଶା ।
ବେଳେ ଧୀରେ । ୧୪ (୨୭-୨୮) । ପୂର୍ବେ ବାସବ-ଦୂତଭାବେ ପୁରେ ଆଗତ ନଳେ

Digitized by srujanika@gmail.com

ଯା ଭଷିଥିଲ ବାଳା । ଶୁଣି ସେ କଥା ପତି-ପାଶେ ମସ୍ତକ ପୋତ ଲଜ୍ଜେ କଣ୍ଠ
କହି ନୋହିଲା । ସ୍ୱୟମ୍ବରେ । ଲଜ୍ଜା ବରଜ ନଜେ ନଲେ । ବରବା ସ୍ମର ଲଜ୍ଜା-
ଲୁଳେ । ପତ ଥାନ୍ତି; ସେ ଥିବା ଦଗେ ନେଜ ପଡବା ତାହାର ନ ହୋଇଲା ତଳେ ।
ସାଧୁଜନେ । ୧୫ (୨୯-୩୦) । ଯେଉଁ ଦଶେ ରତନେ ବିରଚିତ ଆସନେ ନୃପତ
ଥାନ୍ତି ବିଜେକର । ସେହି ଦଶେ ଇରଷା ବହିଲା ବତ ଯୋଷାଭୂଷା ନ ଗୃହେଁ ନେଜ
ହାଳ । ସାଧୁଜନେ । ଲଜ୍ଜାନଦେ ମଜ୍ଜିବା ଭଳ । ମସ୍ତକ ନତକର ବାଳୀ । ସ୍ୱାମୀ—
ଅଦର ତାକେ ପୁଭଳଭଳ ଠିକେ ବହିଲ ଦେହିଲ ନ ବଳି । ସାଧୁଜନେ । ୧୬
(୩୧-୩୨) । ଭ୍ରମେ ସ୍ୱାମୀ ଅଗାରେ ନ ଯାଏ ନେଲେ ବଳେ ତଳପ ନ ଭଜଇ
ବାଳୀ । ପଞ୍ଚୁଡ଼ାଇଲେ ପାଶେ ନ ପଞ୍ଚୁଡ଼ଇ, ପାଶେ ଅଣିଲେ ରହେ ପୃଷ୍ଠକର ।
ସାଧୁଜନେ । ଗୌଣ୍ୟ-ଗୋପ୍ୟ ସେ ଯେବେ ଯାହା । କର ଇଚ୍ଛଇ ନରନାହା । ତା
ଜାଣି ତାହା କରବାକୁ କହନ୍ତେ ବାଳୀ ତହିଁ ତେଜଇ ଶୀଘ୍ର ଇହା । ସାଧୁଜନେ ।୧୭
(୩୩-୩୪) । ଲଜ୍ଜାବିମୁଖୀ ବଧୂମୁଖୀ ପ୍ରିୟାକୁ ଦେଖି "ମୋରେ କ ଅନୁରାଗ ନାହିଁ" ।
ଏ ଭୟକୁ ଭୂପତ ତେଜନ୍ତି ଦୂତଗତ-ବେଳେ ତା ବଚନ ଚତୋଇ । ଆଗେ ଅଗେ ।
ସଖୀଙ୍କ ସଙ୍ଗେ ପ୍ରେୟସୀକି । ଅଣାନ୍ତି ନୃପତ କତକ । ପରେ ସଖୀଏ ସଙ୍ଗେ
ଅଣାଇଁ ନାନାବାଶେ ତାକୁ ପେଷିଥାନ୍ତି ଏକାକୀ । ସୁଚତୁର । ୧୮ (୩୫-୩୬) ।
ଆଳ ବାଳୀକ ଅଣି ଭୂପାଳ ପାଶେ ପୁଣି ବଜେ କସନ୍ତି ଯେତେବେଳେ । କାମ-ଶାସ୍ତ୍ର-
ଚତୁର ନଳ ତାହାକୁ କୋଳ-ଦେଶେ ଅଣନ୍ତି କଉଶଳେ । ଅଟଗ ଚୁମ୍ବି । ନତ-
ମୁଖୀ ପ୍ରିୟାକୁ ଭ୍ରଲେ । ମୁଖ ଚେକୁଁ ଗଣ୍ଡ ଯୁଗଳେ । ତହୁଁ ହେଲେ ବିସ୍ମିତ ମୁଖେ
ଚୁମ୍ବ ମୁଦ୍ରିତ କର ହସନ୍ତି ମନେ ଗେଲେ । ସାଧୁଜନେ । ୧୯ । (୩୭-୩୮) ।
ବାଳୀ-ହୃଦୟେ ସ୍ମର-ଷୁଦ୍ରାଙ୍କୁର ଲଜ୍ଜାର ହୁଙ୍କାରେ ନବଢ଼ିଁ ରହିଲା । ତହୁଁ ପ୍ରବଳ
ଭୟ ଭର୍ତ୍ସନା ଅତଶୟ କର ତାହାକୁ ଲୋପ କଲା । ସୁବେଶସବେ । ନଳ-ବାହୁ-
ଯୁଗଳ ବଳେ । ଅଲଙ୍ଘ୍ୟ ପୃଷ୍ଠ ତଳପରେ । ଦୃଢେ ରଖି ବାଳିକା ସ୍ୱଭୁଜ-ଯୁଗେ ଏକା
ବାରଲା ଦୟିତ-ଭୁଜରେ । ବହୁବେଳ । ୨୦ । (୩୯-୪୦) । ହାର-ସୌନ୍ଦର୍ଯ୍ୟ-
ଅବଲୋକନ-ଛଳେ ଧବ ପାଣିକ ବାଳୀ-କୁଚମୂଳେ । ନେଇଣ କଉଶଳେ ପରଶି
କଣ୍ଠମୂଳେ ଭାଷନ୍ତି "ପ୍ରିୟେ ! ବର-ମାଳେ । ସ୍ୱୟମ୍ବରେ । ମୋତେ ତ ଥିଲୁ ପୂଜା-
କର । ଏବେ ପଡ଼ିଛ ମୋର ପାଳ" । ଏତେ ବୋଲି ସ୍ୱହାର ଦେଇ ବାଳୀ ଗଳାର
ରଙ୍ଗେ ସ୍ପର୍ଶନ୍ତି କୁଚଚୂଳୀ । ବାଳକାର । ୨୧ । (୪୧-୪୨) । ସ୍ନେହେ ନିଦ୍ରା-
ଅଚେତ-ବାଳୀ-ନୀବରେ ହସ୍ତ ଦେଉଁ ନୃପତ ଫେଇବାକୁ । ବାର ପରଶ ନାଶ ହେଉ
ନିଦ୍ରା ବାଳୀଶ ଦଏ ପେଲ ପତ-କରକୁ । କେବେ ଅବା । ପ୍ରେୟସୀ-କୁଚ-ଛୀନବାସ ।
ଲକ୍ଷି ନୃପତ କରୁ ହାସ । ବିବସ୍ତ୍ରାବତ ଅଡ ଲାଜେ ବର-ଯୁବତୀ ଅବରୁଆଇ ଭୁଜରେ

Digitized by srujanika@gmail.com

ବାସ । ପୁନଃପୁନ ।୨୨। (୪୩-୪୦) ଏମନ୍ତେ ସୁରତରୁ ପତି କ୍ରମେ ପ୍ରିୟାର ବସ୍ତ୍ରକୁ ବେଉ କର ଦୂର । ତା ଜାଣି ମନସିଜ ସେ ଲଜ୍ଜାରୁ ନିଜ-ରୂପ-ଗୁଣ ଝର୍ଣିଲ୍ ଧୀର । ପରିହାସେ ।'ପତିର ତୁଷ୍ଟି ହୋଇ ବାଳୀ । ନ ହେଁ ବେଶି ଅଲ୍ପଁ ବଳ । ପରେ ବଷ-ପ୍ରସୂନ-ସ୍ରକ-ସଙ୍ଗୀ ଦଶନ ଦେଖାଇ ଇଚ୍ଛଇ କେ ନାରୀ । ବୁଧେ ବାର ।୨୩ (୪୫-୪୬) । ହାର-ମଣିର ଛାୟା କୁଚରେ ଥିବା ଗ୍ରହଁଣ ଅଙ୍ଗ ଭ୍ରଳନ୍ତି ମାନସରେ । ନିବିଡ଼ ଆଲିଙ୍ଗନ ପ୍ରିୟର କାଲି ମାନବତୀ ସହିଛ ନିଶୀଥରେ । ପିଲ୍ଲାଲିଗି ।-ବେଳେ ସଖୀଙ୍କି ଦୁତେ ମାବ । ଭିଡବାକୁ କନ୍ଥ ବାନ୍ଧବା । ତହୁଁ ସେ ତହିଁ ପତି-କରଗ୍ରହଣଲ୍ୟ ଅତି ହେବାର ଆନ୍ତି ଚତ୍ତ୍ରେ ଭାବ । ସାଧୁଜନେ । ୨୪ । (୪୭-୪୮) । ଲଜ୍ଜେ କେଉଁ ବସ୍ତ୍ର ଲୁଚାଇ କେ ବସନ୍ତ ପ୍ରସଂଶା କର ବରବାଳୀ । କଳ-କୁସୁମ-ମେଳ ପଦ୍ମିନୀଙ୍କ ଚଞ୍ଚଳ ଶୋଭାରେ ଯାଉଥାଇ ବଳ । ଏଣେ କାମ । ନ ହୁଏ ରଖାଇ ପତିଙ୍କି । ନ ଦେଖାଇ ସେ ସୁଦତୀଙ୍କ । ତେଣୁ ପତି-ହାତରେ ଯାନ୍ତେ ଲୋଚନ ଖରେ ଲଜ୍ଜ ବାରଇ ତା' ଗତିକ । ଅର୍ଦ୍ଧପଥେ । ୨୫ । (୪୯-୫୦) ପତିଙ୍କ ନେତ୍ରଯୁଗ-ଲକ୍ଷ୍ୟ ନ କରେ ମୃଗ-ଲୋଚନ-ଅଲକ୍ଷ ନ କରେ । ଦର୍ପଣାହରେ ପତି-ମୂର୍ତ୍ତିକୁ ନେତ୍ର ଧାଡ଼ି-କାରେ ସଂଯୋଗୁଥାଇ ଧୀରେ । ଅବସରେ । ବିରହ-ତାପେ ବିଷ୍ଣୁବଶ । ବାଞ୍ଛଇ ପତି-ସଙ୍ଗଶୂର । ନିଶାରେ ସ୍ୱାମୀ-ସଙ୍ଗ ଲଭି ଲଜ୍ଜେ ବିଭଙ୍ଗ ହୋଇ ସ୍ମରଇ ବରବାଳୀ । ଅବସକୁ । ୨୬ । (୫୧-୫୨) । 'ଯା ତୁ ସ୍ୱୀକାର କରୁ ତା ବିନା କରଶ୍ରେଷ୍ଠୁ ଆନ ମୁଁ ନ କରିବ କେବେ । ଲଜ୍ଜ ଭୟ ବରଜ ମୋତେ ତୋ ସଖୀ ହେଇଁ ବୋଲି ବୋଧନ୍ତି ପ୍ରିୟଙ୍କୁବେ । ମହାପତି । ଲଜ୍ଜା-ଔଷଧେ ବୁଦ୍ଧି-ତେଜ । ବାଳର କାମାଗ୍ନି ସହଜ । ମତାଇବାରେ ପଞ୍ଚମନ୍ତ୍ର ପରାଏ ଗୃହ୍ଟୁ-ଗିର ନୂପର ଧୀରେ ହେଜ । ହେଉ-ଥାଏ । ୨୭ । (୫୩-୫୪) ଘୁଞ୍ଚାଇ ପ୍ରିୟକର ସ୍ୱକରେ ପୟୋଧର ଅବରୁଁ ସାମା ଯାଏ ଜଣା । ଲଜ୍ଜେ ପତିଙ୍କି ତେଜ ତାଙ୍କୁ ହୃଦରେ ଭଜ ଆଲିଙ୍ଗଇ କି ସୁଲୋଚନା । କେବେ ଅବା । 'ହେ ପ୍ରେୟେ ! ନ ମାଗଇ ଆନ । ଅରେ ତୋ ଓଷ୍ଠମଧୁ-ପାନ' । ଏହା ଭଣି ସଜନ ନିକ୍ଟେ ମାଣ୍ଡି ସ୍ତନ ବଳେ କରନ୍ତି ଓଷ୍ଠପାନ । ସାଧୁଜନେ ।୨୮। (୫୫-୫୬) । 'ଚୁମ୍ବିତ ଅଛ ଧନ ! ତହିଁ ତୋ କସ ହାନି ଏଣୁ ଏଥିରେ ବୃଥା-ଭୀତ । ନକର' କନ୍ଥ କନ୍ଥ ପ୍ରିୟା-ମାଦଙ୍କ ଗୃହ୍ମୁଁ ଗୃହ୍ମୁଁ ଫେଇଲେ ପତି ଧାତ । ପ୍ରଥମରେ । ଲଭିଲ ଯେ ରମଣ ବାଳା । ତହିଁ ବାମତା ଥିଲ ମିଳା । କମ୍ପ ଘର୍ମ କୌତୁକ ଭୟ ଅଭୀଷ୍ଟ ସୁଖ ପୀଡ଼ାଦ ଯାଇଥିଲ୍ ସଂଳ । ସେ ସଙ୍ଗରେ ।୨୯। (୫୭। ୫୮) । ଭାଷନ୍ତି ପତି 'ଯେଣୁ ଏ ସଙ୍ଗମ ତୋ ଅଣୁଦର ପ୍ରଥମ ତେଣୁ ଲଜ୍ଜ । ତୋତେ ସାଜେ, ତୋ ଚନ୍ଦ୍ରା ବର୍ଣ୍ଣୁଁ ତୋ'ର ଏକତା ଲଭିଛ ଅବିରତ ହେଜ । ମନେ ମନେ । ଏଣୁ ଏ ବାହ୍ୟ-ଆଲିଙ୍ଗନ । ଜନ୍ମାଏଁ ଲଜ ମନେ ଯେନ । ହୃଦେ

Digitized by srujanika@gmail.com

ହୃଦସ୍ଥ-ମେଳ-ଠାରୁ ବାର ଶଶର ଶସରେ ମେଲ କ ପ୍ରଧାନ । ପ୍ରାଣପ୍ରୀତ । ୩୦ । (୫୯) । ରତାରମ୍ଭେ ପ୍ରଧାନବାଧା-ଲଜ୍ଜା-ନାଶନ ପାଇଁ କ ସେ ନିରୁପମାର । ବର-ରସକ-ସାର ଅବନି-ପୁରନ୍ଦର ଭୃଷନ୍ତ ସେପ୍ରକାର ଗିର । ସାଧୁଜନେ । ଯେମନ୍ତେ ବାଳା ଲାଜ ତେଜ । ହୋଇବ ବପସରେ ସ୍ୱଜ । ପାଇବାପାଇଁ ଲାଜ ଲଙ୍ଘିତ ହେବ ସ୍ୱଜହଂସ-ଗାମିନୀ ଯାହା ହେଜ । ସାଧୁଜନେ । ୩୧ । (୬୦) । ସେ ଧଗ୍ନ-ସୁରସ୍ୱଜ ପ୍ରାତେ ବରଜ ଶେଯ ଯିବାବେଳେ ରଯା-ଶଚୀକୁ । ବଳେ ଚୁମ୍ୱାନ୍ତ ମୁଖ ଅନବେଳେ ଯେ ସୁଖ ଅସାଧ ଲାଭ କରବାକୁ । ସ୍ୱଜଶେଯ୍ୟୁ । ପ୍ରଭାତେ ଚଳ ବାଳୀ ଅଳ-। ପାଳଙ୍କ ହାସ ମନେ କଳ । ମଉଳକଙ୍କପାରେ ଯୋଡ ଚଳ ନ ପାରେ ଗତ-ସୁରତ-କଥା ଭ୍ରଳ । ସାଧୁଜନେ ।୩୨ (୬୧-୬୨) । କେ ସଖିପାଶେ ଗତସ୍ୱଜି-ରତ-ବୃତ୍ତାନ୍ତ ଏକାନ୍ତେ କାନ୍ତା ଜଳପନ୍ତେ । ବରେ ଅଦୃଶ୍ୟ ବର ହୋଇ ଶୁଣି ସକଳ ହସି ଦଶନ୍ତ ପୁଣ ନେଜେ । କେବେ ଅବା । ବରସ୍ଥି-କେକରେ ବ୍ୟାକୁଳ । ବାଳୀକ ହସନ୍ତ ଭୂପାଳ । ହେରୁ-ସ୍ଥାନ ମନର ବକାର ଯେଣୁ ନିରନ୍ତର ପ୍ରକାଶେ ଭାବ-ଫଳ । ସାଧୁଜନେ । ୩୩ । (୬୩-୬୪) । କ୍ରମେ ପତି-ଚୁମ୍ବନକାଳେ ବାଳା ଆନନ ନ ପୋଡ କ ସୁଖ ନ କରେ । କୁଚେ ପତର କର ନରୋଧ ସ୍ୱମାବର ନ ଜନମାଏ କ ସୁଖରେ । ସାଧୁଜନେ । ପୂର୍ବେ ସ୍ତନ-ରୋଧକ କରେ । ସସ୍ୱଇ ହୃଦସ୍ଥ ଅମ୍ବରେ । ଅକର୍ଷି ପୟୋଧରେ ବରକର ସଙ୍ଗରେ ଏବେ ସେ ବାଧାକ୍ରମେ ସରେ । ସାଧୁଜନେ । ୩୪ (୬୫-୬୬) । ମାଗିଲେ ନଖଘାତ ନ ଦେଉ କାନ୍ତା, କାନ୍ତ କଥା-ପ୍ରସଙ୍ଗେ ବାଳାକର । ହୃଦସ୍ଥେ ରଖି ଅତର୍କିତରେ ନଖକ୍ଷତ କରନ୍ତ ନିଜ-ଉରସ୍ଥଳ । ସୁଖପାଇଁ । ବଳେ ବାଳାର ଉରବାସ । ହରଲେ ହେଲେ ପ୍ରାଣଈଶ । ଅନ୍ତର-ଲଜ୍ଜାମ୍ବର-ହରଣ-ବେଳେ ପରକାଶ ନୁହେ ସାମର୍ଥ୍ୟ ଲେଶ । ଧୀରେ ଘେନ । ୩୫ (୬୭-୬୮) । ଲଜ୍ଜା ଧୈର୍ଯ୍ୟ ନଶ୍ୱାନା ହଣେ ଅତ ଶୋଭନା କାମେ ତା ନୋହଥିଲା ହର । ଏ ବେନ ବନା ଜନ ଧଇଲ ଯେଜ୍ଞେ ସ୍ଥାନ ବବାସେ ନୁହଇ ସେପର । ସାଧୁଜନେ । ରତ ମାଗିଲେ 'ନା' ନ କହ । ସମ୍ମତ ପ୍ରକଶାଇ ଗୋସ୍ୱ । ଏତେ ପତି-ଗୃହୁସ୍ୱ ବାର କନକ-ଗୋସ୍ୱ ଶିରକମ୍ପନେ ମନାକର । ସାଧୁଜନେ । ୩୬ (୬୯-୭୦ । କେବେ ଭାଷନ୍ତ ନଳ "ସଖି ! କମ୍ପାଇ ଶିର 'ନା' 'ନା' ବୋଲୁ ତୁ ଭାଷୁ ଯାହା । ବେନ 'ନା'ରୁ ସମ୍ମତ ଲକ୍ଷଣ କୁନ୍ଦଦନ୍ତ ବୋଲୁ ମୁଁ ବାରୁଥାଇ ତାହା । ଅଳାପନ । ନ କରୁ ନ କଲେ ନ କର । ନ ଶୁଣିବ କ ମୁଁ ତୋ ଗିର" । ଏତେ କହଣ ଦୌତେ୍ୟଶ୍ରୁତ ପ୍ରିୟାଉକତେ ଉଚ୍ଚାରୁଥାନ୍ତ ଧୀର ଧୀର । ଗେଲେ ଗେଲେ । ୩୭ (୭-୭୨) । ନୀବ-ମୋଚକ ପତି-କରେ ପୂର୍ବେ ସୁଦତୀ ସ୍ୱଭୁଜେ ଦୃଢ଼େ ରୋଧୁଥିଲା । କ୍ରମେ ଛିଥିଲେ ରୋଧ ଶେଷେ ଭ୍ରଷେ* ନଷେଧ 'ନା ନା ନା' ଭାଷ ପ୍ରକାଶିଲା । ବେଶ-ଭୂଷା-।

* ଭ୍ରଷେ—ବାକ୍ୟରେ ।

ବାସାଙ୍ଗରାଗ-ସୁଷମାରେ । ନିତ୍ୟ ନୂତନ-ଭାବ ଧରେ । ନାକ-ନାରୀବିଭ୍ରମ ଜନ୍ମାଇ ସ୍ୱାମୀକାମ ପୂରାଇ ବାଞ୍ଛା ସିଦ୍ଧକରେ । ବରକ୍ଷଣା । ୩୮ (୭୩-୭୪) । ଗୁଣଜ୍ଞତା ଯୁଗିରେ ଗୁଣସାଗର ଠାରେ ପ୍ରକାଶି ନାଗର କିଶୋରୀ । ପରିଚର୍ଯ୍ୟାରେ ଭକ୍ତି ଜନ୍ମାଇଁ ପତିମତି ନେଲା ଅଧିକ ବଶକରି । ଅଙ୍ଗାର୍ପଣେ । ସମ୍ମତ ନୋହୁଁ କୋପୁଁ ପତି । ସାଧଇ ତାହାଙ୍କୁ ଯୁବତୀ । ପୁଣି ମାଗୁଁ ରମଣ ବଳାତ୍କାରାଲିଙ୍ଗନ-ବିନା ନ କରଇ ସମ୍ମତି । ବସ୍ତ୍ରସେହା । ୩୯ (୭୫-୭୬) । ମାନ-ପ୍ରତିକୂଳତା ଲଜ୍ଜାଯୋଗେ ବନିତା-ଅଙ୍ଗଲାଭ ଦୁର୍ଲ୍ଲଭ ନଲେ । ତଥାପି କେହ୍ନ ବାଳୀ ବର-ଶ୍ରୀଅଙ୍ଗେ ଢାଳ ଲଭେ ଅଦ୍ୟସଙ୍ଗମାଦରେ । ତପବଳେ । ସ୍ୱାମୀଙ୍କି ହରୁଁ ତରୁସର । ବିବିଧ ରୂପାନ୍ତର କରି । ପାବଂଶାରୁ ବ୍ରତଶା ଯାଏ ଧରି ମୂରତି ନାନାଭଙ୍ଗେ ରସଇ ବାଳୀ । ମନସ୍ୱଖେ । ୪୦ (୭୭-୭୮) । ନାହିଁ ଏମନ୍ତ ଜଳ ସ୍ଥଳ ବିପିନ ଶୈଳ ଦେଶ ଭୁବନ ବନ୍ଧ-ଲୀଳା । ଯହିଁରେ ଯେ ଲୀଳାରେ ପ୍ରାଣପତି-ମେଳାରେ ରସି ନ ଥିଲା ବରବାଳା । ବଳେ ବାସ । ଅକର୍ଷି ପତି, ବାଳୀ ଲଇଁ । ଫୁତ୍କାରେ ପ୍ରଦୀପ ଲିଭାଇ । ସ୍ୱାମୀ-ମୁକୁଟ-ମଣିକରେ ଲୋକିତ ପୁଣି ରହେ ବସ୍ତ୍ରେ ହେବଣ ଗୃହିଁ । ସାଧୁଜନେ । ୪୧ (୭୯-୮୦) । ମୁକୁଟ-ମଣି-କର-ପିଧାନେ କଣ୍ଠପୂର-ଉତ୍ପଳ ଯୋଜି ବାଳା ହଣେ । କାମ-କାନ୍ତି-ପୂଜନ ପାଇଁ ବର-ସୁମନ ସେବକା ଦେଲା କି ହରଷେ । ଦେହ୍ନ ସଖୀ । ରତ୍ନ-ପିଧାନେ ପୁଣି ବାଳୀ ।. ଦେଖେ ବେନି ପ୍ରଦୀପ ଜଳ । କୌତୁକାଶ୍ଚର୍ଯ୍ୟ-ଲାଜ-ମଧ୍ୟେ ତା ମନସିଜ ତେଣୁଟି ହେଉଥାଇ ଦଳ । ସାଧୁଜନେ । ୪୨ (୮୧-୮୨) । ଲିଭାଉଁ ଏକ ଦୀପେ ଅପର ଜଳୁଁ ଅପେ ଅନଳବର 'ବରେ' ବାର । ସ୍ମର ଶିରକମ୍ପାଇ ଲାଜେ ଚନ୍ଦ୍ରମା-ମୁଖୀ ରହଇ ନେଇ ମୁଦ୍ରକରି । ତାହା ଦେଖି । ପତି ଭାଷନ୍ତି, 'ମୁଦୁ ନେନ୍ଧ । ମୁଁ ନ ଦେଖିବ ତୋର ଗାନ୍ଧ' । କୌତୁକେ କହ୍ନ ଏତେ ଲଜ୍ଜାନତା ଯୋଷିତେ ରମନ୍ତି ଚମକରି ଜାତ । ମନସୁଖେ । ୪୩ (୮୩-୮୪) । "ଛାଡ ହେ ପ୍ରାଣନାଥ, ଚୁମ୍ବନ ନଖକ୍ଷତ ଦେଉଛି ଆଲିଙ୍ଗନ ଅଦ । କରୁଛି ଉରପର ନ ରଖିବ ତୁମ୍ଭର ଶିର ଏହା ନ କର ବୁଦ୍ଧି । ଛାଡ଼ ଛାଡ଼ । ମୁଁ ପରା ତବ ପଦଦାସୀ । ଜାଣି ଦାସୀ କି ହୁଏ ଦୋଷୀ" ? କେବେ ଏମନ୍ତ ଭାଷି କଞ୍ଜଖଞ୍ଜନଦୃଶୀ ପତିମତି ନିଏ କରଷି । ସାଧୁଜନେ । ୪୪ (୮୫) । ରତେ ମିଥ୍ୟା କାତରି ପ୍ରକାଶିବାରେ ଛଳ-ନିପୁଣା ବଣା-ଏଣୀକ୍ଷଣୀ । ପ୍ରକୃତ ସୁରତରେ ନଳ-ଲଜ୍ଜା ଯୁଗଳେ ପ୍ରତାରଇ ସେ ପୁଣ ପୁଣି । ଏକା ଚୁମ୍ବି । ହଅଇ ନ ହଅଇ ଆନ । ଯେଣୁ ଧବ-ଅଧୀନ ଅନ୍ୟ ।-ସମୟୋଚିତ ବ୍ୟବହାରେ ଯେ ବିଜ୍ଞଭାବ ତାକୁ କି ଅଗୋଚର ପୁଣ । ସାଧୁଜନେ । ୪୫ (୮୬) । ଅନ୍ଧକାର—ମୁଦ୍ରରେ ଦୀପ-ବଦ୍ୟ ଇଚ୍ଛାରେ ଜାଳ ଲିଭାଇ ପ୍ରାଣପତି । ନିଃଶଙ୍କ-ରତି-ଜନ୍ୟ ପ୍ରିୟତମା-ଅନନଭଙ୍ଗୀ ଦେଖି ତୋଷ ହୁଅନ୍ତି । ରତିକାଳେ । ବାଳୀ-ବନ୍ଧୁ କାମ—

Digitized by srujanika@gmail.com

ଝଣା ।-କମାଣ ପର ପଡ଼େ ଜଣା । ସେ-କାଳର ହୁଁକୃତ ଶୁଣୁଁ ସେପ-ନିର୍ଗତ-ବେଳ-ହୁଁକୃତକ ଠିକଣା । ବୁଝେ ସେନ । ୪୬ (୮୭-୮୮) । ପତି-ଦନ୍ତ-ଦଂଶିତ ଗାଢ଼େ ହୁଅନ୍ତେ ଓଷ୍ଠ କରପଲ୍ଲବ ଗୃହ୍ଣୁଁ ବାଳୀ । ହସେ ନନ୍ଦିତ ସ୍ୱରେ ନର୍ତ୍ତନ ବଷ୍ୟୁରେ ଉପଦେଶ ଦେବାର ଭଳି । ଅଲିଙ୍ଗନେ । ପତି-ବିଶାଳବକ୍ଷସ୍ଥଳ । ଅଲିଙ୍ଗି ନ ପାରଇ ବାଳ ।—ମୃଗାକ୍ଷୀ, ଉଚ୍ଚକୁଚ ବଶୁଁ ଉରେ ସୁସଞ୍ଚ ନୁହେ ପତିର ଉର ମେଳ । ସାଧୁଜନେ । ୪୭ (୮୯-୯୦) । ପତି-ପତ୍ନୀ-ଚକ୍ଷୁର କର ଅଲିଙ୍ଗନର କାଳେ ଯା ପରସ୍ପରେ ଘେରେ । ହେମ-ପଦ୍ମିନୀ-ଜାତ-ମୃଣାଳ-ବିନିର୍ମିତ ପାଶ ସେ କାମର ବିଗ୍ରହେ । ଅଲିଙ୍ଗନେ । ପତିଉରେ ପୀଡ଼ିତ ସ୍ତନ । ହେଉ ଗୋଲକ ଉଚ୍ଚ-ସ୍ଥାନ । ହସେ ରତିସ୍ମରର ପାଇଁକି ପରସ୍ପର-ଲଗା ଯୁଗଳ-ଉପାଧାନ । ସମତୁଲ । ୪୮ (୯୧-୯୨) । ପତିମ୍ଳ ଦୁନଖର-ଚିହ୍ନ ବହୁ ପତ୍ନୀର ଉରୁ ତେମନ୍ତ ଶୋଭା ହସେ । ସ୍ୱର୍ଣ୍ଣସ୍ତମ୍ଭ-ଯୁଗଳ ରତିକାମ-ଦେବର ପ୍ରଶସ୍ତି ବହିଅଛି କି ସେ । କେବେ ପତି । ଭାଷନ୍ତି ‘ରେ ସହ, ସେ ବହ । ଅଧିକ ବର୍ଣ୍ଣି ସ୍ୱର୍ଣ୍ଣ ନେଇ । ଜରୁନାଭି ମଧ୍ୟରେ ଦେଶ ରଚିଛି ତୋର ଯେଣୁ ତା ମହାବୁଦ୍ଧି ତହିଁ” । ଗୁରୁକେଶୀ । ୪୯ (୯୩-୯୪) । ପଦ୍ମକୋଷ-କୋମଳ ନରେଶ-କରତଳ ସେ କୁମ୍ଭ-ସୁକଠିନ ସ୍ଥୂଳ । ପ୍ରମଦା-ସ୍ତନ ପୀଡ଼ିବାକୁ ଇଚ୍ଛୁ ଅଲୋଡ଼ ହାରେ ହସି ସେ ତିରସ୍କାର । କରେ କରେ । କୁଙ୍କୁମ-କସ୍ତୁରୀ-ଚନ୍ଦନେ । ଖ୍ୟାତ ନୀଳ-ଲୋହିତବର୍ଣ୍ଣେ । ବକ୍ଷୋଜ-ସ୍ୱୟମ୍ଭୁବ-ଶିରେ ପଲାଶ-ନଭ-ନଖ-କ୍ଷତରେ ପୂଜାକରେ । ପତିତୋଷେ । ୫୦ (୯୫-୯୬) ପଦ୍ମମୁଖୀ-ସଖୀର ମୁଖଚୁମ୍ବନେ ନଳ-ମୁଖଚନ୍ଦ୍ର ହସେ ଏମନ୍ତ । ସିନ୍ଧୁଁ ଅଲ୍ପାନୁଦ୍ଧିତ କବା ତାରକାକାନ୍ତ ସ୍ୱ-ପ୍ରତିବିମ୍ବରେ ମିଳିତ । ରତିକାଳେ । ପୂଗାଧିକ-ବଟିକା-ରସ । କର୍ପୂର-ବାସରେ ସୁବାସ । ଏମନ୍ତ ମୁଖମଧୁ-ପାନରେ ବଧୂ ବନ୍ଧୁ ବେନିଙ୍କ ହୁଅଇ ଉଲ୍ଲାସ । ଧୀରେ ଘେନ । ୫୧ (୯୭-୯୮) ରତିକାଳେ ସୁଦତୀ ଦମୟନ୍ତୀ ସିତ୍କୃତ ପ୍ରକାଶି ସନ୍ଧ୍ୟ-ଗୁଣବଶେ । କମ୍ପି ଚୁମ୍ବକ-କାନ୍ତମୁଖ-ଶଶିର ଶୀତ-କରତା ପ୍ରମାଣେ ବିଶେଷେ । ବନାବାକ୍ୟେ । ଚୁମ୍ବିବାପାଇଁ ସମାସ୍ତନ । ସ୍ପର୍ଶି ହସଇ ସେ ଅନନ । ଭରିବାକୁ ପୀୟୁଷ ସାତକୁମ୍ଭ-କଳଶ ଶଶି ବହିଲା ପ୍ରାୟେ ଘେନ । ସାଧୁଜନେ । ୫୨ (୯୯-୧୦୦) ଆଦରେ ଦେଖି ଦେଖି ସଖୀମୁଖକୁ ଦେଖି-ବାକୁ ଇଚ୍ଛନ୍ତି ପୁଣି ପତି । ଅଲିଙ୍ଗନ ଚୁମ୍ବନ ଯେତେ କଲେହେଁ ମନ ନ ଲଭଇ ଲେଶେ ତୃପତି । ରତିକାଳେ । ସେ ମୁଗ୍ଧାର ହୃଦୟ-ସ୍ଥଳ । ଜ୍ୱଳଇ ସ୍ୱେଦବିନ୍ଦୁ ଜାଳ । ତେଣୁ ସୁରତ-ନୃତ୍ୟେ ଛନ୍ଦହାର-ବୃତ୍ତାନ୍ତେ ନ ପାରେ ବାର ବହିବେଳ । ରତିଶ୍ରାନ୍ତ । ୫୩ (୧୦୧-୧୦୨) । ଛନ୍ଦହାରର ସୂକ୍ତି-ସୁଜାତତ ଯୁବତୀ-ଗୁଡ଼ରେ ଯା ଲାଗି ରହିଲା । ଗୁଣବନ୍ତୁରୁ ତାହା ହେଲା ନିର୍ଗୁଣ ଯାହା ତା ତହିଁ ରହି ନ

Digitized by srujanika@gmail.com

ପାଇଲା । ବାଳୀହାର । ଛଡ଼ନ୍ତି ଘର୍ମେ ସିକ୍ତ ହୋଇ । ତହିଁ ନୃପତି-ଗଳାହାର । ଥାଇ ନୃପତି-ଗଳେ ସ୍ୱପ୍ରତିବିମ୍ବ-ଛଳେ ବାଳୀର ହେଲା ଗଳାମାଳ । ସାଧୁଜନେ । ୫୪ । (୧୦୩-୧୦୪) । ବାମଚରଣ-ତଳେ ଯେ କାମଦମ୍ଭ ଦଳେ ସେ ନଳ ବାଳୀମୁଖେ ବଣ । ହୋଇ ଯେଉଁ ଯୌବନ ପ୍ରମୋଦ-ସରସ୍ୱାନ-ପାରେ ବହରେ ନାସାଇଣ । ବାଳୀସ୍ପର୍ଶେ । ଅନ୍ତର-ଅବସ୍ଥିର ପୂତ- । ବତ ବିସ୍ମରନ୍ତି ଭୂଭୃତ । ଦର୍ଶନକୁ ଅମୃତ-ସାଗ୍ରଂଶ ବତ ନେତ୍ର-ପାରଣାକୁ ଦ୍ୟନ୍ତି ନିଯୁତ । ସାଧୁଜନେ । ୫୫ (୧୦୫-୧୦୬) । ନେତ୍ରେ ଏକା ବାଳୀର ଭୂଷା ଆଦର ନର-ବର ନ କରନ୍ତି ମାନସେ । ଯେଣୁ କେତେ ଅଙ୍ଗର ଦର୍ଶନେ ଭୂଷାବାର ସାଧନ୍ତି ଶତ୍ରୁତା ବିଶେଷେ । ଅଲିଙ୍ଗନେ । ପ୍ରେମାଙ୍କ-ବ୍ୟବଧାନ ଛନ୍ଦେ । ଚିନ୍ତି ଯୋଜନାନ୍ତର-ମତେ । ନିମିଷ-ଅଦର୍ଶନ ବର୍ଷକ ବ୍ୟବଧାନ ପରି ଅଗ୍ରତେ ହୃଦଗତେ । ବେଦଙ୍କର । ୫୬ (୧୦୭-୧୦୮) । ରତେ ଅଗରୁ ଭ୍ରମ-ଭଜବା ଜାଣି ଧବ ବାମାକୁ ଅନମନା କର । ସ୍ୱଚ୍ଛମଣି-ଭିତ୍ତିରେ ନିଜପ୍ରତି-ମୂର୍ତ୍ତିରେ ଦେଖାଇ କହ 'ଏକେ' ବୋଲ । କେବେ ଅବା । ଶଶିସୂର୍ଯ୍ୟେ ନିବେଶି ଚିତ୍ତ । ଅନଭିମତେ ରେତପାତ । ନିବାର ବରନାସ-ଗୁଲେ ବିହାର କର ସାର୍ଥ କରନ୍ତି ମନୋରଥ । ସାଧୁଜନେ । ୫୭ (୧୦୯-୧୧୦) । ବାହୁର ମୂଳ ନାଭି କୁଚ-ଆଦିକ ଚୁମ୍ବି ଭ୍ରବ-ଭଜନ ବିଷୟରେ । ସମକ୍ଷରେ ନୃପତି ପ୍ରିୟାକୁ ସୁଖପ୍ରାପ୍ତି କରାନ୍ତି ସୁରତ-ସମରେ । ବିଶ୍ଳଥାଙ୍ଗ । ନେତ୍ର-ମୁଦ୍ରଣ ଦ୍ରୁତଶ୍ୱାସ । ପ୍ରେମାବେଶ ଉଭୟ ମାନସ । ବେନି ପାରନ୍ତି ଜାଣି ଯେନନ୍ତି ପରମାଣି ଉଭୟ ରତି-ଭାବରସ । ସେ କାଳରେ । ୫୮ (୧୧୧-୧୧୨) । ସେ ମହା-ଭାବକାଳେ କରଜ-କ୍ଷତ-ଜାଳେ ମହା-ପ୍ରମୋଦ ଜନମାନ୍ତି । କନ୍ଦୁ-ମରିଚ-ଚୂର୍ଣ୍ଣ-ଯୁତ ଫେଣୀରେ ଜନ-ମାନେ କି ବଦନ ମୋଡ଼ନ୍ତି ? । ସୁରତାନ୍ତେ । ଶ୍ରାନ୍ତ-ବନିତା-ବେନିନେତ୍ର । ହୁଅଇ ଅର୍ଦ୍ଧ-ନିମୀଳିତ । ତହିଁ ଘୁରଇ ତାରା ତା ଦେଖି ମନଚୋର ମଣିପତିକି ଅତିଅନ୍ତି । ବିଜ୍ଞନରେ । ୫୯ (୧୧୩-୧୧୪) । ସେ ଶ୍ରମ ବିନ୍ଦୁତାର ପତିକରେ ଚପଳ ଖଞ୍ଜାଏ ବରତାଳ-ବୃନ୍ତ । ଯେଣୁ ସେକାଳେ ପଖା-କରିବା ହେଲେ ଦେଖା ହୁଏ ତରଳ ଧାତାଚିତ୍ତ । ନାସିକାଗ୍ରେ । ଘର୍ମ, ଓଷ୍ଠୁଁ ଅଳତାବୋଳ । ଲିପ୍ତ ଗଣ୍ଡ, ଚନ୍ଦ୍ର-ଯୁଗଳ । ଏମନ୍ତେ ଦମୟନ୍ତୀ-ମୁଖ ଦେଖି ନୃପତି ହୁଅନ୍ତି ମହାସୁଖେ ଭୋଳ । ସାଧୁଜନେ । ୬୦ (୧୧୫-୧୧୬) । ଅତି-ଲଜ୍ଜିତ କ୍ଳାନ୍ତ ଅଳ୍ପ-ଚକିତ ସ୍ପଷ୍ଟ ବଦନ କାନ୍ତାର ଦୟିତ । ଦେଖୁ ଦେଖୁ ସାଦରେ ପୁଣିହିଁ ଅନବାରେ ସୁରତ ଇଚ୍ଛା ହେଲା ଜାତ । କାନ୍ତଦୃଷ୍ଟି । ବନିତା-ଲୋମକୂପୁଁ ସ୍ୱେଦ- । ଜଳପାନେ ହେଲେହେଁ ମୋଦ । ପିପାସା ନ ତୁଟିଲା ଅତି ଆଶ୍ଚର୍ଯ୍ୟ ହେଲା ଏକଥା ବିସ୍ମୟ କୋବିଦ । ଧୀରଚିତ୍ତେ । ୬୧ (୧୧୭-୧୧୮) । ମାଳ-ବିସ୍ଥାନ ବାଳ-ପାଳ ବନ୍ଧନେ ଖେଳ-

Digitized by srujanika@gmail.com

ଖଞ୍ଜନ-ଦୃଶା ଟେକୁ କର । ତା'ର ଉଜ୍ଜ୍ୱଳ ମୂଳ ଗୃହେଁ ସୁଖସାଗର-ତଳ ମଜ୍ଜିଲେ ନୃପନନ୍ଦ । ନେହ-କଳା- । ରଞ୍ଜନେ ଗୃହୁ କାନ୍ତାଧର- । ବଧୂଲରେ କି ଅଳ-ଚେମଳ । ତା ଗୃହେଁ କୁଶୋଦରୀ ହାସ ବାର ନପାର ବାସରେ ଆବରେ ଅଧର । ସାଧୁଜନେ । ୬୨ (୧୧୯-୧୨୦) । ମନ୍ଦେ ହସ୍ତୁ ଅନନ ଫେରାଇ ଜୀବଧନ ହାସର କାରଣ ପୁଚ୍ଛନ୍ତ । କାନ୍ତକରେ ମୁକୁର ନହବାରେ ଉତ୍ତର ଦେଲ ସୁଦତୀ ଲଜ୍ଜାବତୀ । ପଦେ ଶିର । ଦେଇ ରତି ମାଗିବାବେଳେ । ପଦଅଳତା ଲାଗୁଁଥିଲେ । କାନ୍ତର ଅଲେହିତ ମୁଖ ଦେଖି ଉଦ୍ଧତ-ଆରକ୍ତ ଚନ୍ଦ୍ର ବାଳା ଭଲେ । ନତ-ମୁଖେ । ୬୩ (୧୨୧-୧୨୨) । ଘର୍ମପ୍ଲୁତ ଯୁବତୀ-ଉରେ କାନ୍ତମୂରତି ବିମ୍ବିତ ହୋଇଁ ହୁଏ ପ୍ରତେ । କବା ହୃଦସ୍ଥ-ପତି ପରଗ୍ରହ ମୂରତି ବଜନ୍ତେ କାନ୍ତାଉର-ଗତେ । ତା ବଲୋକ । ଲଜ୍ଜିତା ନତମୁଖୀ ବାଳୀ । ମୃଦୁ ନାଶା-ସମୀର ଗୃଳ- । ବାର ନୁହଇ ଛଳ ତହିଁ ଏକା କେବଳ ବାରଇ ପତି-ଶ୍ରମବାର । ସାଧୁଜନେ । ୬୪ (୧୨୩) । ଯା ପୀଡ଼ା ଜଣା ଆଗେ ନଥିଲା କାମବେଗେ ସେ ଦନ୍ତକ୍ଷତ ଏବେ ଜଣା- । ଦଢ଼ୁ ହୋଇ ଚକିତ ଧୀରେ କରେ ଯୋଷିତ-ରାଜ କରଇ ସମ୍ମାର୍ଜନା । ଗୃହିଁକୁଟେ । କାନ୍ତ-ଦତ୍ତ ନଖରକ୍ଷତ । କୋପେ କୁଞ୍ଚି ନୟନ-ପ୍ରାନ୍ତ । ହାସ-ନରତ-ଜୀବଧବ-ବଦନ-ଅମୁସମୁବେ କରେ ଦୃଷ୍ଟିପାତ । ବାର ବାର । ୬୫ (୧୨୪-୧୨୫) । ଦେଖି ମୁଖ ରକ୍ତିମା ବାର ବାମତା ବାମା-ମଣିର ସ୍ଖଳିତ-ବଚନେ । ଭଙ୍ଗେ ଭାଷନ୍ତ ଭୂପ, 'ରେ ସଖି ! କା'ରେ କୋପ କହ, ମୁଁ ଦଣ୍ଡିଇ ସେ ଜନେ । କୁଶୋଦରୀ । ନୁହେ ଏ ରୋଷକାଳ ଦେଖ । ଇନ୍ଦୁ-ନନ୍ଦ ନମ୍ରଣମୁଖ । ରୋଷ-କୁଙ୍କୁମାରକ୍ତ ବଦନ-ସ୍ଥାନ ନତ ହୋଇ ବଢ଼ାଏ ମୋର ଦୁଃଖ । ନିରୁପମା । ୬୬ । (୧୨୬-୧୨୭) । ଏ ମୋ କଣ୍ଠ-ଲମ୍ବିତ ମଣିମାଳ ବାଞ୍ଛିତ ପୂରାଏ, ବର୍ଷି ଏ ଅମୃତ । ନଖ-ଦଶନକ୍ଷତ-ପୀଡ଼ା ତୋ ହରୁ ମିତ ଏଣୁ ଏ ମୋରେ ସମ୍ମତ । କୁଚେ ତୋର । ଶଙ୍କରୂପ ସମ ନଖର । କ୍ଷତ କର ଦୋଷୀ ଏ କର । ବଶି ଦୋଷାର୍ଦ୍ଧ ନାଶ କଲଣି ଅନ-ଅଂଶ-ପାଇଁକି ମଞ୍ଜୀର ପୟୂର । ବରଟରାଧା । ୬୭ । (୧୨୮-୧୨୯ । ନର୍ଦ୍ଦୟ-ଦନ୍ତଦଂଶ ଦେଇ ମୋ ମୁଖ ଦୋଷ କଲଣି ଯେବେ ରେ ସୁଦତୀ । ତା ପ୍ରତିଶୋଧ-ପାଇଁ ଏ ମୁଖେ ନାଶାସାଇଁ-ମୁଖୀ ତୁ ଦନ୍ତେ କର କ୍ଷତ । ରବସନେ । ନିଷ୍ଫଳ ତୋ ପାପ-ନବାଣ । କର ମୋ ଶିଖାମଣି ଯେନ । ଦୋଷ କଲ ଯା ତା'ର ନାହିଁ କ୍ଷମା ପୟୂର-ତଳେ ତୋ ପଡ଼ୁ ତାହା ପୁଣ । ଗୁଣନିଧି' । ୬୮ । (୧୩୦-୧୩୧) । ଏମନ୍ତେ ସୁମଧୁର ଗିର ଭଣି ଚକୁର-ନକର ତଳପେ ଲୋଟାଇ । ସ୍ୱଶିଖାମଣି-କରବାର-ସହିତ ବରବରନା-ପାଦପଦ୍ମେ ନେଇ । ଲଗାଇଲେ । ପଦେ ପ୍ରଣତ ହୋଇ କାନ୍ତ । ଦଶନକ୍ଷେ ମୂର୍ତ୍ତି ବିମ୍ବିତ । ହୋଇ ହେଲ ଏଗାର ସେ ସଖ୍ୟହରେ ସୁର ବାଦେ କି କଲା ଚେତେ

Digitized by srujanika@gmail.com

ଗାଣ । ତଥା ବଦଶେ ।୬୯। (୧୩୨-୧୩୩) । ଭଣନ୍ତି କାନ୍ତ, 'କାନ୍ତେ ଦୋଷ ନ ଧର ଚତୁରେ ଏ ମଧୁ-କ୍ଷୁଦ୍ର-ଜଣୀ-ଅପି । ଦେଖ ହୋଇବ ଶେଷ ଅନଗଜେ ଏ ରୋଷ କର ପ୍ରକାଶ ଶୁଭ୍ରକେଶ' । ଏତେ ଭଣି । ନତ ହୁଅନ୍ତେ କାନ୍ତ, ବାଳା । ଦ୍ୱିଜେ ଧନୁର ଅଗ୍ରୁଳଲ । ତହୁଁ ଘୂର୍ଣ୍ଣିଲା ରୋଷ ମୁଖେ ବିକଶି ହାସ ପଦ୍ମ-ମତ ତ୍ରୁପତ କଲା । ସାଧୁଜନେ । ୬୦ । (୧୩୪-୧୩୫) । ପରସ୍ପରାନୁରାଗ-ସମ୍ଭୋଗରୁ ସମ୍ଭୋଗ-ବାଞ୍ଛା ଜନ୍ମିଲା ପୁନର୍ବାର । ଅଳ୍ପାବଶିଷ୍ଟ ଖଳ-ପ୍ରକୃତ ରଜନୀର ସହ୍ୟ ନୋହିଲା ତା, ବିଗ୍ରହ । ସୁଧୀବାର । ତହୁଁ ଭଜନଲେ ତଳ୍ପ ବେନ । ହୋଇଣ ନାନା କଥା ପୁଣି । ଓଷ୍ଠାର୍ପଣେ ଚୁମ୍ବନ-ଯୋଗେ ସେ କଥାମାନ ନିର୍ମଳେ ନୋହୁଥିଲା ଶୁଣି । ବୁଧେ ଘେନ । ୬୧ । (୧୩୬-୧୩୭) । ଭଣନ୍ତି ପ୍ରିୟ "ପ୍ରିୟେ ଦେବଦୌତ୍ୟ-ସମୟେ ସ୍ୱଧର୍ମ-ଲୋପ ଭୟ-ବଶେ । ନିର୍ଦ୍ଦୟ ଭଣି ଦୋଷ କଲି ଯା ନାଗସାଣ ଅଜାବ ଥିବ ତୋର ବଶେ । ତୋ ଦର୍ଶନ । ହେଜ ମହୋତ୍ସବ ନଳର । ତୁ ଯହିଁ ତୁଷ୍ଟ ସେ ତାହାର । ସାମ୍ରାଜ୍ୟ ତୋ ଶ୍ରୀଅଙ୍ଗ-ଆଲିଙ୍ଗନ-ସୌଭାଗ୍ୟ ପୀୟୂଷା-ଭିଷେକ-ନକର । ଏ ମୋ ପକ୍ଷେ । ୬୨ । (୧୩୮-୧୩୯) । ହର ଶର୍ବଙ୍କ ଭଳେ ଧରନ୍ତି କ ବିଗ୍ରହେ ଅର୍ଦ୍ଧାଙ୍ଗ ହର ଗିରିସୁତା । ବିଗ୍ରହକୁ ଏ ମୋର ନ ଅପେ ନାସିବର ଦେଖଇଁ ଏଥି ମୁଁ ଊନତା । ନତଗାତ୍ରି । ଏ ସଂସାରରେ ତୋର ମୋର । ସିନ୍ଧୁ-ସରିତ-ପରକାର । ଏକଅଙ୍ଗ-ମିଳନ ପାଞ୍ଚୁଥାଇ ମୁଁ ମନ ଓର ଧନ ରଜନୀ-ବାସର । ସାରସାକ୍ଷି ।୬୩। (୧୪୦) । ଦୃଢ଼ ମମତା ମୋରେ ରଖ ତୁ ବୋଲିବାରେ ଲେଶେତ ନାହିଁ ଅବକାଶ । ସ୍ୱୟମ୍ୱରେ ଦାମ୍ପୂରେ କଣିଛୁ ଯେଣୁ ମୋରେ ତୃଣେ ନ ଗଣି ନିଦେଶ । ହାସ-ଶୋଭି । ସଖୀଙ୍କ ସଙ୍ଗେ କଥା ତୋର । ଲୁଚି ଶୁଣିଛି ବହୁବାର । ରାମ କାରଣ ବନା ସୀତା ତେଜିବେ ଶୁଣା ହେଲେ ତୁ ଭୟେ ଥରହର । କମ୍ପୁଥାଉ ।୬୪। (୧୪୧-୧୪୨) । ବପି ସଖୀଙ୍କ ମେଳେ କେ କା'ରେ ଭୟ କରେ ବୋଲି ତୁ କଥା ହେବାକାଳେ । ଭ୍ରୂ ତରଳ କମଠେ କର୍ମ-ଶର ଶରଟେ ସ୍ପର୍ଶ-ସଙ୍କୁ-ଚତା ଲତାରେ । କା କା ଭୟ । ବୋଲି କେ କେ ବା ଭଣୁଥିଲେ । ତୁ ଭଣିଥିଲୁ ମୋର ତୁଲେ । ବିରହଁ ଭୟ ତୋର ତେଣୁ ତୋତେ ମୁଁ ଦୂର ନ କର ରଖିଥିବ ଉରେ । "ଉରୁଶୋଭି" ।୬୫। (୧୪୩-୧୪୪) । କଥା-ଛଳେ ଏମନ୍ତ ବର ବିତର ସତ୍ୟବନ୍ତ କାନ୍ତ ଭଣନ୍ତି, 'ସଖି । ବିରହ ଅବସ୍ଥାରେ ସ୍ୱପ୍ନେ ତୁମ୍ଭ ଯୁଗଳେ ଭେଟୁଥାଇ ଥିଲି ଜୀବ ରଖି । ଏବେ ମୋର । ଭାଗ ନଶାକୁ ଦିଅ ବତେ । ଏତେ ଭଣି କ କୋପଚତୁରେ । ହେଲେହେଁ ନଶା-ଶେଷ ନ ଅଛୁଅଛି ଲେଶ-ମାତର ନିଦ୍ରା ଅମୁ ନେତ୍ରେ । ନତଗାତ୍ରି' । ୬୬ । (୧୪୫) । ଅତି ଆନନ୍ଦେ କାନ୍ତ କହୁ କହୁ ଏମନ୍ତ ହୁଅନ୍ତେ ଅପି ନିଶି ଶେଷ । ପ୍ରାତଃପକ୍ଷୀ ମଧୁର ଅସ୍ପଷ୍ଟ ପିକ-ଗିର ଶ୍ରବଣେ ଢାଳିଲା ପୀୟୂଷ । ସଂସାରର । ରଜନୀ ଉଜାଗର ବଶେ । କୁମୁଦବତ ନିଦ୍ରାଳସେ । ବଦର୍ଦ୍ଧ-

Digitized by srujanika@gmail.com

ମସ୍ତିଷ୍ଟୁତ-ସୂତା-ନେଜ କଣ୍ଠିତ ହେଲ୍ଲ ମୁଦ୍ରିତ ଅବଶେଷେଁ। ସୁଧୀବାର ।୭୬। (୧୪୬) । ଆଲିଙ୍ଗନ-ପୁଟରେ ପୀଡଣ ପରସ୍ପରେ ସେ ଦୁଇ ହେଲେହେଁ ନିଦ୍ରିତ । ସ୍ୱପ୍ନେ ଏକ ଅନର ଦେଖୁଥିଲେ ସକଳ କାର୍ଯ୍ୟ ନ ତେଜ ଲେଶମାନ । ସାଧୁଜନେ । ଉରୁ ଉରୁର ଓଷ୍ଠ ଗୃହ- । ମଧ୍ୟେ ସୂକ୍ଷ୍ମ ଗଳବାଭଳ । ଅବକାଶ ନ ଥିଲ୍ଲ ଏକାନ୍ତ କାନ୍ତା ସ୍ନିଗ୍ଧ ଵକ୍ଷର ଚଭ୍ରେ ହେତୁ କର । ସାଧୁଜନେ ।୭୮। (୧୪୭) । ଶୟନେ ଯେବେ ଜନ-କ୍ଵର ଶ୍ୱାସ-ପବନ ଗତାଗତ-ଛଳରେ ଘେନ । ଜଣାଇଁ ରତଶ୍ରମ ଏ ଦୁହେଁ ଏକପ୍ରାଣ ବୋଲି କ ସ୍ପଷ୍ଟେ ପ୍ରକାଶନ । କରୁଥାଇ । ବାର୍ତ୍ତା-କ୍ରଚର ଚନ୍ଦ୍ରପନ୍ତ । ବର ହୃଦୟେ ହୋଇ ଚନ୍ଦ । ଯେବେ ହୃଦୟ ଏକ ବୋଲି କ ଚନ୍ଦ ଠିକ ପ୍ରକଟାଏ ଦମ୍ପତ-ଖ୍ୟାତ । ସାଧୁଜନେ ।୭୯। (୧୪୮) । "ଶଙ୍କର ଶକ୍ତି ସିଦ୍ଧି" ଗ୍ରନ୍ଥ ରଚନେ ବୁଦ୍ଧି କୁଣ୍ଠିତ କଣ୍ଠିତ ଯା ନୋହୁ । ମାମଲ୍ଲଦେବୀ-ସ୍ୱାର-ସୁତ ସେ ଶ୍ରୀହର୍ଷର ପଦପଙ୍କଜ ହୃଦେ ଧ୍ୟାୟି । ଧୀରବର୍ଗେ । ବରତେ ଗୋପୀନାଥ ଗୀତ । ଯେ ମା'ର ପତ ବାସ ପୀତ । ଯା'ର, ଯାହାକୁ ସ୍ମର କର ତରଲ୍ଲ କସ୍ତ ଅରଧାର ତା ସାହା ମାନ । ଧୀରବାର ।୮୦। (୧୪୯) ।

ଊନବିଂଶ ଛାନ୍ଦ ।

ରାଗ—କଲ୍ୟାଣ ।

ନିଶା ଶେଷ ଦଶା ଲବ୍ଧ ରସାଳସା- କୋଳ-ବିଳାସୀ ନଇଷଧ- ।
ଦେଶର କୁସୁମା- ସୁଧ-ବତ ନଳ- ନୃପେ କରବାକୁ ପ୍ରବୋଧ ।
ମାଗଧେ । ଶ୍ରୁତ-ମଧୁ-ପଦ-ରଚନ ।
ଗୁଭୁସ୍ୱ-ରଚିତ-ସୁରସ-ଗର୍ଭିତ-ସଙ୍ଗୀତ-ଗାନେ ଦେଲେ ମନ । ୧ ।

"ଜୟ ହେ ନରେଶ ଈଷତଅଳସପକ୍ଷ୍ମ-ଚକ୍ଷୁଦାନେ ବର୍ଦ୍ଧିର । କର ସାର୍ଥ ପ୍ରାତ-ସୁଷମା-ସମାଜେ ମୁଖ ପ୍ରେୟସୀ-ବାଳୀଶର । ହେଉ ହେ । ତୁମ୍ଭର ପ୍ରାତଅନୁକୂଳ । ପ୍ରିୟ-ବଦନ-କମଳୁଁ ବଳ ମାଙ୍ଗଳକ ନାହିଁ ଯେଣୁ ଭୂତଳ । ୨ । ଅଂଶୁ-ଅଂଶୁକ କ୍ରମଶେ ପରହର ରଜନୀକାନ୍ତ ଏକାନ୍ତରେ । ବରୁଣ-ପ୍ରେୟସୀ ଅବାଟରେ ବଶୀ-ଭୂତ ହେବା ଗୁହିଁ ଅନ୍ତରେ । ମନ୍ଦାକ୍ଷ । ବନ୍ଧ କରୁଁ ସ୍ମିତ ଈଷତ । ପ୍ରାଚୀ-ବଦନ ଦିଶେ ଏବେ ସେ ହାସେ ବଶଦ ଲଜ୍ଜେ ଅଳୋହିତ । ୩ । ନ ଦିଶନ୍ତ ଆଉ ପୂର୍ବ-ଦୃଷ୍ଟ ତାରବାର, ସୂର୍ଯ୍ୟକର ପ୍ରସର । କ୍ରମେ ଅମ୍ବରକୁ ଅବର ଅସ୍ପଷ୍ଟ ଯୁଝି ଯୁଝି ନିଶା-ତମିର । ସନ୍ଧ୍ୟତ । ହତତେଜା ଏ ଦ୍ୱିଜରାଜ । ଭରଣ ଭଣାରୁ ଜଣାଉଛି କି ମୁଁ

Digitized by srujanika@gmail.com

ହେଲଣି ବୋଲି ସ୍ଥାନତେଜ’ । ୪ । ଅଳତାବୋଳ୍ଗୁ ବଳଣ ରମଣୀସ୍ତ ନବସବତା-
କରବାର ।-ସଞ୍ଚାରେ ଅନ୍ଧାର ଢଣଇ ମସ୍ରଳ-ଚଞ୍ଚୁ-ବିସର୍ପିତ-ଜମ୍ବାଳ ।-ସଦୃଶ ।
ନବ-ଉଦ୍ଗତ-ଦବାପତ ।-ରକତ-କର-ପରଶୁଁ ଝଳ ନୀଳ ଅଳଏ ଧୂମଳ ଦିଶନ୍ତ ।୫।
ତମିର-କରଣୀ-ଫୁତ୍କାର-ତୁଷାର-ଶିକର କୁଶାଙ୍କୁର-ଶିରେ । ଲାଗି ସ୍ଥୂଳ ହେଉ
ତା ଦରଶକ-ମାନସେ ଭାବ ଜାତ କରେ । କିବା ଏ । କୁଶଳ-ଶିଳ୍ପୀ-ସୂଚିମୁନେ ।
ଅର୍ଦ୍ଧବିଦ୍ଧା ମୁକ୍ତା ରହ ବିରାଜୁଛି ନବରବି-କର-ପତନେ । ୬ । ରବିକର-ରୂପ
ମନ୍ତ୍ରଙ୍କ ପ୍ରଣବେ ବିନ୍ଦୁ ସଂଯୋଜିବା-ପାଇଁକି । ଗୋଟି ଗୋଟି କରି ଅକାଶୁଁ ନକ୍ଷତ୍ର
କେ ନେଉଅଛି ଗୋଟାଇ କି । ସେ ମନ୍ତ୍ରେ । ଉଦାତ୍ତ ସ୍ୱର ଦେବାପାଇଁ । ଅଂଶୁକୁ
ସମ୍ମୁଖେ ଦ୍ୱରଲାଣି ଶଶି-ମଣ୍ଡଳୁ ଅଂଶେକ ନ ଥୋଇ । ୭ । ନିଶାନାଶ ଦେଖି କୁମୁଦ
ସଙ୍କୋଚୁଁ ଅଚ୍ଛାଦନ୍ତେ ନଳିନୟୁନେ । ତାସ୍ୱପତିଦ୍ୱିତ ବିନାଶ ଲଭନ୍ତେ ଯଥା ଦଶାନନ-
ନନ୍ଦନେ । ସମରେ । କେଶଧୃତା ମାୟୀ ଜାନକୀ । ହତା ତଥା ତମକେଶେ ଧରି
ସୂର୍ଯ୍ୟ ନେଲେ ରଜନୀ-ଜୀବନ କି ? । ୮ । ଦେବ-ଦମ୍ପତି-କେଳିତଳ୍ପ ଅମ୍ବରେ
ରମଣ-ସଂଘର୍ଷ-ବିଚ୍ଛିନ୍ନ ।-ହାର-ଗଳିତ-କୁସୁମବତ ଦିଶୁ ଅଛନ୍ତି ନକ୍ଷତ୍ରେ ଶୋଭନ ।
କୋମଳ ।-କର-ନିକର-ତୂଳାପୂର୍ଣ୍ଣ । ବର୍ତ୍ତୁଳ କପୋଳ-ଉପାଧାନବତ ଦିଶେ ପୂର୍ଣ୍ଣ-
ଚନ୍ଦ୍ର ଯତନ । ୯ । ବେଦ ଚତୁରର ଶାଖା ପରକାର ସୂର୍ଯ୍ୟର ଅସଂଖ୍ୟ କିରଣ ।
ନିରନ୍ତର୍ଯଙ୍କେ ଅର୍ପିଣ ହୋଇଲାଣି ଏ ସକଳ ସ୍ଥଳ ଭୂଷଣ । ଯେଣୁଟି । ବେଦ ସ୍ୱର
ଚରଣାତ୍ମକ । ତେଣୁ ତା ପ୍ରକାଶେ ବେଦପାଠୀ-ଅଧ୍ୟେ ହେଲା ବେଦଧ୍ୱନି
ପ୍ରକାଶ । ୧୦ । ଅକାରଣ-ବନ୍ଧୁ ପଙ୍କଜର ସୂର୍ଯ୍ୟ କି କାରଣେ ସୁରପତିର । ବହୁଭି-
ଜଗତ ପରେ କରି ସ୍ଥିତ ପ୍ରସାର କରକୁ ତମିର ।-ଅଗ୍ନିତ ।-ତାଦୃଣେ ଅବାଚୀ
ଦିଶରେ । କଲେଣି ସାର୍ଥ ନିଜର କାର୍ତ୍ତସ୍ୱର-ପର୍ବତ-ଭ୍ରମଣ ଚପଳେ ।୧୧। ଅନ୍ଧକାର-
କାକ-ବିନାଶନେ ଅକପଟ-କର-ଶର ବରଷି । ଗଗନ-ବିପିନ-ପ୍ରାନ୍ତରୁ ଅନ୍ତକ-ଜନକ
ଅସନ୍ତେ ପ୍ରକାଶି । ଅଖେଟ । ଜାଣି ଅଙ୍କ-ମୃଗ-ଶଙ୍କାରେ । ଶଶି ପଶ୍ଚିମ ଅଦ୍ରିଲାଣି
ଗଲେଣି ଉଡ଼ି କପୋତ-ତାସ୍ୱବାରେ । ୧୨ । ଦେବ-ଦମ୍ପତି-ରତିମର୍ଦ୍ଦ-ବିଚ୍ୟୁତ-
ହାରସ୍ରୁତ-ମୁକ୍ତାପଙ୍କତି- । ବତ ନନ୍ଦନତଟରେ ବ୍ୟୋମାଙ୍ଗଣ ଦିକାଶୁଥିଲା ନକ୍ତେ
ଜ୍ୟୋତି । ବିବାରେ । ଦେଉଁ ଓଳାଇ ଦିବ କରେ । ସ୍ୱଭାବ ସିଦ୍ଧ-ନୀଳିମା-ବଶେ
ନଭ ବହିଲା ଅପର ଶୋଭାରେ । ୧୩ । ତାରକା-ଅକ୍ଷତ-ତଣ୍ଡୁଳ ତାମସ-ଦୁର୍ବାରେ
ଅର୍ଘ ନିର୍ଦ୍ଧା କରି । ଅଭିନନ୍ଦ ନବରବିକରେ ନଭ ତାର ପ୍ରାତସ୍ୱଶ ବଗୁରି । ବାଢ଼ିଛି ।
କିବା ଅପଣାର ସତ୍ତ୍ୱତ । ନିଶିଥସଂଜାତ-ହିମ-କଣା-ବ୍ରାତ-ବ୍ୟାଜେ ଶକ୍ତୁ ନୀର
ସିଞ୍ଚିତ । ୧୪ । ନିର୍ଜୀବ ହେଲେହେଁ ଅନ୍ଧାର କି ହେଲା ତାକୁ ତ ନାଶିଛି ଭାସ୍କର ।
କଣ୍ଠେଲୋଳ ମୃତ-ସଞ୍ଜୀବନୀ-ମନ୍ତ୍ର ଉଚ୍ଚାରି ଜୀବଦାନେ ତା’ର । ଅପୂର୍ବ । ସୁରୁ କି ମତ

Digitized by srujanika@gmail.com

ନ କରନ୍ତେ । ପ୍ରାତଃ-ସନ୍ଧ୍ୟା-ମୌନଭଙ୍ଗଭୟ ଯେବେ ନ ଛୁଇଁଥାନ୍ତା ତାଙ୍କ ଚିତ୍ତେ ; ୧୫ । ନିଶା-ଦିବସ-ସମର-ଦର୍ଶନେ ପୂର୍ବାଦ୍ରିସାନୁରେ ସବିତା । କର-ପରଶ-ଗଳିତ-ଶିଳାଜତୁ-ସ୍ରୋତେ ଯାନ୍ତି ଦିଶେ ଚର୍ଚ୍ଚିତା । ତା ଦେଖି । ଚିତ୍ତକୁ ଆସଇ ଏମନ୍ତ । ଅଗ୍ରଜ-ବନ୍ଦନେ ଆଗତ-ସୁପର୍ଣ୍ଣ-ବର୍ଣ୍ଣେ ଦିଶେ କି ସେ ତେମନ୍ତ ।୧୬। ପକ୍ଷୀ-ଗୃହ ନମୃତ-ବଇରୀ ଚମୁ-ବିହାରିଣୀ ତୁରଗୀ । ଚତୁର-ବଦନ-ଜନକାର ଜୀବନଧବ-ଯାନେ ସଙ୍ଗୀ । ତୁରଙ୍ଗେ । ଗୃହଁ ବଳାଉଛନ୍ତି ମତ୍ତ । ସଙ୍ଗ ଇଛି ଅନଙ୍ଗାବୃତ-ହୃଦୟା ରଥାଙ୍ଗୀ ବାଞ୍ଛୁଛି ପତିକି । ୧୭ । ନିଶା-ଅନଶନ-କ୍ଷୁଧା-ବାଧା-ନାଶେ ଦୁଗ୍ଧପାନ ବାଞ୍ଛି କିଶୋରେ । ପୁଚ୍ଛ ଗୃଳ ହ୍ରେଷୁଛନ୍ତି-ଖ୍ୟାତମନ୍ତ ତୁରଙ୍ଗ; ନିକର ଏକାଳେ । କିଙ୍କିଣି । ବଜାଇ ଶଯ୍ୟନୁଁ ଉଠଣ । ମନ୍ଦୁଜ-ପାଷାଣ-ଲେହନ-ଆଶାରେ ଜିହ୍ୱା ଗୃଳନ୍ତି ପୁଣ ପୁଣ । ୧୮ । ପତି-ଅଧୋଗତି ଦେଖିବା ଆଗରୁ ନିଶା ନକ୍ଷତ୍ର ବେନି ଗଲେ । ସେ ତ ତାଙ୍କର ଉଚିତ କିନ୍ତୁ ଚନ୍ଦ୍ର ସେ ବିଚ୍ଛେଦ କେହ ସହିଲେ । ଯାହାଙ୍କ । ଛୁଟି ତାଙ୍କ ଫାଟି ନ ଗଲା । ଶିଳା ପରି ତ ସେ ମଳିନ ଦିଶଇ ହୋଇବା ଥିବ ସେହି ଶଳା । ୧୯ । ପୂଷାନଳେ ତାର-ଲଜା ଦେଇ ପ୍ରାତଃ-ସନ୍ଧ୍ୟା-କୁସ୍ମେ ପରିଣୀତା । ଅତଏବେ ଏବେ କନ୍ୟାପରି ଆପେ ଅଗ୍ନି ଭ୍ରାନ୍ତି ବର ସବିତା । କେ ଅବା । କଉତୁକରେ ତାଙ୍କ କର-। ଶୋଭା-ଦରଶନେ ଲୋକେ ନୋହି ରହିଅଛି ଏ ସଂସାର ଭିତର । ୨୦ । ବନ୍ଦି-ପ୍ରଧାନଯଣୁଁ ପ୍ରିୟବାଦିତା-ଭର ବହନ୍ତୁଁ ଅମ୍ଭେ ଯେଣୁ । ତୁମ୍ଭ ବେଳମଧ୍ୟୁଁ କା'ର କୋପପାତ୍ର ହେଲେ ହୋଇବୁଁ ପଛେ ତେଣୁ । ଧରମ ।—ଧ୍ୱଂସୀ-କେଳଳୀଳା-ବିରୋଧ । ବିଧି କହିବୁଁ ଯା ପଛେ ସ୍ୱଚ୍ଛଚିତ୍ତେ ଭାଳିବ ବୋଲି ମହାଯେଦ୍ଧି । ୨୧ । ହେ ଧାର୍ମିକବର ରାଜରାଜେଶ୍ୱର ପରିହର ପ୍ରିୟାସଙ୍ଗତି । ପ୍ରାତବନ୍ଦନେ କି ସନ୍ଧ୍ୟାଉପାସନେ ଶ୍ରଦ୍ଧା ଜନମୁଁ ନାହିଁ ମତି । ଜନମି । ପ୍ରାଚୀଗର୍ଭରୁ ରବି ଦିନ । କରିବେ ଏକ୍ଷଣି ପରି ବିଜ୍ଞାରଣି ଥିବେ ଅଉ ସେ କେତେକ୍ଷଣ ? ।୨୨। ହେ ବୈଦର୍ଭୀ ! କାମକଳାର ବସତି ! ହରିଲ ପତିମତି ତଥା । ବୈଧକାର୍ଯ୍ୟରେ ଶିଥିଳତା ଜଣା ନୋହୁଛି ତାଙ୍କୁ ଯଥା । ପ୍ରଭାତ ।—ସନ୍ଧ୍ୟା-ନକ୍ଷତ୍ରଳତା ମାନସେ । ନ ଘେନନ୍ତି, ଉଷ୍ଣପତିଙ୍କ ବନ୍ଦନା ପାଇଁ ଅଗ୍ରହ ନାହିଁ ଲେଶେ । ୨୩ । ଗୁଣେ ବଳ ଭୂମଣ୍ଡଳରେ ତ ବାଜୀ ନାହାନ୍ତି ତୁମ୍ଭଙ୍କୁ ହେ ସତ୍ତ । ପତି-ନିତ୍ୟକ୍ରିୟା-ନିପାତ-ପାତକେ ହେତୁ ନୋହିଲେ ହେ ଜଗତ ।—ବାସିଏ । ସେ ତ ପରିନିନ୍ଦା-ନିପୁଣ । ଅତିବଶତାରୁ ବାଛିବେ ନରେଶେ କାମୁକୀ-ପ୍ରିୟ ବୋଲି ଖୁଣ । ୨୪ । ଅଳ୍ପପ୍ରକଟ-ରଶ୍ମିରେ ନଭପଟ୍ଟ ବିରାଜଇଣି ଶୋଭିଦେବା । ସରସ୍ୱାନୁଁ ଭାନୁ—ପୂର୍ଣ୍ଣ-ସ୍ୱର୍ଣ୍ଣକୁମ୍ଭ ବିଲୋକ ଯିବା ଛନ୍ତି ଭବ । କୈରବୁଁ । କମଳେ ଏକାଳେ ହେ ବୀର । ବରବର୍ଣ୍ଣନା-ବନିତାର ଭୂର୍ଣ୍ଣବ-ସଙ୍ଗ ନିମିଷେ ପରିହର । ୨୫ । ପୂର୍ବାଗତ ରବି-

Digitized by srujanika@gmail.com

କବଦ୍ରାତ ବିପଥରେ ପୂର୍ବେ ତୁମ୍ଭଙ୍କୁ ପରେ । ଦେଖ ଉଭୟର ସମୃଦ୍ଧି-ସୌନ୍ଦର୍ଯ୍ୟ ବାରବେ ଉଚ୍ଚନୀଚତାରେ । ଯେଣୁ ଯେ । ସେ ବିଷୟେ ଅତି କୁଶଳ । ଏଣୁ ମହାରାଜ ! ତଳପ ବରଜ ବିଳମ୍ବ ନ କରିବ ତଳ । ୨୬ । ବଳବନ୍ତପଣୁ ଭ୍ରମରେ ଈଷତ-ବିକଶିତ ତାମରସରେ । ବଳେ ଠେଲି ପେଲି ପଶିଣ ସୁସ୍ୱାଦୁ ମଧୁକୁ ଅଣି ଚିଭ୍ରମରେ । ନାଗର । ପ୍ରେୟସୀମାନଙ୍କୁ ସାଦରେ । ପ୍ରଭାତେ ନବାନ୍ନ-ଭୋଜନ କରାଇ ଭୁଞ୍ଜନ୍ତି ଅଧରଣ ମୋଦରେ । ୨୭ । ପ୍ରାତେ ଏକଦଳେ ବିକଶୁଁ କମଳ ଦେଖି ଚନ୍ଦ୍ର ଏତେ ଅଯଇ । ନବରବିକର ଭୁଞ୍ଜିବା ପାଇଁକି କମଳିନୀ ହୋଇ ଅଶାୟୀ । ତଳକୁ । କର କନିଷ୍ଠ ଅଙ୍ଗୁଳିକି । କର କୋରକିତ କରନ୍ତି ସଭିଳେ ବିରଚନାପାଇଁ କୃକକ । ୨୮ । ଶିର-ତରୁବାସୀ-ବିହଙ୍ଗ-ବିରୁତେ ତେଜନ୍ତେ ନିଦ୍ରା ସବେଶିଜନୀ । ମଧୁକର-ନିକୁରମ୍ବ ଅବଲମ୍ବେ ମିଳି ସେ ସମୟକୁ ଜାଣି । ପ୍ରେୟସୀ ।—ଅଧରୁ ଲବ୍ଧ ମଧୁରସେ । ରସାଇ ଅରବିନ୍ଦର ମକରନ୍ଦ ଅନନ୍ଦେ ପିବନ୍ତି ସନ୍ତୋଷେ । ୨୯ । ଗତଦିବସ ହୁଅନ୍ତେ ଗତାୟୁଷ ତା ବିଲୋକି ଦସ୍ୟୁ-ଉଦୟ ।—ବିଶୁଁ ତାମରସ ମୁଦ୍ରିତ ହେବାରୁ ତା ଅନ୍ତରେ ଅଳି-ନିଚୟ । ଅବଦ୍ଧ । ହୋଇ ଯାପିଥିଲେ ରଜନୀ । ପ୍ରାତେ ବିକଶୁଁ ପଦ୍ମ ସେ ତଣ୍ଡୁ ଅପି ସଦଳେ ମଧୁ ଭକ୍ଷିଲେଣି । ୩୦ । ତାମସନାଶେ ତେଜସ୍ୱୀନ ବାସରେ ସବିତାର କ୍ଷୀଣ ଦିଶିଲେ । ଦିଶେ ପାଣ୍ଡୁର କେ ସବିଯୀ ବା ଶ୍ୱେତ ନ ଦିଶେ ଶୁଭ୍ର-ପଦ୍ମ ଜାଳେ । ଅକାଶ । ସ୍ୱଶରଣ୍ୟ-ତମ-ବିନାଶି । ରଶ୍ମିକି ଅଦରେ ହୃଦେ ଧରି ନିଜ ନିନ୍ଦାରେ ଗଲା ମୀଳି ଦିଶି । ୩୧ । ନିଜବନ୍ଧୁର ଅଭ୍ୟୁଦୟ ଦର୍ଶନେ ନ ହସିବ କିପାଁ କମଳ ।° କୁମୁଦିନୀର ତ ଲୁଚିବା ସୁନ୍ଦର ଦେଖି ସ୍ୱପକ୍ଷ-କ୍ଷୟକାଳ । କମଳ । ଦିଜ ନିଦ୍ରା କିବା ପ୍ରଦାନି । ହିମାଳୟତୁଲ କୁମୁଦବନର ବିଶଦହାସ ଅଛି ଘେନି । ୩୨ । କୁମୁଦ-ମଧୁରେ ଉଦର ପୂରାଇ ଛନ୍ତି ତ ରାତ୍ରରେ ଭ୍ରମରେ । ପିଇଲେ ପିଅନ୍ତୁ ଅବା ନ ପିଅନ୍ତୁ ଏବେ ସେ ମଧୁ କମଳରେ । କେବଳ । ଯାପିଛି ନିଶା କୋକ ଶୋକେ । ସେ ଏବେ ପ୍ରେୟସୀ-ମୁଖ-ତାମରସ-ମଧୁ ପିଉଛି ମନତୋଷେ । ୩୩ । ବିଶ୍ୱରେ କୋକଦମ୍ପତି ବିଷ୍ଣୁ-ନାଗ-ପୁଂସେ କାମଶାସ୍ତ୍ରେ ପଣ୍ଡିତ । ରାତ୍ରେ ବିରହ ଲଭି ପ୍ରାତେ ନୂତନବତ ସେ ଭୋଗୁଥାନ୍ତି ରତ । ବିଶ୍ୱର । ସୁଧାପାୟୀ-ଶ୍ରେଷ୍ଠ ଇଶ୍ୱର । ସଦା ସୁଧାପାନେ ଅରୁଚି ହୁଅନ୍ତେ ବିଷ କରଛନ୍ତି ଆହାର । ୩୪ । ପ୍ରାତେ ବିଯୋଗଦଗ୍ଧା ନିଶା-ବିଧାନ ଶଶିକି ଅଶସ୍ତ୍ର କଲାଣି । ଚକୋରଚତ୍ର-ସନ୍ତାପ ସୂର୍ଯ୍ୟକାନ୍ତ-ଶିଳେ ଶରଣ ପଶିଲାଣି । ରଥାଙ୍ଗ । ବିରହେ ନିତାନ୍ତ କାତର । ପ୍ରେୟସୀକି ନାମଧରି ବାରମ୍ବାର ଅଗ୍ରହେ ଡାକିଲାଣି ପର । ୩୫ । ନିମୀଳିତ ହେଉ କଳକାନନ୍ଦିନ ସୂର୍ଯ୍ୟେ କୁମୁଦିନୀ ନ ଦେଖେ । ଏଣୁ ଲୋକେ ତାକୁ ଦୁଷ୍ଟା ଘା

Digitized by srujanika@gmail.com

ବୋଲନ୍ତ ତା ଉଦ୍ଭେ ନ ଅସର ରେଖେ । କବଏ । ଯାଁକୁ ରାଜପତ୍ନୀ ବୋଲନ୍ତ । ସେ ଅସୂର୍ଯ୍ୟମ୍ପଶ୍ୟା ହେବାର ଉଚିତ କଥାତ ବର୍ତ୍ତୁଇ ମତ । ୩୬ । ପାନ ପାଇଁ ଜବାଞ୍ଜଳରେ କରନ୍ତେ ତାମସ-ସାଗରେ ଭାସ୍କର । ଅଙ୍ଗୁଳି-ଜଳାଗଳିତ-ଜଳବିନ୍ଦୁ ଭଳି ଅଳପାଳି ସୁନ୍ଦର । କମଳ ।—ମଧୁଲୁବ୍ଧନ୍ତେ ବେଢ଼ପାଶେ । ସେ ଜଳଧର ପଙ୍କଭଳି ଏ ଅଳି ବୋଲି ଭାଳେ ପୁଣି ମାନସେ । ୩୭ । କୁଙ୍କୁମ-ଧୂମ-ମାଳବତ ରକ୍ତିମ ସୁଷମ ରବିକର ସର ।—ଶିରେ ପଡ଼ଇ ତାଁ ପରେ ମକରନ୍ଦ-ଗନ୍ଧାନନ୍ଦୀ ମିଳନ୍ଦ ମେଳ । ସବିତା ।—କରେ ମିଳନ୍ଦ-ମାଳ ମେଳ । ଯାଉଛି-ଅସିତ-ମସ୍ତକ ଲୋହିତ-ଗାଈ ଗୁଞ୍ଜମାଳକ ବଳ । ୩୮ । ନବରବିକର-ସମ୍ପାତେ ସରସୀ ରକ୍ତବର୍ଣ୍ଣ ଦିଶୁଅଛି । ଉପରପତିତ-ମଧୁକରବ୍ରାତ-ସଂଯୋଗେ ନୀଳିମା ବହୁଛି । ବିକାଶ ।—ଉନ୍ମୁଖ ପଦ୍ମେ ମଧ୍ୟଦେଶ । ଶୁଭ୍ର ଦିଶିବାରୁ ତ୍ରିବର୍ଣ୍ଣ-ରଞ୍ଜିତ ସରସୀ ଶୋଭିତ ବିଶେଷ । ୩୯ । ପଦ୍ମ ମାନଙ୍କର ଶୁଭ-ସମ୍ପାଦନେ ସୂର୍ଯ୍ୟର ଆଶ୍ଚର୍ଯ୍ୟ ଅଗ୍ରହ । ଯେ ନେତ୍ର-ଶୋଭା-ପ୍ରକାଶ-ପାଇଁ ପଦ୍ମେ ତୁଚ୍ଛଥାନ୍ତ କବି-ନରସ୍ତ । ଜନ୍ମାଏ । ସେ ନେତ୍ରମାନଙ୍କ ସେ ମୋଦ । ପଦ୍ମେ ଅତୁଳିତ ସେଚକାଦ ନେତ୍ରମାନଙ୍କୁ ହୁଏ ସେ ପ୍ରମାଦ ।୪୦। ଅତେବ ସଦା-ଯାଜୀ ଯେଣୁ ଅଛି ଅର୍ଚ୍ଚି ଅର୍ଯ୍ୟମାରେ ଅତି ଭକତ । ତେଣୁ ତାଙ୍କର ଉଦୟ ସମୟକୁ ଉପାସନାରେ ଦିଅ ମତ । ପ୍ରଭାତେ । ସୂର୍ଯ୍ୟେ ଦିଅ ଜଳ ଅଞ୍ଜଳି । ମନ୍ଦେହଦୈତ୍ୟମାନଙ୍କ ପାଇଁ ହୁଏ ସଲିଳମନ୍ତ୍ର-ବଜ୍ରଭଳି । ୪୧ । ଉଦୟଗିରି-ସମଦ୍ଭୂତମ ଆଦିତ୍ୟମଣ୍ଡଳ ଅପୂର୍ବ ଖଣି । ନୂତନ ଲୋହିତ କିରଣ-ନିକର ତହିଁ ମାଣିକ୍ୟ ମଣି ପୁଣି । ସେ ଖଣି ।—ମୁଖରୁ ତାମସ-ପାଷାଣ । କେ ଅସି ଅତରକିତେ ଖସାଇଲା ଜଣା ନ ପଡ଼ଇ ପ୍ରମାଣ । ୪୨ । କର୍ଣ୍ଣ-କର୍ଣ୍ଣୁ ନେଇ ବାସବ କୁଣ୍ଡଳ ପ୍ରିୟା ପ୍ରାଚୀକି ଦେଇଥିଲେ । ସନ୍ଧ୍ୟାରେ ଉଦିତ ପୂର୍ବଁ ପୂର୍ଣ୍ଣିଚନ୍ଦ୍ରେ ତହିଁରୁ ଏକ ବୋଲି ଭାବେ । ନୂତନ ।-କିରଣ-କନକବରଷି । ଉଦିତ-ସବିତା-ମଣ୍ଡଳ କି ଆନ ବୋଲି ମନେ ଯାଏ ଅଭିଷି । ୪୩ । ଗତଦିବସ-ଅବସାନ ସମୟେ ପତି ସୂର୍ଯ୍ୟର ରକ୍ତଦୀପ୍ତି । ଅନଳେ ଝାସି ଅଧୋପୁରୁ ପଡ଼ିକି ଉଦ୍ଧାର ଲଭି ମହାତୃପ୍ତି । ଅଜକୁ । ପ୍ରବନ୍ଧରେ ଇନ୍ଦ୍ରଭୁବନ । ଲଭି ପଡ଼ିତୁଲେ ଗତୁଁ ଅଧିକରେ କାନ୍ତି ବନ୍ଧ ବିଶେ ଶୋଭନ । ୪୪ । ହରିତକୃଷ୍ଣାଦି-ବର୍ଣ୍ଣି ଆହାରରୁ ସନ୍ତାନେ ହୁଅନ୍ତି ଅସିତ । ସତ ଏ କଥା ଯେଣୁ ଶୁଭ୍ର ସବିତା ଗ୍ରାସି ତିମିର-ନମବ୍ରାତ । ଲଭିଛି । ଯେଉଁ ସୁତା-ସୁତ ଯୁଗଳ । ସେ ଯମ ଯମୁନା ଶନିକ ସନ୍ତତ ହାରେ ପଶ୍ଚ ଦଳା-କଜ୍ଜ୍ୱଳ । ୪୫ । ପ୍ରତି କ୍ଷଣଶେଷେ ଦିବାରୂପକାଳ ଭାସ୍କର ନିତ ନିତ କରୁ । ଚିରଦିନୁଁ ରହି ରହି ସେ ଅଭ୍ୟାସ ସ୍ୱଭାବେ ଗଲାଣି ବଦଳି । ତେଣୁଟି । ଯମୁନାଦିଙ୍କ ଜନ୍ମବେଳେ । କାଳ କରିବାର ଅଭ୍ୟାସ ଥିବାରୁ ସେମାନେ କାଳ ହୋଇଗଲେ । ୪୬ । ସ୍ୱଭାବସ୍ଥ ଲଭ-

Digitized by srujanika@gmail.com

ସୌନ୍ଦର୍ଯ୍ୟ ଯା' ଯାନ ଶୋଭିତ ଯା ଚରିତ ସାଧୁ । କୋକଯାଇଁକ ଯେ ଦୟାର-ସାଗର ଯେ ଲୋକ-ଲୋଚନର ବନ୍ଧୁ । ସେ ସୂର୍ଯ୍ୟ । ଲୋକରକ୍ଷା ପାଇଁ ଅନ୍ତକ । ଶନି ଜାତକଲେ ବୋଲି ତାଙ୍କୁ ହୁଅିବା ଦୁର୍ଜ୍ଜନ ଅମୃ ଦକ ।୪୭। ଶୀତାର୍ତ୍ତେ ତାପ ସନ୍ତାପେ ତପ୍ତ ପାଇଁ ଅପ ଅଯଣା କରେ ସର୍ଜ୍ଜି । ଜଳେ ବିକଳ ପ୍ରଣୀଙ୍କ ପାଇଁ ପୁଣି ତାପ ହରର ଦୁଃଖ ନାଶ୍ଚି । ନାପିଙ୍କ । ପାଇଁ ଯେ ଶିଶିର ଉଆନ୍ତ । ଲୋକ-ହିତକର କର୍ତ୍ତବ୍ୟ ଯାହାଙ୍କ ଉଦ୍ଧଲେକ୍ଷୀ ସେ ଦିନପତି ।୪୮। ଗ୍ରହହରତର ଅଙ୍କରେ କମ୍ପିତ ହେଲେହେଁ ନ ରହି ତାମସ । ଯେ ଏମ୍ଭଳେ ନାଶ କରନ୍ତି ସେ ରହିକର ହୋଇଲେହେଁ ପ୍ରକାଶ । ପାଦପ ।—ଅଶ୍ରେୟ ଥିବା ଛାଯାତଳେ । ତମେ ସେ ନାଶି ନ ପାରିବାର ଦେଖି ବିସ୍ମୟ ନୁହେ କେ ମନରେ ।୪୯। ଜଗତର ତମ ତାମରସ-ମୂର୍ଚ୍ଛା-ଚକ୍ରଦ୍ୱାକାସ୍ର ପିତା ସୂର ।—ଠାରୁ ଅଶ୍ୱିନୀକୁମାରେ ଶିକ୍ଷି ବୈଦ୍ୟବିଦ୍ୟା ବୋଲାନ୍ତି ବୈଦ୍ୟବର । ସ୍ୱର୍ଗରେ । ଅନ୍ତକ ତ ପ୍ରାଣୀଅନ୍ତକ । ତା ପିତା କଇରବର ଅପମୃତ୍ୟୁ-କାରଣ ହେବା କି ଅଠିକ ।୫୦। ପତିବିରହିଣୀ ପଦ୍ମିନୀଙ୍କ ପୀଡ଼ା ଦେଇଥିଲେ ତୁଷାନ-କର । ସେକାଳେ ସ୍ୱାମୀ-ସୁହାଗୀ କମୁଦିନୀ ହସିଥିଲ ତାକୁ ଅପାର । ତେଣୁ ହି । ପକ୍ୱ ବଦର ପତ୍ରକାର । ସୂର୍ଯ୍ୟ ଗୃହିଁ କି ସେ ସଙ୍କୋଚଲେ ଦୁହେଁ ହୋଇ ମହାଭୟେ କାତର ।୫୧। ବେଦାନ୍ତ ସହସ୍ରାଂଶୁ ସୂର କିରଣରେ ଭୂଲୋକ-ତଳେ ଖେଳନ୍ତି । ଉଦାସ୍ତ୍ରହସ୍ୱର-ସାମ୍ପି ଯୁକ୍ତ ତା'ର କରନ୍ତି ହସହସ୍ର, ନେହେ । ବିଭିନ୍ନ ।—ଭାଟର ପ୍ରତି ରଜନୀରେ । ଦେଖୁଥାନ୍ତି ଶୁଣୁଥାନ୍ତି ନାଗପତି ନନ୍ଦ—ଚକ୍ଷୁ ଶ୍ରବା-ବିଧିରେ ।୫୨। ପଙ୍କଜବନ୍ଧୁ ପଲ୍ଲବକାନ୍ତ ବନ୍ଧ କର ପରସାର ହେଲାଣି । ପ୍ରାତଯୋଗେ କୋମଳତା ଗୁଣେ କର ନବନୀତକୁ ହସିଲାଣି । କବର । ସର୍ଯ୍ୟାଂଶ—ସମ୍ଭୂହ ଗବାକ୍ଷ ।—ରନ୍ଧ୍ରଦ୍ୱାରେ ପଶି କରଜାଙ୍ଗୁଳର ଶୋଭା ବହିଲାଣି ପ୍ରତ୍ୟକ୍ଷ ।୫୩। ହେ ଭୂପ ! ସୂର୍ଯ୍ୟର କରାଙ୍ଗୁଳି ଉଳ କରଣ ବଳଭୀ-ଗବାକ୍ଷେ । ପଶି ପଦ୍ମନାଳ—କଳାପ ଧଶୁଛି ସାଦରେ ଅବଲୋକ ଅକ୍ଷେ । ତାକୁ କି । ବିଶ୍ୱକର୍ମା କୁନ୍ଦେ ବସାଇ । କୁନ୍ଦ କୁନ୍ଦକୁଣ୍ଡ-ତେଜ-ବନ୍ଧୁବୃତ୍ତ ହୋଇ କସେ ମନ୍ଦେ ଘୁରଇ ।୫୪। ଉଦ୍‌ବସନାପିତ ସୂର୍ଯ୍ୟକର-କ୍ଷୁରେ ବ୍ୟଭିଗ୍ଭୁସ ବିଭାବସାର । କବରିଭାର କାନ୍ତି ଦୂର କରନ୍ତେ କଣ୍ଠିତ-ଚକ୍ରର-ନିକର । ଭୂତଳେ । ପଡ଼ କଳାକଳା ଦିଶଇ । ବୃକ୍ଷଲତାଗୁଇ ବୋଲି ତାକୁ କହୁଥାଏ ସେ ଯେ ତା ନ ଜାଣଇଁ ।୫୫। ମଙ୍ଗଳ-ସୂଚକ-ଶବ୍ଦକାସ୍ର ଶଙ୍ଖ ହେ ନୃପ ! ଭାବେ ଭୂମ୍ଭଯଶ । ସେ ଦର-ସହୋଦର ଚନ୍ଦ୍ର ବିଚ୍ଛିନ୍ନବତ ବିସ୍ମଜେ ନଭଦେଶ । କିରଣ ।—ହାନ ତା ହୋଇଲାଣି ଏବେ । କୋଳର ହରଣଅଙ୍କ ତା କେମନ୍ତ ଦିଶଇ ଦେଖ ମ୍ଲାନଭାବେ ।୫୬। ତାସ୍ର-ଶଙ୍ଖ-ଛେଦ ପଦ୍ମଶଙ୍ଖ ଭେଦୀ-ସୂର-ଶଙ୍ଖାର ଦୃଢ଼େ କରେ । ଅର୍ଦ୍ଧାସ୍ତମିତ-ତାସ୍ରକାନ୍ତିକରତ

Digitized by srujanika@gmail.com

ଧର କଣ୍ଠ ରଜ-ନିକରେ । କଣ୍ଠିଚା । ପାଇଁ ଅଣା ଜଳେ ପଡ଼ଣ । ହୋଇ ପଙ୍କ ଲାଗିଯାଇ କି କଲଣି ସେ କରଙ୍କୁ ଶୁଭ୍ରବର୍ଣ୍ଣ । ୬୭ । ପଦ୍ମେ ବିକଶାଇବାର-ବେଳେ ଧୂଳି ବିକଶାଏ ଲୋକଲୋଚନେ । ବସ୍ତ୍ର ହିଁ ପୂରାଇଥିଲେ ସାରସର ସହସ୍ର-ସଂଖ୍ୟା ସ୍ୱନୟନେ । ଏଣୁଟି । ପଦ୍ମ ନେଇ ଏକଜାତୀୟ । ତେଣୁ ନୟନ ଉପମାକୁ ନଜନ ଲୋଚୂଥାନ୍ତ କବି ନିଚୟ ।୬୮। ନିମିଷେ ନମୁଦ୍ର ଦଳ-ନୟନକୁ ସଙ୍ଗେ ଯାମିକ-କାଇବର । ସର-ସମ୍ପତ୍ତିକ ଜଗି ରଖିଥିଲା ଅଯତ୍ନେ ସରୋଜବାନ୍ଧବ । ନିଶ୍ଚିନ୍ତ । ହୋଇ ନିଦ୍ରା ଯାଉଛ ଭ୍ରମରୁଛ । ଦଶଦ୍ର-ଦର୍ପର ପଦ୍ମ ତା ଗର୍ଭର ଭ୍ରମର-ଝଙ୍କାର ଶୁଭୁଛ ।୬୯। 'କେ' ବୋଲି ପଗ୍ରରଲା ଭଳି ଯା ବାଣୀ ସେ କାକ କୋକିଳେ ପୁଛଇ । କହ ତ ଦେଖି ପାଣିନ ଶବ୍ଦଶାସ୍ତ୍ରେ 'ତାତଙ୍' କାର ସ୍ଥାନେ ରହ । ତା ଶୁଣି । 'ତୁହ ତୁହ' କହ କୋକିଳ । ଚନ୍ଦ୍ରାର୍ଦ୍ଧ କି 'ତାତଙ୍' । ବସିବାର ଏ 'ତୁହ' 'ତୁହ' ଏକା ସ୍ଥଳ ।୭୦। ପାଣିନ ପଢ଼ିବାବେଳେ ଏ କପୋତ ଶବ୍ଦ ସାଧି ଲେଖା ଲାଗଇ । କଣ୍ଠେ ବୋଲନ୍ତେ ଖଡ଼-ଧୂଳି ଲାଗି କି ତା ଏବେ ଶୁକଳ ଦିଶଇ । ଭୁଲିତ । ଗଲା ପଚୁ; ଏକା ଅଭ୍ୟାସ-ବଶେ ଏବେ 'ଘୁ' ଫଙ୍କାଷ୍ଟା · ଘୋଷି ସୁରୁଅଛ 'କମ୍ପାଇ ଶିରଦେଶ । ୭୧ । ବାସବ-ବଳ୍ଲଭ-ହେମକୁମ୍ଭଭଳି ସ୍ୱର୍ଣ୍ଣବର୍ଣ୍ଣ ଏ ଦିବାକର । କୁଙ୍କୁମାରୁଣ-ମୃଦୁକର-କେତନବ୍ରାତେ ଦିଶେ କେଡ଼େ ସୁନ୍ଦର । ଏହାର । ପ୍ରଭାତମିରପାଗରର । ଅନ୍ଧକାର-ନୀର ପାନ-କରିବାର କଥାତ ସ୍ୱଭାବେ ସୁନ୍ଦର ।୭୨। ତମ-ତମାଳବନା-ନଳ କରର ଦ୍ୱିହିଧାର ମାତ୍ର କେବଳ । ସହସ୍ରପତେ ବିକଶାଇ ନଭ-ଭୂ-ଦିଗ ତମ-ପାପ ନିର୍ମୂଳ । କରଇ । ସବିତା କମ୍ପାଁ ସେ କରଣ- । ନିକରକୁ ପିଷ୍ଟ-ପେଷଣ-ନ୍ୟାୟରେ ବିସ୍ତାରୁଛନ୍ତି ପୁଣ ପୁଣ ।୭୩। ତମ-ସମୁଦ୍ରର ବାଡ଼ବ-ଅନଳ ରବିସ୍ତି-ପଦ୍ମିନୀ-ବଦନଁ । ବିରସ ଅପସର-ଇବାରେ ଦଷ ଅକାଶେ ଉଠିଲେଣି ଭାନୁ । ତଥାପି । ଲୋହିତ ଦିଶୁଛ କାରଣ । ଦିଶୁଥିବ କି ଏ ସର୍ବଦା ଏମନ୍ତ ? ନ ବହ ସ୍ୱଶୁଭ୍ର ବଚନ" ।୭୪। ଏକାଳେ ଶୁଦ୍ଧାନ୍ତଃ-ପୁରଗୃହଣୀଏ ଆସି କେତେକ ଆଭରଣ । ବଇତାଳିକଙ୍କ ପୁରତରେ ଥୋଇ ଭଣଇ ଏମନ୍ତ ବଚନ । "ଶୁଣ ହେ । ଶୁଣି ତୁମ୍ଭ ପ୍ରାତଃ ବର୍ଣ୍ଣନ । ମହିଷୀ ତୋଷେ ତୁମ୍ଭଙ୍କୁ ପୁରସ୍କାର ଦେଲେ ସ୍ୱ-ଶ୍ରୀଅଙ୍ଗ ଭୂଷଣ" । ୭୫ । ଅଗଣିତ-ପଦ୍ମରାଗ-ମଣିଗଣେ ଗୁମ୍ଫିତ ସେ ଭୂଷା-ନିବହ । ଦିଶେ ଦାରିଦ୍ର୍ୟ ରକ୍ତନେତ୍ରେ ଗୃହଁଲାପ୍ରାପ୍ତ ବହ୍ନି ରେଖ ଦୁର୍ବହ । ସେ ସର୍ବ । ଯଥାଯୋଗ୍ୟସ୍ଥାନେ ଶରୀରେ । ବହିଲେ ସେ ବଇତାଳିକ-ନିବହ ମାନସେ ମହାମୋଦ ତୁଲେ ।୭୬। ଏକାଳେ ମନ୍ଦାକିନୀରେ ସ୍ନାନ ସାରି ସୁମନସ-ଯାନ-ସମାନ । ରବାହଲବ୍ଧ ଯାନ-ବର ଅରୋହି କଲେ ନରେଶ ଅଗମନ । ବଦ୍ଧଙ୍କ । ଈକ୍ଷଣେ କ୍ଷଣମାତ୍ର ଦିଶି । ଗଲେ, ସେ ପୁରୁ ଯିବା ଦେଖି ନ ଥିଲେ ବନ୍ଦିଏ ଥିଲେ ପଛେ ଅସି । ୭୭ । ଶ୍ରୀ ସ୍ୱାରମାନନ୍ଦଦେବୀର କୁମାର ହର୍ଷ ଯେ କବି-ଭୂଷଣ । ନିତ୍ୟ ନୂତନ

Digitized by srujanika@gmail.com

ଅପୂର୍ବ ପଦ ସୃଷ୍ଟି-କରଣେ ଯା ବୁଦ୍ଧି ନିପୁଣ । ତା ପଦେ । ମନ ରଖି ଧ୍ୟାନ-ଧନକୁ । ଦେଇ ଭଜଇ ଅଧମ ଗୋପୀନାଥ ଗୋବିନ୍ଦ-ପଦାରବିନ୍ଦକୁ । ୬୮ ।

ବଂଶ ଛାନ୍ଦ ।

ରାଗ—ଓଛନ୍ଦ ମଙ୍ଗଳା ।

ମରୁତ-ଚଳିତ ଜୀମୂତ ଯେମନ୍ତ ପର୍ବତେ ଅବତରଇ ।
ଗମନ-ବେଗେ ପବନ-ଜମ୍ବୁକାଶ୍ୱ ଗଗନୁଁ ବେଗେ ଓହ୍ଲାଇ ।
ନୃପ-ବିମାନ ଯେ ।
ସେ ସୌଧ-ଶିର-ଶିଖର- ।
ବିବିଧମଣି-ରତନ-ବିନିର୍ମିତ କୁଟ୍ଟିମେ ମଣ୍ଡିଲା ଖର । ୧ ।

ଆଗତ-କାନ୍ତେ ପାଶ୍ଚୋଟିବା ପାଇଁକ ବିଜେ ସଖୀ ଦମୟନ୍ତୀ । ସେକାଳ-ଶୋଭା ଦେସନ ମନଲୋଭା ଯେସନ ଦିନ-ଆଗତ- । ବେଳେ ବିଲୋକ ଯେ । ଶଶିଙ୍କି ପାଶେ ଆଗତ । ସିନ୍ଧୁ-ଫେଣ୍ଟି ମପଙ୍କ-ବାଟ ନିରସ୍ତ ଯାନ୍ତ୍ୟ ହୋଇ ଉଲ୍ଲସିତ । ୨ । ପ୍ରିୟା-ବଦନେ ମଦନେ ଅନାସ୍ତୃତ ହୋଇ ଗୃହଁ ଏକଲୟେ । ସୁରସନ୍ଧେ ପ୍ରାତଃସ୍ନାନ-ସମୟେ ଲୋକେ କମଳଚୟେ । ଛଟେ ନୃପତି ଯେ । କରୁଥିଲେ ହେସ୍ତକ୍ଷାନ । ଜାଣୀତ ଥିଲା ବିଜେତା ଭୂଲେ ଜେସ୍ତ ନିର୍ଜନହେବା ବିଜ୍ଞାନ । ୩ । ନିଜ-ପ୍ରାର୍ଥିତ ସୁପର୍ବପଙ୍କେରୁହ ପତି ପ୍ରଦାନିବା ବେଳେ । ମୋଦେ ଅଧରେ ପ୍ରମଦା-ପଦ୍ମନେତ୍ର ବିକଶିଲା କୁତୂହଳେ । କରେ କମଳ ଯେ । ବନ୍ଧୁ ଦିଶେ ତଥା ବାଳୀ । ବନମାଳୀ-କୋଳ ତେଜି କି କମଳା ଏ ପୁରେ ଅଇଲା ଚଳି ।୪। ପତିପ୍ରଦତ୍ତ ଅଳପଙ୍କୁ ବହୁତ କଳପୁଥାଇ ସେ ବାଳୀ । ସେ ଭୁଜେ ଦତ୍ତ କଉଡ଼ିକଡ଼ା ତା'ର ଅମୃତ ବଢ଼ିରୁ ବଳି । ପ୍ରିୟ ଭଣନ୍ତି ଯେ । "ଅଳି-ଗଞ୍ଜନ-ବିଦ୍ମୁକାଶି । ଦିନ-କୃତ୍ୟଗତି ସାରନ୍ତି ମୁଁ ଅନୁମତି ତୋର ହେଲେ ଭୋର" ।୫। (୫-୬) । ଲୀଳା-ବିଳାସ-ବିବେଷ୍ଟ୍ୟ କୃତ୍ୟବିଧି ଅତୁର ନୋହଇ ଶେଷ । ଏତେ ଭଜି ବାଳୀ ଚଟେ ଚଳିଲେହେଁ ଗିରେ ନ କରେ ପ୍ରକାଶ । ବାର ଏମାନ ଯେ । ଏଣେ କଳି ଭରୁଥାଇ । ଯା'କ୍ଷଣ ବିରହେ ଡରୁ ଛିଡ଼ୁ ତାକୁ ତୋ ପାର୍ଶ୍ୱେ ଦେବ ତଡ଼ାଇ ।୬। (୭-୮) ବର-ଗିରେ ଭୂଷିଲ୍ବ ପର ରମା ସଖୀପାଶେ ଯିବାବେଳେ । କୁମୁଦୁଁ କମଳେ ଯିବାର କମଳା-ଶୋଭାକୁ ତା ଶୋଭା ବଳେ । ଏଣେ ନୃପତି ଯେ, । କଳ ଦ୍ୱାପରେ ସନ୍ଧ୍ୟଶ । ହେତା ରୂପୁ ମୋ ନୋହୁ ଭଳ କଲେଜ ତାଙ୍କୁ ଛତ୍ୟ-ସଙ୍ଗେ ତୋଷ ।୭ (୯-୧୦) ।

Digitized by srujanika@gmail.com

ପ୍ରାତଃ କୃତ୍ୟ ସାରି ହସ୍ତଠାରୁ ବାରି ସଖୀଙ୍କ ପ୍ରକାଶ-ପାଇଁ । ଧୀବଗତରେ ନୃପତି ଚହ୍ନିପଛୁଁ ମୁଦିଲେ ତା ନେତ୍ର ଦୁଇ । ତାହା ବିଲୋକି ଯେ । ହସ୍ତଛନ୍ନ ସଖିଚକ୍ଷୁ । କ୍ଷୋରକତ କରି ନୃପବର ଦଶଇ ନେତ୍ରଦୈର୍ଘ୍ୟ-ମପାପ୍ରାପ୍ତ । ୮ (୧୧-୧୨ । କରି ଫେଇଁ 'ଜାଣିଲଣି' ଏତେମାତ୍ର କହି ଶ୍ରିଗୀନ୍ଦ୍ରବ ବାରି । ଦଂଶି ରସନା ମଉନେ ମାନ ବହି ରହିଲା ବରଗଉସି । ବାରି ଯେ କଥା ଯେ । ଭଷନ୍ତ କାନ୍ତ, "ନ ରୁଷ । ଯା ପ୍ରସାଦେ ତୋତେ ପାଇଛି ସେ ତପେ ନ ସେବନ୍ତି କ ବାଙ୍ଗାଣ" । ୯ (୧୩-୧୪) । 'ନିଶିରେ ଦାସ୍ୟ ଗ୍ରହସାରି ସ୍ନାହାନ ପ୍ରଭାତେ ଯା ନବଦ୍ଧଲ । ତେଣୁ କି ରୁଷିଲୁ ରୁଷିମୋହି ? କହ, ପଦେ ତୋ ଦେବି ମଉନି' । ଭଷି ଏମନ୍ତ ଯେ । କରି ଦେବାକୁ ପଦ୍ମରେ । ଇଚ୍ଛୁଁ କାନ୍ତ, କାନ୍ତା କୋପଭଙ୍ଗେ ଧୃଷ୍ଟ କଟାକ୍ଷେ କଣିଲା ବରେ । ୧୦ (୧୫-୧୬) । ଅପାଙ୍ଗେ ରଜତ-ତାରକା-ଛୁରିତ-ତେଜେ ହୋଇ ବଶୀଭୂତ । ଭଷନ୍ତି କାନ୍ତ, 'ଶ୍ରବଣ-କୂପପାତ-ଭୀତି ନ ଥିଲେ ତୋ ନେତ୍ର । ରହି ନ ଥାନ୍ତା ଯେ । ଦୂରେ ନ ଯାଇ ନାସିଣ । ତୋ ଶ୍ରେଷେ ମୋ ତୋଷ ଯଥା ରବି-ତେଜେ ବିକଶେ ପଦ୍ମ-ସୁବାସ । ୧୧ ୧୬-୧୯) । ଭିନ୍ନ ଭିନ୍ନ ନିର୍ମିବା ବିଧି-ସିଦ୍ଧି, ତେଣୁ ସେ ତୋ ମୁଖ ଶଶୀ । ଏକପରି ଦେଖି ଶେଷର ଅଙ୍କରେ ଶଶକ ଅଛି ନିବେଶି । ତୋର ବଦନ ଯେ । ସଦା ନିର୍ମଳ ପ୍ରସନ୍ନ । ତାମ୍ରପର୍ଣ୍ଣୀ-ତୀର-ଶଶାଙ୍କ-ଶୁକ୍ତିର ସମ୍ଭବ ମୁକ୍ତା ସମାନ । ୧୨ (୨୦-୨୧) । କ୍ଷୀର-ସାଗରୁ ତୋ ଗିର 'ସୁଧା-ସଙ୍ଗେ ଅବତରିଛି କଟେଶାର । ତେଣୁ ସେ ଗିରେ ମଧୁର ହାସ ବିଶେ ତୋର କ୍ଷୀର-ସରଭିଳ" । ଭଣି ଏମନ୍ତ ଯେ । ନୃପ କୋଳେ ଘେନି ବାଳୀ । ପଲଙ୍କେ ବିଜେ ଜ୍ୟୋତ୍ସ୍ନାଭୁଲେ ଶଶିକ ଉଦୟ-ଶୈଳେ ବିହରି । ୧୩ (୨୨-୨୩) । ବର୍ଷାବିମ୍ବେ ମେଘ ନଭେ ଅଲିଙ୍ଗିଲା ଭଳି ସ୍ନେହଶାଳୀ ପତି । ଗାଢେ ଅଲିଙ୍ଗି ବକ୍ଷବେଳ ମୁଞ୍ଚିଲେ ବିରହ-ବାଧା ଝଟତି । ପଦ୍ମ-ମଧୁରେ ଯେ । ବିମୋହିତ ହୋଇ ଭ୍ରମର । ତାକୁ ଚୁମ୍ବିଲା ପରି ସ୍ମିତ ପ୍ରକାଶ ପ୍ରିୟାକୁ ଚୁମ୍ବିଲେ ନଳ । ୧୪ (୨୪-୨୫ । ତଦନ୍ତରେ ହାସ-ପରିହାସେ ସାକ୍ଷୀ ରଖିବାକୁ କରି ଠାରି । କଳା ନାମ ମହିଷୀର ବୟସ୍ୟାକୁ ବସାଇ ଅଗ୍ରେ ହକାରି । ଭୂପ ଭଷନ୍ତି ଯେ । "ଦେଖ, ଏ ତୁମ୍ଭର ସଖୀ । ତୁମ୍ଭମାନଙ୍କେ ହୋଇ ଅତି ଅଶକ୍ତ ଅନେ ନ ପାରନ୍ତି ଦେଖି । ୧୫ (୨୬-୨୭ । ନିଶାରେ ସ୍ୱଅଙ୍ଗ ସମର୍ପି ସ୍ୱାମୀଙ୍କ ଅନୁଗ୍ରହ କଲି ବୋଲି । ଏମନ୍ତ ବୋଲି କି ବଶାଜ ନଥାଏ ତୁମ୍ଭଙ୍କୁ ଏ ତୁମ୍ଭ ଅଳି । ପରି କହଇ ଯେ । ନଳ-ବନା ମନେ ହେଲେ । ନ ସେବେ ଅନ ଯା ଯୌବନ ଚିହ୍ନାଏ ମନେ ସେବେ ବୋଲି ସ୍ମରେ । ୧୬ (୨୮-୨୯) । ଲାଜେ ନତମୁଖ-ଶୋଭା ଅଳ୍ପଥାଏ ଏହାବି ମୁଁ ଦେଖି ନାହିଁ । ବସ୍ତ୍ରରୁ ଯେବେ ରୁ ସେ ଶୋଭା-ବିଭବ ଶୁଣିବ ମୁଁ ମନ ଦେଇ । ବେଶ ନମ୍ଭେନେ ଯେ । ତୁମ୍ଭେ ଏ ସଖୀଙ୍କି

Digitized by srujanika@gmail.com

ତୋଷେ । ଦୋଷୀ କି ମୁଁ ? ଏକନେତ୍ର-ପ୍ରାନ୍ତ-ଅଂଶ ପଡ଼େ ଯା ମୋରେ ନମିଷେ । ୧୭ (୩୦-୩୧) । ପୂର୍ବେ ମୋତେ ଦୌତ୍ୟ ବେଳ ନୟନରେ ଦେଖି ପାରୁଥିଲ ବାଳୀ । ଏବେ ଏ ନଗ୍ନହୁଁ ମୋତେ ମୁଁ ଭଜାଇ ଗଲାକି ସେ କଥା ଭୁଲି । ସତ୍ୟ ମଧୁର ଯେ । ଗିରେ ତୁମ୍ଭଙ୍କୁ ତୋଷଇ । 'ତୁମ୍ଭେ ମୋ' ଏତକି ମୋତେ କହିବାକୁ ମଉନେ ମାନେ ବସଇ । ୧୮ (୩୨-୩୩) । ନାମ ଧର ଅବା କେଉଁ ବୟସୀକି ନ ଡାକଇ ତୁମ୍ଭ ଅଳୀ । ମୋ ବେଳକୁ 'ନଳ' ନାମେ ତା ରସନା ନ ରସି ରହଇ ସର । ସ୍ତନ-ଯୁଗଳେ ଯେ । ନର୍ଦ୍ଧୟ-ହୃଦୟ ପୂର୍ଣ୍ଣ । ଅବକାଶ ନାହିଁ ତହିଁ ମୋତେ କାହିଁ ବହିବ ବାଳୀ-ରତନ । ୧୯ (୩୪-୩୫) । ଭାବ ଉରକଥା ଭରଜ ମୂଢ଼ତା ତେଜଛ ଯା ତାହା ଯୁକ୍ତ । ମୋରେ ବମୁଖ ହେବାର ତା'ର କେହି ହୋଇବ ଅବା ଅଯୁକ୍ତ" । କାନ୍ତ ଏମନ୍ତ ଯେ । ପରିହାସେ ପ୍ରେୟସୀକି । ଭୃଷି ଛରବନ୍ତେ ସଖୀସ୍ମିତ ଦେଖି କଲା ଭାଷେ ଭୂପତିଙ୍କି । ୨୦ (୩୬-୩୭) । "ନବାନୁ-ରାଗାନୁରୂପ ବ୍ୟବହାର ଅଚରେ ତୁମ୍ଭରେ ଯେଣୁ । ତବ ଏ ଅନୁମାନ ଅମ୍ଭ ସଖିରେ ଅଯୁକ୍ତ ନୁହଇ ତେଣୁ । ଅମ୍ଭମାନଙ୍କୁ ଯେ । ଶରନୁରାଗ-ବେଗରେ । ବ୍ୟବହାର କରୁ ଅନ୍ତର ଦଶଇ ତା ଗାଢ ତୁମ୍ଭ ଅମ୍ଭରେ । ୨୧ (୩୮) । ପୁଷ୍ପାସ୍ତ୍ରଶାସ୍ତ୍ରେ ଅପ୍ରତି-ଦ୍ୱନ୍ଦୀ ମହାମହୋପାଧ୍ୟାୟ ଅପଣ । ଏ ଅମ୍ଭ ନବ-ମୃଗାକ୍ଷୀ ସଖି ପର ନବପରଣୀତା ଯେଣ । ତେଣୁ ସମ୍ପୂର୍ଣ୍ଣେ ଯେ । ଭେଦିବ ଏହାକୁ କେହି । ସମ୍ଭୋଗ-ରହସ୍ୟ-କଥା ବା ଏ ବାଳୀ କହିବ ଅମ୍ଭଙ୍କୁ କାହିଁ ? । ୨୨ (୩୯) । ହେ ଦେବ ! ଭୁବନତ୍ରୟେ ତବ ସତ୍ୟବାଦିତା ଲୋକେ ଘୋଷନ୍ତି । ଏ ତବ ପ୍ରିୟା ତୁମ୍ଭ ସମ, କେହି ବା କହିବ ମିଥ୍ୟା-ଭାରତୀ । ମନେ ମନୋଭୂ ଯେ । ରହିଛ ସତ ଏହାର । ସେ କାମ ଏକା ଅପଣ ଛନ୍ତି ସଦା ତା ହୃଦେ ବରିତ ଘର । ୨୩ (୪୦-୪୧) । ଅଥବା ସଖିର ଚତ୍ତେ ସଦାସ୍ଥାୟୀ ତୁମ୍ଭର ବମ୍ବ ମଦନ । ବମ୍ବ ନୋହିଲେ ଅନଙ୍ଗ ସେତ କେହି ହୁଅନ୍ତା ତୁମ୍ଭସମାନ । ଅବା ବେନି ଏ ଯେ । ଏକାପର ଦଶିବାରୁ । କେ ପତି ବଗ୍ଗର ନ ପାର ବେନଙ୍କି ବହିଛ ସଦା ଉମ୍ଭୋରୁ । ୨୪ (୪୨-୪୩) । ତୁମ୍ଭରେ ଦଣ୍ଡ ମନ୍ତ୍ରଙ୍କୁ କଷ୍ଟେ ହେଲେ ଫେରାଇ ନୁହଇ ବୋଲି । ଶଙ୍କି ସଖୀ ତେଣୁ ଏକନୟନାଂଶେ ପରଶେ ତୁମ୍ଭଙ୍କୁ ଖାଲି । ଅଦ୍ୟ-ଦର୍ଶନୁଁ ଯେ । ଲାଗିଛ ତୁମ୍ଭେ ତା ନେତ୍ରେ । ଅନ କଥାରେ କି ଅଛି ଅପେ ଦେଖ ପ୍ରତେ ନୋହେ ଯେବେ ଚତ୍ତେ ।୨୫(୪୪-୪୫) ଗାଢ଼-ଅଲିଙ୍ଗନେ ତବ ଉରେ କୁଚ-କୁଙ୍କୁମ ଲଗାଇ ବାଳୀ । ନ କହେ କି ଅଛି ତୁମ୍ଭରେ ମୋ ଅନୁରାଗ ଏହିଭଳି ବୋଲି ? କଣ୍ଠ ଅଳକ ଯେ । ତୁମ୍ଭ ନାମ କାମସୂକ୍ତ । ମନେ ମନେ ମୁକ୍ତା-ମାଳାରେ ଜପଇ ବ୍ରତୀ ହୋଇ ଅବରତ । ୨୬ । (୪୬-୪୭) । ତୁମ୍ଭେ ତ ମହତ ସଖୀଭରେ ଅମ୍ଭ ବହିବାରୁ ସଦା ପୂର । ଭାରୁଁ

Digitized by srujanika@gmail.com

ଅମ୍ଭେ ତହିଁ ନ ସମ୍ଭାଇ କୁଚ ତେଣୁ ବାହାରିଛି ପେଲ । ଶୁଦ୍ଧ-ବିଶାଳ ଯେ । କୁଚେ ପୀଡ଼ କଲ ଷତ । ତେଣୁ ସେ କୁଚ ଲୁଚିଲେ ଲାଜେ ସଦା ବସନେ ହୋଇ ଆବୃତ" ।୨୭ (୪୮-୪୯) । କଳାର ଏପରି ସୁଧାସ୍ରାବ ଭାଷେ ତୋଷ ହୋଇ ମଣି-ପତି । ଭୂଜେ ଟେକି ପ୍ରିୟାମୁଖ 'କି ଏକଥା ସତ' ବୋଲି ପଗ୍ଚରନ୍ତି । କରି ଭ୍ରୂପରି ଯେ । ବାଳୀମୁଖ ଧରୁ ଟେକି । ଅଳି ଭାଳଇ 'ଏତେକାଳେ କମଳ କଳାକରେ ମିଳିଲା କି ? । ୨୮ (୫୦-୫୧) । କରି ଦରହାସ ପୁଣି ବାଳୀଙ୍କର ଲାଜେ ଲୁଅଇଁଣ ମୁଖ । ବଳାଇ ଭୂପାଳେ ଘ'ଚ ଦେଉଥିଲ ବଳାଗ୍ରତ-ପଦ-ସୁଖ । ପୁଣି ପ୍ରିୟାର ଯେ । ଭୁଲେ ଇଚ୍ଛି ପରିହାସ । ଅଳପ ହସି ସଖି-ମୁଖେ ନିବେଶି ଦୃଶ ଭାଷନ୍ତି ନରେଶ । ୨୯ । (୫୨-୫୩) । "କହ ଗୋ ସଖି ତୋ ବୟସିକି ଷମା କରୁ ଢବସର ଦୋଷ । ଏଥିତ ସେ ନିଶାପରି ନିଶ-ଯାରୁ-ଅର୍ଥ-ପ୍ରଦାନେ ସନ୍ତୋଷ । ମୋରେ ନ କରେ ଯେ । ମୁଖ-ସଖା ପଦ୍ମ-ଶଶୀ । ପରକୁ ଢବସ ବନାଶୁ ଥିଲେହେଁ ପୂର୍ବଙ୍କୁ ଥାଏ ପ୍ରକାଶି । ୩୦ (୫୪-୫୫) । ନିଶାରେ ମୋତେ ପୁରୁଷାୟିତେ ବସି ତୋ ସଖି ଲାଜେ ଛଣିଛି । ଏବେ ଯେ ଲାଜ କାହାକୁ ଛଣିବାର ପାଇଁକି ପୁଣି ଅଧୂଛି । ସଖି ପଗ୍ଚର ଗୋ । ବୟସୀଙ୍କ ତୋର ବାରେ । ଓଷ୍ଠଦଂଶ-ଦୋଷେ ମୋତେ ରୁଷିଛି କି ? ଦମ୍ଭ କି ରୁଷଇ କାରେ । ୩୧ (୫୬-୫୭) । ଶୁଣୀ-ଷତଲମ୍ଭୀ-କୁମ୍ଭ-ଶୋଭିରମ୍ଭ-ତସ୍କର ପୟୋଧରରେ । ଦଣ୍ଡଧର ହୋଇ କରେ ତାକୁ ପାଇ ନ ପୀଡ଼ନ୍ତି କି ବଗ୍ଚରେ । ମଧୁ ଅଧରୁ ଯେ । ପିଇ ସିନା ମୁଖ ଦୋଷୀ । ଶିରରି ମୋ କିସ ଦୋଷ ନ ପାରୁଛି ସେ ତା' ପଦ୍ମର ପରଶି । ୩୨ (୫୮-୫୯) । ବାଣୀ ବୃଷଭାଷୀ କୋକିଳ ନିଷ୍ଠୁର ବୋଲି କହିବାରୁ ମୋତେ । ଏହାଗିର କର୍ଣ୍ଣପୂର ଶୁଣେ ଏଥେ ଅଛି କି ମୋ ଦୋଷ ସତେ ? । ପୁଛି ସଖି କି ଗୋ । ରୁ ପରି ତା ପ୍ରିୟସହ । ତୋତେ ଦେଖି ସତ କହୁ କୃପା ମୋତେ ପୂର୍ବ-ସ୍ନେହ ପାଶୋରଇ" । ୩୩ (୬୦-୬୧) । ତହୁଁ କଳା ସଖୀ-ମୁଖ-ପାଖେ କଲା ଛଳେ ନିଜ-ଶ୍ରୁତ ପୁଣି । ନିଜ-ମୁଖ ସଖୀ-ଶ୍ରୁତିପାଖେ କରି ଶୁଣାଇଁ ଭାଷଇ ବାଣୀ । 'ରହ ଚତୁର ଗୋ । ନ କହୁ କିଛିତ ଲବେ । ତୋ ଗୁପ୍ତ-ବୃତ୍ତାନ୍ତ ସମସ୍ତ ଭୂଭୃତ-ମୁଖେ କୁହାଉଛି ଏବେ । ୩୪ (୬୨-୬୩) । ଥିଲୁ ପରି ଶିଖି ମୋଠାରୁ ସକଳ କାମ-ଶାସ୍ତ୍ର-ପଢ଼ା ବେଳେ । ମାତ ବିପରୀତେ କାନ୍ତଭୁଲେ ମୋତେ କହିଲୁ ନାହିଁ ତ ଛଳେ'' । ଏତେ କହନ୍ତେ ଯେ । ହେଲେହେଁ ସଣୀ ମଉନ । ମଧେ ହୁଁ ହୁଁ କରୁଥାଇ କଳା ତାଙ୍କ ଶୁଣିଲା ପ୍ରାୟ ବଚନ । ୩୫ (୬୪-୬୫) । ରମଣେ ବାଳାର ପ୍ରଗଲ୍ଭତା ସତ କଳ୍ପିତ ତା'ର ପାଶେ । ଯାଇ ଲୀଳାପଦ୍ମେ ତାଡ଼ିତା ହୋଇଣ କଳା ନୃପେ ଗୃହି ଭାଷେ । "ଦେଖ ଭୂପତି ହେ । ପ୍ରାର୍ଥୀ ହେଉ ତୁମ୍ଭପାଇଁ । କୋପେ ସଖୀ ମୋତେ ପଙ୍କଜେ ପ୍ରହାରେ ଏବେ ଭୁଭଙ୍ଗେ

Digitized by srujanika@gmail.com

ତର୍କିଉ । ୩୬ (୬୬-୬୭) । ବୋଲୁଛ ସଖୀ 'ଗୋ କଳା ! ତୁ କ ଚଟେଣ୍ଡେ ଚାହିଁଲୁ ଏ ନଳବୋଲି । ମୁଁ ତ ବିଗୃହୁଛି ଏ ନିଷ୍ଟୟ ଇନ୍ଦ୍ର ମାୟାରୂପ-ଧାରୀ ବୋଲି । ଇନ୍ଦ୍ରଶଙ୍କାରେ ଗୋ । ଅଛି ଯୁକ୍ତ-କାରଣ । ସୁର-ସବରୁଁ ସବେଶ୍ଚ-ସେନ ସୁର-ନଗରରୁ ଆଗମନ' । ୩୭ (୬୮-୬୯) । କହୁଛି ସଖୀ ପୁଣି 'ସେ ସୁରମଣି ମାୟାଜାଳ ହୋଇଥିଲେ । ଗଉତମ-ନାରୀ ଅହଲ୍ୟା ହରିବା ଶୁଣିନ୍ତି ମୁଁ ତାଙ୍କ ଭଲେ' । ଅତି ଚତୁର ସେ । ବଜ୍ର ଦେଖି ତୁମ୍ଭକରେ । ବଜ୍ରଧାରୀ ବୋଲି ଭାବୁଛି ତୁମ୍ଭଙ୍କ କିସ ଅଶ୍ଚର୍ଯ୍ୟ ଏଥିରେ ? । ୩୮ (୭୦-୭୧) । ଯଦି ପ୍ରକୃତ ନଳ ତୁମ୍ଭେ ଭୂପାଳ ତେବେ ତୁମ୍ଭ ବେନଙ୍କର । ଅନ୍ୟ-ଅଜ୍ଞାତ ଗୁପ୍ତ-ବୃତ୍ତାନ୍ତ-ବ୍ରାତ କହି ଶଙ୍କା ଦୂରକର” । ଯୁକ୍ତି-ଯୁକତ ଯେ । ସଖୀବାଣୀ ନୃପ ଶୁଣି । ଛଳ ନବାରୁ ପ୍ରେୟସୀ-ଅଭିପ୍ରାୟେ ଶଙ୍କି କହୁଛନ୍ତି ପୁଣି । ୩୯ (୭୨-୭୩) । 'ହେ ପ୍ରିୟେ ! କପଟେ ନିଦ୍ରା ଯାଇଥିଲୁ ନାଭିରେ ମୁଁ ଦେଉଁକର । ସ୍ପର୍ଶୁଁ 'ହେମାଙ୍ଗ-ବଟଣ ତୁ ପଦ୍ମନାଭ ହେବାର ବିଗୃହ କର । ଅଦ୍ୟ-ସମ୍ଭୋଗେ ଯେ । ଲଜ୍ଜଭୟେ ଗଲୁ ଲୁଚି । ପୀଡ଼ା-ଭୟେ ଅର୍ଦ୍ଧ ଭୋଗଥିଲି ଛାଡ଼ି ତା ଏବେ ଗଲୁ କି ଭୁଲି ? । ୪୦ (୭୪-୭୫) । ଯୁବେ ଜଣି ଅପୁଁ ପଦ୍ମରେ ମୋ କରେ ଧୋଇଲୁ ବେଳେ କଟଣାସ । ଥିବାରୁ ବହୁତ ଲୋକ ପଦାଙ୍ଗୁଳେ ତୋତେ ମୁଁ ଅଲଙ୍ଗି-ଥିଲି । ପ୍ରୀତି-କୋପରେ ଯେ । ମୋତେ ତେଜି ଦୁଃଖୀହୋଇ । ଟାର ଦେଲୁ ଅମ୍ଭ ଯୁଗ-ଚରଣ-ମଧ୍ୟେ ଏକାନ୍ତେ ଅଦେଖା ପାଇଁ । ୪୧ (୭୬-୭୭) । ସୁରତେ ମୋହିତ ହୋଇ ନୋହି ତୃପ୍ତ ଓଷ୍ଠ-ଚୁମ୍ବନରେ ଧନ । ଜିହ୍ୱା ଚମ୍ପିଥାଇ ମୁଁ ତୋର ସେ କଥା-ମାନ ଅଛଟିକ ମନ । କୃଚିନଖର ଯେ । କ୍ଷତ ଘାତ ଅଲଙ୍ଗନେ । ମୋ ଉରେ ଅଙ୍କିହେଉ ତୋ କୃତବୋଲି ହସି ତେ ସଖୀଙ୍କି ଭଣେ । ୪୨ (୭୮-୭୯) । ପାନଗୋଟିଏ ଅନାଇଙ୍କି ରସାଉଁ ତୋ ସେଷବାର ତତ୍କ୍ଷଣେ । ଈଷଣୁଁ ମୃଗାକ୍ଷୀମାନେ ଥାଉ ଥାଉ ପଡ଼ିଥିଲି ତୋ ଚରଣେ । ଅପି ବଦେଶୁଁ ଯେ । ଦେଖିଲିବେଳେ ମୁଁ ତୋତେ । ପରିହାସ-ସୁଖେ ସଖୀ-ମୁଖେ ଚମ୍ବିବାର ତୋ ଅଛି କି ଚତ୍ତେ ? । ୪୩ (୮୦-୮୧) । ଥରେ ତୋ ବଦନେ ଅନନ୍ତୁଁ ମୁଁ ପାନ ଥୋଇଥିଲି ତାହା ମାଗି । ମନେ ପଡ଼େ କି ତା ? ଅଗଭ୍ରବ-ଲାଭ ଜାଣି ମୋର ଶିରଷାଙ୍ଗୀ । କରୁ ନଖରେ ଯେ । କ୍ଷତ ଉରେ ବାର ବାର । ବଳମ୍ଭାଇ-ଦେବାପାଇଁ ଭବଲାଭ-ସୁଖେ ମୋ ପୂର୍ବରୁ ତୋର । ୪୪ । (୮୨-୮୩) । ଢଗପଟେ କର-ଲେଉଟାଇ ସହେ ମୋ ତୁଟଲେ ପହୁଡ଼ଥାଉ । ନଥାଏ ତହିଁରେ କେ କା'ର ବଦନ ନ ଗୃହିବା ଦୁଃଖ-ଦାଉ । ସଭାମଧ୍ୟରେ ଯେ । ଅନ-ମନା ବେଳେ ଲୋକେ । ନିଜ-ଓଷ୍ଠ-କ୍ଷତ ଦେଖାଇ ତର୍ଜୁ ତୁ ଦୋଷେ ବିଗୃହ ମୁଁ ଶଙ୍କେ । ୪୫ (୮୪-୮୫) । ତା ଦେଖି ଲୀଳାକମଳ-ଦୂରଇବା-ଛଳେ

Digitized by srujanika@gmail.com

ମୁଁ ଯୋଡ଼ଣ କର । ତୋତେ ଦୋଷମାଗି ନାହିଁକି ଚନ୍ଦ୍ରରେ ? ପ୍ରସନ୍ନ କରାଇବାକୁ । କରେ ନଖରେ ଯେ । ଖର ଦେଇଛ ମୁଁ ପାନ । ତୁ ମଧ୍ୟ ତେମନ୍ତେ ମୋତେ ଦେବାକଥା ନ ବିଚାରୁଛୁ କି ମନ ? ୪୬ (୮୬-୮୭) । ମିଥ୍ୟାବାଦୀ ବୋଲି ମୋତେ ତେଜି ଚାଲିଗଲୁ ଯେବେ ସଖୀପାଶେ । ଯାଉଁ ମୁଁ ତହିଁକି ମୋ ସମ୍ମୁଖେ ଭୃଙ୍ଗ-ଛାୟା କି ନାହିଁ ମାନସେ ? । ରତିଦ୍ୱିତୀୟେ ଯେ । ନପାରୁ ତୁ ପିକଭାଷି । ତେଣୁ ତୋତେ ମୁଁ ଜବାଦ-ଜଣାଭୁଲେ ଲୁଚି ଦେଇଥାଏ ହସି ।୪୭ (୮୮-୮୯)। ଉଚ୍ଛିଷ୍ଟ-ବେଳେ ନବ-ଜମ୍ବୁ ବସନ୍ତେ ମୁଁ ତୁ ପରିବେଶୁଥାଉ । କାଳେ ସପତ୍ନୀ-ସୁହାଗି ହୋଇଥିବ ବୋଲି ମୋରେ ରୋଷ ବନ୍ଧୁ । ଗୁଡ଼-ଅମ୍ବିଳ ଯେ । ଭୁଞ୍ଜି ପ୍ରଶଂସିଲେ ତୋତେ । ତହିଁ ସ୍ୱଜନା ବାର ଓଷ୍ଠ ରୋଷେ କି ପାରେ ଭାଜି ହରେ ଶବ୍ଦେ ।୪୮। (୯୦-୯୧) । କାମଶ୍ରମେ ମୃଗ-ମଦ-ମିଶ୍ର ଘର୍ମେ ତୋ ମୁଖ ଦଣିଲା ଜାଳ । ତା ବିମ୍ବ ମୋ ଉର-ହାର-ନାୟକରେ ଦଶିବା ସ୍ମରଣ କର । ବନ-ବିହାରେ ଯେ । ତଳେ ପଡ଼ଥିବା ଚଳ- । ଦଳ-ଦଳ ତୋଳି ଭୁଜେ ଦିଅ ବୋଲୁଁ ଲାଜେ ଲମ୍ବ ସମା-ବର । ୪୯ (୯୨-୯୩) । ମୁଖୁଁ ଜାଭପାଏ ଚୁମ୍ବି ତୃପ୍ତ ନୋହି ନପାରେ ଚୁମ୍ବି ସେ ସ୍ଥାନ । ସେ ସ୍ଥାନକୁ ଚୁମ୍ବି 'ରେ ଜୀବଧନ ! ତୋ ସ୍ମୃତି ନୋହୁଛି କି ଧନ୍ୟ । ହେଜ ଚନ୍ଦ୍ରରେ ଗୋ । ସେ ମହାମୋଦ ବିହାର । ଯହିଁ ତୋତେ ପୁଂସଭାବେ ମୁଁ ଭୂଷନ୍ତେ ଲାଜେ ମୁଖ କଲୁ ତଳେ' । ୫୦ (୯୪-୯୫) । ଏମନ୍ତେ ଗୁପ୍ତ-ବୃତ୍ତାନ୍ତ ବୋଲୁଁ କାନ୍ତ କାନ୍ତା ଯାଇ ଲାଜେ ଲୁଚି । ଆପଣା-ପାଣି-ଯୁଗଳରେ ଅଳର-ଶୁତିକ ଦେଲା ଆବରି । ନେହ-ଉତ୍ପଳ ଯେ । କର୍ଣ୍ଣେ ପୀଡ଼ୁଛି ଅଳର । ତା ଗୃହିଁ କି ବାଳୀ-କର-କୋକନଦ ସେ କର୍ଣ୍ଣେ କଲା ପ୍ରହାର । ୫୧ (୯୬-୯୭) । 'ଏତକଥା ସଖୀ-କର୍ଣ୍ଣେ ପଶିଛିତ ପୁଣି କି ଯିବ ବାହାରେ' । ବିଚାରି ପତ୍ନୀ ବା କରଯୁଗେ ସଖୀ-କର୍ଣ୍ଣେ ପକାଏ ଆବରି । ଦେଖି ପ୍ରିୟାର ଯେ । ଏ ଲୀଳା ହସନ୍ତି ପ୍ରିୟ । ନବୁଝି ତତ୍ତ୍ୱ ହସ ଦେଖି ହସିଲେ ହୁରୁ ଅନ-ସଖୀଚୟ । ୫୨ (୯୮-୯୯) । ଧରା-ଅପସରା ସେ ଅଳି-ନିକର ନୃପତି-ଦମ୍ପତି-ଶିରେ । ସୁରଭି-ମୁଖ-ମାରୁତେ ମୃଦୁହାସ-ସୁମନ କି ବରଷିଲେ । ଚନ୍ଦ୍ର-ଆଲୋକୁଁ ଯେ । ଜାତ କୁମୁଦ-ବିକାଶ- । ବତ ନୃପମୁଖ-ଜାତ-ହାସ୍ୟେ ସଖୀ-ହାସ୍ୟ ଶୋଭିଲା ବିଶେଷ । ୫୩ (୧୦୦-୧୦୧) । ନୃପଷ-ସଖୀ-ସ୍ୱରକୁ ହାସ୍ୟେ ପାଶେ ବାର ସୁଚତୁରୀ କଲା । ମନେ ମନେ ଦମ୍ଭହୋଇ ଉଚେ ଡାକି ପକ୍ଷ-ସଖୀଙ୍କି ଭାଷିଲା । "ହେଲୁ ବଞ୍ଚିତା ଲୋ । ସଙ୍ଗାତ ସ୍ୱରଚ-ସୁଖେ । ନୃପଚନ୍ଦ୍ର-ଗିର-ପୀୟୂଷ-ପ୍ରବାହ ନ ଶୁଣିଲୁ ଯାହା ରେଖେ' । ୫୪ (୧୦୨-୧୦୩) । ଏକ-ଗ୍ରାମ-ଜନ ଅନ-ଗ୍ରାମସ୍ଥ ନ ଜାଣିତ ଶୁଣିଲାପରି । ଭୂପାଳ-ବାଣୀ ଅଳପ ଥିଲା ଶୁଣି କଳାର ସେ ସଙ୍ଗୀଅଳି । କଳା ପଣ୍ଡିତେ ଯେ । ରହି ପତ୍ନୀ-ପତିବାଣୀ । ଶୁଣି ମୁଖଭଙ୍ଗି କରୁ ପତିଶିର-ଖଣ୍ଡେ ତା

Digitized by srujanika@gmail.com

ହୋଇଲା ଜାଣି । ୫୫ (୧୦୪-୧୦୫) । ସେ ଭଙ୍ଗିରୁ ନୃପବଚନ-ଭବାର୍ଥ ବାର କଲା ମହିଷୀର । ଲକ୍ଷାଦ ଅନୁକରୁଁ ପତ ଯୁବଗ ହେଲେ ଅଶ୍ଚର୍ଯ୍ୟ ଅପାର । ଚେଷ୍ଟେ ଭଣନ୍ତ ଯେ । 'ହେଲେହେଁ ଶ୍ରୁତ-ପଣ୍ଡିତ । ଅମ୍ଭ ଉକତ-ନ୍ତର ଅର୍ଥ କଲା ବାର-ପାରଇ କେମନ୍ତ ? ୫ '୧୦୭) । ଅନୁକର କର କହେ କଲା ପୁଣି 'ଶୁଣିଲିଣି ମୁଁ ସମସ୍ତ । ମୋ ଶୁଣିବା କଥା ଯେବେ ମିନ୍ଥ୍ୟା ତେବେ ମୋ ଦେବତା ବ୍ୟର୍ଥ । ଦେବ ! ଜବାର ହେ । ମୋ କର୍ଣ୍ଣଭୂଷା ପୀଡ଼ନେ । ତଦ୍‌ପ୍ର ସ୍ଫୁକର-ବେଦନା-ସଞ୍ଜାତ ହତ କ ଘେନ ମନେ' । ୫୭ (୧୦୭-୧୦୮) । 'ବୃଥା ଶ୍ରମ ପ୍ରିୟେ ନକର' ଦସ୍ଥିତ ବୋଲୁଁ ଯୋଷିତ ତା ପାଳ । ବାଳୀକର-ପୀଡ଼ା-ଚେଷ୍ଟାରୁ ଅଳର ଶ୍ରବଣ ଗଲା ମୁକୁଳ । ଦ୍ରୁତ ମୁକତ ସେ- । ବଶେ କର୍ଣ୍ଣମଧେ ତା'ର । ଜାତ ଗୁମୁ-ଗୁମୁ-ଧ୍ୱନ ମଧେ ବାହ୍ୟ-ଶବ୍ଦ ହେଲା ତାଳ ଭୁଲ । ୫୮ (୧୦୯-୧୧୦) । କଛ ଦୂରଯାଇ ଅନନ୍ଦ ହୋଇ ଅଳପ ହସି ସେ କଳା । ସ୍ୱପକ୍ଷ-ସଖୀ-ପାଖେ ଯାଇ ବନସ୍ତେ ତାଙ୍କୁ ଏମନ୍ତ କହଲା । 'ଅଯ ସଙ୍ଗାତ ଚୋ । ଏ ମାନଙ୍କ କଥାଯେବେ । ଶୁଣିଛ ମୁଁ ତୋତେ କହବ କହବୁ ଯାହା ଶୁଣିଛୁ ତୁ ମୋତେ' । ୫୯ (୧୧୧-୧୧୨) । ଶୁଣି ଏକଥା କଳାର, ତା'ର ପୂର୍ବ-ମିଥ୍ୟା-ଶ୍ରବଣାଭିନୟ- । ବଷୟ୍ଥ ବଗ୍ଣର ମସାଣ-ମହଷୀ ହୋଇଲେ ଅତ ବସ୍ମୟ । ନୃପ କହନ୍ତ ଯେ । ତହୁଁ କଳାକୁ ଅନାଇଁ । 'ଯେବେ ଅମ୍ଭଙ୍କୁ ବଞ୍ଚାଇଲୁ ମିଥ୍ୟାରେ ରହ ତେବେ ଗିରୁ କାହିଁ' । ୬୦ (୧୧୩-୧୧୪) । କଲା ବୋଲେ "ଦେବ ! ପ୍ରେୟସୀର ପ୍ରିୟ-ପରସ୍ପରରେ ଅନୃତ- । ଭଷଣ ଅଜକ କେତେକାଳ ହେଲା କଲେଣି ଅଶଙ୍କା ଚତ୍ତ । ଦେବ ! ସେଭାଳେ ଯେ । ଥିଲି 'ଗୁମୁ ଗୁମୁ' ଶୁଣି । କହଲ ସିନା ତା'; ତୁମ୍ଭକଥା ଶୁଣି-ଥିବାର ଅଛ କ ଭଣି ? ୬୧ (୧୧୫-୧୧୭) । ବନସ୍ତେ ଜଣାଉଛ ହେ ଭୂପ ! ପୂର୍ବ ଶପଥ ନୁହେ ମୋ ସତ । ସତ୍ୟ ଶପଥ ହେଲେହେଁ ଦେବ-ସମ୍ବନ୍ଧରେ ଜନ୍ମଇ ଅନର୍ଥ । 'ନାହୁଁ ସତମ୍ଭାଗି' ଯେ । ବୋଲି ପ୍ରତାରଲ ମୋତେ । ଅଯୋଗ୍ୟ ସେବକା ପ୍ରଭୁଙ୍କୁ ତାହାର ପ୍ରତାରବ ବା କେମନ୍ତେ" । ୬୨ । ତଦନ୍ତେ ସେ ସଖୀ ବେନ ହସି ହସି ଅଳ୍ପ ଅଳ୍ପ ବସ୍ମୃୟରେ । ରୁନ ରୁନ କଣ୍ଠେ କୁହା-କୁହ ହେଉଥାନ୍ତ ଶ୍ରୁତ ବଷୟରେ । ସଖୀ କଳାର ଯେ । ଭ୍ରତେଷ ମହଷୀଙ୍କି ଗୃହେଁ । 'ନରୁଷ ରହସ୍ୟ ତୋ ଏ ସଖୀ ଏକ କର୍ଣ୍ଣେ ମାନ ଅଛ କହ' । ୬୩ (୧୧୯-୧୨୦) । ଶୁଣି ସଖୀ-ଉକ୍ତି ଭଷନ୍ତ ଭୂପତ ପ୍ରିୟବଣ-ମୁଖ ଗୃହିଁ । "ଦେଖିଲୁ କୃଷ୍ଟ-ପଟୁତା ସଖିଙ୍କ ? ତାଙ୍କୁ କ ବଶ୍ୱାସଯାଇ" । କଲା ବୋଲଇ ଯେ । 'ପତ ଗୁପ୍ତକଥା ତୋର । କା'ରେ ନ କହନ୍ତ; ଏଣୁ ତାଙ୍କୁ ଏଥି ବଷୟେ ବଶ୍ୱାସ-କର' । ୬୪ (୧୨୧-୧୨୨) । କଲା ଏମନ୍ତେ ସମାନ ବପକ୍ଷତା କରୁ ନୃପତ କହନ୍ତ । 'ଏ ବେନଙ୍କୁ ବାସୁଁ ବାହାର କରନ୍ତ ଦେବୁ ଯେବେ

Digitized by srujanika@gmail.com

ଅନୁମର୍ଦ୍ଦ । ଶିବ କଣ୍ଠାଇ ଯେ । ଠାରୁଁ ବାଳା ନୃପ କର । କୋରକିତ କର ତେଙ୍କ ସଖୀଯୁଗ ଉପରେ ସିଞ୍ଚଲେ ନୀର । ୬୫ (୧୨୩-୧୨୪) । ଇଚ୍ଛାମାତ୍ରେ ନୃପ-କରୁ ପଡ଼ ଅପ ଭଜାଇଲା ସଖୀବାସ । ଶୂନ୍ୟ ନୀରଜାତ ବସ୍ତ୍ରେଙ୍କ ବସ୍ତ୍ରିତ ହେଲେ ସେ ସଖୀ ବିଶେଷ । ବର-ପ୍ରଭାବେ ଯେ । ନଳକୁ ସୁଲଭ ଜଳ । ତେଣୁ ବସ୍ତ୍ରଯେ ନୀରେ ନୃପ ସଖିଙ୍କ ଅର୍ଦ୍ର କଲେ ହୃଦସ୍ଥଳ । ୬୬ (୧୨୫-୧୨୬) । "ପ୍ରିୟେ ! ପୟେ ସଖୀ-ଦ୍ୱୟ-ବାସ ଅର୍ଦ୍ର ହେଉ ସ୍ପଷ୍ଟ ଦିଶେ ସ୍ତନ । ଦିଶୁଅଛନ୍ତି ସେ ଦୁହେଁ ଦେଖ ଏବେ ବୌଦ୍ଧ ସନ୍ୟାସୀ ସମାନ । ଯାଉନାହାନ୍ତି ସେ । ତଥାପି ତେଜ ଏ ପୁର । ଦେଖ ମୋ ଆଡ଼େ" ବୋଲି ନୃପ ସବେଗେ ପ୍ରିୟାକୁ ଭାଷନ୍ତି ଗିର । ୬୭ (୧୨୭-୧୨୮) । ଶମ୍ବର ନାମତ ଜଳର ତା ମାୟା-ପଟୁତା କି ପ୍ରକାଶିଲା । ନୋହିଲେ ସେ ଲାଗୁଁ ବାସଥାଇ ସଖୀଅଙ୍ଗ କେମନ୍ତ ଦିଶିଲା । ଅବା ଅମ୍ବର ଯେ । ବାସକୁ ଲୋକେ ବୋଲନ୍ତି । ତେଣୁ ଅବୃତ ପଦାର୍ଥ ସ୍ପଷ୍ଟ ଦିଶେ ହାରତାର ସଙ୍କେତନ୍ତି । ୬୮ (୧୨୯-୧୩୦) । ନିଜ-ଅବସ୍ଥା ବିଲୋକି ଲାଜେ ସଖୀ ସଦନୁଁ ଗଲେ ବାହାର । ତହୁଁ ଆନସଖୀମାନେ ତାଙ୍କୁ ଦେଖିବାକୁ ଆସିଗଲେ ନିଜ । ଗୃହ ରାଣୀଙ୍କି ଯେ । ଭାଷନ୍ତି ସଖୀ ନିକର । 'ରେ ଧୀରା ! ରହସ୍ୟ ତୋ ଯାଙ୍କୁ ବିଦିତ ତାଙ୍କୁ ଉପେକ୍ଷା ନକର' । ୬୯ (୧୩୧-୧୩୨) । ସଖୀବାଣୀ ଶୁଣି ନୃପ ଉଚ୍ଚେ ଭଣି 'ହେ ସଖି ! ସଖୀ ତୁମ୍ଭର । କହେ ତା ଗୁପ୍ତ ବୃତ୍ତାନ୍ତ ସେ, ଜାଣନ୍ତି ଗୁପତ ଅଙ୍ଗ ତାଙ୍କର । ମୁହିଁ ଦେଖିଛି ଯେ । ସେ ଅମ୍ଭ ବିରୋଧି ତେଣୁ । ସତ ନକର ତାଙ୍କ କଥା ମିଥ୍ୟାରେ ରାଣୀ ସେ ବିଧିରେ ଯେଣୁ । ୭୦ (୧୩୩-୧୩୪) । କୀର୍ତ୍ତି-ଧାରେ ପୂତ ମନୋଜ୍ଞ ଚରିତ ହୋଇଥିଲେହେଁ ଅଛର । ମିଥ୍ୟାଦୋଷ-କାଳ ବୋଲିବାରେ ତହିଁ ଶିଳ୍ପୀ ନୁହଇ କେ ନର' । ଏହା ଶୁଣିଣ ଯେ । ସଖିଯଙ୍ଗେ କଳା କହେ । 'କହିବୁଁ ତାହା ଯାହାପାଇଁ ହୋଇଛୁଁ ତଡ଼ା ବାନ୍ତି ଅମ୍ଭେ ଦୁହେଁ । ୭୧ (୧୩୫-୧୩୬) । ଏପରି ଅଶ୍ଳୀଳ-ଗିରେ କରଠାର ବୃଦ୍ଧ କଞ୍ଚୁକୀ ବାରନ୍ତେ । ବାର୍ଦ୍ଧକ୍ୟେ ତା'କର ସଦା-ଥରବାରୁ ତର୍କି ନ ପାରିଲେ ଚତ୍ତେ । ସଖିଯୁଗଳ ଯେ । ତହୁଁ କଞ୍ଚୁକୀ ତର୍କିଲା । 'ଲାଜ ନାହିଁକି ? ଅଶ୍ଳୀଳ କଥା କହ ବେଗେ ଏଥୁଁ ପଳା ପଳା । ୭୨ (୧୩୭-୧୩୮) । କଞ୍ଚୁକୀ-ଭୟରେ ସେ ସଖୀଯୁଗଳ କଞ୍ଚୁକୀ ନୃପ-ଭୟରେ । ପଳାଇଲେ ସଖୀ-ଭାଷଜାତ ଲଜ୍ଜା ଅଜନି ଦମୟନ୍ତୀରେ । ଦେଲା ଲୁଅଇଁ ଯେ । ତା ମୁଖ-ସରସୀ-ରୁହ । ଭାଷନ୍ତି ନୃପ 'ସଖୀ ଯା'ର ନିଷ୍ଠ୍ରିକ୍କା ସେ ଏମନ୍ତ କପାଁ କହ ? । ୭୩ (୧୩୯) । ମୁଖ ତୋର ସଉନ୍ଦର୍ଯ୍ୟର ଆକର ନାହିଁ ନିଷ୍ଠ୍ରିକତା ଲେଶ । ଅଙ୍ଗକୋପ-ତାପେ କଟୁକ୍ତି ରୂଡ଼ଏ ତହୁଁ ନୋହେ ଯା ପ୍ରକାଶ । ଏତ ଆଶ୍ଚର୍ଯ୍ୟ ଯେ । ଏତେ କହି ଉରେ ଧରି । ପ୍ରିୟାକୁ ସ୍ପର୍ଶ ସୁଖେ ମୁଦ୍ଧ ନୟନ

Digitized by srujanika@gmail.com

ପଣ୍ଡୁଡ଼ଲେ ଦଣ୍ଡଧାରୀ ।୭୬। (୧୪୦-୧୪୧) । ସ୍ତନେ କର ଦେଇ ନିତମ୍ବ-ବସନ ମଧ୍ୟେ ପ୍ରସାରି କର । କଲେ ସାର୍ଥକ ପାଣିଗ୍ରହେ ଗ୍ରହଣ-କରଣ ଶ୍ରମ କରର । ନର-ବାସବ ଯେ । ବହୁ ଉରେ ‌ପ୍ରେୟସୀକ । ପ୍ରକାଶିଲେ କି ସେ ବିବାହେ ନିଜର ଉଦ୍ବାହ-କର୍ତ୍ତା-ଖ୍ୟାତିକ ? ।୭୫। (୧୪୨-୧୪୩) । ନର୍ତ୍ତିବ-ପରିରମ୍ଭ ଗାଢ଼-ମର୍ଦ୍ଦନେ ଅଙ୍ଗୁଳି-ସ୍ୱେଦ-ପରିଣେ । କୁଚ-ଯୁଗଳ୍ଳ ଚମରମଦ-ଶଢ ଲକ୍ଷଣ ଗଲା ନିମିଷେ । ତହିଁ ପାଇଲା ଯେ । ପୟୋଧର ମହାପୀଡ଼ା । ତା ପରିଭବସ ବୟସୀର ଆସ୍ୟ ସମୀର ସେ କଲା ଲୋଡ଼ା ।୭୬। (୧୪୪) ସ୍ତନେ ନଖ-କ୍ଷତ କରି ଚମତ୍କୃତ ହେଉ କାନ୍ତ କାନ୍ତା ହସି । ବକ୍ଷେ ଗୃହିାନ୍ତେ ଭାଷନ୍ତ କାନ୍ତ, ‘ଅରେ ଗଣବଣା-ଏଣୀଦୃଶି । ଉବେ କରଜରେ । କ୍ଷତ କରି କି କିଶୋର । ନୋହିଲ ଚରି ବୋଲୁଥାଉ ଯଦି ମୁଁ ଥାଏ ତହିଁ ସଦା ପୂରି ।୭୭। (୧୪୫) । ଖଳ ଦୁର୍ମୁଖେ ଦୋଷୀବିତ ନିର୍ଦ୍ଦୋଷ ଲୋକକୁ ଅପବଦନ୍ତି । ଅଂଶୁଲିବିତ ତୋ ବିଶୁଦ୍ଧ-ଉରେ-ଯା କରଜ କଲା ମୋ କ୍ଷତି । ଏ ତ ଅଯୁକ୍ତ ଯେ । ଦୋଷୀକୁ ଦଣ୍ଡ ଉଚିତ । ତେଣୁ ମୋତେ ଯାହା ଉଚିତ ତୋ ଚରେ ଦିଅ ଦଣ୍ଡ ପ୍ରାଣମିତ ।୭୮। (୧୪୬) । ସୂକ୍ଷ୍ମ-ସୂକ୍ଷ୍ମ-ବିନିର୍ମିତ ବସ୍ତ୍ର ତୋର ସୁଦଶା ତାହାର ସତ । ତୋ ଉରୁ-ନିତମ୍ବ-ସ୍ତନଯୁଗ-ଯାକ ନୋହିଲେ କି ତହିଁ ବୃତ ? । ବିଶୁଁ ନିତମ୍ବ ଯେ । ଫିଟି ଘର୍ମ ସିକ୍ତ ବାସେ । ଦୀର୍ଘ ଶ୍ୱାସ ମାରି ନିନ୍ଦୁଥାନ୍ତି ନୃପ ସେ ଦିବା-ସ୍ପର୍ଶ-ଅସୁଖେ ।୭୯। (୧୪୭-୧୪୮) । ଓଷ୍ଠ ନିକଟେ ଦଂଶି ନୃପ ଅନୃତଚୁମ୍ବନାଭିନୟ କରି । ଭାଷନ୍ତି, ‘ପ୍ରସନ୍ନ ହୁଅ କାମଦାଉ ନୁହଇ ସହି କିଶୋରି’ । ଶୁଣି ଏମନ୍ତ ଯେ । କାନ୍ତ-କଉତୁକ-ବାଣୀ । ପୂର୍ବ-ଲବ୍ଧ-ତୋଷ-ସ୍ଥଳେ ବଳେ ରୋଷ ବଧାଇଲା ବାଳା-ମଣି ।୮୦। (୧୪୯-୧୫୦) । ମୁଁ ସ୍ତନେ ସ୍ତନୁଁ ସ୍ତନବଢ଼-ଜାନୁଯୁଗେ ପତ୍ତ-ନେତ୍ର ପାତ । ଦେଖି ଅଧୀରତା କାନ୍ତର ବିଗ୍ରହର ବଳାତ୍କାର ଭଳି ଚରି । ରୁଚୁନୟନା ଯେ । ହୋଇ ଉତ୍କଣ୍ଠିତା ଅତି । କଲା ଦ୍ୱିଜେ କଥା ଗତ ରହିଛନ୍ତି ଯହିଁ ସଙ୍ଗ-ସଖୀତତି ।୮୧। (୧୫୧-୧୫୨) । ନଳ-ସମ୍ଭୋଗ-ଲୋଭୀ ସ୍ତନ-ନିତମ୍ବଯୁଗ ବାଳା-ଗତିକାଳେ । ପାରିବା ପର୍ଯ୍ୟନ୍ତ ନିଜର ଗମନେ ବାଧା ଜନମାଉଁ ଥିଲେ । ବାହୁ ବିଶାଳ ଯେ । ଗଜବନ୍ଧା-ସ୍ତମ୍ଭ-ପରି । ହେଲେହେଁ ସ୍ପର୍ଶସୁଖେଁ ଜଡ଼ କରିବେ କାନ୍ତ ନ ପାରିଲେ ବାରି । ୮୨। (୧୫୩-୧୫୪) । “ଥିଲୁଙ୍ଗ ଅଲଙ୍ଗ ମୋତେ ଅସ ଅସ” ରୁନ ରୁନେ କହୁ ଘତି । ହସି ଅଳପ ଦେହଳ ବଳ ବାଳା ଅଳ-ପାଶେ କଲା ଗତି । କରି ଏପରି ଯେ । ଅପ୍ରିୟ-କଥା ପ୍ରିୟର । ହେଲା ସନ୍ତାପି ନ ଫେରିଲା ନ ଗଲା ଲାଜେ ଅଳଙ୍କ ପାଶର । ୮୩। (୧୫୫-୧୫୬) । ଏକାଳେ ଆସ ବୈତାଳିକ-ରମଣୀ ଜଣାଏଁ ନୃପ-ଗୃହରେ । ‘ଜୟ ଜୟ ଦେବ ! ମଧ୍ୟାହ୍ନ ହୋଇଲା; ମଣି ତପତ ତାପରେ, ହୋଇ ଅଶାନ୍ତି ଯେ । ଏବେ ଅଛି ଠାକୁ ରହି । ତବ ଅଭିଷେକ-ସୁବାସ-ସଲିଳ-ପୋଷେ ଶୋଷିବାର ପାଇଁ ।

Digitized by srujanika@gmail.com

୮୪ (୧୫୭) । ଗଙ୍ଗାରୁ ଅଧିକ ଶଙ୍ଖ-ଶ୍ୱେତ ଜଳ ତବ କୁଟିଳ-କୁନ୍ତଳେ । ଲଭି ସମ୍ମିଳନ ଉଚ୍ଚାବଚ-ଘାଟ-ଗ୍ରନ୍ଥି-ବଚନେ ହେଲେ । ମନ କଲ୍ପିଣି ଯେ । ଯମୁନା ସଙ୍ଗେ ତା ମେଳ । ହେଲପରି ତୁମ୍ଭ କୁଟିଳ-କୁନ୍ତଳେ ଧର୍ଣ୍ଣବ ମନ୍ଦାମଞ୍ଜୁଳ ।୮୫। (୧୫୮) । ଏବେ ତବ-ବତ ଅଦ୍ଭୁତ-ପ୍ରତାପବନ୍ତ ଅଙ୍କ-ଜନକ । ସଂସାର-ପରେ ବହିରୁଛନ୍ତି ଦେଖ ନାଶି ନିଶାତମ-ପଙ୍କ । ସ୍ନାନ ବଢ଼ାଇ ଯେ । ଶଙ୍କର-ପୂଜନ-ପୁଣ୍ୟେ । ଅଧିକୁଁ ଅଧିକ ହୁଅ ଅଧିକୃତ ହେଉ ସବିତା ଅପଣେ ।୮୬। (୧୫୯) । ଶିବ-ପୂଜାବେଳ ହେଲେହେଁ ନିକଟ ପ୍ରିୟ-ବିଚ୍ଛେଦ-ଦୁଃଖରେ । ଗତ ପ୍ରେୟସୀ ଅଗତ ହେବ ଅବା ବଗ୍ଧୁର ଦ୍ୱାର ପାଶରେ । ଦେଇ ଦୃଷ୍ଟିକି ଯେ । ବାର ବାର ନରପତି । ବଳେ ସେ ସୁଖ ଲଭିଲ-ବତ ଅଳସରେ ତଳପ ତେଜନ୍ତି ।୮୭। (୧୬୦) । ଅନେ ଅନବରତ ରସ-ପ୍ରବାହ ପ୍ରସବୁଥିବାରେ ସାଧୁ । ଶ୍ରୀ ଘାର-ମାନସଦେବୀ-ସୁଖଜଳ-ନିଧିର କୁମୁଦବନ୍ଧୁ- । ହର୍ଷ-ଭାବକୁ ଯେ । ହର୍ଷେ ହୃଦୟରେ ସ୍ଥାପି । ଭଣେ ଗୋପୀନାଥ ହରି-ସତ-ଦାତ-ମୁକ୍ତ-ପରପଦ ଜପି ।୮୮।

ଏକବିଂଶ ଛାନ୍ଦ ।

ରାଗ ବସନ୍ତ—ଗୁଣ୍ଡିବସନ୍ତ ବାଣୀ ।

ଦମୟନ୍ତୀ ପୁରୁଁ ନୈଷଧ-ଈଶ ବିଜେ ହେବାବେଳେ ନୃପତିବଂଶ
ରହି ତ ଥିଲେ ଟୀକ ସେବାପାଇଁ କର-ପଲ୍ଲବରୁ କର ବଢ଼ାଇ
ପ୍ରକାଶ କି କଲେ ?
ନିଜ-କରଦ-ପଣକୁ ଦେଖାଲେ । ୧ ।

ସୁନ୍ଦୀନ-ବସନାବୃତ ସରଣୀ । ନଳ-ପାଦତଳେଁ କଠିନ ଜାଣି । ନିଜ-ଶିରର ସୁମନସ-ହାର । ପ୍ରଣାମ-ସମୟେ ନୃପ-ନିକର । ଉଭୟ-ପାଶରୁ । କଲେ ପଥକୁ ମୃଦୁତର ଗୁରୁ । ୨ । ହେବାକୁ ଦୃଷ୍ଟିଲାଭେ କୃତ-କୃତ୍ୟ । ଭୁଆଳେ ଦେଶ ବିଦେଶୁଁ ଅଗତ । ରସାଣି ଉଜ୍ଜ୍ୱଳ କରି ଯତନେ । ନିଜ-ଦେଶ-ଜାତ ନାନାରତନେ । ଦେଲେ ଉପହାର । ରାଜାଧିରାଜ-ରାଜେନ୍ଦ୍ର-ପଦ୍ମର ।୩। ଭ୍ରୁଭଙ୍ଗୀ ନେତ୍ର ଇଙ୍ଗିତା-ଙ୍ଗୁଳି- । ସଙ୍କେତେ ଉପହୃତ-ବହୁପାଳି । ଏକ ନୃପତିର ଅନ ଭୂପାଳେ । ନୈଷଧ-ଈଶ୍ୱର ବିତରି ଦେଲେ । ନୃପେ ନୃପେଶ୍ୱର- । ପ୍ରସାଦ ଲଭି ସନ୍ତୋଷ ଅପାର ।୪। ମଙ୍ଗଳ ପୁଚ୍ଛି କୁଶଳ ବଚନେ । ତୋଷି ବିଦାଦେଇ କେତେ ରାଜନେ । ଶିଷ୍ୟଭାବେ

Digitized by srujanika@gmail.com

ଶିକ୍ଷା ଲଭିବାପାଇଁ । ଥିଲେ ଯେତେକ ବାଳ ନରପାଇଁ । ଅସ୍ତ୍ରାସ୍ତ୍ର ପ୍ରୟୋଗେ । ଶିଖାଇଲେ ତାଙ୍କୁ ନଳ ସଗ୍ରେ । ୫ । ମର୍ତ୍ତ୍ୟେ ଯେ ଶସ୍ତ୍ରର ଅଳ୍ପ ପ୍ରବୃତ୍ତ । ଶିଖାଇ ତା'ର ପ୍ରୟୋଗ ସଂହାର । ଶିଷ୍ୟ-ସମୂହେ ପରିଶ୍ରମ-ବଶେ । ମଣ୍ଡୁ କପୋଳ ସ୍ୱେଦ-ବିନ୍ଦୁ-ବଂଶେ । ବହେ ଶ୍ୱାସ ଖର । ଅବଗାହେ ନୃପତି-ମନ ଲୋଳ । ୬ । ଉଚ୍ଛଳୁଥି ବୃବୁ-ଲୋଚନା-ଚମ୍ପୂ । ସୁଗନ୍ଧଦ୍ରବ୍ୟେ ମର୍ଦ୍ଦି ନୃପକାୟୁ । ପରେ ମୃଗମଦ ଲେପନ କରି । ଢାଳିଲେ ସୁବାସେ ବାସିତ ବାରି । ସେ ବାରିର ଅଳ- । ପାଳିଥିଲେ ଅନୁ-ସରଣେ ମିଳ । ୭ । ଆପ୍ତ ଶୁଚି ପୁରୋହିତ ସେ କାଳେ । ଜଳଧରୁ ଢାଳି ତୀର୍ଥ-ସଲିଳେ । ପୃଥୁ-ତପଫଳେ ଦୃଢ଼ ଭୁଭୁତେ । କଲେ ଅଭିଷେକ ବିଧାନ ମତେ । ନୃପ ସ୍ନାନ-ଶେଷେ । ବହିଲେ ବେଦ-କଶେଦରେ କୁଶେ । ୮ । ଅବଳାକୁଚ-ଯୁଗ ସଙ୍ଗୁ ଦୂର । ହେଉ ଜନ୍ମିଲା ବିରହ ଅନଳ । ନାମ ତା'ର ଧୂମକେତନ ସତ । ଏଣୁ କି ତା'ର ଧୂମ-ଶିଖା-ବତ । ଦିଶିଲା ସୁନ୍ଦର । ହେଲା କି ଦଶା ବିଚ୍ଛେଦୀ କରର । ୯ । ଆଚମନ କରିବାକୁ ଭୂପାଳ । କର-ଚୁଳୁକେ କରୁ ଗଙ୍ଗାଜଳ । ଭୂତଳେ ସେ ତ କର୍ମଲେ ଅତୁଳ । ପଡ଼ିଲା ତହିଁ ବିମ୍ବ ଚନ୍ଦ୍ରବର । ଦାନ ପାଇଁ ମୀର । ଦେଲା କି କରେ ତାଙ୍କ ସୁର-ପୁର । ୧୦ । ଦମୟନ୍ତୀ ପାଶୁଁ ଅବକାଶାଳ । ହୋଇଥିଲେ ସ୍ନାନ-ସମୟେ ଦୂର । ସେ ସୁଯୋଗ ଜଗିଥିଲା କ୍ଷିତି କି ? । ରକ୍ତା ହୋଇ ଆଲିଙ୍ଗିଲା ପତିକି । ପ୍ରତି ଅବୟବେ । ସଲିଳେ ସେତ କୋମଳ ସ୍ୱଭାବେ । ୧୧ । ଯା ଅଗ୍ରମଧ୍ୟ ମୂଳେ ହରି ହର । ବିରଞ୍ଚି କ୍ରମରେ ନିବାସ କର । ତାଙ୍କ କମଣ୍ଡଳୁ ପଯ୍ୟର ଶିରେ । ଗଙ୍ଗା ତ ଯଥାକ୍ରମରେ ବହିବେ । ସେ କୁଶ-ଶିଖରେ । ସ୍ରବି ଗଙ୍ଗୋଦ ପଡ଼େ ନୃପ-ଶିରେ । ୧୨ । ଜଳେ ଅବତରି ନୃପଶେଖର । ପ୍ରାଣାୟାମେ ମତି କରନ୍ତେ ସ୍ଥିର । ଅପୂର୍ବ ସୁଷମା ଦିଶଇ ତହିଁ । ମନ୍ଥନ ପୂର୍ବରୁ ସରତସାଇଁ ।—ଗରଭ-ସଲିଳେ । ପୂର୍ଣ୍ଣ-ସୁଧାଂଶୁ ଅଛନ୍ତି ସମ୍ଭଳେ । ୧୩ । ଭବ-ମନୋଭବ ସେ ଦଣ୍ଡଧାରୀ । ଦିଗମ୍ବର ହରେ ବାଦ କି କରି । ପନ୍ଧିରଲେ ଦଶାନ୍ୱିତ ଅମ୍ବର । ମହାବିସ୍ମିତ ସେ ଅତି ରୁଚିର । ଶୁଭ୍ରଅଭ୍ରବତ । ନୁହେ ବିବିଧଚନ୍ଦ୍ରେ ତାରକିତ । ୧୪ । ସନ୍ତତ ବିଦର୍ଭ-ପତି-ସନ୍ତତି ।—କତିକି ଗତି କରୁଥିବା ମତି । ବୋଧିବାପାଇଁକି କରି ବିଗ୍ରହ । ସେ ରାଜର୍ଷି-ଶ୍ରେଷ୍ଠ ନରବର । ଉତ୍ତରୀୟ ବାସ ।—ବେଢ଼ାଇଲେ ବାନ୍ଧିଲେ ହୃଦ-ଦେଶ । ୧୫ । କେଶ-ଶେଷ-ଜଳବିନ୍ଦୁ-ଦଶନା । ସ୍ନାନବାରି-ଘଟ-ପୀବର-ସ୍ତନା । ଗଉରମୃତ୍ତିକା-ଚତା-ବଦନା । ସ୍ନାନଦା ସୁଭଗା ଶିଖ ନବୀନା । ନରପତିବରେ । କଲା ଆଲିଙ୍ଗନ ସେ ସମୟବେ । ୧୬ । ବର୍ତ୍ତି-ଶୁଭ୍ରତାରେ ନେତ୍ର ଅକୃଷ୍ଟ । ଶୀତଳ-ତାରେ ଚର୍ମ ପରିତୁଷ୍ଟ । ଜଳମନ୍ଦ-ଶ୍ରବଣରେ ଶ୍ରବଣ । ରସନା ରସଆସ୍ୱାଦରେ ପୁଣ । ହେଉ ନୃପତିର । ନାସା ସୁବାସେ ରସିଲା ନିକର । ୧୭ । କର୍ମଳବର୍ତ୍ତି ସୁବର୍ଣ୍ଣ

Digitized by srujanika@gmail.com

ରାଜ । ବେଦମନ୍ତ୍ର ଜପୁଁ ନିଷଧରାଜ । ସ୍ଫଟିକ-ଅକ୍ଷମାଳ-ଛଳେ କି ସେ । ଆସି
ଅଶ୍ରିଲେ ନୃପକରଦେଶେ । ଅଶଙ୍କା ଏମନ୍ତେ । ଦରଶକ ଚିତ୍ତେ ଜାତ ଗୁରୁତେ ।୧୮।
ଅଙ୍ଗୁଳିପର୍ବେ ଥିବା ଯବ ଚିହ୍ନ । ଦେବତର୍ପଣ-ସମୟେ ପ୍ରଦାନ । ଯବକୁ କଲା କି
ସେ ବେଦଗୁଣ । ତା ଦେଖି କର-କୁଣ୍ଡଳ ସେନ । ପିତୃ-ତର୍ପଣରେ । ଜଳମିଶ୍ର
ତିଳ ଦ୍ୱିଗୁଣ କରେ । ୧୯ । ପ୍ରକ୍ଷାଳି କର ପଦୁର ପଦ୍ମରେ । ହୋଇ ପୂତ ନୃପ
ଅନାଦ୍ୟପଦ୍ମରେ ।-ଅପରଦଳିତ ପଥରେ ଦେବ ।—ପୂଜା ମନ୍ଦିରେ ପ୍ରବେଶିଲେ ଜବ ।
ନ ଥିଲେ ସେବକ । ବ୍ରହ୍ମସୃଷ୍ଟି ବିନା ଇତରଲୋକ । ୨୦ । ଦେବ ଶିରପରେ
ଅନ୍ତରସ୍ଥଳ । ବିକଶିତ-ମାଳତୀମାଳ-ଜାଳ- । ବେଷ୍ଟନ ହୋଇଥିଲା ଚନ୍ଦ୍ରାତପ ।-ଭଳି
ତାଂର ପ୍ରାନ୍ତେ ଅଳି-କଳାପ ।—ପର ଅଗୁରୁର । ଧୂମନିବନ୍ଧ ଦିଶଇ ସୁନ୍ଦର ।୨୧।
ତାମସବିନାଶୀ ଯେ ଦୀପଶିଖା ।—ଯୋଗେ ରଜନୀ ଯାଉଥାଇ ଦେଖା । ତେଜେ
ଅଙ୍କୁରିଲା ପ୍ରାୟ ଅଥବା । ରଜନୀକନ୍ଦ ଅଙ୍କୁରିଲା ଅବା । ହେମଲତା-ହୃଦେ । ଥିଲେ
ଦୀପେ ତହିଁ ଦେବଉଦ୍ଦେଶେ । ୨୨ । ଚନ୍ଦନଗର୍ଭିତ ମର୍କତ ପାତ୍ର । ଶଶାଙ୍କଗ୍ରାସୀ-
ସ୍ୱର୍ଭାନୁମୁଖବତ । ମୃଗମଦପୂର୍ଣ୍ଣ ରଜତପାତ୍ର । କୋଳେ ଶଶଧାରୀ ରଜନୀକାନ୍ତ ।—
ବତ ଦିଶୁଥାନ୍ତି । ନୁହେ ତାଂର ଏତେ ବୋଲି ଗଣନ୍ତି । ୨୩ । ଦଧି-ଶର୍କର-ମିଶ୍ରିତ
ନୈବେଦ୍ୟ । ବଜ୍ରଧମଠ-ବତ ଅନବଦ୍ୟ । ପୂର୍ବ ରହିବାରୁ ଧୂମପୂରିତ । ସେ
ଦେବଗୃହ ଦିଶଇ ଏମନ୍ତ । ସତେ କି ଧର୍ମର । ଅଙ୍କୁର ଅଇଲା ଅନ୍ୟ ଅଙ୍କୁର ।୨୪।
କାହିଁବା ସୁବର୍ଣ୍ଣ-ଚମ୍ପକ-ରାଶି । ତୁଙ୍ଗେ ସୁମେରୁକୁ ପକାଇହସି । କାହିଁ ବା ମଲ୍ଲିକା-
ପୁଷ୍ପ-ପ୍ରକର । ସ୍ଫଟିକସାନୁକୁ ହସେ ନିକର । ଏଣୁ ସେ ସଦନ । ନୋହିବ କର୍ପୂର
ସର୍ବ-ଦେବସ୍ଥାନ । ୨୫ । ଅନବଦ୍ୟ ଦ୍ରବ୍ୟ ନୈବେଦ୍ୟବାରେ । ଥିଲା ପୂରି ସେ
ପୁର ଚତୁଷ୍କରେ । ନ ଥିଲା ତହିଁ ତିଳେମାତ୍ର ସ୍ଥାନ ! ତା ଦେଖି ଆସଇ ମନେ
ଏସନ । ଭୂମି ଭୂପତିଙ୍କ । କୁଳବଧୂ ଭଳି ଅଛି ଲୁଚି କି । ୨୬ । ଚନ୍ଦ୍ରକାନ୍ତ-ମଣି
ନୀଳରତନ ।—ଗଣେ ସେ ପୁରର ଭୂମି ନିର୍ମାଣ । ଶଶାଙ୍କକାନ୍ତି-ବହ୍ନି-କରେ ନୀଳ-
ମଣି-କର-ବାଳ ପଡୁ ବିକଳ । ହୁଏ କି ସେ ମଣି । ବନ୍ଧ ଗାନ୍ଧିକ-ଶିର କମ୍ପୁଥାଇ ।୨୭।
ବିବିଧବର୍ଣ୍ଣ-ରତନେ ନିର୍ମିତ । ବିଭୂଷଣେ ସେ ସଦନ ଭୂଷିତ । ନାନାବର୍ଣ୍ଣର ଚୀନ
ଝୀନାମ୍ବର । ଦ୍ରବ୍ୟ ନୈବେଦ୍ୟବୃନ୍ଦେ ମନୋହର । ତହିଁ ରତ୍ନାସନ । ମଣ୍ଡିଲେ ରସା-
ଶଶାଙ୍କ ରାଜନ । ୨୮ । ଧୀରବର ଧୀରେ ସମ୍ପୂର୍ଣ୍ଣାଙ୍ଗରେ । ପୂଜିଲେ ଭକ୍ତିରେ
ଭକତଭୂରେ । ଦେଖି ସବୁତା ସେ ଭକ୍ତ ନୃପର । ଭାବଲେ ଅଳ୍ପ ଭକ୍ତିକ କର୍ଣ୍ଣର ।
ସେବାକୁ ଶାମ୍ଭବ । ନାମମାତ୍ର ବୋଲି କଲେ ବିଗ୍ରହ । ୨୯ । ସରସୀ-ରୁହ-ଜୀବନ-
ବାନ୍ଧବ ।— ମନ୍ତ୍ର ଜପିଲାବେଳେ ନରଧବ । କରେଥିବା ରକ୍ତଚନ୍ଦନ କଣ୍ଠି । ମସୃଣ
ସ୍ଫଟିକ ମାଳିକା ଗୋଟି । ବଢ଼ାଇବା ପାଇଁ । ସ୍ୱବର୍ଣ୍ଣ ଥିଲା କି ସେ କରେ ରହି ।୩୦।

Digitized by srujanika@gmail.com

ଶଶାଙ୍କଶେଖର-ପୂଜାକାଳରେ । ପ୍ରସ୍ଫୁଟ-ନାଗକେଶର-ସୁମରେ । କରେ ତାଙ୍କୁ ଦେଉଁ ଥୋଇ ନୃପ । ବ୍ରହ୍ମା-ପାଣ୍ଡୁର ମସ୍ତକ-କଳପ । ଦଶିଲା ସେ ତହୁଁ । ଯା ତହୁଁ ପୂର୍ବୁଁ ଥିଲା ଲାଗିଯାଇ । ୩୧ । ସ୍ଫଟିକବର୍ଣ୍ଣ ଶଙ୍କରଶରୀର । ଗଳେ ଲମ୍ବାଇ ନୀଳପଦ୍ମମାଳ । ନୀଳକଣ୍ଠ ନାମ କଣ୍ଠମାତରେ । ନୀଳ ହେବା ପ୍ରକଟିଲା ଏଥିରେ । ଗଉରୀପତିର । ତେଣୁ ଭବା ସେ ପତି ଗଉରୀର । ୩୨ । ପୁରଅରି ମାରବଇରୀ ହର । ହେବେ ଏମନ୍ତ କାର୍ଯ୍ୟେ ତୁଷ୍ଟ ମୋର । ଏତେ ଭାଳନ୍ତ ସେ ନୃପ ଶଙ୍କର ।-ପୁରତେ ଦେଲେ ଜାଳି ଧୂପପୂର । କନ୍ଦର୍ପର ଶର । କର୍ପୂରି ତହୁଁ ହୋଇଥିଲା ଦୂର । ୩୩ । ସେ ସମୟରେ ହରଶିରସ୍ଥାୟୀ ।—ରଜନୀପତି-କରୁ ଭସ୍ମପାଇ । ବାଳା-ବିରହ ହୋଇବାରୁ ସହି । ଥିଲେ କି ମୂର୍ଚ୍ଛା ନରସାଇଁ ଯାଇ । ମୁଦ୍ରି ନେତ୍ର ଦୁଇ । ଧ୍ୟାନଛଳେ ଏତେ ଚନ୍ଦ୍ରେ ଅସଇ । ୩୪ । ତଦନ୍ତେ ହର-ପଦ୍ମରତଳରେ । ଲୁଟିଲେ ନୃପତି ଭକ୍ତିଭୋଳରେ । ଏତେ ବିତର୍କ ଜାତ ସେ କାଳରେ । ସ୍ମର କି ସ୍ମର ସ୍ୱଅପରାଧରେ । ନିର୍ମ୍ମିତ ସୁମରେ । ଶରେ ଗୃପ ରଖି ବନ୍ଦେ ଶଙ୍କରେ । ୩୫ । କୁସୁମାସ୍ତ୍ର କାମ କୁସୁମଶର । ସମର୍ପି ଦେଇ କି ହରପଦ୍ମର । ତାହାଙ୍କୁ ରକ୍ଷକଶ୍ରେଷ୍ଠ ବଶୁର । ନିଜର ଅପରାଧ ପରିହର ।—ବାରି ହେତୁରେ କି । ତାଙ୍କ ପଦେ ଅଳିଙ୍ଗିଛି ମସ୍ତକ । ୩୬ । ହରପରିର ସମାନ ସୁନ୍ଦର । ହର-ପରଶେ ନଳ ନରବର । ଶତରୁଦ୍ର ଜପ ପାଇଁକି କରେ । ରୁଦ୍ରାକ୍ଷମାଳିକା ବହନ୍ତେ କରେ । ପଲ୍ଲବ ପାଶରେ । ଦଶେ ଉଡ଼ବା ଭଳି ଅଳିବାରେ । ୩୭ । ହରେ ପୂଜିସାରି ହରିପୂଜନ । ପାଇଁ ଚିତ୍ତ ବଳାଇଲେ ରାଜନ । ପୁରୁଷସୂକ୍ତେ ପୁରୁଷୋତ୍ତମଙ୍କୁ । ପୂଜି ତାଙ୍କର ଦ୍ୱାଦଶ ମୂର୍ତ୍ତିଙ୍କୁ । ଦ୍ୱାଦଶ-ଅକ୍ଷର । ମନ୍ତ୍ରେ ଯଥାବିଧି ପୂଜିଲେ ନଳ । ୩୮ । ବନାବିଚକ୍ରଳ ମାଳିକା ସ୍ଥୂଳ । କି ସେ ତୂର୍ଣ୍ଣ ଉରଗ ବିଶାଳ । ତା'ପରେ ଧ୍ୟାନେ କେଶୀ-ନିସୂଦନେ । ସ୍ଥାପି ରାଜନ ଅନନ୍ତ-ଶୟନେ । ଶାୟିତ ମୁକୁନ୍ଦେ । ଅବଲୋକି-ଥିଲେ କି ମହାଆନନ୍ଦେ । ୩୯ । କଇସ୍ତୁଭ-ରୂପ-ମଣିକୁଟ୍ଟିମ- । ବାସିନୀ-କମଳା କୁଟିମ-ସମ । ସୁବିଶାଳ-ନୀଳ-କମଳ-ମାଳ । ମସ୍ତାପାଳକରୁ ଚଳ ଚଞ୍ଚଳ । ବଳଦଳା-ଗଳା । ଅଶ୍ରି ଉରସ୍ଥଳେ ରଚିଲା ଖେଳା । ୪୦ । ହେମ-କେତକୀ ଗୁଚ୍ଛ ହର-ଶିରେ । ସମର୍ପୁ ସ୍ୱର୍ଣ୍ଣ-ସୁମନସ ହାରେ । ରୌପ୍ୟ-ପୁଷ୍ପହାରେ ଶ୍ୱେତକମଳ- । ମାଳା କମଳରକ୍ତ-ରତ୍ନହାର- । ଯୋଗେ କରବୀର- । ମାଳା ଦ୍ୱିଗୁଣିତ ହେଲେ ସକଳ । ୪୧ । ଶଙ୍ଖ-ଚକ୍ର-ଜଳଜାତ-ପୂଜାରେ । ଶଙ୍ଖ-ଚକ୍ର-ଜଳଜଧର ହେଲେ । ପ୍ରଦତ୍ତ-ହରଣମଦ-ବରନ- । ଯୋଗୁଁ କୃଷ୍ଣହେଲେ ମଧୁସୂଦନ । ଅନ୍ନ ଉପହାରେ । ଅଧିକ-ଭକ୍ତ-ବଳ ବୋଲାଇଲେ । ୪୨ । ଗରୁଡ଼-ଧ୍ୱଜ-ପୂଜନ-ସମୟେ । ତାର୍କ୍ଷ୍ୟ-ଭୟ ନିନ୍ଦାରେ ସର୍ପଚୟେ । ମଳିନ ହୋଇ କି କାଳ-ଅଗୁରୁ- । ଧୂପଛଳେ ଯାଉ-

Digitized by srujanika@gmail.com

ଥିଲେ ସେ ପୁରୁ । ଜାଳପଥେ ହର । ଅଙ୍ଗ , ସ୍ପର୍ଶସ୍ଥାନେ ରହେ କେ ଧୀର । ୪୩ ।
ଯୁକ୍ତ ଅମୂଲ୍ୟ-ରତନ-ମାଳାରେ । ବକଚ-ଜାତ-ସମ-ହାରବାରେ । ନାରାୟଣଙ୍କ
ନଳ-ନରବର । ବିଭୂଷି ନାନା ରତନେ ଭାସ୍ୱର । କ୍ଷୀର-ସାଗରର । ଦନ୍ତାଗ୍ର ସେ
ମଧ୍ୟେ ଥିଲା ପ୍ରକାର । ୪୪ । ପୁରୁଷ-ସୂକ୍ତ ଜପିବା କାଳରେ । ମାଳକାସ୍ଥିତ ପୁଷ୍କର
ଗଣକରେ । ନରବର-କର-କମଳ-କୋଳ । ଲଭି ବଗୁରଲେ ଥିବାର ଚର- । କାଳ
ପଦ୍ମକୋଷେ । ଜନର ଯେଣୁ ସେ ତେମନ୍ତ ଦଶେ । ୪୫ । ପୃଷ୍ଠ ମସ୍ତପତ ବଚଚ
ସୁଚ । କର ଶିରପତ-ପଦ୍ମରେ ନତ । ତହିଁ ସୁଗନ୍ଧ ରୁଚିର ଶୁକଳ । ବଚ-କଳମାଳ
ଅର୍ପି ସେ ହାର । ସୁରଧୁନୀ-ସମ । ଦଶିଲା ଅତଶଯ୍ୟ ମନୋରମ । ୪୬ । ଅପାର ହର
ଶିରଙ୍କ ଉରରେ । ରଙ୍ଗ ଦେଖାଇଲେହେଁ ସ୍ନେହ ତା'ରେ । ତାର ଉପରସ୍ଥଳ କଣ୍ଠ-
ଦେଶେ । ବାଣୀଙ୍କ ସ୍ଥାନ ହତରବାରୁ ସେ । ନୋହି ରତ ବଢ଼େ । ଗୁଣବଶ ବୋଲି
ଜଣା ଜଗତେ । ୪୭ । ହର-ଅଭିପ୍ରାୟ ବାର ଏଥିରୁ । ପ୍ରଚୁର ସମ୍ପଦେ ପୂଜନ
ସ୍ୱରୁ । ହୋଇଲେହେଁ ତହିଁ ନୋହି ଭୂପତ । ସୂକ୍ତି-ମୁକୁତା-ହାର ଉପହୃତ । କର
ଦେବ-ପଦେ । ଭକ୍ତି ଲଭିବାକୁ ଭାବିଲେ ହୃଦେ । ୪୮ । ଅହେ ଦେବ-ଦେବ
ରୂପ ତୁମ୍ଭର । ଅଟଇ ଅବାଙ୍ଗ୍-ମନସ ଗୋଚର । ସ୍ତୁତରେ ହେବ ତା କାହିଁ କଳନା ।
ତାହାର ନନ୍ଦା ଅମ୍ଭ ସ୍ତୁତ ସିନା । ତେଣୁ ମୋ ପ୍ରଳାପ । କର କ୍ଷମା ଦେବ ବିଶ୍ୱ-
ଅଧିପ । ୪୯ । ହେ ଦେବ ଅଟ ତୁମ୍ଭେ ସ୍ୱପ୍ରକାଶ । ତୁମ୍ଭ ରୂପ ବର୍ଣ୍ଣିନାରେ ମାନସ ।
ଦତ୍ତ ମନୁଷ୍ୟ କର ଯା ଇଚ୍ଛଇ । ଅସମ୍ଭବ ତା ସର୍ବଥା ହୁଅଇ । ଅନ୍ଧକାର କାହିଁ ।
ଭାସ୍ୱର-କରେ ପାରେ ବିକଶାଇ । ୫୦ । ନୋହିଲେ ନୁହ ମନ-ବଚନର । ଗୋଚର
ପଛେ ହେ ପରମେଶ୍ୱର । ତୁମ୍ଭ ପ୍ରତ ସେ ବେନିର ପ୍ରବୃତ୍ତି । ନୋହିବ କପାଁ ?
ଗୃତକ ଦମ୍ପତ । ନପାନ୍ତ ମୀରହେ । ବୋଲିକ ସେ ତାଙ୍କ ନୁହଇ ମୋହେ । ୫୧ ।
ହେଲ ମତ୍ସ୍ୟ ବେଦ ଉଦ୍ଧାର ବେଳେ । ପୁଚ୍ଛଘାତେ ସିନ୍ଧୁଜଳ ଉଚ୍ଛୁଳେ । ଅକାଶ-
ସ୍ପର୍ଶ ଲଭି ସେ ଅର୍ଣ୍ଣି । ଦଶିଲା ଅତଅନ୍ତ ଶୁଭ୍ରବର୍ଣ୍ଣି । ବହିବାରୁ ସେହି । ତାକୁ
ସ୍ୱର୍ଗଙ୍ଗା ବୋଲିଥାନ୍ତ କହି । ୫୨ । ଧରା-ରକ୍ଷଣେ ଥିବାରୁ ନିପୁଣ । ପ୍ରତ-ମନ୍ୱନ୍ତରେ
କୂର୍ମ-ହୋଇଣ । ଧରା-ଧାରଣ କରୁଁ ପୃଷ୍ଠଦେଶେ । ଚକ୍ର-ଚକ୍ର ଚକ୍ରଚିହ୍ନ ବଳସେ ।
ସେ କୂର୍ମମୂରତ । ଜଗତ-ଜନଙ୍କୁ ଦେଉ ସୁଗତ । ୫୩ । ବରାହ-ମୂରତ ଧରବା-
ବେଳେ । ଚତୁର-ପଦନ୍ୟାସ-ଜାତ ବଳେ । ଗୃର ସାଗର ବୋଲାଉ-ଅଛନ୍ତି ।
ବୋଲି ବିଗୃରୁଥାଇ ମୁହିଁ ମତ । ଧରାଧାରୀ ରଦ । ବଢ଼ାଉ ମୋର ଅନନ୍ଦ-ସମ୍ପଦ । ୫୪
ବ୍ରହ୍ମାଣ୍ଡେ ଅଙ୍ଗ ସମ୍ଭାଉ ନଥିଲା । ସେ ମୂରତ ଧର ପାତାଳୁଁ ଧରା- । ତୋଳା-
ବେଳେ ସେ ଖସିଅଛୁଁ କରେ । ଧରିବାରୁ ଫୁଲ ସ୍ୱେମ-ନିକରେ । ବ୍ରହ୍ମାଣ୍ଡେ
ଭେଦିଲେ । ଦଶେ ସେ ପୂଜା-କଦମ୍ବ-ପ୍ରକାରେ । ୫୫ । ହିରଣ୍ୟ କଶିପୁ-ସଭା-

Digitized by srujanika@gmail.com

ବନରେ । ହେଲ ଅବର୍ଭୁତ ସିଂହ-ଅଂଶରେ । ଅରଦାସ ସୁର-ପୂଜିତ-ଅସ୍ତ- । ଗ୍ରାମେ ଅନ୍ୟାଂଶ ନରରୂପେ ଜାତ । ଅହେ ନରସିଂହ । ଘନଗର୍ଜନେ ମୋ ଦୁରିତ ଦହ । ୫୬ । ହିରଣ୍ୟକଶିପୁ-ଉଦର-କୂପେ । ଥିଲା ପଡ-ଇନ୍ଦ୍ର-ସମ୍ପତ୍ତି ଅପେ । ଉଦ୍ଧାରିଲ ଯେବେ ଅଙ୍ଗୁଳାଙ୍କୁଶ । ପଙ୍କେ ଅନ୍ଧ ଛନ୍ଦରଙ୍କୁ ଦୃଶ । ଲଗି ଥିଲା ତବ । ମୋତେ ରଖୁ ସେହି ଅଙ୍ଗୁଳ ଦେବ । ୫୭ । 'ହେ ବଳ ! ସକଳ ଆଶା ତୁମ୍ଭର । ଧନେ ଯାଉଛି ପୂର ନିରନ୍ତର । ନ ପୂରିବ କ ମୋର ଆଶ୍ରା ଏକ- । ଏମନ୍ତ କିପଟ୍ଟ କପଟ୍ଟ-ବାକ ।—ଭାଷଣେ ଚତୁର । ବାମନ ହେ ମୋତେ ଉଦ୍ଧାର କର । ୫୮ । 'ହେ ବଟୁ ! ପ୍ରାର୍ଥୁଛ ଦାନ ସଲିଳ । ତେଣୁ ତୁମ୍ଭଙ୍କୁ ପୃଷ୍ଠି-ଧନ ମୋର । ଦେବାକୁ ଇଚ୍ଛା କରୁଛି' ବଳୀର । ଏ ପ୍ରକାର ଗିର ଶୁଣି ଯାହାର । ପୁଲକେ ରୋମାଳ । ସେ ଦେବ-ପଦେ ମୋର ନିଉଛଳ ।୫୯। 'ଭୁଞ୍ଜ ଅମର-ଶ୍ରୀ ରହି ଭୂତଳେ । ହୁଅନ୍ତୁ ସଦା ସଖା-ଭୋଗିକୁଳେ । ଏହିକରେ ମୋ ତତର ଭୁବନ' । ଭାସି ଏମନ୍ତ କପଟ-ବଚନ । ଛଳିଲ ବଳକ । ଛଳିବ ମୋତେ ହେ ବନମାଳୀ କି' ? । ୬୦ । 'କରୁଛ କପାଁ କର-ପ୍ରସାରଣ । ଅଶସ୍ତ-ପ୍ରକାଶେ କି ଲଭ ପୁଣ । ତବ ଶ୍ରୀଚରଣେ ବିଶ୍ବ-ସମ୍ପଦ । ଦେବାକୁ ପାଶ୍ଚ ସାରୁଛି ମୁଁ ହ୍ରଦେ । ବଳ ଯାଁରେ ଏହା । ଭାଷି, ସେ ତାରୁ ମୋରେ ଚାହିବାହା । ୬୧ । ହେ ଅଦ-ପୁରୁଷ ! ବିଶ୍ବସର୍ଜନ- । ବେଳେ ବାହୁରୁ ହେଲେ ତବ ଜନ୍ମ । ଯେଉଁ କ୍ଷତ୍ରିୟ ଜାତି ତାଙ୍କ ମୁଖୁ ।—ପାଇଁ ଏକା ତବ ସେ କର ହେତୁ । ଏଣୁ ପର୍ଶୁଧର ।—ରୂପୀ ତୁମ୍ଭ ସେ ବାହୁକୁ ସୁହାର । ୬୨ । ପାଁଶୁଳା ବହୁତପତିକା ଧରା । ବିଧାତା କୋପେ ନବଖଣ୍ଡ କଲା । ପର୍ଶୁଧର-ମୂର୍ତ୍ତି ଅହେ ଶ୍ରୀଧର । ତାକୁ ପୁଣି ଯା ଦ୍ୱିଜଭୋଗ୍ୟା କଲ । ତବ ଅନନ୍ୟାସ୍ତ୍ର ।—କାଶ୍ୟପଣ ହରୁ ଦୁରିତଚୟ । ୬୩ । କାର୍ତ୍ତବୀର୍ଯ୍ୟାର୍ଜୁନ ଯା କରେ ମୃତ । ଦଶାସ୍ୟନାଶ ତାକୁ କେତେ ମାତ୍ର । ତଥାପି ଏକ ତ୍ରେତୟା ଯୁଗରେ । ପର୍ଶୁରାମ ରାମ ବେନି ରୂପରେ । ହେଲ ଜନ୍ମାଚରଣେ । ବନ୍ଦୁଛି ସଦା ମୁଁ ତୁମ୍ଭ ଚରଣେ । ୬୪ । ସକଳ ଲେଖକେ ସାର ବିଧାତା । ହେ ରାମ ! ତୁମ୍ଭ ଜନମାଣେ ଚନ୍ତା । କର ପ୍ରଥମେ ରେଣୁକା-କୁମର । ରାମ ନର୍ମାଣେ ବଳାଇଲା କର । ତା' ପରେ ତୁମ୍ଭର । ମୂରତି ରଚିଲା ରୁଚିର-ତର । ୬୫ । ଅଜ ହୋଇଲେହେଁ ଅଜକୁମର ।-କୋଳେ ସ୍ୱେଚ୍ଛାରେ ହେଲ ଅବତାର । ହେ ବିଶ୍ୱଭୂଷଣ ଅନାଦି ଦେବ । ନାହିଁ ତହିଁରେ ଦୋଷମାତ୍ର ଲବ । ସର୍ବ ଦୋଷାଦୋଷ । ପ୍ରଭାବେ ତବ ଯେଣୁ ହୁଏ ନାଶ । ୬୬ । ଏ ଜ୍ଞାନଜନେ ବ୍ରହ୍ମଜ୍ଞାନ ଦାନ ।—ପାଇଁ ନୋହିଲ ନୋହୁ ଅବଧାନ । ହେଉ ପଛେ ସେ ବ୍ରହ୍ମ-ଜ୍ଞାନ ଦାନ । ଯେ ଭ୍ରମେ ପଡ ଦଶାନନ-ସୈନ୍ୟ । ସମସ୍ତ ଜଗତେ । ରାମମୟ ଦେଖିଥିଲେ ପୁରତେ । ୬୭ । ପିତା ଆଦେଶେ ମୂର୍ଖ-ଜନାଦୃତେ । ଭୂସମୁତା

Digitized by srujanika@gmail.com

ରାଜଲକ୍ଷ୍ମୀ ସୀତାରେ । ଥିଲ ବରଜ; ଜଳମଧ୍ୟେ ଯା'ର । ଥିଲା ଲଙ୍କା ସେ ରାବଣ
ସାଗର । ବେନଙ୍କି ହେ ବୀର । ତିଳମାତରେ କି ଲଘି ନ ଥିଲ । ୬୮ । 'ବ୍ରହ୍ମାବରେ
ତ ମୁଁ ଅମର ସୁରେ । ସୀତା ଅର୍ପିଲେ କାମଦେବ-ଶରେ । ମଣ୍ଡ ପାଇବ ନାହିଁ ତ
ବସ୍ତୁର । ଲଭିବ ମୋକ୍ଷ ତବ କରେ ମରି' । ଭାଳି କି ଏମନ୍ତ । ନ ସମର୍ପିଲା ସୀତା
ଲଙ୍କାନାଥ । ୬୯ । ଭୁବନଜୟୀ ସମର-କର୍କଶ । ସସୈନ୍ୟ ଦଶାସ୍ୟ ଯହିଁ ବିନାଶ ।
ତୁମ୍ଭର ସେ କରେ ଶୂଦ୍ର ଶମ୍ବୁକ । ତେଜି ଜୀବନ ସ୍ୱଦୋଷେ ଉଦକ ।—ପତି-ଦେଶେ
ଥିବା । ଶଙ୍ଖେ ଉପହସାଉନାହିଁ କିବା । ୭୦ । ହେ ଦେବ ତବ ଦୁନ୍ଦୁ-ସାଗର ।
ପ୍ରିୟା-ବିରହ-ବାଡ଼ବର ଘର । ଭ୍ରାତାଲକ୍ଷ୍ମଣର କ୍ଷଣ-ବିରହ ।—ବଢ଼ିଲେ ନିଜ ଜୀବ
କଲ ଦାହ । ଦହ ମୋ ପାତକ । ହେ ଦେବ-ଦେବ ଶରଣପାଳକ । ୭୧ । ଏକ-
ବକ-ଦୁଃଖ-ଦରଶନରେ । ଶ୍ଳୋକେକ ଯେ ଅନ୍ଧ କବି ରଚିଲେ । ତବ ଶୋକ ଦେଖି
ସେ ଭାବିବର । କଲେ ରାମାୟଣ ଶ୍ଳୋକସାଗର । କଲେ ସେ ଉଚିତ । ତୁମ୍ଭ ଦୁଃଖେ
କା'ର ଦୁଃଖ ତୁଳିତ । ୭୨ । ବିଶ୍ୱବାପିତାର ସମ୍ଭବା ସୁତା । ହେବାର ଅତି
ଅନୁଚିତ କଥା । ଏ ଯୋଗେ ଔଚିତ୍ୟଭଙ୍ଗ ଆପଣ । କାଟିଲ ସୂର୍ପଣଖାର ଶ୍ରବଣ ।
ଲକ୍ଷ୍ମଣରୂପରେ । ନମୋନମ ଦେବ ତୁମ୍ଭ ପଦ୍ମରେ । ୭୩ । ଦାନମଦେ କଳ୍ପ-ବୃକ୍ଷ
ସ୍ୱର୍ଗରେ । କରନ୍ତେ ସ୍ପର୍ଦ୍ଧା ତବ କରତୁଲେ । ଛଳେ ଜନମି ତେଣୁ ଯଦୁକୁଳେ ।
ଉପାଡ଼ିଲ ସେ କଳ୍ପବୃକ୍ଷ କରେ । ସେ କର-ଚତୁର । ଉପାଡ଼ୁ ପାତକଲତାକୁ
ମୋର । ୭୪ । ବାଳକକାଳେ କ୍ରୀଡ଼ାରଙ୍ଗେ ମାତି । ଫିଙ୍ଗି କ୍ଷୁଦ୍ର କ୍ଷୁଦ୍ର ଖର୍ପର ତତି ।
ଛେଦ ସବିତାସୁତା-ବୀଚିବ୍ରାତ । ବାଣ-ମଣ୍ଡପତି-କର ସଙ୍ଘାତ ।—ଶାତନେ ଯେ
କର । ସୁଜ ପାତନ୍ତି ତାକୁ ନମସ୍କାର । ୭୫ । ଦଶାସ୍ୟ-ଶକ୍ତି ପଡ଼ୁଁ ଲକ୍ଷ୍ମଣ ।
କଲା ବିଶଲ୍ୟ ଯେଉଁ ହନୂମାନ । ରଘୁସ୍ଥ-ଶକ୍ର-କୁଣ୍ଡଳ ପାଇଁକ । ପାର୍ଥରଥଧ୍ୱଜେ
ସେ ମାରୁତିକ । ଯେ ରଖାଇଥିଲା । ତା ପଦେ ଏ ମୋର ପ୍ରଣତିମାଳା । ୭୬ ।
ପରମ ଭକତ ଭୀଷ୍ମ ତୁମ୍ଭର । ତାଙ୍କୁ ସ୍ୱଦେହ ନେବା ସୁରପୁର । ନୁହେ ବିଚିତ୍ର
ତୁମ୍ଭଙ୍କୁ, କେବଳ । ତହିଁ ଅବସର ତୁଲେ ହେଲେ ମେଳ । ଭବ ବ୍ରତ-ନାଶ । କଲ କି
ରଣେ ତାଙ୍କୁ ଗତାସୁତ । ୭୭ । ନେଇ ବେନି ତବ ଶଶାଙ୍କ ସୂର । ରଣେ ସଂହାରୁ
କର୍ଣ୍ଣେ ପାର୍ଥବୀର । ଏକ ସୁତ-ନାଶେ ହୁଅଇ ଦୁଃଖୀ । ଅନ ବଂଶଜ-ସୁଖେ ହୁଏ
ସୁଖୀ । ଏଣୁ ନେଇ ଯୁଗେ । ଭୋଗିଲେ ସୁଖ ଦୁଃଖ ଏକସଙ୍ଗେ । ୭୮ । ରାଧା ତୁମ୍ଭ
ପ୍ରାଣ-ପ୍ରତିମା ପରା । ରାଧେୟୁରପୁରେ କଲ ଯା ମେଳା । ସୁନ୍ଦର ହେଲା କି ଦେବ
ତୁମ୍ଭଙ୍କୁ । ଶ୍ରୀପତି-ପଣେ ଶ୍ରୀବତ୍ସ-ଚିହ୍ନକୁ । ଉରେ ଯା ବହିଲ । ସନ୍ତାନ-ବାତ୍ସଲ୍ୟ
ପ୍ରକାଶ କଲ । ୭୯ । ନାନାଙ୍ଗ-ରାଗ ବିବିଧ-ଭୂଷଣେ । ଦ୍ରବ୍ୟ ସୁନ୍ଦର ଯେ ମନ୍ଦର-
ପାନେ । ଶଶି-ସମ ଯା ଧବଳ ଶରୀର । ଶେଷ ହୋଇ ଶେଷ ନ ମିଳେ ଯାର । ସେ

Digitized by srujanika@gmail.com

ରେବତୀ-ପତି । ସ୍ୱାମ ତୁମ୍ଭବିନା ଆନ ନୁହନ୍ତି । ୮୦ । ହେ କାମପାଳ ହେ ରେବତୀ-
ପତି । ଅନନ୍ତ-ନାଗ ତୁମ୍ଭ ଅନମୂର୍ତ୍ତି । ଏଣୁ କୁମୁଦଉରଗ-ସଙ୍ଗରେ । ସଙ୍ଗତ ତୁମ୍ଭ
ଉଚିତ ବେଭାରେ । ତବାଙ୍ଗ ଶୁକ୍ଳିମା । ବଢ଼ାଏ ନୀଳାମ୍ବରର ସୁଷମା । ୮୧ । ଧର
ପରଶୁ ଅର୍ଦ୍ଧଚନ୍ଦ୍ରାକାର । ଛେଦିଛ କାର୍ତ୍ତିବୀର୍ଯ୍ୟ-ସହସ୍ରକର । ପୁଣି କୃଷ୍ଣରୂପେ ସୁଦର-
ଶନ । ଚକ୍ର ଯେଡ଼ି ବୀର ବାଣରାଜନ । କରଦଣ୍ଡ-ଶତ । ଛେଦିଲ ଯା ତହିଁ କି
ଅଦଭୁତ । ୮୨ । କମ୍ବୁ ଅମ୍ବୁଜ ଧର ବେନିକରେ । ତାଙ୍କ କହୁଛ କି ହର ଅପୂରେ ।
ଚେତନ ତୁମ୍ଭେ ତ ଏ ଅଚେତନ । ସ୍ୱଭାବ-ବିରୁଦ୍ଧ ମୃଦୁ କଠିନ । ଏ ବେନି ମୋହର ।
ବିଷୟେ ଭେଦ କରିଛନ୍ତି ଦୂର । ୮୩ । ତବ ଅଙ୍ଗସ୍ପର୍ଶ-ସୁଖ-ବଶରେ । କଣ୍ଟକ ଥାଏ
ଯେ ସର୍ବ ଶରୀରେ । ସେ ଘନକୁଚ ରମା ବନମାଳ- । ମଣ୍ଡିତ ଉରେ ବିରାଜ ତୁମ୍ଭର ।
ବେଲ-ଫଳ-ଲୋଲ । ଶ୍ରୀଫଳ-ତାଳଶୀ କରନ୍ତି ଦୂର । ୮୪ । ଭାବୁଛି ଶଶି ସରସିଜ
ବେନି । ମୀରଜ ଯୋଗେ ସମବୃଦ୍ଧି ଘେନି । ନିଜ ସୁଷମା ବଢ଼ାଇବା ଅଶେ । ଅଛନ୍ତି
ଏକ ତବ କରଦେଶେ । ଅପର ନୟନ- । ଭାବେ ସଦା ସେବେ ତବ ବଦନ । ୮୫ ।
ହିରଣ୍ୟ ରାବଣ କୌରବଇଣ । ପାଇଁ କରହରର ସମାବେଶ । ଥିଲ ହୋଇ ସତ୍ୟ
ତ୍ରେତା ଦ୍ୱାପରେ । ଲୋକ-ଉପକାର-ଅର୍ଥେ ସଂସାରେ । ସେ ସମାବେଶର । ପଦ୍ମେରେ
ମୋର କୋଟି ନମସ୍କାର । ୮୬ । ନାମେ ଶେଷ ହୋଇଲେହେଁ ଅଶେଷ । ବୋଲି
ତ୍ରିଲୋକେ ଜ୍ଞାତ ତବ ଯଶ । ହୋଇ ପୂର୍ଣ୍ଣଭବ ଅର୍ଦ୍ଧଭବତା । କର ଧାରଣ ଯା ବିଶ୍ୱ-
ବିଧାତା । ଏଣୁ ମାୟାଧର-। ପଣେ ତୁମ୍ଭଙ୍କୁ ନାହିଁ ପଟାନ୍ତର । ୮୭ । ପୂର୍ବ-ପୂର୍ବ-
ଜନ୍ମର କର୍ମଫଳ । ହୁଅଇ ପର ପରଜନ୍ମ ମୂଳ । ଏଣୁ ସହଜ-ସାଧ ନୁହେ ମୁକ୍ତି ।
ତା ଲାଭ ପାଇଁ ତବ ପଦେ ଭକ୍ତି । ବ୍ୟତୀତ ଅପର । ଉପାୟ ନଥିରେ ବୁଦ୍ଧିରେ
କା'ର । ୮୮ । ସର୍ବ୍ୟାପସର୍ବେ୍ୟ ଦରହର ମୂର୍ତ୍ତି । କପାଇଁ ହୋଇଲ ଜଗତପତି ।
କାହିଁକି ଅଧଉର୍ଦ୍ଧ୍ୱେ ନରହର । ହେଲ ବୋଲିବା ବାତୁଳତା ସର । ଇଚ୍ଛାମୟ
ହେବେ । ଏମନ୍ତ ପ୍ରଶ୍ନ କି ସମ୍ଭବେ କେବେ । ୮୯ । ହେ ଇଚ୍ଛାମୟ ! ତ୍ରିଭୁବନ ସୃଷ୍ଟି ।
କର ତାକୁ ନାଶି ଲଭ କି ତୁଷ୍ଟି । କାହିଁକି ନାନାରୂପେ ଅବତର । ପାଳୁଥାଅ ସେ
ସୃଷ୍ଟିକି ଶ୍ରୀହର । ତାକୁ ତ ଶେଷରେ । ନାଶିବ, ନାହିଁ ସଂଶୟ ଏଥିରେ । ୯୦ ।
ବାମନେନେ ଶଶି କୌସ୍ତୁଭ ଉରେ । କରେ ପାଞ୍ଚଜନ୍ୟ ଗଙ୍ଗା ପଦ୍ମେରେ । ଏ ସର୍ବେ
ସଗୋତ୍ର ପ୍ରପରଚିତ । ଏହାଙ୍କୁ ଦେଖି କି ଲକ୍ଷ୍ମୀ କମ୍ପିତ । ହେଲେହେଁ ଚଞ୍ଚଳା ।
ନଚଳ ତୁମ୍ଭପାଶେ ସ୍ଥିର ହେଲା । ୯୧ । ଯୁକ୍ତିସିଦ୍ଧ-ନାନାବାଧା-ବିରୋଧ- ।
ଯୋଗୁଁ ବିଶ୍ୱେ ସର୍ବଦ୍ରବ୍ୟେ ପ୍ରଭେଦ । ନୋହିପାରନ୍ତି ପରସ୍ପରୁଁ କେବେ । ତବ-
ଇଚ୍ଛା ବଶେ ଅବିଦ୍ୟା ସର୍ବେ । ବ୍ୟାପିଅଛି ଯେଣୁ । ଏ ପରମତତ୍ତ୍ୱ ନିରୋଧ ଏଣୁ । ୯୨ ।
ତବ ଉଦରେ ମାର୍କଣ୍ଡେୟ ଯତି । ଦେଖିଲେ ଜଗତ ପଦାର୍ଥ ତତି । ବାହ୍ୟେ ଅନ୍ତରେ

Digitized by srujanika@gmail.com

ତବ ଭେଦ ବାର । ନପାର ଅଇଲେ ଉଦରୁ ଚଳ । ତୁମ୍ଭେ ଏକା ବାବ । କେ ଅନ୍ତରର
ରୁଷି କେ ବାହ୍ୟର । ୯୩ । ବ୍ରହ୍ମାଣ୍ଡେ ଅନନ୍ତରୂପେ ବା ଶିରେ । ବହ୍ନ ବା ରଖ
ଉଦର-ମଧ୍ୟରେ । ବାଳକରୂପେ ବା ତବ ଶକଟ- । ଲତା-ଅଶ୍ରୟେ ହେଉ ତା'ର
ସ୍ଥିତି । ସକଳ ପ୍ରକାରେ । ଅଛି ବ୍ରହ୍ମାଣ୍ଡ ତବ ଅଣ୍ଡସ୍ଥରେ । ୯୪ । ଯାହାର ଜଳ
ଧର୍ମର କାରଣ । ସେ ଗଙ୍ଗା ଲୋଟଇ ତବ ଚରଣ । ଧନଦାୟୀ ଦେବୀ କମଳା
ଉରେ । କାମ ତ କୁମର ତବ ଦେଖରେ । ମୁକ୍ତି ଦାତା ନିଜେ । ଏଣୁ ଚତୁର୍ବର୍ଗ
ତୁମ୍ଭରେ ସାଜେ । ୯୫ । ନରକନାଶନ ହେ ଦେବ ତୁମ୍ଭେ । ଏଣୁ ହେଳାରେ ତୁମ୍ଭ
ନାମ ଲବେ । ଧରେ ଯେ ତା'ର ନରକେ କି ଡ଼ର । ନରକ ତା'ର ଉୟରେ
କାତର । ହେବାର ଉଚିତ । ନରକରୁ ସେ କପାଁ ହେବ ଭୀତ । ୯୬ । ଭକ୍ତି ଅଛି
ଯା'ର ତୁମ୍ଭରେ ହର । ମୃତ୍ୟୁକାରଣ ବଜ୍ରପାତେ ତର- । ବାର ହେତୁ ତା'ର
କଛି ନାହିଁତ । ବନା-ଚେଷ୍ଟାରେ ଅଭ୍ୟାସବଶେ ତ । କଣ୍ଠରୁ ତାହାର । ହେବ
ଉଚ୍ଚାରିତ ନାମ ତୁମ୍ଭର । ୯୭ । ଓଳାଜଥିଲେ ଯେତେ ବାର ବାର । ବାସୁଁକି ଧୂଳ
ହୁଏ କେବେ ଦୂର । କାମାନ୍ଧ ତେଜ ନର ହେଲେ ଶୁଚ । ନ ପାରେ ବଜୋଜାତ
ପାପ ମୁଞ୍ଚ । ସେ ପାପଶୋଧନ । ପାଇଁକି ତୁମ୍ଭନାମ ସମ୍ମାର୍ଜନ । ୯୮ । ତବ ଅସଂଖ୍ୟ-
ନାମ-ତାରତମ୍ୟ । ନ ହୋଇଲେହେଁ ନର-ଜ୍ଞାନଗମ୍ୟ । ସ୍ୱମ ନାମ ଶ୍ରେଷ୍ଠ ବୋଲି
ବସ୍ତୁରେ । ନୋହିଲେ କି ହେ ତିନି ଅବତାରେ । ସେହି ସ୍ୱମ ନାମ । ବହିଥାନ୍ତି କି
ପୁରୁଷ ଉତ୍ତମ । ୯୯ । ହେ ନାଥ ମୋହର ତୁମ୍ଭ ବାହାରେ । ନାହିଁଟି ଭରସା ତିନି-
ଲୋକରେ । କୃପାକର ସୂରଜେନେ ମୋ ତମ । ନ ନାଶ କିମ୍ବା ପୁରୁଷ-ଉତ୍ତମ ।
ଶଶି-ନୟନରେ । ନ ହର କିପାଁ ମୋ ତାପ-ଏମୃରେ । ୧୦୦ । ତବ ଆଦେଶ
ଶାସ୍ତ୍ରୀୟ-ବିଧାନ-। କରୁଛି ଅଜ୍ଞାନେ ସଦା ଲଙ୍ଘନ । କଠୋର ତପେ ତ ଦେଖା ନ
ଦିଅ । ତୁମ୍ଭ କୃପାପାଇ ସ୍ତବ-ଜଚ୍ୟ । ଯାହା ମୁଁ କରୁଛି । ମୋଠାରୁ ବଳ କେ
ନିର୍ଲଜ୍ଜ ଅଛି । ୧୦୧ । ଅହେ ଜଗତକର୍ତ୍ତା ହେ ବିଷ୍ଣୁସ୍ୱ । ମୋ କ୍ଷୁଦ୍ର-ହୃଦୟେ
ତୁମ୍ଭ ମାହାତ୍ମ୍ୟ । ସମ୍ଭାଇବ ଅବା କେତେ, ଗରବ । ଯେବେ-ସୁମେରୁ-ଗିରିପାଶେ
ଯିବ । ତେବେ କଉପୀନେ । ଅର୍ଣ୍ଣବ ବାନ୍ଧ ବା କେତେ ରତନେ । ୧୦୨ ।
ଏତେ କହି ସମ୍ପ୍ରଜ୍ଞାତ-ସମାଧି ।-ଯୋଗେ ଧ୍ୟାନେ ଲଭି ବିଷ୍ଣୁ-ସନ୍ନିଧି । ଅରପି
ପ୍ରେମ ଭକତି, ତାହାର । ଉଚିତ ନୃତ୍ୟଗୀତେ ନରବର । ପରିତୋଷ କଲେ ।
ଇନ୍ଦ୍ରଗବକ୍ଷିଭ ବର୍ଦ୍ଧିଷ୍ଣୁରେ । ୧୦୩ । ପାଦସ୍ଥ କର ଶ୍ରାଦ୍ଧଦ୍ରବ୍ୟଯାତ । ଦେଇ
ଦାନ ଦ୍ୱିଜଙ୍କରେ ବହୁତ । ଉତ୍ତମୋତ୍ତମ ଦ୍ରବ୍ୟରେ ଶଙ୍କର । ହରିଙ୍କି ପୂଜି
ନମି ନରବର ; ଅଗ୍ରଜଁ ଦେବର । କଲେ ବିଜୟ ନୃପ ନିଜପୁର । ୧୦୪ ।
ଭୁବସବତା ସେ ମଧ୍ୟାହ୍ନକୃତ୍ୟେ । ସାରି ପୁଣ ମଧୁ ଭୋଜନେ ତୃପ୍ତ । ହୋଇ

Digitized by srujanika@gmail.com

ସାନନ୍ଦେ ଅଶ୍ଚର୍ଯ୍ୟ ପ୍ରାଚୀନ । ସୌନ୍ଦର୍ଯ୍ୟେ ଇନ୍ଦ୍ରଭୁବନ-ସମାନ । ସ୍ୱସୌଧ-
ଶଇଲେ । ନିଜ ସୌନ୍ଦର୍ଯ୍ୟ-ସମ୍ଭାରେ ମଣ୍ଡିଲେ । ୧୦୫ । ପୂଜି ଭକ୍ତିଭବରେ
ଦେବ-ନିକରେ । କଳ୍ପିତ ନିତ ବିଭୂଷଣ-ଭରେ । ପତି-ଭୋଜନ-ଅନ୍ତେ ଭୁଞ୍ଜିଯାଇ ।
ବିଦର୍ଭନଗର-ବାସବ-କୁମାରୀ । ବିଜେ ସ୍ୱାମୀ କୋଳେ । ଯେ ଯୋଗ ସେ ବାଞ୍ଛୁଥିଲା
ସେ କାଳେ ।୧୦୬। ପକ୍ୱା-ପକ୍ୱବିମ୍ବବତ ବଦନ ।—ଚମ୍ବୁ ପକ୍ଷତ ଯାଚ ସୁଶୋଭନ ।
ସେ କୀରେ ଶୋଭସଦନ ପଞ୍ଜରେ । ଧରି କେ ସଖୀ ମହିଷୀ-ପଛରେ । ଗଲେ ଧୀରି
ଧୀର । ବିଭୂଷା କି ସେ ମଣ୍ଡଶପୁରର । ୧୦୭ । ପ୍ରସବୁ ଥାଇ ମୁଖୁଁ ଯାଇ କୁହୁ ।
ଶରୀର-ଶୋଭରେ ଜଣେ ଯେ କୁହୁ । ମଦମତ୍ତ ସେ ପିକବରେ କେହୁ । ସଖୀ ସ୍ଫଟିକ-
ଦଣ୍ଡରେ ବସାଇ । ବଳାକର ଧରି । ଥିଲା ମହିଷୀପଦ ଅନୁସରି । ୧୦୮ । ମୃଦୁ
ଉପଦେଶେ ବୀଣାବାଦନ ।--ବିଦ୍ୟାରେ ନିପୁଣା ନୃତ୍ୟଗାୟନ- । ବିଷୟେ ପୂର୍ବେ ଶିଷ୍ୟା
ପରେ ସହି । ହୋଇଥିଲେ ସେ ମହିଷୀଙ୍କ ସେହି । ଗନ୍ଧର୍ବ-ଅବଳା । କଲେ ନୃପ-
ପାଶେ ବିପଞ୍ଚିଲୀଳା । ୧୦୯ । ନିରଣନସ୍ୱନା ଗନ୍ଧର୍ବବାଳା ।—ମାନଙ୍କ କରଧୃତ
ବୀଣାମାଳା । ସାଧାରଣଭାବେ ଅଳ୍ପେ ମଧୁରେ । ଝଙ୍କାରିଲେ କି ସେ ମହିଷୀସ୍ୱରେ ।
ହାରି ତା ପାଶରେ । ଗାଇବାପାଇଁକି ସଙ୍କୋଚ ଥିଲେ । ୧୧୦ । ସକଳ କଳା
-ସ୍ୱଗୁଣର ନିଧି । ଦମୟନ୍ତୀ ତୁଲେ କିବାଦ-ବୁଦ୍ଧି । ଧରି ବିପଞ୍ଚି ହେଲା ଗୁଣଯୁକ୍ତ ।
ତେଣୁ ପରିବାଦ ଦେଲେ ବହୁତ । ଲୋକେ ଜଗତର । ଏଣୁ ପରିବାଦିନୀ ନାମ
ତା'ର । ୧୧୧ । ଗନ୍ଧର୍ବବାଳାଙ୍କ ବିଚକ୍ଷାଙ୍ଗୁଳି । ତାଡ଼ନେ ବଲ୍ଲକୀ କରଣୀଭିନ୍ନ ।
ଶ୍ରୋତା-ମସ୍ତକ କମ୍ପାଇ ନିଷାଦ ।—ସ୍ୱରେ ମଧ୍ୟରେ କଲା ଉଚ୍ଚନାଦ । ନୃପ-ଯୂଥପତି- ।
ସାନ୍ନିଧ୍ୟ ଲଭ ହୋଇ ହୃଷ୍ଟମତି । ୧୧୨ । ବୀଣାସ୍ୱରସାରେ ମହିଷୀସ୍ୱର । ଥିବାରୁ
ନିରମାଣି ବେଦବର । ତେଣୁ ସେ ରାଜଦମ୍ପତି-ପାଶରେ । ବହିଇ ଗୃହଲ୍ୟ-ଭାବ
ଅନ୍ତରେ । ଲଭ ଲଜ୍ଜା ଭୟେ । କୋଣକୁ ନ ବରଜଇ କେବେହେଁ । ୧୧୩ ।
ଗନ୍ଧର୍ବ-କନ୍ୟା-ବୀଣାରେ ସଙ୍ଗୀତ । ହୋଇଲା ଅତି ସ୍ପଷ୍ଟେ ଉଚ୍ଚାରିତ । ଧରିକୀରତ
ମହିଷୀର କୀର । ଶୁଣି ଅନୁକରି ସେ ଗୀତିବାର । ନିର୍ମଳେ ଗାଇଣ । ନେଲା
ହରି ଶ୍ରୋତା-ଜନଙ୍କ ମନ । ୧୧୪ । ଭାଷଇ ଶୁକ 'ହେ ରାଜଦମ୍ପତି । ଲୁଣ୍ଠିତ
କଣ୍ଠୁଥିବ ଅମୃମତ । ତବ ସ୍ତୁତିବେଳେ ମଉନ ହୋଇ । ରହିବା କେବେ
ଉଚିତ ନୁହଇ । ଏ କାରଣୁ କହେ । କ୍ଷୀଣ ବା ଆଏ କେଉ ପକ୍ଷୀ-
ଦେହେ । ୧୧୫ । ଗୌରୀ ଦେବୀ ହୁହେଁ ଭୂଭୃତସୁତା । ମହୀ ଭୋଗବନ୍ତ
ବେନିଙ୍କ ଭର୍ତ୍ତା । ରାଜ-ଚୂଡ଼ାମଣି ସେ ହୁହେଁ ସତ । ହୁହେଁ ତୁମ୍ଭେ ତ
ପତି-କୋଳଗତ । ପାର୍ଥକ୍ୟ କଥାଏ । ଏ ଜନ୍ମେ ଗୌରୀ ସତୀ ନ ବୋଲାଏ ।୧୧୬।
ଏ ଯେ ଦେବୀ ଯା'ର କାନ୍ତିରେ ରତି । ଜନ୍ମେ ସେ କା'ର ଚିତ୍ତେ ରତିଭ୍ରାନ୍ତି ।
ଯେଉଁ କାମଦେବର ଅମରତା । ହର-ନୟନବହ୍ନିରେ ହୁରତା । ଲଭିଛି ସେ ମାର- ।

Digitized by srujanika@gmail.com

ଭ୍ରମ ହେବ କା'ର ନୃପତିଠାର । ୧୧୭ । ମୁକ୍ତାହାର-ସରିତେ ଯେ ସୁନ୍ଦର । ଦେବପର୍ବତ-କୂଟେ ମନୋହର । ଯା'ର ମଧ୍ୟଦେଶ ହରଇ ମନ । ସେ ଦମୟନ୍ତୀଙ୍କ ଧଇ ସମାନ । ଧର ସିନ୍ଧୁବତ । ହେଉଛି ମୁଖେ-ଚନ୍ଦ୍ରେ ଉଲ୍ଲସିତ । ୧୧୮ । ଯେ ଦେଖି ଦେଇଛନ୍ତି କାମେ ଜୟ । ଅଛି ତାଙ୍କର ପତ୍ର-ଲେଖାଚୟ । ସନେହ ମୁଖେନ୍ଦୁ ସାକ୍ଷୀ ତହିଁକି । ଦେବ ହେ ଜଣି ଯା ରତିମାନଙ୍କ । ଦେଖାକି ଖେଳୁଛ । ମଧ୍ୟସ୍ଥ-ଦୁର୍ବଳତା ଏଣୁ ସ୍ୱଚ୍ଛ । ୧୧୯ । ଏ ଦେଖ ରାଜଧାନୀ ମନୋଜର । ମକରଧ୍ୱଜ କୁଚଚନ୍ଦବାର । ଅଭିଷେକ-ମହୋତ୍ସବେ ସୁନ୍ଦର । ଚଣା ହୋଇଥିବା ତୋରଣମାଳ । ଭ୍ରୂଯୁଗ ସତ । ନ ହରଇ ଦୂରୁ କାହାର ଚିତ୍ତ । ୧୨୦ । ଦେଖାରୁ ଦେବେ ଦେଖୁଁ ଦେଖ ପାଶେ । ସଦା ଗତିକର କାମ ବିଶେଷେ । ପାଉନ ନ ଥାଏ ବିଶ୍ରାମ ଲେଶ । ତୁମ୍ଭ ଯୁଗଳ-ଲୁଣ୍ଠ ତା'ର କ୍ଳେଶ । ଗମନ-ସମୂତ । ହର ନେଉଥାଏ ଅନୁବରତ । ୧୨୧ । ସ୍ୱେଦେ ସ୍ନାନ ସାରି ଉନ୍ନିଦ୍ର ହୋଇ । ତବ ସ୍ନେହେ ଯା ଛନ୍ତି ରତିପାଇଁ । ଅମୂଳବନ୍ଧ କୁସୁମ-ଶରର । ପୁଙ୍ଖତଟ ସେ ମରନ୍ଦେ ସୁନ୍ଦର । ସିକ୍ତ ହୋଇଛନ୍ତି । ବିଶ୍ୱରେ ଦେଖି ଏ ତବ ମୂରତି । ୧୨୨ । ଏ ତବ ପ୍ରାଣପ୍ରିୟା ପଦ୍ମନେତ୍ରୀ । ହେଲେଣି ସ୍ୱେଦ-ଜଳେ ପ୍ଲୁତଗାତ୍ରୀ । ରତିପତିର ତ କୁସୁମ ଶର । ତା ପ୍ରହାରରୁ ଝରିବା ରୁଧିର । ଏ ସ୍ୱେଦ ନିସୃତ । ଏମନ୍ତ ବୋଲି ବିଶ୍ୱରୁଛି ଚିତ୍ତ । ୧୨୩ । ତୁମ୍ଭ ବେନି ଅନୁରାଗ ବଳେକ । ଅବାରି ଭିସ୍ଥର ରତ ହେଲେକ । ଏ ତବ ଚକ୍ଷୁରେ ଦେଖି କମଳ । ପାଣ୍ଡୁ ହେବାକୁ କାମଶର ଫଳ । ମୂନାଏଁ କ ମୁଖ । ସତ କି ମିଛ କେଳି ସରେ ଦେଖ । ୧୨୪ । ହେ ରାଜଦମ୍ପତି ସୁରତି ପାଇଁ । ଅଧୀର ହୋଇଲଣି ତୁମ୍ଭେ ଦୁଇ । ଯାଉଛି ଜଣା ଇଙ୍ଗିତ ଆକାରେ । ଏ ସଖୀ-ନିକର ହେଚ୍ଛାବିହାରେ । ନ ବାଧନ୍ତୁ ଆଉ । ଯାନ୍ତୁ ସେମାନେ ଏବେ ଆଜ୍ଞା ହେଉ । ୨୫ । ଯୁବା ଯୁବତିର ବାସ ନ ଫେଇ । ରତି ନଖରେ ରଣେ ନ ବୁଝାଇ । ମତ୍ତତା ନ ଜନମାଇଁ କି କାମ । ବୃଥାରେ ବହିବ ମଦନ ନାମ । ସାର୍ଥ କରୁ ନାମ । ପୂରୁ ତୁମ୍ଭଯୁଗର ମନସ୍କାମ' । ୧୨୬ ଶୁକ ଏତେ କହୁ ଗନ୍ଧର୍ବବାଳା । ସଖି-ଅବଦ ଲଜେ ହୋଇ ଲୋଳା । ପଦ୍ମନୀପଣୁ ସଙ୍କୋଚ ଲଭିଲେ । ଦେବୀ-ବ୍ୟାଜ-କୋପଦୃଷ୍ଟିପାତରେ । 'ସାନ୍ଧ୍ୟରାଜକାର୍ଯ୍ୟ । ବନ୍ଧୁର୍ତ' ବୋଲି ଗଲେ ସଖି-ବ୍ରଜ । ୧୨୭ । ଶ୍ରୁତଗିରନୁବାଦନେ କୁଶଳ । ରାଜସୁତ ଅନ୍ତେ ନୀରବୁଁ କୀର । ନୃପ-ସୁତମାରେ ମୁଗ୍ଧ କୋକିଳ । ଭଷି କ ଧୁହ ଧୁହ ବାରମ୍ବାର । କହୁଥିଲା କୀରେ । 'ଗଲୁ ନୀରବ ହୋଇ କାହିଁକ ରେ' । ୧୨୮ । ସେ ଅତି ତୁଚ୍ଛ ସଉଥୁଁ ଏ ଅନ୍ତେ । ପଡ଼େ ଦେବୀଦୃଷ୍ଟି କେଳି-ସରିତେ । ଦୁରତାବଶୁଁ ସେ ହଶଇ ସରୁ । ତା ମଧ୍ୟେ ସୂର୍ଯ୍ୟବିମ୍ବ ପଡ଼ିବାରୁ । ଦିଶେ ସ୍ୱଚ୍ଛ ଅତି । ହରଇ ଦୂରରୁ ଦର୍ଶକ-ମତି । ୧୨୯ । ଯାଉଥିବାରୁ ନିଶା ବନ୍ଦେ ବହ । କୋକଯୁଗ ତାକୁ ଭାବି କି ଅହ । ଭୟ ପାଇ ପରସ୍ପରକୁ ଛାଡ଼ି । ପଳାଇଣ ଉଡ଼ି ଭୟରେ ବଡ଼ି । ସେ ସ୍ଥଳେ

Digitized by srujanika@gmail.com

ସରତ । ଥିବାର କରୁଥିଲେ ସେ ସୂଚିତ । ୧୩୦ । ଦୀର୍ଘ ବିରହ ହେବାରୁ ଅସହ୍ୟ । କାମ ଶର ମାରି କାଟନ୍ତି କି କାୟ । କ୍ଷତଜ ରକ୍ତେ ହୋଇ ଜର୍ଜରିତ । କୋକଦମ୍ପତି ଦିଶି କି ଲୋହିତ । ପଦ୍ମମୁଦ୍ରା କାଳ । ହେଲା ମହିଷୀ ଶ୍ୱାସେ ପରିମଳ । ୧୩୧ । ନୃପେ ବିଲୋକି ଭାଷନ୍ତି ମହିଷୀ । "ଦେଖ କୋକ-ଦଶା ପଡ଼ିଲା ଅସି । ଦୁର୍ଦ୍ଦଶା ଦେଖି ଚକ୍ରବାକଙ୍କର । ଦୁଃଖେ ବିଦାର ହେଉଛି ମୋ ଉର । ଦେଖି ଏହା କା'ରି ନୟନରୁ ବା ନ ବହିବ ନୀର । ୧୩୨ । କୁମୁଦ ହସିବ ଏବେ ତା ଗୃହିଁ । ସହି ନୋହିବ ବୋଲି ଦିନସାଇଁ । ପଳାନ୍ତି ଚକ୍ଷଲେ କୋକଙ୍କ ଶୋକ ।-କ୍ରୂରେ ବିଧାତା ଫୋଡ଼ଇ ପକ୍ଷିଙ୍କ । ହୃଦୟ-ଦେଶରେ । ତେଣୁ ରବନ୍ତି କି ସେ ବୃକ୍ଷଡାଳେ ।୧୩୩। ଜାଣନ୍ତି ଦୁଃଖ ପୂର୍ବୁ କୋକଯୁଗ । ତଥାପି ବିରହ ଭଞ୍ଜନ୍ତି ଅଗ । ଏକଥା ଦେଖିଲେ ଆସଇ ମନେ । ପ୍ରାଣୀ ଚଳଇ ଦଇବ-ଅଧୀନେ । ଯେଣିକି ସେ ନିଏ । ତାହା ବିନା ଆନ ପଥ ନ ପାଏ । ୧୩୪ । ହେ ପ୍ରିୟ ! କୋକଯୁଗ ଚୀରିବାକୁ । ସୂରଶାଣେ ଶାଣି ସନ୍ଧ୍ୟା-ଅସୀକୁ । ବସିଛି ବିହି ଗରୁଡ଼-ସୋଦର । ରଶ୍ମି ଧାରା ହୋଇଛି ଧୂରିବାର । ଦଣ୍ଡ ଦଣ୍ଡ ସତ । ଇଷ୍ଟକରଜେ ଦିଶେ ଶାଣ ରକ୍ତ" । ୧୩୫ । ପ୍ରେୟସୀ ମୁଖୁଁ ଏ ଗିର ମଧୁର-। ମଦିରା ପାନକରି ନରବର । ବିଲୋଳ କଟାକ୍ଷରେ ମନ୍ଦେ ହସି । ଅନାଇ ଭାଷନ୍ତି 'ରେ ଶଶିହାସି । ଭାଷିଲୁ ତୁ ଯାହା । ସତ ସତ ସଖି ତେମନ୍ତ ତାହା । ୧୩୬ । ଯୁବାଯୁବତୀ-ଜନ୍ୟେ ରତିମାର । ବହିଛନ୍ତି ତୋ ଭୁରୁଗୃପ-ବର । ଲକ୍ଷିବାକୁ ନଳୀ ତୋ ନାଶା ତହିଁ । ନିଶ୍ୱାସ ତୋର ବାୟୁବ୍ୟାସ୍ତ ସହି । ଏତେ ସଜେ ଯେବେ । ନ ଜିଣିବେ ତାଙ୍କୁ ଲୋକେ ହସିବେ । ୧୩୭ । ବର୍ତ୍ତି ରଜା ଶୁଭ୍ର, ଯେ ବର୍ତ୍ତି ବହି । ରଜତ ଦୁବର୍ଣ୍ଣ ଲୋକେ ବୋଲଇ । ସୁବର୍ଣ୍ଣୁ ସୁବର୍ଣ୍ଣ ଲଭେ ଆଦର । ସେ ବର୍ଣ୍ଣେ ଦିସନ୍ତେ ଶରୀର ତୋର । ଏଣୁ ହେମ ଭୁଲେ । ଅନମାନଙ୍କୁ ମୁଁ ଗଣା ନ କରେ । ୧୩୮ । ସିଞ୍ଚି ମଧୁ ସ୍ୱାଦୁ ଭୂମି ଚଷିଣ । କ୍ଷୀର ସାର ଦେଇ ଇକ୍ଷୁ ରୋପିଣ । ଦ୍ରାକ୍ଷା-ରସ ଦେଇ ଦୋହଦ ପାଇଁ । ଯେବେ ସେ ଇକ୍ଷୁରେ ଫଳ ଧରଇ । ତେବେ ସେ ଫଳର । ରସରୁ ତୋ ଗିର ମଧୁର-ତର । ୧୩୯ । ସୁଧାପାୟୀ କାମ ସ୍ୱାଦୁ-ତନୁରେ । ଶର୍କରାଚଳରେ ଇକ୍ଷୁ-ସିନ୍ଧୁରେ । ମନ୍ଥି ଯେବେ ନବାମୃତ କାଢ଼ିବ । ତେବେ ଅବା ତା ସମାନ ହୋଇବ । ତୋ ଭାଷା ସହିତ । ଯହିଁ ମୋ ଶ୍ରୁତିଯୁଗ ଅତୃପ୍ତ । ୧୪୦ । କୋକ-ବିରହ-ଦୁଃଖ ଦେଖି ଶୋକ । ଯେବେ ହେଲୁ ତୋର ଏତୋ ସେବକ । ଯାଇ କେଳ-ସରିତରେ ବିମ୍ବିତ । ସୂର୍ଯ୍ୟକୁ ଜଳଅଞ୍ଜଳିର ତୃପ୍ତ । କର ମାଗୁ ବର । ନ ଯାନ୍ତୁ ସେ ଶୀଘ୍ର ଅସ୍ତ-ଅଚଳ । ୧୪୧ । ନୋହିବେ ଯେବେ ସେ ଏଥି ତୃପତ । ବଳା-ଇବେ ମତି ହେବାକୁ ଅସ୍ତ । ତେବେ ଚକ୍ରବାକେ ସେ ଜଳାଞ୍ଜଳି । ଦେଇ ଏ

Digitized by srujanika@gmail.com

ସେବକ ଅଯିବ ଚଳ । ଏତେ ଅଜ୍ଞାହେଉ । ବଳମ୍ କଲେ ଦାସ ଦଣ୍ଡପାଟ୍ଟ । ୧୪୨ । ପରିହାସ-ସୁଖ-ଲଭିବା-ପାଇଁ । ଅଟ୍ଟାଳକାରେ ଲୁଚିଥିବା ସଖୀ- । ମାନଙ୍କୁ ଗୃହଯିବା ଖୋଜ ଏବେ' । ଏତେ ଭଷି ଭୂପ ଆଳଙ୍କ ଭାବେ । ବଦାଇ ପ୍ରିୟାକୁ । ବିଜେ ସାୟଂ ସନ୍ଧ୍ୟା ଆଚରିବାକୁ । ୧୪୩ । ସ୍ୱାର-ମାମଛ ଦେବୀ-ସ୍ତୁତ ହର୍ଷ । ଯା-ପଦ ସ୍ମରଣେ ସମ୍ଭବେ ହର୍ଷ । ତାଙ୍କ ପଦକୁ ମୋଦେ ହୃଦେ ବନ୍ଦ । ସାଦରେ ଦାମୋଦର-ପଦ ଧ୍ୟାୟି । ଦୀନ ଗୋପୀନାଥ । ବିରଚୁଛି ନଳ-ଚରିତ ଗୀତ । ୧୪୪ ।

ଦ୍ୱାବିଂଶ ଛାନ୍ଦ ।

ରାଗ—କଳନ୍ତ୍ରା । ତାଳ ତ୍ରିପୁଟ ।

ଏଥୁଅନ୍ତେ ରସ ଶୁଣ ସୁବଦନ ସାନ୍ଧ୍ୟ-ବିଧି ସାରି ନରେଶ ।
ରାଗେ ରଞ୍ଜିତ ପଶ୍ଚିମାଶା-ଆସ୍ୟ ।
ବିଲୋକି ବାଳାଧର-ରସାସ୍ୱାଦନ-ସୁଖେ ରଖାଇ ମାନସ ହେ ।
ସାୟଂରେ ।
କଲେ ବର୍ଣ୍ଣ୍ୟ ବିଦର୍ଭସୁତାର ।
କେଳି-ପର୍ବତ-ବିତ ନିକେତର ।
ସପ୍ତମ ତଳେ ଯାତକୁ ଭୂତଳେ ଜାତଶଙ୍କା ବିତଳର ହେ ।
ସୁଧୀରେ । ୧ ।

ପର୍ଯ୍ୟଙ୍କ-ଅଙ୍କ-ତଳପୁଁ ଉଠିଆସି ନେଇଁ ପାଶ୍ଚେଷ୍ଟ ବିମ୍ବୋଷ୍ଠୀ । ନୃପ ଲଭି ପରମ ମନତୁଷ୍ଟି । ବସି ତଳପେ କରଧରି ବାଳାକୁ କୋଳେ-କରି କରି ସୃଷ୍ଟି । ହାସକୁ । ଭାଷନ୍ତି 'ରେ ସହି ! ଦେଇ ଦୃଷ୍ଟିକ । କରି ଅବାରୀ-ବନତା-ତୁଷ୍ଟିକ । ଅଳକ୍ତ-ଜଳେ ଅବଗାହି ବହୁଛି କୁଙ୍କୁମ ରସେ ପୁଷ୍ଟିକ । ଏ ଅବାରୀ । ୨ (୨-୩) । ଅକାଶ- ଶୈଳ-ଶିଖରୁ ସୂର୍ଯ୍ୟ-ଗେରୁ ନପାତେ ଚୂର୍ଣ୍ଣିତ ହୋଇଛି । ଚୂର୍ଣ୍ଣ ନିଚୟ ଚମକ ଯାଉଛି । ଶୂନ୍ୟକୁ, ତାକୁ ସନ୍ଧ୍ୟାରାଗ କହନ୍ତି ସେ ଯେ ନ ଜାଣନ୍ତି କିଛି । ରେ ମୃଗାକ୍ଷି । ଅବା ଅସ୍ତଗିରି-ଶିର-ଶବର- । ଘର-ପୋଷା ଯାମ-ଘୋଷ ନିକର । ସୂଚ ପ୍ରହର ସ୍ୱଦିବାପାଇଁ ଶିର ଚେକୁଁ ତହିଁଦଣେ ଲାଲ । ଏ ଅବାରୀ । ୩ (୪-୫) । ସନ୍ଧ୍ୟା- ଶିରେ ବହି ବାନ୍ଧିଛି କି ସହି ନକ୍ଷତ୍ର ଦ୍ୱାଗ୍ରପଟଣ ଶାଢ଼ୀ । ତେଣୁ ସେ ଘନେ ଦେଉଛି ଘେଉଡ । ନ ଆ' ଏଣେ ବୋଲି ଧରି ସୁରଞ୍ଜିତ ସୂର-କର-ବେତବାଡ଼ । ରେ କିଶୋରି । ରକ୍ତା ସନ୍ଧ୍ୟା ରଞ୍ଜାଇବାକୁ ସୂର୍ଯ୍ୟେ । ଦେଖି ନକ୍ଷତ୍ର ହରି ତୋଷରେ ।

Digitized by srujanika@gmail.com

ତାର-ହାରଧାସ୍-ନଭ-ଶସ୍ତରେ କି ନୃତ୍ୟ ଅରମ୍ଭ କହିଲେ । ରେ କିଶୋର । ୪ । (୬-୭) । ସନ୍ଧ୍ୟାରେ ଉନ୍ମତ୍ତେ ତାଣ୍ଡବ ଆରମ୍ଭୁଁ ହର ଉରହାର ଛିଡ଼ିଲା । ଅସ୍ଥି-ନିକର ତହିଁରୁ ପଡ଼ିଲା । ନିପାତ-ଚୂର୍ଣ୍ଣିତ-ଅଂଶେ ତାରକିତ ହେବାର ନଭ ଦିଶିଲା । ରେ କିଶୋର । ପଦ୍ମେ ସୁନ୍ଦର ଘନ-ଦନ୍ତାବଳେ । ନିଶା-ଶବର ନାଶି-ବାରୁ ହେଲେ । ଏ ରଙ୍ଗ-ମୁଦ୍ଗର ରୁଧିର ତାହାର ତାରା କୁମ୍ଭମୁକ୍ତା-ଛଳେ । ରେ ପଡ଼ିଛି । ୫ (୮-୯) । ପୂର୍ବେ ପାର୍ବତୀ-ବିବାହରେ ପର୍ବତ-ବିହାରୀ ସର୍ବ ସର୍ବେଶ୍ୱର । ପୁଷ୍ପ ସିନ୍ଦୂରକୋଷବ-ଘନର । ପରିଧାନ ଥିଲେ ଏ ପ୍ରଦୋଷ-ରାଗ-ରଞ୍ଜିତ ପଶ୍ଚିମାମ୍ବର । କି ? ବିଗୁରେଁ । ସ୍ୱତାଦ୍ୱସ୍ୱ ଦକ୍ଷ ହିମବନ୍ତର । କଲ୍ୟବେଳେ ବିବାହ ମହେଶ୍ୱର । ଥିଲେ କି କର ସନ୍ଧ୍ୟା-ରାଗ-ରଞ୍ଜିତ ପୂର୍ବ-ପଶ୍ଚିମ-ଅମ୍ବର । ମୁଁ ବିଗୁରେଁ । ୬ (୧୦-୧୧) । ଏ ପରିବ୍ରାଜକ ଅର୍ଯ୍ୟମା ସର୍ବଦ ବିଚରୁଥାଇ ଦଣ୍ଡଘେନ । ସନ୍ଧ୍ୟା ହୋଇବା ସମୟକୁ ଜାଣି । ସ୍ନାନ ସାଗରେ କି ସାନ୍ଧ୍ୟ-ମେଘ-ରଙ୍ଗ-ବାସ ଅଛି ପରିଧାନ । ରେ ନବୀନା । କିବା ନିକଷ-ଅସ୍ତଶୈଳେ ସୂର-ସ୍ୱର୍ଣ୍ଣପିଣ୍ଡ କିଣିଛି କି ଅମ୍ବର । ତାର-କପର୍ଦ୍ଦେ ଏ ସନ୍ଧ୍ୟାରାଗ ଅବା କଷ-ଘଷା-ହେମଗାର । ଗୋ, ହୋଇବ । ୭ (୧୨-୧୩) । ଅକାଶ-ବୃକ୍ଷରୁ ମାର୍ତ୍ତଣ୍ଡ-ମଣ୍ଡଳ-ପକ୍ୱଦାଡ଼ିମ ତୋଳି କାଳ । ପକାଇଛି ସନ୍ଧ୍ୟାରାଗ-ବକଳ । ଭୁଞ୍ଜି ମଞ୍ଜି ଥୁଥୁ କରି ଯା ·ଫିଙ୍ଗିଛି ଏ ସେହି ନକ୍ଷତ୍ରମାଳ । ମୁଁ ବିଗୁରେଁ । ଭୁଞ୍ଜି ତାରା-ମଞ୍ଜି ପୁଞ୍ଜି ଥୁମ୍ଭିଛି । ସୂରମଣ୍ଡଳ-ଦାଡ଼ିମ୍ବ ଫୋଇଛି । ଯେଉଁ ଲୋହିତ-ବକଳ ତାହା ଏବେ ସନ୍ଧ୍ୟାରାଗ ବୋଲାଇଛି । ରେ ନବୀନା । ୮ (୧୪-୧୫) । ବନ୍ଧ ସନ୍ଧ୍ୟା ମଞ୍ଜୁ ତାଣ୍ଡବେ ମହେଶ ପଦ୍ମର-ପ୍ରହାର ଅରଞ୍ଜ । ଚିକିଚିର-ପାଷାଣ ଗଲେ ଭଞ୍ଜ । ସେ ସ୍ଫଟିକ ଖଣ୍ଡ ଚଞ୍ଚଡ଼ ପଡ଼ି କି ହୋଇଛନ୍ତି ତାରାରାଜ । ରେ କିଶୋରି' । ଶୁଣି ବର୍ଣ୍ଣନା ଲଜେ ସନ୍ଧ୍ୟାବାଳୀ । ପଳାଇଲା କି ? ତମ ତାରାବଳୀ । ମିଶି ଅକାଶେ ବନ୍ଧୁର କରୁଁ ଗୁହିଁ ପୁଣି ଭଣି ଦଣ୍ଡଧାରି । 'ରେ କିଶୋରି । ୯ (୧୬-୧୭) । ରେ କାମକାର୍ମୁକ-ଭୁରୁ ! ରମଣର ମର୍ମଭେଦୁଁ କଷ୍ଟେ କାତର । ଶୂନ୍ୟେ ଯାଇଛି ଚମକି ସାଗର । ଗ୍ରହ-ଗ୍ରାହ ମୀନ-ମୀନ ଏ ବିଶାଖା-ତାରା-ପୁଞ୍ଜ ଏଥି ଦର । ରେ କିଶୋରି । ଦେବାସ୍ତ୍ରର ସମ୍ମୋହନେ ମଦନ । ବିନ୍ଧିଛି କି ପୁଷ୍ପମାର୍ଗଣ-ଗଣ । ସେ ତାରା, କାମର ପଞ୍ଚଶର ନାମେ, ପଞ୍ଚ ପ୍ରପଞ୍ଚରେ ଘେନ । ରେ କିଶୋରି । ୧୦ (୧୮-୧୯) । ସ୍ୱର୍ଦ୍ଧୁନୀଶୀରେ ତରୁଣୀଚୂଡ଼-ଖୋଡ଼ରେ ନିଶାରେ ବରହବଧୂର । କୋକବଧୂଙ୍କ ନେତ୍ରୁ ନୀରଧାର । ପଡ଼ି ବର୍ଷାଧାର ବୋଲାଏ ନକ୍ଷତ୍ରସ୍ତୋମ୍ଭୀ ବିନ୍ଦୁବୃନ୍ଦ ତାରା । ମୁଁ ବିଗୁରେଁ । ସୁରସରିତେ ବହିବୁ ଅମ୍ବରେ । ଘୂର୍ଣ୍ଣି ଘଳାଉ ଦୂରକୁ ଉର୍ଦ୍ଧ୍ୱରେ । ଶୋଧା କର୍କଟ ମକରେ ତେଣୁ ନିମ୍ନୁଁ ଦିଶନ୍ତି ସ୍ପଷ୍ଟ ଲୋକରେ । ରେ ସୁନ୍ଦରି । ୧୧ (୨୦-୨୧) । କରି ଭୁବନବିଜୟ ବଜାଇବା-

Digitized by srujanika@gmail.com

ପାରିଁକ ଏ ବଶାଖା-ଶଙ୍ଖ । କାମ ବହୁଅଛ କ ? କରେ ଦେଖ । ତା ବନା ଅନ କେ ତାରା-ପୁଷ୍ପ-ଶଙ୍ଖେ ନର୍ମାଣିବାରେ ସୁଦକ୍ଷ । ରେ ସୁନ୍ଦର । ହେବ ରଜନୀ ବା ମହା-ଯୋଗିନୀ । କାମେ ଚେତାଇଛ ମୋହ ପଦ୍ଧତି । ଶୂନ୍ୟେ ଏ ବଶାଖାଶଙ୍ଖ କ ତା ଯୋଗ-ବଭୂତ ଥାଏ ବଖାଣି । ରେ ସୁନ୍ଦର । ୧୨ (୨୨-୨୩) । ଦବସେ ପ୍ରବୋଧ-ସମସ୍ତେ ଅଦୃଶ୍ୟ ତାରକା-ଖପୁଷ୍ପ-ମାନଙ୍କୁ । ଦେଇ ଦେଖାଇ ଶୂନ୍ୟାତ୍ମବାଦକୁ । ପ୍ରଗୃହ ନଶାଭିକ୍ଷୁଣୀ କ ବନାଶେ ତମେ ସୃଷ୍ଟି-ଅସ୍ତିତ୍ୱକୁ । ରେ ସୁନ୍ଦର । ଭୁରୁଗୃପ ଧର ତୋ ପଞ୍ଚଶର । ମୁଖ-ଶଶି-ମୂଳେ କରୁ ପ୍ରହାର । ଘାତବ୍ୟସ୍ତ ସେ ଶୂନ୍ୟକୁ ଚମକଛ ଅଦ୍ରିଶୃଙ୍ଗବଦ୍ଧଶିର । ଏ ଦଶୁଛ । ୧୩ (୨୪-୨୫) । ବଧାତାନର୍ମିତ ଲୋକାଣ୍ଡସ୍ଥୀଭୂତ ବ୍ରହ୍ମାଣ୍ଡମଣ୍ଡପ ନଯୁତ । କାଷ୍ଠାବଳରେ ସ୍ଥିର କୀଳକୁ ।—ଗର୍ଭି-ନାରୁ ସୃତ କର-ଛକର ରଜ-ନକର-ସଞ୍ଜାତ । ରେ ଦଶଇ । ଯାଉଁ ବାସରବନ୍ଧ ଅପସର । ଐରାବତ-ଗଣ୍ଡମଣ୍ଡଳୁ ଝର । ନରର୍ଗଳେ ମଦତାମସ-ପ୍ରବାହ ଅସେ ପୂର୍ବଦଗ ପୂର । କ ? କଶୋର । ୧୪ (୨୬-୨୭) । ସେତୁବନ୍ଧ ଯା ସ୍ୱେମପର ଦଶଇ ସେ ଦକ୍ଷିଣଦଗ-ବହାଣ । କାଳଦେବର ବାହନ ବାହାର । ବଗ୍ରହ ଯମୁଁ ସ୍ଫୀତ ବାହ-ବାହନେ ଧର ପଳାନ୍ତି କ ହର । ଗୋ ପ୍ରତ୍ୟହ । ସୂର୍ଯ୍ୟମଣ୍ଡଳ-ପକ୍ୱ-ମହାକାଳ । ପଡ ଅସ୍ତଶଇଳ-ଚୂଳ-ଶିଳ ।—ପରେ ଫାଟି ମଞ୍ଜି ବ୍ୟାଜେ ବରଚଛ ଏ ନବଡ଼ ତମଜାଳ । ରେ ସୁନ୍ଦର । ୧୫ (୨୮-୨୯) । ପର୍ବତରାଜ ହମବନ୍ତେ ବରଜ ଏକା ସୁମେରୁ ପ୍ରଦକ୍ଷିଣ । କରୁ ସୂର୍ଯ୍ୟ ସେ ହମାଦ୍ରିର ସେନ । ସୂର୍ଯ୍ୟ-ଅନାଦର-ସମ୍ଭୂତ ଦୁର୍ଯ୍ୟଶ ଯମା ହୋଇଛ କ ପୁଣ । ଗୋ ସୁନ୍ଦର । ଚୈତ୍ରରଥ-କାନନ କୁବେରର । ଦଶେ ପତ୍ରାବଳବତ ଯାହାର । ସେ ଉଦୀଚର ତାମସ ଦଶେ ଗିରଶିର-ଦୁର୍ଯ୍ୟଶ-ପ୍ରକାର । ରେ ସୁନ୍ଦର । ୧୬ (୩୦-୩୧) । ଦବସରେ କରସହସ୍ରେ ଭାସ୍କର ଅକାଶେ ଧରଥିଲା ଟେକ । ଏବେ ସେ ଅସ୍ତ ହୋଇଯିବାରୁ କ । ନଭ ପଡ଼ଅସେ ପାଖକୁ ତାହାକୁ ତାମସ ବୋଲୁଛନ୍ତି କ । ଗୋ ସକଳେ । ମୁଖମାତ୍ର ଅନ୍ତ୍ୟାକ୍ଷ-କସରଇ* । ରଖି ତପନ-ପ୍ରଦୀପ ଜଳାଇ । ବହ ପାରଥିବା କଳାଭ୍ରର ହୋଇ ଏବେ ତଳକୁ ଛଡ଼ଇ । କ ବଗ୍ରହେଁ । ୧୭ (୩୧-୩୨) । ରଚ୍ଛି ତାମସ-ମୃଗମଦେ ଶରୀର ହୋଇ ନୀଳାମ୍ବରେ ଶୋଭିତା । ମାର-ପୁଷ୍ପ ଶର-ତାର-ମଣ୍ଡିତା । ନସଙ୍ଖି ନ ଦେଖିଲେ ଦେଖି ନୋହୁବାବେଶେ ଏ ଦଶବନତା । ରେ ବସଙ୍ଗି । କୃଷ୍ଣାଭିସାର କରନ୍ତି ମୋ ପାଶେ । ନଶାନାଥ ନ ଥିବାରୁ ଅକାଶେ । ଦେଖି ଏହା ଦୁଃଖ ନ ବହ ସୁମୁଖି ! ନ ରୁଷ୍ଟ ଯାହା ଦାସେ । ରେ ସୁଧୀର । ୧୮ (୩୩) । ଦନଶେଷପାଇଁ ଦନେଶ-ଦକ୍ଷିଣ-ନେତ୍ର ସ୍ନାନବନ୍ଧୁ ମୁଦନ୍ତେ । ପୁଷ୍ପଯୁଗଳ ମିଳନ ଲଭନ୍ତେ । ପଦ୍ମ-ଘନଲୋମତତ ଇନ୍ଦ୍ରକୃଷ୍ଣ-ସାରେ ଶ୍ୟାମଳ ଦଶନ୍ତେ । ରେ କଶୋରେ । ତାକୁ ବୋଲନ୍ତି ଘିନା ଅନ୍ଧକାର ।

* କସରଇ—ଭର୍ଜନପାତ୍ର ବଶେଷ ।

Digitized by srujanika@gmail.com

ଅବା ନଳ-ଗୋ-ସହସ୍ରେ, ଭ୍ରମ୍ବର । ଜୀବଙ୍କ ଗୋ ମାନଙ୍କୁ ନେଇ ଜନ୍ମିଛ ଅନ୍ଧତା
ନୁହେ ଅନ୍ଧାର । ଏ ନିଶାର । ୧୯ (୩୪-୩୫) । ରେ ମୁଗ୍ଧେ ! ତାମସ ତତ୍ତ୍ୱ—
ନିରୂପଣେ ଦର୍ଶନ ବୈଶେଷିକମତ । ଶ୍ରେଷ୍ଠ କଣାଦ-ଉଲ୍ଲୂକର ସେ ତ । ତେଣୁ
ତମତତ୍ତ୍ୱ-ନିର୍ଣ୍ଣୟେ ତା ଭୁଲେ ନୁହନ୍ତି କେହି ଭୁଳନ୍ତ । ସୁତନୁ । ନିଶିଙ୍କୁ ବତ ମଳନ
ଅସ୍ପର୍ଶ । ଏ ଅନ୍ଧାରର ସମ୍ବନ୍ଧି ବିଶେଷ । ଏକ କୌଶିକନନ୍ଦନ ବିନା ଅନ-ନେତ୍ରେ
ହୁଏ ବିଷଦୃଶ । ରେ କିଶୋରି । ୨୦ (୩୬-୩୭) । ଗ୍ରହରାଜ-ତେଜେ ତାର
ମ୍ଳାନିଭଜେ ଯେ କାଳେ ତହିଁ ଅନ ଜୀବେ । ଦ୍ରବ୍ୟ-ନିବହେ ଦେଖନ୍ତି ସ୍ୱଭାବେ ।
ସେ ଦିବସରେ ଏ ପେଚକ ନ ପାରେ କାହିଁ କିଛି ଦେଖି ଲବେ । ରେ କିଶୋରି ।
ଦିବାଶେଷେ ନିଶା ହେଉ ପ୍ରବେଶ । ତା'ର ସଞ୍ଚାରେ ସର୍ବଦିଶେ ଦୃଶ । ଏମନ୍ତେ
ଏକା ଏ ଉଲ୍ଲୂକ-ବର୍ଗରେ ରଜନୀ ହୁଏ ଦିବସ ! ରେ କିଶୋରି । ୨୧ (୩୮) ।
ଦିବସ ମୋର ଅସିତ ତା'ର ସହିତର ଅଲୋକର ପ୍ରଚୁର । ବାରବାପାଇଁକି ଭଳ
ଅନ୍ଧାର । ପେଷିଥିଲା କି ଛାୟା ସୁପ୍ରତିରିକ୍ତ ପ୍ରତିପଦାର୍ଥ-ପଛର । ଗୋ ଦିବସେ" ।
ଚନ୍ଦ୍ର-ଶବ୍ଦ ତାମସେ ବର୍ଣ୍ଣିଭୂପ । ଶମ୍ଭୁ ସ୍ତବେ କି ଶଶୀ ବହି କୋପ । ଜବା-ରକ୍ତ
ଦିଶି ଅଛୁ ତାଙ୍କ ତୋଷ ପାଇଁକି ସ୍ତବନ୍ତି ଭୂପ । ସେ କାଳରେ ।୨୨ (୩୯-୪୦) ।
ଉଦୟାଦ୍ରି-ଉର୍ଦ୍ଧ୍ୱ ଭୂମି-ଯବନିକାବୃତ ହୋଇ ରହି କିଞ୍ଚିତ । ପରେ ବାହାର କିରଣେ
ଅମୃତ । ବର୍ଷି ତୃଷିତ-ଚକୋର-ଚଞ୍ଚୁ-ପୁଟାଞ୍ଜଳି କଲେଣି ପୂରିତ । ରେ ସୁତନୁ । ତମ
ଥାଉଁ ଭୂକୁ ତରୁ-ତଳର । ଅଭିସାରଣୀ ବୋଲିଣ ବଗୁର । ଚଳ ଉଭୁ ଜ୍ୟୋତ୍ସ୍ନା-
ବାସ ପିନ୍ଧିଗଲ ଫିଙ୍ଗି ଛାୟା-ନୀଳାମ୍ବର । ରେ ଚତୁରା । ୨୩ (୦୧-୪୨) ।
ଅରେ ରମ୍ଭୋରୁ ! ତୋ ବଦନ କାନ୍ତିର ଅଦର୍ଶ ପରାୟେ ଏ ଶଶୀ । ଥାଏ ଚକୋରେ
ସ୍ୱକରେ ସନ୍ତୋଷି । ନିଶାନୀଳୋ-ତ୍ପଳବତ ତୋ ଯୁଗଳ-ନେତ୍ରେ ଯାନ୍ତି ଏଥି ରସି ।
ରେ ପ୍ରେୟସି ! ପୂର୍ବେ ମନ୍ଦର-ମନ୍ଥଦଣ୍ଡ-ଯୋଗେ । ଜନ୍ମ ଲଭିଛ ଏ ସାଗର-ଭାଗେ ।
ଏବେ ଏ ସଦାସିନ୍ଧୁବାସୀ ଉଦୟ ଲଭିଇ ପର୍ବତଅଗେ । ରେ ଗଉର ।୨୪ (୪୩-
୪୪) । ସାଗର-ସମ୍ଭବଶୁଁ ଇନ୍ଦୁ ଐରାବତ ଏ ବେନି ସହୋଦର । ଇନ୍ଦୁ ଜ୍ୟେଷ୍ଠ,
କନିଷ୍ଠ ଗଜବର । ଅତଏବ ପର ପୁର୍ବେ ହେଉ ପ୍ରବେଶ ଅଗ୍ରଜ ଦିବା-ଶେଷର । ରେ
ସୁକେଶି । ତମୋଦେ ସାଦରେ ଅନୁଜ ଶିରରେ । ବନ୍ଧି ତାହାକୁ କି ଶିର-ସିନ୍ଦୁରେ ।
ସିନ୍ଦୁରିତ ହୋଇ ଯାଇଛି ଏ ଇନ୍ଦୁ ବର୍ଗରେ ପ୍ରାଣବନ୍ଧୁରେ । ମୁଁ ତତ୍ତ୍ୱରେ । ୨୫
(୪୫) । ସାଦୃଶ୍ୟବଶରୁ ରସି ଅପସର ମୁଖେ ଚୁମ୍ବନ୍ତେ ଏ ଶଶୀକି । ଓଷ୍ଠ-ଅଳକ୍ତକ-
ରାଗ ଘଷିକି । ହୋଇଯିବାରୁ ପକ୍ୱବିମ୍ବ ପରାୟେ ଲୋହିତବର୍ଣ୍ଣ ଦିଶିକି । ଏ ଚନ୍ଦ୍ରମା ।
ଅବା ସୁରତସିନ୍ଧୁ-ବଣିଜାରେ । କାମ ସରଣୀ ଦେଖାଇ ଦେବାରେ । ଶ୍ୱେତରକ୍ତ-
କାଚ-ବିନିର୍ମିତ ସ୍ୱଚ୍ଛ ପ୍ରଦୀପପାତ୍ର ଉଚ୍ଚରେ । ଗୋ ଜାଳିଛି । ୨୬ (୪୬)

Digitized by srujanika@gmail.com

ନାସାମୁଖ ନିର୍ମାଣିବା ପାଇଁ ଶଶି-ସ୍ୱର୍ଣ୍ଣଖଣ୍ଡ ରଚଛି ବିଧି । କର-ତେଜେ କଳଙ୍କ-ନାସିକାଦି । ନ ଦିଶଇ ତହିଁ ତହିଁରେ ନିର୍ମିତ ମୁଖେ ନାଶାନସ୍ପନାଦି । ଗୋ ଦିଶଇ । ସହି, ତହି ତୋ ମୁଖ କର ବହି । ତାକୁ ଦେଇଛି ଥୋଇ ନେତ୍ରଷ୍ଠାଇ । ତେଜେ ନେହାଦିଷତ ତହିଁ ନ ଦିଶେ ଯେ ସବ ଏଥି ଦିଶଇ ଗୋ । ତୋ ମୁଖେ ।୨୭(୪୮) । ପ୍ରାଚୀ-ଅମ୍ବର ରଜନୀ-ଯୋଗେ ବନ୍ଧିଥିଲା ପୀତରାଗ ନବୀନ । ତହିଁ ଲାଗନ୍ତେ ଚନ୍ଦ୍ରକର-ଚୂର୍ଣ୍ଣ । ବର୍ଣ୍ଣ ବଦଳ କ୍ଷଣକେ ଲାଲ ହୋଇ ଗଲାକି ବିଚାରେ ମନ । ମୁଁ ନିବାନ । ରାମ ଛେଦ କାର୍ତ୍ତିବୀର୍ଯ୍ୟ ମସ୍ତକେ । କଲେ ତର୍ପଣ ଯାହା ପିତୃଲୋକେ । ପିତୃଲୋକ ତ ଶଶି ସେ ରକ୍ତ ତହିଁ ଯାଇ ରଞ୍ଜିଲା ଶଶାଙ୍କେ । କି ବିଚାରେ । ୨୮ (୫୦) । ଲକ୍ଷିତ ଲକ୍ଷ୍ମଣେ ହୀନ ନାଶାକର୍ଣ୍ଣେ ରକ୍ତାସ୍ର-ବରଷୀ ଏ ଶଶୀ । ସୂର୍ପଣଖା-ବଦନବତ ଦିଶି । ସୀତା ସମ କମନୀୟ ତୋ ବଦନେ ଗୃହ୍ନି ଯା ନ ଯାଏ ଲସି । ସେ ଲାଜରେ । ଧୂର୍ତ୍ତା ସନ୍ଧ୍ୟା ରକ୍ତଶଶି-କପଟ- । ହେମପିଣ୍ଡ ନଭେ ବିକ ତା କଣ୍ଠ- । ମଣି ତର-ଣୀକି ନେଲାଣି ସେ କୂଟ-ହେମ ଜଗତେ ପ୍ରକଟ । ଗୋ ହେଲାଣି । ୨୯(୫୧-୫୨) ସୁରକୁମର କେ ରକ୍ତପଟ୍ଟଡୋରେ ରଜତଲାଟ ବୁଲାଇଲା । ବୁଲି ବୁଲି ଦୂରକୁ ଲାଟ ଗଲା । ଫାଟନ୍ତେ କ୍ରମ କ୍ରମେ ସେ ରଙ୍ଗଡୋର ଏବେ ଧବଳ ଦିଶିଲା । ଏ ଶଶାଙ୍କ । ନିଶା ତମ-ପ୍ରଶସ୍ତ କୃଷ୍ଣାମ୍ବରେ । ତାରକ୍ଷରେ ଲେଖିଥିଲା ଖଡରେ । ଲିଭାଇବାକୁ ଶଶି ତା ରକ୍ତକର ତେଣୁ କି ଶୁଭ୍ର ବିଚାରେ । ମୁଁ ହୋଇଲା ।୩୦ (୫୩-୫୪) । ଏଥି ଏ କଳାନିଧି ଦିଶି ଶୁକଳ ଅନଦେଶେ ହୋଇ ଉଦିତ । ପର-କାଶଇ କରଣ ନେହିତ । ବିରାଗ ରାଗକୁ ଏହାର ଏଣୁବା ବାରିବ କେଉଁ ପଣ୍ଡିତ । ରେ ସୁନ୍ଦର । ସନ୍ଧ୍ୟା-କୁଙ୍କୁମରାଗ ଯେନ ଅଗେ । ପରେ ତାମସ-କସ୍ତୁରୀ ସରାଗେ । ବୋଲି ଏବେ ଦିଗବାଳୀ ଶଶିକର-ଚନ୍ଦନ ଲେପିଲେ ଅଙ୍ଗେ । କି ସୁନ୍ଦର । ୩୧ (୫୫-୫୬) । ଶିଶିର-ବାସର-ମଧ୍ୟୁଁ ସାର ହରି ବିଧି ଜ୍ୟୋତ୍ସ୍ନା-ନିଶା କରଛି । ତେଣୁ ଏ ଦିବସ ସମ ଦିଶୁଛି । କଷ୍ଟ ହୋଇ ଯେଷ୍ଟ ନୋହି କି ସେ ଦିନ ଅନ ଦିନ ପରି ଅଛି । ରେ ସ୍ମିତଦତି” ହୋଇ ମୁଗ୍ଧା ଦମ୍ପୃତ ଗୃହକୁ ଗିରେ । ଶୁଣୁଥିବାରୁ ବାଳୀ ଏ ପ୍ରକାରେ । ମଜ୍ଜନ ହେବାର ଗୃହ୍ନି ନରବର ଭ୍ରଷ୍ଟନ୍ତ୍ର ପୁଣ ସଧୀରେ । ହେ ସୁଜନେ । ୩୨ (୫୭-୫୮) । “ଅରେ କୃଶୋଦରୀ ! ଏ ଶଶାଙ୍କଧାସ ସ୍ପର୍ଦ୍ଧା କରେ ତୋ ମୁଖ ଭୁଲେ । ତା’ର ପ୍ରଶସ୍ତି ଶୁଣି ମୋ ମୁଖରେ । ବୁଝିଲୁ କି ବୁଝ-ମୋହନ ? ରସିଲୁ ବୁଝି-ଭୂଷା ମୂକତାରେ । ରେ ସୁଶୀଳା । ଶୃଙ୍ଗାର-ଭୃଙ୍ଗାର ଖଣି ସୁଧାର । ମୁଖୁଁ ଝର ତୋ ବର୍ଣ୍ଣାମୃତ-ଧାର । ତୋଷୁ ମୋ ଶ୍ରୁତ ମଧୁରେ ଶିକ୍ଷାରୁ ବୋଭରେ ତ ସେ ଇକ୍ଷୁର । ରେ ବିରାଗ । ୩୩ (୫୮-୫୯) । ଏବେ ଏ ଅର୍ଣ୍ଣବ-ନନ୍ଦନବର୍ଣ୍ଣନ ପୀୟୁଷଭଳ ବର୍ଣ୍ଣା-ବଳ । ତୋର ବଦନ-ସୁଧାକରୁ ଗଳ । ତୋଷୁ ;”ଏତେ ବୋଲୁ ଭୂପାଳ କୋମଳେ

Digitized by srujanika@gmail.com

ତାଙ୍କୁ ଗୃହିଁ ଭଣେ ବାଳୀ । ହେ ସୁଧୀରେ । 'ଦେଖି ଶଶାଙ୍କେ ଏତେ ବିଗ୍ରହ । ଇନ୍ଦୁ ସିନ୍ଧୁ-ପ୍ରବାହ ବୃଦ୍ଧି ପାଇଁ । ଚନ୍ଦ୍ରକାନ୍ତ ପଣ-ବିରହ-ଶୋକାଶ୍ରୁ-କୋକିନେତ୍ର ଅଛୁ ନେଇ । କି ସନ୍ଦେହ । ୩୪ (୬୦-୬୧) । ରଜନୀ-ଯମୁନା-ତାମସ-ପ୍ରବାହ ଅପସରୁଁ ସୁଧା-ମୟୂଖ । ଦିଶେ ପ୍ରୟାଗ-ସମତୁଲ ଦେଖ । ସଇକତମୟ-ଦ୍ୱୀପର ଗୁରୁତା ରହିଛି କୌମୁଦୀ ପାଖ । ହେ ଜୀବେଶ । କୁମୁଦର ଶୁଭ୍ରହାସ୍ୟେ ଫସାର । ଦିଶେ କ୍ଷୀରେ କ୍ଷାଳିତ ପରକାର । ଯେ ମୁଖ ମୁହିଁ ନଭେ ଇନ୍ଦୁ ଥିଲେହେଁ ଦିନେ ନ ଶୋଭେ ଫଶାର । ହେ ଜୀବେଶ । ୩୫ (୬୨-୬୩) । ମୃତ୍ୟୁଞ୍ଜୟ-ଜଟେ ରହି ଶଶି ହ୍ରାସ ତାଠାରୁ ପଳାଇ ମରଣ । ଏଣୁ ତହିଁ ନୁହଇ ସେହି କ୍ଷୀଣ । ଏକା ସ୍ଥଳରେ ଜୀବିତ ହରହାର-ମୁଣ୍ଡେ ସ୍ୱର୍ଭାନୁ ଭାବଣ । ଏ ଶଙ୍କଇ । କଉମୁଦୀ ଚକୋରେ ସୁଧା ଦେବେ । କଳା ଏକ ବିତରିଅଛି ଶିବେ । ତଥାପି କଲ୍ପତରୁ-ଭ୍ରାତା ଶଶୀଙ୍କ ଏ ଦାନ ଅଲ୍ପ ମୁଁ ଭାବେ । ହେ ଜୀବେଶ । ୩୬ (୬୪-୬୫) । ଏକର କୋଳେ କସ୍ତୁରୀ ଅନଗଳେ ଗରଳ ରହିଅଛି ପୂର୍ବ । ଏକ ସୁଧା ଅପର ଭସୂଯାଙ୍କ । ଶିରେ କଲେହେଁ ନୁହେ ପର ପୂର୍ବର ଷୋଡ଼ଶଅଂଶକୁ ସରି । ହେ ଜୀବେଶ । କଲ୍ପ ଅର୍ଦ୍ଧ-ଦଗ୍ଧାସ୍ଥିରେ କାମର । ସିତାସିତ ଚନ୍ଦ୍ରେ କି ଦେବବର । ବନ୍ଧିଲେହେଁ ଶିରେ ସ୍ମରର ତାକୁ ସେ ପାଶଇ ଶୁଭ କାମର । ସେ ବଢ଼ିଣ । ୩୭ । (୬୬-୬୭) ଶଶ-ଲୋଭେ ସିଂହକେଶ୍ୟ ଗ୍ରାସିବାକୁ ଯାଉ ନ ତେଜ କୋଳଶଶ । ଶଶି ନିଜେ ତା ମୁଖେ ଦେଇଁ ହ୍ରାସ । ଶରଣବତ୍ସଳ ପଣେ ତା ତୋଷେ କି ବିରଜେ ନ କର ଗ୍ରାସ । ସେ ଷଶାଙ୍କେ । ଏହି ସୁଧାନିଧିର ଜନକରେ । ଥିଲେ ଅଗସ୍ତ୍ୟ ଶୋଷି ଜଣକରେ । ସୁଧାଶୀ ଦେବେ ଯା ଶୋଷନ୍ତି ଶଶୀଙ୍କ ଅଶ୍ଚର୍ଯ୍ୟ କ୍ଷୟ ଏଥିରେ । ହେ ଜୀବେଶ । ୩୮ । (୬୮-୬୯) । ସ୍ୱର୍ଗଗାବିଶଦ-ଶୁଭ୍ରଜ୍ୟୋତ୍ସ୍ନା-ଜଳ ଚତୁର୍ଦ୍ଦିଗ କର ପ୍ଲାବିତ । ପିତା କ୍ଷୀରସିନ୍ଧୁ କୋଳୁଁ ରହିତ । ହେବାରୁ ଜାତ ତାସ୍ୱପତିତାପକୁ ନିବାରୁ ନାହିଁ କି ସତ । ହେ ଜୀବେଶ । ଚନ୍ଦ୍ରସନ୍ତୃପ୍ତ ଚକୋର ଅହାର । ନେତ୍ର-ସଖୀ ନୃତ୍ୟ ଗୁରୁ ସିନ୍ଧୁର । ହେଉ ବା ଚନ୍ଦ୍ରିକା । କୁମୁଦେ ହସାଇ କୌମୁଦୀ ନାମ ତାହାର । ହେ ବିଖ୍ୟାତ । ୩୯ । (୭୦-୭୧) । କଳଙ୍କି ଶଶୀର ସତାସିତ କର ଯସରେ ପଡ ଶୋଭ ଦିଶେ । ଜ୍ୟୋତ୍ସ୍ନାକ୍ଷୀର-କ୍ଷାଳିତ ଯଶ କି ସେ । ସ୍ୱଦେହୁଁ ଜାତ ନଳାଦ୍ଧ-ଚୂର୍ଣ୍ଣ-ବ୍ରାତ-ଛଯ୍ଯାରେ ଚିହ୍ନା ବିଶେଷେ । ସଦ୍ଗୁଣ । ଏଣେ ତମେ ଠେଲ ଶଶି ନ ଭଳ । କେତେ ଅଂଶ କଲ୍ୟାଣ ସମୁଜ୍ଜ୍ୱଳ । ପୁଣି ଉଦ୍‌ବେଳ-ଲବଣ-ସିନ୍ଧୁଜଳେ ଅପର-ବିଭାଗ କାଳ । କି ଦିଶୁଛି ।୪୦। (୭୨-୭୩) ନିଜପିତା ସମୁଦ୍ରର ହ୍ରାସବୃଦ୍ଧି ଶଶାଙ୍କ ନ ଲଭନ୍ତା କେହି । ସେତ ପ୍ରତ୍ୟହ ଛାଡ଼ଇ ବଢ଼ଇ । ଏଥିକି ଅଶ୍ଚର୍ଯ୍ୟ ସୁତ ଯା ବନ୍ଧୁତ ଦିନେ ସେ ଦଶା ଲଭଇ । ହେ ଜୀବେଶ । ଶଶି ସଦା ଅଦର୍ଶ-ଦୃଶ୍ୟ ସତ । ପୁଣି ଅ-ଦର୍ଶ ଦୃଶ୍ୟ ନୁହଇ ତ । ଜିନେତ୍ରଙ୍କୁ ଯାଂର ଅକ୍ଷିନେତ୍ର ତା'ର ଚଳିବା କଥା କେମନ୍ତ । ହେ ଜୀବେଶ । ୪୧ । (୭୪-୭୫)

Digitized by srujanika@gmail.com

ଯାଗ ମୃଗାଙ୍କ ଏ ସମ ବେଳ ଶୁଦ୍ଧ ହୁଅନ୍ତି ଭୋଗ୍ୟ ବୃନ୍ଦାରକେ । ପୂର୍ବ ପୁଷ୍ଟ-ଜୀବଂ-ହଂସା ପାତକେ । ଅପର ଶଶାଙ୍କ ନିଃଶଙ୍କେ ଅଙ୍କରେ ବହିଛନ୍ତି ମଳ କଳଙ୍କେ । ହେ ଜୀବେଶ । ବାୟୁବାହନ ହରଣ ଶୋଷରେ । ରଥୁଁ ଖସି ସଞ୍ଚର ଆକାଶରେ । ଚନ୍ଦ୍ର ସୁଧାପିଇ ତହିଁ ରହିଛି କି କଳଙ୍କ ବୋଲନ୍ତି ତା'ରେ । ହେ ସଜ୍ଜନେ । ୪୨ । (୭୬-୭୭) ଶିଶୁଶଶାଙ୍କେ ତ ହରଣ ନ ଥାଏ ତେଣୁ ଆସଇ ଏହି ବୁଦ୍ଧି । ଯୁବା ଚନ୍ଦ୍ରମାର ପ୍ରିୟାଓଷଧି-। ମାନେ ବନବାଣ୍ଡି ହରଣେ ପେଷନ୍ତେ ସେ ତାକୁ ଅଛି ସମ୍ବାଦ । ହେ ସାଦରେ । ଅବା ଅଭ୍ରଷଧି ସ୍ୱାମୀ-ସେବନେ । ଅସୁଁ କୋଳକୁରଙ୍ଗ ମୋଦ-ମନେ । ପଲ୍ଲବତାଙ୍କ ଖାଇ ପିଇ ପୀୟୂଷ ରହିଛି ସୁଖେ ସେ ସ୍ଥାନେ । ମୁଁ ବିଗ୍ରହରେ । ୪୩ । (୭୮-୭୯ । ଏକ ମୃଗଶିର ଶିବଶରେ ପଶ ତାଡ଼ିତ ବଲୋକ ଅପର । ଚନ୍ଦ୍ରେ ଚୂଡ଼ାମଣି ଜାଣି ଶିବର । ତା ପାଶେ ଯାଇ ଶରଣ ପଶିବାରୁ ସେ ତାକୁ ଧରିଛି କୋଳ । ହେ ଅଶ୍ୱାସି । କୋଳ ପର ପୃଷ୍ଟେ ତା'ର ହରଣ । ରହିବାରେ ସନ୍ଦେହ ନେବେ ମନ । ସ୍ୱମୁଖେ ପଶୁର ସେ ରଣେ ଶରିର କରିଛି ପୃଷ୍ଠ ବଲ୍କଳ । ହେ ଜୀବେଶ । ୪୪ । (୮୦-୮୧) । ଉଦରେ ଶୁଭ୍ର ଶଶ ଶଶି-କୋଳରେ ଉତ୍ତାନେ ରହିବା ଯୁକତ । ବୃନ୍ଦାରକଙ୍କ ସୁରଭିମାନେ ତ । ଉତ୍ତାନେ ଗଗନେ ଭ୍ରମିବା ବୃତ୍ତାନ୍ତ ବେଦେ ହୋଇଛି ଉକତ । ହେ ଜୀବେଶ । ହୁରୁ ନୀଳ ସ୍ନେହିତ ଦ୍ରବ୍ୟ ନୀଳ । ହିଶିଥାଏ, କୃଷ୍ଣସେମେ ପୃଷ୍ଠର, ଥିଲେହେଁ ରକ୍ତସତ୍ତ୍ୱ ହୁରୁଁ ଅମୃଙ୍କ ଦିଶଇ ନୀଳ କେବଳ । ହେ ଜୀବେଶ । ୪୫ । (୮୨-୮୩) । ଶଶ-ଥିବାରୁ ଶଶି ଚନ୍ଦ୍ରେ କହଏ ବୋଲିଆନ୍ତି ମୃଗ ଥିବାରେ । ମୃଗୀ ନ ବୋଲନ୍ତି କେଉଁ ବେଦ୍ଭେଦ-ବ୍ୟାକରଣ-ଗର୍ବ ଏକା ସେ ଚୂରନ୍ତି ତାଙ୍କୁ କେ ନିଷେଧି ପାରେ । ହେ ଜୀବେଶ । ଥିଲା ପ୍ରସବ ଯେତେମାନ ସନ୍ଧ୍ୟା । ଶୁକ୍ଳ-ପ୍ରତିପେ ତେତେ ଦିଶେ ଇନ୍ଦୁ । ପ୍ରମାଣ ତା'ର ରହିଛି ହରଶିରବନ୍ଦାସ କୁନ୍ଦବନ୍ଧୁ । ହେ ଜୀବେଶ । ୪୬ । (୮୪-୮୫) । କୌମୁଦ ଭଳ କେତକୀପୃଷ୍ଠ ବୋଲି ଶଶାଙ୍କେ କେତକୀସୁମନ୍ଧୁ । ଅସେବିବା ଯେବେ କେହି ପଣ୍ଡିତ । କୋଳକୁରଙ୍ଗ-ନାଭିଗନ୍ଧେ ସେ ସୁମସୁଗନ୍ଧ ସାମ୍ୟ ଉଚିତ । ହେ ହୋଇବ । ଜ୍ୟୋତିଷମତେ ଶଶି ପୂର୍ବେଁ ଗୋଲ । ଦଂଶି ଦଶନେ ସ୍ୱଚ୍ଛ ଶୋଣ ତା'ର । ସାର ସୁଧା ନେଇଁ ଖାଲି ଖୋଳ ଲସି ଦିଶୁଛି ଚେପା ଆକାର । ହେ ଜୀବେଶ । ୪୭ । (୮୬-୮୭) ସାମ୍ୟ ନ ଥିବାରୁ ଶଶ ସ୍ମରସଖା ନୁହେ ଚନ୍ଦ୍ର-ନାମା କର୍ପୂର । ହେବ ନିଯୁତ ମିତ କନ୍ଦର୍ପର ଯେଣୁ ଦହନାନ୍ତେ ବେଳ ଗରୁଁ ଶତେ ଗୁଣେ କରନ୍ତି ବିସ୍ତାର । ହେ ସ୍ୱବାର୍ଯ୍ୟ । ଅବା ସ୍ମର ଶଶୀ ବେନି ମଇନ୍ଧ । ଏକେ ଜାଳନ୍ତି ହର ବହ୍ନି-ନେତ୍ର । ଦର୍ଶଯୁତ ହର-ସୂରନେତ୍ର ସାରଥାଏ ଅନର ଜୀବିତ ହେ । ଯେ ହେତୁ ।୪୮। (୮୮-୮୯) । ପୂର୍ବେ ହର-ନେତ୍ର-ପଦ୍ମ ହେବାବେଳେ ଏ ଶଶୀ ଏହା କୋଳଶଶ । ଥିଲା ହୋଇ ନେତ୍ରତାର ସଦୃଶ । ପଦ୍ମକୋଳକୁ ଅଳ

Digitized by srujanika@gmail.com

ଭଲ ବସ୍ତ୍ରକୁ ଥିଲା ତା ଲୀଳାବିଳାସ । ହେ ଜୀବେଶ । ଦ୍ୱିଜରାଜ ଶଶୀ ତାର୍କ୍ଷ୍ୟ ଏ ବେନି । ପକ୍ଷ-ଦ୍ୱୟ ବେନିଙ୍କ ଅଛି ପୁଣି । ଉଭୟେ ହରିଶ୍ରିତ ତେଣୁ ହରି କି ନୟନେ ଯୋଜିଲେ ଜାଣି । ହେ ଜୀବେଶ । ୪୯ । (୯୦-୯୧) । ପଦ୍ମୋଦ୍ଦାହଦକ୍ଷ ଶିଶିରେ ଯେ ଲକ୍ଷ ଅଛନ୍ତି କରି ବହ୍ନିତେଜ । ଶଶିଶିଶିରକର ତ ସହଜ । ଏହା ଅଙ୍କକଳଙ୍କକୁ ଧୂମଧାର ଭଲ ଅଛନ୍ତି ଅବ୍ୟାଜ । ଏ କବିଏ । ନଖ ପୀଡିତା ଫସାରବ ଭରେ । ହୋଇ ପ୍ଲୁତା ସରତ-ସ୍ୱେଦଧାରେ । ଶଶାଙ୍କକର-ସାଗରେ ଅବଗାହ ଦୂରକରେ କି ଶ୍ରମବେ । ମୁଁ ଦଗ୍ଧରେଁ । ୫୦ ୯୨-୯୩) । ଦଗ୍ଧରେଁ ବହୁକାଳରୁ ମଳ ବସି ସୁମେରୁ ସୁନୀଳ ହୋଇଛି । ଖିଡଛାଯ୍ୟ ତ ଗନ୍ଧୀବଶ ପଡଛି । ତହିଁ ସୁମେରୁ ପୀତବମ୍ମ ନ ପଡ଼ିବାରେ କି କାରଣ ଅଛି । ହେ ଜୀବେଶ । କରେ ମୁଦହୋଇଯାଉ ସରୋଜ । କୋନ୍ତୁ ସ୍ଫୁଟ ସରୋଜେ ପକ୍ଷେ ପୂଜ୍ୟ । ସେକ୍ଷତ ତା'ର କି ନବାରେ ସ୍ୱକୋଳ-କୁରଙ୍ଗ-ନେତ୍ର-ସରୋଜ । ହେ ଜୀବେଶ । ୫୧ (୯୪-୯୫) । ଏ ଯେ ଶବିରେ ଶଶକେ ଦଶୁଅଛି କି ଅଶ୍ଚର୍ଯ୍ୟ ଅଛି ଏଥିରେ । ଏହା ଜନକ ସାଗର ଉଦରେ । ଅସଂଖ୍ୟ ଅବଂ ପର୍ବତ-ଗର୍ବ-ଖର୍ବକାରୀ କରୀ ପରି ଥିଲେ । ହେ ଜୀବେଶ । ଗଉରାଙ୍ଗୀ ସଙ୍ଗେ ଶ୍ୟାମସୁନ୍ଦର । ଶ୍ୟାମା ସଙ୍ଗେ ଶୁଭ୍ର ହର ରୁଚିର । ତାମସୀ-ଜ୍ୟୋତ୍ସ୍ନିକା—ସଙ୍ଗେ କି ଶଶିର ଧଳା-କଳା କଳେବର । ହେ ଜୀବେଶ । ୫୨ (୯୬-୯୭) । ଚକୋରାଙ୍କୁ ରୌଦ୍ରବୃଷ୍ଟି କାସ୍ତାବଳ ଭୋଗୁଛନ୍ତି ଅନବରତ । ତହିଁ ଷଦ୍ରୁଛନ୍ଦାକ ତାରବ୍ରାତ । ସେ ମଧ୍ୟେ ଏ ସୁଧାକର ବିରାଜଇ ଭକର-ଶିଳୀନ୍ଧ୍ରବତ । ହେ ଜୀବେଶ । ପ୍ରଦୋଷରେ ଅତର୍କିତେ ତରଣୀ । ବୁଡ଼ି ଜଗତଜୀବ ନେତ୍ର-ଶ୍ରେଣୀ । ତମ-ସରିତ ତରିବାକୁ ଶଶାଙ୍କେ ଭେଳା କି ଛନ୍ତି ନିର୍ମାଣି । ହେ ଜୀବେଶ । ୫୩ (୯୮-୯୯) । ଅମ୍ବ ନେନେ କ୍ଷଣସ୍ଥାୟୀ ଖଦ୍ୟୋତୋଜ୍ଜ୍ୱଳ ତେଜବିନ୍ଦୁ ଇନ୍ଦୁ ନାହିଁକି ? । ଅଛି ମୁନି ବଡ଼ ଅମ୍ବ ତହିଁକି । ମାସବିନାଶୀ ବୃହତ ତେଜବିନ୍ଦୁ ଇନ୍ଦୁ ତାଙ୍କ ନୁହନ୍ତି କି । ହେ ନୟନ । ସୁଧା ଊଷଧି ନଭ-ଶକଟରେ । ସିନ୍ଧୁ ମଣିରେ ଦ୍ୱିଜେ ମନ୍ତ୍ରବଳେ । ଷଦ୍ଭ୍ରୀ ପାଣ୍ଡପତ୍ତ ସନ୍ତାନ ନୃପତ୍ତି-ରକ୍ଷଣେ ଶକ୍ୟ ନୋହିଲେ । ହେ ଜୀବେଶ । ୫୪ (୧୦୦-୧୦୧) । ସୁଧାକରର କିରଣ ଏକା ସୁଧା ଏ ପ୍ରବାଦ ସତ୍ୟ ନୁହଇ । ଅବା ସେ ଜରାମୃତ୍ୟୁ ନ ନାଶଇ । ଚନ୍ଦ୍ରକରପାୟୀ ଚକୋର କିପାଇଁ ଅଜରାମର ନୁହଇ । ହେ ଜୀବେଶ ।”

ପ୍ରେୟସୀର ଏ କଥିତା ଶୃତୁଷି । ବନ୍ଧୁ ଶିଶିରବର୍ଣ୍ଣନାର ଶେଷ । ଭାବେ ବସ୍ତୁସ୍ୱେ କିଛିକାଳ ନଳଙ୍କୁ ଦେଲା ଜଡ଼ ସ୍ତବ୍ଧ କରି । ହେ ସୁଧୀରେ । ୫୫ (୧୦୨-୧୦୩) । 'ସୁଧାଧାରପରି ମଧୁର ଗିର ଯା ଏ ମୁଖୁଁ ହୋଇଲା ବାହାର' । ବୋଲି ବୋଲି ଏମନ୍ତ ମହୀପାଳ । ଚୁମ୍ବିଲେ କମଳତୁଳ ପ୍ରେୟସୀର ମୁଖଚନ୍ଦ୍ର ହୋଇ ଭୋଳ । ହେ ସୁଜନେ । ବିଦର୍ଭରାଜବଂଶମୁକ୍ତା ସତୀ । ଶୁଣି ପ୍ରିୟତମ-ପ୍ରିୟଭାରତୀ । କମ୍ପାଇ ଅଙ୍ଗ ହାସ—ଜ୍ୟୋସ ଦାବିଲା ପାତଯାପ୍ତ-ତାରଦ୍ୟୁତି । ସେ ପ୍ରମୋଦେ । ୫୬ (୧୦୪-୧୦୫) ।

Digitized by srujanika@gmail.com

ଭାଷେ, "ହେ ଜୀବେଶ ! ନିଜର ପ୍ରଶଂସା ନିଜମୁଖରେ ନ ଶୋଭଇ । ତେଣୁ ଶଶୀ-ବର୍ଣ୍ଣନେ ମୋତେ କହ । ସ୍ୱମୁଖ-ପ୍ରଶସ୍ତି ଶୁଣୁଛ ମୋ ମୁଖେ ଏ ତ ସଙ୍ଗତ ଅଟଇ । ହେ ଭୂମ୍ଭକ୍ତ" । ପ୍ରିୟାବାଣୀ ଶୁଣିଣ ହାସଭାଷୀ । ନରପ୍ରବର ନଳ ସ୍ୱଜଶଶୀ । ଶଶାଙ୍କ-ବର୍ଣ୍ଣନ ଛଳେ ପ୍ରେୟସୀର ପରିହାସ-ରସେ ରସି । ସେ ଭାଷନ୍ତି ।୫୭। (୧୦୬-୧୦୭) । "ପ୍ରିୟେ ! ଏ ହରିଣ ତୋ ମୁଖେ ଶ୍ରବଣ କରି ସଙ୍ଗୀତ ପୁନର୍ବାର । ହୋଇ ଶ୍ରବଣା-ଭିଳାଷୀ ମୁଖର । ଭ୍ରମରେ କୁମୁଦବନ୍ଧୁଙ୍କୁ ଆଦର ଅଛି ନୋହି ତହୁଁ ଦୂର । ମୁଁ ବସୃରେଁ । ଗାନେ ରସନା ଆକର୍ଷି ହରଣେ । ଚନ୍ଦ୍ରେ ତେଜି ସେ ଆସୁଁ ତୋ ଆନନେ । ଶୁତ ତୋ ପାଶ ସଦୃଶ ସେ ତାକୁ ବାନ୍ଧ ପାଶେ ରଖୁ ଏଣେ । ଗୋ ନବୀନା । ୫୮ (୧୦୮-୧୦୯) । ଜ୍ୟୋତ୍ସ୍ନାପତି ଶକ୍ତି ବଢ଼ାଉ ବା ତମବନ-ଶୀତଳତା-ଗୁଣରେ । ଶଙ୍ଖ-ପାଣ୍ଡୁ ନିଶାରେ ଯେତେଦୂରେ । ପାରେ ଯାଇ ତେତେ ନ ପାରେ ବଢ଼ାଇ ହନେ ଦିନେଶ-ତାପରେ । ରେ ବମ୍ଭୋରୁ ! ତେଣୁ ଥିଲେହେଁ ଦୂରେ ଶଶଧର । ଶୁଣି ସଙ୍ଗୀତ-ମାଧୁର୍ଯ୍ୟ ତୋହର । ସ୍ୱାଦ-ଶେଷସୀମା ବାର ଅବଜ୍ଞାରେ ବରଜେ ପୀୟୁଷକର । କ କଶୋର ।୫୯। (୧୧୦-୧୧୧) । ଚନ୍ଦ୍ର ହରିନେତ୍ର ହେବାରେ ବଚନ ନାହି କଛି ରେ ପ୍ରାଣପ୍ରୀତ । ଅଟି ନେତ୍ରୁଁ ତ ଏହାର ଉତ୍ପତ୍ତି । ନେତ୍ରସୁତ ନେତ୍ର ହେବାର ଉଚିତ ତେଜନ୍ତା କ ବଂଶସାତ । ଏ ଶଶାଙ୍କ । କୁଶକଣ୍ଟ ରେ ! ନିଶାରଜନକା । ଷୀରଧ୍‌ର-ବିଶଦ ଜ୍ୟୋତ୍ସ୍ନାଅଣି । ଅସିତ-ଅନ୍ଧାର ଛଡ଼ାଇ ଅମ୍ବର, କାଚ ନିର୍ମଳ କଲାଣି । ରେ ସଙ୍ଗିନ । ୬୦ (୧୧୨-୧୧୩) । ରେ କରଭୋରୁ ! ତାରକାର ମୁଦ୍ରରେ ଥାଏ ଦୂରକର ଶରତ । ଶଶିକଳଙ୍କନାଶେ ସେ ହାରେ ତ । ଶଶିଷୋଡ଼ଶ-କଳାରୁ ଏକାଦଶ ଏକାଦଶ ରୁଦ୍ରେ ଧୃତ । ରେ କଶୋର । ଅଉ ପାଞ୍ଚକଳା ରତିପତିର । ଶର ହୋଇ ସମ୍ଭାଏ ତା ତୂଣୀର । ସେ ପଞ୍ଚକଳାରେ ପଞ୍ଚ ଅର୍ଦ୍ଧଚନ୍ଦ୍ର ଶର ବହେ ହରପର । ରେ କିଶୋର । ୬୧ (୧୧୪-୧୧୫) । ବସ୍ତୁତ ତାସ ଏକକର ବିଧାତା ଯେବେ କରନ୍ତା ଆନନଶଶୀ । ତେବେ ସେ ଅବା ଯାନ୍ତା ସମଦଶି । ତୋ ମୁଖ ସଙ୍ଗରେ ଯା'ର ତହୁଁ ସ୍ଥୂରେ ନିରତ ସୁଷମାସ୍ୱଶି । ରେ ରମ୍ଭୋରୁ । ତୋର ମୁଖ ସୁଷମା ଲଭ ପାଇଁ । ଶଶୀ ସରୋଜ ବିବାଦୀ ଏ ଦୁଇ । ସମସ୍ତ ଗ୍ରହବାକୁ ଇଚ୍ଛା କରନ୍ତି ଅଳପେ ସନ୍ତୁଷ୍ଟ ନୋହି । ରେ କିଶୋର । ୬୨ । (୧୧୬-୧୧୭) । ଆଉ ଆନକଥା ନିଜେ ଦେବରାଜ ଯା ପାନ ନ ପାରିଲେ କରି । ସେ ତୋ ଓଷ୍ଠସୁଧା ଯା ମୁଁ ଚାଖିଲି । ଏଣୁ ସୁଧାଂଶୁ-ସୁଧାରେ ହେଲି ଘୃଣା ସେ ଦେବ-ଉଚ୍ଛିଷ୍ଟ ବୋଲି । ରେ କିଶୋର । ଔଷଧୀଶେ ମୁଣ୍ଡାଇ କି ଈଶ୍ୱର ଁ କଲେ ସିନ୍ଧୁଜାତ ଗର ଆହାର । ସର୍ବାଙ୍ଗେ ପନ୍ନଗେ ଭୂଷିତ ହୋଇଲେ ଗଲା ତାଙ୍କ ମୃତ୍ୟୁ ଡର । ରେ କିଶୋର । ୬୩ (୧୧୮-୧୧୯) । ଗୁରୁଦାରେ ଗମି ଶଶୀ ଦ୍ୱିଜରାଜ ବୋଲାଏ ନ ହୋଇ ପତିତ । ତେଜୋବନ୍ତ ଚରମ-ଦେହପ୍ରାପ୍ତ । ଜନଙ୍କୁ ପ୍ରକୃତ

Digitized by srujanika@gmail.com

ଅବଶ୍ୟ ନ କରେ ଏ କଥା ଯେବେ ତୁ ଶତ୍ରୁ । ରେ କିଶୋର । ପିତୃଲୋକ-ଉଦ୍ଦେଶେ
ପୁରନ୍ଦରୁ । ଶୁଦ୍ଧପୂତ କୃଷ୍ଣତିଳ-ମିଶ୍ରିତ । ଜଳ ପିତୃଲୋକ ଅଶ୍ରି ଚନ୍ଦ୍ରେ ମିଶି ଅମୃତ
ନାମେ କି ଖ୍ୟାତ । ରେ ସୁକେଶି । ୭୪ । (୧୨୦-୧୨୧) । ଭୃଙ୍ଗତମ ଏ ଅଙ୍କାଳି-
ପରୁଁ ସହି କେଳିସରତ ତୋ ଦଶନ । ନାର ମୁକୁରକୁ ଯା'ର ହସଇ । ତହିଁ ବିମ୍ବିତ
ଚନ୍ଦ୍ରେ ପତିଭ୍ରମରେ ରାଜମରାଳୀ ଚୁମ୍ବଇ । ଗୋ ଅନାଅଁ । ଉଦୟରେ ଅମରେ
ସୁଧାଶୋଷି । ନେଇଥିବାରୁ ଖାଲି ଥାଏ ଶଶୀ । ନିଶିରେ ଏ କି ପୀୟୂଷପୂର୍ଣ୍ଣ ହୁଏ
ତୋ କେଳିସରତେ ପଶି । ଗୋ ବିମ୍ବରେ । ୭୫ (୧୨୨-୧୨୩) ।
ଏ କେଳି-ସରତେ ଇନ୍ଦୁ-କୁମୁଦିନୀ-ବିବାଦ କେତେ ମନୋହର । ପୁଷ୍ପକରେ ଧରଛି
କାନ୍ତକର । ମକରନ୍ଦ ଦାନ-ସଲିଳ ହୋଇଛି ଏଥି ଅବଧାନ କର । ଗୋ ସୁନ୍ଦର ।
ସ୍ଫୁଟ ନୀଳ ସୁଦୀର୍ଘ ପୁଷ୍ପନେତ୍ରେ । କୁମୁଦିନୀ-ଯୁବତୀ ଏ ସରତେ । ଊର୍ଦ୍ଧ୍ୱେ ଗ୍ରହିଁଛି
ତା କାନ୍ତ ଥିବବୋଲି ତୋ ମୁଖ-ତାରକା-କାନ୍ତେ । ଗୋ ସୁନ୍ଦର । ୭୬ (୧୨୪-
୧୨୫) । ଜଳ-ତାପସ କୁମୁଦର ସଙ୍କୋଚ-ଧ୍ୟାନ ଭଙ୍ଗାଇବା ମାନସେ । ଶଶିମୁଖୀ
ଅପ୍‌ସରା ନିଶା ଅସେ । ଅଧର ଓଷ୍ଠେ ତା ବଳସେ ପୀୟୂଷ କରେ ମନୋହର
ହସେ । କି ଭାବୁଛି । ଚନ୍ଦ୍ରମଣ୍ଡଳ କାମ-ସରୋବର । ଜଳ ପୀୟୂଷ କଳଙ୍କ-
ଜମ୍ବାଳ । ଏ ଜଳପାୟୀ ଅମର-ମତ୍ସ୍ୟକଳ୍ପ କେତନ ନିଜଧ୍ୱଜର । କି କନ୍ଦର୍ପ । ୭୭
(୧୨୬-୧୨୭) । ତାରସ୍ତ୍ରି-ଭୂଷାରେ ଶଶି-ସ୍ୱର୍ଦ୍ଧୁନିରେ ଜ୍ୟୋସ୍ନାଭସ୍ମରେ ବିଭୂ-
ଷିତ । ତାରା-ପୟୋରଗ-ହାରେ ସଜ୍ଜିତ । ଦିଗମ୍ବର ଅଷ୍ଟମୂର୍ତ୍ତି ମୁଁ ବୋଲି
ଅମ୍ବର କରେ କି ଖ୍ୟାତ । ଗୋ ସୁନ୍ଦର । ପିତା ଅତ୍ରି ନେତ୍ରର ଏକତାରା ।
ତହୁଁ ସୁତ ଶଶି ବଦ୍ଧ ବଢ଼ିଲା । ନବଦ୍ୱିଗୁଣ ତାରକା ବଶେ ରଖି ତାରାପତି
ବୋଲାଇଲା । ଏ ଶଶାଙ୍କ । ୭୮ (୧୨୮- ୧୨୯) । ଏ ଚନ୍ଦ୍ରମଣ୍ଡଳ ମାର୍ଶ୍ୱେତ-
ଛତ୍ର ସକାପରେ ଯା ଏହା ଭଙ୍ଗ । ତାହା କାମରାଜର ଛତ୍ରଭଙ୍ଗ । ତେଣୁ ସନ୍ତାପେ
କୃଷ୍ଣପକ୍ଷେ ତାହାର ଶୁଖି ଯାଉଥାଇ ଅଙ୍ଗ । ଗୋ ବରାଙ୍ଗି । ପୂର୍ବେ ଦଶାସ୍ୟ ତ୍ରିପୁର-
ଜୟରେ । ଯାହା ନଥିଲା ଜିଣି ଶଶଧରେ । ଏବେ ସେ ଶଶୀ ତୋ ଏକା ଆସ୍ୟେ
ଜିତ ହୋଇ କି ମ୍ଲାନ ଅଦରେ । ଗୋ ହୃଦସ୍ତେ । ୭୯ (୧୩୦-୧୩୧) । କେତେ
ଦିନ ହେଲା ଦେଖୁଛୁ ସୁନ୍ଦର ! କ୍ଷୟ-ବିକାଶ ଶଶାଙ୍କର । ପୂର ତୁଲଦେଉ ତୋ ମୁଖ
ତୁଲ । ତେଣିକି ତା କ୍ଷୟ-ବିନାଶ ଦେଖିବୁ ଏଥି ସଂଶୟ ନକର । ଗୋ ବରାଙ୍ଗି ।
ଦ୍ୱିଜବର ରାମ ଷଡ୍‌ପଦକଲେ । ମାର ହାରିଥିଲେ ଏକ ଷଡ୍‌ରେ । ତଥା ଏ ପଦ୍ମ-
ବିଜୟୀ ଦ୍ୱିଜରାଜ ହାରେ ତୋ ମୁଖ-ପଦ୍ମରେ । ଗୋ ବରାଙ୍ଗି । ୮୦ (୧୩୨-୧୩୩)
ଦେଖରେ ସଖି ! ଏ ଅନ୍ତରେ ଅସିତ ଶଶକରେ ପ୍ରାନ୍ତରେ ସିତ" । କେବେ ଅନ୍ତର
କେବେ ଅବା ପ୍ରାନ୍ତ- । ଦେଶକୁ ଶଶିର ଦେଖାଇ ପ୍ରିୟାକୁ ମୋଦେ ଭାଷନ୍ତି ଭୂଭୃତ ।
ସେ ଏମନ୍ତେ । "କ୍ଷୀରସାଗରୁ ନୟନୁ ଅତ୍ରିର । ଜନ୍ମି ଦ୍ୱିଜ ବୋଲାଏ ଶଶଧର । ଏଣୁ

Digitized by srujanika@gmail.com

ଅଦ୍ୱିଜ ନାମ ତାର ଖ୍ୟାତ କ ହେଲା ସଂସାର ମଧ୍ୟର । ଗୋ ବରାଙ୍ଗି । ୭୧ ।
(୧୩୪-୧୩୫) । ସିନ୍ଧୁ-ଅଦେଶରେ ବେଦବର ତାରା-ହାରଭୂରେ ହିମକର ।
ମୃଗନାଭି କଳାକର-ମଣ୍ଡଳ । ଯା ବିରଚିଲା ସେ ପୁଣ୍ୟେ ହେଲା କି ସେ ସୁରକୁଳେ
ଶ୍ରେଷ୍ଠତର । ହେ କିଶୋର । ଚନ୍ଦ୍ରେ ହସେ ନିଯୁତ ତୋ ବଦନ । ମୁଖରୁଳେ ତୋ
ସେତ ବନ୍ଧୁଭୂଷଣ । ସେ ଲେଭେ ତାକୁ ନ ତେଜ ନ ଭଜଇ ତୋ ମୁଖେ କୁରଙ୍ଗ
ହେନ । ସେ ପଶୁ । ୭୨ (୧୩୬-୧୩୭) । ବଳ ପ୍ରକାଶି ସିହ୍ନିକା-ସୁତ ଶଶିମଣ୍ଡଳକୁ
ଗ୍ରାସିବା ଭୟରେ । ରହି ନପାରି ପୀୟୂଷ ଅସ୍ଥିରେ । ଚନ୍ଦ୍ର ପଳାଇ ଆସୁଁ ସେ ସୁଧା-
କର କଳାକର ବୋଲାଇଲେ । ହେ କିଶୋର ! । ତେଣୁ ଅଛି ତୋର ଅଧ-ଅଧରେ ।
ତା'ର ଅଳକ-ଲୋଭିତ ବୋଲରେ । ନିଜ ଶୁଭ୍ରତା ନପାଇ ଛଡ଼ିଛନ୍ତି କରେ
ବଗ୍ଧର ମନରେ । ମୁଁ ଏମନ୍ତ । ୭୩ (୧୩୮) । ବାସବ-କ୍ଷେଶ୍ୟା ପ୍ରାଚୀରୁ ଜନ୍ମ
ଯା'ର ସେ ଶିହର-ବାମନୟନ । ପୂର୍ଣ୍ଣିମାରେ ପୁଷ୍ଟ ଯା ଅପଘନ । ଯା'ର ଅଙ୍କରେ
ରଙ୍କୁ ଅବା ଶଶକ ଅଛି କର ନିକେତନ । ହେ କିଶୋର । ମୁଖପଦ୍ମ ତୋ ପଦ୍ମ ସଖ୍ୟେ
ବନ୍ଧେ । ଏବା ଶଶୀ ତହିଁରୁ ହାରଥାଏ । ଏବା ସିହ୍ନିକା-ସୁତକୁ ଯେ ନିଅଣ୍ଟ ପଦ୍ମେ
ଲଭନ୍ତା କ ଜନ୍ମେ । ସେ ଶଶାଙ୍କ । ୭୪ (୧୩୯) । ପଦ୍ମଜ ବ୍ରହ୍ମା ଯେ ମୁଖପଦ୍ମେ
ନେତ୍ର-ନୀଳୋତ୍ପଳ-ଯୁଗେ ପୂଜିଛି । ଯା'ର ଅସମ-ସୁଷମା ରହିଛି । ସେ ବିଷ-ପ୍ରସୂନ
ଏବା ତୋ ବଦନ ହୋଇଛି ବୋଲି ଭାବୁଛି । ହେ କିଶୋର । ତେବେ ଏ ଶଂଶ
କେ ? ସେ ଦକ୍ଷାଧ୍ୱର- । ମୃଗଘାତୀ ଶବର-ବୈଶୀହର- । ଶିର-ସ୍ୱର୍ଗଙ୍ଗାର ତୀରସ୍ଥ-
ବାନୀର-କୁଞ୍ଜସ୍ଥାୟୀ ବକବର । ହେ କିଶୋର । ୭୫ (୧୪୦) । କଳା ଶଶାଙ୍କର
ସର୍ବଦା ଧବଳ ଏହା ସର୍ବବାଦୀ-ସମ୍ମତ । ସେହି କଳାରେ ଧଳା ତାରକାନ୍ତ । ଏବା
ସେ ଉଦୟ କାଳରେ ଆରକ୍ତ ଥିବାରୁ ପୂର୍ବ-ପର୍ବତ । ହେ କିଶୋର । ସେତ ହର-
ହରିତ ହର-କଣ୍ଠ । ଥାଏ ସର୍ବଦା ତହିଁରେ ବିହର । କାକତାଳୀୟ ନ୍ୟାୟେ ତା
ମଦ ଏହା ଅଙ୍ଗେ ଲାଗି ହସେ କାଳ । ହେ କିଶୋର । ୭୬ (୧୪୧) । ଋଷି ଏ
ଷୋଡ଼ଶ ଅଂଶୁ ସୁଧାଂଶୁର ଅଂଶକୁ କଳା ବୋଲିଥାନ୍ତି । ପ୍ରତିପଦୁଁ ରାକା-ପର୍ଯ୍ୟନ୍ତ
ତିଥି- । ପଞ୍ଚଦଶେ ପଞ୍ଚଦଶ କଳା ହେଲ ପୂରେ ଶଶାଙ୍କମୂରତି । ହେ କିଶୋର ।
ତିଥି ନିଅଣ୍ଟୁ ନ ମିଶି ଶଶିରେ । ବାକି କଳାକ ରହେ ହରିଣରେ । କଳାକେ ସ୍ଥାନ
ହେବାରୁ ବଳ ହରିଣ ଅଙ୍କନାମେ ତା ମୂର୍ତ୍ତିରେ । କିଶୋର । ୭୭ (୧୪୨) । ତୋ ମୁଖ
ସମ ହେବାକୁ ଇଚ୍ଛି ହାର୍ଦ୍ଦ-ନୟନ-ଯୁଗେ ଲୋଡ଼ ଶଶୀ । କଉମୁଦୀ-ପ୍ରଦାନରେ ଅଭ୍ୟାସି ।
ନେତ୍ର ନେବାପାଇଁ ଚକୋର-ଶିଶୁକୁ ସାଦରେ ଅଛି କି ପୋଷି । ମୁଁ ବିଚାରେଁ ।
ହରିଣତ ନେତ୍ର ହସେ ସୁନ୍ଦର । ତେଣୁ ତାକୁ ଅଙ୍କେ କର ଆଦର । ରଖିଛି ନୟନ
ତା'ର ବସାଇବା ପାଇଁ ମଣ୍ଡଳ-ମଧ୍ୟର । କି ଭାବୁଛି । ୭୮ (୧୪୩) । ପ୍ରଚୁର-
ତର ଲାବଣ୍ୟରେ ନିର୍ମାଣି ପ୍ରଥମେ ବିହି ମୁଖ ତୋର । ତହିଁପରେ ପୋଛି

Digitized by srujanika@gmail.com

ପାନ୍ଥ ପାବର । ଧାବ-ଲଗ୍ନ-ବିମଳନ ଲାବଣ୍ୟରେ ରଚିଲକ କଳାକର । ମୁଁ ମଣଇଁ ।
ରଚିସାର ପ୍ରକ୍ଷାଳନ ପାଇଁକି । କର ସଲିଳେ ବୁଡ଼ାଉ ବହି କି । କର-
ଲାବଣ୍ୟବିନ୍ଦୁ ମାତର ସଞ୍ଚର ସଂଯୋଜ ହୋଇଲା କି । ମୁଁ ବିଗୁରେଁ । ୭୯ (୧୪୪)।
ସମଗ୍ର ଲାବଣ୍ୟେ ନିର୍ମାଣି ତୋ ମୁଖ ପାନ୍ଥ-ଗାନ-ଲଗ୍ନ ଲାବଣ୍ୟ । ପୋଛୁପୋଛରେ
ହୋଇଲା ମଳନ । ତା ଅବଶେଷେ ଶଶୀକି କଳା ବହି ସେ ପୁଣି ଶୋଭା-ସଦନ ।
ରେ ସୁଦତି ! ଶୋଭା ଗର୍ବେ ସେ ଶଶୀ କଳାକରେ । ଥାଏ ଛୁଇଁ ଦର୍ପକ-ଦଳା-ଶିରେ ।
ସେ ହରପଦ୍ମର-ସ୍ପର୍ଶ ଲଭି ପଦ୍ମ ଶୋଭାସଦ୍ମ ଜଗତରେ । ଗୋ ସୁଦତି । ୮୦(୧୪୫)
ପ୍ରଶସ୍ତ ଜନ୍ମିଲେ ସିନା ବନ୍ଧୁଜନ ଏକତ୍ର ଭୋଜନ କରନ୍ତି । ପରସ୍ପରେ ସଖୀ ତ ତାରା-
ପନ୍ତି । ତେଣୁ ସେ ବେଢ଼ି ମଧ୍ୟରେ ଶଶି-ସୂର୍ଯ୍ୟକାନ୍ତ କୁଣ୍ଡ ଥୋଇଛନ୍ତି । ଗୋ ସୁଦତି ।
କୁଣ୍ଡେ ପୀୟୂଷ ଅଛନ୍ତି ପୂରାଇ । ପାନପାଇଁ ଡକ୍ତି ଛନ୍ଦି ପକାଇ । ଉତ୍ପ୍ରେକ୍ଷକ ଭବ
ଏକଥା ନ ଭାବ ଅନେ ବୃଥା ହେଲେ ବାଇ । ଗୋ ସୁଦତି । ୮୧ (୧୪୬)।
ସର୍ବଗୁଣ ହର ଶଶିରୁ ବିରଞ୍ଚି ତୋର ବଦନ ବିରଚିଲା । ତେଣୁ ସେ ଦୋଷାକର
ବୋଲାଇଲା । ତା କୋଳ-ହରଣ-ଲକ୍ଷଣେ ନ ତେଜି ତୋ ବଦନେ ବସାଇଲା । ମୁଁ
ଭାବୁଛି । ଥିଲେ ନୟନ କି ସେହି କୁରଙ୍ଗ । ଦେଖୁ ଦେଖୁ ତୋ ବଦନ ସରାଗ ।
ଏଥି ନ ଆସି ସେ ଦୋଷାକର କୋଳେ କେହି ବହିଥାନ୍ତା ରାଗ । ଗୋ ସୁନ୍ଦର । ୮୨
(୧୪୭)। ସୂର୍ଯ୍ୟାଶ୍ୱଖୁରବିକ୍ଷତ ଗର୍ତ୍ତିତତ ସୁଧାଂଶୁସ୍ରୁତ ସୁଧାଧାରେ । ପୂର ପ୍ରକାଶନ୍ତି
ଧାତ୍ରି ନଶାରେ । ତାଙ୍କୁ ତାରା ବୋଲି କହୁଥାନ୍ତି ଏହା କର ବିଗୁର ମନରେ । ଗୋ
କିଶୋର । ମୁଁ ତ ସେବକ ରହିଛି ଗହଣେ । ତାରାରାଜି-ସୁମନସେ ସୁମନେ । ଶଶାଙ୍କ-
ତଳପର୍ଯ୍ୟଙ୍କ-ନୈବେଦ୍ୟରେ ପୂଜ ମଦନେ ସୁମନେ । ରେ କିଶୋର । ୮୩
(୧୪୮-୧୪୯)। ପ୍ରତିଗ୍ରହଣେ ସ୍ୱର୍ଭାନୁରଦ-ବୃନ୍ଦ-ବିଘାତଜାତ-କ୍ଷତ-ଦ୍ୱାରେ । କର-
ଅମୃତଧାର ଝରିବାରେ । ସହସ୍ରଧାରକୁମ୍ଭ-ଶୋଭା-ସମ୍ଭାର ବହଇ ଇନ୍ଦୁ ଶରୀରେ ।
ଗୋ କିଶୋର । ଅଜ ରାତିରେ ରତି-ହରପତି । ଚରଣସ୍ନାଭିଷେକରେ ସୁଦତି ।
ସେ ମହାମହୋତ୍ସବେ ମତ୍ତ ଅମୃତ ଚନ୍ଦ୍ରକୁ କରୁ ଭୂପତି । ଏ ଶଶାଙ୍କ” । ୮୪(୧୫୦)
‘ଗୌଡ଼ରାଜ ସାହସଙ୍କ-ଚରିତରେ ଯେ ରମ୍ଯବାକ୍ୟ ବିରଚିଛି । କ୍ଷୀରମାମଲ୍ଲଦେବୀ
ପୁଷ-ବୀଜ । ନଗ୍ନଇବାକୁ ଯା ମୂର୍ତ୍ତି ତାରପତିପଦ ସ୍ୱୀକାର କରିଛି । ହେ ସୁଧୀରେ ।
ସେହି ଶ୍ରୀହର୍ଷପଦ ଅଶ୍ରାକର । ଯେବା ଶ୍ରୀ-ହର୍ଷ-ବର୍ଦ୍ଧନକାରୀ । ତାଂ ପଦପ୍ରଭବେ
ନୈଷଧ-ସାଗର ଗଲା ଗୋପୀନାଥ ତରି । ହେ ସୁଧୀରେ । ୮୫ (୧୫୧)।
ଯୋଗୀ-ଯୋଗ-ଭଙ୍ଗକାରୀ ବାଳମୃଗନୟନା ବିନା ଯୁବାମନ-। କରଷଣ କରିବାରେ
ନିପୁଣ । ବାଳକ-କୋମଳ-ଶରେ ତାଂର ଶକ୍ତି କି କରିପାରିବ ଯେନ । ହେ
ସୁଧୀରେ । ହର୍ଷ-ଉକ୍ତି ସୁଧାସାଥି ନିସୃତ । ଏଥି ରସେ ଯେବେ ରସିକ-ରତ । ଶତ
ଶତ ଅରସିକ-ଅନାଦରେ ହେବ କି ଏ ଅନାଦୃତ । ହେ ସୁଧୀରେ । ୮୬(୧୫୨)।

Digitized by srujanika@gmail.com

ଶୈଳଶିଖୁଁ ସ୍ରୁତ ସଂଖ୍ୟାଗତ ସ୍ରୋତ ଛନ୍ଦ-ସଲିଳ ପ୍ରପାତେ । ତୁଳ ହେଉଥାନ୍ତି ଅନୁବରତେ । ତାଙ୍କଠାରୁ ଭିନ୍ନ ଗୋରସାର୍ଣ୍ଣବ ସାଗର ନୁହେ କି ଶବ୍ଦେ । ହେ ବସୁବ । ତହୁଁ ପଦ୍ମ ଜନ୍ମ ଲଭି ଅମୃତ । କରେ ମନ୍ଥକାରୀ ଶ୍ରମ ନିପାତ । ପୁଣି ଅନୁବତ ହୁଏ ବ'ବନ୍ଧୁତ ଅମରଙ୍କର ନିୟନ୍ତ । ହେ ସୁଧୀରେ । ୮୭ (୧୫୩) । ପଣ୍ଡିତଂମନ୍ୟ-ଖଳ-ଖେଳା-ବାରଣେ ଏ ମହାକାବ୍ୟେ ଇଚ୍ଛାକୃତ । ଗ୍ରନ୍ଥି ହୋଇଛି ଶ୍ରୀହର୍ଷେ ରଚିତ । ଏକା ଗୁରୁପଦ-ସେବା ସୁଧୀପାଇଁ ଏ ରସାମୃତେ ପୂରିତ । ହେ ସୁଧୀରେ । ରସ ପୂରିଛି ଏଥି ପ୍ରତିପଦେ । ସ୍ୱାଦବାର ହେ କୋବିଦେ ନୈଷଧେ । ରସ, 'ସର୍ବସାରସଂଗ୍ରହ' ନ କହ ନୋହିବ ରହି ଭୂମଧେ । ହେ କେବେହେଁ ।୮୮ (୧୫୪) । କାନ୍ୟକୁବ୍ଜ-ରାଜସଭାରେ ତାମ୍ବୂଳଯୁଗଳ ଲଭାସନ ଯା'ର । ଧ୍ୟାନବଳେ ଯେ ଆନନ୍ଦ-ସାଗର । ପରଂବ୍ରହ୍ମର ସାକ୍ଷାତ ଲଭିଥାଏ ପୀୟୂଷ ବର୍ଷେ ଯା' ଗିର । ହେ ନିରତ । ତର୍କେ ଯା ଉକ୍ତି ପ୍ରତିପକ୍ଷ ନାଶେ । ସେହି ଶ୍ରୀହର୍ଷ-ରଚିତ ସୁରସେ । ପୂରିତ ଏହି ନୈଷଧ ବୁଧ-ବୃନ୍ଦେ ଆନନ୍ଦ ଦେଉ ବିଶେଷେ । ହେ ସୁଧୀରେ । ୮୯ (୧୫୫) । ରଘୁବଂଶ ଭଟ୍ଟିଭାରବୀ କୁମାରସମ୍ଭବ ମାଘ ନଇଷଧ । ଛନ୍ଦ-ପ୍ରବନ୍ଧେ କରିଛି ନିବନ୍ଧ । ଶୁଦ୍ଧାଶୁଦ୍ଧ ବାର ଦୋଷ କ୍ଷମାକର ଉଦାରଚରିତ ବୁଧ । ହେ ମୋହର । ନାହିଁ କିଛି ମୋ କବିତ୍ୱବିଭବ । କାହିଁ ସୁମତ-ମତି ଏ ବାନ୍ଧବ । ନ' ପାରିଲେ ବାନ୍ଧି ଛନ୍ଦ ହୋଇ ପଦେ ତାଙ୍କ କି ପଡ଼ ନ ଥିବ । ଏ କବିତା । ୯୦ । ମୁଖ ନୟନ ନାଭି କର ଚରଣେ ପ୍ରଦ ହୋଇଛନ୍ତି ଯେ ଦେବ । ପଦ୍ମଅଳସ୍ଥା ପଦ୍ମାର ଯେ ଧବ । ପଦ୍ମୋଦ୍ଭବ ପଦ ପଦ କର ଯା'ର ବଚରେ ନିତ ସ୍ତବ । ହେ ସୁଧୀରେ ! ପଦ୍ମ ପଦ୍ମ ପଦ୍ମର ଯେ ନିବାସ । ଛଦ୍ମସଦ୍ମ ଯାହାର ମାୟାପାଶ । ସେ ହରିଙ୍କି ଦାସ ଗୋପୀନାଥ କରିଅଛି ଭବବାର ପାଶ । ହେ ସୁଧୀରେ । ୯୧ । କଳା ନିଳୟ-ଉତ୍କଳ-ଗଳାମାଳ ରଣପୁର ନାମ ନଗରୀ । ତା ନାୟକ ନରେନ୍ଦ୍ର ପଦଧାରୀ । ସେ ବଂଶ ସୁଧୀ-ସେବକ ଗୋପୀନାଥ ଅଛି ଜନ୍ମଲଭି କବି । ହେ କୋବିଦେ । ଏଂଶାଧିକୋନବିଂଶଶତ ଖ୍ରୀଷ୍ଟ । ଅବ୍ଦ ଶେଷ-ଦିବସେ ହୋଇ ହୃଷ୍ଟ । ଇଷ୍ଟଦେବ ସୁର ଶାର ବିରଚନ ହୋଇଲା ରଚକ ତୁଷ୍ଟ । ହେ ସୁଧୀରେ । ୯୨ ।

ସମାପ୍ତ ମିଦଂ ଗ୍ରନ୍ଥଂ ।

ଶ୍ରୀ ରାଧା-ମୋହନାର୍ପଣମସ୍ତୁ ।

ଓଁ ତତ୍ସତ୍ ।

କଟକ ଅରୁଣୋଦୟ ପ୍ରେସରେ ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ

Digitized by srujanika@gmail.com

ପ୍ରାପ୍ତିସ୍ଥାନ
ଅଗ୍ରଗୋବନ୍ଧୁ ପୁସ୍ତକାଳୟ
ମଣ୍ଡମଣ୍ଡିଆ ଟୁଟିଆ
ପୋ: ଖୁଣ୍ଟାଗୈଳା ।

[illegible]

Digitized by srujanika@gmail.com